ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା

-: ସଂଗ୍ରାହକ :-

ଶ୍ରୀଶ୍ରୀମଦ୍ କୃଷ୍ଣଦାସ ବାବାଜୀ ମହାରାଜ

ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା

(ଶ୍ରୀଗୁରୁତତ୍ତ୍ୱ ଓ ତତ୍‌ପଦାଶ୍ରୟ-ସମ୍ବନ୍ଧେ ଜ୍ଞାତବ୍ୟ-ଶାସ୍ତ୍ରୋକ୍ତ,
ବିଶେଷତଃ ଶ୍ରୀଗୌଡ଼ୀୟ-ଗୋସ୍ୱାମୀବର୍ଗ ଓ ଆଚାର୍ଯ୍ୟଗଣଙ୍କ
ମୂଲ୍ୟବାନ୍ ସିଦ୍ଧାନ୍ତ ସମ୍ପୁଟିତ ସୁବିସ୍ତୃତ ପର୍ଯ୍ୟାଲୋଚନା)

"ବ୍ରହ୍ମାଣ୍ଡଭ୍ରମିତେ କୋନ ଭାଗ୍ୟବାନ ଜୀବ ।
ଗୁରୁକୃଷ୍ଣ-ପ୍ରସାଦେ ପାୟ ଭକ୍ତିଲତା-ବୀଜ ॥"

"ସିଦ୍ଧାନ୍ତ ବଲିୟା ଚିତ୍ତେ ନାକର ଅଲସ ।
ଇହା ହଇତେ କୃଷ୍ଣେ ଲାଗେ ସୁଦୃଢ଼ ମାନସ ॥"

-: ସଂଗ୍ରାହକ :-

ଶ୍ରୀଶ୍ରୀମଦ୍ କୃଷ୍ଣଦାସ ବାବାଜୀ ମହାରାଜ

ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା

ପ୍ରକାଶ ତିଥି : ଶ୍ରୀଗୁରୁଦେବଙ୍କ ଛୟାଅଶୀତମ ଶୁଭାବିର୍ଭାବ ତିଥି
ଜ୍ୟେଷ୍ଠ କୃଷ୍ଣ ଷଷ୍ଠୀ, ୮।୦୫।୨୦୦୭, ବୁଧବାର
ଶ୍ରୀଶ୍ରୀଗୌରାବ୍ଦ – ୫୨୨–୫୨୩
ସ୍ଥାନ : ଶ୍ରୀରାଧାକୃପା କୁଟୀର, ରାଧାକୁଣ୍ଡ
ମୁଦ୍ରଣ : ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ, ପଟିଆ, ଭୁବନେଶ୍ୱର
ପ୍ରକାଶକ : ଶ୍ରୀନିମାଇଁଚାନ୍ଦ ଦାସ ବାବାଜୀ ମହାରାଜ

ଗ୍ରନ୍ଥ ପ୍ରାପ୍ତି ସ୍ଥାନ :

ଶ୍ରୀନିମାଇଁଚାନ୍ଦ ଦାସ ବାବାଜୀ ମହାରାଜ
'ରାଧାକୃପାକୁଟୀ' ଆଶ୍ରମ, ଗିରିରାଜ ନଗର, ରାଧାକୁଣ୍ଡ
ଜିଲ୍ଲା – ମଥୁରା (ଉତ୍ତରପ୍ରଦେଶ), ପିନ୍ – ୨୮୧୫୦୪
ଦୂରଭାଷ : ୦୯୩୧୯୨୫୬୨୬୦,୦୯୯୨୬୪୫୮୪୮୬

ଶ୍ରୀଯଶୋଦାନନ୍ଦନ ଦାସ ବାବାଜୀ ମହାରାଜ
ଶୀଳଧାମ ଆଶ୍ରମ, ଚିରୁଗୁଡ଼ିଆ, ଆଠଗଡ଼

ଶ୍ରୀକୃଷ୍ଣ ସାହୁ
ସେବାଧକ୍ଷ–ଶ୍ରୀଟୋଟାଗୋପୀନାଥ ମନ୍ଦିର ଓ
ଗୁରୁକୃପା ଆଶ୍ରମ, ଲୋକନାଥରୋଡ଼, ପୁରୀ

ଶ୍ରୀସିଦ୍ଧାର୍ଥ ଦାସ (ଗୋପାଳ ଦାସ)
ନୟାପଲ୍ଲୀ, ପ୍ଲଟ ନମ୍ବର – ୧୨୬୪, ଗଡ଼ିସାହି, ଭୁବନେଶ୍ୱର
ଦୂରଭାଷ : (୦୬୬୪)୨୫୬୩୮୪୮

ଶ୍ରୀମନୋରଞ୍ଜନ ପଟ୍ଟନାୟକ
ଫାଦରସ୍କୁଲ, ଦାମୋଦର ରୋଡ଼, ପୁରୀ
ଦୂରଭାଷ : (୦୬୬୫୨) ୨୫୪୪୬୯, ୯୮୬୧୩୬୯୦୫୫

ଶ୍ରୀହରିଦାସ ଠାକୁରଙ୍କ ସମାଧି ଓ ଶ୍ରୀସିଦ୍ଧବକୁଳରେ ମଧ୍ୟ ଗ୍ରନ୍ଥ ପ୍ରାପ୍ତ ହୋଇପାରିବେ ।
ଏହି ଶ୍ରୀଗ୍ରନ୍ଥରତ୍ନ ବିକ୍ରୟ ନୁହେଁ ।
(ସେବାନୁକୂଲ୍ୟ–କେବଳ ପଠନ ଆସ୍ୱାଦନ ଓ ଆଶୀର୍ବାଦ ପ୍ରଦାନ)

ଆରାଧ୍ୟତମ ପରମଗୁରୁଦେବ ଶ୍ରୀନିତ୍ୟାନନ୍ଦ ବଂଶାବତଂଶ ବ୍ରଜଭୂଷଣ
ପ୍ରଭୁପାଦ୍ ୧୦୮ ଶ୍ରୀଶ୍ରୀମଦ୍‌କିଶୋରୀକିଶୋରାନନ୍ଦ ଗୋସ୍ୱାମୀ

ପରମାରାଧ୍ୟତମ ଶ୍ରୀଗୁରୁଦେବ
ଅଷ୍ଟୋତ୍ତରଶତ ଶ୍ରୀଶ୍ରୀମଦ୍ କୃଷ୍ଣଦାସ ବାବାଜୀ ମହାରାଜ

ଉତ୍ସର୍ଗ ପତ୍ର

ଶ୍ରୀକ୍ଷେତ୍ର ପୁରୀଧାମ ଶ୍ରୀଗିରିଗୋବର୍ଦ୍ଧନାଭିନ୍ନ ଶ୍ରୀଚଟକପର୍ବତ ସମ୍ମୁଖସ୍ଥିତ, ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରା ପ୍ରକଟିତ ତଥା ଶ୍ରୀଗଦାଧର ପଣ୍ଡିତଙ୍କ ଦ୍ୱାରା ସେବିତ ଶ୍ରୀଟୋଟାଗୋପୀନାଥଜୀଉଙ୍କ ବକ୍ଷବିଳାସିନୀ, ପରମାରାଧ୍ୟତମା ଶ୍ରୀମତୀ ରାଧାରାଣୀଙ୍କ କୃପାତିଶଯ୍ୟେ ଅଭିଷିକ୍ତ କଳେବର ଆତ୍ମମାନଙ୍କର ପରମାରଧ୍ୟତମ ଶ୍ରୀଗୁରୁଦେବ, ଅଷ୍ଟୋତ୍ତରଶତ ଶ୍ରୀଶ୍ରୀମଦ୍ କୃଷ୍ଣଦାସ ବାବାଜୀ ମହାରାଜଙ୍କ ଛୟାଅଶିତମ ଭୁବନପାବନୀ ଶୁଭାବିର୍ଭାବ ଦିବସରେ (ଜ୍ୟେଷ୍ଠ କୃଷ୍ଣଷଷ୍ଠୀ ତିଥିରେ) ଗଙ୍ଗାଜଳରେ ଶ୍ରୀଗଙ୍ଗାଙ୍କର ଆରାଧନା କରିବା ପରି, ଶ୍ରୀଗୁରୁଦେବଙ୍କ ସୁମହିମ୍ନ ଅଧ୍ୟବସାୟରେ ସଂଗୃହିତ ଓ ସଙ୍କଳିତ **"ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା"** ନାମକ ଶ୍ରୀଗ୍ରନ୍ଥରତ୍ନକୁ ତାହାଙ୍କର ଶ୍ରୀକରକମଳରେ ଭକ୍ତ୍ୟର୍ଘ୍ୟ ରୂପେ ଉତ୍ସର୍ଗ କରା ହେଉଅଛନ୍ତି । ଶ୍ରୀଗୁରୁଦେବ ନିଜ ଅଯୋଗ୍ୟ, ଅନଧିକାରୀ ତଥା ଅଧମାତିଧମ ଶିଷ୍ୟବୃନ୍ଦଙ୍କ ଦ୍ୱାରା ସମର୍ପିତ ଏହି ଉପହାର ସାଦରେ ଅଙ୍ଗୀକାର ପୂର୍ବକ ଏହି ଭକ୍ତ୍ୟର୍ଘ୍ୟକୁ ନିଜ ଆରାଧ୍ୟତମ ଶ୍ରୀଗୁରୁବର୍ଗଙ୍କ ଶ୍ରୀକରକମଳରେ ଉତ୍ସର୍ଗ କରି ସ୍ୱଚରଣାଶ୍ରିତ–ଜନଙ୍କର ମଙ୍ଗଳ ବିଧାନ କରିବେ ବୋଲି ପ୍ରାର୍ଥନା ।

॥ଇତି॥

ଶ୍ରୀଗୁରୁଚରଣରଜାଭିଳାଷୀ

ଅଧମାତିଧମ

ତଦୀୟ ଆଶ୍ରିତ ଶିଷ୍ୟବୃନ୍ଦ

ଉପହାର

ପୂଜ୍ୟାଷ୍ପଦ / ଶ୍ରଦ୍ଧେୟ ଶ୍ରୀମଦ୍
ଠିକଣା :–

ମହାରାଜଜୀଙ୍କ/ମହାଶୟଙ୍କ ଶ୍ରୀକରକମଳରେ ଏହି **'ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା'** ଗ୍ରନ୍ଥରତ୍ନ ଉପହାର ସ୍ୱରୂପ ଅର୍ପଣ କରୁଅଛି । କୃପାପୂର୍ବକ ପଠନ ଓ ଆସ୍ୱାଦନ କରି କୃତାର୍ଥ କରିବା ହେବେ । ଏଥିରେ ଥିବା ସମସ୍ତ ଭୁଲ ତ୍ରୁଟିଗୁଡ଼ିକୁ ନିଜଗୁଣେ କ୍ଷମା ଓ ମାର୍ଜ୍ଜନା କରିବା ପାଇଁ ପ୍ରାର୍ଥନା ।

ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।
ପତିତାନାଂ ପାବନେଭ୍ୟୋ ବୈଷ୍ଣବେଭ୍ୟୋ ନମୋ ନମଃ ॥

ଶ୍ରୀଗୁରୁବୈଷ୍ଣବଦାସାନୁଦାସ
ଅଧମ କୃଷ୍ଣଦାସ

ବିନମ୍ର ନିବେଦନ

ପ୍ରେମପୁରୁଷୋତ୍ତମ ଶ୍ରୀମନ୍‌କୃଷ୍ଣଚୈତନ୍ୟ ମହାପ୍ରଭୁଙ୍କ ପାର୍ଷଦପ୍ରବର ଶ୍ରୀଗଦାଧର ପଣ୍ଡିତ ଗୋସ୍ୱାମୀଙ୍କ କୋଟିପ୍ରାଣପ୍ରିୟ ଶ୍ରୀଶ୍ରୀଟୋଟାଗୋପୀନାଥ ଜୀଉଙ୍କ ଶ୍ରୀଅଙ୍କଚାରିଣୀ ମଦୀୟ ପରମାରାଧ୍ୟତମା ବୀଣାହସ୍ତା, ଛନ୍ଦାଚରଣା ତଥା କୃଷ୍ଣାବର୍ଣ୍ଣା ଶ୍ରୀମତୀ ରାଧାଠାକୁରାଣୀଙ୍କର ନିଜ ପ୍ରିୟ ଉତ୍କଳବାସୀଙ୍କ ପ୍ରତି ସ୍ୱତଃସ୍ଫୁରିତ କରୁଣାର ସ୍ରୋତରେ ଉଚ୍ଛଳନ ଯୋଗୁଁ, ଏ ଅଧମ ସୁମହିମାମଣ୍ଡିତ 'ଶ୍ରୀଗୁରୁତତ୍ତ୍ୱ' ସମ୍ବନ୍ଧରେ ଉତ୍କଳଭାଷାରେ ଯତ୍‌କିଞ୍ଚିତ୍ ଲିପିବଦ୍ଧ କରିବାପାଇଁ ପ୍ରାଣେଶ୍ୱରୀଙ୍କ ଦ୍ୱାରା ହୃତ୍‌ପ୍ରେରିତ ହୋଇଅଛି ।

ସ୍ୱାମିନୀଙ୍କର ଅଭୀଷ୍ଟ ଚରିତାର୍ଥ ନିମିତ୍ତ ଏହି ଶାସ୍ତ୍ରଜ୍ଞାନ ଶୂନ୍ୟ ଅଧମର ଯୋଗ୍ୟତା ନାହିଁ । ସ୍ୱାମିନୀଙ୍କର ଯତ୍‌କିଞ୍ଚିତ୍ ପ୍ରୀତିବିଧାନ ନିମିତ୍ତ ପ୍ରତ୍ୟାଶୀ ହୋଇ ପରମ ସୁଗମ୍ଭୀର 'ଶ୍ରୀଗୁରୁତତ୍ତ୍ୱ'ଙ୍କର ସାରଗର୍ଭ ମହିମା ଯଥାଯଥ ଭାବରେ ହୃଦୟଙ୍ଗମ କରିବା ପ୍ରୟାସରେ ସମ୍ପୂର୍ଣ୍ଣରୂପେ ଅକ୍ଷମ ହୋଇଅଛି । ତତ୍‌ଫଳସ୍ୱରୂପ ଶ୍ରୀମନ୍ମହାପ୍ରଭୁଙ୍କ ମନୋଭୀଷ୍ଟ ସ୍ଥାପକ ପୂଜ୍ୟଗୋସ୍ୱାମୀବର୍ଗ ଓ ତଦ୍‌ଚରଣାନୁଚର ମହାଜନଙ୍କର 'ଶ୍ରୀଗୁରୁତତ୍ତ୍ୱ' ସମ୍ବନ୍ଧୀୟ ସୁବୈଜ୍ଞାନିକ ବିଚାରଧାରା ସମୂହର ଏକତ୍ରୀକରଣରେହିଁ ବ୍ରତୀ ହୋଇଅଛି ।

ପରମ ଉପାସ୍ୟ ତତ୍ତ୍ୱ ଶ୍ରୀଶ୍ରୀନିତାଇଗୌରସୀତାନାଥ ଓ ଶ୍ରୀଶ୍ରୀରାଧାକୃଷ୍ଣଙ୍କର ପ୍ରାପ୍ରକ ଏହି ମହାମହିମ୍ନ 'ଶ୍ରୀଗୁରୁତତ୍ତ୍ୱ' । ସେଥିପାଇଁ ଏହି ତତ୍ତ୍ୱ ଅତି ମର୍ଯ୍ୟାଦାସମ୍ପନ୍ନ ବା ଭାରୀ ଅନ୍ୟ ଅର୍ଥେ ଅତି ଗୁରୁ । ଶ୍ରୀକୃଷ୍ଣଙ୍କ କରୁଣାର ଘନମୂର୍ତ୍ତି–'ଶ୍ରୀଗୁରୁଦେବ' । ପରମପୁରୁଷ ଶ୍ରୀକୃଷ୍ଣହିଁ ବ୍ୟଷ୍ଟିଜୀବକୁ ନିଜ ପ୍ରେମସାନିଧ୍ୟ ପ୍ରଦାନ ଉଦ୍ଦେଶ୍ୟରେ ସମଷ୍ଟିଗୁରୁ ଓ ବ୍ୟଷ୍ଟିଗୁରୁଙ୍କ ସ୍ୱରୂପ ଧାରଣ କରନ୍ତି । ଜୀବର ପରମମଙ୍ଗଳ ବିଧାନ ନିମିତ୍ତ କୌଣସି ମହତ୍ ବା ଭକ୍ତାଧାରରେ ନିଜ ସ୍ୱରୂପାବେଶ ସଞ୍ଚାତ ପୂର୍ବକ ଜୀବକୁ ତଦାଶ୍ରିତ କରାଇ ନିଜ ସହିତ ସମନ୍ୱିତ କରାନ୍ତି । ଜୀବର କ୍ରମୋନ୍ନତି ନିମିତ୍ତ ସେ ପଥପ୍ରଦର୍ଶକ ଗୁରୁ, ଶ୍ରବଣଗୁରୁ, ଶିକ୍ଷାଗୁରୁ, ମନ୍ତ୍ରଗୁରୁ ରୂପରେ ଅବତରିତ ହୋଇ ଜୀବର ଭକ୍ତିପଥର ନିୟାମକ ହୁଅନ୍ତି । ଶ୍ରୀଗୁରୁରୂପରେ 'କର୍ଣ୍ଣଧାର' ହୋଇ ଜୀବକୁ ଏହି ବିଷମ ଭବସଂସାରରୁ ଉତ୍ତୀର୍ଣ୍ଣ କରାଇ ନିଜ ଶାଶ୍ୱତ ଶ୍ରୀଚରଣସେବା ସୌଭାଗ୍ୟ ପ୍ରଦାନ କରି ଧନ୍ୟ କରନ୍ତି । ବଦ୍ଧଜୀବର ବୁଦ୍ଧିର କଳୁଷିତା ଓ ଦିବ୍ୟଦୃଷ୍ଟି ଅଭାବ ହୃଦୟଙ୍ଗମ କରି ନିଜ ଅଭିନ୍ନ ସ୍ୱରୂପ ଶାସ୍ତ୍ର ମାନଙ୍କରେ ନିଜ 'ଗୁରୁସ୍ୱରୂପ'ର ପରିଚୟ ପ୍ରଦାନ କରି ତତ୍‌ପ୍ରତି କର୍ତ୍ତବ୍ୟାକର୍ତ୍ତବ୍ୟ ନିରୂପଣ କରିଯାଇଛନ୍ତି । ''ଆଚାର୍ଯ୍ୟଂ ମାଂ ବିଜାନୀୟାନ୍'', ''ସର୍ବଦେବମୟୋଗୁରୁ'', ''ଗୁରୁକର୍ଣ୍ଣଧାରମ୍'', ''ସାକ୍ଷାଦ୍‌ଭଗବତି ଗୁରୌ'', ''ଗୁରୁଞ୍ଚ ଭଗବଦ୍ଦୃଷ୍ଟ୍ୟା'', ''ଗୁରୁର୍ଦୈବତାତ୍ମା'', ''ଗୁରୁରୀଶ୍ୱରଃ'', 'ଗୁରୁର୍ମାନ୍ୟଃ ପରମେଶ୍ୱରଂ'', ''ସ୍ୱୟଞ୍ଚଆବିଶ୍ୟ'', ''ସର୍ବେ ପ୍ରିୟତମାତ୍ମା'', ''ଗୁରୁ କୃଷ୍ଣରୂପ ହନ ଶାସ୍ତ୍ରେର ପ୍ରମାଣ'' ଇତ୍ୟାଦି ବହୁ ଶାସ୍ତ୍ର ପ୍ରମାଣ ଦ୍ୱାରା ଶ୍ରୀଗୁରୁଙ୍କୁ ନିଜ ଅଭିନ୍ନ ସ୍ୱରୂପ ବୋଲି ଉଲ୍ଲେଖ କରିଅଛନ୍ତି ।

କିନ୍ତୁ, ମାଦୃଶ ଜୀବର ସେହି ଶ୍ରୀକୃଷ୍ଣକରୁଣାବତାର ଶ୍ରୀଗୁରୁତତ୍ତ୍ୱ ବା ''ଶ୍ରୀଗୁରୁଦେବ''ଙ୍କ ଠାରେ ତିଳେମାତ୍ର ରତିର ଉଦୟ ହେଲାନାହିଁ ବରଂ ତାହାଙ୍କ ସଚ୍ଚିଦାନନ୍ଦ ସ୍ୱରୂପରେ ମର୍ତ୍ତ୍ୟବୁଦ୍ଧିର ଉଦୟ ହେଲା । ଶ୍ରୀକୃଷ୍ଣଙ୍କର ସେବାଗ୍ରହଣ ବିଗ୍ରହଙ୍କଠାରେ ମମତ୍ୱ ବୁଦ୍ଧି ଓ ଶରଣାଗତି ହେଲାନାହିଁ । ନିଜର ମିଥ୍ୟା ଓ ଅକିଞ୍ଚିତ୍‌କର ସାମର୍ଥ୍ୟର ଅଭିମାନରେ ଶ୍ରୀଗୁରୁଦେବଙ୍କ କରୁଣାବୈଶିଷ୍ଟ୍ୟ ପ୍ରତି ହେୟଜ୍ଞାନର ଉଦୟ ହେଲା । ଏହାଫଳ ସ୍ୱରୂପ ଆତ୍ମମାନଙ୍କର ଯେ କିଭଳି ବିଷମଗତି ହେବ ତାହା ଚିନ୍ତା ମଧ୍ୟ କରିହେବ ନାହିଁ । ସେଥିପାଇଁ ଜୀବର ଅଶେଷ ମଙ୍ଗଳାକାଂକ୍ଷୀ ମର୍ଯ୍ୟାଦା ଲୀଳାଭିନୟୀ ତଥା ଆଦର୍ଶ ସଂସ୍ଥାପକ ଶ୍ରୀମନ୍ମହାପ୍ରଭୁ ନିଜ ନିତ୍ୟପରିକରଗଣଙ୍କ ସହିତ ଲୀଳାବିଳାସ କରି ନିଜ ତଥା ପାର୍ଷଦବୃନ୍ଦଙ୍କ ଦ୍ୱାରା ଶ୍ରୀଗୁରୁତତ୍ତ୍ୱ ସଂସ୍ଥାପନ ପୂର୍ବକ ଶ୍ରୀଗୁରୁପଦାଶ୍ରୟର ଅପରିହାର୍ଯ୍ୟତା, ଶ୍ରୀଗୁରୁତତ୍ତ୍ୱଙ୍କ ମର୍ଯ୍ୟାଦା, ସଦ୍‌ଗୁରୁଙ୍କ ଯୋଗ୍ୟତା, ଶ୍ରୀଗୁରୁସେବାର ମହାମହିମା ବିଷୟରେ ଜୀବଜଗତକୁ ଅଶେଷ ବିଶେଷ ଶିକ୍ଷା ଦେଇଯାଇଛନ୍ତି । ଅତଏବ ପରମଶ୍ରେୟାଭିଳାସୀ

ସାଧକ ଶ୍ରୀମନ୍ମହାପ୍ରଭୁ ଓ ଗୋସ୍ୱାମୀବର୍ଗଙ୍କ ସିଦ୍ଧାନ୍ତାନୁସାରେ ସ୍ୱୀକୃତ ସଦ୍‌ଗୁରୁଙ୍କ ଶ୍ରୀଚରଣାଶ୍ରୟ ଗ୍ରହଣ ପୂର୍ବକ ନିଜ କାୟ ମନ ବାକ୍ୟ ସର୍ବସ୍ୱ ସମର୍ପଣ କରି ତାହାଙ୍କ ବିକ୍ରୀଡ଼ିତ ପଶୁ ହୋଇ ପାରିଲେହିଁ ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରା ବିତରିତ ସୁଦୁର୍ଲ୍ଲଭ ''ଶ୍ରୀଶ୍ରୀରାଧାଦାସ୍ୟ'' ପଦବୀ ଲାଭେ ଧନ୍ୟାତିଧନ୍ୟ ହୋଇ ପାରିବେ । ସ୍ୱୟଂ ଶ୍ରୀମନ୍ମହାପ୍ରଭୁ ନିଜ ଆଚରଣରେ ଏହା ପ୍ରଦର୍ଶିତ କରିଅଛନ୍ତି- (ଚୈ:ଭା: ୧/୧୭/୧୦୭-୧୦୯)

ତବେ ତାନ ସ୍ଥାନେ ଶିକ୍ଷାଗୁରୁ ନାରାୟଣ । କରିଲେନ ଦଶାକ୍ଷର ମନ୍ତ୍ରେର ଗ୍ରହଣ ॥
ତବେ ପ୍ରଭୁ ପ୍ରଦକ୍ଷିଣ କରିଯା ପୁରୀରେ । ପ୍ରଭୁ ବଲେ, ଦେହ ଆମି ଦିଲାମ ତୋମାରେ ॥
ହେନ ଶୁଭଦୃଷ୍ଟି ତୁମି କରହ ଆମାରେ । ଯେନ ଆମି ଭାସି କୃଷ୍ଣପ୍ରେମେର ସାଗରେ ॥

ଏ ଅଧମକୁ ଶ୍ରୀହରିନାମୋପଦେଶ କରିଥିବା ମହାଭାଗବତବର ବ୍ରଜନିକୁଞ୍ଜଲୀଳା ପ୍ରବିଷ୍ଟ ୧୦୮ଶ୍ରୀଶ୍ରୀମତ୍ ଭକ୍ତିପ୍ରସାଦ ପୁରୀଦାସ ଗୋସ୍ୱାମୀଙ୍କ ଦ୍ୱାରା ଅନୁକମ୍ପିତ ଗୋସ୍ୱାମୀଶାସ୍ତ୍ରନିର୍ଯ୍ୟାସ ଆସ୍ୱାଦନେ ନିପୁଣ ତଥା 'ଗୌଡ଼ୀୟଦର୍ଶନର ଇତିହାସ ଓ ବେଶିଷ୍ଟ୍ୟ', 'ଅଚିନ୍ତ୍ୟଭେଦାଭେଦବାଦ', 'ଗୌଡ଼ୀୟାର ତିନଠାକୁର', 'ଶ୍ରୀକ୍ଷେତ୍ର', 'ଶ୍ରୀଚୈତନ୍ୟ ଦେବ', 'ଶ୍ରୀରୂପପାଦଙ୍କ ରସପ୍ରସ୍ଥାନର ଭୂମିକା', 'ଶ୍ରୀଚୈତନ୍ୟଚନ୍ଦ୍ରୋଦୟେ ବିଶିଷ୍ଟ ତାରକାତ୍ରୟ', 'ଶ୍ରୀନାମଚିନ୍ତାମଣି କିରଣକଣିକା', 'ପରତତ୍ତ୍ୱସୀମା ଶ୍ରୀକୃଷ୍ଣଚୈତନ୍ୟ' ଇତ୍ୟାଦି ଶତାଧିକ ଗୋସ୍ୱାମୀସିଦ୍ଧାନ୍ତ ସମ୍ପୁଟିତ ଗ୍ରନ୍ଥାବଳୀଙ୍କ ପ୍ରଣେତା ନିତ୍ୟଧାମଗତ ଶ୍ରୀମତ୍ ସୁନ୍ଦରାନନ୍ଦ ଦାସ ବିଦ୍ୟାବିନୋଦ ମହାଶୟ ବହୁ ଶାସ୍ତ୍ର ଓ ଗୋସ୍ୱାମୀଗଣଙ୍କ ଆର୍ଷବାଣୀରୁ 'ଶ୍ରୀଗୁରୁତତ୍ତ୍ୱ' ସମ୍ବନ୍ଧରେ ବହୁ ସିଦ୍ଧାନ୍ତ ସଂଗ୍ରହ କରି 'ବୈଷ୍ଣବସିଦ୍ଧାନ୍ତେ ଶ୍ରୀଗୁରୁସ୍ୱରୂପ' ନାମ ଏକ ସୁଦୁର୍ଲ୍ଲଭ ଗ୍ରନ୍ଥ ସଂକଳିତ କରିଥିଲେ । ସେହି ଗ୍ରନ୍ଥରତ୍ନର ସୁସିଦ୍ଧାନ୍ତ ସମୂହ ଉତ୍କଳୀୟ ବୈଷ୍ଣବଙ୍କ ଅବଗତ ନିମନ୍ତେ ଏହାର ସରଳ ଉତ୍କଳ ମର୍ମାନୁବାଦ କରି ଏହି ମଞ୍ଜୁଷା ମଧ୍ୟରେ ସଂରକ୍ଷିତ କରିବାରେ ଯତ୍ନଶୀଳ ହୋଇଅଛି । ପରମ ଶ୍ରଦ୍ଧେୟ ଶ୍ରୀମଦ୍ ଗୌରଗୋବିନ୍ଦ ଭାଗବତ ସ୍ୱାମୀଙ୍କ ଦ୍ୱାରା ସଙ୍କଳିତ ଶ୍ରୀଶ୍ରୀଗୁରୁତତ୍ତ୍ୱ କୁସୁମାଞ୍ଜଳୀ, ଶ୍ରୀଗୁରୁବୈଷ୍ଣବ କୁସୁମାଞ୍ଜଳୀ ଆଦି ଗ୍ରନ୍ଥରତ୍ନ ମାନଙ୍କରୁ ସୁଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ସମୂହର ପରିବେଷଣ ନିମନ୍ତେ ପ୍ରୟାଶୀ ହୋଇଅଛି ।

ମହାଜନଙ୍କର ଏହି ସୁସିଦ୍ଧାନ୍ତ ପୂର୍ଣ୍ଣ ସାରଗର୍ଭ ବାକ୍ୟାବଳୀର ମହିମା ଓ ମାଧୁର୍ଯ୍ୟ ମୋପରି ଭକ୍ତିହୀନ ପଙ୍କିଳ ହୃଦୟ ସମ୍ପନ୍ନ ନରାଧମର ଭକ୍ତିହୀନ ନିରସ ବାକ୍ୟ ଦ୍ୱାରା ନିରତିଶୟ ଭାବରେ ବିଖଣ୍ଡିତ ହୋଇଥିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଗୋସ୍ୱାମୀବର୍ଗଙ୍କ ସମ୍ପୁଟିତ ଏହି ସିଦ୍ଧାନ୍ତ ସମୂହର ପରିବେଷଣରେ ଏ ଅଧମର ଧୃଷ୍ଟତା ଓ ଅଦକ୍ଷତାକୁ ଶ୍ରୀଗୁରୁବୈଷ୍ଣବଗଣ ନିଜ ଗୁଣେ କ୍ଷମା କରିବେ । ଭଗବଭକ୍ତିକାମୀ ଏବଂ ସତ୍ୟାନୁସନ୍ଧିସୁ ସଜ୍ଜନଗଣଙ୍କର ମାର୍ଗଦର୍ଶନ ନିମନ୍ତେ ପ୍ରଦୀପ ସ୍ୱରୂପ ଗୋସ୍ୱାମୀସିଦ୍ଧାନ୍ତ ରତ୍ନ ସମୂହକୁ ନିଜ ବିଷୟଦୋଷଦୁଷ୍ଟ କଳୁଷିତ ବାଙ୍ମୟୀ ମଞ୍ଜୁଷାରେ ସମାହରଣ କରିବାର ଏ ଅଧମର ଦାମ୍ଭିକ ପ୍ରୟାସ ହାସ୍ୟାସ୍ପଦ ମାତ୍ର । ତଥାପି ଅଦୋଷଦର୍ଶୀ ଶ୍ରୀଗୁରୁଦେବ ଓ ପରମହଂସ ବୈଷ୍ଣବମଣ୍ଡଳୀ ଜୀବାଧମର ଅପରାଧ ମାର୍ଜ୍ଜନ କରି କ୍ଷୁଦ୍ରଶ୍ରମ ସାଫଲ୍ୟ କରିବେ ବୋଲି ଅନୁରୋଧ ।

ମଠରାଜ ଗମ୍ଭୀରାର ମହନ୍ତ, ଶ୍ରୀଧାନଚନ୍ଦ୍ରଗୋସ୍ୱାମୀ ମହାରାଜ ତଥା ଅକ୍ରୁରଘାଟସ୍ଥ ପଣ୍ଡିତ ବର୍ଯ୍ୟ ଶ୍ରୀଅନନ୍ତଦାସ ବାବାଜୀ ମହାରାଜ ନିଜ ବହୁମୂଲ୍ୟ ବାଂଙ୍ମୟୀ ଆଶୀର୍ବାଦ ରତ୍ନଦ୍ୱାରା ମଞ୍ଜୁଷାଟିର ଶୋଭା ନିରତିଶୟ ଭାବରେ ବୃଦ୍ଧି କରିଥିବାରୁ ଏ ଅଧମ ତାହାଙ୍କର ଚିର ଋଣୀ । ପରିଶେଷରେ ଏହି ଶ୍ରୀଗ୍ରନ୍ଥରତ୍ନଙ୍କର ଶ୍ରୀକଳେବର ସମ୍ପୂର୍ଣ୍ଣୀକରଣ ଓ ଶୁଭ ପ୍ରକାଶନରେ ନିଜର ବହୁମୂଲ୍ୟ ଶ୍ରମ ନିୟୋଗ କରିଥିବା ସମସ୍ତ ଭକ୍ତବୃନ୍ଦଙ୍କର ଭଜନୋତି ଓ ଶ୍ରୀରାଧାଗୋବିନ୍ଦଙ୍କ କୃପା ପ୍ରାପ୍ତି ନିମନ୍ତେ ଶ୍ରୀଗୁରୁଦେବ ତଥା ଶ୍ରୀଟୋଟାଗୋପୀନାଥଙ୍କ ମନୋହାରିଣୀ ମଦୀଶ୍ୱରୀ ଶ୍ରୀରାଧାରାଣୀଙ୍କ ଶ୍ରୀଚରଣରେ ପ୍ରାର୍ଥନା ।

ଶ୍ରୀଗୁରୁବୈଷ୍ଣବଚରଣରଜ ପ୍ରତ୍ୟାଶୀ
ଦାସାନୁଦାସ କୃଷ୍ଣଦାସ

ଶ୍ରୀଗମ୍ଭୀରାବିହାରୀର୍ଜୟତି

ଶ୍ରୀଶ୍ରୀରାଧାକାନ୍ତଦେବ ଜୟତଃ

ଶ୍ରୀଶ୍ରୀଗମ୍ଭୀରାବିହାରୀ ଓ ଶ୍ରୀରାଧାକାନ୍ତ ଜୀଉଙ୍କର କରୁଣାରୁ ଶ୍ରୀନିତ୍ୟାନନ୍ଦ ବଂଶାବତଂଶ ବ୍ରଜଭୂଷଣ ପ୍ରଭୁପାଦ୍ ତିନିକୋଡି ଗୋସ୍ୱାମିଙ୍କ କୃପାଧନ୍ୟ ଶ୍ରୀରାଧାକୁଣ୍ଡ ତଟାଶ୍ରୟୀ ପରମ ଶ୍ରଦ୍ଧେୟ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜଙ୍କ ଶ୍ରୀକରକମଳରୁ **"ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା"** ଶୀର୍ଷକ ଆଉ ଏକ ଗ୍ରନ୍ଥରତ୍ନ ଉତ୍କଳୀୟ ବୈଷ୍ଣବବୃନ୍ଦଙ୍କ ଆସ୍ୱାଦନ ନିମିତ୍ତ ଉନ୍ମୋଚିତ ହେଉଅଛନ୍ତି । ଗ୍ରନ୍ଥରେ ଶ୍ରୀଗୁରୁଦେବଙ୍କ ସାରଗର୍ଭ ତତ୍ତ୍ୱାଲୋଚନା ଅତିଶୟ ନିପୁଣ ଭାବରେ ବହୁଶାସ୍ତ୍ର ପ୍ରମାଣ ସାହାଯ୍ୟରେ ଉନ୍ମାପିତ କରାଯାଇଅଛି ।

ଅଧୁନା କଳିର ଭୟାବହ ପ୍ରକୋପ ପ୍ରଭାବରେ ସଦାଚାର ସ୍ଥାପକ ଶ୍ରୀମନ୍ମହାପ୍ରଭୁଙ୍କ ବିଶୁଦ୍ଧ ଗୌଡ଼ୀୟ ଧାରାରେ ମଧ୍ୟ କେତେକ ଅସଦାଚାର ଦୃଷ୍ଟିଗୋଚର ହୋଇଅଛି । ସୁମହାନ୍ ଗୁରୁତତ୍ତ୍ୱର ଆଶ୍ରୟ ଗ୍ରହଣ କରି କେତେକ ଲାଭ ପୂଜା ପ୍ରତିଷ୍ଠା କାମୀ ଅନଧିକାରୀଗଣ ଶ୍ରୀଗୁରୁପଦବୀରେ ସମାରୂଢ଼ ହୋଇ ନବୀନ ସାଧକଙ୍କୁ ନିଜ ଇନ୍ଦ୍ରିୟସୁଖ ତର୍ପଣାଗ୍ନିରେ ଯଥେଚ୍ଛାରୀ ଭାବରେ ଆହୂତି ଦେଇ ସେମାନଙ୍କର ଭଜନଜୀବନର ବିନାଶ ଘଟାଉଅଛନ୍ତି । ସେହିପରି କେତେକ ନବୀନ ସାଧକ ମଧ୍ୟ ତତ୍ତ୍ୱଜ୍ଞାନ ଓ ସତ୍ୟାନୁସନ୍ଧାନର ଅଭାବରେ ଐଶ୍ୱର୍ଯ୍ୟମୟ ଚାକ୍‌ଚକ୍ୟରେ ବିମୋହିତ ହୋଇ ଅସମ୍ପ୍ରଦାୟର ଆଶ୍ରୟ ଗ୍ରହଣ କରିବାକୁ ପଶ୍ଚାତ୍‌ପଦ ହେଉନାହାନ୍ତି । ଗୁରୁ-ଶିଷ୍ୟର ବିମଳ ସମ୍ବନ୍ଧ ଆଜି କଳୁଷିତ ପ୍ରାୟ । ଶ୍ରୀଗୁରୁଦେବ ଯେ ସାକ୍ଷାତ୍ ଶ୍ରୀହରିଙ୍କ ଅଭିନ୍ନ ସ୍ୱରୂପ ତାହା ସେମାନେ ସମ୍ପୂର୍ଣ୍ଣ ରୂପରେ ଭୁଲିଯାଇଛନ୍ତି, ନିଜ ଭୋଗବିଳାସ ଓ ଇନ୍ଦ୍ରିୟତୃପ୍ତିରେ ତତ୍ପର ରହି ଶ୍ରୀଗୁରୁବୈଷ୍ଣବଙ୍କ ଉତ୍ତମାଗତିଦାୟକ ସେବାରୁ ବିରତ ହୋଇଛନ୍ତି । ଆନୁଗତ୍ୟମୟୀ ଗୌଡ଼ୀୟ ବୈଷ୍ଣବଙ୍କ ଭଜନଧାରାରେ ଆଦି ଆନୁଗତ୍ୟର ଘୋର ଅଭାବ, ଏ ସମସ୍ତର ବିଷମ ପରିଣାମ ସମ୍ବନ୍ଧରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ । ବାବାଜୀ ମହାରାଜଙ୍କ ଏହି ସ୍ପୃହଣୀୟ ଅଧ୍ୟବସାୟ ସେହି ବିପଥଗାମୀଙ୍କୁ ଅବଶ୍ୟହିଁ ସତ୍ୟର ଅନୁସନ୍ଧାନ ଦେବାରେ କୃତକାର୍ଯ୍ୟ ହୋଇ ଶ୍ରୀଗୁରୁବୈଷ୍ଣବଙ୍କ ଆନୁଗତ୍ୟମୟୀ ଭଜନସାଧନରେ ଉନ୍ମୁଖୀ କରାଇବ ।

ଶ୍ରୀକୃଷ୍ଣଚରିତାମୃତ, ଶ୍ରୀରାଧାଚରିତାମୃତ ଓ ଶ୍ରୀବୃନ୍ଦାବନମହିମାମୃତ, ଶ୍ରୀନିତ୍ୟାନନ୍ଦ-ଚରିତାବଳୀ ଆଦି ଗ୍ରନ୍ଥସମୂହଙ୍କ ପରେ ଏହି 'ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା' ଗ୍ରନ୍ଥରତ୍ନଟୀ ଉତ୍କଳୀୟ ବୈଷ୍ଣବ ସାହିତ୍ୟ କୋଷରେ ଆଉ ଏକ ଚିନ୍ତାମଣି ପରି ଚିର ଶୋଭାୟମାନ ରହିବ । ଶ୍ରୀଗମ୍ଭୀରାନାଥ ଓ ଶ୍ରୀରାଧାକାନ୍ତ ଜୀଉଙ୍କ ଶ୍ରୀଚରଣରେ ଏହି ପ୍ରାର୍ଥନା ସେ ବାବାଜୀ ମହାରାଜଙ୍କୁ ଶକ୍ତିସଞ୍ଚାର ପୂର୍ବକ ଉତ୍କଳୀୟ ବୈଷ୍ଣବମାନଙ୍କୁ ପୂଜ୍ୟ ଗୋସ୍ୱାମୀବର୍ଗଙ୍କ ଆର୍ଷବାଣୀର ଅମୃତ ଆସ୍ୱାଦନ ପ୍ରଦାନରେ ବ୍ରତୀ କରାନ୍ତୁ ।

ଶ୍ରୀଗୁରୁବୈଷ୍ଣବ ଦାସାନୁଦାସ

ମହନ୍ତ ଶ୍ରୀଧ୍ୟାନଚନ୍ଦ୍ର ଦାସ ଗୋସ୍ୱାମୀ ମହାରାଜ

ଶ୍ରୀଶ୍ରୀ ରାଧାକାନ୍ତ ମଠ, ପୁରୀ

ଅଭିମତ

ଶ୍ରୀଶ୍ରୀଗୁରୁଗୌରାଙ୍ଗୌ ବିଜୟେତାମ୍
ଶ୍ରୀଶ୍ରୀଗାନ୍ଧର୍ବିକାଗୋବିନ୍ଦୌ ଜୟତଃ

ବେଦାନ୍ତ ପାରିଭାଷିକ ରତନ୍ତରା ପ୍ରଜ୍ଞାଦ୍ୱାରା ବିବେଚନା କରିଲେ, ନିଖିଳ ଶାସ୍ତ୍ରର ସାରାଂଶ ତଥା ଆର୍ଷ ବାଙ୍ମୟର ଗୁପ୍ତ ନିଧି 'ଶ୍ରୀଗୁରୁ' । ଗୁରୁ ଶବ୍ଦର ଅସାଧାରଣ ଏବଂ ଅସମୋର୍ଦ୍ଧ୍ୱ ମହିମା ସଂଦର୍ଶନ କରିଲେ କଠୋର ହୃଦୟ ମଧ୍ୟ ବିଗଳିତ ହୁଏ, ଅମୃତର ଉତ୍ସ ହୃଦୟ ମରୁଭୂମିକୁ ଅଭିସେଚନ କରେ, ଅଭୂତପୂର୍ବ ଶାନ୍ତିକୁ ପ୍ରାପ୍ତ ହୋଇ ପ୍ରିୟା ପ୍ରିୟତମଙ୍କ ନିତ୍ୟ ସେବାରେ ନିରତ ରହେ । ଅତଃ ଅକାରଣ କରୁଣାବରୁଣାଳୟ ଶ୍ରୀଗୁରୁଙ୍କ ମହାମହିମା ଗାନ ଦ୍ୱାରା ନିଜ ବାଣୀକୁ ପବିତ୍ର କରିବା ପାଇଁ ପ୍ରବୃତ୍ତ ହେଉଅଛି ।

ଗୁରୁ ଶବ୍ଦରେ ଦୁଇଟି ବର୍ଣ୍ଣ, ଗୁ ଅର୍ଥ – ଅନ୍ଧକାର, ରୁ ଅର୍ଥ–ପ୍ରକାଶ

"କୃଷ୍ଣ ଭକ୍ତି ବାଧକ ଯତ ଶୁଭାଶୁଭ କର୍ମ । ଏଇ ଏକ ଜୀବେର ଅଜ୍ଞାନ ତମୋ ଧର୍ମ ॥
ତାର ମଧ୍ୟେ ମୋକ୍ଷ ବାଞ୍ଛା କୈତବ ପ୍ରଧାନ । ଯାହା ହୈତେ କୃଷ୍ଣ ଭକ୍ତି ହୟ ଅନ୍ତର୍ଧାନ ॥"
ବ୍ରହ୍ମାଣ୍ଡ ଭ୍ରମିତେ କୋନ ବାଗ୍ୟବାନ୍ ଜୀବ । ଗୁରୁକୃଷ୍ଣ–ପ୍ରସାଦେ ପାୟ ଭକ୍ତିଲତା–ବୀଜ ॥

କୃଷ୍ଣଭକ୍ତି ରହିତ ଜୀବନ ଅଜ୍ଞାନମୟ । କୃଷ୍ଣସେବା ସଂଲଗ୍ନ ଭାବହିଁ ଜ୍ଞାନ । "ତମସୋ ମାଂ ଜ୍ୟୋତିର୍ଗମୟୋ ।" ଯିଏ ବୀଜମନ୍ତ୍ରଦ୍ୱାରା ନୂତନ ଜନ୍ମ ଦିଅନ୍ତି, ଏବଂ ଶ୍ରୀକୃଷ୍ଣ ସମନ୍ଧ, ଅଭିଧେୟ ଓ ପ୍ରୟୋଜନ ଦ୍ୱାରା ବୃନ୍ଦାବନରେ ମଞ୍ଜରୀସ୍ୱରୂପରେ ନିତ୍ୟ ସେବା ପ୍ରଦାନ କରାନ୍ତି, ସେ ହିଁ ଗୁରୁ ପଦବାଚ୍ୟ । ଯଥା– *"ପିତୃଗୋତ୍ରୀ ଯଥା କନ୍ୟା ସ୍ୱାମୀଗୋତ୍ରେଣ ଗୋତ୍ରିତା । କୃଷ୍ଣ ମନ୍ତ୍ରୋପଦେଶେନ ଦ୍ୱିତୀୟ ଜନ୍ମ କଥ୍ୟତେ ।"* (ନାରଦ ପଞ୍ଚରାତ୍ରେ) ଶ୍ରୀଗୁରୁଦେବ ବ୍ରହ୍ମାରୁପେ ମନ୍ତ୍ରଦାନ କରି ଦ୍ୱିତୀୟ ଜନ୍ମ ପ୍ରଦାନ କରିଥାଆନ୍ତି,ବିଷ୍ଣୁରୂପେ ଭକ୍ତିରସ ସିଞ୍ଚନରେ ପାଳନ କରିନ୍ତି ଏବଂ ନିଜଠାରେ ଅପରାଧ ହେଲେ ରୁଦ୍ର ପରି ସଂହାର କରନ୍ତି । ସେଥିପାଇଁ କୁହାଯାଇଛି *"ଗୁରୁ ବ୍ରହ୍ମା ଗୁର ବିଷ୍ଣୁ ଗୁରୁଦେବ ମହେଶ୍ୱର । ଗୁରୁସାକ୍ଷାତ୍ ପରଂ ବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ॥"* ମାନବ ଜନ୍ମ ପ୍ରାପ୍ତିପରେ ଯିଏ ଅଜ୍ଞାନର ନିବୃତ୍ତି ଅର୍ଥାତ୍ ଗୁରୁ ପଦାଶ୍ରିତ ହୋଇ ସ୍ୱରୂପ ଜ୍ଞାନ ଉପଲବ୍ଧ ନ କରନ୍ତି, ସେମାନେ ଆତ୍ମଦ୍ରୋହୀ ହୋଇ ଥାଆନ୍ତି । ଏହି ପ୍ରସଙ୍ଗରେ ମହାଭାଗବତ ଯମ କଠ ଉପନିଷଦରେ କହୁଅଛନ୍ତି– *"ଅସୂର୍ଯ୍ୟା ନାମତେ ଲୋକା ଅନ୍ଧେନ ତମସା ବୃତ୍ତା । ତ୍ସେ ତାଂ ପ୍ରେତ୍ୟାଭିଗଚ୍ଛନ୍ତି ଯେ ଚ ଆତ୍ମ ହନୋ ଜନାଃ ॥"*.

ଗୁରୁକରଣର ଅପରିହାର୍ଯତା ବିଷୟରେ ସନତ୍କୁମାରସଂହିତାରେ ବର୍ଣିତ ଅଛି– *"ସାରାଣାଂ ଦୁଷ୍କର ତ୍ୱଂ ହି ବିଜ୍ଞାୟ ଚ ମହାମତି । ଭୁଶ ମାର୍ତ୍ତ ତତୋ ବିପ୍ର ଶ୍ରୀଗୁରୁ ଚରଣଂ ବ୍ରଜେତ୍ ॥"* ଚତୁଃସନକ କହୁଅଛନ୍ତି–'ହେ ନାରଦ ! ଶାସ୍ତ୍ରମାନଙ୍କରେ ସମସ୍ତ କଥା ଲିଖିତ ଅଛନ୍ତି । ଜିଜ୍ଞାସୁ ସ୍ୱୀୟ ଆତ୍ମାର କଲ୍ୟାଣ ନିମିତ୍ତ ଉପାଦେୟ ମନ୍ତ୍ର–ଜପ ବିଧାନ ଏବଂ ସାମ୍ପ୍ରଦାୟିକ ପରମ୍ପରାକୁ ଚୟନ କରି ଲକ୍ଷ ବସ୍ତୁ ପ୍ରାପ୍ତି କରିବା କୁଚ୍ଛ୍ରସାଧ୍ୟ । ସୁତରାଂ ଶ୍ରୀଗୁରୁଙ୍କ ଚରଣେ ଶରଣ ନେଇ ତଦାଜ୍ଞାନୁସାରେ ଭକ୍ତିଯାଜ୍ଞନ କରିବା ବିଧେୟ । ତେଣୁ ହେ ବ୍ରହ୍ମନ୍ ! ତୁମେ ଅଷ୍ଟଯାମଲୀଳା ଶିକ୍ଷା ଏବଂ ଗୋପୀ ଭକ୍ତି ପ୍ରାପ୍ତ କରିବାପାଇଁ ଶ୍ରୀବୃନ୍ଦାଦେବୀଙ୍କୁ ଆଶ୍ରୟ କର ।'

ନିତ୍ୟ ଲୀଳାଂ ପ୍ରବେଶଂ ଚ ଦଦାତି ହି ବ୍ରଜାଧିପ
ଅତଃ ପରତରଂ ପ୍ରାପ୍ୟଂ ବୈଷ୍ଣବାନାଂ ନ ବିଦ୍ୟତେ ।(ଉର୍ଦ୍ଧ୍ୱାମ୍ନାୟ ତନ୍ତ୍ରେ)

ବୈଷ୍ଣବ ମାନଙ୍କ ନିତ୍ୟଲୀଳାରେ ପ୍ରବେଶଠାରୁ ଅନ୍ୟ ଶ୍ରେଷ୍ଠ ବସ୍ତୁ ନାହିଁ । ନିତ୍ୟ ଲୀଳାରେ ସାଧକଙ୍କୁ ଯିଏ ନିତ୍ୟ ସେବା ପ୍ରଦାନ କରି ଚରିତାର୍ଥ କରନ୍ତି, ସେହି ଗୁରୁଦେବ ସମସ୍ତ ଗୁରୁଭକ୍ତଙ୍କୁ ସଂବୃଦ୍ଧି ସହ ସଂରକ୍ଷଣ କରନ୍ତୁ ।

ଶ୍ରୀଗୁରୁଙ୍କ ସ୍ୱରୂପ ଲକ୍ଷଣ ଯଥା- **'ଆତ୍ମା ବୈ ଗୁରୁଃ'** ଇତି ଶ୍ରୁତି ବାକ୍ୟ । *'ଆତ୍ମାର ଗୁରୁ ମୁଁ ଆପଣେ - ଏଣୁ ବୁଲଇ ଘୋର ବନେ ।'* ***'ଆତ୍ମାନଂ ଚିନ୍ତୟେତ୍ ଶିଷ୍ୟ'***-ଶିଷ୍ୟ ଶ୍ରୀଗୁରୁଦେବଙ୍କୁ ନିଜ ଆତ୍ମା ପରି ଚିନ୍ତା କରିବେ । ଆତ୍ମା ରୂପରେ ଚୈତ୍ୟଗୁରୁଙ୍କ ଅବସ୍ଥାନର କଥା ଶ୍ରୀଚୈତନ୍ୟଚରିତାମୃତରେ ଦେଖିବାକୁ ମିଳେ- *''ଶିକ୍ଷାଗୁରୁକେ ତୋ ଜାନି କୃଷ୍ଣେର ସ୍ୱରୂପ । ଅନ୍ତର୍ଯ୍ୟାମୀ, ଭକ୍ତଶ୍ରେଷ୍ଠ - ଏଇ ଦୁଇରୂପ ॥''*

ଗୌଡୀୟବୈଷ୍ଣବ ସମ୍ପ୍ରଦାୟରେ ଶ୍ରୀଗୁରୁଦେବଙ୍କର ଦୁଇଟୀ ସ୍ୱରୂପର ପରିଚୟ ମିଳେ- ୧) ଶ୍ରୀମନ୍ନବଦ୍ୱୀପ ଯୋଗପୀଠରେ ବ୍ରାହ୍ମଣ ବାଳକ,(୨) ବୃନ୍ଦାବନ ଯୋଗପୀଠରେ ଶ୍ରୀରାଧାଦାସୀ । ସିଦ୍ଧ ଶ୍ରୀଳକୃଷ୍ଣଦାସଙ୍କ ପ୍ରଣୀତ ଶ୍ରୀସାଧନାମୃତଚନ୍ଦ୍ରିକା ଅନୁସାରେ ସାଧକ ଏହିପରି ଭାବରେ ନିଜ ମଞ୍ଜରୀସ୍ୱରୂପ ଧ୍ୟାନ କରନ୍ତି - *ଶ୍ରୀଗୁରୁଚରଣାମ୍ଭୋଜ କୃପାସିକ୍ତ କଳେବରାମ୍ । କିଶୋରୀଂ ଗୋପ ବନିତାଂ ନାନାଳଙ୍କାର ଭୂଷିତାମ୍ ॥* ଶ୍ରୀଗୁରୁରୂପା ମଞ୍ଜରୀଙ୍କ କୃପାରେ ଅଭିଷିକ୍ତ କଳେବର ହିଁ ପାଲ୍ୟଦାସୀ । ତତ୍ ପଶ୍ଚାତ୍ ଉପସଂହାରରେ କହିଲେ,- *ଏବମାତ୍ମାନଂ ଭାବୟେତ୍ ଭକ୍ତିମାଶ୍ରିତଃ ।* ଏହି ପ୍ରକାରେ ଆତ୍ମାକୁ ଭାବନା କରି ଗୁରୁ ପଦାଶ୍ରିତ ଭକ୍ତମାନେ ସ୍ୱସ୍ୱ ସ୍ୱରୂପ ପ୍ରାପ୍ତ ହେବେ ।

ଯେଉଁ ମଞ୍ଜରୀସ୍ୱରୂପ ପ୍ରଦାନାର୍ଥେ ଶ୍ରୀମନ୍ ମହାପ୍ରଭୁଙ୍କ ପ୍ରାକଟ୍ୟ ତତ୍ ସନ୍ଦର୍ଭେ, ମଞ୍ଜରୀ ଅର୍ଥ- ୧) ମଜ୍ଜ - ମଜ୍ଜନେ - ଶ୍ରୀକୃଷ୍ଣ ପ୍ରେମ୍ଣି ଅସ୍ନାତୀତି ମଞ୍ଜରୀ, (୨) ମଞ୍ଜୁ- ମାଧୂର୍ଯ୍ୟେ - ମଞ୍ଜୁଳତ୍ୱଂ ରୀୟତେ ଦୀୟତେ ଇତି ମଞ୍ଜରୀ, (୩) ମୃଜ ଶୁଦ୍ଧୌ ବିଶୁଦ୍ଧ ଅନ୍ତଃକରଣଂ କୃତା ଅଶୁଦ୍ଧତ୍ୱଂ ସାଂସାରିକ ବିଷୟତ୍ୱଂ ରୀୟତେ କ୍ଷୀୟତେ ଇତି ମଞ୍ଜରୀ ।

ଶ୍ରୀଗୁରୁଙ୍କ ତଟସ୍ଥଲକ୍ଷଣ ଯଥା (ବିଷ୍ଣୁସ୍ମୃତୌ)- *ପରିଚର୍ଯ୍ୟା ଯଶୋ ଲାଭ ଶିଷ୍ୟାନ୍ ଗୁରୁ ର୍ନହି । କୃପାସିନ୍ଧୁ ସୁସମ୍ପୂର୍ଣ୍ଣ ସର୍ବ ସଙ୍କୋପ ହାରକଃ ॥ ନିସ୍ପୃହଃ ସର୍ବତଃ ସିଦ୍ଧି ସର୍ବ ବିଦ୍ୟା ବିଶାରଦଃ । ସର୍ବ ସଂଶୟ ଚ୍ଛେତ୍ତା ନନ୍ଦସୋ ଗୁରୁରାହୃତଃ ॥* ଏତଦ୍ ବ୍ୟତୀତ ଅଦୋଷଦର୍ଶିତା, ଶିଷ୍ୟବତ୍ସଳତା, ଶିଷ୍ୟାନୁଗ୍ରହତା ଆଦି ତାହାଙ୍କ ତଟସ୍ଥାଲକ୍ଷଣ । ଏତାଦୃଶ ଲକ୍ଷଣ ସମ୍ପନ୍ନ ଶ୍ରୀଗୁରୁଦେବଙ୍କର ବିଶ୍ରମ୍ଭସେବାର କଥା ଶ୍ରୀରୂପଗୋସ୍ୱାମୀ ଉଲ୍ଲେଖ କରିଅଛନ୍ତି- ***'ବିଶ୍ରମ୍ଭେଣ ଗୁରୋଃସେବା'*** - ଶ୍ରଦ୍ଧାର ସହିତ ଗୁରୁସେବା କରିଲେ ଅସମ୍ଭବ ସମ୍ଭବ ହୁଏ । ଯାହାନିଜ ସାଧନା ବଳରେ ସାଧକ ପ୍ରାପ୍ତିକରି ପାରନ୍ତି ନାହିଁ ତାହା ଗୁରୁସେବାରେ ସୁଗମ ହୋଇଥାଏ । ଉପମନ୍ୟୁ, ଆରୁଣୀ, ନାରଦ, ଚରକ ଆଦି ଗୁରୁ ଭକ୍ତଙ୍କ ଉଦାତ୍ତ ଚରିତ ପୁରାଣ ପୃଷ୍ଠାରେ ବିଦ୍ୟମାନ ଅଛନ୍ତି । ଜୀବମାନଙ୍କ କଥା ଦୂରେଥାଉ ତ୍ରେତାଯୁଗରେ ସ୍ୱୟଂ ଭଗବାନ ଶ୍ରୀରାମ ଓ ଲକ୍ଷ୍ମଣ, ବଶିଷ୍ଠ ଏବଂ ବିଶ୍ୱାମିତ୍ରଙ୍କ ସେବା କରିଅଛନ୍ତି । ଦ୍ୱାପରଯୁଗରେ ଶ୍ରୀକୃଷ୍ଣବଳଦେବ ଶିପ୍ରା ନଦୀ ତଟେସ୍ଥିତ ଉଜ୍ଜୟିନୀରେ ସାନ୍ଦୀପନିମୁନିଙ୍କ ସେବାକରି ତଦ୍‌ପ୍ରସାଦେ ୬୪ଦିନରେ ୬୪ବିଦ୍ୟା ଅଧ୍ୟୟନ କରିଥିଲେ । କଳିଯୁଗରେ ପ୍ରେମର ଘନୀଭୂତ ମୂର୍ତ୍ତି ଶ୍ରୀମନ୍ମାଧବେନ୍ଦ୍ର ପୁରୀଙ୍କ ସେବା କରି ଶ୍ରୀଈଶ୍ୱରପୁରୀ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଶିଷ୍ୟ ରୂପେ ପ୍ରାପ୍ତ ହୋଇଥିଲେ ।

ଶ୍ରୀପାଦ ପୁରୀ ଦାସ ଗୋସ୍ୱାମୀ ଏବଂ ଶ୍ରୀମତ୍ କିଶୋରୀ କିଶୋରାନନ୍ଦ ଗୋସ୍ୱାମୀଙ୍କ ଚରଣରଜ ବନ୍ଦନ କରି ତାଙ୍କର ଅନୁକମ୍ପିତ, ପରମ ସ୍ନେହଭାଜନ ପ୍ରାତଃସ୍ମରଣୀୟ ଶ୍ରୀମତ୍ କୃଷ୍ଣଦାସ ବାବାଜୀ ମହାରାଜଙ୍କ ଗୁଣଲେଶ ବର୍ଣ୍ଣନ କରି ଧନ୍ୟ ହେବି ବୋଲି ଆଶା କରେ । ଶ୍ରୀମନ୍ମହାପ୍ରଭୁଙ୍କ ଅନୁଚରବର୍ଯ୍ୟ ଷଡ଼ଗୋସ୍ୱାମୀଙ୍କ ବିମଳ ରଚନାବଳୀର ଅମୃତୋପମ ଆସ୍ୱାଦନରେ ଉତ୍କଳୀୟ ବୈଷ୍ଣବଙ୍କୁ ଆପ୍ୟାୟିତ କରିବା ଯାହାଙ୍କର ନୈସର୍ଗୀଗ ସଂସ୍କାର ସେହି ଶ୍ରୀମତୀ ରାଧାରାଣୀଙ୍କର କୃପାତିଶଯ୍ୟେ ପରମଧନ୍ୟ ଶ୍ରୀରାଧାକୁଣ୍ଡ ତଟାଶ୍ରୟୀ, ହରିନାମ ପରାୟଣ, ରସିକପ୍ରବର ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜଙ୍କୁ ମୁଁ ହୃଦୟର ଗଭୀରତମ ଭକ୍ତିଦ୍ୱାରା ନୀରାଜନ କରୁଅଛି ।

ଅପ୍ରାକୃତ ଦିବ୍ୟାତିଦିବ୍ୟ ଭୂମି ଶ୍ରୀକ୍ଷେତ୍ର– ଶ୍ରୀମତୀ ରାଧାରାଣୀଙ୍କ ମାଦନାଖ୍ୟ ମହାମହିମା ଶ୍ରବଣରେ ଅତ୍ୟାଶ୍ଚର୍ଯ୍ୟ ରୂପ ଅଙ୍ଗିକାରୀ ଶ୍ରୀଶ୍ରୀଜଗନ୍ନାଥ,ଶ୍ରୀବଳଦେବ ଓ ମାତା ସୁଭଦ୍ରାଙ୍କର ବିଳାସଭୂମି । ବହୁ ବହୁ ସମ୍ପ୍ରଦାୟର ଆଚାର୍ଯ୍ୟଗଣ ଶ୍ରୀକ୍ଷେତ୍ରକୁ ଆଶ୍ରୟ କରି ନିଜ ଜୀବନକୁ ସାଫଲ୍ୟମଣ୍ଡିତ କରିଅଛନ୍ତି । ସର୍ବୋପରି ବୃନ୍ଦାବନର ସେହି ଶ୍ରୀରାଧାକୃଷ୍ଣଙ୍କର ବିଳସିତ–ତନୁ ଶ୍ରୀଗୌରସୁନ୍ଦର ଦୀର୍ଘ ୨୪ବର୍ଷ ଧରି ନିଜ ନିତ୍ୟ ପରିକରଙ୍କ ସହିତ ଶ୍ରୀହରିନାମ ସଂକୀର୍ତ୍ତନ ଦ୍ୱାରା ତଥା ଗମ୍ଭୀରାର ନିର୍ଜ୍ଜନ ପ୍ରକୋଷ୍ଠାରେ ଶ୍ରୀରାଧାଦାସ୍ୟ ସୁଧାନିର୍ଝରର ଅଫୁରନ୍ତ ଉତ୍ସ ପ୍ରାକଟ୍ୟ କରି ଶ୍ରୀକ୍ଷେତ୍ରକୁ ଧନ୍ୟାତିଧନ୍ୟ କରିଅଛନ୍ତି ।

ଶ୍ରୀକ୍ଷେତ୍ରର ଏକ କୋଣରେ ଅବସ୍ଥିତ, ଶ୍ରୀଗୌରପ୍ରେୟସୀ ପ୍ରବରା ଶ୍ରୀଳଗଦାଧର ପଣ୍ଡିତଙ୍କ ଶ୍ରୀକରକମଳ ପରିସେବିତ ଶ୍ରୀଶ୍ରୀଟୋଟାଗୋପୀନାଥଜୀଉଙ୍କ ମନୋରମ ବିଳାସଭୂମି । ସେହି ନିର୍ଜ୍ଜନ ବିଳାସ ପ୍ରାଙ୍ଗଣରେ ନିଜ ଆରାଧ୍ୟତମ ଶ୍ରୀଗୁରୁଦେବ ଶ୍ରୀତିନିକୋଡ଼ୀ ଗୋସ୍ୱାମୀଙ୍କ ଭଜନ ଆଦର୍ଶର ପଦାନୁସରଣରେ ଶ୍ରଦ୍ଧେୟ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜ ସେଠାରେ ଦୀର୍ଘ ସମୟ ଅବସ୍ଥାନ କରି ଗୋସ୍ୱାମୀବର୍ଗଙ୍କର ଆର୍ଷବାଣୀର ଉଚ୍ଚଳାନୁବାଦ ଓ ଶ୍ରୀରାଧାଗୋବିନ୍ଦଙ୍କ ମାନସୀସେବାରେ ବ୍ରତୀ ହୋଇଥିଲେ । ନିଜ ବିଳାସଭୂମି ଆଶ୍ରିତ ବାବାଜୀ ମହାରାଜଙ୍କ ଭଜନାଗ୍ରହ ଓ ଉଚ୍ଚଳୀୟବୈଷ୍ଣବଙ୍କ ସେବା ତତ୍ପରତା ଦର୍ଶନେ ଅତିଶୟ ପ୍ରସନ୍ନା ହୋଇ ଶ୍ରୀଟୋଟାଗୋପୀନାଥଙ୍କ ବକ୍ଷବିଳାସିନୀ କୃଷ୍ଣବର୍ଣ୍ଣା ଶ୍ରୀମତୀ ରାଧାରାଣୀ ନିଜ ଅନୁଗତା ପ୍ରିୟ କିଙ୍କରୀ ଶ୍ରୀବାବାଜୀ ମହାରାଜଙ୍କୁ ଅନେକ ଥର ସାକ୍ଷାତ୍ ଦର୍ଶନ ପ୍ରଦାନ କରି ଅଶେଷ ବିଶେଷ କୃପା ବିତରଣ କରିଅଛନ୍ତି । ସାକ୍ଷାତ୍ ଆଦେଶ ଓ ହୃତ୍‌ପ୍ରେରଣା ଦ୍ୱାରା ଶକ୍ତିସଞ୍ଚାର କରାଇ ବାବାଜୀ ମହାରାଜଙ୍କ ଦ୍ୱାରା ନିଜ ମନୋଭୀଷ୍ଟ ପୂରଣ କରିଥିଲେ । ସ୍ୱାମିନୀଙ୍କର ସେହି ଚିନ୍ମୟୀ ଶକ୍ତି ଓ କରୁଣା, ବାବାଜୀ ମହାରାଜଙ୍କ ଆତ୍ମାରେ ଅନୁସଙ୍କ୍ରମିତ ହୋଇ ତାହାଙ୍କ ଶ୍ରୀକରକମଳ ଲେଖନୀରୁ ଶ୍ରୀକୃଷ୍ଣଚରିତାମୃତ (୧୦ଖଣ୍ଡ) ଶ୍ରୀରାଧାଚରିତାମୃତ (୨ଖଣ୍ଡ) ଶ୍ରୀବୃନ୍ଦାବନ ମହିମାମୃତମ୍ ସପ୍ତଦଶ ଶତକ, ଶ୍ରୀବ୍ରଜମଣ୍ଡଳ ପରିକ୍ରମା ଓ ପରିଚୟ, ଶ୍ରୀଶ୍ରୀରାଧାକୃଷ୍ଣଙ୍କର ଅଷ୍ଟକାଳୀୟଲୀଳା, ଶ୍ରୀମନ୍ନିତ୍ୟାନନ୍ଦ ଚରିତାବଳୀ ଆଦି ଗ୍ରନ୍ଥରତ୍ନ ରୂପେ ପ୍ରକାଶ ପାଇଅଛନ୍ତି । ଅଧୁନା ପ୍ରକାଶିତ ହେବାକୁ ଯାଉଥିବା **'ଶ୍ରୀଗୁରୁତତ୍ତ୍ୱମଞ୍ଜୁଷା'** ଗ୍ରନ୍ଥରତ୍ନଟିରେ ସୁଗୋପ୍ୟ 'ଶ୍ରୀଗୁରୁତତ୍ତ୍ୱ' ଅତି ବିଶଦ ଭାବରେ ଶ୍ରୀଗୌଡ଼ୀୟ ଗୋସ୍ୱାମୀବର୍ଗଙ୍କ ସିଦ୍ଧାନ୍ତରେ ସମଳଙ୍କୃତ କରି ପରିବେଷଣ କରିଅଛନ୍ତି । ବୈଷ୍ଣବବୃନ୍ଦ ଏହି ଗ୍ରନ୍ଥରତ୍ନଙ୍କ ଆସ୍ୱାଦନ ଲାଭେ ଅତିଶୟ ଧନ୍ୟ ହେବେ ଏଥିରେ ସନ୍ଦେହ ନାହିଁ । ଶ୍ରୀମତୀ ରାଧାରାଣୀଙ୍କ କୃପାସଞ୍ଜିବନୀର ଅଚିନ୍ତ୍ୟ ଶକ୍ତି ପ୍ରଭାବରେ ବାବାଜୀ ମହାରାଜ ଏତାଦୃଶ ବୃଦ୍ଧାବସ୍ଥାରେ ମଧ୍ୟ ଅଶେଷ ବିଶେଷ ଗୋସ୍ୱାମୀଗ୍ରନ୍ଥରତ୍ନ ମାନଙ୍କର ଅନୁବାଦରେ ନିରତ ଅଛନ୍ତି । ବାବାଜୀ ମହାରାଜଙ୍କ ଅଭିଳାଷ ପୂରଣ,ଉଚ୍ଚଳୀୟ ବୈଷ୍ଣବବୃନ୍ଦଙ୍କ ସେବାନୁଖତାର ସଫଳୀକରଣ ତଥା ତାହାଙ୍କ ଦୀର୍ଘାୟୁ ନିମିତ୍ତ ଶ୍ରୀରାଧାରାଣୀଙ୍କ ଶ୍ରୀଚରଣରେ ଅଶେଷ ପ୍ରାର୍ଥନା କରୁଅଛି । ଏତାଦୃଶ ଅଦୋଷଦର୍ଶୀ, ଶିଷ୍ୟବତ୍ସଳ, ପରମକରୁଣ ନାମାଶ୍ରୟୀ, ରସିକପ୍ରବର, ଉଦାର ଚେତା ଏବଂ ସର୍ବୋପରି ମହାମହିମ୍ନ ବଦାନ୍ୟ ଅବତାର ପରମସିଦ୍ଧ ଶ୍ରୀଶ୍ରୀକୃଷ୍ଣଦାସ ବାବାଜୀ ମହାରାଜଙ୍କ ଉଦାତ୍ତ ଗୁଣାବଳୀ ଶ୍ରୀକ୍ଷେତ୍ର ଓ ବ୍ରଜମଣ୍ଡଳରେ ଅନନ୍ତକାଳ ପର୍ଯ୍ୟନ୍ତ ସଞ୍ଜୀବିତ ରହିବ ॥ *ଇତ୍ୟଳଂ ବିସ୍ତରେଣ ॥*

ଶ୍ରୀଗୁରୁବୈଷ୍ଣବ କୃପାଭିଳାଷୀ
ଦୀନାତିଦୀନ ଅନନ୍ତ ଦାସ
ଶ୍ରୀଚୈତନ୍ୟ ପଦାଙ୍କପୂତ ତୀର୍ଥରାଜ ଅକ୍ରୂର ଘାଟ
ବୃନ୍ଦାବନ, ମଥୁରା

ଶ୍ରୀଶ୍ରୀଗୁରୁଦେବାଷ୍ଟକମ୍

ଶ୍ରୀଗୁରୁଦେବାୟ ନମଃ

ସଂସାର-ଦାବାନଳ-ଲୀଢ଼-ଲୋକତ୍ରାଣାୟ-କାରୁଣ୍ୟ-ଘନାଘନତ୍ୱମ୍ ।
ପ୍ରାପ୍ତସ୍ୟ କଲ୍ୟାଣ-ଗୁଣାର୍ଣ୍ଣବସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୧॥

"ସଂସାରରୂପି ଦାବାନଳର ଆଧ୍ୟାତ୍ମିକ-ଆଦିଦୈବିକ-ଆଦିଭୌତିକ ତାପତ୍ରୟରେ ଦହ୍ୟମାନ ଜୀବଗଣଙ୍କର ପରିତ୍ରାଣ ପାଇଁ ଯିଏ ଶ୍ରୀନବଘନଶ୍ୟାମଙ୍କ ବିଗଳିତ କରୁଣାଧାରାର ସ୍ୱଭାବ ପ୍ରାପ୍ତ ହୋଇ ସର୍ବଦା କୃପାକାରିରୂପେ ବର୍ଷିତ ହେଉଅଛନ୍ତି, ସେହି ସେବକ-ବାତ୍ସଲ୍ୟାଦି ଅନନ୍ତ କଲ୍ୟାଣ ଗୁଣସାଗର ଶ୍ରୀଗୁରୁଦେବଙ୍କ ଶ୍ରୀଚରଣକମଳ ବନ୍ଦନା କରୁଅଛି ।"

ମହାପ୍ରଭୋଃ କୀର୍ତ୍ତନ-ନୃତ୍ୟ-ଗୀତ-ବାଦିତ୍ର-ମାଦ୍ୟନ୍ମନସୋ ରସେନ ।
ରୋମାଞ୍ଚ-କମ୍ପାଶ୍ରୁ-ତରଙ୍ଗ-ଭାଜୋ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୨॥

"ଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁଙ୍କର ସଂକୀର୍ତ୍ତନର ନୃତ୍ୟଗୀତବାଦ୍ୟ ପ୍ରଭାବରେ ଯାହାଙ୍କର ମନଃ ପ୍ରମତ୍ତ ଏବଂ ବିଭାବାଦି ସମ୍ମିଳିତ ଭାବ ଯୋଗୁଁ (ପ୍ରୀତିରସର ଉଦୟରେ) ଯାହାଙ୍କ ଶ୍ରୀଅଙ୍ଗରେ ପୁଲକ ଉଦ୍‌ଗମ ଏବଂ କମ୍ପ ପ୍ରକାଶ ପାଏ ଓ ନୟନରେ ଅଶ୍ରୁତରଙ୍ଗ ପ୍ରବାହିତ ହେଉଅଛି, ମୁଁ ସେହି ଶ୍ରୀଗୁରୁଙ୍କ ଶ୍ରୀଚରଣାରବିନ୍ଦକୁ ବନ୍ଦନା କରୁଅଛି ।"

ଶ୍ରୀବିଗ୍ରହାରାଧନନିତ୍ୟନାନାଶୃଙ୍ଗାରତନ୍ମନ୍ଦିର ମାର୍ଜ୍ଜନାଦୌ ।
ଯୁକ୍ତସ୍ୟ ଭକ୍ତାଂଶ୍ଚ ନିଯୁଞ୍ଜତୋଽପି ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୩॥

"ଯିଏ ସ୍ୱୟଂ ଶ୍ରୀବିଗ୍ରହଙ୍କ ଆରାଧନା, ପ୍ରତ୍ୟହ ବିବିଧ ବେଶରଚନା ଓ ଶ୍ରୀମନ୍ଦିରମାର୍ଜ୍ଜନାଦି ସେବାରେ ନିରତ ଥାଆନ୍ତି ଏବଂ ଭକ୍ତଗଣଙ୍କୁ ନିଯୁକ୍ତ କରାନ୍ତି, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀଚରଣପଦ୍ମ ବନ୍ଦନା କରୁଅଛି ।"

ଚତୁର୍ବିଧଶ୍ରୀଭଗବତ୍‌ପ୍ରସାଦ ସ୍ୱାଦନ୍ନତୃପ୍ତାନ୍ ହରିଭକ୍ତସଂଘାନ୍
କୃତ୍ୱୈବତୃପ୍ତି ଭଜତଃ ସଦୈବ ବନ୍ଦେ ଗୁରୋ ଶ୍ରୀଚରଣାରବିନ୍ଦମ୍ ॥୪॥

"ଯିଏ ଶ୍ରୀହରିଙ୍କ ଭକ୍ତବୃନ୍ଦକୁ (ବୈଷ୍ଣବଗଣଙ୍କୁ) ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ - ଏହି ଚାରିପ୍ରକାରର ସୁମଧୁର ଶ୍ରୀଭଗବତ୍ ପ୍ରସାଦାନ୍ନ ଦ୍ୱାରା ପରିତୃପ୍ତ କରାଇ ସ୍ୱୟଂ ସର୍ବଦା ତୃପ୍ତି ଅନୁଭବ କରନ୍ତି, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀଚରଣାରବିନ୍ଦ ବନ୍ଦନା କରୁଅଛି ।"

ଶ୍ରୀରାଧିକାମାଧବୟୋରପାରମାଧୁର୍ଯ୍ୟଲୀଳାଗୁଣରୂପନାମ୍ନାମ୍ ।
ପ୍ରତିକ୍ଷଣାସ୍ୱାଦନଲୋଲୁପସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୫॥

"ଯିଏ ଶ୍ରୀରାଧାମାଧବଙ୍କର ଅପାର ମହିମାଯୁକ୍ତ ଶ୍ରୀନାମ, ରୂପ, ଗୁଣ ଓ ଲୀଳା

ସମୂହର ନିରନ୍ତର ଆସ୍ୱାଦନରେ ଲାଳସାଯୁକ୍ତ, ସେହି ଶ୍ରୀଗୁରୁଦେବଙ୍କ ପାଦପଦ୍ମ ବନ୍ଦନା କରୁଅଛି ।''

ନିକୁଞ୍ଜ-ଯୂନୋ ରତି-କେଳି-ସିଦ୍ଧ୍ୟୈ ଯା ଯାଳିଭିର୍ଯୁକ୍ତିରପେକ୍ଷଣୀୟା ।
ତତ୍ରାତି-ଦକ୍ଷ୍ୟାଦତିବଲ୍ଲଭସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୬॥

''ନିକୁଞ୍ଜବିଳାସୀ ବ୍ରଜନବ ଯୁବଦ୍ୱନ୍ଦ୍ୱଙ୍କର ରତିକେଳିର (କାମକ୍ରୀଡ଼ାର) ସିଦ୍ଧ (ସୁସମ୍ପନ୍ନତା ବା ସମାପ୍ତି) ନିମିତ୍ତ ସଖୀଗଣ ଯେଉଁ ସମସ୍ତ କୌଶଳ (ଯୁକ୍ତି) ଅବଲମ୍ବନ କରିଥାଆନ୍ତି, ସେହି ବିଷୟରେ ଅତ୍ୟନ୍ତ ନିପୁଣତା ଯୋଗୁଁ ଯିଏ ସେମାନଙ୍କର ଅତି ପ୍ରିୟ ବୋଲି ପରିଗଣିତ ହୋଇଛନ୍ତି, ମୁଁ ସେହି ଶ୍ରୀଗୁରୁଙ୍କ ଶ୍ରୀଚରଣାରବିନ୍ଦକୁ ବନ୍ଦନା କରୁଅଛି ।''

ସାକ୍ଷାଦ୍ଧରିତ୍ୱେନ ସମସ୍ତଶାସ୍ତ୍ରୈରୁକ୍ତସ୍ତଥା ଭାବ୍ୟତେ ଏବ ସଦ୍ଭିଃ ।
କିନ୍ତୁ ପ୍ରଭୋର୍ଯଃ ପ୍ରିୟ ଏବ ତସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୭॥

''ଆଗମାଦି ନିଖିଳ ଶାସ୍ତ୍ର ଯାହାଙ୍କୁ ସାକ୍ଷାତ୍ ଶ୍ରୀହରି ବୋଲି ଉଲ୍ଲେଖ ବା କୀର୍ତ୍ତନ କରିଅଛନ୍ତି ଏବଂ ସଜ୍ଜନ ପଣ୍ଡିତଗଣ ଯାହାଙ୍କୁ ସେହି ରୂପରେହିଁ ଚିନ୍ତା କରି ଥାଆନ୍ତି, ତଥାପି ଯିଏ ପ୍ରଭୁ ଶ୍ରୀହରିଙ୍କ ପ୍ରିୟପାତ୍ର ରୂପେ ତାହାଙ୍କଠାରୁ ଅଭିନ୍ନ, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀପାଦପଦ୍ମ ବନ୍ଦନା କରୁଅଛି ।''

ଯସ୍ୟ ପ୍ରସାଦାଦ୍ ଭଗବତ୍-ପ୍ରସାଦୋ ଯସ୍ୟ ପ୍ରସାଦାନ୍ନ ଗତିଃ କୁତୋଽପି ।
ଧ୍ୟାୟଂସ୍ତୁବଂସ୍ତସ୍ୟ ଯଶସ୍ତ୍ରିସନ୍ଧ୍ୟଂ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥୮॥

''ଯାହାଙ୍କ କୃପାଦ୍ୱାରାହିଁ ଶ୍ରୀଭଗବାନଙ୍କ ପ୍ରସନ୍ନତା ହୁଏ, ପୁଣି ଯାହାଙ୍କ ଅପ୍ରସନ୍ନତା ଘଟିଲେ କେଉଁଠି ମଧ୍ୟ ସଦ୍‌ଗତି ଲାଭ ହୁଏ ନାହିଁ, ସେହି ଶ୍ରୀଗୁରୁଦେବଙ୍କ ଯଶଃସମୁଦ୍ରର ତ୍ରିସନ୍ଧ୍ୟା ଧ୍ୟାନ ଓ ସ୍ତୁତି କରି କରି ତାହାଙ୍କ ଶ୍ରୀଚରଣକମଳ ବନ୍ଦନା କରୁଅଛି ।''

ଶ୍ରୀମଦ୍‌ଗୁରୋରଷ୍ଟକମେତଦୁଚ୍ଚୈର୍ବ୍ରାହ୍ମେ ମୁହୂର୍ତେ ପଠତି ପ୍ରଯତ୍ନାତ୍ ।
ଯସ୍ତେନ ବୃନ୍ଦାବନ-ନାଥ-ସାକ୍ଷାତ୍‌ସେବୈବ ଲଭ୍ୟା ଜନୁଷୋଽନ୍ତ ଏବ ॥

''ଯିଏ ବ୍ରାହ୍ମ-ମୁହୂର୍ତ୍ତରେ (ସୂର୍ଯ୍ୟୋଦୟ ପୂର୍ବେ) ଏହି ଶ୍ରୀଗୁରୁଦେବାଷ୍ଟକ ବିଶେଷ ଯତ୍ନ ସହକାରେ ଉଚ୍ଚସ୍ୱରରେ ପାଠ କରନ୍ତି, ସେ ପ୍ରାକୃତଦେହାବସାନ ପରେ ସିଦ୍ଧ ଦେହରେ ଶ୍ରୀବୃନ୍ଦାବନଚନ୍ଦ୍ରଙ୍କର ସାକ୍ଷାତ୍ ସେବା ଅବଶ୍ୟ ଲାଭ କରନ୍ତି ।''

ଇତି ଶ୍ରୀମଦ୍‌ବିଶ୍ୱନାଥ ଚକ୍ରବର୍ତ୍ତି ଠାକୁର ବିରଚିତେ ଶ୍ରୀଗୁରୁତତ୍ତ୍ୱାମୃତଲହର୍ଯାଂ
ଶ୍ରୀଶ୍ରୀମଦ୍‌ଗୁରୁଦେବାଷ୍ଟକଂ ସମ୍ପୂର୍ଣମ୍ ॥

ସୂଚୀପତ୍ର

ବିଷୟ	ପୃଷ୍ଠା
ଶ୍ରୀମଙ୍ଗଳାଚରଣ	୧
ଶ୍ରୀଗୁରୁପଦାଶ୍ରୟର ଅପରିହାର୍ଯ୍ୟତା	୭
ଶ୍ରୀଗୁରୁପସତ୍ତିର କାରଣ	୧୩
ଶ୍ରୀକୃଷ୍ଣଙ୍କଠାରେ ଶରଣାଗତି ଓ ଶ୍ରୀଗୁରୁସେବାର ଆବଶ୍ୟକତା	୧୫
ଶ୍ରୁତିଗଣ ମଧ୍ୟ ଶ୍ରୀଗୁରୁପସତ୍ତିବିଷୟରେ ମୁଖର	୧୮
ସ୍ୱୟଂ ଭଗବାନହିଁ ସମଷ୍ଟିଗୁରୁ	୧୯
ବ୍ୟଷ୍ଟିଗୁରୁ ବା ଭକ୍ତଶ୍ରେଷ୍ଠ ମହାନ୍ତଗୁରୁ	୨୧
ଶ୍ରବଣଗୁରୁ ବା ଶିକ୍ଷାଗୁରୁ	୨୩
ଶ୍ରବଣଗୁରୁଙ୍କ ଯୋଗ୍ୟତା	୨୫,
ଶ୍ରୀମନ୍ତ୍ରଗୁରୁଙ୍କ ଆବଶ୍ୟକତା	୨୯
ଶ୍ରୀମନ୍ତ୍ରଗୁରୁଙ୍କ ଏକତ୍ୱ	୨୯
ମନ୍ତ୍ରଦୀକ୍ଷାର ଆବଶ୍ୟକତା	୩୦
ଶ୍ରୀଜୀବଗୋସ୍ୱାମୀପାଦ୍‌ଙ୍କ ସିଦ୍ଧାନ୍ତ	୩୧
ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍‌ଙ୍କ ସିଦ୍ଧାନ୍ତ	୩୪
ଅର୍ଚ୍ଚନର ଆବଶ୍ୟକତା	୩୬
ଶ୍ରୀଶାଳଗ୍ରାମଶିଳାଦି ଭଗବଦ୍‌ବିଗ୍ରହଙ୍କର ଅର୍ଚ୍ଚନରେ ଅଧିକାର	୩୯
ଦୀକ୍ଷା ବିଧାନରେ ଦ୍ୱିଜତ୍ୱ ବା ବିପ୍ରତ୍ୱ	୪୨
ଶିଷ୍ୟ ନିକଟରେ ବ୍ୟଷ୍ଟିଗୁରୁ (ମନ୍ତ୍ରଗୁରୁ) ଶ୍ରୀଗୌରକୃଷ୍ଣଙ୍କ ପ୍ରକାଶବିଗ୍ରହ ହୋଇ ମଧ୍ୟ ସ୍ୱରୂପତଃ ଶ୍ରୀକୃଷ୍ଣଦାସ	୪୦
ଶ୍ରୀଗୌଡ଼ୀୟ ସମ୍ପ୍ରଦାୟରେ ଶ୍ରୀଗୁରୁଦେବଙ୍କ ସ୍ୱରୂପ	୪୩
ବ୍ୟବହାରିକ ଗୁରୁ କୁଳଗୁରୁ ଓ ଆମ୍ନାୟସିଦ୍ଧ ଗୁରୁ	୪୬
ମହାନ୍ତଗୁରୁ ଗ୍ରହଣର ଅନିବାର୍ଯ୍ୟତା	୬୮
ଶ୍ରୀଗୁରୁଦେବଙ୍କର ସାଧାରଣ ଲକ୍ଷଣ ଓ ଯୋଗ୍ୟତା	୭୨
ଗୁରୁଶିଷ୍ୟ ପରୀକ୍ଷଣ	୮୬
ଦୀକ୍ଷା ପ୍ରକରଣ	୧୦୩
ଦୀକ୍ଷିତଶିଷ୍ୟର କର୍ତ୍ତବ୍ୟ	୧୧୧
ଶ୍ରୀଗୁରୁସେବା	୧୧୫
ଶ୍ରୀଗୁରୁ-ବୈଷ୍ଣବ ସେବା	୧୩୮
ଗୁର୍ବପରାଧ	୧୪୦
ଗୁରୁତ୍ୟାଗ	୧୪୨
ଶ୍ରୀଗୁରୁକୃପାହିଁ କେବଳମ୍	୧୬୫
ପରିଶିଷ୍ଟ	୧୭୧

ପ୍ରମାଣପଞ୍ଜୀ

ଯେଉଁ ସମସ୍ତ ଆକାର-ଗ୍ରନ୍ଥ ପ୍ରମାଣ ଓ ଉପଜୀବ୍ୟ ରୂପେ ଗ୍ରହଣ କରାହୋଇଛି ଏବଂ ଯେଉଁ ସମସ୍ତ ପୁସ୍ତକାଦିରୁ ଅନ୍ୱୟ ଓ ବ୍ୟତିରେକ ଭାବେ ସାହାଯ୍ୟ ଗ୍ରହଣ କରାହୋଇଅଛି ସେମାନଙ୍କର ଅସମ୍ପୂର୍ଣ୍ଣ ତାଲିକା ।

ଆନନ୍ଦବୃନ୍ଦାବନଚମ୍ପୂ (ଶ୍ରୀଳ କବିକର୍ଣ୍ଣପୁର ଗୋସ୍ୱାମି-ବିରଚିତ), ଅଷ୍ଟାବିଂଶତି ତତ୍ତ୍ୱେ ଦୀକ୍ଷାତତ୍ତ୍ୱ (ଶ୍ରୀରଘୁନନ୍ଦନ ଭଟ୍ଟାଚାର୍ଯ୍ୟ ପ୍ରଣୀତ), ଉଜ୍ଜ୍ୱଳନୀଳମଣି- (ଶ୍ରୀରୂପଗୋସ୍ୱାମୀପାଦ୍ କୃତ), ଉପଦେଶାମୃତ(ଶ୍ରୀରୂପପାଦ୍ କୃତ), କଠୋପନିଷତ୍, କର୍ଣ୍ଣାନନ୍ଦ(ଶ୍ରୀନରହରି ଦାସ), କୃଷ୍ଣକର୍ଣ୍ଣାମୃତମ୍ (ଶ୍ରୀଲୀଳାଶୁକ ବିରଚିତ), କୃଷ୍ଣଭଜନାମୃତ (ଶ୍ରୀଳନରହରିସରକାର ଠାକୁର), କୃଷ୍ଣସନ୍ଦର୍ଭ (ଶ୍ରୀଜୀବପାଦ୍ କୃତ), କ୍ରମଦୀପିକା (ଶ୍ରୀକେଶବାଚାର୍ଯ୍ୟ ବିରଚିତ), କ୍ରମସନ୍ଦର୍ଭ (ଶ୍ରୀଜୀବଗୋସ୍ୱାମୀପାଦ୍), ଗୀତା, ଗୋପାଳଚମ୍ପୁ (ଶ୍ରୀଜୀବପାଦ୍), ଗୋପାଳସହସ୍ରନାମ, ଗୁରୁଚରଣ ସ୍ମରଣାଷ୍ଟକମ୍ ଓ ଗୁରୁଦେବାଷ୍ଟକମ୍ (ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍), ଗୌତମୀୟ ତନ୍ତ୍ର, ଚୈତନ୍ୟ ଚରିତାମୃତ(ଶ୍ରୀଳକବିରାଜ ଗୋସ୍ୱାମୀପାଦ୍) , ଚୈତନ୍ୟଭାଗବତ (ଠାକୁର ବୃନ୍ଦାବନ ଦାସ), ଚୈତନ୍ୟଚରିତ ମହାକାବ୍ୟ(ଶ୍ରୀମୁରାରି ଗୁପ୍ତ), ଚୈତନ୍ୟଚନ୍ଦ୍ରୋଦୟ ନାଟକ(ଶ୍ରୀଳ କବିକର୍ଣ୍ଣପୁର ଗୋସ୍ୱାମୀ), ଚୈତନ୍ୟ ମଙ୍ଗଳ(ଶ୍ରୀଲୋଚନ ଦାସ ଠାକୁର), ଛାନ୍ଦୋଗ୍ୟ ଉପନିଷତ୍, (ମଧ୍ୱଭାଷ୍ୟ) ତତ୍ତ୍ୱ ପ୍ରକାଶିକା ଟୀକା, ତତ୍ତ୍ୱସାର, ଦାନକେଳିକୌମୁଦୀ(ଶ୍ରୀରୂପପାଦ୍), ଦିଗଦର୍ଶିନୀ ଟୀକା(ଶ୍ରୀସନାତନପାଦ୍), ଦୁର୍ଗମ ସଙ୍ଗମନୀ(ଶ୍ରୀଜୀବପାଦ୍), ନାରଦ ପଞ୍ଚରାତ୍ର, ନିତାଇ ସୁନ୍ଦର ପିତ୍ରିକା, ନିର୍ବାନାଷ୍ଟକ (ଶଙ୍କରାଚାର୍ଯ୍ୟ କୃତ), ପଦକଳ୍ପତରୁ, ପଦାମୃତସମୁଦ୍ର(ଶ୍ରୀରାଧାମୋହନ ଠାକୁର), ପଦ୍ମପୁରାଣ, ପୂର୍ବମାମାଂସା ସୂତ୍ର, ପ୍ରାର୍ଥନା ଓ ପ୍ରେମଭକ୍ତି ଚନ୍ଦ୍ରିକା(ଶ୍ରୀନରୋତ୍ତମ ଦାସ ଠାକୁର), ପ୍ରୀତିସନ୍ଦର୍ଭ(ଶ୍ରୀଜୀବପାଦ୍), ପ୍ରେମବିଳାସ(ଶ୍ରୀନିତ୍ୟାନନ୍ଦ ଦାସ), ବଚନ ଭୂଷଣ, ବଶିଷ୍ଠ ସଂହିତା, ବିଳାପ କୁସୁମାଞ୍ଜଳି(ଶ୍ରୀରଘୁନାଥ ଦାସ ଗୋସ୍ୱାମୀ), ବିଷ୍ଣୁ ସହସ୍ରନାମ ସ୍ତୋତ୍ର, ବୃହତ୍ ବୈଷ୍ଣବ ତୋଷଣୀ(ଶ୍ରୀସନାତନପାଦ୍), ବୃହତ୍ ଭାଗବତାମୃତ(ଶ୍ରୀସନାତନପାଦ୍), ବୈଷ୍ଣବ ବନ୍ଦନା(ଶ୍ରୀଦେବକୀନନ୍ଦନ ଦାସ), ବ୍ରହ୍ମସଂହିତା, ଭକ୍ତିସନ୍ଦର୍ଭ(ଶ୍ରୀଜୀବପାଦ୍), ଭକ୍ତିରସାମୃତସିନ୍ଧୁ (ଶ୍ରୀରୂପପାଦ୍), ଭାବାର୍ଥ ଦୀପିକା(ଶ୍ରୀଧରସ୍ୱାମୀ), ମନଃ ଶିକ୍ଷା(ଶ୍ରୀରଘୁନାଥ ଦାସ ଗୋସ୍ୱାମୀ), ମନ୍ତ୍ରସ୍ମୃତି, ସ୍ମରଣପଦ୍ଧତି, ମାଧବମହୋତ୍ସବ(ଶ୍ରୀଜୀବପାଦ୍), ମାଧୁର୍ଯ୍ୟକାଦମ୍ବିନୀ (ଶ୍ରୀଚକ୍ରବର୍ତିପାଦ୍), ମୁକ୍ତାଚରିତ(ଶ୍ରୀରଘୁନାଥ ଦାସ ଗୋସ୍ୱାମୀ), ମୁଣ୍ଡକୋପନିଷତ୍, ରଘୁନାଥଭଟ୍ଟ ଗୋସ୍ୱାମୀଷ୍ଟକମ୍, ରସିକ ମଙ୍ଗଳ, ରାଗବର୍ତ୍ମ ଚନ୍ଦ୍ରିକା(ଶ୍ରୀଚକ୍ରବର୍ତିପାଦ୍), ରାଧାତନ୍ତ୍ର, ରାଧାକୃଷ୍ଣାର୍ଚ୍ଚନ ଦୀପିକା, ଶ୍ୱେତାଶ୍ୱତରୋପନିଷତ୍ ସତ୍‌କ୍ରିୟାସାର ଦୀପିକା, ସଂସ୍କାର ଦୀପିକା, ସଂକ୍ଷେପବୈଷ୍ଣବ ତୋଷଣୀ (ଶ୍ରୀଜୀବପାଦ୍), ସାଧନାମୃତଚନ୍ଦ୍ରିକା(ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜ), ସାଧନ ଦୀପିକା, ସାରାର୍ଥଦର୍ଶିନୀ(ଶ୍ରୀଚକ୍ରବର୍ତିପାଦ୍), ସାଂଖ୍ୟାୟନ ବ୍ରାହ୍ମଣ, ସିଦ୍ଧ ଜୀବନ, ହରିଭକ୍ତି ତତ୍ତ୍ୱସାର(ଶ୍ରୀପୁରୁଷୋତ୍ତମ ଠାକୁର), ହରିଭକ୍ତି ବିଳାସ (ଶ୍ରୀସନାତନପାଦ୍) ।

* **ବିଶେଷ ଦ୍ରଷ୍ଟବ୍ୟ :-** ଯାନ୍ତ୍ରିକ ତୃଟିଯୋଗୁ '୧' ଗୁଡ଼ିକ 'ଜ୍ଞ' ହୋଇଯାଇଛି । ଯଥାଯୋଗ୍ୟ ସଂଶୋଧନ ଅନ୍ତେ ମଧ୍ୟ କେତେକ ସ୍ଥାନରେ ତୃଟି ରହିଯାଇଥିବାର ସମ୍ଭାବନା ରହିଛି ।

ଶ୍ରୀଗୁରୁତତ୍ତ୍ୱ ମଞ୍ଜୁଷା

(ଗୌଡ଼ିୟବୈଷ୍ଣବ ସିଦ୍ଧାନ୍ତାନୁସାରେ ଶ୍ରୀଗୁରୁତତ୍ତ୍ୱ ନିର୍ଣ୍ଣୟ ।)

ମଙ୍ଗଳାଚରଣ

ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା

ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ।।(ଶ୍ରୀଗୌତମୀୟତନ୍ତ୍ର–୭ମ ଅଧ୍ୟାୟ)

ଯିଏ ଜ୍ଞାନରୂପକ ଅଞ୍ଜନ–ଶଳାକା ଦ୍ୱାରା ଅଜ୍ଞାନ–ତିମିରରେ ଅନ୍ଧ ଜନଙ୍କର ନୟନ ଉନ୍ମୀଳନ କରିଅଛନ୍ତି, ସେହି ଶ୍ରୀଗୁରୁଦେବଙ୍କୁ ନମସ୍କାର କରୁଅଛି ।

ଅଖଣ୍ଡ–ମଣ୍ଡଳାକାରଂ ବ୍ୟପ୍ତଂ ଯେନ ଚରାଚରମ୍ ।

ତତ୍‌ପଦଂ ଦର୍ଶିତଂ ଯେନ, ତସ୍ମୈ ଶ୍ରୀଗୁରବେ ନମଃ ।।

ଯିଏ ଅଖଣ୍ଡ ମଣ୍ଡଳାକାରରେ ନିର୍ବିଶେଷ ଓ ଅବ୍ୟକ୍ତଭାବରେ ଚରାଚରରେ ବ୍ୟାପ୍ତ ହୋଇ ରହିଅଛନ୍ତି, ସେହି ତାହାଙ୍କୁ ସବିଶେଷ ଓ ସମୂର୍ତରୂପେ ତାହାଙ୍କ ଶ୍ରୀଚରଣଯୁଗଳର ଯିଏ ଦର୍ଶନ କରାଇଥାଆନ୍ତି, ସେହି ଶ୍ରୀଗୁରୁଦେବଙ୍କୁ ନମସ୍କାର ।

ନିରସ୍ୟ ସର୍ବସନ୍ଦେହ ମେକୀକୃତ୍ୟ ସୁଦର୍ଶନମ୍ ।

ପ୍ରକାଶିତ–ରହସ୍ୟଂ ତଂ ଭଜାମି ଗୁରୁମୀଶ୍ୱରମ୍ ।।(ଶ୍ରୀଧରସ୍ୱାମି–ଭାବାର୍ଥ ଦୀପିକା ୧୧।୨୨)

ଯିଏ ସମସ୍ତ ସଂଶୟରାଶିକୁ ନିରସନପୂର୍ବକ ସୁଦର୍ଶନକୁ ଏକତ୍ର ସମାବିଷ୍ଟ କରି ମୋ ନିକଟରେ ରହସ୍ୟ ପ୍ରକାଶ କରିଅଛନ୍ତି, ସେହି ଈଶ୍ୱରସ୍ୱରୂପ ଗୁରୁଦେବଙ୍କୁ ଭଜନ କରୁଅଛି ।

ଚିନ୍ତାମଣିର୍ଜୟତି ସୋମଗିରିର୍ଗୁରୁର୍ମେ

ଶିକ୍ଷାଗୁରୁଶ୍ଚ ଭଗବାନ୍ ଶିଖିପିଞ୍ଛମୌଳିଃ ।

ଯତ୍‌ପାଦକଳ୍ପତରୁପଲ୍ଲବଶେଖରେଷୁ

ଲୀଳାସ୍ୱୟମ୍ବର–ରସଂ ଲଭତେ ଜୟଶ୍ରୀଃ ।।(ଶ୍ରୀକୃଷ୍ଣକର୍ଣାମୃତ–୧)

ଆଶ୍ରୟ ମାତ୍ରକେ ସର୍ବାଭୀଷ୍ଟପୂରକ ଚିନ୍ତାମଣି ସ୍ୱରୂପ ଶ୍ରୀମତ୍ ସୋମଗିରି ନାମକ ଶ୍ରୀମନ୍ତ୍ରଗୁରୁଙ୍କ ଜୟ ହେଉ ଏବଂ ଯାହାଙ୍କର ପଦକଳ୍ପତରୁର ପଲ୍ଲବଶେଖରରେ ଅର୍ଥାତ୍ ପଦନଖାଗ୍ରରେ ଜୟଶ୍ରୀ ଶ୍ରୀରାଧା ଲୀଳାବଶତଃ ସ୍ୱତଃ ପ୍ରଣୋଦିତା ହୋଇ ସ୍ୱୟମ୍ବର ସୁଖ ଲାଭ କରନ୍ତି, ସେହି ମୋର ଶିକ୍ଷାଗୁରୁ ଶିଖିପିଞ୍ଛମୌଳି ବ୍ରଜେନ୍ଦ୍ରନନ୍ଦନ ଶ୍ରୀକୃଷ୍ଣଙ୍କର ଜୟ ହେଉ ।

ଶ୍ରୀକୃଷ୍ଣ ନାମାମୃତବର୍ଷବକ୍ତ୍ରଚନ୍ଦ୍ର ପ୍ରଭାଧ୍ୱସ୍ତମୋହଭରାୟ ।

ଗୌରାଙ୍ଗ ଦେବାନୁଚରାୟ ତସ୍ମୈ ନମୋ ନମଃ ଶ୍ରୀଳ ଗୁରୁତ୍ତମାୟ ।।

ନମସ୍ତେ ଗୁରୁଦେବାୟ ସର୍ବସିଦ୍ଧି ପ୍ରଦାୟିନେ । ସର୍ବମଙ୍ଗଳରୂପାୟ ସର୍ବାନନ୍ଦ ବିଧାୟିନେ ।।

ଭୂମୌ ନିପତ୍ୟ ରଦନୈ ସ୍ତୃଣମାଦଦାନଃ । ଶ୍ରୀମଦ୍‌ଗୁରୋଃ ପଦଯୁଗଂ ଶତକୃତ୍ୱ ବନ୍ଦେ ।।(ଦୈନ୍ୟ ବୋଧକ)

ନାମଶ୍ରେଷ୍ଠଂ ମନୁମପି ଶଚୀପୁତ୍ରମତ୍ର ସ୍ୱରୂପଂ

ରୂପଂ ତସ୍ୟାଗ୍ରଜମୁରୁପୁରୀ ମାଥୁରୀଂ ଗୋଷ୍ଠବାଟୀମ୍ ।

ରାଧାକୁଣ୍ଡ ଗିରିବରମହୋ ରାଧିକା–ମାଧବାଶାଂ

ପ୍ରାପ୍ତୋ ଯସ୍ୟ ପ୍ରଥିତ–କୃପୟା ଶ୍ରୀଗୁରୁଂ ତଂ ନତୋଽସ୍ମି ।।(ମୁକ୍ତାଚରିତ–୪ର୍ଥଶ୍ଲୋକ)

ଅହୋ ! ଯାହାଙ୍କ ସୁବିଶାଳ କୃପା-କଳ୍ପତରୁର ଆଶ୍ରୟରେ ଏହି ଜଗତରେ ନାମ ଶ୍ରେଷ୍ଠ (ସର୍ବଭଗବନ୍ନାମର କାରଣ ବା ଅଂଶୀ) 'ହରେକୃଷ୍ଣ' ମହାମନ୍ତ୍ର ତଥା ଶ୍ରୀଗୋପାଳମନ୍ତ୍ର, ଶ୍ରୀଶଚୀନନ୍ଦନ, ତାହାଙ୍କ ଦ୍ୱିତୀୟସ୍ୱରୂପ ଶ୍ରୀସ୍ୱରୂପଦାମୋଦର, ଶ୍ରୀରୂପ, ତଦଗ୍ରଜ ଶ୍ରୀସନାତନ, ଶ୍ରୀମଥୁରାମଣ୍ଡଳ, ଶ୍ରୀବୃନ୍ଦାବନ, ଶ୍ରୀଗିରିରାଜ, ଶ୍ରୀଗୋବର୍ଦ୍ଧନ, ଶ୍ରୀରାଧାକୁଣ୍ଡ ଓ ଶ୍ରୀରାଧାମାଧବଙ୍କ ଚରଣ ସେବାର ଆଶା ପ୍ରାପ୍ତ ହୋଇଅଛି, ସେହି ଶ୍ରୀଗୁରୁଦେବଙ୍କୁ ନମସ୍କାର କରୁଅଛି ।

ଅମିତ-ଭବଦାବାଗ୍ନୌ ଦହ୍ୟମାନଂ ଚିରାନ୍ମାଂ
କଥମପି କଳୟିତ୍ୱା ପୂର୍ଣ୍ଣକାରୁଣ୍ୟମୂର୍ତ୍ତିଃ ।
ନିଜ-ସହଜଜନାନ୍ତେ ସ୍ୱୀଚକାରେଶ୍ୱରୋ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ ୧/୧୪୨)

ଚିରକାଳ ଅସୀମ ସଂସାରତାପରେ ଦହ୍ୟମାନ ମୋତେ ଯେ କୌଣସି ପ୍ରକାରରେ ଉଦ୍ଧାର କରି ଯେଉଁ ପୂର୍ଣ୍ଣ କରୁଣାବିଗ୍ରହ ଈଶ୍ୱର, ନିଜ ଅନ୍ତରଙ୍ଗ ଜନଙ୍କ ସମୀପରେ ସ୍ଥାପନ ପୂର୍ବକ ଅଙ୍ଗୀକାର କରିଛନ୍ତି, ସେହି ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ ବା ଶ୍ରୀକୃଷ୍ଣହିଁ ଯାହାଙ୍କର ଅଭୀଷ୍ଟଦେବ ସେହି ଶ୍ରୀକୃଷ୍ଣାଭିନ୍ନବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଶ୍ରୀରୂପଗୋସ୍ୱାମିପ୍ରଭୁପାଦଙ୍କୁ ଏହି ଶ୍ରୀବୃନ୍ଦାବନରେ ନିରନ୍ତର ଭଜନ କରୁଅଛି ।

ନିଖିଳଜନ-କୁପୂୟଂ ମାଂ କୃପାପୂର୍ଣ୍ଣଚେତା
ନିଜଚରଣ ସରୋଜ-ପ୍ରାନ୍ତଦେଶେ ପ୍ରଣୀୟ ।
ନିଜ-ଭଜନପଦବ୍ୟାବର୍ତୟଦ୍ ଭୂରିଶୋ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୨/୧୦୬)

ଯିଏ ଦୟାର୍ଦ୍ରଚିତ୍ତ ନିଖିଳ ଜନଗଣଙ୍କ ମଧ୍ୟରେ କୁତ୍ସିତ୍ ମୋତେ ନିଜ ଓ ନିଜ ଭକ୍ତଗଣଙ୍କର ଶ୍ରୀପାଦପଦ୍ମର ପ୍ରାନ୍ତଦେଶକୁ ଅଣାଇ ପୁନଃ ପୁନଃ ନିଜ ଭଜନ ପଥରେ ରକ୍ଷା କରିଅଛନ୍ତି, ସେହି ପରମ ରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ (ଶ୍ରୀକୃଷ୍ଣ ପ୍ରକାଶ-ବିଗ୍ରହଙ୍କୁ) ବା ଶ୍ରୀକୃଷ୍ଣହିଁ ଯାହାଙ୍କର ଅଭୀଷ୍ଟଦେବ, ସେହି ଶ୍ରୀଗୁରୁଦେବ ଶ୍ରୀରୂପଗୋସ୍ୱାମୀ ପ୍ରଭୁପାଦଙ୍କୁ ଏହି ଶ୍ରୀବୃନ୍ଦାବନରେ ନିତ୍ୟକାଳ ସେବା କରୁଅଛି ॥

ଅଶୁଚିମରୁଚିମନ୍ତଂ ସନ୍ତତଂ ଭକ୍ତିଯୋଗେ
ବିହିତବିଦିତମନ୍ତୁ ବନ୍ଧୁଜାତାଧମଞ୍ଚ ।
ଅକୃପଣକରୁଣାଭିଃ ପାତି ମାଂ ପାତିନଂ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୩/୧୧୯)

ଅପବିତ୍ର, ଭକ୍ତିଯୋଗରେ ସର୍ବଦା ଅରୁଚିଶୀଳ, ଶାସ୍ତ୍ରସଦାଚାରାଦି ଜ୍ଞାନି ମଧ୍ୟ ଅନ୍ୟଥାଚରଣ ରୂପି ଅପରାଧ-ପରାୟଣ ଏବଂ ନିଖିଳ ପ୍ରାଣୀଗଣଙ୍କ ମଧ୍ୟରେ ଅଧମ ଓ ପାତକୀ ମୋତେ ଯେଉଁ କରୁଣାସାଗର ନିଜ ମହତୀ କରୁଣା ଦ୍ୱାରା ସର୍ବଦା ରକ୍ଷା କରନ୍ତି, ସେହି ମହାରୂପବାନ୍ କ୍ରୀଡ଼ାବିନୋଦି ଶ୍ରୀକୃଷ୍ଣଦେବଙ୍କୁ ବା ଶ୍ରୀକୃଷ୍ଣାଭିନ୍ନବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଲରୂପଗୋସ୍ୱାମି ପ୍ରଭୁପାଦଙ୍କୁ ମୁଁ ଏହି ଶ୍ରୀବୃନ୍ଦାବନରେ ନିତ୍ୟକାଳ ଭଜନ କରୁଅଛି ॥

ଅତିମୁନିମତିବୃନ୍ଦାଂ ବୃନ୍ଦକା-କାନନୀୟାଂ
ନିଜଚରିତସୁଧାଳୀଂ ବନ୍ଧୁ-ହୃତ୍‌ସିନ୍ଧୁପାଳୀମ୍ ।
ବିଷ୍ଣୁରିବ ବିଧୁରଂ ମାଂ ତାଞ୍ଚ ସମ୍ୟଞ୍ଚୟଦ୍ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୪/୧୧୧)

ଚନ୍ଦ୍ର ଯେପରି ସୁଧାରାଶିକୁ ପ୍ରକାଶ କରେ ଓ ସିନ୍ଧୁକୁ ପାଳନ ଅର୍ଥାତ୍ ସିନ୍ଧୁର ଆନନ୍ଦ ବର୍ଦ୍ଧନ କରେ, ତଦ୍ରୂପ ଯିଏ ମୋ ପରି ବିକଳ ଜୀବକୁ ମୁନିଗଣଙ୍କର ମଧ୍ୟ ବୁଦ୍ଧିର ଅଗମ୍ୟ ଶ୍ରୀବ୍ରଜବାସୀ ବନ୍ଧୁଗଣଙ୍କର ହୃଦୟରୂପି ସିନ୍ଧୁର ଆନନ୍ଦବୃଦ୍ଧିକର ଶ୍ରୀବୃନ୍ଦାବନୀୟ ନିଜଚରିତ ସୁଧାରାଶି ସମ୍ୟଗ୍‌ରୂପେ ପ୍ରକଟ କରି ଦେଖାଇଅଛନ୍ତି, ସେହି ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ, ପକ୍ଷାନ୍ତରେ ଶ୍ରୀକୃଷ୍ଣପ୍ରେଷ୍ଠ ବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଳ ରୂପଗୋସ୍ୱାମି ପ୍ରଭୁପାଦଙ୍କୁ ମୁଁ ଏହି ଶ୍ରୀବୃନ୍ଦାବନରେ ନିତ୍ୟସେବା ଅରୁଅଛି ।

ସ୍ୱପଦ-ନଖରମିନ୍ଦୁଂ ତାପଦପ୍ତାୟ ଦତ୍ତେ
ମୁକୁରମଜିତ-ଭକ୍ତ୍ୟା ସ୍ୱଂ ପରିଷ୍ଫୁର୍ବତେ ଚ ।
ଅପି କିମପି କମିତ୍ରେ ଯସ୍ତୁ ଚିନ୍ତାମଣିଂ ମେ
ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୫/୯୭)

ଯିଏ ତାପତ୍ରୟଦପ୍ତ ମୋର ହୃଦୟରେ ନିଜ ଶ୍ରୀଚରଣନଖର-ଚନ୍ଦ୍ରମା ବିତରଣ କରିଅଛନ୍ତି, ଯିଏ ଅବ୍ୟଭିଚାରିଣୀ ଭକ୍ତିଦାନରେ ମୋର ଚିତ୍ତଦର୍ପଣ ପରିମାର୍ଜ୍ଜନ କରୁଅଛନ୍ତି, ଯିଏ କୌଣସି ତୁଚ୍ଛ ବସ୍ତୁ ପ୍ରାର୍ଥନା କରିଲେ ମଧ୍ୟ ସାକ୍ଷାତ୍ ଚିନ୍ତାମଣିହିଁ ଦାନ କରନ୍ତି, ସେହି ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ, ବା ଶ୍ରୀକୃଷ୍ଣଙ୍କ ପ୍ରିୟତମସ୍ୱରୂପ ଶ୍ରୀଗୁରୁଦେବ ଶ୍ରୀରୂପଗୋସ୍ୱାମୀ ପ୍ରଭୁପାଦଙ୍କୁ ମୁଁ ନିତ୍ୟ ଭଜନ କରୁଅଛି ।

ଅକୃତ-ମୃତମିବାମୁଂ ମାଂ ପ୍ରସାଦାମୃତାନ୍ତଂ
ତମଥ ବଲିତବାଲ୍ୟଂ ପାଦପଦ୍ମାବଲମ୍ବେ ।
ତଦପି କଳିତ-ଲୌଲ୍ୟଂ ସ୍ନେହଦୃଷ୍ଟ୍ୟା ବୃତୌ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୬/୧୪୮)

ଯିଏ ମୋପରି ମୃତପ୍ରାୟ ଜୀବକୁ ପ୍ରସାଦରୂପି ଅମୃତ-ପ୍ରଦାନରେ ଅମୃତ କରିଅଛନ୍ତି, ଯିଏ ବାଳକସୁଲ୍ଲଭ ଚାଞ୍ଚଲ୍ୟ ବିଶିଷ୍ଟ ବା ମୂର୍ଖ ମୋତେ ମଧ୍ୟ ଶ୍ରୀପାଦପଦ୍ମାବଲମ୍ବନ ଦାନ କରିଅଛନ୍ତି ଏବଂ ସେଥିରେ ମଧ୍ୟ ପୁନରାୟ ମହାଚଞ୍ଚଳ ଦେଖି ସ୍ନେହଦୃଷ୍ଟିଦ୍ୱାରା ଆବରଣ ବା ରକ୍ଷା କରିଅଛନ୍ତି, ସେହି କୋଟି କୋଟି ମାତୃବାତ୍ସଲ୍ୟବିଜୟୀ ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ ବା ଶ୍ରୀକୃଷ୍ଣାଭିନ୍ନବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଳ ରୂପଗୋସ୍ୱାମି ପ୍ରଭୁପାଦଙ୍କୁ ମୁଁ ଏହି ଶ୍ରୀବୃନ୍ଦାବନରେ ନିତ୍ୟ ଭଜନ କରୁଅଛି ।

ଅହମତିଶୟତପ୍ତୋ ଯଃ କୃପାପୂରିତ ଗ୍ଲୌ-
ରହମତିମତିଶୀତଃ ପାପ୍ମନାଂ ପାବକୋ ଯଃ ।
ଅହମସମତମସ୍ୱାନ୍ ବେଦଧାମା ସ୍ୱୟଂ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୭/୧୬୮)

ମୁଁ ଭବ-ମହାଦାବାନଳରେ ଅତିଶୟ ତପ୍ତ, ଆଉ ଯିଏ କୃପାପୂର୍ଣ୍ଣ ସୁଧାଂଶୁ, ମୁଁ ମହାଶୀତଳ (ଜଡ଼, ଅଳସ)-ଆଉ ଯିଏ ପାପରାଶି (ବହିର୍ମୁଖ ଜଡ଼ତା) ପକ୍ଷେ ପାବକ (ଅଗ୍ନିସଦୃଶ), ମୁଁ ମହା ଅଜ୍ଞାନ-ଆଉ ଯିଏ ମୂର୍ତ୍ତିମାନ୍ ବେଦସ୍ୱରୂପ (ଭଗବଦ୍‌ଜ୍ଞାନର ଆକର), [illegible]ପାଦ ଶ୍ରୀକୃଷ୍ଣଦେବଙ୍କୁ (ଶ୍ରୀକୃଷ୍ଣପ୍ରିୟତମ ଶ୍ରୀଗୁରୁଦେବ, ଶ୍ରୀରୂପଗୋସ୍ୱାମୀ ପ୍ରଭୁପାଦଙ୍କୁ) ନିତ୍ୟ ସେବା କରୁଅଛି ।

ନିଜଗୁଣଗଣଦାମ୍ନା ବିପ୍ରମୁକ୍ତାନିରୁନ୍ଧେ
ପ୍ରଣୟବିନୟଜାଲୈ ରୁଧ୍ୟତେ ତୈଃ ସମନ୍ତାତ୍ ।
ଅଥ ଚ ବିପଥପନ୍ନଂ ତ୍ରାୟତେ ମଦ୍ବିଧଂ ଯ-
ସ୍ତମିହ ମହିତରୂପଂ କୃଷ୍ଣଦେବଂ ନିଷେବେ ॥(ଶ୍ରୀମାଧବମହୋତ୍ସବ-୮/୧୭୩)

ଯିଏ ନିଜ ଗୁଣଗଣରୂପ ରଜ୍ଜୁଦ୍ୱାରା ମୁକ୍ତ ଜୀବକୁଳଙ୍କୁ ନିରୋଧ କରନ୍ତି ଏବଂ ସେମାନଙ୍କର ପ୍ରଣୟଗର୍ଭ ବିନୟ-ଜାଲରେ ସ୍ୱୟଂହିଁ ଆବଦ୍ଧ ହୁଅନ୍ତି, ଅଥଚ ଯିଏ ବିପଥେ ବିଚରଣଶୀଳ ମୋପରି ଜୀବକୁ ମଧ୍ୟ ଉଦ୍ଧାର କରନ୍ତି, ସେହି ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ ବା ଶ୍ରୀକୃଷ୍ଣାଭିନ୍ନବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଳ ରୂପଗୋସ୍ୱାମି ପ୍ରଭୁପାଦଙ୍କୁ ମୁଁ ଏହି ଶ୍ରୀବୃନ୍ଦାବନରେ ନିତ୍ୟ ଭଜନ କରୁଅଛି ।

ଉଭୟ-ଭୁବନ-ଭବ୍ୟଂ ଯଃ ସଦା ମେ ବିଧାତା
ନିଧିବଦପି ଯଦୀୟଂ ପାଦପଦ୍ମ ନିଷେବ୍ୟମ୍ ।
ଅକୃପଣା-କୃପୟା ସ୍ୱପ୍ରେମଦଃ ସର୍ବଦା ଯ-,
ସ୍ତମିହ ମହିତରୂପଂ କୃଷ୍ଣଦେବ ନିଷେବେ ॥(ଶ୍ରୀମାଧବମହୋତ୍ସବ-୯/୧୦୬)

ଯିଏ ମୋର ଇହପରକାଳର ନିତ୍ୟମଙ୍ଗଳ ସର୍ବଦା ବିଧାନ କରୁଅଛନ୍ତି, ଯାହାଙ୍କ ଶ୍ରୀପାଦପଦ୍ମ ରତ୍ନ ପରି ମୋର ପରମ ସେବ୍ୟ, ଯିଏ ଉଦାର କୃପାଦ୍ୱାରା ସର୍ବଦା ନିଜ ପ୍ରେମଭକ୍ତି ବିତରଣ କରୁଅଛନ୍ତି, ସେହି ମହାରୂପବାନ୍ ଶ୍ରୀକୃଷ୍ଣଦେବଙ୍କୁ ବା ଶ୍ରୀକୃଷ୍ଣାଭିନ୍ନବିଗ୍ରହ ଶ୍ରୀଗୁରୁଦେବ ଶ୍ରୀଳ ରୂପଗୋସ୍ୱାମି ପ୍ରଭୁପାଦଙ୍କୁ ମୁଁ ଏହି ଶ୍ରୀବୃନ୍ଦାବନରେ ନିରନ୍ତର ଭଜନା କରୁଅଛି ।

ବନ୍ଦେଽହଂ ଶ୍ରୀଗୁରୋଃ ଶ୍ରୀଯୁତପଦକମଳଂ ଶ୍ରୀଗୁରୂନ୍ ବୈଷ୍ଣବାଂଶ୍ଚ
ଶ୍ରୀରୂପଂ ସାଗ୍ରଜାତଂ ସହଗଣରଘୁନାଥାନ୍ୱିତଂ ତଂ ସଜୀବମ୍ ।
ସାଦ୍ୱୈତଂ ସାବଧୂତଂ ପରିଜନସହିତଂ କୃଷ୍ଣଚୈତନ୍ୟ ଦେବଂ
ଶ୍ରୀରାଧାକୃଷ୍ଣପାଦାନ୍ ସହଗଣଲଳିତା-ଶ୍ରୀବିଶାଖାନ୍ୱିତାଂଶ୍ଚ ॥(ଚୈ:ଚ:-ଆ।୨।୧)

ମୁଁ ଶ୍ରୀଦୀକ୍ଷାଗୁରୁଙ୍କ ଶ୍ରୀଚରଣକମଳ ବନ୍ଦନା କରୁଅଛି, ଶ୍ରୀଶିକ୍ଷାଗୁରୁବର୍ଗଙ୍କୁ (ବର୍ତ୍ମ-ପ୍ରଦର୍ଶକଗୁରୁ, ଶ୍ରବଣଗୁରୁ, ଭଜନଶିକ୍ଷାଗୁରୁଗଣଙ୍କୁ) ଓ ବୈଷ୍ଣବଗଣଙ୍କୁ ବନ୍ଦନା କରୁଅଛି, ଅଗ୍ରଜ ଶ୍ରୀସନାତନପାଦଙ୍କ ସହିତ, ସଗଣ ଶ୍ରୀରଘୁନାଥଭଟ୍ଟ ଓ ଶ୍ରୀରଘୁନାଥ ଦାସ ଗୋସ୍ୱାମିପାଦଙ୍କ ସହିତ ଏବଂ ଶ୍ରୀଜୀବଗୋସ୍ୱାମୀପାଦଙ୍କ ସହିତ ଶ୍ରୀମତ୍ ରୂପଗୋସ୍ୱାମୀପାଦଙ୍କୁ ବନ୍ଦନା କରୁଅଛି, ଶ୍ରୀନିତ୍ୟାନନ୍ଦ ଓ ଶ୍ରୀଅଦ୍ୱୈତଙ୍କ ସହିତ ଓ ପରିକରବର୍ଗଙ୍କ ସହିତ ଶ୍ରୀକୃଷ୍ଣଚୈତନ୍ୟଦେବଙ୍କୁ ବନ୍ଦନା କରୁଅଛି ଏବଂ ପରିକରଗଣଙ୍କ ସହିତ ଶ୍ରୀଶ୍ରୀଲଳିତା-ବିଶାଖାଦି-ସଖୀସମନ୍ୱିତ ଶ୍ରୀଶ୍ରୀରାଧାକୃଷ୍ଣ ଯୁଗଳଙ୍କୁ ବନ୍ଦନା କରୁଅଛି ।

ପଙ୍ଗୁର୍ଭମତି ବ୍ରହ୍ମାଣ୍ଡଂ ମୂର୍ଖୋ ବେଦାର୍ଥବିଭବେତ୍ ।
କୃପାଲେଶେନ ଯସ୍ୟାହଂ ବନ୍ଦେ ତଂ ଗୁରୁମୀଶ୍ୱରମ୍ ॥(ପଦାମୃତସମୁଦ୍ର-୩)

-ଯାହାଙ୍କ କୃପାଲେଶ ପ୍ରଭାବରେ ପଙ୍ଗୁ ବ୍ୟକ୍ତି ମଧ୍ୟ ବ୍ରହ୍ମାଣ୍ଡ ଭ୍ରମଣ କରିପାରେ ଏବଂ ମୁର୍ଖ ମଧ୍ୟ ବେଦାର୍ଥ ଜାଣିପାରେ, ମୁଁ ସେହି ଶ୍ରୀଗୁରୁଦେବଙ୍କୁ ଅଥବା ଷଡ଼ୈଶ୍ୱର୍ଯ୍ୟଯୁକ୍ତ ଈଶ୍ୱର ଶ୍ରୀକୃଷ୍ଣଙ୍କୁ ବନ୍ଦନା କରୁଅଛି ।

ତସ୍ୟ ଶ୍ରୀଗୁରୁପାଦପଦ୍ମ-ମଧୁନଃ କେନ ସ୍ତବେ ପ୍ରଭବଂ
ଯତ୍‌ପୀତଂ ସହସୈବ ହନ୍ତ ମଳିନଂ ମଚ୍ଚିତ୍ତମଭ୍ଭାଳିନଂ ।
ସଂସାରୋଗ୍ରମତଙ୍ଗଜସ୍ୟ ମଦିରାଂ ବିସ୍ମାର୍ଯ୍ୟ ବୃନ୍ଦାବନେ
ରାଧାମାଧବ-କେଳିକଳ୍ପ-ଲତିକାବାସେ ସଦାବୀବସତ୍ ॥ (ଶ୍ରୀକୃଷ୍ଣଭାବାନାମୃତ-ଅନ୍ତିମଶ୍ଲୋକ)

ହାୟ ! ମୁଁ ସେହି 'ଶ୍ରୀଗୁରୁ-ପାଦପଦ୍ମ-ମଧୁ'ର ବୈଭବ କିପରି ଭାବେ ଅବା ସ୍ତବ କରିବାକୁ ସମର୍ଥ ହେବି ? ସେହି ମଧୁ ହଠାତ୍ ପାନ କରିବାମାତ୍ରକେ ମୋ ମଳିନ ଚିତ୍ତ ରୂପୀ ମତ୍ତଭୃଙ୍ଗ, ସଂସାର ରୂପୀ ଉଗ୍ରମାତଙ୍ଗ-ମଦିରାକୁ ବିସ୍ମୃତ ହୋଇ ଶ୍ରୀବୃନ୍ଦାବନରେ ଶ୍ରୀରାଧାମାଧବଙ୍କ କେଳିକଳ୍ପଲତାଭବନରେ ସର୍ବଦା ବାସ କରୁଅଛି ।

(ଶ୍ରୀଗୁରୁ ବନ୍ଦନା)

ଶ୍ରୀଗୁରୁଚରଣ ପଦ୍ମ କେବଲ ଭକତିସଦ୍ମ
ବନ୍ଦୋଁ ମୁଇଁ ସାବଧାନ ମତେ ।
ଯାଁହାର ପ୍ରସାଦେ ଭାଇ ଏ ଭବ ତରିୟା ଯାଇ
କୃଷ୍ଣ ପ୍ରାପ୍ତି ହୟ ଯାଁହା ହୈତେ ॥
ଗୁରୁମୁଖ ପଦ୍ମ ବାକ୍ୟ ହୃଦେ କରି ମହାଶକ୍ୟ
ଆର ନା କରିହ ମନେ ଆଶା ।
ଶ୍ରୀଗୁରୁଚରଣେ ରତି ଏହି ସେ ଉତ୍ତମ ଗତି
ଯେ ପ୍ରସାଦେ ପୂରେ ସର୍ବ ଆଶା ।
ଚକ୍ଷୁଦାନ ଦିଲ ଯେଇ ଜନ୍ମେ ଜନ୍ମେ ପ୍ରଭୁ ସେଇ
ଦିବ୍ୟଜ୍ଞାନ ହୃଦେ ପ୍ରକାଶିତ ।
ପ୍ରେମଭକ୍ତି ଯାହା ହୈତେ ଅବିଦ୍ୟାବିନାଶ ଯାତେ
ବେଦେ ଗାୟ ଯାଁହର ଚରିତ ॥
ଶ୍ରୀଗୁରୁ କରୁଣାସିନ୍ଧୁ ଅଧମ ଜନର ବନ୍ଧୁ
ଲୋକନାଥ ଲୋକେର ଜୀବନ ।
ହା ହା ପ୍ରଭୁ କର ଦୟା ଦେହ ମୋରେ ପଦଛାୟା
ଏବେ ଯଶ ଘୁଷୁକ ତ୍ରିଭୁବନ ॥

ଆଶ୍ରୟ କରିୟା ବନ୍ଦୋଁ ଶ୍ରୀଗୁରୁ ଚରଣ । ଯାହା ହୈତେ ମିଲେ ଭାଇ କୃଷ୍ଣ ପ୍ରେମ ଧନ ॥
ଜୀବେର ନିସ୍ତାର ଲାଗି ନନ୍ଦସୁତ ହରି । ଭୁବନେ ପ୍ରକାଶ ହନ ଗୁରୁ ରୂପ ଧରି ॥
ମହିମାୟ ଗୁରୁ କୃଷ୍ଣ ଏକ କରି ଜାନ । ଗୁରୁ-ଆଜ୍ଞା ହୃଦେ ସବ ସତ୍ୟ କରି ମାନ ॥
ସତ୍ୟ ଜ୍ଞାନେ ଗୁରୁ ବାକ୍ୟେ ଯାହାର ବିଶ୍ୱାସ । ଅବଶ୍ୟ ତାହାର ହୟ ବ୍ରଜଭୂମେ ବାସ ॥
ଯାର ପ୍ରତି ଗୁରୁଦେବ ହନ ପରସନ୍ନ । କୋନ ବିଘ୍ନେ ସେହ ନାହିଁ ହୟ ଅବସନ୍ନ ॥
କୃଷ୍ଣ ରୁଷ୍ଟହୈଲେ ଗୁରୁ ରାଖିବାରେ ପାରେ । ଗୁରୁ ରୁଷ୍ଟ ହୈଲେ କୃଷ୍ଣ ରାଖିବାରେ ନାରେ ॥
ଗୁରୁ ମାତା ଗୁରୁ ପିତା ଗୁରୁହନ ପତି । ଗୁରୁ ବିନା ଏ ସଂସାରେ ନାହିଁ ଆର ଗତି ॥
ଗୁରୁକେ ମନୁଷ୍ୟ ଜ୍ଞାନ ନାକର କଖନ । ଗୁରୁ ନିନ୍ଦା କଭୁ କର୍ଣ୍ଣେ ନାକର ଶ୍ରବଣ ॥
ଗୁରୁ-ନିନ୍ଦୁକେର ମୁଖ କଭୁ ନା ହେରିବେ । ଯଥା ହୟ ଗୁରୁନିନ୍ଦା ତଥା ନା ଯାଇବେ ॥
ଗୁରୁର ବିକ୍ରିୟା ଯଦି ଦେଖହ କଖନ । ତଥାପି ଅବଜ୍ଞା-ନାହିଁ କର କଦାଚନ ॥
ଗୁରୁଦେବ କରେନ୍ ଯଦି ତାଡନ ଭର୍ତ୍ସନ । ତଥାପି ଅବଜ୍ଞା ନାହିଁ କର କଦାଚନ ॥
ଗୁରୁରୁ ପାଦପଦ୍ମେ ଯାର ରହେ ନିଷ୍ଠା ଭକ୍ତି । ଜଗତ ତାରିତେ ସେଇ ଧରେ ମହାଶକ୍ତି ॥
ହେନ ଗୁରୁ ପାଦପଦ୍ମ କରହ ବନ୍ଦନା । ଯାହା ହୈତେ ଘୁଚେ ଭାଇ ସକଳ ଯନ୍ତ୍ରଣା ॥
ଗୁରୁ ପାଦପଦ୍ମ ନିତ୍ୟ ଯେ କରେ ସେବନ । ଶିରେଧରି ବନ୍ଦି ଆମି ତାହାର ଚରଣ ॥
ଶ୍ରୀଗୁରୁଚରଣ ପଦ୍ମ ହୃଦେ କରି ଆସ । ଶ୍ରୀଗୁରୁବନ୍ଦନା କରେ ସନାତନଦାସ ॥

-୩-

ଜୟ ଜୟ ଶ୍ରୀଗୁରୁ, ପ୍ରେମକଳ୍ପତରୁ, ଅଦଭୂତ ଯାକ ପ୍ରକାଶ ।
ହିୟ ଆଗେୟାନ-ତି,-ମିରବର ଜ୍ଞାନ-ସୁ,-ଚନ୍ଦ୍ର କିରଣେ କରୁ ନାଶ ।
ଇହ ଲୋଚନ-ଆନନ୍ଦ-ଧାମ ।
ଅଯାଚିତ ଏ ହେନ, ପତିତ ହେରି ସୋ ପହୁଁ, ଯାଚି ଦେୟଲ ହରିନାମ ॥ଧ୍ରୁ॥
ଦୁରଗତି ଅଗତି-ଅ,-ସତ-ମତି ଯୋ ଜନ, ନାହି ସୁକୃତି-ଲବଲେଶ ।
ଶ୍ରୀବୃନ୍ଦାବନ,-ଯୁଗଳ-ଭଜନ-ଧନ, ତାହେ କରତ ଉପଦେଶ ॥
ନିରମଳ ଗୌର,-ପ୍ରେମରସ-ସିଞ୍ଚନେ, ପୁରଲ ସବ ମନ ଆଶ ।
ସୋ ଚରଣାମ୍ବୁଜେ, ରତି ନାହି ହୋୟଲ, ରୋୟତ ବୈଷ୍ଣବ-ଦାସ ॥

ଯସ୍ୟ ପ୍ରସାଦାଦ୍ ଭଗବତ୍‌ପ୍ରସାଦୋ
ଯସ୍ୟ ପ୍ରସାଦାନ୍ନ ଗତିଃ କୁତୋଽପି ।
ଧ୍ୟାୟଂ ସ୍ତୁବଂସ୍ତସ୍ୟ ଯଶସ୍ତ୍ରିସନ୍ଧ୍ୟଂ
ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

ଯାହାଙ୍କ ପ୍ରସନ୍ନତାରେ ଶ୍ରୀଭଗବାନଙ୍କ ପ୍ରସନ୍ନତା ହୁଏ, ଆଉ ଯିଏ ଅପ୍ରସନ୍ନ ହେଲେ କେଉଁଠି ମଧ୍ୟ ଗତି ନାହିଁ, ସେହି ଶ୍ରୀଗୁରୁଦେବଙ୍କ କୀର୍ତିସମୂହର ତ୍ରିସନ୍ଧ୍ୟା ଧ୍ୟାନ ଓ ସ୍ତବ କରିକରି ତାହାଙ୍କ ଶ୍ରୀପାଦପଦ୍ମ ବନ୍ଦନା କରୁଅଛି ।

ଶ୍ରୀଗୁରୁପଦାଶ୍ରୟର ଅପରିହାର୍ଯ୍ୟତା

ନିତ୍ୟ ବଦ୍ଧଜୀବ ଅନାଦିକାଳରୁ ପରତତ୍ତ୍ୱ ଶ୍ରୀଭଗବାନ୍‌ଙ୍କୁ ବିସ୍ମୃତ ହୋଇ ମାୟିକ ସଂସାରର ତୁଚ୍ଛାତିତୁଚ୍ଛ କ୍ଷଣସ୍ଥାୟୀ ଇନ୍ଦ୍ରିୟସୁଖର ସମ୍ଭୋଗ ଲାଳସାରେ ଏହି ଭୟାବହ ଭବସାଗରରେ ୮୪ଲକ୍ଷ ଯୋନି ମଧ୍ୟରେ ପରିଭ୍ରମଣ କରି ଅସଂଖ୍ୟ ପ୍ରକାରରେ ତ୍ରିତାପ-ଅନଳରେ ଜର୍ଜରିତ ହେଉଅଛି । ନଶ୍ୱର ଜଡ଼ଶରୀରରେ ପ୍ରଗାଢ଼ ଅଭିନିବେଶ ତଥା ତତ୍‌ଜାତ୍ ସ୍ତ୍ରୀପୁତ୍ରକଳତ୍ରାଦିରେ ମମତ୍ୱଜ୍ଞାନର ସାନ୍ଦ୍ରତା ଯୋଗୁଁ ସ୍ୱରୂପଭ୍ରାନ୍ତ ଜୀବ ଏକ ଶୋଚନୀୟ ଅବସ୍ଥାରେ ଉପନୀତ ହୋଇଅଛି । ଅଜ୍ଞାନର ସାନ୍ଦ୍ରତିମିରରେ ତାହାର ଭୋଗଲିପ୍ସୁ ନୟନଦ୍ୱୟ ନିମିଳିତ । ଭବବ୍ୟାଧିଗ୍ରସ୍ତ ଅଜ୍ଞାନାନ୍ଧ ଜୀବ ପୂର୍ଣ୍ଣାନନ୍ଦସ୍ୱରୂପ ସଚ୍ଚିଦାନନ୍ଦମୟ ଶୃଙ୍ଗାରରସଘନ ପ୍ରେମଭାସ୍କର ଶ୍ରୀକୃଷ୍ଣଙ୍କର ଅପ୍ରାକୃତ ପ୍ରେମକିରଣର ଏକ ସାମାନ୍ୟତମ କଣିକା ଲାଭ କରିବାରୁ ଚିରବଞ୍ଚିତ । ଶ୍ରୀଗୁରୁଦେବହିଁ ଭଗବତ୍ ଜ୍ଞାନ ପ୍ରଦାନ କରି ବଦ୍ଧଜୀବର ଚକ୍ଷୁ ଉନ୍ମୀଳନ କରିଥାଆନ୍ତି । ଶାସ୍ତ୍ରରେ ବର୍ଣ୍ଣିତ ଥିବା 'ଗୁରୁ' ଶବ୍ଦର ବ୍ୟୁତ୍‌ପତ୍ତିରୁ ଜଣାଯାଏ-

'ଗୁ' କାରସ୍ତ୍ୱନ୍ଧକାରଃ ସ୍ୟାତ୍ 'ରୁ' କାର ସ୍ତନ୍ନିରୋଧକଃ ।
ଅନ୍ଧକାରନିରୋଧତ୍ୱାତ୍ ଗୁରୁରିତ୍ୟଭିଧୀୟତେ ॥

ଯିଏ, ଅଜ୍ଞାନ (ଧର୍ମ, ଅର୍ଥ, କାମ ଓ ମୋକ୍ଷ) ରୂପି ଘନ ଅନ୍ଧକାରରେ ଆଚ୍ଛନ୍ନ ଜୀବର ଅନ୍ଧକାର ନାଶ କରି ଆଲୋକ-ସ୍ୱରୂପ-ଜ୍ଞାନ ପ୍ରଦାତା - ସେ ହିଁ 'ଗୁରୁ' ।'' ଶ୍ରୀଗୌତମୀୟ ତନ୍ତ୍ରରେ ୭ମ ଅଧ୍ୟାୟରେ ଲିଖିତ ଅଛି-

ଅଜ୍ଞାନ ତିମିରାନ୍ଧସ୍ୟ ଜ୍ଞାନାଞ୍ଜନ-ଶଳାକୟା ।
ଚକ୍ଷୁରୁନ୍ମୀଳତଂ ଯେନ ତସ୍ମୈ ଶ୍ରୀଗୁରୁବେ ନମଃ ॥

ଅଜ୍ଞାନ ରୂପି ତିମିରରେ (ଚକ୍ଷୁରୋଗ ବିଶେଷରେ) ଅଥବା ଦୃଷ୍ଟିଶକ୍ତିର ବାଧକ ଅବିଦ୍ୟା ରୂପି ଅନ୍ଧକାରରେ (ଧର୍ମ-ଅର୍ଥ-କାମ-ମୋକ୍ଷରେ ଏବଂ କୃଷ୍ଣଭକ୍ତିର ବାଧକ ଶୁଭ-ଅଶୁଭ କର୍ମରେ) ଦୃଷ୍ଟିରହିତ ଅନ୍ଧଜନକୁ ଯିଏ ସର୍ବଜ୍ଞାନ ସ୍ୱରୂପ ''କୃଷ୍ଣଙ୍କ ଠାରେ ଭଗବତ୍ତାଜ୍ଞାନ' ରୂପକ ଅଞ୍ଜନକୁ (ମଧୁର ଓ ସ୍ନେହ ଦ୍ରବ୍ୟ ଦ୍ୱାରା ନିର୍ମ୍ମିତ ଏବଂ ମଧୁଦ୍ୱାରା ଉତ୍ତମରୂପେ ପେଷିତ ଭକ୍ତ୍ୟାଦି-ମହାଞ୍ଜନକୁ) 'ଦୃଷ୍ଟି-ପ୍ରସାଦିନ-ଶଳାକା' ଦ୍ୱାରା ପ୍ରୟୋଗ କରି ଅଥବା ପ୍ରକାଶକ-ଦୀପ-ଶଳାକା ଦ୍ୱାରା ଚକ୍ଷୁକୁ ପ୍ରସ୍ଫୁଟିତ ଓ ଦୃଷ୍ଟିଶକ୍ତିକୁ ଉଲ୍ଲସିତ କରିଛନ୍ତି, ସେହି ଶ୍ରୀଗୁରୁଦେବଙ୍କୁ ନମସ୍କାର କରୁଅଛି ।

ଶ୍ରୀସାଧନାମୃତଚନ୍ଦ୍ରିକାରେ ସିଦ୍ଧ ଶ୍ରୀକୃଷ୍ଣଦାସ-ବାବାଜୀ ମହାଶୟ ଉଲ୍ଲେଖ କରିଛନ୍ତି-

ଶ୍ରୀମଦ୍‌ଗୁରୁ ପଦାମ୍ବୁଜେ କୋଟି ନମସ୍କାର । ଏମନ କରୁଣାସିନ୍ଧୁ ପ୍ରଭୁ ନାହି ଆର ॥
ଅଜ୍ଞାନ ତିମିରରେ ମୋର ଅନ୍ଧ ଦୃଷ୍ଟି ଛିଲ । ଜ୍ଞାନାଞ୍ଜନ ଦିୟା ମୋର ଚକ୍ଷୁ ପ୍ରକାଶିଲ ॥
ଅଜ୍ଞାନ-ତମେର ନାମ କହିୟେ କୈତବ । ଧର୍ମ-ଅର୍ଥ-ମୋକ୍ଷ-ବାଞ୍ଛା ଏଇ ସବ ॥
ଇହାତେଇ ଅନ୍ଧଦୃଷ୍ଟି ଆଛିଲ ଆମାର । ଭାଲ-ମନ୍ଦ-ବସ୍ତୁ-ଜ୍ଞାନ ନା ଛିଲ ବିଚାର ॥
କୃପା-ଶଳାକାତେ କରି କୃଷ୍ଣଜ୍ଞାନାଞ୍ଜନ । ଦିୟା ପ୍ରକାଶିଲ ଯେହୋଁ ଏମୋର ନୟନ ॥
ଅଥବା 'ଅଜ୍ଞାନ-ତମଃ' ଅବିଦ୍ୟାର ନାମ । ସେ ଛାନିତେ ଆବରଣ ହୈଲ ଦୃଷ୍ଟିଜ୍ଞାନ ॥
ସୁଶୀତଳ ସାଧୁସଙ୍ଗ-ଶଳାକାତେ କରି । ଶ୍ରବଣାଦି-ଜ୍ଞାନାଞ୍ଜନ ଦିଲ ଦୟା କରି ॥

ତାତେ ଛାନି ଦୂର କରି' ନେତ୍ର ପ୍ରକାଶିଲ । ରାଧାକୃଷ୍ଣୋଜ୍ଜ୍ୱଳ-ଲୀଳାରତ୍ନ ଦେଖାଇଲ ॥
ଏମନ ଶ୍ରୀଗୁରୁଦେବ ପତିତପାବନ । ହରିନାମାମୃତ ଦିୟା ତାରିଲ ଭୁବନ ॥
ଯାଁର କୃପା ହୈତେ ରାଧାକୃଷ୍ଣ କୃପା ହୟ । ଯାଁର କୃପା ବିନେ କୋନ ସ୍ଥାନେ ଗତି ନୟ ॥
ଜୟ ଜୟ ଗୁରୁଦେବ ଚରଣ-କମଳ । ଯାଁହାର ସ୍ମରଣେ ନାଶେ ସବ ଅମଙ୍ଗଳ ॥
ଏଇ କୃପା କର ମୋରେ କରୁଣାସାଗର । ତୁୟା-ପାଦପଦ୍ମେ ମନ ରହୁ ନିରନ୍ତର ॥

ଅନାଦି ଭଗବତ୍ ବୈମୁଖତାହିଁ ଭବରୋଗାକ୍ରାନ୍ତ ବଦ୍ଧଜୀବର ମୂଳବ୍ୟାଧି । ଜାଗତିକ ବ୍ୟାଧିପାଇଁ ଯେପରି ନିଦାନଚିକିତ୍ସାର ବ୍ୟବସ୍ଥା ରହିଅଛି, ଠିକ୍ ସେହିପରି ବଦ୍ଧଜୀବର ଏହି ମହାବ୍ୟାଧିର ନିଦାନ ଚିକିତ୍ସାର ବ୍ୟବସ୍ଥା ଶାସ୍ତ୍ର ସମୂହରେ ଉଲ୍ଲେଖିତ ରହିଅଛି । ସତ୍-ବୈଦ୍ୟ ନିଦାନ ବା ରୋଗରମୂଳ ଅନୁସାରେହିଁ ବିପରୀତ ଚିକିତ୍ସାର ବ୍ୟବସ୍ଥା କରନ୍ତି ଅର୍ଥାତ୍ ଯେପରି ଗୁରୁଭୋଜନରେ ଉଦରଯନ୍ତ୍ରଣା ହେଲେ ତାହାର ବିପରୀତ ଭାବେ ଉପବାସର ପ୍ରୟୋଜନ ହୁଏ ଠିକ୍ ସେହିପରି ବଦ୍ଧଜୀବର ବୈମୁଖ୍ୟବ୍ୟାଧିର ବିପରୀତ ଚିକିତ୍ସା— ଭଗବତ୍ ସାମୁଖ୍ୟ । ଜୀବ ପରତତ୍ତ୍ୱ ପ୍ରତି ବିମୁଖ ଅର୍ଥାତ୍ ସୂର୍ଯ୍ୟରୂପି ପରତତ୍ତ୍ୱଙ୍କୁ ପୃଷ୍ଠ ପ୍ରଦର୍ଶନ କରି ରହିଅଛି, ଏହି ପରତତ୍ତ୍ୱ ରୂପି ସୂର୍ଯ୍ୟଙ୍କୁ ଦର୍ଶନ କରିବାକୁ ହେଲେ ସୂର୍ଯ୍ୟଙ୍କ ଆଡ଼କୁ ମୁଖ ବୁଲାଇବାକୁ ହେବ, ଏହି ମୁଖ ବୁଲାଇବାହିଁ ଅଭିଧେୟ । ଏହାହିଁ ସାମୁଖ୍ୟ ବା ଉପାସନା (ଉପ (ସମୀପେ) + ଆସ୍ (ଅବସ୍ଥାନ କରିବା) + ଅନଟ୍ + (ସ୍ତ୍ରିୟାମ୍))। ବଦ୍ଧଜୀବର ମହାବ୍ୟାଧିର ଉତ୍ପାଟନ ବା ନିବାରଣ ପାଇଁ ଶାସ୍ତ୍ରସମୂହ ଏହି ଭଗବତ୍-ସାମୁଖ୍ୟ ବା ଭଗବତ୍-ଉନ୍ମୁଖତାକୁହିଁ ପଥ୍ ରୂପେ ନିର୍ଦ୍ଦେଶ କରିଅଛନ୍ତି ।

ବର୍ତ୍ତମାନ୍ ପ୍ରଶ୍ନ ଏହି ଯେ, ସେହି ଅନାଦି ବହିର୍ମୁଖ ବା ଭଗବତ୍ ବିମୁଖ ଜୀବକୁ କିଏ ଭଗବତ୍-ଉନ୍ମୁଖୀ ବା ଭଗବତ୍-ସାମୁଖ୍ୟ କରାଇବେ ? ଜଣେ ବିମୁଖ କଣ କେବେ ଅନ୍ୟ ଏକ ବିମୁଖକୁ ଉନ୍ମୁଖ କରିବାରେ କୃତକାର୍ଯ୍ୟ ହେବେ ? ନା, କେବେ ନୁହେଁ । ଯିଏ ନିତ୍ୟ ଭଗବତ୍-ଉନ୍ମୁଖ, ସେ ହିଁ ଏହି ଅନାଦି-ବିମୁଖ ଜୀବକୁ ଉନ୍ମୁଖ କରାଇବାର ସାମର୍ଥ୍ୟ ପୋଷଣ କରନ୍ତି । ଏତାଦୃଶ ନିତ୍ୟ-ଉନ୍ମୁଖହିଁ ସତ୍‌ବୈଦ୍ୟ ବା 'ଶ୍ରୀଗୁରୁଦେବ', ଏହାଙ୍କ କୃପା ବ୍ୟତିରେକ ବଦ୍ଧଜୀବ କଦାପି ବିମୁଖତାର ସେହି ତିମିରାଚ୍ଛନ୍ନ ଅତଳଗହ୍ୱର ମଧ୍ୟରୁ ମୁକ୍ତିଲାଭ କରି ସେହି ଶାଶ୍ୱତପଦ ଲାଭ କରିପାରିବେ ନାହିଁ । ସେଥିପାଇଁ ଶ୍ରୁତି ନିର୍ଦ୍ଦେଶ କରିଅଛନ୍ତି (କଠ-୧।୩।୧୪)- *'ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ୍ ନିବୋଧତ ।'*— ବିମୁଖତାର ମୋହରୁ ଉଠ, ଜାଗରିତ ହୁଅ, ମହଦ୍‌ଗଣଙ୍କ ପଦାଶ୍ରୟ କରି ଆତ୍ମତତ୍ତ୍ୱ ଅବଗତ ହୁଅ । *'ଆଚାର୍ଯ୍ୟବାନ୍ ପୁରୁଷୋ ବେଦ'* (ଛାନ୍ଦୋଗ୍ୟ-୬।୧୪।୨) - ଆଚାର୍ଯ୍ୟଙ୍କ ପଦାଶ୍ରିତ ବ୍ୟକ୍ତିହିଁ ପରତତ୍ତ୍ୱକୁ ଜାଣିପାରନ୍ତି । ତାହାହେଲେ ସେହି ଅନାଦି ବହିର୍ମୁଖ ଜୀବ ପରତତ୍ତ୍ୱଙ୍କ ପ୍ରତି ଉନ୍ମୁଖ ବା ପରତତ୍ତ୍ୱଙ୍କ ଉପାସନାରତ ହେବେ କିପରି ? ଏହାର ଉତ୍ତର ଶ୍ରୀକବି ଯୋଗୀନ୍ଦ୍ର, ଶ୍ରୀନିମି ମହାରାଜଙ୍କୁ କହିଅଛନ୍ତି -

ଭୟଂ ଦ୍ୱିତୀୟାଭିନିବେଶତଃ ସ୍ୟା,-ଦୀଶାଦପେତସ୍ୟ ବିପର୍ଯ୍ୟୟୋଽସ୍ମୃତିଃ ।
ତନ୍ମାୟୟାତୋ ବୁଧ ଆଭଜେତଂ, ଭକ୍ତ୍ୟୈକଯେଶଂ ଗୁରୁଦେବତାତ୍ମା ॥(ଭା:୧୧।୨।୩୭)

ଶ୍ରୀଭଗବତ୍-ପାଦପଦ୍ମ-ବିମୁଖଜୀବର ଶ୍ରୀଭଗବାନ୍‌ଙ୍କ ମାୟା ଦ୍ୱାରା ସ୍ୱରୂପର ଆବରଣ ଯୋଗୁଁ ସ୍ୱରୂପର ଅସ୍ଫୁର୍ତ୍ତିରୂପ ବିସ୍ମୃତି ଘଟେ ଏବଂ ତାହା ଯୋଗୁଁ ଦେହ-ଇନ୍ଦ୍ରିୟାଦିରେ ଆତ୍ମବୁଦ୍ଧି

ରୂପ ବିପର୍ଯ୍ୟୟ ଘଟିଥାଏ । ତାହା ଫଳରେ ଦେହେନ୍ଦ୍ରିୟାଦି ଉପାଧିରେ ଅଭିନିବେଶ ବା ଆସକ୍ତିଟି ସାନ୍ଦ୍ରରୁ ସାନ୍ଦ୍ରତର ହୋଇଉଠେ ଯାହା ଫଳସ୍ୱରୂପ ଭୟର (ସଂସାର ଦଶାର) ଉଦୟ ହୁଏ । ପରବର୍ତ୍ତୀ ସମୟରେ ଏହି ଭୟ 'ବିପର୍ଯ୍ୟୟ' ଓ 'ଅସ୍ମୃତି'—ଏହି ଦୁଇ ମୂର୍ତ୍ତିରେ ପ୍ରକାଶିତ ହୋଇଥାଏ । ଯେତେବେଳେ ମାୟାରୁ ଭୟର ଉଦ୍ଭବ ହୁଏ, ସେତେବେଳେ ବୁଦ୍ଧିମାନ୍ ବ୍ୟକ୍ତି ମାୟାର କବଳରୁ ଉଦ୍ଧାର ଲାଭ କରି ଅଶୋକ, ଅଭୟ ଓ ଅମର ହେବାକୁ ଇଚ୍ଛା କରିଲେ ମାୟା ଯାହାଙ୍କର ପଦାନତ ଦାସୀ, ସେହି ମାୟାଧୀଶ ଶ୍ରୀଭଗବାନ୍‌ଙ୍କୁ ଗୁରୁଦେବତାମ୍ ହୋଇ ଅର୍ଥାତ୍ ଶ୍ରୀଗୁରୁଦେବଙ୍କୁ ଅନୁଗ୍ରହ-ନିଗ୍ରହରେ ସମର୍ଥ ପ୍ରଭୁ ଓ ନିୟାମକ ଏବଂ ଆତ୍ମା ଅର୍ଥାତ୍ ପ୍ରେଷ୍ଠରୂପେ ବରଣ କରି ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ଭଜନ କରିବେ । ଶ୍ରୀଶ୍ରୀଳକବିରାଜ ଗୋସ୍ୱାମୀ ପାଦ୍ ଏହାର ପଦ୍ୟାନୁବାଦ କରି କହିଛନ୍ତି — *କୃଷ୍ଣଭୁଲି ସେହି ଜୀବ-ଅନାଦି-ବହିର୍ମୁଖ । ଅତଏବ ମାୟା ତା'ରେ ଦେୟ ସଂସାର-ଦୁଃଖ ॥ କଭୁ ସ୍ୱର୍ଗେ ଉଠାୟ, କଭୁ ନରକେ ଡୁବାୟ । ଦଣ୍ଡ୍ୟଜନେ ରାଜା ଯେନ ନଦୀତେ ଚୁବାୟ ॥ ସାଧୁ-ଶାସ୍ତ୍ର-କୃପାୟ ଯଦି କୃଷ୍ଣୋନ୍ମୁଖ ହୟ । ସେହି ଜୀବ ନିସ୍ତରେ, ମାୟା ତାହାରେ ଛାଡ଼ାୟ ॥*(ଶ୍ରୀଚୈ:ଚ:ମ:୨୦।୧୨୭-୧୮।୧୨୦)

ଅନାଦି ବହିର୍ମୁଖ ଜୀବ, ଜଗତର ଏହି ତୁଚ୍ଛ ଆନନ୍ଦର ବିଷୟ ସମୂହରେ ନିଜ ଇନ୍ଦ୍ରିୟତୃପ୍ତି କରାଇବାର ବୃଥା ପରିଶ୍ରମରେ ଯେତେବେଳେ କ୍ଲାନ୍ତ-ଶ୍ରାନ୍ତ ହୋଇପଡ଼େ ଏବଂ ଏହି ଭୋଗ୍ୟବସ୍ତୁର ସଂରକ୍ଷଣ ଭୟରେ ଯେତେବେଳେ ଭୀତତ୍ରସ୍ତ ହୋଇପଡ଼େ, ସେତେବେଳେ ଏହି ତୁଚ୍ଛ ପ୍ରାକୃତ ବିଷୟସୁଖରେ ତାହାର ଅକିଞ୍ଚିତ୍‌କରତାର ଜ୍ଞାନ ଉଦୟ ହୁଏ । କୌଣସି ଏକ ନିତ୍ୟ, ଅପ୍ରାକୃତ ଶାଶ୍ୱତ ପ୍ରେମାନନ୍ଦର (ଶ୍ରୀକୃଷ୍ଣସେବାନନ୍ଦର) ଲାଳସାରେ ତାହାର ମନପ୍ରାଣ ବ୍ୟାକୁଳ ଓ ତୃଷ୍ଣାତୁର ହୋଇଉଠେ । ସେତେବେଳେ ହିଁ ତାହାର ଭବବନ୍ଧନକ୍ଷୟର ସମୟ ଉପସ୍ଥିତ ହୁଏ, ସେତେବେଳେହିଁ ତାହାର ସୁକୃତି ଓ ଐକାନ୍ତିକତାନୁସାରେ ତଦନୁରୂପ ମହତ୍ ବା ଶ୍ରୀଗୁରୁଦେବଙ୍କର ଦର୍ଶନ ଲାଭ ଘଟେ ଏବଂ ଯେପରି ମହତ୍‌ଙ୍କ ସଙ୍ଗଲାଭ ହୁଏ, ତଦନୁରୂପହିଁ ସାମ୍ମୁଖ୍ୟ ଲାଭ ହୋଇଥାଏ ।

ଶ୍ରୀମୁଚୁକୁନ୍ଦ ଶ୍ରୀକୃଷ୍ଣଙ୍କୁ କହିଥିଲେ— *'ଭବାପବର୍ଗୋ ଭ୍ରମତୋ ଯଦା ଭବେଜ୍ଜନସ୍ୟ ତର୍ହ୍ୟଚ୍ୟୁତ ସତ୍‌ସମାଗମଃ । ସତ୍‌ସଙ୍ଗମୋ ଯର୍ହି ତଦୈବ ସଦ୍‌ଗତୌ ପରାବରେଶ ତ୍ୱୟି ଜାୟତେ ରତିଃ ॥'* (ଭା ୧୦।୫୧।୫୩)- ହେ ଅଚ୍ୟୁତ ! ସଂସାରରେ ଭ୍ରମଣଶୀଳ ଜୀବର ଯେତେବେଳେ ସଂସାର ଦୁଃଖନାଶର ସମୟ ଉପସ୍ଥାପିତ ହୁଏ, ସେତେବେଳେହିଁ ସାଧୁସଙ୍ଗ ଘଟିଥାଏ ଏବଂ ଯେତେବେଳେ ସତ୍‌ସଙ୍ଗ ହୁଏ, ସେତେବେଳେହିଁ ସାଧୁଗଣଙ୍କର ଏକମାତ୍ର ଗତି ବ୍ରହ୍ମାଦି ସ୍ତମ୍ବ ପର୍ଯ୍ୟନ୍ତ ସମସ୍ତଙ୍କ ପ୍ରଭୁ ତୁମଠାରେ ରତିର (ଭକ୍ତିର) ଆବିର୍ଭାବ ହୁଏ ।

ଶ୍ରୀବିଦୁର ମଧ୍ୟ (ଶ୍ରୀଭା:୩।୫।୩) କହିଛନ୍ତି— *''ଜନସ୍ୟ କୃଷ୍ଣାଦ୍‌ବିମୁଖସ୍ୟ ଦୈବ୍ୟ,- ଦଧର୍ମ୍ମଶୀଳସ୍ୟ ସୁଦୁଃଖିତସ୍ୟ । ଅନୁଗ୍ରହାୟେହ ଚରନ୍ତି ନୂନଂ, ଭୂତାନି ଭବ୍ୟାନି ଜନାର୍ଦ୍ଦନସ୍ୟ ॥''*- -ପ୍ରାକ୍ତନ କର୍ମବଶତଃ ଶ୍ରୀକୃଷ୍ଣବହିର୍ମୁଖ, ଅଧର୍ମ୍ମନିରତ, ଅତ୍ୟନ୍ତ କ୍ଲେଶତପ୍ତ ଜନଗଣଙ୍କୁ ଅନୁଗ୍ରହ କରିବାପାଇଁ ନିଶ୍ଚୟହିଁ ଶ୍ରୀକୃଷ୍ଣଙ୍କ ମଙ୍ଗଳମୟ ଭକ୍ତପୁରୁଷଗଣ ମର୍ତ୍ତ୍ୟଲୋକରେ ପରିଭ୍ରମଣ କରନ୍ତି ।

ଶ୍ରୀଭଗବାନ ନଳକୁବର-ମଣିଗ୍ରୀବ ଭାତୃଦ୍ୱୟଙ୍କୁ (ଶ୍ରୀଭା:୧୦।୧୦।୪୧) କହିଛନ୍ତି— *''ସାଧୂନାଂ ସମଚିତ୍ତାନାଂ ସୁତରାଂ ମତ୍‌କୃତାତ୍ମନାମ୍ । ଦର୍ଶନାନ୍ନୋ ଭବେଦ୍‌ବନ୍ଧଃ ପୁଂସୋଽକ୍ଷ୍ନୋଃ*

ସବିତୁର୍ଯଥା ॥'' — ସୂର୍ଯ୍ୟର ଦର୍ଶନରେ ଯେପରି ଚକ୍ଷୁର ବନ୍ଧନ ଅର୍ଥାତ୍ ଅନ୍ଧକାରାଚ୍ଛନ୍ନ ଭାବ ଦୂରୀଭୂତ ହୁଏ, ସେହିପରି ଏକାନ୍ତ ଭାବରେ ମୋ ପ୍ରତି ଆସକ୍ତ, ସମଦର୍ଶୀ ଭାଗବତ-ମହାପୁରୁଷଗଣଙ୍କ ସାକ୍ଷାତ୍‌କାରରେ ମଧ୍ୟ ଜୀବମାତ୍ରର ବନ୍ଧନ ରହିପାରେ ନା ।

ଶ୍ରୀସନାତନ ଗୋସ୍ୱାମୀପାଦ୍‌ଙ୍କୁ ଶିକ୍ଷା ଦେଇ ଶ୍ରୀମନ୍ମହାପ୍ରଭୁ କହିଅଛନ୍ତି — *'ନିତ୍ୟବଦ୍ଧ କୃଷ୍ଣ ହୈତେ ନିତ୍ୟବହିର୍ମୁଖ । ନିତ୍ୟ ସଂସାର ଭୁଞ୍ଜେ ନରକାଦି ଦୁଃଖ ॥ ସେଇ ଦୋଷେ ମାୟା-ପିଶାଚୀ ଦଣ୍ଡ କରେ ତାରେ । ଆଧ୍ୟାତ୍ମିକାଦି ତାପତ୍ରୟେ ତାରେ ଜାରିମାନେ ॥ କାମ-କ୍ରୋଧର ଦାସ ହୟାଁ ତାର ଲାଥି ଖାୟ । ଭ୍ରମିତେ ଭ୍ରମିତେ ଯଦି ସାଧୁ-ବୈଦ୍ୟ ପାୟ ॥ ତାର ଉପଦେଶ ମନ୍ତ୍ରେ ପିଶାଚୀ ପଲାୟ । କୃଷ୍ଣଭକ୍ତି ପାୟ, ତବେ କୃଷ୍ଣ-ନିକଟ ଯାୟ ॥*(ଚୈ:ଚ:୨।୨୨।୧୨-୧୫)

ଏଠାରେ ପ୍ରଶ୍ନ ହୋଇପାରେ ଯେ- ଦେହାଦିରେ ଅଭିନିବେଶ ଯୋଗୁଁ ଭ୍ରମ ସୃଷ୍ଟି ହୁଏ, ଯାହା ସ୍ୱରୂପଜ୍ଞାନର ବିସ୍ମୃତି ଯୋଗୁଁହିଁ ଉପସ୍ଥିତ ହୋଇଥାଏ, ତେବେ ଏଠାରେ ମାୟାଙ୍କର ଅବା କି କର୍ତ୍ତୃତ୍ୱ ? ତାହା ଉତ୍ତରରେ କହୁଛନ୍ତି— ଇଶବିମୁଖ ଜୀବଙ୍କ ପ୍ରତିହିଁ (ଇଶୋନ୍ମୁଖଙ୍କ ପ୍ରତି ନୁହେଁ) ମାୟା ନିଜ ବିକ୍ରମ ପ୍ରକାଶ କରି ସ୍ୱରୂପ-ଆବରଣ କରିଥାଆନ୍ତି ତାହାଫଳରେ ବିର୍ଯ୍ୟୟ-ବୁଦ୍ଧିର (ଦେହରେ ମୁଁ ବୁଦ୍ଧିର) ଉଦୟ ହୁଏ । ତେଣୁ ବୁଦ୍ଧିମାନ୍ ବ୍ୟକ୍ତି ସେହି ମାୟାଙ୍କ ଅଧୀଶ୍ୱର ଶ୍ରୀଭଗବାନଙ୍କୁହିଁ ଭଜନ କରିବେ, ଏକମାତ୍ର ତାହାଙ୍କରହିଁ କୃପାରେ ମାୟା ବିଦୂରିତ ହୋଇପାରେ ।

ଅତଏବ ଯଦି ମାୟାହିଁ ଜୀବକୁ କବଳିତ କରି ଇଶବିମୁଖ କରାଇ କ୍ଳେଶ ପ୍ରଦାନ କରନ୍ତି, ତେବେ ଜୀବ ତ ମାୟାଙ୍କୁହିଁ ଭଜନ ବା ସ୍ତବସ୍ତୁତି କରି ପ୍ରସନ୍ନ କରିବାପାଇଁ ତତ୍ପର ହେବା କଥା, ଭଗବାନଙ୍କ ସେବାର ଅବା କି ପ୍ରୟୋଜନ ? ତାହାର ଉତ୍ତର ଏହିଯେ, - ଲୌକିକ ରୀତିରେ ମଧ୍ୟ ଦେଖିବାକୁ ମିଳେ, ଯେତେବେଳେ କୌଣସି ମାୟାବୀ ବା ଐନ୍ଦ୍ରଜାଲିକ ଇନ୍ଦ୍ରଜାଲ-ବିସ୍ତାର ଦ୍ୱାରା କୌଣସି କୁହୁକ ସୃଷ୍ଟିକରେ, ସେତେବେଳେ ଅନେକ ପଣ୍ଡିତ ଓ ଶିକ୍ଷିତ ବ୍ୟକ୍ତି ମଧ୍ୟ ମୁଗ୍ଧ ହୋଇଯାଆନ୍ତି, କିନ୍ତୁ ଯଦି ସେମାନେ ସେହି ଐନ୍ଦ୍ରଜାଲିକର ଶରଣାଗତ ହୁଅନ୍ତି ଏବଂ ଏକମାତ୍ର ସେ ହିଁ ଯଦି ସେହି ରହସ୍ୟ ଉଦ୍‌ଘାଟନ ବା ମାୟା ଅପସାରଣ କରନ୍ତି, ତେବେ ସାଧାରଣ ବ୍ୟକ୍ତିଗଣ ମଧ୍ୟ ଇନ୍ଦ୍ରଜାଲ-ବିଦ୍ୟାର ଗୁପ୍ତରହସ୍ୟ ଅବଧାରଣ କରିପାରନ୍ତି । ସେହିପରି ପରମେଶ୍ୱରଙ୍କ ବହିରଙ୍ଗା ଶକ୍ତିସ୍ୱରୂପା ତଥା ତତ୍‌କର୍ତ୍ତୃକ ଅସୀମଶକ୍ତି ସମ୍ପନ୍ନା ଦୁରତୟା ମାୟାଙ୍କର କୁହୁକ ବୁଝିବାକୁ କ୍ଷୁଦ୍ର ଜୀବର ଅବା କି ସାମର୍ଥ୍ୟ, ମାୟାଧୀଶଙ୍କ ଶରଣାଗତି ବ୍ୟତୀତ ଅନ୍ୟ ଉପାୟ ନାହିଁ । ଯଦି ମାୟାଧୀଶଙ୍କ ପରିବର୍ତ୍ତେ ମାୟାଙ୍କର ଭଜନ ବା ଶରଣାଗତି କରାଯାଏ ତେବେ କେବଳ ସେହି ମାୟାରେହିଁ ଅଧିକରୁ ଅଧିକତର ଆଚ୍ଛନ୍ନ ଓ ବିଜଡ଼ିତ ହେବାହିଁ ଶ୍ରେୟଃ ହୋଇଥାଏ । ସେଥିପାଇଁ ଶ୍ରୀଭଗବାନ୍ ଅର୍ଜୁନଙ୍କୁ ଲକ୍ଷ୍ୟ କରି ମାୟା କବଳରୁ ମୁକ୍ତିର ଏହି ଉପଦେଶ ପ୍ରଦାନ କରିଅଛନ୍ତି,-

ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।
ମାମେବ ଯେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ॥ (ଶ୍ରୀଗୀତା ୭।୧୪)

ମୋରହିଁ ଶକ୍ତି ଏହି ଅଲୌକିକ ଅତ୍ୟୁଭୁତା ଦୈବୀ, ଗୁଣମୟୀ ମାୟା ଦୁରତିକ୍ରମା ତଥାପି ଯେଉଁମାନେ ଏକମାତ୍ର ମୋଠାରେହିଁ ଶରଣାଗତ ହୁଅନ୍ତି, ସେମାନେ ଏହି ଦୁସ୍ତରା

ମାୟାକୁ ଅତିକ୍ରମ କରିପାରନ୍ତି । ତେଣୁ ଶ୍ରୀଳ ନରୋତ୍ତମ ଦାସ ଠାକୁର ମହାଶୟ କହିଅଛନ୍ତି-

-ଇହାରେ(ମାୟାରେ)କରିୟା ଜୟ ଛାଡ଼ାନ ନା ଯାୟ । ସାଧୁକୃପା ବିନା ଆର ନାହିକ ଉପାୟ ॥

ପୁନର୍ବାର ସନ୍ଦେହ ଉଠିପାରେ, ଆଚ୍ଛା ! ଭଗବାନ୍ ତ ସ୍ୱମୁଖରେ କହିଲେ—ଦୁରାତୟା ମାୟା କବଳରୁ ମୁକ୍ତି ପାଇବାକୁ ହେଲେ ମୋ ବହିରଙ୍ଗା ଶକ୍ତି ମାୟାର ଆଶ୍ରୟ ଗ୍ରହଣ ନକରି ମୋର ଶରଣାପନ୍ନ ହୁଅ, ଅତଏବ ଦୁସ୍ତର ଭବସଂସାର ଉତ୍ତୀର୍ଣ୍ଣ ହେବାକୁ ହେଲେ ତ ଶ୍ରୀଭଗବାନ୍‌ଙ୍କ ଶରଣାଗତିହିଁ ଯଥେଷ୍ଟ, ପୁନଃ ଶ୍ରୀଗୁରୁଦେବଙ୍କଠାରେ ଉପସତ୍ତିର(ଶରଣାଗତିର) ଆବଶ୍ୟକତା କଣ ? ସାକ୍ଷାତ୍ ଭାବେ ଭଗବାନଙ୍କ କୃପାଲାଭ ପରିବର୍ତ୍ତେ, ଅନ୍ୟଙ୍କ ସାହାଯ୍ୟରେ ଅର୍ଥାତ୍ ଅସାକ୍ଷାଦ୍‌ଭାବେ ସାଧୁଗୁରୁଙ୍କ କୃପାଦ୍ୱାରା ଭଗବାନ୍‌ଙ୍କ କୃପାଲାଭର ପ୍ରୟୋଜନୀୟତା କଣ ? ତାହା ଉତ୍ତର ଏହି ଯେ, ଶ୍ରୀଭଗବଦ୍‌କୃପାହିଁ ଭଗବତ୍ ସାମ୍ମୁଖ୍ୟର ମୁଖ୍ୟ କାରଣ, ତଥାପି ତାହା ଗୌଣ ଓ ଅପେକ୍ଷାଯୁକ୍ତ, କାରଣ ଅନନ୍ତ ଦୁରନ୍ତ ସଂସାର-ସନ୍ତାପଦଗ୍ଧ **ବିମୁଖ ଜୀବଗଣଙ୍କ ପ୍ରତି ଶ୍ରୀଭଗବାନ୍‌ଙ୍କ କୃପା ସାକ୍ଷାଦ୍‌ଭାବେ ପ୍ରବର୍ତ୍ତିତ ହୋଇ ପାରେନା** । ପରର ଦୁଃଖ ନିଜ ଚିତ୍ତରେ ଉଦିତ ହେଲେ କୃପାରୂପ ଚିତ୍ତ ବିକାର ଜନ୍ମିଥାଏ । ଶ୍ରୀଭଗବାନ୍ ସଦା ପରମାନନ୍ଦ-ରସମୟ । ତେଜୋମାଳୀ ସୂର୍ଯ୍ୟଙ୍କଠାରେ ଯେପରି ଅନ୍ଧକାରର ସଂଯୋଗ ସମ୍ଭବ ହୁଏ ନା, ସେହିପରି ସର୍ବଦା ପରମାନନ୍ଦକନ୍ଦ ତଦ୍ରୁପରି ହ୍ଲାଦିନୀସ୍ୱରୂପା ଶ୍ରୀମତୀରାଧାରାଣୀଙ୍କ ସହିତ ରାସାଦି ନିକୁଞ୍ଜଲୀଳାର ଆନନ୍ଦସିନ୍ଧୁରେ ନିମଗ୍ନ ଶ୍ରୀଭଗବାନଙ୍କ ଚିତ୍ତରେ ଦୁଃଖର ସଂସ୍ପର୍ଶ ସମ୍ଭବ ନୁହେଁ ବୋଲି, ତାହାଙ୍କ ଚିତ୍ତ କ୍ଷୁବ୍ଧ ହୁଏ ନା । ଅତଏବ, ଏହାପରେ ଏକମାତ୍ର ତାହାଙ୍କ ନିଜଗଣଙ୍କର କୃପାହିଁ ତଦୀୟ-ସାମ୍ମୁଖ୍ୟ-ବିଷୟରେ କାରଣ ରୂପେ ଅବଶିଷ୍ଟ ରହେ । ଯାହାଙ୍କ ପ୍ରତି ଜୀବ ଉନ୍ମୁଖ ହେବେ, ଯେତେବେଳେ ତାହାଙ୍କ ଚିତ୍ତବିକାର ହେଉନାହିଁ ସେତେବେଳେ ତାହାଙ୍କ ପ୍ରତିନିଧିଗଣଙ୍କ ଦ୍ୱାରାହିଁ ସେହି କାର୍ଯ୍ୟ ଅର୍ଥାତ୍ କୃପାବିତରଣ ସମ୍ଭବ ହୋଇପାରେ, ଅପରଙ୍କ ଦ୍ୱାରା ହୋଇପାରେନା ।

ତେବେ ପ୍ରଶ୍ନ ଉଠିପାରେ ଶ୍ରୀଭଗବାନ୍‌ଙ୍କ ଅଭିନ୍ନ କଳେବର ସଦାନନ୍ଦମୟ ସାଧୁଗଣଙ୍କ ଚିତ୍ତରେ ଅବା କିପରି ଭାବେ ଜୀବର ତମୋମୟ ସଂସାରଦୁଃଖର ସଂସ୍ପର୍ଶ ହୁଏ, ଯାହା ଦ୍ୱାରାକି ସେମାନେ ବଦ୍ଧଜୀବ ପ୍ରତି କୃପୋନ୍ମୁଖ ହୋଇଥାଆନ୍ତି ? ଏହାର ଉତ୍ତର ଏହି ଯେ, ବାସ୍ତବରେ ସଂସାରଦୁଃଖ ସାଧୁଗଣଙ୍କ ହୃଦୟକୁ ସ୍ପର୍ଶ କରି ପାରେନାହିଁ । ଯେପରି, କୌଣସି ବ୍ୟକ୍ତି ସ୍ୱପ୍ନରେ କିଏ ତାହାର ଛାତିକୁ ମାଡ଼ି ବସିଛି ବୋଲି 'ଗଁ ଗଁ' ଶବ୍ଦ କରେ, ସେତେବେଳେ ନିକଟସ୍ଥ କୌଣସି ଜାଗ୍ରତ ବନ୍ଧୁ ନିଜେ ଏହିପରି ଯନ୍ତ୍ରଣାର ଭୁକ୍ତଭୋଗୀ ନହେଲେ ମଧ୍ୟ ଯେପରି ଯନ୍ତ୍ରଣାର ଅନୁମାନ କରି ବନ୍ଧୁକୁ ଜଗାଇ ଦିଅନ୍ତି, ଠିକ୍ ସେହିପରି ସାଧୁଗଣ ସଂସାର-ଦୁଃଖର ଭୁକ୍ତଭୋଗୀ ନହେଲେ ମଧ୍ୟ ଏବଂ ଅପରଙ୍କ ଦୁଃଖରେ ତାହାଙ୍କ ହୃଦୟରେ ତମୋବିକାର ଉପସ୍ଥିତ ନହେଲେ ମଧ୍ୟ ଜୀବର କ୍ଲେଶର ବିଷୟ ଅନୁମାନ କରି ସେମାନଙ୍କ ସାଂସାରିକ ଦୁଃଖ ଦୂର କରନ୍ତି ଅର୍ଥାତ୍ ପରର ଦୁଃଖମୋଚନ କାର୍ଯ୍ୟରେ ସାଧୁଗଣଙ୍କର ଚିତ୍ତବିକାର ହୁଏ ନାହିଁ, ତଥାପି ସାଧୁଗଣ ସ୍ୱତଃସିଦ୍ଧ କୃପାଳୁତା ସ୍ୱଭାବବଶତଃ ପରକୁ କୃପା କରିଥାଆନ୍ତି । ସାଧୁଗୁରୁଙ୍କର ଏହିପରି କୃପା-ପ୍ରବୃତ୍ତି, ହ୍ଲାଦିନୀଶକ୍ତିରହିଁ ଗୋଟିଏ ବୃତ୍ତିବିଶେଷ । ସାଧୁଗୁରୁଙ୍କ କୃପାରୁ 'ଶ୍ରୀକୃଷ୍ଣହିଁ ଏକମାତ୍ର ଶରଣ୍ୟ' - ଏହିପରି ଜ୍ଞାନ ଉପଲବ୍ଧି ହେଲେ, ସେତେବେଳେ ନିସ୍କପଟ ଦୈନ୍ୟ ଉପସ୍ଥିତ

ହୁଏ । ସେହି ଦୈନ୍ୟର ଉଦୟର ସଙ୍ଗେ ସଙ୍ଗେ ଭଗବତ୍‌କୃପା ପ୍ରକାଶିତ ହୁଏ । ଶ୍ରୀଭଗବାନ୍‌ଙ୍କ କୃପାରୂପା ସମ୍ରାଜ୍ଞୀ, ସାଧୁସଙ୍ଗ ବା ସାଧୁଗୁରୁଙ୍କ କୃପାକୁ ବାହନ କରି ବହିର୍ମୁଖ ଜୀବ ନିକଟକୁ ଗୋଲକରୁ ଭୂଲୋକରେ ଅବତରଣ କରନ୍ତି । ଶ୍ରୀଭଗବାନଙ୍କ ଯେଉଁ ଶକ୍ତିବିଶେଷ ଭକ୍ତକୋଟୀରେ ପ୍ରବିଷ୍ଟ ହୋଇ ଆର୍ଦ୍ରୀଭାବ ସମ୍ପାଦନ କରେ, ତାହାହିଁ 'ଭକ୍ତି' । ଏହି ଭକ୍ତି ଦୈନ୍ୟସମ୍ବନ୍ଧ-ବଶତଃ ଅଧିକ ଉଚ୍ଛଳିତା ହୁଏ ବୋଲି ଦୈନ୍ୟସ୍ଥଳେ କୃପାଧିକ୍ୟ ଦୃଷ୍ଟ ହୁଏ ଅର୍ଥାତ୍ 'ଶ୍ରୀଭଗବାନଙ୍କ କୃପାଲାଭ ହେଲା ନାହିଁ' ସାଧୁଙ୍କ ସଙ୍ଗପ୍ରଭାବରେ ଏହିପରି ଅନୁଭବ ଫଳରେ ଯେତେବେଳେ ସମଗ୍ର ସତ୍ତା ତରଳିଯାଏ, କୋଟି-ବୃଶ୍ଚିକ ଦଂଶନ-ଜ୍ୱାଳାପରି ଅନ୍ତର ଦଗ୍ଧ ହେଉଥାଏ ଏବଂ ତାହା ପାଇଁ ଯେଉଁ ଆନ୍ତରିକ ନିଷ୍କପଟ ଦୈନ୍ୟର ଉଦୟ ହୁଏ, ତାହା ନିରପେକ୍ଷ ଶ୍ରୀଭଗବାନ୍‌ଙ୍କୁ ମଧ୍ୟ ଅନୁକମ୍ପାରେ ପ୍ରରୋଚିତ କରାଏ । ଅତଏବ ଶ୍ରୀଭଗବାନ୍‌ଙ୍କର ଯେଉଁ କୃପା ସାଧୁଜନଙ୍କଠାରେ ବିଦ୍ୟମାନ୍, ତାହାହିଁ ସତ୍‌ସଙ୍ଗକୁ ଆଶ୍ରୟ କରିହିଁ ହେଉ, ଅଥବା ସତ୍‌କୃପାକୁ ଆଶ୍ରୟ କରିହିଁ ହେଉ, ଅପର ଜୀବଠାରେ ସଂକ୍ରମିତ ହୁଏ, କିନ୍ତୁ ସ୍ୱତନ୍ତ୍ରଭାବେ ସିଦ୍ଧ ହୁଏନା— ଏହାହିଁ ସିଦ୍ଧାନ୍ତ । ଶ୍ରୀମଦ୍ଭାଗବତରେ ଶ୍ରୀଦେବତାଗଣ ଶ୍ରୀଭଗବାନଙ୍କୁ (ଶ୍ରୀଭା: ୧୦।୨।୩୧) କହିଛନ୍ତି-

ସ୍ୱୟଂ ସମୁତ୍ତୀର୍ଯ୍ୟ ସୁଦୁସ୍ତରଂ ଦ୍ୟୁମନ୍ ଭବାର୍ଣବଂ ଭୀମମଦଭ୍ରସୌହୃଦାଃ ।
ଭବତ୍‌ପଦାମ୍ଭୋରୁହନାବମତ୍ର ତେ ନିଧାୟ ଯାତାଃ ସଦନୁଗ୍ରହୋ ଭବାନ୍ ॥

"ହେ ସ୍ୱପ୍ରକାଶସ୍ୱରୂପ, ଆପଣଙ୍କ ଶ୍ରୀପାଦପଦ୍ମରୂପି ଯେଉଁ ନୌକା ଭବସମୁଦ୍ର ଉତ୍ତରଣର ଉପାୟ ସ୍ୱରୂପ, ତାହା ଭବସାଗରର ପରପାରରେ ଥିବା ପରବର୍ତ୍ତୀ ଜନଗଣଙ୍କ ମଧ୍ୟରେ ପ୍ରକାଶ କରି ଆପଣ ଅପ୍ରକଟ ଲୀଳାରେ ପ୍ରବେଶ କରିଅଛନ୍ତି । ଏହି ସ୍ଥାନରେ ପ୍ରଶ୍ନ ହୋଇପାରେ -'ଉକ୍ତ ଶ୍ରୀଚରଣତରୀ(ନୌକା) ମୁଁ (ଶ୍ରୀଭଗବାନ୍) ନିଜେହିଁ ପ୍ରକାଶ କରେ ନାହିଁ କାହିଁକି, ସେ ବିଷୟରେ ଭକ୍ତଗଣଙ୍କ ଅପେକ୍ଷା କରେ କାହିଁକି ?' ସେହି ପ୍ରଶ୍ନର ଆଶଙ୍କା କରି ଦେବତାଗଣ କହୁଛନ୍ତି-"ଆପଣ **'ସଦନୁଗ୍ରହଶୀଳ'** ଅର୍ଥାତ୍ ସାଧୁଗଣଙ୍କୁ ଦ୍ୱାର କରିହିଁ ଅନ୍ୟ ବ୍ୟକ୍ତିଗଣଙ୍କ ପ୍ରତି ଅନୁଗ୍ରହ କରିଥାଆନ୍ତି, ଅଥବା ସାଧୁଗଣହିଁ ଆପଣଙ୍କର ମୂର୍ତ୍ତ ଅନୁଗ୍ରହ-ସ୍ୱରୂପ । ଏହି ପ୍ରପଞ୍ଚରେ ଆପଣଙ୍କର ଯେଉଁ ଅନୁଗ୍ରହ ବିଚରଣ କରେ, ତାହା ସାଧୁଙ୍କ ଆକାର ଧାରଣ କରିହିଁ ବିଚରଣ କରିଥାଏ, ଅନ୍ୟ ଆକାରରେ ନୁହେଁ ।"

ତେବେ ଏହିପରି ସାଧୁ-କୃପାଲାଭର କାରଣ କଣ ? ଏହାର ଉତ୍ତର ଏହି ଯେ, ସାଧୁଙ୍କର ସ୍ୱତନ୍ତ୍ର ଇଚ୍ଛା ବା ସ୍ୱେଚ୍ଛାମୟତାହିଁ ସାଧୁସଙ୍ଗଦାନ ବା କୃପାବିତରଣର କାରଣ । ସାଧୁ ଅନ୍ୟ କାହା ଦ୍ୱାରା ବାଧ ହୋଇ କାହାକୁ ମଧ୍ୟ କୃପା କରନ୍ତି ନାହିଁ । ପ୍ରଯୋଜକ ବା ମୂଳକର୍ତ୍ତା ପରମେଶ୍ୱର ସାଧୁଗଣଙ୍କୁ ଯେଉଁ କୃପା ପାଇଁ ପ୍ରେରଣା ଦାନ କରନ୍ତି, ତାହା ମଧ୍ୟ ସାଧୁଗଣଙ୍କର ଇଚ୍ଛାନୁସାରେହିଁ ଜାଣିବାକୁ ହେବ ଅର୍ଥାତ୍ ଭଗବାନ୍‌ଙ୍କ ଇଚ୍ଛା ସାଧୁଗଣଙ୍କ ଇଚ୍ଛାରହିଁ ଅନୁସରଣ କରେ । ହ୍ଲାଦିନୀଶକ୍ତି ଯେପରି ସାଧୁଗଣଙ୍କୁ ଶ୍ରୀଭଗବାନ୍‌ଙ୍କ ପ୍ରତି ଆସକ୍ତ ହେବାକୁ ପ୍ରେରଣା ପ୍ରଦାନ କରନ୍ତି, ସେହିପରି ଶ୍ରୀଭଗବାନ୍‌ଙ୍କୁ ମଧ୍ୟ ସାଧୁଙ୍କ ପ୍ରତି ଆସକ୍ତ ହେବାର ପ୍ରେରଣା ଦେଇଥାଆନ୍ତି । ଶ୍ରୀଭଗବାନ୍ ସ୍ୱମୁଖରେ କହିଛନ୍ତି, -"ମୁଁ ଭକ୍ତ-ପରାଧୀନ" ।

ସାଧୁଗଣଙ୍କର କୃପା ଜୀବର ଦୁରାବସ୍ଥା-ଦର୍ଶନମାତ୍ରକେ ଉପସ୍ଥିତ ହୁଏ । ଏଥିପାଇଁ ତାହାଙ୍କୁ କେହି ଉପାସନା କରନ୍ତୁ ବା କୌଣସି ରୂପେ ଆରାଧନା କରନ୍ତୁ, ଏହିପରି ବୁଝିବ

ଅପେକ୍ଷା ନାହିଁ – ଯେପରି ଶ୍ରୀନଳକୁବେର ଓ ଶ୍ରୀମଣିଗ୍ରୀବଙ୍କ ଦୂରାବସ୍ଥା ଦର୍ଶନମାତ୍ରକେ ଶ୍ରୀନାରଦଙ୍କ ଅହୈତୁକୀ କୃପାର ଉଦୟ ହୋଇଥିଲା, ଏହାହିଁ ଦେବତା ଓ ଭଗବଦ୍ଭକ୍ତଙ୍କ ମଧ୍ୟରେ ପାର୍ଥକ୍ୟ । ଦେବତାଗଣଙ୍କୁ ଯିଏ ଯେପରି ଭାବେ ଭଜନ କରନ୍ତି, ଛାୟା ପରି କର୍ମଫଳଚିତ୍ର ଦେବଗଣ ଭଜନକାରୀକୁ ସେହିପରି ଫଳ ପ୍ରଦାନ କରିଥାଆନ୍ତି, କିନ୍ତୁ ସାଧୁଗଣ ସେହିପରି ଉତ୍କୋଚ(ଲାଞ୍ଚ)–ଗ୍ରହଣକାରୀ ନୁହଁନ୍ତି, ସେମାନେ ସ୍ୱାଭାବିକ ଦୀନବତ୍ସଳ ।

ଶ୍ରୀଗୁରୁଦେବ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଶକ୍ତିର ଚିଦ୍‌ବିଳାସ । ଶ୍ରୀକୃଷ୍ଣ, ରଜୋତ୍ତମଗୁଣ ବିଭାବିତ ସ୍ୱରୂପ ନେଇ ଶ୍ରୀଗୁରୁମୂର୍ତ୍ତିରେ ପ୍ରକାଶିତ ନୁହଁନ୍ତି, ବିଶୁଦ୍ଧସତ୍ତ୍ୱବିଭାବିତ ସ୍ୱରୂପରେହିଁ ସେ ଶ୍ରୀଗୁରୁଦେବଙ୍କ ରୂପରେ ପ୍ରକାଶିତ । ଶ୍ରୀକୃଷ୍ଣକୃପାବତାର ରୂପେହିଁ ଶ୍ରୀକୃଷ୍ଣ–ନିଜଜନ ଶ୍ରୀଗୁରୁପାଦପଦ୍ମଙ୍କ ଆବିର୍ଭାବ । ତେଣୁ ଶ୍ରୀଗୁରୁପାଦପଦ୍ମଙ୍କ କୃପା ହ୍ଲାଦିନୀଶକ୍ତିରହିଁ ବୃତ୍ତି ବିଶେଷ । ସାକ୍ଷାତ୍ ଭାବେ ଶ୍ରୀକୃଷ୍ଣଙ୍କ ସହିତ ଦୁରିତଜୀବର କୌଣସି ସମ୍ବନ୍ଧ ନାହିଁ । ଶ୍ରୀକୃଷ୍ଣ–ନିଜଜନ ମହତ୍–ଆଲୋକଦାନ (ଦର୍ଶନଦାନ), ବାଚିକ ଓ ହାର୍ଦ୍ଦ (ହୃଦ୍‌ଗତ)— ଯେପରି ଭାବରେ କୃପା କରିବାକୁ ଇଚ୍ଛା କରନ୍ତି, ସେହି ସେହି ଭାବରେ ଶ୍ରୀକୃଷ୍ଣକୃପା ମହତ୍‌ଙ୍କୁ ଆଶ୍ରୟ କରି ଅବତରଣ କରନ୍ତି । ଏଥିପାଇଁ ଶ୍ରୀକୃଷ୍ଣକୃପା 'ଆଦି' ହେଲେ ମଧ୍ୟ ଜୀବ ନିକଟରେ ସାକ୍ଷାଦ୍‌ଭାବେ ପ୍ରକାଶିତ ହୁଏ ନା । **ଶ୍ରୀମୁକୁନ୍ଦପ୍ରେଷ୍ଠ ଶ୍ରୀଗୁରୁଙ୍କ କୃପାହିଁ ସାକ୍ଷାଦ୍‌ଭାବେ ପ୍ରକାଶିତ ହୁଏ ।** ଏଥିପାଇଁ **'ଶ୍ରୀଗୁରୁଦେବାତ୍ମା'** ଜ୍ଞାନରେ ଶ୍ରୀଗୁରୁଦେବହିଁ 'ଦେବତା'(ନିୟାମକ ବା ପ୍ରଭୁ) ଏବଂ ଆତ୍ମା(ପ୍ରେଷ୍ଠ) – ଏହିପରି ଦୃଷ୍ଟିସମ୍ପନ୍ନ ହୋଇ ଅବ୍ୟଭିଚାରିଣୀ ଭକ୍ତି ଦ୍ୱାରା ଶ୍ରୀହରିଦେବଙ୍କୁ ଭଜନା କରିବେ ।

ତାତେ କୃଷ୍ଣ ଭଜେ, କରେ ଗୁରୁର ସେବନ ।
ମାୟାଜାଲ ଛୁଟେ, ପାୟ କୃଷ୍ଣେର ଚରଣ ॥(ଶ୍ରୀଚୈ:ଚ:ମ:୨୨।୨୫)

ଶ୍ରୀଗୁରୁଦେବଙ୍କୁ କେବଳ ଅନୁଗ୍ରହ–ନିଗ୍ରହୈକ–ସମର୍ଥ ପ୍ରଭୁ ମାତ୍ର ଜ୍ଞାନ ନକରି, ତାହାଙ୍କୁ ସର୍ବାପେକ୍ଷା ପ୍ରିୟ ଅର୍ଥାତ୍ ସର୍ବଶ୍ରେଷ୍ଠ ବାନ୍ଧବ ବୋଲି ଅନୁଭବ କରିବାକୁ ହେବ, କାରଣ ପ୍ରୀତିର ବିଦ୍ୟମାନତାରେହିଁ ସ୍ମୃତିର ଉଦୟ ହୁଏ, ପ୍ରିୟତ୍ୱ–ଅନୁଭବରେ ହିଁ ଅସ୍ମୃତି (ଶ୍ରୀଭଗବାନଙ୍କ ସ୍ୱରୂପର ଅସ୍ଫୂର୍ତ୍ତି) ଓ ତଦ୍‌ଜାତ ବିପର୍ଯ୍ୟୟ ବୁଦ୍ଧି ଦୂର ହୁଏ । କେବଳ ମାତ୍ର ଶାଶନ ଭୟରେ ଏହି ବିସ୍ମୃତି ଓ ବିକ୍ଷେପ କୌଣସି ପ୍ରକାରରେ ଦୂର ହେବ ନାହିଁ ।

ଏହିପରି ଶ୍ରୀଗୁରୁଦେବଙ୍କର ପ୍ରସଙ୍ଗ କୃପା ଓ ପରିଚର୍ଯ୍ୟା କୃପା ସେବା ଦ୍ୱାରାହିଁ ଜୀବର ସର୍ବ–ଅମଙ୍ଗଳ ଦୂର ହୋଇ ପରମଶ୍ରେୟ ଲାଭ ହୋଇଥାଏ । ଉଭୟ ବିଚାରପ୍ରଧାନ ଓ ରୁଚିପ୍ରଧାନ ପଥରେ ଶ୍ରୀଗୁରୁଦେବଙ୍କ ଶରଣାଗତି ବ୍ୟତୀତ ଭଗବତ୍ ସାମୁଖ୍ୟର ଅନ୍ୟ ଉପାୟ ନାହିଁ ।

ଶ୍ରୀଗୁରୁପସତ୍ତିର କାରଣ

ଶ୍ରୀହରିଭକ୍ତିବିଳାସରେ (୧।୧୮) ଶ୍ରୀସନାତନଗୋସ୍ୱାମୀ ପାଦ୍ କହିଅଛନ୍ତି,–

*କୃପୟା ଦେବସ୍ୟ ତଦ୍ଭକ୍ତଜନ–ସଙ୍ଗତଃ । ଭକ୍ତେର୍ମାହାତ୍ମ୍ୟମାକର୍ଣ୍ଣ୍ୟ ତାମିଚ୍ଛନ୍ **ସଦ୍‌ଗୁରୁଂ** ଭଜେତ ॥*

ଶ୍ରୀକୃଷ୍ଣଦେବଙ୍କ କୃପାରୁ ତାହାଙ୍କ ଭକ୍ତଜନଙ୍କ ସଙ୍ଗରୁ ମୁକ୍ତିପ୍ରଭୃତି ପୁରୁଷାର୍ଥଠାରୁ ଭକ୍ତିଙ୍କର ଅଧିକ ମାହାତ୍ମ୍ୟ ଶ୍ରବଣ କରି ସେହି ଭକ୍ତି ପ୍ରାପ୍ତିର ଇଚ୍ଛାରେ ସଦ୍‌ଗୁରୁଙ୍କ ଭଜନ କରିବେ ।

ଅତ୍ର୍ୟନୁଭୂୟତେ ନିତ୍ୟଂ ଦୁଃଖଶ୍ରେଣୀ ପରତ୍ର ଚ ।
ଦୁଃସହା ଶ୍ରୂୟତେ ଶାସ୍ତ୍ରାଦିତୀର୍ଯ୍ୟେଦପି ତାଂ ସୁଧୀଃ ॥ (ହ.ଭ.ବି. -୧/୨୯)

ବିଷୟ ସୁଖାସକ୍ତ ବ୍ୟକ୍ତିଗଣଙ୍କର ତ' ସେହିପରି ଜ୍ଞାନ ଅତ୍ୟନ୍ତ ଦୁର୍ଘଟ, ସେମାନଙ୍କର ଭକ୍ତିର ଇଚ୍ଛା ହେବ କାହିଁକି ? ଏହିକଥା ସତ୍ୟ ଅଟେ, କିନ୍ତୁ କେହି ମଧ୍ୟ (ବିଷୟୀ ମଧ୍ୟ) ଦୁଃଖ ଚାହାଁନ୍ତି ନାହିଁ। ଦୁଃଖସମୁଦ୍ର ଉତ୍ତୀର୍ଣ୍ଣ ହେବାର ଇଚ୍ଛାରେ ମଧ୍ୟ ଯଦି କେହି ଭକ୍ତି ଅଭିଳାଷ କରନ୍ତି, ତାହାଙ୍କ ପକ୍ଷରେ ମଧ୍ୟ ସଦ୍‌ଗୁରୁଙ୍କ ଆଶ୍ରୟର ଅପେକ୍ଷା ଅଛି, ଏହି ଉଦ୍ଦେଶ୍ୟରେ କହୁଛନ୍ତି – ଏହି ପୃଥିବୀରେ ଦୁଃଖସମୂହ ନିତ୍ୟହିଁ ଅନୁଭବ କରିବାକୁ ହେଉଅଛି, ମୃତ୍ୟୁପରେ ମଧ୍ୟ ଅନ୍ୟ ଲୋକକୁ ଯାଇଁ ବିଷୟାବିଷ୍ଟ ଜୀବର ଦୁଃସହ ଦୁଃଖ-ପରମ୍ପରା ଭୋଗ କରିବାକୁ ହେବ – ଏହା ଶାସ୍ତ୍ରରୁ ଶ୍ରବଣ କରିବାକୁ ମିଳେ । ଅତଏବ ସାଧାରଣ ବୁଦ୍ଧିମାନ୍ ବ୍ୟକ୍ତିର ଅନ୍ତତଃ ସେହି ଦୁଃଖ-ଶ୍ରେଣୀରୁ ଉଦ୍ଧାରର ଅଭିଳାଷ କରିବା କର୍ତ୍ତବ୍ୟ । ଏହିପରି ଦୁଃଖରୁ ଉତ୍ତୀର୍ଣ୍ଣ ହେବାପାଇଁ ଯେଉଁମାନଙ୍କର ଚିନ୍ତାର ଅଭାବ ଅଛି, ସେମାନେ ପଶୁପରି ଦୁଃଖ-ପରମ୍ପରା ସହ୍ୟ କରିବାକୁ ସ୍ୱୀକୃତ ହେଉଥିବାରୁ ବ୍ୟାଧ ପ୍ରଭୃତି ପରି କୁବୁଦ୍ଧି ବୋଲି ଜାଣିବାକୁ ହେବ । ଏତେ କ୍ଲେଶପାଇ ମଧ୍ୟ ସେମାନେ କ୍ଲେଶ ମଧ୍ୟରେ ନିଶ୍ଚିନ୍ତ ଭାବରେ ଥାଆନ୍ତି ଏବଂ ସୁଖମରୀଚିକାର ପଶ୍ଚାତେ ପଶ୍ଚାତେ ଧାବିତ ହୋଇ କେବଳ ଦୁଃଖ-ପରମ୍ପରାହିଁ ଲାଭ କରିଥାଆନ୍ତି ! ଏଥିପାଇଁ ଶ୍ରୀଦତ୍ତାତ୍ରୟ (ଭା୧୧।୯।୨୯) କହିଅଛନ୍ତି,-

ଲବ୍ଧା ସୁଦୁର୍ଲଭମିଦଂ ବହୁସମ୍ଭବାନ୍ତେ, ମାନୁଷ୍ୟମର୍ଥଦମନିତ୍ୟମପୀହ ଧୀରଃ ।
ତୂର୍ଣ୍ଣଂ ଯତେତ ନ ପତେଦନୁମୃତ୍ୟୁ ଯାବତ୍, ନିଃଶ୍ରେୟସାୟ ବିଷୟଃ ଖଳୁ ସର୍ବତଃ ସ୍ୟାତ୍ ॥

ପଶୁ-ପକ୍ଷୀ-କୀଟ-ପତଙ୍ଗ-ସରୀସୃପ-ବୃକ୍ଷାଦି ବହୁ ଜନ୍ମପରେ ଏହି ପୃଥିବୀରେ ଅନିତ୍ୟ ହେଲେ ମଧ୍ୟ ପୁରୁଷାର୍ଥ-ସାଧକ ମନୁଷ୍ୟ ଜନ୍ମ ଭାଗ୍ୟକ୍ରମେ ପ୍ରାପ୍ତ ହୋଇ ଯେଉଁ ପର୍ଯ୍ୟନ୍ତ ନିରନ୍ତର ମରଣଶୀଳ (ଅଥବା ମୃତ୍ୟୁପରି ମହାଦୁଃଖ ବହୁଳ) ମାନବଦେହର ପତନ ନଘଟେ, ସେ ପର୍ଯ୍ୟନ୍ତ ବିବେକୀ ପୁରୁଷ ଅବିଳମ୍ବେ ପରମ-ମଙ୍ଗଳ ଲାଭ ପାଇଁ ପ୍ରଯତ୍ନ ହେବେ ବା ଯତ୍ନ କରିବେ । ରୂପରସାଦି ଭୋଗ-ବିଷୟ ସମୂହ କୁକୁର-ଶୂକରାଦି ଯେକୌଣସି ଇତର ଜନ୍ମରେ ମଧ୍ୟ ମିଳେ, କିନ୍ତୁ ପରମାର୍ଥ ଲାଭ ଅନ୍ୟ ଦେହରେ ସମ୍ଭବପର ନୁହେଁ । ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଶ୍ରୀଉଦ୍ଧବଙ୍କୁ କହିଛନ୍ତି (ଭା୧୧।୨୦।୧୭), ଯଥା-

ନୃଦେହମାଦ୍ୟଂ ସୁଲଭଂ ସୁଦୁର୍ଲଭଂ, ପ୍ଲବଂ ସୁକଳ୍ପଂ ଗୁରୁକର୍ଣ୍ଣଧାରମ୍ ।
ମୟାନୁକୂଳେନ ନଭସ୍ୱତେରିତଂ, ପୁମାନ୍ ଭବାବ୍ଧିଂ ନ ତରେତ୍ ସ ଆତ୍ମହା ॥

ଏହି ମନୁଷ୍ୟଦେହ ସମସ୍ତ-ବାଞ୍ଛିତ ଫଳର ମୂଳ, କୋଟି-କୋଟି-ଚେଷ୍ଟା ଏବଂ ଯତ୍ନ ଦ୍ୱାରା ମଧ୍ୟ ଏହି ମନୁଷ୍ୟଦେହ ଲାଭ ହୁଏନା—ଏଥିପାଇଁ ଏହା ଦୁର୍ଲଭ, ଅଥଚ କୌଣସି ଅଜ୍ଞାତ ଭାଗ୍ୟଫଳରେ ଏହା ଲାଭ ହୋଇଅଛି, ସେଥିପାଇଁ ତାହା ଦୁର୍ଲଭ ହେଲେ ମଧ୍ୟ ସୁଲଭ । ଏହି ମାନବଦେହ ଜନ୍ମ-ମରଣ-ମାଳାରୂପି ସଂସାର-ସାଗରର ଉତ୍ତୀର୍ଣ୍ଣ ହେବା ପକ୍ଷେ ସୁଦୃଢ଼ ନୌକା-ସ୍ୱରୂପ । ଗୁରୁଦେବଙ୍କୁ କର୍ଣ୍ଣଧାର(ନିୟାମକ) କରି ତାହାଙ୍କ ଦ୍ୱାରା ଚାଳିତ ଏବଂ ମୋର (ଶ୍ରୀକୃଷ୍ଣଙ୍କ) ସେବାରୂପି ଅନୁକୂଳ ବାୟୁ ଦ୍ୱାରା ପ୍ରେରିତ ହୋଇ ଏହି ମାନବଦେହରୂପ ନୌକା ସାହାଯ୍ୟରେ ଯେଉଁ ବ୍ୟକ୍ତି ଭବସମୁଦ୍ର ଉତ୍ତୀର୍ଣ୍ଣ ନହୁଏ ସେହି ବ୍ୟକ୍ତି ଆତ୍ମଘାତୀ ।

ବିବେକୀ ବ୍ୟକ୍ତିହିଁ ଶ୍ରୀଗୁରୁଚରଣ ପ୍ରସାଦଲବ୍ଧ ଅବ୍ୟଭିଚାରିଣୀ ଭଗବଦ୍ଭକ୍ତି ଦ୍ୱାରା ଏହି ମାୟାସଂସାର ଉତ୍ତୀର୍ଣ୍ଣ ହୁଅନ୍ତି । ଏହି ସିଦ୍ଧାନ୍ତ ଶ୍ରୀନିମିମହାରାଜ ଶ୍ରୀନବଯୋଗେନ୍ଦ୍ରଙ୍କ ନିକଟରୁ ଶ୍ରବଣ କରି ମଧ୍ୟ ପୁନର୍ବାର ସେହି ସଭାରେ ଉପସ୍ଥିତ ବିଦ୍ୱନ୍ମନ୍ୟ କର୍ମିଗଣଙ୍କ ପାଇଁ ପ୍ରଶ୍ନ କରିଲେ,–*ଯଥୈତମୈଶ୍ୱରୀଂ ମାୟାଂ ଦୁସ୍ତରାମକୃତାତ୍ମଭିଃ । ତରନ୍ତ୍ୟଞ୍ଜଃସ୍ଥୂଳଧିଯୋ ମହର୍ଷ ଇଦମୁଚ୍ୟତାମ୍ ॥* (ଭା ୧୧।୩।୧୭)—ଅର୍ଥାତ୍, ହେ ମହର୍ଷେ ! ଅଜିତେନ୍ଦ୍ରିୟ ପୁରୁଷଗଣଙ୍କର ଦୁରତିକ୍ରମଣୀୟା ଏହି ଐଶ୍ୱରୀ ମାୟାକୁ ସ୍ଥୂଳଶରୀରରେ ଅହଂବୁଦ୍ଧି ବିଶିଷ୍ଟ ଅଥବା ସ୍ଥୂଳ ଅର୍ଥାତ୍ ଅଶ୍ୱମେଧାଦି କର୍ମ୍ମକାଣ୍ଡରେ ଆସକ୍ତବୁଦ୍ଧି ବ୍ୟକ୍ତିଗଣ କିପରି ଭାବେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇପାରିବେ, ତାହା କୃପା ପୂର୍ବକ କୁହନ୍ତୁ । ଏହି ପ୍ରଶ୍ନର ଉତ୍ତରରେ ପ୍ରବୁଦ୍ଧ(ଭା ୧୧।୩।୧୮-୨୦) କହିଥିଲେ,–*''କର୍ମାଣ୍ୟାରଭମାଣାନାଂ ଦୁଃଖହତ୍ୟୈ ସୁଖାୟ ଚ । ପଶ୍ୟେତ ପାକବିପର୍ଯ୍ୟାସଂ ମିଥୁନୀଚାରିଣାଂ ନୃଣାମ୍ ॥ ନିତ୍ୟାର୍ତିଦେନ ବିତ୍ତେନ ଦୁର୍ଲଭେନାମୃତ୍ୟୁନା । ଗୃହାପତ୍ୟାପ୍ତପଶୁଭିଃ କା ପ୍ରୀତିଃ ସାଧିତୈଶ୍ଚଳୈଃ ॥ ଏବଂ ଲୋକଂ ପରଂ ବିଦ୍ୟାନ୍ନଶ୍ୱରଂ କର୍ମନିର୍ମିତମ୍ । ସତୁଲ୍ୟାତିଶୟ-ଧ୍ୱଂସଂ ଯଥା ମଣ୍ଡଳବର୍ତିନାମ୍ ॥''*

ମନୁଷ୍ୟ ଦୁଃଖର ପ୍ରତୀକାର ଓ ସୁଖପ୍ରାପ୍ତି ପାଇଁ ସମସ୍ତେ ସମ୍ମିଳିତ ହୋଇ କର୍ମବ୍ୟାପାର ସମୂହରେ ପ୍ରବୃତ୍ତ ହେଲେ ମଧ୍ୟ ଫଳବିପର୍ଯ୍ୟୟ ଘଟିଥାଏ, ଏହା ବିବେକ ସହିତ ଦର୍ଶନ କରିବାକୁ ହେବ । ନିରନ୍ତର ଦୁଃଖପ୍ରଦ, ଅତ୍ୟନ୍ତ ପରିଶ୍ରମଲବ୍ଧ, ନିଜ ମୃତ୍ୟୁଜନକ ଏହି ବିତ୍ତ ଦ୍ୱାରା ଗୃହ, ପୁତ୍ର, ସ୍ୱଜନ, ପଶୁ ପ୍ରଭୃତି ଯେ ସମସ୍ତ ଅନିତ୍ୟବସ୍ତୁ ସଂଗୃହୀତ ହୁଏ, ତାହା ଦ୍ୱାରା ମାନବଗଣଙ୍କର କଣ ସୁଖ ହୋଇପାରେ ? ଖଣ୍ଡରାଜ୍ୟାଧିପତିଗଣଙ୍କ ମଧ୍ୟରେ ଯେପରି ତୁଲ୍ୟ ସମ୍ପତ୍‌ଶାଳୀଙ୍କ ପ୍ରତି ସ୍ପର୍ଧା, ଅତିଶୟ ସମ୍ପତଶାଳୀଙ୍କ ପ୍ରତି ଅସୂୟା ଓ ସମ୍ପତ୍‌ନାଶେ ଶୋକାଦି-ଦୁଃଖ ବିଦ୍ୟମାନ୍ ରହିଅଛି, ସେହିପରି କର୍ମାର୍ଜିତ ଐହିକ ଭୋଗ୍ୟବସ୍ତୁ ପରି କର୍ମାର୍ଜିତ ପାରଲୌକିକ ସ୍ୱର୍ଗାଦି ଭୋଗ୍ୟବସ୍ତୁକୁ ମଧ୍ୟ ନଶ୍ୱର ବୋଲି ଜାଣିବାକୁ ହେବ । ଅତଏବ ପରମେଶ୍ୱରଙ୍କଠାରେ ଭକ୍ତିହିଁ ସଂସାର-ତରଣୀ, ଏହା ଜାଣିବାପାଇଁ (ଶ୍ରବଣ) ଗୁରୁଦେବଙ୍କ ଆଶ୍ରୟ ଗ୍ରହଣ କରିବାକୁ ହେବ ।

ଶ୍ରୀକୃଷ୍ଣଙ୍କଠାରେ ଶରଣାଗତି ଓ ଶ୍ରୀଗୁରୁସେବାର ଆବଶ୍ୟକତା

ଶ୍ରୀକୃଷ୍ଣଙ୍କଠାରେ ଶରଣାଗତି ଦ୍ୱାରାହିଁ ତ' ସର୍ବାର୍ଥସିଦ୍ଧି ହୁଏ, ଏହା ଶ୍ରୀଗୀତାରେ ଶ୍ରୀଭଗବାନ୍‌ଙ୍କ ସ୍ୱମୁଖନିଃସୃତ ଉକ୍ତିରୁ ଜଣାପଡ଼େ । ତାହା ହେଲେ ଆଉ ଶ୍ରୀଗୁରୁ-ପାଦପଦ୍ମର ଆଶ୍ରୟର ପ୍ରୟୋଜନ କଣ ? ଶ୍ରୀଭକ୍ତିସନ୍ଦର୍ଭ ୨୩୭ ଅନୁଚ୍ଛେଦରେ ଶ୍ରୀଜୀବଗୋସ୍ୱାମୀପାଦ୍ ଏହି ସନ୍ଦେହର ଏହିପରି ଉତ୍ତର ଦେଇଅଛନ୍ତି, ଯଦିଓ ଶ୍ରୀଭଗବାନ୍‌ଙ୍କଠାରେ ଶରଣାଗତି ଦ୍ୱାରାହିଁ ସର୍ବାର୍ଥସିଦ୍ଧ ହୋଇପାରେ, ତଥାପି ଯିଏ ପରତତ୍ତ୍ୱଙ୍କ (ଶ୍ରୀଭଗବାନ୍‌ଙ୍କ) ସହିତ ଦାସ୍ୟ ସଖ୍ୟାଦି ସମ୍ବନ୍ଧ ବିଶେଷର ଅନୁଭବ କରିବାକୁ ଇଚ୍ଛା କରନ୍ତି, ସେ ଯଦି ସମର୍ଥ ହୁଅନ୍ତି, ତାହାହେଲେ ତାହାଙ୍କ ପକ୍ଷରେ ଭଗବତ୍-ପ୍ରତିପାଦକ ଶାସ୍ତ୍ରର ଉପଦେଷ୍ଟା, ଅଥବା ଭଗବତ୍-ମନ୍ତ୍ରୋପଦେଷ୍ଟା ଶ୍ରୀଗୁରୁଙ୍କର ନିତ୍ୟହିଁ ବିଶେଷ ଭାବେ ସେବା କରିବା କର୍ତ୍ତବ୍ୟ । କାରଣ, ନିଜେ ଶତଚେଷ୍ଟା କରି ମଧ୍ୟ ଯେଉଁ ଯେଉଁ ବହୁରୂପୀ ଅନର୍ଥର ପ୍ରତିକାର କରି ହୁଏନା, ସେହି ସମସ୍ତ ଅନର୍ଥ ଅନାୟାସରେ ଶ୍ରୀଗୁରୁକୃପାରେହିଁ ନିବୃତ୍ତ ହୁଏ ଏବଂ ଶ୍ରୀଗୁରୁକୃପାହିଁ ଶ୍ରୀଭଗବାନ୍‌ଙ୍କ ପରମ-ଅନୁଗ୍ରହ ଲାଭର ମଧ୍ୟ ମୂଳ –*''ବୈଶିଷ୍ଟ୍ୟଲିପ୍ସୁଃ ଶକ୍ତଶ୍ଚେତ୍ ତତୋ ଭଗବଚ୍ଛାସ୍ତ୍ରୋପଦେଷ୍ଟୃଣାଂ*

ଭଗବନ୍ମନ୍ତ୍ରୋପଦେଷ୍ଟୃଣାଂ ବା ***ଶ୍ରୀଗୁରୁଚରଣାନାଂ ନିତ୍ୟମେବ ସେବାଂ କୁର୍ଯ୍ୟାତ୍,*** *ତତ୍ପ୍ରସାଦୋ ହି ସ୍ୱ-ସ୍ୱ-ନାନାପ୍ରତୀକାରଦୁସ୍ତ୍ୟଜାନର୍ଥହାନୌ ପରମଭଗବତ୍ପ୍ରସାଦସିଦ୍ଧୌ ଚ ମୂଳମ୍ । ପୂର୍ବତ୍ର ଯଥା ସପ୍ତମେ ଶ୍ରୀନାରଦ୍‌ବାକ୍ୟମ୍ ।(ଭା।୭।୧୫।୨୨-୨୫)''*

ଶ୍ରୀଗୁରୁକୃପାରେ ଯେଉଁ ସମସ୍ତ ଅନର୍ଥର ନାଶ ହୁଏ, ତାହା ଶ୍ରୀନାରଦ(ଭାଗ।୧୦/୨୨-୨୫) କହୁଅଛନ୍ତି, - *ଅସଙ୍କଳ୍ପାଜ୍ଜୟେତ୍ କାମଂ କ୍ରୋଧଂ କାମବିବର୍ଜ୍ଜନାତ୍ । ଅର୍ଥାନର୍ଥେକ୍ଷୟା ଲୋଭଂ ଭୟଂ ତତ୍ତ୍ୱାବମର୍ଶନାତ୍ ॥ ଆନ୍ୱିକ୍ଷିକ୍ୟା ଲୋକମୌହୌ ଦମ୍ଭଂ ମହତ୍ସେବୟା । ଯୋଗାନ୍ତରାୟାନ୍ ମୌନେନ ହିଂସା କାମାଦ୍ୟନୀହୟା । କୃପୟା ଭୂତଜଂ ଦୁଃଖ ଦୈବଂ ଜହ୍ୟାତ୍ ସମାଧିନା । ଆତ୍ମଜଂ ଯୋଗବୀର୍ଯ୍ୟେଣ ନିଦ୍ରାଂ ସତ୍ତ୍ୱନିଷେବୟା ॥ ରଜସ୍ତମଶ୍ଚ ସତ୍ତ୍ୱେନ ସତ୍ତ୍ୱଞ୍ଚୋପଶମେନ ଚ । ଏତତ୍ ସର୍ବଂ ଗୁରୌ ଭକ୍ତ୍ୟା ପୁରୁଷୋ ହ୍ୟଞ୍ଜସା ଜୟେତ୍ ॥* ଅର୍ଥାତ୍ - ହେ ରାଜନ୍ ! ସଙ୍କଳ୍ପ ତ୍ୟାଗ ଦ୍ୱାରା କାମକୁ ଜୟ କରିବେ, ତତ୍ତ୍ୱ-ବିଚାର ଦ୍ୱାରା ଭୟ, ମୌନ ଦ୍ୱାରା ଯୋଗର ଅନ୍ତରାୟ ସମୂହ, କାମାଦି ଚେଷ୍ଟା ରାହିତ୍ୟ ଦ୍ୱାରା ହିଂସା, ଯେଉଁ ସମସ୍ତ ପ୍ରାଣୀଙ୍କଠାରୁ ଦୁଃଖ ଉପସ୍ଥିତ ହୁଏ ସେମାନଙ୍କ ପ୍ରତି କୃପା ଦ୍ୱାରା ଦୁଃଖ, ଶ୍ରୀଭଗବାନ୍‌ଙ୍କଠାରେ ଚିତ୍ତର ଏକାଗ୍ରତାରୂପ ସମାଧି ଦ୍ୱାରା ଦୈବଦୁଃଖ, ଯୋଗବଳ ଦ୍ୱାରା ଆଧ୍ୟାତ୍ମିକ-ଦୁଃଖ, ସତ୍ତ୍ୱଗୁଣର ସେବା ଦ୍ୱାରା ନିଦ୍ରା, ସତ୍ତ୍ୱଗୁଣ ଦ୍ୱାରା ରଜୋଗୁଣ ଓ ତମୋଗୁଣ ଏବଂ ଉପଶମ ଦ୍ୱାରା ସତ୍ତ୍ୱଗୁଣକୁ ଜୟ କରିବେ । କିନ୍ତୁ ମନୁଷ୍ୟ ଏକମାତ୍ର ଶ୍ରୀଗୁରୁଚରଣରେ ଭକ୍ତି ଦ୍ୱାରାହିଁ ଏହି ସମସ୍ତ ଅନାୟାସରେ ଜୟ କରିପାରେ । ପୁନଃ ବାମନକଳ୍ପରେ ଶ୍ରୀବ୍ରହ୍ମାଙ୍କ ଉକ୍ତିରୁ ଜଣାପଡ଼େ-

ଯୋ ମନ୍ତ୍ରଃ ସ ଗୁରୁଃ ସାକ୍ଷାଦ୍ ଯୋ ଗୁରୁଃ ସ ହରିଃ ସ୍ୱୟମ୍ ।
ଗୁରୁର୍ଯସ୍ୟ ଭବେତ୍ ତୁଷ୍ଟସ୍ତସ୍ୟ ତୁଷ୍ଟୋ ହରିଃ ସ୍ୱୟମ୍ ॥

ଅର୍ଥାତ୍ 'ଯିଏ ମନ୍ତ୍ର ସେ ହିଁ ଗୁରୁ, ଆଉ ଯିଏ ଗୁରୁ ସେ ହିଁ ଶ୍ରୀହରି । ସେହି ଶ୍ରୀଗୁରୁ ଯାହାଙ୍କ ପ୍ରତି ପ୍ରସନ୍ନ ହୁଅନ୍ତି, ସ୍ୱୟଂ ଶ୍ରୀହରିହିଁ ତାହାଙ୍କ ପ୍ରତି ପ୍ରସନ୍ନ ।' ପୁନଃ ଅନ୍ୟତ୍ର ଦେଖିବାକୁ ମିଳେ - ***ହରୌ ରୁଷ୍ଟେ ଗୁରୁସ୍ତାତା ଗୁରୌ ରୁଷ୍ଟେନ କଶ୍ଚନ । ତସ୍ମାତ୍ ସର୍ବପ୍ରଯତ୍ନେନ ଗୁରୁମେବ ପ୍ରସାଦୟେତ୍ ॥*** -'ଶ୍ରୀହରି ରୁଷ୍ଟ ହେଲେ ଶ୍ରୀଗୁରୁଦେବ ରକ୍ଷା କରିପାରନ୍ତି, କିନ୍ତୁ ଶ୍ରୀଗୁରୁଦେବ ରୁଷ୍ଟହେଲେ କେହି ମଧ୍ୟ ରକ୍ଷା କରିପାରିବେ ନାହିଁ । ଅତଏବ କାୟିକ, ବାଚିକ, ମାନସିକ ସର୍ବପ୍ରଯତ୍ନରେ ଶ୍ରୀଗୁରୁଦେବଙ୍କୁ ପ୍ରସନ୍ନ କରିବାକୁ ଯତ୍ନ କରିବେ । ***'ଅତଏବ ସେବାମାତ୍ରସ୍ତୁ ନିତ୍ୟମେବ'*** -ଏଥିପାଇଁ 'ନିତ୍ୟହିଁ ଶ୍ରୀଗୁରୁଦେବଙ୍କ ସେବା କରିବା କର୍ତ୍ତବ୍ୟ ।'

ଅନ୍ୟତ୍ର ସ୍ୱୟଂ ପରମେଶ୍ୱରଙ୍କ ବାକ୍ୟରୁ ଜଣାପଡ଼େ - ***''ପ୍ରଥମସ୍ତୁ ଗୁରୁଂ ପୂଜ୍ୟ ତତଶ୍ଚୈବ ମମାର୍ଚ୍ଚନମ୍ । କୁର୍ବନ୍ ସିଦ୍ଧିମବାପ୍ନୋତି ହ୍ୟନ୍ୟଥା ନିଷ୍ଫଳଂ ଭବେତ୍ ॥''***- ପ୍ରଥମେ ହିଁ ଶ୍ରୀଗୁରୁଙ୍କୁ ପୂଜା କରି ତତ୍‌ପରେ ମୋତେ ଅର୍ଚ୍ଚନ କରିଲେହିଁ ସାଧକ ସିଦ୍ଧିଲାଭ କରିପାରନ୍ତି, ତାହା ନହେଲେ ଅର୍ଚ୍ଚନ ନିଷ୍ଫଳ ହୁଏ । ଅତଏବ ଶ୍ରୀନାରଦ ପଞ୍ଚରାତ୍ରରେ ଉକ୍ତ ହୋଇଅଛି, - *ବୈଷ୍ଣବଂ ଜ୍ଞାନବନ୍ତାରଂ ଯୋ ବିଦ୍ୱାନ୍ ବିଷ୍ଣୁବତ୍ ଗୁରୁମ୍ । ପୂଜୟେନ୍ ବାଂମନଃକାୟୈଃ ସ ଶାସ୍ତ୍ରଜ୍ଞଃ ସବୈଷ୍ଣବଃ ॥ ଶ୍ଲୋକପାଦସ୍ୟ ରତ୍ନାପି ଯଃ ପୂଜ୍ୟ ସ ସଦୈବ ହି । କିଂ ପୁନର୍ଭଗବଦ୍‌ବିଷ୍ଣୋଃ ସ୍ୱରୂପଂ ବିତନୋତି ଯଃ ॥* -''ଯେଉଁ ବ୍ୟକ୍ତି ଜ୍ଞାନୋପଦେଷ୍ଟା ବୈଷ୍ଣବଗୁରୁଙ୍କୁ ବିଷ୍ଣୁତୁଲ୍ୟ ବୋଲି ଜାଣନ୍ତି ଏବଂ କାୟ-ମନୋ-ବାକ୍ୟରେ ଶ୍ରୀଗୁରୁଦେବଙ୍କୁ ପୂଜା କରନ୍ତି, ସେହି ବ୍ୟକ୍ତିହିଁ ଶାସ୍ତ୍ରଜ୍ଞ

ଓ ବୈଷ୍ଣବ । ଯେଉଁ ବ୍ୟକ୍ତି ଶାସ୍ତ୍ରର ଗୋଟିଏ ଶ୍ଲୋକର ଚତୁର୍ଥାଂଶ ମଧ୍ୟ ଉପଦେଶ କରନ୍ତି, ସେ ମଧ୍ୟ ସର୍ବଦା ପୂଜନୀୟ ହୁଅନ୍ତି, ଆଉ ଯିଏ ସାକ୍ଷାତ୍ ଭଗବାନ ବିଷ୍ଣୁଙ୍କ ସ୍ୱରୂପ ପ୍ରଦାନ କରନ୍ତି, ତାହାଙ୍କ ସମ୍ବନ୍ଧରେ ଆଉ ବକ୍ତବ୍ୟ କଣ ?'

ଶ୍ରୀପଦ୍ମପୁରାଣରେ ଦେବଦ୍ୟୁତି-ସ୍ତୁତିରେ ଉକ୍ତ ହୋଇଅଛି-

''ଭକ୍ତିର୍ଯଥା ହରୌ ମେଦ୍ଧସ୍ତି ତଦ୍ବରିଷ୍ଠା ଗୁରୌ ଯଦି ।
ମମାସ୍ତି ତେନ ସତ୍ୟେନ ସଦ୍ଦର୍ଶୟତୁ ମେ ହରିଃ ॥''

-'ମୋର ଶ୍ରୀହରିଙ୍କଠାରେ ଯେପରି ଭକ୍ତି ଅଛି, ଯଦି ତାହା ଅପେକ୍ଷା ଶ୍ରୀଗୁରୁଦେବଙ୍କଠାରେ ଅଧିକତର ଭକ୍ତିଥାଏ, ତାହାହେଲେ ସେହି ସତ୍ୟ ପ୍ରଭାବରେ ଶ୍ରୀହରି ମୋତେ ଦର୍ଶନ ଦାନ କରନ୍ତୁ ।' ଅତଏବ ଉପରୋକ୍ତ ଏହି ସମସ୍ତ ଉକ୍ତିରୁ ଏହା ବୁଝାହେଉଛି ଯେ - ଶ୍ରୀଶ୍ରୀଗୁରୁଚରଣାନୁରାଗୀଙ୍କ ପକ୍ଷରେ (ଶ୍ରୀଗୁରୁସେବା ପରିତ୍ୟାଗ କରି) ଅନ୍ୟ ଭଗବଭଜନର ମଧ୍ୟ ଅପେକ୍ଷା ନାହିଁ । ଆଗମରେ ପୁରଶ୍ଚରଣ-ଫଳ-ବର୍ଣ୍ଣନ-ପ୍ରସଙ୍ଗରେ ଏହିପରି ଉକ୍ତି ଅଛି-

''ଯଥା ସିଦ୍ଧରସସ୍ପର୍ଶାତ୍ ତାମ୍ରଂ ଭବତି କାଞ୍ଚନଂ ।
ସନ୍ନିଧାନାଦ୍ ଗୁରୋରେବଂ ଶିଷ୍ୟୋ ବିଷ୍ଣୁମୟୋ ଭବେତ୍ ॥''

'ଯେପରି ସିଦ୍ଧରସ (ରାସାୟନିକ ପ୍ରକ୍ରିୟା-ବିଶେଷ ଦ୍ୱାରା ସଂସ୍କୃତ ପାରଦର) ସଂସ୍ପର୍ଶରେ ତାମ୍ର କାଞ୍ଚନ ହୁଏ, ସେହିପରି ଶ୍ରୀଗୁରୁଙ୍କ ସନ୍ନିଧାନରେ ରହିଲେ ଶିଷ୍ୟ ମଧ୍ୟ ବିଷ୍ଣୁମୟ ହୋଇଯାଆନ୍ତି ।' ଅତଏବ ଜ୍ଞାନପ୍ରଦାତା ଗୁରୁଙ୍କଠାରୁ ଅଧିକ ସେବ୍ୟ କେହି ନାହାନ୍ତି, ଯଥା- ଶ୍ରୀକୃଷ୍ଣ ଶ୍ରୀଦାମବିପ୍ରଙ୍କୁ କହିଥିଲେ -

''ନାହମିଜ୍ୟାପ୍ରଜାତିଭ୍ୟାଂ ତପସୋପଶମେନ ଧା ।
ତୁଷ୍ୟେୟଂ ସର୍ବଭୂତାତ୍ମା ଗୁରୁଶୁଶ୍ରୂଷୟା ଯଥା ॥''

ମୁଁ ଯଦିଓ ସର୍ବ-ଭୂତାତ୍ମା, ତଥାପି ଶ୍ରୀଗୁରୁଶୁଶ୍ରୂଷା ଦ୍ୱାରା ଯେପରି ସନ୍ତୋଷ ଲାଭ କରିଥାଏ, ଇଜ୍ୟା- ଗୃହସ୍ଥ ଧର୍ମ, ପ୍ରଜାତି- ପ୍ରକୃଷ୍ଟଜନ ଉପନୟନ ବା ବ୍ରହ୍ମଚର୍ଯ୍ୟ ଧର୍ମ୍ମ, ତପସ୍ୟା-ବାନପ୍ରସ୍ଥଧର୍ମ, ଉପଶମ-ସନ୍ୟାସ ଧର୍ମରେ ସେତେ ସନ୍ତୁଷ୍ଟ ହୁଏ ନାହିଁ । (ଶ୍ରୀଧରସ୍ୱାମୀଙ୍କ ବ୍ୟାଖ୍ୟା) ଶ୍ରୀଧରସ୍ୱାମୀପାଦ୍ 'ଜ୍ଞାନପ୍ରଦଗୁରୁ' ଏହି 'ଜ୍ଞାନ' ଶବ୍ଦର ବ୍ରହ୍ମନିଷ୍ଠାଜ୍ଞାନ ଅର୍ଥ କରିଥିବା ବେଳେ ଶ୍ରୀଜୀବଗୋସ୍ୱାମୀପାଦ୍ ଏହାର 'ଭଗବତ୍-ନିଷ୍ଠାଜ୍ଞାନ' ଅର୍ଥ କରି ଏହି ଶ୍ଲୋକର ଏହିପରି ବ୍ୟାଖ୍ୟା କରିଅଛନ୍ତି -''ହେ ସଖେ ଶ୍ରୀଦାମ ! ମୁଁ ଯଦିଓ ସର୍ବ-ଭୂତାତ୍ମା, ତଥାପି ଇଜ୍ୟା- ମୋର ପୂଜା, ପ୍ରଜାତି- ମୋ ଦୀକ୍ଷା ବା ବୈଷ୍ଣବଦୀକ୍ଷା, ତପସ୍ୟା- ମୋଠାରେ ସମାଧି, ଉପଶମ -ମୋଠାରେ ନିଷ୍ଠା ଦ୍ୱାରା ସେହିପରି ସନ୍ତୁଷ୍ଟ ହୁଏନା ।'' ତେଣୁ ସିଦ୍ଧାନ୍ତ ଏହି ଯେ - *ଜ୍ଞାନପ୍ରଦାଦ୍ ଗୁରୋଧ୍ୟକଃ ସେବ୍ୟୋ ନାସ୍ତୀତ୍ୟୁକ୍ତମ୍ । ଅତଏବ ତଦ୍ଭଜନାଦଧ୍ୟେ ଧର୍ମ୍ମଶ୍ଚ ନାସ୍ତିତ୍ୟାହ-'ନାହମିତି' । (ଭକ୍ତିସନ୍ଦର୍ଭ-୨୩୭ଅନୁ)* 'ଜ୍ଞାନଦାତାଗୁରୁଙ୍କଠାରୁ ଅଧିକ୍ୟ ସେବ୍ୟ କେହି ନାହାନ୍ତି, ଅତଏବ ତାହାଙ୍କ ଭଜନଠାରୁ ମଧ୍ୟ କିଛି ବଡ଼ ଧର୍ମ୍ମ ନାହିଁ ।'

ଶ୍ରୀପାଦ୍ ଶ୍ରୀଧରସ୍ୱାମୀ ମଧ୍ୟ ଶ୍ରୀଗୁରୁପାଦପଦ୍ମ ଆଶ୍ରୟ କରିବାର ଆବଶ୍ୟକତା ଓ ଫଳାତିଶଯ୍ୟ ପ୍ରାପ୍ତିର କଥା ଶ୍ରୁତିସ୍ତବର ବ୍ୟାଖ୍ୟରେ (ଭା୧୦।୮୭।୩୩-ଭାବାର୍ଥଦୀପିକା) କହିଅଛନ୍ତି-ଯେଉଁ ବ୍ୟକ୍ତି ଆଚାର୍ଯ୍ୟଙ୍କ ଆଶ୍ରୟ ଗ୍ରହଣ କରିଅଛନ୍ତି, ଅର୍ଥାତ୍ ତାହାଙ୍କ ପ୍ରତି ଅକପଟ

ଭକ୍ତିମାନ୍, ସେ ହିଁ ବେଦରହସ୍ୟ ଜାଣନ୍ତି । *'ଆଚାର୍ଯ୍ୟବାନ୍ ପୁରୁଷୋ ବେଦ'* (ଛାନ୍ଦୋଗ୍ୟ-୬।୧୪।୨) । ଶ୍ରୀଯମରାଜ ମଧ୍ୟ ନଚିକେତାଙ୍କୁ କହିଛନ୍ତି, -'ହେ ପ୍ରେଷ୍ଠ ! ତୁମେ ଯେଉଁ ଆତ୍ମବିଷୟିଣୀ ବୁଦ୍ଧିଲାଭ କରିଅଛ ଏହି ସୁବୁଦ୍ଧି ତର୍କ ଦ୍ୱାରା ମିଳେନାହିଁ । ତାର୍କିକଙ୍କଠାରୁ ଭିନ୍ନ ଅନୁଭବଶୀଳ ଶାସ୍ତ୍ରଦର୍ଶୀ ଆଚାର୍ଯ୍ୟଙ୍କ ଦ୍ୱାରାହିଁ ପ୍ରକୃଷ୍ଟରୂପେ କୀର୍ତ୍ତିତ ହେଲେ ସୁଜ୍ଞାନର ଯୋଗ୍ୟ ହୁଏ । *''ନୈଷା ତର୍କେଣ ମତିରାପନେୟାପ୍ରୋକ୍ତାନ୍ୟେନୈବ ସୁଜ୍ଞାନାୟ ପ୍ରେଷ୍ଠ ।''*(କଠ-୧।୨।୯)

ଶ୍ରୁତିଗଣ ମଧ୍ୟ ଶ୍ରୀଗୁରୁପସତ୍ତିବିଷୟରେ ମୁଖର

ଶ୍ରୀଗୁରୁଚରଣାଶ୍ରୟର ଆବଶ୍ୟକତା ଶ୍ରୁତିଗଣ ମଧ୍ୟ ପ୍ରତିପାଦନ କରିଅଛନ୍ତି,- ଯେଉଁମାନେ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣ ପରିତ୍ୟାଗ କରି ଅତିଚଞ୍ଚଳ ଅନମିତ ମନୋରୂପ ଅଶ୍ୱକୁ ବିଜିତ ଇନ୍ଦ୍ରିୟ ଓ ପ୍ରାଣସମୂହ ଦ୍ୱାରା ଭଗବାନ୍‌ଙ୍କ ପ୍ରତି ଉନ୍ମୁଖ କରିବାକୁ ଯତ୍ନ କରନ୍ତି, ସେମାନେ ସେହି ସମସ୍ତ ଇନ୍ଦ୍ରିୟ ଓ ପ୍ରାଣସମୂହ ଦ୍ୱାରା କେବଳ ଖେଦ(ଦୁଃଖ) ହିଁ ପ୍ରାପ୍ତ ହୁଅନ୍ତି, ଏବଂ ଶତଶତ ଅନର୍ଥଗ୍ରସ୍ତ ହୋଇଥାଆନ୍ତି । ତେଣୁ ସେମାନେ ଏହି ସଂସାରରେହିଁ ରହିଯାଇ ଥାଆନ୍ତି । ହେ ଅଜ ! ଯେଉଁ ସମସ୍ତ ନାବିକ କର୍ଣ୍ଣଧାରଙ୍କୁ ସ୍ୱୀକାର ନକରି ନୌକା ଦ୍ୱାରା ସମୁଦ୍ର ପାର ହେବାକୁ ଚେଷ୍ଟା କରନ୍ତି, ସେମାନେ ଯେପରି ଅସଂଖ୍ୟ ବିପଦ୍‌ଗ୍ରସ୍ତ ହୁଅନ୍ତି, ଶ୍ରୀଗୁରୁବେଙ୍କ ଆଶ୍ରୟହୀନ ବ୍ୟକ୍ତିର ମଧ୍ୟ ତାହାହିଁ ହୋଇଥାଏ । ଶ୍ରୀଗୁରୁଦେବଙ୍କ ପ୍ରଦର୍ଶିତ ଭଗବଭଜନ-ପଦ୍ଧତି ଅନୁସରଣରେ ଭଗବଦ୍ଧର୍ମ-ବିଷୟକ ଜ୍ଞାନ ଉଦିତ ହେଲେ ଭଗବତ୍‌କୃପାରୁ ଅନର୍ଥସମୂହ ଦ୍ୱାରା ଅଭିଭୂତ ନହୋଇ ଶୀଘ୍ରହିଁ ମନ ନିଶ୍ଚଳ ହୋଇଥାଏ, -ଏହାହିଁ ତାତ୍ପର୍ଯ୍ୟ । ଏଥିପାଇଁ ବ୍ରହ୍ମବୈବର୍ତ୍ତପୁରାଣରେ ଉକ୍ତ ହୋଇଅଛି - ***''ଗୁରୁଭକ୍ତ୍ୟା ସ ମିଳିତ ସ୍ମରଣାତ୍ ସେବ୍ୟତେ ବୁଧୈଃ । ମିଳିତୋଦ୍ଧପି ନ ଲଭ୍ୟତେ ଜୀବୈରହମିକାପରୈଃ ।।''*** -'ଗୁରୁଭକ୍ତି ଦ୍ୱାରା ଶ୍ରୀଭଗବାନ୍‌ଙ୍କ କଥା ସ୍ମରଣ ହୁଏ ଏବଂ ସେହି ସ୍ମରଣରୁ ଭଗବାନ୍‌ଙ୍କୁ ପାଇ ହୁଏ । ବିଜ୍ଞଗଣ ଶ୍ରୀଗୁରୁଦେବଙ୍କୁହିଁ ସେବା କରିଥାଆନ୍ତି । 'ମୁଁ କଣ କମ୍ ବୁଝିଛି', 'ମୁଁ ବେଶ୍ ବୁଝିଛି' ଏହିପରି ଅହଙ୍କାରୀଜୀବ ଶ୍ରୀଭଗବାନ୍‌ଙ୍କୁ ଲାଭ କରି ମଧ୍ୟ ଲାଭ କରିପାରନ୍ତି ନାହିଁ । (ଭକ୍ତିସନ୍ଦର୍ଭ-୨୦୯ଅନୁଚ୍ଛେଦ)

ପୁନଃ ମୁଣ୍ଡକୋପନିଷଦ୍ କହୁଛନ୍ତି,-***''ପରୀକ୍ଷ୍ୟ ଲୋକାନ୍ କର୍ମଚିତାନ୍ ବ୍ରାହ୍ମଣୋ ନିର୍ବେଦମାୟାନ୍ନାସ୍ତ୍ୟକୃତଃ କୃତେନ । ତଦ୍‌ବିଜ୍ଞାନାର୍ଥଂ ସ ଗୁରୁମେବାଭିଗଚ୍ଛେତ୍ ସମିତପାଣିଃ ଶ୍ରୋତ୍ରିୟଂ ବ୍ରହ୍ମନିଷ୍ଠମ୍ ।''*** - ଅକୃତ ଅର୍ଥାତ୍ ଯାହା କର୍ମ ଦ୍ୱାରା ପାଇ ହୁଏନା । କର୍ମଦ୍ୱାରା ନିଷ୍ପାଦିତ ଲୋକ-ସମୂହକୁ ଅନିତ୍ୟରୂପେ ନିଶ୍ଚୟ କରି ବ୍ରାହ୍ମଣ ନିର୍ବେଦ ଲାଭ କରିବେ । ସେହି ପରତତ୍ତ୍ୱ ବସ୍ତୁକୁ ବିଶେଷ ରୂପେ ଅନୁଭବ କରିବାପାଇଁ ସେହି ନିର୍ବେଦପ୍ରାପ୍ତ ବ୍ରାହ୍ମଣ ହସ୍ତରେ ଯଜ୍ଞକାଷ୍ଠ (ଭଗବତ୍ ସେବାର ଉପାୟନ) ନେଇ ଶ୍ରୁତିଶାସ୍ତ୍ର-ପାରଙ୍ଗତ ଓ ପରବ୍ରହ୍ମନିଷ୍ଠ ଗୁରୁଙ୍କ ନିକଟକୁ ଅଭିଗମନ କରିବେ ।

ତସ୍ମୈ ସ ବିଦ୍ୱାନୁପସନ୍ନାୟ ସମ୍ୟକ୍ ପ୍ରଶାନ୍ତଚିତ୍ତାୟ ଶମାନ୍ୱିତାୟ ।
ଯେନାକ୍ଷରଂ ପୁରୁଷଂ ବେଦ ସତ୍ୟଂ ପ୍ରୋବାଚ ତାଂ ତତ୍ତ୍ୱତୋ ବ୍ରହ୍ମବିଦ୍ୟାମ୍ ।।(ମୁଣ୍ଡକ ୧।୨।୧୩)

''ଯଥାଶାସ୍ତ୍ର ସମୁପାଗତ ପ୍ରଶାନ୍ତଚିତ୍ତ ସଂଯତେନ୍ଦ୍ରିୟ ସେହି ଶିଷ୍ୟକୁ ଗୁରୁଦେବ ସେହି ବ୍ରହ୍ମବିଦ୍ୟା ତତ୍ତ୍ୱତଃ କହିବେ, ଯେଉଁ ବିଦ୍ୟା ଦ୍ୱାରା ସତ୍ୟ ଓ ଅକ୍ଷର ପୁରୁଷଙ୍କୁ ଜଣାଯାଏ ।''

ଛାନ୍ଦୋଗ୍ୟୋପନିଷଦ୍ କହୁଅଛନ୍ତି (୪।୯।୩)- *"ଆଚାର୍ଯ୍ୟାଦ୍ଧ୍ୟେବ ବିଦ୍ୟା ବିଦିତା ସାଧିଷ୍ଠ ପ୍ରାପୟତି ।"* - ଆଚାର୍ଯ୍ୟଙ୍କ ଠାରୁ ବିଦ୍ୟା ବିଦିତ ହେଲେହିଁ ତାହା ସର୍ବଶ୍ରେଷ୍ଠ କଲ୍ୟଣ ପ୍ରାପ୍ତ କରାଏ । ଶ୍ରୁତି କହୁଅଛନ୍ତି,

"ଯସ୍ୟ ଦେବେ ପରାଭକ୍ତିର୍ଯଥା ଦେବେ ତଥା ଗୁରୌ ।
ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ॥"

- ଯାହାଙ୍କର ଶ୍ରୀହରିଦେବଙ୍କଠାରେ ଉତ୍ତମା ଭକ୍ତି ଅଛି, ଏବଂ ଶ୍ରୀହରିଦେବଙ୍କ ପ୍ରତି ଯେପରି ଶ୍ରୀଗୁରୁଦେବଙ୍କ ପ୍ରତି ମଧ୍ୟ ସେହିପରି ପରାଭକ୍ତିଅଛି, ସେହି ମହାତ୍ମାଙ୍କ ନିକଟରେହିଁ ଶ୍ରୁତି-କଥିତ ରହସ୍ୟ ସମୂହ ପ୍ରକାଶିତ ହୁଏ ।"

ସମଷ୍ଟିଗୁରୁ ଓ ବ୍ୟଷ୍ଟିଗୁରୁ

ସ୍ୱୟଂ ଭଗବାନହିଁ ସମଷ୍ଟିଗୁରୁ

ଭଗବାନ ଶ୍ରୀକୃଷ୍ଣ ସର୍ବଜ୍ଞ, ସେ ତ୍ରିକାଳରର ସମସ୍ତହିଁ ଅବଗତ ଅଛନ୍ତି, କିନ୍ତୁ କିଏ ତାହାଙ୍କୁ ପୂର୍ଣ୍ଣ ରୂପରେ ଅବଗତ ନୁହଁନ୍ତି । ଶ୍ରୀକୃଷ୍ଣ ଶ୍ରୀଗୀତାରେ କହିଛନ୍ତି - *"ବେଦାହଂ ସମତୀତାନି ବର୍ତ୍ତମାନାନି ଚାର୍ଜୁନ । ଭବିଷ୍ୟନି ଚ ଭୂତାନି ମାନ୍ତୁ ବେଦ ନ କଶ୍ଚନ ॥"*(୭।୭୫) -'ହେ ଅର୍ଜୁନ ! ମୁଁ ଅତୀତ, ବର୍ତ୍ତମାନ୍ ଓ ଭବିଷ୍ୟର ସ୍ଥାବରଜଙ୍ଗମ ସମସ୍ତଙ୍କୁ ଜାଣେ, କିନ୍ତୁ କେହି ମୋତେ ସମ୍ପୂର୍ଣ୍ଣ ରୂପେ ଜାଣନ୍ତି ନାହିଁ ।' ଅତଏବ ତାହାଙ୍କୁ ପାଇବାର ବା ତାହାଙ୍କ ପ୍ରତି ଉନ୍ମୁଖ ହେବାର ସାଧ୍ୟ ସାଧନ ବିଷୟର ପୂର୍ଣ୍ଣଜ୍ଞାନ ତାହାଙ୍କ ବ୍ୟତୀତ ଅନ୍ୟ କେହି ପ୍ରଦାନ କରିବାରେ ସକ୍ଷମ ନୁହଁନ୍ତି । ତେଣୁ - ଏକ ଶ୍ରୀକୃଷ୍ଣହିଁ ତାହାଙ୍କ ବିଷୟର ପ୍ରକୃଷ୍ଟ ଜ୍ଞାନଦାତା ସମଷ୍ଟି 'ଶ୍ରୀଗୁରୁତତ୍ତ୍ୱ' (ସମଷ୍ଟିଗୁରୁ) ରୂପେ ସର୍ବଦା ବିଦ୍ୟମାନ୍ ଅଛନ୍ତି । ସେହି ସମଷ୍ଟିଗୁରୁ ଶ୍ରୀକୃଷ୍ଣ ଯେତେବେଳେ ବ୍ୟଷ୍ଟି(ପୃଥକ୍ ପୃଥକ୍) ଜୀବର ଅଜ୍ଞାନାନ୍ଧକାର ଦୂର କରିବାପାଇଁ ପ୍ରତ୍ୟେକ ଜୀବର ଯୋଗ୍ୟତାନୁସାରେ କୃପା କରିବାପାଇଁ ବିଭିନ୍ନ ଭକ୍ତାଧାରରେ ଅଧିଷ୍ଠିତ ହୋଇ ଅର୍ଥାତ୍ ନିଜଶକ୍ତିସ୍ୱରୂପ ଭକ୍ତାବତାର ରୂପେ (ଭକ୍ତଶ୍ରେଷ୍ଠ ମହାନ୍ତ ସ୍ୱରୂପେ) ଜଗତରେ ଅବତୀର୍ଣ୍ଣ ହୋଇ ସେହି ସେହି ଜୀବକୁ ମନ୍ତ୍ରଦୀକ୍ଷା-ଶିକ୍ଷାଦି (ତତ୍ ବିଷୟକ ଶୁଦ୍ଧଭକ୍ତି) ଦାନ ପୂର୍ବକ କୃପା ବିତରଣ ଦ୍ୱାରା ଜୀବର ଭବସଂସାର କ୍ଷୟ କରି ସ୍ୱଚରଣକୁ ନେଇଯାଆନ୍ତି, ସେତେବେଳେ ସେ 'ବ୍ୟଷ୍ଟି ଗୁରୁ' ନାମରେ କଥିତ ହୁଅନ୍ତି ।

ଶ୍ରୀମହାଭାରତର ଶ୍ରୀବିଷ୍ଣୁସହସ୍ରନାମସ୍ତୋତ୍ରରେ(୩୬) ଶ୍ରୀକୃଷ୍ଣହିଁ *'ଗୁରୁର୍ଗୁରୁ ତମଃ'* ନାମରେ କୀର୍ତ୍ତିତ ହୋଇଅଛନ୍ତି । ଶ୍ରୀମତ୍ ବଳଦେବବିଦ୍ୟାଭୂଷଣ ପାଦ୍ ଏହାର ଟୀକାରେ କହିଛନ୍ତି- *"ଜଗଦ୍ଧିତୋ ପଦେଷ୍ଟୃତ୍ୱାଦ୍ ଗୁରୁ ଜଗଦ୍ଗୁଣା° ବିରିଞ୍ଚ୍ୟାଦୀନାମପି ଶିକ୍ଷକତ୍ୱାଦ୍ ଗୁରୁତମଃ"* -ବୈଦଶାସ୍ତ୍ରାଦି ଦ୍ୱାରା ଜଗତର ହିତୋପଦେଷ୍ଟା ବୋଲି ଶ୍ରୀକୃଷ୍ଣହିଁ ଗୁରୁ ଏବଂ ଶ୍ରୀବ୍ରହ୍ମାଦି ଜଗଦ୍ଗୁରୁଗଣଙ୍କର ଶିକ୍ଷକ ବୋଲି ଶ୍ରୀକୃଷ୍ଣହିଁ ଗୁରୁତମ । ଶ୍ରୀନାରଦପଞ୍ଚରାତ୍ରର ଗୋପାଳସହସ୍ରନାମରେ (୪।୮।୩୫) ଶ୍ରୀକୃଷ୍ଣଙ୍କର ଏକ ନାମ ଜଗଦ୍ଗୁରୁ, -*'ଗୋପୀରତୋ ଗୁରୁ-ନଖଧାରୀ ହାରୀ ଜଗଦ୍ଗୁରୁଃ ।'* ଶ୍ରୀପଦ୍ମପୁରାଣରେ ପାର୍ବତୀମହାଦେବ ସମ୍ବାଦ ଅନ୍ତର୍ଗତ ଶ୍ରୀବୃହଦ୍ବିଷ୍ଣୁସହସ୍ରନାମସ୍ତୋତ୍ରରେ ଶ୍ରୀବାସୁଦେବ "ଗୁରୁଶ୍ରେଷ୍ଠ" ନାମରେ ସ୍ତୁତ ହୋଇଅଛନ୍ତି -*'ଚିନ୍ତାମଣିର୍ଗୁରୁଶ୍ରେଷ୍ଠୋ ମାତା ହିତତମଃ ପିତା ।'* ଶ୍ରୀମଦ୍ଭାଗବତରେ ବହୁସ୍ଥାନରେ ସ୍ୱୟଂ

ଭଗବାନ୍ ଶ୍ରୀକୃଷ୍ଣ 'ପରମଗୁରୁ ଓ 'ଗୁରୁ' ଇତ୍ୟାଦି ନାମରେ ଅବିହିତ ହୋଇଛନ୍ତି । ଯଥା, – (ଭା ୧୨।୩।୪୩) – *'କଲୌ ନ ରାଜନ୍ ଜଗତାଂ ପରଂ ଗୁରୁମ୍ ତ୍ରିଲୋକନାଥା ନତପାଦ ପଙ୍କଜମ୍ । ପ୍ରାୟେଣ ମର୍ତ୍ୟା ଭଗବନ୍ତମଚ୍ୟୁତଂ ଯକ୍ଷନ୍ତି ପାଷଣ୍ଡବିଭିନ୍ନଚେତସଃ ॥'* ଶ୍ରୀଶୁକଦେବ କହିଲେ, –ହେ ରାଜନ ! କଳିଯୁଗ ସନ୍ଧ୍ୟାପରେ ମାନବଗଣଙ୍କ ଚିତ୍ତ ଅପରାଧ ସମୂହ ଦ୍ୱାରା ନାମୈକନିଷ୍ଠାରୁ ଚ୍ୟୁତ ହୋଇ ବିଭିନ୍ନ ମାର୍ଗଗାମୀ ହେବ, ଏଥିପାଇଁ ସେମାନେ ତ୍ରିଲୋକେଶ୍ୱର ବନ୍ଦିତ ଶ୍ରୀଚରଣକମଳ ଜଗତର ପରମଗୁରୁ ଶ୍ରୀଭଗବାନ୍‌ଙ୍କୁ ନାମସଂକୀର୍ତ୍ତନ ଦ୍ୱାରା ଆରାଧନା କରିବେ ନାହିଁ, —ଅନ୍ୟାନ୍ୟ ପଥ ଅବଲମ୍ବନ କରିବେ ।

ଶ୍ରୀମଦ୍ଭାଗବତର ଅନ୍ୟତ୍ର (୧୧।୨୯।୪୯) ମଧ୍ୟ ଶ୍ରୀଶୁକଦେବ ଶ୍ରୀକୃଷ୍ଣଙ୍କୁ ଜଗଦ୍‌ଗୁରୁରୂପେ ପ୍ରଣାମ କରିଅଛନ୍ତି, –*''ଭବଭୟମପ ହନ୍ତୁଂ ଜ୍ଞାନବିଜ୍ଞାନସାରଂ ନିଗମକୃଦୁପଜହ୍ରେ ଭୃଙ୍ଗବଦ୍ ବେଦସାରମ୍ । ଅମୃତ ମୁଦଧିତଶ୍ଚାପାୟୟଦ୍ଭୃତ୍ୟବର୍ଗାନ୍ ପୁରୁଷମୃଷଭମାଦ୍ୟଂ କୃଷ୍ଣସଂଜ୍ଞଂ ନତୋଽସ୍ମି ॥''* ଶ୍ରୀଧରସ୍ୱାମିପାଦ୍ ଓ ଶ୍ରୀବିଶ୍ୱନାଥଚକ୍ରବର୍ତ୍ତି ପାଦ୍ ଉଭୟେହିଁ କହିଛନ୍ତି, – *''ଜଗଦ୍‌ଗୁରୁଂ ପ୍ରଣମତି''* – ଅର୍ଥାତ୍ ଶ୍ରୀଶୁକଦେବ ଜଗଦ୍‌ଗୁରୁଙ୍କୁ ପ୍ରଣାମ କରୁଅଛନ୍ତି – ଲୋକଙ୍କ ସଂସାରଭୟ ବିନାଶ କରିବାପାଇଁ ଯେଉଁ ବେଦକର୍ତ୍ତା, ମଧୁକରଙ୍କ ପରି ବେଦପୁଷ୍ପୋଦ୍ୟାନରୁ ପୁଷ୍ପସାରରୂପ ଜ୍ଞାନ–ବିଜ୍ଞାନସାର ବେଦନିର୍ଯ୍ୟାସ ଏବଂ (ମୋହିନୀରୂପେ) ସମୁଦ୍ରରୁ ତତ୍‌ସାର–ସ୍ୱରୂପ ଅମୃତ ଉଦ୍ଧାରକରି ଭୃତ୍ୟବର୍ଗଙ୍କୁ (ଦେବତାଗଣଙ୍କୁ ଅମୃତଦାନ ଓ ଅସୁରଗଣଙ୍କୁ ବଞ୍ଚନା କରି) ତାହା ପାନ କରିଥିଲେ, ସେହି ଆଦିକାରଣ ସର୍ବଶ୍ରେଷ୍ଠ କୃଷ୍ଣନାମକ ପୁରୁଷଙ୍କୁ ନମସ୍କାର କରୁଅଛି । ଅଥବା ଅମରତା–ସାଧକ ବେଦସାରର ସଂଗ୍ରହକାରୀ ଓ ତାହା ନିଜ ଅନୁଗତ ସମ୍ପ୍ରଦାୟକୁ ବିତରଣକାରୀ ଶ୍ରୀକୃଷ୍ଣଦ୍ୱୈପାୟନ ବେଦବ୍ୟାସଙ୍କୁ ପ୍ରଣାମ କରୁଅଛି ।

ମହାଭାଗବତବର ଶ୍ରୀମାର୍କଣ୍ଡେୟ ଶ୍ରୀବିଷ୍ଣୁଙ୍କୁ ସ୍ତବ କରି କହିଛନ୍ତି, ***''ତସ୍ମୈ ନମୋ ଭଗବତେ ତ୍ରିଗୁଣାୟ ଗୁଣାତ୍ମନେ । କେବଳାୟାଦ୍ୱିତୀୟାୟ ଗୁରବେ ବ୍ରହ୍ମମୂର୍ତ୍ତୟେ ॥''*** ଯିଏ ତ୍ରିଗୁଣମୟ ହୋଇ ମଧ୍ୟ ଜୀବ ପରି ତଦ୍ଦ୍ୱାରା ଅଭିଭୂତ ନୁହଁନ୍ତି (ଶ୍ରୀଧର), ଐଶ୍ୱର୍ଯ୍ୟାଦିଗୁଣ–ସମୂହ ଯାହାଙ୍କ ଆତ୍ମା ଅର୍ଥାତ୍ ସ୍ୱରୂପଭୂତ, ଯିଏ ପ୍ରକୃତି ସଙ୍ଗଶୂନ୍ୟ, ଯିଏ ସ୍ୱତୁଲ୍ୟରହିତ, ଅତଏବ ଯିଏ ସମସ୍ତଙ୍କ ଉପଦେଷ୍ଟା, ଯିଏ ବେଦମୂର୍ତ୍ତି, ସେହି ଅଚ୍ୟୁତଙ୍କୁ ନମସ୍କାର (କ୍ରମସନ୍ଦର୍ଭ) । ଶ୍ରୀରୁଦ୍ର, ପ୍ରଚେତାଗଣଙ୍କ ନିକଟରେ ଶ୍ରୀନାରାୟଣଙ୍କ ସ୍ତବ କରି କହିଛନ୍ତି,— ***''ପଦା ଶରତ୍‌ପଦ୍ମପଲାଶରୋଚିଷା, ନଖଦ୍ୟୁଭିର୍ନୋଽନ୍ତରଯଂ ବିଧୁନ୍ୱତା । ପ୍ରଦର୍ଶୟ ସ୍ୱୀୟମପାସ୍ତସାଧ୍ୱସଂ, ପଦଂ ଗୁରୋ ମାର୍ଗଗୁରୁସ୍ତ ମୋକ୍ଷୁଷାମ୍ ॥''*** (ଭା ୪।୨୪।୫୨) – ହେ ଗୁରୋ ! ଯାହା ଶରତ୍‌କାଳୀନ ପଦ୍ମଦଳପରି ଦୀପ୍ତିଶାଳୀ ଏବଂ ଯାହାଙ୍କ ନଖଦୀପ୍ତିରେ ଆତ୍ମମାନଙ୍କର ହୃଦ୍‌ଗତ ଅଜ୍ଞାନାନ୍ଧକାର ବିଦୂରିତ ହୁଏ, ସେହି ଦୀପସ୍ଥାନୀୟ ଶ୍ରୀଚରଣ ଦ୍ୱାରା ଭକ୍ତଗଣଙ୍କର ଭୟାପହାରୀ ନିଜ ସ୍ୱରୂପ(ସ୍ଥାନ) ପ୍ରଦର୍ଶନ କରନ୍ତୁ । ଆପଣ ଅଜ୍ଞାନତିମିରରେ ଅନ୍ଧ ଜୀବଗଣଙ୍କ ଭକ୍ତି ମାର୍ଗୋପଦେଷ୍ଟା ଅର୍ଥାତ୍ ଆପଣହିଁ ଗୁରୁରୂପଧାରୀ ।

ଶ୍ରୀଜୀବଗୋସ୍ୱାମୀପାଦ୍ ଶ୍ରୀଉଦ୍ଧବମହାଶୟ କର୍ତ୍ତୃକ ଶ୍ରୀକୃଷ୍ଣପ୍ରଣତିର—*''ନମାମି ତେ ତୀର୍ଥପଦାଂଘ୍ରି ପଦ୍ମମ୍''* (୧୧।୧୬।୫) ବାକ୍ୟର ବ୍ୟାଖ୍ୟାରେ କ୍ରମସନ୍ଦର୍ଭରେ କହିଅଛନ୍ତି, *''ତୀର୍ଥାନାଂ ସର୍ବେଷାଂ ଗୁରୁପରମ୍ପରାଣାଂ ପଦମାଶ୍ରୟୋଂଘ୍ରିପଦ୍ମଂ ଯସ୍ୟ ତମ୍ । ସ୍ରୋତସାଂ*

ସମୁଦ୍ରମିବ'' – ଯେପରି ନଦୀସମୂହର ଆଶ୍ରୟ – ଯାହାଙ୍କ ଶ୍ରୀପାଦପଦ୍ମ, ସେହି ଶ୍ରୀକୃଷ୍ଣଙ୍କୁ ନମସ୍କାର ।' ଶ୍ରୀକୃଷ୍ଣ ଶ୍ରୀଉଦ୍ଧବଙ୍କୁ କହିଛନ୍ତି, – *'ବନ୍ଧୁର୍ଗୁରୁରହଂ ସଖେ'* (ଭା୧୧।୧୯।୪୩) ଶ୍ରୀଧରସ୍ୱାମୀପାଦ୍ ଟୀକାରେ ଲେଖିଛନ୍ତି, – *ଗୁରୁରେବ ବନ୍ଧୁଃ, ନ ଭ୍ରାତ୍ରାଦିଃ, ସ ଚାହମେବ ଯଥାହଃ ଜଗଦ୍‌ଗୁରୁ, ''ଏକ ଏକ ପରୋ ବନ୍ଧୁର୍ବିଷମେ ସମୁପସ୍ଥିତେ । ଗୁରୁଃ ସକଳ–ଧର୍ମାତ୍ମା ଯତ୍ରାକିଞ୍ଚନଗୋ ହରିଃ ।''* ଅର୍ଥାତ୍ ଗୁରୁହିଁ ବନ୍ଧୁ । ଭ୍ରାତା ପ୍ରଭୃତି ଲୌକିକ ବାନ୍ଧବଗଣ ପ୍ରକୃତ ବନ୍ଧୁ ନୁହଁନ୍ତି, ମୁଁ ହିଁ ସେହି ଗୁରୁଦେବ, ଯେପରି ମୁଁ ଜଗଦ୍‌ଗୁରୁ । ସଙ୍କଟ ଉପସ୍ଥିତ ହେଲେ ସେଠାରେ ଏକମାତ୍ର ଶ୍ରେଷ୍ଠବନ୍ଧୁ ଶ୍ରୀଗୁରୁଦେବ । ସେ ସମସ୍ତ ଧର୍ମର ପ୍ରାଣସ୍ୱରୂପ, ଅକିଞ୍ଚନ–ଲଭ୍ୟ ଶ୍ରୀହରି ।

ଶ୍ରୀମଧ୍ୱାଚାର୍ଯ୍ୟକୃତ ଶ୍ରୀମଦ୍ଭାଗବତ–ତାତ୍ପର୍ଯ୍ୟଧୃତ(୧୦।୨୯।୧୫) ଶ୍ରୀବରାହପୁରାଣ ବାକ୍ୟରେ ଉକ୍ତ ଅଛି – *'ଗୁରୁଃ ଶ୍ରୀବ୍ରହ୍ମଣୋ ବିଷ୍ଣୁଃ ପୁରାଣାଞ୍ଚ ଗୁରୋର୍ଗୁରୁଃ । ମୂଳ ଭୂତୋ ଗୁରୁଃ ସର୍ବଜନାନାଂ ପୁରୁଷୋତ୍ତମଃ ॥'* ଅର୍ଥାତ୍ ଶ୍ରୀବିଷ୍ଣୁ ଶ୍ରୀବ୍ରହ୍ମାଙ୍କ ଗୁରୁ ଏବଂ ଦେବତାଗଣଙ୍କ ଗୁରୁଙ୍କ ଗୁରୁ । ଅତଏବ ଶ୍ରୀପୁରୁଷୋତ୍ତମ ବିଷ୍ଣୁହିଁ ସମସ୍ତଙ୍କ ମୂଳସ୍ୱରୂପ ଗୁରୁ । ଶ୍ରୀବ୍ରହ୍ମସଂହିତାରେ (୫।୩୬) ଶ୍ରୀକୃଷ୍ଣଙ୍କୁହିଁ ଆଦିଗୁରୁ ଶବ୍ଦରେ ଅବିହିତ କରାଯାଇଛି ।

ଶ୍ରୀଚୈତନ୍ୟ ଚରତାମୃତ ଆଦିଖଣ୍ଡ ଚତୁର୍ଥ ପରିଚ୍ଛେଦରେ ଶ୍ରୀଳ କବିରାଜ ଗୋସ୍ୱାମୀପାଦ୍ ଅତି ବିଶଦ ଭାବରେ ଶ୍ରୀକୃଷ୍ଣଙ୍କର ହ୍ଲାଦିନୀ ଶକ୍ତିର ଅଧିଷ୍ଠାତ୍ରୀ ଦେବୀ ଶ୍ରୀମତୀ ରାଧାରାଣୀ ସୁମହିମା ମଣ୍ଡିତ ତତ୍ତ୍ୱ ଆଲୋଚନା କରିଛନ୍ତି । ଶ୍ରୀକୃଷ୍ଣ ପରମ ଆରଧ୍ୟତମ ପରମେଶ୍ୱର ହୋଇଥିଲେ ମଧ୍ୟ ସେ ନିଜକୁ ଅଶେଷ ରସସାଗରରେ ସର୍ବଦା ନିମଜ୍ଜିତ କରି ଅସମୋର୍ଦ୍ଧ୍ୱ ଆନନ୍ଦ ଆସ୍ୱାଦନ କରାଇଥିବା ଶ୍ରୀମତୀରାଧାରାଣୀଙ୍କୁହିଁ ତାହାଙ୍କର ଗୁରୁ ରୂପେ ବରଣ କରିଛନ୍ତି ।

ରାଧିକା ପ୍ରେମଗୁରୁ, ଆମି ଶିଷ୍ୟ ନଟ । ସଦା ଆମା ନାନା ନୃତ୍ୟେ ନାଚାୟ ଉଦ୍ଭଟ ॥

ଅତଏବ ମାଦନାଖ୍ୟ ମହାଭାବ ସ୍ୱରୂପିଣୀ ଶ୍ରୀରାଧାଠାକୁରାଣୀ ଅଖଣ୍ଡ ସମଷ୍ଟି ଗୁରୁ ଶ୍ରୀକୃଷ୍ଣଙ୍କର ମଧ୍ୟ ଗୁରୁ ତେଣୁ ଶ୍ରୀରାଧାହିଁ ଜଗତର ପରମଗୁରୁ । ଶ୍ରୀମତୀ ରାଧାରାଣୀଙ୍କର ଗୁର୍ବିତା ଶକ୍ତି ବା ହ୍ଲାଦିନୀ ଶକ୍ତିହିଁ ବ୍ୟଷ୍ଟି ଜୀବର ଅନ୍ତକରଣରେ ପ୍ରବିଷ୍ଟ ହୋଇ ଜୀବର ଅପ୍ରାକୃତ ସମ୍ପାଦନ କରାଇ ନିଜ ପ୍ରାଣନାଥ ଶ୍ରୀକୃଷ୍ଣଙ୍କର ସେବା କରାଇଥାଆନ୍ତି ।

ଶ୍ରୀଳ ବୃନ୍ଦାବନଦାସଠାକୁର ଭଗବାନ୍ ଶ୍ରୀଗୌରସୁନ୍ଦରଙ୍କ ଜୟ ଗାଇଛନ୍ତି, *ଜୟ ଜୟ ଶ୍ରୀଗୌରସୁନ୍ଦର ସର୍ବ ଗୁରୁ । ଜୟ ଭକ୍ତଜନବାଞ୍ଛା କଳ୍ପତରୁ ॥* (ଚୈ:ଭା ୩।୫।୧) ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଜଗତ୍‌ଗୁରୁ ରୂପେ ଚିହ୍ନିପାରି ଶ୍ରୀଈଶ୍ୱରୀପୁରୀପାଦ୍ କହିଛନ୍ତି,– *ତୁମି ଯେ ଜଗଦ୍‌ଗୁରୁ ଜାଣିଲ ନିଶ୍ଚୟ । ତୋମାର ଗୁରୁର ଯୋଗ୍ୟ କେହ କଭୁ ନୟ ॥ ତଭୁ ତୁମି ଲୋକଶିକ୍ଷା ନିମିତ୍ତ କାରଣେ । କରିଯା ଆମାରେ ଗୁରୁ, ହେନ ଲୟ ମନେ ॥(ଶ୍ରୀଚୈ:ଭା ଆଦି ୨।୨୬)*

ବ୍ୟଷ୍ଟିଗୁରୁ ବା ଭକ୍ତଶ୍ରେଷ୍ଠ ମହାନ୍ତଗୁରୁ

ଶ୍ରୀକୃଷ୍ଣ ସାକ୍ଷାଦ୍‌ଭାବେ ଜୀବକୁ ଦୀକ୍ଷାଦି–ଦାନେ କୃପା କରନ୍ତି ନାହିଁ । ସେ ତାହାଙ୍କ ଭାଗବତ–ଅବତାରଗଣଙ୍କ ମଧ୍ୟରେ ଗୁରୁଶକ୍ତି ଅର୍ପଣ କରି ତଦ୍ଦ୍ୱାରା ଜୀବକୁ କୃପା କରନ୍ତି । ଏଥିପାଇଁ ଉକ୍ତ ହୋଇଅଛି – *''ଗୁରୁରୂପେ କୃଷ୍ଣକୃପା କରେନ ଭକ୍ତଗଣେ ।''(ଚୈ:ଚ ୧।୧।୪୫)* ମହାଜନଙ୍କ ଗାନରେ ମଧ୍ୟ ଦେଖାଯାଏ *'' ଜୀବର ନିସ୍ତାର ଲାଗି ନନ୍ଦସୁତ ହରି । ଭୁବନେ ପ୍ରକାଶ ହନ ଗୁରୁ ରୂପ ଧରି ॥'' ପୁନଃ '' ନରତ୍ରାଣ ପାଇଁ ହରି ଚାକ୍ଷୁଷ ହେ ।''* ଇତ୍ୟାଦି ।

ଶ୍ରୀଜୀବପାଦ୍ ସନ୍ଦର୍ଭରେ ଲେଖିଛନ୍ତି, *"ଯ ଏବ ଭଗବାନତ୍ର ବ୍ୟଷ୍ଟିରୂପତୟା ଭକ୍ତାବତାରତ୍ୱେନ – ଶ୍ରୀଗୁରୁରୂପୋ ବର୍ତତେ, ସ ଏବ ଏତ୍ର ସମଷ୍ଟିରୂପତୟା ସ୍ୱବାମପ୍ରଦେଶେ ସାକ୍ଷାଦ୍ଅବତାରତ୍ୱେନାପି ତଦ୍ରୂପୋ ବର୍ତତେ ।"* *(ଭ:ସ:୨୮୬ ଅନୁ)* ଯେଉଁ ଭଗବାନ ଏହି ଜଗତରେ ବ୍ୟଷ୍ଟି ରୂପେ (ପୃଥକ୍ ପୃଥକ୍ ବ୍ୟକ୍ତିଙ୍କୁ କୃପା କରିବା ପାଇଁ ପୃଥକ୍ ପୃଥକ୍ ଆଚାର୍ଯ୍ୟ ମୂର୍ତିରେ ଅବସ୍ଥିତ) ଭକ୍ତାବତାର – ଶ୍ରୀଗୁରୁସ୍ୱରୂପ, ସେ ଅପ୍ରକଟ–ପ୍ରକାଶରେ ଶ୍ରୀଯୋଗପୀଠରେ ସମଷ୍ଟିରୂପେ ନିଜର (ଶ୍ରୀଭଗବାନଙ୍କ) ବାମଦେଶରେ ସାକ୍ଷାତ୍ ଅବତାର ସ୍ୱରୂପ ହୋଇ ଶ୍ରୀଗୁରୁରୂପେ ନିତ୍ୟ ବିରାଜମାନ ଅଛନ୍ତି ।

ସମଷ୍ଟିଗୁରୁଦେବ ଅଦ୍ୱୟ ଜ୍ଞାନତତ୍ତ୍ୱ । ସେହି ସମଷ୍ଟି ଗୁରୁଦେବହିଁ ପୃଥକ୍ ପୃଥକ୍ ଜୀବକୁ ଜୀବର ସ୍ୱ–ସ୍ୱ–ଅଧିକାର–ଅନୁଯାୟୀ କୃପା କରିବାପାଇଁ ପୃଥକ୍ ପୃଥକ୍ ଭକ୍ତଶ୍ରେଷ୍ଠଙ୍କ ମୂର୍ତ୍ତିରେ ଅବତୀର୍ଣ୍ଣ ହୁଅନ୍ତି । ଯେପରି ପୃଥିବୀର ବିଭିନ୍ନ ଦେଶର ଯେ କୌଣସି ସ୍ଥାନରେ ପ୍ରକାଶିତ ଥାଆନ୍ତୁ ନା କାହିଁକି, ସୂର୍ଯ୍ୟ ସର୍ବଦା ଏକ, – ସେ ପୃଥକ୍ ପୃଥକ୍ ଦେଶରେ ପୃଥକ୍ ପୃଥକ୍ ସମୟରେ ଉଦିତ ବା ଦୃଷ୍ଟ ହୁଅନ୍ତୁ ନ କାହିଁକି, ସୂର୍ଯ୍ୟ ସେହି ଏକ । ସେହି ଅଖଣ୍ଡ ଅଦ୍ୱିତୀୟ ସୂର୍ଯ୍ୟ ଯେପରି ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଅଧିବାସୀଙ୍କର ପ୍ରକୋଷ୍ଠର ଗବାକ୍ଷରେ ପ୍ରବେଶ କରି ଆଲୋକଦାନେ ସେମାନଙ୍କୁ କୃପା କରିଥାଆନ୍ତି, ସେହିପରି ଅପ୍ରକଟପ୍ରକାଶରେ ନିତ୍ୟ ଅବସ୍ଥିତ ସମଷ୍ଟିଗୁରୁଦେବହିଁ ଭିନ୍ନ ଭିନ୍ନ ଭକ୍ତାବତାରରେ ପ୍ରକଟିତ ହୋଇ ପୃଥକ୍ ପୃଥକ୍ ଆଚାର୍ଯ୍ୟ ମୂର୍ତ୍ତିରେ ପ୍ରକାଶିତ । ବ୍ୟକ୍ତିବିଶେଷଙ୍କର ଭିନ୍ନତାକୁ ନେଇ ବ୍ୟଷ୍ଟିଗୁରୁ ଭିନ୍ନ ଭିନ୍ନ ହେଲେ ମଧ୍ୟ ସମଷ୍ଟିଗୁରୁ ସମସ୍ତଙ୍କ ପାଇଁ ଏକ ଏବଂ ଅଦ୍ୱିତୀୟ । କୌଣସି ବ୍ୟକ୍ତିବିଶେଷର ପ୍ରକୋଷ୍ଠର ଗବାକ୍ଷ ମଧ୍ୟ ଦେଇ ପ୍ରକାଶିତ ସୂର୍ଯ୍ୟାଲୋକ ଲୋକଦୃଷ୍ଟିରୁ ପରିଚ୍ଛିନ୍ନ ମନେ ହେଉଥିଲେ ମଧ୍ୟ ମୂଳ ସୂର୍ଯ୍ୟଙ୍କ ସହିତ ସଂଯୁକ୍ତ – ସୂର୍ଯ୍ୟଙ୍କଠାରୁ ଅଭିନ୍ନ । ସୂର୍ଯ୍ୟଙ୍କଠାରୁ ବିଚ୍ଛିନ୍ନ ଆଲୋକ ଦ୍ୱାରା ଯେପରି କେହି ସର୍ବୋତଭାବେ ଆଲୋକିତ ହୋଇ ପାରନ୍ତିନାହିଁ, ତଦ୍ରୂପ ବ୍ୟଷ୍ଟିଗୁରୁ, ସମଷ୍ଟିଗୁରୁଙ୍କ ସହିତ ଗୁରୁପରମ୍ପରାର କ୍ରମରେ ଅର୍ଥାତ୍ ନିତ୍ୟସିଦ୍ଧଗୁରୁଗଣଙ୍କ ଅବିଚ୍ଛିନ୍ନ ଧାରାରେ ସଂଯୁକ୍ତ ଥିଲେହିଁ ତଦନୁଗତ ଶିଷ୍ୟ ଶ୍ରୀକୃଷ୍ଣପାଦପଦ୍ମର ସଂସ୍ପର୍ଶ ଓ ସିଦ୍ଧି ଲାଭ କରିପାରନ୍ତି ଏବଂ ବ୍ୟଷ୍ଟିଗୁରୁଙ୍କର ମଧ୍ୟ ଗୁରୁତ୍ୱ ଓ କୃପାଳୁତ୍ୱ ସିଦ୍ଧ ହୁଏ ।

କୌଣସି ପିପାସାର୍ତ ବ୍ୟକ୍ତିର ପିପାସା ନିବାରଣ ପାଇଁ ଗୋଟିଏ କଳସି ଗଙ୍ଗାଜଳ ବା ବିଶୁଦ୍ଧଜଳ ଯଥେଷ୍ଟ, ତାହାପାଇଁ କାରଣସମୁଦ୍ର ବା ତଦୁଦ୍ଭୁତ ସମଗ୍ର ଗଙ୍ଗାପ୍ରବାହର ଆବଶ୍ୟକତା ହୁଏ ନା । ସେହିପରି କୌଣସି ବ୍ୟକ୍ତି ବିଶେଷର ଅଜ୍ଞାନାନ୍ଧକାର ମୋଚନ ଓ କୃଷ୍ଣପ୍ରାପ୍ତି ପାଇଁ କୌଣସି ବିଶେଷ ଭକ୍ତାଧାରରେ ଅବତୀର୍ଣ୍ଣ ମୂଳଗୁରୁରୂପୀ ଶ୍ରୀକୃଷ୍ଣଙ୍କ କୃପାଶକ୍ତି ବିଶେଷହିଁ ଯଥେଷ୍ଟ । ଯେଉଁ ମହାଭାଗବତ୍‌ଶ୍ରେଷ୍ଠଙ୍କଠାରେ ଏହିପରି କୃଷ୍ଣକୃପାଶକ୍ତି ବିଶେଷ ଅବତୀର୍ଣ୍ଣ, ସେ ହିଁ ବ୍ୟଷ୍ଟିଗୁରୁ । ସେହି ଗୋଟିଏ କଳସି ଗଙ୍ଗାଜଳ ବା ବିଶୁଦ୍ଧ ଜଳ ଯେପରି ମୂଳ ଗଙ୍ଗାପ୍ରବାହ ବା ପରମ୍ପରାକ୍ରମେ କାରଣାର୍ଣ୍ଣବରୁ ଅଣାହୋଇଥିଲେ ହିଁ ଫଳଦାୟକ ହୁଏ, ସେହିପରି ବ୍ୟଷ୍ଟିଗୁରୁଦେବ ମଧ୍ୟ ସର୍ବକାରଣ–କାରଣ ଶ୍ରୀକୃଷ୍ଣ ବା ତାହାଙ୍କ ଆବିର୍ଭାବ ବିଶେଷ ଶ୍ରୀଗୌରହରିଙ୍କ ସହିତ ବିଶୁଦ୍ଧ ଓ ଅବିଚ୍ଛିନ୍ନ ପରମ୍ପରାରେ ସଂଯୁକ୍ତ ଥିଲେହିଁ ଶିଷ୍ୟକୁ ପ୍ରୟୋଜନ (ଶ୍ରୀକୃଷ୍ଣପ୍ରେମଭକ୍ତି) ଲାଭ କରାଇ ପାରିବେ, ଅନ୍ୟଥା ନୁହେଁ ।

ଶ୍ରବଣଗୁରୁ ବା ଶିକ୍ଷାଗୁରୁ

ମହାଜନଙ୍କ ମତରେ ଶ୍ରୀଗୁରୁତତ୍ତ୍ୱ ପ୍ରଧାନତଃ (କ) ଶ୍ରବଣଗୁରୁ ବା ଶିକ୍ଷାଗୁରୁ (ଖ) ମନ୍ତ୍ରଦାତା ଗୁରୁ ବା ଦୀକ୍ଷାଗୁରୁ ଏହି ଦୁଇ ସ୍ୱରୂପରେ ପ୍ରପଞ୍ଚରେ ପ୍ରକଟିତ ହୋଇ କୃପା କରନ୍ତି ।

ଶ୍ରୀମଦ୍ଭାଗବତ ବାରମ୍ବାର ପରମେଶ୍ୱରଙ୍କଠାରେ ଭକ୍ତି ଲାଭ ଉଦ୍ଦେଶ୍ୟରେ ଶ୍ରବଣଗୁରୁ ବା ଶିକ୍ଷାଗୁରୁଙ୍କ ଆଶ୍ରୟଗ୍ରହଣ କରିବାପାଇଁ ଉପଦେଶ ଦେଇଅଛନ୍ତି । ବର୍ଣ୍ଣିତ ଅଛି ଯେ,–

ଶିକ୍ଷାଗୁରୁକେ ତୋ ଜାନି କୃଷ୍ଣେର ସ୍ୱରୂପ ।
ଅନ୍ତର୍ଯ୍ୟାମୀ, ଭକ୍ତଶ୍ରେଷ୍ଠ – ଏଇ ଦୁଇରୂପ ॥ (ଚୈ:ଚ୧।୧।୨୮)

ଶ୍ରୀମଦ୍ଭାଗବତରେ(୧୧।୨୯।୬)ରେ ଦେଖିବାକୁ ମିଳେ – *"ନୈବୋପଯନ୍ତ୍ୟପଚିତିଂ କବୟସ୍ତବେଶ ବ୍ରହ୍ମାୟୁଷୋଽପି କୃତମୃଦ୍ଧମୁଦଃ ସ୍ମରନ୍ତଃ । ଯୋଽନ୍ତର୍ବହିସ୍ତନୁଭୃତାମଶୁଭଂ ବିଧୁନ୍ୱନ୍ଯାଚାର୍ଯ୍ୟ –ଚୈତ୍ୟବପୁଷା ସ୍ୱଗତିଂ ବ୍ୟନକ୍ତି ॥"*–ହେ ଈଶ ! ତୁମେ ବାହାରେ ଆଚାର୍ଯ୍ୟରୂପେ ଓ ଅନ୍ତରରେ ଅନ୍ତର୍ଯ୍ୟାମୀ ରୂପେ ଶରୀରଧାରୀ ଗଣଙ୍କର ଅଶୁଭ ଅର୍ଥାତ୍ ତ୍ୱଦୀୟ ଭକ୍ତିର ପ୍ରତିକୂଳ ବିଷୟବାସନା ନାଶ କରି ନିଜ ଗତି ପ୍ରଦାନ କର । ଅତଏବ ତୁମଠାରେ ବୃଦ୍ଧିପ୍ରାପ୍ତ ଭକ୍ତିରୂପ ପରମାନନ୍ଦରେ ନିମଗ୍ନ ହୋଇ ବ୍ରହ୍ମଜ୍ଞାନ ସମ୍ପନ୍ନ କବିଗଣ, କଳ୍ପାନ୍ତକାଳ ତୁମ ସେବାରେ ନିଯୁକ୍ତ ଥିଲେ ମଧ୍ୟ ତୁମ କୃତ ଉପକାର ସ୍ମରଣ କରି କୌଣସି ପ୍ରକାରରେ ଋଣମୁକ୍ତ ହୋଇପାରିବେ ନାହିଁ । ପୁନଃ ଶ୍ରୀଚୈତନ୍ୟ ଚରିତାମୃତରେ ଦେଖିବାକୁ ମିଳେ–

କୃଷ୍ଣ ଯଦି କୃପା କରେ କୋନ ଭାଗ୍ୟବାନେ ।
ଗୁରୁ, ଅନ୍ତର୍ଯ୍ୟାମୀରୂପେ ଶିଖାୟ ଆପନେ ॥(ଚୈ:ଚ ୨।୨୨।୩୦)

ଅତଏବ ଉପରୋକ୍ତ ଉକ୍ତି ସମୂହରୁ ପ୍ରଥମତଃ ଏହି ସିଦ୍ଧାନ୍ତ ପ୍ରାପ୍ତ ହେଉଅଛି ଯେ– ଶିକ୍ଷାଗୁରୁ –'କୃଷ୍ଣ–ସ୍ୱରୂପ' । ପରବର୍ତ୍ତୀ ସମୟରେ ଏହା ଆଲୋଚିତ ହେବ, ଯେଉଁଠାରେ ଦୀକ୍ଷାଗୁରୁଙ୍କୁ 'କୃଷ୍ଣ–ରୂପ' କୁହାଯାଇଛି "ଗୁରୁ କୃଷ୍ଣରୂପ ହନ ଶାସ୍ତ୍ରେର ପ୍ରମାଣେ ।" 'ରୂପ' କହିଲେ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କୁ ବୁଝାଏ, ଯେପରି 'ସ୍ୱୟଂରୂପ ପରତତ୍ତ୍ୱ' ଏବଂ 'ସ୍ୱରୂପ' କହିଲେ, ପ୍ରାୟ କୃଷ୍ଣସମ, ଅର୍ଥାତ୍ ବାସୁଦେବ ସଙ୍କର୍ଷଣାଦି ହିଁ କୃଷ୍ଣସ୍ୱରୂପ । ଏଥିପାଇଁ ପଞ୍ଚତତ୍ତ୍ୱ ରୂପେ ଶ୍ରୀକୃଷ୍ଣଙ୍କୁ—ଭକ୍ତରୂପ, ଭକ୍ତସ୍ୱରୂପ, ଭକ୍ତାବତାର ଇତ୍ୟାଦି କ୍ରମରେ ସମ୍ବୋଧନ କରାହୋଇଛି – ପଞ୍ଚତତ୍ତ୍ୱାତ୍ମକଂ କୃଷ୍ଣଂ ଭକ୍ତରୂପସ୍ୱରୂପକମ୍ । ଭକ୍ତାବତାରଂ ଭକ୍ତାଖ୍ୟ ନମାମି ଭକ୍ତି ଶକ୍ତିକମ୍ ॥

ଉପରୋକ୍ତ ପୟାରରୁ 'ଅନ୍ତର୍ଯ୍ୟାମୀ ରୂପେ' ଶିକ୍ଷାଗୁରୁଙ୍କ ଅବସ୍ଥାନ କଥା ଜଣାଯାଉଅଛି । ତେବେ କଣ ଇଏ ଅନ୍ତର୍ଯ୍ୟାମୀ ପରମାତ୍ମା ? ତାହାର ଉତ୍ତରରେ ବକ୍ତବ୍ୟ ଏହି ଯେ, – ଅନ୍ତର୍ଯ୍ୟାମୀ ପରମାତ୍ମା ସ୍ୱରୂପରେ ଶ୍ରୀକୃଷ୍ଣ, ସର୍ବ ଜୀବ–ହୃଦୟରେ ଅବସ୍ଥାନ କରିଲେ ମଧ୍ୟ, *("ହୃଦ୍ଦେଶ ଆତ୍ମା"–ଶ୍ରୁତି)* ସେ ସେହି ଅବସ୍ଥାରେ କେବଳ ଜୀବର ପ୍ରତ୍ୟେକ କର୍ମର ସାକ୍ଷୀ ମାତ୍ର । ତାହାବ୍ୟତୀତ ସେ (ପରମାତ୍ମା) ଜୀବକୃତ ଶୁଭାଶୁଭ କୌଣସି କାର୍ଯ୍ୟରେ ଲିପ୍ତ ନୁହଁନ୍ତି । ଯଥା, *ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ ପରମାତ୍ମାଽୟମବ୍ୟୟଃ । ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନା ଲିପ୍ୟତେ ॥(ଗୀତା ୧୩।୩୧)* – ହେ ଅର୍ଜୁନ ! ପରମାତ୍ମା ଅନାଦି ଓ ନିର୍ଗୁଣ । ସେ ଦେହରେ ଥାଇ ମଧ୍ୟ ନିଷ୍କ୍ରିୟ ଓ ନିର୍ଲିପ୍ତ ।

ତେଣୁ ହୃଦୟସ୍ଥିତ ପରମାତ୍ମା ଯିଏ, ସିଏ ଜୀବର ଅନ୍ତର୍ଯ୍ୟାମୀ ହେଲେ ମଧ୍ୟ ଶିକ୍ଷାଦାତା ନୁହଁନ୍ତି । ଚିନ୍ତନକେନ୍ଦ୍ର 'ଚିତ୍ତ'ରୁହିଁ ଜୀବର ସମସ୍ତକର୍ମର ପ୍ରେରଣା ଆସେ । ଏହି ଅନ୍ତର୍ଯ୍ୟାମୀଙ୍କୁ 'ଚୈତ୍ୟଗୁରୁ' ବୋଲି ସ୍ପଷ୍ଟତଃ ନିର୍ଦ୍ଦେଶ କରାଯାଇଥିବାରୁ, ଏହାଙ୍କୁହିଁ ଚିତ୍ତର ଅଧିଷ୍ଠାତ୍ରୀ ଦେବତା 'ବାସୁଦେବ' ବୋଲି ଜାଣିବାକୁ ହେବ । ଯଥା,- *"ସଙ୍କଳ୍ପ-ବିକଳ୍ପାତ୍ମକଂ ମନଃ, ନିଶ୍ଚୟାତ୍ମିକ । ବୁଦ୍ଧିଃ, ଅହଂକର୍ତ୍ତା - ଅହଂକାର, ଚିନ୍ତନକର୍ତ୍ତୃ-ଚିତ୍ତମ୍ ।"* ଏବଂ ଏମାନଙ୍କର ଆଧିଷ୍ଠାତ୍ରୀ ଦେବତା ଯଥା, *ମନୋଦେବତା - ଚନ୍ଦ୍ରମା, ବୁର୍ଦ୍ଧେବ୍ରହ୍ମା, ଅହଂକାରସ୍ୟ-ରୁଦ୍ରଃ, ଚିତ୍ତସ୍ୟ-ବାସୁଦେବଃ ॥* (ତତ୍ତ୍ୱବୋଧ)

ତେଣୁ ଜୀବର ଅନ୍ତର୍ଯ୍ୟାମୀ —ଚିତ୍ତର ଅଧିଷ୍ଠାତ୍ରୀ ଦେବତା ବାସୁଦେବସ୍ୱରୂପ ଶ୍ରୀକୃଷ୍ଣ, ସେ ପ୍ରେରଣା ଦ୍ୱାରା ଭାଗ୍ୟବାନ୍ ତଥା ସଂସାର ସମୁଦ୍ର ପାର ହେବାକୁ ଇଚ୍ଛୁକ ଜୀବକୁ ତାହାଙ୍କ ପ୍ରାପ୍ତିର ଉପାୟ ଶିକ୍ଷା ଦାନ କରନ୍ତି । ସେହି 'ଚୈତ୍ୟଗୁରୁ'ଙ୍କ ପ୍ରେରଣାର କଥାହିଁ, ଗୀତାରେ ସ୍ୱୟଂ ଶ୍ରୀଭଗବାନଙ୍କ ଉକ୍ତିରୁ ଜଣାଯାଏ, ଯଥା- *'ଦଦାମି ବୁଦ୍ଧିଯୋଗଂ ତଂ ଯେନ ମାମୁପଯାନ୍ତି ତେ ॥' (ଗୀତା ୧୦।୧୦)* -"ମୁଁ ଶ୍ରୀକୃଷ୍ଣ ହିଁ (ବାସୁଦେବ ସ୍ୱରୂପରେ) ଜୀବକୁ ବୁଦ୍ଧି ପ୍ରଦାନ କରିଥାଏ, ଯାହା ଦ୍ୱାରା ସେ ମୋତେ ଲାଭ କରିପାରିବ ।" *"କୃଷ୍ଣ ଯଦି କୃପା କରେ କୋନ ଭାଗ୍ୟବାନେ । ଗୁରୁ ଅନ୍ତର୍ଯ୍ୟାମୀ ରୂପେ ଶିଖାୟ ଆପନେ ॥"(ଚୈ:ଚ:୨।୨୨।୩୦)* ଏଠାରେ ପ୍ରଶ୍ନ ଉଠିପାରେ, ଶ୍ରୀକୃଷ୍ଣ ପ୍ରତ୍ୟେକ ଜୀବଙ୍କ ଅନ୍ତରାତ୍ମାରେ ଚୈତ୍ୟଗୁରୁ (ଶିକ୍ଷାଗୁରୁ) ରୂପରେ ତ ରହି ଶିକ୍ଷା ପ୍ରଦାନ କରୁଅଛନ୍ତି, ସେତେବେଳେ ପୁଣି ଆଉ ଜଣେ ମହାନ୍ତ ଶିକ୍ଷାଗୁରୁ (ଭକ୍ତଶ୍ରେଷ୍ଠ)ଙ୍କ ଆଶ୍ରୟ ଗ୍ରହଣର କଥା କାହିଁକି ଶାସ୍ତ୍ର ସମୂହରେ ଉଲ୍ଲେଖିତ ରହିଛି ? ଏହାର ଉତ୍ତରରେ ବକ୍ତବ୍ୟ ଏହି ଯେ -

ଜୀବେ ସାକ୍ଷାତ୍ ନାହିଁ, ତାତେ ଗୁରୁଚୈତ୍ୟ ରୂପେ ।
ଶିକ୍ଷାଗୁରୁ ହନ କୃଷ୍ଣ-ମହାନ୍ତ ସ୍ୱରୂପେ ॥(ଚୈ:ଚ:)

ଏଥିରୁ ବୁଝାଯାଉଛି ଯେ ଅନ୍ତର୍ଯ୍ୟାମୀଗୁରୁ (ଚୈତ୍ୟଗୁରୁ) କେବଳ ଅନ୍ତରରେ ବିଦ୍ୟମାନ୍ ରହି ଜୀବକୁ ପ୍ରେରଣା ଦିଅନ୍ତି ବାହ୍ୟତଃ ଜୀବର ତାହାଙ୍କ ସହିତ ସାକ୍ଷାତ୍‌କାର ହୁଏନା, ଫଳସ୍ୱରୂପ ଜୀବ ସେହି ଗୁରୁଙ୍କ ପ୍ରସଙ୍ଗରୂପା ଓ ପରିଚର୍ଯ୍ୟାରୂପା ସେବାରୁ ବଞ୍ଚିତ ହୁଏ ଏବଂ ସାକ୍ଷାତ୍ ଭାବରେ ଆଦାନପ୍ରଦାନରେ ମଧ୍ୟ ବିଶେଷ ଅନ୍ତରାୟ ପରିଲକ୍ଷିତ ହୁଏ । ପୁନଃ ଜୀବର ଚିତ୍ତ ବୃତ୍ତି ତତ୍‌କୃତ ପାପ ଓ ଅନର୍ଥାଦିର ଆତିଶଯ୍ୟରେ ଏପରି ମଳିନ ଓ କଳୁଷିତ ହୋଇପଡ଼ିଥାଏ ଯେ ଚୈତ୍ୟଗୁରୁଙ୍କ ହୃତ୍‌ପ୍ରେରଣାକୁ ଜୀବର ସମ୍ଭୋଗମତ୍ତ ହୃଦୟର ଇନ୍ଦ୍ରିୟତର୍ପଣ ବାସନା ସ୍ତିମିତ ବା ଦମନ କରିପକାଏ, ଯାହା ଫଳରେ ଜୀବ ଚୈତ୍ୟଗୁରୁଙ୍କ ହୃତ୍‌ପ୍ରେରଣାକୁ ଉବଲବ୍ଧି କରିବାରେ ଅସମର୍ଥ ହୋଇପଡ଼େ । ଜୀବର ଏହି ଅସାମର୍ଥ୍ୟତା କିମ୍ବା ସେହି ହୃତ୍‌ପ୍ରେରଣାର ଅତିରିକ୍ତ କିଛି ଜାଣିବାର ଆବଶ୍ୟକତାରେ ବାହାରେ ମହାନ୍ତ-ସ୍ୱରୂପରେ ଅର୍ଥାତ୍ ସାଧୁଭକ୍ତଗଣଙ୍କ ଦ୍ୱାରା ଶ୍ରୀକୃଷ୍ଣ ପ୍ରକାରାନ୍ତରେ ଭଜନ ବିଷୟରେ ଶିକ୍ଷା ବା ଉପଦେଶ ପ୍ରଦାନ କରନ୍ତି । ସାଧୁଭକ୍ତଗଣ ଜୀବ ବା ଭକ୍ତତତ୍ତ୍ୱ ହେଲେ ମଧ୍ୟ ସେମାନଙ୍କ ଅନ୍ତର, ଶ୍ରୀକୃଷ୍ଣଙ୍କର ସର୍ବଦା ବିଶ୍ରାମସ୍ଥଳ ହୋଇଥିବାରୁ -*"ଭକ୍ତେର ହୃଦୟେ - କୃଷ୍ଣେର ସତତ ବିଶ୍ରାମ" (ଚୈ:ଚ)* ପ୍ରକାରାନ୍ତରେ ମହାଭାଗବତଙ୍କ ଉପଦେଶ ମଧ୍ୟ ଶ୍ରୀକୃଷ୍ଣ-ସ୍ୱରୂପଙ୍କରହିଁ ଉପଦେଶ ।

ଶ୍ରବଣଗୁରୁଙ୍କ ଯୋଗ୍ୟତା

ଅତଏବ ସଂସାର ତରଣେଚ୍ଛୁ ଜୀବ କେଉଁଭଳି ମହାଭାଗବତ ବା ଶିକ୍ଷାଗୁରୁଙ୍କ ଶରଣାଗତ ହେବେ ? ଏହାର ଉତ୍ତରରେ ଶ୍ରୀମଦ୍ଭାଗବତ ଶ୍ରବଣଗୁରୁ ବା ଶିକ୍ଷାଗୁରୁଙ୍କ ଲକ୍ଷଣ ବା ଯୋଗ୍ୟତାର କଥା ଉଲ୍ଲେଖ କରିଅଛନ୍ତି, ଯଥା–

ତସ୍ମାଦ୍ ଗୁରୁ ପ୍ରପଦ୍ୟେତ ଜିଜ୍ଞାସୁଃ ଶ୍ରେୟ ଉତ୍ତମମ୍ ।
ଶବ୍ଦେ ପରେ ଚ ନିଷ୍ଣାତଂ ବ୍ରହ୍ମଣ୍ୟୁପଶମାଶ୍ରୟମ୍ ॥(ଭା ୧୧।୩।୨୧)

ଅତଏବ ସ୍ଥୂଳବୁଦ୍ଧି ବ୍ୟକ୍ତିଗଣଙ୍କର ଓ କର୍ମକାଣ୍ଡରତ ବ୍ୟକ୍ତିଗଣଙ୍କ ପକ୍ଷରେ ମଧ୍ୟ କର୍ମାର୍ଜିତ ଭୋଗ୍ୟବସ୍ତୁ ସମୂହର ଏହିପରି ଅବସ୍ଥା ବିଚାର କରି ଏକମାତ୍ର ଭକ୍ତିହିଁ ସଂସାର-ତାରଣୀ ଓ ପରମ-ପୁରୁଷାର୍ଥଦାୟିନୀ – ଏହା ଜାଣି ଉତ୍ତମ କଲ୍ୟାଣ ଜନିତ ଇଚ୍ଛୁକ ହୋଇ ବେଦରେ ଓ ବେଦତାତ୍ପର୍ଯ୍ୟଜ୍ଞାପକ ଶାସ୍ତ୍ରରେ ଓ ପରମବ୍ରହ୍ମତତ୍ତ୍ୱରେ ନିପୁଣ ଅପରୋକ୍ଷାନୁଭବୀ କ୍ରୋଧଲୋଭାଦିର ଅବଶୀଭୂତ ଶ୍ରୀଗୁରୁଦେବଙ୍କ ଶରଣାଗତ ହେବାକୁ ହେବ ।

ଶ୍ରୀସନାତନଗୋସ୍ୱାମୀପାଦ୍‌ଙ୍କ ଟୀକା – *ଶାବ୍ଦେ ବ୍ରହ୍ମଣି ବେଦାଖ୍ୟେ ନ୍ୟାୟତୋ ନିଷ୍ଣାତଂ ତତ୍ତ୍ୱଜ୍ଞମ୍, ଅନ୍ୟଥା ସଂଶୟନିରାସକତ୍ୱାଯୋଗ୍ୟତ୍ୱାତ୍, ପରେ ଚ ବ୍ରହ୍ମଣି ଅପରୋକ୍ଷାନୁଭବେନ ନିଷ୍ଣାତମ୍, ଅନ୍ୟଥା ବୋଧ ସଞ୍ଚାରାଯୋଗାତ୍ । ପର-ବ୍ରହ୍ମ-ନିଷ୍ଣାତତ୍ୱଦ୍ୟୋତ୍‌କମାହ-ଉପଶମାଶ୍ରୟଂ ପରମଶାନ୍ତମିତି, ଯଦ୍‌ବାପରେ ବ୍ରହ୍ମଣି ଶ୍ରୀକୃଷ୍ଣେ ଶମୋ ମୋକ୍ଷସ୍ତଦୁପରି ବର୍ତ୍ତତେ ଇତ୍ୟୁପଶମୋ ଭକ୍ତିଯୋଗସ୍ତଦାଶ୍ରୟତ୍, ସଦା ଶ୍ରବଣ-କୀର୍ତ୍ତନାଦିପରଂ ଶ୍ରୀବୈଷ୍ଣବ-ବରମ୍ ଇତ୍ୟର୍ଥଃ ।(ହଭବି ୧।୩।୨, ଦିଗ୍‌ଦର୍ଶିନୀ ଟୀକା)* – ଶ୍ରୀଗୁରୁଦେବଙ୍କ ଲକ୍ଷଣରେ ଯେ ତାହାଙ୍କୁ ଶବ୍ଦବ୍ରହ୍ମରେ ନିଷ୍ଣାପ୍ରାପ୍ତ କୁହାଯାଇଛି, ତାହାର ତାତ୍ପର୍ଯ୍ୟ—ସେ ବେଦାଖ୍ୟ ବ୍ରହ୍ମରେ ନ୍ୟାୟତଃ ନିଷ୍ଣାତ ଅର୍ଥାତ୍ ତତ୍ତ୍ୱଜ୍ଞ । ସେ ତତ୍ତ୍ୱଜ୍ଞ ନ ହେଲେ ଶିଷ୍ୟର ସଂଶୟ ନିରସନ କରି ପାରିବେ ନାହିଁ । ଆଉ ଯେଉଁ କୁହାଯାଇଛି ଗୁରୁଦେବ ପରବ୍ରହ୍ମରେ ନିଷ୍ଣାଯୁକ୍ତ ହେବେ, ତାହାର ତାତ୍ପର୍ଯ୍ୟ ଏହି ଯେ, ସେ ଅପରୋକ୍ଷାନୁଭୂତିରେ ନିରନ୍ତର ଅବସ୍ଥିତ । ଯଦି ସେ ଅପରୋକ୍ଷାନୁଭୀ (ପ୍ରତ୍ୟକ୍ଷାନୁଭବୀ) ନ ହୁଅନ୍ତି, ତାହା ହେଲେ ଶିଷ୍ୟ ମଧ୍ୟରେ ମଧ୍ୟ ସେହି ଭଗବଦନୁଭବର ସଞ୍ଚାର କରି ପାରିବେ ନାହିଁ । ତାହାଙ୍କର ପରବ୍ରହ୍ମରେ ନିରନ୍ତର ଅବସ୍ଥାନର ପ୍ରମାଣ ଏହି ଯେ ସେ ପରମ-ଶାନ୍ତ । ଅଥବା ପରବ୍ରହ୍ମ ଶ୍ରୀକୃଷ୍ଣଙ୍କଠାରେ ଶମ (ମୋକ୍ଷ) ତାହାର ମଧ୍ୟ ଉପରେ ବିଦ୍ୟମାନ୍ ଯେଉଁ ଉପଶମ (ଭକ୍ତିଯୋଗ) ତାହାକୁ ସେ ଆଶ୍ରୟ କରିଅଛନ୍ତି, ଅର୍ଥାତ୍ ସେ ସର୍ବଦା ଶ୍ରୀକୃଷ୍ଣଙ୍କର ନାମ-ରୂପ-ଗୁଣ-ଲୀଳାଦିର ଶ୍ରବଣ-କୀର୍ତ୍ତନାଦି ପରାୟଣ ଶ୍ରୀବୈଷ୍ଣବଶ୍ରେଷ୍ଠ ।

ଶ୍ରୀଜୀବଗୋସ୍ୱାମୀପାଦ୍ ଏହାର ବ୍ୟାଖ୍ୟା ପ୍ରସଙ୍ଗରେ କ୍ରମସନ୍ଦର୍ଭ(୧୧।୩।।୨୧) ଓ ଶ୍ରୀଭକ୍ତିସନ୍ଦର୍ଭ(୨ ଅନୁ)ବ୍ୟକ୍ତ କରିଛନ୍ତି –*"ଶାବ୍ଦେ ବ୍ରହ୍ମଣି – ବେଦେ ତାତ୍ପର୍ଯବିଚାରେଣ, ପରେ ବ୍ରହ୍ମଣି — ଭଗବଦାଦି-ରୂପାବିର୍ଭାବେ ତ୍ୱପରୋକ୍ଷାନୁଭବେନନିଷ୍ଣାତମ୍— ତଥୈବ ତତ୍ର ତତ୍ର ନିଷ୍ଣାଂ ପ୍ରାପ୍ତମ୍ । ଯଥୋକ୍ତଂ ପୁରଞ୍ଜନୋପାଖ୍ୟାନୋପସଂହାରେ ଶ୍ରୀନାରଦେନ(ଭା ୪।୨୯।୫୨) 'ସ ବୈ ପ୍ରିୟତମଶ୍ଚାତ୍ମା ଯତୋ ନ ଭୟମଣ୍ୱପି । ଇତି ବେଦ ସବୈ ବିଦ୍ୱାନ୍ ଯୋ ବିଦ୍ୱାନ୍ ସ ଗୁରୁର୍ହରିଃ ।"* – ଶ୍ରୀଗୁରୁଦେବ ଶବ୍ଦବ୍ରହ୍ମରେ ଅର୍ଥାତ୍ ବେଦରେ, ବେଦର ତାତ୍ପର୍ଯ୍ୟ ବିଚାର ଦ୍ୱାରା ପରବ୍ରହ୍ମଙ୍କୁ ଅର୍ଥାତ୍ ଭଗବତ୍-ପରମାତ୍ମ-ବ୍ରହ୍ମରୂପ ଅଦ୍ୱୟଜ୍ଞାନତତ୍ତ୍ୱର

ତତ୍ତତ୍ ଆବିର୍ଭାବରେ ଅପରୋକ୍ଷାନୁଭବ ପ୍ରଭାବରେ ନିଷ୍ଠାପ୍ରାପ୍ତ । ଯଥା ପୁରଞ୍ଜନ ଉପାଖ୍ୟାନରେ ଉପସଂହାରରେ ଶ୍ରୀନାରଦ କହିଛନ୍ତି- ଯେଉଁ ଭଗବାନ୍‌ଙ୍କ ଭଜନରୁ ଜୀବାତ୍ମାର ଭୟର ଲେଶମାତ୍ର ନାହିଁ ଅର୍ଥାତ୍ ସ୍ୱର୍ଗାଦି ଭୋଗଲାଭରେ ଯେଉଁ ଭୟ ଅଛି, ସେହିପରି ଭୟର ବିନ୍ଦୁମାତ୍ର ମଧ୍ୟ ଭଗବଭଜନରେ ନାହିଁ, ଯେହେତୁ ଭଗବାନହିଁ ସର୍ବଜୀବଙ୍କର ପ୍ରିୟତମ ଆକାଂକ୍ଷିତ ବସ୍ତୁ - ଏହା ଯିଏ ଜାଣନ୍ତି, ସିଏ ହିଁ ବିଦ୍ୱାନ, ସିଏ ହିଁ ଗୁରୁ । ଏହିପରି ଶ୍ରବଣଗୁରୁହିଁ ଜୀବର ଆଶ୍ରୟଣୀୟ ଏବଂ ଏହିପରି ପ୍ରିୟତମ ହରିହିଁ ଜୀବର ଉପାସ୍ୟ ।

ଶ୍ରୀଚକ୍ରବର୍ତ୍ତିପାଦ୍ ସାରାର୍ଥଦର୍ଶିନୀରେ(୧୧।୩।୨୧) କହିଛନ୍ତି - *"ଶାବ୍ଦେ ବ୍ରହ୍ମଣି ବେଦେ ବେଦତାତ୍ପର୍ଯ୍ୟଜ୍ଞାପକ ଶାସ୍ତ୍ରାନ୍ତରେ ଚ ନିଷ୍ଣାତଂ ନିପୁଣମ୍ । ଅନ୍ୟଥା ଶିଷ୍ୟସ୍ୟ ସଂଶେୟଚ୍ଛେଦାଭାବେ ବୈମନସ୍ୟେ ଚ ସତି କସ୍ୟଚିତ୍ ଶ୍ରଦ୍ଧାଶୈଥିଲ୍ୟମପି ସମ୍ଭବେତ୍ । ପରେ ବ୍ରହ୍ମଣି ଚ ନିଷ୍ଠାତମ୍ ଅପରୋକ୍ଷାନୁଭବ-ସମର୍ଥମ୍, ଅନ୍ୟଥା ତତ୍କୃପା ସମ୍ୟକ୍ ଫଳବତୀ ନ ସ୍ୟାତ୍ । ପରବ୍ରହ୍ମନିଷ୍ଠାତତ୍ତ୍ୱ-ଦ୍ୟୋତକମାହ - ଉପଶମାଶ୍ରୟଂ କ୍ରୋଧଲୋଭାଦ୍ୟବଶୀଭୂତମ୍ ।"* ଅର୍ଥାତ୍- ଶ୍ରୀଗୁରୁଦେବ ଶବ୍ଦବ୍ରହ୍ମ ବେଦରେ ଓ ବେଦର ତାତ୍ପର୍ଯ୍ୟଜ୍ଞାପକ ଅନ୍ୟାନ୍ୟ ଶାସ୍ତ୍ରରେ ମଧ୍ୟ ନିପୁଣ ହେବେ, ନତୁବା ସେ ଶିଷ୍ୟର ସଂଶୟସମୂହ ଛେଦନ କରି ପାରିବେ ନାହିଁ । ସଂଶୟଚ୍ଛେଦନ ଅଭାବରେ ଓ ତଜ୍ଜନିତ ବିଷାଦରେ କାହାର ମଧ୍ୟ(ଶିଷ୍ୟର) ଶ୍ରଦ୍ଧାର ଶିଥିଳତା ଘଟିପାରେ । ପୁନଃ ଗୁରୁଦେବ ପ୍ରରବ୍ରହ୍ମେ ନିଷ୍ଠାତ୍ ଅର୍ଥାତ୍ ଅପରୋକ୍ଷାନୁଭବୀ(ପ୍ରତ୍ୟକ୍ଷାନୁଭବୀ) ମଧ୍ୟ ହୋଇଥିବେ, ତାହା ନହେଲେ ତାହାଙ୍କ କୃପା ସମ୍ୟକ୍ ଫଳବତୀ ହେବନାହିଁ । ପରବ୍ରହ୍ମରେ ନିଷ୍ଠାପ୍ରାପ୍ତ ମହାପୁରୁଷଙ୍କର ଲକ୍ଷଣ ଏହି ଯେ ସେ କ୍ରୋଧଲୋଭାଦିର ଅବଶୀଭୂତ । ଚକ୍ରବର୍ତ୍ତୀପାଦ୍ ଭକ୍ତିରସାମୃତସିନ୍ଧୁର ଶ୍ରୀଭକ୍ତିସାର ପ୍ରଦର୍ଶନୀ ଟୀକାରେ (୧।୨।୯୭) କହିଛନ୍ତି -*"ଶାବ୍ଦେ- ଭକ୍ତିଶାସ୍ତ୍ରେ, ପରେ ବ୍ରହ୍ମଣି-ଭଗବଦ୍‌ବିଷୟକ - ଶ୍ରବଣ-କୀର୍ତ୍ତନାଦୌ ନିଷ୍ଠାତଂ ପରଂ ଗତମ୍" ।* -*'ଶବ୍ଦବ୍ରହ୍ମ' କହିଲେ ଭକ୍ତିଶାସ୍ତ୍ରରେ ଆଉ 'ପରବ୍ରହ୍ମ' କହିଲେ ଭଗବଦ୍‌ବିଷୟକ ଶ୍ରବଣ-କୀର୍ତ୍ତନାଦିରେ ପାରଙ୍ଗତ ।*

ସ୍ୱୟଂ ଶ୍ରୀଭଗବାନ ଅନ୍ୟତ୍ର କହିଅଛନ୍ତି,- *"ମଦଭିଜ୍ଞଂ ଗୁରୁଂ ଶାନ୍ତମୁପାସୀତ ମଦାତ୍ମକମ୍ । (ଭା ୧୧।୧୦।୫)* ଶ୍ରୀଦିରଦର୍ଶନୀ ଟୀକା - *ମାମ୍ ଅଭିତୋ ଭକ୍ତ-ବତ୍ସଲ୍ୟାଦି ମାହାତ୍ମ୍ୟାନୁଭବ-ପୂର୍ବ-କଂ-ଜାନାତୀତି ତଥା ତମ୍, ଅତଏବ ମୟି ଆତ୍ମା ଚିତ୍ତଂ ଯସ୍ୟ ତଂ ବହୁ-ବ୍ରୀହୌ କଃ । (ହ.ଭ.ବି. ୧।୩୩)* ଯିଏ ମୋତେ ସର୍ବତୋଭାବେ ଅର୍ଥାତ୍ ମୋର ଭକ୍ତବାତ୍ସଲ୍ୟାଦି-ମାହାତ୍ମ୍ୟ ଅନୁଭବପୂର୍ବକ ବିଦିତ ଅଛନ୍ତି, ଅତଏବ ମୋଠାରେହିଁ ଯାହାଙ୍କ ଚିତ୍ତ ସଂଲଗ୍ନ ରହିଅଛି, ସେହିପରି ମୋଠାରେ ନିଷ୍ଠାଯୁକ୍ତ ଗୁରୁଦେବଙ୍କୁ ଭଜନ କରିବ ।

ଶ୍ରୀଜୀବଗୋସ୍ୱାମୀପାଦ୍ ଶ୍ରୀଭକ୍ତିସନ୍ଦର୍ଭ (୨୦୩ ଅନୁ) ଶ୍ରୀବ୍ରହ୍ମବୈବର୍ତ୍ତ ପୁରାଣରୁ ଶ୍ରବଣଗୁରୁଙ୍କ ଲକ୍ଷଣ ବିଷୟରେ କିଛି ଉଦ୍ଧୃତ କରିଅଛନ୍ତି, ଯଥା— *"ବକ୍ତା ସରାଗୋ ନୀରାଗୋ ଦ୍ୱିବିଧଃ ପରିକୀର୍ତ୍ତିତଃ । ସରାଗୋ ଲୋଲୁପଃ କାମୀ ତଦ୍ଭକ୍ତଂ ନୁତ୍ ନ ସଂସ୍ପୃଶେତ୍ ॥ ଉପଦେଶଂ କରୋତ୍ୟେବ ନ ପରୀକ୍ଷାଂ କରୋତି ଚ । ଅପରୀକ୍ଷ୍ୟୋପଦିଷ୍ଟଂ ଯତ୍ ଲୋକନାଶାୟ ତଦ୍ଭବେତ୍ ॥ *** କାମକ୍ରୋଧାଦି ଯୁକ୍ତୋଽପି କୃପଣୋଽପି ବିଷାଦବାନ୍ । ଶ୍ରୁତ୍ୱା ବିକାଶମାୟାତି ସ ବକ୍ତା ପରମୋ ଗୁରୁଃ ॥"* ଅର୍ଥାତ୍ -ସରାଗବକ୍ତା ବା କୀର୍ତ୍ତନକାରୀଙ୍କ କଥା ଶ୍ରବଣ କରି ଜୀବର

ଅପରାଧ-କଠିନ-ହୃଦୟ ବିଗଳିତ ହୁଏ ନା । ସରାଗବକ୍ତା ବିଷୟ-ଲୋଲୁପ ଓ କାମୀ, ଏଥିପାଇଁ ତାହାଙ୍କ କଥା ହୃଦୟଗ୍ରନ୍ଥି ଛେଦନ କରିପାରେନା ଏବଂ ତାହା ହୃଦୟକୁ ମଧ୍ୟ ସ୍ପର୍ଶକରେନା । ସେ ପରୋପଦେଶରେହିଁ ପଣ୍ଡିତ କିନ୍ତୁ ସେହି ସମସ୍ତ ଉପଦେଶ ନିଜ ଜୀବନରେ ପରୀକ୍ଷା କରନ୍ତି ନାହିଁ । ସେ ଆଚାରହୀନ ପ୍ରଚାରକ । ସେ ଆଚରଣ ଦ୍ୱାରା ନିଜକୁ ପରୀକ୍ଷା କରନ୍ତି ନାହିଁ, ଦ୍ୱିତୀୟତଃ ଶ୍ରବଣକାରୀର ଅଧିକାର ବା ଯୋଗ୍ୟତାର ମଧ୍ୟ ପରୀକ୍ଷା କରନ୍ତି ନାହିଁ । ସେ ଲାଭ-ପୂଜା-ପ୍ରତିଷ୍ଠାଦିର ଲୋଭରେ ଅଶ୍ରଦ୍ଧାଳୁଜନକୁ ଉପଦେଶକାରୀ,ସେ କେବଳ ବାକ୍ୟବାଗୀଶ । ଏଥିପାଇଁ ତାହାଙ୍କ ବକ୍ତୃତା ଜଗତନାଶକର ହୋଇଥାଏ । ଯେପରି ଜୁଜୁବୁଳିଆ ପୋକର ଆଲୋକ ବା 'ତାରାବାଜି'ର ସ୍ଫୁଲିଙ୍ଗ କୌଣସି ବସ୍ତୁକୁ ଦଗ୍ଧ କରି ପାରେନାହିଁ, ତଦ୍ରୂପ ସରାଗ-ବକ୍ତାର ଶତଶତ ବକ୍ତୃତା, ପ୍ରଚାର, ପାଠ, ବ୍ୟାଖ୍ୟା ଓ କୀର୍ତନ, ଜୀବର ଅପରାଧ-କଠିନ ହୃଦୟରେ ଅପ୍ରାକୃତ ଦୈନ୍ୟତା ଆଣିପାରେ ନାହିଁ । କିନ୍ତୁ ନୀରାଗବକ୍ତାର ଉକ୍ତି ଏହିପରି ବୀର୍ଯ୍ୟବତୀ ଯେ, ତାହା କାମକ୍ରୋଧାଦିଯୁକ୍ତ, ଅତ୍ୟନ୍ତ ବିହ୍ୱଳ, ମୁହ୍ୟମାନ, ଭୋଗ- ଅଭାବରେ ଦୁଃଖିତାନ୍ତଃକରଣ, ହୃଦ୍ଦୌର୍ବଲ୍ୟେ ପୀଡ଼ିତ, ମୃତପ୍ରାୟ ବ୍ୟକ୍ତିକୁ ମଧ୍ୟ ଜୀବନଦାନ କରିପାରେ । ତାହାଙ୍କ କଥା ଶ୍ରବଣ କରି ସେହିପରି ମୃତ୍ୟୁତୁଲ୍ୟ ବ୍ୟକ୍ତି ମଧ୍ୟ ନବଜୀବନ ଲାଭ କରି ଶ୍ରୀହରିସେବାପାଇଁ ନିଜ ସମର୍ଗ ସତ୍ତା ଉତ୍ସର୍ଗ କରିବାକୁ କୃତସଙ୍କଳ୍ପ ହୁଅନ୍ତି । ଏହିପରି ବକ୍ତାହିଁ ପରମଗୁରୁ ବା ପ୍ରକୃତ ଶ୍ରବଣଗୁରୁ ।

ଏହିପରି ଶ୍ରବଣଗୁରୁଙ୍କ ଅଭାବରେ କେହି କେହି (ବିଚାରପ୍ରଧାନମାର୍ଗୀୟ ବ୍ୟକ୍ତିଗଣ) ବିଭିନ୍ନ ଯୁକ୍ତିର ବୈଶିଷ୍ଟ୍ୟ ଜାଣିବା ଇଚ୍ଛାରେ ବହୁ ଶ୍ରବଣଗୁରୁଙ୍କର ଆଶ୍ରୟ କରନ୍ତି । ଏଥିପାଇଁ ଶିକ୍ଷାଗୁରୁ ଚୈତ୍ୟଗୁରୁ ରୂପରେ ଏକ ହେଲେ ମଧ୍ୟ, ମହାନ୍ତ-ସ୍ୱରୂପରେ ଏକାଧିକ ବା ବହୁଳ ହୋଇପାରନ୍ତି । ଶ୍ରୀମଦ୍ଭାଗବତରେ ଏକାଧିକ ଶିକ୍ଷାଗୁରୁଙ୍କ ଆବଶ୍ୟକତାର କଥା ଉକ୍ତ ହୋଇଅଛି, ଯଥା -*"ନ ହ୍ୟେକସ୍ମାଦ୍ ଗୁରୋର୍ଜ୍ଞାନଂ ସୁସ୍ଥିରଂ ସ୍ୟାତ୍ ସୁପୁଷ୍କଳମ୍ ।"(ଶ୍ରୀଭା ୧୧।୯।୩୧)* - ବିଚାରପ୍ରଧାନ ମାର୍ଗରେ ଜ୍ଞାନର ଦୃଢ଼ତା ପାଇଁ ବହୁ ଶିକ୍ଷାଗୁରୁ ସ୍ୱୀକୃତ ହୁଅନ୍ତି । କାରଣ ବିଚାରପ୍ରଧାନ-ଧାତୁବିଶିଷ୍ଟ ବ୍ୟକ୍ତିଗଣଙ୍କ ଏକଗୁରୁ ନିକଟରୁ ପ୍ରାପ୍ତ ଜ୍ଞାନ ସୁପ୍ରଚୁର ଓ ସୁସ୍ଥିର ହୁଏନା । ଶ୍ରୀଗୀତାରେ ବିଚାର-ପ୍ରଧାନମାର୍ଗୀ ଜ୍ଞାନଲାଭେଚ୍ଛୁଗଣଙ୍କ ପାଇଁ ଏକାଧିକ ତତ୍ତ୍ୱଦର୍ଶୀଗୁରୁଙ୍କ ପ୍ରତି ପ୍ରଣତି, ପରିପ୍ରଶ୍ନ ଓ ପରିଚର୍ଯ୍ୟାର କଥା ଉକ୍ତ ହୋଇଅଛି -*"ତଦ୍ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା । ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥" (ଗୀତା ୪।୩୪)*

ଶ୍ରୀମଦ୍ଭାଗବତ ୧୧।୭।୩୨-୩୫ରେ ଯଦୁମହାରାଜ-ଅବଧୂତସମ୍ବାଦରେ ପୃଥିବୀ ଇତ୍ୟାଦି ଚତୁର୍ବିଂଶତି ଶିକ୍ଷାଗୁରୁଙ୍କ ବିଷୟ ଅବଧୂତ ଉଲ୍ଲେଖ କରିଅଛନ୍ତି । ତାହାଙ୍କ ମଧ୍ୟରେ କପୋତ, ଅଜଗର, ହସ୍ତୀ, ବ୍ୟାଧ, ମତ୍ସ୍ୟ, ପିଙ୍ଗଳା କୁମାରୀ, ମାଙ୍କଡ଼ସା ପ୍ରଭୃତି ମଧ୍ୟ 'ଶିକ୍ଷାଗୁରୁ' ବୋଲି ଉକ୍ତ ହୋଇଅଛନ୍ତି । ଅବଶ୍ୟ ଏହି ସମସ୍ତ ଗୁରୁଙ୍କ ନିକଟରୁ ସେମାନଙ୍କ ଆଚରଣକୃତ ଦୃଷ୍ଟାନ୍ତ ଦ୍ୱାରାହିଁ ଶିକ୍ଷାଲାଭ ହୁଏ ଏବଂ ତାହା ମଧ୍ୟ ଚୈତ୍ୟଗୁରୁଙ୍କ ପ୍ରେରଣାରେ ଯଥାକାଳେ ସଂଘଟିତ ହୋଇଥାଏ ବୋଲି ବୁଝିବାକୁ ହେବ । ଏଥିପାଇଁ ଉକ୍ତ ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷାଲାଭ କ୍ୱଚିତ୍ କାହାର ଭାଗ୍ୟରେହିଁ ସଂଘଟିତ ହୁଏ, କିନ୍ତୁ ଅଧିକାଂଶ ସ୍ଥଳେହିଁ ତାହାର କୌଣସି ଫଳୋଦୟ ହୁଏନା । ଚୈତ୍ୟଗୁରୁହିଁ ଶିକ୍ଷାଦାନ କରିବାପାଇଁ ଯଥା ସମୟରେ ସମାଗତ ବୁଝି ଉକ୍ତ ପ୍ରକାର କୌଣସି ଦୃଷ୍ଟାନ୍ତ

ସଂସ୍ଥାପନ କରି କୌଣସି ଭାଗ୍ୟବାନ୍ ଜୀବକୁ, ତଦ୍‌ବିଷୟରେ ନିଜ ପ୍ରେରଣାରୁ ଯେପରି ଶିକ୍ଷା ଦାନ କରନ୍ତି, – ସେହି ଜୀବ, ସେଥିରୁ ସେହିପରି ଶିକ୍ଷାଲାଭ କରିଥାଆନ୍ତି । ତେଣୁ ଉକ୍ତ ପ୍ରକାର ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷାଲାଭ ସ୍ଥଳେ ଚୈତ୍ୟଗୁରୁଙ୍କୁହିଁ ଏହାର କାରଣ ବୋଲି ଜାଣିବା ଆବଶ୍ୟକ । ତେବେ ଅବଧୂତ କର୍ତ୍ତୃକ ଉକ୍ତ ଦୃଷ୍ଟାନ୍ତସ୍ଥଳ 'ଶିକ୍ଷାଗୁରୁ' ବୋଲି ଉକ୍ତ ହୋଇଅଛନ୍ତି – ତାହା କେବଳ ସାଧାରଣ ବୋଧ-ସୌକୁମାର୍ଯ୍ୟ ପାଇଁ ବୁଝିବାକୁ ହେବ । ନଚେତ୍ ସମସ୍ତ ଲୋକଙ୍କ ନିକଟରେ ଉକ୍ତ ଦୃଷ୍ଟାନ୍ତ ସମୂହ ତ ଶୀକ୍ଷଣୀୟ ହୋଇଥାଆନ୍ତା, କିନ୍ତୁ ଚୈତ୍ୟଗୁରୁଙ୍କ କୃପା ବ୍ୟତୀତ ତାହା ସମସ୍ତଙ୍କ ପକ୍ଷରେ ଫଳପ୍ରସୂ ହୁଏ ନା ।

ସେଥିପାଇଁ ଜୀବ ମାତ୍ରକେ ସମସ୍ତଙ୍କୁ 'ଦୃଷ୍ଟାନ୍ତଗୁରୁ' ଜ୍ଞାନରେ ସମସ୍ତଙ୍କ ନିକଟରୁ ଦୃଷ୍ଟାନ୍ତ ଦ୍ୱାରା ଶିକ୍ଷାଲାଭ ହୋଇପାରେ ତଥା ସମସ୍ତଙ୍କ ଶରୀରରେ ପରମାତ୍ମାଙ୍କର ଅନ୍ତର୍ଯ୍ୟାମୀ ରୂପେ ବିଦ୍ୟମାନତା ଯୋଗୁଁ ଜୀବମାତ୍ରକେ ସମସ୍ତଙ୍କୁ ସ୍ମରଣ ଦ୍ୱାରା ଦଣ୍ଡବତ, ପ୍ରଣାମ କରିବାର ନିର୍ଦ୍ଦେଶ ଦିଆହୋଇଛି, ଯଥା– *"ପ୍ରଣମେଦ୍ଦଣ୍ଡବତ୍ ଭୂମାବାଶ୍ୱଚାଣ୍ଡାଳ–ଗୋଖରମ୍ ॥"* (ଶ୍ରୀ.ଭା.୧୧।୨୯।୧୧୫)

ଅତଏବ ପରବ୍ରହ୍ମ ଓ ଶବ୍ଦବ୍ରହ୍ମରେ ନିଷ୍ଣାତ ନୀରାଗ ବକ୍ତା, ଯାହାଙ୍କ ଉପଦେଶ ଶ୍ରବଣ ଦ୍ୱାରା ଆତ୍ମମାନଙ୍କ ହୃଦୟରେ ସମସ୍ତ-ସନ୍ଦେହ ନିରାକୃତ ହୋଇ ଶ୍ରୀଭଗବାନଙ୍କ ସେବାରେ ଚିତ୍ତ ଉନ୍ମୁଖ ହୁଏ, ସେ ହିଁ ଶ୍ରବଣଗୁରୁ । ପୁନଃ ଏହିପରି ବହୁ ଶ୍ରବଣଗୁରୁଙ୍କ ମଧ୍ୟରୁ ଯାହାଙ୍କ ନିକଟରୁ ବିଶେଷ ଭାବରେ ଭଜନ-ବିଧି ଶିକ୍ଷା ଲାଭ କରାଯାଏ, ସେ ହିଁ ଭଜନଶିକ୍ଷାଗୁରୁ । ପୂର୍ବୋକ୍ତ ସମସ୍ତେହିଁ ଶିକ୍ଷାଗୁରୁ । ଶ୍ରୀଜୀବଗୋସ୍ୱାମୀପାଦ୍ ଭକ୍ତିସନ୍ଦର୍ଭର ୨୦୬ ଅନୁଚ୍ଛେଦରେ ଶ୍ରବଣଗୁରୁ ଓ ଭଜନ-ଶିକ୍ଷାଗୁରୁଙ୍କର ପ୍ରାୟହିଁ ଏକତ୍ୱ ପ୍ରତିପାଦନ କରି ସେହି ଶ୍ରବଣଗୁରୁଙ୍କ ସମୀପରେ ଅବସ୍ଥାନ ପୂର୍ବକ ତାହାଙ୍କୁ ନିଜ ଜୀବନସର୍ବସ୍ୱ ଓ ନୀଜାଭୀଷ୍ଟ ଦେବତାରୂପେ ଉପଲବ୍ଧି କରି ଏବଂ ଦମ୍ଭରହିତ ଆନୁଗତ୍ୟ ସହକାରେ ଭାଗବତଧର୍ମ୍ମ ସମୂହ ଶିକ୍ଷା କରିବା ପାଇଁ ଉପଦେଶ ଦେଇଅଛନ୍ତି କାରଣ ଏହାଦ୍ୱାରା ଶ୍ରୀଭଗବାନ, ଯିଏ 'ଶ୍ରୀବଳି' ପ୍ରଭୃତି ଆତ୍ମ-ସମର୍ପଣକାରୀ ଭକ୍ତଙ୍କୁ ନିଜ ଆତ୍ମା ପର୍ଯ୍ୟନ୍ତ ଦାନ କରିଅଛନ୍ତି, ସେହି ଶ୍ରୀଭଗବାନ୍ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥାଆନ୍ତି । ପୂର୍ବପରି ଶିକ୍ଷାଗୁରୁଙ୍କ ବହୁତ୍ୱ ପରିଲକ୍ଷିତ ହେଉଥିଲେ ମଧ୍ୟ ଶ୍ୱେତକେତୁ-ଭୃଗୁ-ପ୍ରମୁଖ ଆଦର୍ଶସ୍ଥାନୀୟ ଶିଷ୍ୟବର୍ଗ ବହୁ ଗୁରୁ କରିନାହାନ୍ତି ।*(ସାରାର୍ଥଦର୍ଶିନୀ ୧୧।୯।୩୧)*

ଶାସ୍ତ୍ରରେ ସର୍ବତ୍ରହିଁ ଯୋଗ୍ୟ ଗୁରୁଙ୍କ ପଦାଶ୍ରୟର ବିଧାନ ପ୍ରଦତ୍ତ ହୋଇଅଛି ।– *ଯୋଗ୍ୟ ଗୁରୁଃ କର୍ତ୍ତବ୍ୟଃ (କ୍ରମସନ୍ଦର୍ଭ ୧୧।୯।୩୧)* ଶ୍ରୀକ୍ରମଦୀପିକାରେ ଉକ୍ତ ହୋଇଅଛି –

ବିପ୍ରଂ ପ୍ରଧ୍ୱସ୍ତ–କାମ–ପ୍ରଭୃତି–ରିପୁଘଟଂ ନିର୍ମଳାଙ୍ଗଂ ଗରିଷ୍ଠାଂ
ଭକ୍ତିଂ କୃଷ୍ଣାଂଘ୍ରି–ପଙ୍କେରୁହଯୁଗଳ–ରଜୋରାଗିଣୀମୁଦ୍ୱହନ୍ତମ୍ ।
ବେତ୍ତାରଂ ବେଦଶାସ୍ତ୍ରାଗମ–ବିମଳପଥାଂ ସନ୍ନତଂ ସସୁ ଦାନ୍ତଂ
ବିଦ୍ୟାଂ ଯଃ ସଂବିବିତ୍ସୁଃ ପ୍ରବଣ–ତନୁମନା ଦେଶିକଂ ସଂଶ୍ରୟେତ୍ ॥ (ହ.ଭ.ବି ୧ /୩୫)

ଯିଏ ସଂସାର-ଦୁଃଖ ଉତ୍ତରଣାଦିର ଉପାୟ-ସ୍ୱରୂପ ମନ୍ତ୍ର ପରିଜ୍ଞାତ ହେବାକୁ ବାସନା କରନ୍ତି, ସେ ବିନୀତଦେହ ଓ ନମ୍ରମନା, ଶ୍ରୀକୃଷ୍ଣଚରଣାରବିନ୍ଦରେ ରାଗାତ୍ମିକା ଉତ୍ତମା ଭକ୍ତି ବହନକାରୀ ହୋଇ କାମାଦି-ରିପୁକୁଳଜୟୀ, ବ୍ୟାଧି-ରହିତ, ବେଦଶାସ୍ତ୍ର ଓ ଆଗମ ସମୂହରେ ବିମଳପଥଜ୍ଞ, ସାଧୁଗଣଙ୍କ ସମ୍ମତ, ଜିତେନ୍ଦ୍ରିୟ, ବିପ୍ରଗୁରୁଙ୍କ ସମ୍ୟକ୍ ଆଶ୍ରୟ ଗ୍ରହଣ କରିବେ ।

ଯାହାଙ୍କ ପ୍ରେରଣାରେ ଜୀବର ପ୍ରଥମ ଭଗବତ୍ ସାମୁଖ୍ୟ ଘଟେ ମହାଜନଗଣ ତାହାଙ୍କୁ ବର୍ତ୍ମ-ଉପଶେକ ଗୁରୁ ବା ପଥପ୍ରଦର୍ଶକ ଗୁରୁ ଆଖ୍ୟା ଦେଇଛନ୍ତି । ଯଥା ଲୀଳାଶୁକ ଶ୍ରୀବିଲ୍ୱମଙ୍ଗଳ ଠାକୁର ଚିନ୍ତାମଣି ବେଶ୍ୟାକୁ ନିଜ ବର୍ତ୍ମୋପଦେଶକ ଗୁରୁ ରୂପେ ସମ୍ବୋଧନ କରିଛନ୍ତି ।

ମନ୍ତ୍ରଗୁରୁ ଓ ଦୀକ୍ଷା

ଶ୍ରୀମନ୍ତ୍ରଗୁରୁଙ୍କ ଆବଶ୍ୟକତା

ଶ୍ରୀଭଗବଭକ୍ତି ପ୍ରାପ୍ତି ବିଷୟରେ ଯେପରି ଶ୍ରବଣଗୁରୁ ଓ ଶିକ୍ଷାଗୁରୁଙ୍କ ଅପରିହାର୍ଯତା ବାସ୍ତବକ୍ଷେତ୍ରରେ ଓ ଶାସ୍ତ୍ରରେ ଦେଖିବାକୁ ମିଳେ, ସେହିପରି ଭାବରେ ଶ୍ରୀମନ୍ତ୍ରଗୁରୁଙ୍କ ଆବଶ୍ୟକତା ଅବଧାରିତ – *'ଅତଃ ଶ୍ରୀମନ୍ତ୍ରଗୁରୋରାବଶ୍ୟକତ୍ୱଂ ସୁତରାମେବ'* । *(ଭକ୍ତିସନ୍ଦର୍ଭ-୨୧୦ଅନୁ)* ଶ୍ରବଣଗୁରୁଦେବ ଯେପରି ନିଜ ଆଚରଣ ଓ ବାଣୀ ଦ୍ୱାରା ଶାସ୍ତ୍ରୋପଦେଶ ଶ୍ରବଣ କରାଇ ଅନାଦିବହିର୍ମୁଖ ଜୀବଙ୍କ ହୃଦୟରେ ଭଗବତ-ସାମ୍ମୁଖ୍ୟ-ବିଷୟକ ଜ୍ଞାନସଞ୍ଚାର କରନ୍ତି, ତଦ୍ରୂପ ଶ୍ରୀମନ୍ତ୍ରଗୁରୁଦେବ, ମନ୍ତ୍ରଦୀକ୍ଷା ଦ୍ୱାରା ଶିଷ୍ୟକୁ ସମସ୍ତ ପାପରୁ ମୁକ୍ତ କରି ଶ୍ରୀମନ୍ତ୍ରରେ ଭଗବତ୍‌ସ୍ୱରୂପଜ୍ଞାନ ଏବଂ ଶ୍ରୀଭଗବାନଙ୍କ ସହିତ ଦାସ୍ୟ ସଖ୍ୟାଦି ନିତ୍ୟ ସମ୍ବନ୍ଧବିଶେଷ ସମ୍ପାଦନ କରନ୍ତି । ଗୁରୁପରମ୍ପରାପ୍ରାପ୍ତ ଲୌକିକ ମନ୍ତ୍ର ସମୂହରେ ଯେତେବେଳେ ଅଲୌକିକଶକ୍ତି ପ୍ରତ୍ୟକ୍ଷ କରାଯାଏ, ସେତେବେଳେ ଶ୍ରୀଭଗବାନ ଓ ଶ୍ରୀନାରଦାଦି ଋଷି କର୍ତ୍ତୃକ ଅହିତଶକ୍ତି ଭଗବନ୍ନାମାତ୍ମକ ଶରଣାଗତି ବାଚକ ମନ୍ତ୍ରର ବୀର୍ଯ ଯେ ଅମୋଘ ଓ ଅଚିନ୍ତ୍ୟ ତାହା କହିବାହିଁ ବାହୁଲ୍ୟ । *'ଦିବ୍ୟଂ ଜ୍ଞାନଂ ହ୍ୟତ୍ର ଶ୍ରୀମତିମନ୍ତ୍ର ଭଗବତ୍ ସ୍ୱରୂପ ଜ୍ଞାନଂ ତେନ ଭଗବତା ସମ୍ବନ୍ଧ ବିଶେଷଜ୍ଞାନଞ୍ଚ ।'* (ଭକ୍ତି-ସନ୍ଦର୍ଭ)

ଶ୍ରବଣ ଗୁରୁ ଓ ଶିକ୍ଷାଗୁରୁଙ୍କ ଶ୍ରୀମୁଖନିସୃତ ମହତ୍ତୁପଦେଶ ଦ୍ୱାରା ଯଦିଓ ଜୀବର ସାମ୍ମୁଖ୍ୟ ଘଟେ ଏବଂ ତତ୍ତୁପରି ଜୀବର ଶରଣାଗତି ପ୍ରଭୃତି ଭକ୍ତିଅଙ୍ଗ ସାଧନା ଦ୍ୱାରା ଶ୍ରୀଭଗବାନ ମୋର ଆରାଧ୍ୟ ମୁଁ ତାହାଙ୍କ ଆରାଧକ ବା ସେବକ – ଏହିପରି ସାମାନ୍ୟ ସମ୍ବନ୍ଧର ଉଦ୍‌ବୋଧନ ହେଲେ ମଧ୍ୟ ଦାସ୍ୟ-ସଖ୍ୟ-ବାତ୍ସଲ୍ୟ-ଶୃଙ୍ଗାର ଏହି ବିଶେଷ ସମ୍ବନ୍ଧର ଉଦୟ ହୁଏନା । ଶ୍ରୀମନ୍ତ୍ରଗୁରୁଦେବହିଁ ଏହି ଶାଶ୍ୱତ ସମ୍ବନ୍ଧଟିକୁ ସ୍ମରଣ କରାଇଦିଅନ୍ତି । ବ୍ୟଷ୍ଟିଗୁରୁ ରୂପରେ ଶ୍ରୀମନ୍ତ୍ରଗୁରୁ ହିଁ ଅସୋମୋର୍ଦ୍ଧ ଶକ୍ତି ସମ୍ପନ୍ନ ତଥା ସାକ୍ଷାତ୍ ଭଗବଭିନ୍ନ 'ମନ୍ତ୍ର' (ବିଶେଷତଃ ଶ୍ରୀଗୋପାଳମନ୍ତ୍ର)ରେ ଦୀକ୍ଷିତ କରାଇ ତଟସ୍ଥା ସ୍ଥାନୀୟ ନିତ୍ୟ ବହିର୍ମୁଖ ଜୀବର ନଶ୍ୱର ପ୍ରାକୃତ ଶରୀରକୁ ଅପ୍ରାକୃତ କରି ତାହାକୁ ଶ୍ରୀରାଧିକାପ୍ରାଣବନ୍ଧୁଙ୍କ ଅପ୍ରାକୃତ ସେବାବିଶେଷର ସୌଭାଗ୍ୟାମୃତ ବର୍ଷଣରେ ଧନ୍ୟାତିଧନ୍ୟ କରନ୍ତି ।

ଦୀକ୍ଷାକାଳେ ଭକ୍ତ କରେ ଆତ୍ମସମର୍ପଣ । କୃଷ୍ଣ ତାରେ କରେ ଆତ୍ମସମ ॥
ସେହି ଦେହ କରେ ତାଁର ଚିଦାନନ୍ଦମୟ । ଅପ୍ରାକୃତ ଦେହେ କୃଷ୍ଣେର ଚରଣ ଭଜୟ ॥

ଶ୍ରୀମନ୍ତ୍ରଗୁରୁଙ୍କ ଏକତ୍ୱ

ଶ୍ରବଣଗୁରୁ ବା ଶିକ୍ଷାଗୁରୁଙ୍କ ପରି ଶ୍ରୀମନ୍ତ୍ର ଉପଦେଷ୍ଟା ଦୀକ୍ଷାଗୁରୁ ବହୁ ବା ଏକାଧିକ ହୁଅନ୍ତି ନାହିଁ ।*'ମନ୍ତ୍ରଗୁରୁସ୍ତେକ ଏବେତ୍ୟାହ'(ଭା ୧୧/୩/୪୮)-'ଲବ୍ଧାନୁଗ୍ରହ ଆଚାର୍ଯାତ୍ତେନ ମନ୍ଦର୍ଶିତାଗମଃ । ମହାପୁରୁଷମଭ୍ୟଚ୍ଚେନ୍ମୂର୍ତ୍ୟାଭିମତୟା ସ୍ୱନଃ ॥' ଅନୁଗ୍ରାହୋ ମନ୍ତ୍ରଦୀକ୍ଷାରୂପଃ ଆଗମୋ ମନ୍ତ୍ରବିଧିଶାସ୍ତ୍ରମ୍ । ଅସ୍ୟୈକତ୍ୱମେକ ବଚନେନ ନୋଧ୍ୟତେ ॥(ଶ୍ରୀଭକ୍ତିସନ୍ଦର୍ଭ -୨୦୨ ଓ କ୍ରମସନ୍ଦର୍ଭ ୧୧।୩।୪୮)* ଶିକ୍ଷାଗୁରୁ ବହୁ ହୋଇ ପାରନ୍ତି । ଶ୍ରୀମନ୍ତ୍ରଗୁରୁ କିନ୍ତୁ ମାତ୍ର ଜଣେହିଁ ହେବେ, ଏହା

ଶ୍ରୀମଦ୍ଭାଗବତରେ ଉକ୍ତ ହୋଇଅଛି । ଆଚାର୍ଯ୍ୟଙ୍କଠାରୁ ମନ୍ତ୍ରଦୀକ୍ଷାରୂପି କୃପା ଲାଭ କରି ମନ୍ତ୍ରଦୀକ୍ଷାଦାତା ଆଚାର୍ଯ୍ୟ କର୍ତ୍ତୃକ ପ୍ରଦର୍ଶିତ ମନ୍ତ୍ରବିଧିଶାସ୍ତ୍ରାନୁସାରେ (ଅର୍ଚ୍ଚନ ପ୍ରଣାଳୀ ମତେ) ଅନନ୍ତ ଶ୍ରୀଭଗବଦାବିର୍ଭାବ ମଧ୍ୟରେ ଯେଉଁ ଅବତାରଙ୍କ ଶ୍ରୀମୂର୍ତ୍ତିଟି ସାଧକର ନିଜ ଅଭିମତ ହେବ, ସେହି ଶ୍ରୀମୂର୍ତ୍ତି ଦ୍ୱାରା ମହାପୁରୁଷଙ୍କୁ (ଶ୍ରୀଭଗବାନଙ୍କୁ) ଅର୍ଚ୍ଚନ କରିବେ । ଶ୍ରୀମୂର୍ତ୍ତି ଏକ ଅଭୀଷ୍ଟ ହେବେ (*'ମୂର୍ତ୍ତ୍ୟେତ୍ୟେକୟା ପ୍ୟଭିମତୟେଟି' – କ୍ରମସନ୍ଦର୍ଭ*) ଏହି ସ୍ଥାନରେ ଆଚାର୍ଯ୍ୟ-ଶବ୍ଦଟି ଏକବଚନାନ୍ତ ହୋଇଥିବାରୁ ମନ୍ତ୍ରଗୁରୁଦେବ ଏକ ଜଣମାତ୍ର ବୋଲି ଜଣାଯାଏ, ଶ୍ରବଣଗୁରୁ ବା ଭଜନଶିକ୍ଷା ଗୁରୁଙ୍କ ପରି ବହୁ ନୁହଁନ୍ତି, ଏହାହିଁ ସିଦ୍ଧାନ୍ତ । ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତିପାଦ୍ ମଧ୍ୟ *'ମଦଭିଜ୍ଞଂ ଗୁରୁଂ ଶାନ୍ତମୁପାସୀତ' (ଭା ୧୧।୧୦।୫), 'ତସ୍ମାଦ୍ ଗୁରୁଂ ପ୍ରପଦ୍ୟେ' (ଭା୧୧।୩।୨୧)* ଇତ୍ୟାଦି ଶ୍ରୀମଦ୍ଭାଗବତ – ପ୍ରମାଣରେ ଜଣେ ଶ୍ରୀମନ୍ମନ୍ତ୍ରୋପଦେଷ୍ଟା ଗୁରୁଙ୍କ କଥା କହିଛନ୍ତି, – *ମନ୍ତ୍ରୋପଦେଷ୍ଟା ଗୁରୁରେବ ଏକ । (ସାରାର୍ଥଦର୍ଶିନୀ ୧୧।୯।୩୧)* ସନ୍ଦେହ ନିରସନ ପାଇଁ ଏକାଧିକ ଶିକ୍ଷାଗୁରୁ କରଣର ବିଧାନ ରହିଅଛି କିନ୍ତୁ ମନ୍ତ୍ର ଉପଦେଷ୍ଟା ବୈଷ୍ଣବ ଗୁରୁଙ୍କୁ ତ୍ୟାଗ କରି ଅନ୍ୟ ଗୁରୁଙ୍କଠାରୁ ଦୀକ୍ଷାଗ୍ରହଣ ଦ୍ୱାରା କେବଳ ଅପରାଧହିଁ ଅର୍ଜ୍ଜନ ହୋଇଥାଏ । କେତେକ ବିଶେଷ ସ୍ଥଳରେହିଁ ଦୀକ୍ଷାଗୁରୁଙ୍କୁ ତ୍ୟାଗ କରିହେବ, ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚିତ ହେବ ।

ଦୀକ୍ଷା

ଶ୍ରୀବିଷ୍ଣୁଯାମଳରେ ଉକ୍ତ ହୋଇଅଛି – *"ଦିବ୍ୟଂ ଜ୍ଞାନଂ ଯତୋ ଦଦ୍ୟାତ୍ କୁର୍ଯ୍ୟାତ୍ ପାପସ୍ୟ ସଂକ୍ଷୟମ୍ । ତସ୍ମାଦ୍ଦୀକ୍ଷେତି ସା ପ୍ରୋକ୍ତା । ଦେଶିକୈସ୍ତତ୍ତ୍ୱକୋବିଦୈଃ ।"* (ଶ୍ରୀହଭବି – ୨।୮ ଏବଂ ଭକ୍ତିସନ୍ଦର୍ଭ ୨୮୩) – ଯେହେତୁ ତାହା ଦିବ୍ୟଜ୍ଞାନ ପ୍ରଦାନ କରେ ଏବଂ ପାପର ସମ୍ୟକ୍ ବିନାଶ କରେ, ସେଥିପାଇଁ ତତ୍ତ୍ୱବିତ୍ ଆଚାର୍ଯ୍ୟଗଣ ସେହି କ୍ରିୟାକୁ 'ଦୀକ୍ଷା' ନାମରେ ଅଭିହିତ କରନ୍ତି । (ଦୀ–: ଦିବ୍ୟଜ୍ଞାନଦାନ ଏବଂ କ୍ଷା–ପାପର କ୍ଷାପନ) ।

ଅତୋ ଗୁରୁଂ ପ୍ରଣମ୍ୟୈବ ସର୍ବସ୍ୱଂ ବିନିବେଦ୍ୟ ଚ
ଗୃହ୍ଣୀୟାଦ୍ବୈଷ୍ଣବଂ ମନ୍ତ୍ରଂ ଦୀକ୍ଷାପୂର୍ବଂ ବିଧାନତଃ ॥(ଶ୍ରୀହ.ଭ.ବି–୨।୯)

ଅତଏବ ଶ୍ରୀଗୁରୁଙ୍କୁ ପ୍ରଣତ କରି ତାହାଙ୍କୁ ସର୍ବସ୍ୱ ନିବେଦନ ପୂର୍ବକ ଯଥାବିଧାନେ ଦୀକ୍ଷାପୁରଃସର ବୈଷ୍ଣବ ମନ୍ତ୍ର ଗ୍ରହଣ କରିବେ ।" ଏହି ଦିବ୍ୟଜ୍ଞାନ ସମ୍ବନ୍ଧରେ ଶ୍ରୀଜୀବପାଦ୍ ଭକ୍ତିସନ୍ଦର୍ଭ ୨୮୩ ଅନୁଚ୍ଛେଦରେ କହିଅଛନ୍ତି – 'ଦିବ୍ୟଂ ଜ୍ଞାନଂ ହ୍ୟତ୍ର ଶ୍ରୀମତି ମନ୍ତ୍ରେ ଭଗବତ୍ ସ୍ୱରୂପଜ୍ଞାନମ୍, ତେନ ଭଗବତାମ୍ – ସମ୍ବନ୍ଧ–ବିଶେଷଜ୍ଞାନଞ୍ଚ ।' ଏହି ସ୍ଥାନରେ ଦିବ୍ୟଜ୍ଞାନ ଶବ୍ଦେ ଶ୍ରୀଭଗବତ୍ ମନ୍ତ୍ରରେ ସାକ୍ଷାତ୍ ଭଗବତ୍ସ୍ୱରୂପ ଜ୍ଞାନ ଏବଂ ସେହି ଭଗବାନଙ୍କ ସହିତ ନିଜ ସମ୍ବନ୍ଧ ବିଶେଷର (ଦାସ–ସଖ୍ୟାଦି–ସମ୍ବନ୍ଧ) ପ୍ରତିପାଦକ ଜ୍ଞାନ ବୁଝାଏ ।

ମନ୍ତ୍ରଦୀକ୍ଷାର ଆବଶ୍ୟକତା

ଶ୍ରୀସନାତନ ଗୋସ୍ୱାମୀପାଦ୍ ଶ୍ରୀହରିଭକ୍ତି ବିଳାସରେ ଉଲ୍ଲେଖ କରିଅଛନ୍ତି – *'ବିନା ଦୀକ୍ଷାଂ ହି ପୂଜାୟାଂ ନାଧିକାରେଽସ୍ତି କସ୍ୟଚିତ୍ ।'* – ଅର୍ଥାତ୍ ମନ୍ତ୍ରଦୀକ୍ଷା ବ୍ୟତୀତ କାହାର ମଧ୍ୟ ଅର୍ଚ୍ଚନରେ ଅଧିକାର ହୁଏନାହିଁ । ପୁନଃ ହରିଭକ୍ତିବିଳାସ ୨।୨ ଓ ୨।୩–୪ରେ ଆଗମବାକ୍ୟ ଉଦ୍ଧୃତ କରିଅଛନ୍ତି– *'ଦ୍ୱିଜାନାମନୁପେତାନାଂ ସ୍ୱକର୍ମାଧ୍ୟୟନାଦିଷୁ । ଯଥାଧିକାରୋ ନାସ୍ତୀହ ସ୍ୟାଜ୍ଜୋପନୟନାଦନୁ ॥ ତଥାତ୍ରାଦୀକ୍ଷିତାନାନ୍ତୁ ମନ୍ତ୍ରଦେବାର୍ଚ୍ଚନାଦିଷୁ । ନାଧିକାରୋଽସ୍ତ୍ୟତଃ*

କୁର୍ଯାଦାମ୍ନାନଂ ଶିବସଂସ୍ଥୁତମ୍ ॥' ଅର୍ଥାତ୍, ଯେପରି ଯେଉଁ – ସମସ୍ତ ବ୍ରାହ୍ମଣ କୁମାରଙ୍କର ଉପନୟନ ହୋଇନାହିଁ, ସେମାନଙ୍କର ସ୍ୱକର୍ତବ୍ୟ କର୍ମ ବେଦାଧ୍ୟନାଦିରେ ଅଧିକାର ହୁଏ ନାହିଁ, କିନ୍ତୁ ଯଜ୍ଞୋପବୀତ ଧାରଣ ପରଠାରୁହିଁ ଅଧିକାର ଲାଭ ହୁଏ, ତଦ୍ରୂପ ଅଦୀକ୍ଷିତ ବ୍ୟକ୍ତିଗଣଙ୍କର ମଧ୍ୟ ମନ୍ତ୍ରଜପରେ ବା ଅର୍ଚ୍ଚନାଦିରେ ଅଧିକାର ନାହିଁ, ଦୀକ୍ଷା ଲାଭ ପରେ ହିଁ ସେହି ସେହି କୃତ୍ୟରେ ଅଧିକାର ଲାଭ ହୁଏ । ଅତଏବ ନିଜକୁ 'ଶିବ–ସଂସ୍ଥୁତ' (ଦୀକ୍ଷିତ) କରିବେ । (ଶ୍ରୀବିଷ୍ଣୁଦୀକ୍ଷା ଗ୍ରହଣ କରିଲେ ତାହା ଶ୍ରୀଶିବଙ୍କର ମଧ୍ୟ ସମ୍ୟକ୍ ସ୍ତୁତିର ବିଷୟ ହୁଏ–ଟୀକା)

ଅବିଜ୍ଞାୟ ବିଧାନୋକ୍ତାଂ ହରିପୂଜାବିଧିକ୍ରିୟାମ୍
କୁର୍ବନ୍ ଭକ୍ତ୍ୟା ସମାପ୍ନୋତି ଶତଭାଗଂ ବିଧାନତଃ ॥(ଶ୍ରୀହରଭ ୨।୮ ଧୃତ ଶ୍ରୀବିଷ୍ଣୁରହସ୍ୟ ବାକ୍ୟ)

ପ୍ରଶ୍ନ ହୋଇପାରେ, – ଶାସ୍ତ୍ରରେ ଶୁଣିବାକୁ ମିଳେ, ଯେ କୌଣସି ଭାବରେ ଭଗବାନଙ୍କ ଅର୍ଚ୍ଚନ ଦ୍ୱାରାହିଁ ଯେତେବେଳେ ମହାଫଳ ଲାଭ ହୁଏ, ସେତେବେଳେ ମହାନ୍ତ–ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ ଆବଶ୍ୟକତା କଣ ? ତାହା ଉତ୍ତରରେ କହୁଛନ୍ତି, – ପୂର୍ବ ପୂର୍ବ ଉପଦେଷ୍ଟୃଗଣ–କର୍ତ୍ତୃକ ଯଥାବିଧାନରେ ଉପଦିଷ୍ଟ ଶ୍ରୀହରିପୂଜାବିଧିର କ୍ରିୟାନୁଷ୍ଠାନ ଶ୍ରୀଗୁରୁଦେବଙ୍କ ଶ୍ରୀମୁଖରୁ ବିଶେଷରୂପେ ନ ଜାଣି ବିଧିପୂର୍ବକ ଭକ୍ତିସହକାରେ ଅର୍ଚ୍ଚନ କରିଲେ ପୂଜାଫଳର ଶତାଂଶର ଏକାଂଶ ଫଳ ମାତ୍ର ଲାଭ ହୁଏ । ଅର୍ଥାତ୍ ମହାନ୍ତ ଗୁରୁଦେବଙ୍କ ଦ୍ୱାରା ଉପଦିଷ୍ଟ ନହେଲେ ପୂର୍ବପୂର୍ବ ମହାଜନଙ୍କ ପ୍ରଦର୍ଶିତ ପଥର ଅନାଦର ହୁଏ, ତାହାଫଳରେ ସମ୍ୟକ୍ ପୂଜାଫଳ ଲାଭ ହୁଏ ନା ।(ଶ୍ରୀସନାତନପାଦ୍ଙ୍କ ଟୀକାନୁସାରେ)

ଶ୍ରୀଜୀବଗୋସ୍ୱାମୀପାଦ୍ଙ୍କ ସିଦ୍ଧାନ୍ତ

ଶ୍ରୀଜୀବଗୋସ୍ୱାମୀ ପାଦ୍ ଯଥାବିଧି ମହାନ୍ତ ବୈଷ୍ଣବ ଗୁରୁଙ୍କ ନିକଟରୁ ବୈଷ୍ଣବମନ୍ତ୍ର ଗ୍ରହଣର ଆବଶ୍ୟକତା ବିଷୟରେ ଶ୍ରୀଲକ୍ଷ୍ମୀଧରଗୋସ୍ୱାମୀ କୃତ ଶ୍ରୀଭଗବନ୍ନାମକୌମୁଦୀ – ଗ୍ରନ୍ଥର ଅନ୍ତେ ହୋଇଥିବା ମଙ୍ଗଳଚାରଣ ଶ୍ଲୋକଟିକୁ ପୂର୍ବପକ୍ଷ କରି (ପ୍ରତିପ୍ରଶ୍ନ –ଉତ୍ତର ମାଧ୍ୟମରେ) ସମସ୍ତ ସଂଶୟର ସମାଧାନ କରିଛନ୍ତି । ଶ୍ଲୋକଟିର ଶେଷାଂଶ ଏହି ଯେ – *'ନୋ ଦୀକ୍ଷାଂ ନ ଚ ଦକ୍ଷିଣାଂ ନଚ ପୁରଶ୍ଚର୍ଯ୍ୟଂ ମନାଗୀକ୍ଷତେ । ମନ୍ତ୍ରୋଦ୍ଧୟଂ ରସନାସ୍ପୃଗେବ ଫଳତି ଶ୍ରୀକୃଷ୍ଣନାମାତ୍ମକ ॥''* ଅର୍ଥାତ୍ – *'ଏକ କୃଷ୍ଣନାମ କରେ ସର୍ବପାପ କ୍ଷୟ । ନବବିଧା ଭକ୍ତିପୂର୍ଣ୍ଣନାମ ହୈତେ ହୟ ॥ ଦୀକ୍ଷା–ପୁରଶ୍ଚର୍ଯା–ବିଧି ଅପେକ୍ଷା ନା କରେ । ଜିହ୍ୱା ସ୍ପର୍ଶେ ଆ–ଚଣ୍ଡାଳେ ସବାରେ ଉଦ୍ଧାରେ ॥ ଆନୁଷଙ୍ଗ ଫଳେ କରେ ସଂସାରେର କ୍ଷୟ । ଚିତ୍ତ ଆକର୍ଷିୟା କରାୟେ କୃଷ୍ଣେ ପ୍ରେମୋଦୟ ॥* (ଚୈ.ଚ. ୨।୧୫।୧୦୭–୧୦୯)

ଶ୍ରୀଜୀବଗୋସ୍ୱାମୀ ପୂର୍ବପକ୍ଷ ଉତ୍ଥାପନ କରୁଅଛନ୍ତି –*''ନନୁ ଭଗବନ୍ନାମାତ୍ମକା ଏବ ମନ୍ତ୍ରାଃ । ତତ୍ରାପି ବିଶେଷଣ (କ) ନମଃ ଶବ୍ଦାଦ୍ୟଳଙ୍କୃତାଃ (ଖ) ଶ୍ରୀଭଗବତା ଶ୍ରୀମଦୃଷିଭିଶ୍ଚାହିତଶକ୍ତି ବିଶେଷାଃ, (ଗ) ଶ୍ରୀଭଗବତା ସମମାତ୍ମ ସମ୍ବନ୍ଧ–ବିଶେଷ–ପ୍ରତିପାଦକାଶ୍ଚ ! ତତ୍ର କେବଳାନି ଶ୍ରୀଭଗବନ୍ନାମାନ୍ୟପି ନିରପେକ୍ଷଣ୍ୟେବ ପରମପୁରୁଷାର୍ଥ ଫଳପର୍ଯନ୍ତ– ଦାନସମର୍ଥାନି । ତତ୍ତୋ ମନ୍ତ୍ରେଷୁ ନାମତୋଽପ୍ୟଧିକ ସାମର୍ଥ୍ୟ ଲବ୍ଧେ କଥଂ ଦୀକ୍ଷାଦ୍ୟପେକ୍ଷା ? ଉଚ୍ୟତେ – ଯଦ୍ୟପି ସ୍ୱରୂପ ତୋ ନାସ୍ତି, ତଥାପି ପ୍ରାୟଃ ସ୍ୱଭାବତୋ ଦେହାଦି – ସମ୍ବନ୍ଧେନ କଦର୍ଯ–ଶୀଳାନାଂ ବିକ୍ଷିପ୍ତଚିତ୍ତାନାଂ ଜନାନାଂ ତତ୍ତତ୍ ସଙ୍କୋଚୀକରଣାୟ ଶ୍ରୀମଦୃଷିପ୍ରଭୃତିଭିଃ ଅର୍ଚନମାର୍ଗେ କ୍ୱଚିତ୍*

କ୍ୱଚିତ୍ କାଚିତ୍ କାଚିନ୍ମର୍ଯାଦାସ୍ଥାପିତାସ୍ତି । ତତସତତ୍ତଲ୍ଲଂଘନେ ଶାସ୍ତ୍ରଂ ପ୍ରାୟଶ୍ଚିତ୍ତମୁଭାବୟତି । ତତ ଉଭୟମପି ନାସମଞ୍ଜସମିତି ।''

ଅର୍ଥାତ୍ ପ୍ରଶ୍ନ ଉଠିପାରେ – ମନ୍ତ୍ରସମୂହ ଶ୍ରୀଭଗବନ୍ନାମାତ୍ମକ ତନ୍ମଧ୍ୟେ (କ) ପୁଣି ବିଶେଷଭାବେ 'ନମଃ', 'ସ୍ୱାହା', 'ସ୍ୱଧା' ପ୍ରଭୃତି ଶବ୍ଦ ଦ୍ୱାରା ଭୂଷିତ, (ଖ) ଶ୍ରୀଭଗବାନ ଓ ଶ୍ରୀମତ୍ ଋଷିଗଣ ସେହି ସମସ୍ତ ମନ୍ତ୍ରରେ ଶକ୍ତିବିଶେଷ ଆହିତ କରିଅଛନ୍ତି (ଗ) ମନ୍ତ୍ର ସମୂହ ଶ୍ରୀଭଗବାନଙ୍କ ସହିତ ଦାସ୍ୟ ସଖ୍ୟାଦି ସମ୍ବନ୍ଧବିଶେଷ ପ୍ରତିପାଦକ । ତନ୍ମଧ୍ୟେ କେବଳ ଶ୍ରୀଭଗବନ୍ନାମ, ସ୍ୱାହା–ସ୍ୱାଧା–ପ୍ରଭୃତି ଶବ୍ଦ ଦ୍ୱାରା ଭୂଷିତ ନହୋଇ ମଧ୍ୟ ଏବଂ ଋଷି ପ୍ରଭୃତିଙ୍କ ଦ୍ୱାରା ଅର୍ପିତ ଶକ୍ତିବିଶେଷର ଅପେକ୍ଷା ନକରି ମଧ୍ୟ ଜିହ୍ୱାସ୍ପର୍ଶ ମାତ୍ରେହିଁ ସମସ୍ତ ପାପାଦିର ବିନାଶପୂର୍ବକ ପରମପୁରୁଷାର୍ଥ ଭଗବତ୍ ପ୍ରେମ ପର୍ଯ୍ୟନ୍ତ ପ୍ରଦାନ କରିବାକୁ ସମର୍ଥ । କେବଳ ଶ୍ରୀନାମ ଗ୍ରହଣରେହିଁ ଦୀକ୍ଷାଦିର ଅପେକ୍ଷା ନାହିଁ, ଅଥଚ ନାମାତ୍ମ ମନ୍ତ୍ରରେ – ଯେଉଁଥିରେ କେବଳ ଶ୍ରୀନାମ ଅପେକ୍ଷା ଏକାଧାରରେ ପୂର୍ବୋକ୍ତ ତ୍ରିବିଧଶକ୍ତି (ସ୍ୱାହାସ୍ୱଧାଦି ଶବ୍ଦଶକ୍ତି, ଶ୍ରୀଭଗବାନ ଓ ଶ୍ରୀଋଷିମାନଙ୍କର ଆହିତ ଶକ୍ତି, ଶ୍ରୀଭଗବାନଙ୍କ ସହିତ ସମବନ୍ଧ–ପ୍ରତିପାଦ୍ୟ ଶକ୍ତି) ଅଧିକ ଭାବରେ ବିଦ୍ୟମାନ୍ ରହିଛି – ଏହିପରି ମନ୍ତ୍ରରେ ଦୀକ୍ଷାଦି ବିଧିର ଅପେକ୍ଷା ଦେଖାଯାଏ କାହିଁକି ?

ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଜୀବପାଦ୍ କହୁଅଛନ୍ତି– ଯଦିଓ ମନ୍ତ୍ରର ସ୍ୱରୂପ–ସାମର୍ଥ୍ୟ ବିଚାର କରିଲେ ମନ୍ତ୍ରରେ ଦୀକ୍ଷାବିଧିର ଅପେକ୍ଷା ନାହିଁ ସତ୍ୟ, ତଥାପି ଜାଗତିକ ବ୍ୟକ୍ତିଗଣ ଅଧିକାଂଶ କ୍ଷେତ୍ରରେହିଁ ଦେହ–ସମ୍ବନ୍ଧାଦି–ସ୍ୱଭାବତଃ କଦର୍ଯ୍ୟଶୀଳ (ଆତ୍ମା–ପୁତ୍ର–ପତ୍ନୀ–ଭୃତ୍ୟ–ଦେବତା–ଅତିଥି ଓ ଧର୍ମାନୁଷ୍ଠାନର ପୀଡ଼ନକାରୀ) ଓ ବିକ୍ଷିପ୍ତ ଚିତ୍ତ । କେବଳ ନାମ ଗ୍ରହଣ ଦ୍ୱାର କଦର୍ଯ୍ୟସ୍ୱଭାବ ବା ଚିତ୍ତବିକ୍ଷାଦାଦି ସମସ୍ତହିଁ ବିନଷ୍ଟ ହୋଇ ପରମ ପ୍ରୟୋଜନ ଭଗବତ୍ ପ୍ରେମ ପ୍ରାପ୍ତି ହୋଇ ପାରିଲେ ମଧ୍ୟ ଯେଉଁମାନେ ନିଜ ଦେହକୁ ଦୈହିକ ଆତ୍ମୀୟ ସ୍ୱଜନ–ଭୃତ୍ୟାଦିରେ, ଅତିଥି–ବ୍ରାହ୍ମଣ–ଦେବତାଙ୍କୁ ଓ ଧର୍ମାନୁଷ୍ଠାନକୁ ପର୍ଯ୍ୟନ୍ତ ପୀଡ଼ନ କରନ୍ତି, ସେମାନେ ଭଗବନ୍ନାମ ଗ୍ରହଣହିଁ କରିବେ ନାହିଁ ଅଥବା ନାମବଳରେ ପାପବୁଦ୍ଧିର (ନାମାପରାଧର) ପ୍ରଶ୍ରୟ ପ୍ରଦାନ କରି କଦର୍ଯ୍ୟଶୀଳତାକୁହିଁ (ଦେବତା–ଅତିଥି ପୀଡ଼ନାଦି) ବୃଦ୍ଧି କରିବେ । ଅର୍ଚନ କରିବାକୁ ଆରମ୍ଭ କରିଲେ ହିଁ ଅର୍ଥ ଓ ଶରୀର କାର୍ପଣ୍ୟ–ତ୍ୟାଗ ବ୍ରାହ୍ମଣ, ଦେବତା, ଅତିଥିଙ୍କ ସେବା, ପୋଷ୍ୟ ଆତ୍ମୀୟ ସ୍ୱଜନ ଭୃତ୍ୟାଦିଙ୍କ ପୋଷଣ ଏବଂ ବିବିଧ ନିୟମ ମଧ୍ୟରେ ଅବସ୍ଥାନ କରିବାରୁ କଦର୍ଯ୍ୟସ୍ୱଭାବ ଓ ଚିତ୍ତବିକ୍ଷେପ କ୍ରମଶଃ ସଙ୍କୁଚିତ ହେବ । ଏହି ଉଦ୍ଦେଶ୍ୟରେହିଁ ଶ୍ରୀମତ୍ ଋଷିଗଣ ତତ୍ତଦ୍ବ୍ୟକ୍ତିଗଣଙ୍କ କଦର୍ଯ୍ୟସ୍ୱଭାବ ଓ ଚିତ୍ତବିକ୍ଷେପର ସଙ୍କୋଚ କରିବାପାଇଁ ଅର୍ଚନମାର୍ଗରେ କୌଣସି କୌଣସି ମନ୍ତ୍ରରେ କୌଣସି କୌଣସି ମର୍ଯ୍ୟାଦା ସ୍ଥାପନ କରିଅଛନ୍ତି । ସେହି ସମସ୍ତ ନିୟମ ଉଲଂଘନ କରିଲେ ଶାସ୍ତ୍ର ସେଥିପାଇଁ ପ୍ରାୟଶ୍ଚିତ୍ତର ମଧ୍ୟ ବିଧାନ କରିଛନ୍ତି । ଅତଏବ ଦେଖାଯାଉଛି, ମନ୍ତ୍ରର ସ୍ୱରୂପ ବିଚାରରେ (ମନ୍ତ୍ର ଭଗବନ୍ନାମାତ୍ମକ ଓ ପୂର୍ବୋକ୍ତ ତ୍ରିବିଧ ଶକ୍ତି ସମ୍ପନ୍ନ ବୋଲି) ମନ୍ତ୍ରରେ ଦୀକ୍ଷାବିଧିର ଅପେକ୍ଷା ନାହିଁ ଏବଂ କଦର୍ଯ୍ୟଶୀଳ ବିକ୍ଷିପ୍ତଚିତ୍ତ ମାନବଗଣଙ୍କ ପକ୍ଷରେ ମହାନୁଭବ ଋଷିଗଣଙ୍କର ବ୍ୟବସ୍ଥାପିତ ଦୀକ୍ଷାବିଧିର ମଧ୍ୟ କର୍ତ୍ତବ୍ୟତା ଅଛି – ଏଇ ଉଭୟହିଁ ଅସଙ୍ଗତ ନୁହେଁ ।

କ୍ୱଚିତ୍ କାଚିତ୍ କାଚିନ୍ନର୍ଯାଦାସ୍ଥାପିତାସ୍ତି । ତତସତତ୍ରଲ୍ଲଂଘନେ ଶାସ୍ତ୍ରଂ ପ୍ରାୟଶ୍ଚିତ୍ତମୁଭାବୟତି । ତତ ଉଭୟମପି ନାସମଞ୍ଜସମିତି ।''

ଅର୍ଥାତ୍ ପ୍ରଶ୍ନ ଉଠିପାରେ – ମନ୍ତ୍ରସମୂହ ଶ୍ରୀଭଗବନ୍ନାମାତ୍ମକ ତନ୍ମଧ୍ୟେ (କ) ପୁଣି ବିଶେଷଭାବେ 'ନମଃ', 'ସ୍ୱାହା', 'ସ୍ୱଧା' ପ୍ରଭୃତି ଶବ୍ଦ ଦ୍ୱାରା ଭୂଷିତ, (ଖ) ଶ୍ରୀଭଗବାନ ଓ ଶ୍ରୀମତ୍ ଋଷିଗଣ ସେହି ସମସ୍ତ ମନ୍ତ୍ରରେ ଶକ୍ତିବିଶେଷ ଆହିତ କରିଅଛନ୍ତି (ଗ) ମନ୍ତ୍ର ସମୂହ ଶ୍ରୀଭଗବାନଙ୍କ ସହିତ ଦାସ୍ୟ ସଖ୍ୟାଦି ସମ୍ବନ୍ଧବିଶେଷ ପ୍ରତିପାଦକ । ତନ୍ମଧ୍ୟେ କେବଳ ଶ୍ରୀଭଗବନ୍ନାମ, ସ୍ୱାହା–ସ୍ୱାଧା–ପ୍ରଭୃତି ଶବ୍ଦ ଦ୍ୱାରା ଭୂଷିତ ନହୋଇ ମଧ୍ୟ ଏବଂ ଋଷି ପ୍ରଭୃତିଙ୍କ ଦ୍ୱାରା ଅର୍ପିତ ଶକ୍ତିବିଶେଷର ଅପେକ୍ଷା ନକରି ମଧ୍ୟ ଜିହ୍ୱାସ୍ପର୍ଶ ମାତ୍ରେହିଁ ସମସ୍ତ ପାପାଦିର ବିନାଶପୂର୍ବକ ପରମପୁରୁଷାର୍ଥ ଭଗବତ୍ ପ୍ରେମ ପର୍ଯ୍ୟନ୍ତ ପ୍ରଦାନ କରିବାକୁ ସମର୍ଥ । କେବଳ ଶ୍ରୀନାମ ଗ୍ରହଣରେହିଁ ଦୀକ୍ଷାଦିର ଅପେକ୍ଷା ନାହିଁ, ଅଥଚ ନାମାତ୍ମ ମନ୍ତ୍ରରେ – ଯେଉଁଥିରେ କେବଳ ଶ୍ରୀନାମ ଅପେକ୍ଷା ଏକାଧାରରେ ପୂର୍ବୋକ୍ତ ତ୍ରିବିଧଶକ୍ତି (ସ୍ୱାହାସ୍ୱଧାଦି ଶବ୍ଦଶକ୍ତି, ଶ୍ରୀଭଗବାନ ଓ ଶ୍ରୀଋଷିମାନଙ୍କର ଆହିତ ଶକ୍ତି, ଶ୍ରୀଭଗବାନଙ୍କ ସହିତ ସମନ୍ଧ–ପ୍ରତିପାଦ୍ୟ ଶକ୍ତି) ଅଧିକ ଭାବରେ ବିଦ୍ୟମାନ୍ ରହିଛି – ଏହିପରି ମନ୍ତ୍ରରେ ଦୀକ୍ଷାଦି ବିଧିର ଅପେକ୍ଷା ଦେଖାଯାଏ କାହିଁକି ?

ଏହି ପ୍ରଶ୍ନର ଉତ୍ତରରେ ଶ୍ରୀଜୀବପାଦ୍ କହୁଅଛନ୍ତି– ଯଦିଓ ମନ୍ତ୍ରର ସ୍ୱରୂପ–ସାମର୍ଥ୍ୟ ବିଚାର କରିଲେ ମନ୍ତ୍ରରେ ଦୀକ୍ଷାବିଧିର ଅପେକ୍ଷା ନାହିଁ ସତ୍ୟ, ତଥାପି ଜାଗତିକ ବ୍ୟକ୍ତିଗଣ ଅଧିକାଂଶ କ୍ଷେତ୍ରରେହିଁ ଦେହ–ସମ୍ବନ୍ଧାଦି–ସ୍ୱଭାବତଃ କଦର୍ଯ୍ୟଶୀଳ (ଆତ୍ମା–ପୁତ୍ର–ପତ୍ନୀ–ଭୃତ୍ୟ–ଦେବତା–ଅତିଥି ଓ ଧର୍ମାନୁଷ୍ଠାନର ପୀଡ଼ନକାରୀ) ଓ ବିକ୍ଷିପ୍ତ ଚିତ୍ତ । କେବଳ ନାମ ଗ୍ରହଣ ଦ୍ୱାର କଦର୍ଯ୍ୟସ୍ୱଭାବ ବା ଚିତ୍ତବିକ୍ଷାଦାଦି ସମସ୍ତହିଁ ବିନଷ୍ଟ ହୋଇ ପରମ ପ୍ରୟୋଜନ ଭଗବତ୍ ପ୍ରେମ ପ୍ରାପ୍ତି ହୋଇ ପାରିଲେ ମଧ୍ୟ ଯେଉଁମାନେ ନିଜ ଦେହକୁ ଦୈହିକ ଆତ୍ମୀୟ ସ୍ୱଜନ–ଭୃତ୍ୟାଦିରେ, ଅତିଥି–ବ୍ରାହ୍ମଣ–ଦେବତାଙ୍କୁ ଓ ଧର୍ମାନୁଷ୍ଠାନକୁ ପର୍ଯ୍ୟନ୍ତ ପୀଡ଼ନ କରନ୍ତି, ସେମାନେ ଭଗବନ୍ନାମ ଗ୍ରହଣହିଁ କରିବେ ନାହିଁ ଅଥବା ନାମବଳରେ ପାପବୃତ୍ତିର (ନାମାପରାଧର) ପ୍ରଶ୍ରୟ ପ୍ରଦାନ କରି କଦର୍ଯ୍ୟଶୀଳତାକୁହିଁ (ଦେବତା–ଅତିଥି ପୀଡ଼ନାଦି) ବୃଦ୍ଧି କରିବେ । ଅର୍ଚନ କରିବାକୁ ଆରମ୍ଭ କରିଲେ ହିଁ ଅର୍ଥ ଓ ଶରୀର କାର୍ପଣ୍ୟ–ତ୍ୟାଗ ବ୍ରାହ୍ମଣ, ଦେବତା, ଅତିଥିଙ୍କ ସେବା, ପୋଷ୍ୟ ଆତ୍ମୀୟ ସ୍ୱଜନ ଭୃତ୍ୟାଦିଙ୍କ ପୋଷଣ ଏବଂ ବିବିଧ ନିୟମ ମଧ୍ୟରେ ଅବସ୍ଥାନ କରିବାରୁ କଦର୍ଯ୍ୟସ୍ୱଭାବ ଓ ଚିତ୍ତବିକ୍ଷେପ କ୍ରମଶଃ ସଙ୍କୁଚିତ ହେବ । ଏହି ଉଦ୍ଦେଶ୍ୟରେହିଁ ଶ୍ରୀମତ୍ ଋଷିଗଣ ତତ୍ତଦ୍‌ବ୍ୟକ୍ତିଗଣଙ୍କ କଦର୍ଯ୍ୟସ୍ୱଭାବ ଓ ଚିତ୍ତବିକ୍ଷେପର ସଙ୍କୋଚ କରିବାପାଇଁ ଅର୍ଚନମାର୍ଗରେ କୌଣସି କୌଣସି ମନ୍ତ୍ରରେ କୌଣସି କୌଣସି ମର୍ଯ୍ୟାଦା ସ୍ଥାପନ କରିଅଛନ୍ତି । ସେହି ସମସ୍ତ ନିୟମ ଉଲଂଘନ କରିଲେ ଶାସ୍ତ୍ର ସେଥିପାଇଁ ପ୍ରାୟଶ୍ଚିତ୍ତର ମଧ୍ୟ ବିଧାନ କରିଛନ୍ତି । ଅତଏବ ଦେଖାଯାଉଛି, ମନ୍ତ୍ରର ସ୍ୱରୂପ ବିଚାରରେ (ମନ୍ତ୍ର ଭଗବନ୍ନାମାତ୍ମକ ଓ ପୂର୍ବୋକ୍ତ ତ୍ରିବିଧ ଶକ୍ତି ସମ୍ପନ୍ନ ବୋଲି) ମନ୍ତ୍ରରେ ଦୀକ୍ଷାବିଧିର ଅପେକ୍ଷା ନାହିଁ ଏବଂ କଦର୍ଯ୍ୟଶୀଳ ବିକ୍ଷିପ୍ତଚିତ୍ତ ମାନବଗଣଙ୍କ ପକ୍ଷରେ ମହାନୁଭବ ଋଷିଗଣଙ୍କର ବ୍ୟବସ୍ଥାପିତ ଦୀକ୍ଷାବିଧିର ମଧ୍ୟ କର୍ତ୍ତବ୍ୟତା ଅଛି – ଏଇ ଉଭୟହିଁ ଅସଙ୍ଗତ ନୁହେଁ ।

ପୂର୍ବେ ଉକ୍ତ ହୋଇଅଛି – (୧) କୌଣସ କୌଣସି ମନ୍ତ୍ରରେ ଦୀକ୍ଷାବିଧିର ଅପେକ୍ଷା ନାହିଁ ପୂର୍ଣ୍ଣ ଶକ୍ତିମାନ୍ ମନ୍ତ୍ରସମୂହରେ (ଯଥା ରାମ ମନ୍ତ୍ର, ନୃସିଂହମନ୍ତ୍ର, ଗୋପାଳମନ୍ତ୍ରାଦିରେ) ଦୀକ୍ଷାବିଧିର ଅପେକ୍ଷା ନାହିଁ । ଏହି ବିଷୟରେ ପ୍ରମାଣ ସମୂହ ଉଦ୍ଧାରକରି ଦେଖାଉଛନ୍ତି । ଶ୍ରୀରାମାର୍ଚ୍ଚନ ଚନ୍ଦ୍ରିକାରେ ଉଲେଖ ଅଛି, – ହେ ବିପ୍ରେନ୍ଦ୍ର ! ଶ୍ରୀରାମମନ୍ତ୍ର ଦୀକ୍ଷା, ପୁରଶ୍ଚର୍ଯ୍ୟାବିଧି ଓ ନ୍ୟାସବିଧି ବ୍ୟତୀତହିଁ ଜପମାତ୍ରେ ସିଦ୍ଧି ପ୍ରଦାନ କରନ୍ତି । ଶ୍ରୀହରିଭକ୍ତିବିଳାସ (୧୭।୨୬୦) ରେ ଉକ୍ତ ହୋଇଅଛନ୍ତି, – ଯେପରି ଯେ କୌଣସି ରୂପେ ସ୍ପର୍ଶମାତ୍ରେହିଁ ଅଗ୍ନି ଶରୀକୁ ଦଗ୍ଧକରେ, ସେହପରି ଏହି ଶ୍ରୀମଦ୍ ଗୋପାଳମନ୍ତ୍ର କୌଣସି ପ୍ରକାରର ସଂସ୍କାରାଦିର ଅପେକ୍ଷା କରନ୍ତି ନାହିଁ, ହୃଦୟର ସ୍ପର୍ଶମାତ୍ରକେହିଁ ଫଳଦାନ କରନ୍ତି । ଶ୍ରୀକ୍ରମଦୀପିକା ଓ ଶ୍ରୀଭକ୍ତିସନ୍ଦର୍ଭ ୨୮୪ ଅନୁଚ୍ଛେଦରେ ଉକ୍ତ ହୋଇଅଛି, ଗୋପାଳ ଦୈବତାକ୍ ଅର୍ଥାତ୍ ଯେଉଁ ସମସ୍ତ ମନ୍ତ୍ରର ଦେବତା ଶ୍ରୀଗୋପାଳ, ସେହି ସମସ୍ତ ମନ୍ତ୍ରର ସାଧ୍ୟ, ସୁସିଦ୍ଧ, ସିଦ୍ଧ, ଅରିର ବିଚାର ନାହିଁ, ଯେହେତୁ ଶ୍ରୀଗୋପାଳ ମନ୍ତ୍ର ସ୍ୱପ୍ରକାଶ । ଅନ୍ୟତ୍ର ଦେଖାଯାଏ – ଶ୍ରୀଗୋପାଳମନ୍ତ୍ର ସର୍ବ ବର୍ଣ୍ଣରେ (ବ୍ରାହ୍ମଣ, କ୍ଷତ୍ରିୟ, ବୈଷ୍ୟ, ଶୂଦ୍ର) ସର୍ବ ଆଶ୍ରମରେ (ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ) ସମସ୍ତ ନାରୀଙ୍କଠାରେ ବିଭିନ୍ନ ଜନ୍ମନକ୍ଷେତ୍ରରେ ପୂର୍ବେହିଁ ଅଭିବାଞ୍ଛିତ ଫଳପ୍ରଦ ଅର୍ଥାତ୍ ଜପାଦି କରି ଫଳପ୍ରଦାନ କରନ୍ତି,ଜପ ସମାପ୍ତିର ପୂର୍ବେହିଁ ଫଳ ପ୍ରଦାନ କରିଥାଆନ୍ତି ।

ବର୍ତ୍ତମାନ୍ ମହାନୁଭାବ ଋଷିଗଣ ଜୀବକଲ୍ୟାଣ ପାଇ ଯେ କେଉଁ କେଉଁ ମର୍ଯ୍ୟାଦା ସ୍ଥାପନ କରିଅଛନ୍ତି, ତାହା ବିଷୟରେ ପ୍ରମାଣ ଉଦ୍ଧାର କରୁଅଛନ୍ତି । ଶ୍ରୀବ୍ରହ୍ମଯାମଳେ ଉକ୍ତ ହୋଇଅଛି – ଶ୍ରୁତି, ସ୍ମୃତି, ପୁରାଣର ଓ ପଞ୍ଚରାତ୍ର ବିଧିର ପରିତ୍ୟାଗ ବା ଲଂଘନ କରି ଯେଉଁ ଐକାନ୍ତିକ ହରିଭକ୍ତି, ତାହା ଉତ୍ପାତହିଁ ଆଣିଥାଏ । ଏହିପରି ଅଭିପ୍ରାୟରେ ଶ୍ରୀମଦ୍ଭାଗବତର ଚତୁର୍ଥସ୍କନ୍ଧରେ (୧୮।୩୩–୫) ଶ୍ରୀପୃଥିବୀଦେବୀ ପୃଥୁ ମହାରାଜଙ୍କୁ କହିଛନ୍ତି – "ହେ ରାଜନ୍ ! ଏହି ବ୍ୟାବହାରଜଗତରେ ଏବଂ ଇହଲୋକ ପାଇଁ ତତ୍ତ୍ୱଦର୍ଶୀ ମୁନିଗଣ ମାନବ ମାତ୍ରକେର କଲ୍ୟାଣ ପ୍ରାପ୍ତ ପାଇଁ କୁର୍ଯ୍ୟାଦାଦି ବିବିଧ ଉପାୟ ଏବଂ ପରଲୋକାପାଇଁ ଅଗ୍ନିହୋତ୍ର ପ୍ରଭୃତି ଉପାୟ ଉଲ୍ଲେଖ କରିଛନ୍ତି ଏବଂ ନିଜେ ଅନୁଷ୍ଠାନ କରିଅଛନ୍ତି । ଯେଉଁ ଜନ ଶ୍ରଦ୍ଧାଯୁକ୍ତ ହୋଇ ମହାଜନଗଣ କର୍ତ୍ତୃକ ପୂର୍ବପ୍ରଦର୍ଶିତ ଉପାୟ ସମ୍ୟକ୍‌ରୂପେ ଅନୁଷ୍ଠାନ କରେ, ସେହି ଜନ ଅଳ୍ପେଶରେ ଫଳଲାଭ କରି ଧନ୍ୟ ହୋଇଥାଏ । ଆଉ ଯେଉଁ ମୂର୍ଖ ସେହି ଋଷିଗଣଙ୍କ ପ୍ରଦର୍ଶିତ ଉପାୟ ଅନାଦର କରି ସ୍ୱୟଂ ବୁଦ୍ଧିବଳରେ କାର୍ଯ୍ୟ ଅନୁଷ୍ଠାନ କରେ, ତାହାର ସମସ୍ତ ଉଦ୍ଦେଶ୍ୟ ବିଫଳ ହୋଇଥାଏ ଏବଂ ବାରମ୍ବାର ଅନୁଷ୍ଠିତ କର୍ମ୍ମ ମଧ୍ୟ ବିଘ୍ନସଙ୍କୁଳ ହୋଇପଡ଼େ ।" ଏଥିପାଇଁ ପଦ୍ମପୁରାଣରେ ଶ୍ରୀନାରାୟଣ–ନାରଦ ସମ୍ବାଦରେ ଉଲ୍ଲେଖ ଅଛି – "ହେ ନାରଦ ! ଯେଉଁ ବ୍ୟକ୍ତି ଭକ୍ତିମାନ୍ ହୋଇ ବିଧିପୂର୍ବକ ମୋର ଶ୍ରୀମୂର୍ତ୍ତିପୂଜା କରେ, ତାହାର ସ୍ୱପ୍ନରେ ମଧ୍ୟ କୌଣସି ବିଘ୍ନ ଉପସ୍ଥିତ ହୁଏ ନାହିଁ । ଯେହେତୁ ଭକ୍ତି ସର୍ବପ୍ରକାରରେ ନିର୍ଭୟ ।"

ଶ୍ରୀଜୀବଗୋସ୍ୱାମୀପାଦ୍‌ଙ୍କ ଏହି ସମାଧାନର ତାତ୍ପର୍ଯ୍ୟ ଏହିଯେ ଯଦିଓ କୌଣସି କୌଣସି ଶାସ୍ତ୍ରରେ ଶ୍ରୀରାମ–ନୃସିଂହ–ଶ୍ରୀଗୋପାଳାଦି ପରମଶକ୍ତିଶାଳୀ ମନ୍ତ୍ରରେ ଦୀକ୍ଷାପୁରଶ୍ଚର୍ଯ୍ୟାଦିର ଅପେକ୍ଷା ନାହିଁ ବୋଲି ମହାମାହାତ୍ମ୍ୟ ଉଲ୍ଲେଖ କରାହୋଇଛି, ତଥାପି ମହାନୁଭବ ଋଷିଗଣ ଦୀକ୍ଷାଗ୍ରହଣ ବିନା କୌଣସି ମଧ୍ୟ ମନ୍ତ୍ର ଫଳପ୍ରଦ ହେବ ନାହିଁ – ଏହିପରି

ଯେଉଁ ବିଧି କରିଅଛନ୍ତି, ଏବଂ ସେହି ସମସ୍ତ ଋଷିଗଣ ଶ୍ରୁତି-ସ୍ମୃତି-ପୁରାଣ-ପଞ୍ଚରାତ୍ରାଦି ଶାସ୍ତ୍ରବିଧିକୁ ଶିରୋଧାର୍ଯ୍ୟ କରି ଯଥାବିଧି ଶ୍ରୀଗୁରୁପଦାଶ୍ରୟ ପୂର୍ବକ ଦୀକ୍ଷା ଗ୍ରହଣ କରି ମନ୍ତ୍ରାଦି ଜପ ଓ ପୁରଶ୍ଚର୍ଯ୍ୟା ପ୍ରଭୃତି କରିଅଛନ୍ତି । ଏହି ସମସ୍ତ ମହନ୍ତଙ୍କ ଦୀକ୍ଷା ଗ୍ରହଣର ଅବଶ୍ୟ କର୍ତ୍ତବ୍ୟତାରୂପ ବିଧି ଏବଂ ଦୀକ୍ଷାଗୁରୁଙ୍କ ଶ୍ରୀଚରଣଣାଶ୍ରୟ ରୂପକ ମହତଙ୍କ ଆଚରଣକୁ ଲଂଘନ କରି ନିଜ କଳ୍ପନାନୁସାରେ ଗୁରୁଙ୍କ ନିକଟରୁ ଦୀକ୍ଷାଦି ବ୍ୟତୀତ ମନ୍ତ୍ରର ଜପ ଓ ଅର୍ଚନାଦି କରିଲେ ମହାନ୍ ଅନର୍ଥ ଉପସ୍ଥିତ ହେବ । ଏଥିପାଇଁ ମହତ୍‌ଗଣ ଏପରିକି ସ୍ୱୟଂ ଶ୍ରୀକୃଷ୍ଣ, ଯିଏ ମନ୍ତ୍ର ସମୂହର ଉପାସ୍ୟ, ମନ୍ତ୍ରାଧିଦେବ ସେ ମଧ୍ୟ ଏହି ଶାସ୍ତ୍ରାବିଧିକୁ ଯଥୋଚିତ ସମ୍ମାନ ପ୍ରଦର୍ଶନ ପୂର୍ବକ ଶ୍ରୀସାନ୍ଦିପନିଙ୍କୁ ଶ୍ରୀଗୁରୁରୂପେ ବରଣ କରିଥିଲେ, ତଥା କଳିକାଳ ପାବନାବତାର ଯୁଗଳକିଶୋରଙ୍କ ବିଳସିତତନୁ ପ୍ରେମପୁରୁଷୋତ୍ତମ ଶ୍ରୀମନ୍ମହାପ୍ରଭୁ ମଧ୍ୟ ଏହି ଶାସ୍ତ୍ରବିଧ ଅନୁସାରେ ସମ୍ପ୍ରଦାୟୀ ମହାନ୍ତ ଶ୍ରୀଗୁରୁ ପାଦପଦ୍ମ ଶ୍ରୀଇଶ୍ୱରପୁରୀପାଦ୍‌ଙ୍କ ନିକଟରୁ ଶ୍ରୀମନ୍ତ୍ର ଗ୍ରହଣର ଆଦର୍ଶ ନିଜେ ଆଚରଣ କରି ଜୀବକୁଳକୁ ଏହାର ଅପରିହାର୍ଯ୍ୟତାର କଥା ସୂଚିତ କରିଯାଇଛନ୍ତି । ଶ୍ରୀମନ୍ମହାପ୍ରଭୁଙ୍କ ପରି ଶ୍ରୀନିତ୍ୟାନନ୍ଦପ୍ରଭୁ, ଶ୍ରୀଅଦ୍ୱୈତାଚାର୍ଯ୍ୟାଦି ନିତ୍ୟସିଦ୍ଧ ଶ୍ରୀଗୌରପରିକର ସମସ୍ତେହିଁ ଶ୍ରୀମନ୍ତ୍ରଗୁରୁଙ୍କ ନିକଟରୁ ଯଥାବିଧି ଶ୍ରୀମନ୍ତ୍ରଦୀକ୍ଷା ଗ୍ରହଣ କରିଅଛନ୍ତି । ପୂର୍ବେ ଗୁରୁଙ୍କ ନିକଟରୁ ମନ୍ତ୍ର ନ ପାଇ ଓ ଶ୍ରୀମନ୍ତ୍ରରେ ସିଦ୍ଧିଲାଭ ନକରି ଯେପରି ଅନ୍ୟକୁ ମନ୍ତ୍ର ପ୍ରଦାନ କରିଲେ ଶିଷ୍ଟାଚାର ଲଂଘନଜନିତ ଅପରାଧରେ ପତିତ ହେବାକୁ ପଡ଼େ, ତଦ୍ରୂପ କେହି ନିଜେ ନିଜେ ଗ୍ରନ୍ଥାଦି ଦେଖି ମନ୍ତ୍ରାଦି ଜପ ବା ଅର୍ଚନାଦି କରିଲେ ନିଶ୍ଚିତ ଅପରାଧ ଓ ଅନର୍ଥ-ପରମ୍ପରାରେ ମଧ୍ୟରେ ନିପତିତ ହେବେ,- *''କଣ୍ଠେ ଦୃଷ୍ଟ୍ୱାତୁ ମନ୍ତ୍ରଂ ବୈ ଯୋଗୃହ୍ଣାତି ନରାଧମଃ । ମନ୍ତ୍ରନ୍ତର ସହସ୍ରେଷୁ ନିଷ୍କୃତିର୍ନୈବ ଜାୟତେ'' - (ତନ୍ତ୍ରସାର, ଦୀକ୍ଷାବିଚାର ୯୦)* ଶ୍ରୀଭଗବନ୍ନାମ (ଶ୍ରୀହରିନାମ) ଗ୍ରହଣରେ କୌଣସି ରୂପେ ବିଧିନିଷେଧ ନାହିଁ । ବିଶେଷତଃ ଏହି ବିଶେଷ କଳିଯୁଗରେ ଶ୍ରୀଚୈତନ୍ୟ ମୁଖୋଦ୍‌ଗୀର୍ଣ୍ଣ ହରିନାମ ଯଦି କେହି ଯେ କୌଣସି ଭାବରେ ଗ୍ରହଣ କରିପାରନ୍ତି - ଏହିପରି ପ୍ରଭୁପଦେଶ ଥିଲେ ମଧ୍ୟ ଶିଷ୍ଟାଚାରବଶତଃ ତଥା ଭଜନଧାରାକୁ ବା ପ୍ରେମପ୍ରାପ୍ତିର ପଥକୁ ଶାସ୍ତ୍ରବିଧ ଅବମାନନା ଓ ମହାଜନଙ୍କ ଆଚରଣ ଅବମାନନା ରୂପକ ମହାନ୍ ଅନ୍ତରାୟରୁ ନିର୍ମୁକ୍ତ କରିବାପାଇଁ 'ଶ୍ରୀନାମୋପଦେଷ୍ଟା ଗୁରୁ' (ମାଳାଗୁରୁ ବା ହରିନାମଗୁରୁ) ସ୍ୱୀକାର କରିବା ଅତ୍ୟାବଶ୍ୟକ ।

ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍‌ଙ୍କ ସିଦ୍ଧାନ୍ତ

ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀ ପାଦ୍ ଭାଗବତ ୬।୨।୧୧ ଶ୍ଲୋକର ସାରାର୍ଥଦର୍ଶିନୀ ଟୀକାରେ ଗୋଟିଏ ପୂର୍ବପକ୍ଷ ଉତ୍ଥାପନ କରି ନିମ୍ନଲିଖିତ ସମାଧାନ କରିଅଛନ୍ତି । ଯଥା- ପୂର୍ବପକ୍ଷକାରିଗଣ କୁହନ୍ତି, ଯେଉଁମାନେ କର୍ମଜ୍ଞାନାଦିରହିତ ଶ୍ରବଣକୀର୍ତ୍ତନାଦି ଭକ୍ତିଯୁକ୍ତ ସେମାନେ ମହାନ୍ତଗୁରୁଙ୍କ ଚରଣାଶ୍ରୟ ନକରି ମଧ୍ୟ 'ବୈଷ୍ଣବ' ଶବ୍ଦରେ ଅବିହିତ ହୁଅନ୍ତି । କାରଣ ବିଷ୍ଣୁହିଁ ଯେଉଁମାନଙ୍କର ଦେବତା ବା ଇଷ୍ଟଦେବତା ଏବଂ ଯେଉଁମାନେ ଭଜନ ଦ୍ୱାରା ବିଷ୍ଣୁଙ୍କୁ ଭଜନୀୟ କରିଅଛନ୍ତି, ଏହି ତାତ୍ପର୍ଯ୍ୟରେ ଅଦୀକ୍ଷିତ ବିଷ୍ଣୁ-ଉପାସକଗଣଙ୍କୁ ମଧ୍ୟ ବୈଷ୍ଣବ କୁହାଯାଏ । ତେଣୁ ଗୁରୁ-ଚରଣାଶ୍ରୟ ନ କରିଲେ ଯେ ନରକପାତ ହେବ, ଏହା କିପରି ଭାବେ ସଙ୍ଗତ ହୁଏ ?

ଶ୍ରୀଚକ୍ରବର୍ତ୍ତିପାଦ୍ ଏହାର ଉତ୍ତରରେ କହିଛନ୍ତି- ଶ୍ରୀମଦ୍ଭାଗବତରେ ୧୧।୨୦।୧୭-

'ଗୁରୁକର୍ଣ୍ଣଧାରଂ' ଏହି ଉକ୍ତିରେ ଶ୍ରୀଗୁରୁପାଦପଦ୍ମାଶ୍ରୟ ବ୍ୟତୀତ ଶ୍ରୀଭଗବାନଙ୍କୁ କେହି ସୁଖରେ ଲାଭ କରିପାରନ୍ତି ନାହିଁ । ଏହା ଜଣାଯାଏ ଅତଏବ ଭଜନ ପ୍ରଭାବରେ ଜନ୍ମାନ୍ତରେ (ପରଜନ୍ମାଦିରେ) ଗୁରୁଚରଣାଶ୍ରୟ ଲାଭ ହେଲେ ଭକ୍ତି ଦ୍ୱାରା ସେମାନଙ୍କର ଭଗବତ୍ ପ୍ରାପ୍ତି ହୁଏ । ଅନ୍ୟ ଉପାୟରେ ସେମାନଙ୍କର ଭଗବତ୍ ପ୍ରାପ୍ତି ହୋଇପାରେ ନା । ଯଦି କେହି କୁହନ୍ତି, ଅଜାମିଳ ଗୁରୁଚରଣାଶ୍ରୟ କରି ନାହାନ୍ତି, ଅଥଚ ଅନାୟାସରେହିଁ ତାହାଙ୍କର ଭଗବତ୍‌ପ୍ରାପ୍ତି ହୋଇଥିଲା । ଏହି ସ୍ଥଳରେ ସିଦ୍ଧାନ୍ତ ଏହିଯେ, ଯେଉଁମାନେ ଗୋ-ଗର୍ଦ୍ଦର୍ଭାଦିଙ୍କ ପରି ଜାଗତିକ ବିଷୟ ସମୂହରେହିଁ ସର୍ବଦା ନିଜ ଇନ୍ଦ୍ରିୟ ସମୂହକୁ ବିଚରଣ କରାଇଥାନ୍ତି ଅର୍ଥାତ୍ ବିଷୟାବିନିଷ୍ଟ-'ଭଗବାନ କିଏ, ଭକ୍ତି କି ବସ୍ତୁ, ଗୁରୁ ଅବା କିଏ', ଏହା ସ୍ୱପ୍ନରେ ମଧ୍ୟ ଜାଣିନାହାନ୍ତି, ସେମାନଙ୍କରହିଁ ନାମାଭାସାଦି ରୀତିରେ ଅଜାମିଳଙ୍କ ପରି ନିରପରାଧରେ ହରିନାମ ଉଚ୍ଚାରଣରେ ଗୁରୁପଦାଶ୍ରୟ ବ୍ୟତୀତ ମଧ୍ୟ ଉଦ୍ଧାର (ମୁକ୍ତି) ହୁଏ । କିନ୍ତୁ ହରିହିଁ ଭଜନୀୟ, ଭଜନହିଁ ତାହାଙ୍କ ପ୍ରାପକ, ଗୁରୁହିଁ ଭଜନର ଉପଦେଷ୍ଟା, ଗୁରୁପଦିଷ୍ଟ ଭକ୍ତଗଣହିଁ ପୂର୍ବକାଳେ ଶ୍ରୀହରିଙ୍କୁ ଲାଭ କରିଅଛନ୍ତି' - ଯେଉଁମାନେ ଏହିପରି ବିବେକବିଶିଷ୍ଟ ଅଥଚ ଶ୍ରୀକୃଷ୍ଣ ନାମ-ମହାମନ୍ତ୍ର ଦୀକ୍ଷାଦିର କିଛି ମଧ୍ୟ ଅପେକ୍ଷା କରନ୍ତି ନାହିଁ ଓ ଜିହ୍ୱାସ୍ପର୍ଶମାତ୍ରେହିଁ ଫଳଦାନ କରନ୍ତି-ଏହି ପ୍ରମାଣ ଅନୁଯାୟୀ ଅଜାମିଳାଦିଙ୍କର ଦୃଷ୍ଟାନ୍ତ ଅନୁସରଣ କରି 'ମୋର ଗୁରୁଗ୍ରହଣ ରୂପକ ପରିଶ୍ରମର ଆବଶ୍ୟକତା ଅବା କଣ, କେବଳ ନାମକୀର୍ତ୍ତନ ଦ୍ୱାରାହିଁ ତ ମୋର ଭଗବତ୍ ପ୍ରାପ୍ତି ହେବ' - ଏହିପରି ମନେ କରନ୍ତି, ସେମାନଙ୍କର ସୁମହାନ୍ ଗୁରୁତତ୍ତ୍ୱରେ ଅବଜ୍ଞାରୂପି ଲକ୍ଷଣମୟ ମହଦପରାଧ ହେବାରୁ ସେମାନେ ଶତଚେଷ୍ଟା ସତ୍ତ୍ୱେ ଭଗବାନଙ୍କୁ ଲାଭ କରିପାରନ୍ତି ନାହିଁ । ତେବେ ଏହି ଜନ୍ମରେ ହେଉ କିମ୍ବା ଜନ୍ମାନ୍ତରେ (ପର ଜନ୍ମ ମାନଙ୍କରେ) ସେହି ଅପରାଧର କ୍ଷୟପରେ ଶ୍ରୀଗୁରୁଚରଣାଶ୍ରିତ ହୋଇହିଁ ସେମାନେ ଶ୍ରୀଭଗବାନଙ୍କୁ ଲାଭ କରନ୍ତି ।

ଯଦିଓ ଶ୍ରୀମନ୍ମହାପ୍ରଭୁ କରୁଣା ବଶତଃ ଜଗତରେ ଶ୍ରୀହରିନାମ ପ୍ରଚାରକରି ସେଥିରେ କୃଷ୍ଣପ୍ରେମ ସଂରକ୍ଷିତ କରିଯାଇଛନ୍ତି ଓ ନାମ ଗ୍ରହଣରେ ଆଚଣ୍ଡାଳ ସମସ୍ତେ ପ୍ରେମଲାଭ କରିପାରିବାର ବ୍ୟବସ୍ଥା ମଧ୍ୟ ବିଧାନ କରି ଯାଇଛନ୍ତି ତଥାପି ଜାଣିବାକୁ ହେବ ସେହି ହରିନାମଙ୍କ ଆଶ୍ରୟର ଫଳ ସଦ୍‌ଗୁରୁଙ୍କ ଦର୍ଶନ ଓ ତାହାଙ୍କ ପଦାଶ୍ରୟ । ଯଦିଓ ଶ୍ରୀହରିନାମହିଁ ପ୍ରେମପ୍ରଦାନ କରିବେ କିନ୍ତୁ ଶ୍ରୀଗୁରୁଦେବଙ୍କ ପ୍ରଦତ୍ତ ମନ୍ତ୍ରଦୀକ୍ଷା ମାଧ୍ୟମରେ, ସ୍ୱତନ୍ତ୍ରରୂପେ ନୁହେଁ । ଶ୍ରୀଧ୍ରୁବମହାରାଜଙ୍କ ଚରିତରେ ଦେଖିବାକୁ ମିଳେ ଯେ, ଶ୍ରୀନାରାୟଣ - ବାଳକ ଧ୍ରୁବଙ୍କର କଠୋର ତପସ୍ୟାରେ ଅତିଶୟ ପ୍ରସନ୍ନହୋଇ ତାହାଙ୍କୁ ଦର୍ଶନଦାନେ କୃତାର୍ଥ କରିବାକୁ ଇଚ୍ଛା କରିଥିଲେ, କିନ୍ତୁ ଶ୍ରୀଗୁରୁପଦାଶ୍ରୟ ନ କରିଥିବା ଯୋଗୁଁ ଅଦୀକ୍ଷିତ ଧ୍ରୁବଙ୍କୁ ଶ୍ରୀନାରାୟଣ ଦର୍ଶନଦାନ କରିପାରିଲେ ନାହିଁ । ଶ୍ରୀନାରାୟଣଙ୍କ ଆଦେଶାନୁସାରେ ଶ୍ରୀନାରଦ ଶ୍ରୀଧ୍ରୁବଙ୍କୁ ବିଷ୍ଣୁମନ୍ତ୍ରରେ ଦୀକ୍ଷା ପ୍ରଦାନ କରିବାପରେହିଁ ଶ୍ରୀନାରାୟଣ ଶ୍ରୀଧ୍ରୁବଙ୍କୁ ଦର୍ଶନ ପ୍ରଦାନ କରି କୃତାର୍ଥ କରିଥିଲେ ।

ସେହିପରି ମହାରାଜ ଶ୍ରୀବୃଷଭାନୁ ମଧ୍ୟ ପୁତ୍ରକନ୍ୟା ପ୍ରାପ୍ତିପାଇଁ ଶ୍ରୀକାତ୍ୟାୟନୀ ଦେବୀଙ୍କ ସନ୍ତୁଷ୍ଟି ବିଧାନ ନିମିତ୍ତ ଘୋର ତପଶ୍ଚରଣ କରିଥିଲେ । କାତ୍ୟାୟନୀ ଦେବୀ ତାହାଙ୍କ ତୀବ୍ର ତପସ୍ୟାରେ ସନ୍ତୁଷ୍ଟ ହୋଇ କହିଲେ ତୁମେ ଦୀକ୍ଷିତ ହୋଇନାହଁ, ତେଣୁ ମୁଁ ତୁମକୁ ଦର୍ଶନ ଦାନ କରିପାରିବି ନାହିଁ । ତେଣୁ ପ୍ରଥମେ ଦୀକ୍ଷା ଗ୍ରହଣ କର । କାତ୍ୟାୟନୀ ଦେବୀଙ୍କ ଆଜ୍ଞାନୁସାରେ

ମହାରାଜ ଶ୍ରୀବୃଷଭାନୁ ଦୀକ୍ଷା ଗ୍ରହଣ କରିବା ପରେହିଁ ଶ୍ରୀକାତ୍ୟାୟନୀ ଦେବୀ ତାହାଙ୍କୁ ଦର୍ଶନ ଦେଇ ପୁତ୍ରକନ୍ୟା ପ୍ରାପ୍ତିର ବର ପ୍ରଦାନ କରିଥିଲେ ।ବର୍ତ୍ତମାନ୍ ବୈଷ୍ଣବୀୟ ଗୋପାଳମନ୍ତ୍ରରେ ଦୀକ୍ଷା ସଂସ୍କାର ତଥା ମନ୍ତ୍ର-ଉପଦେଷ୍ଟା ମହାନ୍ତ ଦୀକ୍ଷାଗୁରୁଙ୍କ ଶ୍ରୀଚରଣାଶ୍ରୟର ଆବଶ୍ୟକତା ବର୍ଣ୍ଣନା କରିବା ପ୍ରସଙ୍ଗରେ ସପ୍ରେମ ଭଗବତ୍ ପ୍ରାପ୍ତି ପାଇଁ ଶ୍ରୀଭଗବାନଙ୍କ ଶ୍ରୀବିଗ୍ରହ ଅର୍ଚ୍ଚନର ଅପରିହାର୍ଯ୍ୟତା ଉପରେ ସଂକ୍ଷିପ୍ତ ଆଲୋକପାତ କରାଯାଉଅଛି ।

ଅର୍ଚ୍ଚନର ଆବଶ୍ୟକତା

ଶ୍ରୀଭଗବତ୍-ସ୍ୱରୂପଙ୍କ ପ୍ରକଟକାଳରେ ଜୀବ ପକ୍ଷରେ ତାହାଙ୍କ ସାନିଧ୍ୟଲାଭ ଦ୍ୱାରା ତଦନୁଶୀଳନ (ଭକ୍ତିମୟ ସେବା) ସମ୍ଭବ ହେଲେ ମଧ୍ୟ, ତାହାଙ୍କ ଅପ୍ରକଟ ସମୟରେ ସର୍ବତୋଭାବେ ସେହିପରି ସୌଭାଗ୍ୟ ପ୍ରାପ୍ତିର ସମ୍ଭାବନା ଥାଏ ନା ଦେଖି, ଜୀବଙ୍କ ପ୍ରତି ଅପାର କରୁଣା ବିସ୍ତାର ପୂର୍ବକ, ସେହି ସାକ୍ଷାତ୍ ଶ୍ରୀଭଗବତ୍ ସ୍ୱରୂପହିଁ ପ୍ରକାଶ ବିଶେଷରେ ପ୍ରକଟରେ ଅପ୍ରକଟରେ-ସର୍ବସମୟରେ ଶ୍ରୀବିଗ୍ରହରୂପେ ଜଗତରେ ବିଦ୍ୟମାନ୍ ରହି ସର୍ବଭାବରେ ଭଗବଦନୁଶୀଳନ ନିମିତ୍ତ ଜୀବସମୂହଙ୍କୁ ଅଧିକତର ସୌଭାଗ୍ୟ ପ୍ରଦାନ କରୁଅଛନ୍ତି । ସ୍ୱରୂପଙ୍କ ପୂର୍ଣ୍ଣ କୃପାହିଁ ଶ୍ରୀବିଗ୍ରହରୂପେ ଜୀବଙ୍କ ଉପରେ ପୂର୍ଣ୍ଣତର ରୂପେ ବର୍ଷିତ ହୋଇଅଛି । ଆଦିଲକ୍ଷ୍ମୀ ଶ୍ରୀରାଧାରାଣୀଙ୍କ ସହିତ ନିତ୍ୟସିଦ୍ଧ ପରିକରଙ୍କ ଦ୍ୱାରା ପରିସେବିତ ସେହି ଶ୍ରୀବ୍ରଜେନ୍ଦ୍ରନନ୍ଦନ ନିଜ ଚିଦାନନ୍ଦୋଦ୍ଭାସିତ ନିତ୍ୟ ଧାମରେ ଅବସ୍ଥିତ ରହି ମଧ୍ୟ ନିଜ ଅଚିନ୍ତ୍ୟ ମହିମାରେ ଭୂଲୋକରେ ଶ୍ରୀବିଗ୍ରହରୂପେ ପତିତଜୀବଙ୍କ ପାର୍ଶ୍ୱରେ ନିତ୍ୟହିଁ ଅବସ୍ଥାନ କରୁଅଛନ୍ତି-ସେମାନଙ୍କର ଉଦ୍ଧାର ପାଇଁ । ସେ, ଜୀବଙ୍କ ପାଇଁ 'ସ୍ୱରୂପ'ଙ୍କଠାରୁ ମଧ୍ୟ ଅଧିକତର ସହଜଲଭ୍ୟ ଏବଂ ସନ୍ନିକଟବର୍ତ୍ତୀ ହେବାପାଇଁ ଶ୍ରୀବିଗ୍ରହ ରୂପରେ ଦେଶେ ଦେଶେ ଗ୍ରାମେ ଗ୍ରାମେ ମନ୍ଦିରେ ମନ୍ଦିରେ ଏପରିକି ମନୁଷ୍ୟଙ୍କ ଘରେ ଘରେ ସ୍ୱପ୍ରକାଶ ହୋଇଛନ୍ତି ଏବଂ ଅତ୍ୟାଶ୍ଚର୍ଯ୍ୟ କୃପା ବିସ୍ତାର ପୂର୍ବକ ଜୀବ ନିକଟରୁ ସେବା ଗ୍ରହଣକରି ତାହାର କଲ୍ୟାଣ ସାଧନ ନିମିତ୍ତ ଉତ୍ସୁକ ଚିତ୍ତରେ ନିରନ୍ତର ଅବସ୍ଥାନ କରୁଅଛନ୍ତି । ଅଶେଷ କ୍ଷମା ଓ ସହନଶୀଳତା ଗୁଣେ ଆଭୂଷିତ ସେହି କରୁଣାର ପାରାବାର ଅପେକ୍ଷା କରି ବସିଛନ୍ତି - ସମ୍ଭୋଗମଦମତ୍ତ ଇନ୍ଦ୍ରିୟ ସୁଖ ତର୍ପଣରେ ନିରତ ଜୀବ କେବେ ନିଜ ଦୁର୍ଭାଗ୍ୟ, ନିଜ ଶୋଚନୀୟ ଅବସ୍ଥା ଉପଲବ୍ଧି କରିପାରି ତାହାଙ୍କ ନିକଟକୁ ଆସିବେ, ହୁଏତ କୌଣସି ପ୍ରକାରରେ ତାହାଙ୍କ ଶରଣାଗତ ହେବେ, ଅନ୍ତତଃ ଥରେ ମଧ୍ୟ କୌଣସି ଦିନ ତାହାଙ୍କୁ ଦର୍ଶନ ଓ ପ୍ରଣାମ କରିବେ, ତାହାଙ୍କ ତୁଳସୀ-ନିର୍ମାଲ୍ୟାଦି ଗ୍ରହଣ କରି ହୁଏତ ଥରେ କୌଣସି ଦିନ ମସ୍ତକରେ ଧାରଣ କରିବେ ବା ଆଘ୍ରାଣ କରିବେ କିମ୍ବା ପ୍ରସାଦାନ୍ନ ଆସ୍ୱାଦନ କରିବେ, ହୁଏତ କେଉଁ ଦିନ ପତ୍ର, ପୁଷ୍ପ, ଫଳ, ଜଳ - ସାମାନ୍ୟ ଯେଉଁ କିଛି ଉପହାର ଦ୍ରବ୍ୟ, କିଞ୍ଚିତ୍ମାତ୍ର ମଧ୍ୟ ଶ୍ରଦ୍ଧା ସଂଲିପ୍ତ କରି ନିବେଦନ ପୂର୍ବକ ତାହାଙ୍କ ନିକଟରେ ଥରେ ମଧ୍ୟ ପ୍ରଣତ ହେବେ-ଯାହା ଫଳସ୍ୱରୂପ ସେ ନିଜ ଅଫୁରନ୍ତ କରୁଣାର ଉଚ୍ଛ୍ୱାସରେ ସେହି ଜୀବକୁ ଅଭିଷିକ୍ତ କରି ନିଜ ଶାଶ୍ୱତ ପଦ ପ୍ରଦାନ ପୂର୍ବକ ସେବାମୃତରେ ଆପ୍ୟାୟିତ କରି ଧନ୍ୟାତିଧନ୍ୟ କରି ପାରିବେ । ଏହି ଆଶାରେହିଁ ତ ଶ୍ରୀଗୋଲକବିହାରୀ, ଶ୍ରୀବ୍ରଜେନ୍ଦ୍ରନନ୍ଦନ କରୁଣାରେ ବିଗଳିତ ହୋଇ ଶ୍ରୀବିଗ୍ରହରୂପେ ଭୂଲୋକରେ ଅବତରଣ କରି ଜୀବ ସହିତ ନିଜ-ସମଭୂମିକତା ସ୍ଥାପନ କରି ଚିରକାଳ ଅବସ୍ଥାନ କରିରହିଛନ୍ତି ।

ଶ୍ରୀଆବିର୍ହୋତ୍ର ଶ୍ରୀଯୋଗୀନ୍ଦ୍ର କହିଅଛନ୍ତି,–*"ଯ ଆଶୁ ହୃଦୟଗ୍ରନ୍ଥିଂ ନିର୍ଜିହୀର୍ଷୁଃ ପରାତ୍ମନଃ । ବିଧିନୋପଚରେଦ୍ ଦେବଂ ତନ୍ତ୍ରୋକ୍ତେନ ଚ କେଶବମ୍ ॥"* କ୍ରମସନ୍ଦର୍ଭ– *'ପରାତ୍ମନଃ ଦେହଦ୍ୱୟାତ୍ ପରସ୍ୟ ଆତ୍ମନୋ ଜୀବସ୍ୟ ହୃଦୟଗ୍ରନ୍ଥିଂ ଦେହାହଙ୍କାରମ୍'*–ଯିଏ ସ୍ଥୂଳ ସୂକ୍ଷ୍ମ ଦେହଦ୍ୱୟର ଅତିରିକ୍ତ ଜୀବର ହୃଦୟଗ୍ରନ୍ଥି ଅର୍ଥାତ୍ ଦେହର ଅହଙ୍କାର ବନ୍ଧନକୁ ଶୀଘ୍ର ନିଃଶେଷେ ଛେଦନ କରିବାପାଇଁ ଇଚ୍ଛୁକ, ସେ ଭଗବାନ ଶ୍ରୀକେଶବଦେବଙ୍କୁ ପଞ୍ଚରାତ୍ର ବେଦୋକ୍ତ ବିଧି ଦ୍ୱାରା ପୂଜା କରିବେ (ଭା ୧୧।୩।୪୭)।

ବିଶ୍ୱକ୍‌ସେନ ସଂହିତାରେ ମଧ୍ୟ ଶ୍ରୀଭଗବାନ କର୍ତ୍ତୃକ ଏହିପରି ଉକ୍ତ ହୋଇଅଛି, ଯଥା– *"ପୁରୋଦ୍ୟହଣ୍ଚ ବିଭବୋ ନିୟନ୍ତା ସର୍ବଦେହିନାମ୍ । ଅର୍ଚ୍ଚାବତାରଣ୍ଚ ତଥା ଦୟାଳୁ ପୁରୁଷାକୃତିଃ । ଇତ୍ୟେବଂ ପଞ୍ଚଧା ପ୍ରାହୁ ର୍ମାଂ ରହସ୍ୟବିଦୋ ଜନାଃ ॥"* ଶ୍ଲୋକର ତାତ୍ପର୍ଯ୍ୟ ଏହିଯେ – ରହସ୍ୟବେତ୍ତାଗଣ ଏକ ପରତତ୍ତ୍ୱ ଓ ଶ୍ରୀଭଗବାନ୍‌ଙ୍କର ପଞ୍ଚବିଧ ସାକ୍ଷାତ୍ ପ୍ରକାଶ– ରହସ୍ୟ କୀର୍ତ୍ତନ କରନ୍ତି, ଯଥା –(୧)'ପର'–ଅର୍ଥାତ୍ ପରତତ୍ତ୍ୱ ଶ୍ରୀଭଗବାନ୍ ଶ୍ରୀକୃଷ୍ଣ ରୂପେ । ସେହି ପରତତ୍ତ୍ୱହିଁ ପୁନଃ ଉପାସକଗଣଙ୍କ ଅନୁଗ୍ରହ ପାଇଁ (୨)'ବ୍ୟୁହ' ଅର୍ଥାତ୍ ସଙ୍କର୍ଷଣାଦିରୂପେ ପ୍ରକାଶ ହୁଅନ୍ତି । ସେହି ଏକ ପରତତ୍ତ୍ୱହିଁ (୩)'ବିଭବ' – ଅର୍ଥାତ୍ ନୃସିଂହ–ମତ୍ସ୍ୟ–କୁର୍ମାଦି ଅବତାରରୂପେ ବିଶ୍ୱଜୀବଙ୍କ କଲ୍ୟାଣ ପାଇଁ ପ୍ରପଞ୍ଚରେ ଅବତୀର୍ଣ୍ଣ ହୁଅନ୍ତି । ସେହି ପରତତ୍ତ୍ୱହିଁ – (୪)'ଅନ୍ତର୍ଯ୍ୟାମି' ଅର୍ଥାତ୍ ପରମାତ୍ମା ରୂପେ ପ୍ରତ୍ୟେକ ଦେହର ଅଭ୍ୟନ୍ତରରେ ଅବସ୍ଥିତି କରନ୍ତି । ପୁନଃ ସେହି ପରତତ୍ତ୍ୱହିଁ – (୫)'ଅର୍ଚ୍ଚା' ଅର୍ଥାତ୍ ବିଗ୍ରହ ରୂପେ ଭକ୍ତଗଣଙ୍କର ଚିତ୍ତ ବିନୋଦନ ଓ ଅର୍ଚ୍ଚନାଦି ବିଷୟରେ ଆନୁକୂଲ୍ୟ ପ୍ରଦାନ ପାଇଁ ଜଗତରେ ଭକ୍ତଗୃହରେ – ମନ୍ଦିର ମନ୍ଦିରରେ ବିରାଜ କରନ୍ତି ।

ଏହି ଅର୍ଚ୍ଚବିଗ୍ରହଙ୍କ ବା ଅର୍ଚ୍ଚନାର ଅଧିଷ୍ଠାନ ବିଷୟରେ ସମ୍ମୋହନ–ତନ୍ତ୍ରରେ ଉକ୍ତ ଅଛି –*'ଶାଳଗ୍ରାମେ ମନୌ ଯନ୍ତ୍ରେ ସ୍ଥଣ୍ଡିଳେ ପ୍ରତିମାଦିଷୁ । ହରେଃ ପୂଜା ତୁ କର୍ତ୍ତବ୍ୟା କେବଳେ ଭୂତଳେ ନ ତୁ ॥'* ଶ୍ରୀଶାଳଗ୍ରାମେ, ମନ୍ତ୍ରରେ ଯନ୍ତ୍ରରେ, ମନ୍ତ୍ରାଦି–ଦ୍ୱାରା ସଂସ୍କୃତ ସ୍ଥଳରେ ଓ ପ୍ରତିମାଦିରେ ଶ୍ରୀହରିଙ୍କ ପୂଜା କରଣୀୟ, କେବଳ (ଅସଂସ୍କୃତ) ଭୂତଳେ ପୂଜା କରାଯାଏ ନାହିଁ । ଶ୍ରୀମଦ୍ଭାଗବତ (୧୧।୨୭।୧୨)ରେ ଅଷ୍ଟବିଧା ପ୍ରତିମାର କଥା ଉକ୍ତ ହୋଇଅଛି – *"ଶୈଳୀ ଦାରୁମୟୀ ଲୌହୀ ଲେପ୍ୟା ଲେଖ୍ୟା ଚ ସୈକତୀ । ମନୋମୟୀ ମଣିମୟୀ ପ୍ରତିମାଷ୍ଟବିଧା ମତା ॥"* – ଶିଳାମୟୀ ଦାରୁମୟୀ ସୁବର୍ଣ୍ଣବିଧାତୁମୟୀ (ଲୌହୀ) ମୃଚ୍ଚନ୍ଦନାଦିମୟୀ (ଲେପ୍ୟା), ଚିତ୍ରପଟାଦିରେ ଅଙ୍କିତା (ଲେଖ୍ୟା) ବାଲୁକାମୟୀ–ମନୋମୟୀ ଓ ମଣିମୟୀ–ଶ୍ରୀଭଗବାନଙ୍କ ଶ୍ରୀମୂର୍ତ୍ତି ଏହି ଆଠପ୍ରକାରର ।

ଶ୍ରୀବିଗ୍ରହ ବା ଶ୍ରୀମୂର୍ତ୍ତି (୧)ସ୍ୱୟଂ ପ୍ରକାଶିତ (୨)ସ୍ଥାପିତ ଭେଦେ ଦୁଇପ୍ରକାରର । ଆମ୍ନେଶ୍ୱର ଶ୍ରୀବିଷ୍ଣୁ ପ୍ରପଞ୍ଚରେ ଯେଉଁ ଶିଳା ଅଥବା ଦାରୁରେ ମନୁଷ୍ୟଗଣଙ୍କ ସମ୍ମୁଖରେ ସ୍ୱୟଂହିଁ (ପ୍ରତିଷ୍ଠା ବିଧି ବ୍ୟତୀତ) ସନ୍ନିହିତ ଥାଆନ୍ତି ସେହି ଶ୍ରୀମୂର୍ତ୍ତିହିଁ ସ୍ୱୟଂ–ପ୍ରକାଶିତ । ଏହିପରି ଶ୍ରୀମୂର୍ତ୍ତି ଅତୀବ ଦୁର୍ଲଭ ଯଥା–ଶ୍ରୀରାଧାରମଣ–ଶ୍ରୀରଙ୍ଗନାଥ, ଶ୍ରୀବାଙ୍କବିହାରୀ ଇତ୍ୟାଦି । ଆଉ ଯେଉଁ ଶ୍ରୀମୂର୍ତ୍ତି ପ୍ରତିଷ୍ଠା ଦ୍ୱାରା ଶ୍ରୀକୃଷ୍ଣରୂପେ ପ୍ରକାଶିତ ହୁଅନ୍ତି, ତାହା ସ୍ଥାପିତ ଶ୍ରୀମୂର୍ତ୍ତି । ଶ୍ରୀପଦ୍ମପୁରାଣରେ ଉକ୍ତ ଅଛି–ଶିଳା, ମୃତ୍ତିକା, ଦାରୁ, ସୁବର୍ଣ୍ଣାଦି ଧାତୁ ପ୍ରଭୃତି ଦ୍ୱାରା ଶ୍ରୀହରିଙ୍କ

ପ୍ରତିକୃତି ପ୍ରକାଶ କରି ଶ୍ରୁତି, ସ୍ମୃତି ଓ ତନ୍ତ୍ରୋକ୍ତ ବିଧାନରେ ପ୍ରତିଷ୍ଠାକୁ ସ୍ଥାପନ କୁହାଯାଏ । ସ୍ୱୟଂ-ପ୍ରକାଶିତ ଶ୍ରୀମୂର୍ତ୍ତିଙ୍କ ଦୁର୍ଲ୍ଲଭତା ଯୋଗୁଁ ବୈଷ୍ଣବଗଣ ଯଥାବିଧି ଶ୍ରୀମୂର୍ତ୍ତି ପ୍ରତିଷ୍ଠା କରାଇ ସେହି ସ୍ଥାପିତ ଶ୍ରୀମୂର୍ତ୍ତିଙ୍କ ଅର୍ଚ୍ଚନା କରିବେ ।

କିନ୍ତୁ ବିଶେଷତଃ ଶ୍ରୀଶାଳଗ୍ରାମ ଶିଳାରେ ସର୍ବଦା ପାଇଁ ଶ୍ରୀହରି ଅବସ୍ଥାନ କରନ୍ତି - *'ଶାଳଗ୍ରାମଶିଳାୟାସ୍ତୁ ସର୍ବଦା ବସତେ ହରିଃ ॥'*(ହ.ଭ.ବି.-୫।୨।୧୯) ସେଥିପାଇଁ ଏଥିରେ ପ୍ରତିଷ୍ଠା ବିଧି ନାହିଁ । ସୁଧୀ ବ୍ୟକ୍ତି ପ୍ରଥମତଃ ମହାପୂଜା କରି ତତପଶ୍ଚାତ୍ ଶାଳଗ୍ରାମଙ୍କ ଅର୍ଚ୍ଚନ କରନ୍ତି - *'ଶାଳଗ୍ରାମଶିଳାୟାନ୍ତୁ ପ୍ରତିଷ୍ଠା ନୈବ ବିଦ୍ୟତେ । ମହାପୂଜାନ୍ତୁ କୃତ୍ୱାଦୌ ପୂଜୟେତ୍ତା° ତତୋ ବୁଧଃ ॥'* (ହ.ଭ.ବି.-୫।୪।୩୮) ତେଣୁ ହରିଭକ୍ତିବିଳାସ ୫।୪।୪୪ ଧୃତ ପାଦ୍ମବାକ୍ୟରେ କୁହାଯାଇଛି- *"ଶାଳଗ୍ରାମଶିଳାୟାନ୍ତୁ ସାକ୍ଷାତ୍ - ଶ୍ରୀକୃଷ୍ଣସେବନମ୍ । ନିତ୍ୟଂ ସନ୍ନିହିତସ୍ତତ୍ର ବାସୁଦେବୋ ଜଗତ୍ଗୁରୁ ॥"* ଶାଳଗ୍ରାମ ଶିଳାର ପୂଜାର ବୈଶିଷ୍ଟ୍ୟ ଏହି ଯେ ସେଥିରେ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କର (ଭଗବାନ୍‌ଙ୍କର) ଆରାଧନା କରା ହୁଏ । ଜଗତ୍‌ଗୁରୁ ବାସୁଦେବ ଏହି ଶିଳାରେ ନିତ୍ୟ ସମ୍ୟକ୍ ରୂପେ ନିହିତ ଥାଆନ୍ତି । ସମ୍ୟକ୍ ରୂପେ ନିହିତ ଥିବାର ଅର୍ଥହିଁ ହେଉଅଛି ଅଧିଷ୍ଠାନ ରୂପେ ସାକ୍ଷାତ୍ ଅଧିଷ୍ଠାତା ।

ଶ୍ରୀସନାତନଗୋସ୍ୱାମିପାଦ୍ ପୂର୍ବପକ୍ଷ କରି କହିଛନ୍ତି- ପ୍ରଶ୍ନ ହୋଇପାରେ, ଶାସ୍ତ୍ରରେ ଶ୍ରୀଭଗବତ୍ ପୂଜାର ସମସ୍ତ ଅଧିଷ୍ଠାନଠାରୁ ଯେତେବେଳେ ଶ୍ରୀଶାଳଗ୍ରାମ ଶିଳାରହିଁ ମାହାତ୍ମ୍ୟ ଅଧିକ ବୋଲି ଲିଖିତ ହୋଇଅଛି, ସେତେବେଳେତ ଶ୍ରୀଶାଳଗ୍ରାମଙ୍କର ଅର୍ଚ୍ଚନ କରିବା କର୍ତ୍ତବ୍ୟ ତଥାପି ଶ୍ରୀମୂର୍ତ୍ତିଙ୍କ ପୂଜାବିଧି ଲିଖିତ ହୋଇଅଛି କାହିଁକି ? ତାହା ଉତ୍ତରରେ ଶ୍ରୀସନାତନ ଗୋସ୍ୱାମୀପାଦ୍ କହିଛନ୍ତି-ଶ୍ରୀଭଗବାନଙ୍କ ରୂପ, ଗୋକୁଳର ଆନନ୍ଦ ସ୍ୱରୂପ, ସେହି ଅନିର୍ବଚନୀୟ ରୂପ ସହଜରେହିଁ ଚିତ୍ତକୁ ଆକର୍ଷଣ କରେ । ଯେଉଁମାନେ ସେହି ରୂପର ପୂଜା କରିବାକୁ ଇଚ୍ଛୁକ ସେମାନଙ୍କ ପାଇଁ ଶ୍ରୀମୁଖ-କର-ଚରଣାଦି ଯୁକ୍ତ ସାବୟବ ଶ୍ରୀମୂର୍ତ୍ତି ପୂଜା ଲିଖିତ ଅଛି । ପୁନଃ (ହ.ଭ.ବି. ୬।୧ ଟୀକା) ଶ୍ରୀସନାତନପାଦ୍ ଉଲ୍ଲେଖ କରିଛନ୍ତି-କର-ଚରଣାଦି ଅବୟବହୀନ ଶାଳଗ୍ରାମଙ୍କଠାରୁ ସାବୟବ ଶ୍ରୀମୂର୍ତ୍ତି ସମୂହ ଚିତ୍ତାକର୍ଷକ ହୋଇଥିବାରୁ ତଥା ଶାସ୍ତ୍ରବିହିତ ସୁରଭି-ଘୃତ-ସଂସିକ୍ତ କର୍ପୂର ବର୍ତିକାଲୋକରେ ଶ୍ରୀଗୋକୁଳୋତ୍ସବ ଶ୍ରୀମୂର୍ତ୍ତିଙ୍କ ପାଦଦେଶ ପର୍ଯ୍ୟନ୍ତ ନିରୀକ୍ଷଣ, ସାକ୍ଷାତ୍ ଶ୍ରୀପାଦପଦ୍ମରେ ତୁଳସ୍ୟାଦି ଅର୍ପଣ ଓ ନିଜ ବାଞ୍ଛାନୁରୂପ ବିଚିତ୍ର ବସନ, ଭୂଷଣ ଓ ମାଲ୍ୟାଦି ଦ୍ରବ୍ୟ ସେବନ ବିଷୟରେ ଶ୍ରୀଶାଳଗ୍ରାମ ଅପେକ୍ଷା ଶ୍ରୀମୂର୍ତ୍ତିରେହିଁ ଅଧିକତର ଉପଯୋଗିତା ଥିବାରୁ ଏହି ହିସାବରେ ଶ୍ରୀମୂର୍ତ୍ତିର ଉତ୍କର୍ଷ ବୁଝିବାକୁ ହେବ ।

ସେ ଯାହା ହେଉ ନା କାହିଁକି, ଏହିପରି ଶ୍ରୀବିଗ୍ରହ ସମ୍ବନ୍ଧରେ 'ସାକ୍ଷାତ୍' ଆଦି ପଦର ବ୍ୟବହାର ଯୋଗୁଁ ଏଥିରେ ଯେ କେବେଳ ଶ୍ରୀହରିଙ୍କର ଅଧିଷ୍ଠାନ ହୁଏ ତାହା ନୁହେଁ, ଶ୍ରୀବିଗ୍ରହ ସାକ୍ଷାତ୍ ଅଧିଷ୍ଠିତ ଶ୍ରୀହରି । ଶ୍ରୀଚୈତନ୍ୟ ଚରିତାମୃତଗ୍ରନ୍ଥରେ ଶ୍ରୀକବିରାଜଗୋସ୍ୱାମୀପାଦ୍ ଶ୍ରୀରୂପଗୋସ୍ୱାମୀପାଦ୍‌ଙ୍କ ପ୍ରକଟିତ ଶ୍ରୀଗୋବିନ୍ଦଦେବଙ୍କ ରୂପ ବର୍ଣ୍ଣନାକରି ପରିଶେଷରେ କହିଛନ୍ତି *-"ସାକ୍ଷାତ୍ ବ୍ରଜେନ୍ଦ୍ର ସୁତ ଇଥେ ନାହି ଆନ । ଯେ ଅଜ୍ଞ କରୟେ ତାରେ ପ୍ରତିମା ହେନ ଜ୍ଞାନ ॥ ସେଇ ଅପରାଧେ ତାର ନା ହୟ ନିସ୍ତାର । ଘୋର ନରକେତେ ପଡ଼େ କି ବଲିବ ଆର ॥"* (ଚୈ:ଚ ୧।୪।୧୯୫) ପୁନଃ ଶ୍ରୀମଦନଗୋପାଳଙ୍କ ବିଗ୍ରହ ସମ୍ବନ୍ଧରେ ଲେଖିଛନ୍ତି- *"ବୃନ୍ଦାବନ ପୁରନ୍ଦର ମଦନଗୋପାଳ । ରାସବିଳାସୀ ସାକ୍ଷାତ୍ ବ୍ରଜେନ୍ଦ୍ରକୁମାର ॥*(୧।୪।୧୯୦)

ସର୍ବୋପରି ଶ୍ରୀମନ୍‌ମହାପ୍ରଭୁ ନିଜ ପ୍ରବର୍ତ୍ତିତ ଶ୍ରୀଶ୍ରୀରାଧାଦାସ୍ୟାମୃତରେ ଅଭିଷିଞ୍ଚିତ ରାଗାନୁଗା ଭଜନ ପ୍ରଣାଳୀରେ ଶ୍ରୀଶ୍ରୀଗୋବର୍ଦ୍ଧନ ଶିଳାଙ୍କୁ ଶ୍ରୀଶାଳଗ୍ରାମଶିଳା ପରି ସାକ୍ଷାତ୍ ଶ୍ରୀଭଗବାନଙ୍କଠାରୁ ଅଭିନ୍ନ ଜ୍ଞାନରେ ଆରାଧନା କରିବାର ଆଦର୍ଶ ସ୍ଥାପନ କରିଯାଇଛନ୍ତି । ମହାଭାବ ସ୍ୱରୂପିଣୀ ଶ୍ରୀରାଧିକାଙ୍କ ଭାବାକ୍ରାନ୍ତ ଶ୍ରୀମନ୍ମହାପ୍ରଭୁ ଶ୍ରୀଗିରିରାଜଶିଳାଙ୍କୁ ନିଜ ବକ୍ଷବିଳାସୀ ପ୍ରାଣନାଥ ଜ୍ଞାନରେ ସର୍ବଦା ନିଜ ହୃଦୟ ଦେଶରେ ଧାରଣ କରି ନିରନ୍ତର ଏହାଙ୍କୁ ନିଜ ପ୍ରେମାଶ୍ରୁରେ ଅଭିଷିଞ୍ଚନ କରୁଥିବାର ପ୍ରମାଣ ଶ୍ରୀଚୈତନ୍ୟଚରିତାମୃତରେ ମିଳେ । ସ୍ୱୟଂ, ଶ୍ରୀପାଦ୍ ରଘୁନାଥ ଦାସ ଗୋସ୍ୱାମୀଙ୍କୁ ଏହି ଶିଳା ପ୍ରଦାନ କରି ତାହାଙ୍କୁ ଶ୍ରୀଗୋବର୍ଦ୍ଧନଶିଳାଙ୍କ ପ୍ରେମପରିଚର୍ଯ୍ୟାର ପରିପାଟୀ ମଧ୍ୟ ଉଲ୍ଲେଖ କରିଯାଇଛନ୍ତି । ଶ୍ରୀମଦ୍ଦାସ ଗୋସ୍ୱାମୀ ମଧ୍ୟ ଆରାଧନ ସମୟରେ ତାହାଙ୍କୁ ଅଭିନ୍ନ ବ୍ରଜେନ୍ଦ୍ର-ନନ୍ଦନ ରୂପେ ଦର୍ଶନ କରନ୍ତି ।

ପ୍ରଭୁ ବଲେନ ଏହି ଶିଳା କୃଷ୍ଣେର ବିଗ୍ରହ । ଇହା ସେବା କର ତୁମି କରିୟା ଆଗ୍ରହ ॥
ଏଇ ମତ ରଘୁନାଥ କରେନ ସେବନ । ପୂଜା କାଳେ ଦେଖେ ଶିଳା ବ୍ରଜେନ୍ଦ୍ରନନ୍ଦନ ॥ (ଚୈ.ଚ.ଅ:୬ଅଧ୍ୟା)

ଶ୍ରୀମନ୍ମହାପ୍ରଭୁଙ୍କର ତଥା ପୂଜ୍ୟ ଗୋସ୍ୱାମୀ ବର୍ଗଙ୍କ ଆଦର୍ଶ ଅନୁସରଣେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ଆଗତ ବହୁ ଭଜନାନନ୍ଦି ମହତ୍‌ଙ୍କ ନିକଟରେ ଶ୍ରୀଗିରିରାଜ ଶିଳାଙ୍କର ବିଶେଷ ଆରାଧନା ପରିଲକ୍ଷିତ ହୁଏ । ଅଧାବଧି ମଧ୍ୟ ବ୍ରଜବାସୀ ବୈଷ୍ଣବବୃନ୍ଦଙ୍କ ମଧ୍ୟରେ ଶ୍ରୀଗୋବର୍ଦ୍ଧନ ଶିଳାଙ୍କର ପ୍ରେମପରିଚର୍ଯ୍ୟାର ନିଦର୍ଶନ ମିଳୁଅଛି ।

ତେଣୁ ଏହିପରି ଭାବରେ କରୁଣାର ଉଦ୍ରେକରେ ପ୍ରପଞ୍ଚରେ ଆବିର୍ଭୂତ ଶ୍ରୀହରିଙ୍କ ଶ୍ରୀବିଗ୍ରହ ସମୂହଙ୍କର ସମ୍ୟକ୍ ଆରାଧନାର ଅଭାବରେ ଜୀବ ପକ୍ଷରେ ପ୍ରତ୍ୟବାୟ ସୁନିଶ୍ଚିତ । ଶ୍ରୀହରିଙ୍କ ଏତାଦୃଶ କରୁଣାର ଅସମ୍ମାନ କେବଳ ଅପରାଧ ଜନକ । ସମ୍ଭୋଗବସ୍ତୁ ସଂଗ୍ରହରେ ବ୍ୟସ୍ତ ରହି ନିଜକୁ ସ୍ୱରୂପାଭିନ୍ନ ଶ୍ରୀବିଗ୍ରହଙ୍କ ଅର୍ଚ୍ଚନରୁ ବଞ୍ଚିତ ରଖିବା ନିଜର ଦୁର୍ଦ୍ଦୈବ ମାତ୍ର ।

ଶ୍ରୀଶାଳଗ୍ରାମଶିଳାଦି ଭଗବଦ୍‌ବିଗ୍ରହଙ୍କର ଅର୍ଚ୍ଚନରେ ଅଧିକାର

ଶାଳଗ୍ରାମଶିଳା ପୂଜାଂ ବିନା ଯୋଽଶ୍ନାତି କିଞ୍ଚନ ।
ସ ଚଣ୍ଡାଳାଦିବିଷ୍ଠାୟାମାକଳ୍ପଂ ଜାୟତେ କୃମିଃ ॥(ହଭବି ୫।୪।୪୮ଧୃତ ସ୍କାନ୍ଦବାକ୍ୟ)

'ଶ୍ରୀଶାଳଗ୍ରାମଙ୍କ ଅର୍ଚ୍ଚନ ନକରି ଭୋଜନ କରିଲେ ଚଣ୍ଡାଳାଦିର ବିଷ୍ଠାର କୃମି ହୋଇ ଆକଳ୍ପ (କଳ୍ପକଳ୍ପଧରି) ଯନ୍ତ୍ରଣା ଭୋଗ କରିବାକୁ ହୁଏ ।' ଏହିଶାସ୍ତ୍ର ପ୍ରମାଣ ଅନୁସାରେ ଜୀବପକ୍ଷରେ ଶ୍ରୀଶାଳଗ୍ରାମାଦି ଅର୍ଚ୍ଚାବିଗ୍ରହଙ୍କ ଆରାଧନାର ନିତ୍ୟତା ସୂଚିତ ହେଉଅଛି । ତେବେ କଣ ଜୀବମାତ୍ରକେ (ବିଶେଷତଃ ମନୁଷ୍ୟ ଯୋନି ପ୍ରାପ୍ତ) ସମସ୍ତେ କଣ ଏହି ଶ୍ରୀଶାଳଗ୍ରାମାଦି ଅର୍ଚ୍ଚାବିଗ୍ରହଙ୍କର ପରିଚର୍ଯ୍ୟା କରିପାରିବେ ? ଏହି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀସନାତନଗୋସ୍ୱାମୀପାଦ୍ ଉଲ୍ଲେଖ କରିଅଛନ୍ତି- ଯଥାବିଧି ବୈଷ୍ଣବ ଦୀକ୍ଷା ଗ୍ରହଣକାରୀ ସମସ୍ତଙ୍କରହିଁ ଶାଳଗ୍ରାମରୂପୀ ଶ୍ରୀଭଗବାନଙ୍କ ପୂଜନରେ ଅଧିକାର ରହିଛି । ଏହା ବିସ୍ତାର ଭାବେ ପ୍ରକାଶ କରି କହୁଛନ୍ତି-ଦ୍ୱିଜାଦି ବ୍ୟକ୍ତିଗଣଙ୍କ ଦ୍ୱାରା ଶ୍ରୀଶାଳଗ୍ରାମ ସମ୍ୟକ୍ ରୂପେ ପୂଜ୍ୟ । ଏଠାରେ 'ଦ୍ୱିଜ' ଶବ୍ଦର ଅର୍ଥ ତ୍ରିବର୍ଣ୍ଣ-ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ- ଯେଉଁମାନଙ୍କ ଦୀକ୍ଷା ବା ଗାୟତ୍ରୀ ସଂସ୍କାରରେ ଦ୍ୱିତୀୟ ଜନ୍ମ ଲାଭ ହୋଇଥାଏ । ପରଶ୍ରୀକାତର କୌଣସି କୌଣସି ସ୍ମାର୍ତ ମତାନୁସାରେ ଶାଳଗ୍ରାମଶିଳା ପ୍ରସଙ୍ଗରେ ଶ୍ରୀଭଗବାନଙ୍କର ଏହି ଉକ୍ତି ଦେଖାଯାଏ-'ଶୁଚି

ହେଉ ବା ଅଶୁଚି ହେଉ, ମୁଁ ବ୍ରାହ୍ମଣଙ୍କରହିଁ ପୂଜ୍ୟ, ସ୍ତ୍ରୀ ଓ ଶୂଦ୍ର ବ୍ୟକ୍ତିଙ୍କର ହସ୍ତ ସଂସ୍ପର୍ଶ ମୋ ନିକଟରେ ବଜ୍ରପାତ ସଦୃଶ ।' –ଏହି ଉପରୋକ୍ତ ଉକ୍ତି ଅନୁସାରେ ସ୍ତ୍ରୀ–ଶୂଦ୍ରାଦିଙ୍କର ଶାଳଗ୍ରାମ–ପୂଜା ନିଷିଦ୍ଧ ହୋଇଅଛି, କିନ୍ତୁ ସନାତନଗୋସ୍ୱାମୀପାଦ୍ ଏହି ଅଶାସ୍ତ୍ରୀୟ ଓ ମନୋକଳ୍ପିତ ମତବାଦକୁ ଖଣ୍ଡନ କରି ଉଲ୍ଲେଖ କରିଅଛନ୍ତି – ଭଗବତ୍ ପରାୟଣ ସ୍ତ୍ରୀ ଓ ଶୂଦ୍ରଗଣଙ୍କ ଦ୍ୱାରା ମଧ୍ୟ ଶ୍ରୀଶାଳଗ୍ରାମ ଶିଳା ପୂଜିତ ହୁଅନ୍ତି, ଅର୍ଥାତ୍ ଯେଉଁମାନେ ଯଥାବିଧି ବୈଷ୍ଣବ ମନ୍ତ୍ରରେ ଦୀକ୍ଷା ଗ୍ରହଣ କରି ଭଗବତ୍ ପୂଜାପର ସେହି ସମସ୍ତ ସାଧୁଗଣଙ୍କ ଦ୍ୱାରା – ସେମାନେ ସ୍ତ୍ରୀ ହୁଅନ୍ତୁ ଅବା ଶୂଦ୍ର ହୁଅନ୍ତୁ, ଶ୍ରୀଶାଳଗ୍ରାମ ପୂଜିତ ହୋଇପାରନ୍ତି । *(ଯଥାବିଧି ଦୀକ୍ଷାଂ ଗୃହୀତ୍ୱା ଭଗବତ୍ ଭୂଜାପରୈଃ ସଦ୍ଭିରତ୍ୟର୍ଥ ଶ୍ରୀସନାତନପାଦ୍)* ଏହାହିଁ ଶ୍ରୀନାରଦପୁରାଣୋକ୍ତ ଶ୍ରୀନାରଦମୁନିଙ୍କ ଉକ୍ତି ଦ୍ୱାରା ପ୍ରମାଣିତ କରୁଅଛନ୍ତି – ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ସତ୍–ଶୂଦ୍ରଗଣଙ୍କର ଶାଳଗ୍ରାମ ପୂଜାର ଅଧିକାର ଅଛି, ଅପରଙ୍କର କଦାପି ସେଥିରେ ଅଧିକାର ନାହିଁ । 'ସତ୍–ଶୂଦ୍ର' ଶବ୍ଦର ତାତ୍ପର୍ଯ୍ୟଟି ଶ୍ରୀସନାତନଗୋସ୍ୱାମୀପାଦ୍ ବ୍ୟାଖ୍ୟା କରି କହୁଅଛନ୍ତି **'ସତାଂ ବୈଷ୍ଣବାନାଂ ଶୂଦ୍ରାଣାଂ'** ଅର୍ଥାତ୍ ଶୂଦ୍ରକୁଳୋଦ୍ଭୂତ ବୈଷ୍ଣବଗଣଙ୍କର ଶ୍ରୀଶାଳଗ୍ରାମ ଶିଳାର୍ଚ୍ଚନରେ ଅଧିକାର ଅଛି । ଅନ୍ୟ ବ୍ୟକ୍ତିଗଣଙ୍କର ଅର୍ଥାତ୍ ଅବୈଷ୍ଣବ ଶୂଦ୍ରଙ୍କ ଅଧିକାର ନାହିଁ । ସେଥିପାଇଁ ବାୟୁପୁରାଣରେ ଶୂଦ୍ରଙ୍କୁ ଉଦ୍ଦେଶ୍ୟକରି କୁହାଯାଇଛି–ଶୂଦ୍ରବ୍ୟକ୍ତି ଅଯାଚକ ଦାନଶୀଳ ହେବେ, ଜୀବିକା ନିମିତ୍ତ କୃଷିକର୍ମ କରିବେ, ପ୍ରତ୍ୟହ ପୁରାଣ ଶ୍ରବଣ କରିବେ ଓ ପ୍ରତ୍ୟହ ଶ୍ରୀଶାଳଗ୍ରାମଙ୍କ ଅର୍ଚ୍ଚନ କରିବେ । ତେଣୁ ଏହିପରି ମହାପୁରାଣ ସମୂହଙ୍କ ବାକ୍ୟ ସହିତ 'ମୁଁ ଯେ ଏକମାତ୍ର ବ୍ରାହ୍ମଣଙ୍କରହିଁ ପୂଜ୍ୟ' ଏହି ବାକ୍ୟର ଯେ ବିରୋଧ ଘଟୁଅଛି, ତାହାଫଳରେ ଜାଣିବାକୁ ପଡ଼ିବ 'ମୁଁ ଏକମାତ୍ର ବ୍ରାହ୍ମଣଙ୍କରହିଁ ପୂଜ୍ୟ ଓ ସ୍ତ୍ରୀ, ଶୂଦ୍ରଙ୍କ ସ୍ପର୍ଶଯୋଗ୍ୟ ନୁହେଁ' ଏହା ମନୋକଳ୍ପିତ ମତବାଦ ମାତ୍ର । ଏହା କୌଣସି ଶାସ୍ତ୍ରୀୟ ପ୍ରମାଣ ନୁହେଁ । ଆଉ ଯଦି ତାହା ଯୁକ୍ତି ଦ୍ୱାରା ସିଦ୍ଧି ସକାରଣ ବିଶିଷ୍ଟ ବାକ୍ୟ ହୁଏ – ତାହା ହେଲେ – ଅବୈଷ୍ଣବ ଶୂଦ୍ର ବ୍ୟକ୍ତିର ଓ ଅବୈଷ୍ଣବ ସ୍ତ୍ରୀଗଣଙ୍କର ହିଁ ଶ୍ରୀଶାଳଗ୍ରାମ ଅର୍ଚ୍ଚନ କରିବା କର୍ତ୍ତବ୍ୟ ନୁହେଁ । ଯେଉଁ ସମସ୍ତ ସ୍ତ୍ରୀ ଓ ଶୂଦ୍ରଗଣ ଯଥାରୀତି ବିଷ୍ଣୁଦୀକ୍ଷା ଗ୍ରହଣ କରିଅଛନ୍ତି, ସେମାନଙ୍କର ଶ୍ରୀଶାଳଗ୍ରମ ପୂଜା କରିବା କର୍ତ୍ତବ୍ୟ–ଏହାହିଁ ବ୍ୟବସ୍ଥାପନୀୟ । ଯେହେତୁ ଶୂଦ୍ରଗଣଙ୍କ ମଧ୍ୟରେ ଏପରି କି ଅନ୍ତ୍ୟଜଗଣଙ୍କ ମଧ୍ୟରେ ମଧ୍ୟ ଯେଉଁମାନେ ଯଥାବିଧି ବିଷ୍ଣୁମନ୍ତ୍ରରେ ଦୀକ୍ଷିତ ସେମାନେ ଶୂଦ୍ରାଦି ନାମରେ କଥିତ ହୁଅନ୍ତି ନାହିଁ–ଏହା ପ୍ରସିଦ୍ଧି ଅଛି । ଶ୍ରୀନାରଦୀୟ ପୁରାଣରେ ଉକ୍ତ ହୋଇଅଛି – 'ହେ ଭୂପାଳ ! ବିଷ୍ଣୁଭକ୍ତ ଚଣ୍ଡାଳ ମଧ୍ୟ ଅବୈଷ୍ଣବ ବ୍ରାହ୍ମଣଙ୍କଠାରୁ ଶ୍ରେଷ୍ଠ । ଇତିହାସ ସମୂହରେ ଉକ୍ତ ହୋଇଅଛି – ଶୂଦ୍ର, ବ୍ୟାଧ ବା ଚଣ୍ଡାଳ ଯଦି ଭଗବଦ୍ଭକ୍ତ ହୁଅନ୍ତି ତାହା ହେଲେ ସେମାନଙ୍କୁ ସେହି ସେହି ଜାତିରୂପେ ଦର୍ଶନକାରୀ ବ୍ୟକ୍ତି ନିଶ୍ଚୟହିଁ ନରକକୁ ଗମନ କରେ । ପଦ୍ମପୁରାଣରେ ଉକ୍ତ ହୋଇଛି – ଭଗବଦ୍ଭକ୍ତଗଣ ଶୂଦ୍ର ଜାତିରେ ଉଦ୍ଭୂତ ହେଲେ ମଧ୍ୟ ଶୂଦ୍ର ନୁହଁନ୍ତି ସେମାନେ କିନ୍ତୁ ଅଭକ୍ତ ଶୂଦ୍ରଙ୍କଠାରୁ ପୃଥକ୍ ଭାଗବତ ମନୁଷ୍ୟ । ଯେଉଁମାନେ ଜନାର୍ଦ୍ଦନଙ୍କ ଭକ୍ତ ନୁହଁନ୍ତି, ସେମାନେ ସର୍ବବର୍ଣ୍ଣ ମଧ୍ୟରେ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରକୂଳେ) ଉତ୍ପନ୍ନ ହୋଇ ମଧ୍ୟ 'ଶୂଦ୍ର' ପଦବାଚ୍ୟ । ଅର୍ଥାତ୍ ଶୂଦ୍ରକୂଳୋଦ୍ଭୂତ ଅବୈଷ୍ଣବ ତ ଶୂଦ୍ରହିଁ, ବ୍ରାହ୍ମଣକୂଳୋତ୍ପନ୍ନ ଅବୈଷ୍ଣବ ମଧ୍ୟ ଶୂଦ୍ର । (କାରଣ ନ ଭଜନ୍ତି * * * * ସ୍ଥାନାଦ୍ଭ୍ରଷ୍ଟାଃ ପତନ୍ତ୍ୟଧଃ'') । ଅଧିକ ଏହି ଯେ

ଚରମଶକ୍ତିଶଳୀ ଅପ୍ରାକୃତ ବିଷ୍ଣୁଦୀକ୍ଷା ମନ୍ତ୍ର ପ୍ରଭାବରେ ଶୂଦ୍ରାଦିକୂଳୋତ୍ପନ୍ନ ବ୍ୟକ୍ତିଗଣଙ୍କର ମଧ୍ୟ ବିପ୍ରସାମ୍ୟତା ସିଦ୍ଧ ହୁଏ । ଶାସ୍ତ୍ରରେ ଉକ୍ତ ଅଛି ଯେପରି ରାସାୟନିକପ୍ରକ୍ରିୟା ବିଶେଷ ଦ୍ୱାରା କଂସାର ମଧ୍ୟ ସ୍ୱର୍ଣ୍ଣତ୍ୱ ଲାଭ ହୁଏ, ତଦ୍ରୂପ ଦୀକ୍ଷାବିଧାନ ଦ୍ୱାରା ସକଳ ମନୁଷ୍ୟଙ୍କରହିଁ ବିପ୍ରତା ସିଦ୍ଧ ହୁଏ । ଅତଏବ ଶ୍ରୀମଦ୍ଭାଗବତର ତୃତୀୟସ୍କନ୍ଧରେ ଶ୍ରୀଦେବହୂତିଙ୍କ ବାକ୍ୟରେ ମଧ୍ୟ ଦୃଷ୍ଟ ହୁଏ – କଦାଚିତ୍ ଯାହାଙ୍କ ନାମର ଶ୍ରବଣରେ, ଅନୁକୀର୍ତ୍ତନରେ, ଯାହାଙ୍କ ପ୍ରଣାମରେ, ଯାହାଙ୍କ ସ୍ମରଣରେ କୁକୁରଭୋଜୀ ଜାତି ବିଶେଷ ମଧ୍ୟ ତତ୍‌କ୍ଷଣାତ୍ ସୋମଯଜ୍ଞର ଯୋଗ୍ୟ ହୁଏ, ସେହି ଭଗବାନ୍‌ଙ୍କ ସାକ୍ଷାତ୍‌କାରରେ ଜୀବ ଯେ ନିଶ୍ଚିତ ଭାବରେ କୃତାର୍ଥତା ଲାଭ କରିବେ, ଏଥିରେ ସନ୍ଦେହ ଅବା କଣ ? ଅତଏବ ବ୍ରାହ୍ମଣଗଣଙ୍କ ସହିତ ବୈଷ୍ଣବଗଣଙ୍କର ଏକତ୍ରହିଁ ଗଣନା ବା ସମତାହିଁ ସିଦ୍ଧ ହୁଏ । ଶ୍ରୀମଦ୍ଭାଗବତ (୭।୯।୧୦) ଶ୍ରୀପ୍ରହ୍ଲାଦଙ୍କ ଉକ୍ତିରେ ଦେଖିବାକୁ ମିଳେ ଦ୍ୱାଦଶଗୁଣ (ଯାହା ବ୍ରାହ୍ମଣଙ୍କ ଗୁଣ) ବିଶିଷ୍ଟ ବ୍ରାହ୍ମଣ ଶ୍ରୀବିଷ୍ଣୁଙ୍କ ଶ୍ରୀଚରଣସେବା ବିମୁଖ ହେଲେ, ଅର୍ଥାତ୍ ବ୍ରାହ୍ମଣ ଅବୈଷ୍ଣବ ହେଲେ ତାହାଙ୍କଠାରୁ –ଶ୍ୱପଚାଦି ନୀଚଜାତିରେ ଉଦ୍ଭୂତ ବୈଷ୍ଣବ ଅନନ୍ତ ଗୁଣେ ଶ୍ରେଷ୍ଠ ।

ଶ୍ରୀବ୍ରହ୍ମବୈବର୍ତ୍ତପୁରାଣରେ ପ୍ରିୟବ୍ରତଙ୍କ ଉପାଖ୍ୟାନରେ ଧର୍ମବ୍ୟାଧଙ୍କର ମଧ୍ୟ ଶ୍ରୀଶାଳଗ୍ରାମ ଶିଳାର ଆରାଧନାର କଥା ଉକ୍ତ ହୋଇଅଛି । ତାହା ନ ହୋଇଥିଲେ ଦାରୁବ୍ରହ୍ମ ପୁରୁଷୋତ୍ତମ ନିଳାଦ୍ରିଶିରୋମଣି ରାଧାଲିଙ୍ଗିତବିଗ୍ରହ ଶ୍ରୀଶ୍ରୀଜଗନ୍ନାଥଦେବ କାହିଁକି ଅବା ଅନ୍ତ୍ୟଜ ଶବରଙ୍କ ଦ୍ୱାରା ପୂଜା ସ୍ୱୀକାର କରିଥାଏ । ଶ୍ରୀଶ୍ରୀନୀଳମାଧବ, ଶବର ବିଶ୍ୱାବସୁଙ୍କ ପ୍ରେମସେବାର ଏକାନ୍ତ ଅଧୀନ ଥିଲେ, ଅଦ୍ୟାବଧି ମଧ୍ୟ ତାହାଙ୍କରହିଁ ବଂଶାନୁଚରଣଗଣ 'ଦଇତାପତି' ନାମରେ ଶ୍ରୀଜଗନ୍ନାଥଦେବଙ୍କର ବିଶେଷ ବିଶେଷ ସମୟରେ (ସ୍ନାନଯାତ୍ରା, ରଥାଯାତ୍ରା ଇତ୍ୟାଦିରେ) ସେବା କରୁଅଛନ୍ତି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଅବା କାହିଁକି ଶବରୀର ଉଚ୍ଛିଷ୍ଟ ପରମାନନ୍ଦରେ ସେବନ କରିଥାନ୍ତେ । ଶ୍ରୀଭଗବାନ ନିଜ ଭକ୍ତର ହୃଦୟସ୍ଥ ପ୍ରେମର ଆସ୍ୱାଦକ, ପଞ୍ଚଭୂତ ଶରୀରର ସେ ଅପେକ୍ଷା କରନ୍ତି ନାହିଁ ।

ଶ୍ରୀସନାତନଗୋସ୍ୱାମୀପାଦ୍‌ଙ୍କ ଏହି ସମସ୍ତ ବାକ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ – ଶୂଦ୍ରକୁଳୋଦ୍ଭୂତ ଏପରି କି ବର୍ଣ୍ଣାଶ୍ରମ ବହିର୍ଭୂତ ଅନ୍ତ୍ୟଜାଦି ଜାତିରେ ଉଦ୍ଭୂତ ବ୍ୟକ୍ତି ମଧ୍ୟ ଯଥାବିଧି ଶ୍ରୀବିଷ୍ଣୁମନ୍ତ୍ରରେ ଦୀକ୍ଷିତ ହେଲେ ନିଜ ଇଷ୍ଟଦେବ ଶ୍ରୀଶାଳଗ୍ରାମାଦିଙ୍କ ଅର୍ଚ୍ଚନ କରି ପାରନ୍ତି ଏବଂ ସେମାନେ ନିତ୍ୟ ଅର୍ଚ୍ଚନ ନକରିଲେ ସେମାନଙ୍କୁ (ଦୀକ୍ଷିତ ବ୍ୟକ୍ତିକୁ) ପ୍ରତ୍ୟବାୟଗ୍ରସ୍ତ ହେବାକୁ ହେବ । ଶ୍ରୀସନାତନପାଦ୍ *'ଯଥାବିଧି–ଗୃହୀତ –ବିଷ୍ଣୁଦୀକ୍ଷାକୈଃ ତୈଃ (ଶୂଦ୍ରୈଃ ସ୍ତ୍ରୀଭିଃ) କର୍ତବ୍ୟେତି ବ୍ୟବସ୍ଥାପନୀୟମ୍ ।'* ଏହି ବାକ୍ୟରେ ଯଥାବସ୍ଥିତ ବିଷ୍ଣୁଦୀକ୍ଷାରେ ଦୀକ୍ଷିତ ଶୂଦ୍ରାଦି ଓ ସ୍ତ୍ରୀଗଣଙ୍କ ଶ୍ରୀଶାଳଗ୍ରାମଙ୍କ ଅର୍ଚ୍ଚନର ବ୍ୟବସ୍ଥା ପ୍ରଦାନ କରିଛନ୍ତି । ଏହି 'ଯଥାବିଧି ବିଷ୍ଣୁଦୀକ୍ଷା ଲାଭ' କହିଲେ ବିଶୁଦ୍ଧ ଓ ଅବିଚ୍ଛିନ୍ନ ଗୁରୁପରମ୍ପରାରେ ଆଗତ ମନ୍ତ୍ରସିଦ୍ଧ ବୈଷ୍ଣବାଚାର୍ଯ୍ୟଙ୍କ ନିକଟରୁ ବିଧିବଦ୍ଧ ଭାବରେ ବିଷ୍ଣୁମନ୍ତ୍ର ପ୍ରାପ୍ତି ଏବଂ ସେହିପରି ନିତ୍ୟ ଅର୍ଚ୍ଚନାକାରୀ ଓ ଅର୍ଚ୍ଚନାଭିଜ୍ଞ ଆଚାର୍ଯ୍ୟଙ୍କ ନିକଟରୁ ମନ୍ତ୍ରବିଧି ଶାସ୍ତ୍ର ବା ଅର୍ଚ୍ଚନପଦ୍ଧତି ଶିକ୍ଷାକୁ ବୁଝାଏ ।

ଏହି ସ୍ଥାନରେ ଏହାହିଁ ଜ୍ଞାତବ୍ୟ ଯେ, ଯଥାବିଧି ଶ୍ରୀବିଷ୍ଣୁମନ୍ତ୍ରରେ ଦୀକ୍ଷିତ ଶୂଦ୍ର ବା ଅନ୍ତ୍ୟଜକୁଳୋଦ୍ଭବ ବ୍ୟକ୍ତି ସ୍ୱ–କୁଳକ୍ରମାଗତ ପୂଜିତ ବା ବୈଷ୍ଣବର ଶ୍ରୀଗୁରୁଦେବଙ୍କ ପ୍ରଦତ୍ତ

ଶ୍ରୀବିଗ୍ରହ, ଶ୍ରୀଶାଳଗ୍ରାମ ବା ଶ୍ରୀଗୋବର୍ଦ୍ଧନ ଶିଳାଙ୍କ ଅର୍ଥାତ୍ ନିଜ ମନ୍ତ୍ରଦେବତାଙ୍କରହିଁ ବ୍ୟକ୍ତିଗତ ଭାବେ ଅର୍ଚ୍ଚନ କରନ୍ତି, କିନ୍ତୁ ସେମାନେ ସର୍ବତ୍ର ବା ସାଧାରଣ ଭାବରେ ସ୍ଥାପିତ ବା ଅର୍ଚ୍ଚିତ ଶ୍ରୀଶାଳଗ୍ରାମଶିଳା ବା ଶ୍ରୀବିଗ୍ରହଙ୍କର ଅର୍ଚ୍ଚନରେ ଅଧିକାର ଥିବା ସତ୍ତ୍ୱେ ଏମାନଙ୍କ ଅର୍ଚ୍ଚନରେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ଯାହା ଫଳରେ ସେମାନେ ଅଶାସ୍ତ୍ରଜ୍ଞ ତଥା ଗୋପାଳମନ୍ତ୍ରର ବୀର୍ଯ୍ୟତ୍ୱ ଉପରେ ସନ୍ଦେହକାରୀ ଅବୈଷ୍ଣବଙ୍କୁ (ବୈଷ୍ଣବଙ୍କଠାରେ ବ୍ରାହ୍ମଣ, ଶୂଦ୍ର ବା ଅନ୍ତ୍ୟଜ ବୁଦ୍ଧି ପୋଷଣ କରୁଥିବା ବ୍ୟକ୍ତି ସମୂହଙ୍କୁ) ସେମାନଙ୍କ ଦୋଷ ଦର୍ଶନ ଜନିତ ମହତ୍ ଅପରାଧରୁ ରକ୍ଷା କରନ୍ତି । ବୈଷ୍ଣବ ଜଗତର ଆଚାର୍ଯ୍ୟଗଣ ନିଜ ସଦାଚାର ଦ୍ୱାରା ଏହାର ଦୃଷ୍ଟାନ୍ତ ଦେଖାଇଯାଇଛନ୍ତି । ଭବିଷ୍ୟତରେ ଏହିପରି ସମସ୍ୟାର ସମ୍ମୁଖୀନ ନହେବାକୁ ହୁଏ ସେଥିପାଇଁ ପୂଜ୍ୟ ଗୋସ୍ୱାମୀବର୍ଗ ନିଜ ନିଜ ପ୍ରକଟିତ ବିଗ୍ରହ ସମୂହଙ୍କ ସେବାଭାର ବୈଷ୍ଣବ-ବ୍ରାହ୍ମଣଙ୍କ ହସ୍ତରେହିଁ ସମର୍ପଣ କରିଯାଇଛନ୍ତି, ଏପରିକି ଶ୍ରୀକ୍ଷେତ୍ରପୁରୀରେ ଶବରକୁଳୋଦ୍ଭୂତ ଦୟିତାପତିଙ୍କର କେବଳ କେତେକ ବିଶେଷ ସେବାରେହିଁ ଅଧିକାର ଅଛି, ରତ୍ନସିଂହାସନରେ ଆରୋହଣ, ଭୋଗରନ୍ଧନ ଓ ନିବେଦନ ଆଦି କାର୍ଯ୍ୟ ଲୋକାଚାର ଦୃଷ୍ଟିରୁ ବୈଷ୍ଣବ-ବ୍ରାହ୍ମଣଙ୍କ ଦ୍ୱାରାହିଁ ସମ୍ପାଦିତ ହେଉଅଛି ।

ଏହି ଉପରୋକ୍ତ ବିଶଦ ପର୍ଯ୍ୟାଲୋଚନାର ତାତ୍ପର୍ଯ୍ୟ ଏହିଯେ, ଯେତେବେଳେ କରୁଣା-ବରୁଣାଳୟ ଶ୍ରୀଭଗବାନ ନିଜ ଚିନ୍ମୟ ଅପ୍ରାକୃତ ମନ୍ତ୍ରଶକ୍ତି ଦ୍ୱାରା ଆଚଣ୍ଡାଳ ସମସ୍ତ ମନୁଷ୍ୟଙ୍କୁ ତାହାଙ୍କ ଶ୍ରୀବିଗ୍ରହଙ୍କ ଅର୍ଚ୍ଚନର ଯୋଗ୍ୟ କରିବାର ସାମର୍ଥ୍ୟ ପୋଷଣ କରନ୍ତି ଏବଂ ମନୁଷ୍ୟ ମାତ୍ରକେ ସମସ୍ତଙ୍କର ଯେତେବେଳେ ବିଷ୍ଣୁମନ୍ତ୍ର ଦୀକ୍ଷା ଗ୍ରହଣେ ଅର୍ଚ୍ଚନାଧିକାର ସାବ୍ୟସ୍ତ ହେଉଅଛି ସେତେବେଳେ ଶ୍ରୀବିଗ୍ରହଙ୍କ ଅର୍ଚ୍ଚନର ନିତ୍ୟତା ଅଭାବର ଯେ କେବଳ ବ୍ରାହ୍ମଣ, ବୈଶ୍ୟ, କ୍ଷତ୍ରିୟ ବା ବୈଷ୍ଣବମାନେହିଁ ପ୍ରତ୍ୟବାୟଗ୍ରସ୍ତ (ନିଳୟଗାମୀ) ହେବେ ତାହା ନୁହେଁ ମନୁଷ୍ୟ ମାତ୍ରକେ ଆଚଣ୍ଡାଳ ପର୍ଯ୍ୟନ୍ତ ସମସ୍ତେହିଁ ଏହି ଦୀକ୍ଷୀମନ୍ତ୍ରରେ ଦୀକ୍ଷିତ ନହୋଇ ଅର୍ଚ୍ଚନ ନକରିଲେ ପ୍ରତ୍ୟବାୟ ଗ୍ରସ୍ତ ହେବେ, ଏହାହିଁ ଅପ୍ରିୟ ସତ୍ୟ । ଅତଏବ ମନୁଷ୍ୟମାତ୍ରକେ ସମସ୍ତଙ୍କୁ ଶ୍ରୀଗୁରୁଚରଣାଶ୍ରୟ ପୂର୍ବକ ବିଷ୍ଣୁମନ୍ତ୍ରରେ ଦୀକ୍ଷିତ ହେବାକୁ ହେବ ।

ଦୀକ୍ଷା ବିଧାନରେ ଦ୍ୱିଜତ୍ୱ ବା ବିପ୍ରତ୍ୱ

"ଦୀକ୍ଷା ବିଧାନେନ ଦ୍ୱିଜତ୍ୱଂ ଜାୟତେ ନୃଣାମ୍" – ଶ୍ରୀସନାତନଗୋସ୍ୱାମୀପାଦ୍ 'ନୃଣାମ' ଶବ୍ଦର ଅର୍ଥ କରିଛନ୍ତି – ସର୍ବେଷାମେବ ଅର୍ଥାତ୍ ସମସ୍ତେହିଁ, ଆଉ 'ଦ୍ୱିଜତ୍ୱଂ' ଶବ୍ଦର ଅର୍ଥ କରିଛନ୍ତି – 'ବିପ୍ରତା' ଅର୍ଥାତ୍ ବିଷ୍ଣୁ-ଦୀକ୍ଷା ଦ୍ୱାରା ମନୁଷ୍ୟମାତ୍ରକେ ହିଁ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଅନ୍ତ୍ୟଜ କୁଳୋଦ୍ଭୂତ ସ୍ତ୍ରୀ ପୁରୁଷ ସମସ୍ତଙ୍କରହିଁ) ବିପ୍ରତା ସିଦ୍ଧ ହୁଏ । ଶ୍ରୀସନାତନଗୋସ୍ୱାମୀପାଦ୍ ଶ୍ରୀହରିଭକ୍ତିବିଳାସର ୫ମ ବିଳାସର ପ୍ରାରମ୍ଭରେ ଶ୍ରୀବିଷ୍ଣୁଯାମଳର ବାକ୍ୟ ଉଦ୍ଧାର କରିଅଛନ୍ତି,-

ଅଶୁଦ୍ଧାଃ ଶୂଦ୍ରକଳ୍ପା ହି ବ୍ରାହ୍ମଣାଃ କଳି ସମ୍ଭବାଃ । ତେଷାମାଗମମାର୍ଗେଣ ଶୁଦ୍ଧିର୍ନ ଶ୍ରୌତବର୍ତ୍ମନା ॥

ଯେହେତୁ କଳିଯୁଗରେ ଜାତ ବ୍ରାହ୍ମଣଗଣ ଅଶୁଦ୍ଧ ଓ ଶୂଦ୍ରପ୍ରାୟ, ସେଥିପାଇଁ ଆଗମମାର୍ଗରେହିଁ (ପାଞ୍ଚରାତ୍ରିକ ଦୀକ୍ଷାବିଧାନରେହିଁ) ସେମାନଙ୍କର ଶୁଦ୍ଧି ହୋଇଥାଏ ବେଦମାର୍ଗରେ ସେମାନଙ୍କର ଶୁଦ୍ଧିନାହିଁ । ଅତଏବ କଳିଯୁଗରେ ଶୂଦ୍ରକଳ୍ପ ବ୍ରାହ୍ମଣଗଣଙ୍କର ମଧ୍ୟ ପାଞ୍ଚରାତ୍ରିକ ବିଷ୍ଣୁଦୀକ୍ଷା ପ୍ରଭାବରେ ବିପ୍ରତ୍ୱ ସିଦ୍ଧ ହୁଏ ।

ଶ୍ରୀଜୀବଗୋସ୍ୱାମୀପାଦ୍ ସଂକ୍ଷିପ୍ତ ବୈଷ୍ଣବତୋଷଣୀ (୧୦।୧୬।୨) ଟୀକାରେ ବିପ୍ର ଶବ୍ଦର ଅର୍ଥ କରିଅଛନ୍ତି –'ପରମବିଦ୍ୟାପ୍ରବୀଣ' ଅର୍ଥାତ୍ ପରମବିଦ୍ୟା ଯେଉଁ ଭକ୍ତି, ସେଥିରେ ପ୍ରବୀଣତାହିଁ ବିପ୍ରତା । ଯଥା *''ବିପ୍ର ! ହେ ପରମବିଦ୍ୟା ପ୍ରବୀଣ । ତଥା ଚ ଯାଜ୍ଞବଲ୍କ୍ୟଃ ଜନ୍ମନା ବ୍ରାହ୍ମଣୋ ଜ୍ଞେୟଃ – ସଂସ୍କାରୈର୍ଦ୍ୱିଜ ଉଚ୍ୟତେ । ବିଦ୍ୟୟା ଯତି ବିପ୍ରତ୍ୱଂ ତ୍ରିଭିଃ ଶ୍ରୋତ୍ରିୟଲକ୍ଷଣମ୍ ॥''* ଶ୍ରୀଯାଜ୍ଞବଲ୍କ କହିଲେ, – ବ୍ରାହ୍ମଣକୁମାର ଜନ୍ମ ଦ୍ୱାରା ବ୍ରାହ୍ମଣ ବୋଲି ବିଦିତ ହୁଅନ୍ତି, ସଂସ୍କାର ଦ୍ୱାରା ସଂସ୍କୃତ ହେଲେ 'ଦ୍ୱିଜ' ନାମରେ କଥିତ ହୁଅନ୍ତି ଏବଂ ବିଦ୍ୟା ପ୍ରଭାବରେ 'ବିପ୍ରତ୍ୱ' ଲାଭ କରନ୍ତି – ଏହି ତିନୋଟି ଶ୍ରୋତ୍ରିୟର ଲକ୍ଷଣ । ଶ୍ରୀଜୀବଗୋସ୍ୱାମୀପାଦ୍ଙ୍କ ଏହି ବାକ୍ୟାନୁସାରେ ବୈଷ୍ଣବଦୀକ୍ଷାରେ ଦୀକ୍ଷିତ ବ୍ୟକ୍ତିଗଣଙ୍କ 'ବିପ୍ରତ୍ୱ' ଶବ୍ଦର ତାତ୍ପର୍ଯ୍ୟ ହେଉଅଛି ଭକ୍ତିନିପୁଣତା । *''ବେଦପାଠାଦ୍ ଭବେଦ୍ ବିପ୍ରଃ''*– ବେଦପାଠୀହିଁ ବିପ୍ରପଦ ବାଚ୍ୟ । ବୈଷ୍ଣବୀ ଦିକ୍ଷାବିଧାନରେ ଶୂଦ୍ରାଦି ସକଳ ଜାତିରହିଁ ବେଦପାଠର ମୁଖ୍ୟଫଳ ଯେଉଁ ଦିବ୍ୟଜ୍ଞାନ ଅର୍ଥାତ୍ ଶ୍ରୀଭଗବନ୍ନାମମନ୍ତ୍ରେ ଭଗବତ୍ ସ୍ୱରୂପଜ୍ଞାନ ଏବଂ ଭଗବାନଙ୍କ ସହିତ ଯେଉଁ ସମ୍ବନ୍ଧଜ୍ଞାନ ତାହା ଲାଭ ହୁଏ । ଏଥିପାଇଁ ଶ୍ରୀସନାତନଗୋସ୍ୱାମୀପାଦ୍ ଦୀକ୍ଷାବିଧାନ ଦ୍ୱାରା ସ୍ତ୍ରୀପୁରୁଷ ସମସ୍ତଙ୍କରହିଁ ଦ୍ୱିଜତ୍ୱ ବା ବିପ୍ରତ୍ୱ ଲାଭ ହୁଏ ବୋଲି କହିଛନ୍ତି ।

କର୍ମମାର୍ଗରେ ବ୍ରାହ୍ମଣପତ୍ନୀଗଣଙ୍କର ନିଜ ସ୍ୱାମୀ ବା ପତିଙ୍କପରି ମନ୍ତ୍ରପାଠାଦି କର୍ମରେ, ଯଜମାନ–କର୍ତ୍ତୃକ ଅନୁଷ୍ଠେୟ ଯାଗାଦିକର୍ମରେ, ବେଦାଦି ଅଧ୍ୟୟନରେ ଅଧିକାର ନାହିଁ *(ନବେଦେ ପତ୍ନୀଂ ବାଚୟତି – ଶାଂଖ୍ୟନ ବ୍ରାହ୍ମଣ ୭।୩)*, କେବଳ ଶାସ୍ତ୍ରୋକ୍ତ ଅଳ୍ପକେତେ କର୍ମରେ ଅଧିକାର ଅଛି, କିନ୍ତୁ ପାଞ୍ଚରାତ୍ରିକ ବିଷ୍ଣୁଦୀକ୍ଷା ପ୍ରଭାବରେ ବ୍ରାହ୍ମଣପତ୍ନୀ କାହିଁକି, ଚଣ୍ଡାଳ ପତ୍ନୀ, ବ୍ୟାଧପତ୍ନୀ ମଧ୍ୟ ଦୀକ୍ଷାମନ୍ତ୍ର ଉଚ୍ଚାରଣ କରି ନିଜ ଅଭୀଷ୍ଟଦେବ ଶ୍ରୀଶାଳଗ୍ରାମାଦି ଅର୍ଚ୍ଚାବିଗ୍ରହଙ୍କ ଅର୍ଚ୍ଚନରେ ଅଧିକାରିଣୀ । 'ବିପ୍ରତା' ଶବ୍ଦ ଦ୍ୱାରା ଉପନୟ ସଂସ୍କାର ଯୁକ୍ତତା (ଯଜ୍ଞୋପବୀତ ଧାରଣ) ଲକ୍ଷିତ ହେଉଥିଲେ ଏବଂ ଉପନୟନ ବ୍ୟତୀତ ଅର୍ଚ୍ଚନରେ ଅଧିକାର ନହେଉଥିଲେ ସ୍ତ୍ରୀମାନଙ୍କର ମଧ୍ୟ ଉପନୟନ ସଂସ୍କାର ବା ଯଜ୍ଞୋପବୀତ ଧାରଣର ସଦାଚାର ଦୃଷ୍ଟ ହୁଅନ୍ତା । କିନ୍ତୁ ତାହା କେଉଁଠି ଦେଖାଯାଏ ନାହିଁ ।

ଶ୍ରୀସନାତନଗୋସ୍ୱାମୀପାଦ୍ ହରିଭକ୍ତିବିଳାସରେ ୨।୧୨ରେ 'ଦ୍ୱିଜତ୍ୱ' ଶବ୍ଦର ବିପ୍ରତା ଅର୍ଥ କରିଲେ ମଧ୍ୟ ପଞ୍ଚମବିଳାସରେ (୪୫୧ ସଂଖ୍ୟାରେ) କରିଛନ୍ତି – *''କିଞ୍ଚ, ଭଗବଦୀକ୍ଷା – ପ୍ରଭାବେନ – ଶୂଦ୍ରାଦୀନାମପି ବିପ୍ରସାମ୍ୟଂ ସିଦ୍ଧମେବ – ତଥାଚ ତତ୍ର–'ଯଥା କାଞ୍ଚନତା' ଯାତି ଇତ୍ୟାଦି । ଏତଚ୍ଚ ପ୍ରାଗ୍ ଦୀକ୍ଷା – ମାହାତ୍ମ୍ୟେ (୨।୧୨) ଲିଖିତମେବ''* । ଅର୍ଥାତ୍– ଭଗବଦୀକ୍ଷା ପ୍ରଭାବରେ ଶୂଦ୍ରାଦି ବ୍ୟକ୍ତିଗଣଙ୍କର ମଧ୍ୟ ବିପ୍ରସାଦୃଶ୍ୟ ସିଦ୍ଧି ହୁଏ, ସେ ବିଷୟରେ ତତ୍ତ୍ୱ–ସାଗରର ବାକ୍ୟହିଁ ପ୍ରମାଣ–ଏହା ପୂର୍ବେ ଦୀକ୍ଷା–ମାହାତ୍ମ୍ୟରେ ଲିଖିତ ହୋଇଅଛି । ଏଠାରେ ଶ୍ରୀସନାତନପାଦ୍ 'ବିପ୍ରତା' ଶବ୍ଦ ପ୍ରୟୋଗ ନକରି 'ବିପ୍ରସାମ୍ୟ' ଶବ୍ଦଟି ବ୍ୟବହାର କରିଛନ୍ତି ।

ଯଥାବିଧି ବିଷ୍ଣୁମନ୍ତ୍ରରେ ଦୀକ୍ଷିତ ଯେ କୌଣସି ମଧ୍ୟ କୁଳୋଦ୍ଭୂତ ପୁରୁଷ ବା ସ୍ତ୍ରୀଜାତିର ବିପ୍ରତା (ଭକ୍ତିନିପୁଣତା) ବା ବିପ୍ରସାମ୍ୟ ସିଦ୍ଧ ହେଉଥିବାରୁ ସେମାନେ ସମସ୍ତେହିଁ ବ୍ୟକ୍ତିଗତ ଭାବରେ ଶ୍ରୀଶାଳଗ୍ରାମ ଅର୍ଚ୍ଚନରେ ଅଧିକାରୀ – ଏହା ସ୍ପଷ୍ଟଭାବେହିଁ ଶ୍ରୀଗୋସ୍ୱାମୀପାଦ୍ଙ୍କ ସିଦ୍ଧାନ୍ତରୁ ଜଣାଯାଏ । ଏଥିରେ ପ୍ରଶ୍ନ ହୁଏ – ତାହା ହେଲେ ସେମାନେ କଣ ବ୍ରାହ୍ମଣ – ଜାତିଙ୍କ

ପରି ଅନ୍ୟାନ୍ୟ କର୍ମାଧିକାର ମଧ୍ୟ ଲାଭ କରିବେ ? ଏହାର ଉତ୍ତରରେ ଶ୍ରୀସନାତନପାଦ୍ (ହ.ଭ.ବି.ଟୀକା.୫।୪୫୧) ଏବଂ ଶ୍ରୀରୂପଗୋସ୍ୱାମୀପାଦ୍ ଶ୍ରୀଭକ୍ତିରସାମୃତ ସିନ୍ଧୁ (୧।୧୧।୨୧)ରେ ଶ୍ରୀଦେବହୂତିଙ୍କ ବାକ୍ୟ ଉଦ୍ଧାର କରି କହିଛନ୍ତି – ଶ୍ରୀଭଗବାନଙ୍କ ନାମର କଦାଚିତ୍ ଶ୍ରବଣ, ଅନୁକୀର୍ତ୍ତନ, ନମସ୍କାର ଓ ସ୍ମରଣ ପ୍ରଭାବରେ ଶ୍ୱପଚ (କୁକୁର ମାଂସଭୋଜୀ) ମଧ୍ୟ ତତ୍କ୍ଷଣାତ୍ ସୋମଯଜ୍ଞର (ସୋମଲତାର ରସପାନାତ୍ମକ ତୈବର୍ଗିକ ଯଜ୍ଞବିଶେଷର) ଯୋଗ୍ୟ ହୁଏ । ଶ୍ରୀଜୀବପାଦ୍ ଶ୍ରୀଦୁର୍ଗମସଙ୍ଗମନୀ ଓ କ୍ରମସନ୍ଦର୍ଭରେ କହିଛନ୍ତି– *"ଅସ୍ୟ ଭଗବନ୍ନାମଶ୍ରବଣାଦ୍ୟେକତରାତ୍ ସଦ୍ୟ ଏବ ସବନଯୋଗ୍ୟତାୟାଃ ପ୍ରତିକୂଳଦୁର୍ଜାତି– ତ୍ୱାଭାବେଽପି ସବନାୟ ସୁଜାତିତ୍ୱଜନକ ସାବିତ୍ରଜନ୍ମାପେକ୍ଷାବତ୍ । ତସ୍ମାଦ୍ଦୁର୍ଜାତିରେବେତ୍ୟତ୍ର ସବନାଯୋଗ୍ୟତ୍ୱେ କାରଣମତି ତଦ୍ ଯୋଗ୍ୟତାପ୍ରତିକୂଳପାପମୀତ୍ୟର୍ଥଃ । ନ ତୁ ତଦ୍ ଯୋଗ୍ୟ ତ୍ୱାଭାବମାକ୍ରମୟୀତି, ବ୍ରାହ୍ମଣକୁମାରାଣାଂ ଶୌକ୍ରେ ଜନ୍ମନି ଦୁର୍ଜାତିତ୍ୱାଭାବେଽପି ସବନଯୋଗ୍ୟତ୍ୱାୟ ପୁଣ୍ୟବିଶେଷମୟ ସାବିତ୍ରଜନ୍ମସାପେକ୍ଷତ୍ୱାତ୍, ତତଶ୍ଚ ସବନଯୋଗ୍ୟତ୍ୱ–ପ୍ରତିକୂଳ ଦୁର୍ଜାତ୍ୟାରମ୍ଭକଂ ପ୍ରାରବ୍ଧରୂପି ଗତମେବ, କିନ୍ତୁ ଶିଷ୍ଟାଚାରାଭାବାତ୍ ସାବିତ୍ର୍ୟଂ ଜନ୍ମ ନାସ୍ତିତି । ବ୍ରାହ୍ମଣକୁମାରାଣାଂ ସବନଯୋଗ୍ୟତ୍ୱାଭାବାବଚ୍ଛେଦକପୁଣ୍ୟବିଶେଷମୟ – ସାବିତ୍ର୍ୟଜନ୍ମାପେକ୍ଷାବଦସ୍ୟ ଜନ୍ମାନ୍ତରାପେକ୍ଷା ବର୍ତତେ ଇତି ଭାବଃ । ଅତଃ ପ୍ରମାଣବାକ୍ୟେଽପି ସବନାୟ କଳ୍ପତେ ସମ୍ଭାବିତୋ ଭବତି, ନ ତୁ ତଦୈବାଧିକାରୀ ସ୍ୟାଦିତ୍ୟଭିପ୍ରେତମ୍ । ବ୍ୟାଖ୍ୟାତଞ୍ଚ ତୈଃ ସଦ୍ୟଃ ସୋମଯାଗାୟ କଳ୍ପତେ ଅନେନ ପୂଜ୍ୟତ୍ୱଂ ଲକ୍ଷ୍ୟତେ (ଦୁର୍ଗମସଙ୍ଗମନୀ ୧।୧।୧୮) ଇତି ।" 'ତତ୍ର ଯୋଗ୍ୟତାୟାଂ ଲବ୍ଧାରମ୍ଭୋ ଭବତୀତ୍ୟର୍ଥଃ । ତଦନନ୍ତରଜନ୍ମନ୍ୟେବ ଦ୍ୱିଜତ୍ୱଂ ପ୍ରାପ୍ୟ ତଦାଦ୍ୟାଧିକାରୀ ସ୍ୟାଦିତି ଭାବଃ' ।*

ତାତ୍ପର୍ଯ୍ୟ ଏହି ଯେ, – କୁକୁରମାଂସ ଭକ୍ଷକ ଶ୍ୱପଚ–ଜାତିବିଶେଷ ଯଦି ଶ୍ରୀଭଗବନ୍ନାମର ଶ୍ରବଣ, ଅନୁକୀର୍ତ୍ତନ, ନମସ୍କାର ବା ସ୍ମରଣ ଯେ କୌଣସି ଗୋଟିଏ ଥରେମାତ୍ର ମଧ୍ୟ କରିଲେ ତତ୍କ୍ଷଣାତ୍ହିଁ ସେହି ବ୍ୟକ୍ତି ସୋମଯାଗର ଯୋଗ୍ୟ ହୁଏ । ଦୁର୍ଜାତିତ୍ୱର ଆରମ୍ଭକ ପ୍ରାରବ୍ଧ ପାପହିଁ ସୋମଯାଗର ଯୋଗ୍ୟତାର ବାଧକ । ପୂର୍ବଜନ୍ମକୃତ ଯେଉଁ ପାପକର୍ମ ବିଦ୍ୟମାନ୍ ଥିବା ଯୋଗୁଁ ଶୂଦ୍ରାଦି ନିକୃଷ୍ଟ ଜାତିରେ ଜନ୍ମଗ୍ରହଣ ହୁଏ, ସେହି ଫଳୋନ୍ମୁଖ ପାପର ବିନାଶ ଏବଂ ସୋମଯାଗର ଯୋଗ୍ୟ ଜାତିତ୍ୱର ଉତ୍ପାଦକ ପୁଣ୍ୟ ଲାଭ ଶ୍ରୀଭଗବନ୍ନାମର ଶ୍ରବଣକୀର୍ତ୍ତନାଦିର ଯେ କୌଣସି ଗୋଟିକର ପ୍ରଭାବରେହିଁ ଆନୁସଙ୍ଗିକ ଭାବେ ହୁଏ । ବ୍ରାହ୍ମଣକୁମାରଗଣଙ୍କର ଦୁର୍ଜାତିତ୍ୱ ନ ଥିଲେ ମଧ୍ୟ ସୁଜାତିତ୍ୱର ଉତ୍ପାଦକ ସାବିତ୍ର୍ୟ ଜନ୍ମ ଅର୍ଥାତ୍ ଉପନୟନ ସଂସ୍କାର ଲାଭ ନ କରିବା ପର୍ଯ୍ୟନ୍ତ ଯେପରି ସେମାନେ ସୋମଯାଗ କରିପାରନ୍ତି ନାହିଁ, ସେହିପରି ଶ୍ୱପଚାଦି ନିକୃଷ୍ଟ ଜାତିର ମଧ୍ୟ ଥରେମାତ୍ର ଶ୍ରୀଭଗବନ୍ନାମର ଶ୍ରବଣ କୀର୍ତ୍ତନାଦିର ପ୍ରଭାବରେହିଁ ସୋମଯାଗର ପ୍ରତିବନ୍ଧକ ଦୁର୍ଜାତିତ୍ୱ ନିଶ୍ଚିତଭାବରେ ଗତ ହେଲେ ମଧ୍ୟ ସେମାନେ ବର୍ତ୍ତମାନ୍ ଜନ୍ମରେ ସୋମଯାଗ କରି ପାରିବେ ନାହିଁ – ସେମାନଙ୍କୁ ଜନ୍ମାନ୍ତର ଅପେକ୍ଷା କରିବାକୁ ହେବ । ଅର୍ଥାତ୍ ବ୍ରାହ୍ମଣକୁମାରଗଣଙ୍କର ସେପରି ଜନ୍ମମାତ୍ରେହିଁ ସୋମଯାଗର ଯୋଗ୍ୟତା ଥିବା ସତ୍ତ୍ୱେ ମଧ୍ୟ ସାବିତ୍ର୍ୟଜନ୍ମର (ଉପନୟନ ସଂସ୍କାରର) ଅପେକ୍ଷା ଅଛି, ତଦ୍ରୂପ ନାମକୀର୍ତ୍ତନକାରୀ ଶ୍ୱପଚ (ଚଣ୍ଡାଳ) ସୋମଯାଗର ଯୋଗ୍ୟତା ପୋଷଣ କରିଲେ ମଧ୍ୟ ଏହି ସୋମଯାଗର ଅନୁଷ୍ଠାନ କରିବାକୁ ହେଲେ ଶୋକ୍ର ଜନ୍ମାନ୍ତର ଅପେକ୍ଷା ଅଛି । ବର୍ତ୍ତମାନ୍ ପ୍ରଶ୍ନ ହୋଇପାରେ, ଯେପରି

ବ୍ରାହ୍ମଣକୁମାର ସାବିତ୍ର୍ୟ ଜନ୍ମ (ଉପନୟନ ସଂସ୍କାର) ଲାଭ କରି ସୋମଯାଗ କରି ପାରନ୍ତି, ଭଗବନ୍ନାମ ଶ୍ରବଣକୀର୍ତ୍ତନକାରୀ ଦୁର୍ଜାତିମୁକ୍ତ ଶ୍ୱପଚାଦି ଜାତି ମଧ୍ୟ ତ ସେହିପରି ସାବିତ୍ର୍ୟ ଜନ୍ମ ଲାଭ କରି ଅର୍ଥାତ୍, ଉପନୟନାଦି ସଂସ୍କାରରେ ସଂସ୍କୃତ ହୋଇ ସୋମଯାଗର ଅନୁଷ୍ଠାନ କରିପାରିବେ କି ? ତାହା ଉତ୍ତରରେ ଜୀବଗୋସ୍ୱାମୀପାଦ୍ କହିଛନ୍ତି – *''କିନ୍ତୁ ଶିଷ୍ଟାଚାରାଭାବାତ୍ ସାବିତ୍ର୍ୟଂ ଜନ୍ମ ନାସ୍ତୀତି''* – ଅର୍ଥାତ୍ ନାମଶ୍ରବଣ କୀର୍ତ୍ତନକାରୀ ଶୂଦ୍ର–ଶ୍ୱପଚାଦିର ବା ସ୍ତ୍ରୀ ଜାତିର ଦୁର୍ଜାତିତ୍ୱର ଆରମ୍ଭକ ପ୍ରାରବ୍ଧ ପାପ ବିନଷ୍ଟ ହେଲେ ମଧ୍ୟ ଶିଷ୍ଟାଚାରରର ଅଭାବ ଯୋଗୁଁ, ଅର୍ଥାତ୍ ମହାଜନଗଣଙ୍କ ସଦାଚାରରେ ଏହିପରି ଆଦର୍ଶ ବା ପ୍ରମାଣ ନଥିବାରୁ ଏହି ସମସ୍ତ ନାମକୀର୍ତ୍ତନକାରୀ ଶ୍ୱପଚାଦି ବା ସ୍ତ୍ରୀଜାତିର ସାବିତ୍ର୍ୟ ଜନ୍ମ ଅର୍ଥାତ୍ ଉପନୟନ ସଂସ୍କାରାଦି ହୁଏନା । *'ସବନାୟ କଳ୍ପତେ ସମ୍ଭାବିତୋ ଭବତି, ନ ତୁ ତଦୈବ ଅଧିକାରୀ ସ୍ୟାଦିତ୍ୟଭିପ୍ରେତମ୍'* – ଏହିପରି ଶ୍ୱପଚ ସୋମଯୋଗ ପାଇଁ ସମ୍ଭାବିତ ଅର୍ଥାତ୍ ପବିତ୍ରୀକୃତ ବା ପୂଜିତ ହୁଅନ୍ତି ସତ୍ୟ, କିନ୍ତୁ ସେତେବେଳେହିଁ ଅଧୀକାରୀ ହୁଅନ୍ତି ନାହିଁ–ଏହାହିଁ ପ୍ରମାଣ ବାକ୍ୟରେ ଅଭିପ୍ରେତ । ଶ୍ରୀଜୀବପାଦ୍ ପୁନଃ କ୍ରମସନ୍ଦର୍ଭ (୩।୩।୩୬) ରେ କହିଛନ୍ତି – *''ତଦନନ୍ତର ଜନ୍ମନ୍ୟେବ ଦ୍ୱିଜତ୍ୱଂ ପ୍ରାପ୍ୟ ତଦାଦ୍ୟାଧିକାରୀ ସ୍ୟାଦିତି ଭାବଃ ।''* ଅର୍ଥାତ୍ ଏହି ଜନ୍ମର ପର ଜନ୍ମରେହିଁ ସେହି ଶ୍ୱପଚ ଦ୍ୱିଜତ୍ୱ ଲାଭ କରି ସୋମଯାଗର ପ୍ରଥମ ଅଧିକାରୀ ହେବେ–ଏହାହିଁ ତାତ୍ପର୍ଯ୍ୟ ।

ଶ୍ରୀଜୀବପାଦ୍ଙ୍କ ଆଶୟ ଓ ଉକ୍ତିର ତାତ୍ପର୍ଯ୍ୟ ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍ ଏହି ଭାବରେ ପ୍ରକାଶ କରିଛନ୍ତି – ଭଗବନ୍ନାମଗ୍ରହଣକାରୀ ଶ୍ୱପଚ ବୈଦିକ ଯଜ୍ଞ ବିଶେଷର ଯୋଗ୍ୟ ହେବା ସତ୍ତ୍ୱେ ମଧ୍ୟ ସେ ଶୁଦ୍ଧଭକ୍ତ ବୋଲି ତାହାଙ୍କର କର୍ମ ପ୍ରତି ଶ୍ରଦ୍ଧାନାହିଁ, ଏଥିପାଇଁ ସେ କର୍ମକାଣ୍ଡୀୟ ଯଜ୍ଞ କରନ୍ତି ନାହିଁ । ସତ୍‌କୁଳୋତ୍ପନ୍ନ ଅନ୍ୟାନ୍ୟ ଗୃହସ୍ଥଗଣ ଶ୍ରଦ୍ଧାରହିତ ହେଲେ ମଧ୍ୟ ଲୋକସମୂହଙ୍କୁ ନିଜଧର୍ମରେ ପ୍ରବର୍ତ୍ତନ କରାଇବା ପାଇଁ କର୍ମ କରିଥାଆନ୍ତି । ଉକ୍ତ ଶ୍ୱପଚର କର୍ମକରଣ ବିଷୟରେ ଭକ୍ତିଶାସ୍ତ୍ରରେ ଅନଭିଜ୍ଞ ବ୍ୟକ୍ତିଗଣ କର୍ତ୍ତୃକ ଅପବାଦ ବା ନିନ୍ଦାର ଭୟ ମଧ୍ୟ ଗୋଟିଏ ପ୍ରତିବନ୍ଧକ ଜାଣିବାକୁ ହେବ ।

ନାମକୀର୍ତ୍ତନକାରୀଙ୍କ କର୍ମକାଣ୍ଡୀୟ ଯଜ୍ଞ ବିଶେଷ ଅନୁଷ୍ଠାନ କରିବା ପାଇଁ ଜନ୍ମାନ୍ତର ଅପେକ୍ଷା ଅଛି ବା ସେ ପରଜନ୍ମରେ ଆଦ୍ୟ ଅଧିକାରୀ ହୁଅନ୍ତି, ଏହାର ତାତ୍ପର୍ଯ୍ୟ ଏହା ନୁହେଁ ଯେ – ସେ ସେଥିପାଇଁ ଜନ୍ମାନ୍ତର ଗ୍ରହଣ ବା ପରଜନ୍ମରେ କର୍ମକାଣ୍ଡର ଅନୁଷ୍ଠାନ କରନ୍ତି । ଶ୍ରୀନାମକୀର୍ତ୍ତନକାରୀ ଯେତେବେଳେ ପୂର୍ବପୂର୍ବ ଜନ୍ମରେହିଁ ସମସ୍ତ ପ୍ରକାରର ଯଜ୍ଞାଦି ଅନୁଷ୍ଠାନ ସମାପ୍ତ କରିଅଛନ୍ତି, ସେତେବେଳେ ତାହା ପାଇଁ ଜନ୍ମାନ୍ତର ଅପେକ୍ଷା କେଉଁଠି ? ନାମକୀର୍ତ୍ତନକାରୀଙ୍କୁ କର୍ମଫଳବାଧ୍ୟ ଜୀବ ପରି ଯୋନି–ଭ୍ରମଣ କରିବାକୁ ହୁଏ ନା, କର୍ମକାଣ୍ଡ ବିଶେଷର ଅନୁଷ୍ଠାନ କରିବାକୁ ପଡ଼େନା । ଗୋସ୍ୱାମୀ ସିଦ୍ଧାନ୍ତର ନିଷ୍କର୍ଷ ଏହି ଯେ ଶ୍ରୀନାମକୀର୍ତ୍ତନାକାରୀଙ୍କୁ କୌଣସି ପ୍ରକାରରେ ମଧ୍ୟ କର୍ମକାଣ୍ଡୀୟ ଆଚରଣ (ଉପବୀତ ଗ୍ରହଣ ବା ଯଜ୍ଞାଦିର ଅନୁଷ୍ଠାନ) କରିବାକୁ ହୁଏନା । ଯଦି କାହାର ମଧ୍ୟ ସେଥିରେ ଅତ୍ୟାଗ୍ରହ ଦେଖିବାକୁ ମିଳେ ତେବେ ସେ ବ୍ୟକ୍ତି ନାମାପରାଧୀ ଓ ଭକ୍ତିପଥ ଭ୍ରଷ୍ଟ ହୋଇ ପରଜନ୍ମରେ ଏହି ସମସ୍ତ କର୍ମକାଣ୍ଡର ଅନୁଷ୍ଠାନରେ ତତ୍ପର ହୁଅନ୍ତି ।

କେହି ଯଦି କୁହନ୍ତି, ଜୀବଗୋସ୍ୱାମୀପାଦ୍ ଯେ ଶ୍ୱପଚର ଶିଷ୍ଟାଚାର ଅଭାବଯୋଗୁଁ ସାବିତ୍ର୍ୟ ଜନ୍ମ ନାହିଁ ବୋଲି କହିଛନ୍ତି, ତାହା ବିଷ୍ଣୁ ମନ୍ତ୍ରରେ ଅଦୀକ୍ଷିତ ଶ୍ୱପଚରହିଁ ସମ୍ବନ୍ଧରେ । ଅର୍ଥାତ୍ ଶ୍ୱପଚକୁଳୋଦ୍ଭୁତ କୌଣସି ବ୍ୟକ୍ତି ଭଗବନ୍ନାମକୀର୍ତ୍ତନକାରୀ ହେଲେ ମଧ୍ୟ ଯେପର୍ଯ୍ୟନ୍ତ ତାହାଙ୍କର ବିଷ୍ଣୁମନ୍ତ୍ରରେ ଦୀକ୍ଷାନୁଷ୍ଠାନ ନହେବ, ସେ ପର୍ଯ୍ୟନ୍ତ ତାହାଙ୍କର ସାବିତ୍ର୍ୟ ସଂସ୍କାର ହେବନାହିଁ । ବ୍ରାହ୍ମଣ କୁମାରଗଣଙ୍କର ଯେପରି ସୋମଯାଗ କରିବାପାଇଁ ସାବିତ୍ର୍ୟ ଜନ୍ମର ଅପେକ୍ଷା ଅଛି, ତଦ୍ରୂପ ଅଦୀକ୍ଷିତ ଶ୍ୱପଚର ମଧ୍ୟ (ନାମାଶ୍ରିତ ହେଲେ ମଧ୍ୟ) ଶ୍ରୀଭଗବତ୍ ପୂଜା କରିବାପାଇଁ ସାବିତ୍ର୍ୟଜନ୍ମର (ଦୀକ୍ଷାନୁଷ୍ଠାନ ପରେ ଉପନୟନ ଗ୍ରହଣର) ଅପେକ୍ଷା ଅଛି । ବସ୍ତୁତଃ ଶ୍ରୀମଦ୍ଭାଗବତର ସେହି ଶ୍ଲୋକରେ କେବଳ ଶ୍ରୀହରିନାମ ଶ୍ରବଣ ଓ ଉଚ୍ଚାରଣରୁ କଥାହିଁ ନାହିଁ, ନମସ୍କାର ଓ ସ୍ମରଣ କଥା ମଧ୍ୟ ଅଛି । ଅଧିକନ୍ତୁ ସାବିତ୍ରୀ ସଂସ୍କାର ବୈଷ୍ଣବୀ ଦୀକ୍ଷାର ଅଙ୍ଗ ବୋଲି କୌଣସି ଶାସ୍ତ୍ରରେ ଓ ଶିଷ୍ଟାଚାରରେ ନାହିଁ । ଯଦି ସାବିତ୍ର୍ୟ ସଂସ୍କାର ପାଞ୍ଚରାତ୍ରିକ ଦୀକ୍ଷାର ଅଙ୍ଗ ହୋଇଥାଆନ୍ତା, ତାହ ହେଲେ ଶାସ୍ତ୍ରରେ ତାହାର ଉଲ୍ଲେଖ ଥାଆନ୍ତା । ଏକମାତ୍ର ସ୍ୱକର୍ମ ଓ ବେଦ ଅଧ୍ୟୟନାଦିରେ ଅଧିକାର ଲାଭ ପାଇଁ କର୍ମମାର୍ଗୀୟ ତ୍ରିବର୍ଣ୍ଣଙ୍କରହିଁ (ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟାଦିଙ୍କରହିଁ) ଉପନୟନର ପ୍ରୟୋଜନ କିନ୍ତୁ ବିଷ୍ଣୁମନ୍ତ୍ରରେ ଦୀକ୍ଷାଠାରୁ ହିଁ ସମସ୍ତଙ୍କର ମନ୍ତ୍ରଦେବତାଙ୍କ ଅର୍ଚ୍ଚନରେ ଅଧିକାର ଲାଭ ହୁଏ । ଯଦି କେହି କୁହନ୍ତି, 'ଉପନୟନ ସଂସ୍କାର ବୈଷ୍ଣବଦୀକ୍ଷାର ଅନ୍ତର୍ଗତ, ସେଥିପାଇଁ ଶ୍ରୀହରିଭକ୍ତିବିଳାସାଦିରେ ପୃଥକ୍ ଭାବରେ ଏହାର ଉଲ୍ଲେଖ ନାହିଁ ।' ଯଦି ତାହାହିଁ ହୁଅନ୍ତା, ତାହାହେଲେ ବିଷ୍ଣୁମନ୍ତ୍ର ଦୀକ୍ଷିତା ସ୍ତ୍ରୀଗଣ ଉପନୟନ ଗ୍ରହଣ କରିଥାଆନ୍ତେ । ଯଦି ତାହା ଉତ୍ତରରେ କୁହାଯାଏ, 'ଶିଷ୍ଟାଚାର ଅଭାବରେହିଁ ଦୀକ୍ଷିତା ସ୍ତ୍ରୀଗଣଙ୍କର ସାବିତ୍ର୍ୟ ସଂସ୍କାର (ଉପନୟନ ବା ଯଜ୍ଞୋପବିତ ସଂସ୍କାର) ହୁଏ ନା ।' ତେବେ ସେହିପରି ଶିଷ୍ଟାଚାରର ଅଭାବ ଯୋଗୁଁ ହିଁ ଶୂଦ୍ରାଦି କୁଳୋତ୍ପନ୍ନ ଦୀକ୍ଷିତ ବ୍ୟକ୍ତିଗଣଙ୍କର ମଧ୍ୟ ଉପନୟନ ସଂସ୍କାର ହୁଏ ନା – ଏହାହିଁ ଜୀବପାଦ୍‌ଙ୍କ ସିଦ୍ଧାନ୍ତ । ଶ୍ରୀସନାତନପାଦ୍ ଧର୍ମବ୍ୟାଧ-କର୍ତ୍ତୃକ ଶ୍ରୀଶାଳଗ୍ରାମ ଶିଳା ଅର୍ଚ୍ଚନର ପ୍ରମାଣ ଉଦ୍ଧାର କରିବା ସମୟରେ କିନ୍ତୁ ତାହାଙ୍କ ଦ୍ୱାରା ବିଷ୍ଣୁପୂଜା ପାଇଁ ଉପନୟନ ସଂସ୍କାର ଗ୍ରହଣର କୌଣସି ଦୃଷ୍ଟାନ୍ତ ଉଠାଇ ନାହାନ୍ତି ଏବଂ ଅନ୍ୟାନ୍ୟ ମହାଜନଙ୍କ ଆଚରଣରେ ବା ଶିକ୍ଷାରେ ଏହା ମିଳେ ନା ।

ଅତଏବ ବୈଷ୍ଣବ ଦୀକ୍ଷା ଦ୍ୱାରା ଯେ ନରମାତ୍ରକେର ଦ୍ୱିଜତ୍ୱ ବା ବିପ୍ରତ୍ୱ ଲାଭ ହୁଏ, ତାହାର ଚିହ୍ନ କର୍ମକାଣ୍ଡୀୟ ଉପନୟନ ସଂସ୍କାର ନୁହେଁ । ଦୀକ୍ଷିତଗଣ ଅଚ୍ୟୁତ-ଗୋତ୍ରୀୟ ହୋଇଯାଆନ୍ତି, ତେଣୁ ଚିହ୍ନା ବ୍ରାହ୍ମଣର ପଇତା ଦରକାର ପଡ଼େନାହିଁ । କର୍ମକାଣ୍ଡୀୟ ବ୍ରାହ୍ମଣ ଅଚିହ୍ନା ବ୍ରାହ୍ମଣଙ୍କର (ସମସ୍ତଙ୍କ ଗର୍ଭାଧାନାଦି ସଂସ୍କାରର ଅବିଚ୍ଛିନ୍ନତା ପ୍ରମାଣକ) ପଇତାର ଦରକାର । ଶ୍ରୀହରିଭକ୍ତିବିଳାସ ୧୭।୨୬୦ଉକ୍ତିରୁ ଜଣାପଡ଼େ ଶ୍ରୀମଦ୍‌ଗୋପାଳମନ୍ତ୍ର କୌଣସି ପ୍ରକାର ସଂସ୍କାରାଦିର ଅପେକ୍ଷା କରନ୍ତି ନାହିଁ, ତେଣୁ ଶ୍ରୀଗୋପାଳମନ୍ତ୍ର ଲାଭ କରିବାପରେ ପିଣ୍ଡ (ଦେହ) ଶୁଦ୍ଧି ପାଇଁ ଉପନୟନ ସଂସ୍କାରର ଆବଶ୍ୟକତା ସ୍ୱୀକାର, ଗୋପାଳମନ୍ତ୍ରର ବିର୍ଯ୍ୟରେ ଆସ୍ଥା-ହୀନତା-ସୂଚକ ନାମାପରାଧ ବିଶେଷ । ତେଣୁ କୌଣସି ଶାସ୍ତ୍ରରେ ଦିକ୍ଷୀତ ବ୍ୟକ୍ତି ଉପନୟନ ଗ୍ରହଣ କରିବେ – ଏହି ପରି ବିଧି ଦିଆହୋଇନାହିଁ । ଏପରିକି ଶ୍ରୀରୂପ-ସନାତନ-ଜୀବଗୋସ୍ୱାମୀ ଆଦି ଶ୍ରୋତ୍ରୀୟ ବ୍ରାହ୍ମଣ ବଂଶୋଦ୍ଭବ ହୋଇଥିଲେ ମଧ୍ୟ ଉପବୀତ ତ୍ୟାଗ

କରିଥିଲେ । ଯଦି କେହି କୁହନ୍ତି- 'କେବଳ ଭଜନାନନ୍ଦୀ ବୈଷ୍ଣବଗଣହିଁ ସାବିତ୍ର୍ୟ ସଂସ୍କାର ଗ୍ରହଣ କରନ୍ତି ନାହିଁ, ଅତଏବ ଭଜନାନନ୍ଦୀ ବୈଷ୍ଣବଗଣଙ୍କ ଆଚାର ତ ସାଧାରଣ ବିଧି ହୋଇ ପାରେନା ।' ଏହାର ଉତ୍ତରରେ ଦେଖାଯାଏ, ମହାପ୍ରଭୁଙ୍କ ସମ୍ପ୍ରଦାୟର ଶ୍ରୀନରହରିଠାକୁର, ଶ୍ରୀସଦାଶିବ କବିରାଜ, ଶ୍ରୀପୁରୁଷୋତ୍ତମଠାକୁର, ଶ୍ରୀକାନୁଠାକୁରଙ୍କଠାରୁ ଆରମ୍ଭ କରି ଶ୍ରୀନିବାସ ଆଚାର୍ଯ୍ୟ, ଶ୍ରୀଶ୍ୟାମାନନ୍ଦ ପ୍ରଭୁ, ଶ୍ରୀନରୋତ୍ତମଦାସଠାକୁର ଆଦି ବହୁବହୁ ଗୋଷ୍ଠାନନ୍ଦୀ ଓ ଲୋକଶିକ୍ଷକ ମନ୍ତ୍ରାଚାର୍ଯ୍ୟକାର୍ଯ୍ୟ ଲୋକ-ସଂଗ୍ରହ ନିମିତ୍ତ ସର୍ବତ୍ର ସଦାଚାର ପ୍ରବର୍ତ୍ତନ, ହରିଭକ୍ତି ପ୍ରଚାରାଦି କରିଛନ୍ତି, ଯେଉଁମାନେ ବିବିଦ୍ଭାନନ୍ଦି ବା ଭଜନାନନ୍ଦୀ ନଥିଲେ କିନ୍ତୁ ସେମାନଙ୍କ ମଧ୍ୟରୁ କେହି ମଧ୍ୟ ଉପନୟନ ଧାରଣ ବା ନିଜ ଶିଷ୍ୟମାନଙ୍କୁ ଉପନୟନ ଧାରଣର ଆଦେଶ ଦେବାର କଥା ଜଣାଯାଏ ନାହିଁ । ଶୂଦ୍ର ଶିଷ୍ୟଙ୍କୁ ଉପନୟନ ପ୍ରଦାନର ପ୍ରଶ୍ନହିଁ ଉଠେ ନାହିଁ ।

ଶ୍ରୀଗୁରୁଦେବଙ୍କଠାରୁ ଦୀକ୍ଷା ଗ୍ରହଣରେ ଦ୍ୱିଜତ୍ୱ ବା ବିପ୍ରତ୍ୱ ପ୍ରାପ୍ତିର ଅର୍ଥ ନୁହେଁ ଯେ ନୀଚକୁଳୋଦ୍ଭୁତ ବ୍ୟକ୍ତି ମଧ୍ୟ କର୍ମକାଣ୍ଡୀ ବ୍ରାହ୍ମଣଙ୍କ ପରି ଉପବୀତାଦି ଗ୍ରହଣ କରି ବିପ୍ରତ୍ୱର ଅଭିମାନ ପୋଷଣ କରିବା, କାରଣ ଏହା ଶ୍ରୀମନ୍ମହାପ୍ରଭୁଙ୍କ ଶିକ୍ଷାର 'ତୃଣାଦପି ସୁନୀଚତା'ର ଘୋର ବ୍ୟାଘାତକ ଏବଂ ଅପରଙ୍କ ନିକଟରେ 'ବ୍ରାହ୍ମଣ' ବୋଲି ଆତ୍ମ ଘୋଷଣାରୂପ ବିପ୍ରଲିପ୍ସା-ବିଶେଷର କାରଣ । ଶ୍ରୀବଚନଭୂଷଣରେ ୨୨୧ରେ ଦେଖାଯାଏ-ଅନନ୍ୟ ଦାସ୍ୟର ଅଭାବ, ଏକାନ୍ତ ଶରଣାଗତିର ପ୍ରତିବନ୍ଧକ ଓ ସ୍ୱଭାବିକ ଅହଙ୍କାର ଯୁକ୍ତ ବ୍ରାହ୍ମଣ ଶରୀର (ଜନ୍ମ) ଅପେକ୍ଷା, ଯେ କୌଣସି କୂଳରେ ଆବିର୍ଭୂତ ବୈଷ୍ଣବଙ୍କ ସେବା ପାଇଁ ଲଳସା ପ୍ରଭୃତି ବୃତ୍ତିର ଉପଯୋଗୀ ନୀଚବର୍ଣ୍ଣରେ ଉଦ୍ଭୁତ ବୈଷ୍ଣବ ଜନ୍ମହିଁ ଶ୍ରେଷ୍ଠ, ସେମାନଙ୍କ ଜନ୍ମହିଁ ସିଦ୍ଧ । ଅତଏବ ହରିଭଜନର ଅନୁକୂଳ ନୀଚକୁଳରେ ଜନ୍ମହିଁ ଉତ୍କୃଷ୍ଟ ଏବଂ ହରିଭଜନର ପ୍ରତିକୂଳ ଉଚ୍ଚବର୍ଣ୍ଣର ଜନ୍ମ ଅପେକ୍ଷା ଶ୍ରେଷ୍ଠ-*'ଚୈତ୍ୟଂ ଜନ୍ମସିଦ୍ଧମ୍, ତସ୍ମାଦୁତ୍କୃଷ୍ଟଜନ୍ମୈବ ଶ୍ରେଷ୍ଠମ୍ ।'*

ଶ୍ରୀମଦ୍ବୃହଦ୍ଭାଗବତାମୃତ(୨/୨/୫୪-୫୭) ଦେଖିବାକୁ ମିଳେ-ଯେତେବେଳେ ଶ୍ରୀଗୋପକୁମାର ମହର୍ଲୋକରେ ଉପସ୍ଥିତ ହେଲେ, ସେତେବେଳେ ସେହି ସ୍ଥାନରେ ଭୃଗୁପ୍ରମୁଖ ଋଷିଗଣ କହିଲେ, -'ହେ ଗୋପବୈଶ୍ୟପୁତ୍ର ! ତୁମର ସହଜସିଦ୍ଧ ଦ୍ୱିଜତ୍ୱ ବିଦ୍ୟମାନ୍ ଅଛି । ବର୍ତ୍ତମାନ୍ ଆମ୍ଭେମାନେ ତୁମକୁ ବିପ୍ରତ୍ୱ ପ୍ରଦାନ କରୁଅଛୁ, ତାହା ଶୀଘ୍ର ସ୍ୱୀକାର କର । ଏଥିପାଇଁ ତୁମକୁ ତପସ୍ୟାରେ କୌଣସି ପ୍ରୟାସ କରିବାକୁ ହେବ ନାହିଁ । ଏହି ଋଷିଲୋକରେ ସ୍ୱଭାବବଶତଃହିଁ ବ୍ରାହ୍ମଣତ୍ୱ ଉତ୍ପନ୍ନ ହୁଏ, କେବଳ ତୁମକୁ ବାହ୍ୟ ବ୍ୟବହାରାଦିର ଅନୁଷ୍ଠାନ କରିବାକୁ ହେବ । ଅନ୍ୟଥା ତୁମର ଏହି ଲୋକରେ ବାସ ଅସଙ୍ଗତହିଁ ହେବ ।' ଏହା ଶୁଣି ଶ୍ରୀଗୋପକୁମାର ମନେ ମନେ ବିଚାର କରିଲେ - 'ବିପ୍ରତ୍ୱ ଲାଭ କରି ମହର୍ଷିଗଣଙ୍କ ଅନ୍ୟତମ ହେବା ଏବଂ ଯଜ୍ଞ ଦ୍ୱାରା ଯଜ୍ଞେଶ୍ୱର ବିଷ୍ଣୁଙ୍କ ପୂଜା କରିବା ଅପେକ୍ଷା ବୈଶ୍ୟ ରୂପେ ରହି ତତ୍ସୁଲୁଭ ଦାସ୍ୟଭାବରେ ଶ୍ରୀବିଷ୍ଣୁ, ବୈଷ୍ଣବ ଓ ବ୍ରାହ୍ମଣଗଣଙ୍କର ସେବା କରି ମହର୍ଷିଗଣଙ୍କ ଅପେକ୍ଷା ମଧ୍ୟ ଅଧିକତର ଆନନ୍ଦ ଲାଭ କରିବି । ବ୍ୟବହାରିକ ଅନୁଷ୍ଠାନରେ ବିପ୍ରତ୍ୱ ଲାଭ କରିଲେ ମଧ୍ୟ ମୋତେ ବୈଷ୍ଣବ ଓ ବ୍ରାହ୍ମଣଙ୍କ ସେବାରୁ ବଞ୍ଚିତ ହେବାକୁ ହେବ, ଦାସ୍ୟ ଭାବର ଲାଘବ ଘଟିବ, ଏବଂ ସଦ୍ଗୁରୁଙ୍କ ଉପଦିଷ୍ଟ, ମନ୍ତ୍ରଜପରେ ଶିଥିଳତା ହେବ । ଅତଏବ ଶ୍ରୀସନାତନ ଗୋସ୍ୱାମୀପାଦଙ୍କ ମତରେ ବ୍ରାହ୍ମଣ-ଇତର ଶ୍ରୀକୃଷ୍ଣୋପାସକ ବ୍ୟକ୍ତି ଯଦି ବ୍ରାହ୍ମଣର ଚିହ୍ନାଦି (ଉପବିତାଦି) ଗ୍ରହଣ କରନ୍ତି

ତେବେ ସଦ୍‌ଗୁରୁଙ୍କ ଉପଦିଷ୍ଟ ମନ୍ତ୍ରରେ ଓ ବୈଷ୍ଣବୋଚିତ ଦାସ୍ୟ ଭାବରେ ଶିଥିଳତାହିଁ ଉପସ୍ଥିତ ହୁଏ । ଏହା ଦ୍ୱାରା ବୈଷ୍ଣବ-ଦୀକ୍ଷା-ପ୍ରଭାବରେ ବିପ୍ରତାର ଅର୍ଥ ଯେ ବ୍ରାହ୍ମଣୋଚିତ ସାବିତ୍ର୍ୟ ସଂସ୍କାରାଦି ଗ୍ରହଣ ନୁହେଁ, ଏହାହିଁ ଶ୍ରୀସନାତନଗୋସ୍ୱାମୀଙ୍କ ଅଭିପ୍ରାୟ ବୋଲି ପ୍ରମାଣିତ ହେଉଅଛି ।

କଳିର ଭବିଷ୍ୟ ଆଚରଣ ବର୍ଣ୍ଣନ ପ୍ରସଙ୍ଗରେ ଶ୍ରୀଶୁକଦେବ ଗୋସ୍ୱାମୀ(ଭା ୧୨।୨।୩-୪)ରେ କହିଛନ୍ତି - *'ବିପ୍ରତ୍ୱେ ସୂତ୍ରମେବ ହି', 'ସାଧୁତ୍ୱେ ଦମ୍ଭ ଏବତୁ', 'ଯାଶୋଦ୍ଧର୍ଥେ ଧର୍ମ-ସେବନମ୍'* -ଅର୍ଥାତ୍ ବିପ୍ରତ୍ୱର ଲକ୍ଷଣ ଉପବୀତ ମାତ୍ର, ସାଧୁତ୍ୱର ଲକ୍ଷଣ ଦମ୍ଭ-କାପଟ୍ୟ, ସମ୍ମାନ ଲାଭ ପାଇଁ ଧର୍ମ୍ମାନୁଷ୍ଠାନ ପ୍ରଭୃତି କଳିଧର୍ମରହିଁ ଲକ୍ଷଣ, ତାହା ଦୈବବର୍ଣ୍ଣାଶ୍ରମର ଲକ୍ଷଣ ନୁହେଁ ।

ଶ୍ରୀଜୀବପାଦ୍ ଓ ଶ୍ରୀଚକ୍ରବର୍ତ୍ତୀପାଦ୍‌ଙ୍କ ସିଦ୍ଧାନ୍ତ ଏହି ଯେ ଯେଉଁମାନେ ଶ୍ରୀଭଗବାନଙ୍କ ନାମ ଗ୍ରହଣ କରନ୍ତି ସେମାନେ ପରୋକ୍ଷ ଅତୀତକାଳରେ ସମସ୍ତ ତପସ୍ୟାହିଁ କରିଅଛନ୍ତି, ସମସ୍ତ ଯଜ୍ଞ କରିଛନ୍ତି, ସମସ୍ତ ତୀର୍ଥସ୍ନାନ କରିଛନ୍ତି, ସମସ୍ତ ସଦାଚାରର ପାଳନ କରିଅଛନ୍ତି, ସମସ୍ତ ସାଙ୍ଗ ବେଦ ପୁନଃ ପୁନଃ ସମ୍ୟଗ୍‌ରୂପେ ଅଧ୍ୟୟନ କରିଛନ୍ତି । ନାମକୀର୍ତ୍ତନକାରୀ (ଶ୍ୱପଚ ହେଉନା କାହିଁକି ସେ) ପୂର୍ବ ପୂର୍ବ ଜନ୍ମରେହିଁ କର୍ମମାର୍ଗୀୟ ବ୍ରାହ୍ମଣ ହୋଇ ସାବିତ୍ର୍ୟ ସଂସ୍କାର ଲାଭ ପୂର୍ବକ ଯଜ୍ଞ, ତପସ୍ୟା, ବେଦାଦିପାଠ ସମାପ୍ତ କରିଅଛନ୍ତି, ବର୍ତ୍ତମାନ୍ ଜନ୍ମରେ ସେମାନଙ୍କ ପକ୍ଷରେ ଆଉ ଏହି ସମସ୍ତ କର୍ମମାର୍ଗୀୟ ଅନୁଷ୍ଠାନର ପ୍ରୟୋଜନ ନଥାଏ । ତେବେ ନାମ ସଂକୀର୍ତ୍ତନକାରୀ ଶ୍ୱପଚକୁ ବୈଦିକ ଯାଜ୍ଞିକ ଅନୁଷ୍ଠାନ କରିବାକୁ ହେଲେ ଜନ୍ମାନ୍ତର ଅପେକ୍ଷା କରିବାକୁ ହେବ, ଶ୍ରୀଜୀବପାଦ୍‌ଙ୍କ ଏହି ସିଦ୍ଧାନ୍ତର ଅର୍ଥ ହେଉଛି- ଯେଉଁମାନେ ଶ୍ରୀଭଗବନ୍ନାମରେ ଅବିଶ୍ୱାସୀ ନାମାପରାଧୀ ସେମାନେ ଯଦି ଏହି ସମସ୍ତ କର୍ମକାଣ୍ଡୀୟ ଅନୁଷ୍ଠାନ ବା ଉପନୟନ-ସଂସ୍କାର ପାଇଁ ଉଦ୍‌ଗ୍ରୀବ ହୁଅନ୍ତି, ସେମାନେହିଁ ଅପରାଧ ଫଳରେ ଉଚ୍ଚ ଅଧିକାରରୁ ଭ୍ରଷ୍ଟ ହୋଇ ସେମାନଙ୍କର ବାସନା ଚରିତାର୍ଥ କରିବାପାଇଁ ଜନ୍ମାନ୍ତର ଗ୍ରହଣ ପୂର୍ବକ ଏହି ସମସ୍ତ କର୍ମମାର୍ଗୀୟ ଅନୁଷ୍ଠାନ କରନ୍ତି । ସେଥିପାଇଁ ଶ୍ରୀଗୌଡୀୟ ବୈଷ୍ଣବାଚାର୍ଯ୍ୟ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀ ପାଦ୍ କହିଛନ୍ତି- *''ଅତଏବ ସ ଶ୍ୱପଚୋ ଇତି ଗରୀୟାନତିଶୟେନ ଗୁରୁର୍ଭବତୀତ୍ୟନ୍ୟାନପି ନାମାତ୍ମକମନ୍ତ୍ର ମୁପଦେଷ୍ଟୁଂ ଯୋଗ୍ୟତାଂ ଧତ୍ତେ ଇତି ଭାବଃ''* - ଯାହାଙ୍କ ଜିହ୍ୱାଗ୍ରରେ ଶ୍ରୀଭଗବାନଙ୍କ ଗୋଟିଏ ନାମ ମଧ୍ୟ ବିରାଜମାନ, ଏହିପରି ଶ୍ୱପଚ ଅତିଶୟ ରୂପେ ଗୁରୁ ହୁଅନ୍ତି, ଶ୍ରୀମଦ୍ଭାଗବତର ଏହି ପ୍ରମାଣରେ ସେ ମନ୍ତ୍ରୋପଦେଷ୍ଟା ଗୁରୁଙ୍କର କାର୍ଯ୍ୟ କରି ପାରନ୍ତି ।

ଶ୍ରୀବିଷ୍ଣୁମନ୍ତ୍ରରେ ଯଥାବିହିତ ଦିକ୍ଷିତ ଯେ କୌଣସି କୁଳୋଦ୍ଭୁତ ବ୍ୟକ୍ତି ଅଚ୍ୟୁତଗୋତ୍ରୀୟ ହୋଇ ଯାଆନ୍ତି *'ହୃଦି ରୂପଂ ମୁଖେ ନାମ ନୈବେଦ୍ୟମୁଦରେ ହରେଃ । ପାଦୋଦକୋଦ୍ଧର୍ଥ ନିର୍ମାଲ୍ୟଂ ମସ୍ତକେ ଯସ୍ୟ ସୋଦ୍ଧଚ୍ୟୁତଃ ॥* (ଭାବାର୍ଥ ଦୀପିକା ୧୧।୧୧।୪୦ ଓ ହ.ଭ.ବି. ୯।୩୯୯ ଧୃତ ସ୍କନ୍ଦପୁରାଣବାକ୍ୟ) ଇତ୍ୟାଦି ବାକ୍ୟ ଅନୁସାରେ - ମୁଖରେ ଶ୍ରୀହରିନାମ, ହୃଦୟରେ ଶ୍ରୀହରିଙ୍କ ରୂପ, ଉଦରରେ ଶ୍ରୀଶାଳଗ୍ରାମାଦି ଶ୍ରୀବିଗ୍ରହଙ୍କ ନୈବେଦ୍ୟ ଓ ପାଦୋଦକ ଏବଂ ମସ୍ତକରେ ଶ୍ରୀହରିଙ୍କ ନିର୍ମାଲ୍ୟ ଧାରଣକାରୀ ବ୍ୟକ୍ତିହିଁ ଅଚ୍ୟୁତତୁଲ୍ୟ ଅର୍ଥାତ୍ ଅଚ୍ୟୁତଗୋତ୍ରୀୟ । ଶ୍ରୀବିଷ୍ଣୁନାମାଶ୍ରିତ ଓ ଶ୍ରୀବିଷ୍ଣୁମନ୍ତ୍ରେ ଦୀକ୍ଷିତ ସର୍ବବର୍ଣ୍ଣରେ ଉଦ୍ଭୁତ ପୁରୁଷ ଓ ସ୍ତ୍ରୀ ସମସ୍ତଙ୍କ ପକ୍ଷରେ ଶ୍ରୀତୁଳସୀମାଳ, ଶ୍ରୀହରିମନ୍ଦିର ଊର୍ଦ୍ଧ୍ୱ ପୁଣ୍ଡାଦି ତିଳକ ଓ ଶିଖା-ଧାରଣର ନିତ୍ୟତା ଶାସ୍ତ୍ରରେ ଉକ୍ତ ହୋଇଅଛି, କିନ୍ତୁ କେଉଁଠି ମଧ୍ୟ ବ୍ରହ୍ମସୂତ୍ର ଧାରଣର କଥା ଉକ୍ତ ହୋଇନାହିଁ । ଏପରିକି କର୍ମମାର୍ଗୀୟ

ବ୍ରାହ୍ମଣଗଣ ମଧ୍ୟ ଜ୍ଞାନମାର୍ଗରେ ସନ୍ନ୍ୟାସ ଗ୍ରହଣ ସମୟରେ ଶିଖାସୂତ୍ର ତ୍ୟାଗ କରନ୍ତି । ବ୍ରାହ୍ମଣକୁଳରେ ଉଦ୍ଭୁତ ବୈଷ୍ଣବଗଣ ବର୍ଣ୍ଣାଶ୍ରମ ତ୍ୟାଗକାଳେ ବ୍ରହ୍ମସୂତ୍ର ତ୍ୟାଗ କରନ୍ତି । ବ୍ରାହ୍ମଣକୁଳରେ ଉଦ୍ଭୁତ ବୈଷ୍ଣବଗଣ ବର୍ଣ୍ଣାଶ୍ରମ ତ୍ୟାଗ କାଳେ ବ୍ରହ୍ମସୂତ୍ର ତ୍ୟାଗ କରନ୍ତି, କିନ୍ତୁ ଜୀବନ ଶେଷ (ଅନ୍ତ) ସମୟ ପର୍ଯ୍ୟନ୍ତ ଶିଖା, ଶ୍ରୀତୁଳସୀମାଳ, ଉର୍ଦ୍ଧପୁଣ୍ଡ୍ରାଦି ନିତ୍ୟ ଧାରଣ କରନ୍ତି – ଏହାହିଁ ଶାସ୍ତ୍ର ବିଧି ।

କେହି କେହି କୁହନ୍ତି, ବିଷ୍ଣୁମନ୍ତ୍ରରେ ଦୀକ୍ଷିତ ବ୍ୟକ୍ତିର ଯଦି ବିପ୍ରତ୍ୱହିଁ ସିଦ୍ଧ ହୁଏ, ତେବେ ତାହାଙ୍କର ଉପନୟ ସଂସ୍କାର ବା ବ୍ରହ୍ମଗାୟତ୍ରୀ ପ୍ରଭୃତି ଜପରେ ଅଧିକାର ହେବନାହିଁ କାହିଁକି ? ତାହାର ଉତ୍ତର ଏହି ଯେ- *ବ୍ରାହ୍ମଣାନାଂ ସହସ୍ରେଭ୍ୟ ସତ୍ୟଯାଜୀ ବିଶିଷ୍ୟତେ । ସତ୍ରଯାଜି–ସହସ୍ରେଭ୍ୟୋଃ ସର୍ବବେଦାନ୍ତ ପାରଗଃ ॥ ସର୍ବ ବେଦାନ୍ତବିତ୍ କୋଟ୍ୟ ବିଷ୍ଣୁଭକ୍ତୋ ବିଶିଷ୍ୟତେ । ବୈଷ୍ଣବାନାଂ ସହସ୍ରେଭ୍ୟ ଏକାନ୍ତୋକୋ ବିଶିଷ୍ୟତେ ॥*(ଶ୍ରୀଭକ୍ତିସନ୍ଦର୍ଭ–୧୭୭ ଓ ଶ୍ରୀହରିଭକ୍ତି ବିଳାସ ୧୦।୧୭୫–୭୭ ଧୃତ ଗରୁଡ଼ ବାକ୍ୟ)

"ସହସ୍ର ବ୍ରାହ୍ମଣ ଅପେକ୍ଷା ଜଣେ ଯାଜ୍ଞିକ ବ୍ରାହ୍ମଣ ଶ୍ରେଷ୍ଠ, ସହସ୍ର ଯାଜ୍ଞିକ ବ୍ରାହ୍ମଣ ଅପେକ୍ଷା ଜଣେ ଶାସ୍ତ୍ରଜ୍ଞ ବ୍ରାହ୍ମଣ ଶ୍ରେଷ୍ଠ, ସର୍ବବେଦାନ୍ତଶାସ୍ତ୍ରବିତ୍ କୋଟି କୋଟି ବ୍ରାହ୍ମଣ ଅପେକ୍ଷା ବିଷ୍ଣୁଭକ୍ତ ଶ୍ରେଷ୍ଠ ଏବଂ ସହସ୍ର ବୈଷ୍ଣବ ଅପେକ୍ଷା ଜଣେ ଏକାନ୍ତୀ ଭକ୍ତ (ଯିଏ ଏକାନ୍ତଭାବେ ସର୍ବଦା ଶ୍ରୀବିଷ୍ଣୁନିଷ୍ଠ ଭଗବଦ୍‌ଗତଚିତ୍ତ) ଶ୍ରେଷ୍ଠ ।" ତେଣୁ ବୈଷ୍ଣବଙ୍କୁ କର୍ମକାଣ୍ଡୀୟ ବ୍ରାହ୍ମଣଙ୍କ ପରି ଉପନୟନ ଧାରଣ କରିବାକୁ ଆବଶ୍ୟକ ହୁଏ ନା, ଏବଂ ବ୍ରହ୍ମଗାୟତ୍ରୀ ତ ଶ୍ରୀଗୋପାଳମନ୍ତ୍ର ମଧ୍ୟରେହିଁ ଅନ୍ତର୍ଭୁକ୍ତ । ତେଣୁ ପୃଥକ୍ ଭାବରେ ଏହାର ଜପର ପ୍ରୟୋଜନ ନଥାଏ ।

ଉପନୟନାଦି ସଂସ୍କାର ଓ ସନ୍ନ୍ୟାସାଦି ଆଶ୍ରମୋଚିତ ରକ୍ତବସ୍ତ୍ରାଦି ଗ୍ରହଣ ଯଥାକ୍ରମେ କର୍ମ ଓ ଜ୍ଞାନମାର୍ଗର ଅନର୍ଭୁକ୍ତ । ଶୁଦ୍ଧ ଭକ୍ତିଲାଭେଚ୍ଛୁଙ୍କର ବୈଷ୍ଣବଦୀକ୍ଷା ଲାଭ ଫଳରେ ଏହି ସମସ୍ତ କର୍ମମାର୍ଗୀୟ ଓ ଜ୍ଞାନମାର୍ଗୀୟ ଅନୁଷ୍ଠାନରେ ଆଗ୍ରହ ହୁଏନା, ପାରମାର୍ଥିକ ଜୀବନ ଯାପନର ପାଇଁ ଦ୍ୱିତୀୟ ଜନ୍ମ ଲାଭ ପରେ ଆଉ ଏହି ସମସ୍ତ କର୍ମମାର୍ଗୀୟ ଆଚରଣର ପୁନରାବୃତ୍ତି ଶୁଦ୍ଧଭକ୍ତିକାମୀଙ୍କ ଜୀବନରେ ଦୃଷ୍ଟ ହୁଏ ନାହିଁ । ସେଥିପାଇଁ ଦେଖାଯାଏ ଶ୍ରୀଖଣ୍ଡରେ ଶ୍ରୀରଘୁନନ୍ଦନ ଠାକୁରଙ୍କ ସମ୍ପ୍ରଦାୟରେ ତଥା ଶ୍ରୀଗୋପୀବଲ୍ଲଭପୁରରେ ଶ୍ରୀରସିକାନନ୍ଦପ୍ରଭୁଙ୍କ ଅଧସ୍ତନଗଣଙ୍କ ମଧ୍ୟରେ ସାମାଜିକ ନିୟମାନୁସାରେ ଉପନୟନ ଗ୍ରହଣ କରାହେଉଥିଲେ ମଧ୍ୟ ବୈଷ୍ଣବ ଦୀକ୍ଷା ଅନ୍ତେ ସକଳ କର୍ମକାଣ୍ଡୀୟ ସଂସ୍କାର ଅର୍ଥାତ୍ ଉପବୀତ ପରିତ୍ୟକ୍ତ କରାଯାଏ । କେବଳ ଯେ ବର୍ଣ୍ଣାଶ୍ରମାତୀତ ପରମହଂସ ମହାଭାଗବତଗଣହିଁ କର୍ମକାଣ୍ଡିୟ–ସଂସ୍କାର–ବର୍ଜିତ ଥାଆନ୍ତି, ତାହା ନୁହେଁ, ଯେଉଁମାନେ ଶୁଦ୍ଧଭକ୍ତିର ସାଧନ ଆରମ୍ଭ ମାତ୍ର କରନ୍ତି, ସେମାନଙ୍କୁ ମଧ୍ୟ ଅନ୍ୟବାଞ୍ଛା–ଅନ୍ୟପୂଜା କର୍ମଜ୍ଞାନାଦିର ଆବେଶ ତ୍ୟାଗ କରି ଅନୁକୂଳ କୃଷ୍ଣାନୁଶୀଳନ ରୂପକ ଶୁଦ୍ଧଭକ୍ତିର ପଥରେହିଁ ଚାଲିବାକୁ ହେବ । ଏହା ବୈଧିଭକ୍ତି ସାଧକଗଣଙ୍କର ମଧ୍ୟ ପାଳନୀୟ । ଶ୍ରୀଜୀବପାଦ୍ ଓ ଶ୍ରୀଚକ୍ରବର୍ତ୍ତିପାଦ୍ ଦୁର୍ଗମସଙ୍ଗମନୀରେ ଓ ଭକ୍ତିସାରପ୍ରଦର୍ଶନୀରେ ଶ୍ରୀଗୋପାଳମନ୍ତ୍ରରେ ଦୀକ୍ଷିତ ବ୍ୟକ୍ତିର କର୍ମୀମାର୍ଗୀୟ ଉପବୀତ ସଂସ୍କାରାଦି ଗ୍ରହଣ ବା ମୁମୁକ୍ଷୁ ସମ୍ପ୍ରଦାୟୋଚିତ ସନ୍ୟାସଲିଙ୍ଗ ଧାରଣ ସର୍ବୋତଭାବରେ ନିଷିଦ୍ଧ ବୋଲି ଜଣାଇଛନ୍ତି । ଉପବୀତ ଓ ଗୈରିକବସ୍ତ୍ର ଦୈବବର୍ଣ୍ଣାଶ୍ରମର ଚିହ୍ନ ନୁହେଁ, ବିଷ୍ଣୁତୋଷଣହିଁ ଦୈବବର୍ଣ୍ଣାଶ୍ରମ ଧର୍ମର ମୂଳ ଉଦ୍ଦେଶ୍ୟ ।

ଶିଷ୍ୟ ନିକଟରେ ବ୍ୟଷ୍ଟିଗୁରୁ (ମନ୍ତ୍ରଗୁରୁ) ଶ୍ରୀଗୌରକୃଷ୍ଣଙ୍କ ପ୍ରକାଶବିଗ୍ରହ ହୋଇ ମଧ୍ୟ ସ୍ୱରୂପତଃ ଶ୍ରୀକୃଷ୍ଣଦାସ

ସମଷ୍ଟି ଗୁରୁତତ୍ତ୍ୱକୁହିଁ ସାକ୍ଷାତ୍ ଭଗବତ୍ ସ୍ୱରୂପ କୁହାଯାଇଛି, ସେଥିପାଇଁ କୁହାଯାଇଛି–

ଗୁର୍ବ୍ରହ୍ମା ଗୁର୍ବୁବିଷ୍ଣୁ ଗୁର୍ବୁଦେବୋ ମହେଶ୍ୱରଃ ।
ଗୁରୁରେବ ପରଂବ୍ରହ୍ମ ତସ୍ମାତ୍ ସଂପୂଜୟେତ୍ ସଦା ।।(ହଭବି୪।୩୫୨)

ଗୁରୁହିଁ ବ୍ରହ୍ମା, ଗୁରୁହିଁ ବିଷ୍ଣୁ, ଗୁରୁହିଁ ମହାଦେବ । ଗୁରୁହିଁ ପରବ୍ରହ୍ମ ଶ୍ରୀକୃଷ୍ଣ, ଅତଏବ ଶ୍ରୀଗୁରୁଙ୍କୁହିଁ ପୂଜା କରିବେ ।' ପୁନଃ ଶ୍ରୀନାରଦପଞ୍ଚରାତ୍ରରେ (୨।୮।୧୯–୨୦) ଉକ୍ତ ହୋଇଛି–

ସହସ୍ରଦଳପଦ୍ମଞ୍ଚ ସର୍ବେଷାଂ ମସ୍ତକେ ମୁନେ । ତତ୍ରୈବ ତିଷ୍ଠତି ଗୁରୁଃ ସୂକ୍ଷ୍ମରୂପେଣ ସନ୍ତତମ୍ ।।
ତଦ୍‌ଗୁରୋଃ ପ୍ରତିବିମ୍ବଞ୍ଚ ସର୍ବତ୍ର ନରରୂପକଃ । ଗୁରୁରୂପୀ ସ୍ୱୟଂ କୃଷ୍ଣଃ ଶିଷ୍ୟାନାଂ ହିତକାମୟା ।।

–ହେ ମୁନେ ! ସମସ୍ତଙ୍କ ମସ୍ତକରେ ଯେଉଁ ସହସ୍ରଦଳପଦ୍ମ ଅଛି, ସେଠାରେ ସୂକ୍ଷ୍ମରୂପରେ ସର୍ବଦା ଗୁରୁଦେବ ଅଧିଷ୍ଠିତ ଅଛନ୍ତି । ସେହି ଗୁରୁଦେବଙ୍କରହିଁ ପ୍ରତିଭୁ ବା ଆବିର୍ଭାବ ବିଶେଷ ନରରୂପୀ ବ୍ୟଷ୍ଟିଗୁରୁ ସର୍ବସ୍ଥାନରେ ପ୍ରକାଶିତ । ଶିଷ୍ୟଗଣଙ୍କର ହିତକାମନାରେ ସ୍ୱୟଂ ଶ୍ରୀକୃଷ୍ଣହିଁ ଗୁରୁରୂପୀ ।' ***'ସ୍ୱୟଂ ଆବିଶ୍ୟ କଞ୍ଚିଦ୍ଧା ଭବାନେବ ଗୁରୁ ର୍ଭବେତ୍'*** – ଶ୍ରୀଜୀବପାଦ୍‌ଙ୍କ ଏହି ବାକ୍ୟରୁ ଏହା ପ୍ରମାଣିତ ହେଉଛି ଯେ ଶ୍ରୀଗୁରୁଙ୍କଠାରେ ସାକ୍ଷାତ୍ ଭଗବାନଙ୍କର ଅବେଶ ହୁଏ, ତାହାଙ୍କର ଶକ୍ତିର ନୁହେଁ । ସେଥିପାଇଁ ଗୁରୁଙ୍କୁ ସାକ୍ଷାତ୍ ଭଗବତ୍ ବୁଦ୍ଧି କରାଯାଏ । ଶ୍ରୀମଭାଗବତରେ (୨।୧୫।୨୬) ଶ୍ରୀନାରଦଙ୍କର ଉପଦେଶରେ ଦେଖିବାକୁ ମିଳେ– ***"ଯସ୍ୟ ସାକ୍ଷାଦ୍ଭଗବତି ଜ୍ଞାନଦୀପ–ପ୍ରଦେ ଗୁରୌ । ମର୍ତ୍ୟାସଦ୍ଧୀଃ ଶ୍ରୁତଂ ତସ୍ୟ ସର୍ବଂ କୁଞ୍ଜରଶୌଚବତ୍ ।।"*** ଏହି ଶ୍ଲୋକର ଟୀକାରେ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀ ପାଦ କହିଅଛନ୍ତି, – ***"ସାକ୍ଷାଦ୍ ଭଗବତୀତି ଭଗବଦଂଶବୁଦ୍ଧିରପି ଗୁରୌ ନ କାର୍ଯ୍ୟେତି ଭାବଃ ।।"*** ସାକ୍ଷାତ୍ ଭଗବତ ସ୍ୱରୂପ ଜ୍ଞାନଦୀପପ୍ରଦାତା ଶ୍ରୀଗୁରୁଙ୍କଠାରେ ଭଗବାନଙ୍କର ଅଂଶ ବୁଦ୍ଧି ମଧ୍ୟ କରିବା ଉଚିତ୍ ନୁହେଁ । ଅର୍ଥାତ୍ ତାହାଙ୍କୁ ଶିଷ୍ୟ ସାକ୍ଷାତ୍ ଭଗବାନଙ୍କ ପ୍ରକାଶ ବୋଲିହିଁ ଜାଣିବେ । ନହେଲେ ମନ୍ତ୍ର ଶ୍ରବଣାଦି କୁଞ୍ଜରଶୌଚ (ହସ୍ତୀସ୍ନାନ) ପରି ବ୍ୟର୍ଥ ହେବ । ତତ୍‌ପରବର୍ତ୍ତି ଶ୍ଲୋକର ଟୀକାରେ ଶ୍ରୀଚକ୍ରବର୍ତ୍ତିପାଦ୍ ଲେଖିଛନ୍ତି–*"ନନୁ ଗୁରୋଃ ପିତ୍ୟ ସୁତ୍ରାଦୟଃ ପ୍ରତିବେଶିନଶ୍ଚ ତଂ ନରମେବ ମନ୍ୟତେ ? କଥମେକ ଏବାୟଂ ଶିଷ୍ୟସ୍ତଂ ପରମେଶ୍ୱରଂ ମନ୍ୟତାମତ ଆହ – ଏଷ ଇତି । ଭଗବାନ୍ ଯଦୁନନ୍ଦନୋ ରଘୁନନ୍ଦନୋ ବା ବୈ ନିଶ୍ଚିତମେବ ପ୍ରଧାନ ପୁରୁଷଯୋରୀଶ୍ୱରଃ । ଯଂ ଲୋକସ୍ତଦବତାର କାଳୋତ୍ପନ୍ନୋ ଜନଃ ନରଂ ମନ୍ୟତେ, ତେନ କିଂ ସ ନରୋଭବତି, ଅପିତୁ ପରମେଶ୍ୱର ଏବେତ୍ୟବଂ ଗୁରୁରପୀତି ଭାବଃ ।"* ବ୍ୟଷ୍ଟି ଗୁରୁଦେବଙ୍କ ପିତା, ପୁତ୍ରାଦି, ପ୍ରତିବେଶୀଗଣ ତ ଅପର ଗୁରୁଦେବଙ୍କୁ ମନୁଷ୍ୟ ବୋଲି ମନେ କରନ୍ତି, ତାହା ହେଲେ କେବଳମାତ୍ର ଏକ ଶିଷ୍ୟ କିପରି ତାହାଙ୍କ ଗୁରୁଙ୍କୁ ପରମେଶ୍ୱର ମନେ କରିବେ ? ଏଥିପାଇଁ କହୁଅଛନ୍ତି, ଭଗବାନ୍ ଶ୍ରୀଯଦୁନନ୍ଦନ ବା ଶ୍ରୀରଘୁନନ୍ଦନ ନିଶ୍ଚିତଭାବରେହିଁ ପ୍ରକୃତି ଓ ପୁରୁଷଙ୍କ ଈଶ୍ୱର କିନ୍ତୁ ସେହି ନିରାକୃତି ପରବ୍ରହ୍ମ ଯେଉଁ ସମୟରେ ଜଗତରେ ପ୍ରକଟଲୀଳା କରନ୍ତି ସେତେବେଳେ ତଦାନୀନ୍ତନ ସାଧାରଣ ବ୍ୟକ୍ତିଗଣ ତାହାଙ୍କୁ ମନୁଷ୍ୟ ବୋଲି ମନେ କରିଲେ ମଧ୍ୟ ସେ କଣ ମନୁଷ୍ୟ ହୋଇ ଯାଆନ୍ତି ? ବସ୍ତୁତଃ ସେ ପରମେଶ୍ୱରହିଁ ଥାଆନ୍ତି ତ୍ରୁଦ୍ରୂପ ଶ୍ରୀଗୁରୁଦେବ ମଧ୍ୟ ।

ଶ୍ରୀମାଧ୍ୱାଚାର୍ଯ୍ୟ ଶ୍ରୀଭାଗବତ ତାତ୍ପର୍ଯ୍ୟରେ ନିର୍ଦ୍ଦେଶ କରିଅଛନ୍ତି ।

ହରିରସ୍ମିନ୍ ସ୍ଥିତ ଇତି ସ୍ତ୍ରୀଣାଂ ଭର୍ତରି ଭାବନା ।
ଶିଷ୍ୟଣାଞ୍ଚ ଗୁରୌ ନିତ୍ୟଂ ଶୂଦ୍ରାଣାଂ ବ୍ରାହ୍ମଣାଦିଷୁ
ଭୃତ୍ୟାନାଂ ସ୍ୱାମିନି ତଥା ହରିଭାବ ଉଦୀରିତଃ ॥

'ଏହାଙ୍କଠାରେ (ମୋ ପତିଙ୍କ ମଧ୍ୟରେ) ଶ୍ରୀହରି ଅବସ୍ଥିତ ଏହି ଭାବରେହିଁ ସ୍ତ୍ରୀଗଣଙ୍କର ଭର୍ତାଙ୍କଠାରେ ହରିଭାବନା ହେବ, ଶ୍ରୀଗୁରୁଦେବଙ୍କଠାରେ ଶ୍ରୀହରି ନିତ୍ୟହିଁ ବିରାଜିତ – ଏହି ଭାବରେହିଁ ଶିଷ୍ୟଗଣଙ୍କର ଗୁରୁଙ୍କଠାରେ ହରିଭାବନା ହେବ, ଶୂଦ୍ରଗଣଙ୍କର ମଧ୍ୟ ତଦ୍ରୂପ ବ୍ରାହ୍ମଣାଦିଙ୍କଠାରେ ଏବଂ ଭୃତ୍ୟଗଣଙ୍କର ମଧ୍ୟ ପ୍ରଭୁଙ୍କଠାରେ ସେହିପରି ଅନ୍ତର୍ଯ୍ୟାମି – ବିଚାରରେହିଁ ହରିଭାବ କଥିତ ହୋଇଅଛି ।'

ଏହି ସ୍ଥାନରେ ବ୍ୟଷ୍ଟିଗୁରୁଦେବ କିନ୍ତୁ ସର୍ବକାରଣ କାରଣ ପରମେଶ୍ୱର ନୁହଁନ୍ତି । ଶିଷ୍ୟ ଦୃଷ୍ଟିରେ 'ଶ୍ରୀଗୁରୁଦେବ ସ୍ୱୟଂ ଭଗବାନଙ୍କର ପ୍ରକାଶ ବିଗ୍ରହ' ଶ୍ରୀମଭାଗବତ (୧୦।୮୦।୩୪) ଶ୍ରୀବୈଷ୍ଣବତୋଷଣୀ ଟୀକାର ଶ୍ରୀଜୀବପାଦ୍ କରିଛନ୍ତି – *"ଗୁରୌ ମଦାବେଶେନ ସାକ୍ଷାନ୍ନରୂପତ୍ୱାତ୍ ମଭକ୍ତବରରୂପତ୍ୱାଚ୍ଚେତି ଭାବଃ ।"* –ବ୍ୟଷ୍ଟିଗୁରୁଙ୍କଠାରେ ମୋର (ଶ୍ରୀକୃଷ୍ଣଙ୍କର) ଆବେଶ ଯୋଗୁଁ ସାକ୍ଷାତ୍‌ମୋର ସ୍ୱରୂପତ୍ୱ (ଶ୍ରୀକୃଷ୍ଣଙ୍କ ପ୍ରକାଶତ୍ୱ) ଏବଂ ମୋର (ଶ୍ରୀକୃଷ୍ଣଙ୍କର) ଭକ୍ତଶ୍ରେଷ୍ଠତ୍ୱ – ଏହି ଉଭୟହିଁ ଅଛି । ସ୍ୱୟଂ ଭଗବାନ କିନ୍ତୁ ଆବେଶ ଯୋଗୁଁ ଭଗବତ୍‌ସ୍ୱରୂପ ନୁହଁନ୍ତି – ସେ ସ୍ୱୟଂସିଦ୍ଧ ଭଗବତ୍ ସ୍ୱରୂପ, ଅର୍ଥାତ୍ ଗୁରୁଦେବ ଉଭୟ ଭଗବତ୍‌ତତ୍ତ୍ୱ ଓ ଭକ୍ତତତ୍ତ୍ୱର ସମାଶ୍ରୟ ।

ଭକ୍ତିର ସ୍ୱତଃ ଧର୍ମ୍ମ ଏହି ଯେ, ନିଜର ଆଶ୍ରୟ ଭକ୍ତକୁ ଭକ୍ତିରସର ବିରୋଧୀ ଭଗବତ୍–ରସାସ୍ୱାଦନରୁ ବିରତ ରଖନ୍ତି । ଶ୍ରୀଗୁରୁ ଭଗବତାର ହେଲେ ମଧ୍ୟ ଭକ୍ତଭାବର ଭକ୍ତିବାହୁଲ୍ୟ ଯୋଗୁଁ ଭକ୍ତିରସର ବିରୋଧୀ ଭଗବଦ୍ରସ ଉଦୟ ହୁଏ ନାହିଁ । "ମୁଁ ଭଗବାନ୍" ଏହି ପ୍ରକାର ଭାବ ଭକ୍ତିଭୂମାବତାର ଭକ୍ତରୂପ ଗୁରୁଙ୍କଠାରେ ହୋଇପାରେ ନାହିଁ । ଶ୍ରୀନାରଦାଦି ଭଗବଦବତାର ତାହାର ଦୃଷ୍ଟାନ୍ତସ୍ଥଳ । ଯେଉଁ ସ୍ଥଳେ ଯେତେ ଶୁଦ୍ଧ ଭକ୍ତିର ବାହୁଲ୍ୟ ସେ ସ୍ଥଳେ ସେତେ ଭକ୍ତୋଚିତ ସେବକ ଭାବହିଁ ପ୍ରକାଶ ପାଇଥାଏ । ସେ ସ୍ଥଳେ ଭଗବଦୈକ୍ୟ ଜ୍ଞାନରେ ନିଜକୁ ସେବ୍ୟ ମନେ କରିବା ଭକ୍ତିବିରୋଧୀ । ଆଶ୍ରୟ ଜାତୀୟ ରସହିଁ ଭକ୍ତିରସ, ବିଷୟ ଜାତୀୟ ରସ ଭଗବଦ୍ରସ ତାହାର ବିରୋଧୀ । ତେଣୁ ଭକ୍ତାବତାର ଶୁଦ୍ଧ ଭକ୍ତିମୟ ଶ୍ରୀଗୁରୁଙ୍କଠାରେ ବିଷୟ ଜାତୀୟ ଭଗବଦ୍ରସର ଉଦୟ ହୁଏ ନାହିଁ, ଭକ୍ତିନିଷ୍ଠ ଭକ୍ତିରସରହିଁ ଉଦୟ ହୁଏ । ଗୁରୁଙ୍କ ଭକ୍ତଭାବ ବା ଭକ୍ତ ସ୍ୱରୂପରେ ମର୍ଯ୍ୟାଦା ତାହାଙ୍କ ଶୁଦ୍ଧଭକ୍ତିର ଯାଜନରେହିଁ ସ୍ଥାପିତ ହୁଏ ଏବଂ ଏହି ଭକ୍ତିନିଷ୍ଠାହିଁ ବା ଏହି ଶୁଦ୍ଧ ଆଚାରହିଁ ଶିଷ୍ୟ ଶରୀରରେ ସଂକ୍ରମିତ ହୁଏ । ଠାକୁର ମହାଶୟ ଶ୍ରୀଗୁରୁଦେବଙ୍କୁ ଏହିପରି ଶୁଦ୍ଧଭକ୍ତି (କେବଳା ଭକ୍ତିର) ସଦ୍ମ ବା ଆଶ୍ରୟସ୍ଥଳ ବୋଲି କହିଛନ୍ତି –"ଶ୍ରୀଗୁରୁଚରଣ ପଦ୍ମ, କେବଳ ଭକତି ସଦ୍ମ", – ଅତଏବ ଏହା ପ୍ରମାଣିତ ହେଉଅଛି ଯେ ଶ୍ରୀଗୁରୁଦେବ ଶିଷ୍ୟର ଭଗବଦ୍‌ଭକ୍ତିର 'ଆଶ୍ରୟାଲୟନ' ।

ଶ୍ରୀଗୁରୁଦେବ ସ୍ୱରୂପତଃ ଶ୍ରୀଚୈତନ୍ୟକୃଷ୍ଣଙ୍କ ଦାସ (ଭକ୍ତଶ୍ରେଷ୍ଠ) କିନ୍ତୁ ଶିଷ୍ୟ ଦୃଷ୍ଟିରେ ଶ୍ରୀଚୈତନ୍ୟକୃଷ୍ଣଙ୍କର ପ୍ରକାଶ (*ପ୍ରକାଶସ୍ଥୁ ନ ଭେଦେଷୁ ଗଣ୍ୟତେ ସହି ନୋ ପୃଥକ୍* – 'ପ୍ରକାଶ' ଭେଦ ସମୂହ ମଧ୍ୟରେ ଗଣିତ ହୁଏ ନା, ତେଣୁ ପ୍ରକାଶ ପୃଥକ୍ ତତ୍ତ୍ୱ ନୁହନ୍ତି) । ଶ୍ରୀକବିରାଜ

ଗୋସ୍ୱାମୀପାଦ୍‌ଙ୍କ ଉକ୍ତି – *"ଯଦ୍ୟପି ଆମାର ଗୁରୁ ଚୈତନ୍ୟ ଦାସ । ତଥାପି ଜାନିଯେ ଆମି ତାହାର ପ୍ରକାଶ ॥"* ଶ୍ରୀଚୈତନ୍ୟଙ୍କ ଦାସ ରୂପେ ଭକ୍ତଶ୍ରେଷ୍ଠ ଏବଂ ଶ୍ରୀଚୈତନ୍ୟଙ୍କ ପ୍ରକାଶ ସ୍ୱରୂପ ବୋଲି ଶ୍ରୀଚୈତନ୍ୟଙ୍କଠାରୁ ଅଭିନ୍ନ । ତାହାଙ୍କର ଅଂଶତତ୍ତ୍ୱ ନୁହଁନ୍ତି । ଶ୍ରୀଗୁର୍ବାଷ୍ଟକରେ ଶ୍ରୀଚକ୍ରବର୍ତ୍ତିପାଦ୍ କହିଛନ୍ତି– *"ସାକ୍ଷାଦ୍ଧରିତ୍ୱେନ ସମସ୍ତ ଶାସ୍ତ୍ରୈରୁକ୍ତସ୍ତଥା ଭାବ୍ୟତ ଏବଂ ସଦ୍‌ଭିଃ । କିନ୍ତୁ ପ୍ରଭୋ ର୍ଯଃ ପ୍ରିୟ ଏବ ତସ୍ୟ ବନ୍ଦୋଗୁରୋଃ ଶ୍ରୀଚରଣାରବିନ୍ଦମ୍ ।"* – ଯିଏ ସମସ୍ତ ଶାସ୍ତ୍ରକର୍ତ୍ତୃକ ସାକ୍ଷାତ୍ ଶ୍ରୀହରିରୂପରେ ବର୍ଣ୍ଣିତ ଏବଂ ସଜ୍ଜନଗଣ କର୍ତ୍ତୃକ ସେହି ଭାବେ ଧ୍ୟାତ ହୁଅନ୍ତି, କିନ୍ତୁ ଯିଏ ସ୍ୱରୂପତଃ ଶ୍ରୀହରିଙ୍କ ପ୍ରିୟତମ ରୂପେହିଁ ତଦଭିନ୍ନ–ସେହି ଶ୍ରୀଗୁରୁଦେବଙ୍କ ଶ୍ରୀପାଦପଦ୍ମ ବନ୍ଦନା କରୁଅଛି । ଏହି ସମ୍ବନ୍ଧରେ ଶ୍ରୀଜୀବଗୋସ୍ୱାମୀପାଦ୍ ଭକ୍ତିସନ୍ଦର୍ଭ ୨୧୩ ଅନୁଚ୍ଛେଦରେ କହିଛନ୍ତି– କୌଣସି କୌଣସି ଶୁଦ୍ଧଭକ୍ତ କିନ୍ତୁ ଶ୍ରୀଭଗବାନଙ୍କ ସହିତ ଶ୍ରୀଗୁରୁ ଓ ଶ୍ରୀଶିବଙ୍କର ଅଭେଦଦୃଷ୍ଟି–ଭଗବତ–ପ୍ରିୟତମରୂପେହିଁ ସ୍ୱୀକାର କରନ୍ତି । ଶାସ୍ତ୍ରରେ ଶ୍ରୀଭଗବାନଙ୍କ ସହିତ ଶ୍ରୀଗୁରୁଙ୍କର ଓ ଶ୍ରୀଶିବଙ୍କର ଅଭେଦ ଦୃଷ୍ଟି କରିବାର ଯେଉଁ ଉପଦେଶ ଅଛି, ତାହାର ତାତ୍ପର୍ଯ୍ୟ ଏହା ନୁହେଁ ଶ୍ରୀଗୁରୁଦେବ ବା ଶ୍ରୀଶିବ ମହାଲକ୍ଷ୍ମୀପତି, ସେମାନେ ଉଭୟେହିଁ ଶ୍ରୀଭଗବାନଙ୍କ ପ୍ରିୟ । ଏହାହିଁ ଶୁଦ୍ଧଭକ୍ତିର ସିଦ୍ଧାନ୍ତ । ପ୍ରଚେତାଗଣ ନିଜ ଗୁରୁଦେବ ମହାଦେବଙ୍କୁ ଶ୍ରୀଭଗବାନଙ୍କ ପ୍ରିୟ ବୋଲିହିଁ (ଭା ୪।୩୦।୩୮) ସମ୍ବୋଧନ କରିଅଛନ୍ତି ।

ଶ୍ରୀରଘୁନାଥ ଦାସ ଗୋସ୍ୱାମିପାଦ୍ 'ମନଃ ଶିକ୍ଷାରେ' ଏହି ସିଦ୍ଧାନ୍ତହିଁ ସ୍ଥାପନ କରିଅଛନ୍ତି –*"ମୁକୁନ୍ଦ–ପ୍ରେଷ୍ଠତ୍ୱେ ଗୁରୁବରଂ ସ୍ମର"* (୨ୟଶ୍ଲୋକ) – ଶ୍ରୀଗୁରୁଦେବଙ୍କୁ ଶ୍ରୀମୁକୁନ୍ଦଙ୍କ ପ୍ରିୟତମ–ରୂପେ ସ୍ମରଣ କର । ସେ ଶ୍ରୀବିଳାପକୁସୁମାଞ୍ଜଳିର (୪ର୍ଥ ଶ୍ଲୋକ) ନିଜ ଶ୍ରୀମନ୍ତଗୁରୁଦେବଙ୍କୁ ବନ୍ଦନା କରିଛନ୍ତି–

ପ୍ରଭୁରପି ଯଦୁନନ୍ଦନୋ ଯ ଏଷ ପ୍ରିୟ–ଯଦୁନନ୍ଦନ ଉନ୍ନତ–ପ୍ରଭାବଃ ।
ସ୍ୱୟମତୁଳ–କୃପାମୃତାଭିଷେକଂ ମମ କୃତବାଂସ୍ତମହଂ ଗୁରୁ ପ୍ରପଦ୍ୟେ ॥

ଏହି ଶ୍ରୀଯଦୁନନ୍ଦନ ଆଚାର୍ଯ୍ୟପାଦ୍ ଯିଏ ଶ୍ରୀଯଦୁନନ୍ଦନ ଶ୍ରୀକୃଷ୍ଣଙ୍କ ପ୍ରିୟ ଏବଂ ଯିଏ ଉନ୍ନତ ପ୍ରଭାବ ଓ ପ୍ରଭୁ ହୋଇ ମଧ୍ୟ ଅତୁଳନୀୟ କୃପାମୃତରେ ମୋତେ ଅଭିଷିକ୍ତ କରିଅଛନ୍ତି, ସେହି ଶ୍ରୀଗୁରୁଦେବଙ୍କ ଶରଣ ଗ୍ରହଣ କରୁଅଛି ।

ଶ୍ରୀକବିକର୍ଣ୍ଣପୁରଗୋସ୍ୱାମିପାଦ୍ ଶ୍ରୀଆନନ୍ଦବୃନ୍ଦାବନଚମ୍ପୁରେ (୧।୫) କହିଛନ୍ତି – *ଗୁରୁଂ ନଃ ଶ୍ରୀନାଥାଭିମବନି ଦେବାନ୍ୱୟବିଧୁଂ, ନୁମୋ ଭୂଷାରତ୍ନଂ ଭୁବ ଇବ ବିଭୋରସ୍ୟ ଦୟିତମ୍ ।* – ଯିଏ ଭୂଦେବ (ବ୍ରାହ୍ମଣ) ବଂଶ ରୂପ ସମୁଦ୍ରରେ ଚନ୍ଦ୍ରସ୍ୱରୂପ, ଯିଏ ପୃଥିବୀର ଭୂଷଣ, ରତ୍ନ ପରି ଯିଏ ଶ୍ରୀଚୈତନ୍ୟମହାପ୍ରଭୁଙ୍କର ପ୍ରିୟ ମୋର ସେହି ଶ୍ରୀଶ୍ରୀନାଥ (ଶ୍ରୀନାଥଚକ୍ରବର୍ତ୍ତୀ) ନାମକ ଗୁରୁଦେବଙ୍କୁ ନମସ୍କାର କରୁଅଛି । ଶ୍ରୀଳବିଶ୍ୱନାଥଚକ୍ରବର୍ତ୍ତୀ ପାଦ୍ (ଭା ୧୧।୧୭।୨୩) *"ଆଚାର୍ଯ୍ୟ ମାଂ ବିଜାନୀୟାତ୍"* ଶ୍ଲୋକର ଶ୍ରୀକୃଷ୍ଣଙ୍କ ବାଣୀର ଏହି 'ମାଂ' ଶବ୍ଦର ଟୀକାରେ ଏହାର ଅର୍ଥ କରିଅଛନ୍ତି 'ମଦୀୟଂ' ଅର୍ଥାତ୍ – ଶ୍ରୀଗୁରୁଦେବଙ୍କୁ ମତ୍‌ସ୍ୱରୂପ ବା ମୋର ହିଁ ସ୍ୱରୂପ ଜାଣିବ ଅର୍ଥାତ୍ ମୋରହିଁ ଜନ ବୋଲି ଜାଣିବ । ତେଣୁ ବ୍ୟଷ୍ଟି (ମନ୍ତ୍ର) ଗୁରୁଦେବଙ୍କୁ ଶ୍ରୀକୃଷ୍ଣଙ୍କ ଜନ ବା ଶ୍ରୀକୃଷ୍ଣଙ୍କ ପ୍ରିୟ ବୋଲି ବିଚାର କରିବା କର୍ତ୍ତବ୍ୟ । ସେଥିପାଇଁ ଶ୍ରୀଗୁରୁଙ୍କୁ *"ସାକ୍ଷାଦ୍‌ଭଗବାନବାୟଂ"* *"ସାକ୍ଷାତ୍ ଭଗବତ୍ତୁଲ୍ୟ ପୂଜା ଏବାୟଂ"* ଅର୍ଥାତ୍ ସାକ୍ଷାତ୍

ଭଗବତ୍ତୁଲ୍ୟ ପୂଜ୍ୟତ୍ୱ ଜ୍ଞାନରେ ଗୁରୁସେବା କରିବାକୁ ହେବ ଯଦ୍ଦ୍ୱାରା ଗୁରୁଙ୍କ ଭକ୍ତତ୍ୱ ଧର୍ମ୍ମର ମର୍ଯ୍ୟଦାର ଅତିକ୍ରମ ଜନିତ ଦୋଷ ମଧ୍ୟ ବହନ କରିବାକୁ ନହୁଏ । ତେଣୁ ଶ୍ରୀଗୁରୁଙ୍କୁ ସାକ୍ଷାତ୍ ଭଗବାନ ବା ନିଜ ଇଷ୍ଟଦେବ ରୂପେ ଭକ୍ତି କରିଲେ ମଧ୍ୟ ଶ୍ରୀଗୋବିନ୍ଦଚରଣ ପ୍ରିୟା ଶ୍ରୀତୁଳସୀ ପ୍ରଭୃତି ଉପକରଣ ଦ୍ୱାରା ତାହାଙ୍କ ଅର୍ଚ୍ଚନା କରିବେ ନାହିଁ – ଯାହା ତତ୍ତ୍ୱବିରୋଧୀ ଏବଂ ଭକ୍ତରୂପି ଶ୍ରୀଗୁରୁଦେବଙ୍କ ଅପ୍ରୀତିଜନକହିଁ ହୋଇଥାଏ । ଶ୍ରୀହରିଙ୍କ ପ୍ରସାଦି ବା ନିର୍ମାଲ୍ୟ ଦ୍ୱାରାହିଁ ତାହାଙ୍କ ଅର୍ଚ୍ଚନ ବୈଷ୍ଣବ ସିଦ୍ଧାନ୍ତ ସମ୍ମତ ।

ଶ୍ରୀଗୌଡ଼ୀୟ ସମ୍ପ୍ରଦାୟରେ ଶ୍ରୀଗୁରୁଦେବଙ୍କ ସ୍ୱରୂପ

ଶ୍ରୀମନ୍ମହାପ୍ରଭୁଙ୍କ ଚରଣାନୁଚର ଗୋସ୍ୱାମୀ ବର୍ଗଙ୍କ ସିଦ୍ଧାନ୍ତ ଅନୁସାରେ ଶ୍ରୀବୃନ୍ଦାବନଲୀଳା ଓ ଶ୍ରୀନବଦ୍ୱୀପ ଲୀଳା ନିତ୍ୟ । ଶ୍ରୀମନ୍ମହାପ୍ରଭୁଙ୍କ ପ୍ରବର୍ତ୍ତିତ ଶ୍ରୀରାଗାନୁଗା ମାର୍ଗର ପ୍ରତ୍ୟେକ ସାଧକଙ୍କର ଦୁଇଟି ସ୍ୱରୂପର କଥା ଶ୍ରୀଗୋସ୍ୱାମୀବର୍ଗ ନିର୍ଦ୍ଧାରଣ କରିଯାଇଛନ୍ତି, ପ୍ରଥମତଃ – ଶ୍ରୀନବଦ୍ୱୀପ ଲୀଳାରେ ବ୍ରାହ୍ମଣ ବାଳକ ରୂପରେ ଶ୍ରୀନବଦ୍ୱୀପଚନ୍ଦ୍ର ଗୌରହରିଙ୍କ ସେବକ, ଏବ ଦ୍ୱିତୀୟତଃ ଶ୍ରୀବୃନ୍ଦାବନ ଲୀଳାରେ ଶ୍ରୀରାଧିକାଙ୍କ ଯୂଥସ୍ଥିତା ଶ୍ରୀରୂପମଞ୍ଜରୀ ଆଦିଙ୍କ ଅନୁଗତା ଦାସୀ । ଏପର୍ଯ୍ୟନ୍ତ ଶ୍ରୀମନ୍ମହାପ୍ରଭୁଙ୍କ ରାଗାନୁଗା ଧାରାରେ ଆଗତ ନିତ୍ୟସିଦ୍ଧ ପାର୍ଷଦ ଓ ସାଧନସିଦ୍ଧ ତଥା ସାଧକଗଣ ଯୁଗପତ୍ ଏହି ଦୁଇ ସ୍ୱରୂପର ଅଭିମାନରେ ଏହି ଦୁଇ ଲୀଳାରେ ଶ୍ରୀଶ୍ରୀଗୌରଗୋବିନ୍ଦଙ୍କ ମାନସୀସେବା ସୁଖର ଆସ୍ୱାଦନ ସୌଭାଗ୍ୟ ଲାଭେ ଧନ୍ୟ ହୋଇଅଛନ୍ତି ।

ତେଣୁ ଏହି ରାଗାନୁଗା ମାର୍ଗରେ ଦୀକ୍ଷା ପ୍ରଦାନ ସମୟରେ ସାଧକକୁ ଅବିଚ୍ଛିନ୍ନ ଗୁରୁପରମ୍ପରାରେ ଆଗତ ଏହି ଦୁଇ ସିଦ୍ଧ ସ୍ୱରୂପ ପ୍ରଦାନ କରାଯାଇଥାଏ– ଶ୍ରୀନବଦ୍ୱୀପରେ ବ୍ରାହ୍ମଣ ବାଳକ ଏବଂ ଶ୍ରୀବୃନ୍ଦାବନରେ ଶ୍ରୀରାଧାଗୋବିନ୍ଦଙ୍କ ପରିଚର୍ଯ୍ୟା ପରାୟଣା ଶ୍ରୀରାଧାଦାସୀ । (ପରବର୍ତ୍ତୀ ଅଧ୍ୟାୟରେ ଏହାର ବିଶେଷ ଭାବରେ ବର୍ଣ୍ଣନା କରାହୋଇଅଛି ।) ବାହ୍ୟରେ ସାଧକ ଶରୀରରେ ଓ ଅନ୍ତରରେ ସିଦ୍ଧ ଶରୀରରେ ଏହି ଦ୍ୱିବିଧ ଭଜନର କଥା ଶ୍ରୀରୂପଗୋସ୍ୱାମୀପାଦ୍ ଶ୍ରୀଭକ୍ତିରସାମୃତ ସିନ୍ଧୁରେ ବର୍ଣ୍ଣନା କରିଅଛନ୍ତି–

ସେବା ସାଧକ ରୂପେଣ, ସିଦ୍ଧରୂପେଣ ଚାତ୍ର ହି ।
ତଦ୍ଭାବଲିପ୍ସୁନା କାର୍ଯ୍ୟା ବ୍ରଜଲୋକାନୁସାରତଃ ॥ (ଭରସି୧।୨।୨୯୫)

ଏହାର ତାତ୍ପର୍ଯ୍ୟ ଯଥା (ଚୈ:ଚ:୨।୨୨।୨୮୦–୯୦) –

ବାହ୍ୟ ଅନ୍ତର ଇହାର ଦୁଇତ ସାଧନ । ବାହ୍ୟେ ସାଧକ ଦେହେ କରେ ଶ୍ରବଣ କୀର୍ତ୍ତନ ॥
ମନେ ନିଜ ସିଦ୍ଧ ଦେହ କରିୟା ଭାବନ । ରାତ୍ରିଦିନ କରେ ବ୍ରଜେ–କୃଷ୍ଣେର ସେବନ ॥

ଶ୍ରୀବକ୍ରେଶ୍ୱର ପଣ୍ଡିତ ଗୋସ୍ୱାମୀଙ୍କ ଶିଷ୍ୟବର ଶ୍ରୀଗୋପାଳଗୁରୁ ଗୋସ୍ୱାମୀ ତାହାଙ୍କ ସ୍ମରଣ ପଦ୍ଧତିରେ ଓ ତତ୍‌ଶିଷ୍ୟ ଶ୍ରୀଧ୍ୟାନଚନ୍ଦ୍ର ଗୋସ୍ୱାମୀ ତାହାଙ୍କ ଧ୍ୟାନଚନ୍ଦ୍ରପଦ୍ଧତିରେ ଓ ଶ୍ରୀଗୋବର୍ଦ୍ଧନର ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜ ତାହାଙ୍କ ସାଧନାମୃତଚନ୍ଦ୍ରିକାରେ ରାଗାନୁଗା ମାର୍ଗର ସାଧକମାନଙ୍କର ଗୌର–ଗୋବିନ୍ଦଙ୍କ ସେବା–ଅର୍ଚ୍ଚନ ବିଷୟରେ ବିଶଦ ଭାବରେ ବର୍ଣ୍ଣନା କରି ସାଧକର ଏହି ଦ୍ୱିବିଧ ସ୍ୱରୂପର କଥା ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଅଛନ୍ତି । ଅତଏବ ସାଧକର ଦୁଇସ୍ୱରପରେ ବିଦ୍ୟମାନତାରୁ ଏହା ସ୍ପଷ୍ଟଯେ ଶ୍ରୀଗୁରୁଙ୍କର ମଧ୍ୟ ଦୁଇଟି ସ୍ୱରୂପ ରହିଅଛି – ଶ୍ରୀନବଦ୍ୱୀପରେ ବ୍ରାହ୍ମଣ ବାଳକ ଓ ଶ୍ରୀବୃନ୍ଦାବନରେ ଶ୍ରୀରାଧାଦାସୀ ବା

(ଗୁରୁରୂପା ସଖୀ-ମଞ୍ଜରୀ) । କିନ୍ତୁ ଏଠାରେ ଶିଷ୍ୟର ଗୁରୁଙ୍କଠାରେ ସାକ୍ଷାତ୍ ଭଗବତ୍ ଜ୍ଞାନ ଆଚ୍ଛନ୍ନ ରିହଥାଏ । ଏଠାରେ ଗୁରୁଦେବ ଶିଷ୍ୟର ବାନ୍ଧବ ଓ ବାନ୍ଧବୀ । ଶ୍ରୀଧ୍ୟାନଚନ୍ଦ୍ରଗୋସ୍ୱାମୀଙ୍କ ପଦ୍ଧତିରେ ବର୍ଣ୍ଣିତ ଅଛି- *"ଏବମ୍ଭୂତେ ଶ୍ରୀନବଦ୍ୱୀପ ମଧ୍ୟେ ମନସି ନିବାସଂ କୃତ୍ୱା ତତ୍ର ଶ୍ରୀଗୁରୁଦେବସ୍ୟ ଶଯ୍ୟୋତ୍ଥାନ ମୁଖପ୍ରକ୍ଷାଳନ ଦନ୍ତଧାବନାଦିକ୍ରମେ ଯଥାଯୋଗ୍ୟଂ ସେବାଂ କୁର୍ଯ୍ୟାତ୍ । ସେବାନ୍ତରଂ ଧ୍ୟାୟେତ ଯଥା ଯାମଳେ-*

"କୃପାମ୍ବରନ୍ଦାନ୍ୱିତପାଦପଙ୍କଜଂ ଶ୍ୱେତାମ୍ବର ଗୌରରୁଚିଂ ସନାତନମ୍
ଶନ୍ଦଂ ସୁମାଲ୍ୟଭରଣଂ ଗୁଣାଳୟଂ ସ୍ମରାମି ସଭକ୍ତମହଂ ଗୁରୁଂ ହରିମ୍ ॥"

ଶ୍ରୀଗୁରୁ ପରମଗୁରୁ ପରାତ୍ପର ଗୁରୁ ପରମେଷ୍ଠିଗୁରୁଣା ମନୁଗାମିତ୍ୱେନ ଶ୍ରୀମନ୍ମହାପ୍ରଭୋର୍ମନ୍ଦିରଂ ଗଚ୍ଛେତ ।

ଅନୁବାଦ - ଏହିପରି ବର୍ଣ୍ଣିତ ଥିବା ଶ୍ରୀନବଦ୍ୱୀପ ମଧ୍ୟରେ ସାଧକ ମାନସ ଦେହରେ (ଶ୍ରୀଗୁରୁଦତ୍ତ ଗୌରକିଙ୍କର ରୂପି ସିଦ୍ଧ ଦେହରେ) ନିବାସ କରି ଶ୍ରୀନବଦ୍ୱୀପ ମଧ୍ୟରେ ଶ୍ରୀଗୌରପରିକରରୂପେ ନିତ୍ୟହିଁ ବିରାଜିତ ଶ୍ରୀଗୁରୁଦେବଙ୍କ ଶଯ୍ୟୋତ୍ଥାନ, ମୁଖପ୍ରକ୍ଷାଳନ ଓ ଦନ୍ତଧାବନାଦି ଯଥାଯୋଗ୍ୟ ସେବା କ୍ରମପୂର୍ବକ କରିବେ । ଏହାପରେ ଶ୍ରୀଗୁରୁଦେବଙ୍କ ଧ୍ୟାନ କରିବେ । ଯାମଳରେ ଉକ୍ତ ଶ୍ରୀଗୁରୁଧ୍ୟାନ ଯଥା - ଯାହାଙ୍କ ଶ୍ରୀପାଦପଦ୍ମ କୃପା ମକରନ୍ଦରେ ପୂର୍ଣ୍ଣ, ଯିଏ ଶୁକ୍ଳାମ୍ବରଧାରୀ (ଶ୍ୱେତବସ୍ତ୍ରଧାରୀ) ଗୌରକାନ୍ତି, ସୁମାଲ୍ୟରେ ବିଭୂଷିତ, ଗୁଣାଳୟ, ମଙ୍ଗଳପ୍ରଦ ସେହି ନିତ୍ୟତନୁ ସଭକ୍ତିମୟ ଶ୍ରୀଗୁରୁରୂପୀ ହରିଙ୍କୁ ସ୍ମରଣ କରୁଅଛି । ଏହାପରେ ମାନସ ଦେହରେ ସାଧକ ଶ୍ରୀଗୁରୁ, ପରମଗୁରୁ, ପରାତ୍ପରଗୁରୁ ଓ ପରମେଷ୍ଠିଗୁରୁଙ୍କ ଅନୁଗାମୀ ହୋଇ ଶ୍ରୀମନ୍ମାହାପ୍ରଭୁଙ୍କ ମନ୍ଦିରକୁ ଗମନ କରିବେ ।

ପୁନଃ ନିତ୍ୟ ପ୍ରାତଃ ନବଦ୍ୱୀପ ଯୋଗପୀଠ ସ୍ମରଣ ସମୟରେ ମଧ୍ୟ ଶ୍ରୀପଞ୍ଚତତ୍ତ୍ୱଙ୍କ ସହିତ ଶ୍ରୀଗୁରୁଦେବଙ୍କ ସ୍ମରଣ କଥା ଉଲ୍ଲେଖ ହୋଇଅଛନ୍ତି, ଯଥା (ସ୍ମରଣପଦ୍ଧତି ଓ ଧ୍ୟାନଚନ୍ଦ୍ରପଦ୍ଧତି)-

ତନ୍ମଧ୍ୟେ ଶ୍ରୀଗୌଚନ୍ଦ୍ରଂ ବାମେ ଶ୍ରୀଳଗଦାଧରମ୍ । ତଦ୍ଦକ୍ଷିଣେଦ୍ଧବଧୂତେନ୍ଦ୍ରଂ ଶ୍ରୀଳାଦ୍ୱୈତଂ ତତଃ ସ୍ମରେତ୍ ॥
ତଦ୍ଦକ୍ଷିଣେ ଶ୍ରୀନାବାସଂ ସ୍ମରେତ୍ ଶ୍ରୀପଣ୍ଡିତୋତ୍ତମମ୍ । ସ୍ମରେତ୍ ଶ୍ରୀଭକ୍ତବୃନ୍ଦଞ୍ଚ ଚତୁର୍ଦିକ୍ଷୁ ସୁବେଷ୍ଟିତମ୍ ॥
ଶ୍ରୀମଦ୍ଗୌରଭକ୍ତବୃନ୍ଦେ ସ୍ୱୀୟ ସ୍ୱୀୟଗଣାନ୍ୱିତେ । ରୂପସ୍ୱରୂପ ପ୍ରମୁଖେ ସ୍ୱଗଣସ୍ଥାନ ଗୁରୂନ୍ ସ୍ମରେତ୍ ॥

ତତ୍ରାଦୌ ଶ୍ରୀଗୁରୁସ୍ମରଣ ଯଥା ସନତକୁମାର ସଂହିତାୟାମ୍ -

ଶଶାଙ୍କଯୁତସଂକାଶଂ ବରାଭୟଲସତ୍କରମ୍ । ଶୁକ୍ଳାମ୍ବରଧରଂ ଦିବ୍ୟଶୁକ୍ଳମାଲ୍ୟାନୁଲେପନମ୍ ॥
ପ୍ରସନ୍ନବଦନଂ ଶାନ୍ତଂ ଭଜନାନନ୍ଦବିର୍ବୃତମ୍ । ଦିବ୍ୟରୂପଧରଂ ଧ୍ୟାୟେତ୍ ବରଦଂ କମଳେକ୍ଷଣମ୍ ॥
ସୁନ୍ଦରଂ ଦ୍ୱିଭୁଜଂ ଗୌରଂ କୈଶୋରବୟସୋଜ୍ଜ୍ୱଳମ୍ । ରୂପ ପୂର୍ବଗୁରୁଗଣାନୁଗତଂ ସେବନୋତ୍ସକମ୍ ॥
ଏବଂ ରୂପଂ ଗୁରୁଂ ଧ୍ୟାୟେନ୍ମନସା ସାଧକଃ ଶୁଚିଃ ।

ଅନୁବାଦ :- "କମଳାକୃତି (ଯୋଗପୀଠରେ ଥିବା) ଏହି ସିଂହାସନ ମଧ୍ୟରେ ଶ୍ରୀଗୌରଚନ୍ଦ୍ରଙ୍କୁ ସ୍ମରଣ କରିବେ । ଶ୍ରୀଗୌରଙ୍କ ବାମରେ ଶ୍ରୀଳ ଗଦାଧର ଏବଂ ଦକ୍ଷିଣରେ ଶ୍ରୀନିତ୍ୟାନନ୍ଦଙ୍କୁ ସ୍ମରଣ କରି ଶ୍ରୀଅଦ୍ୱୈତ ଏବଂ ତାହାଙ୍କ ଦକ୍ଷିଣେ ପଣ୍ଡିତୋତ୍ତମ ଶ୍ରୀବାସଙ୍କୁ ସ୍ମରଣ କରିବେ । ତାହା ପରେ ସିଂହାସନର ଚତୁର୍ଦ୍ଦିଗରେ ସୁବେଷ୍ଟିତ ଶ୍ରୀଭକ୍ତବୃନ୍ଦଙ୍କୁ ସ୍ମରଣ କରିବେ । ନିଜ ନିଜ ଗଣାନ୍ୱିତ ରୂପ-ସ୍ୱରୂପ-ପ୍ରମୁଖ ଶ୍ରୀଗୌରଭକ୍ତବୃନ୍ଦ ମଧ୍ୟରେ ନିଜଗଣସ୍ଥ

ଗୁରୁବର୍ଗଙ୍କୁ ସ୍ମରଣ କରିବେ । ଏହି ସମସ୍ତ ସ୍ମରଣ ବିଷୟରେ ପ୍ରଥମେ ଶ୍ରୀଗୁରୁସ୍ମରଣ କର୍ତ୍ତବ୍ୟ, ତାହା ସନତ୍‌କୁମାର ସଂହିତାରେ ଉକ୍ତ ଅଛି, ଯଥା– ଯିଏ ଅଯୁତଚନ୍ଦ୍ରତୁଲ୍ୟ ସମୁଜ୍ଜ୍ୱଳ ଓ ସୁଶୀତଳ, ବର ଓ ଅଭୟଦାନମୁଦ୍ରାରେ ଯାହାଙ୍କ କରଯୁଗଳ ଶୋଭାୟମାନ, ଯିଏ ଶୁକ୍ଲାମ୍ବରଧାରୀ, ଅଲୌକିକ ଶୁକ୍ଲମାଲ୍ୟ ଓ ଅନୁଲୋପନରେ ଭୂଷିତ, ପ୍ରସନ୍ନ ବଦନ, ଶାନ୍ତ, ଭଜନାନନ୍ଦରେ ଆନନ୍ଦିତ, ଦିବ୍ୟରୂପଧର ଅର୍ଥାତ୍ ସଚ୍ଚିଦାନନ୍ଦ ବିଗ୍ରହ, ବରଦ, କମଳନେତ୍ର, ସୁନ୍ଦର, ଦ୍ୱିଭୁଜ, ଗୌରବର୍ଣ୍ଣ, କୈଶୋର ବୟସରେ ଉଜ୍ଜ୍ୱଳ, ଶ୍ରୀରୂପପ୍ରମୁଖ ଗୁରୁ (ଆଚାର୍ଯ୍ୟ) ଗଣଙ୍କ ଅନୁଗତ ଓ ଭଗବତ୍ ସେବନରେ ଉତ୍କଣ୍ଠିତ – ଏହିପରି ଶ୍ରୀଗୁରୁଦେବଙ୍କୁ ସାଧକ, ଶୁଚି ହୋଇ ମନଦ୍ୱାରା ସ୍ମରଣ କରିବେ ।'' –ଅତଏବ ଏଠାରେ ଆଶ୍ରୟ ବିଗ୍ରହ ରୂପେହିଁ ଶ୍ରୀଗୁରୁଦେବଙ୍କ ପାଦପଦ୍ମ–ଯୁଗଳ ଚିନ୍ତା କରିବାର ପ୍ରଣାଳୀ କଥିତ ହୋଇଅଛି କାରଣ ସେ ଅନୁକ୍ଷଣ ଶ୍ରୀକୃଷ୍ଣଭଜନାନନ୍ଦରେ ମଗ୍ନ ଓ ରୂପସନାତନାଦି ଗୁରୁବର୍ଗଙ୍କ ଆନୁଗତ୍ୟରେ ଶ୍ରୀଭଗବତ୍ ସେବାରେ ଉସୁକ ।

ଶ୍ରୀବୃନ୍ଦାବନରେ ମଧ୍ୟ ସଖୀ–ମଞ୍ଜରୀ ବା ରାଧାଦାସୀ ରୂପରେ ଗୁରୁଙ୍କ ସ୍ୱରୂପର କଥା ଶ୍ରୀଧ୍ୟାନଚନ୍ଦ୍ର ଗୋସ୍ୱାମୀ ତାହାଙ୍କ ପଦ୍ଧତିରେ ଲେଖିଛନ୍ତି–

''ତତ୍‌ସଖୀଗଣ ମଧ୍ୟେ ସ୍ୱଯୂଥେଶ୍ୱରୀଂ ତାସାଂ ମଧ୍ୟେ ଶ୍ରୀଗୁରୁରୂପାଂ ସଖୀଂଧ୍ୟାୟେତ୍ ।
ଚିଦାନନ୍ଦରସମୟୀଂ ଦ୍ରୁତହେମସମ–ପ୍ରଭାମ୍ । ନୀଳବସ୍ତ୍ର–ପରିଧାନାଂ ନାନାଳଙ୍କାର–ଭୂଷିତାମ୍ ॥
ରାଧିକା–କୃଷ୍ଣୟୋଃ ପାର୍ଶ୍ୱବର୍ତିନୀଂ ନବ–ଯୌବନାମ୍ । ଗୁରୁରୂପାଂ ସଖୀଂ ବନ୍ଦେ ସଦାନନ୍ଦ ପ୍ରଦାୟିନୀମ୍ ॥ ଏବଂ କ୍ରମେଣ ସର୍ବା ଗୁରୁରୂପାଃ ସଖୀଃ ସଞ୍ଚିନ୍ତ୍ୟାତ୍ମନ ସ୍ତଦନୁଗଦାସୀତ୍ୱଂ ଚିନ୍ତୟେତ୍ । ଏବଂ ଶ୍ରୀଗୁରୁରୂପ–ସଖୀନାଂ ସ୍ୱ–ସ୍ୱ ସିଦ୍ଧଦେହାନ୍ ଷୋଡ଼ଶ–ଶୃଙ୍ଗାରୈ ର୍ଦ୍ୱାଦଶାଭରଣୈଶ୍ଚ ଭୂଷିତା ଚିନ୍ତୟେତ୍ ।''

ଶ୍ରୀରାଧାକୃଷ୍ଣଙ୍କ ସଖୀଗଣଙ୍କ ମଧ୍ୟରେ ସ୍ୱଯୂଥେଶ୍ୱରୀ ଏବଂ ସେମାନଙ୍କ ମଧ୍ୟରେ ଶ୍ରୀଗୁରୁରୂପା ସଖୀଙ୍କୁ ଧ୍ୟାନ କରିବ । ''ଚିଦାନନ୍ଦରସମୂର୍ତ୍ତି, ଗଳିତ ସୁବର୍ଣ୍ଣତୁଲ୍ୟ ପ୍ରଭାଶାଳିନୀ, ନୀଳବସ୍ତ୍ର ପରିହିତା, ନାନାବିଧ ଅଳଙ୍କାରେ ଭୂଷିତା, ରାଧାକୃଷ୍ଣଙ୍କ ପାର୍ଶ୍ୱେ ଅବସ୍ଥିତା, ନବଯୁବତୀ, ସର୍ବଦା ଆନନ୍ଦ–ଦାତ୍ରୀ, ଶ୍ରୀଗୁରୁରୂପା ସଖୀଙ୍କୁ ମୁଁ ବନ୍ଦନା କରୁଅଛି ।'' ଏହିପରି ସମସ୍ତ – ଶ୍ରୀଗୁରୁରୂପା ସଖୀଗଣଙ୍କ ଚିନ୍ତା କରି ନିଜକୁ ସେହି ସଖୀଙ୍କ ଅନୁଗତା ଦାସୀ ବୋଲି ଜାଣିବେ । ଏହିପରି ଗୁରୁରୂପା ସଖୀଗଣଙ୍କର ନିଜ ନିଜ ସିଦ୍ଧଦେହ ଷୋଡ଼ଶ ଶୃଙ୍ଗାର ଓ ଦ୍ୱାଦଶ ଆଭରଣରେ ଭୂଷିତ ଚିନ୍ତା କରିବେ । *'ତତଃ ଶ୍ରୀଗୁରୁରୂପ୍ ସଖ୍ୟାଜ୍ଞୟା ଶ୍ରୀରାଧାକୃଷ୍ଣୟୋଃ ପଞ୍ଚୋପଚାରୈଃ ସେବାଂ କୁର୍ଯ୍ୟାତ୍'*–ଏହାପରେ ଶ୍ରୀଗୁରୁରୂପା ସଖୀଙ୍କ ଆଦେଶକ୍ରମରେ ପଞ୍ଚ–ଉପଚାରରେ ଶ୍ରୀରାଧାକୃଷ୍ଣଙ୍କର ଅର୍ଚ୍ଚନ କରିବେ ।

ଶ୍ରୀଳ ଗୋପାଳଗୁରୁ ଗୋସ୍ୱାମୀ ମଧ୍ୟ 'ସ୍ମରଣପଦ୍ଧତି'ରେ ଲେଖିଅଛନ୍ତି– *''ସାଧକଃ ସିଦ୍ଧଦେହେନ କୁର୍ଯାତ୍ କୃଷ୍ଣପ୍ରିୟାଗୃହେ । ଗୁରୁରୂପା–ପ୍ରିୟା–ପାର୍ଶ୍ୱେ ଲଳିତାଦି ପ୍ରିୟାଗଣେ ।''*

ନିବାସଂ ଯାବଟେ ନିତ୍ୟଂ ଗୁରୁରୂପା–ସଖୀଯୂଥଃ ।
ଶ୍ରୀଯାବଟପୁରେ ଶ୍ରୀମଦ୍‌ବୃଷଭାନୁପୁରେଽପି ଚ ॥ (୨୯୯–୩୦୦)

ସାଧକ ସିଦ୍ଧଦେହ ଭାବନା କରି କୃଷ୍ଣପ୍ରିୟା ଶ୍ରୀରାଧାରାଣୀଙ୍କ ଗୃହରେ(ଯାବଟରେ ଏବଂ ବର୍ଷଣାରେ) ଗୁରୁରୂପା ସଖୀଙ୍କ ଯୂଥରେ ଲଳିତାଦି ପ୍ରିୟାଗଣଙ୍କ ସହିତ ନିତ୍ୟ ଅବସ୍ଥାନ କରିବେ ।

ଗୁରୁରୂପା ସଖୀବାମେ ତ୍ରିଭଙ୍ଗ ହଇୟା ପ୍ରେମେ, ଚାମରର ବାତାସ କରିବେ ॥ (ପ୍ରାର୍ଥନା-୪୨)

ଶ୍ରୀନରୋତ୍ତମ ଦାସ ଠାକୁର ମହାଶୟ ତାହାଙ୍କ ପ୍ରାର୍ଥନାର ବହୁସ୍ଥଳରେ ତାହାଙ୍କ ଶ୍ରୀଗୁରୁଦେବଙ୍କୁ ମଞ୍ଜୁଲାଳୀ ମଞ୍ଜରୀ ରୂପରେ ସମ୍ବୋଧନ କରିଅଛନ୍ତି- *"ଶ୍ରୀରୂପ ପଣ୍ଡାତେ ଆମେ ରହିବ ଭୀତ ହୟାଁ । ଦୋହେଁ ପୁନଃ କହିବେନ ଆମା ପାନେ ଚାୟାଁ ॥ ସଦୟ ହୃଦୟେ ଦୋଁହେ କହିବେନ ହାସି । କୋଥାୟ ପାଇଲେ ରୂପ, ଏଇ ନବ ଦାସୀ ॥ ଶ୍ରୀରୂପମଞ୍ଜରୀ ତବେ ଦୋଁହାବାକ୍ୟ ଶୁନି । ମଞ୍ଜୁଲାଲୀ ଦିଲ ମୋରେ ଏଇ ଦାସୀ ଆନି ॥ ଅତି ନମ୍ରଚିତ୍ତ ଆମି ଇହାରେ ଜାନିଲ । ସେବାକାର୍ଯ୍ୟ ଦିୟା ତବେ ଏଥାୟ ରାଖିଲ ॥ ହେନ ତତ୍ତ୍ୱ ଦୋହାକାର ସାକ୍ଷାତେ କରିୟା । ନରୋତ୍ତମେ ସେବାୟ ଦିବେ ନିଯୁକ୍ତ କରିୟା ॥* (ପ୍ରାର୍ଥନା -୩୧)

ଅତଏବ ଶ୍ରୀଗୁରୁଦେବଙ୍କ ଉଭୟ ଶ୍ରୀନବଦ୍ୱୀପ ଲୀଳାରେ ଓ ଶ୍ରୀବୃନ୍ଦାବନ ଲୀଳାରେ ବିଦ୍ୟମାନତା ଯୋଗୁଁ ଶ୍ରୀଗୁରୁଦେବଙ୍କ କୃପାଶୀର୍ବାଦରେ ଶିଷ୍ୟ ଯୁଗପତ୍ ଶ୍ରୀଗୌରଚନ୍ଦ୍ର ଓ ଶ୍ରୀଶ୍ରୀରାଧାଗୋବିନ୍ଦଙ୍କ ସେବାଲାଭେ ଧନ୍ୟ ହୋଇ ପାରିଥାଆନ୍ତି । ସେଥିପାଇଁ ଠାକୁର ମହାଶୟ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଏହି ପ୍ରାର୍ଥନା ଜ୍ଞାପନ କରିଛନ୍ତି – *"ହା ହା ପ୍ରଭୁ ଲୋକନାଥ ! ରାଖ ପଦଦ୍ୱନ୍ଦ୍ୱେ । କୃପାଦୃଷ୍ଟ୍ୟେ ଚାହ ଯଦି ହଇୟା ଆନନ୍ଦେ ॥ ମନୋ-ବାଞ୍ଛା ସିଦ୍ଧି ତବେ ହଉ ପୂର୍ଣ୍ଣତୃଷ୍ଟ । ହେଥାୟ ଚୈତନ୍ୟ ମିଲେ, ସେଥା ରାଧାକୃଷ୍ଣ ॥"* (ପ୍ରାର୍ଥନା -୨୮)

ରାଜା ଶ୍ରୀବୀରହାମ୍ବୀର ନିଜ ଶ୍ରୀଗୁରୁଦେବ ଶ୍ରୀନିବାସ ଆଚାର୍ଯ୍ୟଙ୍କ କୃପାବୈଶିଷ୍ଟ୍ୟ ବର୍ଣ୍ଣନା କରିଛନ୍ତି – *"ରାଧା ପଦ ସୁଧାରାଶି, ସେ ପଦେ କରିଲା ଦାସୀ, ଗୋରାପଦେ ବାନ୍ଧିଦିଲା ଚିତ । ଶ୍ରୀରାଧାରମଣ ସହ ଦେଖାଇଲ କୁଞ୍ଜଗେହ, ଜାନାଇଲ ଦୁହୁଁ ପ୍ରେମରୀତ ॥* ପୁନଃ ବୈଷ୍ଣବ ଦାସଙ୍କ ଗାନରେ ଦେଖିବାକୁ ମିଳେ-*"ଦୁରଗତି-ଅଗତି-ଅସତ-ମତି-ଯୋଜନ, ନାହିଁ ସୁକୃତି ଲବଲେଶ । ଶ୍ରୀବୃନ୍ଦାବନ, ଯୁଗଲ-ଭଜନ-ଧନ, ତାହେ କରତ ଉପଦେଶ । ନିରମଳ ଗୌର – ପ୍ରେମରସ ସିଞ୍ଚନେ ପୁରଲ ସବ ମନ ଆଶ । ସୋ ଚରଣାମ୍ବୁଜେ ରତି ନାହିଁ ହୋୟଲ, ରୋୟତ ବୈଷ୍ଣବ ଦାସ ॥"* ଅତଏବ ରାଗାନୁଗା ସାଧକ ଶ୍ରୀଗୁରୁପାଦପଦ୍ମରେ ଭକ୍ତିଅର୍ଘ୍ୟ ପ୍ରଦାନ କରି ଶ୍ରୀଗୌରଗୋବିନ୍ଦଙ୍କ ଭଜନାନନ୍ଦ ସାଗରରେ ଅବହାନ ସୁଖାନୁଭବ ଲାଭେ ଧନ୍ୟ ହୋଇଥାଆନ୍ତି ।

ଯଦିଓ ରାଗାନୁଗା ମାର୍ଗରେ ସିଦ୍ଧସ୍ୱରୂପରେ ଶିଷ୍ୟ ନିକଟରେ ଶ୍ରୀଗୁରୁଦେବ ସାକ୍ଷାତ୍ ଭଗବତ୍ ସ୍ୱରୂପ ନହୋଇ ଅତିପ୍ରିୟ ବାନ୍ଧବ ବା ବାନ୍ଧବୀ ହୋଇଥାଆନ୍ତି ତଥାପି ସାଧକାବେଶରେ ବାହ୍ୟ ଶରୀରରେ ଶିଷ୍ୟର ଶ୍ରୀଗୁରୁଙ୍କ ପ୍ରତି ଯଥୋଚିତ ଭଗବତ୍ ବୁଦ୍ଧି ରହିବା ବାଞ୍ଛନୀୟ ଅନ୍ୟଥା ଭକ୍ତିଥିବା ସତ୍ତ୍ୱେ ଭୟର ଲାଘବତାରେ ଶ୍ରୀଗୁରୁଦେବଙ୍କ ନିକଟରେ ମର୍ତ୍ତ୍ୟବୁଦ୍ଧିର ଉଦୟ ଯୋଗୁଁ ଅଧୋପତନ ସୁନିଶ୍ଚିତ ହୋଇପଡ଼େ, ସେଥିପାଇଁ ବାହ୍ୟରେ ଶ୍ରୀଗୁରୁଙ୍କୁ ସାକ୍ଷାତ୍ ଶ୍ରୀକୃଷ୍ଣଙ୍କ ଭକ୍ତାବତାର ଜ୍ଞାନରେ ତାହାଙ୍କ ଶ୍ରୀଚରଣରେ ଭୟ ଓ ଭକ୍ତିର ବିଦ୍ୟମାନତା ଏକାନ୍ତ ଅପରିହାର୍ଯ୍ୟ ।

ବ୍ୟବହାରିକ ଗୁରୁ କୁଳଗୁରୁ ଓ ଆମ୍ନାୟସିଦ୍ଧ ଗୁରୁ

ଶ୍ରୀସନାତନଗୋସ୍ୱାମିପାଦ୍ ସାତ୍ୱତ-ଶାସ୍ତ୍ରରୁ ବ୍ୟବହାରିକ ଗୁରୁ ସମୂହଙ୍କର ଗୋଟିଏ ତାଲିକା ଉଦ୍ଧାର କରିଛନ୍ତି – ତଥା ଚକୌର୍ମେ -*"ଉପାଧ୍ୟାୟଃ ପିତା ଜ୍ୟେଷ୍ଠଭ୍ରାତା ଚୈବ ମହୀପତିଃ । ମାତୁଳଃ ଶ୍ୱଗୁରଃ ସୂତୋ ମାତାମହ-ପିତାମହୌ ॥ ବର୍ଣ୍ଣଜ୍ୟେଷ୍ଠଃ ପିତୃତ୍ୟଶ୍ଚ*

ସର୍ବେ ତେ ଗୁରବଃ ସ୍ମୃତାଃ । ଗୁରୁଣାମପି ସର୍ବେଷାଂ ପୂଜ୍ୟାଃ ପଞ୍ଚ ବିଶେଷତଃ । ତେଷାମାଦ୍ୟାସ୍ତ୍ରୟଃ ଶ୍ରେଷ୍ଠାସ୍ତେଷାଂ ମାତା ସୁପୂଜିତା ॥ କିଞ୍ଚ– ଯୋ ଭାବୟତି ଯା ସୂତେ ଯେନ ବିଦ୍ୟୋପଦିଶ୍ୟତେ । ଜ୍ୟେଷ୍ଠୋଭ୍ରାତା ଚଭର୍ତା ଚ ପଞ୍ଚୈତେ ଗୁରବଃସ୍ମୃତାଃ ॥ ଆତ୍ମନଃ ସର୍ବଯତ୍ନେନ ପ୍ରାଣତ୍ୟାଗେନ ବା ପୁନଃ । ପୂଜନୀୟା ବିଶେଷେଣ ପଞ୍ଚୈତେ ଭୂତିମିଚ୍ଛତା ॥''(ହ:ଭ:ବି:୪।୩୬୧ ଦିଗଦର୍ଶିନୀ ଟୀକାରେ ଧୃତ କୌର୍ମିବାକ୍ୟ)

ବେଦ–ଅଧ୍ୟାପକ, ପିତା (ଜନକ), ଜ୍ୟେଷ୍ଠ ସହୋଦର (ଭ୍ରାତା), ନୃପତି ଶ୍ୱଶୁର, ମାତୁଳ ପୁରାଣବକ୍ତା, ମାତାମହ, ପିତାମହ, ବର୍ଣ୍ଣଜ୍ୟେଷ୍ଠ ଓ ପିତୃବ୍ୟ – ଏମାନେ ସମସ୍ତେ ଗୁରୁପଦବାଚ୍ୟ । ସମସ୍ତ ଗୁରୁଗଣଙ୍କ ମଧ୍ୟରେ ପାଞ୍ଚଜଣ ଗୁରୁ ବିଶେଷଭାବରେ ପୂଜନୀୟ, ତନ୍ମଧ୍ୟେ ପୁଣି ପୂର୍ବ ତିନିଜଣ ଅର୍ଥାତ୍ ବେଦ–ଅଧ୍ୟାପକ, ପିତା ଓ ଜ୍ୟେଷ୍ଠ ସହୋଦର ଶ୍ରେଷ୍ଠ । ସେମାନଙ୍କ ମଧ୍ୟରେ ମାତା ସର୍ବାପେକ୍ଷା ପୂଜନୀୟା । ଯିଏ ପାଳନ କରନ୍ତି ସିଏ ପିତା, ଯିଏ ପ୍ରସବ କରନ୍ତି ମାତା, ଯିଏ ବିଦ୍ୟା ଉପଦେଶ କରନ୍ତି ସେ ବେଦାଧ୍ୟାପକ, ଜ୍ୟେଷ୍ଠ ସହୋଦର ଓ ଭରଣପୋଷଣକାରୀ–ଏହି ପାଞ୍ଚଜଣ ଗୁରୁ ବୋଲି କଥିତ । ଯେଉଁ ବ୍ୟକ୍ତି ଉନ୍ନତିର ଇଚ୍ଛା କରନ୍ତି ତାହାଙ୍କ ପକ୍ଷରେ ସର୍ବ ପ୍ରଯତ୍ନରେ ଅଧିକ କଣ ନିଜର ପ୍ରାଣତ୍ୟାଗ କରି ମଧ୍ୟ ଉକ୍ତ ପାଞ୍ଚଜଣ ଗୁରୁଙ୍କର ବିଶେଷ ଭାବରେ ପୂଜା କରିବା କର୍ତ୍ତବ୍ୟ ।

ଭଗବାନ୍ ଶ୍ରୀକୃଷ୍ଣ ବର୍ଣ୍ଣାଶ୍ରମୀ ମନୁଷ୍ୟଙ୍କ ପକ୍ଷରେ ତିନି ଶ୍ରେଣୀର ଗୁରୁଙ୍କ କଥା କହିଛନ୍ତି । ଯାହାଙ୍କ ପାଇଁ ସଂସାରରେ ଆଗମନ ହୁଏ, ସେହି ଜନକ ବା ପିତାହିଁ ଆଦି ଗୁରୁ, ଯାହଙ୍କ ଦ୍ୱାରା ଦ୍ୱିଜାଦି ପୁରୁଷର ସତ୍‌କର୍ମାନୁଷ୍ଠାନର ସୁଯୋଗଲାଭ ହୁଏ, ସେହି ସାବିତ୍ରୀ ଉପଦେଷ୍ଟା ହେଉଛନ୍ତି ଦ୍ୱିତୀୟ ଗୁରୁ । ଏହି ଦୁଇ ଜଣହିଁ ବ୍ୟବହାରିକ ଗୁରୁ । ଆଉ ଯିଏ ଚାରିବର୍ଣ୍ଣ ଓ ଚାରି ଆଶ୍ରମୀ ବ୍ୟକ୍ତିକୁହିଁ ମୋର (ଶ୍ରୀକୃଷ୍ଣଙ୍କର) ମନ୍ତ୍ରୋପଦେଶ ଓ ମୋର ତତ୍ତ୍ୱ–ଜ୍ଞାନ ପ୍ରଦାନ କରନ୍ତି, ସେ (ମନ୍ତ୍ରଗୁରୁ) ମୋପରି ଅତି ପୂଜନୀୟ । ଏହି ତୃତୀୟ ଗୁରୁହିଁ ନିଶ୍ଚିତରୂପେ ସଂସାରରୁ ଜୀବକୁ ତ୍ରାଣ କରନ୍ତି । ସେମାନେହିଁ ଯଥାର୍ଥ ପରାମାର୍ଥ–ପଣ୍ଡିତ, ଯେଉଁମାନେ ମୋ ପ୍ରକାଶ–ସ୍ୱରୂପ ଏହି ପାରମାର୍ଥିକ ଗୁରୁଦେବଙ୍କ ମନ୍ତ୍ରୋପଦେଶରେ ଅନାୟାସରେ ସଂସାର–ସାଗର ଉତ୍ତୀର୍ଣ୍ଣ ହୁଅନ୍ତି । ଏହିପରି ଗୁରୁଦେବଙ୍କ ସେବାରେ ମୋର ସର୍ବାପେକ୍ଷା ଅଧିକ ସନ୍ତୋଷ ହୁଏ, ଯଥା (ଭା.୧୦/୮୦/୩୨–୩୩)–

ସର୍ବେ ସତ୍‌କର୍ମଣାଂ ସାକ୍ଷାଦ୍‌ଦ୍ୱିଜାତେରିହ ସମ୍ଭବଃ । ଆଦ୍ୟୋଽଙ୍ଗ ଯତ୍ରାଶ୍ରମିଣାଂ ଯଥାହଂ ଜ୍ଞାନଦୋ ଗୁରୁଃ ॥
ନନ୍ୱର୍ଥକୋବିଦା ବ୍ରହ୍ମନ୍ ବର୍ଣ୍ଣାଶ୍ରମବତାମିହ । ଯେ ମୟା ଗୁରୁଣା ବାଚା ତତ୍ତ୍ୱନ୍ତ୍ୟଞ୍ଜୋ ଭବାର୍ଣ୍ଣବମ୍ ॥

ଅତଏବ ଜଣାଯାଉଛି ଯେ, ଜନକ ବା କର୍ମକାଣ୍ଡୀୟ ବର୍ଣ୍ଣାଶ୍ରମଧର୍ମରେ ସାବିତ୍ରୀ ଉପଦେଷ୍ଟା ପ୍ରଭୃତିହିଁ ବ୍ୟବହାରିକ ଗୁରୁ ଆଉ ଶ୍ରୀକୃଷ୍ଣତତ୍ତ୍ୱଜ୍ଞାନ ଓ ଶ୍ରୀକୃଷ୍ଣମନ୍ତ୍ରଦାତା ସଂସାରମୋଚକ ଶ୍ରୀମନ୍ତ୍ରଗୁରୁହିଁ ପାରମାର୍ଥିକ ଗୁରୁ । ସେ ହିଁ ଶ୍ରୀକୃଷ୍ଣଙ୍କପରି ନିତ୍ୟ ପୂଜ୍ୟ ।

ଉପନୟନ ଦାତା ବା ବେଦ–ଅଧ୍ୟାପକ ଗୁରୁମଧ୍ୟ–ଲୌକିକ ଗୁରୁହିଁ, କାରଣ କର୍ମକାଣ୍ଡୀୟ ବେଦର ଉପଦେଷ୍ଟା ପ୍ରବୃତ୍ତିମାର୍ଗରହିଁ ଶିକ୍ଷକ । ଯେପରି ଅସୁର–କୁଳଗୁରୁ ଶ୍ରୀଶୁକ୍ରାଚାର୍ଯ୍ୟ ବା ଶ୍ରୀପ୍ରହ୍ଲାଦଙ୍କ ବାଲ୍ୟକାଳର ବ୍ୟବହାରିକ ଶାସ୍ତ୍ରଶିକ୍ଷକ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର ଷଣ୍ଡ ଓ ଅମର୍କ ପ୍ରଭୃତି । ଶ୍ରୀପ୍ରହ୍ଲାଦ ମହାରାଜ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ରଦ୍ୱୟଙ୍କର ଓ ପିତା ହିରଣ୍ୟକଶିପୁଙ୍କର ବ୍ୟବହାରିକ

ଉପଦେଶ ପରିତ୍ୟାଗ କରି ଭଗବତ୍ ପାର୍ଷଦ ଶ୍ରୀନାରଦଙ୍କର ପାରମାର୍ଥିକ ଉପଦେଶହିଁ ପାଳନ କରିଥିଲେ । ଶ୍ରୀମନ୍ମହାପ୍ରଭୁ କହିଛନ୍ତି–*ସେଇ ସେ ପରମବନ୍ଧୁ, ସେଇ ମାତାପିତା । ଶ୍ରୀକୃଷ୍ଣଚରଣ ଯେଇ ପ୍ରେମଭକ୍ତିଦାତା । ସକଳ ଜନମେ ପିତାମାତା ସଭେ ପାୟ । କୃଷ୍ଣ–ଗୁରୁ ନାହିଁ ମିଲେ ବୁଝହ ହିୟାୟ ।।*(ଶ୍ରୀଚୈତନ୍ୟ ମଙ୍ଗଳ ୨।୧୧।୧୯୫,୨୦୪)

ଅତଏବ ଏହିପରି ଲୌକବ ଓ ବ୍ୟବହାରିକ ଗୁରୁଙ୍କ ପ୍ରଦତ୍ତ ବ୍ୟବହାରିକ ଉପଦେଶ ପରିତ୍ୟାଗ କରି ମଧ୍ୟ ପାରମାର୍ଥିକ ଗୁରୁଙ୍କ ପଦାଶ୍ରୟ କରିବା କର୍ତ୍ତବ୍ୟ । ଏଥିପାଇଁ ଶ୍ରୀଜୀବଗୋସ୍ୱାମୀପାଦ୍ ଭକ୍ତି ସନ୍ଦର୍ଭରେ ୨୧୦ ଅନୁଚ୍ଛେଦରେ ଶ୍ରୀଋଷଭଦେବଙ୍କ କଥିତ *"ଗୁରୁର୍ ସ୍ୟାତ ..... ନ ମୋଚୟେଦ୍ ଯଃ ସମୁପେତମୃତ୍ୟୁମ"* ଶ୍ଲୋକଟି ଉଦ୍ଧାର କରି କହିଛନ୍ତି – *ଦଦେତତ୍ ପରମାର୍ଥ–ଗୁର୍ବାଶ୍ରୟୋ ବ୍ୟବହାରିକ ଗୁର୍ବାଦିପରିତ୍ୟାଗେନାପି କର୍ତ୍ତବ୍ୟ ଇତ୍ୟାଶୟେନ ବ୍ୟବହାରିକ–ଗୁର୍ବାଦି–ପରିତ୍ୟାଗୋଦ୍ଧପି ପରମାର୍ଥପଥିକାନାଂ ନ ଦୋଷ ଇତ୍ୟାହ–ପୁରୁଷ ସ ସ୍ୟାଦିତି । ଅତ ଉକ୍ତଂ ଶ୍ରୀନାରଦେନ* (ଭା ୧।୫।୧୫) *"ଜୁଗୁପ୍ସିତଂ ଧର୍ମ କୃତେଦ୍ଧନୁଶାସତଃ ସ୍ୱଭାବରକ୍ତସ୍ୟ ମହାନ୍ ବ୍ୟତିକ୍ରମଃ"* ଇତ୍ୟାଦି । *ତସ୍ମାତ୍ ତାବଦେବ ତେଷ୍ଟାଂ ଗୁର୍ବାଦି–ବ୍ୟବହାରୋ ଯାବନ୍ମୃତ୍ୟୁମୋଚକଂ ଶ୍ରୀଗୁରୁଚରଣଂ ନାଶ୍ରୟତ ଇତ୍ୟର୍ଥଃ ।*

ବ୍ୟବହାରିକ ଗୁରୁ ପ୍ରଭୃତି ପରିତ୍ୟାଗ କରି ମଧ୍ୟ ପାରମାର୍ଥିକ ଶ୍ରୀଭଗବନ୍ମନ୍ତ୍ରଦାତା ଶ୍ରୀଗୁରୁଦେବଙ୍କ ଆଶ୍ରୟ କରିବା ଆବଶ୍ୟ କର୍ତ୍ତବ୍ୟ– ଏହି ଅଭିପ୍ରାୟରେ ଶ୍ରୀଋଷଭଦେବ ପୁତ୍ରଗଣଙ୍କୁ କହିଛନ୍ତି, ସେହି ଗୁରୁ 'ଗୁରୁ' ନୁହଁନ୍ତି ଯିଏ ସଂପ୍ରାପ୍ତ ସଂସାରଙ୍କୁ ମୋଚନ କରି ପାରନ୍ତି ନାହିଁ । ଲୋକ ଶିକ୍ଷକ ଶ୍ରୀବ୍ୟାସଦେବଙ୍କ ପ୍ରତି ତାହାଙ୍କ ଶ୍ରୀଗୁରୁଦେବ ଶ୍ରୀନାରଦ ମଧ୍ୟ ଜୀବଶିକ୍ଷା ପାଇଁ ଶାସନଲୀଳା ପ୍ରଦର୍ଶନ କରି କହିଥିଲେ ଯେ, ସ୍ୱଭାବତଃହିଁ କାମ୍ୟକର୍ମାଦି ପ୍ରତି ଅନୁରାଗୀ ବ୍ୟକ୍ତିଗଣଙ୍କର ଧର୍ମ ପାଇଁ ତୁମେ ଯେଉଁ ନିନ୍ଦନୀୟ କାମ୍ୟ କର୍ମାଦିର (କର୍ମକାଣ୍ଡର) ଉପଦେଶ ଦେଇଅଛ, ଏଥିରେ ତୁମର ଅତ୍ୟନ୍ତ ଅନ୍ୟାୟହିଁ ହୋଇଅଛି । କାରଣ ତୁମର ସେହି ବାକ୍ୟରୁହିଁ ଏହାକୁ ମୁଖ୍ୟ ଧର୍ମ୍ମ ବୋଲି ସ୍ଥିର କରି ପ୍ରାକୃତ ଲୋକ ସେହି କାମ୍ୟ କର୍ମାଦିର ନିଷେଧର କଥା ଆଉ କେବେ ମଧ୍ୟ ମାନିବେ ନାହିଁ । ଅତଏବ ତୁମ ପକ୍ଷରେ ଏହିପରି ବ୍ୟବହାରିକ ଉପଦେଶ ଦେଇ ଲୋକଙ୍କୁ ଭ୍ରାନ୍ତ ପଥରେ ଚାଳିତ କରିବା ଉଚିତ୍ ହେଲାନାହିଁ । ପରମାର୍ଥିକ ଉପଦେଶହିଁ ନିତ୍ୟ କଲ୍ୟାଣପ୍ରଦ ଅତଏବ ପିତା ପ୍ରଭୃତି ବ୍ୟବହାରିକ ଗୁରୁଙ୍କ ପ୍ରତି ଗୁର୍ବାଦିବ୍ୟବହାର ସେତେଦିନ ପର୍ଯ୍ୟନ୍ତହିଁ ହେବ ଯେପର୍ଯ୍ୟନ୍ତ ସଂସାରମୋଚକ ଶ୍ରୀଗୁରୁଦେବଙ୍କ ଚରଣ ଆଶ୍ରୟ ନହୁଏ । ଶ୍ରୀଭଗବାନଙ୍କ ସେବାରେ ସର୍ବାତ୍ମସମର୍ପଣକାରୀ ଶ୍ରୀବଳିଙ୍କ ପ୍ରତି ଶ୍ରୀଶୁକ୍ରାଚାର୍ଯ୍ୟ ବ୍ୟବହାରିକ ସ୍ୱାର୍ଥର ଉପଦେଶ କରି ପରମାର୍ଥରେ ବାଧା ଦେଇଥିଲେ, ଏଥିପାଇଁ ସେହି ବ୍ୟବହାରିକ ଉପଦେଷ୍ଟାଙ୍କ ଉପଦେଶ ପରିତ୍ୟାଗ କରିବା ଶ୍ରୀବଳିଙ୍କ ପକ୍ଷରେ ସମୀଚୀନହିଁ ହୋଇଥିଲା । ଶ୍ରୀବ୍ୟାସଦେବ ଶ୍ରୀମହାଭାରତରେ ଯେଉଁ ସମସ୍ତ କାବ୍ୟକର୍ମର (କର୍ମକାଣ୍ଡର) ଉପଦେଶ ଦେଇଥିଲେ, ତାହା ସେତେଦିନ ପର୍ଯ୍ୟନ୍ତହିଁ ସ୍ୱୀକାର୍ଯ୍ୟ ଯେପର୍ଯ୍ୟନ୍ତ ଶ୍ରୀଗୀତାର *'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକ ଶରଣଂ ବ୍ରଜ'* ବା ଶ୍ରୀମଦ୍ଭାଗବତର *"ଧର୍ମାନ୍ ସନ୍ତ୍ୟଜ୍ୟ ଯଃ ସର୍ବାନ୍ ମାଂ ଭଜେତ୍ ସ ଚ ସତ୍ତମଃ"* (୧୧।୧୧।୩୨) ପରମଗୁରୁ ଶ୍ରୀକୃଷ୍ଣଙ୍କର ଏହି ପାରମାର୍ଥିକ ଉପଦେଶ ଶ୍ରୁତିଗୋଚର ନହୁଏ ।

ତାହାହେଲେ ଭବସଂସାରରୁ ଉତ୍ତୀର୍ଣ୍ଣ ହେବାପାଇଁ କଣ ପିତାମାତା ମାତ୍ରକେ ଉପରୋକ୍ତ ସମସ୍ତଙ୍କୁ ବ୍ୟବହାରିକ ଜ୍ଞାନରେ ତ୍ୟାଗ କରାଯିବା ବିଧେୟ ? ନା ନା ପିତାମାତା ଆଦି ବ୍ୟବହାରିକ ଗୁରୁ ଯଦି ପାରମାର୍ଥିକ ଜ୍ଞାନପ୍ରଦାତା, ଭକ୍ତ୍ୟୁପଦେଷ୍ଟା ହୁଅନ୍ତି, ସେମାନଙ୍କୁ ତ୍ୟାଗ କରିବାହିଁ ଅପରାଧ ଜନକ ହୋଇପଡ଼େ । କିନ୍ତୁ କେତେ ଜଣ ପ୍ରଚାର କରନ୍ତି ଭକ୍ତିସନ୍ଦର୍ଭରେ ବର୍ଣ୍ଣିତ ଥିବା ଏହି ବ୍ୟବହାରିକ 'ଗୁର୍ବାଦି' ଶବ୍ଦ ମନ୍ତ୍ରଦାତା 'କୁଳଗୁରୁ' ଇତ୍ୟାଦିଙ୍କୁ ଏବଂ କୁଳଗୁରୁ ମାତ୍ରେହିଁ ବ୍ୟବହାରିକ ଜ୍ଞାନରେ ତ୍ୟଜ୍ୟ ଏବଂ କୁଳଗୁରୁ ପ୍ରଥା ଅଶାସ୍ତ୍ରୀୟ ଓ ନିନ୍ଦନୀୟ । ସେମାନେ କୁହନ୍ତି ଶୁକ୍ରାଚାର୍ଯ୍ୟ ଅସୁରଗଣଙ୍କର କୁଳପରମ୍ପରା ଗତ ଶୌକ୍ରଧାରାରୁ ଗୁରୁଥିଲେ ଏବଂ ଶ୍ରୀବଳି ସେହି କୁଳଗୁରୁ ବା ବ୍ୟବହାରିକ ଗୁରୁଙ୍କ ତ୍ୟାଗ କରିବାର ଆଦର୍ଶ ପ୍ରଦର୍ଶନ କରିଛନ୍ତି ।

ତେବେ ସେମାନଙ୍କୁ ଏହି କଥା ମନେ ପକାଇବାକୁ ହେବ ଯେ ଭଗବାନ୍ ଶ୍ରୀବାମନଦେବ, ଆତ୍ମସମର୍ପଣକାରୀ ଶ୍ରୀବଳିମହାରାଜଙ୍କୁ ନିଜ ଶ୍ରୀଚରଣସ୍ପର୍ଶ ପ୍ରଦାନରେ ସାକ୍ଷାତ୍ ଭକ୍ତିରେ ଅଭିଷିକ୍ତ କରିବାପରେ ମଧ୍ୟ ଶ୍ରୀଶୁକ୍ରାଚାର୍ଯ୍ୟଙ୍କ ଦ୍ୱାରା ବଳିମହାରାଜଙ୍କ ସମ୍ପାଦ୍ୟମାନ ଅସମ୍ପୂର୍ଣ୍ଣ ଯଜ୍ଞର ସମାପନ କରାଇଥିଲେ (ଭା୮।୨୩।୧୮) । ଶ୍ରୀଶୁକ୍ରାଚାର୍ଯ୍ୟଙ୍କୁ ତାହାଙ୍କ ଅଧିକାରରୁ ବଞ୍ଚିତ ବା କୌଣସି ପ୍ରକାରରେ ଅବମାନନା କରିବାର ଆଦର୍ଶ ପ୍ରଦର୍ଶନ କରି ନାହାନ୍ତି । ପରମାର୍ଥ-ରୂପି ଶ୍ରେଷ୍ଠବସ୍ତୁ ଲାଭ ଉଦ୍ଦେଶ୍ୟରେ ବ୍ୟବହାରିକ ଉପଦେଷ୍ଟାଙ୍କ ଲୌକିକ ଉପଦେଶ ଗ୍ରହଣ କରିବାକୁ ହେବ ନାହିଁ ବୋଲି ବ୍ୟବହାରିକ ଉପଦେଷ୍ଟା ବା ଗୁରୁଙ୍କୁ କୌଣସି ପ୍ରକାର ଅସମ୍ମାନ କରିବାକୁ ହେବ, ଏହା ତତ୍ପର୍ଯ୍ୟ ନୁହେଁ-ତାହାଙ୍କୁ ମଧ୍ୟ ଯଥାଯୋଗ୍ୟ ବ୍ୟବହାରିକ ସମ୍ମାନ ଦେବାକୁ ହେବ, ଏହାହିଁ ଶ୍ରୀଭାଗବତ-ଶାସ୍ତ୍ରବିଧି । ଜୀବମାତ୍ରେହିଁ କୃଷ୍ଣାଧିଷ୍ଠାନ ଜ୍ଞାନରେ ସମ୍ମାନଦାନ ଓ ସର୍ବଭୂତାଦରହିଁ ଯେତେବେଳେ ଶ୍ରୀମଦ୍ଭାଗବତର ଶିକ୍ଷା ସେତେବେଳେ ବ୍ୟବହାରିକ ଗୁରୁଙ୍କ କଥା ଅବା କ'ଣ ? ତଦ୍ରୁପରି ଶ୍ରୀମନ୍ମହାପ୍ରଭୁଙ୍କର ନିତ୍ୟ ପରିକରଙ୍କଠାରୁ ଅବିଚ୍ଛିନ୍ନ ପରମ୍ପରାରେ ଆଗତ 'କୁଳଗୁରୁ' ପ୍ରଥା ଉପରେ ସନ୍ଦେହ ଉତ୍ତୋଳନ ଓ ଅସମ୍ମାନ ଯେ ଘୋର ଅପରାଧ ଜନକ ଏହା କହିବାହିଁ ବାହୁଲ୍ୟ ।

କେତେକ ଶ୍ରେଣୀର ବ୍ୟକ୍ତି କୁହନ୍ତି, ଡ଼ାକ୍ତର ବା ଓକିଲଙ୍କର ପୁତ୍ରଗଣ ଡ଼ାକ୍ତର ଓ ଓକିଲ ଏବଂ ପଣ୍ଡିତଙ୍କପୁତ୍ର ସବୁକ୍ଷେତ୍ରରେ ପଣ୍ଡିତ ହୁଅନ୍ତି ନାହିଁ, ତଦ୍ରୂପ ନିତ୍ୟପରିକର ବା ଆଚାର୍ଯ୍ୟଙ୍କର ପୁତ୍ରଗଣ ମଧ୍ୟ ଆଚାର୍ଯ୍ୟ ହୋଇପାରନ୍ତି ନାହିଁ । ସେମାନେ ଆଚାର୍ଯ୍ୟଙ୍କ ବଂଶଧର ବା କୁଳପରମ୍ପରାକୁ ଶୁକ୍ରାଚାର୍ଯ୍ୟ ବା ଶ୍ରୋକ୍ର ଧାରା ବୋଲି ଅସମ୍ମାନିତ କରି ସିଦ୍ଧମନ୍ତ୍ରଗୁରୁ ପରମ୍ପରାର ବହିର୍ଭୂତ ସ୍ୱୟଂସିଦ୍ଧ ବା ସ୍ୱାବକସିଦ୍ଧବ୍ୟକ୍ତିଗଣଙ୍କୁ ସଦ୍‌ଗୁରୁ ବୋଲି ପ୍ରଚାର କରନ୍ତି । କିନ୍ତୁ ହରିଭକ୍ତିବିଳାସରେ (୪।୩୬୩) ଦେଖିବାକୁ ମିଳେ-*'ଉପଦେଷ୍ଟାର ମାମ୍ନାୟଗତଂ ପରିହରନ୍ତି ଯେ । ତାନ୍ ମୃତାନପି କ୍ରବ୍ୟାଦାଃ କୃତଘ୍ନା ନୋପଭୁଞ୍ଜତେ ।'* ଅର୍ଥାତ୍ ଗୁରୁତ୍ୟାଗରେ ପରମ ଅନର୍ଥ ହୁଏ, ଏହା ପ୍ରଦର୍ଶନ କରି ଗୁରୁଙ୍କ ମାହାତ୍ମ୍ୟହିଁ ତିନୋଟି ଶ୍ଲୋକର ଦୃଢ଼ କରିଛନ୍ତି । ଯେଉଁମାନେ ଆମ୍ନାୟ-ଆଗତ ଅର୍ଥାତ୍ କୁଳକ୍ରମ ପରମ୍ପରାରେ ଆଗତ ଗୁରୁଙ୍କୁ ବା ବେଦବିହିତ ଗୁରୁଙ୍କୁ ତ୍ୟାଗ କରନ୍ତି, ସେହି ସମସ୍ତ କୃତଘ୍ନ ବ୍ୟକ୍ତିଙ୍କର ମୃତଦେହକୁ ମାଂସଭୋଜୀ ଜନ୍ତୁଗଣ ମଧ୍ୟ ଅସ୍ପୃଶ୍ୟ ଜ୍ଞାନରେ ଭକ୍ଷଣ କରନ୍ତି ନାହିଁ । 'ଆମ୍ନାୟଗତ' ଶବ୍ଦରେ କୁଳକ୍ରମାଗତ ଗୁରୁ ବା କୁଳଗୁରୁ ଅନ୍ୟ ଅର୍ଥେ ବେଦବିହିତ ଗୁରୁ ବୁଝାଏ । ତେବେ ଯଦି ସେହି କୁଳଗୁରୁ କୌଣସି

କାରଣ ବଶତଃ ବିଷ୍ଣୁ-ବୈଷ୍ଣବ-ବିଦ୍ୱେଷୀ ହୁଅନ୍ତି, ବିଷ୍ଣୁ ପୂଜାଦି ବିସ୍ମୃତ ହୋଇ ମାୟାସଂସାରରେ ପ୍ରମତ୍ତ ଓ ଭକ୍ତିବିରୋଧୀ କାର୍ଯ୍ୟରେ ଅଭିନିବିଷ୍ଟ ହୋଇ ପଡ଼ନ୍ତି, ତାହାହେଲେ କେହି ଯଦି ମୋହ ବଶତଃ ସେହିପରି ଅବୈଷ୍ଣବଙ୍କୁ କୁଳକ୍ରମାଗତ ବା ବେଦବିହିତ ଗୁରୁରୂପରେ ବରଣ କରିଥିଲେ ମଧ୍ୟ ତାହାଙ୍କୁ ସାଧୁବ୍ୟକ୍ତି କୃପା କରି ବୈଷ୍ଣବଗୁରୁଙ୍କ ନିକଟରୁ ଯଥାବିଧି ପୁନର୍ବାର ମନ୍ତ୍ର ଗ୍ରହଣ କରାଇବେ ।

କିନ୍ତୁ ଏହି ଦୋଷାରୋପ ତ ସାମୂହିକ ଭାବରେ ସିଦ୍ଧମନ୍ତ୍ର ପରମ୍ପରାର ଧାରା ଉପରେ ଆରୋପ କରିହେବ ନାହିଁ । ଡ଼ାକ୍ତର ପୁତ୍ର ଡ଼ାକ୍ତର କିମ୍ବା ପଣ୍ଡିତର ପୁତ୍ର ପଣ୍ଡିତ ନହୋଇପାରନ୍ତି – ଇତ୍ୟାଦି ଜାଗତିକ ଉଦାହରଣ କିନ୍ତୁ କୁଳପରମ୍ପରା ଆଗତ ସିଦ୍ଧ ଗୋପାଳମନ୍ତ୍ର ବା ଅନ୍ୟ ବିଷ୍ଣୁମନ୍ତ୍ରର ବୀର୍ଯ୍ୟତ୍ୱ ଉପରେ ପ୍ରଶ୍ନବାଚକତା ସ୍ୱରୂପ – ଯାହା ନିଃସନ୍ଦେହ ନରକଦ୍ୱାର ଉନ୍ମୋଚନ କରିଥାଏ । ଅବିଚ୍ଛିନ୍ନ ପୁତ୍ରାଦିବଂଶ ପରମ୍ପରାରେ ଆଚାର୍ଯ୍ୟକାର୍ଯ୍ୟକୁ ନିନ୍ଦା କରି ଅଯୋଗ୍ୟ ଶିଷ୍ୟ ପରମ୍ପରା ବା ବିଚ୍ଛିନ୍ନ ଶିଷ୍ୟ ପରମ୍ପରାରେ ଗୁରୁର କାର୍ଯ୍ୟ କେବଳ ମାସର୍ଯ୍ୟ ମୂଳକ ଆତ୍ମବଞ୍ଚନା ।

ବାସ୍ତବ ପକ୍ଷରେ ଦେଖିବାକୁ ହେଲେ ବେଦାଦିଶାସ୍ତ୍ରର ଉପଦେଶ ଶ୍ରୀବ୍ରହ୍ମାଙ୍କଠାରୁ ଉପଯୁକ୍ତ ପୁତ୍ରାଦି ବଂଶ ପରମ୍ପରାରେ ଓ ଉପଯୁକ୍ତ ଶିଷ୍ୟ ପରମ୍ପରାରେ ଉଭୟ ଧାରାରେହିଁ ଜଗତରେ ଅନାଦିକାଳରୁ ପ୍ରବାହିତ ରହିଅଛି, ଯଥା–ଶ୍ରୀମଦ୍ଭାଗବତ (୧୨।୬।୪୫–୪୬) ଶ୍ଲୋକରେ ଦୃଷ୍ଟ ହୁଏ ହୁଏ – *ପୁତ୍ରାନଧ୍ୟାପୟତ୍ ତାଂସ୍ତୁବ୍ରହ୍ମଜ୍ଞାନ୍ ବ୍ରହ୍ମକୋବିଦାନ୍ । ତେ ତୁ ଧର୍ମୋପଦେଷ୍ଟାରଃ ସ୍ୱପୁତ୍ରେଭ୍ୟଃ ସମାଦିଶନ୍ ॥ ତେ ପରମ୍ପରୟା ପ୍ରାପ୍ତାସ୍ତତ୍ତଚ୍ଛିଷ୍ୟୈର୍ଧୃତ-ବ୍ରତୈଃ । ଚତୁର୍ଯୁର୍ଗେଷ୍ୱଥ ବ୍ୟସ୍ତା ଦ୍ୱାପରାଦୌ ମହର୍ଷିଭିଃ ॥*– ଶ୍ରୀବ୍ରହ୍ମା ବେଦୋଚ୍ଚାରଣାଦି ନିପୁଣ ମରୀଚି ପ୍ରଭୃତି ବ୍ରହ୍ମର୍ଷି ପୁତ୍ରଗଣଙ୍କୁ ବେଦସମୂହ ଅଧ୍ୟୟନ କରାଇଥିଲେ ଏବଂ ସେହି ଧର୍ମୋପଦେଷ୍ଟାଗଣ ନିଜପୁତ୍ରଗଣଙ୍କୁ ସେହି ବିଷୟରେ ଉପଦେଶ ପ୍ରଦାନ କରିଥିଲେ । ଯୁଗଚତୁଷ୍ଟୟରେ ସଂଯମାଦିଗୁଣଯୁକ୍ତ ପୂର୍ବୋକ୍ତ ଶିଷ୍ୟଗଣ ଗୁରୁପରମ୍ପରାକ୍ରମେ ପ୍ରାପ୍ତ ହୁଅନ୍ତି ଏବଂ ଅବଶେଷରେ ଦ୍ୱାପରଯୁଗର ଅନ୍ତରେ ଶ୍ରୀବ୍ୟାସପ୍ରମୁଖ ମହର୍ଷିଗଣ ସେହି ବେଦ ବିଭାଗ କରନ୍ତି ।

ବୈବସ୍ୱତ ମନ୍ୱନ୍ତରରେ ଶ୍ରୀପରାସର-ସତ୍ୟବତୀପୁତ୍ର ଶ୍ରୀବ୍ୟାସ, ପୈଲ–ନାମକ ଶିଷ୍ୟଙ୍କୁ ଋକସଂହିତା, ବୈଶମ୍ପାୟନଙ୍କୁ ଯଜୁଃସଂହିତା, ଜୈମିନୀଙ୍କୁ ସାମସଂହିତା ଓ ସୁମନ୍ତଙ୍କୁ ଅଥର୍ବସଂହିତା ଉପଦେଶ କରନ୍ତି । ପୈଲ ଋକସଂହିତାଙ୍କୁ ଦୁଇ ଭାଗରେ ବିଭକ୍ତ କରି ଇନ୍ଦ୍ର-ପ୍ରମିତ ଓ ବାଷ୍କଳ ନାମକ ଶିଷ୍ୟଦ୍ୱୟଙ୍କୁ ଉପଦେଶ କରିଥିଲେ । ଇନ୍ଦ୍ର-ପ୍ରମିତି ମାଣ୍ଡୁକେୟ ଋଷିଙ୍କୁ ଏବଂ ମାଣ୍ଡୁକେୟ ଶିଷ୍ୟ ଦେମିତ୍ରସୌଭରି ପ୍ରଭୃତିଙ୍କୁ ଉପଦେଶ କରିଥିଲେ । ବାଷ୍କଳ ନିଜସଂହିତା ଚତୁର୍ଭାଗ କରି ବୋଧ୍ୟ, ଯାଜ୍ଞବଲ୍କ୍ୟ, ପରାଶର ଓ ଅଗ୍ନିମିତ୍ରଙ୍କୁ ଉପଦେଶ କରିଥିଲେ । (ଭା-୧୨।୬।୪୮-୬୦) ପୂର୍ବୋକ୍ତ ଋଷିଗଣ ଏହିପରି ଭାବରେ ବେଦବିହିତ ଉପଦେଷ୍ଟା ପରମ୍ପରାରେ ବେଦମନ୍ତ୍ର ସମୂହ ଧାରଣ କରିଥିଲେ । ଉପସଂହାରରେ ଶ୍ରୀସୂତଗୋସ୍ୱାମୀ କହିଛନ୍ତି– *ବ୍ରହ୍ମନ୍ନିଦଂ ସମାଖ୍ୟାତଂ ଶାଖା ପ୍ରଣୟନଂ ମୁନେଃ । ଶିଷ୍ୟଶିଷ୍ୟ ପ୍ରଶିଷ୍ୟାଣାଂ ବ୍ରହ୍ମତେଜୋ ବିବର୍ଧନମ୍ ॥* (ଭା୧୨।୬।୨୫) ମୁନି ବ୍ୟାସଙ୍କ ଶିଷ୍ୟଗଣଙ୍କ ଶିଷ୍ୟବୃନ୍ଦ, ସେମାନଙ୍କ ପ୍ରଶିଷ୍ୟଗଣଙ୍କ ଶାଖାବିସ୍ତାର ଶ୍ରବଣକାରୀଙ୍କ ବ୍ରହ୍ମତେଜ ବିଶେଷ ବର୍ଦ୍ଧିତ ହୋଇଥାଏ । ଏହା ଦ୍ୱାରା ଅବିଚ୍ଛିନ୍ନ ବେଦବିହିତ ଉପଦେଷ୍ଟା ପରମ୍ପରାର ଅପରିହାର୍ଯ୍ୟତା ଉକ୍ତ ହୋଇଅଛି ।

ଉପନିଷଦରେ ମଧ୍ୟ ପୁତ୍ରପୌତ୍ରାଦି ବଂଶକ୍ରମେ ଏବଂ ଶିଷ୍ୟପରମ୍ପରାକ୍ରମେ ଦୁଇ ଭାବେହିଁ ବ୍ରହ୍ମବିଦ୍ୟାର ବିସ୍ତାରର କଥା ଉକ୍ତ ହୋଇଅଛି । *ଓଁ ବ୍ରହ୍ମା ଦେବାନାଂ ପ୍ରଥମଃ ସଂବଭୂବ ବିଶ୍ୱସ୍ୟ କର୍ତ୍ତା ଭୁବନସ୍ୟ ଗୋପ୍ତା । ସ ବ୍ରହ୍ମବିଦ୍ୟାଂ ସର୍ବବିଦ୍ୟାପ୍ରତିଷ୍ଠାମ ଅଥର୍ବାୟ ଜ୍ୟେଷ୍ଠପୁତ୍ରାୟ ପ୍ରାହ ।।*(ମୁଣ୍ଡକ ୧।୧।୧)–ବ୍ରହ୍ମା, ଅଥର୍ବା ନାମକ ଜ୍ୟେଷ୍ଠପୁତ୍ରକୁ ସର୍ବବିଦ୍ୟାର ଆଶ୍ରୟ ବ୍ରହ୍ମ–ବିଦ୍ୟା ଉପଦେଶ କରିଥିଲେ । ପୁଣି ଅଥର୍ବା ସେହି ବିଦ୍ୟା ଅଙ୍ଗିର ନାମକ ଋଷିଙ୍କୁ ସେ ଭରଦ୍ୱାଜ ଗୋତ୍ରୀୟ ସତ୍ୟବହଙ୍କୁ ଓ ସତ୍ୟବହ ଅଙ୍ଗିରାଙ୍କୁ କହିଥିଲେ ।

ଶ୍ରୀମଦ୍ଭାଗବତର (୯।୨୨।୨୨) ଶ୍ରୀଶୁକଦେବଙ୍କ ଉକ୍ତିର ଜଣାଯାଏ– *'ହିତ୍ୱା ସ୍ୱଶିଷ୍ୟାନ୍ ପୈଲାଦୀନ ଭଗବାନ୍ ବାଦରାୟଣଃ । ମହ୍ୟଂ ପୁତ୍ରାୟ ଶାନ୍ତାୟ ପରଂ ଗୁହ୍ୟମିଦଂ ଜଗୌ ।।* ଶ୍ରୀପରାଶରପୁତ୍ର ଶ୍ରୀକୃଷ୍ଣ ଦ୍ୱୈପାୟନ ବ୍ୟାସ ବେଦବିହିତ ନିଜଶିଷ୍ୟ ପୈଲ ପ୍ରଭୃତିଙ୍କୁ ପରିତ୍ୟାଗ କରି ସର୍ବଶ୍ରେଷ୍ଠ ଓ ପରମରହସ୍ୟ ବସ୍ତୁ ସ୍ନିଗ୍ଧ ପୁତ୍ର ମୋତେ କହିଥିଲେ । (ଜ୍ୟୋତିଷ, ବିବିଧ ଶିଳ୍ପୀ, କଳାବିତ୍, ବୈଦ୍ୟ ପ୍ରଭୃତି ନିଜ ଔରସଜାତ ପୁତ୍ରଙ୍କୁ ଯେଉଁ ଗୁହ୍ୟ ରହସ୍ୟଟି ଶିକ୍ଷା ଦିଅନ୍ତି, ଅପରର ପୁତ୍ର ଶିଷ୍ୟଙ୍କୁ ତାହା ପ୍ରଦାନ କରନ୍ତିନାହିଁ । ଏହା ମାତ୍ସର୍ଯ୍ୟ ବଶତଃ ନୁହେଁ, ଏହାର ମଧ୍ୟେ ସତ୍ୟର ବୀଜ ନିହିତ ଅଛି ।)

ଶ୍ରୀସନାତନଗୋସ୍ୱାମୀପାଦ୍ 'ଆମ୍ନାୟଗତ' ଶବ୍ଦର ଦୁଇଟି ଅର୍ଥ କରିଅଛନ୍ତି (କ) କୁଳକ୍ରମେ ଆଗତ ଓ (ଖ) ବେଦବିହିତ । ଆମ୍ନାୟ ଶବ୍ଦ ଅର୍ଥ–କୁଳ ବା ବଂଶ (ପୁତ୍ରପୌତ୍ରାଦି କ୍ରମାଗତ ଓ ଶିଷ୍ୟ ପରମ୍ପରାଗତ) ଏବଂ ବେଦ ବୁଝାଏ । ଅତଏବ ଆମ୍ନାୟଗୁରୁ କହିଲେ (୧) କୁଳ ବା ପୁତ୍ରପୌତ୍ରାଦିକ୍ରମେ ଓ ଶିଷ୍ୟପରମ୍ପରାରେ ପାଞ୍ଚରାତ୍ରିକ ଶ୍ରୀମନ୍ତ୍ରଗୁରୁ ଏବଂ (୨) ବୈଦିକଶାଖାରେ ତତ୍ତତ୍‌ଶାଖାନୁଯାୟୀ ଆଗତ ବେଦମନ୍ତ୍ରର ଉପଦେଷ୍ଟା । ଏହି ଉଭୟ ଉପଦେଷ୍ଟାହିଁ ଅବିଚ୍ଛିନ୍ନ ପରମ୍ପରାରେ ଆଗତ ହେବେ । *''ଶ୍ରୀଗୁରୁ ସମ୍ପ୍ରଦାୟଂ ଶୁଦ୍ଧମବିଚ୍ଛିନ୍ନମନୁସୃତ୍ୟୈ ବୈତତ୍ ପଠନ ପାଠନ ଶ୍ରବଣ–ଶ୍ରାବଣାଦିକଂ କାର୍ଯ୍ୟମ୍''* (ସାରର୍ଥଦର୍ଶନୀଟୀକା–୧୨।୪।୪୨) *''ଶାଖା ପ୍ରଣୟନଂ ମୁନେଃ । ଶିଷ୍ୟ ଶିଷ୍ୟ–ପ୍ରଶିଷ୍ୟାଣାଂ ବ୍ରହ୍ମତେଜୋବିବର୍ଧନମ୍ ।''* (ଭା ୧୨।୭।୨୫) । ନିତ୍ୟସିଦ୍ଧ ପାର୍ଷଦଙ୍କ କୁଳକ୍ରମାଗତ ଗୁରୁଙ୍କ ଠାରୁ (କ) ବଂଶ ଓ (ଖ) ପରିବାର ପ୍ରକାଶିତ ହୁଏ । ଯେତେବେଳେ ନିତ୍ୟସିଦ୍ଧ ପାର୍ଷଦଗଣଙ୍କୁ ପିତା, ମାତା, ପିତୃବ୍ୟ, ପତି, ଜ୍ୟେଷ୍ଠଭ୍ରାତା, ଇତ୍ୟାଦି ରୂପେ (ସ୍ଥାପନକରି) ବଂଶାନୁକ୍ରମେ ପାଞ୍ଚରାତ୍ରିକ ମନ୍ତ୍ର ଉପଦେଶ କରାଯାଏ, ସେତେବେଳେ ତାହାକୁ ବଂଶାନୁକ୍ରମ କୁହାଯାଏ । ଆଉ ଯେତେବେଳେ ସେହି ନିତ୍ୟସିଦ୍ଧ ପାର୍ଷଦଙ୍କର ଶିଷ୍ୟଙ୍କ ପୁତ୍ରପୌତ୍ରାଦି କ୍ରମେ ବା ଶିଷ୍ୟ ପ୍ରଶିଷ୍ୟ କ୍ରମରେ ମନ୍ତ୍ର ପ୍ରବାହିତ ହୁଏ ତାହାକୁ 'ପରିବାର' କୁହାଯାଏ । ଯେପରି ଶ୍ରୀନିତ୍ୟାନନ୍ଦପ୍ରଭୁ ତାହାଙ୍କ ପତ୍ନୀ ଶ୍ରୀଜାହ୍ନବୀଙ୍କୁ ଦୀକ୍ଷା ଦାନ କରନ୍ତି, ଶ୍ରୀଜାହ୍ନବୀ ଶ୍ରୀବୀରଚନ୍ଦ୍ରଙ୍କୁ ଦୀକ୍ଷା ଦାନକରନ୍ତି । ଅଥବା ଶ୍ରୀସନାତନ ଗୋସ୍ୱାମୀ ନିଜ ଅନୁଜ ଶ୍ରୀରୂପଗୋସ୍ୱାମୀଙ୍କୁ, ଶ୍ରୀରୂପ ଶ୍ରୀଜୀବଙ୍କୁ ଯେଉଁ ଦୀକ୍ଷା ପ୍ରଦାନ କରିଥିଲେ ତାହା ବଂଶାନୁକ୍ରମେ ଦୀକ୍ଷା । ଅଥବା ଶ୍ରୀପ୍ରବୋଧାନନ୍ଦସରସ୍ୱତୀ (ପିତୃବ୍ୟ) ଶ୍ରୀଗୋପାଳଭଟ୍ଟଗୋସ୍ୱାମୀଙ୍କୁ ବଂଶାନୁକ୍ରମେ ବୈଷ୍ଣବ ଦୀକ୍ଷା ଦାନ କରିଥିଲେ । ନିତ୍ୟ ସିଦ୍ଧପାର୍ଷଦଙ୍କର ଏହି ବଂଶ ଧାରାରେ ପ୍ରଧାନ (ପ୍ରବର) ଉପଦେଷ୍ଟାଙ୍କ ନାମାନୁସାରେ ହିଁ ବଂଶର ନାମ ହୁଏ । ଯଥା ଶ୍ରୀଜାହ୍ନବୀମାତାଙ୍କ ନିକଟରେ ଦୀକ୍ଷିତ ଶ୍ରୀରାମଚନ୍ଦ୍ର ଗୋସ୍ୱାମୀ ଓ

ଶ୍ରୀକାନୁଠାକୁରଙ୍କ ନାମାନୁସାରେ ହିଁ ବଂଶର ନାମ ହୋଇଅଛି । ସେହିପରି ଶ୍ରୀମାଧବେନ୍ଦ୍ରପୁରୀଙ୍କ ଶିଷ୍ୟ ଶ୍ରୀପୁଣ୍ଡରୀକ ବିଦ୍ୟାନିଧି ତାହାଙ୍କ ଶିଷ୍ୟ ଶ୍ରୀଗଦାଧର ପଣ୍ଡିତ ଇତ୍ୟାଦି ଶିଷ୍ୟ ପ୍ରଶିଷ୍ୟ ପରମ୍ପରାକୁ ପରିବାର କୁହାଯାଏ । ଉପରୋକ୍ତ ନିୟମାନୁସାରେ ଶ୍ରୀଗଦାଧରପଣ୍ଡିତହିଁ ପ୍ରଧାନ ବ୍ୟକ୍ତି ଥିବାରୁ ତାହାଙ୍କ ନାମାନୁସାରେ ଗଦାଧର ପରିବାର ହୋଇଅଛି ମାଧବେନ୍ଦ୍ର ପରୀବାର ବା ପୁଣ୍ଡରୀକ ପରିବାର ହୋଇନାହିଁ । ତଦନୁରୂପ ଶ୍ରୀଅଦ୍ୱୈତାଚାର୍ଯ୍ୟ ମଧ୍ୟ ଶ୍ରୀମାଧବେନ୍ଦ୍ରପୁରୀ ନିକଟରୁ ଦୀକ୍ଷା ଗ୍ରହଣ କରିଥିଲେ ମଧ୍ୟ ତାହାଙ୍କ ନାମାନୁସାରେ ଅଦ୍ୱୈତ ପରିବାର ହୋଇଅଛି । ଶ୍ରୀଅଦ୍ୱୈତ ଆଚାର୍ଯ୍ୟଙ୍କଠାରୁ ବଂଶାନୁକ୍ରମେ ଆଗତ ପରମ୍ପରାକୁ ଅଦ୍ୱୈତ ବଂଶ ଏବଂ ଶିଷ୍ୟାପ୍ରଶିଷ୍ୟ କ୍ରମେ ଆଗତ ପରମ୍ପରାକୁ ଅଦ୍ୱୈତ ପରିବାର କୁହାଯାଏ । ପୂର୍ବପରି ଶ୍ରୀନରୋତ୍ତମଠାକୁର ମହାଶୟ ମଧ୍ୟ ଶ୍ରୀଲୋକନାଥ ଗୋସ୍ୱାମୀ ନିକଟରୁ ଦୀକ୍ଷିତ ହୋଇଥିଲେ ମଧ୍ୟ ତାହାଙ୍କ ଶିଷ୍ୟ ପରମ୍ପରାକୁ ନରୋତ୍ତମ ପରିବାର କୁହାଯାଏ । ଶ୍ରୀନିବାସଠାକୁର ଓ ଶ୍ରୀଶ୍ୟାମାନନ୍ଦ ପ୍ରଭୁଙ୍କ ନାମାନୁସାରେ ମଧ୍ୟ ଶ୍ରୀନିବାସ ପରିବାର ଓ ଶ୍ୟାମାନନ୍ଦ ପରିବାର ହୋଇଛି ତାହାଙ୍କ ଶ୍ରୀଗୁରୁଦେବଙ୍କ ନାମାନୁସାରେ ନୁହେଁ ।

ଏହି କୁଳଗୁରୁ (ବଂଶାନୁକ୍ରମେ ଓ ପରିବାର କ୍ରମେ) ପ୍ରଥା ସ୍ୱୟଂ ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରାହିଁ ପ୍ରବର୍ତ୍ତିତ । ଶ୍ରୀମନ୍ମହାପ୍ରଭୁ, ଶ୍ରୀନିତ୍ୟାନନ୍ଦପ୍ରଭୁଙ୍କୁ କହିଥିଲେ, *"ତୁମି ଆମି ଯଖନ କରିବ ଅନ୍ତର୍ଦ୍ଧାନ । ଏ ସବ ଜୀବେର ତବେ କୈଛେ ହବେ ତ୍ରାଣ ॥ ତୁମି ଯାହ ଗୌଡ଼ଦେଶେ କରିତେ ସଂସାର । ତବେ ଏଇ ସବ ଜୀବରେ ହଇବେ ଉଦ୍ଧାର ॥ କ୍ରମେ କ୍ରମେ ରହିବେକ ତୋମାର ନିଜଶକ୍ତି । ସର୍ବଜୀବେ ଉଦ୍ଧାରିବେ ଦିଯେ ପ୍ରେମଭକ୍ତି ॥"* ଶ୍ରୀମନ୍ମହାପ୍ରଭୁହିଁ ଅବଧୂତ ସନ୍ନ୍ୟାସୀ ଶ୍ରୀନିତାଇଚାନ୍ଦଙ୍କୁ ବିବାହ କରି ଆଦର୍ଶ ବଂଶ ଓ ପରିବାର ସୃଜନ କରିବାପାଇଁ ଆଦେଶ ଦେଇଥିଲେ କାରଣ ତାହାଙ୍କରହିଁ ଶକ୍ତି ଓ ଅଂଶଗଣହିଁ ଆଚାର୍ଯ୍ୟ ବା କୁଳଗୁରୁ ଭାବରେ ଏହି କଳିହତ ଜୀବଙ୍କୁ ଉଦ୍ଧାର କରିବେ । ବାସ୍ତବରେ ଶ୍ରୀମନ୍ମହାପ୍ରଭୁଙ୍କର ଏହି ରାଗମାର୍ଗର ଭଜନର ଧାରା କେବଳ ନିତ୍ୟ ସିଦ୍ଧ ପାର୍ଷଦଗଣଙ୍କର ବଂଶାନୁକ୍ରମ ଓ ଶିଷ୍ୟ-ପ୍ରଶିଷ୍ୟ ପରିବାର କ୍ରମେ ହିଁ ବର୍ତ୍ତମାନ୍ ପର୍ଯ୍ୟନ୍ତ (ଅର୍ଥାତ୍ ଶ୍ରୀମନ୍ମହାପ୍ରଭୁଙ୍କ ଅପ୍ରକଟ ଲୀଳାର ପାଞ୍ଚଶତବର୍ଷ ପରେ) ଅକ୍ଷୁର୍ଣ୍ଣ ଅବସ୍ଥାରେ ରହିଅଛି ।

ନିତ୍ୟସିଦ୍ଧ ଗୌରପରିକରଙ୍କ ମଧ୍ୟରେ ଏହି ରୀତି ଦେଖିବାକୁ ମିଳେ । ଶ୍ରୀଶିବାନନ୍ଦ ସେନଙ୍କ ପୁତ୍ର ଶ୍ରୀପରମାନନ୍ଦ ସେନ (ଶ୍ରୀକବିକର୍ଣ୍ଣପୁର) ବାଲ୍ୟ କାଳରେ ସାକ୍ଷାତ୍ ଶ୍ରୀମନ୍ମହାପ୍ରଭୁଙ୍କର ଶ୍ରୀମୁଖରୁ କୃଷ୍ଣନାମର ଉପଦେଶ ପ୍ରାପ୍ତ ହୋଇଥିଲେ ମଧ୍ୟ ସଦାଚାର ମର୍ଯ୍ୟାଦା ସ୍ଥାପନ ପାଇଁ ନିଜ ପରିବାରର କୁଳଗୁରୁ ଶ୍ରୀନାଥ ଚକ୍ରବର୍ତ୍ତୀଙ୍କଠାରୁ ଶ୍ରୀଗୋପାଳମନ୍ତ୍ରରେ ଯଥାବିଧି ଦୀକ୍ଷିତ ହୋଇଥିଲେ । ଶ୍ରୀରଘୁନାଥଦାସଗୋସ୍ୱାମୀପାଦ୍ ମଧ୍ୟ ନିଜ କୁଳୋପୁରୋହିତ ଶ୍ରୀଯଦୁନନ୍ଦନ ଆଚାର୍ଯ୍ୟ (ଅଦ୍ୱୈତପରିବାର)ଙ୍କ ନିକଟରେ ଦୀକ୍ଷିତ ହୋଇଥିଲେ । ଆହୁରି ମଧ୍ୟ ଅନେକ ଶ୍ରୀଗୌରପାର୍ଷଦ ଏହପରି ଆଦର୍ଶ ସ୍ଥାପନ କରିଯାଇଛନ୍ତି, ଶ୍ରୀଦାସଗୋସ୍ୱାମୀ ନିଜ କୁଳୋପୁରୋହିତଙ୍କୁ ବ୍ୟବହାରିକ ଗୁରୁ ବୋଲି ତ୍ୟାଗ କରିନାହାନ୍ତି ।

ଶ୍ରୀରୂପ ଓ ଶ୍ରୀଜୀବ ଶ୍ରୀରାଧାକୃଷ୍ଣଗଣୋଦ୍ଦେଶ ଓ ଶ୍ରୀରାଧାକୃଷ୍ଣାର୍ଚ୍ଚନା ଦୀପିକା ଗ୍ରନ୍ଥରେ ଶ୍ରୀରାଧାତନ୍ତ୍ରର ବହୁ ପ୍ରମାଣ ଉଦ୍ଧାର କରିଛନ୍ତି । ଶ୍ରୀରାଧାତନ୍ତ୍ରରେ (୨।୧୪) ଉକ୍ତ ହୋଇଅଛି

–*"ଶ୍ରୁତ୍ୱା କୁଳମୁଖାତ୍ ବିପ୍ରାତ୍ ସାକ୍ଷାଦ୍ବ୍ରହ୍ମମୟୋ ଭବେତ୍"* – ବ୍ରାହ୍ମଣ–କୁଳଗୁରୁଙ୍କ ନିକଟରୁ ମନ୍ତ୍ର ଶ୍ରବଣ କରି ସାକ୍ଷାତ୍ ବ୍ରହ୍ମମୟ ହେବେ ।

ପୁନର୍ବାର ସେଥିରେ ଉକ୍ତ ହୋଇଅଛି–*'ହରିନାମ ବିନା ପୁତ୍ର ! ଦୀକ୍ଷା ଚ ବିଫଳା ଭବେତ୍ । କୁଳଦେବମୁଖାଚ୍ଛ୍ରୁତ୍ୱା ହରିନାମ ପରାକ୍ଷରମ୍ ॥ବ୍ରାହ୍ମଣକ୍ଷତ୍ରରିଟ ଶୂଦ୍ରାଃ ଶ୍ରୁତ୍ୱା ନାମ ପରାକ୍ଷରମ । ଦୀକ୍ଷାଂ କୁର୍ଯ୍ୟୁଃ ସୁତଶ୍ରେଷ୍ଠ ମହାବିଦ୍ୟାସୁ ସୁନ୍ଦର ॥ **ଅକୁଳାଦ୍ଯସ୍ତୁ ଗୃହ୍ନୀୟାତ୍ ତସ୍ୟ ପାପଫଳଂ ଶୃଣୁ ॥* (ରାଧାତନ୍ତ୍ର-୨।୨୮-୨୯) ହେ ବତ୍ସ ! ହରିନାମ ବ୍ୟତୀତ ଦୀକ୍ଷା ବିଫଳ ହୁଏ । କି ବିପ୍ର କି କ୍ଷତ୍ରିୟ କି ବୈଶ୍ୟ କି ଶୁଦ୍ର ସମସ୍ତେହିଁ କୁଳଗୁରୁଙ୍କ ମୁଖରୁ ପରମାକ୍ଷର ଶ୍ରୀହରିନାମ ଶ୍ରବଣ କରି ମହାବିଦ୍ୟାରେ ଦୀକ୍ଷା ଲାଭ କରିବେ । ଯେଉଁ ବ୍ୟକ୍ତି କୁଳଗୁରୁ ବ୍ୟତୀତ ଅନ୍ୟର ମନ୍ତ୍ର ଗ୍ରହଣ କରେ, ତାହାର ଯେ କି ଭୀଷଣ ପାପଫଳ ହୁଏ ତାହା ଶ୍ରବଣ କର ।

ଶ୍ରୀଗୌରନିତ୍ୟାନନ୍ଦଙ୍କ ପ୍ରକଟ–ଲୀଳାକାଳେ ତ ଅନେକେହିଁ ପୁରୁଷାନୁକ୍ରମେ ବଂଶପରମ୍ପରାରେ ନିତ୍ୟସିଦ୍ଧ ଭଗବତ୍‌ପାର୍ଷଦ ବୈଷ୍ଣବ ହୋଇଛନ୍ତି । ଅପ୍ରକଟ ଲୀଳାପରେ ମଧ୍ୟ ସେହି ସମସ୍ତ ପାର୍ଷଦବଂଶରେ ଅନେକ ସିଦ୍ଧପୁରୁଷଙ୍କ ଆବିର୍ଭାବ ହୋଇଅଛି । *"ପଞ୍ଚପୁତ୍ର ସଙ୍ଗେ ଭଜେ ରାୟଭବାନନ୍ଦ"*, *"ତିନପୁତ୍ର ସଙ୍ଗେ ନାଚେ ସେନ ଶିବାନନ୍ଦ"*, ତଦ୍ରୂପ କୁଳୀନଗ୍ରାମ ଶ୍ରୀକୃଷ୍ଣବିଜୟ ପ୍ରଣେତା ଶ୍ରୀମାଳାଧର ବସୁ ଗୁଣରାଜ ଖାଁ, ତତ୍‌ପୁତ୍ର ଶ୍ରୀଲକ୍ଷ୍ମୀଧର ବସୁ ସତ୍ୟରାଜ ଖାଁ, ତତ୍‌ପୁତ୍ର ଶ୍ରୀଗୌରପାର୍ଷଦ ଶ୍ରୀରାମାନନ୍ଦ ବସୁ ଇତ୍ୟାଦି । ଶ୍ରୀମନ୍ମହାପ୍ରଭୁ ସ୍ୱୟଂ ଶ୍ରୀମୁଖରେ କହିଛନ୍ତି–*"ଗୁଣରାଜ–ଖାନ କୈଲ ଶ୍ରୀକୃଷ୍ଣବିଜୟୀ । ତାଁହା ଏକ ବାକ୍ୟ ତାଁର ଆଛେ ପ୍ରେମମୟ ॥ ନନ୍ଦନନ୍ଦନ କୃଷ୍ଣ– ମୋର ପ୍ରାଣନାଥ । ଏଇ ବାକ୍ୟେ ବିକାଇନୁ ତାଁର ବଂଶେର ହାତ ॥"* (ଚୈ:ଚ:୨।୧୫।୧୦୦) –ଶ୍ରୀମନ୍ମହାପ୍ରଭୁ ନିଜ ସର୍ବସ୍ୱ କେବଳ ତାହାଙ୍କ ହାତରେ ନୁହଁ ତାହାଙ୍କ ଭବିଷ୍ୟତ ବଂଶଧରମାନଙ୍କ ନିକଟରେ ବିକ୍ରୟ କରିଅଛନ୍ତି । ଶ୍ରୀସଦାଶିବ ତାହାଙ୍କ ପୁତ୍ର ଶ୍ରୀପୁରୁଷୋତ୍ତମଠାକୁର ତାହାଙ୍କ ପୁତ୍ର ଶ୍ରୀକାନୁଠାକୁର – ତିନିପିଢ଼ି ନିତ୍ୟ ସିଦ୍ଧ ଗୌରପାର୍ଷଦ, କାନୁଠାକୁରଙ୍କ ପ୍ରପୌତ୍ର ଶ୍ରୀକୃଷ୍ଣରାମ ଗୋସ୍ୱାମୀପ୍ରଭୁ ସିଦ୍ଧ ମହାତ୍ମା ଥିଲେ । ଏହିପରି ଶ୍ରୀନିତ୍ୟାନନ୍ଦପ୍ରଭୁ, ଶ୍ରୀଅଦ୍ୱୈତପ୍ରଭୁ, ଶ୍ରୀଆଚାର୍ଯ୍ୟଠାକୁର, ଶ୍ରୀନରୋତ୍ତମ ଠାକୁର ମହାଶୟ, ଶ୍ୟାମାନନ୍ଦ ପ୍ରଭୁ ଆଦିଙ୍କ ବଂଶ ଓ ପରିବାରରେ ବହୁବହୁ ସିଦ୍ଧ ମହାତ୍ମା ଆସିଅଛନ୍ତି । ଏହି ନିକଟ ଭବିଷ୍ୟରେ ବୈଷ୍ଣବସାର୍ବଭୌମ ଶ୍ରୀଳ ଜଗନ୍ନାଥଦାସ ବାବାଜୀ ମହାରାଜ ମଧ୍ୟ ସିଦ୍ଧ ଆମ୍ନାୟ କୁଳଗୁରୁପ୍ରଥା ଆଶ୍ରୟ କରିବାର ଆଦର୍ଶ ପ୍ରଦାନ କରିଛନ୍ତି । ସେ ଶ୍ରୀନିତ୍ୟାନନ୍ଦ ବଂଶୀୟ ଶ୍ରୀଜଗଦାନନ୍ଦ ଗୋସ୍ୱାମିପ୍ରଭୁଙ୍କ ନିକଟରୁ ଦୀକ୍ଷା ମନ୍ତ୍ର ଗ୍ରହଣ କରିଥିଲେ । ସିଦ୍ଧ ଶ୍ରୀଳଗୌରକିଶୋର ଦାସ ବାବାଜୀ ମହାରାଜ ମଧ୍ୟ କୁଳକ୍ରମାଗତ ଶ୍ରୀ ଅଦ୍ୱୈତ ବଂଶରେ ମନ୍ତ୍ରଗ୍ରହଣ କରିଥିଲେ । ଶ୍ରୀଗୋବର୍ଦ୍ଧନ ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜ ଓ ଶ୍ରୀନବଦ୍ୱୀପର ଶ୍ରୀବଂଶୀଦାସ ବାବାଜୀ ମହାରାଜ କୁଳକ୍ରମାଗତ ଧାରାରେ ଶ୍ରୀନରୋତ୍ତମ ଠାକୁର ମହାଶୟଙ୍କ ପରିବାରଭୁକ୍ତ ଥିଲେ । କାମ୍ୟବନର ସିଦ୍ଧ ଶ୍ରୀଜୟକୃଷ୍ଣଦାସ ବାବାଜୀ ମହାରାଜ ଓ ଶ୍ରୀଜଗନ୍ନାଥ ଦାସ ବାବାଜୀ ମହାରାଜଙ୍କ ବେଶ ଗୁରୁ ସୂର୍ଯ୍ୟକୁଣ୍ଡର ଶ୍ରୀମଧୁସୂଦନଦାସ ବାବାଜୀ ମହାରାଜ ଶ୍ରୀଗଙ୍ଗାମାତା ଗୋସ୍ୱାମୀନୀଙ୍କ ପରିବାରକଭୁକ୍ତ ଥିଲେ । ଶ୍ରୀଭକ୍ତିବିନୋଦଠାକୁର ଜାହ୍ନବାମାତାଙ୍କ ପାଳିତପୁତ୍ର ଓ ଶିଷ୍ୟ ଶ୍ରୀରାମାଇଠାକୁରଙ୍କ ବଂଶରେ ଆଗତ ଶ୍ରୀ ବିପିନବିହାରୀ ଗୋସ୍ୱାମୀ

ପ୍ରଭୁଙ୍କଠାରୁ ଦୀକ୍ଷାଗ୍ରହଣ କରିଥିଲେ । ଶ୍ରୀଗୋବିନ୍ଦକୁଣ୍ଡର ସିଦ୍ଧ ମନୋହର ଦାସ ବାବାଜୀ ମହାରାଜ ଶ୍ରୀଅଦ୍ୱୈତ ଆଚାର୍ଯ୍ୟଙ୍କ ପରିବାର ଭୁକ୍ତ ଥିଲେ । ଶ୍ରୀବୃନ୍ଦାବନର ସିଦ୍ଧ ଶ୍ରୀରାମକୃଷ୍ଣଦାସ ପଣ୍ଡିତ ବାବାଜୀ ମହାରାଜଙ୍କ ଦୀକ୍ଷା ଗୁରୁଦେବ ବ୍ରହ୍ମକୁଣ୍ଡର ଶ୍ରୀନିତ୍ୟାନନ୍ଦ ଦାସ ବାବାଜୀମହାରାଜ ଶ୍ରୀଗଦାଧର ପରିବାର ଭୁକ୍ତ ଥିଲେ । ଶ୍ରୀଗୌଡ଼ୀୟ ବୈଷ୍ଣବାଚାର୍ଯ୍ୟ ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତିପାଦ୍ ଶ୍ରୀନରୋତ୍ତମ ଠାକୁରଙ୍କ ପରିବାରରେ (ଶ୍ରୀନରୋତ୍ତମ, ତତ୍ ଶିଷ୍ୟ ଶ୍ରୀଗଙ୍ଗାନାରାୟଣ ଚକ୍ରବର୍ତ୍ତୀ, ତାହାଙ୍କ ଦତ୍ତ ପୁତ୍ର ଓ ଶିଷ୍ୟ ଶ୍ରୀକୃଷ୍ଣଚରଣ ଚକ୍ରବର୍ତ୍ତୀ, ତତ୍‌ପୁତ୍ର ଓ ଶିଷ୍ୟ ଶ୍ରୀରାଧାରମଣ ଚକ୍ରବର୍ତ୍ତୀ) ଶ୍ରୀରାଧାରମଣ ଚକ୍ରବର୍ତ୍ତୀଙ୍କ ନିକଟରୁ ମନ୍ତ୍ରଦୀକ୍ଷା ଗ୍ରହଣ କରିଥିଲେ । ଶ୍ରୀଗୋବିନ୍ଦଭାଷ୍ୟ ରଚୟିତା ଶ୍ରୀପାଦ୍ ବଳଦେବ ବିଦ୍ୟାଭୂଷଣ ଶ୍ରୀଶ୍ୟାମାନନ୍ଦ ପରିବାରରେ (ଶ୍ରୀନିତ୍ୟାନନ୍ଦପ୍ରଭୁଙ୍କ ଶିଷ୍ୟ ଶ୍ରୀଗୌରୀଦାସ ପଣ୍ଡିତ, ତତ୍‌ଶିଷ୍ୟ ଶ୍ରୀହୃଦୟଚୈତନ୍ୟ, ତତ୍‌ଶିଷ୍ୟ ଶ୍ରୀଶ୍ୟାମାନନ୍ଦ, ତତ୍‌ଶିଷ୍ୟ ଶ୍ରୀରସିକାନନ୍ଦ, ତତ୍‌ପୌତ୍ର ଓ ଶିଷ୍ୟ ଶ୍ରୀନୟନାନନ୍ଦ, ତତ୍‌ଶିଷ୍ୟ ଶ୍ରୀରାଧାଦାମୋଦର, ଶ୍ରୀରାଧା ଦାମୋଦର ଗୋସ୍ୱାମୀ ପ୍ରଭୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିଥିଲେ । ସୁତରାଂ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀପାଦ୍ ଓ ଶ୍ରୀପାଦ୍ ବଳଦେବ ବିଦ୍ୟାଭୂଷଣ ଆଦି ପ୍ରମୁଖ ଆଚାର୍ଯ୍ୟଗଣ ମଧ୍ୟ ନିତ୍ୟସିଦ୍ଧ ପାର୍ଷଦବଂଶୀୟ ଆଚାର୍ଯ୍ୟ ସନ୍ତାନଗଣଙ୍କୁ ନିଜ ନିଜ ଗୁରୁପ୍ରଣାଳୀରେ ଗ୍ରହଣ କରିଅଛନ୍ତି ।

ଅତଏବ ମହଦ୍‌ଗଣ, ଆଚାର୍ଯ୍ୟଗଣ ଓ ଲୋକଶିକ୍ଷକ ବୈଷ୍ଣବଗଣ ସମସ୍ତେହିଁ ସିଦ୍ଧ ଆମ୍ନାୟରେହିଁ ଗୁରୁଗ୍ରହଣ କରିଛନ୍ତି । ସିଦ୍ଧ ଆମ୍ନାୟର ଶୁଦ୍ଧତା ଓ ଅବିଚ୍ଛିନ୍ନତାର ସଂରକ୍ଷଣ ପାଇଁ – କୁଳଗୁରୁ ପ୍ରଥା ଶ୍ରୀମନ୍ମାହାପ୍ରଭୁଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଅଛି । କିନ୍ତୁ କାଳକ୍ରମେ ସିଦ୍ଧ ପାର୍ଷଦ–ବଂଶ ମଧ୍ୟରେ ମଧ୍ୟ କୌଣସି କୌଣସି କ୍ଷେତ୍ରରେ ଅବିଶୁଦ୍ଧତା ପ୍ରବେଶ କରିପାରେ । କିନ୍ତୁ ସେହି ସିଦ୍ଧ ଆମ୍ନାୟ–ସମୂହରେ ଅବିଶୁଦ୍ଧତାର ଦୃଷ୍ଟାନ୍ତ ଦେଖାଇ, ସେହି ସିଦ୍ଧ ଧାରାରେ ପ୍ରଚଳିତ ଶ୍ରୀଗୋପାଳମନ୍ତ୍ରର ବୀର୍ଯ୍ୟତ୍ୱ ଉପରେ ସନ୍ଦେହ ଉପସ୍ଥାପନ କରି ଆମ୍ନାୟବର୍ଜିତ ସ୍ୱୟଂସିଦ୍ଧ ଗୁରୁ–ବରଣ ଅଧିକାର ଦୋଷାବହ, ଅଶାସ୍ତ୍ରୀୟ ଓ ଅସଂଖ୍ୟ ଅନର୍ଥ ଓ ଉତ୍ପାତର ଆକାର । କାଳଧର୍ମ ବଶତଃ ସ୍ୱୟଂସିଦ୍ଧ ଅବତାରବାଦ ଓ ସ୍ୱୟଂ ସିଦ୍ଧ ଗୁରୁବାଦର ପେଶଳବାଗ୍ବିତାମୟ ନାଟ୍ୟରେ ଓ ବିଚିତ୍ର ମନୋମୁଗ୍ଧକର ଐଶ୍ୱର୍ଯ୍ୟରେ ମୁଗ୍ଧ ହୋଇ ଯୁଗମାନବ ନାନାପ୍ରକାରରେ କୁପଥଗାମିତାର ପ୍ଲାବନରେ ନିମଜ୍ଜିତ ହେଉଅଛନ୍ତି ।

ଏ ବିଷୟରେ ଏକ ଜ୍ୱଳନ୍ତ ଉଦାହରଣ ପ୍ରତିପାଦିତ ହେଉଅଛି– ବୈଷ୍ଣବ ସାର୍ବଭୌମ ସିଦ୍ଧ ଶ୍ରୀଜଗନ୍ନାଥଦାସ ବାବାଜୀ ମହାରାଜଙ୍କ ବେଷଗୁରୁ ସୂର୍ଯ୍ୟକୁଣ୍ଡବାସୀ ସିଦ୍ଧ ଶ୍ରୀମଧୁସୂଦନ ଦାସ ବାବାଜୀ ମହାରାଜଙ୍କ ପୂର୍ବାଶ୍ରମର ଏକ ଘଟଣାରୁ ଜଣାଯାଏ, ତାହାଙ୍କ ମାତାପିତା ପୁତ୍ରର ବାଲ୍ୟକାଳରୁହିଁ ସଂସାର ପ୍ରତି ବିରକ୍ତ ଭାବ ଦେଖି, ତାହାଙ୍କ ଅନିଚ୍ଛାସତ୍ତ୍ୱେ ମଧ୍ୟ ତାହାଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିଲେ । କିନ୍ତୁ ବିବାହ ଦିନ ରାତ୍ରିରେ ବାଳକ ଶ୍ରୀମଧୁସୂଦନ ବାସର ଘରରୁ ପଳାୟନ କରି ଶ୍ରୀଧାମ ବୃନ୍ଦାବନରେ ଆଗମନ କରିଲେ ।

ସିଦ୍ଧ ବୈଷ୍ଣବ ମହତଙ୍କ ନିକଟରୁ ଶ୍ରୀଶ୍ରୀରାଧାକୃଷ୍ଣମନ୍ତ୍ରରେ ଦୀକ୍ଷିତହୋଇ ଯୁଗଳ ଭଜନ କରିବେ – ଏହିପରି ସଙ୍କଳ୍ପକରି ସେ ଦିନେ ଯମୁନାତଟରେ କେଶୀତୀର୍ଥରେ ବସି ଚିନ୍ତା କରୁଅଛନ୍ତି, ଏପରି ସମୟରେ ଗଙ୍ଗାମାତାବଂଶୀୟ ଜଣେ ବୈଷ୍ଣବ ମହାତ୍ମା ଯମୁନାରେ ସ୍ନାନ କରି ଆସି ବାଳକ ମଧୁସୂଦନଙ୍କୁ ଦେଖି କହିଲେ – "ବାପା, ଯାଅ ତୁମେ ଯମୁନାରେ ସ୍ନାନ

କରିଆସ, ମୁଁ ତୁମକୁ ଦୀକ୍ଷାମନ୍ତ୍ର ଦେବି ।'' ଶ୍ରୀମଧୁସୂଦନ ଆନନ୍ଦର ସହିତ ସ୍ନାନ କରି ଆସିବାରୁ ଉକ୍ତ ବୈଷ୍ଣବ ମହାତ୍ମା ମନ୍ତ୍ରାର୍ଥ ସହିତ ଦଶାକ୍ଷର ମନ୍ତ୍ରରେ ମଧୁସୂଦନଙ୍କୁ ଦୀକ୍ଷିତ କରିଲେ । ମନ୍ତ୍ର ଲାଭ କରି ମଧୁସୂଦନ ଆବିଷ୍ଟ ହୋଇ ପଡ଼ିବାରୁ ସେହି ଅବସରରେ ସେହି ବୈଷ୍ଣବ ମଧ୍ୟ ଅନ୍ତର୍ହିତ ହୋଇଗଲେ । ସେହି ମହାତ୍ମା କିଏ ? ତାହାଙ୍କର ପରିଚୟ କଣ ? ଇତ୍ୟାଦି କିଛି ମଧ୍ୟ ଶ୍ରୀମଧୁସୂଦନ ପଚାରିବାର ସୁଯୋଗ ପାଇଲେ ନାହିଁ । ସେ କ୍ରମଶଃ ପ୍ରକୃତିସ୍ଥ ହୋଇ ମନ୍ତ୍ର ଜପ କରିବାକୁ ଲାଗିଲେ ଏବଂ ଭ୍ରମଣ କରି କରି ମାନସୀଗଙ୍ଗାକୁ ଆସି ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜଙ୍କ ଶରଣ ଗ୍ରହଣ ପୂର୍ବକ କହିଲେ, 'ମୁଁ ମୂର୍ଖ ବାଳକ ମୋତେ କୃପା କରି ଭଜନ-ରୀତି ଉପଦେଶ କରନ୍ତୁ ।' ସିଦ୍ଧବାବା ବାଳକର ତେଜଃ କାନ୍ତି ଓ ଭାବ ଦେଖି ତାହାଙ୍କ ପରିଚୟ ପଚାରିଲେ । ଶ୍ରୀମଧୁସୂଦନ ଗୃହତ୍ୟାଗଠାରୁ ଆରମ୍ଭ କରି ଦୀକ୍ଷା ଗ୍ରହଣ ପର୍ଯ୍ୟନ୍ତ ସମସ୍ତ ଘଟଣା ନିବେଦନ କରିଲେ । ସିଦ୍ଧବାବା ସମସ୍ତ ଘଟଣା ଶୁଣି କହିଲେ,- 'ଆତ୍ମମାନଙ୍କ ରାଗର ଭଜନ, ସମ୍ବନ୍ଧ ଓ ସିଦ୍ଧ-ପରମ୍ପରା-ସମ୍ମତ ଗୁରୁ ପରିବାରରୁହିଁ ନିରୂପିତ ହୁଏ । ତୁମ ଶ୍ରୀଗୁରୁଦେବଙ୍କ ନାମ, ପରିବାର, ସିଦ୍ଧସ୍ୱରୂପ ଇତ୍ୟାଦି କିଛି ମଧ୍ୟ ତ ଜଣାନାହିଁ, ଏଥିପାଇଁ ରାଗାନୁଗା ଭଜନ ମାର୍ଗରେ ତୁମର ଅଧିକାର ନାହିଁ ।' ସିଦ୍ଧବାବାଙ୍କ ଏହି କଥାରେ ହତାଶ ହୋଇ ମଧୁସୂଦନ ଅନର୍ଗଳ କ୍ରନ୍ଦନ କରିବାରୁ ସିଦ୍ଧବାବା ଦୟାପରବଶ ହୋଇ ଶ୍ରୀମଧୁସୂଦନଙ୍କୁ କହିଲେ - 'ଭାଇ ! ତୁମେ କାମ୍ୟବନର ଶ୍ରୀପାଦ୍ ଜୟକୃଷ୍ଣ ଦାସ ବାବାଜୀ ମହାରାଜଙ୍କ ନିକଟକୁ ଯାଅ, ସେ ସର୍ବବେତ୍ତା, ସେ ତୁମ ଶ୍ରୀଗୁରୁଦେବଙ୍କ ପରିଚୟ ଓ ସମ୍ବନ୍ଧାଦି ନିର୍ଣ୍ଣୟ କରିଦେଇ ପାରିବେ ।' ଶ୍ରୀମଧୁସୂଦନ କାମ୍ୟବନରେ ସିଦ୍ଧ ଶ୍ରୀଜୟକୃଷ୍ଣ ଦାସ ବାବାଜୀ ମହାରାଜଙ୍କ ନିକଟକୁ ଯାଇ ଆମୂଳଚୂଳ ସମସ୍ତ ବୃତ୍ତାନ୍ତ ଜଣାଇଲେ । ସିଦ୍ଧବାବା ସର୍ବବିତ୍ ହୋଇ ମଧ୍ୟ ଭବିଷ୍ୟତରେ ଉପଧର୍ମର ସୃଷ୍ଟି ନହେଉ, ସେହି ବିଷୟରେ ସତର୍କ ହୋଇ ଶ୍ରୀମଧୁସୂଦନଙ୍କୁ କହିଲେ,-''ଭାଇ ! ଏ ବିଷୟରେ ମୁଁ କିଛି ମଧ୍ୟ ଅନୁମାନ କରିପାରୁନାହିଁ, ଅଥଚ ତୁମ ଦୀକ୍ଷା ଲଂଘନ କରିବା ମଧ୍ୟ ଅନୁଚିତ୍ । ଏହି ଅବସ୍ଥାରେ ତୁମର ରାଗାନୁଗା ଭଜନରେ ଅଧିକାର ନାହିଁ । ତୁମେ ଏକାନ୍ତରେ ବସି ସର୍ବଶୁଭଦ ଶ୍ରୀହରିନାମ କର, ତୁମ ଶ୍ରୀଗୁରୁଦେବଙ୍କଠାରୁ ଇଚ୍ଛା ମାତ୍ରେ ଯେପରି ମନ୍ତ୍ର ଲାଭ କରିଅଛ, ସେହିପରି ଅବଶିଷ୍ଟ ବାଞ୍ଛା ମଧ୍ୟ ସେ ହିଁ ପୂର୍ଣ୍ଣ କରିବେ ।'' ଏହି କଥା କହି ତାହାକୁ ବିଦାୟ ଦେଲେ । ରାଗାନୁଗ ଭଜନରେ ଅଧିକାର ନାହିଁ, ତେଣୁ ଜୀବନଧାରଣ ବୃଥା ବୋଲି ବିଚାର କରି ଶ୍ରୀମଧୁସୂଦନ ଶ୍ରୀକୃଷ୍ଣ ନାମ କରି କରି ସେହି ଦିନହିଁ ଅର୍ଧରାତ୍ରିରେ ଗଳାରେ ଶ୍ରୀଗୋବର୍ଦ୍ଧନ ଶିଳା ବାନ୍ଧି ଶ୍ରୀରାଧାକୁଣ୍ଡକୁ ଝାମ୍ପ ଦେଲେ ଏବଂ କ୍ରମଶଃ ଅତଳ ଜଳରେ ଯାଇପଡ଼ିଲେ । ସେହି ସମୟରେ ଅକସ୍ମାତ୍ କିଏ ଜଣେ ତାହାଙ୍କ କଣ୍ଠବଦ୍ଧ ଶିଳାଟି ଖୋଲି ନେଇ ତାହାଙ୍କ ହସ୍ତରେ ଗୋଟିଏ ତାଳପତ୍ର ପ୍ରଦାନ କରି ତୀରଦେଶକୁ ନିକ୍ଷେପ କରିଲେ, କିଛି ସମୟପରେ ପ୍ରଭାତ ହେଲା । ସେ ତାଳପତ୍ରଟିକୁ ନେଇ ଶ୍ରୀଗୋବର୍ଦ୍ଧନର ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀଙ୍କ ନିକଟରେ ଉପସ୍ଥିତ ହେଲେ ଏବଂ ସମସ୍ତ କଥା କହିଲେ । ସିଦ୍ଧବାବା ଉକ୍ତ ପତ୍ର ବିଷୟରେ କିଛି ନକହି ତାହାଙ୍କୁ ପୁନର୍ବାର କାମ୍ୟବନର ଶ୍ରୀଜୟକୃଷ୍ଣଦାସ ବାବାଜୀ ମହାରାଜଙ୍କ ନିକଟକୁ ପଠାଇଦେଲେ । ସେ ସେହି ତାଳପତ୍ରଟି ଦେଖି କହିଲେ-'ତୁମ ଉପରେ ଶ୍ରୀପ୍ରିୟାଜୀଙ୍କର ଯଥେଷ୍ଟ କୃପା ଅଛି, କିନ୍ତୁ ଯାହା

ପାଇଛ, ତାହା ମଧ୍ୟ ଅପ୍ରକାଶ୍ୟ । ବହିର୍ଜଗତକୁ ତ ମୁଁ ବୁଝାଇ ପାରିବିନାହିଁ, ତୁମେ ପୁନର୍ବାର ଶ୍ରୀରାଧାକୁଣ୍ଡକୁ ଯାଇ ଶ୍ରୀପ୍ରିୟାଜୀଙ୍କୁ ଡ଼ାକ, ସେ ଅବଶ୍ୟହିଁ କୃପା କରି ତୁମ ଅଭୀଷ୍ଟ ସିଦ୍ଧି କରିବେ ।' ଶ୍ରୀମଧୁସୂଦନ ଦାସଜୀ ତାହାହିଁ କରିଲେ । ସିଦ୍ଧ ବାବାଙ୍କ କୃପାରୁ ସେହି ରାତ୍ରିରେହିଁ ଶ୍ରୀପ୍ରିୟାଜୀ ଶ୍ରୀମଧୁସୂଦନଙ୍କ ନିକଟରେ ଉପସ୍ଥିତ ହୋଇ ତାହାଙ୍କୁ ଉପଦେଶ କରିଲେ –'ସୂର୍ଯ୍ୟ କୁଣ୍ଡକୁ ଯାଇ ଭଜନ କର, ସେହି ସ୍ଥାନରେହିଁ ତମୁର ସେବା ଲାଭ ହେବ । ତୁମେ ଯେଉଁ ମନ୍ତ୍ର ପାଇଅଛ, ସେହି ମନ୍ତ୍ରରେ କାହାକୁ ମଧ୍ୟ ଦୀକ୍ଷିତ କରିବ ନାହିଁ ।' ପରବର୍ତ୍ତି କାଳରେ ଶ୍ରୀମଧୂସୂଦନ ଦାସ ବାବାଜୀ ମହାରାଜଙ୍କର ବେଷ ଶିଷ୍ୟ ଓ ଭଜନ ଶିକ୍ଷାର ଶିଷ୍ୟ ଅନେକ ହୋଇଥିଲେ ସତ୍ୟ, କିନ୍ତୁ ସେ କାହାକୁ ମଧ୍ୟ ମନ୍ତ୍ର ଦୀକ୍ଷା ଦେଇନାହାନ୍ତି । (ଶ୍ରୀମତ୍ ହରିଦାସ ବାବାଜୀ ମହାଶୟ ସଂକଳିତ ଶ୍ରୀଶ୍ରୀସିଦ୍ଧଜୀବନ ଗ୍ରନ୍ଥରେ ଶ୍ରୀମଧୁସୂଦନ ଦାସ ବାବାଜୀ ମହାଶୟ ଶୀର୍ଷକ ପ୍ରବନ୍ଧ ଅବଲମ୍ବନେ ଲିଖିତ)।

ଏହି ଘଟଣାରୁ ଏହା ବିଶେଷ ଭାବେ ଶିକ୍ଷଣୀୟ ଯେ ପରମ ସିଦ୍ଧ ମହଦ୍‌ଗଣ ମଧ୍ୟ ଅବିଚ୍ଛିନ୍ନ ସିଦ୍ଧାମ୍ନାୟଗତ ଶ୍ରୀଗୁରୁଦେବଙ୍କ ପରିଚୟ ଓ ସମ୍ବନ୍ଧ ବ୍ୟତୀତ କାହାକୁ ମଧ୍ୟ ଶ୍ରୀରୂପାନୁଗା ଭଜନରେ ଅଧିକାର ବା ମନ୍ତ୍ରଦୀକ୍ଷାଦାତା ଆଚାର୍ଯ୍ୟର କାର୍ଯ୍ୟରେ ଅଧିକାର ପ୍ରଦାନର ଆଦର୍ଶ ପ୍ରଦର୍ଶନ କରିନାହାନ୍ତି । ଯଦିଓ ସର୍ବବିତ୍ ସିଦ୍ଧ ଶ୍ରୀଜୟକୃଷ୍ଣ ଦାସ ବାବାଜୀ ମହାରାଜ ଜାଣିଥିଲେ ଯେ ଶ୍ରୀମଧୁସୂଦନ ଦାସଜୀ ଶ୍ରୀଗଙ୍ଗାମାତା ଗୋସ୍ୱାମିନୀଙ୍କ ପରିବାରର କୌଣସି ମଧ୍ୟ ବୈଷ୍ଣବ ମହାତ୍ମାଙ୍କ ନିକଟକରେ ଦୀକ୍ଷିତ ହୋଇଛନ୍ତି ଏବଂ ତାହାଙ୍କ ସିଦ୍ଧ ପରମ୍ପରା ମଧ୍ୟ ସେ ଜାଣି ପାରିଥିଲେ, – ସିଦ୍ଧ ଶ୍ରୀଜୟକୃଷ୍ଣ ଦାସ ବାବାଜୀ ମହାରାଜ ମଧ୍ୟ ସ୍ୱୟଂ ଗଙ୍ଗାମାତାଙ୍କ ପରିବାର ଭୁକ୍ତ ଥିଲେ, ତଥାପି ସେ ବା ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜ କେହି ମଧ୍ୟ ଭବିଷ୍ୟତରେ ଏହି ଆଦର୍ଶ କାଳେ କୌଣସି ପ୍ରକାରରେ କ୍ଷୁର୍ଣ୍ଣ ହେବ, ଏହି ଆଶଙ୍କାରେହିଁ ଶ୍ରୀମଧୁସୂଦନ ଦାସଜୀଙ୍କୁ ଭଜନ ଶିକ୍ଷାଦି ପ୍ରଦାନ କରି ନାହାନ୍ତି । ସ୍ୱୟଂ ଶ୍ରୀବୃଷଭାନୁନନ୍ଦିନୀ ଶ୍ରୀମଧୁସୂଦନଙ୍କୁ କୃପା କରିଥିଲେ, କିନ୍ତୁ ଶ୍ରୀପ୍ରିୟାଜୀ ମଧ୍ୟ ଉକ୍ତ ମନ୍ତ୍ରରେ କାହାକୁ ମଧ୍ୟ ଦୀକ୍ଷିତ କରିବାକୁ ନିଷେଧ କରିଥିଲେ । କାରଣ ସିଦ୍ଧ ମହାଜନଙ୍କ ଅଖଣ୍ଡ ଆମ୍ନାୟ ଧାରା ନ ଜାଣିବା ପର୍ଯ୍ୟନ୍ତ ସେ ମନ୍ତ୍ରଦୀକ୍ଷାର ଗୁରୁରୂପେ ଗୃହୀତ ହୋଇପାରନ୍ତି ନାହିଁ–ଏହି ସଦାଚାରହିଁ ପୂର୍ବୋକ୍ତ ପରମସିଦ୍ଧ ମହାଜନଗଣ ଓ ସ୍ୱୟଂ ଶ୍ରୀବୃଷଭାନୁନନ୍ଦିନୀ ଶିକ୍ଷା ଦାନ କରିଲେ । ଅତଏବ କେହି ସ୍ୱପ୍ନଲବ୍ଧ ମନ୍ତ୍ରରେ ଦୀକ୍ଷିତ ହୋଇଅଛନ୍ତି ବା କେହି ବିଧିନିଷେଧାତୀତ ମହାଭାଗବତ–ତେଣୁ ତାହାଙ୍କ ସମ୍ବନ୍ଧରେ ଅବିଚ୍ଛିନ୍ନ ମନ୍ତ୍ରଗୁରୁ ଧାରାର ବିଚାର ଅନାବଶ୍ୟକ, ଏହିପରି ଛଳୋକ୍ତି ଶ୍ରୀରୂପାନୁଗ ବୈଷ୍ଣବ ସଦାଚାର ବିରୁଦ୍ଧ ନବୀନ ମତବାଦ ମାତ୍ର । ବିଶେଷତଃ କେହି ବ୍ୟକ୍ତିଗତ ଭାବରେ ଏହିପରି ଭାବେ ମନ୍ତ୍ରସିଦ୍ଧି ଲାଭ କରିଲେ ମଧ୍ୟ ସେହି ମନ୍ତ୍ରରେ ଅପରଙ୍କୁ ଦୀକ୍ଷିତ କରିଲେ ଜଗତ–ନାଶକର ଅନର୍ଥହିଁ ଉପସ୍ଥିତ ହୁଏ – ତାହା ଶ୍ରୀରୂପାନୁଗ ବୈଷ୍ଣବ ସଦାଚାରର ସମ୍ପୂର୍ଣ୍ଣ ବିରୋଧି ଅପରାଧଜନକ କାର୍ଯ୍ୟ । ଶ୍ରୀପଦ୍ମପୁରାଣ ପାତାଳଖଣ୍ଡ ୫୧ ଅଧ୍ୟାୟରେ ଶ୍ରୀଶିବ କହିଛନ୍ତି – *''ସମ୍ପ୍ରଦାୟୀ କୃପାପୂର୍ଣ୍ଣୋ ବିରାଗୀ ଗୁରୁରୁଚ୍ୟତେ''* ଅର୍ଥାତ୍ ଯିଏ ସିଦ୍ଧ ପରମ୍ପରାରୂପ ସମ୍ପ୍ରଦାୟ ସ୍ୱୀକାରକାରୀ, ଯିଏ କୃପାପୂର୍ଣ୍ଣ ଓ ବିଶିଷ୍ଟ ରାଗାନୁଗ (ରାଗମାର୍ଗୀୟ) ସେ ହିଁ ଗୁରୁ ନାମରେ ଅଭିହିତ ହୁଅନ୍ତି ।

ବ୍ରହ୍ମାଙ୍କଠାରୁ ଅବିଚ୍ଛିନ୍ନ ପରମ୍ପରାରେ ବିଶୁଦ୍ଧ ମାତାପିତାଠାରୁ ଜନ୍ମ ଯେପରି ଲୌକିକ କ୍ଷେତ୍ରରେ ବଂଶର ବିଶୁଦ୍ଧତା ବୋଲି ସ୍ୱୀକୃତ ହୁଏ ଏବଂ ଯେପରି ବିଶୁଦ୍ଧ ଦ୍ୱିବର୍ଣ୍ଣହିଁ ବେଦପାଠାଦିରେ ଅଧିକାରୀ, ତଦ୍ରୂପ ପାରମାର୍ଥିକ କ୍ଷେତ୍ରରେ ମଧ୍ୟ ଶ୍ରୀଗୁରୁସମ୍ପ୍ରଦାୟର ଶୁଦ୍ଧତ୍ୱ ଓ ଅବିଚ୍ଛିନ୍ନତ୍ୱ ଥିଲେ ହିଁ ଭଜନ ମଧ୍ୟ ସିଦ୍ଧି ଲାଭ ହୁଏ । ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍ ସାରାର୍ଥଦର୍ଶିନୀରେ (୧୨।୪।୪୨) କହିଛନ୍ତି,– *"ଶ୍ରୀଗୁରୁସମ୍ପ୍ରଦାୟଂ ଶୁଦ୍ଧମବିଚ୍ଛିନ୍ନମନୁସୃତ୍ୟୈ ବୈତତ୍ ପଠନ୍–ପାଠନ୍–ଶ୍ରବଣ–ଶ୍ରାବଣାଦିକଂ କାର୍ଯ୍ୟମ୍"* – ଶୁଦ୍ଧ ଓ ଅବିଚ୍ଛିନ୍ନ ଶ୍ରୀଗୁରୁସମ୍ପ୍ରଦାୟକୁ ଅନୁସରଣ କରିହିଁ ଶ୍ରୀମଦ୍ଭାଗବତର ପଠନ ପାଠନ, ଶ୍ରବଣ ଓ ଅପରକୁ ଶ୍ରବଣ କରାଇବା ଉଚିତ୍ ।

ଶ୍ରୀମନ୍ତ୍ରଗୁରୁଦେବ ଶିଷ୍ୟର କର୍ଣ୍ଣରେ ମନ୍ତ୍ର କହିବା ପୂର୍ବେହିଁ ଗୁରୁପରମ୍ପରାର ସିଦ୍ଧ ତିଳକାଦି ଦ୍ୱାରା ଶିଷ୍ୟକୁ ବିଭୂଷିତ କରାଇବେ । ଏହି ବିଧିରୁ ଜଣାଯାଏ ଯେ, ଗୁରୁଦେବ ସିଦ୍ଧ ଗୁରୁପରମ୍ପରାକ୍ରମେ ସ୍ୱୟଂ ମନ୍ତ୍ର ଲାଭ କରିଅଛନ୍ତି ତେଣୁ ସେ ମନ୍ତ୍ରଶିଷ୍ୟ କରିବାର ଅଧିକାରୀ । କେଉଁ ଶିଷ୍ୟ କେଉଁ ବୈଷ୍ଣବ ପରିବାରର, ତାହାର ପରିଚୟ ତିଳକ ଦ୍ୱାରାହିଁ ମିଳେ । ଶ୍ରୀହରିଭକ୍ତି ବିଳାସରେ (୨।୧୨୯) ଉକ୍ତ ହୋଇଅଛି–

ସାମ୍ପ୍ରଦାୟିକ–ମୁଦ୍ରାଦିଭୂଷିତଂ ତଂ କୃତାଞ୍ଜଳିମ୍ । ପଞ୍ଚାଙ୍ଗ ପ୍ରମୁଖୈର୍ନ୍ୟାସୈଃ କୁର୍ଯ୍ୟାତ୍ ଶ୍ରୀକୃଷ୍ଣସାତ୍କିଶୁମ୍ ॥

ଟୀକା – ସମ୍ପ୍ରଦାୟିକ ଗୁରୁପରମ୍ପରାସିଦ୍ଧମ୍ ମୁଦ୍ରାତିଳକ – *ମାଳାଦି ** ଶିଶୁଂ ନିଜଶିଶୁତ୍ୱେନ ବର୍ତ୍ତମାନମିତି ସ୍ନେହବିଷୟତା ସୂଚିତା, ତଂ ଶିଷ୍ୟମ୍, ଶ୍ରୀକୃଷ୍ଣ ସାତ୍ କୁର୍ଯ୍ୟାତ୍ ଶ୍ରୀକୃଷ୍ଣାୟ ସମର୍ପୟେତ୍ ।* (ଶ୍ରୀସନାତନଗୋସ୍ୱାମୀପାଦ୍) । ଶ୍ରୀମନ୍ତ୍ରଗୁରୁ, ଗୁରୁପରମ୍ପରାସିଦ୍ଧ ମୁଦ୍ରାଦି ଅର୍ଥାତ୍ ତିଳକ ମାଳାଦି ଦ୍ୱାରା ବିଭୂଷିତ, କୃତାଞ୍ଜଳି ନିଜ ସ୍ନେହଭାଜନ ଶିଶୁତୁଲ୍ୟ ଶିଷ୍ୟକୁ ପଞ୍ଚାଙ୍ଗ–ପ୍ରମୁଖ ନ୍ୟାସ–ସହକାରେ ଶ୍ରୀକୃଷ୍ଣଙ୍କଠାରେ ସମର୍ପଣ କରିବେ ।

ସିଦ୍ଧ ଅଖଣ୍ଡ ଆମ୍ନାୟ ପରମ୍ପରାର ଅନ୍ତର୍ଭୁକ୍ତ ନହେଲେ କେହି ମଧ୍ୟ ମନ୍ତ୍ରରେ ସଫଳତା ଓ ଇଷ୍ଟସେବା ଲାଭ କରିପାରନ୍ତି ନାହିଁ । ଗୋପାଳମନ୍ତ୍ରର ରହସ୍ୟର କଥା ବର୍ଣ୍ଣନ ଅନ୍ତେ ଶ୍ରୀଗୌତମୀୟ ତନ୍ତ୍ରରେ ଉକ୍ତ ହୋଇଅଛି– (ଶ୍ରୀଗୌତମୀୟତନ୍ତ୍ର ୨୮।୪)

ସର୍ବେଷାଂ କୃଷ୍ଣମନ୍ତ୍ରାଣାମୟଂ ମନ୍ତ୍ରଃ ଶିଖାମଣିଃ । ସମ୍ପ୍ରଦାୟବିହୀନା ଯେ ମନ୍ତ୍ରାସ୍ତେ ନିଷ୍ଫଳା ମତାଃ ॥

ସମସ୍ତ କୃଷ୍ଣମନ୍ତ୍ର ମଧ୍ୟରେ ଏହି କିଶୋର–ଗୋପାଳ ମନ୍ତ୍ରହିଁ ସର୍ବଶ୍ରେଷ୍ଠ । କିନ୍ତୁ ସମ୍ପ୍ରଦାୟ ଅର୍ଥାତ୍ ସ୍ୱୟଂ ଭଗବାନ୍‌ଙ୍କ ନିକଟରୁ ଅବିଚ୍ଛିନ୍ନ ଗୁରୁ ପରମ୍ପରାରେ ଯେଉଁମାନେ ମନ୍ତ୍ର ପ୍ରାପ୍ତ ନହୁଅନ୍ତି ସେମାନଙ୍କର ମନ୍ତ୍ର ସମୂହ ଫଳଦାୟକ ହୁଏନା ।

ପୁନର୍ବାର ଉକ୍ତ ତନ୍ତ୍ରରେ (୩୧ ଅଧ୍ୟାୟରେ) ଶ୍ରୀନାରଦ କହିଛନ୍ତି– *'ସମ୍ପ୍ରଦାୟେନୋପଦିଷ୍ଟାସ୍ତେଷାଂ ସିଦ୍ଧର୍ହ୍ତିଂ ଭବେତ୍ । ଯେ ମନ୍ତ୍ରା ଅବିଧିଗ୍ରସ୍ତା ଯେ ଚ ସିଦ୍ଧାନ୍ତ ବର୍ଜିତା । ଇତ୍ୟାଦି ଦୋଷପୁଷ୍ଟାଶ୍ଚ ସିଦ୍ଧଦା ନାଭ୍ର ଯୋଗତଃ ॥'* – ଯେଉଁମାନେ ସମ୍ପ୍ରଦାୟ ଦ୍ୱାରା ମନ୍ତ୍ରର ଉପଦେଶ ଲାଭ କରନ୍ତି, ସେମାନଙ୍କ ସିଦ୍ଧି ଦ୍ରୁତ ହୁଏ । ଯେଉଁ ସମସ୍ତ ମନ୍ତ୍ର ଅବିଧିପୂର୍ବକ ପ୍ରାପ୍ତ (ସିଦ୍ଧ ମହାନ୍ତ ମନ୍ତ୍ରଗୁରୁ ପରମ୍ପରାରେ ପ୍ରାପ୍ତ ନୁହେଁ) ଏବଂ ଯେଉଁ ସମସ୍ତ ମନ୍ତ୍ର ସିଦ୍ଧାନ୍ତବର୍ଜିତ – ଏହିପରି ଅନ୍ୟାନ୍ୟ ଦୋଷଯୁକ୍ତ ମନ୍ତ୍ର ସିଦ୍ଧିପ୍ରଦ ହୁଏନା । ଭଜନଶିକ୍ଷା ଓ ସିଦ୍ଧିଲାଭ କରିବାକୁ ହେଲେ ଗୋଟିଏ ସିଦ୍ଧ ଧାରା ମଧ୍ୟରେ ଅବଶ୍ୟ ପ୍ରବେଶ କରିବାକୁ ହେବ, ଖାମଖିଆଲୀ ଭାବରେ ବା ଯଥେଚାରୀ ହୋଇ କିମ୍ବା ପୁସ୍ତକ ଦେଖି ମନ୍ତ୍ର ଗ୍ରହଣ ବା ଭଜନ ଶିକ୍ଷା କରାଯାଏନା । ମହାଜନଗଣ

ପ୍ରତ୍ୟେକେହିଁ ସିଦ୍ଧ ପରମ୍ପରା ଅବଲମ୍ବନ କରି ଭଜନ କରିଛନ୍ତି, ତାହା ପୂର୍ବେ ପ୍ରଦର୍ଶିତ ହୋଇଅଛି । ଏଥିରୁହିଁ ସାମ୍ପ୍ରଦାୟିକ ତିଳକ ଧାରଣ ବୈଶିଷ୍ଟ୍ୟ ଦୃଷ୍ଟ ହୁଏ । ସମସ୍ତ ବୈଷ୍ଣବ–ସମ୍ପ୍ରଦାୟ ମଧ୍ୟରେ ତିଳକାଦିର ବୈଶିଷ୍ଟ୍ୟ ଅଛି । ଶ୍ରୀସମ୍ପ୍ରଦାୟ, ମଧ୍ୱ ସମ୍ପ୍ରଦାୟ, ନିମ୍ବାର୍କ ସମ୍ପ୍ରଦାୟ, ରୁଦ୍ର ସମ୍ପ୍ରଦାୟ, ରାମାନନ୍ଦୀ ସମ୍ପ୍ରଦାୟ, ବଲ୍ଲଭ ସମ୍ପ୍ରଦାୟ, ଗୌଡ଼ୀୟ ସମ୍ପ୍ରଦାୟ ଏବଂ ଗୌଡ଼ୀୟ ସମ୍ପ୍ରଦାୟ ମଧ୍ୟରେ ପୁଣି ବିଭିନ୍ନ ଶାଖା ଓ ପରିବାରର ଅର୍ଥାତ୍ ନିତ୍ୟାନନ୍ଦ ପରିବାର, ଅଦ୍ୱୈତ ପରିବାର, ଗଦାଧର ପରିବାର, ଶ୍ରୀବାସ ପରିବାର, ଶ୍ରୀନିବାସଠାକୁରଙ୍କ ପରିବାର, ନରୋତ୍ତମ ପରିବାର ଶ୍ୟାମାନନ୍ଦ ପରିବାର, ଗଙ୍ଗାମାତା ପରିବାର, ବକ୍ରେଶ୍ୱର ପରିବାର ଆଦି ଚଉଷଠିଟି ପରିବାରରେ ଚଉଷଠି ପ୍ରକାରର ତିଳକ ଦେଖାଯାଏ । ବାହ୍ୟତଃ ଏହି ତିଳକରୁ କିଏ କେଉଁ ପରିବାର ଅନ୍ତର୍ଭୁକ୍ତ ତାହାର ପରିଚୟ ମିଳେ ।

ପୁନଃ ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ଏହି ତିଳକର ଆଉ ଏକ ଅନ୍ତରଙ୍ଗ ପରିଚୟ ଅଛି । ଯିଏ ଶ୍ରୀଯୁଗଳକିଶୋରଙ୍କ ଯେଉଁ କୁଞ୍ଜରେ ଯେଉଁ ଯୂଥେଶ୍ୱରୀ ସଖୀଙ୍କ ଆନୁଗତ୍ୟରେ ସେବା କରନ୍ତି, ତାହାଙ୍କ ତିଳକ ତଦନୁଯାୟୀ ହୁଏ । ସେହି ସେହି ଯୂଥହିଁ ସମ୍ପ୍ରଦାୟ, ସେହି ସମ୍ପ୍ରଦାୟ ଅନୁଯାୟୀ ତିଳକ ସିଦ୍ଧ ଗୁରୁପରମ୍ପରାରେ ବର୍ତ୍ତମାନ କାଳ ପର୍ଯ୍ୟନ୍ତ ମହାନ୍ତ ଗୁରୁଙ୍କ ଦ୍ୱାରା ପ୍ରକାଶିତ ହୋଇଅଛି । ସେହି ସିଦ୍ଧ ମହତ୍ ଗୁରୁଦେବ ଶିଷ୍ୟକୁ ତତ୍‌ସିଦ୍ଧ–ଗୁରୁପ୍ରଣାଳୀ ଅନୁଯାୟୀ ତିଳକରେ ଭୂଷିତ କରନ୍ତି । ଅତଏବ ତିଳକଧାରଣ ସ୍ୱେଚ୍ଛାପ୍ରସୂତ ବ୍ୟାପାର ନୁହେଁ, ତାହା ଅବିଚ୍ଛିନ୍ନ ସିଦ୍ଧଗୁରୁ–ପରମ୍ପରା ପ୍ରଣାଳୀ ଅନୁଯାୟୀ ହେବ । ଏହା ବ୍ୟତିକ୍ରମ କରିଲେ ପାରମାର୍ଥିକ ସମାଜରେ ଅପାଂକ୍ତେୟ ଓ ଦଣ୍ଡନୀୟ ହେବାକୁ ପଡ଼ିବ । ସିଦ୍ଧ ଗୁରୁପରମ୍ପରା କ୍ରମେହିଁ ଶ୍ରୀନବଦ୍ୱୀପ ଓ ଶ୍ରୀବ୍ରଜଲୀଳାରେ ପ୍ରବେଶାଧିକାର ଲାଭ ହୁଏ । ଯେଉଁମାନେ ନିତ୍ୟସିଦ୍ଧ ଗୌର ପରିକରଗଣଙ୍କର ଅବିଚ୍ଛିନ୍ନ ଧାରାରେ ଦୀକ୍ଷିତ ସେମାନେହିଁ ଯଥାର୍ଥରେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟଭୁକ୍ତ । ବିଚ୍ଛିନ୍ନ ବା ସ୍ୱୟଂସିଦ୍ଧ ଗୁରୁପରମ୍ପରା ସ୍ୱୀକାରରେହିଁ ସମ୍ପ୍ରଦାୟ ଓ ଭଜନରହସ୍ୟରୁ ବିଚ୍ୟୁତି ଅନିବାର୍ଯ୍ୟ ।

ମହାନ୍ତଗୁରୁ ଗ୍ରହଣର ଅନିବାର୍ଯ୍ୟତା

ନରଲୀନ ଶ୍ରୀକୃଷ୍ଣ, ଶ୍ରୀରାମଚନ୍ଦ୍ର, ଶ୍ରୀଗୌରହରି, ଶ୍ରୀନିତ୍ୟାନନ୍ଦ, ଶ୍ରୀଅଦ୍ୱୈତାଚାର୍ଯ୍ୟ ଆଦି ସାକ୍ଷାତ୍ ପରମେଶ୍ୱରସ୍ୱରୂପ ତତ୍ତ୍ୱଗଣ ମଧ୍ୟ ବ୍ୟଷ୍ଟିଗୁରୁ ଗ୍ରହଣ ଲୀଳାର ଆଦର୍ଶ ପ୍ରକଟ କରିଅଛନ୍ତି । ଶ୍ରୀରାଧାରାଣୀ ଓ ବ୍ରଜଗୋପୀଗଣ, ଶ୍ରୀସୁବଳାଦି ସଖାବୃନ୍ଦ ଗୁରୁଗ୍ରହଣ କରି ନାହାନ୍ତି, ଶ୍ରୀଏକାଦଶୀବ୍ରତାଦି ପାଳନ କରିନାହାନ୍ତି, ଏହି ପ୍ରମାଣ ଦେଖାଇ ଯେଉଁମାନେ ମହାନ୍ତଗୁରୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହଁନ୍ତି, କିମ୍ବା ପ୍ରକୃତ ମହାନ୍ତଗୁରୁ ଜଗତରେ ସୁଦୁର୍ଲଭ ବୋଲି ସ୍ୱୟଂ ଶ୍ରୀକୃଷ୍ଣ ବା ସ୍ୱୟଂ ଶ୍ରୀରାଧାଙ୍କୁ କଳ୍ପନାରେ ଗୁରୁରୂପରେ ବରଣ କରି ସିଦ୍ଧିଲାଭ କରିବେ ବା କରିଅଛନ୍ତି ବୋଲି ମନେ କରନ୍ତି, ସେମାନଙ୍କର ଏହି ଅଶାସ୍ତ୍ରୀୟ ମତ ମହାଜନଙ୍କ ଦ୍ୱାରା ଖଣ୍ଡିତ ହୋଇଅଛି । ସାଧାରଣତଃ ମହାନ୍ତ ଗୁରୁଦେବ–କର୍ତ୍ତୃକ ପରିତ୍ୟକ୍ତ ସମ୍ପ୍ରଦାୟରେ ବା ବ୍ୟକ୍ତି ବିଶେଷଙ୍କଠାରେ ଏହି ରୋଗଟୀର ସମଧିକ ପ୍ରାଦୁର୍ଭାବ ପରିଦୃଷ୍ଟ ହୁଏ । ଶ୍ରୀଜୀବଗୋସ୍ୱାମୀପାଦ୍ ଶ୍ରୀଭକ୍ତିରସାମୃତସିନ୍ଧୁର (୧।୨।୮୯) *'ସେବା ସାଧକରୂପେଣ .... କାର୍ଯ୍ୟ ବ୍ରଜଲୋକାନୁସାରତଃ'* ଶ୍ଲୋକର ଟୀକାରେ ଏବଂ ଶ୍ରୀବିଶ୍ୱନାଥଚକ୍ରବର୍ତ୍ତିପାଦ୍ ମଧ୍ୟ

ବିଶେଷଭାବରେ ଉକ୍ତ ଶ୍ଲୋକର ଟୀକାରେ ତଥା ଶ୍ରୀରାଗବର୍ତ୍ମଚନ୍ଦ୍ରିକାରେ (୧।୧୪) ପ୍ରଦର୍ଶନ କରିଛନ୍ତି ଯେ, ବ୍ରଜଲୋକ କହିଲେ ଶ୍ରୀକୃଷ୍ଣଙ୍କ ପ୍ରେଷ୍ଠ ଜନଙ୍କ ଆନୁଗତ୍ୟରେ ବୋଲି ବୁଝିବାକୁ ହେବ । ତେଣୁ ସାଧକଦେହରେ ଗୁରୁପଦାଶ୍ରୟାଦି ସାଧ୍ୟ ପ୍ରେମର ଉପାଦାନ ସ୍ୱରୂପ ବୋଲି ତାହା ଭାବସମ୍ବନ୍ଧୀ । ସେହି ଭାବସମ୍ବନ୍ଧୀ ସାଧନା ଅବଶ୍ୟ ସ୍ୱୀକାର୍ଯ୍ୟ । ରାଗାନୁରାଗୀୟଗଣ ସାଧକଦେହରେ କାୟିକସେବା ଶ୍ରୀରୂପସନାତନାଦି ବ୍ରଜବାସିଜନଙ୍କ ଆନୁଗତ୍ୟରେ କରିବେ । ସାଧକ ଦେହରେ ଶ୍ରୀନନ୍ଦ-ଯଶୋମତି ବା ଶ୍ରୀରାଧା-ଲଳିତାଦିଙ୍କ ଭାବଚେଷ୍ଟାମୁଦ୍ରା ଗ୍ରହଣରେ ସେବା ହୋଇପାରେ ନା । ନିତ୍ୟ ସିଦ୍ଧ ସୁବଳାଦି ସଖାଗଣ, ଶ୍ରୀରାଧାଦି ଗୋପୀଗଣ ଗୁରୁପାଦାଶ୍ରୟ ବା ଏକାଦଶୀ ବ୍ରତ, ଶ୍ରୀଶାଳଗ୍ରାମଶିଳା ଅର୍ଚ୍ଚନ ବା ଶ୍ରୀତୁଳସୀ ସେବା କରି ନାହାନ୍ତି ବୋଲି ସାଧକ ତାହାର ଅନୁକରଣ କରିଲେ ନରକଗାମୀ ହେବେ । ସିଦ୍ଧ ଦେହରେ ମାନସୀସେବାରେହିଁ ସେହି ସମସ୍ତ ଶ୍ରୀକୃଷ୍ଣ ପ୍ରେଷ୍ଠଜନଙ୍କର ଅନୁଗତ ଜନଙ୍କରହିଁ ଅନୁସରଣରେ ସେବା କରିବାକୁ ହେବ । ତେଣୁ ରାଗାନୁଗଣ ଅବଶ୍ୟ ମହାନ୍ତଗୁରୁ ସ୍ୱୀକାର କରିବେ । ଶ୍ରୀରୂପସନାତନ ଶ୍ରୀରଘୁନାଥାଦି ସମସ୍ତେହିଁ ସାକ୍ଷାତ୍ ରାଗାତ୍ମିକା-ଜନ ହୋଇ ମଧ୍ୟ ମହାନ୍ତଗୁରୁ ସ୍ୱୀକାରର ଆଦର୍ଶ ସ୍ଥାପନ କରିଛନ୍ତି । ଶ୍ରୀରୂପଗୋସ୍ୱାମୀ ବ୍ରଜଲୀଳାରେ ଶ୍ରୀରୂପମଞ୍ଜରୀ କିନ୍ତୁ ସେ କହି ନାହାନ୍ତି ଯେ ମୋର ଆଉ ମହାନ୍ତଗୁରୁର ଆବଶ୍ୟକତା ନାହିଁ, ଶ୍ରୀରାଧାଙ୍କଠାରୁହିଁ ମୁଁ ମନ୍ତ୍ର ଲାଭ କରିଅଛି । ଏହିପରି ଅଶାସ୍ତ୍ରୀୟ ଆଦର୍ଶ କୌଣସି ଗୌରପରିକରଙ୍କ ଲୀଳାରେ ଦେଖିବାକୁ ମିଳେନାହିଁ ।

ସମଷ୍ଟିଗୁରୁ ଶ୍ରୀକୃଷ୍ଣ, କଦାପି ମନ୍ତ୍ରୋପଦେଷ୍ଟା ଗୁରୁ କାର୍ଯ୍ୟ କରିପାରିବେ ନାହିଁ – *ସାକ୍ଷାତ୍ତତ୍ରୈବୋପଦେଷ୍ଟୃତ୍ୱସମ୍ଭବଃ* – (ହ.ଭ.ବି. ୨।୧-ଦିଗ୍‌ଦର୍ଶନୀ ଟୀକା) ତେଣୁ ପ୍ରକଟକାଳରେ ସ୍ୱୟଂ ଶ୍ରୀକୃଷ୍ଣ ମନ୍ତ୍ରଗୁରୁଙ୍କ କାର୍ଯ୍ୟ କରିନାହାନ୍ତି, ସେହିପରି ଶ୍ରୀଗୌରହରି ମଧ୍ୟ କାହାକୁ ମନ୍ତ୍ରୋପଦେଶ କରିନାହାନ୍ତି, କାରଣ ଯଦି ସେ ମନ୍ତ୍ରୋପଦେଶ କରିଥାଆନ୍ତେ, ତେବେ ସମସ୍ତେହିଁ ତାହାଙ୍କ ନିକଟରୁ ଦୀକ୍ଷାମନ୍ତ୍ର ଗ୍ରହଣ କରିଥାଆନ୍ତେ – ବ୍ୟଷ୍ଟିଗୁରୁ ଆଉ କେହି ରହି ନଥାଆନ୍ତେ। ଶ୍ରୀମନ୍ମହାପ୍ରଭୁ ଯେ କାହାକୁ ମଧ୍ୟ ମନ୍ତ୍ରୋପଦେଶ କରିନାହାନ୍ତି, ଏହା ଶ୍ରୀସନାତନଗୋସ୍ୱାମୀପାଦ୍ ସ୍ୱୟଂହିଁ (ହ.ଭ.ବି.୨।୧ର ଟୀକା)ରେ କହିଛନ୍ତି । ଶ୍ରୀକବିରାଜ ଗୋସ୍ୱାମୀଙ୍କ ସମୟ ସାମୟିକ ପଣ୍ଡିତ ଶ୍ରୀହରିଦାସ ଗୋସ୍ୱାମୀଙ୍କ ଶିଷ୍ୟ ଶ୍ରୀରାଧାକୃଷ୍ଣ ଗୋସ୍ୱାମୀ ତତ୍‌କୃତ 'ସାଧନଦୀପିକାରେ (୯ମ କକ୍ଷାରେ) ଏହା ପରିସ୍କାର ଭାବରେ ଜ୍ଞାପନ କରିଛନ୍ତି– *'ଶ୍ରୀମନ୍ମହାପ୍ରଭୋର୍ମନ୍ତ୍ର ସେବକଃ କୋଽପି ନାସ୍ତି, କିନ୍ତୁ ଯେ ତନ୍ନତାନୁସାରିଣସ୍ତେ ତସ୍ୟ ସେବକାଃ । ଏବଂ ଶ୍ରୀରୂପସନାତନାଦୀନାଞ୍ଚ ତତ୍ର ଶକ୍ତି ସଞ୍ଚାରକୃତ ସେବକତ୍ୱେ ପ୍ରମାଣମ୍ ॥'* –ଶ୍ରୀମନ୍ମହାପ୍ରଭୁଙ୍କର ମନ୍ତ୍ରଶିଷ୍ୟ କେହି ମଧ୍ୟ ନାହାନ୍ତି, କିନ୍ତୁ ଯେଉଁମାନେ ତାହାଙ୍କ ମତର ଅନୁସରଣକାରୀ ସେମାନେହିଁ ତାହାଙ୍କର ଶିଷ୍ୟ । ଶ୍ରୀରୂପ ସନାତନାଦି ମହାପ୍ରଭୁ କର୍ତ୍ତୃକ ଶକ୍ତି-ସଞ୍ଚାରିତ ହୋଇଥିବାରୁହିଁ ତାହାଙ୍କ ସେବକ, ମନ୍ତ୍ର ପ୍ରାପ୍ତ ହୋଇଥିବା ଯୋଗୁଁ ନୁହେଁ ।' ତେଣୁ ଗୋସ୍ୱାମୀବର୍ଗ ନିଜ ଗ୍ରନ୍ଥାବଳୀରେ ଶ୍ରୀମନ୍ମହାପ୍ରଭୁଙ୍କ ପାଇଁ ପରମଗୁରୁ, ଆଦିଗୁରୁ, ଜଗଦ୍‌ଗୁରୁ, ଗୁରୁତମ ଆଦି ପଦ ବ୍ୟବହାର କରିଥିଲେ ମଧ୍ୟ ସାକ୍ଷାତ୍ 'ଗୁରୁ' ପଦର ବ୍ୟବହାର ଦୃଷ୍ଟ ହୁଏନା ।

ଗୌରଲୀଳା ସୁମର୍ଯ୍ୟାଦା ସମ୍ପନ୍ନ, ବ୍ରଜଲୀଳାରେ ଶ୍ରୀରାଧାରାଣୀ ମନ୍ତ୍ରଗୁରୁ ଗ୍ରହଣ କରିନଥିଲେ ମଧ୍ୟ ଗୌରଲୀଳାରେ ତାହାଙ୍କର ପ୍ରକାଶ ଶ୍ରୀଗଦାଧର ପଣ୍ଡିତ, ଶ୍ରୀପୁଣ୍ଡରୀକ

ବିଦ୍ୟାନିଧିଙ୍କୁ ମନ୍ତ୍ରଗୁରୁ ରୂପେ ବରଣ କରିଥିଲେ । ଏକଦା ପୁନଃ ମନ୍ତ୍ର ଶବଣ ଅନୁରୋଧ କରିଥିଲେ ମଧ୍ୟ ମହାପ୍ରଭୁ, ଶ୍ରୀଗଦାଧର ପଣ୍ଡିତଙ୍କୁ ମନ୍ତ୍ର ଶ୍ରବଣ ନକରାଇ ମର୍ଯ୍ୟାଦା ରକ୍ଷାର ଆଦର୍ଶ ସ୍ଥାପନ କରିଥିଲେ । – *"ପ୍ରଭୁ ବଲେ, ତୋମାର ଯେ ଉପଦେଷ୍ଟା ଆଛେ । ସାବଧାନ ତଥା ଅପରାଧୀ ହଓ ପାଛେ ॥ ମନ୍ତ୍ରେର କି ଦାୟ ପ୍ରାଣୋ ଆମାର ତୋମାର । ଉପଦେଷ୍ଟା ଥାକିତେ ନା ହୟ ବ୍ୟବହାର ॥"*

କେତେକ ସ୍ୱେଚ୍ଛାଚାରୀଙ୍କୁ ଗ୍ରନ୍ଥରେ ଉପଲବ୍ଧ ମନ୍ତ୍ରର ଆଶ୍ରୟ ନେବାର ଦେଖାଯାଏ । ଶାସ୍ତ୍ରରେ ଲଖିତ ଅଛି–ଯେଉଁ ନରାଧମ ଗ୍ରନ୍ଥ ଦେଖି ମନ୍ତ୍ର ଗ୍ରହଣ କରେ, ତାହାର ସହସ୍ର ମନ୍ୱନ୍ତର ମଧ୍ୟ ନିଷ୍କୃତି ହୁଏନାହିଁ – ***"କଣ୍ଠେ ଦୃଷ୍ଟ୍ୱା ତୁ ମନ୍ତ୍ରଂ ବୈ ଯୋ ଗୃହ୍ଣାତି ନରାଧମଃ । ମନ୍ୱନ୍ତରସହସ୍ରେଷୁ ନିଷ୍କୃତିର୍ନୈବ ଜାୟତେ ॥"*** (ତନ୍ତ୍ରସାର-୧।୯୦-ମଧ୍ୟଯୁକ୍ତ ବଚନ) ଆଉ ଯଦି କେହି ସ୍ୱପ୍ନରେ ମନ୍ତ୍ର ପ୍ରାପ୍ତ ହୁଅନ୍ତି ତେବେ ତାହାଙ୍କୁ ମହାନ୍ତ ସଦ୍‌ଗୁରୁଙ୍କ ନିକଟରୁ ସାକ୍ଷାଦ୍‌ଭାବରେ ସେହି ମନ୍ତ୍ରକୁ ପୁନଃ ଶ୍ରବଣ କରିବାକୁ ହେବ, ନତୁବା ମନ୍ତ୍ରସିଦ୍ଧି ହେବନାହିଁ । *"ସ୍ୱପ୍ନଲବ୍ଧ ମନ୍ତ୍ରୋ ଯଦି ସଦ୍‌ଗୁରୁଂ ପ୍ରାପ୍ନୋତି, ତଦା ତତ୍ ଏବ ତନ୍ମନ୍ତ୍ରଂ ଗୃହ୍ନିୟାତ୍ ।"* (ତନ୍ତ୍ରସାର ୧।୭୯–୮୦)

ଶ୍ରୀଚୈତନ୍ୟ ଚରିତାମୃତ ଅଧ୍ୟୟନରୁ ଜଣାପଡ଼େ, ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀପାଦ୍ ଝାମଟପୁରରେ ନିଜଗୃହରେ ଅବସ୍ଥାନ କରିବା ସମୟରେ ସ୍ୱପ୍ନରେ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ନିକଟରୁ ମନ୍ତ୍ର ଲାଭ କରିଥିଲେ, କିନ୍ତୁ ପୁନଃ ସେ ଶ୍ରୀରୂପଗୋସ୍ୱାମୀଙ୍କ ନିକଟରୁ ସାକ୍ଷାତ୍ ଭାବରେ ମନ୍ତ୍ରଗ୍ରହଣ କରିଥିଲେ ବୋଲି ପ୍ରମାଣ ମିଳେ । ତାହାଙ୍କ ରଚିତ ବୋଲି କଥିତ ଶ୍ରୀରଘୁନାଥଭଟ୍ଟ ଗୋସ୍ୱାମୀଷ୍ଟକମ୍‌ର ଅଷ୍ଟମ ଶ୍ଲୋକରେ ଏହିପରି ଉକ୍ତି ଅଛି– *"ଯୋ ମହ୍ୟଂ ସ୍ୱପଦାଶ୍ରୟଂ କରୁଣୟା ଦତ୍ତ୍ୱା ପୁନସ୍ତତ୍ତ୍ୟଜଣାତ୍ ଶ୍ରୀମଦ୍ରୂପ–ପଦାରବିନ୍ଦମତୁଳଂ ମାମର୍ପିତଃ ସ୍ୱାଶ୍ରୟମ୍ । ନିତ୍ୟାନନ୍ଦ–କୃପାବଳେନ ଯମହଂ ପ୍ରାପ୍ୟ ପ୍ରହୃଷ୍ଟୋଦ୍ଧଭବତ୍ ତଂ ଶ୍ରୀମଦ୍ ରଘୁନାଥଭଟ୍ଟମନିଶଂ ପ୍ରେମ୍ନା ଭଜେ ସାଗ୍ରହମ୍ ॥"* – ତାତ୍ପର୍ଯ୍ୟ ଏହି ଯେ, ଶ୍ରୀନିତ୍ୟାନନ୍ଦଙ୍କ କୃପାପ୍ରଭାବରେ ଯେଉଁ ଶ୍ରୀମନ୍ ରଘୁନାଥ ଭଟ୍ଟଗୋସ୍ୱାମୀ ପ୍ରଭୁଙ୍କୁ ମୁଁ ଲାଭକରି ପରମାନନ୍ଦିତ ହୋଇଅଛି, ସେହି ଶ୍ରୀମଦ୍ ଭଟ୍ଟଗୋସ୍ୱାମୀଙ୍କୁ ମୁଁ ଅହର୍ନିଶ ଉତ୍କଣ୍ଠାର ଓ ପ୍ରେମର ସହିତ ଭଜନ କରୁଅଛି । ଶ୍ରୀମନ୍ ଭଟ୍ଟପାଦ୍ ମୋତେ କରୁଣାବଶତଃ ନିଜ ପାଦପଦ୍ମରେ ଆଶ୍ରୟ ପ୍ରଦାନ ପୂର୍ବକ ପୁନରାୟ ତତ୍‌କ୍ଷଣାତ୍ ନିଜାଶ୍ରୟ ଶ୍ରୀମଦ୍ ରୂପଗୋସ୍ୱାମୀପାଦ୍‌ଙ୍କ ଅତୁଳ ଶ୍ରୀପାଦପଦ୍ମରେ ସମର୍ପଣ କରନ୍ତି । ଅର୍ଥାତ୍ ଶ୍ରୀଭଟ୍ଟପାଦ୍ ଶ୍ରୀକବିରାଜଙ୍କୁ ସ୍ୱପ୍ନପ୍ରାପ୍ତ ମନ୍ତ୍ର ପୁନର୍ବାର ଶ୍ରବଣ କରାଇବାପାଇଁ ନିଜ ଉପଜୀବ୍ୟଚରଣ ଶ୍ରୀରୂପଙ୍କ ପାଦପଦ୍ମରେ ସମର୍ପଣ କରନ୍ତି । ବାସ୍ତବରେ କବିରାଜ **'ମର୍ଯ୍ୟାଦା ପାଳନ ହୟ ସାଧୁର ଭୂଷଣ'**, ଏହି ନ୍ୟାୟରେ ମହାନ୍ତଗୁରୁ ଗ୍ରହଣର ସଦାଚାର ପ୍ରକଟ କରିଛନ୍ତି ।

କେହି କେହି ଜଗତରେ ସତ୍ ମହାନ୍ତଗୁରୁଙ୍କ ଅଭାବ କଳ୍ପନାକରି କୌଣସି ମଧ୍ୟ ମହାପୁରୁଷଙ୍କ ଆଲେଖ୍ୟ ବା କୌଣସି ମଧ୍ୟ ଭଗବଦ୍‌ମୂର୍ତ୍ତିଙ୍କ ସମ୍ମୁଖରେ ଗ୍ରନ୍ଥାଦି ଦେଖି ମନ୍ତ୍ର ଗ୍ରହଣ କରନ୍ତି, ଏହା ଶାସ୍ତ୍ର ଓ ସଦାଚାର ସମ୍ମତ ନୁହେଁ । ଆମ୍ନାୟସିଦ୍ଧ ସମ୍ପ୍ରଦାୟୀ କୁଳଗୁରୁ ବା ମହାନ୍ତଗୁରୁ ପରିତ୍ୟାଗ କରି କୌଣସି ପ୍ରକାରରେ ମଧ୍ୟ କାଳ୍ପନିକ ଗୁରୁ ଗ୍ରହଣ କରିବା ଶାସ୍ତ୍ର–ସଦାଚାର ସମ୍ମତ ନୁହେଁ । ପୂର୍ବେ ପ୍ରଦର୍ଶିତ ହୋଇଅଛି ଯେ ଶ୍ରୀଗୌରପରିକରଙ୍କ ପରବର୍ତ୍ତିକାଳରେ ମଧ୍ୟ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତିପାଦ, ଶ୍ରୀବଳଦେବ ବିଦ୍ୟାଭୂଷଣ, ଶ୍ରୀଗୋବର୍ଦ୍ଧନର ସିଦ୍ଧ ଶ୍ରୀକୃଷ୍ଣଦାସ

ବାବାଜୀ ମହାରାଜ, କାମ୍ୟବନର ସିଦ୍ଧ ଶ୍ରୀଜୟକୃଷ୍ଣଦାସ ବାବାଜୀ ମହାରାଜ, ଶ୍ରୀଜଗନ୍ନାଥ ଦାସ ବାବାଜୀ ମହାରାଜ, ଶ୍ରୀଶ୍ରୀଗୌରକିଶୋର ଦାସ ବାବାଜୀ ମହାରାଜ ପ୍ରମୁଖ ସିଦ୍ଧ ମହାତ୍ମାଗଣ ସମସ୍ତେହିଁ ନିତ୍ୟସିଦ୍ଧବଂଶୀୟ ସମ୍ପ୍ରଦାୟୀ ମହାନ୍ତଗୁରୁ ଗ୍ରହଣର ଆଦର୍ଶହିଁ ପ୍ରଦର୍ଶନ କରିଛନ୍ତି । କିନ୍ତୁ ସେମାନେ କେହି ମଧ୍ୟ ଉପଯୁକ୍ତ ସଦ୍‌ଗୁରୁ ସୁଦୁର୍ଲଭ ବିଚାର କରି ମହାନ୍ତକୁଳଗୁରୁ ବର୍ଜନ ବା କୌଣସି ମଧ୍ୟ ପ୍ରତିନିଧିଙ୍କ ଆଶ୍ରୟ ଗ୍ରହଣର ଆଦର୍ଶ ପ୍ରକାଶ କରିନାହାନ୍ତି । ସେମାନେ ସମ୍ପ୍ରଦାୟୀ ମହାନ୍ତଗୁରୁଦେବଙ୍କ ଶ୍ରୀମୁଖରୁ ସାକ୍ଷାଦ୍‌ଭାବରେ ଶ୍ରୁତ ମନ୍ତ୍ରକୁହିଁ ଆଶ୍ରୟ କରିଛନ୍ତି । ସମ୍ପ୍ରଦାୟ ବିହୀନ ସ୍ୱୟଂସିଦ୍ଧ କାଳ୍ପନିକ ଗୁରୁ, ସ୍ୱାପ୍ନିକଗୁରୁ, ପ୍ରତିନିଧିଗୁରୁ ପ୍ରଭୃତିଙ୍କ ଦ୍ୱାରା ସାକ୍ଷାତ୍ ମନ୍ତ୍ରଶ୍ରବଣ ରୂପକ ପ୍ରଧାନ ଭକ୍ତିମୂଳକ କାର୍ଯ୍ୟଟି ହୁଏନା, ତେଣୁ ଗୁରୁକରଣ ବା ଦୀକ୍ଷା ଲାଭ ହୁଏ ନାହିଁ । ଯଦି କେହି କୁତର୍କ କରି କୁହନ୍ତି, ଆମ୍ନାୟସିଦ୍ଧ ମନ୍ତ୍ର ତ ପୋଥିରେ ବା ଗ୍ରନ୍ଥରେ ଉପଲବ୍ଧ ଅଛି, ତାହା ଦେଖି ସେହି ମନ୍ତ୍ର ଜପ ଏବଂ ସ୍ୱାପ୍ନିକ ବା କୌଣସି କାଳ୍ପନିକ ଗୁରୁଙ୍କୁ ଇଷ୍ଟଦେବ (ଗୁରୁଦେବ) ମନେ କରିଲେହିଁ ତ ଏକାଧାରରେ ଆମ୍ନାୟିକ ମନ୍ତ୍ର ଓ ସଦ୍‌ଗୁରୁଙ୍କ ଆଶ୍ରୟ କରାହେଲା ।

ଏହା ସମାଧାନ ଶାସ୍ତ୍ରରେ ସ୍ପଷ୍ଟ ରୂପରେ ଦେଖାଯାଏ – *"ନସ୍ୟ ପାଣିତଳଂ ମୂର୍ଦ୍ଧ୍ନି ତସ୍ୟ କର୍ଣ୍ଣେ ଚ ଦକ୍ଷିଣେ । ଋଷ୍ୟାଦିଯୁକ୍ତଂ ବିଧିବନ୍ମନ୍ତ୍ରଂ ବାରତ୍ରୟଂ ବଦେତ୍ ॥ ଦୀର୍ଘମନ୍ତ୍ରଞ୍ଚ ଶିଷ୍ୟସ୍ୟ ଯାବଦାଗ୍ରହଣଂ ପଠେତ୍ ଗୁରୁର୍ଦୈବତ ମନ୍ତ୍ରୈକ୍ୟଂ ଶିଷ୍ୟସ୍ତଂ ଭାବୟନ୍ ପଠେତ୍ ॥"* (ହ.ଭ.ବି. ୨।୧୩୦–୧୩୧) –ଶ୍ରୀଗୁରୁଦେବ ଶିଷ୍ୟର ମସ୍ତକର ଉପରେ କରତଳ ସ୍ଥାପନ ପୂର୍ବକ ଋଷି, ଛନ୍ଦ ଓ ଦେବତାଦି ଉପଦେଶ କରି ଶିଷ୍ୟର ଦକ୍ଷିଣ କର୍ଣ୍ଣରେ ତିନିଥର ମୂଳମନ୍ତ୍ର ଉଚ୍ଚାରଣ କରିବେ । ଦୀର୍ଘମନ୍ତ୍ର ହେଲେ ଯେତେଥର ପର୍ଯ୍ୟନ୍ତ ତାହା ଶିଷ୍ୟର ଅଭ୍ୟସ୍ତ ନହୁଏ ସେତେଥର ଗୁରୁଦେବ ଉଚ୍ଚାରଣ କରିବେ ଏବଂ ଶିଷ୍ୟ ମଧ୍ୟ ଗୁରୁ ଦେବତା ଓ ମନ୍ତ୍ରର ଐକ୍ୟ ଚିନ୍ତାକରି ତାହା ପାଠ କରିବେ । ମହାନ୍ତ ଗୁରୁଦେବଙ୍କ ସାକ୍ଷାତ୍ ଉପସ୍ଥିତ ବ୍ୟତୀତ ସ୍ୱପ୍ନରେ ବା ଆଲଖ୍ୟରେ ଏହି ସମସ୍ତ ଶାସ୍ତ୍ରୀୟ ପ୍ରକ୍ରିୟା ସମ୍ଭବ ନୁହେଁ । ଏହିପରି ଯଥାବିଧି ମନ୍ତ୍ରଗ୍ରହଣ ନକରିଥିବା ବ୍ୟକ୍ତି କେବଳ ମିଥ୍ୟାରେ ନିଜକୁ ଦୀକ୍ଷିତ ବୋଲି ଅଭିମାନ ପୋଷଣ କରିଥାଆନ୍ତି, ବାସ୍ତବରେ ସେମାନଙ୍କର ଦୀକ୍ଷାଦିର ଫଳ – ଶ୍ରୀଭଗବତ୍ ସମ୍ବନ୍ଧାଦି ସ୍ଥାପିତ ହୁଏନାହିଁ ।

ଏ ପ୍ରସଙ୍ଗରେ ଏକ ଘଟଣା ଉଲ୍ଲେଖ କରାହେଉଅଛି– ଶ୍ରୀମଦ୍‌ଭକ୍ତିବିନୋଦ ଠାକୁର ଶ୍ରୀଗୌରକିଶୋର ଦାସ ବାବାଜୀ ମହାରାଜଙ୍କ ନିକଟରେ ବେଷ ଗ୍ରହଣର ପ୍ରାର୍ଥନା ଜଣାଇବାରୁ ପରମ ବିରକ୍ତ ଶ୍ରୀଗୌରକିଶୋରଦାସ ବାବାଜୀ ମହାରାଜ ଦୈନ୍ୟତାର ସହିତ ବେଷଗୁରୁ କାର୍ଯ୍ୟ କରିବାକୁ ଅସମ୍ମତ ହୋଇଥିଲେ । ଦିନେ ଠାକୁର ଭକ୍ତିବିନୋଦ ଶ୍ରୀନବଦ୍ୱୀପରେ ତାହାଙ୍କ ନିକଟକୁ ବେଷ ପ୍ରଦାନର ପ୍ରାର୍ଥନା ନେଇ ଆସୁଛନ୍ତି ଜାଣିପାରି ଶ୍ରୀଗୌରକିଶୋର ଦାସ ବାବାଜୀ ମହାରାଜ ଶ୍ରୀଭକ୍ତିବିନୋଦ ଠାକୁରଙ୍କ ହସ୍ତରୁ ନିସ୍ତୃତି ପାଇବାପାଇଁ ନବଦ୍ୱୀପର ଏକ ବାରବନିତା (ବେଶ୍ୟା) ଗୃହରେ ପ୍ରବିଷ୍ଟ ହୋଇଥିଲେ । ବାବାଜୀ ମହାରାଜ ଉଦ୍‌ବିଗ୍ନ ହେଉଅଛନ୍ତି ଜାଣିପାରି ଶ୍ରୀଭକ୍ତିବିନୋଦଠାକୁର ଗୋଦ୍ରୁମ ଫେରିଆସିଲେ । କିଛି ଦିନପରେ ୧୯୦୮ ଖ୍ରୀଷ୍ଟାବ୍ଦରେ ଲୋକ ପଠାଇ ବାବାଜୀ ମହାରାଜଙ୍କୁ ଗୋଦ୍ରୁମ ଅଣାଇ ତାହାଙ୍କ ସମ୍ମୁଖରେ ସିଦ୍ଧ ଜଗନ୍ନାଥ ଦାସ ବାବାଜୀ ମହାରାଜଙ୍କ ଏକ ପୁରାତନ ବହିର୍ବାସ ଓ କୌପୀନ ପରିଧାନ ପୂର୍ବକ

ଶ୍ରୀଭକ୍ତିବିନୋଦ ଠାକୁର ବେଷାଶ୍ରୟ କରିଥିଲେ । ଏହି ସମୟରେ ବାବାଜୀ ମହାରାଜ ସଶରୀରରେ ସମ୍ମୁଖରେ ସାକ୍ଷିରୂପରେ ଥିବାରୁ ଏବଂ ବାକ୍ୟ ଦ୍ୱାରା ଅନୁମୋଦନ କରିଥିବାରୁ ଶ୍ରୀଗୌରକିଶୋରଦାସ ବାବାଜୀ ମହାରାଜଙ୍କୁହିଁ ଶ୍ରୀଭକ୍ତିବିନୋଦ ଠାକୁରଙ୍କ ବେଷଗୁରୁ ହୋଇଥିଲେ । ଶ୍ରୀଠାକୁର ଭକ୍ତିବିନୋଦ ଚାହିଁଥିଲେ ନିଜ ନିକଟରେ ଉପସ୍ଥିତ ଥିବା ତାହାଙ୍କ ଶିକ୍ଷାଗୁରୁ ଶ୍ରୀଜଗନ୍ନାଥଦାସ ବାବାଜୀ ମହାରାଜଙ୍କ ଆଲେଖ୍ୟ ସ୍ଥାପନ କରି ବେଷଗ୍ରହଣ କରିପାରି ଥାଆନ୍ତେ, କିନ୍ତୁ ଏହିପରି ଅଶାସ୍ତ୍ରୀୟ କାର୍ଯ୍ୟରୁ ନିରତ ହୋଇ ସେ ସଦାଚାର ଓ ଶାସ୍ତ୍ରନିଷ୍ଠାର ପରିଚୟ ଦେଇଛନ୍ତି । ଶ୍ରୀସନାତନ ଗୋସ୍ୱାମୀ ମଧ୍ୟ ସେହିପରି ଶ୍ରୀତପନମିଶ୍ରଙ୍କ ପୁରାତନ ବସ୍ତ୍ରରେ ଶ୍ରୀମନ୍ମହାପ୍ରଭୁଙ୍କ ସମ୍ମୁଖରେ ଓ ତାହାଙ୍କ ଅନୁମୋଦନରେ ନିଷ୍କିଞ୍ଚନ ବେଷ ଧାରଣ କରିଥିଲେ । ଶ୍ରୀକବିକର୍ଣ୍ଣପୁର ମଧ୍ୟ ବାଲ୍ୟାକାଳରେ ଶ୍ରୀମନ୍ମହାପ୍ରଭୁଙ୍କ ଶ୍ରୀମୁଖରୁ କୃଷ୍ଣନାମ ଶ୍ରବଣ କରିବା ସତ୍ତ୍ୱେ ମଧ୍ୟ କୁଳଗୁରୁ ଶ୍ରୀନାଥଚକ୍ରବର୍ତ୍ତୀଙ୍କଠାରୁ ପୁନଃ ଦୀକ୍ଷା ଗ୍ରହଣ କରିଥିଲେ ।

ଶ୍ରୀଗୁରୁଦେବଙ୍କର ସାଧାରଣ ଲକ୍ଷଣ ଓ ଯୋଗ୍ୟତା

ବଦ୍ଧଜୀବ ମାତ୍ରକେ ସମସ୍ତଙ୍କ ପକ୍ଷରେ ଯେପରି ବୈଷ୍ଣବୀୟ ଦୀକ୍ଷାମନ୍ତ୍ରରେ ଦୀକ୍ଷିତ ହେବାର ଶାସ୍ତ୍ରୋପଦେଶ ରହିଅଛି, ତଦନୁରୂପ ମନ୍ତ୍ରୋପଦେଷ୍ଟା ମହାନ୍ତଗୁରୁ କରଣ ମଧ୍ୟ ଅବଶ୍ୟ କରଣୀୟ । ଯେଉଁ ମହାନ୍ତଗୁରୁଙ୍କ ଶ୍ରୀଚରଣାଶ୍ରୟ ଓ କୃପାଶୀଷ ଫଳେ ଶ୍ରୀଭଗବତ୍ ପ୍ରାପ୍ତି ସୁଲଭ ହୁଏ, ସେହି ମହାନ୍ତଗୁରୁଙ୍କ ସାଧାରଣ ଲକ୍ଷଣ ଓ ଯୋଗ୍ୟତା ବିଶଦ ଭାବରେ ବର୍ଣ୍ଣନା କରାଯାଉଛି ।

ମନ୍ତ୍ର-ମୁକ୍ତାବଳୀରେ କଥିତ ଶ୍ରୀଗୁରୁଙ୍କ ଲକ୍ଷଣ-ସମୂହ ଯାହା ଶ୍ରୀହରିଭକ୍ତିବିଳାସରେ ଉଦ୍ଧୃତ ହୋଇଅଛି, ତାହା ଏହି ପ୍ରକାର,- *"ଅବଦାତାନ୍ୱୟଃ ଶୁଦ୍ଧ ସ୍ୱୋଚିତାଚାର-ତତ୍ପରଃ । ଆଶ୍ରମୀ କ୍ରୋଧରହିତୋ ବେଦବିତ୍ ସର୍ବଶାସ୍ତ୍ରବିତ୍ ॥ ଶ୍ରଦ୍ଧାବାନନସୂୟଶ୍ଚ ପ୍ରିୟବାକ୍ ପ୍ରିୟଦର୍ଶନଃ । ଶୁଚି ସୁବେଶ- ସ୍ତରୁଣଃ ସର୍ବଭୂତହିତେ ରତଃ । ଧୀମାନନୁଦ୍ଧତମତିଃ ପୂର୍ଣ୍ଣୋଦ୍ଧହସ୍ତା ବିମର୍ଶକଃ । ସଗୁଣୋଦ୍ଧର୍ଚାସୁ କୃତଧୀଃ କୃତଜ୍ଞଃ ଶିଷ୍ୟ ବତ୍ସଳଃ ॥ ନିଗ୍ରହାନୁଗ୍ରହେ ଶକ୍ତୋ ହୋମମନ୍ତ୍ର-ପରାୟଣଃ । ଉହାପୋହ-ପ୍ରକାରଜ୍ଞ ଶୁଦ୍ଧାତ୍ମା ଯଃ କୃପାଳୟଃ । ଇତ୍ୟାଦି-ଲକ୍ଷଣୈର୍ଯୁକ୍ତୋ ଗୁରୁଃ ସ୍ୟାଦ୍‌ଗରିମା-ନିଧିଃ ॥"* (ହ.ଭ.ବି.୧।୩୮-୪୧) ଅର୍ଥାତ୍ ସତ୍‌ବଂଶଜାତ, ପାତିତ୍ୟାଦି ଦୋଷରହିତ, ନିଜ ବିହିତ ଆଚାରରେ ନିରତ, ଆଶ୍ରମୀ, କ୍ରୋଧହୀନ, ବେଦବିତ୍, ସର୍ବଶାସ୍ତ୍ରଜ୍ଞ, ଶ୍ରଦ୍ଧାବାନ୍, ଯିଏ ଅପରର ଗୁଣରେ ଦୋଷାରୋପକାରୀ ନୁହଁନ୍ତି, ପ୍ରିୟବାଦୀ, ପ୍ରିୟଦର୍ଶନ, ଶୁଚି, ସୁବେଶଧାରୀ, ଭକ୍ତିତରୁଣ, ସର୍ବଭୂତଙ୍କ ହିତ ପାଇଁ ନିରତ, ଧୀମାନ୍, ସ୍ଥିରମତି, ଯିଏ କୌଣସି ଜାଗତିକ ବସ୍ତୁ ଆକାଂକ୍ଷା କରନ୍ତି ନାହିଁ, ଅହିଂସକ, ତତ୍ତ୍ୱ ବିଚାରକ, ବାତ୍ସଲ୍ୟାଦି ଗୁଣ-ଯୁକ୍ତ, ଭଗବତ୍‌ପୂଜାରେ କୃତମତି, କୃତଜ୍ଞ, ଶିଷ୍ୟବତ୍ସଳ, ନିଗ୍ରହ ଓ ଅନୁଗ୍ରହରେ ସମର୍ଥ, ହୋମ-ମନ୍ତ୍ର ପରାୟଣ, ତର୍କ-ବିତର୍କର ପ୍ରକାରଜ୍ଞ, ଶୁଦ୍ଧଚିତ୍ତ ଓ କୃପାର ଆଶ୍ରୟ ଏହି ସମସ୍ତ ଲକ୍ଷଣ-ବିଶିଷ୍ଟ ଗୁରୁହିଁ ଗରିମାର (ଗୁରୁତ୍ୱର) ନିଧିସ୍ୱରୂପ ।

ବିଷ୍ଣୁସ୍ମୃତିରେ ଲିଖିତ ଅଛି -*"ପରିଚର୍ଯ୍ୟାଯଶୋଲାଭ-ଲିପ୍ସୁଃ ଶିଷ୍ୟାଦ୍ ଗୁରୁର୍ନହି । କୃପାସିନ୍ଧୁଃ ସୁସମ୍ପୂର୍ଣ୍ଣଃ ସର୍ବସତ୍ତ୍ୱୋପକାରକଃ ॥ ନିଃସ୍ପୃହଃ ସର୍ବତଃ ସିଦ୍ଧଃ ସର୍ବବିଦ୍ୟା ବିଶାରଦଃ । ସର୍ବସଂଶୟ ସଂଚ୍ଛେତ୍ତାଦ୍ଧନଳସୋ ଗୁରୁବାହୃତଃ ॥"* (ହ.ଭ.ବି.-୧।୪୫-୪୬) -ଯିଏ ଶିଷ୍ୟ ନିକଟରୁ ପରିଚର୍ଯ୍ୟା, ସମ୍ମାନ, ଧନାଦିଲାଭ କାମନା କରନ୍ତି, ସେ ଗୁରୁପଦବାଚ୍ୟ ନୁହଁନ୍ତି । ଯିଏ

କୃପାସିନ୍ଧୁ, ପୂର୍ବଭୂତ ଉପକାରୀ ଓ ଆଳସ୍ୟ ରହିତ, ସେ 'ଗୁରୁ' ନାମରେ ଅଭିହିତ ହୋଇପାରନ୍ତି ।

ନିମ୍ନଲିଖିତ ଲକ୍ଷଣ ଯୁକ୍ତ ବ୍ୟକ୍ତି ଶ୍ରୀଗୁରୁ ରୂପେ ଗ୍ରହଣୀୟ ନୁହଁନ୍ତି, 'ଅଗୁରୁ' ଲକ୍ଷଣ ଯଥା – *ବହ୍ୱାଶୀ ଦୀର୍ଘସୂତ୍ରୀ ଚ ବିଷୟାଦିଷୁ ଲୋଳୁପଃ । ହେତୁବାଦରତୋ ଦୁଷ୍ଟୋଽବାଗ୍‌ବାଦୀ ଗୁଣନିନ୍ଦକଃ ॥ ଅରୋମା ବହୁରୋମା ଚ ନିନ୍ଦିତାଶ୍ରମ-ସେବକଃ । କାଳଦନ୍ତୋଽସିତୌଷ୍ଠଶ୍ଚ ଦୁର୍ଗନ୍ଧି-ଶ୍ୱାସ-ବାହକଃ ॥ ଦୁଷ୍ଟଲକ୍ଷଣ ସମ୍ପନ୍ନୋ ଯଦ୍ୟପି ସ୍ୱୟମଧୀଶ୍ୱରଃ । ବହୁ-ପ୍ରତିଗ୍ରହାସକ୍ତ ଆଚାର୍ଯଃ ଶ୍ରୀକ୍ଷୟାବହଃ ॥*(ହ.ଭ.ବି. ୧।୫୬-୫୮)- ଯିଏ ଅତିରିକ୍ତ ଭୋଜନଶୀଳ, ଦୀର୍ଘସୂତ୍ରୀ, ବିଷୟାଦିରେ ଲୋଭଯୁକ୍ତ, ହେତୁବାଦରତ, ଦୁଷ୍ଟ, ପରର ଯେଉଁ ସମସ୍ତ ପାପର କଥା ଅପରର ନିକଟରେ ପ୍ରକାଶ କରିବା ଉଚିତ ନୁହେଁ ସେହି ସମସ୍ତର ପ୍ରଚାରକାରୀ, ଯିଏ ପରର ଗୁଣର ନିନ୍ଦା କରି ଥାଆନ୍ତି, ଅରୋମା, ବହୁରୋମ ବିଶିଷ୍ଟ, ନିନ୍ଦିତ ଆଶ୍ରମର ସେବା-ପରାୟଣା, କୃଷ୍ଣବର୍ଣ୍ଣ ଦନ୍ତ ଓ ଓଷ୍ଠବିଶିଷ୍ଟ, ଦୁର୍ଗନ୍ଧପୂର୍ଣ୍ଣ ନିଃଶ୍ୱାସବାହୀ ଦୁଷ୍ଟଲକ୍ଷଣଯୁକ୍ତ ଏବଂ ସ୍ୱୟଂ ଦାନାଦିରେ ଅକ୍ଷମ ହୋଇ ମଧ୍ୟ ଯିଏ ବହୁ ପ୍ରତିଗ୍ରହରେ ଆସକ୍ତ, ସେ (ଶ୍ରୀସାଧନାଦି ସମ୍ପତ୍ତି) କ୍ଷୟ କରନ୍ତି ।

ଶ୍ରୀପଦ୍ମପୁରାଣରେ ଉକ୍ତ ଅଛି- *ମହାକୁଳ ପ୍ରସୂତୋଽପି ସର୍ବଯଜ୍ଞେଷୁ ଦୀକ୍ଷିତଃ । ସହସ୍ର ଶାଖାଧ୍ୟାୟୀ ଚ ନ ଗୁରୁଃ ସ୍ୟାଦ୍‌ବୈଷ୍ଣବଃ ॥* (ହ.ଭ.ବି. ୧।୪୪) –'ମହାକୁଳ ପ୍ରସୂତ, ସର୍ବଯଜ୍ଞରେ ଦୀକ୍ଷିତ ଓ ସହସ୍ରଶାଖାଧ୍ୟାୟୀ ବ୍ରାହ୍ମଣ ମଧ୍ୟ ଅବୈଷ୍ଣବ ହେଲେ ଗୁରୁପଦରେ ଅଭିଷିକ୍ତ ହୋଇପାରନ୍ତି ନାହିଁ ।' ଅତଏବ ଏହି ଉପରୋକ୍ତ ସୁଲକ୍ଷଣର ବିଦ୍ୟମାନତା ଓ ଦୁର୍ଲକ୍ଷଣର ଅଭାବସତ୍ତ୍ୱେ ଶ୍ରୀଗୁରୁଦେବଙ୍କର ପ୍ରଧାନ ଲକ୍ଷଣ ହେଉଛି ସେ ଅବୈଷ୍ଣବ ହୋଇନଥିବେ । 'ଅବୈଷ୍ଣବ' ଶବ୍ଦର ଅର୍ଥ ବୁଝାଇବାପାଇଁ ସାଧାରଣ ଭାବରେ ବୈଷ୍ଣବଙ୍କ ଲକ୍ଷଣ କହୁଛନ୍ତି-

ଗୃହୀତ-ବିଷ୍ଣୁ-ଦୀକ୍ଷାକୋ ବିଷ୍ଣୁ-ପୂଜାପରୋ ନରଃ ।
ବୈଷ୍ଣବୋଽଭିହିତୋଽଭିଜ୍ଞୈରିତରୋଽସ୍ମାଦବୈଷ୍ଣବଃ ॥ (ହ.ଭ.ବି.୧।୧୫)

ଟୀକା –*"ଅବୈଷ୍ଣବ, ଇତ୍ୟୁକ୍ତମ୍, ତତ୍ରାଦୌ ସାମାନ୍ୟତୋ ବୈଷ୍ଣବଲକ୍ଷଣଂ ଲିଖନ୍ ତଦିତ ରତ୍ୱେନାବୈଷ୍ଣବଂ ଲକ୍ଷୟତି – ଗୃହୀତେତି, ଅସ୍ମାଦ୍‌ବୈଷ୍ଣବାଦିତରୋ ଭିନ୍ନଃ ।"* ଯିଏ ବିଷ୍ଣୁଦୀକ୍ଷା ଗ୍ରହଣ କରି ବିଷ୍ଣୁଙ୍କ ପୂଜାନିଷ୍ଠ ସେହିପରି ବ୍ୟକ୍ତିହିଁ ଅଭିଜ୍ଞଗଣଙ୍କ ଦ୍ୱାରା 'ବୈଷ୍ଣବ' ବୋଲି କଥିତ ହୁଅନ୍ତି, ଏହିପରି ବୈଷ୍ଣବଙ୍କଠାରୁ ଭିନ୍ନ ବ୍ୟକ୍ତିହିଁ ଅବୈଷ୍ଣବ ।"

ଯଦିଓ ଗୁରୁକରଣ ନିମନ୍ତେ ଏହି ସମସ୍ତ ଲକ୍ଷଣର ଅନୁସନ୍ଧାନର କଥା ଉଲ୍ଲେଖ ହୋଇଅଛି, କିନ୍ତୁ ସତ୍ ବୈଷ୍ଣବଙ୍କ ନିକଟରେ ଏହି ସମସ୍ତ ଲକ୍ଷଣସମୂହର ଅନୁସନ୍ଧାନର ଆବଶ୍ୟକତା ନଥାଏ କାରଣ ଶ୍ରୀବିଷ୍ଣୁଭକ୍ତ ମାତ୍ରକେ ତାହାଙ୍କ ନିକଟରେ ଦେବସମୂହଙ୍କ ସୁଗୁଣସମୂହ ସ୍ୱୟିଂହିଁ ସ୍ଫୁରିତ ହୋଇଥାଏ –"ତତ୍ର ସମାସତେ ସୁରାଃ" । ଆଉ ଯଦି କୌଣସି ବୈଲକ୍ଷଣ ଦୃଷ୍ଟ ହୁଏ ତେବେ ତାହାଙ୍କ ହୃଦୟସ୍ଥିତ ପ୍ରେମର ଅସମୋର୍ଦ୍ଧ ଶକ୍ତି ସମ୍ମୁଖରେ ସେହି ସମସ୍ତକୁ ନଗନ୍ୟ ଓ ତୁଚ୍ଛମନେ କରିବାକୁ ହେବ ।

ଶ୍ରୀଗୌର-ରାୟରାମାନନ୍ଦ ସମ୍ବାଦରେ ଶ୍ରୀମନ୍ମହାପ୍ରଭୁ କହିଛନ୍ତି- *କିବା ବିପ୍ର, କିବା ନ୍ୟାସୀ, ଶୂଦ୍ର କେନେ ନୟ ! ଯେଇ କୃଷ୍ଣତତ୍ତ୍ୱବେତା ସେହି ଗୁରୁ ହୟ ॥*(ଚୈ:ଚ:୨।୮।୧୨୯)- **'ଶ୍ରୀକୃଷ୍ଣତତ୍ତ୍ୱଜ୍ଞତା'ହିଁ** ତାହାଙ୍କର ଏକମାତ୍ର ଯୋଗ୍ୟତା । ଉପରୋକ୍ତ ବ୍ୟବହାରିକ ଲକ୍ଷଣ, ବର୍ଣ୍ଣ ଆଶ୍ରମ – ଶ୍ରୀଗୁରୁଙ୍କ ଯୋଗ୍ୟତାର ମାପକାଠି ନୁହେଁ କାରଣ – *ଅର୍ଚାବତାରୋପାଦାନ୍* –

ବୈଷ୍ଣବୋତ୍ପତ୍ତି-ଚିନ୍ତନମ୍ । ମାତୃଯୋନି ପରୀକ୍ଷାୟାସ୍ତୁଲ୍ୟ ମାହୁର୍ମନୀଷିଣଃ ।।(ଶ୍ରୀବଚନ ଭୂଷଣ -୨୦୫) -ଅର୍ଚ୍ଚା ବିଗ୍ରହର ଉପାଦାନ ଦ୍ରବ୍ୟର ନିରୂପଣ ଏବଂ ବୈଷ୍ଣବଙ୍କ ଜାତିର ଚିନ୍ତା - ଏହି ଉଭୟହିଁ ନିଜ ମାତୃଯୋନି ପରୀକ୍ଷାର ତୁଲ୍ୟ ବୋଲି ବିଦ୍ୱାନ୍‌ଗଣ କୁହଁନ୍ତି । *''ଇଦଂ ଚାର୍ଚ୍ଚାବତାରେ ଉପାଦାନସ୍ୟତେରପି କ୍ରୁରମ୍''*(୨୦୪)-ଅର୍ଚ୍ଚାବତାରରେ କାଷ୍ଠ-ପ୍ରସ୍ତରାଦି ଉପାଦାନର ବିଷୟ ଚିନ୍ତାରୂପ ମହାପରାଧର ଅପେକ୍ଷା ମଧ୍ୟ ବୈଷ୍ଣବଙ୍କ ଜନ୍ମନିରୂପଣରୂପ ଅପରାଧର ଗୁରୁତ୍ୱ ଅନେକ ବେଶୀ । ଅର୍ଚ୍ଚାବତାରରେ ଉପାଦାନତ୍ୱ ଅନୁସନ୍ଧାନଜନିତ ଅପରାଧ ପାଇଁ ଭଗବାନ୍ ଉକ୍ତ ଅନୁସନ୍ଧାନକାରୀକୁ ଯେତେଟା ନିଗ୍ରହ ନକରନ୍ତି, ବୈଷ୍ଣବଙ୍କ ଜନ୍ମନିରୂପଣରୂପ ଅପରାଧ ପାଇଁ ତଦପେକ୍ଷା ଅଧିକ ନିଗ୍ରହ କରନ୍ତି *(ଏତଦପେକ୍ଷୟା ସର୍ବେଶ୍ୱରସ୍ୟ ଅତ୍ୟନ୍ତନିଗ୍ରହହେତୁତ୍ୱମ୍)* ।

ଶ୍ରୀଲୋକାଚାର୍ଯ୍ୟ ସ୍ୱାମୀ ଆହୁରି ମଧ୍ୟ କହିଛନ୍ତି,-*ତ୍ରିଶଙ୍କୁ ବତ୍ କର୍ମଚଣ୍ଡାଲୋ ଭବେତ୍ ବିକ୍ଷରି ଯଜ୍ଞୋପବୀତମେବ ଚର୍ମରଜ୍ଜୁର୍ଭବେତ୍* (ଶ୍ରୀବଚନଭୂଷଣ-୨୦୬) ଅର୍ଥାତ୍ ବୈଷ୍ଣବର ଜନ୍ମନିରୂପଣକାରୀ ପ୍ରଭୃତି ବୈଷ୍ଣବାପରାଧୀ ବ୍ୟକ୍ତି ତ୍ରିଶଙ୍କୁପରି କର୍ମଚଣ୍ଡାଳତା ପ୍ରାପ୍ତ ହୁଏ ଏବଂ ତାହାର ଯଜ୍ଞୋପବୀତ ଚର୍ମରଜ୍ଜୁରୂପେ ପରିଣତ ହୁଏ । ଏହି ପ୍ରସଙ୍ଗରେ ଶ୍ରୀବରବର ମୁନି ଶାସ୍ତ୍ରବାକ୍ୟ ଉଦ୍ଧାର କରି କହିଛନ୍ତି- *''ଅନାଚାରାନ୍ ଦୁରାଚାରାନଜ୍ଞାତୃନ୍ ହୀନଜନ୍ମଃ । ମଦ୍ଭକ୍ତାନ୍ ଶ୍ରୋତ୍ରିୟୋ । ନିନ୍ଦନ୍ ସଦ୍ୟଶ୍ଚଣ୍ଡାଳତାଂ ବ୍ରଜେତ୍ ।।''* ଅର୍ଥାତ୍ ଅନାଚାରୀ, ଦୁରାଚାର, ଜ୍ଞାନହୀନ ବା ନିକୃଷ୍ଟକୂଳେ ଜାତ ବୋଲି ମୋର ଭକ୍ତଗଣଙ୍କୁ ଯଦି ଶ୍ରୋତ୍ରିୟ (ବ୍ରାହ୍ମଣ) ମଧ୍ୟ ନିନ୍ଦା କରେ, ତାହା ହେଲେ ସେ ଅପରାଧୀ ବ୍ୟକ୍ତି ତତ୍‌କ୍ଷଣାତ୍ ଚଣ୍ଡାଳତା ପ୍ରାପ୍ତ ହୁଏ । *ଜାତିଚଣ୍ଡାଳସ୍ୟ କାଳାନ୍ତରେ ଭାଗବତୋ ଭବିତୁଂ ଯୋଗ୍ୟତା ଅସ୍ତି ସାପି ନାସ୍ତି ଅସ୍ୟ ଆରୂଢ଼ପତିତତ୍ୱାତ୍ ।।* (୨୦୭) ଭବିଷ୍ୟତରେ କେବେ ମଧ୍ୟ ଜାତିଚଣ୍ଡାଳର ଭାଗବତ ହେବାର ସମ୍ଭାବନା ଥାଇପାରେ, କିନ୍ତୁ କର୍ମଚଣ୍ଡାଳର ଆଉ ଏହିପରି ହେବାର ସମ୍ଭାବନା ନାହିଁ, କାରଣ ସେ ଉଚ୍ଚକୁ ଉଠିହିଁ ପତିତ ହୋଇଛନ୍ତି । ଶ୍ରୀବରାହପୁରାଣରେ ମଧ୍ୟ ଶ୍ରୀଭଗବାନ ବୈଷ୍ଣବାପରାଧିଗଣଙ୍କର ସମ୍ବନ୍ଧରେ କହିଛନ୍ତି, *'ପଦ୍ମକୋଟି ଶତେନାପି ନକ୍ଷମାମି'* -ମୋ ଭକ୍ତ ଚଣ୍ଡାଳ ହେଲେ ମଧ୍ୟ ତାହାକୁ ଯେଉଁ ସମସ୍ତ ମନୁଷ୍ୟ ନିନ୍ଦା କରନ୍ତି, ଶତ-ପଦ୍ମକୋଟି ବର୍ଷରେ ମଧ୍ୟ ମୁଁ ତାହାଙ୍କୁ କ୍ଷମା କରେନା ।

ମନୁ-ସ୍ମୃତିରେ (୨।୨୩୮) ଉକ୍ତ ହୋଇଅଛି- *''ଶ୍ରଦ୍ଦଧାନଃ ଶୁଭା ବିଦ୍ୟାମାଦଦୀତାବରାଦପି । ଅନ୍ତ୍ୟାଦପି ପରଂ ଧର୍ମଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।।''* -ଏହାର ଟୀକାରେ କୁଲ୍ଲୂକଭଟ୍ଟ ଲେଖିଛନ୍ତି, - *'ଅବରାଚ୍ଛୂଦ୍ରାଦପି ଗୃହ୍ଣୀୟାତ୍, ଅନ୍ତ୍ୟଶ୍ଚାଣ୍ଡାଳଃ ତସ୍ମାଦପି ପରଂ ଧର୍ମଂ ମୋକ୍ଷୋପାୟ-ମାତ୍ମଜ୍ଞାନ ମାଦଦୀତ ।'* ଅର୍ଥାତ୍- ଶ୍ରଦ୍ଧାସହକାରେ ଯୋଗ୍ୟ ଶୂଦ୍ର ନିକଟରୁ ମଧ୍ୟ ଶ୍ରେୟସ୍କରୀ ବିଦ୍ୟା ଗ୍ରହଣ କରିବେ । ଯୋଗ୍ୟ ଏବଂ ଅନ୍ତ୍ୟଜ ଚଣ୍ଡାଳାଦି ନିକଟରୁ ପରମଧର୍ମ ଅର୍ଥାତ୍ ମୋକ୍ଷ ଲାଭର ଉପାୟ-ସ୍ୱରୂପ ଅମ୍ଜ୍ଞାନ ଏବଂ ଦୁଷ୍କୁଳଜାତ ହେଲେ ମଧ୍ୟ ବିବାହ ପାଇଁ ଉତ୍ତମ ସ୍ତ୍ରୀ ଗ୍ରହଣ କରିବେ । ଅତଏବ କୃଷ୍ଣତତ୍ତ୍ୱବେତ୍ତା ଗୁରୁ, ଆଶ୍ରମୀ ବା ବ୍ରାହ୍ମଣବର୍ଣ୍ଣୀ ନହେଲେ ମଧ୍ୟ ତାହାଙ୍କୁ ଗୁରୁରୂପରେ ବରଣ କରିଲେ କୌଣସି ମଧ୍ୟ ଦୋଷ ହେବନାହିଁ - ଏହାହିଁ ଶ୍ରୀମନ୍ମହାପ୍ରଭୁଙ୍କ 'କିବାଶୂଦ୍ର, ନ୍ୟାସୀ କେନେ ନୟ''- ଏହି ଉକ୍ତିର ସାରମର୍ମ । କେହି କେହି ଶ୍ରୀମନ୍ମହାପ୍ରଭୁଙ୍କ ଏହି ଉକ୍ତି କେବଳ ଶ୍ରବଣଗୁରୁପାଇଁ ଉଦ୍ଦିଷ୍ଟ ବୋଲି କହନ୍ତି, କିନ୍ତୁ ଶ୍ରୀଜୀବପାଦଙ୍କ ମତରେ ଶ୍ରବଣ-ଗୁରୁ ଓ ଦୀକ୍ଷା-ଗୁରୁଙ୍କ ମଧ୍ୟରେ ପାରମାର୍ଥିକ କୌଣସି ଭେଦ ନଥିବାରୁ, ଏହି ଉକ୍ତି

ଉଭୟ ଶ୍ରବଣଗୁରୁ ଓ ମନ୍ତ୍ରଗୁରୁଙ୍କ ପାଇଁ ଉଦ୍ଦିଷ୍ଟ । ସେଥିପାଇଁ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀପାଦ ସିଦ୍ଧାନ୍ତ ଦେଇଛନ୍ତି – *'ଅହୋ ବତ ଶ୍ୱପଚୋଽତୋ ଗରୀୟାନ୍'* ଇତ୍ୟାଦି ଶ୍ଲୋକର ସାରାର୍ଥଦର୍ଶିନୀରେ (୩।୩।୩।୭) କହିଲେ – *'ଅତଏବ ସ ଶ୍ୱପଚୋ ଗରୀୟାନତିଶୟେନ ଗୁରୁର୍ଭବତୀତାନ୍ୟାନପି ନାମାତ୍ମକମନ୍ତ୍ରମୁପଦେଷ୍ଟୁଂ ଯୋଗ୍ୟତାଂ ଧତ୍ତେ ।'* ହେ ଭଗବାନ୍ ! ତୁମ ନାମ ଯାହାଙ୍କ ଜିହ୍ୱାର ଏକପ୍ରାନ୍ତରେ ଥରେ ମଧ୍ୟ ଉଚ୍ଚାରିତ ହୁଅନ୍ତି, ସେ କୁକୁରମାଂସ ଭୋଜୀ ଜାତିବିଶେଷ ହେଲେ ମଧ୍ୟ ଗରୁତ୍ତମ ରୂପେ ଗଣ୍ୟ ହୁଅନ୍ତି, ଅନ୍ୟାନ୍ୟ ବ୍ୟକ୍ତିଗଣଙ୍କୁ ମଧ୍ୟ ନାମାତ୍ମକ ମନ୍ତ୍ରୋପଦେଶ କରିବାର ଯୋଗ୍ୟତା ଧାରଣ କରନ୍ତି ।

ଗୌତମୀୟତନ୍ତ୍ର ୫ମ ଅଧ୍ୟାୟରେ – ଲିଖିତ ଅଛି– *ଅତଏବ ହି ଦୀକ୍ଷାର୍ଥଂ ସର୍ବଜ୍ଞଂ ଗୁରୁମାଶ୍ରୟେତ। ଗୁରୁରୁକ୍ତଃ ଫଳତ୍ୟବିଫଳଂ ଫଳମ୍ ॥ ପଞ୍ଚାମ୍ନାୟବିଶେଷଜ୍ଞୋ ନିଗ୍ରହାନୁଗ୍ରହ କ୍ଷମଃ । ଶିଷ୍ୟସ୍ୟ ସଂଶୟଚ୍ଛେତ୍ତ ଗୁରୁର୍ଭବତି ନାପରଃ ॥ ବୈଷ୍ଣବାମ୍ନାୟସିଦ୍ଧାନ୍ତ – ଚିନ୍ତାମଣିରିବାପରଃ । ଆଶ୍ରମୀ ଜ୍ଞାନ କୁଶଳୋ ଗୁରୁର୍ଭବତି ନାପରଃ ॥*– ଅତଏବ ଦୀକ୍ଷା ଲାଭ ପାଇଁ ନିଶ୍ଚୟହିଁ ଶ୍ରୀଗୁରୁଦେବଙ୍କ ଆଶ୍ରୟ କରିବେ । ଯିଏ ମନ୍ତ୍ରଚୈତନ୍ୟ ବିଜ୍ଞାତା, ତାହାକୁହିଁ ଶ୍ରୀବ୍ରହ୍ମା 'ଗୁରୁ' କହିଛନ୍ତି । ସେହି ପ୍ରତ୍ୟକ୍ଷ ଗୁରୁଦେବଙ୍କୁ ନମସ୍କାର କରୁଅଛି, ଯାହାଙ୍କ ଆଜ୍ଞାରେ ମୃତ୍ତିକା, ଭସ୍ମ, କାଷ୍ଠ, ଶିଳାରୁ ମଧ୍ୟ ଅବ୍ୟର୍ଥ ଫଳ ଫଳିଥାଏ, ସେ ପଞ୍ଚାମ୍ନାୟବିଶେଷଜ୍ଞ, ଶିଷ୍ୟକୁ ନିଗ୍ରହ ଓ ଅନୁଗ୍ରହ କରିବାରେ ସମର୍ଥ, ଶିଷ୍ୟର ସଂଶୟ ଛେଦନକାରୀ । ତଦ୍‌ବ୍ୟତୀତ ଅପର କେହି ଗୁରୁ ହୋଇପାରନ୍ତିନାହିଁ । ସେ ବୈଷ୍ଣବ ପରମ୍ପରାର ସିଦ୍ଧାନ୍ତ ବିଷୟରେ ଚିନ୍ତାମଣି ସଦୃଶ, ଆଶ୍ରମୀ, ଜ୍ଞାନକୁଶଳ । ଏହିପରି ମହାପୁରୁଷହିଁ ଗୁରୁ ହୋଇପାରନ୍ତି, ଅପରେ ନୁହଁନ୍ତି ।

ଶ୍ରୀମନ୍ତ୍ରଗୁରୁଦେବଙ୍କ ସାଧାରଣ ଲକ୍ଷଣ ମଧ୍ୟରେ ଆଉ କେତେକ ଅପରିହାର୍ଯ୍ୟ ଲକ୍ଷଣ ସମ୍ବନ୍ଧରେ ଶ୍ରୀପଦ୍ମପୁରାଣରେ ଶ୍ରୀଶିବ ଶ୍ରୀନାରଦଙ୍କୁ କହୁଛନ୍ତି (ପାତାଳଖଣ୍ଡ–୫୧)–

ଶାନ୍ତୋ ବିମତ୍ସରଃ କୃଷ୍ଣେ ଭକ୍ତୋଽନନ୍ୟ ପ୍ରୟୋଜନଃ । ଅନନ୍ୟ–ସାଧନଃ ଶ୍ରୀମାନ୍ କ୍ରୋଧଲୋଭବିବର୍ଜ୍ଜିତଃ ॥ ଶ୍ରୀକୃଷ୍ଣରସତତ୍ତ୍ୱଜ୍ଞଃ କୃଷ୍ଣମନ୍ତ୍ରବିଦାଂ ବରଃ । କୃଷ୍ଣମନ୍ତ୍ରାଶ୍ରୟୋ ନିତ୍ୟଂ ମନ୍ତ୍ରଭକ୍ତଃ ସଦା ଶୁଚିଃ ॥ ସଦ୍ଧର୍ମ–ଶାସକୋ ନିତ୍ୟଂ ସଦାଚାର ନିୟୋଜକଃ । ସମ୍ପ୍ରଦାୟୀ କୃପାପୂର୍ଣ୍ଣୋ ବିରାଗୀ ଗୁରୁରୁଚ୍ୟତେ ॥

ଯିଏ ଶାନ୍ତ, ମାତ୍ସର୍ଯ୍ୟହୀନ, କୃଷ୍ଣଭକ୍ତ, ଶ୍ରୀକୃଷ୍ଣଭଜନ ବ୍ୟତୀତ ଯାହାଙ୍କର ଅନ୍ୟ କୌଣସ, ପ୍ରୟୋଜନ ବା ସାଧନ ନାହିଁ, ଯିଏ ସୁଦର୍ଶନ, ଯାହାଙ୍କଠାରେ କ୍ରୋଧଲୋଭାଦିର ଲେଶମାତ୍ର ନାହିଁ, ଯିଏ ଶ୍ରୀକୃଷ୍ଣରସତତ୍ତ୍ୱଜ୍ଞ, କୃଷ୍ଣମନ୍ତ୍ରବିଦ୍‌ଗଣଙ୍କ ଅଗ୍ରଗଣ୍ୟ, ଶ୍ରୀକୃଷ୍ଣମନ୍ତ୍ରାଶ୍ରୟୀ, ମନ୍ତ୍ରଭକ୍ତ, ସର୍ବଦା ଶୁଦ୍ଧାଚାର, ନିତ୍ୟ ସଦ୍ଧର୍ମର ଉପଦେଷ୍ଟା, ସଦାଚାରରେ ନିୟୋଗକାରୀ, ସତ୍‌ସମ୍ପ୍ରଦାୟୀ, କୃପାଳୁ ଓ ବୈରାଗ୍ୟବାନ୍ ଏହିପରି ବ୍ୟକ୍ତିହିଁ 'ଶ୍ରୀଗୁରୁ' ପଦବାଚ୍ୟ ।

ଶ୍ରୀଗୁରୁଦେବେ ହେବେ ନିର୍ମତ୍ସର ପରର ଉତ୍କର୍ଷ ସହ୍ୟ ନକରି ତାହାଙ୍କ ଗୁଣ ଦର୍ଶନ ନକରି କେବଳ ଦୋଷ ଦର୍ଶନହିଁ ମାତ୍ସର୍ଯ୍ୟ । ବସ୍ତୁତଃ ବୈଷ୍ଣବ ଶ୍ରେଷ୍ଠ ଶ୍ରୀଗୁରୁଦେବ ହେବେ ଅଦୋଷଦର୍ଶୀ (ଉତ୍ତମ ଗୁଣର ଦ୍ରଷ୍ଟା) । ଶ୍ରୀକୃଷ୍ଣଙ୍କଠାରେ ନିଷ୍ଠାପ୍ରାପ୍ତ ଓ ଶାନ୍ତଯୋଗୁଁ ସେ ନିର୍ମତ୍ସର । ଶ୍ରୀକୃଷ୍ଣସେବା ବ୍ୟତୀତ ତାହାଙ୍କ ଅନ୍ୟ କୌଣସି ମଧ୍ୟ ପ୍ରୟୋଜନ ବା ଉଦ୍ଦେଶ୍ୟ ନାହିଁ । ଶିଷ୍ୟାଦିରୂପ – ଜନ ସଂଗ୍ରହ, ତଦ୍ଦ୍ୱାରା ଧନ ଓ ପ୍ରତିଷ୍ଠାଦି ସଂଗ୍ରହ "ନ ଧନଂ ନ ଜନଂ" ଶ୍ଲୋକରେ ଶ୍ରୀମନ୍ମହାପ୍ରଭୁହିଁ ସ୍ୱୟଂ ଏହା ନିଷେଧ କରିଛନ୍ତି । ଶ୍ରୀମଦ୍ଭାଗବତରେ ମଧ୍ୟ

ଶ୍ରୀଗୁରୁଦେବଙ୍କ ଲକ୍ଷଣରେ ଉକ୍ତ ହୋଇଅଛି ଯେ, ସେ ଉପଶମାଶ୍ରୟ – ଅର୍ଥାତ୍ କ୍ରୋଧ-ଲୋଭାଦିର ଅବଶୀଭୂତ (ଶ୍ରୀଚକ୍ରବର୍ତ୍ତପାଦ) । ମଠ-ମନ୍ଦିର ଧନ-ଜନାଦି ବିଷୟ ସଂଗ୍ରହ କରିବାକୁ ଗଲେହିଁ ସେଠାରେ କଳିର ଉତ୍ପାତ (ମାମଲା ମୋକଦ୍ଦମା) ଅନିଚ୍ଛାସତ୍ତ୍ୱେ ମଧ୍ୟ ଆସିପଡ଼େ । ଏଥିପାଇଁ ଶ୍ରୀଶ୍ରୀରୂପସନାତନାଦି ଶ୍ରୀଗୌରପରିକର ଆଚାର୍ଯ୍ୟଗଣ ତାହା ବର୍ଜ୍ଜନ କରିଛନ୍ତି । ଶ୍ରୀଗୁରୁଦେବ ହେବେ ଶ୍ରୀକୃଷ୍ଣରସତତ୍ତ୍ୱଜ୍ଞ । ଅପ୍ରାକୃତ ସାମାଜିକ ନହେଲେ ଶ୍ରୀକୃଷ୍ଣରସତତ୍ତ୍ୱର ଅନୁଭବ ହୁଏନା । ଏହା ଶ୍ରୀସ୍ୱରୂପ ରାମରାୟ ଶ୍ରୀରୂପାଦି ଶ୍ରୀଗୌରପରିକରଗଣଙ୍କର ଆଦର୍ଶ ଦ୍ୱାରା ଜଗତରେ ପ୍ରକାଶିତ ହୋଇଅଛନ୍ତି । କେବଳ ନିବୃତ୍ତିମାର୍ଗରେ ରୁଚି ବିଶିଷ୍ଟ ମସ୍ତିକ ପରିଚାଳନାକାରୀ ବିଚାର ପରାୟଣଗଣ ହୃଦୟବେଦ୍ୟ ରସାନୁଭବରେ ଯୋଗ୍ୟତା ଲାଭ କରିପାରନ୍ତି ନାହିଁ । ସହୃଦୟତାର ଅଭାବରେ ଶ୍ରୀମଦ୍ଭାଗବତର ଦଶମସ୍କନ୍ଧୋକ୍ତ ଶ୍ରୀକୃଷ୍ଣଲୀଳାରସକୁ କେହି କେହି ପ୍ରାକୃତ ଜାଗତିକରସପରି ମନେ କରନ୍ତି, କେହି କେହି ସାଧକଜୀବ ପକ୍ଷରେ ଅନୁପଯୋଗୀ ଭାବି ସମ୍ପୂର୍ଣ୍ଣ ରୂପେ ବର୍ଜ୍ଜନ କରନ୍ତି । ବସ୍ତୁତଃ ଶ୍ରୀକୃଷ୍ଣନାମ ରସାକୃଷ୍ଟ ଶ୍ରୀଶ୍ରୀରୂପାନୁଗବର ଶ୍ରୀଗୁରୁଦେବ ଶିଷ୍ୟବୃନ୍ଦଙ୍କ ଅଧିକାରାନୁସାରେ ତାହା ଯଥାଯଥ ଭାବରେ ଶ୍ରୀନାମର ସାଧନ ମଧ୍ୟରେହିଁ ପ୍ରକାଶ କରନ୍ତି । କେବଳ ସାଂଖ୍ୟ ବିଚାର ଦ୍ୱାରା ଶିଷ୍ୟର ହୃଦୟକ୍ଷେତ୍ରକୁ ଶ୍ମଶାନ ପରି ବା ମରୁଭୂମିତୁଲ୍ୟ ଶୁଷ୍କ ଓ କଠିନ କରି ରଖନ୍ତି ନାହିଁ ।

ଶ୍ରୀଗୁରୁଦେବ ଶ୍ରୀକୃଷ୍ଣମନ୍ତ୍ରବିଦ୍‌ଗଣଙ୍କ ମଧ୍ୟରେ ଶ୍ରେଷ୍ଠ– ଅର୍ଥାତ୍ ସେ ଶ୍ରୀକୃଷ୍ଣମନ୍ତ୍ର ଦ୍ରଷ୍ଟା ଓ ଅନୁଭବୀ । ସେ ସ୍ୱୟଂ ନିତ୍ୟ ଶ୍ରୀକୃଷ୍ଣମନ୍ତ୍ର ଆଶ୍ରୟ କରିଅଛନ୍ତି । ଶ୍ରୀକୃଷ୍ଣମନ୍ତ୍ର କହିଲେ ଶ୍ରୀହରିନାମ ଓ ଅଷ୍ଟାଦଶାକ୍ଷର ଶ୍ରୀଗୋପାଳମନ୍ତ୍ର ଉଭୟକୁହିଁ ବୁଝାଏ । ଶ୍ରୀନାମ ମଧ୍ୟ ଶାସ୍ତ୍ରରେ 'ମନ୍ତ୍ର' ଶବ୍ଦରେ ଉକ୍ତ ହୋଇଅଛନ୍ତି । ସେ ଗୁରୁ-ପରମ୍ପରାକ୍ରମେ ଶ୍ରୀନାମ ଓ ଶ୍ରୀଗୋପାଳମନ୍ତ୍ର ଲାଭ କରି ତାହାକୁ ନିତ୍ୟ ଆଶ୍ରୟ କରିଅଛନ୍ତି ଏବଂ ମନ୍ତ୍ରରେ ସିଦ୍ଧ ଲାଭ କରି ମନ୍ତ୍ରଦେବତାଙ୍କର ସାକ୍ଷାତ୍‌କାର କରିଅଛନ୍ତି । ପୂର୍ବଗୁରୁଙ୍କ ନିକଟରୁ ଯଥା ବିଧାନରେ ମନ୍ତ୍ର ପ୍ରାପ୍ତ ନହୋଇ କେହି ସ୍ୱୟଂ ସିଦ୍ଧ କୃଷ୍ଣମନ୍ତ୍ରବିତ୍ ଓ ନିତ୍ୟ କୃଷ୍ଣମନ୍ତ୍ରାଶ୍ରୟୀ ମନ୍ତ୍ରାଚାର୍ଯ୍ୟ ହୋଇ ପାରିବେ ନାହିଁ, ଏହା ସ୍ୱୟଂ ଭଗବାନ ଶ୍ରୀଗୌରସୁନ୍ଦର, ଶ୍ରୀନିତ୍ୟାନନ୍ଦ ପ୍ରଭୁ, ଶ୍ରୀଅଦ୍ୱୈତପ୍ରଭୁ ପ୍ରମୁଖ ପରମେଶ୍ୱରଗଣ ଏବଂ ତଦନୁଗତ ଶ୍ରୀରୂପସନାତନାଦି ନିତ୍ୟସିଦ୍ଧ ଶ୍ରୀଗୌରପରିକରଗଣ ପ୍ରଦର୍ଶନ କରିଅଛନ୍ତି । ସେମାନେ ଭଗବତ୍ ତତ୍ତ୍ୱ ହୋଇ ମଧ୍ୟ ସ୍ୱୟଂସିଦ୍ଧ ମନ୍ତ୍ରାଚାର୍ଯ୍ୟ ହେବାର ଆଦର୍ଶ ପ୍ରକଟ କରିନାହାନ୍ତି । ସ୍ୱୟମ୍ଭୁ ବ୍ରହ୍ମା ମଧ୍ୟ ଶ୍ରୀକୃଷ୍ଣଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରିବାପରେହିଁ ଅପରକୁ ଉପଦେଶ ଦେଇଛନ୍ତି । ସେଥିପାଇଁ ଗୁରୁଦେବେ ହେବେ ସମ୍ପ୍ରଦାୟୀ । 'ସମ୍ପ୍ରଦାୟୀ ଗୁରୁ' କହିଲେ ଯିଏ ଅବିଚ୍ଛିନ୍ନ ଗୁରୁ-ପରମ୍ପରାରେ ଦୀକ୍ଷା ମନ୍ତ୍ର ଲାଭ କରିଅଛନ୍ତି, ତାହାକୁହିଁ ବୁଝାଏ । କେବଳମାତ୍ର ମାନସିକ ଆନୁଗତ୍ୟ ଓ ଶିକ୍ଷାର ଅନୁସରଣ ଦ୍ୱାରା ସମ୍ପ୍ରଦାୟୀ ଗୁରୁ ହୋଇଯାନ୍ତିନାହିଁ । ଅନ୍ୟଥା ସେହି ଦୀକ୍ଷାମନ୍ତ୍ର ନିଷ୍ଫଳା ହୁଏ – *"ସାମ୍ପ୍ରଦାୟବିହୀନା ଯେ ମନ୍ତ୍ରାସ୍ତେ ନିଷ୍ଫଳା ମତାଃ" ସତ୍‌ସମ୍ପ୍ରଦାୟକଂ ପ୍ରାପ୍ତଂ କିଂ ନ ସିଧ୍ୟତି ମନ୍ତ୍ରିଣଃ । ସମ୍ପ୍ରଦାୟେ ନୋପବିଷ୍ଟାସ୍ତେଷାଂ ସିଦ୍ଧି-ର୍ଦ୍ଦୂତଂ ଭବେତ୍ ॥ ଯେ ମନ୍ତ୍ରା ଅବିଧିପ୍ରାପ୍ତା ଯେ ଚ ସିଦ୍ଧାନ୍ତବର୍ଜ୍ଜିତାଃ । ଇତ୍ୟାଦି ଦୋଷ-ଦୁଷ୍ଟାଶ୍ଚ ସିଦ୍ଧିବା ନାଞ୍ଜଯୋଗତଃ ॥* (ଗୌତମୀୟତନ୍ତ୍ର-୩୧)ଅସମ୍ପ୍ରଦାୟ, ନବୀନ ମତବାଦ ଆଦି ବା କୁପଥଗାମୀତାର ସ୍ରୋତରେ ଭାସମାନ ସମ୍ପ୍ରଦାୟ ସମୂହକୁ ଚିହ୍ନିବାର ଗୋଟିଏ ମାତ୍ର କଷଟି

ପଥର ହେଉଛି ସେମାନଙ୍କର ଗୁରୁପ୍ରଣାଳୀ ଓ ତଦନୁଯାୟୀ ସଦାଚାରର ଅବିଚ୍ଛିନ୍ନତାର ଅନୁସନ୍ଧାନ । ଗୋଟିଏ ଦୀପ ଜାଳିବାକୁ ହେଲେ ଯେପରି ଏକ ଜ୍ୱଳନ୍ତ ଅଗ୍ନିର ସଂଯୋଗ ଆବଶ୍ୟକ, ବିଦ୍ୟୁତ୍ ଯନ୍ତ୍ରୋପକରଣର ଚାଳନ ନିମିତ୍ତ ବିଦ୍ୟୁତ୍ ଆଧାର ସହିତ ଅବିଚ୍ଛିନ୍ନ ସଂଯୋଗ ଆବଶ୍ୟକ- ସେହିପରି ଅଖଣ୍ଡ ଗୁରୁତତ୍ତ୍ୱ ସହିତ ଶିଷ୍ୟର ସମ୍ବନ୍ଧ ରହିଲେହିଁ ସେ ଶ୍ରୀଭଗବାନଙ୍କ ସହିତ ସମ୍ବନ୍ଧିତ ହେବେ ।

ଶ୍ରୀଗୀତାରେ ମଧ୍ୟ "ଏବଂ ପରମ୍ପରା ପ୍ରାପ୍ତ ମିମଂ ରାଜର୍ଷୟୋ ବିଦୁଃ" ଇତ୍ୟାଦି (୪।୧-୨) ବାକ୍ୟରେ ଅବିଚ୍ଛିନ୍ନ ଗୁରୁପରମ୍ପରାରେ ପ୍ରାପ୍ତ ଉପଦେଶର କଥା କହିଛନ୍ତି । ଆଉ ଗୁରୁ ଆଚାରବାନ୍ ପ୍ରଚାରକ ବୋଲିହିଁ ସଦ୍ଧର୍ମର ଶାସକ ଏବଂ ଶିଷ୍ୟକୁ ସଦାଚାରରେ ନିଯୁକ୍ତ କରିବାରେ ସମର୍ଥ । ସେ ଈଶ୍ୱର ଅର୍ଥାତ୍ ସର୍ବତନ୍ତ୍ର-ସ୍ୱତନ୍ତ୍ର ହୋଇ ମଧ୍ୟ ଅଯାଚିତ କୃପାପୂର୍ଣ୍ଣ ଅର୍ଥାତ୍ ଆଚାର କରି ପ୍ରଚାର କରନ୍ତି । ଆଚାର କରି ପ୍ରଚାରହିଁ ତାହାଙ୍କର ଅଯାଚିତ କୃପା ।

ଶ୍ରୀଗୁରୁଦେବ କୌଣସି ଆଧୁନିକ ମତବାଦର ଅନୁକରଣ ପରାୟଣ ହୋଇନଥିବେ ଯଥା, ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀପାଦ୍ ଶ୍ରୀଭକ୍ତିରସାମୃତସିନ୍ଧୁରେ *"ସେବା ସାଧକରୂପେଣ ସିଦ୍ଧରୂପେଣ ଚାତ୍ରହି । ତଦ୍ଭାବଲିପ୍ସୁନା କାର୍ଯ୍ୟା ବ୍ରଜଲୋକାନୁସାରତଃ ॥"* ଶ୍ଲୋକର ଟୀକାରେ *"ଆଧୁନିକ-ସୌରମ୍ୟମତମପି ନିରସ୍ତମ୍"* ଏହି ବାକ୍ୟରେ ଆସାମପ୍ରଦେଶୀୟ ସୁରମ୍ୟ ଉପତ୍ୟାକାରେ ପ୍ରବର୍ତ୍ତିତ ଗୋଟିଏ ନବୀନ ମତର ଉଲ୍ଲେଖ କରି ତାହାର ଖଣ୍ଡନ କରିଅଛନ୍ତି ଏବଂ ମତଟିର ସଂକ୍ଷିପ୍ତ ବିଶ୍ଳେଷଣ ମଧ୍ୟ କରିଛନ୍ତି । ଶ୍ରୀରୂପକବିରାଜ କର୍ତ୍ତୃକ ଏହି ସୁରମ୍ୟ ଉପତ୍ୟକାରୁ ପ୍ରଚାରିତ ସୌରମ୍ୟମତଟି ଏହିପରି ଯଥା- ଶ୍ରୀକୃଷ୍ଣଙ୍କ ପ୍ରେଷ୍ଠା ଶ୍ରୀରାଧା ଶ୍ରୀଚନ୍ଦ୍ରାବଳୀ ପ୍ରଭୃତି ଗୋପୀଗଣ ଯେତେବେଳେ ଶ୍ରୀମନ୍ତ୍ରଗୁରୁ ଗ୍ରହଣ, ଶ୍ରୀଏକାଦଶୀବ୍ରତ ପାଳନ, ଶ୍ରୀଶାଳଗ୍ରାମ ବା ଶ୍ରୀତୁଳସୀ ସେବାଦି କରି ନାହାନ୍ତି, ସେତେବେଳେ ଗୋପୀଙ୍କ ଅନୁଗତ ହୋଇ ଭଜନକାରୀ ବ୍ୟକ୍ତିଗଣଙ୍କର ମଧ୍ୟ ଏହି ସମସ୍ତ କୃତ୍ୟ ପରିତ୍ୟଜ୍ୟ ଅଟେ । କେତେକ ନୂତନ ସମ୍ପ୍ରଦାୟରେ ମଧ୍ୟ ଏହିପରି ମତବାଦର ପ୍ରଚଳନ ରହିଅଛି । କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ଗୋସ୍ୱାମୀସିଦ୍ଧାନ୍ତ ବିରୁଦ୍ଧାତ୍ମକ ଅଶାସ୍ତ୍ରୀୟ ମତବାଦ । ଶ୍ରୀକବିରାଜଗୋସ୍ୱାମୀ ପାଦଙ୍କ ଭାଷାରେ କୁହାଯାଇଛି - *ଏଇ ତ କଳ୍ପିତ ଅର୍ଥ-ମନେ ନାହି ଭାୟ । ଶ୍ରାସ୍ତ୍ର ଛାଡ଼ି କୁ-କଳ୍ପନା ପାଷଣ୍ଡେ ବୁଝାୟ ॥ ପରମାର୍ଥ ବିଚାର ଗେଲ, କରି ମାତ୍ର ବାଦ । କାହାଁ ମୁଇଁ ପାବ, କାହାଁ କୃଷ୍ଣେର ପ୍ରସାଦ ॥* (ଚୈ.ଚ.୨।୨୫।୪୧-୪୨) *ଯେଇ ଗ୍ରନ୍ଥକର୍ତ୍ତା ଚାହେ ସ୍ୱ-ମତ ସ୍ଥାପିତେ । ଶାସ୍ତ୍ରେର ସହଜ-ଅର୍ଥ ନହେ ତାହା ହୈତେ ॥* (ଚୈ.ଚ.୨।୨୫।୪୩)

ଅନେକ ସମୟରେହିଁ ଏହିପରି ସ୍ୱତନ୍ତ୍ର ମତବାଦ ପ୍ରଚାରକାରୀ ଆଚାର୍ଯ୍ୟଗଣଙ୍କ ଶାସ୍ତ୍ରର କଷ୍ଟକଳ୍ପନାଯୁକ୍ତ ଆଚାରରେ ଓ ପ୍ରଚାରରେ ଶ୍ରୀକୃଷ୍ଣ ଓ ଶ୍ରୀଗୌରସୁନ୍ଦରଙ୍କଠାରେ ଐକାନ୍ତିକ ଭକ୍ତିର ଆକାର ଥାଏ ଅର୍ଥାତ୍ ତାହା ଐକାନ୍ତିକ ଭକ୍ତି ବୋଲି ଲୋକଚକ୍ଷୁରେ ପ୍ରତୀୟମାନ ହୁଏ, ସ୍ୱରୂପତଃ ତାହା ଐକାନ୍ତିକୀ ଭକ୍ତି ନୁହେଁ, କଳ୍ପିତ କୁପଥଗାମିତା ମାତ୍ର । ଶ୍ରୀରୂପଗୋସ୍ୱାମିପାଦ କହିଛନ୍ତି- *ଭକ୍ତିରୈକାନ୍ତିକୀରେଯମବିଚାରା ପ୍ରତୀୟତେ ।*

ବସ୍ତୁତସ୍ତୁ ତଥା ନୈବ ଯଦଶାସ୍ତ୍ରୀୟତେକ୍ଷତେ ॥ (ଭ.ର.ସି.୧।୨।୧୦୨)

ଏହାର ଟୀକାରେ ଶ୍ରୀଚକ୍ରବର୍ତ୍ତିପାଦ୍ କହିଛନ୍ତି,- *"ଏବମାଧୁନିକମତାନୁବର୍ତିନା ଶ୍ରୀକୃଷ୍ଣେ ଭକ୍ତିର୍ଯଦ୍ୟପ୍ୟୈକାନ୍ତିକୀବ ପ୍ରତୀୟତେ, ତଦପ୍ୟବିଚାରା ଦେବେତ୍ୟର୍ଥଃ । ତତ୍ର ହେତୁଃ- ଯଦ୍ ଯସ୍ମାତ୍*

ଅଶାସ୍ତ୍ରୀୟତା ଶାସ୍ତ୍ରାବଜ୍ଞାମୟତା ତତ୍ରେକ୍ଷତେ ॥'' ଅର୍ଥାତ୍, ଅବିଚାର ଯୋଗୁଁ ତାହା ଐକାନ୍ତିକୀ ଭକ୍ତିପରି ପ୍ରତୀୟମାନ ହେଲେ ମଧ୍ୟ ବସ୍ତୁତଃ ତାହା ନୁହେଁ, ଯେହେତୁ ପର୍ଯ୍ୟାଲୋଚନା କରିଲେ ସେଥିରେ ଶାସ୍ତ୍ରର ଅବଜ୍ଞାହିଁ ଦୃଷ୍ଟ ହୁଏ । ଏହିପରି ଆଧୁନିକ ମତବାଦର ଅନୁବର୍ତ୍ତନକାରିଗଣଙ୍କର ମଧ୍ୟ ଶ୍ରୀକୃଷ୍ଣଙ୍କଠାରେ ଯେଉଁ ଭକ୍ତି, ତାହା ଐକାନ୍ତିକୀ ଭକ୍ତିପରି ପ୍ରତୀୟମାନ ହୁଏ, ତାହା ମଧ୍ୟ ବିଚାରର ଅଭାବ-ବଶତଃହିଁ ଐକାନ୍ତିକୀ ବୋଲି ପ୍ରତିତ ହୁଏ, କିନ୍ତୁ ବାସ୍ତବରେ ଏହା କେବଳ କୁପଥଗାମିତା, ଏହି କୁପଥଗାମିତାରୁ ଜୀବକୁ ଉଦ୍ଧାର କରିବାପାଇଁ ଶ୍ରୀଗୁରୁଦେବଙ୍କୁ ସମ୍ପ୍ରଦାୟୀ ଓ ଆମ୍ନାୟସିଦ୍ଧ ପରମ୍ପରା ସଂଶ୍ଳିଷ୍ଟ ହେବା ଏକାନ୍ତ ଆବଶ୍ୟକ ।

ଶ୍ରୀମନ୍ମହାପ୍ରଭୁଙ୍କ ଅନୁଗ ଗୋସ୍ୱାମୀବୃନ୍ଦ ଶ୍ରୀଗୁରୁକରଣ ସମ୍ବନ୍ଧରେ ବୈଷ୍ଣବ ଶ୍ରୀଗୁରୁଦେବଙ୍କର ବିଶେଷ ଯୋଗ୍ୟତା କଥା ଉଲ୍ଲେଖ କରିଅଛନ୍ତି । ଜାତରତି ବ୍ୟକ୍ତିଗଣ (ବୈଷ୍ଣବଗଣ) ହିଁ ଗୁରୁରୂପେ ବରଣୀୟ କାରଣ ଅଜାତରତି ବ୍ୟକ୍ତି ଶିଷ୍ୟ କରିଲେ ଗୁରୁ ଓ ଶିଷ୍ୟ ଉଭୟଙ୍କରହିଁ ଅମଙ୍ଗଳ ହୁଏ । ଦେଖାଯାଏ କୌଣସି କୌଣସି ପରମବିରକ୍ତ ମହତ 'ରତି' ବା 'ଭାବ' ଭୂମିକାରେ ଆରୂଢ଼ ଥାଇ ମଧ୍ୟ ଦୈନ୍ୟତା ବଶତଃ ଶିଷ୍ୟ ଗ୍ରହଣ କରନ୍ତି ନାହିଁ । ଆଉ କେହି କେହି ଅତିଶୟ କୃପାଳୁଚିତ୍ତ ପରମମହତ୍ ଅହୈତୁକୀ ଜୀବ-କରୁଣାର ବଶବର୍ତ୍ତୀ ହୋଇ ଶିଷ୍ୟ କରିଥାଆନ୍ତି । ସେ ଯାହା ହେଉନା କାହିଁକି ଅଜାତରତି ବ୍ୟକ୍ତି ପକ୍ଷେ ଶିଷ୍ୟକରଣ ସର୍ବତୋଭାବରେ ଭକ୍ତିର ବାଧକ । ଶ୍ରୀଭକ୍ତିରସାମୃତସିନ୍ଧୁର ବୈଧୀ-ସାଧନଭକ୍ତିର ନିଷେଧସୂଚକ ଅଙ୍ଗ ମଧ୍ୟରେ ଶ୍ରୀମଦ୍ଭାଗବତର ପ୍ରମାଣ ମୂଳରେ ଉକ୍ତ ହୋଇଅଛି (ଭା୭।୧୩।୮)-''ନ ଶିଷ୍ୟାନନୁ ବଧ୍ନୀତ'', ଏହାର ବ୍ୟାଖ୍ୟାରେ 'ଦୁର୍ଗମସଙ୍ଗମନୀରେ' ଶ୍ରୀଶ୍ରୀଜୀବଗୋସ୍ୱାମିପାଦ୍ ଏହିପରି ସିଦ୍ଧାନ୍ତ ଲେଖିଛନ୍ତି,-*''ଶିଷ୍ୟନ୍ନୈବାନୁବଧ୍ନୀୟାଦିତ୍ୟାଦିକୋ ଯଦ୍ୟପି ସନ୍ୟାସଧର୍ମ ସ୍ତଥାପି ନିବୃତ୍ତାନାମପ୍ୟନ୍ୟେଷାଂ ଭକ୍ତାନାମୁପନୁଜ୍ୟତ ଇତି ଭାବଃ ।'' ଏତଚ୍ଚାନଧିକାରିଷ୍ୟା ବ୍ୟପେକ୍ଷୟା, ଶ୍ରୀନାରଦାଦୌ ତଚ୍ଛ୍ରବଣାତ୍, ତତ୍ତତ୍ ସମ୍ପ୍ରଦାୟନାଶପ୍ରସଙ୍ଗାଚ୍ଚ, ଅନ୍ୟଥା ଜ୍ଞାନ ଶାଠ୍ୟପତ୍ତେଃ । ଅତଏବ ନାନୁବଧ୍ନୀୟାଦିତି ସ୍ୱ-ସ୍ୱ-ସମ୍ପ୍ରଦାୟବୃଦ୍ଧ୍ୟର୍ଥଅନଧି-କାରିଣୋଦ୍ଧପି ନ ଗୃହ୍ନୀୟାଦିତ୍ୟର୍ଥଃ''*- ଅର୍ଥାତ୍ ଶିଷ୍ୟଗଣଙ୍କର ଅନୁସରଣ କରିବେ ନାହିଁ ଅଥବା ପ୍ରଲୋଭନାଦି ଦ୍ୱାରା ବଳପୂର୍ବକ ଶିଷ୍ୟ ସଂଗ୍ରହ କରିବେ ନାହିଁ ।(''ପ୍ରଲୋଭନାଦିନା ବଳାତ୍ ନ ଆପାଦୟେତ୍'' -ସ୍ୱାମୀ ଓ ଚକ୍ରବର୍ତ୍ତିପାଦ୍) -ଇତ୍ୟାଦି ଉପଦେଶ ଯଦିଓ ଶ୍ରୀମଦ୍ଭାଗବତର ସପ୍ତମ ସ୍କନ୍ଧରେ ତ୍ରୟୋଦଶ ଅଧ୍ୟାୟରେ ଶ୍ରୀନାରଦ ଶ୍ରୀଯୁଧିଷ୍ଠିରଙ୍କୁ ଯତିଧର୍ମର କର୍ତ୍ତବ୍ୟ-ବର୍ଣ୍ଣନ-ପ୍ରସଙ୍ଗରେ କହିଛନ୍ତି, ତଥାପି ନିବୃତ୍ତିମାର୍ଗରେ ଅନ୍ୟାନ୍ୟ ଭକ୍ତଗଣଙ୍କ ପକ୍ଷରେ ମଧ୍ୟ ଏହା ପ୍ରଯୁଜ୍ୟ, ଏହାହିଁ ତାତ୍ପର୍ଯ୍ୟ । ନିବୃତ୍ତିମାର୍ଗୀୟ ଭକ୍ତଶ୍ରେଷ୍ଠ ଶ୍ରୀନାରଦାଦି ମଧ୍ୟ ଶିଷ୍ୟ କରିଥିଲେ, ଏହା ଶୁଣିବାକୁ ମିଳେ । ଆଦୌ ଶିଷ୍ୟ ନକରିଲେ ସେହି ସେହି ଭଗବତ୍‌ସମ୍ପ୍ରଦାୟ ଲୋପ ହୋଇପାରେ ଏବଂ ଜ୍ଞାନୋପଦେଶ-ବିତରଣରେ କୃପଣତା-ଦୋଷ ମଧ୍ୟ ଉପସ୍ଥିତ ହୋଇପାରେ । ଅତଏବ 'ଶିଷ୍ୟ ସଂଗ୍ରହ କରିବେ ନା'-ଏହି ବାକ୍ୟର ତାତ୍ପର୍ଯ୍ୟ ଏହି ଯେ, ସ୍ୱ-ସମ୍ପ୍ରଦାୟ-ବୃଦ୍ଧି ପାଇଁ ଅନଧିକାରୀଙ୍କୁ ଶିଷ୍ୟତ୍ୱରେ ଗ୍ରହଣ କରିବେ ନାହିଁ । ଏଠାରେ ଶ୍ରୀଶ୍ରୀଳକୃଷ୍ଣଦାସ କବିରାଜ ଗୋସ୍ୱାମୀପାଦ୍‌ଙ୍କ ଶିଷ୍ୟ ଶ୍ରୀମୁକୁନ୍ଦଦାସ ଗୋସ୍ୱାମୀ ମହାଶୟ ଲେଖିଛନ୍ତି- *''ଶିଷ୍ୟନିତି, ନାନୁବଧ୍ନୀୟାନ୍ନାନୁସରେତ୍-ତଦନୁସରଣେ ଲାଭପ୍ରତିଷ୍ଠାଦିନା ସାଧକସ୍ୟ ସାଧନଶୈଥିଲ୍ୟପ୍ରାପ୍ତେଃ ।*

ଶିଷ୍ୟକରଣସ୍ତୁ ଜାତରତୀନାମେବ ବିହିତତ୍ୱାତ ।'' ଅର୍ଥାତ୍ ଶିଷ୍ୟ ସମୂହକୁ ଅନୁସରଣ କରିବେ ନାହିଁ । କାରଣ ଶିଷ୍ୟାଦି କରିଲେ ସାଧକର ଲାଭ-ପୂଜା-ପ୍ରତିଷ୍ଠାଦି ଦ୍ୱାରା ସାଧନର ଶୈଥିଲ୍ୟ ଘଟିବ । ଯେହେତୁ ଶିଷ୍ୟକରଣ ଏକମାତ୍ର ଜାତରତିଗଣଙ୍କ ପକ୍ଷରେହିଁ ବିହିତ ହୋଇଅଛି ।

ଗୋସ୍ୱାମୀଗଣଙ୍କ ସିଦ୍ଧାନ୍ତାନୁସାରେ ''ଜାତରତି ସାଧକ'' ହିଁ 'ଗୁରୁ' ଭାବରେ ଶିଷ୍ୟ ଗ୍ରହଣ କରିପାରିବେ । ଗୋସ୍ୱାମୀଗଣ ଶ୍ରୀବିଲ୍ୱମଙ୍ଗଳାଦିଙ୍କୁ ସାଧକ ବୋଲି କୀର୍ତ୍ତିତ କରିଅଛନ୍ତି, ଶ୍ରୀଭକ୍ତିରସାମୃତ ସିନ୍ଧୁରେ ଉଲ୍ଲେଖ ଅଛି (୨।୧।୨୭୬)- *'ଉତ୍ପନ୍ନରତୟଃ ସମ୍ୟ ନୈର୍ବିଘ୍ନ୍ୟମନୁପାଗତାଃ । କୃଷ୍ଣ ସାକ୍ଷାତ୍କୃତୌ ଯୋଗ୍ୟାଃ ସାଧକାଃ ପରିକୀର୍ତିତାଃ ।'* ଅତଏବ ଏହିପରି ଜାତରତି (ସାଧକହିଁ) ତଥା ଭଗବତ୍ ସାକ୍ଷାତ୍କାର ଯୋଗ୍ୟ ବ୍ୟକ୍ତିହିଁ ଶ୍ରୀଗୁରୁପଦାରୂଢ଼ ହୋଇପାରିବେ ।

କେହି କେହି କୁହନ୍ତି ଶ୍ରୀମନ୍ମହାପ୍ରଭୁଙ୍କ ଦାସାନୁଦାସ-ଅଭିମାନରେ ଅଜାତରତି ବ୍ୟକ୍ତିହିଁ ହୁଅନ୍ତୁ, ଆଉ ଜାତରତି ବ୍ୟକ୍ତିହିଁ ହୁଅନ୍ତୁ, ସମସ୍ତେହିଁ ଶ୍ରୀମନ୍ମହାପ୍ରଭୁଙ୍କ ଆଜ୍ଞାରେ 'ଗୁରୁ' ହୋଇ ଶ୍ରୀଗୌର-ଆଜ୍ଞା ପାଳନ-ରୂପ ସେବା କରିବାର ଅଧିକାରୀ । କାରଣ, ଶ୍ରୀମନ୍ମହାପ୍ରଭୁଙ୍କ ଆଦେଶ ଏହି ଯେ -*''ଯାରେ ଦେଖ, ତାରେ କହ 'କୃଷ୍ଣ'-ଉପଦେଶ । ଆମାର ଆଜ୍ଞାୟ ଗୁରୁ ହାୟାଁ ତାର' ଏଇ ଦେଶ । କଭୁ ନ ବାଧିବେ ତୋମାର ବିଷୟ-ତରଙ୍ଗ । ପୁନରପି ଏଇଠାଇଁ ପାବେ ମୋର ସଙ୍ଗ ॥''* (ଚୈ:ଚ:୨।୭।୧୨୮-୧୨୯) ଶ୍ରୀମନ୍ମହାପ୍ରଭୁ ଯେତେବେଳେ ଶ୍ରୀକୁର୍ମାଚଳକୁ ଗମନ କରିଥିଲେ, ସେତେବେଳେ ସେଠାରେ 'କୁର୍ମ' ନାମକ ଜଣେ ଗୃହସ୍ଥ ପରମଭାଗବତ ବୈଦିକ-ବ୍ରାହ୍ମଣ ବହୁ ଶ୍ରଦ୍ଧା-ଭକ୍ତିର ସହିତ ମହାପ୍ରଭୁଙ୍କୁ ନିଜ-ଗୃହରେ ଭିକ୍ଷା କରାଇ ସ୍ୱବଂଶେ ମହାପ୍ରଭୁଙ୍କ ପାଦୋଦକ ଓ ଉଚ୍ଛିଷ୍ଟ ଗ୍ରହଣ କରି ପ୍ରଭୁଙ୍କ ପ୍ରେମବଶ ହୋଇଥିଲେ ଏବଂ ମହାପ୍ରଭୁଙ୍କୁ ସାକ୍ଷାତ୍-ଭଗବାନ ବୋଲି ଉପଲବ୍ଧି କରିଥିଲେ । ମହାପ୍ରଭୁଙ୍କ ନିତ୍ୟସେବା କରିବାର ଆକାଂକ୍ଷାରେ ଯେତେବେଳେ ସେହି ମହାଭାଗବତବର ଗୃହସ୍ଥ ବ୍ରାହ୍ମଣ ଗୃହତ୍ୟାଗ କରି ଶ୍ରୀମନ୍ମହାପ୍ରଭୁଙ୍କ ସଙ୍ଗୀ ହେବାପାଇଁ ବ୍ୟାକୁଳତା ପ୍ରକାଶ କରିଥିଲେ, ସେତେବେଳେ ଶ୍ରୀମନ୍ମହାପ୍ରଭୁ ସେହି ମହାଭାଗବତ ଶ୍ରେଷ୍ଠ ବ୍ରାହ୍ମଣଙ୍କୁ କହିଥିଲେ ଗୃହରେ ରହି ସର୍ବକ୍ଷଣ ଶ୍ରୀକୃଷ୍ଣନାମ ଗ୍ରହଣ କରିବେ ଏବଂ ଯାହାଙ୍କୁ ଦେଖିବେ ତାହାଙ୍କୁହିଁ ମୋ ଆଜ୍ଞାରେ କୃଷ୍ଣନାମ ଉପଦେଶ କରିବେ । *''ଗୃହେ ରହି କୃଷ୍ଣନାମ ନିରନ୍ତର ଲୈବା ।'' ''ଯାରେ ଦେଖ ତାରେ କହ କୃଷ୍ଣ ଉପଦେଶ ।''* ନିରନ୍ତର କୃଷ୍ଣନାମ କରିଲେ ଓ ଅପରକୁ କୃଷ୍ଣନାମ କରିବାର ଉପଦେଶ ଦେଲେ କୃଷ୍ଣନାମର ପ୍ରଭାବରେ ତୁମର ଗୃହରେ ରହି ମଧ୍ୟ ବିଷୟର ସଙ୍ଗ ହେବନାହିଁ । ନାମ ସହିତ (ନାମୀ) ମୁଁ ସର୍ବଦାହିଁ ଅଛି, ତେଣୁ କୃଷ୍ଣନାମ-କୀର୍ତ୍ତନରେ ମୋ ସଙ୍ଗ ମଧ୍ୟ ପାଇବ । ମୋ ସହିତ ବିଚ୍ଛେଦର ଯେ ଆଶଙ୍କା ତୁମର ଉପସ୍ଥିତ ହୋଇଛି, ତାହା ମଧ୍ୟ ରହିବ ନାହିଁ । ଶ୍ରୀମନ୍ମହାପ୍ରଭୁ ଯେ କୌଣସି ଗୃହସ୍ଥଙ୍କ ଗୃହରେ ଭିକ୍ଷା କରନ୍ତି, ସେହି ଗୃହସ୍ଥ ମହାପ୍ରଭୁଙ୍କ ପ୍ରେମରେ ଆକୃଷ୍ଟ ହୋଇ ଗୃହଦ୍ୱାର ଛାଡ଼ିବାକୁ ଉଦ୍ୟତ ହେଲେ ମହାପ୍ରଭୁ ବୈଷ୍ଣବ-ଗୃହସ୍ଥଗଣଙ୍କୁ ଏହିପରି ସର୍ବକ୍ଷଣ ଶ୍ରୀକୃଷ୍ଣନାମଗ୍ରହଣ ଓ ଅପରଙ୍କ ନିକଟରେ କୃଷ୍ଣନାମ-କୀର୍ତ୍ତନ କରିବାର ଉପଦେଶ ଦିଅନ୍ତି ।

ଯେଉଁ ସମସ୍ତ ବ୍ୟକ୍ତି ସାକ୍ଷାତ୍ ଭାବରେ ଶ୍ରୀମନ୍ମହାପ୍ରଭୁଙ୍କର ଦର୍ଶନ, ସେବା, କୃପା, ଶକ୍ତି ଓ ପ୍ରୀତି ଲାଭ କରି ଦେହ-ଗେହ ବିସ୍ମୃତ ହୋଇଅଛନ୍ତି, ସେହି ସମସ୍ତ ମହାଭାଗବତ

ଗୃହସ୍ଥହିଁ ହୁଅନ୍ତୁ, ଅବା ବନସ୍ଥହିଁ ହୁଅନ୍ତୁ, ସେମାନେ ପ୍ରତିକଳ୍ପରେ ମହାପ୍ରଭୁଙ୍କର ଲୀଳାସହଚର। ସେମାନଙ୍କର ଶ୍ରୀମୁଖରେହିଁ ନିରନ୍ତର ଶ୍ରୀକୃଷ୍ଣନାମ ଉଦିତ। ସେମାନେ ସାକ୍ଷାତ୍ ମହାପ୍ରଭୁଙ୍କର ଆଦେଶରେ କୃଷ୍ଣନାମ କୀର୍ତ୍ତନ ଓ ଅପରକୁ କୃଷ୍ଣନାମ କୀର୍ତ୍ତନର ଉପଦେଶ କରିବେ - ଏଥିରେ ଆଉ ବିଚିତ୍ର କଣ ? *"କଳିକାଳର ଧର୍ମ-କୃଷ୍ଣନାମ ସଂକୀର୍ତ୍ତନ। କୃଷ୍ଣଶକ୍ତି ବିନା ନହେ ତାର ପ୍ରବର୍ତ୍ତନ ॥"* (ଚୈ:ଚ:୩।୭।୧୧) ଏହି ବାକ୍ୟାନୁସାରେହିଁ ଶ୍ରୀଭଗବଦ୍ ପରିକରଗଣହିଁ ଶ୍ରୀକୃଷ୍ଣ ନାମୋପଦେଷ୍ଟା ହୋଇପାରନ୍ତି।

କିନ୍ତୁ ଲାଭ ପୂଜା ପ୍ରତିଷ୍ଠାଦିର ଅନୁଚର ସମ୍ଭୋଗମଦମତ୍ତ ବ୍ୟକ୍ତିଗଣ ଯଦି ଏହିପରି ଭକ୍ତିର କଦର୍ଥ କରି ମନ୍ତ୍ରୋପଦେଷ୍ଟା ଗୁରୁ ବା ଭକ୍ତିଧର୍ମ-ପ୍ରଚାରକର ପଦ ଗ୍ରହଣ କରନ୍ତି, ତେବେ ଜଗତ୍-ଜାଲ ଉପସ୍ଥିତ ହେବ। ଏଥିପାଇଁ ଉକ୍ତ ହୋଇଅଛି - *"ଶିଷ୍ୟକରଣନ୍ତୁ ନାତରତିନମେବ ବିହିତତ୍ୱାତ"* - ଅଜାତରତି-ସାଧକ ଗୁରୁର କାର୍ଯ୍ୟ କରିପାରନ୍ତି ନାହିଁ। କୁର୍ମତୀର୍ଥବାସୀ ମହାଭାଗବତବର ଗୃହସ୍ଥ ବ୍ରାହ୍ମଣ ନିତ୍ୟସିଦ୍ଧ ଶ୍ରୀଗୌରପରିକର। ପ୍ରତି କଳ୍ପରେ ଗୌରଲୀଳାରେ ଯିଏ, ଶ୍ରୀମନ୍ମହାପ୍ରଭୁଙ୍କ ଏହିପରି ସେବା କରନ୍ତି। ତାହାଙ୍କ ଗାର୍ହସ୍ଥ୍ୟ ଲୀଳା ମଧ୍ୟରେ ବିଷୟ-ତରଙ୍ଗ ନାହିଁ ଏବଂ ମହାପ୍ରଭୁଙ୍କ ବିରହରେ ସେ ପ୍ରଭୁଙ୍କ ନାମ ସ୍ୱୟଂ କୀର୍ତ୍ତନ ଓ ଅପରକୁ ଶ୍ରବଣ କରାଇ ମହାପ୍ରଭୁଙ୍କ ନିତ୍ୟ ସଙ୍ଗଲାଭ କରନ୍ତି। ଶ୍ରୀମନ୍ମହାପ୍ରଭୁ ଯେଉଁ ଯେଉଁ ବୈଷ୍ଣବ ଗୃହସ୍ଥଙ୍କ ଗୃହରେ ପଦାର୍ପଣ ପୂର୍ବକ ଭିକ୍ଷା କରନ୍ତି, ସେହି ସମସ୍ତ ବୈଷ୍ଣବ ଗୃହସ୍ଥ ମଧ୍ୟ ମହାପ୍ରଭୁଙ୍କ ଲୀଳାସଙ୍ଗୀ ନତୁବା ମହାପ୍ରଭୁ ସେମାନଙ୍କ ଗୃହରେ ଭିକ୍ଷା କରନ୍ତେ କାହିଁକି ? ସେମାନେ ନିତ୍ୟସିଦ୍ଧ କୃଷ୍ଣୋପଦେଷ୍ଟା। ଜଡ଼ ପ୍ରତିଷ୍ଠାକାମୀ ଜୀବ ମହାପ୍ରଭୁଙ୍କ ଆଜ୍ଞାପ୍ରାପ୍ତ ବୋଲି କଳ୍ପନା ବା ଗୁରୁଙ୍କ ଦ୍ୱାରା ଆଦିଷ୍ଟ ବୋଲି ଜଳ୍ପନା କରିଲେହିଁ ଗୁରୁ ହୋଇପାରନ୍ତି ନାହିଁ। ଅପରାଧୀ ବ୍ୟକ୍ତିଙ୍କଠାରେ ଭକ୍ତ ଓ ଭଗବାନଙ୍କ ଶକ୍ତି ସଞ୍ଚାରିତ ହୁଏ ନା। ବୈଷ୍ଣବ-ଅପରାଧମୟ ବଜ୍ରଲେପ ଥିଲେ ସ୍ୱୟଂ ଭଗବାନଙ୍କ ସାର୍ବତ୍ରିକ ଅବତାର କାଳରେ ମଧ୍ୟ ତାହାଙ୍କ କୃପା ଓ ସ୍ୱରୂପଦର୍ଶନ ପାଇ ମଧ୍ୟ ଦର୍ଶନ ପାଇହୁଏନା- *"ତଦ୍‌ପ୍ରକାଶେ ଯୋଗମାୟା-ପ୍ରକାଶେ ଚ ମୂଳଂ କାରଣଂ ତଦ୍ଭ- କ୍ତାପରାଧାଦିମୟପୁରୁଷଚିତ୍ତା ସ୍ୱାଚ୍ଛ୍ୟମ୍। ଯତ୍ ଖଳୁ ତଦାନୀନ୍ତନେ ତସ୍ୟ ସାର୍ବତ୍ରିକ ପ୍ରକାଶେଽପି ବଜ୍ର-ଲେପାୟତେ।"* (ଶ୍ରୀପ୍ରୀତି ସନ୍ଦର୍ଭ,୭) ଶ୍ରୀଭଗବାନଙ୍କ ଅବତାର-ସମୟରେ ଯୋଗମାୟା ଦ୍ୱାରା ଅପ୍ରକାଶର ମୂଳ-କାରଣ— ଭଗବଭକ୍ତଙ୍କ ଚରଣରେ ଅପରାଧାଦିମୟ ଜୀବଚିତ୍ତର ଅସ୍ୱଚ୍ଛତା। ତାହା ନିଶ୍ଚୟହିଁ ବଜ୍ର-ଲେପପରି ଶ୍ରୀଭଗବାନଙ୍କ ତତ୍‌କାଳୀନ ସାର୍ବତ୍ରିକ ପ୍ରକାଶରେ ମଧ୍ୟ ବିଦ୍ୟମାନ ଥାଏ। ଶ୍ରୀଭଗବାନଙ୍କର ଅବତାର କାଳରେହିଁ ଯଦି ଏହିପରି ଅବସ୍ଥା ହୁଏ, ତାହା ହେଲେ ତାହାଙ୍କ ପ୍ରକଟଲୀଳା-ସଙ୍ଗୋପନ କାଳରେ କଣ ଲାଭ-ପୂଜା-ପ୍ରତିଷ୍ଠା ଲୋଲୁପ ଜୀବ ଭଗବତ୍‌କୃପାଶକ୍ତି ଧାରଣ କରିପାରନ୍ତି ? ଅଧିକ କଣ, ସମର୍ଥ ମହାଭାଗବତ ମଧ୍ୟ-ସାକ୍ଷାଭଗବାନ ବା ମହାଭାଗବତବର ଶ୍ରୀଗୁରୁଦେବଙ୍କ ଆଜ୍ଞା ପ୍ରାପ୍ତ ହେଲେ ମଧ୍ୟ ଦୈନ୍ୟବଶତଃ ନିଜକୁ ଅଯୋଗ୍ୟ ଅଭିମାନ କରିହିଁ ଗୁରୁଙ୍କ ଆଜ୍ଞା ଅବିଚାରଣୀୟା ହେଲେ ମଧ୍ୟ ଶିଷ୍ୟାଦି ସଂଗ୍ରହ କରିବାକୁ ଇଚ୍ଛୁକ ହୁଅନ୍ତି ନାହିଁ।

ଶ୍ରୀଶୁକଦେବଗୋସ୍ୱାମୀପାଦ୍ କଳିର ଦୌରାତ୍ମ୍ୟ ବର୍ଣ୍ଣନ ପ୍ରସଙ୍ଗରେ କହିଛନ୍ତି- *"ବ୍ରୁବ୍ରାଃ ପ୍ରତିଗ୍ରହୀଷ୍ୟନ୍ତି ତପୋବେଷୋପଜୀବନଃ। ଧର୍ମଂ ବକ୍ଷ୍ୟନ୍ତ୍ୟଧର୍ମଜ୍ଞା ଅଧିରୁହ୍ୟୋତ୍ତମାସନମ୍ ॥"*

(ଭା୧୨।୩।୩୮) କଳିକାଳେ ଶୂଦ୍ରଗଣ ବ୍ରହ୍ମଚାରୀ, ସନ୍ନ୍ୟାସୀ ପ୍ରଭୃତି ତପସ୍ୱୀର ବେଶ ଓ ଦଣ୍ଡାଦି ଗ୍ରହଣ କରି ଜୀବିକା ନିର୍ବାହ ଏବଂ ଲୋକଙ୍କ ନିକଟରୁ ଦାନ ଗ୍ରହଣ କରିବେ । ଧର୍ମ ତତ୍ତ୍ୱରେ ଅନଭିଜ୍ଞ ବ୍ୟକ୍ତିଗଣ ଶ୍ରେଷ୍ଠପଦରେ (ଆଚାର୍ଯ୍ୟ ପଦରେ) ଅଧିରୋହଣ କରି ଧର୍ମ ବ୍ୟାଖ୍ୟ କରିବେ ।' ଶ୍ରୀଜୀବଗୋସ୍ୱାମୀପାଦ ଶ୍ରୀଭକ୍ତିସନ୍ଦର୍ଭରେ (୨୬୫) କୂର୍ମପୁରାଣୋକ୍ତ ଶ୍ରୀବ୍ୟାସଗୀତାର ଗୋଟିଏ ବାକ୍ୟ ଉଦ୍ଧାର କରି ଜଣାଇଛନ୍ତି– *ଦେବଦ୍ରୋହିଦ୍ ଗୁରୁଦ୍ରୋହଃ କୋଟିକୋଟି ଗୁଣାଧିକଃ । ଜ୍ଞାନାପବାଦୋ ନାସ୍ତିକ୍ୟଂ ତସ୍ମାତ୍ କୋଟି-ଗୁଣାଧିକମ୍ ॥* – ଦେବତାଙ୍କ ପ୍ରତି ଦ୍ରୋହଠାରୁ ଗୁରୁଙ୍କ ପ୍ରତି ଦ୍ରୋହ କୋଟି କୋଟି ଗୁଣରେ ଅଧିକ, ଆଉ ଶାସ୍ତ୍ରର ଯଥାର୍ଥ ତାତ୍ପର୍ଯ୍ୟର ଅପଳାପରୂପ ନାସ୍ତିକତା ସେହି ଗୁରୁଦ୍ରୋହଠାରୁ ମଧ୍ୟ କୋଟିକୋଟିଗୁଣରେ ଅଧିକ ।

ଶ୍ରୀଶ୍ରୀଚୈତନ୍ୟଚରିତାମୃତୋକ୍ତ ଶ୍ରୀଗୌରବାଣୀର ଯଥାର୍ଥ ତାତ୍ପର୍ଯ୍ୟ ପୂର୍ବାପର ବିଚାର କରିଲେ, ସ୍ପଷ୍ଟହିଁ ପ୍ରମାଣିତ ହୁଏ । ମନ୍ତ୍ରୋପଦେଷ୍ଟା ଗୁରୁଙ୍କ ବା ଶ୍ରବଣ ଗୁରୁଙ୍କ ଅର୍ଥାତ୍ ପ୍ରଚାରକଙ୍କ କାର୍ଯ୍ୟ ସମସ୍ତେ କରିପାରନ୍ତିନାହିଁ । ଯଦି ସମସ୍ତେ କରିପାରୁଥାଆନ୍ତେ, ତେବେ ଶ୍ରୁତି ଓ ଶ୍ରୀମଦ୍ଭାଗବତାଦିଶାସ୍ତ୍ର କଥିତ ଶ୍ରୀମନ୍ତ୍ରଗୁରୁଙ୍କ ଲକ୍ଷଣ, ଶ୍ରବଣ-ଗୁରୁଙ୍କ ଲକ୍ଷଣ, ଧର୍ମୋପଦେଷ୍ଟାଙ୍କ ଲକ୍ଷଣ ଶ୍ରୀଗୋସ୍ୱାମୀଶାସ୍ତ୍ରାଦିରେ ଉଦ୍ଧୃତ ହୋଇ ନଥାଆନ୍ତା । ଶ୍ରୀଭକ୍ତିସନ୍ଦର୍ଭରେ ଶ୍ରୀଜୀବଗୋସ୍ୱାମୀପାଦ୍ ସରାଗ ବକ୍ତାକୁ ଭକ୍ତିଧର୍ମ ପ୍ରଚାରକର ଓ ଧର୍ମୋପଦେଶକର ଅଯୋଗ୍ୟ ବୋଲି କହିନଥାନ୍ତେ । ସେହି ଆଦର୍ଶ ଅକ୍ଷୁର୍ଣ୍ଣ ରଖିବା ପାଇଁ ଜଗଦ୍‌ଗୁରୁଗଣଙ୍କର ମଧ୍ୟ ଶ୍ରୀଗୁରୁପାଦପଦ୍ମ ଶ୍ରୀଗୌରପରିକର ଶ୍ରୀଶ୍ରୀଜୀବଗୋସ୍ୱାମିପାଦ୍ ଦୈନ୍ୟର ସହିତ କୌଣସି ମନ୍ତ୍ର ଶିଷ୍ୟ କରିନାହାନ୍ତି । ଏହି ବିଷୟରେ ଶ୍ରୀଗୋବିନ୍ଦ-ସେବାଧକ୍ଷ ଶ୍ରୀହରିଦାସ ପଣ୍ଡିତ ଗୋସ୍ୱାମିପାଦ୍‌ଙ୍କ ଶିଷ୍ୟ ଶ୍ରୀରାଧାକୃଷ୍ଣ ଗୋସ୍ୱାମୀ ମହୋଦୟଙ୍କର ଉକ୍ତିହିଁ ପ୍ରମାଣ, *''ଶ୍ରୀକୃଷ୍ଣଦାସ ନାମା ବ୍ରାହ୍ମଣୋ ଗୌଡ଼ୀୟଃ ଶ୍ରୀମଜ୍ଜୀବବିଦ୍ୟାଧ୍ୟୟନେ ଶିଷ୍ୟଃ, ନ ତୁ ମନ୍ତ୍ର ଶିଷ୍ୟଃ ତେଷାଂ ଶିଷ୍ୟାକରଣାତ୍ । ଶିଷ୍ୟକରଣେ ପ୍ରବୃତ୍ତିଶ୍ଚେତ୍ତର୍ହି ଶ୍ରୀନିବାସ ନରୋତ୍ତମାଦୀନାଂ ଶିଷ୍ୟତ୍ୱଂ ଶ୍ରୀଜୀବେନ କଥମତ୍ୟାଜି ?'' (ସାଧନଦୀପିକା-୯)*– ଶ୍ରୀଜୀବ ଗୋସ୍ୱାମୀପାଦ୍ ଶ୍ରୀକୃଷ୍ଣଦାସ ନାମକ ଜନୈକ ବଙ୍ଗଦେଶବାସୀ ବ୍ରାହ୍ମଣଙ୍କୁ ଶ୍ରୀଶ୍ରୀରାଧାଦାମୋଦରଙ୍କ ସେବା ଅର୍ପଣ କରିଥିଲେ । ଇଏ ଶ୍ରୀଜୀବଗୋସ୍ୱାମୀପାଦ୍‌ଙ୍କ ନିକଟରେ ଶାସ୍ତ୍ର ଅଧ୍ୟୟନର ଶିଷ୍ୟ, ମନ୍ତ୍ରଶିଷ୍ୟ ନୁହଁନ୍ତି, କାରଣ ଶ୍ରୀଜୀବପାଦ୍ କୌଣସି ମଧ୍ୟ ମନ୍ତ୍ର-ଶିଷ୍ୟ, କରିନାହାନ୍ତି । ଯଦି ଶ୍ରୀଜୀବପାଦ୍‌ଙ୍କର ଶିଷ୍ୟକରଣରେ ପ୍ରବୃତ୍ତି ଥାଆନ୍ତା, ତାହା ହେଲେ ଶ୍ରୀନିବାସାଚାର୍ଯ୍ୟ ଶ୍ରୀନରୋତ୍ତମଠାକୁର ମହାଶୟ ପ୍ରମୁଖ ବହୁ ସୁଯୋଗ୍ୟ ଅଧିକାରୀ ପରମ ଭାଗବତଗଣଙ୍କୁହିଁ ସେ ମନ୍ତ୍ର-ଶିଷ୍ୟ କରିଥାଆନ୍ତେ । ସେମାନଙ୍କୁ ମଧ୍ୟ ଶ୍ରୀଜୀବପାଦ୍ ଶାସ୍ତ୍ର ଶିକ୍ଷା ଦେଇଥିଲେ କିନ୍ତୁ ମନ୍ତ୍ର ପ୍ରଦାନ କରି ନାହାନ୍ତି ସେ ଶ୍ରୀଗୋପାଳଭଟ୍ଟ, ଶ୍ରୀଲୋକନାଥ ଗୋସ୍ୱାମିପାଦ୍ ପ୍ରମୁଖ ଶ୍ରୀଗୌରପରିକରଗଣଙ୍କ ନିକଟରେହିଁ ମନ୍ତ୍ର ଗ୍ରହଣର ପାଇଁ ଶ୍ରୀଶ୍ରୀନିବାସାଚାର୍ଯ୍ୟ, ଶ୍ରୀନରୋତ୍ତମାଦିକୁ ପ୍ରେରଣ କରିଥିଲେ ।

ଗୌଡ଼ୀୟ ବୈଷ୍ଣବାଚାର୍ଯ୍ୟ ଶିରୋମଣି ଶ୍ରୀବିଶ୍ୱନାଥଚକ୍ରବର୍ତ୍ତୀପାଦ୍ ଅତି ବିଶଦଭାବରେ 'ଶ୍ରୀଗୁର୍ବାଷ୍ଟକମ୍‌ରେ' କ୍ରମାନୁସାରେ ଭବସଂସାରର କର୍ଣ୍ଣଧାର ତଥା ଶ୍ରୀରାଧାଗୋବିନ୍ଦଙ୍କ ଶ୍ରୀଚରଣର ପ୍ରେମସେବାର ସୌଭାଗ୍ୟ ପ୍ରଦାତା ଶ୍ରୀଗୁରୁଦେବଙ୍କ ଯୋଗ୍ୟତା ବା ଲକ୍ଷଣ ସମୂହ ବର୍ଣ୍ଣନା କରିଅଛନ୍ତି ।

ସଂସାର-ଦାବାନଳ-ଲୀଢ଼-ଲୋକତ୍ରାଣାୟ-କାରୁଣ୍ୟ-ଘନାଘନତ୍ୱମ୍ ।
ପ୍ରାପ୍ତସ୍ୟ କଲ୍ୟାଣ-ଗୁଣାର୍ଣ୍ଣବସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

"ସଂସାରରୂପି ଦାବାନଳର ଆଧ୍ୟାତ୍ମିକ-ଆଦିଦୈବିକ-ଆଦିଭୌତିକ ତାପତ୍ରୟରେ ଦହ୍ୟମାନ ଜୀବଗଣଙ୍କର ପରିତ୍ରାଣ ପାଇଁ ଯିଏ ଶ୍ରୀନବଘନଶ୍ୟାମଙ୍କ ବିଗଳିତ କରୁଣାଧାରାର ସ୍ୱଭାବ ପ୍ରାପ୍ତ ହୋଇ ସର୍ବଦା କୃପାକାରିରୂପେ ବର୍ଷିତ ହେଉଅଛନ୍ତି, ସେହି ସେବକ-ବାତ୍ସଲ୍ୟାଦି ଅନନ୍ତ କଲ୍ୟାଣ ଗୁଣସାଗର ଶ୍ରୀଗୁରୁଦେବଙ୍କ ଶ୍ରୀଚରଣକମଳ ବନ୍ଦନା କରୁଅଛି ।"-ବାସ୍ତବରେ ଶ୍ରୀକୃଷ୍ଣକରୁଣାଘନ ବିଗ୍ରହ ଶ୍ରୀଗୁରୁଦେବ ନିଜ ହୃଦୟସ୍ଥ ସେହି ପ୍ରେମକୁ ଶିଷ୍ୟ ହୃଦୟରେ ସଂରୋପିତ କରି ତାହାଙ୍କୁ ଶ୍ରୀଯୁଗଳକିଶୋରଙ୍କ ମାଧୁର୍ଯ୍ୟକାଦମ୍ବିନୀର ଘନ ବର୍ଷଣରେ ଅଭିଷିକ୍ତ କରାଇ ଦୀର୍ଘଦିନଧରି ଜୀବର (ଶିଷ୍ୟର) ଅନ୍ତରାତ୍ମାରେ ପ୍ରଜ୍ୱଳିତ ହେଉଥିବା ସେହି ତ୍ରିତାପର ଦାବାନଳ ନିର୍ବାପିତ କରାଇ ଶ୍ରୀଶ୍ରୀରାଧାଦାସ୍ୟ ସୁଧାରସର ଅଭିସିଞ୍ଚନରେ ତାହାକୁ ସୁଶୀତଳ କରାନ୍ତି । ନିକୁଞ୍ଜର ରସମନ୍ଦିରରେ ସଖୀ ମଞ୍ଜରୀଙ୍କ ଆନୁଗତ୍ୟରେ ଶ୍ରୀରାଧାଗୋବିନ୍ଦଙ୍କର ପରମ ଅନ୍ତରଙ୍ଗ ସେବାଦାନେ ଶିଷ୍ୟକୁ କୃତାର୍ଥ କରିଥାଆନ୍ତି । ନିଜ ହୃଦୟ ଆକାଶରେ ସେହିପରି ଏକ ଅସୀମ ପ୍ରେମବାରିଦ ଧାରଣ କରୁଥିବା ଶ୍ରୀଗୁରୁଦେବେହିଁ ଶିଷ୍ୟର ଏତାଦୃଶ ପ୍ରେମସିଞ୍ଚନରେ ତଥା ଦାବାନଳର ନିର୍ବାପଣରେ ସମର୍ଥବାନ୍ ।

ମହାପ୍ରଭୋଃ କୀର୍ତ୍ତନ-ନୃତ୍ୟ-ଗୀତ-ବାଦିତ୍ର-ମାଦ୍ୟନ୍ମନସୋ ରସେନ ।
ରୋମାଞ୍ଚ-କମ୍ପାଶ୍ରୁ-ତରଙ୍ଗ-ଭାଜୋ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

"ଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁଙ୍କର ସଂକୀର୍ତ୍ତନର ନୃତ୍ୟଗୀତବାଦ୍ୟ ପ୍ରଭାବରେ ଯାହାଙ୍କର ମନଃ ପ୍ରମତ୍ତ ଏବଂ ବିଭାବାଦି ସମ୍ମିଳିତ ଭାବ ଯୋଗୁଁ (ପ୍ରୀତିରସର ଉଦୟରେ) ଯାହାଙ୍କ ଶ୍ରୀଅଙ୍ଗରେ ପୁଲକ ଉଦ୍‌ଗମ ଏବଂ କମ୍ପ ପ୍ରକାଶ ପାଏ ଓ ନୟନରେ ଅଶ୍ରୁତରଙ୍ଗ ପ୍ରବାହିତ ହେଉଅଛି, ମୁଁ ସେହି ଶ୍ରୀଗୁରୁଙ୍କ ଶ୍ରୀଚରଣାରବିନ୍ଦକୁ ବନ୍ଦନା କରୁଅଛି ।" ଶ୍ରୀଗୁରୁଦେବ ଯଥାର୍ଥରେ ଶ୍ରୀଗୌରସୁନ୍ଦରଙ୍କର ରାସସଂକୀର୍ତ୍ତନର ରସାସ୍ୱାଦନରେ ଦକ୍ଷ ହୋଇଥିବେ, ତାହାଙ୍କର ଅନ୍ତରାତ୍ମା ପ୍ରେମାର୍ଦ୍ର ହୋଇଥିବ ଏବଂ ସଂକୀର୍ତ୍ତନ ରାସର ନୃତ୍ୟ-ଗୀତ ପ୍ରଭାବରେ ତାହାଙ୍କ ଶ୍ରୀଅଙ୍ଗରେ ପ୍ରେମୋଦ୍ଭ ଅଷ୍ଟସାତ୍ତ୍ୱିକ ଭାବସମୂହ ସୁପରିଲକ୍ଷିତ ହେଉଥିବ । ଏହି ଶ୍ଲୋକରେ ଶ୍ରୀଚକ୍ରବର୍ତ୍ତୀପାଦଙ୍କ ମତରେ ଏହିପରି ଜାତରତି ପ୍ରେମଲକ୍ଷଣ ସମ୍ପନ୍ନ ଭକ୍ତହିଁ ଶ୍ରୀଗୁରୁପଦେ ଅଧିଷ୍ଠିତ ହୋଇପାରନ୍ତି ।

ଶ୍ରୀବିଗ୍ରହାରାଧନନିତ୍ୟନାନାଶୃଙ୍ଗାରତନ୍ମନ୍ଦିର ମାର୍ଜ୍ଜନାଦୌ ।
ଯୁକ୍ତସ୍ୟ ଭକ୍ତାଂଶ୍ଚ ନିଯୁଞ୍ଜତୋଽପି ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

'ଯିଏ ସ୍ୱୟଂ ଶ୍ରୀବିଗ୍ରହଙ୍କ ଆରାଧନା, ପ୍ରତ୍ୟହ ବିବିଧ ବେଶରଚନା ଓ ଶ୍ରୀମନ୍ଦିରମାର୍ଜ୍ଜନାଦି ସେବାରେ ନିରତ ଥାଆନ୍ତି ଏବଂ ଭକ୍ତଗଣଙ୍କୁ ନିଯୁକ୍ତ କରାନ୍ତି, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀଚରଣପଦ୍ମ ବନ୍ଦନା କରୁଅଛି ।' ଅତଏବ ଶ୍ରୀଗୁରୁଦେବ ନିତ୍ୟ ଅର୍ଚ୍ଚନ ପରାୟଣ ଥିବେ । ଶ୍ରୀବିଗ୍ରହଙ୍କ ସାକ୍ଷାତ୍ ଭଗବତ୍ ଜ୍ଞାନରେ ତାହାଙ୍କୁ ପ୍ରତ୍ୟହ ନାନାବିଧ ବେଶରଚନା ଦ୍ୱାରା ଶୃଙ୍ଗାର କରୁଥିବେ । ଶ୍ରୀମନ୍ଦିରର ମାର୍ଜ୍ଜନାଦି କ୍ରିୟାରେ ଯତ୍ନପରେ ଥିବେ । (ସେବାରେ ଶୈଥଲ୍ୟ ପ୍ରକାଶ କରୁନଥିବେ) ନିଜେ ଏ ସମସ୍ତ ଭକ୍ତ୍ୟାଙ୍ଗ ଯାଜନର ଆଚରଣ ପ୍ରଦର୍ଶନ କରି ଭକ୍ତସମୂହକୁ ମଧ୍ୟ ଏଥିରେ ନିୟୋଜିତ କରୁଥିବେ । ଶ୍ରୀଚକ୍ରବର୍ତ୍ତୀ ପାଦଙ୍କ ମତରେ ସାଧକ ଆଚରଣଶୀଳ ବୈଷ୍ଣବକୁହିଁ

ଶ୍ରୀଗୁରୁରୂପରେ ବରଣ କରିବେ ।

ଚତୁର୍ବିଧଶ୍ରୀଭଗବତ୍‌ପ୍ରସାଦ ସ୍ୱାଦନ୍ନତୃପ୍ତାନ୍ ହରିଭକ୍ତସଂଘାନ୍
କୃତ୍ୱୈବତୃପ୍ତି ଭଜତଃ ସଦୈବ ବନ୍ଦେ ଗୁରୋ ଶ୍ରୀଚରଣାରବିନ୍ଦମ୍ ॥

'ଯିଏ ଶ୍ରୀହରିଙ୍କ ଭକ୍ତବୃନ୍ଦଙ୍କୁ (ବୈଷ୍ଣବଗଣଙ୍କୁ) ଚର୍ବ୍ୟ, ଚୋଷ୍ୟ, ଲେହ୍ୟ ଓ ପେୟ – ଏହି ଚାରିପ୍ରକାରର ସୁମଧୁର ଶ୍ରୀଭଗବତ୍ ପ୍ରସାଦାନ୍ନ ଦ୍ୱାରା ପରିତୃପ୍ତ କରାଇ ସ୍ୱୟଂ ସର୍ବଦା ତୃପ୍ତି ଅନୁଭବ କରନ୍ତି, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀଚରଣାରବିନ୍ଦ ବନ୍ଦନା କରୁଅଛି ।' ଅର୍ଥାତ୍ ଶ୍ରୀଗୁରୁଦେବ ବୈଷ୍ଣବ ବିଦ୍ୱେଷୀ ହୋଇନଥିବେ ଏବଂ କୃଷ୍ଣଭକ୍ତବୃନ୍ଦଙ୍କୁ ଯଥାଯୋଗ୍ୟ ସମାଦର ପ୍ରଦାନ ପୂର୍ବକ ସେମାନଙ୍କ ସର୍ବବିଧ ସେବା ନିମିତ୍ତ ତତ୍ପର ଓ ଉତ୍କଣ୍ଠିତ ରହୁଥିବେ ।

ଶ୍ରୀରାଧିକାମାଧବୟୋରପାରମାଧୁର୍ଯ୍ୟଲୀଳାଗୁଣରୂପନାମ୍ନାମ୍ ।
ପ୍ରତିକ୍ଷଣାସ୍ୱାଦନଲୋଲୁପସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ।

ଯିଏ ଶ୍ରୀରାଧାମାଧବଙ୍କର ଅପାର ମହିମାଯୁକ୍ତ ଶ୍ରୀନାମ, ରୂପ, ଗୁଣ ଓ ଲୀଳା ସମୂହର ନିରନ୍ତର ଆସ୍ୱାଦନରେ ଲାଳସାଯୁକ୍ତ, ସେହି ଶ୍ରୀଗୁରୁଦେବଙ୍କ ପାଦପଦ୍ମ ବନ୍ଦନା କରୁଅଛି ।' ଅର୍ଥାତ୍ – ଶ୍ରୀଗୁରୁଦେବ ମାଧୁର୍ଯ୍ୟରସର ଉପାସକ ଥିବେ । ସେ ସର୍ବଦା ଶ୍ରୀରାଧାମାଧବଙ୍କର ଶ୍ରୀନାମ–ରୂପ–ଗୁଣ–ଲୀଳା ଆସ୍ୱାଦନରେ ଲୋଲୁପ ଥିବେ, ଅର୍ଥାତ୍ ଏକାନ୍ତ ଶ୍ରୀନାମାଶ୍ରୟୀ ହୋଇଥିବେ । ଅଷ୍ଟକାଳୀନ ମାନସୀ ସେବାରେ ନିରତ ରହି ଯୁଗଳକିଶୋରଙ୍କର ଶ୍ରୀନାମ–ରୂପ–ଗୁଣ–ଲୀଳାବଳୀର ମାଧୁର୍ଯ୍ୟାର୍ଣ୍ଣବରେ ଅବଗାହନ କରୁଥିବେ ।

ନିକୁଞ୍ଜ–ଯୂନୋ ରତି–କେଳି–ସିଦ୍ଧ୍ୟୈ ଯା ଯାଳିଭିର୍ଯୁକ୍ତିରପେକ୍ଷଣୀୟା ।
ତତ୍ରାଦି–ଦକ୍ଷ୍ୟାଦତିବଲ୍ଲଭସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

'ନିକୁଞ୍ଜବିଳାସୀ ବ୍ରଜନବ ଯୁବଦ୍ୱନ୍ଦଙ୍କର ରତିକେଳିର (କାମକ୍ରୀଡ଼ାର) ସିଦ୍ଧ (ସୁସମ୍ପନ୍ନତା ବା ସମାପ୍ତି) ନିମିତ୍ତ ସଖୀଗଣ ଯେଉଁ ସମସ୍ତ କୌଶଳ (ଯୁକ୍ତି) ଅବଲମ୍ବନ କରିଥାଆନ୍ତି, ସେହି ବିଷୟରେ ଅତ୍ୟନ୍ତ ନିପୁଣତା ଯୋଗୁଁ ଯିଏ ସେମାନଙ୍କର ଅତି ପ୍ରିୟ ବୋଲି ପରିଗଣିତ ହୋଇଛନ୍ତି, ମୁଁ ସେହି ଶ୍ରୀଗୁରୁଙ୍କ ଶ୍ରୀଚରଣାରବିନ୍ଦକୁ ବନ୍ଦନା କରୁଅଛି ।' ନିକୁଞ୍ଜ ବା ନିଭୃତ ଲତାଗୃହ ମଧ୍ୟରେ ପ୍ରବେଶ ନିମନ୍ତେ ସଖୀଗଣଙ୍କର ସଙ୍କୋଚ ଉପସ୍ଥିତ ହୁଏ । ନିଃଶଙ୍କୋଚ ସେବାପରାୟଣ ଶ୍ରୀରାଧାଦାସୀଙ୍କରହିଁ ନିକୁଞ୍ଜରେ ପ୍ରବେଶାଧିକାରୀ ରହିଅଛି । କିଶୋର–କିଶୋରୀଙ୍କୁ ନିକୁଞ୍ଜ ମଧ୍ୟରେ ମିଳିତ କରାଇ କାମକ୍ରୀଡ଼ାରେ ପ୍ରବୃତ୍ତ କରାଇବାରେ ଦାସୀଗଣଙ୍କରହିଁ ସର୍ବଶ୍ରେଷ୍ଠ ନୈପୁଣ୍ୟତା । ଶ୍ରୀଚକ୍ରବର୍ତ୍ତୀପାଦଙ୍କ ମତ ଏହି ଯେ ଶ୍ରୀଗୁରୁଦେବ ନିକୁଞ୍ଜକେଳି ରହସ୍ୟ ପଣ୍ଡିତ ଥିବେ ତଥା ତାହାଙ୍କର ଶ୍ରୀରାଧାଦାସ୍ୟାଭିମାନ ସିଦ୍ଧ ହୋଇଥିବ, ନିକୁଞ୍ଜସେବା ଲାଭେ ଧନ୍ୟ ହୋଇଥିବେ, ତେବେ ଯାଇ ସେ ନିଜ ଅନୁଗତ ଶିଷ୍ୟଙ୍କୁ ନିକୁଞ୍ଜସେବାରେ ବିନିଯୁକ୍ତ କରାଇପାରିବେ ।

ସାକ୍ଷାଦ୍ଧରିତ୍ୱେନ ସମସ୍ତଶାସ୍ତ୍ରୈରୁକ୍ତସ୍ତଥା ଭାବ୍ୟତେ ଏବ ସଦ୍ଭିଃ ।
କିନ୍ତୁ ପ୍ରଭୋର୍ଯଃ ପ୍ରିୟ ଏବ ତସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

"ଆଗମାଦି ନିଖିଳ ଶାସ୍ତ୍ର ଯାହାଙ୍କୁ ସାକ୍ଷାତ୍ ଶ୍ରୀହରି ବୋଲି ଉଲ୍ଲେଖ ବା କୀର୍ତ୍ତନ କରିଅଛନ୍ତି ଏବଂ ସଜ୍ଜନ ପଣ୍ଡିତଗଣ ଯାହାଙ୍କୁ ସେହି ରୂପରେହିଁ ଚିନ୍ତା କରି ଥାଆନ୍ତି, ତଥାପି

ଯିଏ ପ୍ରଭୁ ଶ୍ରୀହରିଙ୍କ ପ୍ରିୟପାତ୍ର ରୂପେ ତାହାଙ୍କଠାରୁ ଅଭିନ୍ନ, ସେହି ଶ୍ରୀଗୁରୁଦେବଙ୍କ ଶ୍ରୀପାଦପଦ୍ମ ବନ୍ଦନା କରୁଅଛି ।'' ଶ୍ରୀଗୁରୁଦେବ ଶାସ୍ତ୍ର ଓ ସାଧୁଗଣଙ୍କ ମତରେ ସାକ୍ଷାତ୍ ଶ୍ରୀହରିରୂପେ ପରିକୀର୍ତ୍ତିତ ହେଉଥିଲେ ମଧ୍ୟ ନିଜେ ସେ ଶ୍ରୀହରିଙ୍କ ପ୍ରିୟପାତ୍ର କିନ୍ତୁ ଶ୍ରୀଗୁରୁଦେବ ଯଦି ଅହଂଗ୍ରହୋପାସକ ପରି ଭଗବଦଭିମାନ ପୋଷଣ କରନ୍ତି, ତେବେ ଏତାଦୃଶ ଦୁରାଭିମାନ ପୋଷଣକାରୀ ବ୍ୟକ୍ତି ବିଶେଷଙ୍କୁ ଭକ୍ତିଶାସ୍ତ୍ର ଏବଂ ଶ୍ରୀଗୌରପାର୍ଷଦ ଶ୍ରୀନରହରି ସରକାର ଠାକୁର ଅବୈଷ୍ଣବ-ଜ୍ଞାନରେ ସର୍ବତୋଭାବେ ପରିତ୍ୟଜ୍ୟ ବୋଲି କହିଛନ୍ତି- *''ଗୁରୁର୍ଯଦି ଭ୍ରଶ୍ୟରେ ଭ୍ରାନ୍ତଃ କୃଷ୍ଣଯଶୋ-ବିମୁଖସ୍ତଦ୍‌ବିଳାସ-ବିନୋଦଂ ନାଙ୍ଗୀକରୋତି ତର୍ହି ତ୍ୟଜ୍ୟ ଏବଂ ।''* (କୃଷ୍ଣ ଭଜନାମୃତ ଅନୁଚ୍ଛେଦ) । ନିଜ ଶିଷ୍ୟଙ୍କ ନିକଟରେ ଭଗବଦଭିନ୍ନ ସ୍ୱରୂପ ହେଲେ ମଧ୍ୟ ଗୁରୁଦେବ ଯଦି ନିଜ ପାଇଁ ନିଜ ଶିଷ୍ୟମାନଙ୍କଠାରୁ ଭଗବତ୍ ଉପାସନା (ଶ୍ରୀତୁଳସୀ ଆଦି ଭଗବତ୍ ସେବା ଉପକରଣ ଦ୍ୱାରା ଆରାଧନା) ଆକାଂକ୍ଷା କରନ୍ତି ତେବେ ସେ ଗୋସ୍ୱାମୀସିଦ୍ଧାନ୍ତ ମତେ ଶ୍ରୀଗୁରୁପଦବୀ ଉପଯୁକ୍ତ ନୁହଁନ୍ତି । ତାହାଙ୍କଠାରେ କୃଷ୍ଣଦାସତ୍ୱର ଅଭିମାନ ହିଁ ସ୍ପୃହଣୀୟ ।

ଯସ୍ୟ ପ୍ରସାଦାଦ୍ ଭଗବତ୍-ପ୍ରସାଦୌ ଯସ୍ୟ ପ୍ରସାଦାନ୍ନ ଗତିଃ କୁତୋଽପି ।
ଧ୍ୟାୟଂସ୍ତ୍ରିବଂସ୍ତସ୍ୟ ଯଶସ୍ତ୍ରିସନ୍ଧ୍ୟଂ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍ ॥

''ଯାହାଙ୍କ କୃପାଦ୍ୱାରାହିଁ ଶ୍ରୀଭଗବାନଙ୍କ ପ୍ରସନ୍ନତା ହୁଏ, ପୁଣି ଯାହାଙ୍କ ଅପ୍ରସନ୍ନତା ଘଟିଲେ କେଉଁଠି ମଧ୍ୟ ସଦ୍‌ଗତି ଲାଭ ହୁଏ ନାହିଁ, ସେହି ଶ୍ରୀଗୁରୁଦେବଙ୍କ ଯଶଃସମୁଦ୍ରର ତ୍ରିସନ୍ଧ୍ୟା ଧ୍ୟାନ ଓ ସ୍ତୁତି କରି କରି ତାହାଙ୍କ ଶ୍ରୀଚରଣକମଳ ବନ୍ଦନା କରୁଅଛି ।' ନିଜ ହୃଦୟକନ୍ଦରସ୍ଥିତ ସେହିପରି ବୈଲକ୍ଷଣ ଅନନ୍ୟ ପ୍ରେମଭକ୍ତି ଦ୍ୱାରା ଶ୍ରୀଯୁଗଳକିଶୋରଙ୍କ ବଶୀକରଣରେ ସାମର୍ଥ୍ୟବାନ୍ ପ୍ରେମିକଗଣହିଁ ଶ୍ରୀଗୁରୁପଦବାଚ୍ୟ । ଶ୍ରୀଗୁରୁଦେବ ଶିଷ୍ୟ ବତ୍ସଳତା, ଶିଷ୍ୟ ଅଦୋଷଦର୍ଶିତା, ଶିଷ୍ୟ-ଅନୁଗ୍ରହପ୍ରବରତା ଆଦି ଗୁଣରେ ବିଭୂଷିତ ହୋଇଥିବେ ।

ଯୋଗିନୀତନ୍ତ୍ର, ଗଣେଦିମର୍ଷିଣୀ, ରୁଦ୍ରଯାମଳରେ ବର୍ଣ୍ଣିତ ଅଛି ଯେ- *''ପିତୁର୍ମନ୍ତ୍ରଂ ନ ଗୃହ୍ଣୀୟାତ୍ ତଥା ମାତାମହସ୍ୟ ଚ । ଯତେର୍ଦୀକ୍ଷା ପିତୃଦୀକ୍ଷା ଦୀକ୍ଷା ଚ ବନବାସିନଃ । ବିବିକ୍ତା ଶ୍ରମିଣୋ ଦୀକ୍ଷା ନ ସା କଲ୍ୟାଣଦାୟିକା । ନପତୀନଂ ଦୀକ୍ଷାୟେର୍ଭର୍ତା ନ ପିତା ଦୀକ୍ଷୟେତ ସୁତାମ୍ । ନ ପୁତ୍ରଞ୍ଚ ତଥା ଭ୍ରାତା ଭ୍ରାତରଂ ନ ଚଦୀକ୍ଷୟେତ୍ ॥''* - ଉପରୋକ୍ତ ତନ୍ତ୍ରବିଧି ଅନୁସାରେ, ପିତା ନିକଟରୁ ପୁତ୍ର ଓ କନ୍ୟାର, ସ୍ୱାମୀ ନିକଟରୁ ପତ୍ନୀର, ଜ୍ୟେଷ୍ଠଭ୍ରାତା ନିକଟରୁ କନିଷ୍ଠଭ୍ରାତାର ମନ୍ତ୍ରଗ୍ରହଣ ତଥା ସନ୍ନ୍ୟାସୀ, ବାନପ୍ରସ୍ଥ ବା ବୈରାଗୀ ଗୁରୁଙ୍କ ନିକଟରୁ ଗୃହସ୍ଥଙ୍କର ମନ୍ତ୍ରଗ୍ରହଣ ନିଷିଦ୍ଧ ହୋଇଅଛି । ତନ୍ତ୍ରସାରରେ ଏହାର ପ୍ରତିପ୍ରସବ ବଚନ ମଧ୍ୟ ଅଛି- *'ସିଦ୍ଧମନ୍ତ୍ରୋଯଦି ପତିସ୍ତଦା ପତ୍ନୀଂ ସ ଦୀକ୍ଷୟେତ୍ । ସିଦ୍ଧମନ୍ତ୍ରେ, ନ ଦୂଷ୍ୟତି'* - ମନ୍ତ୍ରଗ୍ରହଣ ନିଷେଧ ଥିଲେ ମଧ୍ୟ ସିଦ୍ଧମନ୍ତ୍ର ହୋଇଥିଲେ ତାହା ଗ୍ରହଣୀୟ । ତଥାପି *'ବହ୍ୱୀ ସ୍ତ୍ରୀପଦଂ ବିଧାବପରମ୍'* -ବିଧବା ସ୍ତ୍ରୀ ଗୁରୁ ନିଷିଦ୍ଧ ହୋଇଅଛି । କିନ୍ତୁ ଏହି ସମସ୍ତ ବିଧି ଶ୍ରୀଗୋପାଳମନ୍ତ୍ର ବ୍ୟତୀତ ଅନ୍ୟ ମନ୍ତ୍ର ବିଷୟରେ ପ୍ରଯୁଜ୍ୟ । ଶ୍ରୀହରିଭକ୍ତିବିଳାସରେ (୧।୨୧୦-୨୧୩) ସ୍ପଷ୍ଟ କୁହାଯାଇଛି- *''ତଥା ଚ ତନ୍ତ୍ରେ ଅସ୍ୟ ଚ ମନ୍ତ୍ରବିଶେଷଦ୍ଧପବାଦଃ ଶ୍ରୀମଦ୍‌ଗୋପାଳଦେବସ୍ୟ ସର୍ବୈଶ୍ୱର୍ଯପ୍ରଦର୍ଶିନଃ । ତାଦୃକ୍ ଶକ୍ତିଷୁ ମନ୍ତ୍ରେଷୁ ନ ହି କିଞ୍ଚିଦ୍‌ବିଚାର୍ଯତେ ॥''*- ସର୍ବେଶ୍ୱର୍ଯ୍ୟ ପ୍ରକଟନକାରୀ ଶ୍ରୀଗୋପାଳମନ୍ତ୍ରରେ କୌଣସି ବିଚାର

ନାହିଁ । ସେଥିପାଇଁ ଦେଖାଯାଏ – ବିଧବା ସ୍ତ୍ରୀ ହୋଇ ମଧ୍ୟ ଶ୍ରୀଜାହ୍ନବା ମାତା ଠାକୁରାଣୀ ଶ୍ରୀବୀରଚନ୍ଦ୍ର ପ୍ରଭୁଙ୍କୁ, ଶ୍ରୀସନାତନ ନିଜ ଅନୁଜ ଶ୍ରୀରୂପଙ୍କୁ, ଶ୍ରୀରୂପ ଭାତୃପୁତ୍ର ଶ୍ରୀଜୀବଙ୍କୁ, ଶ୍ରୀପ୍ରବୋଧାନନ୍ଦ ନିଜ ଭାତୃପୁତ୍ର ଶ୍ରୀଗୋପାଳଭଟ୍ଟଙ୍କୁ, ଶ୍ରୀବୀରଚନ୍ଦ୍ରପ୍ରଭୁ ନିଜ ଶ୍ୱଶୁର ଶ୍ରୀଯଦୁନନ୍ଦନ ଆଚାର୍ଯ୍ୟଙ୍କୁ ଏବଂ ଶ୍ରୀଗୋପୀଜନବଲ୍ଲଭ, ଶ୍ରୀରାମକୃଷ୍ଣ ଓ ଶ୍ରୀରାମଚନ୍ଦ୍ର ପୁତ୍ରତ୍ରୟଙ୍କୁ, ଶ୍ରୀଶ୍ରୀନିବାସ ଆଚାର୍ଯ୍ୟ ପ୍ରଭୁ ନିଜ ଦୁଇ ପତ୍ନୀ, ତିନିପୁତ୍ର ଓ ତିନି କନ୍ୟାଙ୍କୁ, ଶ୍ରୀନରୋତ୍ତମ ଠାକୁର ମହାଶୟ ନିଜ ପିତୃବ୍ୟ ପୁତ୍ର ଶ୍ରୀସନ୍ତୋଷଦତ୍ତଙ୍କୁ ମନ୍ତ୍ର ପ୍ରଦାନ କରିବାର ବହୁ ପ୍ରମାଣ ରହିଅଛି ।

କରୁଣାବତାର ଶ୍ରୀମନ୍ମହାପ୍ରଭୁ ପ୍ରକଟଲୀଳା ପ୍ରକାଶ ପୂର୍ବକ ନିଜ ଶୋଣିତ ଧାରାର ବିନିମୟରେ ଯେତେବେଳେ ସାଧଶିରୋମଣି ଶ୍ରୀଶ୍ରୀରାଧାଦାସ୍ୟ–ସୁଧାର୍ଣ୍ଣବର ମୁହାଣ କାଟିଦେଇଛନ୍ତି, ସେତେବେଳେ ମହାପ୍ରଭୁଙ୍କ ପରବର୍ତ୍ତୀ ସମୟରେ ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ 'ଶ୍ରୀଗୁରୁଦେବ'ଙ୍କ ପଦବୀରେ ଯୋଗ୍ୟ ବୈଷ୍ଣବଙ୍କର ପ୍ରଥମ ଯୋଗ୍ୟତା ବା ଲକ୍ଷଣ ନିର୍ଦ୍ଧାରିତ ହୋଇପଡ଼େ ଯେ ସେ ଶ୍ରୀଶ୍ରୀରାଧାଦାସ୍ୟ ସୁଧାର୍ଣ୍ଣବରେ ପ୍ରତିନିୟତ ଅବଗାହନ ସୁଖ ଅନୁଭବ କରୁଥିବେ ଅର୍ଥାତ୍ ଶ୍ରୀଗୁରୁପ୍ରଦତ୍ତ (ପରମ୍ପରାଗତ) ଏକାଦଶ ଭାବଯୁକ୍ତ ନିଜ ସିଦ୍ଧ ଶ୍ରୀରାଧାଦାସ୍ୟ ବା ରାଧାକିଙ୍କରୀର ସ୍ୱରୂପାଭିମାନରେ ସେ ସିଦ୍ଧ ହୋଇଥିବେ, ଅନ୍ୟଥା ଶ୍ରୀଚୈତନ୍ୟଚନ୍ଦ୍ରଙ୍କ ଧାରାକୁ ଆଶ୍ରୟ କରିଥିବା ରାଗାନୁଗା ସାଧକର ଅନ୍ତରାତ୍ମାର ଶ୍ରୀରାଧାଦାସ୍ୟର ପିପାସ ପୂର୍ତ୍ତି କରିବାରେ ସେ ସକ୍ଷମ ହେବେ ନାହିଁ । ଶ୍ରୀମତୀଙ୍କ ପ୍ରେମସେବାର ଅଭିସ୍ନାତ ନହୋଇଥିଲେ ସେ ନିଜ ଅନୁଗତଗଣଙ୍କୁ ମଧ୍ୟ ସେହି ପ୍ରେମସେବାର ଅଧିକାର ବିତରଣ କରିପାରିବେ ନାହିଁ । ନିକୁଞ୍ଜର ରହସ୍ୟ ଅବଗତ ନହୋଇଥିଲେ, ସାଧକଙ୍କୁ ନିକୁଞ୍ଜରେ ପ୍ରବେଶ କରାଇବାରେ କୃତକାର୍ଯ୍ୟ ହେବେ ନାହିଁ । ସିଦ୍ଧଗୁରୁ ପ୍ରଣାଳୀର ଅନ୍ତର୍ଗତ ନହୋଇଥିଲେ (ଅର୍ଥାତ୍ ଶ୍ରୀରାଧିକାଙ୍କ ଯୂଥାନ୍ତିତା ନହୋଇଥିଲେ) ଶିଷ୍ୟବର୍ଗଙ୍କୁ ମଧ୍ୟ ଯୁଥେଶ୍ୱରୀଙ୍କ ସେବା ସୌଭାଗ୍ୟ ପ୍ରଦାନ କରିପାରିବେ ନାହିଁ । ଏହି ସମସ୍ତ ସଦ୍‌ଗୁଣରେ ଅଭିସ୍ନାତ ବ୍ୟକ୍ତି ବିଶେଷହିଁ ଶିଷ୍ୟମାନଙ୍କୁ ଭବସଂସାରରୁ ଉଦ୍ଧାର କରି ଶ୍ରୀରାଧାନିକୁଞ୍ଜବିହାରୀଙ୍କ ପ୍ରେମସେବାରେ ନିଯୁକ୍ତି କରିବାର ଅତି ଗୁରୁ (ଭାରୀ) ଦାୟିତ ବହନ କରିବାରେ ସକ୍ଷମ ହୁଅନ୍ତି, ଅନ୍ୟଥା ଶିଷ୍ୟଗଣଙ୍କର ନିଷ୍କପଟ ଆତ୍ମସମର୍ପଣତାର ଉପଯୁକ୍ତ ପ୍ରତ୍ୟୁତ୍ତର (ଶ୍ରୀରାଧାଦାସ୍ୟ) ସମ୍ପ୍ରଦାନର ଅଭାବରେ ତାହାଙ୍କୁ ଦୋଷାବହ ହେବାକୁ ପଡ଼ିଥାଏ, ଶିଷ୍ୟମାନଙ୍କ ନିକଟରେ ଋଣୀହୋଇ ତାହାଙ୍କୁ ଅଧୋପତିତ ହେବାକୁ ହୁଏ ।

ଶ୍ରୀଜୀବପାଦ ଶ୍ରୀଭକ୍ତିସନ୍ଦର୍ଭରେ (୨୩୮ ଅନୁଚ୍ଛେଦରେ) କହିଛନ୍ତି – ଏହିପରି ଲକ୍ଷଣାନ୍ୱିତ, ସଦ୍‌ଗୁରୁ ଯଦି ନ ମିଳନ୍ତି, ଅଥବା ସେ ଯଦି ଚକ୍ଷୁର ଗୋଚରୀଭୂତ ନ ହୁଅନ୍ତି, ତାହାହେଲେ କୌଣସି ପ୍ରକଟ ସିଦ୍ଧ ମହାତ୍ମାଙ୍କ ନିତ୍ୟ ସେବନହିଁ ପରମ–ମଙ୍ଗଳଦାୟକ । ସେ ମହାଭାଗବତ ଶ୍ରେଷ୍ଠ ଶ୍ରୀଗୁରୁଙ୍କ ପରିହିଁ ଚିତ୍ତବୃତ୍ତି ବିଶିଷ୍ଟ ଏବଂ ଶିଷ୍ୟପ୍ରତି କୃପାକୁ–ଚିତ୍ତ ଅର୍ଥାତ୍ ପତିତ–ଶିଷ୍ୟଙ୍କ ଉଦ୍ଧାର ନିମିତ୍ତ ଯତ୍ନବାନ ହେବେ, କାରଣ ଯେଉଁ ବ୍ୟକ୍ତିର ଯେଉଁ ଜାତୀୟ ସଙ୍ଗ ହୁଏ, ମଣି ପରି ସେ ତଦ୍‌ଗୁଣଯୁକ୍ତ ହୋଇଥାଆନ୍ତି । ଅତଏବ ବୁଦ୍ଧିମାନ୍ ବ୍ୟକ୍ତି ନିଜ ଗୋତ୍ର–ବୃଦ୍ଧି ନିମିତ୍ତ ନିଜ ଯୁଥସ୍ଥିତ ବୈଷ୍ଣବଙ୍କୁହିଁ ଆଶ୍ରୟ କରିବେ ।

ଗୁରୁଶିଷ୍ୟ ପରୀକ୍ଷଣ

ବିଷୟ ଦୋଷଦୁଷ୍ଟ କଳିହତ ଜୀବ ଶ୍ରୀଭଗବଦଭିନ୍ନ ଶ୍ରୀଗୁରୁଦେବଙ୍କୁ ପରୀକ୍ଷା କରିବାକୁ ସମର୍ଥ ହେବ ଅବା କିପରି ? ହଁ ତଥାପି କୌଣସି ଉତ୍କଣ୍ଠିତ ସାଧକର ଅକପଟ ସେବୋନ୍ମୁଖତା ନିକଟରେ କରୁଣାଘନ ସ୍ୱୟଂ ଭଗବାନହିଁ କୃପା କରି ତଦଭିନ୍ନସ୍ୱରୂପ ଶ୍ରୀଗୁରୁଦେବଙ୍କୁ ପ୍ରକାଶ କରନ୍ତି, ଆଉ ସେତେବେଳେହିଁ ସେହି ଅକପଟ ସେବକ ଶ୍ରୀଗୁରୁଦେବଙ୍କୁ ଭଗବତ୍ କୃପା ଦ୍ୱାରା ଚିହ୍ନିପାରନ୍ତି । ଶ୍ରୁତିରେ (କଠ-୧।୨।୨୩, ମୁଣ୍ଡକ-୩।୨।୩) ମଧ୍ୟ ଉକ୍ତ ହୋଇଅଛି-

ନାୟମାତ୍ମା ପ୍ରବଚନେନ ଲଭ୍ୟୋ ନ ମେଧୟା ନ ବହୁନା ଶ୍ରୁତେନ ।
ଯମେବୈଷ ବୃଣୁତେ ତେନ ଲଭ୍ୟସ୍ତସ୍ୟୈଷ ଆତ୍ମା ବିବୃଣୁତେତନୁଂ ସ୍ୱାମ୍ ॥

ଅୟମ୍ (ଏହି) ଆତ୍ମା (ପ୍ରେଷ୍ଠ ପରତତ୍ତ୍ୱ) ପ୍ରବଚନେନ (ବହୁ ଶାସ୍ତ୍ରାଭ୍ୟାସ ଦ୍ୱାରା) ନ ଲଭ୍ୟଃ (ପ୍ରାପ୍ତବ୍ୟ, ଜ୍ଞେୟ ନୁହନ୍ତି) ନମେଧୟା (ମେଧା ଦ୍ୱାରା ନୁହଁନ୍ତି), ବହୁନା (ଅନେକ) ଶ୍ରୁତେନ (ପାଣ୍ଡିତ୍ୟ ଦ୍ୱାରା) (ଲଭ୍ୟ) ନ (ନୁହଁନ୍ତି) ତେବେ କିପରି ଲଭ୍ୟ ? (ଆଚାର୍ଯ୍ୟରୂପେ ଅବସ୍ଥିତ) ଏଷ (ଏହି ଆତ୍ମା - ଏହି ମୁକୁନ୍ଦପ୍ରେଷ୍ଠ) ଯମ୍ ଏବ (ଯାହାଙ୍କୁହିଁ, ଯେଉଁ ସେବକଙ୍କୁହିଁ) ବୃଣୁତେ (ବରଣ କରନ୍ତି, କୃପାକରନ୍ତି) ତେନ (ସେହି ଅନୁକମ୍ପିତ ବ୍ୟକ୍ତି ବା ସେବକ ଦ୍ୱାରାହିଁ) ଲଭ୍ୟଃ (ପ୍ରାପ୍ତ ବା ଜ୍ଞାତ ହୁଅନ୍ତି), ତସ୍ୟ (ସେହି ସେବୋନ୍ମୁଖ ବ୍ୟକ୍ତିର ନିକଟରେ) ଏବା ଆତ୍ମା (ଏହି ଆତ୍ମା) ସ୍ୱାମ୍ (ନିଜ) ତନୁମ୍ (ଶ୍ରୀବିଗ୍ରହ) ବିବୃଣତେ (ପ୍ରକାଶ କରନ୍ତି) ।

ଶ୍ରୀବୃହଦ୍ଭାଗବତାମୃତରେ (୨।୪।୮୨-୮୬) ଶ୍ରୀଭଗବାନଙ୍କ ଉକ୍ତିରେ ଦେଖିବାକୁ ମିଳେ,- *"ବହୂନି ଗମିତାନ୍ୟଙ୍ଗ ଜନ୍ମାନି ଭବତା ସଖେ । କଥଞ୍ଚିଦପି ମଯ୍ୟାଭିମୁଖ୍ୟଂ କିଞ୍ଚିଦକାରି ନ ॥ ଅସ୍ମିନସ୍ମିନି ହେନୈବ ଭବେ ଭାବୀ ମହତ୍ସୁଖଃ । ଇତ୍ୟାଶୟା ତବାତ୍ୟନ୍ତଂ ନର୍ତିତୋଽସ୍ମି ସଦାଙ୍ଗବତ୍ ॥ ଛଳଞ୍ଚ ନ ଲଭେ କିଞ୍ଚିଦ୍ ଯେନାଦ୍ୟଂ ପରପାଳୟନ୍ । ନିବଦ୍ଧଂ ସ୍ୱକୃତଂ ଭ୍ରାତରାନୟାମ୍ୟାତ୍ମନଃ ପଦମ୍ ॥ ତତ୍ତେ ମଯ୍ୟକୃପାଂ ବୀକ୍ଷ୍ୟ ବ୍ୟଗ୍ରୋଽନୁଗ୍ରହକାତରଃ । ଅନାଦିଂ ସେତୁମୁଲ୍ଲଂଘ୍ୟ ତ୍ୱଜ୍ଜନ୍ମେଦମକାରୟମ୍ ॥ ଶ୍ରୀମଦ୍ଗୋବର୍ଧନେ ତସ୍ମିନ୍ ନିଜପ୍ରିୟତମାସ୍ପଦେ । ସ୍ୱୟମେବାଭବଂ ତାତ ଜୟନ୍ତାଖ୍ୟଃ ସ ତେ ଗୁରୁଃ ॥"* - ଅର୍ଥାତ୍ - ହେ ସଖେ ! ହେ ବତ୍ସ ! ତୁମେ ବହୁ ଜନ୍ମ ବ୍ୟୟ କରିଅଛ । ତଥାପି କୌଣସି ପ୍ରକାରରେ ଅନ୍ତତିକିଏ ମଧ୍ୟ ମୋ ପ୍ରତି ଉନ୍ମୁଖତା ପ୍ରକାଶ କରିନାହଁ । 'ଏହି ଜନ୍ମରେହିଁ ତୁମେ ମୋ ପ୍ରତି ଉନ୍ମୁଖ ହେବ', ଏହି ଉତ୍କଣ୍ଠାରେ ମୁଁ ଅଜ୍ଞ ପରି ସର୍ବଦା ନୃତ୍ୟ କରୁଅଛି । ହେ ଭ୍ରାତ ! ମୁଁ କୌଣସି ପ୍ରକାରର ଛଳ ମଧ୍ୟ ପାଉନାହିଁ, ଯେଉଁ ଛଳକୁ ଆଶ୍ରୟ କରି ମୁଁ ପୂର୍ବକୃତ ଆଜ୍ଞାରୂପି ବେଦ-ନିୟମାଦି ଲଂଘନ ପୂର୍ବକ ତୁମକୁ ମୋ ନିକଟକୁ ଆଣିପାରିବି । ହେ ବତ୍ସ ! ମୋ ପ୍ରତି ତୁମର ଏହିପରି ଅନାଦି ନିର୍ଦୟତା ଦେଖି ବ୍ୟଗ୍ର ଓ ତୁମ ପ୍ରତି ଅନୁଗ୍ରହ କାତର ହୋଇ ନିଜକୃତ ଅନାଦି ଧର୍ମମର୍ଯ୍ୟାଦା ଲଂଘନ କରି ନିଜ-ପ୍ରିୟତମ ସ୍ଥାନ ଶ୍ରୀମଦ୍ଗୋବର୍ଦ୍ଧନରେ ତୁମକୁ ଜନ୍ମଗ୍ରହଣ କରାଇଛି ଏବଂ ନିଜେ **'ଜୟନ୍ତ' ନାମ ଧାରଣ କରି ତୁମ ଗୁରୁରୂପରେ ଅବତୀର୍ଣ୍ଣ ହୋଇଅଛି ।**

ଶ୍ରୀସନାତନଗୋସ୍ୱାମୀପାଦ୍ ଉକ୍ତ ଶ୍ଲୋକ ସମୂହର ଟୀକାରେ କହିଛନ୍ତି ଯେ, ସଙ୍କେତ-ପରିହାସାଦି-କୃତ ଭଗବନ୍ନାମ କୀର୍ତ୍ତନାଦି ଦ୍ୱାରା କୌଣସି ପ୍ରକାରରେ କଦାପି ଭଗବାନଙ୍କ ସହିତ ସମ୍ବନ୍ଧମାତ୍ର ହେଲେହିଁ ସେ ନିଜକୃତ ପୂର୍ବପୂର୍ବ ନିୟମ-ସମୂହ ଲଘନ କରି ମଧ୍ୟ

ଅଜାମିଳପରି ଜୀବକୁ ତାହାଙ୍କ (ଶ୍ରୀଭଗବାନଙ୍କ) ପାଦପଦ୍ମକୁ ଆକର୍ଷଣ କରିପାରନ୍ତି । ବିଶେଷତଃ 'କଳିକାଳେ ନାମ ରୂପେ କୃଷ୍ଣ ଅବତାର ଏବଂ ଶ୍ରୀନାମଙ୍କ ଦ୍ୱାରାହିଁ ସର୍ବାର୍ଥ-ସିଦ୍ଧି ଓ କଳିଯୁଗ-ପାବନାବତାରୀ ଶ୍ରୀଗୌରହରିଙ୍କର ବିଶେଷ ସନ୍ତୋଷ ହୁଏ । ଏଥିପାଇଁ ଏହି ବିଶେଷ-କଳିଯୁଗରେ-ସର୍ବଦୋଷାକର ଜୀବର ଏକମାତ୍ର ନିରାପଦ ଓ ନିର୍ଭୟ ପଥ- ଶ୍ରୀନାମଙ୍କର ଏକାନ୍ତ ଆଶ୍ରୟ ଗ୍ରହଣ । ନିର୍ବ୍ୟଲୀକ ଭାବରେ ନାମାଶ୍ରୟ କରିଲେ ଶ୍ରୀନାମହିଁ ଶ୍ରୀଗୁରୁଦେବଙ୍କ ସ୍ୱରୂପ ଜଣାଇ ଦେବେ । ଏହି ଯୁଗରେ ଶ୍ରୀଗୁରୁଦେବ ମଧ୍ୟ ସାଧକ ଜୀବକୁ ଶ୍ରୀନାମ ପ୍ରଦାନ କରିହିଁ ଶ୍ରୀନାମଙ୍କ ଏକାନ୍ତ ଆଶ୍ରୟ ବିଷୟରେ (ଅଙ୍ଗୀରୂପେ ନାମାଶ୍ରୟରେ) ଜୀବର ଅକପଟତା ପରୀକ୍ଷା କରନ୍ତି - ଏହି ଯୁଗରେ ଅନ୍ୟାନ୍ୟ ପରୀକ୍ଷାରେ ବଦ୍ଧଜୀବ ପ୍ରାୟଶଃହିଁ ଉତ୍ତୀର୍ଣ୍ଣ ହୋଇ ପାରନ୍ତି ନାହିଁ ।

ଗୁରୁ ଓ ଶିଷ୍ୟ ପରିକ୍ଷଣ ସମ୍ବନ୍ଧରେ ଯେଉଁ ସମସ୍ତ ସାଧାରଣ ବିଧି ଅଛି, ତାହା ନିମ୍ନରେ ଉଦ୍ଧୃତ ହେଲା । ମନ୍ତ୍ରମୁକ୍ତାବଳୀରେ ଉକ୍ତ ହୋଇଅଛି -*"ତଯୋର୍ବତ୍ସର ବାସେନ ଜ୍ଞାତ୍ୱାଦ୍ଧନ୍ୟେଦ୍ଧନ୍ୟ-ସ୍ୱଭାବଯୋଃ । ଗୁରୁତା ଶିଷ୍ୟତା ଚେତି ନାନ୍ୟଥୈବେତି ନିଶ୍ଚୟଃ ॥" ଶ୍ରୁତିଶ୍ଚ- 'ନାସମ୍ବତ୍ସର-ବାସିନେ ଦେୟାତ୍ ।' ସାରସଂଗ୍ରହେଦ୍ଧପି- ସଦ୍‌ଗୁରୁଃ ସ୍ୱାଶ୍ରିତଂ ଶିଷ୍ୟଂ ବର୍ଷମେକଂ ପରୀକ୍ଷୟେତ୍ ॥ ରାଜ୍ଞି, ଚାମାତ୍ୟଜା ଦୋଷାଃ ପତ୍ନୀପାପଂ ସ୍ୱଭର୍ତରି । ତଥା ଶିଷ୍ୟାର୍ଜିତଂ ପାପଂ ଗୁରୁଃ ପ୍ରାପ୍ନୋତି ନିଶ୍ଚିତମ୍ ॥'(ହ.ଭ.ବି.୧।୭୪-୭୭)* - ଉଭୟେ ଏକ ବର୍ଷକାଳ ଏକତ୍ର ବାସଦ୍ୱାରା ପରସ୍ପରଙ୍କ ସ୍ୱଭାବ ଜ୍ଞାତ ହେଲେ ଉଭୟେ ଗୁରୁତା ଓ ଶିଷ୍ୟତା ପରିଜ୍ଞାତ ହୋଇପାରନ୍ତି, ଅନ୍ୟ ରୂପରେ ଜଣାଯାଏ ନା, ଏହାହିଁ ନିଶ୍ଚୟ । ଶ୍ରୁତିରେ ମଧ୍ୟ ଉକ୍ତ ହୋଇଅଛି - ଏକ ବର୍ଷକାଳ ଯେଉଁ ବ୍ୟକ୍ତି ଗୁରୁଙ୍କ ସହିତ ବାସ ନ କରିଅଛି, ତାହାକୁ ମନ୍ତ୍ର ଦେବା କଥା ନୁହେଁ । ସାରସଂଗ୍ରହରେ ମଧ୍ୟ ଉକ୍ତ ହୋଇଅଛି, ସଦ୍‌ଗୁରୁ ଏକ ବର୍ଷକାଳ ପର୍ଯ୍ୟନ୍ତ ନିଜ ଆଶ୍ରିତ ଶିଷ୍ୟକୁ ପରୀକ୍ଷା କରିବେ । ଅମାତ୍ୟର (ପ୍ରଜାର) ଦୋଷ ସମୂହ ଯେପରି ରାଜାଙ୍କଠାରେ ଏବଂ ପତ୍ନୀର ପାପସମୂହ ଯେପରି ନିଜ ପତିଠାରେ ଉପଗତ ହୁଏ, ସେହିପରି ଗୁରୁ ମଧ୍ୟ ଶିଷ୍ୟଙ୍କ ଅର୍ଜିତ ପାପ ପ୍ରାପ୍ତ ହୁଅନ୍ତି ।

ପରୀକ୍ଷୈବ ଗୁରୁଃ ଶିଷ୍ୟଂ ଶିଷ୍ୟୋଦ୍ଧପି ଗୁରୁମାବ୍ରଜେତ୍ ।
ଅନ୍ୟଥା ନରକାୟୈବ ପ୍ରାୟଶ୍ଚିତ୍ତଂ ଗୁରୋସ୍ତଥା ॥ (ଭାତା ୧ ୧।୩।୪୮ ଧୃତଶାସ୍ତ୍ରବାକ୍ୟ)
ସନ୍ତୋଷୟେଦକୁଟିଳାର୍ଦ୍ରତରାନ୍ତରାତ୍ମା, ତଂ ସ୍ନେର୍ଧନୈଃ ସ୍ୱବପୁଷାପ୍ୟନୁକୂଳବାଣ୍ୟା ।
ଅଦ୍ଦତ୍ରୟଂ କମଳନାଭ-ଧିୟାଦ୍ଧତି-ଧୀର,-ସ୍ଥୁଷ୍ଟେ ବିବକ୍ଷତୁ ଗୁରାବଥ ମନ୍ତଦୀକ୍ଷାମ୍ ॥
(ହରବି ୧।୭୮। ଧୃତ-ଶ୍ରୀକ୍ରମଦୀପିକା ୪।୩ ବାକ୍ୟ)

*ଟୀକା- ଏବଂ 'ବର୍ଷମେକଂ' ପରୀକ୍ଷା ଚ ତତୋ ଦୀକ୍ଷେତି ନିଶ୍ଚିତମ୍', ତତ୍ର ଶ୍ରୀଗୋପାଳ ମନ୍ତବର-ଦୀକ୍ଷାୟାଂ ବର୍ଷତ୍ରୟ-ଗୁରୁ-ସେବାନନ୍ତରମେବ ଦୀକ୍ଷେତି ତତ୍ତ୍ୱବିଦାଂ ମତଂ ଲିଖନ୍ ଦୀକ୍ଷା-ପ୍ରାକ୍ତନ-ଗୁରୁସେବାବିଧିଞ୍ଚ ସଂକ୍ଷେପେଣ ଦର୍ଶୟତି-ସନ୍ତୋଷୟେଦିତି । *** ଅଦ୍ଦତ୍ରୟମିତ୍ୟତ୍ର ବିଶେଷୋ ଗ୍ରନ୍ଥାନ୍ତରାଦ୍‌ଦ୍ରଷ୍ଟବ୍ୟଃ । ତଥାହି -'ତ୍ରିଷୁବର୍ଷେଷୁ ବିପ୍ରସ୍ୟ ଷଟ୍‌ସୁ ବର୍ଷେଷୁ ଭୂଭୃତଃ । ବିଶୋ ନବସୁବର୍ଷେଷୁ ପରୀକ୍ଷା ତୁ ପ୍ରଶସ୍ୟତେ ॥ ସମାସ୍ୱପି ଦ୍ୱାଦଶସୁ ତେଷାଂ ଯେ ତୁଷଳାଦୟଃ' ଇତି । ଯଚ୍ଚ ଶାରଦାତିଳକାଦାବୁକ୍ତମ -"ଏକାବ୍ଦେନ ଭବେଦ୍ ବିପ୍ରୋ*

ଭବେଦଦ୍ୱୟାନ୍ଧପଃ । ଭବେଦତ୍ରହୈ ବୈଶ୍ୟଃ ଶୂଦ୍ରୋ ବର୍ଷଚତୁଷ୍ଟୟଃ ॥ ଇତି ତଦତ୍ୟନ୍ତପୂର୍ବ ପରିଶୀଳିତ ବିଷୟମିତି ବିବେଚନୀୟମ୍ । ଅନ୍ୟଥା ଦ୍ୱୟୋରପି ମହାଦୋଷଃ–

ଯୋ ବ୍ୟକ୍ତି ନ୍ୟାୟରହିତମନ୍ୟାୟେନ ଶୃଣୋତି ଯଃ ।

ତାବୁଭୌ ନରକଂ ଘୋରଂ ବ୍ରଜତଃ କାଳମକ୍ଷୟମ୍ ॥(ହଭବି୧।୧୦୧ଧୃତ ନାରଦ ପଞ୍ଚରାତ୍ର ବାକ୍ୟ)

ଟୀକା–ପରୀକ୍ଷାଂ ବିନା ଗୁରୁସେବାଦିଂ ବିନା ଚ ମନ୍ତ୍ରସ୍ୟ କଥନେ ଗ୍ରହଣେ ଚ ମହାନନର୍ଥ ଇତି ଲିଖତି–ଯୋ ବ୍ୟକ୍ତୀତି, ନ୍ୟାୟଃ ଦ୍ୱୟୋରନ୍ୟୋଦ୍ଧନ୍ୟ–ପରୀକ୍ଷଣପୂର୍ବକ – ଗୁରୁସେବାଦି ପ୍ରକାର ସ୍ତଦ୍ରହିତମ୍ ।

ଏହିପରି ଭାବରେ ଏକ ବର୍ଷ କାଳ ପରୀକ୍ଷା ପରେ ଦୀକ୍ଷା ଗ୍ରହଣ କରିବାହିଁ ନିଶ୍ଚିତ ସିଦ୍ଧାନ୍ତ, କିନ୍ତୁ ଦୀକ୍ଷାର ମଧ୍ୟରେ ସର୍ବଶ୍ରେଷ୍ଠ ଶ୍ରୀଗୋପାଳମନ୍ତ୍ରରେ ଦୀକ୍ଷାରେ ତିନି ବର୍ଷ ଗୁରୁସେବା କରିବା ପରେହିଁ ଦୀକ୍ଷା–ଗ୍ରହଣର କର୍ତ୍ତବ୍ୟତା ବିଷୟରେ ତତ୍ତ୍ୱବିଦ୍‌ଗଣଙ୍କ ମତ ଲେଖିବାକୁ ଯାଇ ଦୀକ୍ଷାର ପୂର୍ବେ ଗୁରୁସେବା–ବିଧି ମଧ୍ୟ ସଂକ୍ଷେପରେ ପ୍ରଦର୍ଶନ କରିଅଛନ୍ତି । ଅକୁଟିଳ ଓ ଆର୍ଦ୍ରାନ୍ତକରଣ ହୋଇ ତିନି ବର୍ଷପରେ ନିଜ ଧନରାଶି, ନିଜଦେହ ଓ ଅନୁକୂଳ ବାକ୍ୟ ଦ୍ୱାରା ଅତିଶୟ ଧୀର ହୋଇ ଭଗବଦ୍ ବୁଦ୍ଧିରେ ଶ୍ରୀଗୁରୁଙ୍କ ସନ୍ତୋଷବିଧାନ କରିବେ । ଶ୍ରୀଗୁରୁଦେବ ସନ୍ତୁଷ୍ଟ ହେଲେ ତାହାପରେ ମନ୍ତ୍ରଦୀକ୍ଷା ପାଇଁ ତାହାଙ୍କ ନିକଟରେ ପ୍ରାର୍ଥନା କରିବେ । ତିନି ବର୍ଷକାଳ ଗୁରୁଦେବ କର୍ତ୍ତୃକ ଶିଷ୍ୟର ପରୀକ୍ଷା ଓ ଶିଷ୍ୟର ଅକପଟରେ ଗୁରୁସେବାର କଥା ଯେ ଉକ୍ତହେଲା, ଏହି ପ୍ରସଙ୍ଗରେ ମଧ୍ୟ ବିଶେଷ ବ୍ୟବସ୍ଥା ଅନ୍ୟ ଗ୍ରନ୍ଥରେ ଦୃଷ୍ଟ ହୁଏ । ଅନ୍ୟତ୍ର ଉକ୍ତ ଅଛି ବ୍ରାହ୍ମଣଶିଷ୍ୟର ତିନିବର୍ଷ, କ୍ଷତ୍ରିୟଙ୍କ ଛଅବର୍ଷ, ବୈଶ୍ୟର ନଅବର୍ଷ ପରୀକ୍ଷାବିଧି ପ୍ରଶସ୍ତ – ଆଉ ଶୂଦ୍ରାଦିକୁ ବାରବର୍ଷ ପରୀକ୍ଷା କରିବାକୁ ହେବ । ଶାରଦାତିଳକାଦି–ଗ୍ରନ୍ଥରେ ଯାହା ଉକ୍ତ ହୋଇଅଛି, ତାହା ମଧ୍ୟ ଲିଖିତ ହେଉଅଛି – ଏକବର୍ଷ କାଳ ବ୍ରାହ୍ମଣର ପରୀକ୍ଷା, ଦୁଇ ବର୍ଷକାଳ କ୍ଷତ୍ରିୟର ପରୀକ୍ଷା, ତିନ ବର୍ଷକାଳ ବୈଶ୍ୟର ପରୀକ୍ଷା ଓ ଚାରିବର୍ଷ କାଳ ଶୂଦ୍ରକୁ ପରୀକ୍ଷା କରିବାକୁ ହେବ ।

ପରୀକ୍ଷା ବ୍ୟତୀତ ଓ ଗୁରୁସେବାଦି ବ୍ୟତୀତ ମନ୍ତ୍ରର କଥନରେ ଓ ଗ୍ରହଣରେ ଭୀଷଣ ଅନର୍ଥ ଉପସ୍ଥିତ ହୁଏ, ଏହାହିଁ ଲେଖୁଅଛନ୍ତି–ନ୍ୟାୟରହିତ ଅର୍ଥାତ୍ ଉଭୟଙ୍କର ପରସ୍ପର ପରୀକ୍ଷାପୂର୍ବକ ଏବଂ ଗୁରୁସେବାଦି ପ୍ରକାର ବିରହିତଭାବରେ (ତ୍ୟାଗ କରି) ଯିଏ ମନ୍ତ୍ର କୁହନ୍ତି ଏବଂ ଯିଏ ତାହା ଶ୍ରବଣ କରନ୍ତି, ସେ ଉଭୟେହିଁ ଅନନ୍ତକାଳ ଘୋର ନରକରେ ଭ୍ରମଣ କରନ୍ତି ।

ଦୀକ୍ଷାର ଶୁଭକାଳାଦି ନିରୂପଣରେ ମାସଶୁଦ୍ଧି, ବାରଶୁଦ୍ଧି, ନକ୍ଷତ୍ରଶୁଦ୍ଧି ପ୍ରଭୃତିର ବିଷୟ ଯାହା ଶାସ୍ତ୍ରରେ ବର୍ଣ୍ଣିତ ଅଛି, ତାହା ଶ୍ରୀହରିଭକ୍ତିବିଳାସରେ ଉଲ୍ଲିଖିତ ରହିଅଛି । ଶୁଦ୍ଧ ଦିନରେ, ଶୁକ୍ଳପକ୍ଷରେ, ଶୁକ୍ର ଓ ବୃହସ୍ପତିଙ୍କ ଉଦୟ କାଳରେ ଶୁଭଲଗ୍ନରେ ଓ ଚନ୍ଦ୍ରତାରା ଅନୁକୂଳ ଥିଲେହିଁ ଦୀକ୍ଷା ପ୍ରଶସ୍ତ ହୁଏ । କିନ୍ତୁ ଏହା ପରେ ବିଶେଷ ବିଧିରେ ଶ୍ରୀହରିଭକ୍ତିବିଳାସରେ (୧।୨।୩୧) ତତ୍ତ୍ୱସାଗର'ରୁ ପ୍ରମାଣ ଉଦ୍ଧାର କରି କୁହାଯାଇଛି–

ଦୁର୍ଲଭେ ସଦ୍‌ଗୁରୁଣାଞ୍ଚ ସକୃଦ୍ ସଙ୍ଗ ଉପସ୍ଥିତେ । ତଦନୁଜ୍ଞା ଯଦା ଲବ୍ଧା ସ ଦୀକ୍ଷା ବସରୋ ମହାନ୍ ॥

'ସଦ୍‌ଗୁରୁଙ୍କ ଦୁର୍ଲଭ ସଙ୍ଗଥରେ ମାତ୍ର ଉପସ୍ଥିତ ହେଲେହିଁ – ଯେତେବେଳେହିଁ ତାହାଙ୍କ ଆଦେଶ ମିଳିବ, ସେତେବେଳେହିଁ ପ୍ରଶସ୍ତ ଦୀକ୍ଷାକାଳ ବୋଲି ଜାଣିବେ ।' ପରବର୍ତ୍ତୀ ପ୍ରମାଣରେ

ଉକ୍ତ ହୋଇଅଛି–କି ଗ୍ରାମରେ, କି ଅରଣ୍ୟରେ, କି କ୍ଷେତ୍ରରେ, କି ଦିବାଭାଗରେ, କି ନିଶାରେ ଯେତେବେଳେହିଁ ଶ୍ରୀଗୁରୁଦେବ ଯଦୃଚ୍ଛାକ୍ରମେ ସମାଗତ ହେବେ, ତାହାଙ୍କ ଆଦେଶରେ ସେତେବେଳେହିଁ ଦୀକ୍ଷା ଗ୍ରହଣ କରାଯାଇପାରେ । ସଦ୍‌ଗୁରୁଦେବ ସ୍ୱେଚ୍ଛାବଶତଃ ଉପସ୍ଥିତ ହେଲେ ତୀର୍ଥ, ବ୍ରତ, ହୋମ, ସ୍ନାନ, ଜପକ୍ରିୟା କିଛି ମଧ୍ୟ ଆବଶ୍ୟକ ନାହିଁ ।

ଉପରୋକ୍ତ ପ୍ରମାଣ ପାଠ କରିଲେ ଦୁଇଟି ପ୍ରଶ୍ନ ଉପସ୍ଥିତ ହୋଇପାରେ । ଗୋଟିଏ ହେଲା – ଯଥାବିହିତ ଦୀକ୍ଷାବିଧି ବ୍ୟତୀତ ମନ୍ତ୍ରଫଳଦାୟକ ହୁଏ ନା, ଏହାହିଁ ଶାସ୍ତ୍ରରେ ଉକ୍ତ ହୋଇଅଛି । ଯଦି ସଦ୍‌ଗୁରୁଙ୍କ ନିକଟରେ ଦୀକ୍ଷା ଗ୍ରହଣ ସମୟରେ ଏହି ସମସ୍ତ ବିଧି (ଯେପରି ସ୍ନାନାଦି, ଯଜ୍ଞାଦି) ପାଳନ ନକରାହୁଏ, ତେବେ କଣ ଶିଷ୍ଟାଚାର ଲଂଘନ ଜନିତ ଅନର୍ଥ ଉପସ୍ଥିତ ହେବ ନାହିଁ ? ଅର୍ଥାତ୍ ଫଳୋଦୟରେ ବିଘ୍ନ ଉପସ୍ଥିତ ହେବନାହିଁ ? ଦ୍ୱିତୀୟତଃ ଗୁରୁ ଓ ଶିଷ୍ୟ ଉଭୟେହିଁ ପରସ୍ପର ପରସ୍ପରଙ୍କୁ ଉପଯୁକ୍ତ କାଳ ପର୍ଯ୍ୟନ୍ତ ପରୀକ୍ଷା କରି ତେବେ ଉଭୟେ ଉଭୟଙ୍କୁ ସ୍ୱୀକାର କରିବେ, ଏହିପରି ଶାସ୍ତ୍ରବିଧି ରହିଛି, ତେଣୁ ସଦ୍‌ଗୁରୁଙ୍କଠାରୁ ସକୃତ୍‌ଦର୍ଶନମାତ୍ରକେ ଦୀକ୍ଷା–ଗ୍ରହଣ କରିଲେ ଉକ୍ତ ବିଧି ଲଙ୍ଘନ ଜନିତ ଅପରାଧ ହେବନାହିଁ କି ?

ସଦ୍‌ଗୁରୁଦେବଙ୍କ ସକୃତ ଉପସ୍ଥିତି ବା ଦର୍ଶନମାତ୍ରେ ଓ ତାହାଙ୍କ ଆଜ୍ଞାମାତ୍ରକେ କୌଣସି ରୂପ ଅନୁଷ୍ଠାନ ବ୍ୟତୀତ ମଧ୍ୟ ଯେଉଁ ଦୀକ୍ଷା ଗ୍ରହଣର କଥା ପୂର୍ବେ ଉକ୍ତ ହୋଇଅଛି, ତାହା ବିଶେଷବିଧି । ସେହିପରି ସଦ୍‌ଗୁରୁ ଓ ସତ୍–ଶିଷ୍ୟ ଜଗତରେ ସୁଦୁର୍ଲ୍ଲଭ । ମହାଭାଗବତ–ଲୀଳାଭିନୟକାରୀ ସ୍ୱୟଂ ଭଗବାନ୍ ଶ୍ରୀଗୌରସୁନ୍ଦର, ଶ୍ରୀଅଦ୍ୱୈତାଚାର୍ଯ୍ୟ ପ୍ରଭୁ, ଶ୍ରୀନିତ୍ୟାନନ୍ଦପ୍ରଭୁ ଓ ନିତ୍ୟସିଦ୍ଧ ପାର୍ଷଦଗଣଙ୍କ ଚରିତରେହିଁ କେବଳ ସେହିପରି ସୁଦୁର୍ଲ୍ଲଭ ଆଦର୍ଶ ଦେଖିବାକୁ ମିଳେ ।

ଶ୍ରୀମତ୍ ଗଦାଧର ପଣ୍ଡିତ ଗୋସ୍ୱାମିପାଦ୍ ପୂର୍ବେ ଶ୍ରୀମତ୍ ପୁଣ୍ଡରୀକ ବିଦ୍ୟାନିଧିପାଦ୍‌ଙ୍କୁ ଥରେ ମାତ୍ର ଦର୍ଶନକରି ଏବଂ ତାହାଙ୍କ ବିଷୟୀପରି ପୋଷାକ ଓ ବିଳାସିତାପୂର୍ଣ୍ଣ ବ୍ୟବହାରାଦି ଦେଖି ତାହାଙ୍କୁ ଅନ୍ୟରୂପେ ମନେ କରିଥିଲେ, କିନ୍ତୁ ଶ୍ରୀପାଦ୍ ମୁକୁନ୍ଦଦତ୍ତଠାକୁର ଶ୍ରୀମଦ୍ଭାଗବତରେ 'ଅହୋ ବକୀ' ଶ୍ଲୋକଟୀ କୀର୍ତ୍ତନ କରିବାମାତ୍ରକେ ଶ୍ରୀପାଦ୍ ପୁଣ୍ଡରୀକଙ୍କ ଅଦ୍ଭୁତ ଶ୍ରୀକୃଷ୍ଣ–ପ୍ରେମବିକାର–ଦର୍ଶନରେ ତାହାଙ୍କୁ ମହାଭାଗବତୋତ୍ତମ ବୋଲି ବୁଝିପାରିଲେ ଏବଂ ନିଜର ଅପରାଧାଭାସ–ଲୀଳାର ପ୍ରାୟଶ୍ଚିତସ୍ୱରୂପ ଶ୍ରୀପୁଣ୍ଡରୀକଙ୍କୁ ଶ୍ରୀମନ୍ତ୍ରଗୁରୁଙ୍କ ପଦରେ ଅଭିଷିକ୍ତ କରିବାକୁ ଇଚ୍ଛା କରିଲେ ଏବଂ ସେଥିପାଇଁ ଶ୍ରୀମନ୍ମହାପ୍ରଭୁଙ୍କ ନିକଟରେ ଅନୁମତି ପ୍ରାର୍ଥନା କରିବାରୁ ଶ୍ରୀମନ୍ମହାପ୍ରଭୁ ଶ୍ରୀଗଦାଧରଙ୍କ ବାକ୍ୟରେ ସନ୍ତୁଷ୍ଟ ହୋଇ ଶୀଘ୍ରକର ଶୀଘ୍ରକର ବୋଲି କହିବାକୁ ଲାଗିଲେ । (ଚୈ:ଚ:୨।୭।୧୫୧)

ଶ୍ରୀମନ୍ମହାପ୍ରଭୁଙ୍କ ପ୍ରକଟକାଳର ଅବ୍ୟବହିତ ପରବର୍ତ୍ତୀ ଯୁଗରେ ମଧ୍ୟ ଶ୍ରୀନିବାସାଚାର୍ଯ୍ୟପାଦ୍ ଓ ଶ୍ରୀଳନରୋତ୍ତମ ଠାକୁର ମହାଶୟ ପ୍ରମୁଖ ଆଚାର୍ଯ୍ୟାପାଦ୍‌ଗଣଙ୍କର ଏବଂ ତାହାଙ୍କର ଶିଷ୍ୟମଣ୍ଡଳୀଙ୍କର ଆଦର୍ଶରେ ଅନେକ ଶିକ୍ଷା ମିଳେ । ଶ୍ରୀଳ ଶ୍ରୀନିବାସାଚାର୍ଯ୍ୟ ପ୍ରଭୁ ଯେତେବେଳେ ଯାଜିଗ୍ରାମରେ ଅବସ୍ଥାନ କରି ପ୍ରେମଭକ୍ତି ପ୍ରଚାର କରୁଥିଲେ, ସେତେବେଳେ ଜଣେ ସଦ୍ୟ–ବିବାହିତ ସୁସଜ୍ଜିତ ଅପୂର୍ବ କମନୀୟକାନ୍ତି ଯୁବକ ବିବାହାନ୍ତେ ଦିବ୍ୟଦୋଳାରେ ଆରୋହଣ କରି ନିଜ ଗୃହାଭିମୁଖେ ଯାଉଥିଲେ । ଶ୍ରୀନିବାସ–ଆଚାର୍ଯ୍ୟପ୍ରଭୁ ଏହି ଯୁବକ ଯଦି ଶ୍ରୀହରିଭଜନ କରନ୍ତି, ତେବେ ତାହାର ଜୀବନ–ଯୌବନ ସାର୍ଥକ ହୁଅନ୍ତା, – ଏହା ଭାବି ବରଯାତ୍ରୀଙ୍କ

ନିକଟରୁ ଯୁବକର ପରିଚୟ ପଚାରିଲେ । ଦୋଳ (ଶବାରୀ)ରୁ ଉକ୍ତ ଯୁବକ ସଶିଷ୍ୟ ଶ୍ରୀଶ୍ରୀନିବାସ ଆଚାର୍ଯ୍ୟପ୍ରଭୁଙ୍କୁ ଦେଖି ତାହାଙ୍କ ପାଦପଦ୍ମେ ଆକୃଷ୍ଟ ହୋଇଥିଲେ । ମହାପୁରୁଷଙ୍କ ହାର୍ଦୀ ଓ ଅଲୌକିକ କୃପା, ଯୁବକର ହୃଦୟକୁ ତତ୍‌କ୍ଷଣାତ୍ ଆଲୋଡ଼ିତ କରିଲା । ଯୁବକ ନବ ବିବାହିତ ପତ୍ନୀର ସଙ୍ଗ-ସୁଖ ଓ ସମ୍ମୁଖରେ ଭୋଗରାଜ୍ୟର ମୁକ୍ତପଥ ପ୍ରତି ଦୃକ୍‌ପାତ କରିବା ପରିବର୍ତ୍ତେ ମହାପୁରୁଷଙ୍କ ସଙ୍ଗ ଓ କୃପାଲାଭ ପାଇଁ ବ୍ୟାକୁଳ ହୋଇ ଉଠିଲେ । ଏହି ନବବିବାହିତ ଯୁବକଙ୍କ ନାମ – ଶ୍ରୀରାମଚନ୍ଦ୍ର କବିରାଜ । ଇଏ ପରବର୍ତ୍ତୀ କାଳରେ ଶ୍ରୀଳ ନରୋତ୍ତମ ଠାକୁରଙ୍କର ଅତି ଅନ୍ତରଙ୍ଗ ବନ୍ଧୁ ହୋଇଥିଲେ । ଶ୍ରୀରାମଚନ୍ଦ୍ର ସେହି ରାତ୍ରିରେ ଗୃହରେ ନବପରିଣୀତା ପତ୍ନୀ ସହିତ ଅବସ୍ଥାନ ନକରି କୌଣସି ବ୍ରାହ୍ମଣଗୃହକୁ ଯାଇ ଅଧୈର୍ଯ୍ୟ ହୃଦୟରେ ଆଚାର୍ଯ୍ୟଙ୍କ ଶ୍ରୀଚରଣଚିନ୍ତା କରିବାକୁ ଲାଗିଲେ ଏବଂ ରାତ୍ରି ପ୍ରଭାବ ହେବା ମାତ୍ରେକେହିଁ ଶ୍ରୀଳ ଆଚାର୍ଯ୍ୟପ୍ରଭୁଙ୍କ ନିକଟରେ ଉପସ୍ଥିତ ହୋଇ ତାହାଙ୍କୁ ''ଗୁରୁପଦେ'' ବରଣ କରିଲେ । ଗୁରୁଦେବଙ୍କ କୃପାରୁ ଶ୍ରୀଖଣ୍ଡବାସୀ ଶ୍ରୀରଘୁନନ୍ଦନଠାକୁରଙ୍କ ଆଦେଶରେ ଶ୍ରୀବୃନ୍ଦାବନକୁ ଗମନ କରି ଶ୍ରୀଳ ଗୋପାଳଭଟ୍ଟଗୋସ୍ୱାମୀ ପାଦ୍ ଓ ଶ୍ରୀଳ ଜୀବଗୋସ୍ୱାମୀପାଦ୍ ପ୍ରମୁଖ ଶ୍ରୀଗୌରପାର୍ଷଦ ଗୋସ୍ୱାମୀଗଣଙ୍କର କୃପାଲାଭ ଓ ସେମାନଙ୍କର କୃପାଶୀର୍ବାଦ ସ୍ୱରୂପ 'କବିରାଜ' ଆଖ୍ୟା ପ୍ରାପ୍ତ ହେଲେ । ପଦକର୍ତ୍ତା ଶ୍ରୀଯଦୁନନ୍ଦ ଦାସ ଗାଇଛନ୍ତି- *'ଦ୍ରୋଣାଚାର୍ଯ୍ୟ-ଶିଷ୍ୟମଧ୍ୟେ ଯେପରି ଫାଲ୍ଗୁନି । ତେମନି ରାମଚନ୍ଦ୍ରରେ ବୁଝହ ଅନୁମାନି ॥'*(କର୍ଣ୍ଣାନନ୍ଦ-୩।୨-୩୭)

ଶ୍ରୀରାମଚନ୍ଦ୍ରକବିରାଜଙ୍କ କନିଷ୍ଠଭ୍ରାତା ଶ୍ରୀଗୋବିନ୍ଦ ପୂର୍ବେ 'ଶକ୍ତି' ଉପାସକ ଥିଲେ । ସେ ମଧ୍ୟ ଜ୍ୟେଷ୍ଠ ଭ୍ରାତାଙ୍କ ସଙ୍ଗ ଓ କୃପା ଫଳରେ ଶ୍ରୀଶ୍ରୀନିବାସ ଆଚାର୍ଯ୍ୟ ପ୍ରଭୁଙ୍କ ଶିଷ୍ୟତ୍ୱ ଲାଭ କରି ଶ୍ରୀସଙ୍ଗୀତସାଧକ ନାଟକ' ରଚନା ଓ ବିଦ୍ୟାପତିଙ୍କର ଅସମ୍ପୂର୍ଣ୍ଣ ପଦ ପୂର୍ଣ୍ଣାଙ୍ଗ କରି, ଆଚାର୍ଯ୍ୟଠାକୁରଙ୍କ ନିକଟରୁ କବିରାଜ ଆଖ୍ୟା ପ୍ରାପ୍ତ ହୋଇଥିଲେ । ବନବିଷ୍ଣୁପୁରର ତଦାନୀନ୍ତନ ଦୁର୍ଦ୍ଦାନ୍ତ ଭୂମ୍ୟାଧିକାରୀ ମହାରାଜ 'ବୀରହାମ୍ବୀର' କିପରି ଶ୍ରୀବୃନ୍ଦାବନରୁ ଗୌଡ଼ଦେଶାଭିମୁଖେ ପ୍ରେରିତ ଗୋସ୍ୱାମୀ ଗ୍ରନ୍ଥଙ୍କ ମଞ୍ଜୁଷା ଅପହରଣ କରି ପରେ ଶ୍ରୀନିବାସ-ଆଚାର୍ଯ୍ୟପ୍ରଭୁଙ୍କ କୃପାଲାଭରେ ଧନ୍ୟ ଓ ଗୁରୁଦେବତାତ୍ମା ହୋଇ ବୈଷ୍ଣବ-ଜଗତର ସେବା କରିଥିଲେ, ତାହା ବୈଷ୍ଣବ-ଇତିହାସରେ ସୁପରିଚିତ ।

ଗୋୟସ-ଗ୍ରାମର ଜମିଦାର ଶିବାନନ୍ଦ ଆଚାର୍ଯ୍ୟଙ୍କ ଦୁଇ ପୁତ୍ର ଶ୍ରୀହରିରାମ ଓ ଶ୍ରୀରାମକୃଷ୍ଣ ପିତାଙ୍କ ଆଦେଶରେ ଦୁର୍ଗାପୂଜାର ଉତ୍ସବପାଇଁ ଛେଳି, ମେଣ୍ଢା ଓ ମଇଁଷି ଶାବକ କ୍ରୟ କରି ନେଇ ଯାଉଥିଲେ । ସେହି ସମୟରେ ଶ୍ରୀଳ ନରୋତ୍ତମଠାକୁର ମହାଶୟ ଓ ଶ୍ରୀରାମଚନ୍ଦ୍ର କବିରାଜ ପରସ୍ପର ହରିକଥା ଆଲୋଚନା କରି କରି ପଦ୍ମାବତୀ-ସ୍ନାନ ପାଇଁ ଯାଉଥିଲେ । ଉକ୍ତ ମହାଭାଗବତ ଦ୍ୱୟଙ୍କ ଶ୍ରୀମୁଖ-ବିଗଳିତ ଶ୍ରୀହରିକଥା ଶ୍ରବଣ କରି ଶାକ୍ତ-ଶିବାନନ୍ଦଙ୍କ ପୁତ୍ରଦ୍ୱୟଙ୍କ ଚିତ୍ତ ପରିବର୍ତ୍ତନ ହେଲା । ସେମାନେ ତତ୍‌କ୍ଷଣାତ୍ ଭବାନୀପୂଜା ଉଦ୍ଦେଶ୍ୟରେ ଆଣିଥିବା ଉପକରଣଗୁଡ଼ିକୁ ପରିତ୍ୟାଗ କରି ଦୁଇ ମହାଭାଗବତ ଶ୍ରେଷ୍ଠଙ୍କ ଶରଣାଗତ ହେଲେ । ଏମାନଙ୍କର ଆର୍ତ୍ତି ଓ ଶରଣାଗତି ଦର୍ଶନରେ ଶ୍ରୀଳ କବିରାଜ ଜ୍ୟେଷ୍ଠ ଶ୍ରୀହରିରାମଙ୍କୁ ଓ ଶ୍ରୀଳ ଠାକୁର ମହାଶୟ କନିଷ୍ଠ ଶ୍ରୀରାମକୃଷ୍ଣଙ୍କୁ ମନ୍ତ୍ର-ଦୀକ୍ଷା ପ୍ରଦାନ କରିଲେ । ଏହିପରି ଭାବରେ ଅନେକ ଘଟଣାରୁ ଜଣାପଡ଼େ ଅନେକ ନିତ୍ୟ ପରିକର ମାନଙ୍କ ଚରିତରେ

ଗୁରୁଶିଷ୍ୟ ପରୀକ୍ଷଣର ସମୟ ଏତେ ପ୍ରଶସ୍ତ ନୁହେଁ । ଦର୍ଶନ ମାତ୍ରକେ ଶ୍ରୀଗୁରୁଦେବଙ୍କ ସହିତ ସେମାନଙ୍କ ନିତ୍ୟ ସମ୍ବନ୍ଧର ଜାଗରଣ ଘଟିଥାଏ । ଶ୍ରୀଗୁରୁ ମଧ୍ୟ ନିଜ ଶିଷ୍ୟଙ୍କୁ ଚିହ୍ନିପାରି ଆତ୍ମସାତ୍ କରନ୍ତି କାରଣ ସେମାନଙ୍କର ସମ୍ବନ୍ଧ ନିତ୍ୟ ଓ ଶାଶ୍ୱତ । ନିତ୍ୟସିଦ୍ଧ ପାର୍ଷଦଙ୍କ ମଧ୍ୟରେ ଥିବା ଏହି ସିଦ୍ଧ ଗୁରୁ-ଶିଷ୍ୟ ସମ୍ବନ୍ଧ, ସାଧାରଣ ବଦ୍ଧଜୀବ ଓ ତାହାଙ୍କ ଉଦ୍ଧାରକର୍ତ୍ତା ବ୍ୟଷ୍ଟି-ଗୁରୁଦେବଙ୍କ ମଧ୍ୟରେ ଥିବା ସମ୍ବନ୍ଧ ପରି ନୁହେଁ – ଏହା ମଧ୍ୟରେ ବିଶେଷ ପାର୍ଥକ୍ୟ ଅଛି । ସେମାନେ ନିତ୍ୟସିଦ୍ଧ ପାର୍ଷଦ ଓ ଆଉ ଏହି ବଦ୍ଧଜୀବ ଅନାଦି ବର୍ହିମୁଖ, ନିତ୍ୟବଦ୍ଧ, ମାୟା-କବଳିତ, ତ୍ରିତାପଗ୍ରସ୍ତ, କାମକ୍ରୋଧାଦିରିପୁବଶ ଜୀବ ଏବଂ ଏହିପରି ବଦ୍ଧଜୀବକୁ କୃପା କରିବାପାଇଁ ଅଖଣ୍ଡ ସମଷ୍ଟି ଗୁରୁତତ୍ତ୍ୱ କୌଣସି ଶବ୍ଦବ୍ରହ୍ମ ଓ ପରବ୍ରହ୍ମ ନିଷ୍ଠ ଭକ୍ତଶ୍ରେଷ୍ଠଙ୍କ ଆଧାରରେ ଅନୁଗ୍ରାହିକା-ଶକ୍ତି ଅର୍ପଣ କରନ୍ତି । ତେଣୁ ଆମ୍ଭମାନଙ୍କ ପକ୍ଷରେ ଶ୍ରୀଗୁରୁକରଣ ପୂର୍ବେ ଗୁରୁ-ଶିଷ୍ୟଙ୍କ ଯଥୋଚିତ ପରୀକ୍ଷଣ ଏକାନ୍ତ ଅପରିହାର୍ଯ୍ୟ, ଯାହା ଉଭୟଙ୍କ ପକ୍ଷରେ ମଧ୍ୟ ହିତକର ।

ଗୋସ୍ୱାମୀଗଣଙ୍କର ମତାନୁସାରେ ଶ୍ରୀରାଧାଗୋବିନ୍ଦଙ୍କ ସେବା ପ୍ରାପ୍ତିର ଲାଳସା ପୋଷଣ କରୁଥିବା ସାଧକ ନିଜ ଅଭିରୁଚି ମୁତାବକ ତାଦୃଶ ମହତଙ୍କ ଶ୍ରୀଚରଣ ସାନିଧ୍ୟେ ଗମନ ପୂର୍ବକ ତାହାଙ୍କୁ ନିଜ ସର୍ବସ୍ୱ ସମର୍ପଣ କରି ତାହାଙ୍କ ଶ୍ରୀଚରଣ ସେବାରେ ଦିବାନିଶି ମଗ୍ନ ରହିବାକୁ ହେବ । କାୟ-ବାକ୍ୟ-ମନ ଦ୍ୱାରା ତାହାଙ୍କ ପ୍ରତିବିଧାନ ନିମିତ୍ତ ତତ୍ପର ହେବାକୁ ପଡ଼ିବ । ଅନ୍ତତଃ ଏକବର୍ଷ ସଦୈନ୍ୟ ଭାବରେ ସେବାକରି ଉକ୍ତ ମହତଙ୍କ ଆଦେଶର ଅପେକ୍ଷାରେ ଉତ୍କଣ୍ଠିତ ରହିବାକୁ ହେବ । ନିଜକୁ ଭବସଂସାରରୁ ଉଦ୍ଧାର କରି ଶ୍ରୀରାଧାଗୋବିନ୍ଦଙ୍କ ସେବା ପ୍ରଦାନ କରାଇ ପାରିବାର ଶକ୍ତି-ସାମର୍ଥ୍ୟ ଏହି ମହତଙ୍କ ନିକଟରେ ବିଦ୍ୟମାନ୍ ଅଛି କି ନାହିଁ, ଅର୍ଥାତ୍ ଶ୍ରୀଗୁରୁଦେବ ରୂପେ ବରଣ କରିବାର ଯୋଗ୍ୟତା ଏହାଙ୍କ ନିକଟରେ ଅଛି କି ନାହିଁ, ଏହା ସୁସ୍ଥିର କରିବାପାଇଁହିଁ ଏହି ପ୍ରଶସ୍ତ ସମୟର ଆବଶ୍ୟକତା । ସଦ୍‌ଗୁଣର ଅନୁସନ୍ଧାନରେ ତାହାଙ୍କ ଦୋଷ ଦର୍ଶନ ଓ ଏହାର ଚର୍ଚ୍ଚା କରିଲେ କିନ୍ତୁ ଫଳ ବିପରୀତ ହିଁ ହେବ, ବୈଷ୍ଣବ-ଅପରାଧରେ ଅଧୋପତନ ହିଁ ସାର ହେବ । ସଦୈନ୍ୟତା ପୂର୍ଣ୍ଣ ନିଷ୍କପଟ ସେବାରେ ସାଧକ ସ୍ୱୟଂ ଚୈତ୍ୟଗୁରୁଙ୍କ ହୃଦ୍‌ପ୍ରେରଣାରୁ ଏହି ବିଷୟ ସ୍ଥିର କରିବାରେ ସକ୍ଷମ ହେବେ । 'ଏହି ମହତହିଁ ସମସ୍ତ ବୈଷ୍ଣବସଦାଚାର ସମ୍ମତ ଏବଂ ଇଏହିଁ ମୋତେ ଭବସଂସାର ପାରକରାଇ, ଯୁଗଳକିଶୋରଙ୍କ ସେବାଧିକାର ପ୍ରଦାନ କରିପାରିବେ' – ଏଇ ଆଶା – ଭରସା ଯଦି ସାଧକ ହୃଦୟରେ ଦୃଢ଼ବଦ୍ଧ ହୋଇଯାଏ, ତେବେ ସାଧକ ସଦୈନ୍ୟ ଭାବରେ ତାହାଙ୍କ ସେବାରେ ନିରତ ରହି ଉକ୍ତ ମହତଙ୍କ ଅନୁକମ୍ପା ଭିକ୍ଷା ପାଇଁ ପ୍ରତ୍ୟାଶୀ ହେବେ । ଉକ୍ତ ମହତ୍ ସାଧକର ମନୋଗତ ବିମଳ ଭାବ ହୃଦୟଙ୍ଗମ କରି କରୁଣା ବଶତଃ ତାହାକୁ ନିଜ ଶିଷ୍ୟ ରୂପେ ବରଣ ପୂର୍ବକ ମନ୍ତ୍ରୋପଦେଶ କରି କୃତାର୍ଥ କରିବେ । ସାଧକର ଯେଉଁ ସମସ୍ତ ସଂଶୟ ବା ଯେଉଁ କିଛି ପରୀକ୍ଷଣ ତାହା ଶ୍ରୀଗୁରୁ ଗ୍ରହଣ ପୂର୍ବେହିଁ କରଣୀୟ କିନ୍ତୁ ଶ୍ରୀଗୁରୁପାଦାଶ୍ରୟପରେ ଏହି ସମସ୍ତ ବିଷୟର ଅନୁସନ୍ଧାନରେ ଶ୍ରୀଭଗବତ୍ ଅଭିନ୍ନବିଗ୍ରହ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ବିଷମ ଅପରାଧ ଫଳରେ ଅଧୋପତନ ସୁନିଶ୍ଚିତ । ଶ୍ରୀଗୁରୁଦେବ ସିଦ୍ଧ ଆମ୍ନାୟିକ ଗୁରୁପରମ୍ପରାରେ ଆସୁଅଛନ୍ତି କି ନାହିଁ, ସେ ଗୋସ୍ୱାମୀବର୍ଗଙ୍କର ବୈଷ୍ଣବସିଦ୍ଧାନ୍ତ ପଥର ପଥିକ କି ନୁହେଁ, ତାହାଙ୍କର ପ୍ରତ୍ୟେକଟି ଆଚାର, ବିଚାର, କାର୍ଯ୍ୟ କଳାପ ବୈଷ୍ଣବ ଶାସ୍ତ୍ର ସମ୍ମତ କି ନୁହେଁ ଏବଂ ପରିଶେଷରେ ସେ

ମୋତେ ଭଗବତ୍‌ସାକ୍ଷାତ୍‌କାର କରାଇବାରେ ସମର୍ଥ ହେବେ ନା ନାହିଁ – ଏହି ସମସ୍ତ ପରୀକ୍ଷା ଦୀକ୍ଷାଗ୍ରହଣ ପୂର୍ବେହିଁ କରଣୀୟ, କିନ୍ତୁ ପରେ ଏହି ସମସ୍ତ ବିଷୟରେ ଏକ ସାମାନ୍ୟତମ୍ ବିପରୀତ ସନ୍ଦେହର ଉଦ୍ରେକରେହିଁ ଶ୍ରୀଭଗବାନଙ୍କ ଆବେଶବତାର ଶ୍ରୀଗୁରୁଦେବଙ୍କ ଅଭୟ ଅଶୋକ ଶ୍ରୀଚରଣରେ ସଂଶୟ ଜନିତ ମହଦପରାଧରେ ନର୍କଗତି ଅବଶ୍ୟମ୍ଭାବୀ ।

ଏହି ଗୁରୁ–ଶିଷ୍ୟ ପରୀକ୍ଷଣ ବିଷୟରେ ଖେତୁରୀର ରାଜା ଶ୍ରୀକୃଷ୍ଣାନନ୍ଦ ଦତ୍ତଙ୍କ ଆତ୍ମଜ (ପୁତ୍ର) ଶ୍ରୀନରୋତ୍ତମଠାକୁର ମହାଶୟଙ୍କ ଶ୍ରୀଗୁରୁପାଦପଦ୍ମଙ୍କ ଆଶ୍ରୟ ଓ ଅକୃତ୍ରିମ ଗୁରୁଶୁଶ୍ରୂଷାର ଆଦର୍ଶ ସମସ୍ତଙ୍କ ପକ୍ଷରେ ଶିକ୍ଷଣୀୟ । ଶ୍ରୀବୃନ୍ଦାବନରେ ଶ୍ରୀନରୋତ୍ତମ, ଶ୍ରୀଜୀବଗୋସ୍ୱାମୀପାଦଙ୍କୁ ଶ୍ରବଣଗୁରୁ ବା ଶିକ୍ଷାଗୁରୁ ରୂପେ ଲାଭ କରି ତାହାଙ୍କ କୃପାରେ ଶ୍ରୀକୃଷ୍ଣଚୈତନ୍ୟ ଦେବଙ୍କ ପରିକର ଶ୍ରୀଲୋକନାଥ ଗୋସ୍ୱାମୀପାଦ୍‌ଙ୍କ ନିକଟରୁ ଦୀକ୍ଷା ମନ୍ତ୍ର ଲାଭ କରିବାପାଇଁ ବ୍ୟାକୁଳ ହେଲେ । ତାହା ପୂର୍ବେହିଁ ଶ୍ରୀନରୋତ୍ତମଙ୍କ ହୃଦୟରେ ଶ୍ରୀଗୌରହରି ପ୍ରବିଷ୍ଟ ହୋଇଥିଲେ । ତଥାପି ଲୋକଶିକ୍ଷାକଳ୍ପେ ସେ ଶ୍ରୀଲୋକନାଥଗୋସ୍ୱାମି ପାଦ୍‌ଙ୍କ ନିକଟରେ ଦୀକ୍ଷାମନ୍ତ୍ର ପ୍ରାର୍ଥନା କରିଲେ । ଶ୍ରୀଲୋକନାଥ କହିଲେ, –'ସାକ୍ଷାତ୍ ପ୍ରେମମୟ–ବିଗ୍ରହ ଶ୍ରୀଗୌରସୁନ୍ଦର ଯାହାଙ୍କୁ (ଶ୍ରୀନରୋତ୍ତମ) ପ୍ରେମଦାନ କରିଅଛନ୍ତି, ତାହାଙ୍କର ଆଉ ଗୁରୁକରଣର ଆବଶ୍ୟକତା କଣ ? ପ୍ରେମହିଁ ଜୀବର ଏକମାତ୍ର ସାଧ୍ୟ ସେହି ସାଧ୍ୟ ଭକ୍ତି ଲାଭ କରି ତୁମେ ଧନ୍ୟ ହୋଇଅଛ ।' ଶ୍ରୀଲୋକନାଥ ଗୋସ୍ୱାମୀଙ୍କ ଏହି କଥା ଶୁଣି ଶ୍ରୀନରୋତ୍ତମ ଅତୀବ ଦୈନ୍ୟତାର ସହିତ କହିଥିଲେ, (ପ୍ରେମବିଳାସ–୧୧ବିଳାସ) –

"ପ୍ରଭୁ, ମୁଇଁ ଅତି ଦୀନ । ଅପନାର ଯେଇ ଆଜ୍ଞା ସେଇ ସେ ପ୍ରବୀଣ ॥
ସାକ୍ଷାତେ କରିତେ, ପ୍ରଭୁ, ମନେ ବାସୋଁ ଭୟ । ପୁନ ନିବେଦନ କରୋଁ, ଯଦି ଆଜ୍ଞା ହୟ ॥
ଆପନେ ଚୈତନ୍ୟ କଲିଯୁଗେ ଅବତରି । ଚଣ୍ଡାଳ–ଯବନ–ଆଦି ସକଳ ଉଦ୍ଧାରି ॥
ତେହୋଁ ଜଗଦ୍‌ଗୁରୁ–ତାଁରେ ସେବେ ସର୍ବଜନ । ତଥାପି କରିଲ ତିହୋଁ ମର୍ଯ୍ୟାଦା ସ୍ଥାପନ ॥
ଆପନେ କରିଲା ଗୁରୁ–ଧର୍ମ ସଂସ୍ଥାପନ । ସେଇମତ ପାରିଷଦ–ଯତ ପ୍ରଭୁର ଗଣ ॥
ଗୁରୁ ଆଜ୍ଞା ଶିଷ୍ୟ ପ୍ରତି ଯେଇ ଆଜ୍ଞା କରେ । ପ୍ରାପ୍ୟ ପ୍ରାପ୍ତି ହୟ ତା'ର ବାକ୍ୟ ଅନୁସାରେ ॥
ଗୁରୁ ଆଜ୍ଞା ନାହିଁ ମୋରେ କି କହିବ କଥା । କର୍ତ୍ତବ୍ୟାକର୍ତ୍ତବ୍ୟ କିବା ଜାନିବ ସର୍ବଥା ॥"

ଶ୍ରୀପାଦ୍ ଲୋକନାଥ ଗୋସ୍ୱାମୀ କହିଲେ –"ଆଚ୍ଛା ତେବେ ଠିକ୍, ଶାସ୍ତ୍ରରେ ଆଜ୍ଞା ଅଛି ଯେ, –ଅନ୍ତତଃ ଏକ ବର୍ଷ ପରୀକ୍ଷା କରି ମନ୍ତ୍ରଗ୍ରହଣ ଓ ମନ୍ତ୍ର ପ୍ରଦାନ କରିବା କର୍ତ୍ତବ୍ୟ" ଅବଶେଷରେ ଶ୍ରୀଳ ଲୋକନାଥ ଗୋସ୍ୱାମୀ ଶ୍ରୀଳନରୋତ୍ତମଙ୍କୁ ଷୋଳନାମ ବତ୍ରିଶାକ୍ଷର ମହାମନ୍ତ୍ର ପ୍ରଦାନ କରିଲେ ଏବଂ କହିଲେ, – "ଶ୍ରୀମନ୍ମହାପ୍ରଭୁଙ୍କର ଆଦେଶ ଏହିଯେ – ସମସ୍ତ ଜୀବଙ୍କ ମଙ୍ଗଳ ପାଇଁ ଶ୍ରୀହରିନାମ ପ୍ରଦାନ କରିବାକୁ ହେବ । ଶ୍ରୀକୃଷ୍ଣନାମରେ ଜୀବର ଅବିଦ୍ୟା ବନ୍ଧନ–ମୋଚନ ଓ ଶ୍ରୀକୃଷ୍ଣପ୍ରେମ ଲାଭ ହୁଏ । ଯିଏ ସଦ୍‌ଗୁରୁ ସେ ଶାସ୍ତ୍ରର ନିର୍ଦ୍ଦେଶାନୁସାରେ କାର୍ଯ୍ୟ କରିବେ । ଶିଷ୍ୟ ମଧ୍ୟ ଏକବର୍ଷକାଳ ଶ୍ରୀଗୁରୁଦେବଙ୍କ ଆଚରଣ ସେବୋନ୍ମୁଖ–ଚିତ୍ତରେ ନିରୀକ୍ଷଣ କରି ତାହାଙ୍କ ମହତ୍ତ୍ୱ ଅନୁଭବ କରିବେ । ଶ୍ରୀଗୁରୁଦେବଙ୍କ ସହିତ ରହି ଶ୍ରୀହରିନାମ ସାଧନ କରି କରି ବୈଷ୍ଣବଙ୍କ ସେବାଦର୍ଶ–ଅନୁସରଣରେ ହିଁ ଲୋଭ ହେବ । ଶ୍ରୀଗୁରୁପାଦପଦ୍ମରେ ପ୍ରଗାଢ଼ରତି ନହେଲେ ଜୀବର ଦୁର୍ଗତି କେବେ ମଧ୍ୟ ଦୂର ହୁଏନା । ଶ୍ରୀମନ୍ମହାପ୍ରଭୁ ବହୁଶିଷ୍ୟ

କରିବାକୁ ନିଷେଧ କରିଅଛନ୍ତି । ଶ୍ରୀକୃଷ୍ଣନାମରେ ରତି ହେଲେ ହିଁ ସର୍ବସିଦ୍ଧି ହୁଏ ।"

ଶ୍ରୀନରୋତ୍ତମ ଶ୍ରୀଳ ଲୋକନାଥଙ୍କ ନିକଟରୁ ଶ୍ରୀହରିନାମୋପଦେଶ ଲାଭ କରି ଦିବାରାତ୍ର ନିର୍ଜ୍ଜନରେ ବସି ଅପତିତଭାବରେ ଦୁଇଲକ୍ଷ ଶ୍ରୀହରିନାମ ଗ୍ରହଣ କରିବାକୁ ଲାଗିଲେ । ସାରା ରାତ୍ର ଜାଗରଣ କରି ସଂଖ୍ୟା-ନାମ ପୂରଣ କରନ୍ତି ଏବଂ ପ୍ରଭାତରେ ଆସି ସାଷ୍ଟାଙ୍ଗ ଦଣ୍ଡବତ ପ୍ରଣାମ କରି ନିରନ୍ତର ଶ୍ରୀଗୁରୁଦେବଙ୍କ ସେବାପାଇଁ କୋଟିପ୍ରାଣରେ ଉନ୍ମୁଖ ହୋଇ ରହିଥାଆନ୍ତି । ଶ୍ରୀଗୁରୁଦେବଙ୍କ ଉପଦେଶ ଶ୍ରବଣ, ଶ୍ରୀଚରଣ ସେବନ, ଶ୍ରୀଗୁରୁଦେବଙ୍କ ଆଜ୍ଞାନୁସାରେ ଶ୍ରୀବୃନ୍ଦାବନରେ ଶ୍ରୀକୃଷ୍ଣଲୀଳାସ୍ଥାନ-ସମୂହ ଦର୍ଶନ ଏବଂ କେବେ କେବେ ପାତ୍ରାବଶେଷ (ଅଧରାମୃତ) ସେବନ କରନ୍ତି । କେବେ କେବେ ଶ୍ରୀଳ ଜୀବଗୋସ୍ୱାମୀପାଦ୍‌ଙ୍କ ସହିତ ଇଷ୍ଟଗୋଷ୍ଠୀ ଏବଂ ତାହାଙ୍କ ଶ୍ରୀମୁଖରେ (ଶ୍ରୀକୃଷ୍ଣ ଲୀଳାକଥା ଶ୍ରବଣ କରି ପ୍ରେମ-ସମୁଦ୍ରରେ ଭାସନ୍ତି । ଶ୍ରୀଳ ନରୋତ୍ତମ ପ୍ରତ୍ୟହ ରାତ୍ରିଶେଷରେ ନିୟମ କରି ଗୋଟିଏ ସେବା କରିବାକୁ ଲାଗିଲେ । ଯେଉଁ ସ୍ଥାନରେ ଶ୍ରୀଳଲୋକନାଥଗୋସ୍ୱାମୀପାଦ୍ ବହିର୍ଦ୍ଦେଶ ଗମନ କରନ୍ତି (ଶୌଚ ଯାଆନ୍ତି) ସେଠାକୁ ଗମନ କରି ଶ୍ରୀଳ ନରୋତ୍ତମ ବିଶେଷଭାବରେ ସେହି ସ୍ଥାନଟିକୁ ସଂସ୍କାର କରନ୍ତି ଏବଂ ଶୌଚ ପାଇଁ ମୃତ୍ତିକା ଛାଣି ଆଣି ସଯତ୍ନରେ ରକ୍ଷଣ କରନ୍ତି । ରାତ୍ରିଶେଷରେ ଶ୍ରୀଳ ଲୋକନାଥ ବହିର୍ଦ୍ଦେଶ ଗମନ କରିବାପୂର୍ବେହିଁ ଶ୍ରୀନରୋତ୍ତମ ସମସ୍ତ ସଂସ୍କାର-କାର୍ଯ୍ୟ ଶେଷକରି ପୁନର୍ବାର ନିଜର ସମ୍ମାର୍ଜନୀଟି (ଝାଡୁ) ରଖିଦିଅନ୍ତି । ସେ ଏହିପରି ସେବା କରି ନିଜ ଶରୀରକୁ ଧନ୍ୟ ଓ ସାର୍ଥକ ମନେ କରନ୍ତି, ପ୍ରଭୁଙ୍କ ଶ୍ରୀଚରଣଧୂଳିହିଁ ତାହାଙ୍କ ଏକମାତ୍ର ବଳ,-ଏହା ବିଚାର କରି ଝାଡୁଟିକୁ ବକ୍ଷରେ ଧାରଣ କରି ପ୍ରେମଭରେ କ୍ରନ୍ଦନ କରନ୍ତି ।

'ପ୍ରତ୍ୟହ କିଏ ଏହିପରି ଗୁପ୍ତଭାବରେ ରାତ୍ରିଶେଷରେ ସେବାକରି ଯାଉଛନ୍ତି, କାହିଁକି ଅବା ଏହିପରି ସେବା କରୁଅଛନ୍ତି, କିପରି ଭାବେ ଅବା ଅପରର ସେବା ଗ୍ରହଣରୂପ ସମ୍ଭୋଗ ନୀରବରେ ସହ୍ୟ କରିବି, ବିଶେଷତଃ ଏହି ଶ୍ରୀବୃନ୍ଦାବନରେ ଶ୍ରୀବ୍ରଜବାସୀଗଣଙ୍କର ସେବା ଗ୍ରହଣ କରିବା ପରି ଗୁରୁତର ଅପରାଧ ଆଉ କିଛି ମଧ୍ୟ ନାହିଁ, ଏହିପରି ଚିନ୍ତାକରି କରି ଶ୍ରୀଳ ଲୋକନାଥ ଗୋସ୍ୱାମିପାଦ୍ ମନୋଦୁଃଖରେ ଓ ଦୈନ୍ୟରେ ଦିନେ ରାତି ଥାଉଁ ଥାଉଁ ବହିର୍ଦ୍ଦେଶ ଗମନ କରି ରାଜା ଶ୍ରୀକୃଷ୍ଣାନନ୍ଦଙ୍କ ପୁତ୍ର ଶ୍ରୀନରୋତ୍ତମଙ୍କୁ ଦେଖିବାକୁ ପାଇଲେ । ଶ୍ରୀନରୋତ୍ତମ ସକାତରରେ ଶ୍ରୀଳ ଲୋକନାଥ ଗୋସ୍ୱାମୀପାଦ୍‌ଙ୍କ ନିତ୍ୟ-କୈଙ୍କର୍ଯ୍ୟ ପ୍ରାର୍ଥନା କରିବାରୁ ଶ୍ରୀଲୋକନାଥ ସନ୍ତୁଷ୍ଟ ହୋଇ ଶ୍ରୀନରୋତ୍ତମଙ୍କୁ ଶ୍ରୀଯମୁନାରେ ସ୍ନାନ କରି କାମ-ବୀଜ ଓ କାମ-ଗାୟତ୍ରୀ ଦୀକ୍ଷାଦାନ ଏବଂ କ୍ରମେ ଭଜନଶିକ୍ଷା ଦେଲେ ।

ଏହି ଗୁରୁ-ଶିଷ୍ୟ ପରୀକ୍ଷଣ ପ୍ରସଙ୍ଗରେ ଦେଖିବାକୁ ମିଳେ - ଶ୍ରୀନିମ୍ବାର୍କ ସମ୍ପ୍ରଦାୟର ସିଦ୍ଧ ଆଚାର୍ଯ୍ୟ ଶ୍ରୀହରିବ୍ୟାସଜୀ, ଯେତେବେଳେ ଶ୍ରୀଗୋବର୍ଦ୍ଧନ ତଟାଶ୍ରୟୀ ପରମସିଦ୍ଧ ଶ୍ରୀଭଟ୍ଟଜୀଙ୍କ ଶ୍ରୀଚରଣାଶ୍ରୟ ନିମନ୍ତେ ତାହାଙ୍କ ନିକଟକୁ ଅନୁଗମନ କରି ନିବେଦନ ଜ୍ଞାପନ କରିଲେ, ସେତେବେଳେ ଶ୍ରୀଭଟ୍ଟଜୀ ତାହାଙ୍କୁ ପଚାରିଲେ ତୁମେ କଣ ଦେଖୁଅଛ ? ଶ୍ରୀହରିବ୍ୟାସଜୀ ସବିନୟରେ କହିଲେ - ଶ୍ରୀଗୁରୁଦେବ ! ମୁଁ କେବଳ ଆପଣଙ୍କୁ ଶାନ୍ତସୌମ୍ୟ ଭାବରେ ଉପବେଶନ କରୁଥିବାର ଦେଖୁଛି । ଶ୍ରୀଭଟ୍ଟଜୀ କହିଲେ କଣ ଆଉ କିଛି ଦେଖିବାକୁ ପାଉନାହଁ । ଶ୍ରୀହରିବ୍ୟାସଜୀ କହିଲେ, ନା ମୁଁ ଅନ୍ୟକିଛି ଦେଖିବାକୁ ପାଉନାହିଁ ? ଏହା

ଶ୍ରବଣକରି ଶ୍ରୀଭଟ୍ଟଜୀ କହିଲେ, ଯାଅ, ପ୍ରଥମେ ବାରବର୍ଷ ଅଖଣ୍ଡ ଶ୍ରୀଗୋବର୍ଦ୍ଧନ ପରିକ୍ରମା କରି ତତ୍‌ପଶ୍ଚାତ୍ ମୋ ପାଖକୁ ଆସିବ । ଶ୍ରୀଗୁରୁ କୃପାମୃତର ପ୍ରତ୍ୟାଶୀ ଶ୍ରୀହରିବ୍ୟାସଜୀ ଅଖଣ୍ଡ ଭାବରେ ବାରବର୍ଷ ଶ୍ରୀଗୋବର୍ଦ୍ଧନ ପରିକ୍ରମା କରିବାପରେ, ଯେତେବେଳେ ପୁନଃ ଶ୍ରୀଭଟ୍ଟଜୀଙ୍କ ସାନ୍ନିଧରେ ଉପସ୍ଥିତ ହେଲେ ସେତେବେଳେ ପୂର୍ବପରି ଶ୍ରୀଭଟ୍ଟଜୀ ପଚାରିଲେ ବର୍ତ୍ତମାନ୍ କଣ ଦେଖୁଅଛ । ଶ୍ରୀହରିବ୍ୟାସଜୀ ନିଷ୍କପଟରେ କହିଲେ – ମୁଁ ଆପଣଙ୍କ ବ୍ୟତୀତ ଆଉକିଛି ମଧ୍ୟ ଦେଖୁନାହିଁ । ଶ୍ରୀଭଟ୍ଟଜୀ କହିଲେ ତେବେ ଶୁଣ, ତୁମେ ଆଉ ବାରବର୍ଷ ଅଖଣ୍ଡ ଶ୍ରୀଗିରିରାଜ ପରିକ୍ରମା କରି ମୋ ପାଖକୁ ଆସିବ । ଶ୍ରୀଗୁରୁବାକ୍ୟାଦେଶରେ ଅଖଣ୍ଡ ବିଶ୍ୱାସ ପୋଷଣକାରୀ ଶ୍ରୀହରିବ୍ୟାସଜୀ ଶ୍ରୀଗୁରୁଦେବଙ୍କ କରୁଣାବିଗଳିତ ନିର୍ବିକାର ଓ ଅମ୍ଳାନ ହୃଦୟରେ ପୁନଃ ବାରବର୍ଷ ଶ୍ରୀଗିରିରାଜ ପରିକ୍ରମା କରିବାପରେ ଯେତେବେଳେ ସମୁଖୋପସ୍ଥିତ ହେଲେ ସେତେବେଳେ ପୁନଃ ଶ୍ରୀଭଟ୍ଟଜୀ ପଚାରିଲେ ତୁମେ ବର୍ତ୍ତମାନ୍ କଣ ଦେଖୁଅଛ ? ଗୁରୁଦେବଙ୍କ କୃପାପ୍ରାପ୍ତ ଶ୍ରୀହରିବ୍ୟାସଜୀ ସେତେବେଳେ ଦେଖିବାକୁ ପାଇଲେ ଶ୍ରୀଭଟ୍ଟଜୀଙ୍କ କୋଳରେ ଶ୍ରୀପ୍ରିୟତମ–ପ୍ରିୟତମା ବସି ଲୀଳା ବିଳାସ କରୁଅଛନ୍ତି । ଶ୍ରୀହରିବ୍ୟାସଜୀ ଏହିକଥା ଜ୍ଞାପନ କରିବାରୁ ଶ୍ରୀଭଟ୍ଟଜୀ ଅତିଶୟ ପ୍ରସନ୍ନ ହୋଇ ତାହାଙ୍କୁ ଦୀକ୍ଷା ପ୍ରଦାନ କରି କୃତାର୍ଥ କରିଲେ ।

ସେହିପରି ଲାଲାବାବୁଙ୍କ ଜୀବନୀରେ ମଧ୍ୟ ଦେଖିବାକୁ ମିଳେ – ଯେ ଲାଲାବାବୁ ଶ୍ରୀଗୋବର୍ଦ୍ଧନର ସିଦ୍ଧ ଶ୍ରୀକୃଷ୍ଣଦାସ ବାବାଜୀ ମହାରାଜଙ୍କ ନିକଟରେ ମନ୍ତ୍ରଗ୍ରହଣର ପ୍ରାର୍ଥନା ଜଣାଇବାରୁ ସିଦ୍ଧବାବା ତାହାଙ୍କୁ ପ୍ରଥମେ ଦୁଇବର୍ଷ ଗୋ–ମଇଁଷିଙ୍କ ମଳରେ ବାହାରୁଥିବା ଗହମ ଖାଇ ଜୀବିକା ନିର୍ବାହ କରି ତତ୍‌ପଶ୍ଚାତ୍ ଦୀକ୍ଷା ଗ୍ରହଣ କରିବାର ପରାମର୍ଶ ଦେଇଥିଲେ । ଶ୍ରୀଗୁରୁଦେବଙ୍କ ଏହି ବାକ୍ୟାଦେଶ ଶିରୋଧାର୍ଯ୍ୟ କରି ଏହିପରି ଭାବରେ ଦୁଇବର୍ଷ ଉଦରପୋଷଣ କରିବା ପରେହିଁ ସିଦ୍ଧବାବାଙ୍କ ଶ୍ରୀଚରଣାଶ୍ରୟ ଲାଭେ ଧନ୍ୟ ହୋଇଥିଲେ । ବାସ୍ତବରେ ଶ୍ରୀଗୁରୁଦେବଙ୍କର ଏହି ପରୀକ୍ଷା–ନିରୀକ୍ଷା ଶିଷ୍ୟର ଦୈନ୍ୟତା, ଅଭିମାନଶୂନ୍ୟତା, ସ୍ୱାର୍ଥତ୍ୟାଗ, ଗୁରୁନିଷ୍ଠତା ବୃଦ୍ଧି ପାଇଁହିଁ ଉଦ୍ଦିଷ୍ଟ ।

ନିତ୍ୟସିଦ୍ଧ ଭଗବଦୁନ୍ମୁଖ ବ୍ୟକ୍ତି ବ୍ୟତୀତ ଅପରଙ୍କ ପକ୍ଷରେ ଶାସ୍ତ୍ର–ଶାସନାନୁଯାୟୀ ଗୁରୁ ଓ ଶିଷ୍ୟର ପରୀକ୍ଷଣ ବିଧି ସ୍ୱୀକାର କରିବାହିଁ କର୍ତ୍ତବ୍ୟ । ନିତ୍ୟସିଦ୍ଧ ଶ୍ରୀଗୌରପରିକର ହୋଇ ମଧ୍ୟ ଶ୍ରୀଲୋକନାଥଗୋସ୍ୱାମୀପାଦ୍ ଓ ଶ୍ରୀଳନରୋତ୍ତମଠାକୁର ମହାଶୟ ଏହି ଶିକ୍ଷାଦାନ କରିଯାଇଅଛନ୍ତି । ଅତଏବ ଏହି ଶାସ୍ତ୍ର ନିୟମ ଅନୁକରଣ କରିବାହିଁ ମଙ୍ଗଳକାମୀ ଜୀବର କର୍ତ୍ତବ୍ୟ । ଯଦି (ଗୁରୁକରଣ ପୂର୍ବେ) ସେହି ମହତଙ୍କ ଶ୍ରୀଚରଣତରୀରେ ସାଧକ ନିଜ ଭବସଂସାର ପାରହେବାର ସମଗ୍ର ଆସ୍ଥା ସ୍ଥାପନ ନକରିପାରେ, ଅର୍ଥାତ୍ ସେହି ଶ୍ରୀଚରଣରେ ଯଦି ସାଧକ ସମ୍ପୂର୍ଣ୍ଣ ବିଶ୍ୱାସ ପୋଷଣ ନକରିପାରେ ତେବେ ସଦୈନ୍ୟ ବଶତଃ ଉକ୍ତ ମହତଙ୍କ ସେବା ଲାଭେ ନିଜକୁ ଧନ୍ୟ ମନେ କରି ତାହାଙ୍କ ଦୋଷ ଦର୍ଶନରୁ ବିରତ ହୋଇ ତାହାଙ୍କ ଅନୁଗ୍ରହ ଓ ଆଶୀର୍ବାଦ ଭିକ୍ଷା କରି ନିଜ ଅଭିରୁଚି ସମ୍ପନ୍ନ ଅନ୍ୟ ମହତଙ୍କ ଅନ୍ୱେଷଣରେ ଉନ୍ମୁଖୀ ହେବେ । ତଦନୁରୂପ କୌଣସି ମହତ, ସମାଗତ କୌଣସି ଭଜନଲିପ୍ସୁ ସାଧକକୁ ଶିଷ୍ୟରୂପେ ଅଙ୍ଗୀକାର କରିବା ପୂର୍ବେ ଏକ ବର୍ଷ ସମୟ ଧରି ସାଧକର ସଦାଚାର, ନିଷ୍ଠା, ଶ୍ରୀଗୁରୁଚରଣରେ ଅନନ୍ୟଭକ୍ତି ଓ ସୁଦୃଢ଼ ବିଶ୍ୱାସ ଆଦି ଗୁଣ ସମୂହ ପରୀକ୍ଷା କରିବେ । କ୍ରିୟା–ବିକ୍ରିୟା, ତାଡ଼ନ–ଭର୍ତ୍ସନ ଆଦି

ମଧ୍ୟ ଯଦି ସାଧକର ଶ୍ରୀଗୁରୁଚରଣରେ ଐକାନ୍ତିକ ନିଷ୍ଠାକୁ ବିଚଳିତ କରିପାରୁନାହିଁ ତେବେହିଁ ସେ ଶିଷ୍ୟତ୍ୱରେ ଗ୍ରହଣ ଯୋଗ୍ୟ । ଯେପରି ଏକ ଧନ୍ୟାଢ୍ୟ ବ୍ୟକ୍ତି ନିଜପୁତ୍ରକୁ ଯୋଗ୍ୟ ନହେଲା ପର୍ଯ୍ୟନ୍ତ ନିଜ ଧନସମ୍ପତ୍ତିର ଉତ୍ତରାଧିକାରୀ କରନ୍ତି ନାହିଁ ତଦ୍ରୂପ ଏହି ସାଧଶିରୋମଣି ପ୍ରଦାତା ନାମ-ମନ୍ତ୍ର ରୂପି ଚିନ୍ତାମଣିକୁ (ଭଜନ ସମ୍ପତ୍ତିକୁ) ଧାରଣ କରି ରଖିବାର (ସଂରକ୍ଷଣର) ଯୋଗ୍ୟତା ପରୀକ୍ଷା କରିବାପରେ ହିଁ ସାଧକକୁ ମନ୍ତ୍ରୋପଦେଶ କର୍ତ୍ତବ୍ୟ ଅଟେ ।

ବିଶେଷତଃ ଏହି ଘୋର କଳିରେ ଜୀବର ଅନ୍ତଃକରଣ ଅତିମାତ୍ରାରେ ବିଷୟ ଦୂଷିତ ହୋଇଅଛି । ଇନ୍ଦ୍ରିୟତର୍ପଣରେ ନିରତ ଚିତ୍ତବୃତ୍ତି ଶ୍ରୀଭଗବତ୍ ପଦାରବିନ୍ଦ ସେବାଧିକାର ପ୍ରଦାତା ଶ୍ରୀଗୁରୁବୈଷ୍ଣବଙ୍କର ଯୋଗ୍ୟତା ପରୀକ୍ଷଣରେ ଅବା ସମ୍ଭବ ହେବ କିପରି ? ସ୍ୱୟଂ ନିଜର ହିତାହିତ ବସ୍ତୁର ନିର୍ଣ୍ଣୟରେ ଜୀବ ଅସମର୍ଥ, ନିଗୂଢ଼ ଲୀଳା ବିଳାସୀ-ଭାବଗମ୍ଭୀର ବୈଷ୍ଣବଙ୍କ କ୍ରିୟାକଳାପର ହୃଦୟଙ୍ଗମ କରିବାକୁ କିପରି ସମର୍ଥ ହେବ ? *'ବୈଷ୍ଣବର କ୍ରିୟା-ମୁଦ୍ରା ବିଜ୍ଞେ ନା ବୁଝୟ'* – ଆଉ ଛାର କଳିହତ ସମ୍ଭୋଗମଦମତ୍ତ ଜୀବ ଅବା କେଉଁଠି ? ପୁନଃ ଯଦି ଏହି ଭଗବଦ୍ ବହିର୍ମୁଖ ଜୀବ ଅପରାଧୀ ହୁଅନ୍ତି, ତାହା ହେଲେ ମହତ୍ଙ୍କର ଦର୍ଶନ ସୌଭାଗ୍ୟ ମଧ୍ୟ ଘଟେନା । ଯଦି ନିଷ୍କିଞ୍ଚନ ମହତ୍ଙ୍କ ସଙ୍ଗଲାଭ ନହୁଏ, ତେବେ ନିଶ୍ଚୟହିଁ ବର୍ତ୍ତମାନ୍, ପୂର୍ବଜନ୍ମକୃତ ବା ପରମ୍ପରାଗତ ମହତ୍ଙ୍କ ନିନ୍ଦା ବା ମହତ୍ଙ୍କ ଆଚରଣରେ ସଂଶୟ ଜାତ କୌଣସି ନା କୌଣସି ଅପରାଧ ରହିଅଛି । ଦେବତାଗଣ ଯେପରି ମହାଭାଗବତଶ୍ରେଷ୍ଠ ଶ୍ରୀନାରଦଙ୍କୁ ସାଧାରଣ ପୁଣ୍ୟବାନ୍ ଋଷି ବୋଲି ଜ୍ଞାନ କରିଥିବାରୁ ଏହି ଅପରାଧ ଫଳରେ ଯେପରି ତାହାଙ୍କ ପବିତ୍ର ସାନିଧର କୌଣସି ମଧ୍ୟ ସୁଫଳ ଲାଭ କରିପାରିଲେ ନାହିଁ, ତଦ୍ରୂପ ଜୀବ ମଧ୍ୟ କୌଣସି ମହତ୍ଙ୍କୁ ସେହିପରି କେବଳ କେତେ ସଦ୍‌ଗୁଣ ସମ୍ପନ୍ନ ବ୍ୟକ୍ତିବିଶେଷ ଭାବିଲେ ତାହାଙ୍କ ସାକ୍ଷାତ୍‌କାରରେ ମଧ୍ୟ ତାହାଙ୍କ ସଙ୍ଗ ଓ କୃପାଲାଭ କରିପାରେ ନାହିଁ । ଏଥିପାଇଁ ପୂଜ୍ୟ ଗୋସ୍ୱାମୀବର୍ଗ ଏହାର ଏକ ସୁଚିନ୍ତିତ ବୈଜ୍ଞାନିକ ଉପାୟ ନିରୂପଣ କରିଯାଇଛନ୍ତି – ଯଦୃଚ୍ଛାକ୍ରମେ ଲଭ୍ୟ ସାଧୁସଙ୍ଗ ପ୍ରଭାବରୁହିଁ ସାଧକ ଶ୍ରୀଭଗବନ୍ନାମର ମାହାତ୍ମ୍ୟ ଅବଗତ ହୁଏ । କଳିଯୁଗରେ ସାଧୁ ଶାସ୍ତ୍ର ଓ ଭଗବାନ୍ ଏକବାକ୍ୟରେ ଶ୍ରୀନାମଙ୍କରହିଁ ପରମ ଉତ୍କର୍ଷତା ଖ୍ୟାପନ କରିଅଛନ୍ତି ଜାଣି ଶ୍ରୀଭଗବନ୍ନାମ – ପ୍ରତିପାଦକ ଶ୍ରୀମଦ୍ଭାଗବତାଦି-ଶାସ୍ତ୍ରରେ ତାହାର ବିଶ୍ୱାସ ଜନ୍ମେ । ସାଧୁ ଓ ଶାସ୍ତ୍ର ବାକ୍ୟରେ ବିଶ୍ୱାସ କରି ସମସ୍ତ ସାଧନଶ୍ରେଷ୍ଠ ଏବଂ ସମସ୍ତ ଭକ୍ତ୍ୟଙ୍ଗର ଅଙ୍ଗୀ ଶ୍ରୀନାମଙ୍କର ନିରପରାଧ ଅନୁଶୀଳନ ଫଳରେ 'ଶ୍ରୀନାମହିଁ' ଯଥାସମୟରେ ଐକାନ୍ତିକ ସତ୍ୟାନୁସନ୍ଧିସୁ ଓ ଭଜନପିପାସୁ ସାଧକକୁ ଦ୍ୱିତୀୟ ସାଧୁସଙ୍ଗ ଅର୍ଥାତ୍ ସାଧୁତମ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣକମଳର ସାକ୍ଷାତ୍ କରାଇ ଦିଅନ୍ତି । ଏହିପରି ଭାବରେ ଶ୍ରୀନାମଙ୍କର ଏକାନ୍ତ ଆଶ୍ରୟରେ ଓ ତାହାଙ୍କ କୃପାରୁ ଯେଉଁ ଶ୍ରୀଗୁରୁଦେବଙ୍କ ସାକ୍ଷାତକାର ଲାଭ ହୁଏ, ତାହାଙ୍କଠାରେହିଁ ଯଥାର୍ଥ ସଦ୍‌ଗୁରୁଙ୍କ ସନ୍ଧାନ ମିଳେ । ନତୁବା ନିଜର ମନଃ କଳ୍ପନାରେ ବା ଅପରଙ୍କ ସୁପାରିଶରେ ବା ଉପରୋଧରେ ଯେଉଁ ଗୁରୁ ଗ୍ରହଣ କରାଯାଏ, ସେଥିରେ ଅଧିକାଂଶ ସ୍ଥଳେହିଁ ପରେ ନାନା ପ୍ରକାରର ସଂଶୟାଦି ଉପସ୍ଥିତ ହୁଏ ଏବଂ ନାନାସଙ୍କଟରେ ଓ ଅପରାଧରେ ବିଜଡ଼ିତ ହୋଇ ସର୍ବଶେଷରେ ଅଧୋପତିତ ହେବାକୁ ହୁଏ । ଅଙ୍ଗୀ ଶ୍ରୀନାମ, ଶ୍ରୀଗୁରୁପାଦାଶ୍ରୟ ରୂପି ଅଙ୍ଗର ବିକାଶ କରାଇଦେଲେ ସେଠାରେ ଏହିପରି ଅନର୍ଥର ଅବକାଶ ଥାଏ ନା । ଏହିପରି ଶ୍ରୀନାମ

ଦ୍ୱାରା ଶ୍ରୀଗୁରୁଦେବଙ୍କ ସନ୍ଧାନ ପ୍ରକାଶ ପରେ ସେହି ଶ୍ରୀନାମପ୍ରଦାତା ଶ୍ରୀଗୁରୁଙ୍କ ଶ୍ରୀଚରଣାଶ୍ରୟହିଁ ସମୀଚୀନ । ଆଉ ଯଦି କାହାକୁ ମଧ୍ୟ ସୌଭାଗ୍ୟକ୍ରମେ କୁଳପରମ୍ପରା-ପ୍ରାପ୍ତ କୌଣସି ଏକାନ୍ତ ଶ୍ରୀନାମରସାକୃଷ୍ଟ ଶ୍ରୀଗୁରୁପାଦପଦ୍ମଙ୍କ ନିକଟରୁ ନାମ ଓ ମନ୍ତ୍ର ଗହଣର ସୁଯୋଗ ଲାଭ ହୋଇଅଛି, ତେବେ ତାହା ମଧ୍ୟ ଶ୍ରୀନାମଙ୍କରହିଁ ବିଶେଷ କୃପା ବୋଲି ହୃଦୟଙ୍ଗମ କରିବାକୁ ହେବ ।

ଶ୍ରୀଗୌଡୀୟବୈଷ୍ଣବଙ୍କର ସାଧଶିରୋମଣି ଶ୍ରୀଶ୍ରୀରାଧାଦାସ୍ୟ ପାଇବା ପାଇଁ ଶ୍ରୀଗୁରୁକରଣ

ଯଦିଓ ବୈଷ୍ଣବ ସମ୍ପ୍ରଦାୟରେ ଅର୍ଚ୍ଚନାଧିକାର ତଥା ଶ୍ରୀଭଗବାନ୍‌ଙ୍କ ସହିତ ଦାସ, ସଖ୍ୟାଦି ସମ୍ବନ୍ଧ ସ୍ଥାପନ ନିମିତ୍ତ ଶ୍ରୀଗୁରୁକରଣ ବା ଦୀକ୍ଷାମନ୍ତ୍ର ଗ୍ରହଣ, ତଥାପି ପ୍ରେମପୁରୁଷୋତ୍ତମ ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରା ପ୍ରବର୍ତ୍ତିତ ତାହାଙ୍କ ନିଜସ୍ୱ ଶ୍ରୀଗୌଡ଼ୀୟବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷା ଗ୍ରହଣର ତାତ୍ପର୍ଯ୍ୟ ବୈଶିଷ୍ଟ୍ୟ ଭିନ୍ନ ପ୍ରକାରର ।

ଦ୍ୱାପରରେ ରସରାଜ ଶ୍ରୀକୃଷ୍ଣଚନ୍ଦ୍ର ଶ୍ରୀମତୀ ରାଧାରାଣୀଙ୍କ ସହିତ ଅଶେଷ ବିଶେଷ ଲୀଳାସ୍ୱାଦନ କରିବା ଅନ୍ତେ ମଧ୍ୟ ତାହାଙ୍କର ରସଲୋଲୁପ ହୃଦୟରେ ତିନୋଟି ଦୁର୍ଦ୍ଦମନୀୟ ବାସନାର ସଞ୍ଚାର ହୋଇଥିଲା । ସେହି ତିନୋଟି ବାଞ୍ଛାର ପୂର୍ତ୍ତି ନିମନ୍ତେ ହିଁ ତାହାଙ୍କର କଳିକାଳରେ ଶ୍ରୀଗୌରସୁନ୍ଦର ରୂପେ ଅବତରଣ ।

ଶ୍ରୀରାଧାୟାଃ ପ୍ରଣୟମହିମା କୀଦୃଶୋ ବାନୟୈବା-
ସ୍ୱାଦ୍ୟୋ ଯେନାଦ୍ଭୁତମଧୁରିମା କୀଦୃଶୋ ବା ମଦୀୟଃ ।
ସୌଖ୍ୟଞ୍ଚାସ୍ୟ ମଦନୁଭବତଃ କୀଦୃଶଃ ନେତି ଲୋଭା-
ତ୍ତଦ୍ଭାବାଢ୍ୟଃ ସମଜନି ଶଚୀଗର୍ଭସିନ୍ଧୌ ହରୀନ୍ଦୁଃ ॥

(୧)- ଶ୍ରୀରାଧାଙ୍କ ପ୍ରେମର ମହିମା କିପରି (୨) ସେହି ପ୍ରେମ (ମାଦନାଖ୍ୟ ମହାଭାବ) ଦ୍ୱାରା ମୋର ଯେଉଁ ଅସାଧାରଣ ମାଧୁର୍ଯ୍ୟ ଶ୍ରୀରାଧା ଆସ୍ୱାଦନ କରନ୍ତି, ସେହି ମାଧୁର୍ଯ୍ୟ ଅବା କିପରି (୩) ମୋର ମାଧୁର୍ଯ୍ୟର ଆସ୍ୱାଦନରେ ଶ୍ରୀରାଧାଙ୍କର ଅବା କିପରି ସୁଖ ହୁଏ, - ଏହି ତିନୋଟି ଲୋଭବଶତଃ ଶ୍ରୀରାଧାଙ୍କ ମହାଭାବ ସମ୍ପତ୍ତିରେ ପରିପୂର୍ଣ୍ଣ ହୋଇ ଶ୍ରୀକୃଷ୍ଣଚନ୍ଦ୍ର ଶ୍ରୀଶଚୀଦେବୀଙ୍କ ଗର୍ଭସିନ୍ଧୁରେ ଉଦିତ ହୋଇଅଛନ୍ତି ।

ଶ୍ରୀରାଧିକାଙ୍କ ଅଙ୍ଗକାନ୍ତି, ହାବ ଭାବ ଅଙ୍ଗୀକାର ପୂର୍ବକ ଗମ୍ଭୀରାର ନିର୍ଜ୍ଜନ ପ୍ରକୋଷ୍ଠରେ ନିଜ ଶୋଣିତ ଧାରା ତଥା ଅଶେଷ ବିଶେଷ ଅଲୌକିକ ଚେଷ୍ଟା ବିନିମୟରେ ଶ୍ରୀକୃଷ୍ଣଚନ୍ଦ୍ର, ମହାଭାବ ସ୍ୱରୂପିଣୀ ଶ୍ରୀମତୀ ରାଧାଠାକୁରାଣୀଙ୍କ ମହାଭାବ ଆସ୍ୱାଦନ କରି ପରିଶେଷରେ ଏହି ନିଷ୍କର୍ଷ ପ୍ରଦାନ କରିଥିଲେ-'ଶ୍ରୀମତୀ ରାଧାଠାକୁରାଣୀ ସର୍ବାରାଧ୍ୟା ଏବଂ ତାହାଙ୍କର ଦାସ୍ୟ ପଦବୀହିଁ ଜଗତର ସାଧଶିରୋମଣି । ଜଗତବାସୀ କାହିଁକି ସ୍ୱୟଂ ନିଜେ ଶ୍ରୀଗୌରସୁନ୍ଦର ମଧ୍ୟ ଏହି 'ରାଧାଦାସ୍ୟ' ଅଭିମାନରେ ଆରୂଢ଼ ହୋଇ ଶ୍ରୀଯୁଗଳକିଶୋରଙ୍କର ସର୍ବାତିଶାୟୀ ମାଧୁର୍ଯ୍ୟ ଆସ୍ୱାଦନ କରିଅଛନ୍ତି, ଶ୍ରୀଳ କବିରାଜଗୋସ୍ୱାମୀ ପାଦ୍ ଶ୍ରୀଚୈତନ୍ୟଚରିତାମୃତରେ (ଅନ୍ତ୍ୟ-୧୪ପରି) ବର୍ଣ୍ଣନା କରିଅଛନ୍ତି ।

ଶ୍ରୀକ୍ଷେତ୍ର ପୁରୀରେ ଅବସ୍ଥିତି ସମୟରେ ଚଟକ ପର୍ବତ ଦର୍ଶନରେ ଶ୍ରୀମନ୍ମହାପ୍ରଭୁଙ୍କର ଗୋବର୍ଦ୍ଧନ ଜ୍ଞାନ ହୁଏ । ଏକଦା ଚଟକ ପର୍ବତ ଦର୍ଶନରେ ଶ୍ରୀମନ୍ମହାପ୍ରଭୁ ବାୟୁବେଗରେ ଧାଇଁବାକୁ ଆରମ୍ଭ କରିଲେ ମଧ୍ୟ ଅଳ୍ପ କିଛି ପଥ ଅତିକ୍ରମ କରିବା ଅନ୍ତେ ସ୍ତମ୍ଭୀଭୂତ ହୋଇ

ଧରାତଳେ ନିପତିତ ହେଲେ । ଶରୀରରେ ସାତ୍ତ୍ୱିକବିକାର ପରିଦୃଷ୍ଟ ହେଲା । ଭକ୍ତଗଣ ହରିକୀର୍ତ୍ତନ କରି ଚେତନା ସମ୍ପାଦନ କରିବାରୁ ଶ୍ରୀମନ୍ମହାପ୍ରଭୁ ଶ୍ରୀସ୍ୱରୂପଦାମୋଦରଙ୍କୁ କହିବାକୁ ଲାଗିଲେ–

ଗୋବର୍ଦ୍ଧନ ହୈତେ ମୋରେ କେ ଇହାଁ ଆନିଲ ? ପାୟାଁ କୃଷ୍ଣେର ଲୀଲା ଦେଖିତେ ନା ପାଇଲ ॥
ଇହାଁ ହୈତେ ଆଜି ମୁଇ ଗେନୁ ଗୋବର୍ଦ୍ଧନେ । ଦେଖୋଁ–ଯଦି କୃଷ୍ଣ କରେନ ଗୋଧନ–ଚାରଣେ ॥
ଗୋବର୍ଦ୍ଧନେ ଚଢ଼ି' କୃଷ୍ଣ ବାଜାଇଲା ବେଣୁ । ଗୋବର୍ଦ୍ଧନେର ଚୌଦିଗେ ଚରେ ସବ ଧେନୁ ॥
ବେଣୁ ନାଦ ଶୁନି' ଆଇଲା ରାଧାଠାକୁରାଣୀ । ସବ ସଖୀଗଣ ସଙ୍ଗେ କରିୟା ସାଜନି ॥
ରାଧା ଲୟାଁ କୃଷ୍ଣ ପ୍ରବେଶିଲା କନ୍ଦରାତେ । ସଖୀଗଣ ବଲେ ମୋରେ ଫୁଲ ଉଠାଇତେ ॥
ହେନ କାଲେ ତୁମି–ସବ କୋଲାହଲ କୈଲା । ତାହାଁ ହୈତେ ଧରି ମୋରେ ଇହା ଲୟାଁ ଆଇଲା ॥
କେନେ ବା ଆନିଲା ମୋରେ ବୃଥା ଦୁଃଖ ଦିତେ । ପାୟାଁ କୃଷ୍ଣେର ଲୀଲା ନା ପାଇନୁ ଦେଖିତେ ॥

ତାତ୍ପର୍ଯ୍ୟ ଏହି ଯେ, ମହାପ୍ରଭୁ ଶ୍ରୀମତୀରାଧାରାଣୀଙ୍କ ଦାସୀ ସ୍ୱାଭିମାନରେ ସଖୀଗଣଙ୍କ ଆଦେଶରେ ଯୁଗଳ କିଶୋରଙ୍କ ପାଇଁ ପୁଷ୍ପ ଚୟନ କରୁଥିବା ସମୟରେ କୋଳାହଳରେ ତାହାଙ୍କ ଆବେଶ ଭଙ୍ଗ ହୋଇଗଲା ଅତଏବ ଏଥିରୁ ସ୍ପଷ୍ଟ ପ୍ରମାଣ ମିଳୁଅଛି ଯେ ଶ୍ରୀଗୌରସୁନ୍ଦର ଅର୍ଥାତ୍ ଶ୍ରୀକୃଷ୍ଣ ମଧ୍ୟ ପରମହାର୍ଦ୍ଦ ଶ୍ରୀରାଧାରାଣୀଙ୍କ କିଙ୍କରୀରୂପରେ ପ୍ରେମର ଠାକୁରାଣୀ ଶ୍ରୀରାଧାରାଣୀଙ୍କ ସେବାସୁଖ ଉପଭୋଗ କରିଅଛନ୍ତି ।

ପ୍ରକୃତରେ ଏହି ଶ୍ରୀରାଧାଦାସୀଗଣହିଁ ଶ୍ରୀରାଧାକୃଷ୍ଣଙ୍କର ସର୍ବାଧିକ ମାଧୁର୍ଯ୍ୟାସ୍ୱାଦନରେ ସମର୍ଥା । ଲଳିତା–ବିଶାଖାଦି ସଖୀଗଣଙ୍କର ମଧ୍ୟ ଏହି ମାଧୁର୍ଯ୍ୟାସ୍ୱାଦନ ସୁଖ ଲଭ୍ୟ ହୁଏ ବା କାରଣ ନିଭୃତ ନିକୁଞ୍ଜ ମଧ୍ୟରେ ଶ୍ରୀରାଧାନିକୁଞ୍ଜବିହାରୀଙ୍କର ରହସେବାର ଅଧିକାର କେବଳ ରୂପ–ରତି ମଞ୍ଜରୀ ଆଦି ରାଧାଦାସୀ ଗଣଙ୍କର, ସଖୀମାନଙ୍କର ସେଠାରେ ପ୍ରବେଶଧିକାର ନାହିଁ ।

ତାମ୍ବୁଳାର୍ପଣ–ପାଦମର୍ଦ୍ଦନ–ପୟୋଦାନାଭିସାରାଦିଭି–
ର୍ବୃନ୍ଦାରଣ୍ୟମହେଶ୍ୱରୀଂ–ପ୍ରିୟତୟା ଯାସ୍ତୋଷୟନ୍ତି ପ୍ରିୟାଃ ।
ପ୍ରାଣପ୍ରେଷ୍ଠ–ସଖୀକୁଳାଦପି କିଳାସଙ୍କୋଚିତା ଭୂମିକାଃ
କେଳିଭୂମିଷୁ ରୂପମଞ୍ଜରୀମୁଖାସ୍ତା ଦାସିକାଃ ସଂଶ୍ରୟେ ॥ (ବ୍ରଜବିଳାସସ୍ତବ–୩୮)

ତାମ୍ବୁଳଦାନ, ପାଦମର୍ଦ୍ଦନ, ଜଳଦାନ, ଅଭିସାରାଦି ଦ୍ୱାରା ସର୍ବଦା ଯେଉଁମାନେ ଶ୍ରୀବୃନ୍ଦାବନେଶ୍ୱରୀଙ୍କ ପ୍ରିୟସେବା କରୁଅଛନ୍ତି, ପ୍ରାଣପ୍ରେଷ୍ଠ ଲଳିତାଦି ସଖୀଗଣଙ୍କ ଅପେକ୍ଷା ମଧ୍ୟ ଯେଉଁମାନଙ୍କର ଶ୍ରୀରାଧାକୃଷ୍ଣଙ୍କ ବିଳାସଭୂମିରେ ଗମନାଗମନରେ ଅସଙ୍କୁଚିତ ଭୂମିକା ରହିଛି– ସେହି ରୂପମଞ୍ଜରୀ ପ୍ରମୁଖା ରାଧାଦାସୀଗଣଙ୍କୁ ମୁଁ ଆଶ୍ରୟ କରୁଅଛି ।

ଶ୍ରୀମନ୍ମହାପ୍ରଭୁଙ୍କ ଏହି ପରମ ଆକାଂକ୍ଷିତ ଶ୍ରୀରାଧାଦାସ୍ୟାଭିମାନରେ ନିମଜ୍ଜିତ ରହି ଶ୍ରୀରାଧାଗୋବିନ୍ଦଙ୍କ ମାନସୀ ସେବାର କଥା ଶ୍ରୀକବିରାଜ ଗୋସ୍ୱାମି (ଚୈ:ଚ:୨।୨୨।୧୫୩।୧୫୫) ଉଲ୍ଲେଖ କରିଅଛନ୍ତି–

'ମନେ ନିଜ–ସିଦ୍ଧ–ଦେହ କରିୟା ଭାବନ । ରାତ୍ରି–ଦିନେ କରେ ବ୍ରଜେ କୃଷ୍ଣେର ସେବନ ॥
ନିଜାଭୀଷ୍ଟ କୃଷ୍ଣପ୍ରେଷ୍ଠ ପାଛେ–ତେ ଲାଗିୟା । ନିରନ୍ତର ସେବା କରେ ଅନ୍ତର୍ମ୍ମନା ହୟାଁ ॥ '
'ଅମାନୀ ମାନଦ ହୟାଁ କୃଷ୍ଣ ନାମ ସଦା ଲବେ । ବ୍ରଜେ ରାଧାକୃଷ୍ଣ ସେବା ମାନସେ କରିବେ ॥'
(ଚୈ:ଚ:୩।୬।୨୩୭)

ଶ୍ରୀମନ୍ତ୍ରଗୁରୁଦେବଙ୍କ ଦ୍ୱାରା ଉପଦିଷ୍ଟ ଶ୍ରୀରାଧାଗୋବିନ୍ଦଙ୍କ ସେବାପଯୋଗୀ ଅନ୍ତଶ୍ଚିନ୍ତିତ ଭାବଯୋଗ୍ୟ ଦେହକୁ 'ସିଦ୍ଧ ଦେହ' ଏବଂ ତତ୍ ସହାଯ୍ୟରେ ଯେଉଁ ମାନସୀ ସେବା ପ୍ରଣାଳୀ, ତାହାହିଁ 'ସିଦ୍ଧ ପ୍ରଣାଳୀ' । ଶ୍ରୀଗୁରୁଦେବ ଗୋପାଳମନ୍ତ୍ର ଦୀକ୍ଷାଦାନ କରିବା ସମୟରେହିଁ ସମ୍ବନ୍ଧ ବିଶେଷ-ଜ୍ଞାନପ୍ରତିପାଦକ ସିଦ୍ଧ ପ୍ରଣାଳୀ ପ୍ରଦାନ କରନ୍ତି । ଶ୍ରୀଜୀବଗୋସ୍ୱାମୀପାଦ୍ 'ଶ୍ରୀଭକ୍ତିସନ୍ଦର୍ଭରେ' (୨୮୩ ଅନୁଚ୍ଛେଦରେ) ଦୀକ୍ଷା ବା ଦିବ୍ୟଜ୍ଞାନର ତାତ୍ପର୍ଯ୍ୟରେ ଲେଖିଛନ୍ତି, - *'ଦିବ୍ୟଂ ଜ୍ଞାନଂ ହ୍ୟତ୍ର ଶ୍ରୀମତି ମନ୍ତ୍ରେ ଭଗବତ୍ ସ୍ୱରୂପଜ୍ଞାନମ୍ । ତେନ ଭଗବତା ସମ୍ବନ୍ଧବିଶେଷଜ୍ଞାନଞ୍ଚ ଯଥା ଶ୍ରୀପାଦ୍ମୋତ୍ତର ଖଣ୍ଡାଦାବଷ୍ଟାକ୍ଷରାଦି-କମଧିକୃତ୍ୟ ବିଧୃତମସ୍ତି'* - 'ଦିବ୍ୟଜ୍ଞାନ' ଶବ୍ଦେ ଶକ୍ତିଯୁକ୍ତ ମନ୍ତ୍ରରେ ଶ୍ରୀଭଗବତ୍ସ୍ୱରୂପ-ଜ୍ଞାନ ଏବଂ ସେହି ମନ୍ତ୍ରର ଦେବତା ଶ୍ରୀଭଗବାନଙ୍କ ସହିତ ସାଧକର ସମ୍ବନ୍ଧବିଶେଷ ଜ୍ଞାନ ବୁଝିବାକୁ ହେବ । ଏହି ବିଷୟରେ ଶ୍ରୀପଦ୍ମପୁରାଣରେ ଉତ୍ତରଖଣ୍ଡାଦିରେ ଅଷ୍ଟାକ୍ଷରାଜ ମନ୍ତ୍ର-ସମ୍ବନ୍ଧରେ ଯେପରି ଉଲ୍ଲିଖିତ ଅଛି, ସେଥିରେ ଦିବ୍ୟଜ୍ଞାନ ଶବ୍ଦେ ଏହିପରି ଅର୍ଥହିଁ ପ୍ରତିପାଦିତ ହୁଏ । ଏହି ସମ୍ବନ୍ଧବିଶେଷଜ୍ଞାନହିଁ ହେଲା ଗୋପାଳ ମନ୍ତ୍ରର ଦେବତା ଶ୍ରୀଗୋପୀଜନବଲ୍ଲଭଙ୍କ ସହିତ ମଞ୍ଜରୀରୂପ ସାଧକର ସମ୍ବନ୍ଧାଦି ଏକାଦଶଟି ଭାବ । ଏହି ଏକାଦଶଟି ଭାବ ବ୍ୟତୀତ ମଞ୍ଜରୀଭାବର ସାଧନାହିଁ ଆରମ୍ଭ ହେବ ନାହିଁ । ଶ୍ରୀଗୁରୁଦେବ ଦୀକ୍ଷାପ୍ରଦାନ ସମୟରେ ଶିଷ୍ୟକୁ ଏହି ଏକାଦଶଟୀ ଭାବ ସମୂହରେ ଅଳଙ୍କୃତ କରିଥାଆନ୍ତି । ଶ୍ରୀଧ୍ୟାନଚନ୍ଦ୍ର ଗୋସ୍ୱାମୀପାଦ୍ ଶ୍ରୀଧ୍ୟାନଚନ୍ଦ୍ରପଦ୍ଧତିରେ ଏହି ଏକାଦଶଟୀ ଭାବ କଥା ବ୍ୟକ୍ତ କରିଛନ୍ତି-

ଅସ୍ୟୈବ ସିଦ୍ଧଦେହସ୍ୟ ସାଧନାନି ଯଥାକ୍ରମଃ । ଏକାଦଶ ପ୍ରସିଦ୍ଧାନି ଲକ୍ଷ୍ୟନ୍ତେଦ୍ଧତିମନୋହରମ୍ ॥
ନାମ ରୂପଂ ବୟୋ ବେଶଃ ସମ୍ବନ୍ଧୋ ଯୂଥ ଏବ ଚ । ଆଜ୍ଞା ସେବା ପରାକାଷ୍ଠା ପାଲ୍ୟଦାସୀ ନିବାସକଃ ॥

-ଏହି ସିଦ୍ଧଦେହର ଯଥାକ୍ରମେ ଏକାଦଶ ସାଧନ ପ୍ରସିଦ୍ଧି ଅଛି, ଯଥା- ନାମ, ରୂପ, ବୟସ, ବେଶ, ସମ୍ବନ୍ଧ, ଯୂଥ, ଆଜ୍ଞା, ସେବା, ପରାକାଷ୍ଠା, ପାଲ୍ୟଦାସୀ ଓ ନିବାସ ।

ରୂପାନୁଗ ପ୍ରତ୍ୟେକ ସାଧକ ଦୀକ୍ଷାଗ୍ରହଣ ପୂର୍ବେ ଶ୍ରୀଗୁରୁଦେବଙ୍କ ନିକଟରେ ଏହି ଏକାଦଶଟି ଭାବ ପ୍ରାପ୍ତ ହେବା ବିଷୟରେ ଅନୁସନ୍ଧିତ୍ସୁ ହେବେ । ଶ୍ରୀଗୁରୁଦେବ ତାହାଙ୍କ ଶ୍ରୀଗୁରୁଦେବଙ୍କଠାରୁ ଏହି ଏକାଦଶଟି ଭାବ ସଂଯୁକ୍ତ ସିଦ୍ଧପ୍ରଣାଳୀ ପ୍ରାପ୍ତ ହୋଇଅଛନ୍ତି କି ନାହିଁ ଏ ବିଷୟରେ ବିଶେଷ ଭାବରେ ଅନୁସନ୍ଧାନ କରିବେ କାରଣ ଏହି ସିଦ୍ଧପ୍ରଣାଳୀ ପାଇଁହିଁ ଗୁରୁକରଣ । ଏହା ବ୍ୟତୀତ ରାଗମାର୍ଗ ଭଜନରେ ଅଧିକାର ନାହିଁ ।

ମନେହୁଏ ଏହି ସିଦ୍ଧପ୍ରଣାଳୀ ତଥା ଅଷ୍ଟକାଳୀନ ମାନସୀସେବା ସମୂହ କାଳ୍ପନିକ ମାତ୍ର କିନ୍ତୁ ବାସ୍ତବରେ ଶ୍ରୀରୂପପାଦ୍ଙ୍କ ଦ୍ୱାରା ପ୍ରକଟିତ ସିଦ୍ଧ ପ୍ରଣାଳୀ ଓ ଅଷ୍ଟକାଳ-ଲୀଳା-ସ୍ମରଣ-ପଦ୍ଧତି ମଧ୍ୟରେ ପରମ ଚିଦ୍ୱୈଜ୍ଞାନିକ ସତ୍ୟ ନିହିତ ରହିଅଛି । *'ଏକ ସ୍ମିନ୍ନପ୍ୟତିକ୍ରାନ୍ତେ ମୁହୂର୍ତ୍ତେ ଧ୍ୟାନବର୍ଜିତେ । ଦସ୍ୟୁଭିର୍ମୁଷିତେନୈବ ଯୁକ୍ତମାକ୍ରନ୍ଦିତୁଂ ଭୃଶମ୍ ।'* (ଭକ୍ତିସନ୍ଦର୍ଭ ୨୭୨ ଗରୁଡ଼ ବାକ୍ୟ) ଶ୍ରୀହରିଙ୍କ ଧ୍ୟାନଶୂନ୍ୟ ହୋଇ ଗୋଟିଏ ମୁହୂର୍ତ୍ତ ମଧ୍ୟ ଗତ ହେଲେ, ଦସ୍ୟୁଗଣ-କର୍ତ୍ତୃକ ମହାଧନ ଅପହୃତ ହେଲେ ଲୋକେ ଯେପରି କ୍ରନ୍ଦନ କରନ୍ତି, ସେହିପରି କ୍ରନ୍ଦନ କରିବା ଉଚିତ୍ । ସେହି ଉକ୍ତି ଅନୁସାରେ ଭକ୍ତିସାଧକଗଣଙ୍କର ଦିବାରାତ୍ରିର ଅଷ୍ଟକାଳର ଏକ ମୁହୂର୍ତ୍ତ ମଧ୍ୟ ଯାହା ଦ୍ୱାରା ବୃଥା ନ ହୁଏ, ସେଥିପାଇଁ ଶାସ୍ତ୍ର ଏବଂ ଶ୍ରୀଚୈତନ୍ୟ ମନୋଭୀଷ୍ଟ ସ୍ଥାପକ

ଶ୍ରୀରୂପପାଦ୍ ଓ ତଦନୁଗ ମହାଜନଗଣ ଅଷ୍ଟକାଳୀନ ଶ୍ରୀଗୌରଗୋବିନ୍ଦଲୀଳା-ଚିନ୍ତନର ବିଧାନ କରିଅଛନ୍ତି । ଏହି ମାନସୀସେବା କେବଳ ମନୋକଳ୍ପନା ନୁହେଁ ଏହା ପରମସତ୍ୟ ସାକ୍ଷାତ୍ ଶ୍ରୀରାଧାଗୋବିନ୍ଦଙ୍କ ସେବା, କାରଣ ପରମତତ୍ତ୍ୱଙ୍କୁ ଆଶ୍ରୟ କରି ଯାହା ପ୍ରବର୍ତ୍ତିତ ହୁଏ, ଏପରିକି ତାହାଙ୍କ ସଂସ୍ପର୍ଶାଭାସ ମଧ୍ୟ ଯେଉଁଥିରେ ଥାଏ, ତାହା ବ୍ୟର୍ଥକଳ୍ପନାରେ ପର୍ଯ୍ୟବସିତ ହୁଏ ନା, କଳ୍ପତରୁ ତଳେ ବସି କଳ୍ପନା ମଧ୍ୟ ନିଷ୍ଫଳ ହୁଏନା, ସଙ୍କଳ୍ପ ତ ଦୂରର କଥା । ଅତଏବ ଶ୍ରୀଗୁରୁଦତ୍ତ ମଞ୍ଜରୀସ୍ୱରୂପ ଅନୁଚିନ୍ତନରେ ଶ୍ରୀରାଧାଗୋବିନ୍ଦଙ୍କ ମାନସୀସେବାହିଁ ଗୌଡ଼ୀୟବୈଷ୍ଣବ ସାଧକର ଏକମାତ୍ର ଜୀବାତୁ, ଏଥିପାଇଁ ଆମ୍ଭମାନଙ୍କର ଶ୍ରୀଗୁରୁକରଣ ।

ଏହି ଉପରୋକ୍ତ ଆଲୋଚନାରୁ କଣ ଏହାହିଁ ପ୍ରମାଣିତ ହେଉଅଛି ଯେ, ଶ୍ରୀମନ୍ମହାପ୍ରଭୁଙ୍କ ନିତ୍ୟପାର୍ଷଦଗଣ ତଥା ତଦନୁଗତ ଗୌଡ଼ୀୟବୈଷ୍ଣବଗଣଙ୍କ ମଧ୍ୟରେ କେବଳ ଶ୍ରୀରାଧାମାଧବଙ୍କର ସୁମଧୁର ଶୃଙ୍ଗାରରସର ଆରାଧନାହିଁ ପରିଲକ୍ଷିତ ହୁଏ ? ଏହି ସନ୍ଦେହର ଉତ୍ତର ଦେବାପାଇଁ ନିମ୍ନରେ ଶ୍ରୀକବିକର୍ଣ୍ଣପୁର ଗୋସ୍ୱାମିପାଦ୍ ବିରଚିତ ଶ୍ରୀଚୈତନ୍ୟଚନ୍ଦ୍ରୋଦୟ ନାଟକର ଏହି ପ୍ରସଙ୍ଗ ଉଲ୍ଲେଖ କରାହେଉଅଛି । ଶ୍ରୀଚୈତନ୍ୟ ଚନ୍ଦ୍ରୋଦୟ-ନାଟକର ଉପସଂହାରରେ ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ପ୍ରତି ଶ୍ରୀମନ୍ମହାପ୍ରଭୁଙ୍କ ଉକ୍ତି-

ଶ୍ରୀକୃଷ୍ଣଚୈତନ୍ୟ :- କିନ୍ତେ ଭୂୟଃ ପ୍ରିୟମୁପକରୋମି ?

ଶ୍ରୀଚୈତନ୍ୟ କହିଲେ, ପୁନର୍ବାର ତୁମ ମନୋଜ୍ଞ (ମନ ମୁତାବକ୍) କି ଉପକାର କରିପାରିବି ?

ଅଦ୍ୱୈତ :- କିଂ ଭୂୟଃ ପ୍ରିୟମୁପକରିଷ୍ୟସି ?
ହେଳାଖେଳାୟିତେନାତନି କଳମଥନଂ ଖ୍ୟାପିତୋ ଭକ୍ତିଯୋଗୋ ।
ବ୍ୟକ୍ତଂ ତତ୍ରାପି ନୀତଃ ପରମସୁନିଭୃତଃ ପ୍ରେମନାମା ପଦାର୍ଥଃ ॥
କ୍ୱାପି କ୍ୱାପି ପ୍ରକୀର୍ଣ୍ଣା ଗୁରୁତର-ଶୁଭଗମ୍ଭୀରକା ଭାକୁକାନା ।
ତତ୍ରାପ୍ୟାଭୀରନାରୀ-ମୁକୁଟମଣି-ମହାଭାବ-ବିଦ୍ୟାଦ୍ଧନବଦ୍ୟ ॥

ଶ୍ରୀଅଦ୍ୱୈତାଚାର୍ଯ୍ୟ ଶ୍ରୀକୃଷ୍ଣଚୈତନ୍ୟଙ୍କୁ କହୁଅଛନ୍ତି -"ତୁମେ ପୁନର୍ବାର କି ପ୍ରିୟ ଉପକାର କରିବ ବୋଲି ପଚାରୁଅଛ ? ଅବଲୀଳାକ୍ରମେ କଳିମର୍ଦ୍ଦନ-ଲୀଳା ବିସ୍ତାର କରିଲ, ଭକ୍ତିଯୋଗ ପ୍ରଚାର କରିଲ, ତନ୍ମଧ୍ୟେ ଅତ୍ୟନ୍ତ ସୁଗୋପ୍ୟ ପ୍ରେମ-ନାମକ ପଦାର୍ଥ ପ୍ରକାଶ କରିଲ, ତନ୍ମଧ୍ୟେ ପୁଣି ପ୍ରେମାନୁଭବିଗଣଙ୍କର ଶ୍ରେଷ୍ଠତର ମଙ୍ଗଳଦାୟିନୀ ବିଶୁଦ୍ଧା ଗୋପଲଳନା-ଶିରୋମଣି ଶ୍ରୀରାଧିକାଙ୍କ ମହାଭାବ-ରୂପା ବିଦ୍ୟା କେଉଁଠି କେଉଁଠି ପ୍ରକଟିତ କରିଅଛ ।

ଅସ୍ମାକନ୍ତୁ :- ଧର୍ମ୍ମାର୍ଥକାମେଷୁ ପରୈବ କୁତ୍ସା, ଲିପ୍ସା ନ ମୋକ୍ଷସ୍ୟ ଚ କର୍ହିଚିନ୍ନଃ ।
ଏଭିଃ ସମସ୍ତୈସ୍ତବ ଦେବ ! ଲୋକୈ-ର୍ଲୋକାନ୍ତରେଽପ୍ୟସ୍ତୁ ସହୈବ ବାସଃ ॥

ଆମ୍ଭମାନଙ୍କର କିନ୍ତୁ ଧର୍ମାର୍ଥକାମରୂପ ତ୍ରିବର୍ଗରେ ଅତ୍ୟନ୍ତହିଁ ଘୃଣା, ଆମ୍ଭମାନଙ୍କର କଦାପି ମୋକ୍ଷର ମଧ୍ୟ ବାଞ୍ଛା ନାହିଁ । ହେ ଦେବ ! ତୁମର ଏହି ସମସ୍ତ ଭକ୍ତଙ୍କ ସହିତ ଲୋକାନ୍ତରେ (ଅନ୍ୟ ଲୋକରେ) ମଧ୍ୟ ବାସହେଉ (ଏହି ପ୍ରାର୍ଥନା) ।"

ଶ୍ରୀକୃଷ୍ଣଚୈତନ୍ୟ-ଏବମେବ
ଚୁଦାରଣ୍ୟାନ୍ତରସ୍ଥଃ ସରସବିଳସିତେନାତ୍ମନାତ୍ମାନମୁଚ୍ଚୈ-
ରାନନ୍ଦସ୍ୟନ୍ଦବନ୍ଦୀକୃତ-ମନସମୁରୀକୃତ୍ୟ କିତ୍ୟ ପ୍ରମୋଦଃ ।

ବୃନ୍ଦାରଣ୍ୟୈକନିଷ୍ଠାନ୍ ସ୍ୱରୂଚିସମତନୂନ୍ କାରୟିଷ୍ୟାମି ଯୁଷ୍ମା-
ନିତ୍ୟୋବାସ୍ତେଦ୍ଧବଶିଷ୍ଟଂ କିମପି ମମ ମହତ୍ କର୍ମ୍ମ ତଚ୍ଚାତନିଷ୍ଟ୍ୟେ ॥

ଶ୍ରୀକୃଷ୍ଣଚୈତନ୍ୟ କହିଲେ- "ଏହିପରିହିଁ ହେଉ । ମୁଁ ବୃନ୍ଦାବନ ମଧ୍ୟରେ ଅଧିଷ୍ଠିତ ହୋଇ ସରସ-ବିଳାସଯୁକ୍ତ ସ୍ୱରୂପ ଦ୍ୱାରା ନିଜକୁ ଅତିଶୟ ଆନନ୍ଦ ପ୍ରବାହରେ ଆବଦ୍ଧ ଚିତ୍ତ କରି ନିତ୍ୟପ୍ରମୋଦଶାଳୀ ହୋଇ ତୁମ୍ଭମାନଙ୍କୁ ଏକମାତ୍ର ବୃନ୍ଦାବନନିଷ୍ଠ ଏବଂ ନିଜରୁଚି ଅନୁଯାୟୀ ବିଗ୍ରହବିଶିଷ୍ଟ ରୂପେ (ଯୋଗମାୟା ଦ୍ୱାରା) ପ୍ରକାଶ କରାଇବି । ମୋର ଏହିପରି ଯେ କୌଣସି ଏକ ମହତ୍‌କର୍ମ ଅବଶିଷ୍ଟ (ଏହି ଲୀଳାରେ) ରହିଅଛି, ତାହା ମଧ୍ୟ ପ୍ରକାଶ କରିବି ।

ଅପିଚ- ଆହୁରି ମଧ୍ୟ (କିଛି ଅଦ୍ଭୁତ କହୁଛନ୍ତି)-

ଦାସ୍ୟେ କେଚନ କେଚନ ପ୍ରଣୟିନଃ ସଖ୍ୟେ ତ ଏବୋଭୟେ
ରାଧାମାଧବନିଷ୍ଠୟା କତିପୟେ ଶ୍ରୀଦ୍ୱାରକାଧୀଶିତୁଃ ।
ସଖ୍ୟାଦାବୁଭୟତ୍ର କେଚନ ପରେ ଯେ ବାବତାରନ୍ତରେ
ମଯ୍ୟାବଦ୍ଧ- ହୃଦୋଦ୍ଧଳାନ୍ ବିତନବୈ ବୃନ୍ଦାବନାସଙ୍ଗିନଃ ॥

କେହି କେହି (ଶ୍ରୀରାଧାମାଧବଙ୍କର) ଦାସ୍ୟରେ (ମଞ୍ଜରୀଭାବରେ), କେହି କେହି ବା ସଖ୍ୟରେ (ସଖୀଭାବରେ)ଅନୁରାଗୀ, ସେମାନେ ଉଭୟେହିଁ ଶ୍ରୀରାଧାମାଧବଙ୍କ ନିଷ୍ଠାଯୁକ୍ତ । କେତେକ ଭକ୍ତ ଶ୍ରୀଦ୍ୱାରକଧୀଶ୍ୱରଙ୍କ ସଖ୍ୟ ବା ଦାସ୍ୟରେ ଏବଂ କେହି କେହି ଉଭୟତ୍ର ଶ୍ରୀବୃନ୍ଦାବନ ଓ ଶ୍ରୀଦ୍ୱାରକାରେ ଅନୁରାଗବିଶିଷ୍ଟ, ଆଉ ଅପରେ ବା ଅବତାରାନ୍ତରେ (ଶ୍ରୀକୃଷ୍ଣ ବ୍ୟତୀତ ଶ୍ରୀରାମ-ନୃସିଂହାଦି ଅନ୍ୟ ଅବତାରେ) ଯେଉଁମାନେ ପ୍ରଣୟ ବିଶିଷ୍ଟ, ମୋଠାରେ ଆବଦ୍ଧଚିତ୍ତ ସେହି ସମସ୍ତ ପ୍ରକାର ଭକ୍ତଙ୍କୁ ବୃନ୍ଦାବନର ଆସକ୍ତି ଯୁକ୍ତରୂପେ ପ୍ରକାଶ କରିବି ।"

ଅଦ୍ୱୈତଃ- ତଥାସ୍ତୁ,
ନିଜେଚ୍ଛୟା ପ୍ରାପୟ ଯତ୍‌ଯଦେବ, ସ୍ଥଳାନ୍ତରଂ ନୋ ବପୁରନ୍ତରଂ ବା ।
ତବୈତଦାଶ୍ଚର୍ଯ୍ୟ-ଚରିତ୍ରମେବ, ଜାତିସ୍ମରା ଏବ ଚିରଂ ସ୍ମରାମଃ ॥

ଶ୍ରୀଅଦ୍ୱୈତାଚାର୍ଯ୍ୟ କହିଲେ, "ସେହିପରି ହେଉ, ନିଜ ଇଚ୍ଛାରେ ଆମ୍ଭମାନଙ୍କୁ ସ୍ଥାନାନ୍ତର ଅଥବା ଦେହାନ୍ତର ଯାହା ଯାହାହିଁ ପ୍ରାପ୍ତି କରାଅ, ଆମେ ଜାତିସ୍ମର (ଏହି ଗୌରଲୀଳା ସ୍ମୃତିଯୁକ୍ତ) ହୋଇହିଁ ତୁମର ଏହି ଅଦ୍ଭୁତ ଗୌରଲୀଳାହିଁ ଚିରକାଳ ସ୍ମରଣ କରିବୁ ।"

ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ପ୍ରାର୍ଥନା ହେଉଛି - ସମସ୍ତ ଗୌରଭକ୍ତଙ୍କ ସହିତ ଅନ୍ୟଲୋକରେ ଏକତ୍ର ଅବସ୍ଥିତ । ଶ୍ରୀଗୌରହରି ତାହା ଅନୁମୋଦନ କରିଲେ, ସେଥିରେ ସମସ୍ତ ଭକ୍ତଗଣଙ୍କୁ ଶ୍ରୀଗୌରହରି ଏକମାତ୍ର ବୃନ୍ଦାବନନିଷ୍ଠ ଓ ରାଧାମାଧବନିଷ୍ଠ ଏବଂ ଯୋଗମାୟ-ଦ୍ୱାରା ନିଜରୁଚି ଅନୁଯାୟୀ ତତ୍ତତ୍ତନୁବିଶିଷ୍ଟ ରୂପେ ପ୍ରକାଶ କରାଇବେ ଏହିପରି ଏକ ପରମ ଅଦ୍ଭୁତକାର୍ଯ୍ୟ ତାହାଙ୍କର ଅବଶିଷ୍ଟ ଅଛି, ବୋଲି ଜଣାଇଲେ । ମୂଳେ "ସ୍ୱରୂଚିସମତନୂନ୍" ପଦଟି ଅଛି । ଏହାର ଦୁଇ ପ୍ରକାର ଅର୍ଥ ହୋଇପାରେ- ମହାପ୍ରଭୁଙ୍କ ନିଜ ରୁଚି ଅନୁଯାୟୀ (ବୈଷ୍ଣବ କବି ଶ୍ରୀପ୍ରେମାନନ୍ଦଦାସଙ୍କ ପଦ୍ୟାନୁବାଦ - *"ଅଦ୍ୱୈତ ! ଶୁନହ ଆର ମନେ ଆଛେ ଅକଥ୍ୟ ଏକଥା ॥ ମୋର ଯେଇ ଆଛେ ମନେ, ଯାଇଯା ଶ୍ରୀବୃନ୍ଦାବନେ, ରସମୟ ମୂର୍ତ୍ତି ପ୍ରକଟିୟା । ତାହା ତୋମା ସଭା ଲୟାଁ, ଆମ୍‌ସମ ତନୁ ଦିୟା, ଏକତ୍ରେ ଥାକିବ ସୁଖୀ ହୈୟା ॥"* ଅଥବା

ଭକ୍ତଗଣଙ୍କ ନିଜ ନିଜ ରୁଚି ଅନୁଯାୟୀ କିନ୍ତୁ ସମସ୍ତଙ୍କୁ ସେ ବୃନ୍ଦାବନନିଷ୍ଠ କରିବେ, ପର ଶ୍ଲୋକରେ ମଧ୍ୟ ''ବୃନ୍ଦାବନସଙ୍ଗିଃ'' ଶବ୍ଦ ଦ୍ୱାରା ତାହା ଦୃଢ଼ କରିଲେ । ଯେଉଁଠାରେ ସମସ୍ତେ (ଅଖିଳମ୍) ବୃନ୍ଦାରଣ୍ୟୈକନିଷ୍ଠ ବା ବୃନ୍ଦାବନାସଙ୍ଗୀ ସେହି ସ୍ଥାନରେ ଦ୍ୱାରକେଶ ଶ୍ରୀକୃଷ୍ଣଙ୍କ ବା ଶ୍ରୀରାମନୃସିଂହାଦି ଅବତାରାନ୍ତରେ ନିଷ୍ଠାର କଥା ଉଠି ପାରିବ ନାହିଁ । ଶ୍ରୀକୃଷ୍ଣଚୈତନ୍ୟଦେବ ''ଅପି ଚ'' ବାକ୍ୟ ସହିତ ସର୍ବଶେଷରେ ଯେଉଁ ଶ୍ଲୋକଟି କୀର୍ତ୍ତନ କରିଛନ୍ତି, ସେଥିରେ ''ରାଧାମାଧବନିଷ୍ଠୟା'' ଶବ୍ଦେ ବୃନ୍ଦାରଣ୍ୟୈକନିଷ୍ଠ ଭକ୍ତଗଣଙ୍କର ସ୍ୱରୂପଟି ସ୍ୱୟଂହିଁ ଜ୍ଞାପନ କରିଅଛନ୍ତି ଏବଂ **''ମୟି ଆବଦ୍ଧହୃଦୋ ଅଖିଳାନ୍'' ମୋଠାରେ ଆବଦ୍ଧ ହୃଦୟ ସମସ୍ତଙ୍କୁହିଁ ସେହିପରି ରାଧାମାଧବୈକନିଷ୍ଠ ଦ୍ୱାରା ବୃନ୍ଦାବନ–ଆସକ୍ତ କରିବି, ଏହା ସ୍ପଷ୍ଟ କହିଛନ୍ତି ।** ତାହାଙ୍କର ନିତ୍ୟ ସିଦ୍ଧ ପରିକରଗଣ ତାହାଙ୍କଠାରେ ଯେପରି ଆବଦ୍ଧଚିତ୍ତ ଏହିପରି ଆଉ କେହି ନାହାନ୍ତି । ତେଣୁ ଏଠାରେ ସର୍ବାଗ୍ରେ ତାହାଙ୍କର ନିତ୍ୟ ପରିକରଗଣଙ୍କୁହିଁ ଗ୍ରହଣ କରିବାକୁ ହେବ । ତାହାଙ୍କର ନିତ୍ୟପରିକରଙ୍କ ମଧ୍ୟରେ ଶ୍ରୀଦ୍ୱାରକେଶ ଶ୍ରୀକୃଷ୍ଣଙ୍କ ଭକ୍ତ (ଶ୍ରୀନାରଦଙ୍କ ଅବତାର ଶ୍ରୀବାସାଦି) ଓ ଶ୍ରୀରାମନୃସିଂହାଦି ଅବତାରାନ୍ତରଙ୍କ ଭକ୍ତ (ଶ୍ରୀମୁରାରିଗୁପ୍ତାଦି) ଥିଲେ, କିନ୍ତୁ ସେମାନେ ଶ୍ରୀରାଧାମାଧବ ମିଳିତ ସ୍ୱରୂପ ଶ୍ରୀଗୌରଙ୍କଠାରେହିଁ ଆବଦ୍ଧଚିତ୍ତ । ଏଥିପାଇଁ ସେମାନେ ମଧ୍ୟ ଶ୍ରୀଗୌରଲୀଳା–ଶକ୍ତିପ୍ରଭାବରେ ବୃନ୍ଦାରଣ୍ୟୈକନିଷ୍ଠ ଓ ରାଧାମାଧବ ନିଷ୍ଠ ହୋଇଛନ୍ତି ।

ବିଷୟବିଗ୍ରହ ବ୍ରଜେନ୍ଦ୍ରନନ୍ଦ ଶ୍ରୀକୃଷ୍ଣସ୍ୱରୂପରେ ଶ୍ରୀରାଧାଙ୍କ ଭାବମାଧୁର୍ଯ୍ୟର ପୂର୍ଣ୍ଣ ଆସ୍ୱାଦନ ହୁଏ ନାହିଁ । ତାହା ଆସ୍ୱାଦନ କରିବାପାଇଁ ଶ୍ରୀକୃଷ୍ଣଙ୍କୁ ଶ୍ରୀଗୌରହରି ରୂପେ ଅବତୀର୍ଣ୍ଣ ହେବାକୁ ପଡ଼ିଥିଲା । ଯେପରି **କୃଷ୍ଣସ୍ୱରୂପରେ ରାଧାପ୍ରେମ ଆସ୍ୱାଦନରୂପକ କାର୍ଯ୍ୟଟି ଅବଶିଷ୍ଟ ଥିଲା, ଠିକ୍‌ସେହିପରି ତାହାଙ୍କ ନିତ୍ୟସିଦ୍ଧ ପରିକରଗଣଙ୍କ ସମ୍ବନ୍ଧରେ ମଧ୍ୟ ସମସ୍ତଙ୍କୁ ବୃନ୍ଦାରଣ୍ୟୈକନିଷ୍ଠ ରୂପେ ପ୍ରକାଶ କରାଇବା ରୂପକ ମହତ୍‌କାର୍ଯ୍ୟଟି ଶ୍ରୀକୃଷ୍ଣଙ୍କ ଅବଶିଷ୍ଟ ଥିଲା ।** ଶ୍ରୀଗୌରଙ୍କର ଏହି ଅବଶିଷ୍ଟ ମହତ୍‌କାର୍ଯ୍ୟ କେବଳ ଜୀବସମ୍ବନ୍ଧେ, ପରିକରଗଣ ସମ୍ବନ୍ଧେ ଉଦ୍ଦିଷ୍ଟ ତାହା ନୁହେଁ –ଏହିପରି କଳ୍ପନାର ଅବସର ମଧ୍ୟ ନାହିଁ । ଶ୍ରୀକୃଷ୍ଣଚୈତନ୍ୟଦେବ ସୁସ୍ପଷ୍ଟହିଁ କହିଅଛନ୍ତି ଯେ–ତାହାଙ୍କଠାରେ ଆବଦ୍ଧଚିତ୍ତ ସମସ୍ତଙ୍କୁହିଁ ସେ ବୃନ୍ଦାବନର ଆସକ୍ତି ଯୁକ୍ତ ରୂପେ ପ୍ରକାଶ କରିବେ । ଏହା କୃଷ୍ଣଲୀଳାରେ ପ୍ରକାଶିତ ହୋଇନାହିଁ ବୋଲିହିଁ ତାହା ଅଦ୍ଭୁତ ଅନିର୍ବଚନୀୟ ମହତ୍ ଓ ପରିଶିଷ୍ଟଲୀଳାର ଅବଶିଷ୍ଟ କାର୍ଯ୍ୟ ।

ତେଣୁ ଶ୍ରୀଗୌରଲୀଳା ପରିକରଗଣଙ୍କର ତିନି ପ୍ରକାର ଅଭିମାନେ ତଦନୁକୂଳ ରସାସ୍ୱାଦନର କଥା ଅନୁଭବୀ ସିଦ୍ଧମହଦ୍‌ଗଣ କହିଅଛନ୍ତି । ଗୋଟିଏ ହେଉଛି– ଶ୍ରୀଗୌରଲୀଳା ସମୟରେ ଶ୍ରୀଗୌରଙ୍କର ମାତା, ପିତା, ପତ୍ନୀ, ଭ୍ରାତା, ସଖା, ଦାସ ଇତ୍ୟାଦି ନରଲୀଳାର ଯେଉଁଭାବରେ ଯିଏ ଅବତୀର୍ଣ୍ଣ ହୋଇଛନ୍ତି, ସେହି ଭାବ (ଯେପରି ଶ୍ରୀନିତ୍ୟାନନ୍ଦଙ୍କ ଜ୍ୟେଷ୍ଠ ଅଭିମାନ, ଶ୍ରୀଗଦାଧରଙ୍କ କନିଷ୍ଠ ଅଭିମାନ ଇତ୍ୟାଦି), ଦ୍ୱିତୀୟ ହେଉଛି– କେତେବେଳେ କେତେବେଳେ ପୂର୍ବଲୀଳାର ସ୍ୱରୂପର ଅଭିମାନ (ଯେପରି ଶ୍ରୀନିତ୍ୟାନନ୍ଦଙ୍କ ଶ୍ରୀବଳଦେବାଭିମାନ, ଶ୍ରୀଗଦାଧରଙ୍କ ରୁକ୍ମିଣୀର ଭାବ (ଚୈ:ଭା ୨।୧୮।୯, ଚୈ:ଚ ୩।୬।୧୪୦) ବା ଲକ୍ଷ୍ମୀଙ୍କ ଭାବ (ଚୈ:ଚ:୧।୧୦।୧୫) ବା ରାଧାଭାବ (ଗୌ:ର ୧୫୩) ଇତ୍ୟାଦି । ତୃତୀୟ ହେଉଛି– ଶ୍ରୀରାସଲୀଳାର ଚରମ ପରିଣତି ବା ପରିଶିଷ୍ଟରୂପ ମଞ୍ଜରୀଭାବ ବା ରାଧାସ୍ନେହାଧିକା

ନିତ୍ୟସଖୀଗଣଙ୍କ ଅନୁଗତ ଅଭିମାନ । ଶେଷୋକ୍ତ ଅଭିମାନରେ ଆବେଶ ଶ୍ରୀଗୌରଲୀଳା-ତରଙ୍ଗରେ ବୁଡ଼ ଦେବା ସମୟରେହିଁ ହୁଏ । ଶ୍ରୀସଦାଶିବ-ଅବତାର ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ଶ୍ରୀପ୍ରେମମଞ୍ଜରୀ ସ୍ୱରୂପ, ଶ୍ରୀବଳଦେବ ବିଗ୍ରହ ଶ୍ରୀନିତ୍ୟାନନ୍ଦଙ୍କ ଶ୍ରୀଅନଙ୍ଗମଞ୍ଜରୀ ସ୍ୱରୂପ, ଶ୍ରୀଲକ୍ଷ୍ମୀରୂପା (ଚୈ:ଚ:୧।୧୦।୧୫) ବା ଶ୍ରୀରାଧାରୂପା ଶ୍ରୀଗଦାଧର ପଣ୍ଡିତଙ୍କର ମଧ୍ୟ ତତ୍ତ୍ୱରୂପ ମଞ୍ଜରୀସ୍ୱରୂପର କଥା ତତ୍ତତ୍ ଶାଖାର ଅନୁଗ ପରମ୍ପରା ସମସ୍ତେହିଁ ଅବଗତ ଅଛନ୍ତି । ବ୍ରଜବଧୂଗଣଙ୍କର ପ୍ରକଟିତ କାନ୍ତାଭାବର ଉପାସନାହିଁ ଶ୍ରୀମନ୍ମହାପ୍ରଭୁଙ୍କ ମତ । ତାହାଙ୍କର ନିତ୍ୟସିଦ୍ଧ ପରିକରଗଣଙ୍କର ସେହି ମତରେହିଁ ବିଶେଷ ଆଦର । ସେହି ମତରେ ଆଦରଯୁକ୍ତ ପ୍ରାୟ ସର୍ବପରିକର ସ୍ୱତଃହିଁ ମଞ୍ଜରୀଭାବରେ ଆବିଷ୍ଟ ।

ଶ୍ରୀଳକବିରାଜଗୋସ୍ୱାମୀପାଦ୍ କହିଛନ୍ତି (ଚୈ:ଚ ୨।୨।୮୧-୮୨)-

ଆପନେ କରି ଆସ୍ୱାଦନେ, ଶିଖାଇଲ ଭକ୍ତଗଣେ, ପ୍ରେମଚିନ୍ତାମଣିର ପ୍ରଭୁ ଧନୀ ।
ନାହି ଜାନେ ସ୍ଥାନା ସ୍ଥାନ, ଯାରେ ତାରେ କୈଲ ଦାନ, ମହାପ୍ରଭୁ-ଦାତା-ଶିରୋମଣି ॥
ସେହି ଗୁପ୍ତ ଭାବସିନ୍ଧୁ, ବ୍ରହ୍ମା ନା ପାୟ ଏକ ବିନ୍ଦୁ, ହେନ ଧନ ବିଲାଇଲ ସଂସାରେ ।
ଐଛେ ଦୟାଳୁ ଅବତାର, ଐଛେ ଦାତା ନାହି ଆର, ଗୁଣ କେହ ନାରେ ବର୍ଣ୍ଣିବାରେ ॥

ଶ୍ରୀମନ୍ମହାପ୍ରଭୁ 'ନିଜ ଭକ୍ତଗଣଙ୍କୁ' (ନିଜ ନିତ୍ୟସିଦ୍ଧ ପରିକରଗଣଙ୍କୁ) ଏବଂ ବିଶ୍ୱବାସୀ ସମସ୍ତଙ୍କୁହିଁ ସେହି ଗୁପ୍ତଭାବସିନ୍ଧୁ (ବ୍ରଜଗୋପୀ-ପ୍ରେମ) ଆସ୍ୱାଦନ କରାଇଛନ୍ତି । କେବଳ ଶୃଙ୍ଗାର-ରସର ନିତ୍ୟସିଦ୍ଧ ପରିକରଗଣଙ୍କୁହିଁ ସେ ବ୍ରଜଗୋପୀଙ୍କ ପ୍ରେମ ଆସ୍ୱାଦନ କରାଇଥିଲେ, ଆଉ ଅନ୍ୟାନ୍ୟ ରସର ନିଜ ଭକ୍ତଗଣଙ୍କୁ କେବଳ ସେହି ସେହି ରସରହିଁ ଆସ୍ୱାଦନ କରାଇଥିଲେ, ଏହିପରି ହେଲେ ମହାପ୍ରଭୁଙ୍କର ଅଦ୍ଭୁତତ୍ୱ, ଦାତା-ଶିରୋମଣିତ୍ୱ କେଉଁଠି ? ଶ୍ରୀଦ୍ୱାରକାଧୀଶଙ୍କ ଭକ୍ତଗଣଙ୍କ ମଧ୍ୟରେ ଶ୍ରୀସତ୍ୟଭାମାସ୍ୱରୂପ ଶ୍ରୀଜଗଦାନନ୍ଦ ପଣ୍ଡିତ, ଶ୍ରୀନାରଦସ୍ୱରୂପ ଶ୍ରୀଶ୍ରୀବାସ ପଣ୍ଡିତ, ଶ୍ରୀପାଣ୍ଡୁସ୍ୱରୂପ ଶ୍ରୀଭବାନନ୍ଦରାୟ, ଶ୍ରୀହନୁମାନ ଅବତାର ଶ୍ରୀମୁରାରୀଗୁପ୍ତ ,ଶ୍ରୀବ୍ରହ୍ମା ଓ ଶ୍ରୀପ୍ରହ୍ଲାଦଙ୍କ ଅବତାର ଶ୍ରୀହରିଦାସଠାକୁର, ବୃହସ୍ପତିଙ୍କ ଅବତାର ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଇନ୍ଦ୍ରଦ୍ୟୁମ୍ନସ୍ୱରୂପ ମହାରାଜ ଶ୍ରୀପ୍ରତାପରୁଦ୍ର ପ୍ରଭୃତି ଯେ ଶ୍ରୀଶ୍ରୀରାଧାମାଧବଙ୍କ-ଏକୀଭୂତରୂପ ଶ୍ରୀଗୌରଙ୍କ ଲୀଳାରେ ଶ୍ରୀରାଧାମାଧବନିଷ୍ଠ ଅର୍ଥାତ୍ ଶ୍ରୀରାଧାଙ୍କ ଦାସ୍ୟ ଓ ସଖ୍ୟନିଷ୍ଠ ହୋଇଥିଲେ, ତାହାର ପ୍ରକୃଷ୍ଟ ପରିଚୟ ମିଳେ । ଶ୍ରୀହରିଦାସ ଠାକୁର ଓ ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଶ୍ରୀରାମରାୟଙ୍କ ସହିତ ଶ୍ରୀମନ୍ମହାପ୍ରଭୁଙ୍କରହିଁ ଉପସ୍ଥିତି ସମୟରେ ଶ୍ରୀରୂପକୃତ *'ପ୍ରିୟଃ ସୋଽୟଂ କୃଷ୍ଣଃ ସହଚରି'* ଶ୍ଲୋକ ଏବଂ ଶ୍ରୀରୂପଙ୍କ ନାଟକ ଆସ୍ୱାଦନରେ ଶ୍ରୀରାଧାମାଧବ ନିଷ୍ଠାର ପରିଚୟ ପ୍ରକାଶ କରିଅଛନ୍ତି । ଶ୍ରୀପ୍ରତାପରୁଦ୍ର ଗୋପୀଗୀତର ''ଜୟତି ତେଽଧିକଂ'' ଅଧ୍ୟାୟ ପାଠ କରି ଶ୍ରୀଗୌରଙ୍କ କୃପାଲାଭ କରିଅଛନ୍ତି । ଶ୍ରୀମୁରାରିଗୁପ୍ତ ନିଜକୃତ ଶ୍ରୀକୃଷ୍ଣଚୈତନ୍ୟ ଚରିତାମୃତରେ (୪।୨୪।୩୦-୩୨) କହିଛନ୍ତି-

ଯଶୋଦାନନ୍ଦନଃ କୃଷ୍ଣ ଶ୍ରୀଗୋପୀପ୍ରାଣବଲ୍ଲଭଃ । ଶ୍ରୀରାଧାରମଣୋ ରାମାନୁଜୋ ରାସରସୋତ୍ସୁକଃ ॥
ରୋହିଣୀନନ୍ଦନଃ କୃଷ୍ଣୋ ଯଜ୍ଞୋ ରାମୋ ବଳୋ ହରିଃ । ରେବତୀ ପ୍ରାଣନାଥଶ୍ଚ ରାସଜେତ୍ରି ମହୋଦ୍ୟତଃ ॥
ଇତି ନାମ ପ୍ରଗାୟନ୍ତୌ ଭକ୍ତବର୍ଗସମନ୍ୱିତୌ । ଶ୍ରୀକୃଷ୍ଣଚୈତନ୍ୟ-ନିତ୍ୟାନନ୍ଦରାମୌ ପ୍ରବେଭୂତୌ ॥

ଶ୍ରୀରାମାବତାରରେ ଶ୍ରୀହନୁମାନଙ୍କ ମୁଖରେ କଣ କେବେ ମଧ୍ୟ 'ଶ୍ରୀଗୋପୀପ୍ରାଣବଲ୍ଲଭ, ଶ୍ରୀରାଧାରମଣ, ରାସରସୋତ୍ସୁକଃ' ଇତ୍ୟାଦି ନାମ ପ୍ରକାଶିତ ହୋଇଥିଲା । ପୁନଃ ଶ୍ରୀମୁରାରିଗୁପ୍ତ

ଶ୍ରୀଗୌରଲୀଳାତରଙ୍ଗରେ ଡୁବି ଗୋପୀ-ରସରେ ନିମଗ୍ନ ହୋଇଥିଲେ, ତାହାର ପ୍ରକୃଷ୍ଟ ପରିଚୟ ତାହାଙ୍କ ରଚିତ ପଦ୍ୟାବଳୀରେ ମିଳେ,ଯଥା-

ସଖି ହେ ! ଫିରିୟା ଆପନା ଘରେ ଯାଓ ।
ଜିୟନ୍ତେ ମରିୟା ଯେ, ଆପନା ଖାଇୟାଛେ, ତାହେ ତୁମି କି ଆର ବୁଝାଓ ॥ଧ୍ରୁ॥
ନୟନ-ପୁତଲୀ କରି, ଲଇଲୁଁ ମୋହନ ରୂପ, ହିୟାର ମାଝାରେ କରି ପ୍ରାଣ ।
ପରିତି-ଆଗୁନି ଜ୍ୱାଲି, ସକଲି ପୋଡ଼ାଇୟାଛି, ଜାତି-କୁଲ-ଶୀଲ-ଅଭିମାନ ॥
ଖାଇତେ ଶୁଇତେ ବୈତେ, ଆନ ନାହି ଲୟ ଚିତେ, ବନ୍ଧୁ ବିନେ ଆନ ନାହି ଭାୟ ।
ମୁରାରି ଗୁପତେ କହେ, ପିରତି ଏମତି ହୈଲେ, ତାର ଗୁଣ ତିନି ଲୋକ ଗାୟ ॥(ପଦକଳ୍ପତରୁ୬୬୧,୮୪୫)

ଶ୍ରୀକ୍ଷଣଦା-ଗୀତି-ଚିନ୍ତାମଣି-ଧୃତ (୨୪।୧୦) ଶ୍ରୀମୁରାରିଗୁପ୍ତ-କୃତ ଅନ୍ୟ ପଦରେ ମଧ୍ୟ ଶ୍ରୀରାଧାଙ୍କ ସଖୀ ବା ମଞ୍ଜରୀ ଅଭିମାନରେ ମାନିନୀ ଶ୍ରୀରାଧାଙ୍କ ପ୍ରତି ମିନତି ସୂଚକ ଉକ୍ତି ପରିଦୃଷ୍ଟ ହୁଏ-

ନିଜଗୁଣ ହେରି, ପରକୋ ଦୋଖ ପରିହରି - ତେଜର ହୃଦୟ କୋ ରୋଖ ।
ଭଣଇ ମୁରାରି, ପ୍ରାଣପତି-ସଙ୍ଗିନି ! ପୁରୁଖ-ବଧ ବହୁ ଦୁଖ !!

ଏହି ସ୍ଥାନରେ ସୁବିଜ୍ଞ ଗୀତଚିନ୍ତାମଣି-ସମ୍ପାଦକ ମହାଶୟଙ୍କ ଟୀକା-ଗୀତାକର୍ତ୍ତା ମୁରାରୀଗୁପ୍ତ ସଖୀର ଭାବାବେଶେ କହୁଅଛନ୍ତି, - ରାଧେ ! ତୁ ସର୍ବଦାହିଁ ପ୍ରାଣପତି କୃଷ୍ଣଙ୍କ ଉପଯୁକ୍ତ ସଙ୍ଗିନୀ, ଆଉ ଏହିପରି ନିଦାରୁଣ-ମାନ, କେବଳ ନିର୍ଦୟ ରୂପେ ପୁରୁଷ ବଧର ସାଧନ ମାତ୍ର ! ତୋତେ ଅଧିକ ଆଉ କଣ କହିବି - ଏହିପରି ପୁରୁଷବଧ କରିବା ବଡ଼ ଦୁଃଖର ବିଷୟ ।

ଅତଏବ ପୂର୍ବେ ବ୍ରହ୍ମା, ପ୍ରହ୍ଲାଦ, ବୃହସ୍ପତି, ଇନ୍ଦ୍ରଦ୍ୟୁମ୍ନ ଓ ହନୁମାନଙ୍କ ସ୍ୱରୂପରେ ଏହିପରି ରାଧାମାଧବନିଷ୍ଠାର ଆଦର୍ଶ ପ୍ରକାଶିତ ହୋଇନାହିଁ, ଯହା କେବଳ ସ୍ୱଭଜନବିଭଜନ ପ୍ରୟୋଜନାବତାର ଏହି ଶ୍ରୀକୃଷ୍ଣାବିର୍ଭାବବିଶେଷର (ଚୈତନ୍ୟାବତାର) ଲୀଳାର ପରମ ବୈଶିଷ୍ଟ୍ୟ । ଶ୍ରୀରୂପପାଦ୍ ଶ୍ରୀନାଟକଚନ୍ଦ୍ରିୟକାରେ କହିଛନ୍ତି, ନିଜ ପ୍ରିୟ ବସ୍ତୁର ଦାନହିଁ 'ଦାନ' ପଦ ବାଚ୍ୟ । ପ୍ରେମଚିନ୍ତାମଣିର ଧନୀ ପ୍ରଭୁଙ୍କର ପ୍ରିୟ ବସ୍ତୁଟି ଅନ୍ୟକିଛି ନୁହେଁ - ଶ୍ରୀଶ୍ରୀରାଧାଦାସ୍ୟ ।

ଦୀକ୍ଷା ପ୍ରକରଣ

ଅଷ୍ଟାଦଶାକ୍ଷର ମନ୍ତ୍ରର ଅଧିଷ୍ଠାତ୍ରୀଦେବତା ଶ୍ରୀଗୋପୀଜନବଲ୍ଲଭଙ୍କ ସହିତ ପୂର୍ବୋକ୍ତ ସମ୍ବନ୍ଧ ବିଶେଷ ସ୍ଥାପନ ନିମିତ୍ତ ଭାଗ୍ୟବାନ୍ ସାଧକ ତାଦୃଶ ଯୋଗ୍ୟତା ସମ୍ପନ୍ନ ଶ୍ରୀଗୁରୁଦେବଙ୍କଠାରୁ ଶ୍ରୀମନ୍ତ୍ରରେ ବିଧିପୂର୍ବକ ଦୀକ୍ଷା ଗ୍ରହଣ କରିବା ବିଧେୟ । ପୂର୍ବୋକ୍ତ ଅଧ୍ୟାୟରେ ଶ୍ରୀଗୁରୁ-ଶିଷ୍ୟଙ୍କ ଯୋଗ୍ୟତା ପରୀକ୍ଷଣ ବିଷୟ ବର୍ଣ୍ଣିତ ହୋଇଅଛନ୍ତି । ଅନ୍ତତଃ ପକ୍ଷେ ଶିଷ୍ୟ ଏକବର୍ଷ କାଳ ଶ୍ରୀଗୁରୁଙ୍କ ସଦୈନ୍ୟ ନିଷ୍କପଟ ସେବା କରିବା ପରେ ସେହି ମାହାତ୍ମାଙ୍କ ଶ୍ରୀଚରଣରେ ସୁଦୃଢ଼ ଭରସା ଉତ୍ପନ୍ନ ହେବା ପରେ ଶ୍ରୀଗୁରୁଙ୍କୁ ଦୀକ୍ଷା ପ୍ରଦାନ ନିମିତ୍ତ ପ୍ରାର୍ଥନା କରିବେ । ଶ୍ରୀଗୁରୁଦେବ କୃପାବଶତଃ ସମ୍ମତିପ୍ରଦାନ କରିଲେ ଶିଷ୍ୟ ଶୁଭ ସମୟ, ଶୁଭ ଦିନ, ଶୁଭ ତିଥି ଅଥବା ଶ୍ରୀଗୁରୁଦେବଙ୍କ ଉପଦିଷ୍ଟ ସମୟରେ (ଯାହା ସବୁଠାରୁ ଶୁଭ ଓ ପ୍ରଶସ୍ତ ଅଟେ) ଦୀକ୍ଷା ଗ୍ରହଣ ପାଇଁ ସମସ୍ତ ପ୍ରକାରରେ ଯତ୍ନଶୀଳ ହେବେ ।

ମନ୍ତ୍ରଗ୍ରହଣ ସମୟରେ ଶ୍ରୀଗୁରୁଦେବଙ୍କୁ ସାକ୍ଷାତ୍ ଭଗବତ୍ ବୁଦ୍ଧି ନ କରିଲେ ମନ୍ତ୍ରଦୀକ୍ଷା ଗ୍ରହଣହିଁ ସାର୍ଥକ ହୁଏ ନା । ନିର୍ଦ୍ଧାରିତ ଦିବସରେ ଶିଷ୍ୟ ପ୍ରାତଃକୃତ୍ୟ (ସ୍ନାନାଦି) ସମାପନ କରି ଶୁକ୍ଳବସ୍ତ୍ର ଧାରଣ ପୂର୍ବକ ପ୍ରଥମେ *"ଗୁରୁଞ୍ଚ ଭଗବଦ୍ଦୃଷ୍ଟ୍ୟା ପରିକ୍ରମ୍ୟ ପ୍ରଣମ୍ୟଚ । ଦତ୍ତ୍ୱୋକ୍ତାଂ ଦକ୍ଷିଣାଂ ତସ୍ମୈ ସ୍ୱଶରୀରଂ ସମର୍ପୟେତ୍ ॥"* ଶ୍ରୀଗୁରୁଙ୍କୁ ଭଗବଦ୍‌ବୁଦ୍ଧି କରି ଅର୍ଥାତ୍ "ଭଗବାନେବାୟ ସାକ୍ଷାତ୍" ଇଏ ସାକ୍ଷାତ୍ ଭଗବାନହିଁ ଏହିପରି ଜ୍ଞାନରେ ଶ୍ରୀଗୁରୁଙ୍କୁ ପରିକ୍ରମା କରି ଏବଂ ଦଣ୍ଡବତ ପ୍ରଣାମ କରି ଏବଂ ଦକ୍ଷିଣାଦାନ ପୂର୍ବକ ନିଜ ଶରୀର ସେହି ଶ୍ରୀଗୁରୁଙ୍କୁ ସମର୍ପଣ କରିବେ । ଦଶମ ସ୍କନ୍ଧରେ ଲିଖିତ ଅଛି – ବିଶୁଦ୍ଧ ଭାବରେ ଶ୍ରୀଗୁରୁଦେବଙ୍କୁ ନିଜର ସମସ୍ତ ସମ୍ପତ୍ତି ସହିତ ଆତ୍ମସମର୍ପଣ ହେଉଛି ସତ୍‌ଶିଷ୍ୟର ଶ୍ରୀଗୁରୁଦେବଙ୍କ ପ୍ରତି କର୍ତ୍ତବ୍ୟ ଓ ପ୍ରତ୍ୟୁପକାର । ଶିଷ୍ୟ ଏହି ମନ୍ତ୍ରପାଠ କରି ଶ୍ରୀଗୁରୁଦେବଙ୍କୁ ନିଜ ଶରୀରାଦି ସମର୍ପଣ କରିବେ, ମନ୍ତ୍ର ଯଥା – *"ତ୍ରାୟସ୍ୱ ଭୋ ଜଗନ୍ନାଥ ! ଗୁରୋ ! ସଂସାରବହ୍ନିନା । ଦଗ୍ଧଂ ମାଂ କାଳଦଷ୍ଟଞ୍ଚ ତ୍ୱାମହଂ ଶରଣଂ ଗତଃ ॥ ଯୋଦ୍ଧହଂ ମମାସ୍ତି ଯତ୍‌କିଞ୍ଚିତ୍‌ଦିହ ଲୋକେ ପରତ୍ର ଚ । ତତ୍‌ସର୍ବଂ ଭବତୋ ନାଥ ଚରଣେଷୁ ସମର୍ପିତମ୍ ॥"* ହେ ଗୁରୁଦେବ ! ହେ ଜଗନ୍ନାଥ ! ଏ ଅଧମ ସଂସାର ବହ୍ନିରେ ଦଗ୍ଧୀଭୂତ ହୋଇ ନିଦାରୁଣ କଷ୍ଟ ସହ୍ୟ କରୁଅଛି, ବର୍ତ୍ତମାନ୍ ଆପଣ ହିଁ ଏକମାତ୍ର ଗତି । ଏ ଅଧମ ନିଜ ଆୟତାଧୀନ ଇହଲୋକ ଓ ପରଲୋକର ସମସ୍ତବସ୍ତୁ ଆପଣଙ୍କ ଶ୍ରୀଚରଣରେ ସମର୍ପଣ କରୁଅଛି, ଏହି ଦୀନକୁ ଶ୍ରୀଚରଣାଶ୍ରୟ ଦେଇ ଉଦ୍ଧାର କରନ୍ତୁ ।" ଏହି ଜଗନ୍ନାଥ ଶବ୍ଦ ପ୍ରୟୋଗ ଦ୍ୱାରା ଦେଖାଗଲା ଯେ ଶ୍ରୀଗୁରୁଙ୍କୁ ଶିଷ୍ୟ ମନରେ ଯେପରି ସାକ୍ଷାଭ ଗବତ୍ ଜ୍ଞାନ ପୋଷଣ କରିବେ, ବାକ୍ୟ ଦ୍ୱାରା ମଧ୍ୟ ସେହିପରି ଭଗବତ୍ ସୂଚକ ଶବ୍ଦ ପ୍ରୟୋଗ ଓ ସେହିପରି ବ୍ୟବହାର କରିବେ ଏବଂ ସେହି ଭାବେ ଗୁରୁକୁହିଁ ନିଜମନଃ ପ୍ରାଣଦେହ ସମର୍ପଣ କରି ଶରଣାଗତ ହେବେ । ଏହାହିଁ ଶିଷ୍ୟର ଦୀକ୍ଷା ଗ୍ରହଣର ସାମୟିକ ବିଶେଷ କର୍ତ୍ତବ୍ୟ । ଏହାର ଅନ୍ୟଥାରେହିଁ ଦୀକ୍ଷା ପ୍ରାୟତଃ ସିଦ୍ଧି ହୁଏ ନାହିଁ ।

ଶିଷ୍ୟ ଏହିପରି ମନ୍ତ୍ରୋଚାରଣ କରି ଆତ୍ମସମର୍ପଣ ପୂର୍ବକ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ପୁଷ୍ପାଞ୍ଜଳି ଦାନ କରିଲେ ଶ୍ରୀଗୁରୁଦେବ ଭଗବାନଙ୍କୁ ପ୍ରାର୍ଥନା କରିବେ, ଯଥା ହରିଭକ୍ତିବିଳାସ ଟୀକା – *"ହେ ଭଗବାନ ମଦୀୟାନ୍ତଃ କରଣେ ସନ୍ନିଧିବିଶେଷଂ କୃତ୍ୱାଶିଶୋରସ୍ୟ ସାଧୁଗୁଣସମ୍ପନ୍ନସ୍ୟାନୁଗ୍ରହଂ କର୍ତ୍ତୁମର୍ହସି"* ଅର୍ଥାତ୍ –'ହେ ଭଗବାନ୍, ମୋ ଅନ୍ତଃକରଣରେ ଅର୍ଥାତ୍ ମୋର ସଙ୍କଳ୍ପ ପରିକଳ୍ପ, ମୋର ନିଶ୍ଚୟ, ମୋର ଏକାଗ୍ରତା ଏବଂ ମୋର ଅହଂ ଅର୍ଥାତ୍ ଅଭିମାନ ଏହି ବୃତ୍ତି ଚତୁଷ୍ଟୟ ସମନ୍ୱିତ ଅନ୍ତଃକରଣରେ ତୁମ ସନ୍ନିଧି ବିଶେଷ କରି ଅର୍ଥାତ୍ ସର୍ବଭୂତାନ୍ତର୍ଯ୍ୟାମୀ ରୂପେ ମୋ ହୃଦୟରେ ତୁମେ ସର୍ବଦାହିଁ ସନ୍ନିହିତ ଅଛ, କିନ୍ତୁ ବର୍ତ୍ତମାନ୍ ବିଶେଷ ରୂପେ ସନ୍ନିଧାନ ହୋଇ ସାଧୁଗୁଣସମ୍ପନ୍ନ ଏହି ଶିଶୁ ପ୍ରତି ଅନୁଗ୍ରହ କରିବାକୁ ଯୋଗ୍ୟ ହୁଅ ।' ଏ ସ୍ଥଳେ ଏହି ଯେଉଁ ନିଜଠାର ବିଶେଷରୂପେ ଭଗବାନଙ୍କ ଆବିର୍ଭାବ ଯାହାକୁ ଗୁରୁହିଁ ପ୍ରାର୍ଥନା କରୁଅଛନ୍ତି ତାହାର କାର୍ଯ୍ୟ ହେଲା ଶିଷ୍ୟକୁ ଅନୁଗ୍ରହ କରିବା (ଅନୁଗ୍ରହଂ କର୍ତ୍ତୁମ୍) । ବେଶ୍ ତ ! ଶିଷ୍ୟକୁ ଅନୁଗ୍ରହ କରିବାପାଇଁ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ କହିଲେ ପ୍ରାୟତଃ ସଦୟାନ୍ତଃକରଣ ଭଗବଭକ୍ତମାତ୍ରକେ ଏହି ପ୍ରାର୍ଥନା କରିବେ, "ହେ ଭଗବାନ ! ତୁମେ ଏହି ବ୍ୟକ୍ତିକୁ ଦୟା କର ।" କିନ୍ତୁ ଶ୍ରୀଗୁରୁଦେବଙ୍କର ଏପରି ପ୍ରାର୍ଥନା କାହିଁକି, ଯେ– "ମୋ

ହୃଦୟରେ ବିଶେଷ ଭାବରେ ସନ୍ନିଧାନ କରି ଅନୁଗ୍ରହ କର" । ଏସ୍ଥଳେ ଅନୁସନ୍ଧାନ କରିଲେ ଦେଖାଯାଏ, ଏହା ଏକ ବିଶିଷ୍ଟାନୁଗ୍ରହ– ଯେଉଁ ଅନୁଗ୍ରହ ଏକମାତ୍ର ଶ୍ରୀଗୁରୁଙ୍କ ବିଗ୍ରହ ଦ୍ୱାରାହିଁ ହୋଇଥାଏ, ଅନ୍ୟ ଦ୍ୱାରା ହୁଏ ନା । ଯାହାଙ୍କ ଦ୍ୱାରା ଏହି ବିଶେଷ ଅନୁଗ୍ରହ ଜୀବ ପ୍ରତି ହୁଏ, ସେଥିରେ ଗୁରୁତ୍ୱଶକ୍ତି ଆବିର୍ଭୂତ ହେଲେ ତାହାଙ୍କ ଦ୍ୱାରାହିଁ ଭଗବାନ ଜୀବକୁ ଅନୁଗ୍ରହ କରିଥାଆନ୍ତି । ସେଥିପାଇଁ ଗୁରୁ ପ୍ରାର୍ଥନା କରିଥାଆନ୍ତି– *"ହେ ଭଗବନ୍ ମଦୀୟାନ୍ତଃକରଣେ ସନ୍ନିଧ୍ୟ ବିଶେଷଂ କୃତ୍ୱା ଶିଶୋରସ୍ୟ ସାଧୁଗଣ ସମ୍ପନ୍ନ ସ୍ୟାନୁଗ୍ରହଂ କର୍ତ୍ତୁମର୍ହସି ।"* – ଏହି ବିଶିଷ୍ଟାନୁଗ୍ରହ ପାଇଁ ମୋ ଅନ୍ତଃକରଣରେ ବିଶେଷରୂପେ ସନ୍ନିହିତ ହୁଅନ୍ତୁ ଅର୍ଥାତ୍ ବିଶିଷ୍ଟ ଭାବରେ ସାକ୍ଷାତ୍ ଆବିର୍ଭୂତ ହୁଅନ୍ତୁ । ଏହା ଦ୍ୱାରା ମନ୍ତ୍ରଦାତା ବ୍ୟଷ୍ଟି ଗୁରୁଙ୍କଠାରେ ଶିଷ୍ୟାନୁଗ୍ରହପରତାର ମୂଳାଶ୍ରୟ ସାକ୍ଷାଭ ଗବଦାବତାର ସମଷ୍ଟି ଗୁରୁଙ୍କ ଆବିର୍ଭାବ ହୁଏ ତାହାହିଁ ବୁଝାଗଲା ।

ଏହିପରି ପ୍ରର୍ଥନା ଦ୍ୱାରା ଶ୍ରୀଗୁରୁ ନିଜଠାରେ ଭଗବାନଙ୍କର ଆବିର୍ଭାବ କରାଇ ମୂଳ ଗୁରୁଶକ୍ତି ହୃଦୟରେ ଧାରଣ ପୂର୍ବକ ଶିଷ୍ୟର ଅଙ୍ଗରେ ପରିବାର ତିଳକ ଓ ପଞ୍ଚାଙ୍ଗାଦି ନ୍ୟାସ ଦ୍ୱାରା ତାହାଙ୍କୁ ଭଗବଚ୍ଚରଣରେ ସମର୍ପଣ କରିବେ । ବ୍ୟଷ୍ଟିଗୁରୁ ସମଷ୍ଟିଗୁରୁଙ୍କ ଆବିର୍ଭାବ ବିଶେଷକୁ ନିଜ ହୃଦୟରେ ଧାରଣ କରି ଶିଷ୍ୟକୁ କହିବେ, – *"ଦିବ୍ୟ ଦୃଷ୍ଟ୍ୟା ଭଗବନ୍ତମବଲୋକୟ"* – "ତୁମେ ଦିବ୍ୟ ଦୃଷ୍ଟି ଦ୍ୱାରା ଭଗବାନଙ୍କୁ ଦେଖ ।" ଆହା ! ଏକ ଗୁରୁ ବ୍ୟତୀତ କିଏ ଏପରି କଥା କହି ପାରନ୍ତି ? ଏପରି ପରମ ଦୁର୍ଲ୍ଲଭ ଚରମ କୃତାର୍ଥ ହେବାର ଅମୃତମୟ ବାକ୍ୟ ଦାନର ଅଧିକାରୀ ଏକମାତ୍ର ଗୁରୁ ଭିନ୍ନ ଆଉ କିଏ ଅଛି ? *"ଭଗବନ୍ତମବଲୋକତ୍ୱ"*–ଏହା ଦ୍ୱାରା ଦେଖାଗଲା ଯେ –ଭଗବତ୍ ପ୍ରଦର୍ଶକତ୍ୱ ଲକ୍ଷଣ ଏହି ବ୍ୟଷ୍ଟିଗୁରୁଙ୍କଠାରେହିଁ ପର୍ଯ୍ୟବସିତ, ସେଥିପାଇଁ ତାହାଙ୍କୁ *"ତତ୍‌ପଦଂ ଦର୍ଶିତଂ ଯେନ, ତସ୍ମୈ ଶ୍ରୀଗୁରୁବେ ନମଃ ।"* ବୋଲି ସ୍ତୁତି କରାହୋଇଛି । ସେହି ସମୟରେ ସେହି ସ୍ଥଳେ ଭଗବାନଙ୍କ ଆବିର୍ଭାବ ହୋଇଅଛି, ଏବଂ ଗୁରୁ କର୍ତ୍ତୃକ ସମର୍ପିତ ଶିଷ୍ୟକୁ ଭଗବାନ ନିଜ ସେବକ ରୂପେ ଅଙ୍ଗୀକାର କରିଅଛନ୍ତି, ଏହା ଗୁରୁ ସାକ୍ଷାଦନୁଭବ କରିହିଁ ଶିଷ୍ୟକୁ କହିଛନ୍ତି, "ଭଗବାନଙ୍କୁ ଦେଖ ।" କିପରି ଦେଖିବ ? ଗୁରୁ କହୁଛନ୍ତି, "ଦିବ୍ୟଦୃଷ୍ଟ୍ୟା", "ମୁଁ ଦେଉଛି, ଏଇ ଦିବ୍ୟ ଦୃଷ୍ଟି ଦ୍ୱାରା ଦେଖ ।" "(ଦିବ୍ୟ) ଚକ୍ଷୁ ଦାନ ଦିଲ ଯେଇ, ଜନ୍ମେ ଜନ୍ମେ ପ୍ରଭୁ ସେଇ" ଏହା ଗୁରୁଙ୍କ ଖାମଖିଆଲୀ କଥା ନୁହେଁ ବା ଅସତ୍ୟଭାଷଣ ବା ମିଥ୍ୟା ଆଶ୍ୱାସ ବାକ୍ୟ ନୁହେଁ । ଭାଗ୍ୟବାନ ଶିଷ୍ୟ ତାହା ସାକ୍ଷାତ୍ ଅନୁଭବହିଁ କରନ୍ତି ଏବଂ ପରମାର୍ଥ ଶାସ୍ତ୍ରହିଁ ଏହାର ସାକ୍ଷୀ । *"ନିତ୍ୟାବ୍ୟଭୋପି ଭଗବାନୀକ୍ଷ୍ୟତେ ନିଜ ଶକ୍ତିତଃ"* – ଭଗବତ୍ ସ୍ୱରୂପଶକ୍ତିର ଆବିଷ୍କାର ଭିନ୍ନ ଭଗବଦ୍ଦର୍ଶନ ହୁଏନା, ଭଗବଦ୍ଦର୍ଶନ କରାଇ ମଧ୍ୟ ହେବନାହିଁ । ଗୁରୁହିଁ ଏ ସ୍ଥଳେ ସେହି ସ୍ୱରୂପ ଶକ୍ତିମୟୀ ଦିବ୍ୟଦୃଷ୍ଟି ଶିଷ୍ୟକୁ ଦାନ କରି କହୁଛନ୍ତି, "ମୋ ପ୍ରଦତ୍ତ ଦିବ୍ୟ ଦୃଷ୍ଟିରେ ଭଗବାନଙ୍କୁ ଦେଖ ।" ଗୁରୁଙ୍କଠାରେ ଭଗବତ୍ ପ୍ରକାଶିକା ସ୍ୱରୂପଶକ୍ତିର ଆବିର୍ଭାବ ନହେଲେ ଏହି ପ୍ରକାର ସମ୍ଭବ ହୁଏ ନା । ଗୁରୁଙ୍କଠାରେ ସ୍ୱୟଂ ଭଗବଦାବିର୍ଭାବ ନଥିଲେ ଏତେ ଜୋରରେ ସାକ୍ଷାତ୍ ଆଦେଶ କରିପାରନ୍ତେ ନାହିଁ ଯେ "ଭଗବାନଙ୍କୁ ଦେଖ ।" ଯେପରି କୌଣସି ବ୍ୟକ୍ତି ନିଜାୟତାଧୀନ ବସ୍ତୁ ଅନ୍ୟକୁ ଦେବା ସମୟରେ 'ଏଇ ନିଅ' ବୋଲି କୁହନ୍ତି, ଶ୍ରୀଗୁରୁଦେବ ସେହିପରି ନିଜ–ଆୟାତ ଭଗବଦ୍ଦର୍ଶନକୁ ମଧ୍ୟ ଶିଷ୍ୟକୁ ଦାନ କରୁଅଛନ୍ତି –"ଭଗବାନଙ୍କୁ ଦେଖ" –ଏତେ ଶକ୍ତି ଏକ ଗୁରୁଦେବଙ୍କ ବ୍ୟତୀତ ଆଉ କାହାର ମଧ୍ୟ ନାହିଁ ।

ତା'ପରେ ଶିଷ୍ୟ ''ମୟି ପ୍ରସୀଦ'' ଇତ୍ୟାଦି କହିବେ ଏବଂ *''ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଳାକୟା ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରୁବେ ନମଃ ।''* ଏହି ମନ୍ତ୍ର ଉଚ୍ଚାରଣ ପୂର୍ବକ ଶ୍ରୀଗୁରୁପାଦପଦ୍ମରେ ପୁଷ୍ପାଞ୍ଜଳୀ ଅର୍ପଣ କରିବେ । ତାତ୍ପର୍ଯ୍ୟ ଏହି ଯେ ଶିଷ୍ୟ, ପୂର୍ବାବଧି ସାକ୍ଷାଭଗବଦ୍‌ବୁଦ୍ଧି ପୋଷଣ କରିଲେ ମଧ୍ୟ ଏହି ଦୀକ୍ଷା କାଳେ ଗୁରୁଙ୍କଠାରେ ସାକ୍ଷାଭଗବାନଙ୍କ ପ୍ରକାଶ ହୁଏ ଏବଂ ସେ ନିଜ ଇଷ୍ଟଦେବତାଙ୍କ ଅବତାର ବିଶେଷ, ଏହି ଜ୍ଞାନ ଶିଷ୍ୟର ସାକ୍ଷାତ୍‌କାର ତୁଲ୍ୟ ହୁଏ । ଗୁରୁ ଯେତେବେଳେ ଶିଷ୍ୟକୁ କହିବେ–''ଦିବ୍ୟଦୃଷ୍ଟ୍ୟା ଭଗବନ୍ତମବଲୋକୟ,'' ସେତେବେଳେ ଶିଷ୍ୟ ଦିବ୍ୟଜ୍ଞାନ ଲାଭ କରି ସୁଦୃଢ଼ ନିଶ୍ଚୟ କରିଲେ ଯେ ''ମୁଁ ପୂର୍ବେ ଯାହାଙ୍କୁ ଭଗବଦ୍‌ବୁଦ୍ଧି କରି ଭଗବଦ୍‌ତୁଲ୍ୟବୋଧରେ ପ୍ରପନ୍ନ ହୋଇଅଛି, ତାହାଙ୍କୁ ସେହିପରି ମନେ କରିବା ଉପଚାର ମାତ୍ର ନୁହେଁ, ତାହାଙ୍କ ପରମ ସତ୍ୟ ଆଜି ସାକ୍ଷାତ୍‌କାର କରିଲି । ପରମକୃପାବାନ୍ ସେ ନିଜକୁ ମୋ ନିକଟରେ ପ୍ରକାଶ କରି ମୋତେ ନିଜ ଚରଣାରବିନ୍ଦ ପ୍ରାପ୍ତି କରାଇବା ପାଇଁ ଏହି ଗୁରୁରୂପେ ସାକ୍ଷାତ୍ ଆବିର୍ଭୂତ ହୋଇଅଛନ୍ତି ।'' ଶ୍ରୀଗୁରୁଙ୍କ ଏତାଦୃଶ ମହାମହିମାର କଥା ସ୍ମରଣ କରି କରି ଭାଗ୍ୟବାନ୍ ଶିଷ୍ୟ କୃଷ୍ଣପ୍ରାପ୍ତି ଲାଳସାପ୍ରବଳ ଚିତ୍ତରେ ଗୁରୁଙ୍କୁ ପ୍ରଣାମ କରିବେ ।

ଦୀକ୍ଷା ପ୍ରଦାନ ପୂର୍ବେ ଶ୍ରୀଗୁରୁଦେବ ଶିଷ୍ୟକୁ ନିମ୍ନଲିଖିତ ଏହି ଏକଶତ ଚାରୋଟି ବିହିତ ଓ ପରିତ୍ୟାଜ୍ୟ ନିୟମ ବିଧିଭାବରେ ପ୍ରତିପାଳନ କରିବାପାଇଁ ସଂକଳ୍ପବଦ୍ଧ କରାଇବେ । ତନ୍ମଧ୍ୟେ ପ୍ରଥମତଃ ବାଉନଟି ବିହିତ ନିୟମ ଯଥା– (୧)ବ୍ରାହ୍ମ–ମହୂର୍ତ୍ତରେ ଗ୍ରାତ୍ରୋତ୍ଥାନ (୨)ମହାବିଷ୍ଣୁଙ୍କ ପ୍ରବୋଧନ (୩)ବାଦ୍ୟ ସହକାରେ ନିରାଜ୍ଜନ (୪)ଯଥାବିଧାନରେ ପ୍ରାତଃ ସ୍ନାନ (୫)ବିଶୁଦ୍ଧ ନୂତନ ବସ୍ତ୍ରଦ୍ୱୟ (ପରିଧେୟ ଓ ଉତ୍ତରୀୟ) ଧାରଣ (୬)ଦେବାର୍ଚ୍ଚନ ଅର୍ଥାତ୍ ତର୍ପଣାଦି ଦ୍ୱାରା ଜଳରେ ନିଜ ଇଷ୍ଟଦେବଙ୍କର ପୂଜନ (୭)ଗୋପୀଚନ୍ଦନ ଓ ମୃତ୍ତିକା ଦ୍ୱାରା ନିରନ୍ତର ଉର୍ଦ୍ଧପୁଣ୍ଡ୍ର ଧାରଣ,(୮)ନିତ୍ୟ ଆୟୁଧପଞ୍ଚକ ଧାରଣ ଅର୍ଥାତ୍ ଅଙ୍ଗେ ଶଙ୍ଖ, ଚକ୍ର, ଗଦା, ଖଡ୍ଗ ଓ ମଣର ଶରାସନ ଧାରଣ,(୯)ଚରଣାମୃତ ସେବନ (୧୦)ପ୍ରତ୍ୟେହ ତୁଳସୀ ଓ ମଣିମାଲ୍ୟାଦି ବିଭୂଷଣ ଧାରଣ (୧୧)ନିର୍ମାଲ୍ୟୋଦ୍‌ବାସନ ଅର୍ଥାତ୍ ଶ୍ରୀବିଷ୍ଣୁଙ୍କ ନିର୍ମାଲ୍ୟ–ଦୂରୀକରଣ,(୧୨)ଦେହରେ ବିଷ୍ଣୁଙ୍କ ନିର୍ମାଲ୍ୟଚନ୍ଦନ–ଲେପନ, (୧୩) ଶ୍ରୀଶାଳଗ୍ରାମଶିଳା ଓ ଶ୍ରୀଅର୍ଚ୍ଚମୂର୍ତ୍ତିରେ ଭକ୍ତି ସହକାରେ ଅଭୀଷ୍ଟ–ଦେବତାଙ୍କ ଅର୍ଚ୍ଚନ (୧୪)ନିର୍ମାଲ୍ୟ–ତୁଳସୀ ସେବନ(୧୫)ଯଥାବିଧି ତୁଳସୀ–ଚୟନ (୧୬)ଯଥାବିଧାନରେ ତାନ୍ତ୍ରିକ ସନ୍ଧ୍ୟାର ଉପାସନା (୧୭)ଧର୍ମକାର୍ଯ୍ୟରେ ଶିଖାବନ୍ଧନ (୧୮)ଶ୍ରୀବିଷ୍ଣୁପାଦୋଦକ ଦ୍ୱାରାହିଁ ପିତୃଗଣଙ୍କର ତର୍ପଣକ୍ରିୟା (୧୯)ସାମର୍ଥ୍ୟ ଥିଲେ ମହାରାଗୋପଚାରରେ ଶ୍ରୀହରିଙ୍କ ପୂଜନ(୨୦)ଶ୍ରୀବିଷ୍ଣୁଭକ୍ତିର ଅବିରୋଧରେ ଅର୍ଥାତ୍ ଯାହା ଶ୍ରୀବିଷ୍ଣୁଭକ୍ତି ସହିତ ବିରୁଦ୍ଧ ନୁହେଁ ଏହିପରି ନିତ୍ୟ–ନୈମିତ୍ତିକ କ୍ରିୟାର ଅନୁଷ୍ଠାନ(୨୧)ଭୂତଶୁଦ୍ଧାଦି ଓ ଯଥାବିଧାନରେ ସମସ୍ତ ନ୍ୟାସ ସମ୍ପାଦନ(୨୨)ଶ୍ରୀଭଗବାନ୍‌ଙ୍କୁ ଭକ୍ତିସହକାରେ ନବୀନ ଫଳପୁଷ୍ପାଦି ନିବେଦନ(୨୩) ନିତ୍ୟ ତୁଳସୀ ପୂଜନ (୨୪)ନିତ୍ୟ ଭଗବତ୍–ପୂଜନ (୨୫)ପ୍ରତିଦିନ ତ୍ରିକାଳ ଶ୍ରୀବିଷ୍ଣୁଙ୍କ ଅର୍ଚ୍ଚନ (୨୬)ପ୍ରତ୍ୟହ ଶ୍ରୀଭାଗବତାଦି ପୁରାଣ ଶ୍ରବଣ (୨୭) ଶ୍ରୀବିଷ୍ଣୁନିବେଦିତ ବସ୍ତ୍ରାଦି–ଧାରଣ (୨୮)ଶ୍ରୀଭଗବାନଙ୍କ ଆଦେଶ ଜ୍ଞାନ କରି ଅଥବା ଶ୍ରୀଭଗବାନ୍‌ଙ୍କ 'ଦାସ' ଭାବରେ ନିଖିଳ ପୂର୍ତ୍ତକର୍ମରେ ପ୍ରବୃତ୍ତି ହେବା (୨୯)ଶ୍ରୀଗୁରୁଙ୍କ ଆଜ୍ଞା ଗ୍ରହଣ କରିବା (୩୦)ଶ୍ରୀଗୁରୁ

କଥିତ ବାକ୍ୟରେ ବିଶ୍ୱାସ(୩୧)ନିଜ ମନ୍ତ୍ର-ଦେବତାନୁସାରେ ମୁଦ୍ରାବନ୍ଧନ ଅର୍ଥାତ୍ ତିଳକରଚନ (୩୨)ଭକ୍ତି ସହକାରେ ଗୀତ ଓ (୩୩) ଭକ୍ତି ସହକାରେ ନୃତ୍ୟାଦି (୩୪) ଶ୍ରୀହରିଙ୍କ ସମ୍ବନ୍ଧରେ ଶଙ୍ଖାଦିର ମଙ୍ଗଳଧ୍ୱନି(୩୫)ଲୀଳାର ଅନୁକରଣ (୩୬)ଯଥା ବିଧାନରେ ନିତ୍ୟ ହୋମ-ବିଧାନ (୩୭)ନିତ୍ୟ ଯଥାବିଧି ନୈବେଦ୍ୟାର୍ପଣ(୩୮)ସାଧୁଗଣଙ୍କୁ ଆମନ୍ତ୍ରଣ ଓ ପୂଜା(୩୯)ଶେଷ-ନୈବେଦ୍ୟ-ଭକ୍ଷଣ(୪୦)ତାମ୍ବୂଳଶେଷ ଗ୍ରହଣ(୪୧)ବୈଷ୍ଣବ ସଙ୍ଗ (୪୨)ବିଶିଷ୍ଟ ବୈଷ୍ଣବ-କୃତ୍ୟର ବା ଭଗବଦ୍ଧର୍ମର ଜିଜ୍ଞାସା (୪୩)ଦଶମୀ, ଏକାଦଶୀ ଓ ଦ୍ୱାଦଶୀ-ଏହି ତିନି ଦିବସରେ ବିହିତ ବ୍ରତବିଷୟରେ ଯଥା ନିୟମରେ ଶ୍ରଦ୍ଧା ସହକାରେ ସ୍ଥୈର୍ଯ୍ୟ ଧାରଣ (୪୪)ଯେ କୌଣସି ପ୍ରକାରର ଅବସ୍ଥା ହେଉନା କାହିଁକି ସର୍ବଦାହିଁ ସନ୍ତୋଷ (୪୫)ଶ୍ରୀକୃଷ୍ଣଙ୍କ ପର୍ବ ଓ ଯାତ୍ରାଦିର ଅନୁଷ୍ଠାନ (୪୬)ଯଥା ବିଧାନରେ ଅଷ୍ଟ ମହାଦ୍ୱାଦଶୀ ପ୍ରତିପାଳନ (୪୭)(ବସନ୍ତାଦି) ସମସ୍ତ ଋତୁରେ (ତତ୍‌କାଳୀନ ପୁଷ୍ପାଦି ଦ୍ୱାରା) ମହାରାଜୋପଚାରରେ ଶ୍ରୀବିଷ୍ଣୁଙ୍କ ପରିଚର୍ଯ୍ୟା ବା ଦୋଳି ଆନ୍ଦୋଳନାଦି କ୍ରିୟା (୪୮)ନିଖିଳ ବୈଷ୍ଣବ-ବ୍ରତର ପରିପାଳନ (୪୯)ଶ୍ରୀଗୁରୁଙ୍କ ଠାରେ ଈଶ୍ୱର ବୁଦ୍ଧି (୫୦) ସଦା ତୁଳସୀ ସଂଗ୍ରହ (୫୧) ଶ୍ରୀବିଷ୍ଣୁବୈଷ୍ଣବଙ୍କୁ ଶଯ୍ୟାପ୍ରଦାନ ଓ ପାଦସମ୍ବାହନାଦି (୫୨)ଶୟନ ସମୟରେ ରାମାଦିଙ୍କ (ଶ୍ରୀରାମଚନ୍ଦ୍ର, କାର୍ତ୍ତିକ, ହନୁମାନ, ଗରୁଡ଼ ଓ ଭୀମସେନଙ୍କ) ଚିନ୍ତନ ।

ଏହାପରେ ବାଉନଟି ବର୍ଜନୀୟ ନିୟମ କହୁଅଛନ୍ତି- (୫୩)ପ୍ରାତଃ ଓ ସାୟଂ ଉଭୟ ସନ୍ଧ୍ୟାରେ ଶୟନ ନକରିବା (୫୪)ମୃତ୍ତିବା ବ୍ୟତୀତ ଶୌଚ ନ କରିବା (୫୫)ଉପବିଷ୍ଟ ହୋଇ ଆଚମନ ନକରିବା (୫୬)ଶ୍ରୀଗୁରୁଦେବଙ୍କ ଆସନରେ ଉପବେଶନ ନକରିବା (୫୭)ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ପାଦବିସ୍ତାର ଓ (୫୮)ଶ୍ରୀଗୁରୁଦେବଙ୍କ ଛାୟା ଲଂଘନ ନକରିବା (୫୯)ସାମର୍ଥ୍ୟ ଥିଲେ ସ୍ନାନ-କ୍ରିୟାରେ ଆଳସ୍ୟ ନକରିବା (୬୦) ଦେବାର୍ଚ୍ଚନ ବିଲୁପ୍ତ ନ କରିବା (୬୧) ଦେବତା ଓ ଗୁରୁବର୍ଗଙ୍କର ପ୍ରତ୍ୟୁତ୍ଥାନାଦି କରିବା (୬୨) ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ପାଣ୍ଡିତ୍ୟ ପ୍ରକାଶ ନକରିବା (୬୩)ଉର୍ଦ୍ଧ୍ୱଜାନୁ ହୋଇ ଉପବେଶନ ନକରିବା (୬୪)ମନ୍ତ୍ର ବ୍ୟତୀତ ତିଳକ ରଚନା ଓ ଆଚମନ ନକରିବା (୬୫)ନୀଳବସ୍ତ୍ର ଧାରଣ ନକରିବା (୬୬)ଶ୍ରୀହରିବିମୁଖ ବ୍ୟକ୍ତିଗଣଙ୍କ ସହିତ ମୈତ୍ର୍ୟାଦି ନକରିବା (୬୭)ଅସତ୍-ଶାସ୍ତ୍ର ଗ୍ରହଣ ନକରିବା (୬୮)ତୁଚ୍ଛ ସଙ୍ଗରେ ଓ ତୁଚ୍ଛ ସୁଖରେ ଆସକ୍ତି ନରଖିବା (୬୯)ମଦ୍ୟମାଂସ ସେବନ ନକରିବା (୭୦)ମାଦକୌଷଧ ସେବା ନକରିବା (୭୧)ମସୁରାଦି ଅର୍ଥାତ୍ ମସୁର ଡ଼ାଲି ସହ ଦୁଗ୍ଧ ଅନ୍ନାଦି ଭୋଜନ ନକରିବା (୭୨)ଶାକ-ଭୋଜନ ନକରିବା (୭୩)ତୁମ୍ବୀ କଳଞ୍ଜ ଓ ବୃନ୍ଦାକାଦି ଭକ୍ଷଣ ନକରିବା (୭୪)ଅଭକ୍ତ ଅର୍ଥାତ୍ ଅବୈଷ୍ଣବଙ୍କ ନିକଟରୁ ଅନ୍ନ ସଂଗ୍ରହ ନକରିବା (୭୫)ଶ୍ରୀବିଷ୍ଣୁସମ୍ବନ୍ଧ ବ୍ୟତୀତ ଅନ୍ୟ ବ୍ରତ ପାଳନ ନକରିବା (୭୬)ଶ୍ରୀବିଷ୍ଣୁମନ୍ତ୍ର ବ୍ୟତୀତ ଅନ୍ୟ ମନ୍ତ୍ର ଜପ ନକରିବା (୭୭)ଅଭିଚାରାଦି ଅର୍ଥାତ୍ ଉଚ୍ଚାଟନ-ବଶୀକରଣ-ପ୍ରଭୃତି ନକରିବା (୭୮)ସାମର୍ଥ୍ୟ ଥିଲେ ଗୌଣୋପଚାରରେ ଅର୍ଥାତ୍ ନ୍ୟୂନକଳ୍ପେ ଉପଚାର ପ୍ରଦାନ ନକରିବା (୭୯)ଶୋକାଦିର ବଶୀଭୂତ ନ ହେବା (୮୦)ଦଶମୀବିଦ୍ଧ ଏକାଦଶୀବ୍ରତ ନ କରିବା (୮୧)ଶୁକ୍ଳ ଓ କୃଷ୍ଣ ଏହି ଉଭୟ ପକ୍ଷୀୟ ଏକାଦଶୀରେ ପ୍ରଭେଦ ନକରିବା (୮୨)ବ୍ରତ-ଧାରଣପୂର୍ବକ ଦ୍ୟୂତକ୍ରୀଡ଼ାଦି ନକରିବା (୮୩)ଶକ୍ତିବିଦ୍ୟମାନତାରେ

ବ୍ରତଦିବସରେ ଫଳାଦି ଭକ୍ଷଣ ନକରିବା (୮୪)ଏକାଦଶୀ ଦିନରେ ଶ୍ରାଦ୍ଧ ନକରିବା (୮୫)ଦ୍ୱାଦଶୀ ଦିନରେ ଦିବା ଭାଗରେ ନିଦ୍ରିତ ନହେବା ଓ (୮୬)ତୁଳସୀ ଚୟନ ନକରିବା (୮୭)ଦ୍ୱାଦଶୀଦିନରେ ଦିବାଭାଗରେ ଶ୍ରୀବିଷ୍ଣୁଙ୍କୁ ସ୍ଥାପନ ନକରିବା (୮୮)ଶ୍ରୀହରିଙ୍କ ଅନିବେଦିତ ଅନ୍ନ ଦ୍ୱାରା ଶ୍ରାଦ୍ଧ ନକରିବା (୮୯)ବୃଦ୍ଧିଶ୍ରାଦ୍ଧରେ ତୁଳସୀ ବ୍ୟତୀତ ଶ୍ରାଦ୍ଧକ୍ରିୟା ନକରିବା (୯୦)ଅବୈଷ୍ଣବ ଶ୍ରାଦ୍ଧ ନକରିବା ଅର୍ଥାତ୍ ବୈଷ୍ଣବ-ପୁରୋହିତ-ରହିତ ଅଥବା ଶ୍ରୀବିଷ୍ଣୁନିର୍ମାଲ୍ୟରହିତ ଶ୍ରାଦ୍ଧ ନକରିବା (୯୧) ଶ୍ରୀଚରଣାମୃତ ପାନ କରି ଶୁଦ୍ଧାର୍ଥ ଅନ୍ୟ ଜଳ ଦ୍ୱାରା ଆଚମନ କ୍ରିୟା ନକରିବା (୯୨)କାଷ୍ଠ ଆସନରେ ଉପବିଷ୍ଟ ହୋଇ ଶ୍ରୀବାସୁଦେବଙ୍କ ଅର୍ଚ୍ଚନ ନକରିବା (୯୩)ଅର୍ଚ୍ଚନ ସମୟରେ ଅସଦାଳାପ ନକରିବା (୯୪)ଗୃହ କରବୀର ଓ ଆକନ୍ଦ-ପୁଷ୍ପଦ୍ୱାରା ଶ୍ରୀଭଗବାନଙ୍କ ଅର୍ଚ୍ଚନ ନକରିବା (୯୫)ପ୍ରମାଦ ବଶତଃ ମଧ୍ୟ ବକ୍ରପୁଣ୍ଡ (ବଙ୍କା ତିଳକ) ନକରିବା (୯୭)ଅସଂସ୍କୃତ ଦ୍ରବ୍ୟ ଦ୍ୱାରା ଓ ଚଞ୍ଚଳଚିତ୍ତରେ ଶ୍ରୀଭଗବାନଙ୍କ ଅର୍ଚ୍ଚନ ନକରିବା (୯୮)ଏକ ହସ୍ତଦ୍ୱାରା ପ୍ରଣାମ ଓ ଥରେ ମାତ୍ର ପ୍ରଦକ୍ଷିଣାଦି ନକରିବା (୯୯)ଅକାଳରେ ଶ୍ରୀବିଷ୍ଣୁ ଦର୍ଶନ ନକରିବା (୧୦୦)ପର୍ଯୁଷିତାଦି ଦୋଷଦୁଷ୍ଟ ଅନ୍ନାଦିର ନିବେଦନ ନକରିବା (୧୦୧)ସଂଖ୍ୟା ବ୍ୟତୀତ ମନ୍ତ୍ର ଜପ ନ କରିବା (୧୦୨)ମନ୍ତ୍ର ପ୍ରକାଶ ନକରିବା (୧୦୩)ଶକ୍ତି ବିଦ୍ୟମାନତାରେ ମୁଖ୍ୟ କାଳର ଲୋପ, ସୁତରାଂ ଗୌଣକାଳର ପରିଗ୍ରହ ନ କରିବା ଏବଂ (୧୦୪)ଶ୍ରୀବିଷ୍ଣୁଙ୍କ ପ୍ରସାଦ-ଗ୍ରହଣ କରିବାପାଇଁ ଅସ୍ୱୀକାର ନକରିବା ।

ଏହି ଏକଶତ ଚାରୋଟି ବୈଷ୍ଣବ-କର୍ତ୍ତବ୍ୟରୂପେ ନିୟମ ଶ୍ରୀଗୁରୁଦେବ, ଶିଷ୍ୟକୁ ଶ୍ରବଣ କରାଇବା ପରେ ଶିଷ୍ୟ 'ବାଢ଼ଂ' ଶବ୍ଦେ ପ୍ରତିଜ୍ଞା କରିଲେ ଶ୍ରୀଗୁରୁଦେବ୍ ନିଜଠାରେ ଆବିର୍ଭୂତ ଭଗବଦ୍ ସ୍ୱରୂପଭୂତ ଗୁରୁଶକ୍ତିକୁ ଶରୀରର ଶକ୍ତ୍ୟୁଚ୍ଛଳନ ମାର୍ଗରେ ଉଚ୍ଛଳିତ କରି ନିଜ ଦକ୍ଷିଣ ହସ୍ତ ଶିଷ୍ୟର ମସ୍ତକରେ ଅର୍ପଣ କରିବେ ଏବଂ ନିଜର ଶରୀରର ସେହି ଭଗବତ୍ ସ୍ୱରୂପ ପ୍ରକାଶିକା ଶକ୍ତି ଶକ୍ତ୍ୟୁଚ୍ଛଳ ମାର୍ଗରେ ଉଚ୍ଛଳିତ ହୋଇ ଶିଷ୍ୟର ଶକ୍ତ୍ୟୁଚ୍ଛଳନ ମାର୍ଗରେ ପ୍ରବିଷ୍ଟ ହୋଇ ସମୁଲ୍ଲସିତ ହୋଇଅଛି ଏହିପରି ଚିନ୍ତା କରିବେ । ତା'ପରେ ଶ୍ରୀଗୁରୁଦେବ ଯେଉଁ ମନ୍ତ୍ର ଶିଷ୍ୟକୁ ଦାନ କରିବେ, ସେହି ମନ୍ତ୍ରରୂପି ପରବିଦ୍ୟା ଶକ୍ତିକୁ ନିଜ ହୃଦୟରେ ଅକ୍ଷରରୂପେ ଚିଦାନନ୍ଦର ସ୍ଫୁଲିଙ୍ଗର ମାଳା ପରି ଧ୍ୟାନ କରିବେ, ଏବଂ ହୃଦୟରୁ ଚିଦାନନ୍ଦର ସ୍ଫୁଲିଙ୍ଗର ମାଳାପରି ଅକ୍ଷରଶ୍ରେଣୀରୂପା ମନ୍ତ୍ରପରବିଦ୍ୟା ନିଜବଦନରେ ପ୍ରବିଷ୍ଟ ହେଉଅଛି ଏହିପରି ଚିନ୍ତା କରିବେ ଏବଂ ନିଜ ଦେହରୁ ଏହି ଜ୍ୟୋତିର୍ମ୍ମୟୀ ବର୍ଣ୍ଣରୂପା ପରବିଦ୍ୟା ଶିଷ୍ୟର ଶରୀରରେ ଗମନ କରୁଅଛି, ଏହି ପ୍ରକାର ଭାବନା ସହକାରେ ଗୁରୁ ଶିଷ୍ୟର ଦକ୍ଷିଣ କର୍ଣ୍ଣରେ ବାରତ୍ରୟ ଅଥବା ଦୀର୍ଘମନ୍ତ୍ର ହେଲେ ଯେପର୍ଯ୍ୟନ୍ତ ଶିଷ୍ୟ ସେହି ମନ୍ତ୍ରାବଳୀ ସୁଚାରୁ ରୂପେ ହୃଦୟଙ୍ଗମ କରିନାହାନ୍ତି ସେପର୍ଯ୍ୟନ୍ତ ମନ୍ତ୍ର ଶ୍ରବଣ କରାଇବେ ।

ନ୍ୟସ୍ୟ ପାଣିତଳଂ ମୂର୍ଦ୍ଧ୍ନି ତସ୍ୟ କର୍ଣ୍ଣେ ଚ ଦକ୍ଷିଣେ । ଗଭ୍ୟାଦିଯୁକ୍ତଂ ବିଧିବନ୍ମନ୍ତ୍ରଂ ବାରତ୍ରୟ ବଦେତ୍ ॥
ଦୀର୍ଘମନ୍ତ୍ରଞ୍ଚ ଶିଷ୍ୟସ୍ୟ ଯାବଦାଗ୍ରହଣଂ ପଠେତ୍ । ଗୁରୁ-ଦୈବତ-ମନ୍ତ୍ରୈକ୍ୟଂ ଶିଷ୍ୟସ୍ତଂ ଭାବୟନ୍ ପଠେତ୍ ॥

ତାହାପରେ ଶିଷ୍ୟ ମନେକରିବେ - *"ସ୍ୱସ୍ଥାଜ୍ୟୋତିର୍ମ୍ମୟୀଂ ବିଦ୍ୟାଂ ଗଚ୍ଛନ୍ତୀ ଭାବୟେଦ୍ ଗୁରୁଃ । ଆଗତାଂ ଭାବୟେଚ୍ଛିଷ୍ୟୋ ଧନ୍ୟୋଽହସ୍ମୀତି ବିଶେଷତଃ ॥"* ମୁଁ ଧନ୍ୟ ହେଲି । କୃତାର୍ଥ ହେଲି ମୋ, ଜନ୍ମ ସଫଳ ହେଲା । ଆହା ! ଗୁରୁରୂପି ଭଗବାନଙ୍କ ଶରୀରରୁ ଭଗବାନଙ୍କ

ପ୍ରାପିକା ଏହି ଜ୍ୟୋତିର୍ମ୍ମୟୀ ମନ୍ତ୍ରରୂପା ପରିବିଦ୍ୟା ମୋ ଦେହରେ ଆଗମନ କରୁଅଛି । ଆହା ମୁଁ ଧନ୍ୟ ହେଲି । ଏହି ସମୟରେ ଶିଷ୍ୟର ମନେ ହୁଏ – *"ଯୋ ମନ୍ତ୍ରଃ ସ ଗୁରୁଃ ସାକ୍ଷାତ୍ । ଯୋ ଗୁରୁଃ ସ ହରିଃ ସ୍ୱୟଂ"।*

ଅନ୍ୟାନ୍ୟ ବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷା ସମୟରେ କେବଳ ଶ୍ରୀବିଷ୍ଣୁମନ୍ତ୍ର ବା ଶ୍ରୀଗୋପାଳମନ୍ତ୍ରହିଁ ପ୍ରଦାନ କରାଯାଇଥାଏ କିନ୍ତୁ ଶ୍ରୀମନ୍ମହାପ୍ରଭୁଙ୍କ ପ୍ରବର୍ତ୍ତିତ ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟର ପ୍ରାୟତଃ ପ୍ରତ୍ୟେକ ସିଦ୍ଧ ଆମ୍ନାୟଗତ ପରିବାରରେ ଦ୍ୱାଦଶମନ୍ତ୍ର ଗାୟତ୍ରୀ ଉପାସନାର ବିଧି ଚାଲିଆସିଅଛି । ଶ୍ରୀମନ୍ମହାପ୍ରଭୁଙ୍କ ପୂର୍ବେ କେବଳ ବିଷ୍ଣୁମନ୍ତ୍ର ବା ଗୋପାଳଦେବଙ୍କ ମନ୍ତ୍ର ସମୂହର ଆରାଧନା ବିଧି ଦୃଷ୍ଟି ଗୋଚର ହେଉଥିଲା । କିନ୍ତୁ ପରତତ୍ତ୍ୱସୀମା ଶ୍ରୀକୃଷ୍ଣଚୈତନ୍ୟ ସପରିକର ଲୀଳା ସଙ୍ଗୋପନ କରିବାପରେ କଳିକାଳର ସାଧକଗଣଙ୍କ ଉପାସନାର ସୂଚାରୁତା ପାଇଁ ଶ୍ରୀଗୋପାଳଗୁରୁଗୋସ୍ୱାମୀପାଦ୍ ତଥା ତାହାଙ୍କ ଶିଷ୍ୟବର ଶ୍ରୀଧ୍ୟାନଚନ୍ଦ୍ରଗୋସ୍ୱାମୀପାଦ୍ ସପରିକର ଗୌର–ଗୋବିନ୍ଦଙ୍କର ମନ୍ତ୍ର ସମୂହ ଶାସ୍ତ୍ରମାନଙ୍କରୁ ସଂଗ୍ରହ କରି ଲିପିବଦ୍ଧ କରିଯାଇଛନ୍ତି । ଶ୍ରୀଧ୍ୟାନଚନ୍ଦ୍ର ପଦ୍ଧତିରେ ଏହି ଦ୍ୱାଦଶ ମନ୍ତ୍ର–ଗାୟତ୍ରୀ ସମ୍ବନ୍ଧରେ ବିଶଦ ଭାବରେ ଆଲୋଚନା କରାହୋଇଛି, ଦ୍ୱାଦଶ ମନ୍ତ୍ର ଗାୟତ୍ରୀ ଯଥା – (୧) ଶ୍ରୀଗୁରୁଦେବ, (୨) ଶ୍ରୀକୃଷ୍ଣଚୈତନ୍ୟ ମହାପ୍ରଭୁ (୩) ଶ୍ରୀନିତ୍ୟାନନ୍ଦ ପ୍ରଭୁ (୪) ଶ୍ରୀଅଦ୍ୱୈତାଚାର୍ଯ୍ୟ ପ୍ରଭୁ(୫) ଶ୍ରୀଗଦାଧର ପଣ୍ଡିତ (୬) ଶ୍ରୀଶ୍ରୀବାସ ପଣ୍ଡିତ(୭) ଶ୍ରୀଗୁରୁରୂପା ସଖୀ (ମଞ୍ଜରୀ) (୮) ଶ୍ରୀକୃଷ୍ଣ (୯) ଶ୍ରୀରାଧା (୧୦) ଶ୍ରୀଲଳିତାଦି ସଖୀବୃନ୍ଦ (୧୧) ଶ୍ରୀରୂପ–ଅନଙ୍ଗ ମଞ୍ଜରୀ ଆଦି ମଞ୍ଜରୀବର୍ଗ (୧୨) ବୃନ୍ଦା ଓ ପୌର୍ଣ୍ଣମାସୀ ଆଦିଙ୍କର ମନ୍ତ୍ର ଓ ଗାୟତ୍ରୀ ।

କେହି କେହି ପ୍ରଶ୍ନ ଉତ୍ଥାପିତ କରିଥାଆନ୍ତି, ପ୍ରାୟତଃ ସର୍ବତ୍ରହିଁ ଶ୍ରୀଗୋପାଳମନ୍ତ୍ରରେ ଆରାଧନା (ସ୍ମରଣ, ଅର୍ଚ୍ଚନ ଓ ଭୋଗ ସମର୍ପଣାଦି) କରାହୋଇଥାଏ, ଅତଏବ ଏହି ଦ୍ୱାଦଶ ମନ୍ତ୍ର–ଗାୟତ୍ରୀର ପ୍ରୟୋଜନୀୟତା କଣ ? ତାହାର ଉତ୍ତର ଏହି ଯେ – ଯେପରି ଶ୍ରୀକୃଷ୍ଣ ବା ଶ୍ରୀବିଷ୍ଣୁଙ୍କୁ ଶ୍ରୀଗୋପାଳମନ୍ତ୍ର ବା ଅନ୍ୟ ବିଷ୍ଣୁମନ୍ତ୍ରରେ ଆରାଧନା (ସ୍ମରଣ ଅର୍ଚ୍ଚନ ଓ ଭୋଗ ନିବେଦନାଦି) କରାଯଏ, ସେହିପରି ଶ୍ରୀମତୀ ରାଧାଠାକୁରାଣୀ ତଥା ତତ୍ ସଖୀଗଣଙ୍କର ଆରାଧନା ମଧ୍ୟ ତାହାଙ୍କ ମନ୍ତ୍ରରେହିଁ କରିବାକୁ ହେବ । ସେହିପରି ପଞ୍ଚତତ୍ତ୍ୱ (ଶ୍ରୀମନ୍ମହାପ୍ରଭୁ ଶ୍ରୀନିତ୍ୟାନନ୍ଦପ୍ରଭୁ, ଶ୍ରୀଅଦ୍ୱୈତାଚାର୍ଯ୍ୟ, ଶ୍ରୀଗଦାଧରପଣ୍ଡିତ, ଶ୍ରୀଶ୍ରୀବାସ ପଣ୍ଡିତଙ୍କର ସ୍ୱ ସ୍ୱ ମନ୍ତ୍ରରେହିଁ ସେମାନଙ୍କୁ ଆରାଧନା କରିବାକୁ ପଡ଼ିବ । ଶ୍ରୀଧ୍ୟାନଚନ୍ଦ୍ର ଗୋସ୍ୱାମୀପାଦ୍ ଆଗମ ଶାସ୍ତ୍ରରୁ ଏହି ସମସ୍ତ ମନ୍ତ୍ର ଉଦ୍ଧାର କରି ଶ୍ରୀଧ୍ୟାନଚନ୍ଦ୍ରପଦ୍ଧତିରେ ଲିପିବଦ୍ଧ କରିଯାଇଛନ୍ତି । ଶ୍ରୀକୃଷ୍ଣଙ୍କୁ ଯେପରି ତାହାଙ୍କ ମନ୍ତ୍ରରେ ଭୋଗ ଲାଗେ ସେହିପରି ଶ୍ରୀମତୀରାଧାରାଣୀ, ଶ୍ରୀଲଳିତାଦି ସଖୀବୃନ୍ଦ, ଶ୍ରୀରୂପମଞ୍ଜରୀ ଆଦି ମଞ୍ଜରୀବର୍ଗ ଏବଂ ପଞ୍ଚତତ୍ତ୍ୱ ଓ ଶ୍ରୀଗୋସ୍ୱାମୀ ବର୍ଗ ଏବଂ ଗୁରୁଦେବ ଓ ଗୁରୁଦେବୀଙ୍କୁ ତାହାଙ୍କ ନିଜ ନିଜ ମନ୍ତ୍ରରେହିଁ ଭୋଗ ସମର୍ପଣ ହୁଏ । ଶ୍ରୀଗୌଡ଼ୀୟ ବୈଷ୍ଣବ ପ୍ରତ୍ୟେକ ବଂଶ ଓ ପରିବାର ଅନ୍ତର୍ଭୁକ୍ତ ସାଧକ ଏହି ଦ୍ୱାଦଶ ମନ୍ତ୍ର–ଗାୟତ୍ରୀ ଇଷ୍ଟ ହୋଇ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବତାଙ୍କର ଧ୍ୟାନ, ସ୍ମରଣ, ଅର୍ଚ୍ଚନ, ବନ୍ଦନ, ନୈବେଦ୍ୟାର୍ପଣ ଆଦି କରିଥାଆନ୍ତି ।

ପ୍ରତ୍ୟେକ ଗୌଡ଼ୀୟ ବୈଷ୍ଣବ ସାଧକ ଦୀକ୍ଷା ସମୟରେ ଶ୍ରୀଗୁରୁଦେବଙ୍କଠାରୁ ଏହି ଦ୍ୱାଦଶ ମନ୍ତ୍ର ଓ ଗାୟତ୍ରୀ ଲାଭ କରିଥାଆନ୍ତି । ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ କେଉଁଠି

ବ୍ରହ୍ମଗାୟତ୍ରୀ ପ୍ରଦାନ ବା ତାହାର ଉପାସନା ବିଦ୍ଧି ଦେଖିବାକୁ ମିଳେ ନାହିଁ, କାରଣ କର୍ମକାଣ୍ଡୀୟଗଣ ହିଁ ବ୍ରହ୍ମଗାୟତ୍ରୀ ଆରାଧନା କରନ୍ତି । ବିଶେଷତଃ ଶ୍ରୀଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ର ମଧ୍ୟରେହିଁ ବ୍ରହ୍ମଗାୟତ୍ରୀ ସମ୍ଭେଷ୍ଟିତ ଅଛନ୍ତି ତେଣୁ ପୃଥକ୍ ଭାବରେ ଏହାଙ୍କ ସ୍ମରଣ ଓ ଉପାସନା କରାଯାଏ ନାହିଁ, କରିଲେ ବରଂ ଶ୍ରୀଗୋପାଳମନ୍ତ୍ରର ବୀର୍ଯ୍ୟତ୍ୱରେ ସନ୍ଦେହ ଜନକ ଅପରାଧ ହୋଇଥାଏ । ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ଦୀକ୍ଷିତ ଶିଷ୍ୟକୁ ଉପନୟନ ସଂସ୍କାର ବା ଯଜ୍ଞଉପବୀତ (ପଇତା) ପ୍ରଦାନ ବିଧାନ ଦୃଷ୍ଟିଗୋଚର ହୁଏ ନା, କାରଣ ପୂର୍ବପରି ଏହା ମଧ୍ୟ କର୍ମକାଣ୍ଡୀୟଗଣଙ୍କ ପାଇଁ ପ୍ରୟୋଜନୀୟ । ଶୁଦ୍ଧ ରାଗାନୁଗା ମାର୍ଗରେ ଉପନୟନର ପ୍ରୟୋଜନ ନାହିଁ ବରଂ ବ୍ରାହ୍ମଣ କୁଳରେ ଜାତ ସାଧକ ମଧ୍ୟ ଦୀକ୍ଷା ଅନ୍ତେ ପୂର୍ବାଶ୍ରମ ଅର୍ଜ୍ଜିତ ଉପନୟନ (ଉପବିତ) ତ୍ୟାଗ କରନ୍ତି । ରୂପ-ସନାତନ ଆଦି ଗୋସ୍ୱାମୀ ବୃନ୍ଦ ତଥାବହୁ ସିଦ୍ଧ ମହାତ୍ମାଗଣ ଏହି ଆଦର୍ଶ ସ୍ଥାପନ କରିଯାଇଛନ୍ତି । ଯଦିଓ ଦୀକ୍ଷା ସମୟରେ ଉପନୟନ ସଂସ୍କାରର ବିଧି ନାହିଁ ତଥାପି ଯଦି ଜାତ ବ୍ରାହ୍ମଣ ପୂର୍ବ ଉପନୟନ ଧାରଣ କରି ରଖିବା ପାଇଁ ଇଚ୍ଛୁକ ହୁଅନ୍ତି, ସେ ତାହା କରିପାରନ୍ତି, କିନ୍ତୁ ବ୍ରାହ୍ମଣଙ୍କ ବ୍ୟତୀତ ଅନ୍ୟ କେହି ଉପନୟନ ଧାରଣ କରିବାର ଅଧିକାର ପୋଷଣ କରନ୍ତି ନାହିଁ । କର୍ମକାଣ୍ଡ କ୍ରିୟା ନିମିତ୍ତ ଉପନୟନର ଅପରିହାର୍ଯ୍ୟତା, କିନ୍ତୁ ରାଧାଗୋବିନ୍ଦଙ୍କର ରାଗାନୁଗ ପ୍ରେମସେବା ନିମିତ୍ତ ଉପବୀତର ଆଦୌ ଅପେକ୍ଷା ନାହିଁ । ବୃନ୍ଦାବନର ରୂପାନୁଗ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ କୁତ୍ରାପି ଉପନୟନ ଧାରଣ ପ୍ରଥାର ପ୍ରଚଳନ ନାହିଁ । ଦୀକ୍ଷା ଅନ୍ତେ ଶ୍ରୀଗୁରୁଦେବ ଶିଷ୍ୟଙ୍କୁ ଶ୍ୱେତବସ୍ତ୍ର ବ୍ୟତୀତ ଅନ୍ୟ କଷାୟ ବସ୍ତ୍ର (ଗୈରିବସ୍ତ୍ରାଦି) ପରିଧାନ କରିବାପାଇଁ ନିଷେଧ କରିବେ । ଶ୍ରୀସନାତନଗୋସ୍ୱାମୀଙ୍କ ଉପଦେଶ ରହିଛି- ''ରକ୍ତବସ୍ତ୍ର ବୈଷ୍ଣବେର ପରିତେ ନା ଜୁୟାୟ ।'' ଏଠାରେ 'ବୈଷ୍ଣବ' କହିଲେ 'ରାଗ ମାର୍ଗୀୟ ବୈଷ୍ଣବ' ଏହିପରି ତାତ୍ପର୍ଯ୍ୟର କୌଣସି ସଙ୍ଗତି ହୁଏନା, ଦୈନ୍ୟର ମୂର୍ତ୍ତି ଶ୍ରୀସନାତନଗୋସ୍ୱାମୀପାଦ୍ ନିଜକୁ ରାଗମାର୍ଗୀୟ ବୈଷ୍ଣବରୂପେ ଅଭିମାନ କରି ପାରନ୍ତି ନାହିଁ । ଗୃହସ୍ଥ ବୈଷ୍ଣବଗଣ ସମସ୍ତେହିଁ ଶ୍ୱେତବସ୍ତ୍ର ପରିଧାନ କରନ୍ତି ବୋଲି ସେମାନେ ସମସ୍ତେହିଁ ରାଗମାର୍ଗୀୟ ହୋଇ ଯାଆନ୍ତି ନାହିଁ । ଆଉ ଶ୍ରୀରାମାନୁଜ-ସମ୍ପ୍ରଦାୟ ପ୍ରଭୃତିର ବିରକ୍ତ ବୈଷ୍ଣବଗଣ ଶ୍ୱେତବସ୍ତ୍ର ପରିଧାନ କରନ୍ତି ବୋଲି ସେମାନେ ରାଗମାର୍ଗୀୟ ହୋଇଅଛନ୍ତି, ତାହା ମଧ୍ୟ ନୁହେଁ । ଶ୍ରୀସନାତନପାଦ୍ ଶ୍ରୀହରିଭକ୍ତିବିଳାସରେ (୪।୧୫୨) ଦୀକ୍ଷିତ ଅର୍ଚ୍ଚକର ବିଧି କହିଛନ୍ତି – *'କଷାୟଂ ମଳିନଂ ବସ୍ତ୍ରଂ କୌପୀନଞ୍ଚ ପରି ତ୍ୟଜେତ୍ ।'* କଷାୟ (ଗୈରିକ) ବସ୍ତ୍ର, ମଳିନ (କୃଷ୍ଣବର୍ଣ୍ଣ) ବସ୍ତ୍ର ଏବଂ ଗୈରିକ ଓ କୃଷ୍ଣବର୍ଣ୍ଣର କୌପୀନ ପରିତ୍ୟାଗ କରିବେ । ପୁନଃ କହିଛନ୍ତି - *'ଶୁକ୍ଳବାସ । ଭବେନ୍ନିତ୍ୟଂ ରକ୍ତଞ୍ଚୈବ ବିବର୍ଜୟେତ୍ ।'* - ସର୍ବକାଳ ଶୁକ୍ଳ (ଶ୍ୱେତ) ବସ୍ତ୍ର ପରିଧାନ କରିବେ, ରକ୍ତ ବସ୍ତ୍ର (କଷାୟ ବସ୍ତ୍ର) ବିଶେଷ ଭାବେ ବର୍ଜ୍ଜନ କରିବେ । ପୁନଃ ସଂସ୍କାର ଦୀପିକାରେ ଉକ୍ତ ହୋଇଅଛି- *'କାଷାୟରହିତଂ ବସ୍ତ୍ରଂ ବହିର୍ବାସାଦିକଂ ଶୁଭମ୍ ।' 'କୌପୀନଡ଼ୋରଂ ସୂଚୀବେଧଯୁକ୍ତଂ କଷାୟିତଂ ତନ୍ମଳିନଞ୍ଚ ବାସଃ । ଏତନ୍ନ ପୂତଂ ମୁନିଭିଃ ପ୍ରଗୀତଂ ଧୃତ୍ୱା ଭବେତ୍ ଶୋଭନ କାଚିକଃ ପରମ୍ ।''* -ଗୈରିକବର୍ଣ୍ଣହୀନ ବସ୍ତ୍ର ଓ ବହିର୍ବାସାଦି ଶୁଭ ଆଉ ସୂଚୀବେଧଯୁକ୍ତ (ସିଲାଇ ହୋଇଥିବା)ଡ଼ୋର କୌପୀନ, ଗୈରିକ ବର୍ଣ୍ଣରେ ରଞ୍ଜିତ ଓ କୃଷ୍ଣବର୍ଣ୍ଣର କୌପୀନ ଓ ବସ୍ତ୍ର ପବିତ୍ର ନୁହେଁ, ମୁନିଗଣ ଏହାର ନିନ୍ଦା କରିଅଛନ୍ତି । ଅତଏବ

ବୈଷ୍ଣବଶାସ୍ତ୍ରରେ କି ଅର୍ଚ୍ଚନକାରୀ କନିଷ୍ଠ କି ଉଚ୍ଚାଧିକାରୀ ପ୍ରତ୍ୟେକ ବୈଷ୍ଣବ ପକ୍ଷରେହିଁ ନିତ୍ୟ ଶ୍ୱେତ ବସ୍ତ୍ର ଧାରଣ ବିଧି ଏବଂ ଗୈରିକ କୃଷ୍ଣବର୍ଣ୍ଣର ବସ୍ତ୍ର ଧାରଣ ସମ୍ପୂର୍ଣ୍ଣ ନିଷେଧ ।

ଦୀକ୍ଷା ଅନ୍ତେ ଶ୍ରୀଗୁରୁଦେବ ଶିଷ୍ୟକୁ ନିଜ ଗୁରୁପରମ୍ପରାରେ ଆଗତ ଅର୍ଚ୍ଚନ ପ୍ରଣାଳୀ ଶିକ୍ଷା ଦେଇ, ନିତ୍ୟ ଅର୍ଚ୍ଚନ କରିବାର ଆଦେଶ ପ୍ରଦାନ କରିବେ ଏବଂ ତତ୍ ସହିତ୍ ଶୁଦ୍ଧ ଭକ୍ତିର ଅଙ୍ଗସମୂହର ଯାଜନ ଓ ଶୁଭାଶୁଭ କର୍ମରୁ ବିରତ ହେବା ପାଇଁ ଉତ୍ସାହିତ କରାଇବେ । ତତ୍‌ପଶ୍ଚାତ୍ ଶ୍ରୀଗୁରୁଦେବ ଶିଷ୍ୟକୁ ମନ୍ତ୍ରଦେବତା ଶ୍ରୀଗୋପୀଜନବଲ୍ଲଭଙ୍କ ସହିତ ତାହାର ସମ୍ବନ୍ଧର ବିଷୟ ସୂଚିତ କରାଇବେ । ଶ୍ରୀଭଗବାନଙ୍କ ଦ୍ୱାରା ହୃଦୟ ପ୍ରେରଣାରେ ଲବ୍ଧ ଏହି ଏକାଦଶଟୀ ଭାବରେ ଶିଷ୍ୟକୁ ସମଳଙ୍କୃତ କରିବେ ଅର୍ଥାତ୍ ଶିଷ୍ୟକୁ ଶ୍ରୀରାଧାଗୋବିନ୍ଦଙ୍କ ସେବା-ଉପଯୋଗୀ ସିଦ୍ଧ ମଞ୍ଜରୀସ୍ୱରୂପ ପ୍ରଦାନ କରି ତାହାଙ୍କ ନାମ, ରୂପ, ବୟସ, ବେଶ, ସମ୍ବନ୍ଧ, ଯୂଥ, ଆଜ୍ଞା, ସେବା, ପରାକାଷ୍ଠା ପାଲ୍ୟଦାସୀ ନିବାସ – ଏହି ସମସ୍ତ ସାଧନୋପଯୋଗୀ ଉପାୟନ ପ୍ରଦାନ କରିବେ ।

ଶ୍ରୀଗୁରୁଦେବ ଦୀକ୍ଷିତ ଶିଷ୍ୟକୁ ଯଥାବିଧି ଷଡ଼ ଜୟନ୍ତି -(୧) ଶ୍ରୀକୃଷ୍ଣାଷ୍ଟମୀ (୨)ଶ୍ରୀରାମନବମୀ (୩) ଶ୍ରୀନୃସିଂହ ଚତୁର୍ଦ୍ଦଶୀ (୪) ଶ୍ରୀବାମନ ଦ୍ୱାଦଶୀ (୫) ଶ୍ରୀଶିବ ଚତୁର୍ଦ୍ଦଶୀ (୬) ଶକ୍ତି ଜୟନ୍ତି (ଶ୍ରୀଗୌଡ଼ୀୟବୈଷ୍ଣବଙ୍କ ପକ୍ଷେ ଶ୍ରୀରାଧାଷ୍ଟମୀ, ଶ୍ରୀରାମାନନ୍ଦି-ଶ୍ରୀସୀତାଜୟନ୍ତି, ଶୈବଗଣ- ଶ୍ରୀଦୁର୍ଗାଜୟନ୍ତି ପାଳନୀୟ) – ଏହି ଷଡ଼ଜୟନ୍ତି, ପ୍ରତ୍ୟେକଟି ଏକାଦଶୀ ବ୍ରତ ପରି ପାଳନୀୟ । ପୁନଃ ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ପରତତ୍ତ୍ୱ ପୁରୁଷ ତ୍ରୟ ଶ୍ରୀନିତାଇଗୌରସୀତାନାଥଙ୍କ ଜନ୍ମୋତ୍ସବରେ – ୧) ଶ୍ରୀଗୌରପୂର୍ଣ୍ଣିମା, (୨) ଶ୍ରୀନିତ୍ୟାନନ୍ଦ ତ୍ରୟୋଦଶୀ, (୩) ଶ୍ରୀଅଦ୍ୱୈତସପ୍ତମୀରେ ମଧ୍ୟ ଏକାଦଶୀ ପରି ବ୍ରତ କରଣୀୟ । କାରଣ ଏହି ସମସ୍ତ ବ୍ରତ ଶହସ୍ରାଧିକ ଏକାଦଶୀ ଫଳ ଓ ଅନନ୍ୟ ହରିଭକ୍ତି ପ୍ରଦାନ କରିଥାଆନ୍ତି । ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କର ବତ୍ରୋତ୍ସବ ପାଳିତ ହେଉଥିଲେ ମଧ୍ୟ ଶାସ୍ତ୍ରରେ ଶ୍ରୀବଳରାମ ଜୟନ୍ତି ପାଳନର କୌଣସି ବିଧି ନାହିଁ ତେଣୁ ଶ୍ରୀଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟରେ ଶ୍ରୀବଳରାମ ଜୟନ୍ତୀରେ ମହୋତ୍ସବ ହୋଇଥାଏ ।

ଦୀକ୍ଷିତଶିଷ୍ୟର କର୍ତ୍ତବ୍ୟ

ଶ୍ରୀହରିଭକ୍ତି ବିଳାସରେ (୧।୭୯-୮୬) ଶ୍ରୀସନାତନ ଗୋସ୍ୱାମୀପାଦ୍ ଶିଷ୍ୟତ୍ୱାଭିଳାଷୀ ଓ ଦୀକ୍ଷିତ ଶିଷ୍ୟର ଶ୍ରୀଗୁରୁସେବାରେ ଯେଉଁ ବିଧି ଆବଶ୍ୟକ ତାହା ଉଲ୍ଲେଖ କରିଅଛନ୍ତି, ସେଥିରୁ କିୟଦଂଶର ଅନୁବାଦ ଉଦ୍ଧୃତ ହେଉଅଛି – (ଶିଷ୍ୟ) ନିରନ୍ତର ଶ୍ରୀଗୁରୁଙ୍କ ଉଦକ କୁମ୍ଭ (ଜଳକଳସୀ), କୁଶ, କୁସୁମ ଓ ସମିଧ ଆରହଣ କରିବେ । ସର୍ବଦା ଅଙ୍ଗ ଓ ବସ୍ତ୍ରର ମାର୍ଜ୍ଜନ ଓ ଲେପନ କରିବେ ଅର୍ଥାତ୍ ସର୍ବଦା ଗୁରୁଙ୍କ ମନ୍ଦିରର ମାର୍ଜ୍ଜନା, ଦେହରେ ଚନ୍ଦନ ଲେପନ ଓ ବସନ-ସମୂହ ପ୍ରକ୍ଷାଳନ କରିବେ । ଶ୍ରୀଗୁରୁଙ୍କ ନିର୍ମାଲ୍ୟ ଶଯ୍ୟା କାଷ୍ଠପାଦୁକା, ଉପାନତ୍ (ଚର୍ମପାଦୁକା), ଆସନ, ଛାୟା ଓ ଆସନ୍ଦୀ ଅର୍ଥାତ୍ ଭୋଜନ ପାତ୍ରାଧାର ତ୍ରିପାଦିକା କଦାପି ଲଙ୍ଘନ କରିବେ ନାହିଁ । ଗୁରୁଦେବଙ୍କ ପାଇଁ ଦନ୍ତକାଷ୍ଠାଦି ଆହରଣ ଏବଂ ସ୍ୱକୃତ କର୍ମସମୂହ ତାହାଙ୍କ ନିକଟରେ ନିବେଦନ କରିବେ । ଗୁରୁଙ୍କ ଅନୁମତି ନନେଇ କେଉଁଠିକୁ ମଧ୍ୟ ଗମନ କରିବେ ନାହିଁ, ଗୁରୁଦେବଙ୍କ ପ୍ରିୟ ଓ ହିତାନୁଷ୍ଠାନରେ ରତ ରହିବେ, ତାହାଙ୍କ ନିକଟରେ କଦାପି ପାଦ ପ୍ରସାରଣ କରିବେ ନାହିଁ ଏବଂ ଗୁରୁଙ୍କ ସମୀପରେ ଜୃମ୍ଭା (ହାଇ ମାରିବା),

ହାସ୍ୟ ଓ ଉଚ୍ଚସ୍ୱରରେ ବାକ୍ ପ୍ରୟୋଗାଦି, ଉତ୍ତରୀୟ ବସ୍ତ୍ରଦ୍ୱାରା କଣ୍ଠାବରଣ ଓ ଅଙ୍ଗୁଳୀର ଆସ୍ଫୋଟନ (ଫୁଟାଇ) ସର୍ବଦା ତ୍ୟାଗ କରିବେ । ଆହୁରି ମଧ୍ୟ ଲିଖିତ ଅଛି, – ଗୁରୁପୁତ୍ର, ଗୁରୁପତ୍ନୀ, ଗୁରୁଦେବଙ୍କ ଜ୍ଞାତି ଓ ସମ୍ବନ୍ଧିବର୍ଗଙ୍କ ପ୍ରତି ମଧ୍ୟ ନିତ୍ୟ-ଗୁରୁବତ୍ ହିତାଚାରଣ କରିବେ । ଗୁରୁତନୟଙ୍କର ଅଙ୍ଗ-ମାର୍ଜ୍ଜନ, ତାହାଙ୍କ ସ୍ନାପନ, ତଦୀୟ ଉଚ୍ଛିଷ୍ଟ ଭକ୍ଷଣ ଓ ଚରଣ-କ୍ଷାଳନ କରିବା କଥା ନୁହେଁ । ଶ୍ରୀଗୁରୁଦେବଙ୍କ ଶଯ୍ୟା, ଆସନ, ଯାନ ପାଦୁକା, ପାଦପୀ, ସ୍ନାନଜଳ ଓ ଛାୟା ଅତିକ୍ରମ କରିବେ ନାହିଁ, ଗୁରୁଦେବଙ୍କ ସମ୍ମୁଖରେ ପୃଥକ୍ ପୂଜା ଓ ଅଭେଦୋକ୍ତି ଅର୍ଥାତ୍ 'ଶ୍ରୀଗୁରୁଙ୍କ ସହିତ ମୋର କୌଣସି ରୂପେ ପ୍ରଭେଦ ନାହିଁ' – ଏହିପରି ଉକ୍ତି ବର୍ଜ୍ଜନ କରିବେ ଏବଂ ତାହାଙ୍କ ସମ୍ମୁଖରେ ମନ୍ତ୍ରଦାନ, ବ୍ୟାଖ୍ୟା ଓ ପ୍ରଭୁତ୍ୱ ପ୍ରକାଶ କରିବେ ନାହିଁ ।

ଶ୍ରୀନାରଦ ଗୋସ୍ୱାମୀଙ୍କ ଉକ୍ତିରେ ମିଳେ ଯଥା,– ଯେଉଁ ଯେଉଁଠାରେ ଗୁରୁ-ଦର୍ଶନ ହେବ, ସେହି ସେହି ସ୍ଥଳେହିଁ କରଯୋଡ଼କରି ଛିନ୍ନମୂଳ ଦ୍ରୁମ (ବୃକ୍ଷ)ପରି ଭୂମିତଳେ ଦଣ୍ଡବତ ପ୍ରଣତ ହେବେ । ଶିଷ୍ୟ କଦାପି ଗୁରୁଦେବଙ୍କ ଆଜ୍ଞା, ଆସନ, ବାହନ, କାଷ୍ଠ, ପାଦୁକା, ଉପାନତ, ବସନ ଓ ଛାୟା ଅତିକ୍ରମ କରିବେ ନାହିଁ । ମନୁ-ସ୍ମୃତିରେ ମଧ୍ୟ ଲିଖିତ ଅଛି ଯେ ପରୋକ୍ଷରେ ମଧ୍ୟ କେବଳ ମାତ୍ର ଗୁରୁଦେବଙ୍କ ନାମ ଉଚ୍ଚାରଣ କରିବା କଥା ନୁହେଁ ଏବଂ ଶ୍ରୀଗୁରୁଙ୍କ ଗତି, ସ୍ୱର ଓ ଚେଷ୍ଟାର ଅନୁକରଣ କରିବେ ନାହିଁ । ଶ୍ରୀଗୁରୁଙ୍କ ଗୁରୁଦେବ ସନ୍ନିକଟସ୍ଥ ହେଲେ ତତ୍‌ପ୍ରତି ଗୁରୁବତ୍ ଆଚରଣ କରିବେ, ଗୁରୁ କର୍ତ୍ତୃକ ଅନୁଜ୍ଞା ନହେଲେ ନିଜ ଜନକ-ଜନନୀ ପ୍ରଭୃତି ଗୁରୁଜନଙ୍କୁ ବନ୍ଦନା କରିବେ ନାହିଁ । ନାରଦପଞ୍ଚରାତ୍ରରେ ଲିଖିତ ଅଛି – ଯତାତ୍ମା ବ୍ୟକ୍ତି ଏଣେ ତେଣେ ଯଥା-ତଥା ଅଭକ୍ତି ସହକାରେ ଗୁରୁଦେବଙ୍କ ନାମ ଉଚ୍ଚାରଣ କରିବେ ନାହିଁ । ଅବନତ ମସ୍ତକ ଓ କୃତାଞ୍ଜଳି ହୋଇ ଶ୍ରୀଅମୁକ ଏବଂ ତତ୍‌ପରେ ଶ୍ରୀବିଷ୍ଣୁପାଦ ସମନ୍ୱିତ କରି ନାମ ଉଚ୍ଚାରଣ କରିବେ ଅର୍ଥାତ୍ ଓଁ ଅଷ୍ଟୋତ୍ତର ଶତ ଶ୍ରୀଶ୍ରୀ ଅମୁକ ବିଷ୍ଣୁପାଦ୍ .... ଏହିପରି କହିବେ । ଆହୁରି ମଧ୍ୟ ଅଛି ଯେ, ମୋହଃବଶତଃ ଶ୍ରୀଗୁରୁଦେବଙ୍କୁ ଆଜ୍ଞା କରିବେ ନାହିଁ ଅର୍ଥାତ୍ ପ୍ରାର୍ଥନା ସୂଚକ ବାକ୍ୟ ପ୍ରୟୋଗ କରିବେ । (ଅର୍ଥାତ୍ –ଗୁରୁଦେବ ପ୍ରସାଦ ସେବନ କରିବେ ଆସନ୍ତୁ, ଉପବେଶନ କରନ୍ତୁ ଇତ୍ୟାଦି ଭଦ୍ର ବାକ୍ୟର ପ୍ରୟୋଗରେ ମଧ୍ୟ ତାହାଙ୍କୁ ଆଦେଶ ଜନିତ ଅପରାଧ ହେବ ତେଣୁ ପ୍ରସାଦ ସେବନ କରିବେ କି ? ଉପବେଶନ କରିବେ କି ? ଏହିପରି ବାକ୍ୟ ବାକ୍ୟ ପ୍ରୟୋଗ କରିବେ ଅଥବା ଏପରି କରିବା ପାଇଁ କୃପା ହେଉ, ଯିବାପାଇ କୃପାହେଉ ଏହିପରି ସମ୍ବୋଧନ କରିବେ ।) ତାହାଙ୍କ ଆଜ୍ଞା ଉଲଂଘନ କରିବେ ନାହିଁ । ଶ୍ରୀଗୁରୁଦେବଙ୍କୁ ନିବେଦନ ନ କରି କୌଣସି ଦ୍ରବ୍ୟ ଭକ୍ଷଣ କରିବେ ନାହିଁ, କିମ୍ବା ଗୁରୁଙ୍କର କୌଣସି ବସ୍ତୁ ଭୋଜନ କରିବେ ନାହିଁ । ଗୁରୁଦେବଙ୍କୁ ଆଗମନ କରୁଥିବାର ଦେଖିଲେ ତାହାଙ୍କ ଅଗ୍ରେ ଗମନ କରିବେ, ସେ ଗମନ କରିଲେ ତାହାଙ୍କ ଅନୁଗମନ କରିବେ । ତାହାଙ୍କ ସମ୍ମୁଖରେ ଆସନରେ ବା ଶଯ୍ୟାରେ ଅବସ୍ଥିତ ହେବେ ନାହିଁ । ଅନ୍ନ-ପାନାଦି ଯାହା କିଛି ମନୋହର ପ୍ରିୟବସ୍ତୁ ଅଛି, ପ୍ରତିଦିନ ପ୍ରଥମତଃ ତାହା ଗୁରୁଦେବଙ୍କୁ ନିବେଦନ କରି ପରେ ସ୍ୱୟଂ ଆହାର କରିବେ । ଅନ୍ୟତ୍ର ଦେଖିବାକୁ ମିଳେ ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ଅନ୍ୟ କାହାକୁ ପ୍ରଣାମ ବା ଅନ୍ୟ କାହାର ପ୍ରଶଂସା ମଧ୍ୟ କରିବେ ନାହିଁ । ଶ୍ରୀଗୁରୁଦେବଙ୍କ ଆରାଧନା ବିଷୟରେ ଶ୍ରୀହରିଭକ୍ତିବିଳାସରେ ଉକ୍ତ ହୋଇଅଛି-

ପୀଠେ ଭଗବତୋ ବାମେ ଶ୍ରୀଗୁରୂନ୍ ଗୁରୁପାଦୁକାମ୍ ।
ନାରଦାଦୀନ୍ ପୂର୍ବସିଦ୍ଧାନ୍ ଯଜେଦନ୍ୟାଂଶ୍ଚ ବୈଷ୍ଣବାନ୍ ॥(ହ.ଭ.ବି.୬।୧୬)

ଯୋଗପୀଠରେ ଭଗବାନଙ୍କ ବାମଦିଗରେ ଶ୍ରୀଗୁରୁପରମ୍ପରା, ଗୁରୁପାଦୁକା, ନାରଦାଦି ପୁରାତନ ସିଦ୍ଧ ଓ ଅପରାପର ଆଧୁନିକ ବୈଷ୍ଣବଗଣଙ୍କର ଅର୍ଚ୍ଚନା କରିବେ। ଏହାର ଟୀକାରେ ସନାତନଗୋସ୍ୱାମୀପାଦ୍ ଯାହା ଉଲ୍ଲେଖ କରିଛନ୍ତି ତାହାର ଅନୁବାଦ ଉଲ୍ଲେଖ ହେଉଅଛି– ଭଗବାନଙ୍କ ବାମରେ ଅର୍ଥାତ୍ ବାୟୁକୋଣଠାରୁ ଆରମ୍ଭ କରି ଇଶାନକୋଣ ପର୍ଯ୍ୟନ୍ତ ଅଂଶରେ, ଶ୍ରୀଗୁରୁବର୍ଗ – ନିଜଗୁରୁ, ପରମଗୁରୁ, ପରାପରଗୁରୁ, ମହାଗୁରୁ ଓ ପରମେଷ୍ଠିଗୁରୁଙ୍କ ଅର୍ଚ୍ଚନ କରିବେ। କେଉଁଠି ମଧ୍ୟ ଏକତ୍ର "ଶ୍ରୀଗୁରୁ–ପରମଗୁରୁ–ପରମେଷ୍ଠିଗୁରୁଭ୍ୟୋ ନମଃ" ଏହିପରି ପ୍ରୟୋଗ ହୋଇଥାଏ। କେହି କେହି ଏ ବିଷୟରେ ପ୍ରଥମାକ୍ଷରରେ ଅନୁସ୍ୱାର ଯୋଗ କରି ବୀଜରୂପେ ପ୍ରୟୋଗ କରିଥାଆନ୍ତି, ଯଥା –"ଗୁଂ ଗୁରୁଭ୍ୟୋ ନମଃ"। ଏହିପରି ଶ୍ରୀଗୁରୁଙ୍କ ପାଦୁକା, ଶ୍ରୀନାରଦାଦି ପୂର୍ବସିଦ୍ଧ ମହାଭାଗବତଗଣ ଏବଂ ଅନ୍ୟାନ୍ୟ ଆଧୁନିକ ଭାଗବତଗଣଙ୍କର ମଧ୍ୟ ପୂଜାକରିବେ। ପ୍ରୟୋଗ ଏହିପରି –"ଓଁ ଶ୍ରୀଗୁରୁ–ପାଦୁକାଭ୍ୟୋ ନମଃ" ଇତ୍ୟାଦି। ସାଧାରଣତଃ ଶ୍ରୀବିଗ୍ରହ ପୂର୍ବମୁଖେ ସିଂହାସନରେ ଉପବିଷ୍ଟ ଥାଆନ୍ତି, ଏହି ଉଦ୍ଦେଶ୍ୟରେହିଁ ଶ୍ରୀଗୁରୁ–ପାଦୁକାଙ୍କ ସ୍ଥାନ ବାୟୁକୋଣଠାରୁ ଇଶାନ କୋଣ ପର୍ଯ୍ୟନ୍ତ ଉଲ୍ଲେଖିତ ହୋଇଅଛି। କିନ୍ତୁ ଶ୍ରୀବିଗ୍ରହଙ୍କ ଦକ୍ଷିଣମୁଖେ ଅବସ୍ଥାନ ମଧ୍ୟ ବହୁସ୍ଥଳେ ଦୃଷ୍ଟ ହୁଏ। ସେହି ସ୍ଥଳରେ ଇଶାନରୁ ଅଗ୍ନିକୋଣହିଁ ଶ୍ରୀଗୁରୁପାଦୁକାଙ୍କୁ ସ୍ଥାପିତ କରିବାକୁ ହେବ।

ତତଃ କୃତାଞ୍ଜଳିର୍ବାମେ ଶ୍ରୀଗୁରୁଂ ପରମ୍ ଗୁରୁମ୍ ।
ପରମେଷ୍ଠିଗୁରୁଞ୍ଚେତି ନମେଦ୍‌ଗୁରୁପରମ୍ପରାମ୍ ॥ (ହ.ଭ.ବି.୫।୬୦)

"ତତ୍‌ପରେ କୃତାଞ୍ଜଳି ହୋଇ ବାମଭାଗରେ ଶ୍ରୀଗୁରୁ, ପରମଗୁରୁ, ପରମେଷ୍ଠିଗୁରୁ ପ୍ରଭୃତି ଗୁରୁପରମ୍ପରାଙ୍କୁ ପ୍ରଣାମ କରିବେ।" ଶ୍ରୀଗୁରୁଦେବ ଅପ୍ରକଟ ପ୍ରକାଶରେ ଅଖଣ୍ଡ ସ୍ୱରୂପଶକ୍ତି ବା ଚିଚ୍ଛକ୍ତିରୂପେ ବିଦ୍ୟମାନ ଥାଆନ୍ତି। ପୀଠ–ପୂଜାରେ ଶ୍ରୀଭଗବାନ୍‌ଙ୍କ ବାମଦେଶରେ ଶ୍ରୀଗୁରୁପାଦପଦ୍ମ–ପାଦୁକାଙ୍କ ପୂଜା ଦେଖିବାକୁ ମିଳେ। ଯେଉଁ ଶ୍ରୀଭଗବାନ୍ ଏହି ପ୍ରପଞ୍ଚରେ ବ୍ୟଷ୍ଟିଭାବେ ଭକ୍ତାବତାରର ଆବେଶରେ ଶ୍ରୀଗୁରୁଦେବ ରୂପେ ବିଦ୍ୟମାନ୍, ସେ ହିଁ ଅପ୍ରକଟ ପ୍ରକାଶରେ ଶ୍ରୀଯୋଗପୀଠରେ ସମଷ୍ଟି ବା ଅଖଣ୍ଡ–ସ୍ୱରୂପ ଶକ୍ତି ରୂପେ ନିତ୍ୟ ପ୍ରକଟିତ।

ରାଗମାର୍ଗର ପତ୍ୟେକ ସାଧକ ପ୍ରାତ୍ୟହିକ ମନ୍ତ୍ର ସ୍ମରଣ ସମୟରେ ଉଭୟ ନବଦ୍ୱୀପ ଲୀଳା ଓ ବ୍ରଜଲୀଳାରେ ପ୍ରଥମତଃ ଶ୍ରୀଗୁରୁଦେବ ଓ ଶ୍ରୀଗୁରୁଦେବୀଙ୍କର ମନ୍ତ୍ରଗାୟତ୍ରୀହିଁ ସ୍ମରଣ କରିଥାଆନ୍ତି। ପୂର୍ବପରି ନବଦ୍ୱୀପଲୀଳା ଓ ବ୍ରଜଲୀଳାରେ ସେବାଧିକାର ବା ଅର୍ଚ୍ଚନାଧିକାର ନିମନ୍ତେ ଶିଷ୍ୟ ଶ୍ରୀଗୁରୁଦେବଙ୍କୁ ପ୍ରଣାମ କରି ପ୍ରାର୍ଥନା କରିବେ। ପ୍ରଣାମ–ବଚନଂ ଯଥା ଯାମଳେ–*"ନମସ୍ତେ ଗୁରୁଦେବାୟ ସର୍ବସିଦ୍ଧି–ପ୍ରଦାୟିନେ । ସର୍ବ ମଙ୍ଗଳ ରୂପାୟ ସର୍ବାନନ୍ଦବିଧାୟିନେ ।"* ଇତି ପ୍ରାର୍ଥନା ଯଥା ତତ୍ରୈବ –*"ଶ୍ରୀଗୁରୋ ପରମାନନ୍ଦ ପ୍ରେମାନନ୍ଦଫଳପ୍ରଦ। ନବଦ୍ୱୀପାନନ୍ଦ ପ୍ରଦାନନ୍ଦ ସେବାୟାଂ ମାଂ ନିଯୋଜୟ। "ଶ୍ରୀଗୁରୋ ପରମାନନ୍ଦ ପ୍ରେମାନନ୍ଦ ଫଳପ୍ରଦ। ବ୍ରଜାନନ୍ଦ ପ୍ରଦାନନ୍ଦ ସେବାୟାଂ ମାଂ ନିଯୋଜୟ ॥"* ଇତି ତତଃ ପ୍ରାର୍ଥନା ଯଥା –*"ହେ ଶ୍ରୀଗୁରୋ ! ଭୁବନମଙ୍ଗଳନାମଧେୟ, ଧ୍ୟେୟାଂଘ୍ରି ପଦ୍ମସ୍ମିତିଃ*

ଶରଣଂ ନିଜସ୍ୱମ୍ । ଦୀନାୟ ମେ ଦୟ ଦୟାସରିତାଂ ପତେ ଶ୍ରୀ,-କୃଷ୍ଣାଂଘ୍ରିପଦ୍ମ-ଭଜନଂ ସୁଲଭଂ ଯଦନ୍ତ ॥'' ଇତି ॥ *(ଶ୍ରୀସାଧାନାମୃତଚନ୍ଦ୍ରିକା)*

ଶ୍ରୀନବଦ୍ୱୀପଚନ୍ଦ୍ରଙ୍କ ସହିତ ତାହାଙ୍କ ପରିକର ଓ ଶ୍ରୀରାଧାଗୋବିନ୍ଦଙ୍କ ସହିତ ତାହାଙ୍କ ପରିକର ବୃନ୍ଦଙ୍କ ଅର୍ଚ୍ଚନ ପୂର୍ବେ ଶ୍ରୀଗୁରୁଦେବଙ୍କ ଅର୍ଚ୍ଚନ କରାହୋଇଥାଏ, କାରଣ ସ୍ୱୟଂ ଶ୍ରୀଭଗବାନ୍ କହିଛନ୍ତି, *'ପ୍ରଥମେଦ୍ ଗୁରୁ ପୂଜ୍ୟତେ । ତଦନ୍ତରମ୍ ମମ ଅର୍ଚ୍ଚନମ୍'।* ପ୍ରଥମେ ଗୁରୁଙ୍କ ଅର୍ଚ୍ଚନ ନକରି ମୋ ଅର୍ଚ୍ଚନ କରିଲେ ତାହା ନିଷ୍ଫଳ ହୁଏ । ଶ୍ରୀମନ୍ମହାପ୍ରଭୁଙ୍କର ବା ଶ୍ରୀରାଧାଗୋବିନ୍ଦଙ୍କର ପ୍ରସାଦ-ନିର୍ମାଲ୍ୟରେ ହିଁ ଶ୍ରୀଗୁରୁଦେବଙ୍କର ଆରାଧନା ହୁଏ ।

ଅର୍ଚ୍ଚନାନ୍ତର୍ଗତ ପୀଠ-ପୂଜା-ପ୍ରକରଣରେ ଶ୍ରୀଳ ଜୀବଗୋସ୍ୱାମୀପାଦ୍ କହିଛନ୍ତି,- ''ପୀଠ-ପୂଜାୟାଂ ଭଗବଦ୍ ବାମେ ଶ୍ରୀଗୁରୁପାଦୁକା - *''ପୂଜନମେବଂ ସଙ୍ଗଚ୍ଛତେ, ଯଥା - ଯ ଏବ ଭଗବାନତ୍ର ବ୍ୟଷ୍ଟି ରୂପତୟା ଭକ୍ତାବତାରତ୍ୱେନ ଶ୍ରୀଗୁରୁରୂପେ ବର୍ତତେ, ସ ଏବ ତତ୍ର ସମଷ୍ଟି ରୂପତୟା ସ୍ୱଧାମ-ପ୍ରଦେଶେ ସାକ୍ଷାଦବତାରତ୍ୱେନାପି ତଦ୍ରୂପୋ ବର୍ତତେ ।''* *(ଶ୍ରୀଭ:ସ:୨୮୮ଅନୁ)*

ଦୀକ୍ଷିତ ଶିଷ୍ୟର କର୍ତ୍ତବ୍ୟ ସମ୍ବନ୍ଧରେ ଶ୍ରୀହରିଭକ୍ତିବିଳାସରେ (୨।୧୩୬-୧୮୦) ଆହୁରି ମଧ୍ୟ ଉକ୍ତ ହୋଇଅଛି - ଶିଷ୍ୟ ନିଜ ଶ୍ରୀଗୁରୁଦେବଙ୍କ ଉପଦିଷ୍ଟ ମନ୍ତ୍ର କାହାକୁ ମଧ୍ୟ ଉପଦେଶ କରିବେ ନାହିଁ ଏବଂ ଜନସମକ୍ଷରେ ପ୍ରକାଶ କରିବେ ନାହିଁ । ଶାସ୍ତ୍ର(ଶ୍ରୀମଦ୍ଭାଗବତ) କିମ୍ବା ଅର୍ଚ୍ଚନାଦି ବିଷୟକ ଗ୍ରନ୍ଥ ଗୋପନରେ ଏବଂ ନିଜ ଦେହପରି ତାହା ରକ୍ଷା କରିବେ । ବୈଷ୍ଣବଗଣଙ୍କ ପ୍ରତି ବିଶେଷତଃ ଆଚାର୍ଯ୍ୟବର୍ଗଙ୍କ ପ୍ରତି ଭକ୍ତିପ୍ରଦର୍ଶନ, ଯଥାଶକ୍ତି ସେମାନଙ୍କର ସେବା ଏବଂ ବିପଦାପନ୍ନ ହେଲେ ସେମାନଙ୍କୁ ରକ୍ଷା କରିବେ । ଶ୍ରୀବିଷ୍ଣୁମନ୍ଦିରରୁ ନିର୍ମାଲ୍ୟାଦି ପ୍ରାପ୍ତ ହେଲେ ପ୍ରଣତ ହୋଇ ତାହା ମସ୍ତକୋପରି ଧାରଣ କରିବେ, ତତ୍‌ପରେ ତାହା ଜଳଗର୍ଭେ ନିକ୍ଷେପ କରିବେ, ଯେପରି ଭୂମିରେ ପତିତ ନ ହୁଏ । ଶ୍ରୀବିଷ୍ଣୁଙ୍କୁ-ସୋମ-ସୂର୍ଯ୍ୟଙ୍କ ମଧ୍ୟବର୍ତ୍ତୀ, ଗୋ ଅଶ୍ୱତ୍ଥ ଓ ବହ୍ନିମଧ୍ୟଗତ ଏବଂ ଗୁରୁ ଓ ଶ୍ରୀବିପ୍ରଙ୍କ ଦେହ-ମଧ୍ୟସ୍ଥ ରୂପେ ଚିନ୍ତାକରିବେ । ଯେଉଁ ସ୍ଥାନରେ ମାତ୍ସର୍ଯ୍ୟ ବଶତଃ ଗୁରୁନିନ୍ଦା ଶ୍ରୁତିଗୋଚର ହେବ, ସେଠାରେ ଅବସ୍ଥାନ କରିବେ ନାହିଁ, ଶ୍ରୀବିଷ୍ଣୁଙ୍କୁ ସ୍ମରଣ କରି ସେହି ସ୍ଥାନ ତ୍ୟାଗ କରିବେ । ହେ ନାରଦ ! ଯେଉଁ ସମସ୍ତ ବ୍ୟକ୍ତି ଶ୍ରୀଗୁରୁଦେବଙ୍କ ନିନ୍ଦା, ଶ୍ରୀଭଗବାନଙ୍କ ନିନ୍ଦା ଓ ଶାସ୍ତ୍ରନିନ୍ଦା କରନ୍ତି, ସେମାନଙ୍କ ସହିତ କେତେବେଳେ ମଧ୍ୟ ଅବସ୍ଥାନ ଅଥବା କଥୋପକଥନ କରିବେ ନାହିଁ । ବିଶେଷତଃ ପ୍ରଦକ୍ଷିଣ ସମୟରେ , ଗମନ-କାଳେ, ଦାନ ସମୟରେ, ପ୍ରାତଃ-କାଳରେ ଓ ପ୍ରବାସରେ ଥିଲେ ବାରମ୍ବାର ନିଜ ମନ୍ତ୍ର ସ୍ମରଣ କରିବେ । *(ଗୁରୁ ନିନ୍ଦୁକର ମୁଖ କଭୁ ନା ହେରିବେ । ଯଥା ହୟ ଗୁରୁ ନିନ୍ଦା ତଥା ନ ଯାଇବେ ॥)* ଗୁରୁନିନ୍ଦାରେ କଳୁଷିତ ସ୍ଥାନରେ ପଦାର୍ପଣ କରିଲେ ଗୁରୁ ଭକ୍ତିରେ ଗୁରୁତର ବାଧା ଆସିଥାଏ । (ସ୍ୱପ୍ନରେ ବା ଚକ୍ଷୁ ସମ୍ମୁଖରେ ଅକସ୍ମାତ୍ ଯଦି କୌଣସି ଅତି ହର୍ଷପ୍ରଦ ଅଲୌକିକ ବ୍ୟାପାର ଘଟେ, ତାହା ହେଲେ ଶ୍ରୀଗୁରୁ ବ୍ୟତୀତ ଅପରଙ୍କ ନିକଟରେ ପ୍ରକାଶ କରିବେ ନାହିଁ । ପଞ୍ଚରାତ୍ରରେ ଲିଖିତ ଅଛି, ଯଥା- ପଞ୍ଚରାତ୍ର ଠାରୁ ସଂକ୍ଷେପତଃ ସମୟ (ନିୟମ) ସମୂହ ବର୍ଣ୍ଣନ କରୁଅଛି । ରୋଗାଦି ପାଇଁ ଔଷଧ ମଧ୍ୟରେ ମତ୍ସ୍ୟ, ମାଂସ, କୂର୍ମ ଓ ଶୂକର ମାଂସ ଭୋଜନ କରିବେ ନାହିଁ । ଦେବ ମନ୍ଦିରରେ ନିଷ୍ଠୀବନ ତ୍ୟାଗ କରିବେ ନାହିଁ (ଛେପ ପକାଇବେ ନାହିଁ), ସେଠାରେ ଛିଙ୍କ ମାରିବେ ନାହିଁ ଏବଂ ପାଦୁକା ଧାରଣ କରି

କେବେ ମଧ୍ୟ ମନ୍ଦିରର ଅଭ୍ୟନ୍ତରରେ ପ୍ରବେଶ କରିବେ ନାହିଁ । ଶୁକ୍ଳ ଓ କୃଷ୍ଣ – ଉଭୟ ପକ୍ଷର ଏକାଦଶୀରେ ଭୋଜନ କରିବେ ନାହିଁ, ବିଶେଷତଃ ଶ୍ରୀଏକାଦଶୀର ରାତ୍ରିରେ ଜାଗରଣ କରିବେ ଏବଂ ଶ୍ରୀବିଷ୍ଣୁଙ୍କ ଆରାଧନା କରିବେ । ସମ୍ମୋହନତନ୍ତ୍ରରେ ଲିଖିତ ଅଛି, – ଇଷ୍ଟଦେବତାଙ୍କୁ ଗୋପନ କରିବେ, ନିଜ ଗୁରୁଦେବଙ୍କୁ ଗୋପନ କରିବେ, ନିଜ ମନ୍ତ୍ରକୁ ଗୋପନ କରିବେ ଏବଂ ନିଜ ମାଳିକା (ନାମମାଳା) ଗୋପନ ରଖିବେ ।

ଶ୍ରୀଗୁରୁସେବା

ଶ୍ରୀପ୍ରହ୍ଲାଦମହାରାଜ ଶ୍ରୀନୃସିଂହ ସ୍ତବରେ କହିଛନ୍ତି, ଜାଗତିକ ବ୍ୟକ୍ତିଗଣଙ୍କଠାରେ ଏହି ବ୍ୟକ୍ତି ଉତ୍ତମ, ଏହି ବ୍ୟକ୍ତି ଅଧମ ପୁନଃ ବ୍ରହ୍ମାଦି ଦେବତାଗଣ ଉତ୍ତମ, ଅସୁରଗଣ ନୀଚ, ଏହିପରି ଛୋଟବଡ଼ ବୁଦ୍ଧି ଅଛି, କିନ୍ତୁ ଜଗତର ଆତ୍ମା ଓ ବନ୍ଧୁ ଶ୍ରୀଭଗବାନ ଏବଂ ତଦଭିନ୍ନ ଶ୍ରୀଗୁରୁବୈଷ୍ଣବଙ୍କଠାରେ ସେହିପରି ଛୋଟବଡ଼ ଜ୍ଞାନ ନାହିଁ । ଯେ କେହି ସେବା କରନ୍ତି, କଳ୍ପତରୁପରି ସେମାନଙ୍କର ସେବାର ଅନୁରୂପ କୃପାର ଉଦୟ ହୁଏ । ସେବା ତାରତମ୍ୟରେହିଁ ସେମାନଙ୍କର କୃପା ଉଦୟର ତାରତମ୍ୟ, ଜାଗତିକ ଉଚ୍ଚନୀଚ ଭେଦଦୃଷ୍ଟିରେ ନୁହେଁ । *"ସଂସେବୟା ସୁରତରୋରିବ ତେ ପ୍ରସାଦଃ, ସେବାନୁରୂପ ମୁଦୟୋ ନ ପରାବରତ୍ୱମ୍ ॥"*(ଭା ୭।୯।୨୬)

ଶ୍ରୀନାରଦ ହେଉଛନ୍ତି– ଶ୍ରୀପ୍ରହ୍ଲାଦ ମହାରାଜଙ୍କ ଶ୍ରୀମନ୍ତ୍ରଦୀକ୍ଷା ଗୁରୁଦେବ । ସେହି ଶ୍ରୀଗୁରୁଦେବଙ୍କ ସେବାର ନିତ୍ୟତ୍ୱ ସମ୍ବନ୍ଧରେ ଶ୍ରୀପ୍ରହ୍ଲାଦ ମହାରାଜ ଶ୍ରୀନୃସିଂହସ୍ତବରେ କହିଛନ୍ତି *"ଏବଂ ଜନଂ ନିପତିତଂ ପ୍ରଭାବାହକୂପେ, କାମାଭିକାମମନୁ ଯଃ ପ୍ରପତନ୍ ପ୍ରସଙ୍ଗାତ୍ ।*
କୃତ୍ୱାତ୍ମସାତ୍ ସୁରର୍ଷିଣା ଭଗବନ୍ ଗୃହୀତଃ ସୋଽହଂ କଥଂ ନୁ ବିସୃଜେ ତବ ଭୃତ୍ୟ ସେବାମ୍ ॥" (୭।୭।୯୮)

–"ହେ ନୃସିଂହ ! ଏହିପରି ଉତ୍କୃଷ୍ଟ ଓ ବିକୃଷ୍ଟଭାବରେ ଗଣଗଙ୍ଗଳିକାର ଅନୁସରଣର ବିଷୟ ସମୂହ ସର୍ବତୋଭାବେ କାମନା କରି ସେଥିରେ ଆସକ୍ତି ବଶତଃ ପ୍ରକୃତ ସଂସାରରୂପି କାଳ ଅଜଗର ସର୍ପଯୁକ୍ତ କୂପରେ ନିପତିତ ହେବାରୁ ଦେବର୍ଷି ଶ୍ରୀନାରଦ ପ୍ରଭୁପାଦ 'ଏଇ ଜୀବଟୀ ମୋର ହେଉ' ଏହିପରି ଭାବରେ ମୋଠାରେ ନିଜ ସତ୍ତ୍ୱ ଆରୋପ କରି ବଳାତ୍କାରରେ ନିଜ ହସ୍ତ ଦ୍ୱାରା ମୋ କେଶାକର୍ଷଣ ପୂର୍ବକ ସେହି ସଂସାର କୂପରୁ ଉଦ୍ଧାର ପୂର୍ବକ ନିଜ ସମୀପକୁ ନେଇ ଯାଇ ମୋ କର୍ଣ୍ଣରେ ଶ୍ରୀମନ୍ତ୍ରରାଜ ଉପଦେଶ କରି ନିଜ ସେବକ କରିନେଲେ । ମୁଁ ଯାହାଙ୍କ ପ୍ରସାଦରେ ସେହି ଶ୍ରୀନୃସିଂହ ! ତୁମର ସେବା ଲାଭ କରିଅଛି, ସେହି ତୁମ ଭୃତ୍ୟ ଶ୍ରୀମଦ୍‌ଗୁରୁଦେବଙ୍କ ସେବା କିପରି ଭାବେ ପରିତ୍ୟାଗ କରିବି ?"

କର୍ମୀ, ଜ୍ଞାନୀ, ଯୋଗିଗଣ ଫଳ ପ୍ରାପ୍ତିରେ ସାଧନ ପରିତ୍ୟାଗ କରନ୍ତି, କିନ୍ତୁ ଭକ୍ତିମାର୍ଗରେ ସାଧନ– ସାଧ୍ୟ, ଉପାୟ–ଉପେୟ ପୃଥକ୍ ନୁହେଁ । ଅତଏବ ଯେଉଁ ସ୍ଥାନରେ ସାଧନ ମଧ୍ୟ ଫଳସ୍ୱରୂପ ହେଉଥିବାରୁ ଭଗବତ୍ ସାକ୍ଷାତ୍‌କାର ଲାଭ କରି ମଧ୍ୟ ଗୁରୁସେବା ବୃତ୍ତି ସାଧୁସଙ୍ଗାଦି କ୍ରିୟା ହ୍ରାସ ହୁଏ ନା, ଏତାଦୃଶ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣସେବା ଯୋଗୁଁ ହିଁ ମୁଁ ଅନ୍ୟାୟାସରେ ସୁଦୁର୍ଲ୍ଲଭ ଶ୍ରୀଭଗବତ୍ ସାକ୍ଷାତ୍‌କାର ଲାଭ କରିବାରେ ସକ୍ଷମ ହେଲି, ଏହି ବିବେଚନାରେ ଶ୍ରୀଗୁରୁସେବା ଆହୁରି ମଧ୍ୟ ବୃଦ୍ଧି ପାଏ, ଏହା ଧ୍ରୁବାଦିଙ୍କର ଦୃଷ୍ଟାନ୍ତରେ ମଧ୍ୟ ଦେଖିବାକୁ ମିଳେ । (ଶ୍ରୀସାରାର୍ଥଦର୍ଶିନୀ ଟୀକାର ମର୍ମାନୁବାଦ) ।

ଭକ୍ତିମାର୍ଗରେ ନବପ୍ରବିଷ୍ଟ ଭକ୍ତିସାଧନରେ ଅଜ୍ଞାତରତି ନବୀନ ସାଧକ ବ୍ୟକ୍ତି ପକ୍ଷରେ

ଶ୍ରୀଗୁରୁ ବୈଷ୍ଣବ ସଙ୍ଗ ବିନା ସ୍ୱୟଂ ସ୍ୱତନ୍ତ୍ରଭାବରେ ହରିକଥା ସ୍ମରଣ ଚିନ୍ତାନାଦି ଦ୍ୱାରା ଭଗବଦ୍ଭଜନ ସହଜସିଦ୍ଧ ହୁଏନା । ଗୁରୁବୈଷ୍ଣବ ସଙ୍ଗ ଛଡ଼ା ହୋଇ ନବୀନ ସାଧକ ସ୍ୱୟଂ ହରିକଥାଦିର ଚିନ୍ତନାଦି ସାଧନରେ ପ୍ରବୃତ୍ତ ହେଲେ ପ୍ରାୟଶଃ ଦୈହିକ ଓ ଆଳସ୍ୟାଦି ଏବଂ ଚିତ୍ତର ଚାଞ୍ଚଲ୍ୟ ପ୍ରଭୃତି ଯୋଗୁଁ ଭଜନରସରେ ଆବିଷ୍ଟ ହୋଇ ପାରନ୍ତି ନାହିଁ । ଆଉ ଭଜନରେ ଆବିଷ୍ଟ ନହୋଇ ପାରିଲେ କ୍ଷୁତ୍‌ପିପାସାଦି ଦ୍ୱାରା ଅଭିଭୂତ ହୋଇପଡ଼ନ୍ତି । କ୍ଷୁତପିପାସା ଶୋକମୋହାଦି ଦ୍ୱାରା ଅଭିଭୂତ ସାଧକର ଭକ୍ତିରସାସ୍ୱାଦନ ଅସମ୍ଭବ ହୋଇପଡ଼େ, ତେଣୁ ତାଦୃଶ ସାଧକକୁ ଶ୍ରୀଗୁରୁ (ବୈଷ୍ଣବ) ରୂପି ସାଧୁସଙ୍ଗ ଅନୁକ୍ଷଣହିଁ ପ୍ରୟୋଜନୀୟ । *"ମାର୍ଜନ ହୟ ଭଜନ, ସାଧୁସଙ୍ଗେ ଅନୁକ୍ଷଣ, ଅଜ୍ଞାନ ଅବିଦ୍ୟା ପରାଜୟ ।"* ଶ୍ରୀଗୁରୁଦେବ ସାଧୁଗଣଙ୍କ ମଧ୍ୟରେ ସର୍ବୋତ୍ତମ । ଶ୍ରୀଜୀବଗୋସ୍ୱାମୀ ପାଦ୍ ଶ୍ରୀଭକ୍ତିସନ୍ଦର୍ଭରେ (୧୩୫ ଅନୁଚ୍ଛେଦରେ)ଶ୍ରୀଗୁରୁଦେବଙ୍କ ସେବାକୁ ସତ୍ ସେବା ବୋଲି ଉଲ୍ଲେଖ କରିଅଛନ୍ତି, *(ଶ୍ରୀଗୁର୍ବାଦିସତ୍‌ସେବା ଶ୍ରବଣ କୀର୍ତ୍ତନାଦୟଃ)* । ଏହି ସାକ୍ଷାତ୍ ବ୍ରଜେନ୍ଦ୍ରନନ୍ଦନଙ୍କର ଆବେଶ ବିଗ୍ରହ ତଥା ସେବାଗ୍ରହଣ ଉପାୟନ ସ୍ୱରୂପ ଶ୍ରୀଗୁରୁଦେବଙ୍କ ସଦାନନ୍ଦମୟୀ ତନୁର ଦର୍ଶନରେ, ସ୍ପର୍ଶନରେ, ଶୁଶ୍ରୂଷଣରେ ତଥା ତାହାଙ୍କର ଶ୍ରୀମୁଖୋଦ୍‌ଗଳିତ ଭଗବତ୍ କଥୋପଦେଶର ପରମାମୃତ ପାନରେ, ପରମମଙ୍ଗଳପ୍ରଦ ଆଶୀର୍ବାଦ ସଞ୍ଜୀବନୀରସ ସିଞ୍ଚନରେ ନବୀନ ଆଶ୍ରିତ ସାଧକର ଭକ୍ତି ଜୀବନ ନବୋଦ୍ଦୀପ୍ତ ହୋଇ ସାଧନରେ ଶୈଥିଲ୍ୟ ଦୂରୀକୃତ ହୁଏ, ଭଗବଦ୍‌ବିସ୍ମୃତି ଅପସାରିତ ହୁଏ, ଭଗବତସ୍ମୃତି ଅଧିକତର ଉଜ୍ଜ୍ୱଳ ହୋଇଉଠେ । ଶ୍ରୀଗୁରୁଦେବ ଭକ୍ତିସାଧନର ପରମୋତ୍ତେଜକ ସଚ୍ଚିଦାନନ୍ଦ ବସ୍ତୁ । ଶ୍ରୀଗୁରୁଦେବଙ୍କ ସେବା ପରିଚର୍ଯ୍ୟାଦି ଭକ୍ତିମୟ ଅଙ୍ଗ ସହିତ ସେମାନଙ୍କର ସେବାର ଆନୁଷଙ୍ଗିକ ରୂପେ ସ୍ୱତଃହିଁ ଉଦିତ ଭଗବତ୍‌କଥାମୃତପାନାଦି ରୂପକ ଭକ୍ତି ସ୍ୱତଃହିଁ ସମ୍ପନ୍ନ ହୁଏ । ତାହାଙ୍କ ଶ୍ରୀମୁଖନିଃସୃତ ହରିକଥା ସଦୁପଦେଶାଦି ଶ୍ରବଣରେ ଭଗବାନଙ୍କଠାରେ ଅନାୟାସରେ ଆବେଶ ସଞ୍ଜାତ ହୁଏ ।

ଶ୍ରୀଗୁରୁଦେବଙ୍କ ସେବା କରିଲେହିଁ ଶ୍ରବଣ–ଯୋଗ୍ୟତା ଲାଭ ହୁଏ । ମହତଙ୍କ ସେବା ନକରିଲେ ଶ୍ରବଣଯୋଗ୍ୟତା ହୋଇପାରେନା । ପୂର୍ବେ ଶ୍ରୀଗୁରୁଦେବଙ୍କ ସେବା– ପରେ ଶ୍ରବଣ, ଏହାହିଁ ଶ୍ରବଣର କ୍ରମ । ଅତଏବ ଶ୍ରୀଗୁରୁଦେବଙ୍କ ନିକଟରୁ ଶ୍ରବଣର ପୂର୍ବେ ତାହାଙ୍କ ସେବା ଆରମ୍ଭ କରିବା କର୍ତ୍ତବ୍ୟ । *"ଅସ୍ୟାଶ୍ଚ ଶ୍ରବଣାଦିତଃ ପୂର୍ବତ୍ୱମ୍"* (ଶ୍ରୀଭ:ସ:୨୪୭ଅନୁ) । ଶ୍ରୀଗୁରୁପାଦପଦ୍ମର ସେବା ବ୍ୟତୀତ ଶ୍ରବଣ ସୁଷ୍ଠୁ ହୋଇପାରେନା ।

ଶ୍ରୀଗୁରୁସେବା 'ପ୍ରକୃଷ୍ଟ ସଙ୍ଗରୂପା ଓ ପରିଚର୍ଯ୍ୟାରୂପା' –ଭେଦେ ଦୁଇ ପ୍ରକାରର । ନିରପରାଧରେ ନିରନ୍ତର ଶ୍ରୀଗୁରୁପାଦପଦ୍ମର ବାଣୀ ଶ୍ରବଣ–କୀର୍ତ୍ତନ ଓ ତଦନୁସାରେ ଶ୍ରୀନାମଗ୍ରହଣାଦିମୁଖେ ଭଗବଦ୍ଭକ୍ତିର ଅନୁଶୀଳନହିଁ ଗୁରୁଦେବଙ୍କ 'ସଙ୍ଗ' । ଏହା ଭଗବାନଙ୍କୁ ମଧ୍ୟ ବଶୀଭୂତ କରେ । ଏହି ସେବା ଅହୈତୁକୀ ଅର୍ଥାତ୍ ଅଭୀଷ୍ଟଦେବଙ୍କ (ଶ୍ରୀଗୌରକୃଷ୍ଣଙ୍କ) ସୁଖାନୁସନ୍ଧାନମୟୀ ନିଜର କୌଣସି ପ୍ରକାର ଅନ୍ୟାଭିଳାଷ ଚରିତାର୍ଥ କରିବାପାଇଁ ନୁହେଁ । ଆଉଁ ପରିଚର୍ଯ୍ୟା ରୂପା ସେବା କହିଲେ ବ୍ୟକ୍ତିଗତ ଭାବରେ ଶ୍ରୀଗୁରୁଦେବଙ୍କ ଶ୍ରୀଅଙ୍ଗ ଓ ଶ୍ରୀଅଭୀଷ୍ଟଙ୍କର ରୁଚିକରୀ ଓ ସୁଖକରୀ ସେବା – ତାହାଙ୍କ ଇଚ୍ଛାର ଅବିରୋଧରେ ନିଜ ଦେହ, ବାକ୍ୟ ଓ ମନର ବିନିଯୋଗ । ନିଜ ହସ୍ତରେ ଗୁରୁଦେବଙ୍କ କାୟିକ ବା ଶ୍ରୀଅଙ୍ଗର ସେବାକୁହିଁ ବୁଝାଏ । ନିଜ ହସ୍ତରେ ଗୁରୁଙ୍କୁ ସ୍ନାପନ, ତାହାଙ୍କ ମଳମୂତ୍ରାଦିର ମାର୍ଜ୍ଜନ, ତାହାଙ୍କର ଅର୍ଚ୍ଚନ

ସାମଗ୍ରୀର ସଙ୍କଳନ, ତାହାଙ୍କ ନିମିତ୍ତ ଭିକ୍ଷା ସାମଗ୍ରୀର ଏକତ୍ରୀକରଣ, ପାଦସମ୍ବାହନ ଇତ୍ୟାଦି ପରିଚର୍ଯ୍ୟାରୂପା ସେବା । ଶ୍ରୀଗୁରୁପଦାଶ୍ରୟ ପରେ ବିଶ୍ରମ୍ଭର ସହିତ ଯେଉଁ ଶ୍ରୀଗୁରୁସେବା ତଦ୍ଦ୍ୱାରା ଶ୍ରୀଭଗବାନଙ୍କ ସୁଖ–ବିଧାନ ଅର୍ଥାତ୍ ଶ୍ରୀଭଗବାନଙ୍କଠାରେ ପ୍ରେମଭକ୍ତି ଲାଭ ହୁଏ । ଏହା ଦ୍ୱାରା ଶ୍ରୀଭଗବାନ ବଶୀଭୂତ ହୁଅନ୍ତି । ମହାଭାଗବତ ଶ୍ରେଷ୍ଠ ଶ୍ରୀଗୁରୁଦେବଙ୍କ ଏହି 'ପ୍ରସଙ୍ଗରୂପା' ସେବାର ଫଳରୂପେ ନିରନ୍ତର ଅବିଚ୍ଛିନ୍ନ ଧ୍ୟାନମୟୀ ଶ୍ରୀକୃଷ୍ଣକାର୍ଷ୍ଣସୁଖାନୁସନ୍ଧାନ–ସ୍ମୃତି ଓ ମହାଭାଗବତବର ଶ୍ରୀଗୁରୁଦେବଙ୍କ ପରିଚର୍ଯ୍ୟା ବା ଶ୍ରୀଅଙ୍ଗସେବାର ଫଳରୂପେ ନିତ୍ୟ, ସତାନତ, ଭଗବାନ ଶ୍ରୀମଧୁସୂଦନଙ୍କ ଶ୍ରୀପାଦପଦ୍ମ ଯୁଗଳରେ ସଂସାର ନାସକ ତୀବ୍ର ପ୍ରେମୋତ୍ସବ ଉଦୟର କଥା ଉକ୍ତ ହୋଇଅଛି – *"ଯତ୍‌ସେବୟା ଭଗବତଃ, କୂଟସ୍ଥସ୍ୟ ମଧୁଦ୍ୱିଷଃ । ରତିରାସୋ ଭବେତ୍ତୀବ୍ରଃ ପାଦୟୋର୍ବ୍ୟସନାର୍ଦ୍ଦନଃ ॥"* (ଭା।୩।୭।୧୯) – ମହାଭାଗବତବର ଶ୍ରୀଗୁରୁପାଦପଦ୍ମର ସେବାଦ୍ୱାରା ନିତ୍ୟ ସନାତନ ଶ୍ରୀଭଗବାନ୍ ଶ୍ରୀମଧୁସୂଦନ ଶ୍ରୀପାଦଯୁଗଳରେ ସଂସୃତିନାଶକ ତୀବ୍ର ରତିରାସ ଉତ୍ପନ୍ନ ହୋଇଥାଏ । ଶ୍ରୀଗୁରୁପାଦପଦ୍ମ–ପରିଚର୍ଯ୍ୟାର ଆନୁଷଙ୍ଗିକ ଫଳ – 'ସଂସାରନାଶ' ମୁଖ୍ୟ ଫଳ –'ନିତ୍ୟ ଶ୍ରୀକୃଷ୍ଣଙ୍କ ପାଦପଦ୍ମରେ ସୁତୀବ୍ରା ରତି'ର ଉଦୟ । ସାଧକଙ୍କୁ ଶ୍ରୀଗୁରୁଦେବଙ୍କର ଏହି ଉଭୟ ପ୍ରକାରର ସେବାରେ ନିରତ ହେବାକୁ ହେବ । ଶ୍ରୀଚୈତନ୍ୟ ଚରିତାମୃତରେ ଶ୍ରୀପାଦ୍ କବିରାଜ ଗୋସ୍ୱାମୀ ପାଦ୍ ଶ୍ରୀପାଦ୍ ଈଶ୍ୱରପୁରୀଙ୍କର ଗୁରୁସେବା ବର୍ଣ୍ଣନ ପ୍ରସଙ୍ଗରେ କହିଛନ୍ତି –

ଈଶ୍ୱରପୁରୀ କରେନ ଶ୍ରୀପାଦସେବନ, ନିଜ ହସ୍ତେ କରେନ ମଳ ମୂତ୍ରାଦି ମାର୍ଜ୍ଜନ ।
ନିରନ୍ତର କୃଷ୍ଣନାମ କରାୟ ସ୍ମରଣ, କୃଷ୍ଣନାମ କୃଷ୍ଣଲୀଳା ଶୁନାୟ ଅନୁକ୍ଷଣ ॥ (ଅନ୍ତ୍ୟ୮)

ଅବଶ୍ୟ ଶ୍ରୀଭଗବତ୍ ପ୍ରସଙ୍ଗ ଦ୍ୱାରା ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ନାମ, ଗୁଣ, ଲୀଳାବଳୀର ଆଳାପନ ଦ୍ୱାରା ମଧ୍ୟ ଶ୍ରୀଗୁରୁଦେବଙ୍କ ସେବା କରାହୁଏ, କିନ୍ତୁ ଶକ୍ତି ସାମର୍ଥ୍ୟ ଥିଲେ ଶିଷ୍ୟ ତାହାଙ୍କ ପରିଚର୍ଯ୍ୟା ରୂପା ସେବାରେ ନିରତ ହେବା ପାଇଁ ଯତ୍ନଶୀଳ ହେବେ । ସାମର୍ଥ୍ୟ ଥାଉ ଥାଉ ପରିଚର୍ଯ୍ୟାଦି ସେବା ନକରି, କିଛି କୃଷ୍ଣକଥାର ଆଲୋଚନା କରି ଗୁରୁଙ୍କର ସେବା ହେଲା, ଯିଏ ସଦ୍‌ଗୁରୁ ସିଏ କୃଷ୍ଣ କଥାରେହିଁ ସନ୍ତୁଷ୍ଟ ହୁଅନ୍ତି, ଶିଷ୍ୟର ସେବାଦି ପ୍ରାର୍ଥନା କରନ୍ତି ନାହିଁ, ଯିଏ ବୈଷ୍ଣବ ସିଏ ନିଷ୍କିଞ୍ଚନ, ତାହାଙ୍କୁ କୌଣସି ବସ୍ତୁର ମଧ୍ୟ ଆକାଂକ୍ଷା ନାହିଁ, ତେଣୁ ତାହାଙ୍କର ପରିଚର୍ଯ୍ୟାର ପ୍ରୟୋଜନ ନାହିଁ, କେବଳ ଅଳ୍ପ ହରିକଥା ଶୁଣାଇ ଦେଇ ଅଥବା ତାହାଙ୍କ ନିକଟରୁ କିଛି ହରିକଥୋପଦେଶ ଶ୍ରବଣ କରିହିଁ ଯେ ଗୁରୁସେବା ହେଲା ବୋଲି ମନେ କରିଲି ଏବଂ ଅପରଙ୍କୁ ମଧ୍ୟ ବୁଝାଇଦେଲି "ଏହାହିଁ ପ୍ରକୃତ ସେବା" – ସାଧକର ଏହିପରି କାପଟ୍ୟପୂର୍ଣ୍ଣ ମନୋବୃତ୍ତି କଣ ସତ୍ୟହିଁ ଶ୍ରୀକୃଷ୍ଣଙ୍କ ପ୍ରୀତିକର ।

ଶ୍ରୀଗୁରୁଦେବଙ୍କ ସେବା ପରିଚର୍ଯ୍ୟା କାର୍ଯ୍ୟରେ ନିଯୁକ୍ତ ଆଶ୍ରିତ ସାଧକ ବ୍ୟକ୍ତିର ସ୍ୱତନ୍ତ୍ରଭାବରେ ସାଧନ ଭଜନର ଅପେକ୍ଷାରେ ଉଦ୍‌ବିଗ୍ନ ହେବାର କାରଣ ନାହିଁ, କାହିଁକିନା ଭଗବଭଜନମୟ ଶ୍ରୀଗୁରୁ–ବୈଷ୍ଣବ–ବିଗ୍ରହଙ୍କ ପରିଚର୍ଯ୍ୟାଦି ସେବାମୟ ସତ୍‌ସଙ୍ଗହିଁ ସର୍ବଶ୍ରେଷ୍ଠ ସାଧ୍ୟ ଏବଂ ସାଧନ । ସେମାନଙ୍କର ସଙ୍ଗଲବ୍ଧ ଆନୁଷଙ୍ଗିକ ଭଗବତ୍‌କଥା ଶ୍ରବଣ କୀର୍ତ୍ତନାର୍ଚ୍ଚନାଦିର ଆନୁକୂଲ୍ୟ କରିଲେହିଁ ସାଧକର ଭଜନ ସିଦ୍ଧ ହୋଇପାରେ, ଏହି ଅଭିପ୍ରାୟରେ ଶ୍ରୀଗୁରୁସେବାର ରୂପି ଭଗବଭଜନଟୀ ଭଗବତ୍ ପ୍ରସନ୍ନତାଲାଭ ନିମିତ୍ତ ଅନ୍ୟ ଭଗବତ୍ ଭଜନକୁ ମଧ୍ୟ ଅପେକ୍ଷା

କରେନା । ଏକମାତ୍ର ଗୁରୁସେବା ରୂପି ଭଗବଭଜନ ଦ୍ୱାରାହିଁ ସାଧକର ସାଧନ ପଥର ଯାବତୀୟ ଦୁସ୍ତ୍ୟଜ ଅନର୍ଥ ରାଶିର ନିବୃତ୍ତି ହୁଏ, ଏବଂ ଅଚିରେହିଁ ଭଗବତ୍ ପ୍ରସନ୍ନତା ଲାଭ ହୁଏ । ଗୁରୁସେବାରେ ନିଯୁକ୍ତ ଥିବା ସମୟରେ ସତ୍‌ଶିଷ୍ୟ ବ୍ୟକ୍ତି ପୃଥକ୍‌ଭାବରେ ଆଉ ଭଗବଭଜନ ହେଉନାହିଁ, ଅଥବା ନିଜର ନିୟମିତ ଭଜନର ସଂଖ୍ୟାଦି ପୂର୍ଣ୍ଣ ହେଉନାହିଁ, ଇତ୍ୟାଦି ମନେ କରି ଉଦ୍‌ବିଗ୍ନ ହେବେ ନାହିଁ, କାରଣ ଶ୍ରୀଗୁରୁସେବା ମଧ୍ୟ ଭଗବଭକ୍ତି ଭଜନରହିଁ ଅଙ୍ଗବିଶେଷ ବିଶେଷତଃ ଭକ୍ତିମାର୍ଗରେ ନବପ୍ରବିଷ୍ଟ ସାଧକର ସଦ୍‌ଗୁରୁଦେବଙ୍କ ସେବାହିଁ ପ୍ରଧାନ ଭକ୍ତି ଅଙ୍ଗ । ଗୁରୁସେବାର ଅନୁରୋଧରେ ପ୍ରାତ୍ୟହିକ–ସଂଖ୍ୟାପୂର୍ବକ ଭଜନର ନିୟମାଦି ଯାହା ଅପୂର୍ଣ୍ଣ ଥାଏ, ଗୁରୁସେବାରେ ଆନୁଷଙ୍ଗିକ ସ୍ୱତଃ ଅନୁଷ୍ଠିତ ଭଗବତ୍ ବିଷୟକ ଶ୍ରବଣ କୀର୍ତ୍ତନାର୍ଚ୍ଚନାଦି ଦ୍ୱାରା ତାହା ପୂର୍ଣ୍ଣହୁଏ । ଗୁରୁଙ୍କ ପରିଚର୍ଯ୍ୟା କାର୍ଯ୍ୟରେ ନିଯୁକ୍ତ ଥିବା ସମୟରେ ଶ୍ରୀଗୁରୁଦେବ ସ୍ୱୟଂ ଯେଉଁ ସମସ୍ତ ଭଗବତ୍ ଶ୍ରବଣକୀର୍ତ୍ତନାଦି ଭକ୍ତ୍ୟାଙ୍ଗର ଅନୁଷ୍ଠାନ କରନ୍ତି, ଗୁରୁଙ୍କ ଦ୍ୱାରା ଅନୁଷ୍ଠିତ ସେହି ଭକ୍ତ୍ୟାଙ୍ଗର ଯଥାଯୋଗ୍ୟ ଆନୁକୂଲ୍ୟ ଦ୍ୱାରାହିଁ ଶିଷ୍ୟର ଭଗବଭଜନର ଯାହା କିଛି ଅପୂର୍ଣ୍ଣତା ତାହା ପରିପୂର୍ଣ୍ଣ ହୁଏ । ମନେ କରନ୍ତୁ, ଶ୍ରୀଗୁରୁଦେବ ଶିଷ୍ୟ ଗୃହରେ ଆଗମନ କରିଅଛନ୍ତି ବା ଶିଷ୍ୟ ଗୁରୁଙ୍କ ଗୃହରେ ଅବସ୍ଥାନ କରୁଅଛନ୍ତି, ସେହି ସମୟରେ ଶିଷ୍ୟ ଯଦି ଗୁରୁପରିଚର୍ଯ୍ୟାଦିର ଅନୁଷ୍ଠାନ ନିମିତ୍ତ ସାତିଶୟ ଯତ୍ନ ପ୍ରକାଶ ନକରି ବା ମନୋନିବେଶ ନକରି ନିଜ ଭଜନ ସାଧନର ନିୟମରକ୍ଷାର ଆଗ୍ରହ ପ୍ରକାଶ କରିବାରେ ନିରତ ରହନ୍ତି, ତାହା ହେଲେ ତାହା ଶାସ୍ତ୍ର ଓ ଶିଷ୍ଟ ମହାଜନଙ୍କ ମତରେ ବିଗର୍ହିତ କାର୍ଯ୍ୟ ହିଁ ହେବ । ଭଗବଭଜନପ୍ରିୟ ସଦୟାନ୍ତଃକରଣ ଶିଷ୍ୟବତ୍ସଳ ସଦ୍‌ଗୁରୁ ଶିଷ୍ୟର ତାଦୃଶ ବ୍ୟବହାରରେ ଅସନ୍ତୁଷ୍ଟ ନହେଲେ ମଧ୍ୟ ବସ୍ତୁତଃ ଭଗବଚ୍ଚରଣରେ ତାଦୃଶ ଶିଷ୍ୟର ଗୁରୁତର ଅପରାଧ ହିଁ ଅର୍ଜିତ ହୋଇଥାଏ । ଆଉ ଯଦି ମନେ କରାଯାଏ ଯେ,–*"ପରିଚର୍ଯ୍ୟା ଯଶୋଲାଭଲିପ୍ସୁକଂ ଶିଷ୍ୟାଦି ଗୁରୁର୍ନହି ।"* ଅର୍ଥାତ୍ ଯିଏ ସଦ୍‌ଗୁରୁ ସେ ନିଜ ସୁଖ ପାଇଁ ଶିଷ୍ୟର ଧନଜନ ପରିଚର୍ଯ୍ୟାରେ ଲିପ୍ସୁ ହୋଇପାରନ୍ତି ନାହିଁ, ଶିଷ୍ୟଠାରୁ ପରିଚର୍ଯ୍ୟାଯଶୋଲାଭଲିପ୍ସୁ ବ୍ୟକ୍ତି ଗୁରୁ ହୋଇପାରନ୍ତି ନାହିଁ । ଗୁରୁ, କୃଷ୍ଣ ଭଜନରହିଁ ଉପଦେଶ କରନ୍ତି, ଗୁରୁ ତ ଆଉ ତାହାଙ୍କ ନିଜର ଭଜନର ଉପଦେଶ ଦିଅନ୍ତି ନାହିଁ । ତାହା ସେ କରି ମଧ୍ୟ ପାରିବେ ନାହିଁ । ଗୁରୁଙ୍କ କର୍ତ୍ତବ୍ୟ ଶିଷ୍ୟ ଦ୍ୱାରା ଶ୍ରୀକୃଷ୍ଣଙ୍କ ଭଜନ କରାଇବା, କୃଷ୍ଣଙ୍କ ଭଜନହିଁ ପ୍ରକୃତ ଗୁରୁସେବା । ଶିଷ୍ୟକୃତ ଭଜନ ଦ୍ୱାରାହିଁ ସଦ୍‌ଗୁରୁ ସନ୍ତୁଷ୍ଟ ହୁଅନ୍ତି, ମୁଁ ଗୁରୁଙ୍କ ସେହି ପରମ ଇପ୍ସିତ କୃଷ୍ଣଭଜନ କରୁଅଛି ଇତ୍ୟାଦି ମନୋଭାବ ପୋଷଣ କରି ଗୁରୁଙ୍କ ସାକ୍ଷାତ୍ ସନ୍ନିହିତରେ ମଧ୍ୟ ଶିଷ୍ୟ ଯଦି ଗୁରୁପରିଚର୍ଯ୍ୟାଦି କାର୍ଯ୍ୟରେ ନିଜର ଦେହମନ ଆଦିର ନିଷ୍କପଟ ପ୍ରୀତିପୂର୍ଣ୍ଣ ଯତ୍ନାତିଶୟ ପ୍ରକାଶ ନକରନ୍ତି, ନିଜ ଭଗବଭଜନର ସ୍ୱାଧୀନ ଆଗ୍ରହ ପ୍ରକାଶ କରିବାରେ ନିରତ ଥାଆନ୍ତି, ତାହା ହେଲେ ତାହା ଶାସ୍ତ୍ର ସଦାଚାର ମତରେ ଗୁରୁତର ବିଗର୍ହିତ କାର୍ଯ୍ୟ ହେବ । ଗୁରୁସେବା ଶୈଥିଲ୍ୟକର ସେହି ପ୍ରକାର ଭଗବତ୍ ଭଜନାଗ୍ରହ କେବେ ମଧ୍ୟ କୌଣସି ଶାସ୍ତ୍ର ବା ସଦାଚାର ଦ୍ୱାରା ଅନୁମୋଦିତ ହେବ ନାହିଁ । ବିଶେଷତଃ ସାଧକ ବ୍ୟକ୍ତି ପକ୍ଷରେ ତାହା ଗୁରୁତର ଅପରାଧହିଁ ହେବ । ଶ୍ରୀନରୋତ୍ତମ ଦାସ ଠାକୁର ମହାଶୟଙ୍କପରି ନିତ୍ୟସିଦ୍ଧ ଗୌରପରିକର ଶ୍ରୀଗୁରୁସେବାରୁ ବଞ୍ଚିତ ହୋଇ ଗୌଡ଼ଦେଶରେ ଅବସ୍ଥାନ ସମୟରେ ନିଜ ଶ୍ରୀଗୁରୁଦେବ ଶ୍ରୀଲୋକନାଥଗୋସ୍ୱାମୀପାଦଙ୍କ ଶ୍ରୀଚରଣ ସେବା ଅଭାବରେ ମର୍ମାହତ

ହୋଇ ନିଜ 'ପ୍ରାର୍ଥନା' ଗୀତିକାବ୍ୟରେ ସେହି ଚରଣସେବାର ଲାଭ ନିମିତ୍ତ ଆର୍ତ୍ତନାଦ ବ୍ୟକ୍ତ କରିଅଛନ୍ତି, *ହା ହା ପ୍ରଭୁ ଲୋକନାଥ ! ରାଖ ପଦଦ୍ୱନ୍ଦ୍ୱେ । କୃପାଦୃଷ୍ଟ୍ୟେ ଚାହ ଯଦି ହଇୟା ଆନନ୍ଦେ ॥* ସେତେବେଳେ ସାଧକର କଥା ଅବା କଣ ?

ଗୁରୁସେବା କାର୍ଯ୍ୟରେ ନିଯୁକ୍ତ ଥିବା ଯୋଗୁଁ ଶିଷ୍ୟର ନିଜ ପ୍ରାତ୍ୟହିକ ନିୟମିତ ସାଧନର କୌଣସି କୌଣସି ଅଂଶର ଅପୂର୍ଣ୍ଣତା ହେଲେ ମଧ୍ୟ ତାହାର ପୂର୍ଣ୍ଣତାର ନିମିତ୍ତ ଶିଷ୍ୟ ସ୍ୱାଧୀନଭାବରେ ଭଜନରେ ଆଗ୍ରହ ପ୍ରକାଶ କରିଲେ ମଧ୍ୟ କୌଣସି କ୍ଷତି ନାହିଁ, ଏବଂ ତାହା ସତ୍‌ଶାସ୍ତ୍ର ସାଦାଚାର ବିଗର୍ହିତ ମଧ୍ୟ ହେବ ନାହିଁ । ବରଂ ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟ ଗୁରୁସେବା କାର୍ଯ୍ୟରେ ଶୈଥିଲ୍ୟ କରି ପୃଥକ୍ ଶ୍ରବଣ କୀର୍ତ୍ତନାଦି ଭକ୍ତ୍ୟାଙ୍ଗ ସାଧନର ଅପେକ୍ଷା କରିବେ ନାହିଁ, ତାହାହିଁ ଶାସ୍ତ୍ରରେ ସୁସ୍ପଷ୍ଟ ଭାବରେ ବ୍ୟକ୍ତ ହୋଇଅଛି । ଯଥା– ହିତ୍ୱା, ଗୃହାନ୍ ସୁତାନ୍ ଭୋଗାନ୍..୪/୨୮ ଶ୍ରୀମଦ୍ଭାଗବତର ଏହି ଶ୍ଲୋକର ଟୀକାରେ ଶ୍ରୀମଦ୍ ବିଶ୍ୱନାଥଚକ୍ରବର୍ତ୍ତୀପାଦ ଉଲ୍ଲେଖ କରିଅଛନ୍ତି– *"ସୁତାନ୍ ହିତ୍ୱେତି ପତିବ୍ରତା ପତ୍ୟୁରିବ ଗୁରୋଃ ସେବାୟାଂ ପ୍ରବୃତ୍ତଃ ଶିଷ୍ୟଃ ଶ୍ରବଣ କୀର୍ତ୍ତନାଦୀନ୍ୟପି ଭୋଗ୍ୟନ୍ ତଦୁଦ୍ଭାନ୍ ପ୍ରେମାନନ୍ଦାନପି ଗୃହାନ୍ ତଦୁଚିତ ବିବିକ୍ତସ୍ଥଳମପି ନୈବାପେକ୍ଷେତ୍ । ଶ୍ରୀଗୁରୁସେବୟୈବ ସୁଖେ ନ ସର୍ବସାଧ୍ୟସିଦ୍ଧ୍ୟର୍ଥ ମିତ୍ୟୁପଦେଶୋ ବ୍ୟଞ୍ଜତଃ । ..ଗୁରୁସେବାୟା ଏବ ବେଦେନ ସର୍ବାଧିକାସ୍ଫ୍ୟାଭତ୍ତ୍ୱାତ୍ ।"* – ପ୍ରାଚୀନବର୍ହିଙ୍କୁ ଦେବର୍ଷି ନାରଦ କହୁଅଛନ୍ତି– ପତିବ୍ରତା ଯେପରି ପତିସେବାରେ ନିଯୁକ୍ତ ଥାଇ ପୁତ୍ରକୁ ମଧ୍ୟ ଅପେକ୍ଷା କରେ ନା, ଏହିପରି ଭାବେ ଏକମାତ୍ର ଗୁରୁସେବା ଦ୍ୱାରା ଅନାୟାସାରେ ସର୍ବବିଧ ସାଧସିଦ୍ଧି ପାଇଁ ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟ ଶ୍ରବଣ କୀର୍ତ୍ତନାଦିକୁ ମଧ୍ୟ ଅପେକ୍ଷା କରିବେ ନାହିଁ । ପତିବ୍ରତା ରମଣୀ ଯେପରି ଭୋଗ ଏବଂ ଗୃହକୁ ଅପେକ୍ଷା କରେନାହିଁ, ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟ ସେପରି ଭାବରେ **ଶ୍ରବଣ କୀର୍ତ୍ତନାଦିଜାତ** ପ୍ରେମାନନ୍ଦ ଏବଂ ତଦୁଚିତ ଅର୍ଥାତ୍ ଶ୍ରବଣ କୀର୍ତ୍ତନାଦି **ଭଜନ ଉପଯୋଗୀ ବିବିକ୍ତସ୍ଥଳ** ବା **ନିର୍ଜ୍ଜନସ୍ଥାନର** ମଧ୍ୟ ଅପେକ୍ଷା କରିବେ ନାହିଁ । ଏହି ଉପଦେଶଟୀ ଏଠାରେ ବ୍ୟକ୍ତ କରାହେଲା । .....ବେଦରେ ଗୁରୁ ସେବାହିଁ ସର୍ବାଧିକ୍ୟ କଥିତ ହୋଇଅଛି । ଏହାହିଁ ଚକ୍ରବର୍ତ୍ତୀ ମହାଶୟଙ୍କର ଟୀକାର ଆକ୍ଷରିକ ଅନୁବାଦ ।

ଏହି ଶ୍ଲୋକର ଟୀକାରେ ଶ୍ରୀଜୀବଗୋସ୍ୱାମୀପାଦ୍ କେବଳ ସଂକ୍ଷିପ୍ତ କଥାହିଁ କହିଛନ୍ତି, – *"ତତ୍ସାଦନ୍ୟଭଗବଦ୍ଭଜନମପି ନାପେକ୍ଷତେ"* – ଅର୍ଥାତ୍ **ଅନ୍ୟ ଭଗବତ୍ ଭଜନର ଅପେକ୍ଷା କରିବେ ନାହିଁ** । କିନ୍ତୁ ଚକ୍ରବର୍ତ୍ତୀପାଦ୍ ନିଜ ଟୀକାରେ **"ଶ୍ରବଣ କୀର୍ତ୍ତନାଦି"**, **"ଶ୍ରବଣ କୀର୍ତ୍ତନାଦିର ଯୋଗ୍ୟ ନିର୍ଜ୍ଜନ ସ୍ଥଳ"** ଏବଂ **"ଶ୍ରବଣ କୀର୍ତ୍ତନାଦିର ଫଳ ପ୍ରେମାନନ୍ଦ"** ଏହି ଆକ୍ଷରିକ ସୁସ୍ପଷ୍ଟ ଶବ୍ଦଗୁଡ଼ିକ ପ୍ରୟୋଗ କରି, ଶ୍ରବଣ କୀର୍ତ୍ତନାଦି ଭକ୍ତ୍ୟଙ୍ଗ, 'ଆଦି' ପଦ ପ୍ରୟୋଗରେ ଅନ୍ୟ ଭକ୍ତିଅଙ୍ଗ ସମୂହର, ଓ ଭକ୍ତ୍ୟାଙ୍ଗର ଅନୁକୂଳ ନିର୍ଜ୍ଜନସ୍ଥଳୀର ଏବଂ ଭକ୍ତ୍ୟାଙ୍ଗର ଫଳସ୍ୱରୂପ ପ୍ରେମାନନ୍ଦର ଅପେକ୍ଷା କରିବେ ନାହିଁ ଏହା ସୁସ୍ପଷ୍ଟ ଭାବରେ ଦର୍ଶାଇଛନ୍ତି । ଏହାଦ୍ୱାରା **ସାଧନ, ସାଧନାନୁକୂଳ ଏବଂ ସାଧ୍ୟ** ଏହି ତିନୋଟି ମଧ୍ୟରୁ କୌଣସିଟି ପ୍ରତି ପୃଥକ୍ ଭାବରେ ଅପେକ୍ଷା ନରଖିଲେ ମଧ୍ୟ ଭଗବତ୍‌ପ୍ରସନ୍ନତା କାମୀ ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟର କ୍ଷତି ନାହିଁ ବୋଲି କୁହାଗଲା । କାହିଁକି ନା ଚକ୍ରବର୍ତ୍ତୀ ମହାଶୟ କହିଛନ୍ତି, **"ଶ୍ରୀଗୁରୁ ସେବୟୈବ**

सर्वसाध्यसिद्धार्थम्'', ଏକମାତ୍ର ଗୁରୁସେବା ଦ୍ୱାରାହିଁ ସର୍ବବିଧ ସାଧର ସିଦ୍ଧି ହୁଏ, ଏହା ସୁନିଶ୍ଚିତ କରି ପୁନଃ ତାହାର କାରଣ ଦେଖାଇଲେ –*''ବେଦେନ ସର୍ବାଧିକ୍ୟସ୍ୟୋକ୍ତତ୍ୱାତ୍''* ଇତ୍ୟାଦି । ଏହିପରି ବ୍ୟାଖ୍ୟା ଦ୍ୱାରା ଭକ୍ତିସନ୍ଦର୍ଭର *''ତତ୍ପାଦନ୍ୟଭଗଭଜନମପି ନାପେକ୍ଷତେ''*– ଏହି ସଂକ୍ଷିପ୍ତ ବାକ୍ୟରହିଁ ଯେପରି ବିଶଦ ବିବୃତ୍ତି କରି ଶ୍ରୀଚକ୍ରବର୍ତ୍ତୀପାଦ୍ ଶ୍ରୀଗୁରୁସେବାର ବିଜୟ ଦୁନ୍ଦୁଭି ନିନାଦିତ କରିଲେ । ଅଧିତକନ୍ତୁ ଜୀବପାଦ୍ *''ନାପେକ୍ଷତେ''* ଏହି ଲଟ୍ ପଦ ପ୍ରୟୋଗ କରିଥିଲେ ମଧ୍ୟ ଶ୍ରୀଚକ୍ରବର୍ତ୍ତୀପାଦ୍ *''ନାପେକ୍ଷେତ୍''* ଏହି ବିଧିଲିଙ୍ଗ କ୍ରିୟାପଦ ପ୍ରୟୋଗ ଦ୍ୱାରା ନିଷେଧ ବିଧି ଦର୍ଶାଇଛନ୍ତି । ତାତ୍ପର୍ଯ୍ୟ ଏହିଯେ ଗୁରୁ ସେବାରେ ପ୍ରବୃତ୍ତ ଶିଷ୍ୟ ଗୁରୁ ସେବାରେ ସନ୍ତୋଷ ଲାଭନକରି, ବା ସ୍ୱୟଂ ଗୁରୁସେବାରେ ପ୍ରବୃତ୍ତ ଥାଇ, ଗୁରୁସେବା ଦ୍ୱାରା ଭଗବତ୍ ସନ୍ତୋଷ ବିଷୟରେ ସନ୍ଦିହାନ ହୋଇ ଗୁରୁସେବାର ଶୈଥିଲ୍ୟ ପୂର୍ବକ ପୃଥକ୍ ରୂପେ ଶ୍ରବଣ କୀର୍ତ୍ତନାଦି ଭଗବଭଜନର ଅପେକ୍ଷା କରିଲେ ଶିଷ୍ୟର ଗୁରୁତର ପ୍ରତ୍ୟାବ୍ୟାୟହିଁ ହେବ । କିନ୍ତୁ ଗୁରୁ ସେବାରେ ନିଯୁକ୍ତ ଥିବା ସମୟରେ ସ୍ୱତନ୍ତ୍ର ଭକ୍ତ୍ୟାଙ୍ଗ ସାଧନର ପ୍ରୟାସ ନକରିଲେ ମଧ୍ୟ କୌଣସି ପ୍ରତ୍ୟବାୟ ହେବନାହିଁ । ଏହା ଦେଖାଇଲେ ''ଗୁରୁସେବୟୈବ'' ଏହି ଏକ ବଚନର ପ୍ରୟୋଗରେ ଏକମାତ୍ର ଗୁରୁ ସେବା ଦ୍ୱାରାହିଁ, **'ଏବ'** ଶବ୍ଦ ପ୍ରୟୋଗରେ 'ନିଶ୍ଚିତରୂପେ' **'ସୁଖେନ'** ପଦ ପ୍ରୟୋଗରେ ଅନ୍ୟ କୌଣସି ଆୟାସ ବା ପରିଶ୍ରମ ନକରିଲେ ମଧ୍ୟ ସର୍ବସାଧ ସିଦ୍ଧ ହେବ, ଏହାହିଁ ଦର୍ଶାଇଲେ । ଆହୁରି ମଧ୍ୟ ଚମତ୍କାର ବିଷୟ ଏହି ଯେ ଚକ୍ରବର୍ତ୍ତୀପାଦ୍ ''ଇତ୍ୟୁପଦେଶୋ ବ୍ୟଞ୍ଜିତଃ'' ଏହି ସ୍ଥଳରେ **''ଉପଦେଶ''** ଶବ୍ଦଟୀ ପ୍ରୟୋଗ କରି ଏହା ମହିମା ବା ଆସ୍ଫାଳନ ମାତ୍ର ବୋଲି ହେୟ ଜ୍ଞାନ କରି ଉଡ଼ାଇଦେବାର ବିଷୟ ନୁହେଁ, ଏହା ଶାସ୍ତ୍ର ସଦାଚାର ମତେ ଉପଦେଶହିଁ, ଅର୍ଥାତ୍ ଏହାହିଁ ଆଚରଣୀୟ–ଏହା ଦୃଢ଼ଭାବରେ ବ୍ୟକ୍ତ କରିଲେ ।

ଶ୍ରୀଚକ୍ରବର୍ତ୍ତିପାଦ୍‌ଙ୍କ ଟୀକା ପାଠ କରି ଯଦି କେହି ଏହି ପ୍ରକାର ଭାବ ପୋଷଣ କରନ୍ତି ଯେ, ତାହାହେଲେ ଭଗବଦ୍ ଭଜନ ପରିତ୍ୟାଗ କରିହିଁ ଗୁରୁଭଜନ କରିବାପାଇଁ ଉପଦେଶ ଦିଆହୋଇଅଛି, ଅଥବା କେହି ଯଦି ଏହି ଅର୍ଥ କରିବାକୁ ଚେଷ୍ଟା କରନ୍ତି ଯେ, –ଭଗବଭଜନ ଆଉ କରିବାକୁ ହେବନାହିଁ ଇତ୍ୟାଦି, ତାହା ହେଲେ ବସ୍ତୁତଃ ଶାସ୍ତ୍ରାର୍ଥକୁ କଦର୍ଥନହିଁ କରାହେବ । ଶ୍ରୀଚକ୍ରବର୍ତ୍ତିପାଦ୍‌ଙ୍କ ଟୀକା ଏବଂ ଶ୍ରୀଜୀବପାଦ୍‌ଙ୍କ ଉକ୍ତ ବାକ୍ୟର ତାତ୍ପର୍ଯ୍ୟ ତାହା ନୁହେଁ । **ମୂଳବସ୍ତୁ ଶ୍ରୀକୃଷ୍ଣ, କୃଷ୍ଣଭଜନ, ତାହାର ଫଳ କୃଷ୍ଣପ୍ରେମ ଅନାୟାସରେ ଲାଭ କରିବାପାଇଁ ଗୁରୁପାଦଶ୍ରୟ, ଗୁରୁଭକ୍ତି ଓ ଗୁରୁସେବା ।** ''ମୂଳ କୃଷ୍ଣ ଭକ୍ତି ଛାଡ଼ି, ବା ତାହା ପ୍ରତି ଅବଜ୍ଞା କରି ଗୁରୁଭକ୍ତିର ଉପଦେଶ'' ଏହି ପ୍ରକାର କାଳ୍ପନିକ ଅର୍ଥ କରିବା ସମୀଚୀନ ନୁହେଁ । ଗୁରୁଙ୍କ ଆଜ୍ଞା ଗ୍ରହଣ କରି ଗୁରୁ ସେବାର ଅବିରୋଧରେ ଯଥାଯୋଗ୍ୟଭାବେ ଗୁରୁଦତ୍ତ ଇଷ୍ଟମନ୍ତ୍ର ଜପ, ନାମାମାଳା ଗ୍ରହଣ, ଶ୍ରୀବିଗ୍ରହ ଅର୍ଚ୍ଚନାଦି କରିବେ । କିନ୍ତୁ ଯାହା ଦ୍ୱାରା ଗୁରୁସେବାର ଶୈଥିଲ୍ୟ ନହୁଏ, ସେହିପରିଭାବେ ଗୁରୁଙ୍କ ଆଦେଶ ଗ୍ରହଣ କରିହିଁ କରିବା କର୍ତ୍ତବ୍ୟ । ବସ୍ତୁତଃ ଶ୍ରୀଭଗବାନ ନିଜେ ବ୍ୟକ୍ତ କରିଅଛନ୍ତି ସାଧକର ସ୍ୱତନ୍ତ୍ର ଶ୍ରବଣ–କୀର୍ତ୍ତନାଦି ଭକ୍ତ୍ୟାଙ୍ଗ ଯାଜନ ଅପେକ୍ଷା ଶ୍ରୀଗୁରୁଦେବଙ୍କ ଭଜନ ସାଧନ ଆନୁଗତ୍ୟମୟୀ ଭଜନ ସାଧନରେ ସେ ଅଧିକତର ସନ୍ତୁଷ୍ଟ ହୁଅନ୍ତି । ତେଣୁ ଶ୍ରୀଗୁରୁଦେବଙ୍କ ସେବାରେହିଁ ଶ୍ରୀହରି ଅଧିକତର ସନ୍ତୁଷ୍ଟ ଶ୍ରୀହରିଙ୍କର ଏତାଦୃଶ ପ୍ରୀତିବିଧାନ ଉଦ୍ଦେଶ୍ୟରେହିଁ ଯିଏ ଶ୍ରୀଗୁରୁଦେବଙ୍କ ସେବାରେ କାୟମନବାକ୍ୟ ବିନିଯୋଗ କରନ୍ତି, ବାସ୍ତବରେ ସେମାନେହିଁ ଅନାୟାସରେ ଶ୍ରୀହରିଙ୍କୁ ଲବ୍ଧ ହୋଇପାରନ୍ତି ।

ଭକ୍ତିମାର୍ଗରେ ନବୀନ ସାଧକର ଗୁରୁସେବାରୂପି ଭଗବଦ୍‌ଭଜନଟୀ ଚତୁଃଷଷ୍ଟି ଭକ୍ତ୍ୟାଙ୍ଗ ମଧରେ ପ୍ରଧାନ କର୍ତ୍ତବ୍ୟ ବୋଲିହିଁ ପରିଗଣିତ ହୋଇଅଛି । ଶ୍ରୀପାଦ୍ ରୂପ ଗୋସ୍ୱାମୀ ଶ୍ରୀଭକ୍ତିରସାମୃତସିନ୍ଧୁ ଗ୍ରନ୍ଥରେ ଭକ୍ତିର ଚତୁଃଷଷ୍ଟି ଅଙ୍ଗ ଯାହା ବର୍ଣ୍ଣନ କରିଅଛନ୍ତି ତାହା ମଧରେ (୧) ଗୁରୁପାଦାଶ୍ରୟ (୨)ଭଗବନ୍ମନ୍ତ୍ର ଗ୍ରହଣ ପୂର୍ବକ ଗୁରୁଙ୍କ ନିକଟରୁ ଭଜନ ଶିକ୍ଷା (୩)ଦୃଢ଼ ବିଶ୍ୱାସ ସହକାରେ ଗୁରୁଙ୍କର ସେବନ, ଏହି ତିନୋଟି ଭକ୍ତିର ଅଙ୍ଗକୁ ଭକ୍ତିର ମାର୍ଗରେ ପ୍ରବେଶର ପ୍ରଧାନ ଦ୍ୱାର ବୋଲି କହିଛନ୍ତି । *"ଏୟଂ ପ୍ରଧାନମେବୋକ୍ତଂ ଗୁରୁପାଦାଶ୍ରୟାଦିକଂ ।"* ଯେଉଁ ଶ୍ରୀଗୁରୁସେବାର ବର୍ଣ୍ଣନ ବିଷୟରେ ଶ୍ରୀରୂପଗୋସ୍ୱାମୀ ଏହି ବିଶେଷଣ ପ୍ରୟୋଗ କରିଅଛନ୍ତି ***"ବିଶ୍ରମ୍ଭେଣ ଗୁରୁସେବା"***, ଆମ୍ଭମାନଙ୍କ ଦୁର୍ଭାଗ୍ୟରେ ସେହିଁ ଗୁରୁସେବା ପ୍ରତି ଯଦି ବିଶ୍ରମ୍ଭଘାତକ କୁତର୍କାଶଙ୍କାର ଉଦୟ ହୁଏ, ତାହାହେଲେ ଆମ୍ଭମାନଙ୍କର ସାଧନ ଭଜନ ପଥ ଅପରାଧଜନିତ ବହୁ ବିଘ୍ନସଙ୍କୁଳ ହୋଇ ଉଠିବ । **'ବିଶ୍ରମ୍ଭ'** ଶବ୍ଦର ଅର୍ଥ ଦୃଢ଼ ବିଶ୍ୱାସ । ଅତଏବ ସାବଧାନରେ ଗାଢ଼ ବିଶ୍ୱାସ ସହକାରେ ଗୁରୁସେବା କରିବାକୁ ହେବ । ଶ୍ରୀଚକ୍ରବର୍ତ୍ତିପାଦ୍ ଟୀକାରେ କହୁଛନ୍ତି ଏହି ବିଶ୍ୱାସଟି ହେଉଛି – ***"ଶ୍ରୀଗୁରୁସେବୟୈବ ସର୍ବସାଧ୍ୟ ସିଦ୍ଧ୍ୟର୍ଥମିତ୍ୟୁପଦେଶଃ"***– ଶ୍ରୀଗୁରୁସେବା ଦ୍ୱାରାହିଁ ସର୍ବସାଧ୍ୟସିଦ୍ଧି ଲାଭ କରିହେବ ।

ଶ୍ରୀଭକ୍ତି ସନ୍ଦର୍ଭରେ (୨୩୯ଅନୁଚ୍ଛେଦ) ଶ୍ରୀଜୀବଗୋସ୍ୱାମୀପାଦ୍ କହିଛନ୍ତି –"ତତ୍ର ଯଦ୍ୟପି ଶରଣାପତ୍ତ୍ୟୈବ ସର୍ବଂ ସିଧ୍ୟତି, – *"ଶରଣଂ ତଂ ପ୍ରପନ୍ନା ଯେ ଧ୍ୟାନଯୋଗ ବିବର୍ଜିତାଃ । ତେ ବୈ ମୃତ୍ୟୁମତିକ୍ରମ୍ୟ ଯାନ୍ତି ତଦ୍ୱୈଷ୍ଣବଂ ପଦଂ ॥ ଇତି ଗାରୁଡ଼ାତ୍ ॥ ତଥାପି ବୈଶିଷ୍ଟ୍ୟ ଲିପ୍ସୁଃ ଶକ୍ତଶ୍ଚେତ୍ ତତଃ ଭଗବଚ୍ଛାସ୍ତ୍ରୋପଦେଷ୍ଟୃଣାଂ ଭଗବନ୍ମନ୍ତ୍ରୋପଦେଷ୍ଟୃଣାଂ ବା ଶ୍ରୀଗୁରୁଚରଣାନାଂ ନିତ୍ୟମେବ ବିଶେଷତଃ ସେବାଂ କୁର୍ଯ୍ୟାତ୍ । ତତ୍‌ପ୍ରସାଦୋ ହି ସ୍ୱ ସ୍ୱ ନାନା ପ୍ରତୀକାର ଦୁସ୍ତ୍ୟଜାନର୍ଥହାନୌ ପରମଭଗବତ୍ ପ୍ରସାଦସିଦ୍ଧୌ ଚ ମୂଳମ୍ ।"* ଏହାର ଅର୍ଥ – "ପୂର୍ବେ ଗୋସ୍ୱାମିପାଦ୍ କ୍ରମାନୁସାରେ ଶରଣାପତ୍ତିରୂପି ଭକ୍ତ୍ୟାଙ୍ଗର ସ୍ୱରୂପ ଏବଂ ମହିମା ବର୍ଣ୍ଣନ କରିଅଛନ୍ତି । ତାହା ପରେହିଁ କହୁଅଛନ୍ତି, ଯେଉଁମାନେ ଧ୍ୟାନଯୋଗାଦି ବର୍ଜ୍ଜିତ ହୋଇ ମଧ୍ୟ କେବଳମାତ୍ର ଶ୍ରୀଭଗବାନଙ୍କଠାରେ ପ୍ରପନ୍ନ ହୋଇ ଥାଆନ୍ତି, ସେମାନେ ମୃତ୍ୟୁକୁ ଅତିକ୍ରମ କରି ସେହି ପ୍ରସିଦ୍ଧ ଭଗବତ୍ ସ୍ଥାନ ପ୍ରାପ୍ତ ହୁଅନ୍ତି । ଏହି ଗରୁଡ଼ପୁରାଣ ବଚନ ବଳରେ ଯଦିଓ ଏକମାତ୍ର ଶରଣାପତ୍ତି ଦ୍ୱାରା ସର୍ବ ସିଦ୍ଧି ହୁଏ ଏହା ଦେଖିବାକୁ ମିଳୁଅଛି, ତଥାପି ଭଗବଭକ୍ତି ଭଜନରସରେ ବୈଶିଷ୍ଟ୍ୟ ଲିପ୍ସୁ ବ୍ୟକ୍ତି ଯଦି ସମର୍ଥ ହୁଅନ୍ତି, ତାହା ହେଲେ ଭଗବତ୍ ଶାସ୍ତ୍ରୋପଦେଷ୍ଟା ଶିକ୍ଷାଗୁରୁଙ୍କ ଅଥବା ଭଗବଦ୍ମନ୍ତ୍ରୋପଦେଷ୍ଟା ଦୀକ୍ଷାଗୁରୁଙ୍କ ବିଶେଷଭାବରେ ନିତ୍ୟହିଁ ସେବା କରିବେ । 'ହି' ଅର୍ଥାତ୍ ଯେହେତୁ ନାନା ପ୍ରତିକାର ଦ୍ୱାରା ଦୁସ୍ତ୍ୟଜ୍ୟ ଯେଉଁ ଅନର୍ଥ ସମୂହ, ସେହି ଅନର୍ଥ ସମୂହର ନାଶ ବିଷୟରେ ଏବଂ ଭଗବତ୍ ପରମପ୍ରସନ୍ନତାର ସିଦ୍ଧି ବିଷୟରେ ଶ୍ରୀଗୁରୁଙ୍କ ପ୍ରସନ୍ନତାହିଁ ମୂଳ କାରଣ ।" ଶ୍ରୀଗୁରୁଙ୍କର ଏତାଦୃଶ ପ୍ରସନ୍ନତା ଲାଭ କରିବାର ଏକମାତ୍ର ଉପାୟ ତାହାଙ୍କର ନିଷ୍କପଟ ପରିଚର୍ଯ୍ୟା ସେଥିପାଇଁ ଶ୍ରୀଜୀବଗୋସ୍ୱାମୀପାଦ୍ କହିଲେ ବୈଶିଷ୍ଟ୍ୟଲିପ୍ସୁ ଶିଷ୍ୟ **"ଶ୍ରୀଗୁରୁଚରଣାନାଂ ନିତ୍ୟମେବ ବିଶେଷତଃ ସେବାଂ କୁର୍ଯ୍ୟାତ୍ ।"** – ଶ୍ରୀଗୁରୁଙ୍କ ନିତ୍ୟ ବିଶେଷ ସେବା କରିବେ କାରଣ **'ତତ ପ୍ରସାଦ ହି ମୂଳମ୍'** – ତାହାଙ୍କ ପ୍ରସନ୍ନତାହିଁ ମୂଳ ।

ଶ୍ରୀଜୀବଗୋସ୍ୱାମୀପାଦ୍ ଏଠାରେ 'ବିଶେଷ ସେବା'ର ପ୍ରସଙ୍ଗ ଉତ୍ଥାପନ କରିଅଛନ୍ତି, ଏହାର ଅର୍ଥ ହେଉଛି ଏକ ସାମାନ୍ୟ ସେବା ମଧ୍ୟ ଅବଶ୍ୟ ବିଦ୍ୟମାନ୍ ଅଛି । ଅତଏବ ଶ୍ରୀଗୁରୁଦେବଙ୍କର ସାମାନ୍ୟ ଓ ବିଶେଷ ଏହି ଦୁଇ ଭାବରେ ସେବା ରହିଅଛି । ପ୍ରଥମେ ଏହି ସାମାନ୍ୟ ଶ୍ରୀଗୁରୁସେବା ଉପରେ ଆଲୋକପାତ କରୁଅଛନ୍ତି – ଶାସ୍ତ୍ରାନୁସନ୍ଧାନ କରିଲେ ଦେଖାଯାଏ – ଭଗବତ୍ ଶ୍ରବଣ, କୀର୍ତ୍ତନ, ସ୍ମରଣ, ଅର୍ଚ୍ଚନାଦି ଭକ୍ତ୍ୟାଙ୍ଗ ସାଧନର ଅର୍ନ୍ତଭୂତ ରୂପେ ପ୍ରାୟ ସର୍ବତ୍ରହିଁ ଶ୍ରୀଗୁରୁ ସ୍ମରଣ, ଧ୍ୟାନ, ଗୁରୁଗୁଣ କୀର୍ତ୍ତନ, ଶ୍ରବଣ, ଗୁର୍ବଜ୍ଞାଦିର ବ୍ୟବସ୍ଥା ଶାସ୍ତ୍ରରେ ଅଛି । ଯଥା ସାଧକ ବ୍ୟକ୍ତି ବ୍ରାହ୍ମମୁହୂର୍ତ୍ତରେ ଗାତ୍ରୋତ୍ଥାନ କରି ଶ୍ରୀଗୁରୁଦେବଙ୍କୁ ସ୍ମରଣ କରନ୍ତି – *"କୃପାମରନ୍ଦାନ୍ୱିତପାଦ ପଙ୍କଜଂ, ଶ୍ୱେତାମ୍ବରଂ ଗୌରୁଚିଂ ସନାତନମ୍ । ଶନ୍ଦଂ ସୁମାଲ୍ୟାଭରଣ ଗୁଣାଳୟଂ, ସ୍ମରାମି ସଭକ୍ତମହଂ ଗୁରୁଂ ହରିମ୍ ॥"* ତତ୍‌ପଶ୍ଚାତ୍ ଆଚମନାଦି କରି କୃଷ୍ଣକୀର୍ତ୍ତନ ଓ ସ୍ତବପାଠାଦି କରନ୍ତି– ସେ ସ୍ଥଳେ ମଧ୍ୟ ଦେଖାଯାଏ – *"ଅଥେଚ୍ଛନ୍ ପରମାଂ ଶୁଦ୍ଧିଂ ମୂର୍ଦ୍ଧ୍ନି ଧାତ୍ୱା ଗୁରୋଃ ପଦଂ । ସ୍ତୁତ୍ୱା ଚ କୀର୍ତ୍ତୟନ୍ କୃଷ୍ଣଂ ସ୍ମରଂ ଶ୍ଚୈତନ୍ୟଦୀରଯେତ୍ ॥"* (ହଭବି–୩।୧୫) – ଅର୍ଥାତ୍–ବ୍ୟାହିକ ଆଚମନ କରି ମଧ୍ୟ ସାଧକ ବ୍ୟକ୍ତି ବାହ୍ୟାଭନ୍ତରର ଉତ୍କୃଷ୍ଟ ଶୁଦ୍ଧି ଇଚ୍ଛା କରି ମସ୍ତକରେ ଗୁରୁଙ୍କ ଧ୍ୟାନ କରିବେ ଏବଂ ଗୁରୁଙ୍କ ସ୍ତୋତ୍ରାଦି ପାଠ କରିବେ । ତତ୍‌ପଶ୍ଚାତ୍ ଗୌରଗୋବିନ୍ଦ ସ୍ମରଣ ପୂର୍ବକ ତଦ୍‌ନାମାବଳୀ ସ୍ତୋତ୍ରାଦି ପାଠ କରିବେ । ପ୍ରାତଃ ସ୍ନାନାଦିରେ ମଧ୍ୟ ସାଧକର ଶ୍ରୀଗୁରୁପାଦୋଦକ ଦ୍ୱାରା ଅଭିଷିକ୍ତ ହେବାର ବ୍ୟବସ୍ଥା ଅଛି । ଗୃହ ସ୍ନାନ ବିଧିରେ ସାଧକକୁ ଆଚମନ ପୂର୍ବକ ଗୁରୁଙ୍କୁ ସ୍ମରଣ କରି ସ୍ନାନ କରିବାର ବ୍ୟବସ୍ଥା ଦେଖାଯାଏ । – *"ଅଥାଚମ୍ୟ ଗୁରୁଂ ସ୍ମତ୍ୱାଜୁଜ୍ଞାଂ ପ୍ରାର୍ଥୀ ଚ ପୂର୍ବବତ୍ । କୃଷ୍ଣ ପାଦାବ୍ଜତୋ ଗଙ୍ଗା ପତନ୍ତୀ ମୂର୍ଦ୍ଧ୍ନୀ ଚିନ୍ତୟେତ୍ ॥"* – ପ୍ରାତ୍ୟହିକ ମନ୍ତ୍ରସ୍ମରଣ ସମୟରେ ସର୍ବପ୍ରଥମେ ଶ୍ରୀଗୁରୁଦେବଙ୍କରହିଁ ମନ୍ତ୍ର ସ୍ମରଣର ବିଧାନ ଦୃଷ୍ଟ ହୁଏ । ଅର୍ଚ୍ଚନସମୟରେ ମଧ୍ୟ ଗୁରୁ ପୂଜାର କର୍ତ୍ତବ୍ୟତା ରହିଅଛି – *"ପ୍ରଥମନ୍ତୁ ଗୁରୁପୂଜ୍ୟ ତତଶ୍ଚୈବ ମମାର୍ଚ୍ଚନଂ ।"* ଆସନଶୁଦ୍ଧି ବିଘ୍ନନିବାରଣାଦିର ଅନ୍ତେ ଶ୍ରୀଗୁରୁଙ୍କ ନତିବିଧାନ ଶାସ୍ତ୍ରରେ ଅଛି । ତତ୍‌ପଶ୍ଚାତ୍ ପୁନଃ ନିଜ ଦେହରେ ପୀଠ ପୂଜାରେ *"ଗୁରୁଂ ମୂର୍ଦ୍ଧ୍ନି"* ଇତ୍ୟାଦିରେ ନିଜ ମସ୍ତକରେ ଗୁରୁପୂଜାର ବିଧାନ ଅଛି । ପୁଣି ବହିର୍ଯାଗ ବିଧିରେ ମଧ୍ୟ ଗୁରୁପାଦୁକା ପୂଜାର କର୍ତ୍ତବ୍ୟତା ବିହିତ ହୋଇଅଛି, ଯଥା:– *"ପୀଠେ ଭଗବତୋ ବାମେ ଶ୍ରୀଗୁରୁନ୍ ଗୁରୁପାଦୁକାନ୍ ।"* ଭଗବତ ପାଠ କୀର୍ତ୍ତନ ସ୍ମରଣାଦି ପ୍ରତ୍ୟେକ ମାଙ୍ଗଳିକ ଅନୁଷ୍ଠାନର ପ୍ରଥମେ ହିଁ ଗୁରୁବନ୍ଦନାର ବିଶେଷ ବିଧି ରହିଅଛି । **ଅତଏବ ଯେଉଁ ସ୍ଥଳରେ ଭଗବତ୍ ଶ୍ରବଣ କୀର୍ତ୍ତନ ସ୍ମରଣାର୍ଚ୍ଚନାଦି ଭକ୍ତ୍ୟାଙ୍ଗ ସାଧନ ମୁଖ୍ୟ ହୋଇ ଅର୍ଥାତ୍ ଅଙ୍ଗୀ ହୋଇ ତଦନୁଭୂତ ଶ୍ରୀଗୁରୁସ୍ମରଣାଦି ସେବାଟୀ ଅଙ୍ଗରୂପେ ଅନୁଷ୍ଠିତ ହୁଏ, ତାହାକୁହିଁ ସାମାନ୍ୟତଃ ଶ୍ରୀଗୁରୁସେବା କୁହାଯାଏ** । ଏହି ପ୍ରକାର ଗୁରୁସ୍ମରଣ ପୂଜନ କୀର୍ତ୍ତନାଦିରୂପ ଗୁରୁଭକ୍ତି ସହଚରରୂପେ ରହି ଯେଉଁ ଭଗବଦ୍ଭବଣ କୀର୍ତ୍ତନାଦି ଭଜନାଙ୍ଗ ସାଧକର ସାଧିତ ହୁଏ, ତାହାର ଫଳରୂପେହିଁ ଭଗବତ୍ ପ୍ରେମଭକ୍ତି ଲାଭ ହୁଏ । ଗୁରୁଭକ୍ତି ସମନ୍ୱିତ ଭଗବଦ୍ଭଜନହିଁ ସଫଳ ହୁଏ । ଏହାହିଁ ସାଧନ ରାଜ୍ୟର ନିୟମ । ଏ ସ୍ଥଳେ ନିଷ୍କପଟ ଗୁରୁଭକ୍ତିହିଁ ଭଗବଦ୍ଭଜନର ସହଚର ରୂପେ ରହିବା ଆବଶ୍ୟକ । ମୋଟ କଥା ଏହି ଯେ କୌଣସି ଭକ୍ତ୍ୟାଙ୍ଗରହିଁ ମୁଖ୍ୟରୂପେ ସାଧନ କରାଯାଉ ନା କାହିଁକି, ନିଷ୍କପଟ ଗୁରୁଭକ୍ତି ସହ କୃତ ନହେଲେ ତାହା

ପ୍ରକୃତ ସଫଳ ହେବନାହିଁ । କାହିଁକି ନା "ତତ୍‌ପ୍ରସାଦୋ ହି ମୂଳଂ" ଏହା ସ୍ମରଣ ରଖିବାକୁ ହେବ । ଏହାହିଁ ସାମାନ୍ୟତଃ ଗୁରୁସେବା ।

ବର୍ତ୍ତମାନ୍ "ବିଶେଷ ଗୁରୁସେବା" ବିଷୟ କିଛି ତତ୍ତ୍ୱାଲୋଚନା କରାହେଉଅଛି, ଯେଉଁ ସ୍ଥଳରେ ଗୁରୁଙ୍କୁ ପ୍ରତ୍ୟକ୍ଷ ବିଷୟ କରି ଗୁରୁ ପରିଚର୍ଯ୍ୟା ଓ ଗୁରୁଙ୍କ ସହିତ ଭଗବତ୍ ପ୍ରସଙ୍ଗାଦି ସେବା ମୁଖ୍ୟ ହୋଇ ଭଗବତ୍ ଶ୍ରବଣ କୀର୍ତ୍ତନ ସ୍ମରଣାର୍ଚ୍ଚନାଦି ଭକ୍ତ୍ୟାଙ୍ଗ ସମୂହ ଗୁରୁ ପରିଚର୍ଯ୍ୟାଦି ସେବାର ଆନୁଷଙ୍ଗିକ ରୂପେ ଅନୁଭୂତ ହୁଏ । ତାହାହିଁ ବିଶେଷ ଗୁରୁସେବା । ଶ୍ରୀଜୀବଗୋସ୍ୱାମୀ ପାଦ୍ ବୈଶିଷ୍ଟ୍ୟଲିପ୍ସୁ ସାଧକଙ୍କୁ ଅର୍ଥାତ୍ ଭକ୍ତିର ବୈଶିଷ୍ଟ୍ୟ ଲାଭ ପାଇଁ ଇଚ୍ଛୁକ ସାଧକଙ୍କୁ ଶ୍ରୀଗୁରୁଙ୍କର ଏହିପରି ବିଶେଷ ଗୁରୁସେବାର କର୍ତ୍ତବ୍ୟତା ବିଷୟରେ ଉପଦେଶ ଦେଇଛନ୍ତି । ଅନ୍ୟଥା 'ବିଶେଷ' ଶବ୍ଦର ତାତ୍ପର୍ଯ୍ୟ ରହିଲା ଅବା କେଉଁଠି ? ଅତଏବ ଗୋସ୍ୱାମୀଗଣଙ୍କ ସିଦ୍ଧାନ୍ତର ନିଷ୍କର୍ଷ ଏହି ଯେ ସାମାନ୍ୟତଃ ଗୁରୁସେବା ଅପେକ୍ଷା ଏହି ବିଶେଷ ଗୁରୁସେବାର ବୈଶିଷ୍ଟ୍ୟ ରହିଅଛି ।

ପୂର୍ବପକ୍ଷ ଉଠିପାରେ ଯେତେବେଳେ ସମସ୍ତ ଭଗବଚ୍ଛ୍ରବଣକୀର୍ତ୍ତନସ୍ମରଣାଦି ଭକ୍ତ୍ୟାଙ୍ଗ ସାଧନ ମଧ୍ୟରେ ଶ୍ରୀଗୁରୁଙ୍କ ଧ୍ୟାନ ସ୍ମରଣ କୀର୍ତ୍ତନାଦି ସେବା ରହିଅଛି, ସେତେବେଳେ ବିଶେଷ ଗୁରୁସେବାର ପ୍ରୟୋଜନ କଣ ? ଗୁରୁପରିଚର୍ଯ୍ୟାକୁ ମୁଖ୍ୟ କରି ଭଗବଚ୍ଛ୍ରବଣ କୀର୍ତ୍ତନ ସ୍ମରଣାଦି ଭକ୍ତ୍ୟାଙ୍ଗକୁ ଆନୁଷଙ୍ଗିକ କରିଦେଲେ ଅନର୍ଥହାନି ଓ ଭଗବତ୍‌ପ୍ରସନ୍ନତା ସିଦ୍ଧି ଲାଭ କଣ ସମ୍ଭବ ହେବ ? ଏହି ସଂଶୟର ସମାଧାନ କରି ଗୋସ୍ୱାମୀପାଦ୍ ଉଲ୍ଲେଖ କରିଅଛନ୍ତି – (ପୂର୍ବେ ମଧ୍ୟ ଏହା ଉଲ୍ଲେଖିତ ହୋଇଅଛି) – କାମ, କ୍ରୋଧ, ଲୋଭ, ଭୟ, ଶୋକମୋହ, ଦମ୍ଭ, ହିଂସା, ଆଦିଭୌତିକ ଦୁଃଖ, ଆଦିଦୈବିକ ଦୁଃଖ, ଆଧାତ୍ମିକକ୍ଲେଶ, ତ୍ରିଗୁଣ ଓ ଅନ୍ୟାନ୍ୟ ଦୁର୍ଜ୍ଜୟ ଅନର୍ଥ ସମୂହକୁ କେବଳ ଗୁରୁଭକ୍ତି ଦ୍ୱାରା ଅନାୟାସରେ ଜୟ କରିହେବ । (ଭକ୍ତିସନ୍ଦର୍ଭ ଧୃତ ନାରଦବାକ୍ୟ) – ଏ ତ ଗଲା ଅନର୍ଥ ନିବୃତ୍ତିର କଥା ଆଉ ରହିଲା ଶ୍ରୀଭଗବାନଙ୍କ ପ୍ରସନ୍ନତାର କଥା, ତାହା ପାଇଁ ବକ୍ତବ୍ୟ ଏହି ଯେ – (ବାମନକଳ୍ପେ ବ୍ରହ୍ମବାକ୍ୟ)

–"ଯୋ ମନ୍ତ୍ରଃ ସ ଗୁରଃ ସାକ୍ଷାତ୍ ଯୋ ଗୁରୁଃ ସ ହରିଃ ସ୍ୱୟମ୍ ।
ଗୁରୁର୍ଯସ୍ୟ ଭବେତ୍ତୁଷ୍ଟସ୍ତସ୍ୟ ତୁଷ୍ଟୋ ହରିଃ ସ୍ୱୟମ୍ ॥"

ଯାହା ମନ୍ତ୍ର ତାହାହିଁ ଶ୍ରୀଗୁରୁ ସାକ୍ଷାତ୍, ଯିଏ ଗୁରୁ ସିଏ ହରି ସ୍ୱୟଂ । ଯାହାଙ୍କ ପ୍ରତି ଗୁରୁତୁଷ୍ଟ ହୁଅନ୍ତି ସ୍ୱୟଂ ହରି ମଧ୍ୟ ତାହାଙ୍କ ପ୍ରତି ତୁଷ୍ଟ ହୁଅନ୍ତି । ଏହି ଶ୍ଲୋକରେ ଗୁରୁପ୍ରସନ୍ନତା ଭଗବତ୍ ପ୍ରସନ୍ନତାର କାରଣ ଏହା ଅନ୍ୱୟ ବ୍ୟାପ୍ତି ଦ୍ୱାରା ଦର୍ଶାହେଲା ଅର୍ଥାତ୍ ଯେଉଁ ସ୍ଥଳେ ଗୁରୁତୁଷ୍ଟ ସେ ସ୍ଥଳେ ହରି ମଧ୍ୟ ତୁଷ୍ଟ । ଏହିପରି ଅନ୍ୱୟ ମୁଖରେ ହରିତୁଷ୍ଟି ଓ ଗୁରୁତୁଷ୍ଟି ମଧ୍ୟରେ ବ୍ୟାପ୍ୟବ୍ୟାପକତାତ୍ମକ କାର୍ଯ୍ୟକାରଣଭାବ ଦେଖାଇଲେ, ଏହାପରେ ଗୋସ୍ୱାମୀଗଣ ବ୍ୟତିରେକ ବ୍ୟାପ୍ତି ଦ୍ୱାରା ଗୁରୁପ୍ରସନ୍ନତା ଓ ଭଗବତ୍ ପ୍ରସନ୍ନତାର କାରଣକାର୍ଯ୍ୟଭାବଟି ଦେଖାଇବା ପାଇଁ ଶ୍ଲୋକ ଉଦ୍ଧୃତ କରିଅଛନ୍ତି, ଯଥା–

ହରୌ ରୁଷ୍ଟେ ଗୁରୁତ୍ରାତା ଗୁରୌ ରୁଷ୍ଟେ ନ କଶ୍ଚନ । ତସ୍ମାତ ସର୍ବପ୍ରଯତ୍ନେନ ଗୁରୁମେବ ପ୍ରସାଦୟେତ୍ ॥
"କୃଷ୍ଣ ରୁଷ୍ଟ ହେଲେ ଗୁରୁ ରଖିବାରେ ପାରେ । ଗୁରୁ ରୁଷ୍ଟ ହୈଲେ କୃଷ୍ଣ ରଖିବାରେ ନାରେ" –

ଅର୍ଥାତ୍ ହରି ରୁଷ୍ଟ ହେଲେ ଗୁରୁ ରକ୍ଷା କରିବାକୁ ସକ୍ଷମ, ଗୁରୁରୁଷ୍ଟ ହେଲେ କେହି ମଧ୍ୟ, ରକ୍ଷା

କରିପାରିବେ ନାହିଁ । ସେଥିପାଇଁ ସର୍ବପ୍ରକାରର ପ୍ରଯତ୍ନରେ ଗୁରୁଙ୍କୁ ପ୍ରସନ୍ନ କରିବାକୁ ହେବ (ପ୍ରସାଦୟେତ୍ ବିଧିଲିଙ୍ଗ ପ୍ରତ୍ୟୟ ଯୋଗୁଁ – ଅବଶ୍ୟ କର୍ତ୍ତବ୍ୟ ନିରୂପଣ ହୋଇଅଛି) ନକରିଲେ ପ୍ରତ୍ୟବାୟ ସୁନିଶ୍ଚିତ ।

ଏହି ପ୍ରସଙ୍ଗରେ ଏକ ଉପାଖ୍ୟାନ ବର୍ଣ୍ଣିତ ହେଉଅଛି – ପୁରାଣମାନଙ୍କରେ ଶ୍ରୀକାକଭୁଷଣ୍ଡିଙ୍କ ପୂର୍ବାପୂର୍ବ ଜୀବନୀ ଆଲୋଚନା କରିଲେ ଦେଖାଯାଏ ଯେ, ସେ ଜଣେ ଶିବ ଭକ୍ତ ଥିଲେ, କିନ୍ତୁ ତାହାଙ୍କ ଶ୍ରୀଗୁରୁଦେବ ବିଷ୍ଣୁଭକ୍ତ ଥିବାରୁ ସେ ତାହାଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି ନାହିଁ । ଏକଦା ଶ୍ରୀ ମହାଦେବଙ୍କ ଦର୍ଶନ ନିମନ୍ତେ ସେ କୈଳାସକୁ ଯାଇଛନ୍ତି, ଏହି ସମୟରେ ବୈଷ୍ଣବଶ୍ରେଷ୍ଠ ଶ୍ରୀଗୁରୁଦେବ ମଧ୍ୟ ସେଠାରେ ଆଗମନ କରିଲେ । ଶ୍ରୀଗୁରୁଙ୍କୁ ଆଗମନ କରୁଥିବାର ଦେଖି କାଳେ ତାହାଙ୍କୁ ପ୍ରଣାମ କରିବାକୁ ପଡ଼ିବ ଏହା ଭାବି ଚକ୍ଷୁ ବନ୍ଦକରି ମିଥ୍ୟାଧ୍ୟାନରେ ବସିଗଲେ । ଏ ଦିଗରେ ମହାଦେବ ଦର୍ଶନ ଦେବାପାଇଁ ବାହାରକୁ ଆସିବାରୁ ଶିଷ୍ୟ ତ୍ୱରାନ୍ୱିତ ଭାବରେ ମିଥ୍ୟାଧ୍ୟାନ ଭଙ୍ଗକରି ମହାଦେବଙ୍କୁ ପ୍ରଣାମ କରିବାରୁ ମହାଦେବ କ୍ରୋଧାନ୍ୱିତ ହୋଇ କହିଲେ – ଆରେ ଚଣ୍ଡାଳ ! ତୁ ଗୁରୁଦେବଙ୍କୁ ପ୍ରଥମେ ପ୍ରଣାମ ନକରି ମତେ ପ୍ରଣାମ କରୁଅଛୁ । ଯାଅ, ତୁ ଚଉଦ ଭୁବନ ଭ୍ରମଣ କର । ମହାଦେବଙ୍କ ଏହି ଅଭିଶାପରେ ଶ୍ରୀଗୁରୁଦେବଙ୍କ ହୃଦୟ ଶିଷ୍ୟ ପ୍ରତି କରୁଣାରେ ବିଗଳିତ ହେଲା । ସେ କହିଲେ, ପ୍ରଭୁ ! ସେ ଚଉଦ ଭୁବନ କଣ ଜାଣେନା, ତେଣୁ ଆପଣ ଚଉଦ ଭୁବନ କ'ଣ ତାହା ଜଣାଇଦିଅନ୍ତୁ । ଏହା ଶୁଣି ମହାଦେବ ତ୍ରିଶୂଳର ଅଗ୍ରଭାଗ ଦ୍ୱାରା ଭୂମିରେ ଚଉଦଭୁବନ ଅଙ୍କନ କରିବାରୁ, ଶ୍ରୀଗୁରୁଦେବ ଶିଷ୍ୟକୁ ଆଦେଶ କରିଲେ, ଆରେ ବାପା ! ଆଉ କଣ ଦେଖୁଛୁ, ଏହି ଚଉଦ ଭୁବନକୁ ଶୀଘ୍ର ପରିଭ୍ରମଣ କର । ଏହା ଶୁଣି ଭୟଭୀତ ଶିଷ୍ୟ ଭୂମିରେ ଅଙ୍କିତ ଚଉଦଭୁବନ ଭ୍ରମଣ କରିଲେ । ତତ୍‌ପଶ୍ଚାତ୍ ଶ୍ରୀଗୁରୁଦେବ ନିବେଦନ କରିଲେ, ହେ ପ୍ରଭୁ ! ଆପଣଙ୍କ ଆଦେଶ ମୁତାବକ ଶିଷ୍ୟ ମୋର ଚଉଦଭୁବନ ଭ୍ରମଣ କରିଲା, ତେଣୁ ଆପଣ ଏହାକୁ ଅନୁଗ୍ରହ କରନ୍ତୁ । ଶ୍ରୀଗୁରୁଦେବଙ୍କର ଏତାଦୃଶ କରୁଣା ସନ୍ଦର୍ଶନରେ ମହାଦେବ ମଧ୍ୟ ଶିଷ୍ୟକୁ ଅନୁଗ୍ରହ କରିଲେ । ତେଣୁ *"କୃଷ୍ଣ ରୁଷ୍ଟ ହୈଲେ ଗୁରୁ ରଖିବାରେ ପାରେ ।"*

ଶ୍ରୀହରିବଂଶଜୀଙ୍କ ଜୀବନୀରେ ଦେଖିବାକୁ ମିଳେ ଯେ, ଶ୍ରୀଗୋପାଳଭଟ୍ଟଗୋସ୍ୱାମୀଙ୍କୁ ସେ ନିଜ ଗୁରୁରୂପରେ ବରଣ କରିଥିଲେ । ଶ୍ରୀମତୀ ରାଧାରାଣୀ ସାକ୍ଷାତ୍‌ରେ ପ୍ରକଟହୋଇ ତାହାଙ୍କୁ କେତେକ ଏକାଦଶୀରେ ନିଜ ଚର୍ବିତ ତାମ୍ବୁଳ ଦେବାରୁ ସେ ତାହା ସେବା କରିଥିଲେ । ଶ୍ରୀଭଟ୍ଟଗୋସ୍ୱାମୀ ଏହା ବାରଣ କରିଥିଲେ ମଧ୍ୟ ସେ ରାଧାରାଣୀଙ୍କ ପ୍ରଦତ୍ତ ତାମ୍ବୁଳ ସେବନରୁ ବିରତ ହେଲେ ନାହିଁ । ଏହି କଥା ତଥା ଅନ୍ୟାନ୍ୟ କେତେକ ପ୍ରସଙ୍ଗ ନେଇ ଶ୍ରୀଭଟ୍ଟଗୋସ୍ୱାମୀ ଶ୍ରୀହରିବଂଶଙ୍କ ସହିତ ଆଉ ସମ୍ବନ୍ଧ ରଖିଲେ ନାହିଁ । କିମ୍ବଦନ୍ତୀ ଅଛି ତାହାଙ୍କ ଜୀବନର ଶେଷ ସମୟରେ କେତେକ ଦୁର୍ବୃତ୍ତ ତାହାଙ୍କ ମସ୍ତକ ଛେଦନ କରି ଯମୁନାରେ ନିକ୍ଷେପ କରିଥିଲେ । ପରମସିଦ୍ଧ ଶ୍ରୀହରିବଂଶଙ୍କ ଶ୍ରୀମୁଖରେ ଦିବ୍ୟ ଶ୍ରୀରାଧାନାମ ଉଚ୍ଚାରିତ ହେଉଥିଲେ ମଧ୍ୟ ସେ ସଦ୍‌ଗତି ଲାଭ କରିପାରୁନଥିଲେ । ଏହିପରି ଭାବରେ ତାହାଙ୍କ କଟା ମସ୍ତକ ଯମୁନାରେ ଭାସି ଭାସି କେଶୀଘାଟରେ ସ୍ନାନ କରୁଥିବା ଶ୍ରୀଭଟ୍ଟଗୋସ୍ୱାମୀଙ୍କ ଶରୀରରେ ଲାଗିବାରୁ ସେଠାରେ ସେ ଗୁରୁଦେବଙ୍କ କୃପାଶୀଷ ପ୍ରାର୍ଥନା କରିଥିଲେ । କରୁଣାର ମୂରତୀ ଶ୍ରୀଭଟ୍ଟଗୋସ୍ୱାମୀପାଦ୍

କୃପାକରିବା ପରେହିଁ ତାହାଙ୍କ ସଦ୍‌ଗତି ଲାଭ ହୋଇଥିଲା । ତେଣୁ ପରମ କରୁଣାମୟୀ ଶ୍ରୀରାଧାରାଣୀଙ୍କ କୃପା ମଧ୍ୟ ଶ୍ରୀଗୁରୁଦେବଙ୍କ କୃପାକୁ ନିର୍ଭର କରେ । ତେଣୁ *'ଗୁରୁରୁଷ୍ଟ ହୈଲେ କୃଷ୍ଣ ରଖିବାରେ ନାରେ ।'*

ଉପରୋକ୍ତ ଏହି ଆଲୋଚନାର ସାରାର୍ଥ ଗୋସ୍ୱାମୀପାଦ୍ କହିଅଛନ୍ତି –**"ଅତଏବ ସେବାମାତ୍ର ନିତ୍ୟମେବ"** ଗୁରୁଙ୍କୁ ସନ୍ତୁଷ୍ଟ କରିବାକୁ ହେଲେ କେବଳମାତ୍ର ସେବା ଦ୍ୱାରାହିଁ ତାହାଙ୍କୁ ସନ୍ତୁଷ୍ଟ କରିବାକୁ ହେବ । ତାହା ନହୋଇଥିଲେ ଶ୍ରୀଦେବହୁତି କାହିଁକି ଏହିପରି ବକ୍ତବ୍ୟ ଦେଇଥାଆନ୍ତେ–

"ଭକ୍ତିର୍ଯଥା ହରୌ ମେଽସ୍ତୁ ତବରିଷ୍ଠା ଗୁରୌ ଯଦି । ମମାସ୍ତି ତେନ ସତ୍ୟେନ ସଦର୍ଶୟତୁ ମେ ହରିଃ ॥"

ହରିଙ୍କଠାରେ ମୋର ଯେଉଁ ପ୍ରକାର ଭକ୍ତି ଅଛି, ଯଦି ତାହାଠାରୁ ଗୁରୁଙ୍କଠାରେ ଅଧିକ ଭକ୍ତିଥାଏ, ତାହା ହେଲେ ସେହି ସତ୍ୟ ବଳରେ ହରି ମୋତେ ଦର୍ଶନ ଦାନ କରନ୍ତୁ ।" ଏହି ଶ୍ଲୋକରେ 'ତଦ୍‌ବରିଷ୍ଠା' ପଦରେ ଭଗବଭକ୍ତି ଅପେକ୍ଷା ମଧ୍ୟ ଗୁରୁଭକ୍ତିର ମହିମାଧିକ୍ୟ ଦେଖା ହୋଇଛି । ସ୍ୱୟଂ ଭଗବାନହିଁ କହିଛନ୍ତି –*"ନାହମିଜ୍ୟାପ୍ରଜାତିଭ୍ୟାଂ ତପସୋପଶମେନ ବା । ତୁଷ୍ୟେୟଂ ସର୍ବଭୂତାତ୍ମା ଗୁରୁଶୁଶ୍ରୂଷୟା ଯଥା ॥"*(୧୦।୮୦) – ମୋର ପୂଜା, ମୋର (ବୈଷ୍ଣବ) ଦୀକ୍ଷା, ମୋଠାରେ ସମାଧି ଅଥବା ମୋଠାରେ ଅତିଶୟ ନିଷ୍ଠା ଦ୍ୱାରା ପରମେଶ୍ୱର ମୁଁ ସେ ପ୍ରକାର ସନ୍ତୁଷ୍ଟ ନୁହେଁ, ସର୍ବଭୂତର ପରମାତ୍ମା ହୋଇ ମଧ୍ୟ ମୁଁ ଗୁରୁଶୁଶ୍ରୂଷା ଦ୍ୱାରା ଯେଉଁ ପ୍ରକାରରେ ସନ୍ତୁଷ୍ଟ ହୁଏ । ଅତଏବ ସାଧକହିଁ ନିଜେ ବୁଝିନେବେ ସାମାନ୍ୟ ଗୁରୁସେବା ଅପେକ୍ଷା **ବିଶେଷ ଗୁରୁସେବାରେ ହିଁ ଶ୍ରୀହରି ଅଧିକ ପ୍ରସନ୍ନ,** ଏଥିପାଇଁ ଏହାର ବୈଶିଷ୍ଟ୍ୟ । ଆଉ ଯେଉଁ ସାଧକ ଶ୍ରୀଗୁରୁସେବାକୁ ଗୌଣ କରି ଶ୍ରୀଭଗବତ୍ ପ୍ରୀତି ସାଧନରେ ନିରତ ବାସ୍ତବରେ ସେମାନେ ନିଜ ଇଷ୍ଟଦେବଙ୍କ ହାର୍ଦ୍ଦବସ୍ତୁକୁ ସମ୍ୟକ୍ ରୂପେ ଅବଗତ ନୁହଁନ୍ତି । ତାହାଙ୍କ ଯଥାର୍ଥ ପ୍ରୀତି ସାଧନର ଉପାୟ ସମ୍ବନ୍ଧରେ ସେମାନେ ଅଜ୍ଞାନ । ଅତଏବ ଗୋସ୍ୱାମୀଗଣଙ୍କର ଉପଦେଶ ଏହିଯେ ଭଗବତ ଭକ୍ତିର ବୈଶିଷ୍ଟ୍ୟ ଲିପ୍ସୁ ଭଗବତ୍ ପ୍ରସାଦକାମୀ ସାଧକଗଣ ଶ୍ରୀହରିଙ୍କ ସେବାଗ୍ରହଣ ବିଗ୍ରହ ଶ୍ରୀଗୁରୁଦେବଙ୍କର ବିଶେଷ ସେବାରେ ମନୋନିବେଶ କରିବେ । ସେଥିପାଇଁ ଠାକୁର ମହାଶୟ ଗାଇଛନ୍ତି, ***'ଶ୍ରୀଗୁରୁଚରଣରେ ରତି, ଏଇ ସେ ଉତ୍ତମ ଗତି, ଯେ ପ୍ରସାଦେ ପୂରେ ସର୍ବ ଆଶା ।'*** ଅର୍ଥାତ୍–ଶ୍ରୀଗୁରୁପଦିଷ୍ଟ ଶ୍ରୀକୃଷ୍ଣତତ୍ତ୍ୱ, ଭକ୍ତିତତ୍ତ୍ୱ, ପ୍ରେମତତ୍ତ୍ୱ ଓ ରସତତ୍ତ୍ୱାଦି ହୃଦୟରେ ଧାରଣ କରି ଶ୍ରୀଗୁରୁଚରଣରେ ଯେଉଁମାନେ ରତି ବିଧାନ କରନ୍ତି, ସେମାନେ ଶ୍ରୀଗୁରୁଦେବଙ୍କଠାରେ ଅକପଟ ଭକ୍ତି ବଳରେହିଁ ପ୍ରେମରାଜ୍ୟର ଯାବତୀୟ ପ୍ରାପ୍ୟବସ୍ତୁ ସମୂହ ମଧ୍ୟରେ ପରମଶ୍ରେଷ୍ଠ ଶ୍ରୀରାଧାପ୍ରାଣବନ୍ଧୁଙ୍କର ଶ୍ରୀଚରଣକମଳର ସମ୍ମାହନାଦିରୂପ ପ୍ରେମସେବା ଅନାୟାସରେ ଲାଭ କରି ଧନ୍ୟ ହୁଅନ୍ତି ।(ଚକ୍ରବର୍ତିପାଦ୍‌ଙ୍କ ଟୀକା) ଏଠାରେ ଶ୍ରୀଗୁରୁଚରଣରେ ରତି ହେବାର ଅର୍ଥ ଗୁରୁ ମହିମାମୃତରେ ଚିତ୍ତବୃତ୍ତି ବିଗଳିତ ହୋଇ ଗୁରୁପାଦପଦ୍ମରେ ନିଷ୍ଠାମୟ ଭକ୍ତିରାଗରେ ରଞ୍ଜିତ ହୋଇ ଉଠିଲେ, ଏବଂ ଭଗବଭକ୍ତିର ତୃଷ୍ଣାଧିକ୍ୟରେ, ଭକ୍ତିମୟ ଶ୍ରୀଗୁରୁବିଗ୍ରହରେ ସାଧକର ଚିତ୍ତବୃତ୍ତିଟି ଭାବତନ୍ମୟତା ଲାଭ କରିଲେ ଅନାୟାସରେହିଁ ଉତ୍ତମାଗତି ଲାଭ ହୁଏ । ଠାକୁର ମହାଶୟ 'ଶ୍ରୀଗୁରୁଚରଣେ ରତି' ଓ 'ଉତ୍ତମାଗତ' ଏହି ଦୁଇଟିକୁ ଅଭିନ୍ନ ରୂପେ ନିର୍ଦ୍ଦେଶ କରି ଶ୍ରୀଗୁରୁଦେବଙ୍କଠାରେ ରତିହିଁ ଏକମାତ୍ର ପରମ ସାଧନ ଓ ସାଧ୍ୟ ଏହି

ଉଭୟ ବୋଲି ସୂଚିତ କରିଛନ୍ତି । ଶ୍ରୀଗୁରୁପାଦପଦ୍ମରେ ରତି ସହିତ ଭଗବତ୍‌ପ୍ରାପ୍ତିର ଅଭିନ୍ନଭାବ ସମ୍ବନ୍ଧ ମଧ୍ୟ ଖ୍ୟାପନ କରିଛନ୍ତି । ତାତ୍ପର୍ଯ୍ୟ ଏହି ଯେ ଯେଉଁଠାରେ ଶ୍ରୀଗୁରୁଚରଣରେ ପ୍ରୀତିମୟୀ ଭକ୍ତିଅଛି, ସେ ସ୍ଥଳେ ଅବ୍ୟଭିଚାରିଣୀ ରୂପେ ଉତ୍ତମା ଗତି ମଧ୍ୟ ଅଛି । କାରଣ–**"ଯେ ପ୍ରସାଦେ ପୂରେ ସର୍ବ ଆଶା"**– ଯାହାଙ୍କର ପ୍ରସାଦରେ ଅର୍ଥାତ୍ ଯିଏ ପ୍ରସନ୍ନ ହେଲେ ଶ୍ରୀବୃନ୍ଦାବନରେ ମଣିନିକୁଞ୍ଜ ମନ୍ଦିରରେ ଶ୍ରୀରାଧାମଦନଗୋପାଳଙ୍କର (ଚାମରବ୍ୟଜନ, ପାଦସମ୍ବାହନାଦି) ପ୍ରେମସେବାରୂପି ଆଶା ପୂର୍ଣ୍ଣ ହୁଏ ।(ଚକ୍ରବର୍ତିପାଦ୍‌ଙ୍କ ଟୀକା) ତାତ୍ପର୍ଯ୍ୟାର୍ଥ ଏହି ଯେ – ତାଦୃଶ ଶ୍ରୀରାଧାମାଧବଙ୍କ ସ୍ୱାଭୀଷ୍ଟ ପ୍ରେମସେବା ଏକମାତ୍ର ଶ୍ରୀଗୁରୁଦେବଙ୍କ ପ୍ରସାଦରେହିଁ ଲାଭ ହୋଇଥାଏ । ଏତାଦୃଶ ଉତ୍ତମାଗତି ପ୍ରଦାତା ଶ୍ରୀଗୁରୁଦେବ, ଯେଉଁ ସାଧକର ଭଜନ ଉନ୍ନତି ନିମନ୍ତେ ଚିନ୍ତିତ ବା ଯତ୍ନଶୀଳ ହେବେ ତାହାଙ୍କର ଯେ ସେହି ଉତ୍ତମଗତି କରତଳଗତ ହୋଇଅଛି, ଏଥିରେ ସନ୍ଦେହ ଅବା କଣ ?

ଏ ଅଧମର ପରମାରାଧତମ ଶ୍ରୀଗୁରୁଦେବ ଶ୍ରୀନିତ୍ୟାନନ୍ଦ ବଂଶାବତଂଶ ସିଦ୍ଧ ୧୦୮ ପ୍ରଭୁପାଦ୍ ଶ୍ରୀଶ୍ରୀତିନିକୋଡ଼ିଗୋସ୍ୱାମୀ ମହାରାଜଙ୍କ ଅଲୌକିକ ଲୀଳାବଳୀରେ ଏକ ଘଟଣାହିଁ ଏହାର ପ୍ରମାଣ– ଶ୍ରୀଗୁରୁଦେବଙ୍କ ଜନ୍ମସ୍ଥାନ ମନୋହରପୁର ନିକଟସ୍ଥ ଏକ ଗ୍ରାମର 'ଅଯୋଧ୍ୟା' ନାମକ ଜନୈକ ୧୧ବର୍ଷର ବାଳକ, ଶ୍ରୀଗୁରୁଦେବଙ୍କ ଅଲୌକିକ ଗୁଣାବଳୀ ଶ୍ରବଣରେ ଆକର୍ଷିତ ହୋଇ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣାଶ୍ରୟ ଗ୍ରହଣ କରିଥିଲେ । ସେତେବେଳେ ସେ ଏକାକୀହିଁ ଶ୍ରୀଗୁରୁଦେବଙ୍କ ସେବାରେ ନିରତ ଥିଲେ । ଶ୍ରୀଗୁରୁଦେବଙ୍କ ସହିତ ବ୍ରଜବିପିନ ଓ ଗୌଡ଼ମଣ୍ଡଳ ତଥା ଶ୍ରୀକ୍ଷେତ୍ରରେ ଭ୍ରମଣ କରି କରି ସେ ଅନନ୍ୟ ଗୁରୁସେବାର ଆଦର୍ଶ ପ୍ରଦର୍ଶନ କରିଥିଲେ । ମନ ପ୍ରାଣ ଦେଇ ୮ବର୍ଷ ସେବା କରିବାପରେ ୧୭–୧୮ବର୍ଷ ବୟସରେ ସେ ପ୍ରେମସୋରବରରେ ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ପ୍ରାଣତ୍ୟାଗ କରିଲେ । ଅଯୋଧ୍ୟାର ପ୍ରାଣତ୍ୟାଗ ପରେ ଶ୍ରୀଗୁରୁଦେବ ଅତ୍ୟନ୍ତ ବିଷନ୍ନ ହୋଇପଡ଼ିଲେ । ଆହା ! ଛୋଟ ପିଲାଟି ମନ ପ୍ରାଣ ଦେଇ ମୋର କେତେ ନ ସେବା କରିଥିଲା, ପ୍ରତ୍ୟୁତ୍ତରରେ ତାହାକୁ ମୁଁ କିଛି ଦେଇପାରିଲି ନାହିଁ । ନା ସିଏ କିଛି ଭଜନ ସାଧନ କରିଛି ନା ଅଷ୍ଟକାଳୀୟ ଲୀଳା ସ୍ମରଣ ଆଦି ଭଜନାଙ୍ଗ ଯାଜନ କରିଛି, କି ଗତି ହେବ ତାହାର ? ଏହି ଚିନ୍ତାରେ ଶ୍ରୀଗୁରୁଦେବଙ୍କର ଆଉ ଭଜନରେ ଆବେଶ ହେଲା ନାହିଁ । ତିନି–ଚାରି ଦିନ ପର୍ଯ୍ୟନ୍ତ ସେହି ଅଯୋଧ୍ୟାଙ୍କ ଚିନ୍ତାରେ ମଗ୍ନ ରହିବାକୁ ଲାଗିଲେ । ଚାରି ଦିନ ଅନ୍ତେ ନିଜ ଭଜନ ସମୟରେ ଅଯୋଧ୍ୟାର କି ଗତି ହେଲା ବୋଲି ଚିନ୍ତା କରୁଅଛନ୍ତି, ସେହି ସମୟରେ ଶ୍ରୀରାଧାରାଣୀ ପ୍ରକଟ ହୋଇ କହିଲେ, 'ଆରେ ତୁ ଯାହା କଥା ଚିନ୍ତା କରି ନିଜ ଭଜନ ସାଧନ ବ୍ୟାଘାତ କରୁଅଛୁ, ସେ ତୋ ପୂର୍ବରୁ ମୋ ନିକଟରେ ଉପସ୍ଥିତ ହୋଇ ମୋ ନିକୁଞ୍ଜସେବାରେ ନିଯୁକ୍ତ ହୋଇସାରିଲାଣି, ତେଣୁ ତାହାକଥା ଚିନ୍ତା କରି ତୋ ଭଜନ ନଷ୍ଟ କରନା, ଏଥିରୁ ଏହା ପ୍ରମାଣିତ ହେଉଛି ଗୁରୁସେବାରେ ଗୁରୁଦେବଙ୍କ ପ୍ରସନ୍ନତା, ଭଜନ–ସାଧନର ଅପେକ୍ଷା ନ କରି ମଧ୍ୟ ଉତ୍ତମଗତି ପ୍ରଦାନରେ ସମକ୍ଷ ।

ଗୁରୁସେବାର ମହିମାବ୍ୟଞ୍ଜକ ଅନେକ ପ୍ରସଙ୍ଗ ପୁରାଣ–ଉପନିଷଦରେ ଦେଖିବାକୁ ମିଳେ । ଶିଷ୍ୟର ଗୁରୁସେବାର ସ୍ୱୀକୃତି ବଳରେ ବେଶ୍ୟାସକ୍ତ ଶ୍ରୀଗୁରୁଦେବ, ବେଶ୍ୟା ତଥା ବେଶ୍ୟାର ପାଳିତ ବିରାଡ଼ିର ବୈକୁଣ୍ଠ ପ୍ରାପ୍ତିର ଉପାଖ୍ୟାନ ବର୍ଣ୍ଣିତ ରହିଅଛି । ଆହୁରି ଏକ

ଉପାଖ୍ୟାନ ରହିଅଛି –ଯେଉଁଥିରେ ଦେଖିବାକୁ ମିଳେ ଜନୈକ ଗୁରୁସେବାନିଷ୍ଠ ଶିଷ୍ୟ ଦିବାନିଶି ଶ୍ରୀଗୁରୁସେବାରେ ମଗ୍ନ ରୁହନ୍ତି । ଥରେ ଶିଷ୍ୟ ଅନୁମାନ କରିଲେ ଯେ କୃଷ୍ଣବର୍ଣ୍ଣର ଛାୟାପରି କେହି ଜଣେ ତାହାଙ୍କ ଆଖପାଖରେ ସର୍ବଦା ବିଚରଣ କରୁଅଛନ୍ତି । ଏହି କଥାଟି କିଛିଦିନ ଧରି ଲକ୍ଷ୍ୟ କରିବାପରେ ଦିନେ ଶିଷ୍ୟ ପଚାରିଲେ,–ଆପଣ କିଏ ? ଆପଣ କୃପାକରି ନିଜ ପରିଚୟ ଦିଅନ୍ତୁ । ଏହିକଥା ଶୁଣି ସେ କହିଲେ ମୁଁ ତୁମ ପ୍ରାରବ୍ଧ । ତୁମର କିଛି ବର୍ଷ କୁଷ୍ଠରୋଗ ଭୋଗ କରିବାର ଅଛି କିନ୍ତୁ ଯେହେତୁ ସର୍ବଦା ତୁମେ ଶ୍ରୀଭଗବଦଭିନ୍ନ ଶ୍ରୀଗୁରୁଦେବଙ୍କ ନିତ୍ୟ ସେବାରେ ନିଯୁକ୍ତ ରହୁଅଛ, ସେଥିପାଇଁ ମୁଁ ତୁମ ଶରୀରରେ ପ୍ରବେଶ କରିପାରୁ ନାହିଁ । ଶିଷ୍ୟ କହିଲେ, ତେବେ ଠିକ୍‌ଅଛି, ମୁଁ ତ ଆପଣଙ୍କୁ ବିଶେଷ ସମୟ ଦେଇପାରିବି ନାହିଁ, ତଥାପି ହଁ ମୁଁ ଯେତେବେଳେ ଶ୍ରୀଗୁରୁଦେବଙ୍କୁ ଶୟନ କରାଇ ଆସିବି ଆପଣ ସେହି ସମୟରେ ମୋତେ ଆଶ୍ରୟ କରିପାରନ୍ତି । ଠିକ୍ ସେହିପରି ହେଲା, କେତେବର୍ଷ ଯନ୍ତ୍ରଣା କେତେ ଘଣ୍ଟାଭିତରେ ଭୋଗ କରାଇବା ପାଇଁ, ଗଳିତକୁଷ୍ଠରେ ଶିଷ୍ୟର ଅଙ୍ଗପ୍ରତ୍ୟଙ୍ଗ ବିଗଳିତ ହେବାରୁ ଶିଷ୍ୟ ମର୍ମାନ୍ତିକ ଯନ୍ତ୍ରଣା ଭୋଗ କରିବାକୁ ଲାଗିଲେ । ଗୁରୁସେବୀ ଶିଷ୍ୟର ଏତାଦୃଶ କଷ୍ଟ ଶ୍ରୀଭଗବାନ୍ ଅବା ସହ୍ୟ କରନ୍ତେ କିପରି, ଦୈବାତ୍ ସେହି ଦିନ ଶ୍ରୀଗୁରୁଙ୍କୁ ଅର୍ଦ୍ଧରାତ୍ରିରେ ଶୌଚ ଲାଗିବାରୁ ସେ ଶିଷ୍ୟକୁ ଆହ୍ୱାନ କରିଲେ । ଶ୍ରୀଗୁରୁଙ୍କ ଆହ୍ୱାନ ଶୁଣି ଶିଷ୍ୟ ମଧ୍ୟ ଅସମର୍ଥ ସତ୍ତ୍ୱେ ସେବା ନିମିତ୍ତ ତତ୍ପର ହୋଇ ଗାତ୍ରୋତ୍ଥାନ କରିବାରୁ, ସେହି ମହାପ୍ରାରବ୍ଧ ମଧ୍ୟ ସେହି ଗୁରୁସେବୋତ୍କଣ୍ଠିତ ଶିଷ୍ୟକୁ ଆଉ ଅଧିକ ଯନ୍ତ୍ରଣା ଦେବାରେ ସମର୍ଥ ହେଲା ନାହିଁ । ସଙ୍ଗେ ସଙ୍ଗେ ଶିଷ୍ୟଙ୍କ ଅଙ୍ଗପ୍ରତ୍ୟଙ୍ଗ ପୂର୍ବପରି ଅକ୍ଷୁର୍ଣ୍ଣ ହୋଇଗଲା ଏବଂ ସେ ଶ୍ରୀଗୁରୁଦେବଙ୍କ ସେବାରେ ନିଯୁକ୍ତ ହେଲେ । ତେଣୁ ଶ୍ରୀଗୁରୁସେବାର ଯେ କି ଅସମୋର୍ଦ୍ଧ ମହିମା ତାହା ସହଜରେହିଁ ଅନୁମେୟ ।

ଶ୍ରୀନରୋତ୍ତମଦାସ ଠାକୁର ମହାଶୟ କହିଛନ୍ତି – *'ଶ୍ରୀଗୁରୁମୁଖପଦ୍ମବାକ୍ୟ, ହୃଦି କରି ମହାଶକ୍ୟ, ଆର ନା କରିହ ମନେ ଆଶା ।'* ସାଧକ ଶୁଦ୍ଧ ଭଗବଦ୍‌ଭକ୍ତିରସମୟ ବିଗ୍ରହ ଶ୍ରୀଗୁରୁଦେବଙ୍କ ଶ୍ରୀମୁଖକମଳ ବିଗଳିତ କୃଷ୍ଣଭକ୍ତ–ପ୍ରେମରସ–ତତ୍ତ୍ୱୋପଦେଶ ରୂପି ବାକ୍ୟକୁ 'ମହାଶକ୍ୟ' ଅର୍ଥାତ୍ **ଭଗବତ୍–ପ୍ରାପଣେ** (ଶ୍ରୀକୃଷ୍ଣପ୍ରାପ୍ତି ବିଷୟରେ) ମହାଶକ୍ତି ସମ୍ପନ୍ନ ଜ୍ଞାନରେ ହୃଦୟରେ ଦୃଢ଼ଭାବରେ ଧାରଣ କରି ଅନ୍ୟ ସମସ୍ତ ଆଶା ପରିତ୍ୟାଗ କରିବେ । ଶ୍ରୀଗୁରୁଦେବ, ଶ୍ରୀକୃଷ୍ଣଙ୍କର କରୁଣାଘନ ଅବତାର । ସାଧକକୁ ନିଜ ସେବାନନ୍ଦ ଦେଇ କୃତାର୍ଥ କରିବା ଉଦ୍ଦେଶ୍ୟରେ ବିଗଳିତ ଚିତ୍ତ ଶ୍ରୀଭଗବାନଙ୍କର ଭକ୍ତାଧାର ଶ୍ରୀଗୁରୁଦେବଙ୍କ ଶରୀରରେ ଆବେଶ । ଶ୍ରୀଭଗବାନହିଁ ଶ୍ରୀଗୁରୁଙ୍କ ମାଧ୍ୟମରେ ତାହାଙ୍କ ମୁଖକମଳ ନିଃସୃତ ବାକ୍ୟ ଦ୍ୱାରା ତାହାକୁ ଲାଭ କରିବା ଉପାୟ ନିର୍ଦ୍ଦେଶ କରିଥାଆନ୍ତି । ସଚ୍ଚିଦାନନ୍ଦମୟ ତନୁ ଶ୍ରୀଗୁରୁଦେବଙ୍କ ମୁଖକମଳ ନିଃସୃତ ବାକ୍ୟ, ନିତ୍ୟ ଓ ତ୍ରିକାଳାତୀତ । ବହିରଙ୍ଗା ମାୟାଶକ୍ତି ନିଜ ତ୍ରିଗୁଣ ରଜ୍ଜୁ ଦ୍ୱାରା ଏହାକୁ ଆବଦ୍ଧ କରିବାର ସାମର୍ଥ୍ୟ ପୋଷଣ କରନ୍ତି ନାହିଁ । ଶ୍ରୀଗୁରୁଙ୍କ ମୁଖନିଃସୃତ ବାକ୍ୟହିଁ ଭଗବତ୍ ପ୍ରାପ୍ତିର ପଥ ପ୍ରଦର୍ଶନ କରିଥାଏ । ଏହି ବାକ୍ୟକୁ ହୃଦୟରେ ଦୃଢ଼ବଦ୍ଧ କରି ଅନ୍ୟ ବାସନା ସମୂହକୁ କେବଳ ମାୟାର ବଞ୍ଚନା ବୋଲି ତ୍ୟାଗ କରି ସେହି ବାକ୍ୟାଦେଶର ଭଜନ ଓ ପାଳନରେ ଦୃଢ଼ବ୍ରତ ହେଲେ ଅନାୟାସରେ ଭଗବତ୍ ପ୍ରାପ୍ତି ହୋଇଥାଏ । ପଦକର୍ତ୍ତାଙ୍କ ଗାନରେ ଅଛି – *'ମହିମାୟ ଗୁରୁକୃଷ୍ଣ ଏକ କରି ଜାନ । ଗୁରୁ ଆଜ୍ଞା ହୃଦେ ସଦା ସତ୍ୟ କରି ମାନ ॥ ସତ୍ୟଜ୍ଞାନେ*

ଗୁରୁବାକ୍ୟେ ଯାହାର ବିଶ୍ୱାସ ଅବଶ୍ୟ ତାହାର ହୟ ବ୍ରଜଭୂମେ ବାସ ॥' ତେବେ ହଁ ସେହି ଗୁରୁବାକ୍ୟ ସାଧୁ ମହାଜନ ଓ ଶାସ୍ତ୍ର ବାକ୍ୟର ମତାନୁକୂଳ ହେବା ଏକାନ୍ତ ଅପରିହାର୍ଯ୍ୟ, ଅନ୍ୟଥା ଗ୍ରହଣୀୟ ନୁହେଁ । *'ସାଧୁ ଗୁରୁ ଶାସ୍ତ୍ର ବାକ୍ୟ ଚିତ୍ତେତେ କରିୟା ଐକ୍ୟ । ସତତ୍ ଭାସିବ ପ୍ରେମ ମାଝେ ॥'*(ପ୍ରାର୍ଥନା) ସଦ୍‌ଗୁରୁ ଅବଶ୍ୟହିଁ ସାଧୁଶାସ୍ତ୍ର ସମ୍ମତ ଉପଦେଶ ପ୍ରଦାନ କରିଥାଆନ୍ତି । ଏହି ବାକ୍ୟ ବା ଉପଦେଶ ଉପରେ ଅଖଣ୍ଡ ଆସ୍ଥା ଭାଜକ ବା ଅନନ୍ୟ ନିଷ୍ଠା ଓ ନିଷ୍କପଟ ବିଶ୍ୱାସ ପୋଷଣ କରୁଥିବା ସାଧକ ଶ୍ରୀଶ୍ରୀଯୁଗଳକିଶୋରଙ୍କୁ ଅନାୟସରେ ଲାଭ କରିପାରିଥାଆନ୍ତି ।

ଶ୍ରୀମନ୍ମହାପ୍ରଭୁଙ୍କ ଶ୍ରୀଚରଣାନୁଚର ଗୌଡ଼ୀୟବୈଷ୍ଣବବୃନ୍ଦଙ୍କ ଜୀବନୀରେ ଏତାଦୃଶ ଅନନ୍ୟ ଗୁରୁଭକ୍ତିର ଭୂରୀୟସୀ ପ୍ରମାଣ ଦେଖିବାକୁ ମିଳେ । ଏହି ଅନନ୍ୟ ଗୁରୁଭକ୍ତି ଓ ଶ୍ରୀଗୁରୁଚରଣେ ପ୍ରଗାଢ଼ ନିଷ୍ଠାହିଁ ସିଦ୍ଧ ମହାଜନଙ୍କର ଭଗବତ ପ୍ରାପ୍ତିର ମୂଳ ଉପାୟନ । ଶ୍ରୀଗୁରୁଙ୍କ ଶ୍ରୀମୁଖକମଳ ବାକ୍ୟ ପାଳନରେ ନିଜ ସୁଖନୁସନ୍ଧାନକୁ ତୁଚ୍ଛାତୁଚ୍ଛ କରି ମହାଜନଗଣ ଅନାୟସରେ ଶ୍ରୀଯୁଗଳକିଶୋରଙ୍କର ସାନିଧ ଲାଭେ କୃତାର୍ଥ ହୋଇଅଛନ୍ତି । 'ଶ୍ରୀଗୌଡ଼ୀୟବୈଷ୍ଣବ ଜୀବନ'ରେ (ଶ୍ରୀହରିଦାସ ଦାସ ବାବାଜୀ ମହାରାଜ କୃତ) ଶ୍ରୀକୃଷ୍ଣପ୍ରସାଦ ଦାସ ବାବାଜୀ ମହାରାଜଙ୍କ ଜୀବନ ଚରିତରେ ନିଜ ସୁଖାନୁସନ୍ଧାନର ଗନ୍ଧ ରହିତ ଗୁରୁବାକ୍ୟ ପାଳନର ଅନନ୍ୟ ଅସାଧାରଣ ନିଷ୍ଠାର କଥା ଦେଖିବାକୁ ମିଳେ । ବାବାଜୀ ମହାରାଜ, ଶ୍ରୀବୃନ୍ଦାବନ ମନ୍ଦନମୋହନ ଠୋରର ସିଦ୍ଧ ଶ୍ରୀନିତ୍ୟାନନ୍ଦ ଦାସ ବାବାଜୀ ମହାରାଜଙ୍କ ଭେକ ଶିଷ୍ୟ । ଦୀକ୍ଷା ଗ୍ରହଣ ପରେ ଇଏ କରଯୋଡ଼ କରି ଶ୍ରୀଗୁରୁଦେବଙ୍କୁ ପ୍ରଶ୍ନ କରିଲେ –'ମୁଁ କଣ କରିବି – ଉପଦେଶ କରନ୍ତୁ ।' ଶ୍ରୀନିତ୍ୟାନନ୍ଦ ଦାସ ବାବାଜୀ ମହାରାଜ କହିଲେ, – 'ତୁ ତ ମୂର୍ଖ ! ଶାସ୍ତ୍ର ପାଠ, ଗ୍ରନ୍ଥାଲୋଚନା, ରସତତ୍ତ୍ୱସିଦ୍ଧାନ୍ତ – ଏ ସକଳ ତ ପାରିବୁନାହିଁ, ତେବେ କିଛି ମହତ୍ ସେବା କରି ପାରିବୁ ?' ଶ୍ରୀଗୁରୁଙ୍କ ବାକ୍ୟ ଶ୍ରବଣରେ ଅଧିକତର ବିନୟରେ ସେ କହିଲେ –'ପ୍ରଭୁ ! ଆପଣ ଆଦେଶ କରନ୍ତୁ, କେଉଁଠି ଏବଂ କାହାର ସେବା କରି କୃତାର୍ଥ ହେବି ?' ସିଦ୍ଧବାବା କହିଲେ, 'ଯା–ତୁ ଗୁଲୁଜି ମହାରାଜଙ୍କ ସେବା କରିବୁ, ଯା – ତାହାଙ୍କ ସେବା କରିଲେ ହିଁ ତୋର ସର୍ବାର୍ଥ ସିଦ୍ଧି ହେବ ।' ଗୁଲୁବୀମହାରାଜ ନିତ୍ୟଧାମଗତ ଶ୍ରୀରାଧାଚରଣ ଗୋସ୍ୱାମୀଙ୍କ ପିତା ତଥା ଶ୍ରୀରାଧାରମଣଙ୍କର ସେବକଗଣଙ୍କ ମଧ୍ୟରେ ଇଏହିଁ ତତ୍‌କାଳେ ସାଧନଶୀଳ, ଅଦୋଷଦର୍ଶୀ ଓ ଉଦାରଚେତା ଥିଲେ । ଶ୍ରୀକୃଷ୍ଣପ୍ରସାଦ ଯାଇ ତାହାଙ୍କ ଚରଣ ଆଶ୍ରୟ ନେଇ ସେହି ଦିନଠାରୁ କେବଳ ତାହାଙ୍କର ନୁହେଁ, ତାହାଙ୍କର ପରିବାରସ୍ଥ ବାଳକ ବାଳିକାଙ୍କଠାରୁ ଆରମ୍ଭ କରି ଦାସ ବାସୀ ପଶୁପକ୍ଷୀ ପର୍ଯ୍ୟନ୍ତ ସମସ୍ତଙ୍କରହିଁ ସେବକ ହେଲେ । ସେ ସେତେବେଳେ ମାଳା ସ୍ପର୍ଶ ମଧ୍ୟ କରି ପାରନ୍ତି ନାହିଁ, ଠିଆ ଠିଆ ଦଶଥର ନାମ ସ୍ମରଣ କରନ୍ତି । ସର୍ବଦାହିଁ କୌଣସି ନା କୌଣସି ବାଳକବାଳିକା ତାହାଙ୍କ କୋଳରେ ଥାଆନ୍ତି, ସେମାନଙ୍କ ମଳମୂତ୍ର ପରିଷ୍କାର କରିବା ପ୍ରଭୃତି ଯାବତୀୟ କର୍ମରେ ତାହାଙ୍କ ଗୁରୁବାକ୍ୟ ପାଳନର ନିଷ୍ଠା ଓ ଭକ୍ତିର ପରାକାଷ୍ଠା ଦେଖାଯାଏ ।

ଏକାଦିକ୍ରମେ କୋଡ଼ିଏବର୍ଷ ପର୍ଯ୍ୟନ୍ତ ଏହିପରି ଭାବରେ ସେ ଗୁଲୁଜୀ ମହାରାଜଙ୍କ ସେବା କରିଥିଲେ । ଗୁଲୁବୀ ମହାରାଜ ନିତ୍ୟଲୀଳାରେ ପ୍ରବିଷ୍ଟ ହେଲେ ଇଏ ମଧ୍ୟ ମୁକ୍ତ ପକ୍ଷ ବିହଗ ପରି ସେହି ଗୃହ ତ୍ୟାଗ କରି ବହୁ ଲୋକଙ୍କ ଅନୁରୋଧରେ ଦୁଇତିନିବର୍ଷ ଶ୍ରୀରାଧାରମଣ–ମନ୍ଦିରର ସମ୍ମୁଖସ୍ଥ ରାସଘେରା ନିକଟରେ ଥିବା ଗୋପାଳମନ୍ଦିରରେ ଥିଲେ ଏବଂ ମାଧୁକରୀ

କରି ଜୀବନଯାତ୍ରା ନିର୍ବାହ କରନ୍ତି । ସମସ୍ତେ ତାହାଙ୍କୁ 'ଗୁଧ୍‌ଡ଼ୀ ବାବା' ବୋଲି ଡ଼ାକନ୍ତି । ରାସ୍ତାରେ ଚାଲିଲାବେଳେ ୮/୧୦ସେର ଓଜନର ଗୋଟିଏ ଛିଣ୍ଡା କନ୍ଥାର ଗୋଟିଏ କୋଣ ବାମ କାଖରେ ଚାପିଧରି ଆଉ ସମସ୍ତ ଅଂଶ ରାସ୍ତାର ରଜରେ ଘୁସରାଇ ଘୁସରାଇ ନେଇ ଚାଲନ୍ତି, ଉଦ୍ଦେଶ୍ୟ– ପଥର ରଜରେ ମଧ୍ୟ ତାହାଙ୍କ ପଦଚିହ୍ନ ନରହୁ । ଯେପରୀ ଚାଲିଗଲେ ମଧ୍ୟ କେହି ପଛରେ ତାହାଙ୍କ ଚରଣଚିହ୍ନରୁ ରଜ ନ ନେଇପାରିବେ । ତାହାପରେ ସେ ଗୋବର୍ଦ୍ଧନର ଗୋବିନ୍ଦକୁଣ୍ଡର ନିକଟବର୍ତ୍ତୀ ପୁଚ୍ଛରିରେ ଆସନ ଗ୍ରହଣ କରନ୍ତି । ଏଠାରେ ଅନେକ ଦିନ ରହି କାମ୍ୟବନରେ ଥିଲେ – ଏହାଙ୍କର ନିୟମ ଥିଲା – ବୈଷ୍ଣବ ଦେଖିଲେହିଁ ସାଷ୍ଟାଙ୍ଗ ଦଣ୍ଡବତ ଦିଅନ୍ତି ଏବଂ ସେତେବେଳେ ପର୍ଯ୍ୟନ୍ତ ଉକ୍ତ ବୈଷ୍ଣବ ଦଣ୍ଡବତ କରି ନଉଠନ୍ତି, ସେତେବେଳେ ପର୍ଯ୍ୟନ୍ତ ସେ ସେହିପରି ଦଣ୍ଡବତ କରି ପଡ଼ିରହିଥାଆନ୍ତି । ଶ୍ରୀଗୁରୁବାକ୍ୟ ପାଳନ ଦ୍ୱାରା ସେ ଯେ ଉତ୍ତମାଗତି ଲାଭ ନକରିଥିବେ ଏହା କହିବା ହିଁ ବାହୁଲ୍ୟ ।

ଶ୍ରୀଭକ୍ତମାଳାରେ ମଧ୍ୟ ଦେଖିବାକୁ ମିଳେ – ଜନୈକ ଶ୍ରୀଗୁରୁଦେବ ତାହାଙ୍କ ଶିଷ୍ୟ ନିକଟରେ କାର୍ଯ୍ୟାନ୍ତରେ ଅନ୍ୟତ୍ର ଯିବାପାଇଁ ଇଚ୍ଛା ଜ୍ଞାପନ କରି ଶିଷ୍ୟକୁ ସେହିଠାରେହିଁ ରହିବାକୁ କହିଲେ । ଗୁରୁନିଷ୍ଠ ଶିଷ୍ୟ ନିବେଦନ କରିଲେ –'ଗୁରୁଦେବ ! ଆପଣଙ୍କ ଶ୍ରୀଚରଣସେବା ବ୍ୟତୀତ ମୁଁ କିପରି ଜୀବିତ ରହିବି' – ଏହି କଥା ଶୁଣି ଶ୍ରୀଗୁରୁଦେବ କହିଲେ – ହେଉ ଠିକ୍ ଅଛି, ତୁମେ ଏହି ଶ୍ରୀଗଙ୍ଗାଙ୍କୁ ସାକ୍ଷାତ୍ ଶ୍ରୀଗୁରୁରୂପେ ଜ୍ଞାନ କରି ଏହାଙ୍କ ସେବାକର । ଶ୍ରୀଗୁରୁଦେବ ଅନ୍ୟତ୍ର ଗମନ କରିବା ଦିନଠାରୁ ଶିଷ୍ୟ ଗଙ୍ଗାଙ୍କୁ ଅଭିନ୍ନ ଗୁରୁଜ୍ଞାନ କରି ସେଥିରେ ପାଦସ୍ପର୍ଶ କରିବାରୁ ବିରତ ହେଲେ, କେବଳ ପାନକ୍ରିୟା ବ୍ୟତୀତ ଅନ୍ୟକ୍ରିୟା ପାଇଁ ଶ୍ରୀଗଙ୍ଗାଙ୍କ ବ୍ୟବହାରରୁ ନିବୃତ୍ତ ହେଲେ । ଏହା ଦେଖି ଅନ୍ୟ ଶିଷ୍ୟଗଣ ତାହାଙ୍କୁ ବହୁ କଟୁ କଥା କହିଲେ –"ବଡ଼ ଭକ୍ତ ସାଜିଛି, ଗଙ୍ଗାରେ ପାଦ ଦେଉନାହିଁ । ତାହା ହେଲେ ଆମ୍ଭମାନଙ୍କପରି ଯେଉଁମାନେ ଗଙ୍ଗାରେ ସ୍ନାନାଦି କରୁଛନ୍ତି ସେମାନେ କଣ ନର୍କକୁ ଯିବେ ?" ସେହି ଶିଷ୍ୟ କିନ୍ତୁ ଏଥିରେ ଆଦୌ ବିବ୍ରତ ହେଲେ ନାହିଁ।

କିଛିଦିନପରେ ଶ୍ରୀଗୁରୁଦେବ ଫେରିବାପରେ ଅନ୍ୟ ଶିଷ୍ୟଗଣ ତାହାଙ୍କୁ ସେହି ଶିଷ୍ୟର ଏତାଦୃଶ ଅସାମାନ୍ୟ ବ୍ୟବହାର କଥା ଜ୍ଞାପନ କରିବାରୁ ଶ୍ରୀଗୁରୁଦେବ ଅନ୍ତରରେ ଅତିଶୟ ପ୍ରସନ୍ନ ହେଲେ, କିନ୍ତୁ ବାହ୍ୟରେ କୌଣସି ଲକ୍ଷଣ ପ୍ରକାଶ କରିଲେ ନାହିଁ । ତଥାପି ସମସ୍ତଙ୍କୁ ଏହି ଶିଷ୍ୟର ଗୁରୁବାକ୍ୟରେ ନିଷ୍ଠାର ମହିମା ପ୍ରଦର୍ଶନ କରିବାକୁ ସ୍ଥିର କରିଲେ । ଦିନେ ଶ୍ରୀଗୁରୁଦେବ ଶିଷ୍ୟଙ୍କ ସହିତ ଗଙ୍ଗାସ୍ନାନକୁ ଯାଇଛନ୍ତି । ଗଙ୍ଗା ମଧ୍ୟରେ କିଛିଦୂର ପ୍ରବେଶ କରି ଶ୍ରୀଗୁରୁଦେବ ସେହି ଶିଷ୍ୟକୁ ଗାତ୍ରମାର୍ଜିନୀ ଗାମୁଛା ଦେବାକୁ କହିଲେ, ଶିଷ୍ୟ କରନ୍ତେ ଅବା କଣ–ଗୁରୁଙ୍କର ଆଜ୍ଞାକୁ ପାଳନ କରିବାକୁ ହେଲେ ଗୁରୁସ୍ୱରୂପା ଶ୍ରୀଗଙ୍ଗାଙ୍କ ବକ୍ଷଦେଶରେ ପାଦ ଦେବାକୁ ହେବ, ତଥାପି ଶ୍ରୀଗୁରୁଆଜ୍ଞା ବଳବତୀ ଜ୍ଞାନ କରି ଯେମିତିହିଁ ଶିଷ୍ୟ ଗାମୁଛା ଧରି ଗଙ୍ଗାବକ୍ଷରେ ପାଦ ଅର୍ପଣ କରିଲେ, ସେମିତିହିଁ ସମସ୍ତଙ୍କ ଚକ୍ଷୁ ସମକ୍ଷରେ ତାହାଙ୍କର ସେହି ପାଦତଳେ ଏକ କମଳ ପ୍ରସ୍ଫୁଟିତ ହୋଇଉଠିଲା, ଅପର ପାଦ ସ୍ପର୍ଶେ ଆଉ ଏକ ପଦ୍ମଫୁଟି ଉଠିଲା, ଅତଏବ ଯେଉଁ ଯେଉଁଠି ପାଦ ପକାଇଲେ ସେଇ ସେଇଠି ପ୍ରସ୍ଫୁଟିତ କମଳହିଁ ତାହାଙ୍କ ପାଦକୁ ଗଙ୍ଗାସ୍ପର୍ଶରୁ ବିରତ ରଖିଲା । ଏହି ଅଲୌକିକ ବସ୍ତୁ ଦେଖି ସମସ୍ତେ ସେହି ଶିଷ୍ୟଙ୍କ

ନିକଟରେ ନିଜ କୃତ ଅପରାଧ ନିମିତ୍ତ କ୍ଷମା ପ୍ରାର୍ଥନା କରିଲେ । ତେଣୁ –'ଗୁରୁଆଜ୍ଞା ସତ୍ୟେକରି ମାନି','ସତ୍ୟ ଜ୍ଞାନେ ଗୁରୁବାକ୍ୟେ ଯାହାର ବିଶ୍ୱାସ, ଅବଶ୍ୟ ତାହାର ହୟ ବ୍ରଜ ଭୂମେ ବାସ୍ ।'

ସେହିପରି ଶ୍ରୀଶ୍ରୀନିବାସଠାକୁର ଓ ଶ୍ରୀରାମଚନ୍ଦ୍ର କବିରାଜଙ୍କ ପ୍ରସଙ୍ଗରେ ମଧ୍ୟ ଦେଖିବାକୁ ମିଳେ, ଦିନେ ଠାକୁର ଶ୍ରୀନିବାସାଚାର୍ଯ୍ୟ ନିଜ ଶିଷ୍ୟ ଶ୍ରୀରାମଚନ୍ଦ୍ର କବିରାଜଙ୍କୁ ରାସ୍ତାରେ ପଡ଼ିଥିବା ଏକ ଦଉଡ଼ି ଦେଖାଇ କହିଲେ, – ଆରେ ! ଏହା ଏକ ସର୍ପ ନା କଣ ? ଐକାନ୍ତିକ ଗୁରୁନିଷ୍ଠ ଶ୍ରୀରାମଚନ୍ଦ୍ର କବିରାଜ ମଧ୍ୟ ଦେଖିଲେ ବାସ୍ତବରେ ଗୋଟିଏ କଳାସର୍ପ ଫଣା ଉଠାଇ ଫଁ ଫଁ କରୁଅଛି । ତେଣୁ ସେ କହିଲେ ହଁ ଶ୍ରୀଗୁରୁଦେବ ! ଏହା ଏକ ସର୍ପ । ପୁନଃ ଠାକୁର ଗୁରୁନିଷ୍ଠା ପରୀକ୍ଷା କରିବାକୁ କହିଲେ – ଆରେ ନାରେ, ଏହା ସର୍ପ ନୁହେଁ, ଏହାପରା ଏକ ଦଉଡ଼ି । ଶ୍ରୀଳ ରାମଚନ୍ଦ୍ର କବିରାଜ ମଧ୍ୟ ଶ୍ରୀଗୁରୁକୃପାଞ୍ଜନ ସିକ୍ତ ନୟନରେ ଦେଖିଲେ ବାସ୍ତବରେ ତାହା ଏକ ଦଉଡ଼ି । ବାସ୍ତବରେ ଲୀଳାଶକ୍ତି ଗୁରୁନିଷ୍ଠ ଶିଷ୍ୟର ଗୁରୁନିଷ୍ଠା ଭଙ୍ଗ କରିବା ପାଇଁ ପ୍ରଶ୍ରୟ ପ୍ରଦାନ କରିବେ ନାହିଁ ।

ପୁନଃ ଶ୍ରୀଭକ୍ତମାଳାରେ ଦେଖିବାକୁ ମିଳେ ଜନୈକ ଶ୍ରୀଗୁରୁନିଷ୍ଠ ଶିଷ୍ୟ ଶ୍ରୀଗୁରୁଦେବଙ୍କ ବାକ୍ୟାଦେଶରେ କର୍ମାନ୍ତରେ ଅନ୍ୟତ୍ର ଗମନ କରି ସେଠାରେ ବ୍ୟାଧିଗ୍ରସ୍ତ ହୋଇ ମୃତ୍ୟୁବରଣ କରିଲେ । କିନ୍ତୁ ଶରୀର ତ୍ୟାଗ ପୂର୍ବରୁ ତତ୍ରସ୍ଥ ଉପସ୍ଥିତ ସମସ୍ତଙ୍କୁ ସୂଚିତ କରିଥିଲେ – ମୋର ମରଶରୀରକୁ କେହି ଦାହ କରିବ ନାହିଁ, ଏହାକୁ ମୋ ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ଉପସ୍ଥିତ କରାଇବ । ତଦନୁରୂପ ତାହାଙ୍କ ମୃତକଳେବର ଶ୍ରୀଗୁରୁଙ୍କ ସମ୍ମୁଖରେ ଉପସ୍ଥିତ କରାଯିବାରୁ ଶ୍ରୀଗୁରୁଦେବ ଶିଷ୍ୟର ଏହି ଶେଷ ଇଚ୍ଛା କଥା ସମ୍ୟକ୍ ରୂପେ ଅନୁଚିନ୍ତନ କରି ଶେଷରେ କହିଲେ– ଆରେ ବାପା ! ଉଠି ବସ, କାହିଁକି ମୃତ୍ୟୁ ଶଯ୍ୟାରେ ଶୟନ କରି ରହିଅଛ । ଏହା କହିବା ମାତ୍ରକେହିଁ ମୃତପିଣ୍ଡରେ ପ୍ରାଣସଞ୍ଚାର ହେଲା ଓ ସେ ଉଠି ଶ୍ରୀଗୁରୁଙ୍କ ଶ୍ରୀଚରଣରେ ଦଣ୍ଡବତ ପ୍ରଣାମ କରିଲେ । ବାସ୍ତବରେ ଶ୍ରୀଗୁରୁଦେବଙ୍କ ବାକ୍ୟାଦେଶ ନିତ୍ୟ, ତ୍ରିଗୁଣାତୀତ ଓ ଯୁଗଳକିଶୋରଙ୍କ ପ୍ରାପକ ।

ଏହିପରି ସାଧଶିରୋମଣି (ଉତ୍ତମାଗତି) ପ୍ରଦାନରେ ସମକ୍ଷ ଶ୍ରୀଗୁରୁଦେବଙ୍କ ସେବା ମଧ୍ୟ ସେହିପରି ଅତି ସାବଧାନର ସହିତ ସମ୍ପାଦନ କରିବାକୁ ହେବ । ତାହାଙ୍କ ପ୍ରସନ୍ନତା ବା ତାହାଙ୍କ ଶ୍ରୀଚରଣରେ ନିଷ୍ଠା ଯେପରି ଉତ୍ତମଗତି ପ୍ରଦାନ କରିଥାଏ ସେହିପରି ତାହାଙ୍କ ଅଭୟ ଅଶୋକ ଶ୍ରୀଚରଣରେ ସାମାନ୍ୟତମ ଅବିଶ୍ୱାସ ବା ଅକୃତଜ୍ଞତାଦି ଦୋଷରେ ମହତ ଅପରାଧର ବୀଜ ସଞ୍ଚିତ ହୋଇ ଭକ୍ତି ବା ଭଜନକୁ ମୃତପ୍ରାୟ ଶୁଷ୍କ କରିଦିଏ । ତାହାଙ୍କ ପ୍ରସନ୍ନତା ବିନା ଭଗବଭକ୍ତି ଭଜନ କୌଣସି ପ୍ରକାରରେ ସିଦ୍ଧ ହୋଇପାରିବ ନାହିଁ, ଏହା ସର୍ବଶାସ୍ତ୍ରର ଅବିସମ୍ବାଦିତ ସିଦ୍ଧାନ୍ତ । ସେଥିପାଇଁ ଶ୍ରୀଗୁରୁଦେବଙ୍କର ଅତି ସାବଧାନତାର ସହିତ ସେବା କରିବାକୁ ହେବ, ଯାହାଦ୍ୱାରା ତାହାଙ୍କଠାରେ ମର୍ତ୍ତ୍ୟବୁଦ୍ଧିର ଉଦୟ ନହେବ ! ସେଥିପାଇଁ ଠାକୁର ମହାଶୟ କହିଛନ୍ତି – *"ଶ୍ରୀଗୁରୁଚରଣ ପଦ୍ମ କେବଳ ଭକତି ସଦ୍ମ, ବନ୍ଦୋ ମୁଇଁ ସାବଧାନ ମତେ ॥"*

'ଚରଣ' ଶବ୍ଦଟି ପୂଜାର୍ଥେ ବା ଭକ୍ତିସହକାରେ ବ୍ୟବହୃତ ହୁଏ, ଯେପରି ଶ୍ରୀଧରସ୍ୱାମୀଙ୍କୁ ସ୍ୱାମୀଚରଣ, ଗୋସ୍ୱାମୀବର୍ଗଙ୍କୁ ଗୋସ୍ୱାମୀଚରଣ କୁହାଯାଏ, ସେହିପରି ଶ୍ରୀଗୁରୁଚରଣ ଅର୍ଥାତ୍ ଶ୍ରୀଗୁରୁଦେବ । ଶ୍ରୀଳଠାକୁର ମହାଶୟ ଏଠାରେ ଶ୍ରୀଗୁରୁଦେବଙ୍କୁ 'ପଦ୍ମ' ସହିତ ତୁଳନା କରିଛନ୍ତି ।

'ପଦ୍ମ' ଯେପରି ମକରନ୍ଦ ରସର ଆଧାର ବା ଆଶ୍ରୟ ସେହିପରି 'ଶ୍ରୀଗୁରୁଦେବ' 'କେବଳ ଭକତି' ବା ଶୁଦ୍ଧ ଅନନ୍ୟ ଭକ୍ତିର 'ସଦ୍ମ' ବା ଆଶ୍ରୟସ୍ଥଳୀ । ସେହି ଗୁରୁଦେବଙ୍କୁ ମୁଁ ସାବଧାନତାର ସହିତ ବନ୍ଦନା (ସେବା) କରୁଅଛି । ଏହି **'ବନ୍ଦୋ ମୁଇଁ ସାବଧାନ ମତେ'** ଏହି ଉକ୍ତିର ଏକ ଗଭୀର ତାତ୍ପର୍ଯ୍ୟ ଅଛି । *''ସାଧକସ୍ୟ ଗୁରୌ ଭକ୍ତିଂ ମନ୍ଦୀକୁର୍ବନ୍ତି ଦେବତାଃ । ଯନ୍ନୋଦ୍ଧତୀତା ବ୍ରଜେଦ୍‌ବିଷ୍ଣୁ ଶିଷ୍ୟେ। ଭକ୍ତ୍ୟା ଗୁରୌ ଧ୍ରୁବମ୍ ॥''*–ଅନେକ ସ୍ଥଳେ ଗୁରୁଭକ୍ତି ପରାୟଣ ସାଧକର ବୁଦ୍ଧିର ଭ୍ରଂଶ ଜନ୍ମାଇ ଦେବତାଗଣ ସାଧକର ଗୁରୁଭକ୍ତିକୁ ମନ୍ଦୀଭୂତ କରି ଦିଅନ୍ତି । ତାହାର କାରଣ ଏହିଯେ, ଦେବତାଗଣ ମନେ କରନ୍ତି, ଏହି ଗୁରୁଭକ୍ତିନୈଷ୍ଠିକ ଶିଷ୍ୟ ଅସାଧାରଣ ଶକ୍ତି ଗୁରୁଭକ୍ତି ବଳରେ ଆମ୍ଭମାନଙ୍କୁ ଅତିକ୍ରମ କରି ପରମପଦ ଶ୍ରୀଭଗବାନଙ୍କୁ ନିଶ୍ଚୟହିଁ ପ୍ରାପ୍ତ ହେବେ । ତେଣୁ ଏହାକୁ ଗୁରୁଭକ୍ତିରୁ ବଞ୍ଚିତ କରିପାରିଲେ ଆମ୍ଭମାନଙ୍କୁ ଆଉ ଅତିକ୍ରମ କରି ପାରିବେ ନାହିଁ । ହରି ! ହରି ! ଯଦି ଦେବତାଗଣହିଁ ଏହିପରି ମାତ୍ସର୍ଯ୍ୟପରାୟଣ ହୋଇ ସାଧକର ଗୁରୁଭକ୍ତି ମନ୍ଦୀଭୂତ କରିବାକୁ ଚେଷ୍ଟା କରନ୍ତି, ତାହା ହେଲେ ପରୋତ୍କର୍ଷ ଅସହ୍ୟମାନ, ଖଳପ୍ରକୃତି ବିଶିଷ୍ଟ ଲାଭଯଶଃ ଆଦି ତୁଚ୍ଛ ସ୍ୱାର୍ଥରେ ଅନ୍ଧୀଭୂତ ମନୁଷ୍ୟ ଯେ ନୈଷ୍ଠିକ ଗୁରୁଭକ୍ତର ଗୁରୁଭକ୍ତିକୁ ମନ୍ଦୀଭୂତ କରିବାର ନାନାବିଧ ଅପକୌଶଳର ଆଶ୍ରୟ କରିବେ ଏଥିରେ ଆଉ ସନ୍ଦେହ କଣ ? ଅତଏବ ତଦ୍‌ବିଷୟରେ ସାବଧନା ହୋଇ ଅବିଚଳିତ ଭକ୍ତି ସହକାରେ ସାଧୁ ଶାସ୍ତ୍ର ସାହାଯ୍ୟରେ ଶ୍ରୀଗୁରୁସେବାରେ ନିଯୁକ୍ତ ରହିବେ । ତାହା ହେଲେ ତାଦୃଶ ସୁସହାୟବାନ ସାଧକର ଗୁରୁଭକ୍ତିକୁ ଦେବତା ବା ମନୁଷ୍ୟ ଆଉ ମନ୍ଦୀଭୂତ କରିପାରିବେ ନାହିଁ । ଦେବତାଗଣ ସାଧକକୁ ଶ୍ରୀଗୁରୁଙ୍କର ନାନା ପ୍ରକାର ବିକ୍ରିୟା ଓ ବା ଦୋଷ ଦେଖାଇଲେ ମଧ୍ୟ ସାଧକ ଶ୍ରୀଗୁରୁଙ୍କ ସୁମାହାନ ତତ୍ତ୍ୱକୁ ଦୃଷ୍ଟିରେ ରଖି ତାହାଙ୍କୁ ଶ୍ରୀହରିଙ୍କଠାରୁ ଅଭିନ୍ନ ଜ୍ଞାନ କରି, ଏହା ନିଜର ଗୁରୁଭକ୍ତିର ଅନନ୍ୟତାର ପରୀକ୍ଷା ବୋଲି ହୃଦୟଙ୍ଗମ କରି ଶ୍ରୀଗୁରୁଦେବଙ୍କ ବିକ୍ରିୟା ସନ୍ଦର୍ଶନରୁ ବିରତ ହେବେ ଏବଂ ଶ୍ରୀଗୁରୁଗୌରାଙ୍ଗଙ୍କ ଶ୍ରୀଚରଣରେ ଅନନ୍ୟ ଶରଣ ଗ୍ରହଣ କରିଲେ ଏହି ସମସ୍ତ ବିଘ୍ନ ଅନାୟାସରେ ଦୂର ହେବ । ସାଧକ ଏ ବିଷୟରେ **ଅତିଶୟ** ଯତ୍ନବାନ୍ ହେବାକୁ ପଡ଼ିବ, ଯେଭଳି କୌଣସି ପ୍ରକାରରେ ମଧ୍ୟ ଶ୍ରୀଗୁରୁଦେବଙ୍କଠାରେ ମର୍ତ୍ତ୍ୟବୁଦ୍ଧିର ଉଦୟ ନହେବ । କାରଣ ସ୍ୱୟଂ ଭଗବାନ୍ ଶ୍ରୀଉଦ୍ଧବଙ୍କୁ ଶ୍ରୀଗୁରୁସ୍ୱରୂପ ବର୍ଣ୍ଣନ ପ୍ରସଙ୍ଗରେ କହିଛନ୍ତି –*''ଆଚାର୍ଯ୍ୟ ମା° ବିଜାନୀଯାନ୍ନାବନ୍ୟତେ କହିର୍ଚିତ । ନ ମର୍ତ୍ତ୍ୟବୁଦ୍ଧ୍ୟାସୂୟେତ ସର୍ବଦେବମଯୋ ଗୁରୁଃ ॥''* (ଭା– ୧୧।୧୨।୧୭) ଆଚାର୍ଯ୍ୟଙ୍କୁ ମୋର ସ୍ୱରୂପ ଜାଣିବ, କେତେବେଳେ ମଧ୍ୟ ତାହାଙ୍କର ଅବଜ୍ଞା କରିବାନାହିଁ ବା ସାମାନ୍ୟ ମନୁଷ୍ୟ ଜ୍ଞାନରେ ଦୋଷଦର୍ଶନ କରିବ ନାହିଁ, ଯେହେତୁ ଶ୍ରୀଗୁରୁଦେବ ସର୍ବଦେବମୟ ।'' ପଦକର୍ତ୍ତା କହିଛନ୍ତି– ***'ଗୁରୁର ବିକ୍ରିୟା ଯଦି ଦେଖହ କଖନ । ତଥାପି ଅବଜ୍ଞା ନାହି କର କଦାଚନ ।'***

ଶ୍ରୀଗୁରୁଦେବଙ୍କ ସେବାରେ ସିଦ୍ଧ ବ୍ୟକ୍ତିଗଣଙ୍କର ଲକ୍ଷଣ ଶ୍ରୀମଦ୍ଭାଗବତରେ ଏହିପରି କୀର୍ତ୍ତିତ ହୋଇଅଛି–*''ତେ ନ ସ୍ମରନ୍ତ୍ୟତିତରା° ପ୍ରିୟମୀଶ ମର୍ତ୍ୟଂ, ଯେ ଚାନ୍ୱଦଃ ସୁତସୁହୃଦ୍‌ଗୃହବିତ୍ତଦାରାଃ । ଯେ ତ୍ୱନ୍ନାଭ ଭବଦୀୟପଦାରବିନ୍ଦ,–ସୌଗନ୍ଧ୍ୟଲୁବ୍ଧହୃଦଯେଷୁ କୃତପ୍ରସଙ୍ଗାଃ ॥''*(ଭା୪।୯।୧୨) ଶ୍ରୀଧ୍ରୁବ ଶ୍ରୀଭଗବାନଙ୍କୁ କହୁଅଛନ୍ତି,–''ହେ ପଦ୍ମନାଭ ! ଯେଉଁମାନେ ଆପଣଙ୍କ ଶ୍ରୀପାଦପଦ୍ମର ସୌରଭରେ ଲୁବ୍ଧଚିତ୍ତ ମହାଭାଗବତଗଣଙ୍କର ନିରନ୍ତର

ସ୍ମୃତିମୟ ସଙ୍ଗ କରନ୍ତି, ସେମାନେ ପରମପ୍ରିୟ ଏହି ମର୍ତ୍ତ୍ୟ ଶରୀର ଏବଂ ଏହି ଶରୀରର ଅନୁଗତ ପୁତ୍ର, ବୁହୁ, ବାନ୍ଧବ, ଗୃହ, ବିତ୍ତ, ପତ୍ନୀ ପ୍ରଭୃତି କାହାକୁ ମଧ୍ୟ ସ୍ମରଣ କରନ୍ତି ନାହିଁ, ସେମାନେ ସର୍ବକ୍ଷଣ ଶ୍ରୀଭଗବତ୍ ସୁଖାନୁସନ୍ଧାନ ସ୍ମୃତିରେହିଁ ଆବିଷ୍ଟ ଥାଆନ୍ତି ।'' ଅତଏବ ଶ୍ରୀଗୁରୁପାଦପଦ୍ମର ସେବାରେ କେହି ସିଦ୍ଧିଲାଭ କରିଅଛନ୍ତି, ବା ମହାଭାଗବତବର ଶ୍ରୀଗୁରୁଦେବଙ୍କ ପ୍ରେଷ୍ଠ ହୋଇଅଛନ୍ତି'– ଯଦି ଏହିପରି କୁହାଯାଏ, ଅଥଚ ତାହାଙ୍କଠାରେ ମର୍ତ୍ତ୍ୟଦେହ ତଦନୁଗତ ସ୍ତ୍ରୀ,ପୁତ୍ର,ବିତ୍ତ ପ୍ରଭୃତି ପ୍ରତି ଅନ୍ତରରେ ଅନୁରାଗ ଦେଖିବାକୁ ମିଳେ, ଏବଂ ଶ୍ରୀଶ୍ରୀଭଗବାନଙ୍କ ନାମରୂପଗୁଣ ଲୀଳାରେ ଆବେଶ ଦେଖିବାକୁ ମିଳେ ନା, ତାହା ହେଲେ ତାହାଙ୍କର ଶ୍ରୀଗୁରୁସେବାର ସିଦ୍ଧିଲାଭ ତ ଦୂରରେ ଥାଉ, ତାହାଙ୍କ କୌଣସି ନା କୌଣସି ପ୍ରକାର ଦୁରନ୍ତ ଗୁର୍ବାପରାଧ ନିଶ୍ଚୟହିଁ ବିଦ୍ୟମାନ୍ ଅଛି ବୋଲି ଜାଣିବାକୁ ହେବ, ନହେଲେ, ମହାଭାଗବତବର ଶ୍ରୀଗୁରୁଦେବଙ୍କୁ ଅସ୍ୱୀକାର କରିବାକୁ ହେବ, ଅଥବା ଶ୍ରୀମଦ୍ଭାଗବତ ଶାସ୍ତ୍ରର ଉକ୍ତିକୁହିଁ ମିଥ୍ୟ ବୋଲି କହିବାକୁ ହେବ । ଶ୍ରୀଗୁରୁସେବା କରି ଯଦି ଅକପଟ, ଆନ୍ତରିକ, ଦୈନ୍ୟମୟ ଶ୍ରୀକୃଷ୍ଣ ସୁଖାନୁସନ୍ଧାନରୂପି ଅଭିନିବେଶ ପରିବର୍ତ୍ତେ ତାହାଙ୍କ ପ୍ରତି ନିଷ୍ଠାର ଚ୍ୟୁତିକାରକ ଜଡ଼ାଭିନିବେଶ, କୌଟିଲ୍ୟ, ପ୍ରଚ୍ଛନ୍ନ ଅଶ୍ରଦ୍ଧା, ଭକ୍ତିଶୈଥିଲ୍ୟ ଓ ସ୍ୱଭକ୍ତ୍ୟାଦିକୃତ ମାନିତ୍ୱ ଅର୍ଥାତ୍ 'ଅନେକ ଗୁରୁସେବା ବା ଭକ୍ତି କରିଅଛି ବା କରୁଅଛି' ବୋଲି ଅଭିମାନ ବା ଦାମ୍ଭିକତା ଅନ୍ତରରେ ଲୁକାୟିତ ଥାଏ, ତେବେ ନିଶ୍ଚୟହିଁ ଶ୍ରୀଗୁରୁପାଦପଦ୍ମରେ ପ୍ରାଚୀନ ଦୁରନ୍ତ ଅପରାଧ ରହିଅଛି ବୋଲି ଜାଣିବାକୁ ହେବ । ସେହିପରି ଦୂରନ୍ତ ଅପରାଧୀର ଶ୍ରୀଗୁରୁସେବାର ଅଭିନୟରେ ସହସ୍ର ସହସ୍ର ପ୍ରକାରର କର୍ମତତ୍ପରତା, ଦକ୍ଷତା, ଇନ୍ଦ୍ରିୟ ପଟୁତା, ଉତ୍ସାହାଦି ଥିଲେ ମଧ୍ୟ ତାହା କେବଳ ନିଜ ଲାଭପୂଜା-ପ୍ରତିଷ୍ଠା-ସଂଗ୍ରହର ପ୍ରୟାସମୟ ଆସ୍ଫାଳନ ମାତ୍ର । (ଶ୍ରୀଗୁରୁଦେବଙ୍କ 'ପ୍ରସଙ୍ଗରୂପା' ଓ 'ପରିଚର୍ଯ୍ୟାରୂପା' ସେବା ବ୍ୟତୀତ 'ଅକିଞ୍ଚନା ଭକ୍ତି' ଲାଭ ହୋଇପାରେ ନା ।)

ଶ୍ରୁତି, ସ୍ମୃତି, ପୁରାଣ ଓ ମହାଜନଗଣଙ୍କ ଚରିତରେ ଶିଷ୍ୟ-ବାତ୍ସଲ୍ୟ ଓ ଗୁରୁସେବାର ବହୁ ଶିକ୍ଷାପ୍ରଦ ଦୃଷ୍ଟାନ୍ତ ମିଳେ । ଛାନ୍ଦୋଗ୍ୟଉପନିଷଦରେ (୮।୭) ଜଗଦ୍‌ଗୁରୁ ବ୍ରହ୍ମାଙ୍କ ଶିଷ୍ୟ ଇନ୍ଦ୍ର ଓ ବିରୋଚନଙ୍କ ସମ୍ବାଦରେ ଅସହିଷ୍ଣୁ-ଶିଷ୍ୟ ବିରୋଚନ କିପରି ଭାବରେ ଗୁରୁଦେବଙ୍କ ଉପଦେଶର ତାତ୍ପର୍ଯ୍ୟ ବୁଝିନପାରି ଅସୁରମତାବଲମ୍ବୀ ଦେହାତ୍ମବାଦୀ ହୋଇଥିଲେ ଏବଂ ଇନ୍ଦ୍ର ଧୈର୍ଯ୍ୟସହକାରେ ଗୁରୁଦେବଙ୍କ ସେବା କରି ଆତ୍ମସାକ୍ଷାତ୍‌କାର ଲାଭ କରିଥିଲେ, ତାହାର ପ୍ରମାଣ ଦେଖିବାକୁ ମିଳେ । ସେହି ଏକ ଗଙ୍ଗା ତଟରେହିଁ ଆମ୍ର ଓ ନିମ୍ବବୃକ୍ଷ ଅବସ୍ଥାନ କରି ସେହି ଏକ ଗଙ୍ଗା ଜଳ ପାନ କରିଥାନ୍ତି, କିନ୍ତୁ ଆମ୍ରବୃକ୍ଷ ସୁମିଷ୍ଟଫଳ ଓ ନିମ୍ବବୃକ୍ଷ ତିକ୍ତ ଫଳ ପ୍ରସବ କରେ । ଏଥିରେ ଗଙ୍ଗା ଜଳର କୌଣସି ଦୋଷ ନାହିଁ ବା ଗଙ୍ଗାର ଦାନକାର୍ଯ୍ୟରେ ମଧ୍ୟ କୌଣସି କୃପଣତା ନାହିଁ, କିନ୍ତୁ ଆଧାରର ଯୋଗ୍ୟତାନୁସାରେ ବିଭିନ୍ନ ଫଳ ପ୍ରସୂତ ହୋଇଥାଏ ।

ଛାନ୍ଦୋଗ୍ୟ ଉପନିଷଦର(୪।୧-୩) ଜାନଶ୍ରୁତି-ଗୌତ୍ରାୟଣ ଓ ରୈକ୍କର ଆଖ୍ୟାୟିକାରେ ଦେଖାଯାଏ - ମହାରାଜ ଜାନୁଶ୍ରୁତି ରୈକ୍ୱଙ୍କୁ ଛ'ଶହ ଗାଭୀ, ସୁବର୍ଣ୍ଣହାର, ଅଶ୍ୱଯୁକ୍ତ ରଥ, ନିଜ ଦୁହିତା ଓ ଭୂମି ପ୍ରଦାନପୂର୍ବକ ତଦ୍‌ବିନିମୟରେ ଉପଦେଶ ଲାଭ କରିବାପାଇଁ ତାହାଙ୍କ ନିକଟକୁ ଗମନ କରିଥିଲେ, କିନ୍ତୁ ଏହି ସମସ୍ତ ଜାଗତିକ ବସ୍ତୁ ରୈକ୍ୱ ଗ୍ରହଣ ନକରି କହିଲେ- 'ଯେଉଁମାନେ ଶୋକାଚ୍ଛନ ସେମାନେ ଏହି ସମସ୍ତ ବସ୍ତୁର ବହୁମାନନ (ଆଦର)

କରନ୍ତି, ବସ୍ତୁତଃ ଗୁରୁ-ଶୁଶ୍ରୂଷା ବ୍ୟତୀତ ବ୍ରହ୍ମବିଦ୍ୟା-ଲାଭ ହୁଏନା ।' ବାହ୍ୟ ଆକୃତି ବା ଆଚାର-ବ୍ୟବହାର ଦେଖି ତାହାଙ୍କର ଗୁରୁତ୍ୱ ନିର୍ଣ୍ଣୟ କରାଯାଏ ନା ଗୁରୁଦେବଙ୍କୁ ମନୁଷ୍ୟ ବୁଦ୍ଧି କରିଲେ ଅପରାଧ ହୁଏ, ଏହାହିଁ ଏହି ଆଖ୍ୟାୟିକାର ଶିକ୍ଷା ।

ଛାନ୍ଦଗ୍ୟୋପନିଷଦରେ (୪।୪) ସତ୍ୟକାମ ଜାବାଳର ଉପାଖ୍ୟାନରେ – ସତ୍ୟକାମର ସତ୍ୟବାଦିତା ଓ ଗୁରୁସେବାର ଆଦର୍ଶ ଦେଖିବାକୁ ମିଳେ । ସତ୍ୟକାମ ହାରିଦ୍ରୁମତଗୌତମଙ୍କ ଚାରିଶହ ଦୁର୍ବଳ ଓ କୃଶ (କ୍ଷୀଣ) ଗାଭୀଙ୍କୁ 'ଏକ ସହସ୍ର ନକରି ଛାଡ଼ିବି ନାହିଁ' ଏହି ପ୍ରତିଜ୍ଞାକରି ଗୁରୁସେବାରେ ଆତ୍ମନିଯୋଗ କରିଥିଲେ ଏବଂ ବ୍ରହ୍ମବିତ୍ ହୋଇଥିଲେ । ପରେ ସତ୍ୟକାମ ଆଚାର୍ଯ୍ୟ ହୋଇ ଉପକୋଶଳ-ନାମକ ମୁନିଙ୍କୁ ବ୍ରହ୍ମବିଦ୍ୟା ଶିକ୍ଷା ଦେଇଥିଲେ ।

ମହାଭାରତରେ ଆୟୋଦଧୌମ୍ୟ ମୁନିଙ୍କ ଶିଷ୍ୟ ଉପମନ୍ୟୁଙ୍କ ଗୁରୁସେବାର ଆଦର୍ଶ ଦେଖିବାକୁ ମିଳେ । ଗୁରୁଦେବଙ୍କ ଆଦେଶରେ ଉପମନ୍ୟୁ ସାରାଦିନ ଗୋଚାରଣ କରି ପ୍ରତ୍ୟହ ସନ୍ଧ୍ୟାକାଳରେ ଗୁରୁଗୃହକୁ ଫେରନ୍ତି । ଦିନେ ଗୁରୁଦେବ ଉପମନ୍ୟୁଙ୍କୁ ସ୍ଥୂଳକାୟ (ମୋଟାସୋଟା) ଦେଖି ଶିଷ୍ୟ କଣ ଆହାର କର ବୋଲି ପଚାରିଲେ । ଉପମନ୍ୟୁ ଭିକ୍ଷା କରି ଆହାର କରନ୍ତି ବୋଲି କହିଲେ । ଆଚାର୍ଯ୍ୟ ତାହାଙ୍କୁ ନଜଣାଇ ଭିକ୍ଷାଲବ୍ଧ ଦ୍ରବ୍ୟ ଗ୍ରହଣ କରିବା ଅନ୍ୟାୟ ବୋଲି କହିଲେ । ସେହି ଦିନଠାରୁ ଉପମନ୍ୟୁ ସମସ୍ତ ଭିକ୍ଷାନ୍ନ ଗୁରୁଦେବଙ୍କୁ ଆଣି ସମର୍ପଣ କରନ୍ତି, ଗୁରୁଦେବ ଉପମନ୍ୟୁଙ୍କୁ କିଛି ମଧ୍ୟ ଫେରାନ୍ତି (ଦିଅନ୍ତି) ନାହିଁ । ତଥାପି ଉପମନ୍ୟୁଙ୍କୁ ସ୍ଥୂଳକାୟ ଦେଖି ଗୁରୁଦେବ ତାହାର କାରଣ ପଚାରିବାରୁ ଉପମନ୍ୟୁ କହିଲେ- ଯେ ଥରେ ଭିକ୍ଷାକରି ଯାହା ମିଳେ, ତାହା ସେ ଗୁରୁଦେବଙ୍କୁ ସମର୍ପଣ କରନ୍ତି ଏବଂ ଦ୍ୱିତୀୟଥର କେତେମୁଷ୍ଟି ଭିକ୍ଷା କରି ନିଜେ ଭୋଜନ କରନ୍ତି । ଏହା ଶୁଣି ଆଚାର୍ଯ୍ୟ ଏହା ଅନ୍ୟାୟ ବୋଲି ନିଷେଧ କରିଲେ । ତଥାପି ଉପମନ୍ୟୁଙ୍କ ସ୍ଥୂଳକାୟ ଦେଖି ଆଚାର୍ଯ୍ୟ କାରଣ ପଚାରି ଜାଣିଲେ ଯେ, ଉପମନ୍ୟୁ ଗାଭୀର ଦୁଗ୍ଧ ପାନ କରି ଜୀବନ ଧାରଣ କରନ୍ତି । ଆଚାର୍ଯ୍ୟଙ୍କ ଅନୁମତି ବ୍ୟତୀତ ଏହିପରି କରିବା ଅତ୍ୟନ୍ତ ଅପରାଧଜନକ ହୋଇଅଛି, ଗୁରୁଙ୍କ ଉପଦେଶରେ ଏହା ଜାଣିପାରି ଉପମନ୍ୟୁ ଅପରାଧର କ୍ଷମା ଭିକ୍ଷା କରିଲେ । ତଥାପି ଉପମନ୍ୟୁକୁ ସ୍ଥୂଳକାୟ ଦେଖି ଆଚାର୍ଯ୍ୟ କାରଣ ପଚାରି ଜାଣିପାରିଲେ ଯେ ଉପମନ୍ୟୁ ଗୋ-ବତ୍ସାଗଣଙ୍କର ମୁଖରୁ ବାହାରୁଥିବା ଦୁଗ୍ଧଫେଣ ପାନ କରନ୍ତି । ଏଥିରେ ଗୋ-ବତ୍ସାଗଣଙ୍କର ଭୋଜନରେ ବ୍ୟାଘାତ ହେଉଅଛି, ଆଚାର୍ଯ୍ୟ ଏହିପରି ଉପଦେଶ କରିବାରୁ ଉପମନ୍ୟୁ ଉପବାସୀ ରହିହିଁ ଆନନ୍ଦର ସହିତ ଗୁରୁସେବା କରିବାକୁ ଲାଗିଲେ । ଦିନେ ବନରେ ଗୋଚାରଣ କରି କରି ଦେଖିଲେ ଅନାହାରରେ ତାହାଙ୍କ ସମସ୍ତ ଇନ୍ଦ୍ରିୟ ବିକଳ ହୋଇ ଯାଉଅଛି । ତାହାଙ୍କ ମୃତ୍ୟୁ ହେଲେ ଗୁରୁଦେବଙ୍କ ଗୋଧନ ସମୂହ ରକ୍ଷା କରିବାରେ କାଳେ ବ୍ୟାଘାତ ଉପସ୍ଥିତ ହେବ, ଏହି ଆଶଙ୍କାରେ ବନସ୍ଥ ଅର୍କପତ୍ର ଭୋଜନ କରିଲେ । ସେଥିରେ ଉପମନ୍ୟୁଙ୍କ ଚକ୍ଷୁରୋଗ ଜନ୍ମିଲା ଓ ସେ ଅନ୍ଧ ହୋଇ ଗୋଟିଏ କୂପରେ ପତିତ ହେଲେ । ସନ୍ଧ୍ୟା ଅତିକ୍ରାନ୍ତ ହୋଇଗଲେ ମଧ୍ୟ ଉପମନ୍ୟୁ ଗୃହରେ ଉପସ୍ଥିତ ହେଉନାହିଁ ଦେଖି ଗୁରୁଦେବ ଅନୁସନ୍ଧାନ କରି କରି ବନ ମଧ୍ୟକୁ ଯାଇ ଉପମନ୍ୟୁଙ୍କୁ ଡ଼ାକିବାକୁ ଲାଗିଲେ । କୂପରେ ପତିତ ଉପମନ୍ୟୁ ଗୁରୁଦେବଙ୍କ ଆହ୍ୱାନର ପ୍ରତ୍ୟୁତ୍ତର ଦେଇ ନିଜ ଅବସ୍ଥା ଜଣାଇଲେ । ଗୁରୁଦେବ ଶିଷ୍ୟକୁ ଦେବତାଗଣଙ୍କର ବୈଦ୍ୟ ଅଶ୍ୱିନୀକୁମାର ଦ୍ୱୟଙ୍କୁ ସ୍ତବ କରିବାକୁ ଉପଦେଶ

ଦେଲେ । ଉପମନ୍ୟୁର ସ୍ତବରେ ଅଶ୍ୱିନୀକୁମାରଦ୍ୱୟ ସନ୍ତୁଷ୍ଟ ହୋଇ ଚକ୍ଷୁରୋଗ ନିବାରକ ଗୋଟିଏ ପିଷ୍ଟକ (ପିଠା) ଭୋଜନ କରିବାପାଇଁ ଉପମନ୍ୟୁଙ୍କୁ ପ୍ରଦାନ କରିବାରୁ ଉପମନ୍ୟୁ ଗୁରୁଦେବଙ୍କ ଆଦେଶ ବିନା ସେହି ପିଠା ଭକ୍ଷଣ କରିପାରିବେ ନାହିଁ ବୋଲି ଜଣାଇଲେ । ଅଶ୍ୱିନୀକୁମାରଦ୍ୱୟ ଉପମନ୍ୟୁଙ୍କୁ କହିଲେ ଯେ, "ଆୟୋଦଧୌମ୍ୟ ମୁନିଙ୍କୁ ତାହାଙ୍କ ପୂର୍ବେ ଏକ ପିଷ୍ଟକ ଦେଇଛନ୍ତି । ସେ ତାହାଙ୍କ ଗୁରୁଦେବଙ୍କ ଆଦେଶ ବ୍ୟତୀତହିଁ ଯେତେବେଳେ ତାହା ଭୋଜନ କରିଲେ ସେତେବେଳେ ଆଚାର୍ଯ୍ୟଙ୍କ ସେହି ଆଚରଣର ଅନୁସରଣ କରିବାରେ ଆପତ୍ତି କଣ ? ଉପମନ୍ୟୁ ଅତ୍ୟନ୍ତ ବିନୀତ ଭାବରେ କହିଲେ, ଶ୍ରୀଗୁରୁପାଦପଦ୍ମେ ନିବେଦନ ନକରି ସେ ପିଠା ଭୋଜନ କରିପାରିବେ ନାହିଁ । ଉପମନ୍ୟୁଙ୍କ ଏହିପରି ଗୁରୁଭକ୍ତି ଦେଖି ଅଶ୍ୱିନୀକୁମାର ଦ୍ୱୟ ତାହାଙ୍କ ଚକ୍ଷୁ ଭଲ କରିଦେଲେ । ଚକ୍ଷୁଃ-ଲାଭ କରି ଉପମନ୍ୟୁ ଶ୍ରୀଗୁରୁପାଦପଦ୍ମେ ଫେରି ଆସି ସାଷ୍ଟାଙ୍ଗ ପ୍ରଣତ ହୋଇ ସମସ୍ତ କଥା ନିବେଦନ କରିଲେ । ସେତେବେଳେ ଗୁରୁଦେବ ଉପମନ୍ୟୁଙ୍କୁ କହିଲେ, - 'ତୁମେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛ, ସମସ୍ତ ଶାସ୍ତ୍ର ତୁମ ସ୍ମୃତିପଥରେ ଅଧିଷ୍ଠିତ ରହିବ, ତୁମର ପରମ ମଙ୍ଗଳ ଲାଭ ହେବ ।'

ପ୍ରକୃତ ଗୁରୁସେବକ ଗୁରୁଙ୍କ କୌଣସି ବସ୍ତୁକୁ ଭୋଗ କରିବେ ନାହିଁ । ସେବାହିଁ ତାହାଙ୍କ ନିତ୍ୟ ଧର୍ମ । ଗୁରୁଦେବଙ୍କ ଆଦେଶ ଯେତେହିଁ ତୀବ୍ର ବା କଠୋର ହେଉନା କାହିଁକି, ଗୁରୁସେବକ ଅବିଚଳିତ ଚିତ୍ତରେ ସନ୍ତୋଷର ସହିତ ତାହା ପାଳନ କରିବେ । *"ଗୁରୁଦେବ କରେନ୍ ଯଦି ତାଡ଼ନ ଭର୍ତ୍ସନ । ତଥାପି ଅବଜ୍ଞା ନାହି କର କଦାଚନ ॥"* ଗୁରୁସେବା କରି କରି ନିଜର ସୁଖ-ସ୍ୱାଚ୍ଛନ୍ଦ ଦୂରେ ଥାଉ, ପ୍ରାଣ ମଧ୍ୟ ଯଦି ବିନଷ୍ଟ ହୁଏ, ତାହା ମଧ୍ୟ ଆନନ୍ଦର ସହିତ ସ୍ୱୀକାର କରିବେ । ଗୁରୁସେବାରେ ବିଚାର ଏହିପରି- *"ତୋମାର ସେବାୟ, ଦୁଃଖ ହୟ ଯତ, ସେ ଓ ତ' ପରମ ସୁଖ । ସେବା ସୁଖ-ଦୁଃଖ, ପରମ ସମ୍ପଦ, ନାଶୟେ ଅବିଦ୍ୟା-ଦୁଃଖ ॥"*

ଶ୍ରୀନାରଦ ଗୋସ୍ୱାମୀଙ୍କ କୃପାରେ ବ୍ୟାଧ କିପରି ଭାବରେ ତାହାର ହିଂସାବୃତ୍ତି ପରିତ୍ୟାଗ କରି ସସ୍ତ୍ରୀକ ଶ୍ରୀହରିଗୁରୁବୈଷ୍ଣବଙ୍କ ସେବାରେ ବିମୁକ୍ତ ହୋଇଥିଲେ, ତାହା ସ୍କନ୍ଦପୁରାଣରେ ଓ ଶ୍ରୀଚୈତନ୍ୟ ଚରିତାମୃତରେ (ମଧ୍ୟ ୨୪ପୃ) ଦେଖିବାକୁ ମିଳେ । ଶ୍ରୀନାରଦଙ୍କ ଅପର ଶିଷ୍ୟ ଶ୍ରୀପର୍ବତ ମୁନି ବ୍ୟାଧର ସେହି ପରିବର୍ତ୍ତନ ଦେଖି କହିଥିଲେ,- *"ଅହୋ ଧନ୍ୟୋଽସି ଦେବର୍ଷେ କୃପୟା ଯସ୍ୟ ତତ୍କ୍ଷଣାତ୍ । ନୀଚୋଦ୍ଭୂତ୍ୟପୁଲକୋ ଲେଭେ ଲୁବ୍ଧକୋ ରତିମୁଚ୍ୟତେ ॥"* - ହେ ଦେବର୍ଷେ ! ତୁମେହିଁ ଧନ୍ୟ, ତୁମ କୃପାରେ ନୀଚବୃତ୍ତି ଲୁବ୍ଧକ ମଧ୍ୟ ଅର୍ଥାତ୍ ବ୍ୟାଧ ମଧ୍ୟ ଉତ୍ପୁଲକ ହୋଇ ତତ୍କ୍ଷଣାତ୍ ଶ୍ରୀକୃଷ୍ଣଙ୍କଠାରେ ରତି-ଲାଭ କରିଅଛନ୍ତି ।

ମହାଭାରତରେ ଏକଲବ୍ୟଙ୍କ ତଥା-କଥିତ ଗୁରୁଭକ୍ତିର ଆଦର୍ଶ ଦ୍ୱାରା ବ୍ୟତିରେକ ଭାବରେ ଶ୍ରୀଅର୍ଜୁନଙ୍କ ପ୍ରକୃତ ଆଚାର୍ଯ୍ୟ-ଭକ୍ତିର ସ୍ୱରୂପ ଜ୍ଞାପନ କରାହୋଇଅଛି । ବସ୍ତୁତଃ ଏକଲବ୍ୟ ଗୁରୁଭକ୍ତିର ମୁଖାପିନ୍ଧି ଗୁରୁଦ୍ରୋହ ଓ ଭକ୍ତଦ୍ରୋହହିଁ କରିଥିଲେ । ଦ୍ରୋଣାଚାର୍ଯ୍ୟ ଯେତେବେଳେ ଏକଲବ୍ୟଙ୍କୁ ନୀଚଜାତି ମନେ କରି ହେଉ ଅଥବା ପରୀକ୍ଷା କରିବାପାଇଁ ହେଉ, କିମ୍ବା ଯେକୌଣସି କାରଣରୁ ହେଉ, ତାହାଙ୍କୁ ଅସ୍ତ୍ରବିଦ୍ୟା ଶିକ୍ଷା ଦେବାକୁ ଚାହିଲେ, ନାହିଁ, ସେତେବେଳେ ଏକଲବ୍ୟଙ୍କ ପକ୍ଷରେ ଉଚିତ୍ ଥିଲା - ଗୁରୁଙ୍କ ଆଦେଶ ଶିରୋଧାର୍ଯ୍ୟ କରିବା, କିନ୍ତୁ ସେଥିରେ ଏକଲବ୍ୟଙ୍କ ମନ ମାନିଲା ନାହି, ସେ ବଡ଼ ହେବାର ଇଚ୍ଛା କରିଲେ ।

କେବଳ ବାହାରେ ଜଣକୁ ଗୁରୁ ନକରିଲେ କାର୍ଯ୍ୟଟି ନୀତିସଙ୍ଗତ ହୁଏ ନା, ଅଥବା ତାହାଙ୍କ 'ବଡ଼' ହେବା ପକ୍ଷରେ ସୁଯୋଗ ହୁଏନା, ଏଥିପାଇଁ ଏକଲବ୍ୟ ଗୁରୁଙ୍କ କାଳ୍ପନିକ ବା ମାଟିର ମୂର୍ତ୍ତି ପ୍ରସ୍ତୁତ କରିଲେ । କେବଳ ବଡ଼ ହେବା ବା ଧନୁର୍ବିଦ୍ୟା ଶିକ୍ଷା କରିବାହିଁ, ଅର୍ଥାତ୍ ନିଜର ଇନ୍ଦ୍ରିୟତୃପ୍ତି ସାଧନ କରିବାହିଁ ତାହାଙ୍କର ପ୍ରଧାନ ଉଦ୍ଦେଶ୍ୟ । ଗୁରୁଙ୍କ ସନ୍ତୋଷରେ ନିଜକୁ 'ବଳି' ଦେବା ତାହାଙ୍କର ଐକାନ୍ତିକ ଇଚ୍ଛା ନୁହେଁ । କେହି କେହି କହିପାରନ୍ତି ଯେ, ଏକଲବ୍ୟ ଶେଷରେ ତ କୌଣସି ପ୍ରତିବାଦ ନକରି ଗୁରୁଙ୍କ ନିର୍ମଳ ଆଦେଶ ଆନନ୍ଦର ସହିତ ପାଳନ କରିଥିଲେ, କିନ୍ତୁ ଅଳ୍ପ ଗଭୀର ଓ ସୂକ୍ଷ୍ମଭାବରେ ବିଚାର କରିଲେ ଦେଖାଯିବ, ଏଠାରେ ମଧ୍ୟ ଏକଲବ୍ୟ ଶ୍ରୀଗୁରୁଦେବଙ୍କ ସୁଖାନୁସନ୍ଧାନ ଅପେକ୍ଷା ନୀତିକୁହିଁ 'ବଡ଼' ବୋଲି ମନେ କରିଥିଲେ । ଆଚାର୍ଯ୍ୟ (ଶିକ୍ଷକ) ଦକ୍ଷିଣାରୂପେ ଯେ କୌଣସି ବସ୍ତୁ ପ୍ରାର୍ଥନା କରନ୍ତି, ତାହାହିଁ ପ୍ରଦାନ କରିବାକୁ ହେବ,–ଏହି ନୀତିହିଁ ତାହାଙ୍କୁ ଅଙ୍ଗୁଳିଚ୍ଛେଦନରେ ପ୍ରବୃତ୍ତ କରାଇଥିଲା । ସ୍ୱାଭାବିକ ଭକ୍ତିର ସହିତ ଅର୍ଥାତ୍ ଶ୍ରୀଗୁରୁଦେବଙ୍କ ସୁଖାନୁସନ୍ଧାନ ପାଇଁ ସେ ତାହା ପ୍ରଦାନ କରି ନଥିଲେ ।

ଏକଲବ୍ୟଙ୍କ ହୃଦୟରେ ଯଦି ଶ୍ରୀହରି, ଶ୍ରୀଗୁରୁ ଓ ଶ୍ରୀବୈଷ୍ଣବଙ୍କଠାରେ ଅହୈତୁକୀ ଓ ସ୍ୱାଭାବିକୀ ଅର୍ଥାତ୍ ସୁଖାନୁସନ୍ଧାନ ପ୍ରବୃତ୍ତି ଥାଆନ୍ତା, ତାହା ହେଲେ ଗୁରୁ 'ଶ୍ରୀଦ୍ରୋଣାଚାର୍ଯ୍ୟ', ବୈଷ୍ଣବଶ୍ରେଷ୍ଠ 'ଶ୍ରୀଅର୍ଜୁନ' ଓ ଭଗବାନ 'ଶ୍ରୀକୃଷ୍ଣ' ଏକଲବ୍ୟର ବ୍ୟବହାରରେ କ୍ଷୁର୍ଣ୍ଣ ହୋଇନଥାଆନ୍ତେ । ଏକଲବ୍ୟର ଏହିପରି ଧନୁର୍ବିଦ୍ୟା ଶିକ୍ଷା ବା 'ବଡ଼' ହେବାର ଚେଷ୍ଟାକୁ ଗୁରୁଦେବ ସ୍ୱୀକାର କରିଲେ ନାହିଁ । ଏକଲବ୍ୟଙ୍କ ହୃଦୟ ଅନ୍ତଃସ୍ଥଳରେ ଅର୍ଜୁନଙ୍କଠାରୁ ବଡ଼ହେବାର ଅଭିଳାଷ ବା ଚେଷ୍ଟା ବିଦ୍ୟମାନ୍ ଥିଲା, ବୈଷ୍ଣବ ଅପେକ୍ଷା ବଡ଼ ହେବାର ଅଭିଳାଷ–ଭକ୍ତି ନୁହେଁ ତାହା ଅଭକ୍ତି ଓ ଅତିବଡ଼ିମା ଧର୍ମ । ଜାଗତିକ ବିଚାରରେ ଏହିପରି ବଡ଼ ହେବାର ଚେଷ୍ଟା ଭଲ ହୋଇପାରେ, କିନ୍ତୁ ବୈଷ୍ଣବଙ୍କ ପଶ୍ଚାତରେ ରହି ତାହାଙ୍କ ସୁଖାନୁସନ୍ଧାନ ଚେଷ୍ଟା, ତାହାଙ୍କ ଅନୁଗତ ରହିବାର ଚେଷ୍ଟାର ନାମହିଁ – ଭକ୍ତି । ମହାନ୍ତଗୁରୁଙ୍କ ନିକଟରୁ ସାକ୍ଷାତ୍‌ଭାବେ ଅଧୀତ ବିଦ୍ୟା ଅପେକ୍ଷା ମଧ୍ୟ ଏକଲବ୍ୟ ନିଜର ବାହାଦୁରୀକୁ 'ବଡ଼' କରିବାକୁ ଚାହିଁଥିଲେ, ତାହା ଶ୍ରୀଅର୍ଜୁନ ଶ୍ରୀଦ୍ରୋଣାଚାର୍ଯ୍ୟଙ୍କ ନିକଟରେ ଜଣାଇଥିଲେ । ଯଦି ଶ୍ରୀଅର୍ଜୁନ କୃପା କରି ଏହା ନ ଜଣାଇଥାଆନ୍ତେ, ତେବେ ନିର୍ବିଶେଷବାଦରହିଁ ଜୟ ବିଘୋଷିତ ହୋଇଥାଆନ୍ତା । ଲୋକେ ମହାନ୍ତ–ଗୁରୁଙ୍କ ନିକଟରେ ବିଦ୍ୟା–ଶିକ୍ଷା ନକରି ତାହାଙ୍କ ଇଚ୍ଛା ବିରୁଦ୍ଧରେ କାଳ୍ପନିକ ବା ମାଟିର ଅଚେତନ ଗୁରୁଙ୍କ ନିକଟରେ ବିଦ୍ୟା ବା ଭକ୍ତି ଶିକ୍ଷା କରିପାରନ୍ତି – ଏହିପରି ନାସ୍ତିକ ମତହିଁ ପ୍ରତିଷ୍ଠିତ ହୋଇଥାଆନ୍ତା । ଅତଏବ ଶ୍ରୀଅର୍ଜୁନ ଏକଲବ୍ୟ ପ୍ରତି ଇର୍ଷାନ୍ୱିତ ହୋଇନାହାନ୍ତି, ଏକଲବ୍ୟ ପ୍ରତି ଓ ଜଗତ ପ୍ରତି ଅହୈତୁକୀ ଦୟାହିଁ କରିଅଛନ୍ତି । ଏକଲବ୍ୟ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କ ବିଦ୍ୱେଷୀ ଓ ପ୍ରତିଯୋଗୀ ପୌଣ୍ଡ୍ରବାସୁଦେବଙ୍କ ସହିତ ଦ୍ୱାରକା ଆକ୍ରମଣ କରିଥିଲେ ଏବଂ ଅବଶେଷରେ ଶ୍ରୀକୃଷ୍ଣଙ୍କ ହସ୍ତରେ ନିହତ ହୋଇଥିଲେ । ଗୁରୁଭକ୍ତ କେବେ ମଧ୍ୟ ଶ୍ରୀଭଗବାନଙ୍କ ବିଦ୍ୱେଷୀ ବା ଶ୍ରୀଭଗବଦ୍ ବିଦ୍ୱେଷୀର ସଙ୍ଗୀ ଓ ଶ୍ରୀଭଗବାନଙ୍କ ପ୍ରତି ପ୍ରୀତିର ପାତ୍ର (ଶ୍ରୀଅର୍ଜୁନଙ୍କଠାରେ) ବିଦ୍ୱେଷୀ ହୋଇପାରନ୍ତି ନାହିଁ ।

ଆଚାର୍ଯ୍ୟ ଶ୍ରୀରାମାନୁଜଙ୍କ ଚରିତରେ ତାହାଙ୍କ କେତେକ ଶିଷ୍ୟଙ୍କ ଆଦର୍ଶ ଗୁରୁସେବାର ଦୃଷ୍ଟାନ୍ତ ମିଳେ– ଆଚାର୍ଯ୍ୟ ଶ୍ରୀରାମାନୁଜ ପୁରାଚାର୍ଯ୍ୟ ବୌଧାୟନର ବୃତ୍ତି ଅନୁସରଣରେ

''ଶ୍ରୀଭାଷ୍ୟ' ନିର୍ମାଣ କରିବାକୁ ଅଭିଳାଷୀ ହୋଇ କାଶ୍ମୀର ପ୍ରଦେଶାନ୍ତର୍ଗତ 'ସାରଦାପୀ' (ବୃଜବ୍ରରୋ)ରୁ ଉକ୍ତ ବୃତ୍ତିଟି ଆଣିବାପାଇଁ ଜଣେ ଶିଷ୍ୟ ଶ୍ରୀକୁରେଶଙ୍କ ସହିତ ସ୍ୱୟଂ ସେଠାକୁ ଗମନ କରିଲେ । ଶ୍ରୀରାମାନୁଜ ସାରଦାପୀଠରେ ପହଁଞ୍ଚି କରି ବୌଧାୟନ-ବୃତ୍ତିଟିକୁ ଦେଖିବାକୁ ଇଚ୍ଛା କରିବାରୁ ସେଠାକାର ଅଦ୍ୱୈତବାଦିଗଣ ଉକ୍ତ ପୋଥିର ଅନସ୍ତିତ୍ୱ ଜ୍ଞାପନ କରିଲେ ଅର୍ଥାତ୍ ଆଉ ଲଛ ନୁହେଁ ବୋଲି ଜଣାଇଲେ । ଶ୍ରୀରାମାନୁଜ ଅତ୍ୟନ୍ତ ବ୍ୟଥିତ ହୋଇ ଶ୍ରୀଲକ୍ଷ୍ମୀନାରାୟଣଙ୍କ ନିକଟରେ ମନୋବାର୍ତ୍ତା ଜ୍ଞାପନ କରିବାରୁ ରାତ୍ରିକାଳରେ ସାରଦାଦେବୀ ସ୍ୱୟଂ ଶ୍ରୀରାମାନୁଜଙ୍କ ହସ୍ତରେ ଉକ୍ତ ପୋଥି ପ୍ରଦାନ କରିଲେ ଏବଂ ଗୋପନରେ ଅତି ଶୀଘ୍ର ସେହି ସ୍ଥାନ ପରିତ୍ୟାଗର ଆଦେଶ ଦେଲେ । କିଛିଦିନ ପରେ ସାରଦାପୀଠସ୍ଥ ଅଦ୍ୱୈତବାଦିଗଣ ବୌଧାୟନ-ବୃତ୍ତିଟି ଦେଖିବାକୁ ନପାଇ ଶ୍ରୀରାମାନୁଜ ଏହି ପୁସ୍ତକଟିକୁ ଅପହରଣ କରିଅଛନ୍ତି ବୋଲି ସ୍ଥିର କରି ବହୁ ବଳବାନ୍ ବ୍ୟକ୍ତିଙ୍କୁ ଶ୍ରୀରାମାନୁଜଙ୍କ ଅନୁସନ୍ଧାନରେ ପ୍ରେରଣ କରିଲେ । ସେମାନେ ଏକମାସ କାଳ ଦିବାରାତ୍ର ଦ୍ରୁତବେଗରେ ଗମନକରିବା ପରେ ଶ୍ରୀକୁରେଶଙ୍କ ସହିତ ଶ୍ରୀରାମାନୁଜଙ୍କୁ ଦେଖିବାକୁ ପାଇଲେ ଏବଂ ସେମାନଙ୍କ ନିକଟରୁ ବଳପୂର୍ବକ ବୌଧାୟନ ବୃତ୍ତିଟିକୁ କାଢ଼ିନେଇ ସ୍ୱଦେଶେ ପ୍ରତ୍ୟାବର୍ତ୍ତନ କରିଲେ । ସମସ୍ତ ପରିଶ୍ରମ ବ୍ୟର୍ଥ ହେଲା ବୋଲି ବିବେଚନା କରି ଶ୍ରୀରାମାନୁଜ ଅତ୍ୟନ୍ତ କାତର ହୋଇପଡ଼ିଲେ । ସେତେବେଳେ ଶ୍ରୀକୁରେଶ ଗୁରୁଦେବଙ୍କୁ ଆଶ୍ୱସ୍ତ କରି କହିଲେ- ଯେ, ସେ ଏକ ମାସ ମଧ୍ୟରେ ପ୍ରତି ରଜନୀରେ ସମଗ୍ର ବୌଧାୟନ-ବୃତ୍ତିଟି କଣ୍ଠସ୍ଥ କରି ପକାଇଛନ୍ତି, ଶୀଘ୍ରହିଁ ସେ ସମସ୍ତ ବୃତ୍ତିଟିକୁ ଲେଖି ଦେଇପାରିବେ । ଶ୍ରୁତିଧର ଶ୍ରୀକୁରେଶ ପାଞ୍ଚ ଛଅ ଦିନ ମଧ୍ୟରେହିଁ ସମଗ୍ର ବୃତ୍ତିଟିକୁ ତାହାଙ୍କ ସ୍ମୃତି ପଥରୁ ଲେଖି ଶେଷ କରିଦେଲେ । ଶ୍ରୀରାମାନୁଜ ଶ୍ରୀକୁରେଶଙ୍କର ଏହିପରି ଅଦ୍ଭୁତ ପ୍ରତିଭା-ଦର୍ଶନରେ ନିରତିଶୟ ଆନନ୍ଦିତ ହୋଇ ଶ୍ରୀଭାଷ୍ୟ ରଚନା ସମୟରେ ଶ୍ରୀକୁରେଶଙ୍କୁ ନିଜ ଲେଖକ କରି ନେଲେ ।

ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ସର୍ବତ୍ର ବୈଷ୍ଣବ-ମତ ପ୍ରଚାରିତ ହେଉଅଛି ଦେଖି ପ୍ରବଳ ସ୍ମାର୍ତମତାବଲମ୍ବୀ ଶୈବ ଚୋଳ-ରାଜ୍ୟାଧିପତି ପ୍ରଥମ କୁଲୋତୁଙ୍ଗ ଶ୍ରୀରାମାନୁଜଙ୍କୁ ତାହାଙ୍କ ରାଜ୍ୟମଧ୍ୟେ ଧରି ଆଣିବା ପାଇଁ କେତେକ ବଳିଷ୍ଠ ରାଜପୁରୁଷଙ୍କୁ ପ୍ରେରଣ କରିଲେ । ଶ୍ରୀଆଚାର୍ଯ୍ୟଙ୍କ ଗୁରୁସେବୈକ ନିଷ୍ଠ ଶିଷ୍ୟ ଶ୍ରୀକୁରେଶ କୃମିକଣ୍ଠର ଦୁଷ୍ଟ ଅଭିସନ୍ଧି (ମନୋବୃତ୍ତି) ଜାଣିପାରି ଶ୍ରୀରାମାନୁଜଙ୍କୁ ନକହିଁହିଁ ଆଚାର୍ଯ୍ୟଙ୍କ ଗୌରିକ ବେଷ-ପରିଧାନ ପୂର୍ବକ କୃମିକଣ୍ଠ-ପ୍ରେରିତ ଦୂତଗଣଙ୍କ ସହିତ ଗମନ କରିଲେ ଏବଂ ରାଜସଭାରେ ଯାଇ ନିଜକୁ 'ଶ୍ରୀରାମାନୁଜ' ବୋଲି ପରିଚୟ ପ୍ରଦାନ କରିଲେ । କୃମିକଣ୍ଠର ଅନୁଗତ କୁତାର୍କିକଗଣ ଶ୍ରୀକୁରେଶଙ୍କୁ ବୃଥା ବାଗ୍‌ଯୁଦ୍ଧରେ ପ୍ରବୃତ୍ତ ହେବାକୁ ବାଧ କରିଲେ ଏବଂ ନାନାଭାବରେ ତାହାଙ୍କ ପ୍ରତି ଅତ୍ୟାଚାର କରିଲେ । ଯେତେବେଳେ ଶ୍ରୀକୁରେଶ କୌଣସି ପ୍ରକାରରେ ମଧ୍ୟ ମାୟାବାଦାଶ୍ରିତ ଶୈବ-ମତ ସ୍ୱୀକାର କରିବାକୁ ପ୍ରସ୍ତୁତ ହେଲେ ନାହିଁ, ସେତେବେଳେ କୁଲୋତୁଙ୍ଗଙ୍କ ଆଦେଶରେ ତଦନୁଗତ କେତେକ ନୃଶଂସ ବ୍ୟକ୍ତି ଶ୍ରୀକୁରେଶଙ୍କ ଚକ୍ଷୁ ଦୁଇଟି ଉତ୍ପାଟନ କରିଲେ । ଶ୍ରୀକୁରେଶ ଏକ ଭିକ୍ଷୁକଙ୍କ ସାହାଯ୍ୟରେ ଶ୍ରୀରଙ୍ଗମ୍‌ରୁ ପ୍ରତ୍ୟାବର୍ତ୍ତନ କରିଲେ । ଏହାର ଅଳ୍ପଦିବସ ପରେହିଁ ଚୋଳରାଜ ଏକ ଉତ୍କଟ ଓ ଘୃଣିତ ବ୍ୟାଧିଗ୍ରସ୍ତ ହୋଇ ପ୍ରାଣତ୍ୟାଗ କରିଥିଲେ ।

ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଶିଷ୍ୟ ଶ୍ରୀବରଦାଚାର୍ଯ୍ୟ, ବିଦୁରଙ୍କପରି ନିଷ୍ପିଞ୍ଚନ ଓ ଶ୍ରୀଗୁରୁଦେବତାମା

ଥିଲେ । ତାହାଙ୍କ ସହଧର୍ମିଣୀ ମଧ୍ୟ ସ୍ୱାମୀଙ୍କ ସମ୍ପୂର୍ଣ୍ଣ ଅନୁଗାମିନୀ ଥିଲେ । ଶ୍ରୀବରଦାଚାର୍ଯ୍ୟ ହସ୍ତରେ ଭିକ୍ଷାପାତ୍ର ନେଇ ପ୍ରତ୍ୟହ ପ୍ରାତଃ କାଳରେ ଭିକ୍ଷା କରିବା ପାଇଁ ବହିର୍ଗତ ହୁଅନ୍ତି ଏବଂ ଭିକ୍ଷାଲବ୍ଧ ବସ୍ତୁଦ୍ୱାରା ଶ୍ରୀଗୁରୁଦେବ ଓ ଶ୍ରୀହରିଦେବଙ୍କ ଅର୍ଚ୍ଚାବତାରଙ୍କ ସେବା କରନ୍ତି । ତାହାଙ୍କ ସହଧର୍ମିଣୀ ଶ୍ରୀଲକ୍ଷ୍ମୀଦେବୀ ପୂର୍ଣ୍ଣ ରୂପଲାବଣ୍ୟବତୀ ଥିଲେ । ସେହି ଗ୍ରାମସ୍ଥ ଏକ ଧନାଢ୍ୟ ବଣିକ ଶ୍ରୀଲକ୍ଷ୍ମୀଦେବୀଙ୍କ ରୂପରେ ମୁଗ୍ଧ ହୋଇ ଓ ତାହାଙ୍କ ପତିଙ୍କ ଅତ୍ୟନ୍ତ ଦାରିଦ୍ର୍ୟର ସୁଯୋଗ ନେଇ ଶ୍ରୀଲକ୍ଷ୍ମୀଦେବୀଙ୍କୁ ଅନେକ ଅର୍ଥର ପ୍ରଲୋଭନ ଦେଖାଇଥିଲେ କିନ୍ତୁ କୌଣସି ରୂପେହିଁ ସେହି ସତୀଙ୍କ ସମୀପସ୍ଥ ହୋଇପାରନ୍ତି ନାହିଁ । ଦିନେ ଶ୍ରୀବରଦାଚାର୍ଯ୍ୟଙ୍କ ଅନୁପସ୍ଥିତି ସମୟରେ ଶ୍ରୀରାମାନୁଜାଚାର୍ଯ୍ୟ ବରଦାଚାର୍ଯ୍ୟଙ୍କ ଗୃହରେ ଭିକ୍ଷା ପାଇଁ ଉପସ୍ଥିତ ହେଲେ । ଶ୍ରୀଲକ୍ଷ୍ମୀଦେବୀ ତତ୍‌କାଳେ ଗୋଟିଏ କ୍ଷୁଦ୍ର ଚୀରାବସ୍ତ୍ର ପରିଧାନ କରି କୁଟିରର ଅଭ୍ୟନ୍ତରେ ଅବସ୍ଥାନ କରୁଥିଲେ, ଗୃହେ ସ୍ୱାମୀ ବା ଦ୍ୱିତୀୟ ବ୍ୟକ୍ତି ନାହାନ୍ତି । ସେ ସେତେବେଳେ ଶ୍ରୀଗୁରୁଦେବଙ୍କ ସମ୍ମୁଖୀନ ହୋଇନପାରି କରତାଳ-ଧ୍ୱନି ଦ୍ୱାରା ଇଙ୍ଗିତଦ୍ୱାରା ନିଜ ଅବସ୍ଥା ଜଣାଇଲେ । ଯତିରାଜ ଶ୍ରୀରାମାନୁଜାଚାର୍ଯ୍ୟ ତତ୍‌କ୍ଷଣାତ୍ ନିଜ ଶ୍ରୀଅଙ୍ଗର ଉତ୍ତରୀୟଟି ବର୍ହିଦେଶରୁ ଗୃହ ମଧ୍ୟକୁ ନିକ୍ଷେପ କରିବାରୁ ଶ୍ରୀଲକ୍ଷ୍ମୀଦେବୀ ତାହାଦ୍ୱାରା ଶରୀର ଅଚ୍ଛାଦନ-ପୂର୍ବକ ଶ୍ରୀଗୁରୁ-ସମୀପେ ଉପନୀତା ହୋଇ ପାଦ୍ୟ-ଅର୍ଘ୍ୟାଦି ଦ୍ୱାରା ଶ୍ରୀଗୁରୁଦେବଙ୍କ ପୂଜା କରିଲେ । ଗୃହେ ତଣ୍ଡୁଳ କଣାଏ ମଧ୍ୟ ଥିଲା ନାହିଁ, କଣ କରିବେ, କିଛି ଠିକ୍ କରିପାରିଲେ ନାହିଁ । ଭିକ୍ଷା ପାଇଁ ସମୁପସ୍ଥିତ ଶ୍ରୀଗୁରୁଦେବଙ୍କର କଣ ବିନ୍ଦୁମାତ୍ର ମଧ୍ୟ ସୁଖାନୁସନ୍ଧାନ କରିପାରିବେ ନାହିଁ ? – ଏହା ଭାବି ଭାବି ମନେ ମନେ ଠିକ୍ କରିଲେ –'ଏହି ଅସ୍ଥି-ମାଂସ-ମଳ-ମୂତ୍ର-ପରିପୂର୍ଣ୍ଣ' ଦେହପିଣ୍ଡକୁ ଆଜି ସେହି ମଦନାତୁର ବଣିକ ନିକଟରେ ବିକ୍ରୟ କରି ଶ୍ରୀଗୁରୁଦେବଙ୍କ ସେବାରେ କୃତାର୍ଥ ନ ହେବି କାହିଁକି ? କଳିଘ୍ନ-ନାମକ ଏକ ମହାଭାଗବତ ଚୋରି କରି ଗୁରୁଦେବଙ୍କ ସେବା କରିଥିଲେ, ଏହିପଦ ଶୁଣିଛି – ଏହା ମନେ ମନେ ଭାବି ତତ୍‌କ୍ଷଣାତ୍ ଶ୍ରୀଲକ୍ଷ୍ମୀଦେବୀ ଗୃହର ଅପର ଦ୍ୱାରା ଦେଇ ବାହାରି ଯାଇ ବଣିକର ସପ୍ତଦ୍ୱାରଯୁକ୍ତ ପ୍ରାସାଦରେ ପ୍ରବେଶ କରି ତାହାଙ୍କ ନିଭୃତ ପ୍ରକୋଷ୍ଠରେ ଆସି କହିଲେ, –''ହେ ବଣିକ ! ମୁଁ ଆଜି ରଜନୀରେ ତୁମ ବାସନା ପୂର୍ଣ୍ଣ କରିବି । ମୋ ଶ୍ରୀଗୁରୁଦେବ ଅତିଥିରୂପରେ ମୋ କୁଟିରରେ ଆଗମନ କରିଅଛନ୍ତି । ତୁମେ କ୍ଷଣମାତ୍ର ବିଳମ୍ବ ନକରି ତାହାଙ୍କ ସେବା ଉପଯୋଗୀ ଯାବତୀୟ ଉପକରଣ ପ୍ରେରଣ କର ।' ବଣିକ ତତ୍‌କ୍ଷଣାତ୍ ଶ୍ରୀବରଦାଚାର୍ଯ୍ୟଙ୍କ ଗୃହେ ବିବିଧ ଦ୍ରବ୍ୟ ପ୍ରେରଣ କରିଲେ । ଶ୍ରୀଲକ୍ଷ୍ମୀଦେବୀ ତଦ୍ଦ୍ୱାରା ଶ୍ରୀବିଷ୍ଣୁଙ୍କ ନୈବେଦ୍ୟ ପ୍ରସ୍ତୁତ କରି ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ଆନୟନ କରିଲେ । ଶ୍ରୀରାମାନୁଚାର୍ଯ୍ୟ ତୃପ୍ତିର ସହିତ ସେହି ନୈବେଦ୍ୟ ଭୋଜନ କରି ଶ୍ରୀଲକ୍ଷ୍ମୀଦେବୀଙ୍କୁ ଆଶୀର୍ବାଦ କରିଲେ । ଏଦିଗେ ବରାଦାଚାର୍ଯ୍ୟ ଭିକ୍ଷା ଲବ୍ଧ-ଦ୍ରବ୍ୟ ନେଇ ଗୃହେ ଫେରି ଦେଖିଲେ, – ତାହାଙ୍କ କୁଟିରରେ ଶ୍ରୀଗୁରୁଦେବ ସମୁପସ୍ଥିତ ଏବଂ ଯେତେବେଳେ ଶୁଣିଲେ ଯେ, ଭିକ୍ଷାଲବ୍ଧ ଦ୍ରବ୍ୟ ଆଣିବା ପୂର୍ବେହିଁ ଶ୍ରୀଲକ୍ଷ୍ମୀଦେବୀ ବିଚିତ୍ର ଅନ୍ନବ୍ୟଞ୍ଜନାଦି ପ୍ରସ୍ତୁତ କରି ଶ୍ରୀଗୁରୁଦେବଙ୍କ ତୃପ୍ତିବିଧାନ କରିଛନ୍ତି, ସେତେବେଳେ ତାହାଙ୍କ ବିସ୍ମୟର ସୀମା ରହିଲା ନାହିଁ । ଶ୍ରୀଲକ୍ଷ୍ମୀଦେବୀ ସମସ୍ତ କଥା ନିବେଦନ ପୂର୍ବକ ହାତଯୋଡ଼ି ଅବନତମୁଖୀ ହୋଇ ପତିଙ୍କ ସମ୍ମୁଖରେ ଦଣ୍ଡାୟମାନ ରହିଲେ । ଶ୍ରୀବରଦାଚାର୍ଯ୍ୟ କ୍ରୁଦ୍ଧ ହେବା ତ ଦୂରର କଥା, ଅତ୍ୟନ୍ତ ଆନନ୍ଦର ସହକାରେ ପୁନଃ

ପୁନଃ 'ଧନ୍ୟୋଽସ୍ମି' 'କୃତାର୍ଥୋଽସ୍ମି' ବୋଲି ନୃତ୍ୟ କରିବାକୁ ଲାଗିଲେ ଏବଂ ସହଧର୍ମିଣୀଙ୍କୁ ସମ୍ବୋଧନ କରି କହିଲେ,– ''ହେ ସତି ! ତୁମେ ଆଜି ସତୀତ୍ୱଧର୍ମର ଯଥାର୍ଥ ପରିଚୟ ଦେଇଅଛ । କାରଣ, ଶ୍ରୀନାରାୟଣହିଁ ଏକମାତ୍ର ପୁରୁଷ, ସେ ଯାବତୀୟ ପ୍ରକୃତି–କୁଳର ପତି । ଅସ୍ମିମାଂସମୟ ଦେହ ବିନିମୟରେ ତୁମେ ଆଜି ସେହି ପୁରୁଷୋତ୍ତମଙ୍କ ସେବା କରିବାରେ ସମର୍ଥା ହୋଇଅଛ । ଶ୍ରୀଗୁରୁଦେବ ସେହି ଶ୍ରୀନାରୟଣଙ୍କର ସ୍ୱରୂପ ତାହାଙ୍କରହିଁ ପ୍ରେଷ୍ଠଜନ । ତାହାଙ୍କ ସେବାରେହିଁ ଶ୍ରୀନାରାୟଣଙ୍କ ସେବା ହୁଏ ।''

ଶ୍ରୀରାମାନୁଚାର୍ଯ୍ୟ ଏହି କଥା କିଛି ମଧ୍ୟ ଜାଣିନଥିଲେ । ଶ୍ରୀବରାଦାଚାର୍ଯ୍ୟ ଶ୍ରୀଲକ୍ଷ୍ମୀଦେବୀଙ୍କ ହସ୍ତଧାରଣ କରି ଶ୍ରୀଗୁରୁଦେବଙ୍କ ସମ୍ମୁଖରେ ଉପନୀତ ହେଲେ ଏବଂ ତାହାଙ୍କ ପାଦପଦ୍ମରେ ଦଣ୍ଡବତ ପ୍ରଣତ ହୋଇ ଧୀରେ ଧୀରେ ନିଜ ସହଧର୍ମିଣୀର ଆଚରଣ ନିବେଦନ କରିବାରୁ ଶ୍ରୀରାମାନୁଚାର୍ଯ୍ୟ ଯତ୍‌ପରୋନାସ୍ତି ସନ୍ତୁଷ୍ଟ ହେଲେ । ଶ୍ରୀଗୁରୁଦେବଙ୍କ ଆଦେଶାନୁସାରେ ଉକ୍ତ ଦମ୍ପତୀ କିଛି ପ୍ରସାଦ ଗ୍ରହଣ–ପୂର୍ବକ ବଣିକ ଗୃହକୁ ଗମନ କରିଲେ । ଶ୍ରୀବରଦାଚାର୍ଯ୍ୟ ବହିର୍ଦ୍ଦେଶରେ ରହିଲେ । ଶ୍ରୀଲକ୍ଷ୍ମୀଦେବୀ ଗୃହାଭ୍ୟନ୍ତରକୁ ପ୍ରବେଶ କରି ସେହି ପ୍ରସାଦ (ବିଷ୍ଣୁନୈବେଦ୍ୟ) ବଣିକକୁ ଗ୍ରହଣ କରିବାକୁ ଅନୁନୟ କରିବାରୁ ବଣିକ, ପରମାଗ୍ରହର ସହିତ ପ୍ରସାଦ ଗ୍ରହଣ କରିଲେ । ଆହା ! ଶ୍ରୀମହାପ୍ରସାଦ ଓ ଶ୍ରୀମହାମହାପ୍ରସାଦର କି ମାହାତ୍ମ୍ୟ ! ପ୍ରସାଦ–ସମ୍ମାନ ପରେହିଁ ବଣିକ ଅନ୍ୟ ପ୍ରକାରର ଲୋକ ହୋଇଗଲା । ତାହାର କାମ–ପ୍ରବୃତ୍ତି କେଉଁଠି ଚାଲିଗଲା, ସେତେବେଳେ ସେ ଶ୍ରୀଲକ୍ଷ୍ମୀଦେବୀଙ୍କୁ ''ମାତା''ବୋଲି ସମ୍ବୋଧନ କରି କ୍ରନ୍ଦନ କରି କରି ତାହାଙ୍କ ନିକଟରେ ପୁନଃ ପୁନଃ ପ୍ରଣାମ କରିବାକୁ ଲାଗିଲେ । ଶ୍ରୀଲକ୍ଷ୍ମୀଦେବୀ ମଧ୍ୟ ଏହି କଥା ବହିର୍ଦ୍ଦେଶରେ ଅବସ୍ଥିତ ଶ୍ରୀବରଦାଚାର୍ଯ୍ୟଙ୍କ ନିକଟରେ ଆସି କହିଲେ, ପତିପତ୍ନୀ ଉଭୟେହିଁ ଶ୍ରୀଗୁରୁଦେବଙ୍କ ମହାତ୍ମ୍ୟ ସ୍ମରଣ କରି ତାହାଙ୍କରହିଁ ଯଶଗାନ କରିବାକୁ ଲାଗିଲେ । ଅବଶେଷରେ ବଣିକ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଧନ୍ୟ ହେଲେ । ବଣିକ ଶ୍ରୀବରଦାଚାର୍ଯ୍ୟଙ୍କୁ ଶ୍ରୀନାରାୟଣଙ୍କ ସେବା ପାଇଁ ପ୍ରଭୁତ ଭୂସମ୍ପତ୍ତି–ଗୃହ–ଅର୍ଥାଦି ପ୍ରଦାନରେ ଉତ୍ସୁକ ହୋଇ ଶ୍ରୀରାମାନୁଜାଚାର୍ଯ୍ୟଙ୍କ ଅନୁମତି ପ୍ରାର୍ଥନା କରିବାରୁ ଆଚାର୍ଯ୍ୟ ତାହା ଶ୍ରୀବରଦାଚାର୍ଯ୍ୟଙ୍କୁ ନେବାକୁ କହିଲେ । ଏଥିରେ ନିଷ୍ପିଞ୍ଚନ ଶ୍ରୀବରଦାଚାର୍ଯ୍ୟ ଗଳଲଗ୍ନୀକୃତବାସରେ କାତରସ୍ୱରରେ ଶ୍ରୀଗୁରୁଦେବଙ୍କ ନିକଟରେ କହିଲେ,– 'ପ୍ରଭୋ ଆପଣଙ୍କ ଶ୍ରୀପାଦପଦ୍ମର କୃପାସ୍ପଦ ବ୍ୟତୀତ ଆମେ ଯେପରି ସ୍ୱପ୍ନରେ ମଧ୍ୟ ଅନ୍ୟ କୌଣସି ପାର୍ଥିବ ଧନ ପ୍ରାର୍ଥନା ନକରୁ । ଆତ୍ମମାନଙ୍କର ସମଗ୍ର ସତ୍ତା ଓ ଯାହା କିଛି, ତାହା ତ ଆତ୍ମମାନଙ୍କର ନୁହେଁ, ଆମେ ଆପଣଙ୍କ ଶ୍ରୀପଦପଦ୍ମରେ ନିତ୍ୟ ବିକ୍ରୀତ ପଶୁ, ଆପଣାଙ୍କ ଶ୍ରୀପାଦପଦ୍ମଯୁଗଳହିଁ ଆତ୍ମମାନଙ୍କର ସର୍ବସ୍ୱ ।

ଶ୍ରୀଗୁରୁ–ବୈଷ୍ଣବ ସେବା

ଅପାରକୁରଣାପାରାବାର ଶ୍ରୀଭଗବାନଙ୍କର କରୁଣାହିଁ ଯେପରି ଘନୀଭୂତ ମୂର୍ତ୍ତି ପରିଗ୍ରହ କରି ସାଧୁ (ବୈଷ୍ଣବ) ଓ ଗୁରୁ ରୂପରେ ଜୀବର ପରମ ମଙ୍ଗଳ ନିମନ୍ତେ ଜଗତରେ ପ୍ରକଟିତ ହୋଇ ବିଚରଣ କରୁଅଛନ୍ତି । ଶ୍ରୀଭଗବାନଙ୍କର ଏକ କରୁଣାହିଁ କାର୍ଯ୍ୟଭେଦରେ ପୃଥକ୍ ପୃଥକ୍ ମୂର୍ତ୍ତି ପରିଗ୍ରହ କରି ସାଧୁ ଓ ଗୁରୁ ନାମ ଧାରଣ କରନ୍ତି । ସାଧୁଗଣଙ୍କର କାର୍ଯ୍ୟ ମାୟାମୁଗ୍ଧ ଜୀବର ଯାହାଦ୍ୱାରା ଭଗବତ୍ ସାମ୍ମୁଖ୍ୟ ହେବ, ତାହାର ପ୍ରାଥମିକ ଉପାୟ ଶ୍ରୀଭଗବତ୍ କଥାଦିରେ

ରୁଚି ଜନ୍ମାଇ କ୍ରମଶଃ ଶ୍ରୀଭଗବଭଜନର ମୂଳ ଶ୍ରୀଗୁରୁପାଦପଦ୍ମ ସମାଶ୍ରୟର କର୍ତ୍ତବ୍ୟତା ବୋଧ କରାଇବା । ଆଉ ଶ୍ରୀଗୁରୁଙ୍କର ପ୍ରାଥମିକ କାର୍ଯ୍ୟ ଶ୍ରୀଭଗବାନଙ୍କ ସହିତ ଜୀବର ସମ୍ବନ୍ଧ ସ୍ଥାପନ କରିବା । ମନେ ରଖିବାକୁ ହେବ, ସଦ୍‌ବୈଷ୍ଣବଙ୍କ କୃପା ଫଳରେହିଁ ସଦ୍‌ଗୁରୁଙ୍କ ଉଦ୍ଦେଶ୍ୟ ପାଇଅଛି, ବୈଷ୍ଣବଙ୍କ ସଙ୍ଗ ମହିମାରେ ଗୁରୁପାଦାଶ୍ରୟର କର୍ତ୍ତବ୍ୟତା ଜ୍ଞାନର ଉଦୟ ହୋଇଛି । କରୁଣାମୟ ବିଗ୍ରହ ଶ୍ରୀବୈଷ୍ଣବଙ୍କ କୃପାଶୀର୍ବାଦ ଫଳରେ ଭଗବାନଙ୍କର ବିଶେଷ ଭକ୍ତାବତାର ଶ୍ରୀଗୁରୁ ଚରଣର ଆଶ୍ରୟ ପାଇଅଛି, ବୈଷ୍ଣବ ମହାତ୍ମା ଗଣହିଁ କୃପାପରବଶ ହୋଇ ଭଗବଭଜନର ମୂଳ ଶ୍ରୀଗୁରୁରୂପ ଅମୂଲ୍ୟ ବସ୍ତୁ ମୋତେ ଦାନ କରିଛନ୍ତି । ସେମାନଙ୍କର କୃପାର ଦାନ ଗୁରୁ ବସ୍ତୁକୁ ନିଜର ସର୍ବସ୍ୱ କରିବାକୁ ହେଲେ ସେମାନଙ୍କର କୃପାର ଆଶ୍ରିତ ହେବାକୁ ହେବ, ନତୁବା ଗୁରୁବସ୍ତୁକୁ ଆମେ ସର୍ବସ୍ୱ କରି ରଖିପାରିବା ନାହିଁ । ଶାସ୍ତ୍ରମତେ ଗୁରୁକରଣ ପୂର୍ବକ ଗୁରୁଙ୍କ ନିକଟରୁ ସାଧନ ଭଜନ ଶିକ୍ଷା କରି ସାଧନରେ ପ୍ରବୃତ୍ତି ହେଲେ, କିନ୍ତୁ ଯଦି ସେହି ସତ୍ ମହାପୁରୁଷ ଭଗବଭକ୍ତଜନଙ୍କର ଚରଣରେ କୃତଜ୍ଞତା ନଥାଏ, ସେମାନଙ୍କର ଚରଣ ସେବାରେ ଯଦି ବିମୁଖତା ଆସେ, ତାହାହେଲେ ଶାସ୍ତ୍ରବାକ୍ୟ, ଗୁରୁପଦେଶ ସାଧନକ୍ରିୟା ସମସ୍ତହିଁ ମହଦପରାଧ ବିଷରେ ଜର୍ଜରିତ ହୋଇ ଉଠିବ । ମନେ ରଖିବାକୁ ହେବ ଭଗବଦବତାର ବିଶେଷ ଶ୍ରୀଗୁରୁଦେବଙ୍କଠାରୁ ଯେଉଁ ଭଗବତ୍ ସାଧନ ଶ୍ରବଣ କୀର୍ତ୍ତନାଦି ଭକ୍ତିଲତାର ବୀଜ ଲାଭ ହୁଏ, ସେଥିରେ ଭଗବଭକ୍ତକୃପାମୃତ ସେଚନ କରି ପାରିଲେହିଁ ଭକ୍ତିଲତା ବର୍ଦ୍ଧିତ ଏବଂ ପୁଷ୍ଟ ହୋଇ ଭଗବତ୍ ପ୍ରୀତି ଫଳ ଧାରଣ କରିବେ, କିନ୍ତୁ ମହତ୍ ଅନାଦରରୂପି ମହାତାପ ପାଇଲେ ଭକ୍ତିଲତା ଶୁଷ୍କ ହୋଇଯିବ । ଶାସ୍ତ୍ରାଲୋଚନା ଏବଂ ଗୁରୁସେବା କରିଲେ ମଧ୍ୟ ଭଗବଭକ୍ତ ମହାପୁରୁଷଙ୍କର କୃପା ବ୍ୟତୀତ ଭକ୍ତିଲତା ଭଗବତ୍ ପ୍ରୀତିଫଳ ଧାରଣ କରେ ନା । ସଦ୍‌ଗୁରୁଙ୍କ ଉପଦେଶ ଲାଭ କରିଲେ ମଧ୍ୟ ତତ୍ତ୍ୱଜ୍ଞାନ ଲାଭ ହେବ ନାହିଁ । ଶାସ୍ତ୍ରାଲୋଚନା କରିଲେ ମଧ୍ୟ ସତ୍ ମହାପୁରୁଷଙ୍କର କରୁଣାଞ୍ଜନର ଅପେକ୍ଷା ଅଛି, ନହେଲେ ଶାସ୍ତ୍ର ଅନୁଭବ ଦିବ୍ୟଦୃଷ୍ଟି ଲାଭ ହେବ ନାହିଁ । ବୈଷ୍ଣବବୃନ୍ଦଙ୍କ କୃପାଶୀଷ ରୂପି ଦୃଢ଼ କବଚ ଭିତରେ ହିଁ ଆମର ପରମ ଧନ 'ଶ୍ରୀଗୁରୁଦେବ' ରୂପି ମହାଚିନ୍ତାମଣି ସୁସୁରକ୍ଷିତ ରହିବ, ଅନ୍ୟଥା ନୁହେଁ ।

ସେବାରେ ସନ୍ତୁଷ୍ଟ ହୋଇ ଶ୍ରୀଗୁରୁଦେବ ଭଜନରହସ୍ୟ ଦାନ କରିଲେ ମଧ୍ୟ ଏବଂ ଶ୍ରୀଗୁରୁକୃପାଶିଷ ଲାଭ କରିଲେ ମଧ୍ୟ ସଦ୍‌ମହାପୁରୁଷଙ୍କର କୃପା ସାହାଯ୍ୟ ନପାଇଲେ ସାଧକର ସାଧନ ସିଦ୍ଧ ହୁଏନା । ଯେଉଁମାନେ ସଦ୍‌ଗୁରୁଙ୍କ କୃପାରୁ ଭକ୍ତି ସାଧନ ପଦ୍ଧତି ଲାଭ କରି ସେଥିରେ ପ୍ରବୃତ୍ତ ହୋଇଛନ୍ତି, ସେମାନଙ୍କର ଅନାୟାସରେ ସାଧନ ସିଦ୍ଧିର ପରମୋପାୟ ହେଲା ବୈଷ୍ଣବଚରଣ ସେବା ଦ୍ୱାରା ସେମାନଙ୍କ କୃପାଶକ୍ତି ସାହାଜ୍ୟ ଲାଭ କରିବା । ଅଧିକ କଣ, ଶ୍ରୀଗୁରୁକୃପାଶକ୍ତି ମଧ୍ୟ ବୈଷ୍ଣବ କୃପାଶକ୍ତିକୁ ଅପେକ୍ଷା କରେ । "ପଶ୍ୟନ୍ତି ଯୁକ୍ତା ମନଷା" (ଭା।୮।୬) ଏହାର ଟୀକାରେ ଶ୍ରୀଚକ୍ରବର୍ତ୍ତିପାଦ୍ କହିଛନ୍ତି – *"ଶ୍ରୀଗୁରୁପଦିଷ୍ଟୟା ଶ୍ରବଣକୀର୍ତ୍ତନାଦିଭକ୍ତ୍ୟା.... ମୁହୁର୍ମ୍ମୁହୁତୟା ତ୍ୱାଂ ପଶ୍ୟନ୍ତି । .... ସାଧୁସାହାଯ୍ୟଭୂୟସ୍ତେ ତ୍ୱଜ୍ଜାୟାସେନୈବ ।"* ଅର୍ଥାତ୍ –"ଯୁକ୍ତ ସାଧକ ବ୍ୟକ୍ତି ଶ୍ରୀଗୁରୁପଦିଷ୍ଟଭଗବତ୍ ଶ୍ରବଣ କୀର୍ତ୍ତନାଦି ଭକ୍ତିର ମୁହୁର୍ମୁହୁ (ବାରମ୍ବାର) ଅନୁଷ୍ଠାନ ଦ୍ୱାରା ତୁମକୁ ଦର୍ଶନ କରନ୍ତି, କିନ୍ତୁ ସାଧୁ ଭକ୍ତଜନଙ୍କର ସଙ୍ଗ କୃପାଦି ସାହାଯ୍ୟ ଯଦି ବାରମ୍ବାର ମିଳେ ବା ପ୍ରଚୁର ସାଧୁକୃପାର ସାହାଯ୍ୟ ମିଳେ

ତାହାହେଲେ ଅନାୟାସରେହିଁ ତୁମ ଦର୍ଶନ ଲାଭ ହୁଏ ।" ତଦ୍ରୂପ ଶ୍ରୀବୈଷ୍ଣବବୃନ୍ଦଙ୍କ କୃପା ସତ୍ତ୍ୱେ ଶ୍ରୀଗୁରୁଦେବଙ୍କ ଅପ୍ରସନ୍ନତାରେ ମଧ୍ୟ ଭକ୍ତି ଲଭ୍ୟ ହୁଏ ନାହିଁ । ଅତଏବ ଏହା ସ୍ପଷ୍ଟ ଭାବରେ ବୁଝାଯାଉଅଛି ଯେ ସାଧନମାର୍ଗରେ ଶ୍ରୀଗୁରୁବୈଷ୍ଣବ ଉଭୟଙ୍କର କୃପାହିଁ ପରମ ମଙ୍ଗଳକର । ଉଭୟଙ୍କ କୃପା ଶକ୍ତି ସାଧକ ନିକଟରେ ସମ୍ମିଳିତ ହେଲେହିଁ ସାଧନ ସିଦ୍ଧ ହେବ ।

ଏହାଫଳରେ ଯେପରି କେହି ମନେ ନକରନ୍ତି ଯେ ଶ୍ରୀଗୁରୁ କୃପାଶକ୍ତି ମଧ୍ୟ ଯେତେବେଳେ ବୈଷ୍ଣବ କୃପାଶକ୍ତିର ଅପେକ୍ଷା ରଖନ୍ତି ଏଥିରେ ଶ୍ରୀଗୁରୁଙ୍କ ନିରଙ୍କୁଶ ମହିମା ଖର୍ବ ହେଲା । ନା, ନା ବାସ୍ତବରେ ତାହା ନୁହେଁ – ଶ୍ରୀଭଗବାନଙ୍କର ଏକହିଁ ଅନୁଗ୍ରହ ଶକ୍ତି ଜଗଜ୍ଜୀବର ଉଦ୍ଧାର ପାଇଁ ଶ୍ରୀଗୁରୁ ଓ ଶ୍ରୀବୈଷ୍ଣବରୂପ ଧାରଣ କରିଅଛନ୍ତି, ଉଭୟଯିଁ ଶ୍ରୀଭଗବାନଙ୍କର କାରୁଣ୍ୟଘନ ବିଗ୍ରହ । ଜଣକର ଶ୍ରୀଗୁରୁଦେବ ଅନ୍ୟଙ୍କ ପାଇଁ ବୈଷ୍ଣବ ମାତ୍ର ଏବଂ ଅନ୍ୟଙ୍କର ଗୁରୁଦେବ ନିଜ ପାଇଁ ବୈଷ୍ଣବ ମାତ୍ର, ତେଣୁ ଏହି ଉଭୟ ତତ୍ତ୍ୱ ସମମର୍ଯ୍ୟାଦାସମ୍ପନ୍ନ ଅଟନ୍ତି । ଶ୍ରୀଗୁରୁସେବା ଓ ଶ୍ରୀବୈଷ୍ଣବସେବା ଉଭୟହିଁ ଶ୍ରୀଭଗବାନଙ୍କ କରୁଣାର ସେବା । ଗୋଟିକର ଅଭାବରେ ଅପରଟୀ ଅପୂର୍ଣ୍ଣ ହୋଇଯାଏ । ଗୁରୁସେବା କରାଯାଏ, କିନ୍ତୁ ବୈଷ୍ଣବ ସେବାରେ ଆଗ୍ରହ ନାହିଁ, ତାହା ବସ୍ତୁତଃ ପୂର୍ଣ୍ଣ ଗୁରୁସେବା ନୁହେଁ। ପୁନଃ ବୈଷ୍ଣବ ସେବା କରାଯାଏ କିନ୍ତୁ ଗୁରୁସେବାରେ ଆଗ୍ରହ ନାହିଁ ତାହା ମଧ୍ୟ ପୂର୍ଣ୍ଣ ବୈଷ୍ଣବ ସେବା ବୋଲି କୁହାଯାଏ ନାହିଁ। ସମକାଳୀନ ଉଭୟଙ୍କର ସେବା ନହେଲେ ସମ୍ପୂର୍ଣ୍ଣ ଗୁରୁତତ୍ତ୍ୱର ସେବା ହୁଏ ନାହିଁ । ସେଥିପାଇଁ ଠାକୁର ମହାଶୟ କହିଅଛନ୍ତି–

"ଛାଡ଼ିଆ ବୈଷ୍ଣବସେବା, ନିସ୍ତାର ପେୟେଛେ କେବା, ଅନୁକ୍ଷଣ ଖେଦ ଉଠେ ମନେ ।
ନରୋତ୍ତମଦାସ କୟ, ଜୀବେର ଉଚିତ ନୟ, ଶ୍ରୀଗୁରୁବୈଷ୍ଣବ ସେବା ବିନେ ।"

ଅତଏବ ଯେଉଁ ସାଧକ ଉଭୟ ତତ୍ତ୍ୱର ସମ୍ୟକ୍ ହୃଦୟଙ୍ଗମ ଅଭାବରେ ଅଥବା ମୋହଗ୍ରସ୍ତ ହୋଇ ଶ୍ରୀଗୁରୁମହିମାର ଉତ୍କର୍ଷତା ଖ୍ୟାପନ କରି ବା ଗୁରୁସେବାର ବାହାନା କରି ବୈଷ୍ଣବଙ୍କୁ ତୁଚ୍ଛ କରନ୍ତି । ସେ ଶ୍ରୀଗୁରୁ ଓ ଶ୍ରୀବୈଷ୍ଣବ ଉଭୟଙ୍କ ଚରଣରେହିଁ ଅପରାଧ ଅର୍ଜ୍ଜନ କରନ୍ତି କାରଣ ସଦ୍‌ଗୁରୁ ବୈଷ୍ଣବପ୍ରିୟ, ବୈଷ୍ଣବ ତାହାଙ୍କର ପ୍ରାଣଧନ । ବୈଷ୍ଣବ ପ୍ରିୟତା ଯେଉଁସ୍ଥଳେ ନାହିଁ ସେ ସ୍ଥଳେ ସଦ୍‌ଗୁରୁ ପ୍ରୀତି ଲାଭ କରନ୍ତି ନାହିଁ । ତଦ୍ରୂପ ବୈଷ୍ଣବ ସେବାରେ ମନୋନିବେଶ କରି ଗୁରୁସେବାକୁ ତୁଚ୍ଛ କରିଲେ ମଧ୍ୟ ଉଭୟଙ୍କ ନିକଟରେ ଅପରାଧ ଅର୍ଜ୍ଜନ କରିବାକୁ ହୁଏ । ଏ ବିଷୟରେ ଉଭୟଙ୍କର ମହତୀକୃପାହିଁ ଏକମାତ୍ର ନିରପରାଧ ହେବାର ଉପାୟ ।

ବାସ୍ତବରେ ଯିଏ ନିଷ୍କପଟରେ ନିଜର ପ୍ରାଧାନ୍ୟ ଛାଡ଼ି ଅକୁଟିଳ ଭାବରେ ଶ୍ରୀଗୁରୁସେବା କରି ଶ୍ରୀଗୁରୁତତ୍ତ୍ୱର ସନ୍ତୋଷ ବିଧାନ କରିଅଛନ୍ତି, ତାହାର ଫଳସ୍ୱରୂପ ସେମାନଙ୍କର ବୈଷ୍ଣବଙ୍କ ଶ୍ରୀଚରଣରେ ରତି (ନିଷ୍ଠା) ଓ ଶରଣାଗତିର ସ୍ୱତଃ ଉଦୟ ଘଟିଥାଏ, ଏବଂ ଯେଉଁମାନେ ନିଷ୍କପଟ ବୈଷ୍ଣବସେବୀ ସେମାନଙ୍କର ସ୍ୱତଃହିଁ ଶ୍ରୀଗୁରୁଚରଣରେ ଅନୁରାଗର ଉଦୟ ହୁଏ ।

ଗୁର୍ବପରାଧ

ଶ୍ରୀଭକ୍ତିସନ୍ଦର୍ଭରେ ଶ୍ରୀଜୀବଗୋସ୍ୱାମୀପାଦ୍ କହିଛନ୍ତି – ଯେତେ ପ୍ରକାରର ଅପରାଧ ଅଛି ତାହାର ମୂଳ ହେଉଛି ଅପ୍ରାକୃତ ବିଷୟରେ ଅଶ୍ରଦ୍ଧା ବା ଅନାଦର । ଅପରାଧ (୧)ବର୍ତ୍ତମାନ୍ ଜନ୍ମକୃତ (୨)ପୂର୍ବଜନ୍ମ କୃତ ଓ (୩)ପରମ୍ପରାଗତ ହୋଇପାରେ । ଅପରାଧ ଶୂନ୍ୟ ନହେଲେ

ସର୍ବସିଦ୍ଧିପ୍ରଦ ପରମକରୁଣାମୟ ଶ୍ରୀନାମଙ୍କର ମଧ୍ୟ କୃପାଲାଭ ହୁଏନା । ଏଥିପାଇଁ ଦଶପ୍ରକାରର ନାମାପରାଧ ମଧ୍ୟେ ସର୍ବାଗ୍ରେହିଁ ସାଧୁନିନ୍ଦାରୂପ ପ୍ରଧାନତମ ଅପରାଧଟି ପରିତ୍ୟାଗର କଥା ଉକ୍ତ ହୋଇଅଛି – *"ସତାଂ ନିନ୍ଦା ନାମ୍ନଃ ପରମପରାଧଂ ବିତନୁତେ । ଯତଃ ଖ୍ୟାତିଂ ଯାତଂ କଥମୁ ସହତେ ତଦ୍‌ବିଗର୍ହାମ୍ ।"* ଶ୍ରୀସନାତନପାଦ୍ ଟୀକାରେ (ହ.ଭ.ବି.୧୧।୫୨୧) ଲେଖିଛନ୍ତି– *"ଅସ୍ୟ ଚ ମୁ ଖ୍ୟତ୍ୱାଦାଦୌ ନିର୍ଦ୍ଦେଶଃ ।"* ସାଧୁବର୍ଗଙ୍କର ନିନ୍ଦା ଶ୍ରୀନାମଙ୍କ ନିକଟରେ ପରମ ଅପରାଧ ବିସ୍ତାର କରେ । ଯେଉଁ ସମସ୍ତ ନାମପରାୟଣ ସାଧୁଙ୍କ ଦ୍ୱାରା ଶ୍ରୀକୃଷ୍ଣ ନାମ-ମହିମା ପ୍ରସିଦ୍ଧି ଲାଭ କରନ୍ତି (ପ୍ରଚାରିତ ହୁଅନ୍ତି), ଶ୍ରୀନାମପ୍ରଭୁ ସେହି ସମସ୍ତ ସାଧୁନିନ୍ଦା କିପରି ଭାବରେ ସହ୍ୟ କରିବେ । ଶ୍ରୀସନାତନଗୋସ୍ୱାମୀପାଦ୍‌ଙ୍କ ମତରେ ସାଧୁନିନ୍ଦାରୂପ ନାମାପରାଧଟି ମୁଖ୍ୟ ବୋଲି ସର୍ବପ୍ରଥମେ ନିର୍ଦ୍ଦେଶ କରାହୋଇଛି ।

ଶ୍ରୀଗୁରୁଦେବ ହେଲେ ସାଧୁଗଣଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ସେଥିପାଇଁ ପୃଥକ୍ ଭାବରେ ଗୁରୁ-ଅବଜ୍ଞାକୁ ମଧ୍ୟ ଗୋଟିଏ ନାମାପରାଧ ମଧ୍ୟରେ ଗଣନା କରାହୋଇଅଛି । ଶ୍ରୀନାମ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ ହୃଦୟରେ ନିଜ ଅଭୀଷ୍ଟଦେବଙ୍କର ସ୍ଫୂର୍ତ୍ତି ନହେଲେ ବୁଝିବାକୁ ହେବ, ନିଶ୍ଚୟହିଁ ସ୍ଫୂର୍ତ୍ତିର ବାଧକ ଅପରାଧ ହୃଦୟରେ ନିହିତ ଅଛି । କୁଟିଳତା, ଅଶ୍ରଦ୍ଧା, ଭଗବଦ୍‌ବିଷୟିଣୀ ନିଷ୍ଠାର ଚ୍ୟୁତିକାରକ ଜଡ଼ାଭିନିବେଶ, ଭଜନରେ ଶୈଥିଲ୍ୟ ଏବଂ ଭଜନ ବା ସେବା କରୁଅଛି ବୋଲି ମନେ ମନେ ଅହଙ୍କାର ପ୍ରଭୃତି ଅନର୍ଥ ଯଦି ମହତଙ୍କ ସଙ୍ଗପ୍ରଭାବରେ ମଧ୍ୟ ନିବୃତ୍ତି ନହୁଏ, ତେବେ ବୁଝିବାକୁ ହେବ ସାଧୁନିନ୍ଦା ପ୍ରଭୃତି ନାମାପରାଧରହିଁ କାର୍ଯ୍ୟ ସ୍ୱରୂପ ଏହି କୌଟିଲ୍ୟ ପ୍ରଭୃତିର ସତ୍ତା ହୃଦୟରେ ବିଦ୍ୟମାନ୍ ଅଛି । ହୁଏତ ଏଜନ୍ମରେ କୌଣସି ଅପରାଧର ଦୃଷ୍ଟାନ୍ତ ଦେଖାଯାଏ ନା, କିନ୍ତୁ ପୂର୍ବଜନ୍ମକୃତ ଅପରାଧରହିଁ ଚିହ୍ନରୂପେ ଉକ୍ତ କୌଟିଲ୍ୟାଦିର ସତ୍ତା ବିଦ୍ୟମାନ୍ ଅଛି ବୋଲି ଜାଣିବାକୁ ହେବ । ଆଧୁନିକ କାଳର ଅପରାଧୀ ବ୍ୟକ୍ତିଗଣ ଶ୍ରୀଗୁରୁଙ୍କଠାରେ, ଶ୍ରୀଭଗବାନଙ୍କଠାରେ ଓ ତାହାଙ୍କ ଭକ୍ତଗଣଙ୍କ ପ୍ରତି ବାହାରେ ଅର୍ଚ୍ଚନାଦିର ଛଳନା କରିଲେ ମଧ୍ୟ ତାହାଙ୍କ ହୃଦୟରେ ଅପରାଧଜନିତ କୌଟିଲ୍ୟ ଥାଏ । ଏହିପରି କୁଟିଳଚିତ୍ତ ବ୍ୟକ୍ତିଗଣଙ୍କର ପ୍ରକୃତ ଗୁରୁ-ପାଦପଦ୍ମ ଦର୍ଶନ ହୁଏନା । (ଶ୍ରୀଭକ୍ତିସନ୍ଦର୍ଭ ୧୫୩ଅନୁ) ମହତ୍ ବା 'ଗୁରୁ', ଅପରାଧୀ ବହିର୍ମୁଖ ଜୀବ ଦୃଷ୍ଟିରେହିଁ ଆସନ୍ତି ନାହିଁ । ଏହାହିଁ ଶ୍ରୀମଦ୍ଭାଗବତର ସିଦ୍ଧାନ୍ତ ।

ପରମେଶ୍ୱର ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ଅଲୌକିକ ପ୍ରେମମୟ ଲୀଳାବଳୀକୁ ସମ୍ୟକ୍ ହୃଦୟଙ୍ଗମ କରି ନପାରି ସେହି ସମୟର ବହିର୍ମୁଖ ସମାଜ ଏପରିକି ତତ୍ତ୍ୱଜ୍ଞ, ଧାର୍ମିକ, ଶାସ୍ତ୍ରଜ୍ଞ ଅଭିମାନକାରୀ ବ୍ୟକ୍ତିଗଣ ତାହାଙ୍କୁ ନିନ୍ଦା କରିଥିଲେ । ଅବଧୂତ ଶିରୋମଣି ଶ୍ରୀନିତାଇଚାନ୍ଦ ସନ୍ୟାସୀ ହୋଇ ମଧ୍ୟ ଆଶ୍ରମାଚାର ବର୍ଜିତ ତାମ୍ବୂଳଚର୍ବଣ, ସୁବର୍ଣ୍ଣ-ରୋପ୍ୟ ଅଳଙ୍କାର ଧାରଣ, କଷାୟ କୌପୀନ ଓ ଦୀବ୍ୟ ପଟ୍ଟବାସ, ଲୌହଦଣ୍ଡ ଧାରଣ ଶୂଦ୍ରଗୃହରେ ବସତି, ଉଲଗ୍ନ ହୋଇ ନଦିୟାନଗରରେ ଭ୍ରମଣ ଇତ୍ୟାଦି ଅଚିନ୍ତନୀୟ ଲୀଳାସମୂହ ଦର୍ଶନରେ ବହିର୍ମୁଖ ଜୀବ ତାହାଙ୍କ ଅଶେଷ ବିଶେଷ ନିନ୍ଦା ଓ ବିଗୁଣ କୀର୍ତ୍ତନରେ ପ୍ରବୃତ୍ତ ହୋଇଥିଲେ ମଧ୍ୟ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ଶିଷ୍ୟ ଶ୍ରୀବୃନ୍ଦାବନ ଦାସ ଠାକୁରଙ୍କ ଶ୍ରୀଗୁରୁଭକ୍ତିରେ ଲେଶମାତ୍ର ହାନି ଘଟିଲାନାହିଁ । ଶ୍ରୀବୃନ୍ଦାବନ ଦାସ ଠାକୁର ଶ୍ରୀଚୈତନ୍ୟଭାଗବତରେ ଲେଖିଛନ୍ତି ।(୯।୨୪୧-୪୨)-

ବିଷୟ-ମଦାନ୍ଧ ସବ କିଛୁଇ ନା ଜାନେ । ବିଦ୍ୟାମଦେ ଧନମଦେ ବୈଷ୍ଣବ ନାଚିନେ ॥
ଭାଗବତ ପଢ଼ିୟା ଓ କରୋ ବୁଦ୍ଧି ନାଶ । ନିତ୍ୟାନନ୍ଦ ନିନ୍ଦା କରେ ଯାଇବେକ ନାଶ ॥

ପୁନଃ କହିଛନ୍ତି – *"ସାଧୁନିନ୍ଦା ଶୁନିଲେ ସୁକୃତ ହୟ କ୍ଷୟ । ଜନ୍ମ ଜନ୍ମ ଅଧଃପାତ ବେଦେ ଏଇ କୟ ॥ ଅତଏବ ନିନ୍ଦୁକ-ସନ୍ୟାସୀ ବାଟୋୟାର । ବାଟୋୟାର ହୈତେ ଓ ଅନନ୍ତ ଦୁରାଚାର ॥ ଚାରିବେଦ ପଢ଼ିୟାଓ ଯବ ନିନ୍ଦା କରେ । ଜନ୍ମ ଜନ୍ମ କୁମ୍ଭୀପାକେ ଡୁବିୟା ସେ ମରେ ॥ ଭାଗବତ ପଢ଼ିୟା ଓ କାରୋ ବୁଦ୍ଧି ନାଶ । ନିତ୍ୟାନନ୍ଦ ନିନ୍ଦା କରେ ହଇବେ ସର୍ବନାଶ ॥"* (୨୦।୧୪୪,୧୫୦) ଶ୍ରୀବୃନ୍ଦାବନ ଦାସଠାକୁର (ଚୈ:ଭା:ମ-୮।୧୫-୧୬ରେ) ଶ୍ରୀଶ୍ରୀବାସପଣ୍ଡିତଙ୍କ ବାକ୍ୟ ଓ (ଚୈ:ଭା:ଅ ୭।୨୩-୨୪ରେ) ସ୍ୱୟଂ ଶ୍ରୀମନ୍ମହାପ୍ରଭୁଙ୍କ ବାକ୍ୟ ଉଦ୍ଧାର କରି କହିଛନ୍ତି-

ମଦିରା-ଯବନୀ ଯଦି ନିତ୍ୟାନନ୍ଦ ଧରେ । ଜାତି-ପ୍ରାଣ-ଧନ ଯଦି ମୋର ନାଶକରେ ॥
ତଥାପି ମୋହାର ଚିତ୍ତ ନହିବ ଅନ୍ୟଥା । ସତ୍ୟ-ସତ୍ୟ ତୋମାରେ କହିଲୁ ଏଇ କଥା ॥
ଗୃହ୍ଣୀୟାଦ୍ ଯବନୀ-ପାଣିଂ ବିଶେଦ୍ୱା ଶୌଣ୍ଡିକାଳୟମ୍ । ତଥାପି ବ୍ରହ୍ମଣୋ ବନ୍ଦ୍ୟଂ ନିତ୍ୟାନନ୍ଦ-ପଦାମ୍ବୁଜମ୍ ॥
ମଦରା ଯବନୀ ଯଦି ଧରେ ନିତ୍ୟାନନ୍ଦ । ତଥାପି ବ୍ରହ୍ମାର ବନ୍ଦ୍ୟ ବଲେ ଗୌରଚନ୍ଦ୍ର ॥

ମହାପୁରୁଷ ତଥା ଆଚାର୍ଯ୍ୟ ହୋଇ ସେ କାହିଁକି ଆଶ୍ରମାଚାର ପ୍ରଦର୍ଶନ କରୁନାହାନ୍ତି, ନବଦ୍ୱୀପର ବିପ୍ରଙ୍କର ଏହି ସନ୍ଦେହ ନିରସନରେ ଶ୍ରୀମହାପ୍ରଭୁ କହିଲେ, – *"ଶୁନବିପ୍ର ମହା ଅଧିକାରୀ ଯେବା ହୟ । ତବେ ତାନ ଦୋଷଗୁଣ କିଛୁ ନା ଜନ୍ମୟ ॥"* ଶ୍ରୀମଦ୍ଭାଗବତ (୧୧।୨୦।୩୬)ରେ ଅଛି – *'ନ ମଯ୍ୟେକାନ୍ତଭକ୍ତାନାଂ ଗୁଣଦୋଷୋଦ୍ଭବା ଗୁଣାଃ । ସାଧୂନାଂ ସମଚିତ୍ତାନାଂ ବୁଦ୍ଧେଃ ପରମୁପେୟୁଷାମ୍ ॥'* – ଯିଏ ମୋ ପ୍ରତି ଐକାନ୍ତିକ ଭକ୍ତି ବିଶିଷ୍ଟ ଏବଂ ମତ୍‌ପର ହୋଇ ମଧ୍ୟ – ସ୍ୱର୍ଗ, ମୋକ୍ଷ ଓ ନରକରେ ତୁଲ୍ୟାର୍ଥଦର୍ଶୀ ବା ସମଚିତ୍ତ, ଯେଉଁମାନେ ପ୍ରକୃତିର ଅତୀତ ଭଗବାନଙ୍କୁ ଲାଭ କରିଅଛନ୍ତି, ସେହିପରି ଭକ୍ତିଦ୍ୱାରା ସିଦ୍ଧ ସାଧୁଗଣଙ୍କର କଥା ଦୂରରେ ଥାଉ, ସୁଦୁରାଚାର କଳ୍ପ ଅନନ୍ୟ ଭକ୍ତି ସାଧକଗଣଙ୍କ ମଧ୍ୟ ବିହିତ ଓ ନିଷିଦ୍ଧ କର୍ମ ପାଇଁ ପୁଣ୍ୟ ଓ ପାପର ଅର୍ଜନ କରିବାକୁ ହୁଏନା ।(ଚକ୍ରବର୍ତ୍ତୀପାଦ୍ ଟୀକା)

ପଦ୍ମପତ୍ରେ ଯେନ କଭୁ ନାହିଁ ଲାଗେ ଜଲ । ଏଇ ମତ ନିତ୍ୟାନନ୍ଦ ସ୍ୱରୂପ ନିର୍ମଳ ॥
ପରମାର୍ଥେ କୃଷ୍ଣଚନ୍ଦ୍ର ତାଁହାର ଶରୀରେ । ନିଶ୍ଚୟ ଜାନିହ ବିପ୍ର ସର୍ବଦା ବିହରେ ॥
ଅଧିକାରୀ ବଇ କରେ, ତାହାନ ଆଚାର । ଦୁଃଖପାୟ ସେହି ଜନ, ପାପଜନ୍ମେ'ତାର ॥
ରୁଦ୍ର ବିନେ ଅନ୍ୟେ ଯଦି କରେ ବିଷପାନ । ସର୍ବଥାୟ ମରେ, ସର୍ବପୁରାଣ-ପ୍ରମାଣ ॥
ଧର୍ମବ୍ୟତିକ୍ରମୋ ଦୃଷ୍ଟ ଈଶ୍ୱରାନାଞ୍ଚ ସାହସମ୍ । ତେଜୀୟସାଂ ନ ଦୋଷାୟ ବହ୍ନେଃ ସର୍ବଭୁଜୋ ଯଥା ॥
ନୈତତ୍ ସମାଚରେଜ୍ଜାତୁ ମନସାପି ହ୍ୟନୀଶ୍ୱରଃ । ବିନଶ୍ୟତ୍ୟାଚରନ୍ମୌଢ୍ୟାଦ୍ ଯଥା ରୁଦ୍ରୋଽବ୍ଧିଜଂ ବିଷମ୍ ॥
(ଭା ୧୦।୩୩।୨୯-୩୦)
ଏତେକ ଯେ ନା ଜାନିୟା ନିନ୍ଦେ ତାନ କର୍ମ । ନିଜ ଦୋଷେ ସେ-ଇହଃ ପାୟ ଜନ୍ମ ଜନ୍ମ ॥
ଗର୍ହିତୋ କରୟେ ଯଦି ମହା-ଅଧିକାରୀ । ନିନ୍ଦାର କି ଦାୟ ତାଁରେ ହାସିଲେଇ ମରି ॥ (ଚୈ:ଭା:ଅ ୭।୨୩-୨୪)

ଶ୍ରୀପରୀକ୍ଷିତ ମହାରାଜ ଶୁଷ୍କ ତାର୍କିକ, ମୀମାଂସକାଦି ତଥା ଅବୈଷ୍ଣବ ବ୍ୟକ୍ତିଗଣଙ୍କ ଅଭିପ୍ରାୟ, ସନ୍ଦେହ, କୁତର୍କର ଅନୁମାନ କରିହିଁ ସେମାନଙ୍କର ମଙ୍ଗଳ ପାଇଁ ନିଜ ସନ୍ଦେହ ଛଳରେହିଁ ପ୍ରଶ୍ନ କରିଥିଲେ, –"ଶ୍ରୀଭଗବାନ ଧର୍ମର ସଂସ୍ଥାପନ ପାଇଁ ଓ ଅଧର୍ମର ପ୍ରଶମନ ପାଇଁହିଁ ଜଗତରେ ଅବତୀର୍ଣ୍ଣ ହୁଅନ୍ତି, ସେହି ଧର୍ମସେତୁର ବକ୍ତା, କର୍ତ୍ତା ଓ ଅଭିରକ୍ଷିତା ହୋଇ

ଶ୍ରୀଭଗବାନ କିପରି ପରଦାରାଭିମର୍ଷଣ ରୂପି ପ୍ରତିକୂଳ ଆଚରଣ କରିଥିଲେ ?'' ଏହାର ଉତ୍ତରରେ ଶ୍ରୀଶୁକଦେବ ଗୋସ୍ୱାମୀ କହିଲେ -''ଧର୍ମର ବ୍ୟାଘାତ ବା ବିଶେଷ ଉଲଂଘନ ପରମେଶ୍ୱରଙ୍କ ପକ୍ଷରେ ଦୂରରେ ଥାଉ, ଯେଉଁମାନେ ଈଶ୍ୱର ଅର୍ଥାତ୍ ପରମେଶ୍ୱରଙ୍କ କିଞ୍ଚିତ ଐଶ୍ୱର୍ଯ୍ୟ ବା ଶକ୍ତି ଲାଭ କରିଅଛନ୍ତି, ଏହିପରି ବ୍ରହ୍ମା, ରୁଦ୍ର, ଇନ୍ଦ୍ର, ଚନ୍ଦ୍ର, ବିଶ୍ୱାମିତ୍ର, ବୃହସ୍ପତି ପ୍ରଭୃତି ବ୍ୟକ୍ତିଗଣଙ୍କର ଅଥବା ଯେଉଁମାନେ 'କର୍ତ୍ତୁମକର୍ତ୍ତୁମନ୍ୟଥା କର୍ତ୍ତୁଂ ସମର୍ଥ', ଯେଉଁମାନେ ଜ୍ଞାନ ଓ ଭକ୍ତିରେ ସମର୍ଥ ବା ଯେଉଁମାନେ ଭଗବଭଜନାଦି ଦ୍ୱାରା କର୍ମାଦି-ପାରତନ୍ତ୍ରରହିତ (ଶ୍ରୀସନାତନ ଗୋସ୍ୱାମୀଙ୍କ ବୃହଦ୍‌ବୈଷ୍ଣବତୋଷଣୀ) -ଯେପରିକି ବ୍ରହ୍ମାଙ୍କ ନିଜ ମନୋହାରିଣୀ ସୁନ୍ଦରୀ କନ୍ୟା ପ୍ରତି କାମ-ଭାବାଦି ସାହାସ (ଭା ୩।୧୨।୨୮), ରୁଦ୍ରଙ୍କର ମୋହିନୀ ମୂର୍ତ୍ତି-ଦର୍ଶନରେ କାମ ବଶ୍ୟତା, ମହର୍ଷି ପରାଶରଙ୍କର କୁମାରୀ ସତ୍ୟବତୀଙ୍କୁ ଗ୍ରହଣ, ଇନ୍ଦ୍ରକର୍ତ୍ତୃକ ମହର୍ଷି ଗୌତମପତ୍ନୀ ଅହଲ୍ୟାଙ୍କର ଧର୍ମହାନି, ଚନ୍ଦ୍ର କର୍ତ୍ତୃକ ଗୁରୁ-ବୃହସ୍ପତି ପତ୍ନୀ ମମତାଙ୍କ ଧର୍ମନାଶ, ବ୍ରହ୍ମର୍ଷି ବିଶ୍ୱାମିତ୍ର-କର୍ତ୍ତୃକ ପୁଷ୍କର ତୀର୍ଥେ ସ୍ନାନାର୍ଥ ଆଗତା ଅପ୍ସରା ମେନକା ପ୍ରତି ଲୋଭ, ଦେବଗୁରୁ ବୃହସ୍ପତିଙ୍କ ନିଜ ଜ୍ୟେଷ୍ଠଭ୍ରାତା ଉତଥ୍ୟଙ୍କ ପତ୍ନୀ ମମତାଙ୍କ ଧର୍ମନାଶ ପ୍ରଭୃତି ଧର୍ମବ୍ୟତିକ୍ରମ ଦୋଷାବହ ନୁହେଁ, କାରଣ ସର୍ବଭୁକ୍ ଅଗ୍ନିର ସମସ୍ତ ଭୋଜନରେ ମଧ୍ୟ, ଯେପରି ଅମେଧ୍ୟାଦି ଭକ୍ଷଣଜନିତ ଦୋଷ ବା ଜୀବବଧାଦି ଦୋଷ ହୁଏନା, ତଦ୍ରୂପ ତେଜୀୟାନ୍ ଅର୍ଥାତ୍ ଯେଉଁମାନେ ''କର୍ତ୍ତୁମକର୍ତ୍ତୁମନ୍ୟଥା କର୍ତ୍ତୁଂ ସମର୍ଥଃ'' ସେମାନଙ୍କର ମଧ୍ୟ ଶାସ୍ତ୍ରୋକ୍ତ ଧର୍ମର ଉଲଂଘନ ଦୋଷାବହ ହୁଏନା । ତେବେ ଯେଉଁମାନେ ଅନୀଶ୍ୱର ଅର୍ଥାତ୍ ନିକୃଷ୍ଟ ଜୀବ (ଚକ୍ରବର୍ତ୍ତୀ), ତେଣୁ ଶାସ୍ତ୍ରବଶ୍ୟ, ସେମାନେ ଧର୍ମ-ବ୍ୟତିକ୍ରମାଦିମୟ ଈଶ୍ୱରଗଣଙ୍କର ସମାନ ବା ସାମ୍ୟର ଆଚରଣ ଦୂରରେ ଥାଉ, ମନେ ମନେ ମଧ୍ୟ କେବେ ଏହିପରି ଆଚରଣ କରିବେ ନାହିଁ । ମୂଢ଼ତାବଶତଃ ଅର୍ଥାତ୍ ଈଶ୍ୱରଗଣଙ୍କର ଅଚିନ୍ତ୍ୟ ସାମର୍ଥ୍ୟ ଓ ସର୍ବତନ୍ତ୍ର-ସ୍ୱତନ୍ତ୍ରତା ଏବଂ ନିଜର ସ୍ୱଳ୍ପଶକ୍ତି ଓ ପାରତନ୍ତ୍ର୍ୟ ନଜାଣି ଧର୍ମ-ବ୍ୟତିକ୍ରମ କରିଲେ ନିଶ୍ଚୟହିଁ ରୁଦ୍ରଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ଅଜ୍ଞାତାବଶତଃ ସମୁଦ୍ରୋଦ୍ଭବ କାଳକୂଟ ପାନ କରିଲେ ଯେପରି ବିନାଶ ପ୍ରାପ୍ତ ହୁଏ, ତଦ୍ରୂପ ବିନାଶ ପ୍ରାପ୍ତ ହେବେ । ଅତ୍ୟନ୍ତ ତୀକ୍ଷ୍ଣ କାଳକୂଟ ବିଷପାନରେ ରୁଦ୍ର ବ୍ୟତୀତ ସ୍ୱଳ୍ପଶକ୍ତିବାନ୍ ବ୍ୟକ୍ତି ସଦ୍ୟହିଁ ବିନଷ୍ଟ ହୁଏ, କିନ୍ତୁ ଯିଏ ଈଶ୍ୱର, ସେ ବିନଷ୍ଟ ହେବା ଦୂରରେ ଥାଉ ବରଂ ଐଶ୍ୱର୍ଯ୍ୟ ବିଶେଷ-ପ୍ରକାଶାଦି ଦ୍ୱାରା ଆହୁରି ମଧ୍ୟ ଅଧିକ ଶୋଭାୟମାନ ଅର୍ଥାତ୍ ନୀଳକଣ୍ଠାଦି ନାମ, ରୂପ ଓ ଗୁଣରେ ବିମଣ୍ଡିତ ହୁଅନ୍ତି । ତାହା ହେଲେ, *'ଆପନି ଆଚରି ଧର୍ମ ଜୀବେରେ ଶିଖାୟ'* ଓ *'ଯଦ୍ ଯଦାଚରତି ଶ୍ରେଷ୍ଠ'* ଇତ୍ୟାଦି ଉକ୍ତି କଣ ନିରର୍ଥକ ? ତଦୁତ୍ତରେ କହୁଛନ୍ତି-

ଈଶ୍ୱରାଣାଂ ବଚଃ ସତ୍ୟଂ ତଥୈବାଚରିତଂ କ୍ୱଚିତ୍ ।
ତେଷାଂ ଯତ୍ ସ୍ୱବଯୋଯୁକ୍ତଂ ବୁଦ୍ଧିମାଂସ୍ତତ୍ ସମାଚରେତ୍ ॥ (ଭା ୧୦।୩୩।୩୧)

ଈଶ୍ୱର ଅର୍ଥାତ୍ ଜ୍ଞାନ ଓ ଭକ୍ତିରେ ସମର୍ଥ ବା ଭଗବଭଜନାଦିର ଦ୍ୱାରା କର୍ମାଦି-ପାରତନ୍ତ୍ର୍ୟରହିତ ବ୍ୟକ୍ତିଗଣଙ୍କର, ଅଥବା ଯେଉଁମାନେ କର୍ତ୍ତୁମକର୍ତ୍ତୁମନ୍ୟଥା କର୍ତ୍ତୁଂ ସମର୍ଥଃ ସେହିପରି ସର୍ବତନ୍ତ୍ର ସ୍ୱତନ୍ତ୍ର ଈଶ୍ୱରଗଣଙ୍କର ବାକ୍ୟ (ଏହା କର, ଏହିପରି କର, ଏହାକର ନାହିଁ, ଇତ୍ୟାଦି ସାକ୍ଷାତ୍ ବାକ୍ୟ) -'ସତ୍ୟ', ବିଧିଶାସ୍ତ୍ରାନୁଯାୟୀ ଲୋକ-ଶିକ୍ଷା ନିମିତ୍ତ ଯେଉଁ ଆଚରଣ ତାହା ମଧ୍ୟ 'ସତ୍ୟ', କିନ୍ତୁ ସମସ୍ତ ଆଚରଣହିଁ ଜୀବର ଗ୍ରହଣୀୟ ନୁହେଁ। କୌଣସି କୌଣସି ଆଚରଣ

ଅର୍ଥାତ୍ ଯାହା ତାହାଙ୍କର ନିଜ ବାକ୍ୟର ଅନିରୁଦ୍ଧ ସମ୍ମତା ବା ଶ୍ରୁତିସିଦ୍ଧ, କେବଳ ସେହି ସମସ୍ତ ଆଚରଣହିଁ ବୁଦ୍ଧିମାନ୍ ଜନ ସମ୍ୟଗ୍‌ରୂପେ ଆଚରଣ କରିବେ । ଭକ୍ତିର ଆନୁକୂଲ୍ୟମୟ ବିଚାର ସହିତହିଁ ଈଶ୍ୱରଗଣଙ୍କର ନିଜ ବାକ୍ୟର ଅବିରୁଦ୍ଧ ଆଚରଣ ଓ ତାହା ମଧ୍ୟ ଶ୍ରୁତିସିଦ୍ଧ ହେଲେହିଁ ଶାସ୍ତ୍ରଶାସନଯୋଗ୍ୟ ପରତନ୍ତ୍ର ଶିଷ୍ୟ ଅନୁସରଣ କରିବେ ଏହାହିଁ ବୁଦ୍ଧିମାନ୍ ଶିଷ୍ୟର କାର୍ଯ୍ୟ । ଯେତେବେଳେ ଶ୍ରୀକୃଷ୍ଣ ସାକ୍ଷାଦ୍‌ଭାବେ ଶ୍ରୀଅର୍ଜୁନଙ୍କୁ ନିଜ ଗୁରୁ ଦ୍ରୋଣଙ୍କ ପୁତ୍ର ଅଶ୍ୱତ୍ଥାମାଙ୍କୁ ବଧ କରିବାପାଇଁ ଆଜ୍ଞା ଦେଲେ – *"ତଦସୌ ବଧ୍ୟତାଂ ପାପ ଆତତାୟ୍ୟାତ୍ମବନ୍ଧୁହା"* (ଭା୧।୭।୩୯) – 'ହେ ବୀର ଅର୍ଜୁନ, ଅତଏବ ଆତତାୟୀ, ଆତ୍ମବନ୍ଧୁହା ଅର୍ଥାତ୍ ତୁମର ନିଜ ପୁତ୍ରହନନକାରୀ ଏହିଁ ପାପିଷ୍ଠ ଅଶ୍ୱତ୍ଥାମାକୁ ବଧ କର'– ସେତେବେଳେ ଶ୍ରୀକୃଷ୍ଣଙ୍କର ଏହି ସାକ୍ଷାଦ୍ ଆଦେଶ ମଧ୍ୟ ଶ୍ରୀଅର୍ଜୁନ ସମ୍ପୂର୍ଣ୍ଣ ଭାବେ ପାଳନ କରି ନାହାନ୍ତି, ଯେତେ ପରିମାଣରେ ଶ୍ରୁତି ସହିତ ଯୁକ୍ତିସଙ୍ଗତ, ସେତେ ହିଁ ସେହି ଭାବରେ ପାଳନ କରିଅଛନ୍ତି । କାରଣ, 'ମସ୍ତକ-ମୁଣ୍ଡନ, ଧନ-ପ୍ରତିଗ୍ରହଣ ଓ ସ୍ୱସ୍ଥାନରୁ ନିରାସନ',–ଏହି କେତେ ପ୍ରକାରରେହିଁ ବ୍ରାହ୍ମଣାଧମଗଣଙ୍କର ବଧ ହୁଏ । ସେମାନଙ୍କ ପକ୍ଷରେ ମସ୍ତକ-ଛେଦନାଦି ଅନ୍ୟ ଶାରୀରିକ ଶାସ୍ତି ଶାସ୍ତ୍ର ସମ୍ମତ ନୁହେଁ । (ଭା: ୧।୭।୫୭) ଶ୍ରୀକୃଷ୍ଣଙ୍କରହିଁ ବାଣୀ 'ଶ୍ରୁତି' ବା ତତ୍‌କୃତ ଶାସ୍ତ୍ରର ସହିତ ତାହାଙ୍କ ଆଚରଣ ଓ ବାକ୍ୟର ଯେଉଁ ସ୍ଥାନରେ ସଙ୍ଗତି, ଶିଷ୍ୟ ଅର୍ଜୁନ ତାହାହିଁ ଗ୍ରହଣ କରିଛନ୍ତି । ଶ୍ରୀକୃଷ୍ଣଙ୍କର ସର୍ବତନ୍ତ୍ର ସ୍ୱତନ୍ତ୍ର ଆଚରଣର ଅନୁକରଣ କରିବାତ ଦୂରରେ ଥାଉ, ତାହାଙ୍କ ଆଦିଷ୍ଟ ସାକ୍ଷାଦାଜ୍ଞାକୁ ମଧ୍ୟ (ଗୁରୁଣାମାଜ୍ଞା ହ୍ୟବିଚାରଣୀୟା) *"ସାଧୁ-ଶାସ୍ତ୍ର-ଗୁରୁବାକ୍ୟ ଚିତ୍ତେ କରିୟାଐକ୍ୟ"* – ଏହି ନ୍ୟାୟାନୁସାରେ ଶାସ୍ତ୍ର ବାକ୍ୟର ସହିତ ସଙ୍ଗତି କରି ଆଚରଣ କରିଲେ, ଏହାହିଁ ବୁଦ୍ଧିମତା । ଶ୍ରୀଅର୍ଜୁନ ବ୍ରହ୍ମବନ୍ଧୁ ଅଶ୍ୱତ୍ଥମାଙ୍କ କେଶ ସହିତ ମସ୍ତକଜାତ ମଣି ଛେଦନ କରିଥିଲେ, ଅଶ୍ୱତ୍ଥମାକୁ ପ୍ରାଣରେ ବଧ କରିନଥିଲେ । ଈଶ୍ୱରଗଣଙ୍କର ନିଜ ବାକ୍ୟ ସହିତ ଯାହା ଅବିରୁଦ୍ଧ, ତାହାହିଁ ଆଚରଣ କରିବାକୁ ହେବ ଏବଂ ବୁଦ୍ଧିମାନ୍ ତାହାକୁ ମଧ୍ୟ ସାଧୁ-ଶାସ୍ତ୍ର-ଗୁରୁବାକ୍ୟ ସହିତ ସଙ୍ଗତି କରି ଭକ୍ତିର ଅନୁକୂଳ ବିଚାରର ସହିତହିଁ କରିବେ, ନତୁବା ନିର୍ବୁଦ୍ଧତା ହେବ, ଏହାହିଁ ଶ୍ରୀସନାତନ ଗୋସ୍ୱାମୀପାଦ୍ ଓ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀପାଦ୍‌ଙ୍କ ଅଭିପ୍ରାୟ ।

ସାଧାରଣ ଲୋକେ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କୁ ବୈଧ-ସନ୍ନ୍ୟାସୀ ବୋଲି ମନେ କରିଥିଲେ ମଧ୍ୟ ସେ ପରମେଶ୍ୱର-ଈଶ୍ୱରଗଣଙ୍କର ମଧ୍ୟ ଈଶ୍ୱର । ତେଣୁ ତାହାଙ୍କର ସନ୍ନ୍ୟାସାଶ୍ରମର ବିରୋଧୀ ଆଚାର, ଯଥା ଶ୍ରୀଅଙ୍ଗ ମଣିମାଣିକ୍ୟାଦି ଧାରଣ, ତାମ୍ବୁଳଚର୍ବଣ ଶୂଦ୍ର ଗୃହସ୍ଥଙ୍କ ଗୃହରେ ଅବସ୍ଥିତ ଓ ଉତ୍ତମ ଭୋଜନାଦି ତାହାଙ୍କ ପକ୍ଷରେ ଦୂଷଣ ହେବା ତ ଦୂରରେ ଥାଉ, ତାହା ଭୂଷଣ ସ୍ୱରୂପ । କିନ୍ତୁ ତାହା ଅନିଶ୍ୱର ଅର୍ଥାତ୍ ନିକୃଷ୍ଟ ଜୀବ ପକ୍ଷରେ ଅନୁସରଣୀୟ ନୁହେଁ । ଈଶ୍ୱରଙ୍କ ଆଚରଣରେ କଟାକ୍ଷ କରିଲେ, ଅସିଦ୍ଧ ବ୍ୟକ୍ତିତ ଦୂରରେ ଥାଉ, ସିଦ୍ଧ ଦେବତାଗଣ ମଧ୍ୟ ଅଧପାତିତ ହେବେ । ସେଥିପାଇଁ ଶ୍ରୀବୃନ୍ଦାବନଦାସଠାକୁର କହିଛନ୍ତି ।(ଚୈ: ଭା:ଆ–୧ମ)

ଯେ ସ୍ତ୍ରୀସଙ୍ଗ ମୁନିଗଣେ କରେନ ନିନ୍ଦନ । ତାଁରାଓ ରାମେର ରାସେ କରେନ ସ୍ତବନ ॥
ଚୈତନ୍ୟଚନ୍ଦ୍ରର ପ୍ରିୟ-ବିଗ୍ରହ ବଳାଇ । ତାନ-ସ୍ଥାନେ ଅପରାଧେ ମରେ ସର୍ବଠାଇଁ ॥

ବହୁ ବହିର୍ମୁଖ ଲୋକଙ୍କର ଯେ ପରମେଶ୍ୱର ଅବଧୂତ ଶ୍ରୀନିତାଇଚାନ୍ଦଙ୍କ ଶ୍ରୀଚରଣରେ ଅପରାଧ ହୋଇଥିଲା, ତାହାର ପ୍ରମାଣ ଶ୍ରୀଳଠାକୁର ବୃନ୍ଦାବନ ଓ ଶ୍ରୀଳ କବିରାଜ ଗୋସ୍ୱାମୀପାଦ୍‌ଙ୍କ

ଲେଖନୀରେ ଦୃଷ୍ଟହୁଏ । ଅପରଙ୍କ କଥା କଣ ଶ୍ରୀକବିରାଜଗୋସ୍ୱାମୀଙ୍କ ପୂର୍ବାଶ୍ରମର ଭ୍ରାତାଙ୍କର ମଧ୍ୟ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ପ୍ରତି ବିଶ୍ୱାସ ଥିଲା ନାହିଁ । ଶ୍ରୀମହାପ୍ରଭୁ ନିଜ ଲୀଳାସଙ୍ଗୀ ଶ୍ରୀମଦ୍ ରାମଚନ୍ଦ୍ରପୁରୀଙ୍କ ଦ୍ୱାରା ମଧ୍ୟ ଜଗଜ୍ଜୀବକୁ ଶିକ୍ଷା ଦେଇଛନ୍ତି । ଶ୍ରୀରାମଚନ୍ଦ୍ରପୁରୀ ନିଜ ଗୁରୁ ଶ୍ରୀଳ ମାଧବେନ୍ଦ୍ରପୁରୀପାଦଙ୍କୁ କୃଷ୍ଣବିରହରେ କ୍ରନ୍ଦନ କରିବାର ଦେଖି ଅଭାବଗ୍ରସ୍ତ ଶୋକାଚ୍ଛନ୍ନ ଜୀବର କ୍ରନ୍ଦନ ପରି ମନେ କରିଥିଲେ ଓ ସ୍ୱୟଂ ଭଗବାନ୍ ଶ୍ରୀଚୈତନ୍ୟଦେବଙ୍କୁ ସନ୍ୟାସ-ବିଧିବାକ୍ୟ ସାଧକ ଜୀବ ମନେ କରି ତାହାଙ୍କ ଇନ୍ଦ୍ରିୟ-ଲାଳସାର ଅନୁମାନ ଓ ତତ୍‌ପ୍ରତି କଟାକ୍ଷ କରିବାର ଲୀଳା ପ୍ରଦର୍ଶନ କରାଇଥିଲେ । ଶ୍ରୀରାମଚନ୍ଦ୍ର କବିରାଜ ଗୁରୁଦେବ ଶ୍ରୀନିବାସ ଆଚାର୍ଯ୍ୟ ପ୍ରଭୁଙ୍କୁ ପରିଣତ ବୟସରେ ଏକାଧିକ ଥର ବିବାହ ଓ ପୁତ୍ର କନ୍ୟାର ଜନକ ରୂପେ ଦେଖି ଶ୍ରୀଗୁରୁ ପାଦପଦ୍ମରେ ବିନ୍ଦୁମାତ୍ର ମଧ୍ୟ ସଂଶୟଯୁକ୍ତ ବା ଶ୍ରୀଗୁରୁଦେବଙ୍କ ଆଚରଣର ଅନୁକରଣକାରୀ ହୋଇ ନାହାନ୍ତି । ଶ୍ରୀଗୁରୁଦେବଙ୍କ ପରିଣତ ବୟସରେ ଏକାଧିକବାର ବିବାହ କରିଲେ, ପୁତ୍ର-କନ୍ୟା ଉତ୍ପାଦନ କରିଲେ, ଅଥଚ ଶିଷ୍ୟ ଶ୍ରୀରାମଚନ୍ଦ୍ର କବିରାଜ ଯୌବନାବସ୍ଥାରେ ବିବାହର ଦିନହିଁ ବର-ଶଯ୍ୟା ମଧ୍ୟ ସ୍ୱୀକାର ନକରି ଶ୍ରୀଗୁରୁପାଦପଦ୍ମର ଏକାନ୍ତ ଶରଣ ଗ୍ରହଣ କରିଲେ । ମହାରାଜ ବୀରହାମ୍ବୀର ଶ୍ରୀଗୁରୁଦେବଙ୍କ ବିବାହୋତ୍ସବରେ ବହୁ ଅର୍ଥ ବ୍ୟୟ କରିଥିଲେ । ଶ୍ରୀଳ ନରହରି ସରକାରଠାକୁର, ଶ୍ରୀରଘୁନନ୍ଦନାଦି ଶ୍ରୀଖଣ୍ଡବାସିଗଣ, ଶ୍ରୀଳଦାସ ଗଦାଧର ପ୍ରଭୁ ପ୍ରମୁଖ ବୈଷ୍ଣବାଚାର୍ଯ୍ୟଗଣ ଶ୍ରୀନିବାସାଚାର୍ଯ୍ୟ-ପ୍ରଭୁଙ୍କ ବିବାହରେ ପରମାନନ୍ଦ ପ୍ରକାଶ କରିଲେ । ଶ୍ରୀଳ ଜୀବଗୋସ୍ୱାମୀପାଦ ଶ୍ରୀନିବାସାଚାର୍ଯ୍ୟଙ୍କ ପ୍ରଥମପୁତ୍ରର ଆବିର୍ଭାବ-ସମ୍ବାଦରେ ଆନନ୍ଦିତ ହୋଇ ତାହାଙ୍କ ନାମ 'ଶ୍ରୀବୃନ୍ଦାବନ ଦାସ' ରଖିଲେ - ଅଥଚ ମନୋହର ଦାସ, ରୂପ କବିରାଜ ପ୍ରଭୃତି ଆଚାର୍ଯ୍ୟ ପ୍ରଭୁଙ୍କର କେତେକ ଶିଷ୍ୟନାମଧାରୀ ଏବଂ ଈଶ୍ୱରଙ୍କ ଆଚରଣ ବୁଝିବାରେ ଅସମର୍ଥ ବହିର୍ମୁଖ ସମ୍ପ୍ରଦାୟ, ଆଚାର୍ଯ୍ୟ ଠାକୁରଙ୍କର ପତନ ହୋଇଅଛି ବୋଲି ପ୍ରଚାର କରିବାକୁ ଲାଗିଲେ । ଶ୍ରୀଳ ନରୋତ୍ତମଠାକୁର ମହାଶୟଙ୍କର କିନ୍ତୁ ଆଚାର୍ଯ୍ୟଠାକୁରଙ୍କ ଆଚରଣରେ ବିନ୍ଦୁମାତ୍ର ମଧ୍ୟ ସଂଶୟ ହେଲାନାହିଁ, ବରଂ ସେ ଶ୍ରୀନିବାସାଚାର୍ଯ୍ୟ ପ୍ରଭୁଙ୍କର ଅପ୍ରକଟ ପରେ 'ବିଳାପ' ଗୀତିରେ ଗାଇଛନ୍ତି-

"ଯେ ଆନିଲ ପ୍ରେମଧନ କରୁଣା ପ୍ରଚୁର । ହେନ ପ୍ରଭୁ କୋଥାୟ ଗେଲା ଆଚାର୍ଯ୍ୟ ଠାକୁର ॥"

ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କର ଏକ ଭୃତ୍ୟ ଶ୍ରୀରଘୁନାଥ ପୁରୀ ପୂର୍ବେ ସନ୍ନ୍ୟାସ-ଲୀଳା ପ୍ରକାଶ କରିଥିଲେ, ପରେ ଗାର୍ହସ୍ଥ୍ୟଲୀଳା ପ୍ରକଟ କରି "ଆଚାର୍ଯ୍ୟ ବୈଷ୍ଣବାନନ୍ଦ" ନାମରେ ଖ୍ୟାତ ହେଲେ । ଜ୍ଞାନମାର୍ଗୀୟ ସନ୍ନ୍ୟାସୀ ଗୃହସ୍ଥାଶ୍ରମ ସ୍ୱୀକାର କରିଲେ ଶାସ୍ତ୍ର ତାହାଙ୍କୁ ପତିତ ବାନ୍ତାଶୀ କୁହନ୍ତି । କିନ୍ତୁ ଶ୍ରୀଚୈତନ୍ୟଲୀଳାର ଦୁଇଜଣ ବ୍ୟାସ ଶ୍ରୀନିତ୍ୟାନନ୍ଦ-ସେବକ ଶ୍ରୀରଘୁନାଥଙ୍କୁ "ଆଚାର୍ଯ୍ୟ" ବୋଲି ସ୍ତବ କରିଅଛନ୍ତି- *"ଆଚାର୍ଯ୍ୟ ବୈଷ୍ଣବାନନ୍ଦ-ପରମ ଉଦାର । ପୂର୍ବେ 'ରଘୁନାଥପୁରୀ' ନାମ ଖ୍ୟାତି ଯାର ॥"* (ଚୈ:ଭା:ଅ-୫।୭୪୬) *"ଆଚାର୍ଯ୍ୟ ବୈଷ୍ଣବାନନ୍ଦ ଭକ୍ତି ଅଧିକାରୀ । ପୂର୍ବେ ନାମ ଛିଲ ଯାର ରଘୁନାଥ ପୁରୀ ॥"* (ଚୈ:ଚ:ଅ ୧୧।୪୨) ସେହିପରି ସେବାକୁଞ୍ଜରେ ନିଜ ମସ୍ତକରେ ଶ୍ରୀମତୀଙ୍କ ନୂପୁରଚିହ୍ନ ପ୍ରାପ୍ତିରେ ପରମ ଧନ୍ୟ ପରିକର ଶ୍ରୀଶ୍ୟାମାନନ୍ଦ ପ୍ରଭୁ ମଧ୍ୟ ପରବର୍ତ୍ତୀ ସମୟରେ ତିନୋଟି ଦାର(ପତ୍ନୀ) ପରିଗ୍ରହ କରିଥିଲେ, କିନ୍ତୁ ଏହା ତ ତାହାଙ୍କ ଶିଷ୍ୟବର୍ଯ୍ୟ ଶ୍ରୀଅନିରୁଦ୍ଧାବତାର ଶ୍ରୀରସିକାନନ୍ଦ ପ୍ରଭୁଙ୍କ

ମାନସରେ କୌଣସି ସଂଶୟର ଉଦ୍ରେକ କରାଇବାରେ ସଫଳ ହୋଇନଥିଲା । ତେଣୁ ପଦକର୍ତ୍ତା ଗାଇଛନ୍ତି – *"ଶ୍ରୀଗୁରୁର ବିକ୍ରିୟା ଯଦି ଦେଖିହ କଖନ, ତଥାପି ଅବଜ୍ଞା ନାହିଁ କର କଦାଚନ ॥"*

ଏଥିପାଇଁ ଶ୍ରୀବିଶ୍ୱନାଥ ଚକ୍ରବର୍ତ୍ତୀପାଦ୍ ମାଧୁର୍ଯ୍ୟକାଦମ୍ବିନୀ (୨।୪)ରେ କହିଛନ୍ତି – ଜ୍ଞାନାଧିକାରୀଙ୍କଠାରେ ଯଦି କେତେବେଳେ ଦୈବାତ୍ କୌଣସି ମଧ୍ୟ ଦୁରାଚାର ଉପସ୍ଥିତ ହୁଏ, ତେବେ ସେ ଶାସ୍ତ୍ରରେ ବାନ୍ତାଶୀ ଅର୍ଥାତ୍ ବମନଭୋଜୀ (ବାନ୍ତିକରି ଭକ୍ଷଣକାରୀ) ଓ ନିର୍ଲଜ୍ଜ ବୋଲି ନିନ୍ଦିତ ହୁଅନ୍ତି । କିନ୍ତୁ ଭକ୍ତିମାର୍ଗରେ କାମାଦିଦୋଷ ଥିବା ସତ୍ତ୍ୱେ ମଧ୍ୟ ପ୍ରଥମେ ପ୍ରବେଶାଧିକାର ଦୃଷ୍ଟ ହୁଏ ଏବଂ ପରମସ୍ୱତନ୍ତ୍ର ଭକ୍ତି ଦ୍ୱାରାହିଁ ପରେ କାମାଦି ଦୋଷର ଅପଗମ ହୁଏ । ଶ୍ରୀକୃଷ୍ଣଙ୍କଠାରେ ଅନନ୍ୟ ଭକ୍ତିଯୁକ୍ତ ବ୍ୟକ୍ତିର କଦାଚିତ୍ କାମାଦି ଦୋଷ ଥିଲେ ମଧ୍ୟ ତାହାଙ୍କ ସାଧୁତ୍ୱ ଓ ସେହି ଅବସ୍ଥାରେ ମଧ୍ୟ ତାହାଙ୍କ ହୃଦୟରେ ଦୈନ୍ୟତା ଥିବା ବିଷୟ ଦ୍ୱାରା ତାହାଙ୍କର ଅନଭିନିବେଶତ୍ୱର କଥାହିଁ ଶାସ୍ତ୍ର କହିଛନ୍ତି, କେବେ ମଧ୍ୟ କୌଣସି ଶାସ୍ତ୍ରରେ କାମାଦିଯୁକ୍ତ ଭକ୍ତର ନିନ୍ଦାଲେଶ ମଧ୍ୟ ଶ୍ରବଣ କରାଯାଏନା ।

ଯେଉଁମାନେ 'ଈଶ୍ୱର' ଅର୍ଥାତ୍ ଜ୍ଞାନ ଓ ଭକ୍ତିରେ ସମର୍ଥ, ସର୍ବତନ୍ତ୍ରସ୍ୱତନ୍ତ୍ର, ଭଗବଦ୍ଭଜନାଦି ଦ୍ୱାରା କର୍ମପାରତନ୍ତ୍ର୍ୟ ରହିତ ସେମାନଙ୍କର ଆଚରଣ ଅନୁକରଣ ମଧ୍ୟ କରିବାକୁ ହେବ ନାହିଁ, ସେମାନଙ୍କର ନିନ୍ଦା ମଧ୍ୟ କରିବାକୁ ହେବନାହିଁ । ଈଶ୍ୱର ବା ତାହାଙ୍କ ଅଭିନ୍ନ ସ୍ୱରୂପ ଶ୍ରୀଗୁରୁଦେବଙ୍କ ଆଚରଣକୁ ଏଥିପାଇଁ ଶାସ୍ତ୍ର ଓ ମହାଜନଗଣ 'ଅଚିନ୍ତ୍ୟ' ଅର୍ଥାତ୍ କେବଳ 'ଶ୍ରୁତାର୍ଥାପତ୍ତି-ଜ୍ଞାନ ଗୋଚର' ବା 'ଶବ୍ଦମୂଳକ' ଏବଂ ବହିର୍ମୁଖ ବ୍ୟକ୍ତିଗଣଙ୍କ ଚିନ୍ତା-ଯୁକ୍ତି-ତର୍କର ଅଗମ୍ୟ ବୋଲି କହିଛନ୍ତି । ଶ୍ରୀପ୍ରହ୍ଲାଦ ମହାରାଜଙ୍କ ପୂର୍ବଜନ୍ମରେ ବେଶ୍ୟାର ସଙ୍ଗ, ଶ୍ରୀନାରଦଙ୍କର ପୂର୍ବଜନ୍ମରେ ଦାସୀପୁତ୍ରତ୍ୱ, ଶ୍ରୀଯଯାତିଙ୍କର ପୁତ୍ରର ଯୌବନଗ୍ରହଣ କରି ବହୁବର୍ଷ ସ୍ତ୍ରୀସମ୍ଭୋଗାଦି, ଶ୍ରୀପରାଶର, ଶ୍ରୀବ୍ୟାସ, ଶ୍ରୀଶୁକ, ଶ୍ରୀଲୀଳାଶୁକ ପ୍ରମୁଖ ମହାମହନୀୟ ମହାଜନଗଣଙ୍କର ନାନାପ୍ରକାରର ଇତିହାସ ସ୍ମରଣ କରି *"କାମୁକାଃ ପଶ୍ୟନ୍ତି କାମିନୀମୟଂ ଜଗତ୍"* ନ୍ୟାୟାନୁସାରେ ବହିର୍ମୁଖ କାମୁକ ଜଗତ ସେମାନଙ୍କର ନିନ୍ଦା ବା ସେମାନଙ୍କର ଅନୁକରଣ କରିଲେ ପତଙ୍ଗପରି ବହ୍ନିଜ୍ୱାଳାରେ ପୋଡ଼ି ମରିବାକୁ ହେବ । ଏଥିପାଇଁ ବୃନ୍ଦାବନଦାସ ଠାକୁର (ଚୈ:ଭା:୯।୩।୨୭-୯୨)ରେ କହିଛନ୍ତି–

ଅଧିକାରି-ବୈଷ୍ଣବେର ନା ବୁଝି ବ୍ୟବହାର । ଯେ ଜନ ନିନ୍ଦୟେ ତା'ର ନାହିକ ନିସ୍ତାର ॥
ଅଧମଜନେର ଯେ ଆଚାର ଯେନ ଧର୍ମ । ଅଧିକାରି ବୈଷ୍ଣବେଓ କରେ ସେଇ କର୍ମ ॥
କୃଷ୍ଣ କୃପାୟେ ସେ ଇହା ଜାନିବାରେ ପାରେ । ଏସବ ସଙ୍କଟେ କେହ ମରେ କେହ ତରେ ॥
ସବେ ଇଥେ ଦେଖି ଏକ ମହାପ୍ରତିକାର । ସବାରେ କରିବ ସ୍ତୁତି-ବିନୟ-ବ୍ୟବହାର ॥
ଅଜ୍ଞ ହଇ ଲଇବେକ କୃଷ୍ଣେର ଶରଣ । ସାବଧାନେ ଶୁନିବେକ ମହାନ୍ତ ବଚନ ॥
ତବେ କୃଷ୍ଣ ତା'ରେ ଦେନ ହେନ ଦିବ୍ୟ ମତି । ସର୍ବତ୍ର ନିସ୍ତାର ପାୟ, ନା ଠିକୟେ କତି ॥

ଶ୍ରୀମଦ୍ଭାଗବତର ନବମସ୍କନ୍ଧ ୧୮ ଅଧ୍ୟାୟରେ ଦୃଷ୍ଟ ହୁଏ– ଶ୍ରୀଶୁକ୍ରାଚାର୍ଯ୍ୟଙ୍କ କନ୍ୟା – ଦେବଯାନିକୁ କୂପରୁ ଉଦ୍ଧାର କରିବାପରେ ଦେବଯାନି ଯଯାତିଙ୍କ ସହିତ ବିବାହ ସମ୍ବନ୍ଧରେ ଆବଦ୍ଧ ହେବା ପାଇଁ ଇଚ୍ଛା ପ୍ରକାଶ କରିଲେ ମଧ୍ୟ ଯଯାତି ଏହିପରି ବିବାହ ସମ୍ବନ୍ଧ ଅଶାସ୍ତ୍ରୀୟ-ଯୋଗୁଁ ଅନଭିପ୍ରେତ ହେଲେ ମଧ୍ୟ ଦୈବଯୋଗେ ଉପସ୍ଥିତ ହୋଇଅଛି ମନେ କରି ଏବଂ ନିଜକୁ ମଧ୍ୟ ତଦ୍‌ଗତଚିତ୍ତ ଜାଣି ଦେବଯାନୀଙ୍କୁ ସ୍ୱୀକାର କରିଲେ । ଏତତ୍ ପ୍ରସଙ୍ଗରେ ଶ୍ରୀକ୍ରମସନ୍ଦର୍ଭରେ

(୯।୧୮।୨୩) ଶ୍ରୀଜୀବପାଦ୍ କହିଛନ୍ତି ଯେ – ସମସ୍ତଙ୍କ ଈଶ୍ୱରଙ୍କ କୃତ ଘଟଣା ହେଲେ କେବଳ ଯଯାତିଙ୍କର ନୁହେଁ କୌଣସି ଅଶାସ୍ତ୍ରୀୟ ବ୍ୟାପାରରେ କାହାର ମଧ୍ୟ ତ ପାପ ହୋଇପାରେନାହିଁ ଅତଏବ ଏହି ସିଦ୍ଧାନ୍ତ ଏଠାରେ କରାଯାଏ ନା, ଆଉ କଚର ଶାପକୁ ମଧ୍ୟ ଏହି ଘଟଣାର ସହାୟକାରୀ ବୋଲି ଜଣାଯାଏ, ତେଣୁ ଅଧର୍ମହିଁ ବା କିପରି ହୁଏନା ? – ଏହି ପ୍ରଶ୍ନର ଉତ୍ତର ଶ୍ରୀଜୀବପାଦ୍ ତାହାଙ୍କ ଟୀକାରେ ଯାହା କହିଛନ୍ତି ତାହାର ଅନୁବାଦ – ଯଯାତିଙ୍କର ଦୁଷ୍ଟ–ଫଳୋତ୍ପାଦକ କର୍ମରେ କର୍ତବ୍ୟବୁଦ୍ଧି ହୋଇନାହିଁ, ଆଉ ଯଯାତି ପରମେଶ୍ୱରଙ୍କ ଏକାନ୍ତ ଆଶ୍ରିତ ତେଣୁ ପରମେଶ୍ୱର ମଧ୍ୟ ଯଯାତିଙ୍କର ଏହିପରି ଦୁଷ୍ଟ କର୍ମର ସଂଘଟନ କରାଇ ପାରନ୍ତି ନାହିଁ । ଯଯାତିଙ୍କ ମନ ମଧ୍ୟ ତାହାଙ୍କୁ ସେହି କାର୍ଯ୍ୟରେ ପ୍ରବେଶ କରାଇନାହିଁ, ଏହା ସ୍ୱାଭାବିକ ଅନୁଭବ ଦ୍ୱାରା ଯଯାତି ବାରମ୍ବାର ନିର୍ଣ୍ଣୟ କରିଅଛନ୍ତି । ତଥାପି ଯେ ଏହିପରି ଏକ ଘଟଣା ଘଟିଅଛି ତାହା 'ବୈଷ୍ଣବଗଣଙ୍କର ମଧ୍ୟ କର୍ମବନ୍ଧନ ପାଇଁ ଜନ୍ମ ନାହିଁ' – ଏହି ପଦ୍ମପୁରାଣୋକ୍ତ ବାକ୍ୟ ଅନୁସାରେ ତାହା ଈଶ୍ୱରଙ୍କର ସ୍ୱେଚ୍ଛାମୟୀ ଲୀଳାନୁସାରିଣୀ ଗୋଟିଏ ଇଚ୍ଛା । ଅତଏବ ଏହା ଦୋଷାବହ ନୁହେଁ, ଭଗବତ୍ ଇଚ୍ଛାର ଘଟିତ ବୋଲି ତାହା ଗୁଣଯୁକ୍ତହିଁ । ବରଂ ତାହାର ବିରୋଧିତାରେ ଦୋଷହିଁ ହେବ । ଗୌତମିୟ ତନ୍ତ୍ର ବାକ୍ୟରେ ମଧ୍ୟ ଉକ୍ତ ହୋଇଅଛି – ହେ ଭଗବାନ୍ ! ମୁଁ ଧର୍ମକୁ ଜାଣିଲେ ମଧ୍ୟ ସେଥିରେ ମୋର ପ୍ରବୃତ୍ତି ନାହିଁ, ଆଉ ଅଧର୍ମକୁ ଜାଣିଲେ ମଧ୍ୟ ସେଥିରୁ ନିବୃତ୍ତି ନାହିଁ । ଅନ୍ତର୍ଯ୍ୟାମୀ କେହି ଜଣେ ହୃଦୟରେ ଅବସ୍ଥିତ ହୋଇ ମୋତେ ଯେପରି ପ୍ରେରିତ କରୁଅଛନ୍ତି, ମୁଁ ତାହାହିଁ କରୁଅଛି । ଯଯାତି ମଧ୍ୟ ଭଗବନ୍ନିଷ୍ଠ ଥିଲେ ବୋଲି ତାହାଙ୍କ ସମ୍ବନ୍ଧରେ ଏହି ଉକ୍ତି ସାର୍ଥକ ହୋଇଅଛି । ଅତଏବ ଅନ୍ୟ ବ୍ୟକ୍ତିଙ୍କ ପରି ଯଯାତିଙ୍କର ସେହିପରି ଅଶାସ୍ତ୍ରୀୟ କାର୍ଯ୍ୟରେ ଦୋଷ ହୁଏନାହିଁ । ଯଯାତି ଭଗବନ୍ନିଷ୍ଠ ଥିଲେ ବୋଲିହିଁ ନିଜର ଜରା (ବୃଦ୍ଧାବସ୍ଥା) ସହିତ ପୁତ୍ରର ଯୌବନ ବିନିମୟ କରି ଏବଂ ତଦ୍ଦ୍ୱାରା ବହୁ ବର୍ଷ ସ୍ତ୍ରୀ–ସମ୍ଭୋଗାଦି କରି ମଧ୍ୟ ଢ଼େଣା ଉଠିଥିବା ପକ୍ଷୀଛୁଆର ଅକସ୍ମାତ୍ ନୀଡ଼(ବସା) ପରିତ୍ୟାଗ କରିବା ପରି ଯଯାତି ମଧ୍ୟ କ୍ଷଣକ ମଧ୍ୟରେ ଇନ୍ଦ୍ରିୟସୁଖ ପରିତ୍ୟାଗ କରି ଶ୍ରୀବାସୁଦେବଙ୍କଠାରେ ଭାଗବତୀ ଗତି ଅର୍ଥାତ୍ ପ୍ରେମମୟ ପାର୍ଷଦତ୍ୱ ଲାଭ କରିଥିଲେ ।

ଶ୍ରୀଚକ୍ରବର୍ତ୍ତୀପାଦ୍ ଉକ୍ତ ଅଧ୍ୟାୟର ଶେଷରେ ସିଦ୍ଧାନ୍ତ କରିଅଛନ୍ତି ଯେ ଯଯାତି ମଧ୍ୟ ଅମ୍ବରୀଷ ମହାରାଜଙ୍କ ସମସାମୟିକ ବ୍ୟକ୍ତି । ଶ୍ରୀଅମ୍ବରୀଷଙ୍କ ପରି ମହତଙ୍କ ସଙ୍ଗପ୍ରଭାବରେ ଯଯାତିଙ୍କ ସେହିପରି ଭକ୍ତିର ଉଦୟ ହୋଇଥିଲେ । ଅତଏବ ଈଶ୍ୱର କଳ୍ପ ବ୍ୟକ୍ତିଗଣଙ୍କର ଦୁରାଚାର–ଘଟଣା ଶ୍ରୀଭଗବଦିଚ୍ଛା ପ୍ରସୂତ ବ୍ୟାପାର, ତାହା ସାଧାରଣ ଜୀବର କୌଣସି ପ୍ରକାରରେ ମଧ୍ୟ ଅନୁକରଣୀୟ ବା ସମାଲୋଚନୀୟ ନୁହେଁ । ମହତ୍ ବା ସିଦ୍ଧ ମହାପୁରୁଷଗଣଙ୍କର ଦୁରାଚାର ଦୂରରେ ଥାଉ, ଶ୍ରୀମଦ୍ଭାଗବତାଦି ଭକ୍ତିଶାସ୍ତ୍ର ଏବଂ ବୈଷ୍ଣବମହାଜନଗଣ, ଏକବାକ୍ୟରେ ସାଧକ ଭକ୍ତକୃତ ଦୁରାଚାରର ସମାଲୋଚନାକୁ ମଧ୍ୟ ସର୍ବୋତ୍ତଭାବରେ ନିଷେଧ କରିଛନ୍ତି ।

ଶ୍ରୀଜୀବଗୋସ୍ୱାମୀପାଦ୍ କହିଛନ୍ତି – ଅନ୍ୟକୌଣସି ବ୍ୟାପାରରେ ଶ୍ରୀଗୁରୁଦେବ ଶିଷ୍ୟ ଦ୍ୱାରା ତ୍ୟଜ୍ୟ ହୋଇପାରିବେ ନାହିଁ, ଏକମାତ୍ର ସେ ଯଦି ବୈଷ୍ଣବ ବିଦ୍ୱେଷୀ ହୁଅନ୍ତି – ଶ୍ରୀଭଗବତ୍ ପାର୍ଷଦଗଣଙ୍କର ନିନ୍ଦାଦି କରନ୍ତି ତେବେହିଁ ସେହିପରି ଗୁରୁଙ୍କର ସଙ୍ଗ ସର୍ବୋତ ଭାବରେ ଛିନ୍ନ କରିବାକୁ ହେବ । ବୈଷ୍ଣବ ବିଦ୍ୱେଷ ବ୍ୟତିରେକ ଶ୍ରୀଗୁରୁଙ୍କ ଅନ୍ୟ କୌଣସି ଦୋଷ–ଦୁର୍ବଳତା

ଯୋଗୁଁ ତାହାଙ୍କ ଶ୍ରୀଚରଣରେ ନିଷ୍ଠାର ଅଭାବ ପରିଲକ୍ଷିତ ହେଲେ ନୀଳୟଗମନ ଅବ୍ୟସମ୍ଭାବୀ । ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ନିଷ୍ଠାହିଁ ଯେତେବେଳେ ସାଧଶିରୋମଣି (ଶ୍ରୀରାଧାଗୋବିନ୍ଦଙ୍କ ନିକୁଞ୍ଜସେବା) ସୁଲଭ କରାଇ ଦେଇଥାଏ, ସେତେବେଳେ ଏହି ସୁମୂଲ୍ୟଧନ ପ୍ରଦାନର ଯୋଗ୍ୟତା ପରୀକ୍ଷା କରିବା ଉଦ୍ଦେଶ୍ୟରେ ହୁଏତ ଲୀଳାଶକ୍ତି ସାଧକକୁ ଶ୍ରୀଗୁରୁଙ୍କର ଏହିପରି କ୍ରିୟା-ବିକ୍ରିୟା ଦର୍ଶନ କରାଇ ପାରିନ୍ତି । ଏହିସବୁ ଦର୍ଶନ କରିବା ସତ୍ତ୍ୱେ ଶ୍ରୀଗୁରୁଦେବଙ୍କ ସଚ୍ଚିଦାନନ୍ଦ ସ୍ୱରୂପର ତତ୍ତ୍ୱ ଜ୍ଞାନକୁ ମାନସରେ ସୁଦୃଢ଼ କରି କ୍ରିୟା ବିକ୍ରିୟାକୁ ଉପେକ୍ଷା କରି ମହାନର୍ଥକାରୀ ଶ୍ରୀଗୁରୁ-ଅପରାଧରୁ ବଞ୍ଚି ପାରିଲେହିଁ ପରମ ଶ୍ରେୟ ।

ଶ୍ରୀଗୁରୁଦେବଙ୍କ ସ୍ୱରୂପ ଉପରେ ନିଜର ସମ୍ପୂର୍ଣ୍ଣ ଶରଣାଗତି ଓ ଆତ୍ମାଭାଜନ ସମ୍ବନ୍ଧରେ ଯେଉଁ କିଛି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଅଛି ତାହା ଦୀକ୍ଷା କରଣ ପୂର୍ବେ କିନ୍ତୁ ପରେ ସାମାନ୍ୟତମ ସଂଶୟର ଉଦ୍ରେକରେ ଗର୍ହିତ ଗୁରୁପରାଧରେ ପୀଡ଼ିତ ହେବାକୁ ହେବ । ମନ୍ତ୍ରୋପଦେଷ୍ଟା ଶ୍ରୀଗୁରୁଦେବ କଣ ମୋତେ ବାସ୍ତବରେ ଦୁଷ୍ପାର ଭବସଂସାର ପାର କରାଇ ଶ୍ରୀରାଧାଗୋବିନ୍ଦଙ୍କ ପ୍ରେମସେବାରେ ନିଯୁକ୍ତ କରାଇପାରିବେ, ଏହିପରି ସଂଶୟର ଉଦୟାଭାସରେ ହିଁ ଆଶ୍ରିତ ଶିଷ୍ୟର ବିନାଶ ପ୍ରାରମ୍ଭ ହୋଇଥାଏ ଏବଂ ତାହାର ଫଳ ସ୍ୱରୂପ ଅନ୍ୟାନ୍ୟ ଶ୍ରୀଗୁର୍ବପରାଧ ତାହା ସହିତ ସମ୍ମିଳିତ ହୋଇ ସାଧକକୁ ଅଚିରେ ପତନୋନ୍ମୁଖୀ କରାଏ ।

ଅନେକ ସ୍ଥଳରେ ଦେଖାଯାଏ, କେତେକ ଅନୁଗତ ଶିଷ୍ୟ ମନରେ ଏହିପରି ସଂଶୟ ପୋଷଣ କରନ୍ତି, ମୋ ଶ୍ରୀଗୁରୁଦେବ ତ ଏତେଟା ଭଜନରହସ୍ୟ ଜ୍ଞାତ ନୁହନ୍ତି, ଶ୍ରୀରାଧାଗୋବିନ୍ଦଙ୍କର ତାଦୃଶ କୃପାଭାଜନ ନୁହଁନ୍ତି କିନ୍ତୁ ଅମୁକ ମହତ ଅତୀବ ଶାସ୍ତ୍ରଜ୍ଞ ଭଜନାନନ୍ଦି ଓ ସିଦ୍ଧ ମହାତ୍ମା, ତାହାଙ୍କ ଆଶ୍ରିତ ହୋଇଥିଲେହିଁ ମୋର ମଙ୍ଗଳ ବିଧାନ ହୋଇଥାଆନ୍ତା । ଏହିପରି ସଂଶୟ ବଶତଃ ସାଧକ କେବଳ ଯଥେଷ୍ଟ ପରିମାଣ ଗୁର୍ବପରାଧ ହିଁ ସଞ୍ଚୟ କରି ପରିଶେଷରେ ତାହାର ଭକ୍ତିଲତା ମଧ୍ୟ ଉତ୍ପାଟିତ ହୋଇପଡ଼େ । ପୁନଃ ମନ୍ତ୍ରୋପଦେଷ୍ଟା ଶ୍ରୀଗୁରୁକୁ ଶାସ୍ତ୍ରଜ୍ଞାନ ତଥା ଭଜନ ରହସ୍ୟ ବିତରଣରେ ଅଯୋଗ୍ୟ ଜ୍ଞାନ କରି ସ୍ୱେଚ୍ଛାଚାରୀ ହୋଇ ଶ୍ରୀମନ୍ତ୍ରଗୁରୁଙ୍କ ବିନା ଅନୁମତିରେ ଶିକ୍ଷାଗୁରୁ ଗ୍ରହଣରେ ମଧ୍ୟ ଅଭିନ୍ନ ଭଗବତ ତତ୍ତ୍ୱ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଅପରାଧ ଅର୍ଜିତ ହୋଇଥାଏ । ଶ୍ରୀମନ୍ତ୍ରୋପଦେଷ୍ଟା ଶ୍ରୀଗୁରୁଦେବ ଯଦି ସ୍ୱୟଂ ଶିଷ୍ୟକୁ ଅନ୍ୟ ମହତଙ୍କ ନିକଟରୁ ଭଜନ ଶିକ୍ଷା କରିବାର ଆଦେଶ ପ୍ରଦାନ କରନ୍ତି ତାହାହେଲେ ଶିଷ୍ୟ ସବିନୟରେ ତାହାଙ୍କ ଅନୁମତି ଗ୍ରହଣ କରି ଶିକ୍ଷାଗୁରୁଙ୍କ ନିକଟରୁ ଭଜନରହସ୍ୟ ଅବଗତ ହେବେ, କିନ୍ତୁ ଏଥିପ୍ରତି ସତର୍କ ରହିବେ ଯେପରି ଦୈବାତ୍ ସ୍ୱପ୍ନରେ ମଧ୍ୟ ଏହିପରି ବିଚାର ନ ଉଠେ ଯେ ବର୍ତ୍ତମାନ୍ ଯେଉଁ ଭଜନ ଶିକ୍ଷା ଲାଭ କରିଛି ତାହା ଦୀକ୍ଷାଗୁରୁକୁ ଅବଗତ ନଥିଲା, ଅନ୍ୟଥା ସୂକ୍ଷ୍ମରୂପରେ ଶ୍ରୀଭଗବତ୍‌ପ୍ରିୟ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଅପରାଧ ସଞ୍ଚିତ ହେବ । ପ୍ରାୟତଃ ଦେଖାଯାଏ ମହତ୍‌ଗଣ ଶିଷ୍ୟର ଭଜନ ଉତ୍କଣ୍ଠା ଦର୍ଶନକରି ନିଜେହିଁ ଶିଷ୍ୟକୁ ନିଜଠାରୁ ଉଚ୍ଚାଧିକାରୀ ମହତ୍‌ଙ୍କ ଆଶ୍ରୟକୁ ପ୍ରେରଣ କରିଥାନ୍ତି ।

ଶ୍ରୀଗୁରୁଦେବଙ୍କ ପ୍ରକଟଲୀଳା ସମୟରେ ବା ଅପ୍ରକଟଲୀଳା ଅନ୍ତେ ଯଦି ସାଧକ ମନରେ ଆଶଙ୍କା ଉଠେ ଯେ, 'ଶ୍ରୀଗୁରୁଦେବ ତ ମୋତେ କୌଣସି ଭଜନ ରହସ୍ୟ ଶିକ୍ଷାଦେଲେ ନାହିଁ, ସବୁ ସମୟରେ ତାହାଙ୍କ ସେବାରେହିଁ ନିଯୁକ୍ତ କରାଇଲେ, ଯଦ୍ଦ୍ୱାରା ମୁଁ ଭଜନ ସାଧନରୁ

ମଧ୍ୟ ବଞ୍ଚିତ ରହିଲି'– ବାସ୍ତବରେ ଏହା ବହିରଙ୍ଗା ମାୟାଶକ୍ତିର ଛଳନାମାତ୍ର । ଶ୍ରୀଗୁରୁଦେବ ମନ୍ତ୍ରୋପଦେଶ ପ୍ରଦାନ କରି ଶ୍ରୀଭଗବାନ୍‌ଙ୍କ ସହିତ ନିତ୍ୟ ସମ୍ବନ୍ଧରେ ସମ୍ବନ୍ଧିତ କରାଇଲେ, ଭଜନୋପଯୋଗୀ ସ୍ୱରୂପ ପ୍ରଦାନ କରିଲେ ଏବଂ ସର୍ବୋପରି ଏ ଅଧମର ପ୍ରାକୃତ ଦେହ–ଇନ୍ଦ୍ରିୟର ପଶୁଶ୍ରମକୁ ବିଷୟ ସେବାରୁ ବିରତ କରାଇ ନିଜ ସଚ୍ଚିଦାନନ୍ଦମୟୀ ନିତ୍ୟ ସେବାରେ କୃପାକରି ଅଙ୍ଗୀକାର କରିଲେ– ଏହା ଅପେକ୍ଷା ଅଧିକ କରୁଣା ବୈଶିଷ୍ଟ୍ୟର କଥା କିଛି ରହିପାରେ କି ? ସେବାପରିଚର୍ଯ୍ୟା ରୂପି ସମ୍ଭୋଗାନନ୍ଦ ଉପଭୋଗରେ ଅତିଶୟ ବିତୃଷ୍ଣ, ଦୈନ୍ୟତାର ମୂରତୀ ଶ୍ରୀଗୁରୁଦେବ, ଅସମୋର୍ଦ୍ଧ କୃପାର ବିସ୍ତାରରେ ମାଦୃଶ ଇନ୍ଦ୍ରିୟତର୍ପଣକାମୀ ହତଚିତ୍ତ ଜୀବର ଦୁଃଖ ନିବୃତ୍ତି ତଥା ଭକ୍ତିଦାନେ ପରମକଲ୍ୟାଣ ଆକାଂକ୍ଷାରେ ଏ ଅଧମକୁ ଶ୍ରୀଚରଣାଶ୍ରୟ ପ୍ରଦାନ ପୂର୍ବକ ଏ ପତିତାଧମ ସେବକର ନିଜ କର୍ତ୍ତୃତ୍ୱ ସମ୍ପନ୍ନ ସେବାଭାସ ଗ୍ରହଣ କରିବାର କୃପା କରିଅଛନ୍ତି । ତଥାପି ମାଦୃଶ ହତଭାଗ୍ୟ ନିଜପତନାଭିଳାଷୀ ଜୀବ ସେହି ଭଗବଦ୍‌ଭିନ୍ନ ଶ୍ରୀଗୁରୁଦେବଙ୍କୁ ସେବାପରିଚର୍ଯ୍ୟା ଗ୍ରହଣ ଲିପ୍ସାରେ ଅନ୍ଧ ବୋଲି ମନେ କରୁଅଛି । ''ଶ୍ରୀଗୁରୁଦେବ ଏହିପରି ପରିଚର୍ଯ୍ୟା ଲାଳସାରେ ଉନ୍ମତ୍ତ ହୋଇ ନିଜ ପ୍ରଦତ୍ତ ସ୍ୱୀୟେଷ୍ଟ ମନ୍ତ୍ରଜପାଦି, ସ୍ୱୀୟେଷ୍ଟକୃଷ୍ଣାର୍ଚ୍ଚନାଦି, ସ୍ୱୀୟେଷ୍ଟଶ୍ରବଣ କୀର୍ତ୍ତନାଦି ଭଗବଦ୍‌ଭକ୍ତ୍ୟଙ୍ଗ ଯାଜନରୁ ବହିର୍ମୁଖ କରାଇ ମୋତେ କେବଳ ନିଜ ସୁଖ ପାଇଁ ନିଜ ମାୟିକ ପରିଚର୍ଯ୍ୟାରେ ନିଯୁକ୍ତ ରଖୁଅଛନ୍ତି''– ଏହିପରି କୁସିତ ଆଶଙ୍କାର ବୀଜ ଏବଂ ନିଘୃର୍ଣ୍ଣ୍ୟ ସନ୍ଦେହର ଅଙ୍କୁଶ ହୃଦୟରେ ପ୍ରୋତ୍ଥିତ ହେଲେହିଁ ସାଧକର ଅଧୋପତନ ସୁନିଶ୍ଚିତ । କୌଣସି ସଦ୍‌ଗୁରୁ ଯେ ଏହିପରି ବିଗର୍ହିତ କାର୍ଯ୍ୟ କରିବେ ଏହା ସ୍ୱପ୍ନାତୀତ । ହଁ ମୋପରି କେତେକ ହତଭାଗ୍ୟ ବଞ୍ଚକ ବ୍ୟକ୍ତି ଲାଭପୂଜା ଆଦିର କାମନାରେ ଅନ୍ଧ ହୋଇ ଛଦ୍ମ ବୈଷ୍ଣବ–ବେଶର ଅଭିନୟରେ ଛଳଚାତୁରୀ ଦ୍ୱାରା ଗୁରୁପଦରେ ଆରୂଢ଼ ହେଲେ ତାହା ସମ୍ଭବ ହୋଇପାରେ ।

ପୁନଃ, କେତେକ ଶିଷ୍ୟମାନଙ୍କ ନିକଟରେ ଏପରି ଆଶଙ୍କାର ଉଦୟ ଦୃଷ୍ଟିଗୋଚର ହୁଏ, –ଶ୍ରୀଗୁରୁଦେବ ଅନ୍ୟ ଶିଷ୍ୟମାନଙ୍କ ଅପେକ୍ଷା ମୋତେ କମ୍ କୃପା କରିଅଛନ୍ତି । ବାସ୍ତବରେ ଏହା ଶିଷ୍ୟର ଅଜ୍ଞତା, କାରଣ ଯେପରି ସମ୍ମୁଖରେ ଦଣ୍ଡାୟମାନ ମୂର୍ତ୍ତିର ପ୍ରତିବିମ୍ବ ତତ୍ରସ୍ଥ ପ୍ରତ୍ୟେକ ଦର୍ପଣରେ ହିଁ ସମଭାବରେ ପ୍ରତିଫଳିତ ହୋଇଥାଏ, କିନ୍ତୁ ଦର୍ପଣ ଉପରେ ସମେଷ୍ଟିତ ଧୂଳିର ଆବରଣର ଘନତା ତାରତମ୍ୟ ଅନୁସାରେ କେଉଁଥିରେ ପ୍ରତିବିମ୍ବଟି ଉଜ୍ଜ୍ୱଳ ଓ ସ୍ପଷ୍ଟ ପରିଲକ୍ଷିତ ହୁଏ ତ କେଉଁଠାରେ ଅସ୍ପଷ୍ଟ ଓ କେଉଁଠାରେ ଆଦୌ ଦୃଶ୍ୟମାନ୍ ହୁଏନା, କିନ୍ତୁ ଏଥିପାଇଁ ଯଦି ଦର୍ପଣଗଣ ସମ୍ମୁଖସ୍ଥିତ ବସ୍ତୁକୁ ପ୍ରତିବିମ୍ବ ପ୍ରଦାନରେ ପାତର–ଅନ୍ତର କରିବା ଦୋଷରେ ଦୋଷୀ କରିବାପାଇ ଯତ୍ନଶୀଳ ହୁଅନ୍ତି, ଏହା ତାହାଙ୍କ ପକ୍ଷରେ ଅନ୍ୟାୟ ହିଁ ହେବ । ତଦ୍ରୂପ ଶ୍ରୀଗୁରୁଦେବଙ୍କ କରୁଣାର ବିସ୍ତାର ପ୍ରତ୍ୟେକ ଶିଷ୍ୟଙ୍କ ପାଇ ସମରୂପି, କିନ୍ତୁ ଶିଷ୍ୟର ଗୁରୁଭକ୍ତି, ଗୁରୁନିଷ୍ଠା ଓ କରୁଣାକୁ ଧାରଣ କରି ରଖିବାର ଯୋଗ୍ୟତାନୁରୂପେ ତାହା ଫଳବତୀ ହୁଏ, କିନ୍ତୁ ଏଥିପାଇଁ ଯଦି ଶ୍ରୀଗୁରୁଦେବଙ୍କ ଉପରେ ପାତର–ଅନ୍ତର ଦୋଷ ଆରୋପଣ କରାଯାଏ, ତାହାହେଲେ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣକମଳରେ ଅପରାଧ ଅନିର୍ବାଯ୍ୟ ।

କେତେକ ଇନ୍ଦ୍ରିୟ ତର୍ପଣେଚ୍ଛୁ ଭାରଗ୍ରାହୀ ଶିଷ୍ୟ କପଟ ଗୁରୁସେବା ବା ଅନ୍ୟଙ୍କ ନିଷ୍କପଟ ସେବାରେ ନିଜ କର୍ତ୍ତୃତ୍ୱ ଆରୋପିତ କରି ଶ୍ରୀଗୁରୁଦେବଙ୍କୁ ସନ୍ତୁଷ୍ଟ କରନ୍ତି ଏବଂ ଯଦିଚ

ଭାଗ୍ୟବଶତଃ ଶ୍ରୀଗୁରୁଦେବଙ୍କୁ ଏହି କପଟ ସେବାରେ ସନ୍ତୁଷ୍ଟ କରିବାରେ କୃତକାର୍ଯ୍ୟ ମଧ୍ୟ ହୁଅନ୍ତି ତଥାପି ସେମାନଙ୍କର ହୃଦୟବିଳାସୀ ଚୈତ୍ୟଗୁରୁ କିନ୍ତୁ ଏହି କପଟବୃତ୍ତିର ସାକ୍ଷୀ ଅଟନ୍ତି, ସେ ଅବଶ୍ୟହିଁ ଏହି କପଟାଚାରଣର ଫଳ ପ୍ରଦାନ କରିବେ । ଶ୍ରୀଗୁରୁଦେବଙ୍କ ଯଥାକଥିତ ସାମୟିକ ପ୍ରସନ୍ନତା ବିଧାନରେ ସମକ୍ଷ ହେଲେ ମଧ୍ୟ ସେମାନଙ୍କର କୌଣସି ନିତ୍ୟ ପାରମାର୍ଥିକ ଉନ୍ନତି ହୋଇନଥାଏ, ବରଂ କପଟାଚରଣର ଦୋଷରେ ଗୁର୍ବପରାଧହିଁ ଲଭ୍ୟ ହୋଇଥାଏ । ପୁନଃ କେହି ଯଦି ଗୁରୁସେବା କରି ଗର୍ବ ପୋଷଣ କରନ୍ତି ଯେ ମୁଁ ଅନେକ ଗୁରୁସେବା କରିଅଛି, ତେବେ ତାହାଙ୍କ ସେବାକୁ ଦମ୍ଭପୂର୍ଣ୍ଣ ସକପଟ ଇନ୍ଦ୍ରିୟତୃପ୍ତି ବୋଲି ଜାଣିବାକୁ ହେବ । କାରଣ ନିଷ୍କପଟ ଗୁରୁସେବକର ଦୈନ୍ୟତାହିଁ ଭୂଷଣ । 'ମୋ ଦ୍ୱାରା କୌଣସି ପ୍ରକାରରେ କିଞ୍ଚିତ ମଧ୍ୟ ଶ୍ରୀଭଗବଦଭିନ୍ନ ବିଗ୍ରହ ଶ୍ରୀଗୁରୁଦେବଙ୍କ ସେବା ହୋଇପାରିଲା ନାହିଁ'–ଏହାହିଁ ଯଥାର୍ଥ ଗୁରୁସେବି ଶିଷ୍ୟର ହୃଦୟର ଭାବ । କିନ୍ତୁ ଯେଉଁମାନେ, ମୁଁ ଅଧିକ ଗୁରୁସେବା କରିଛି ବୋଲି ଦମ୍ଭ ବା ଗର୍ବ ପ୍ରକାଶ କରନ୍ତି, ବାସ୍ତବରେ ସେମାନଙ୍କର ପୂର୍ବଜନ୍ମକୃତ ଶ୍ରୀଗୁରୁଚରଣରେ ଅପରାଧର ବୀଜ ଅଦ୍ୟାବଧି ବିଦ୍ୟମାନ୍ ରହିଅଛି ବୋଲି ଜାଣିବାକୁ ହେବ ।

ଶାସ୍ତ୍ରର ଗୂଢ଼ରହସ୍ୟ ଅଜ୍ଞାତ କେତେ ଶିଷ୍ୟ ଶ୍ରୀଗୁରୁକୃପାରେ ଲବ୍ଧ ଭଜନାନନ୍ଦର ଲେଶାଭାସର ଆସ୍ୱାଦନ ପ୍ରତୀତି ଲାଭ କରି, ନିଜସେବା ଅପେକ୍ଷା ଭଜନ-ସାଧନ ହିଁ ଶ୍ରୀଗୁରୁଦେବଙ୍କ ହାର୍ଦ୍ଦ ଓ କାମ୍ୟ ଏହିପରି କୁତର୍କ କରି ଶ୍ରୀଗୁରୁସେବାରେ ଶୈଥିଲ୍ୟ ପ୍ରକାଶ ପୂର୍ବକ ବିବିକ୍ତ ବା ନିର୍ଜନ ଭଜନ ସ୍ଥଳୀର ଆଶ୍ରୟ ଗ୍ରହଣ କରନ୍ତି, କିନ୍ତୁ ବିଶ୍ୱନାଥ ଚକ୍ରବର୍ତ୍ତୀ ପାଦ ସ୍ପଷ୍ଟ କହିଛନ୍ତି – *"ସୁତାନ୍ ହିତ୍ୱେତି ପତିବ୍ରତା ପତ୍ୟୁରିବ ଗୁରୋଃ ସବାଯା ପ୍ରବୃତ୍ତିଃ ଶିଷ୍ୟଃ ଶ୍ରବଣକୀର୍ତ୍ତନାଦୀନ୍ୟାପି ଭୋଗାନ୍ ତଦୁଦ୍ଭାନ୍ ପ୍ରେମାନନ୍ଦାନପି ଗୃହାନ୍ ତଦୁଚିତବିବିକ୍ତ ସ୍ଥଳମପି ନୈବାପେକ୍ଷତେ । ଶ୍ରୀଗୁରୁସେବୟୈବ ସୁଖେନ ସର୍ବସାଧ୍ୟ ସିଦ୍ଧ୍ୟର୍ଥ ମିତ୍ୟୁପଦେଶୋ ବ୍ୟଞ୍ଜିତ"* – ପତିବ୍ରତା ଯେପରି ପତିସେବାରେ ନିଯୁକ୍ତ ରହି ପୁତ୍ରକୁ ଅପେକ୍ଷା କରେନା, ଏହିପରି ଏକମାତ୍ର ଗୁରୁସେବା ଦ୍ୱାରା ଅନାୟାସରେ ସର୍ବବିଧ ସାଧ୍ୟ ସିଦ୍ଧି ନିମିତ୍ତ ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟ ଶ୍ରବଣ କୀର୍ତ୍ତନାଦିର ଅପେକ୍ଷା କରିବେ ନାହିଁ । ପତିବ୍ରତା ରମଣୀ ଯେପରି ଭୋଗ ଓ ଗୃହକୁ ଅପେକ୍ଷା କରେନା, ଗୁରୁସେବାରେ ପ୍ରବୃତ୍ତ ଶିଷ୍ୟ ସେହିପରି ଶ୍ରବଣ କୀର୍ତ୍ତନାଦିଜାତ ପ୍ରେମାନନ୍ଦ ଏବଂ ତଦୁଚିତ ଅର୍ଥାତ୍ ଶ୍ରବଣ କୀର୍ତ୍ତନାଦି ଭଜନୋପଯୋଗୀ ନିର୍ଜନସ୍ଥଳାଦିର ଅପେକ୍ଷା କରିବେ ନାହିଁ । କାରଣ ଠାକୁର ମହାଶୟ ମଧ୍ୟ ଗୁରୁସେବାକୁ କେବଳ ସାଧନ ନୁହେଁ ସାଧ୍ୟ ଶିରୋମଣି ବା ଉତ୍ତମାଗତି ବୋଲି କହିଛନ୍ତି । ତେଣୁ ସାଧକ ଶ୍ରୀଗୁରୁସେବାରେ ଶୈଥିଲ୍ୟ ପ୍ରକାଶ ଜନିତ ଅପରାଧ ଅର୍ଜନରୁ କ୍ଷାନ୍ତ ହେବା ପାଇଁ ସର୍ବଦା ପ୍ରଯତ୍ନଶୀଳ ରହିବେ ।

ଯଦି କୌଣସି ସାଧକ ଏହିଭାବ ପୋଷଣ କରନ୍ତି ଯେ, ଶ୍ରୀଗୁରୁଦେବ ଯେଉଁ ବାକ୍ୟାଦେଶ କରିଯାଇଛନ୍ତି, ସେଥିରେ ତ ମୋର ପାରମାର୍ଥିକ ଉନ୍ନତି ପରିଲକ୍ଷିତ ହେଉନାହିଁ କିନ୍ତୁ ଗୁରୁ ଆଜ୍ଞା ତ ଅବଜ୍ଞା କରିଲେ ଅପରାଧ ହେବ, ବର୍ତ୍ତମାନ କରଣୀୟ କଣ ? ଏହିପରି ଶିଷ୍ୟ ଜାଣି ରଖିବା ଉଚିତ୍ ଯେ ବିଷୟାନ୍ଧ ଜୀବର ଚକ୍ଷୁ ରୋଗାକ୍ରାନ୍ତ ହୋଇଥିବାରୁ ତାହାର ଦୂରଦୃଷ୍ଟି ଅବା କେତେ । ପରମ ଦୂରଦ୍ରଷ୍ଟା ଶ୍ରୀଭଗବାନ ନିଜ ଜରୁଣାଘନ ବିଗ୍ରହ ଶ୍ରୀଗୁରୁଦେବଙ୍କ ମୁଖନିଃସୃତ ବାକ୍ୟାଦେଶ ଦ୍ୱାରା ସାଧକ ପାଇଁ ନିଜ ପ୍ରାପ୍ତିର ସୁନିର୍ମଳ, ନିଷ୍କଣ୍ଟକ, ସୁବିସ୍ତୃତ ପଥ ପ୍ରଦର୍ଶନ

କରିଯାଇଛନ୍ତି । ଶ୍ରୀଗୁରୁଦେବଙ୍କ ଚିନ୍ମୟୀ ବାଣୀ ତ୍ରିକାଳାତୀତ ଓ ମାୟାଦେବୀ ଏହାକୁ ତ୍ରିଗୁଣ ରଜ୍ଜୁରେ କବଳିତ କରିପାରିବେ ନାହିଁ, ତେଣୁ ଏହି ଚିନ୍ମୟୀ ଅପ୍ରାକୃତ ଶ୍ରୀଗୁରୁମୁଖପଦ୍ମ ବାକ୍ୟ ଦ୍ୱାରାହିଁ ସେହି ଅପ୍ରାକୃତ କନ୍ଦର୍ପ ମିଥୁନ ସହଜଲଭ୍ୟ । ଏହି ବାକ୍ୟାଦେଶର ଅଭିପାଳନ ହିଁ ଉତ୍ତମାଗତିର ପ୍ରାପକ । ଏତାଦୃଶ ଶକ୍ତି ସମ୍ପନ୍ନ ସେହି ଶ୍ରୀଗୁରୁଙ୍କ ଆଜ୍ଞା ବା ବାକ୍ୟଦେଶର ଅବଜ୍ଞାରେ ଅବଶ୍ୟହିଁ ଗୁର୍ବପରାଧ ଅର୍ଜ୍ଜନ ହୁଏ ।

କେତେକ ଲାଭ-ପୂଜା-ପ୍ରତିଷ୍ଠା-ଯଶ ଲାଭେଚ୍ଛୁ ଶିଷ୍ୟଗଣ ନିଜଗୁରୁଙ୍କୁ ଜଗଦ୍‌ଗୁରୁ ବା ଜଗନ୍ନାଥ ବୋଲି ବିଘୋଷଣ କରି ଅନ୍ୟଙ୍କୁ ମଧ୍ୟ ସେହିପରି ଅଭିମତ ପୋଷଣ କରିବାକୁ ବାଧ କରନ୍ତି । ସେମାନେ ନିଜ ଗୁରୁଙ୍କ ମହିମା ଜ୍ଞାପନ କରି ଅନ୍ୟଙ୍କ ଗୁରୁଙ୍କୁ ନ୍ୟୂନ ପ୍ରମାଣିତ କରିବାପାଇଁ ସର୍ବଦା ତତ୍ପର ଥାଆନ୍ତି । ସଦ୍‌ଗୁରୁଙ୍କ ପଦାଶ୍ରୟର ସୌଭାଗ୍ୟ ଲାଭ ଜନିତ ଦମ୍ଭ ପ୍ରକାଶ କରି ଅନ୍ୟ ମହଦ୍‌ବୈଷ୍ଣବ ବୃନ୍ଦଙ୍କ ଅସମ୍ମାନ କରନ୍ତି । ବାସ୍ତବରେ ସେମାନେ ଏକ ଏବଂ ଅଭିନ୍ନ ତଥା ଅଦ୍ୱିତୀୟ ଗୁରୁତତ୍ତ୍ୱ ହୃଦୟଙ୍ଗମରେ ସମ୍ପୂର୍ଣ୍ଣ ରୂପେ ଅକ୍ଷ । ଅନ୍ୟଥା ସେମାନେ ସମଷ୍ଟିଗୁରୁଙ୍କର ସ୍ୱରୂପାଂଶ ବିଭିନ୍ନ ବ୍ୟଷ୍ଟିଗୁରୁତତ୍ତ୍ୱର ସାମର୍ଥ୍ୟରେ ପାତର-ଅନ୍ତର କରନ୍ତେ ନାହିଁ । ମୋ ଗୁରୁଦେବ ମୋତେ ଉତ୍ତମାଗତି ପ୍ରଦାନ କରିବାରେ ଯେଉଁ ପରିମାଣରେ ସମର୍ଥ, ଅନ୍ୟ ଗୁରୁଦେବ ତାହାଙ୍କ ଶିଷ୍ୟକୁ ଉତ୍ତମଗତି ପ୍ରଦାନରେ ସେହି ପରିମାଣରେ ସମର୍ଥ କାରଣ ଉଭୟେ ହିଁ ଏକ ବ୍ୟଷ୍ଟି ଗୁରୁତତ୍ତ୍ୱ । ତେଣୁ ଇଏ ସମର୍ଥ, ଇଏ ଅସମର୍ଥ, ଇଏ ଶ୍ରେଷ୍ଠ, ଇଏ ନ୍ୟୂନ - ଏ ସମସ୍ତ ଗୁରୁ-ଅପରାଧୀଙ୍କରହିଁ ପରିଭାଷା ।

ଶ୍ରୀଗୁରୁଦେବ, ଭଗବତ୍‌ତତ୍ତ୍ୱ ଓ ଭକ୍ତିତତ୍ତ୍ୱର ସମନ୍ୱୟ ଭୂମି । ତଥାପି ବ୍ୟଷ୍ଟିଗୁରୁଙ୍କ ନିକଟରେ ଭକ୍ତଭାବର ହିଁ ପ୍ରାଚୁର୍ଯ୍ୟ ପରିଲକ୍ଷିତ ହେଉଥିବା ଯୋଗୁଁ ତାହାଙ୍କୁ ଅଭିନ୍ନ ଭଗବତ୍ ତତ୍ତ୍ୱ ଜ୍ଞାନରେ ତୁଳସୀ ଆଦି ଭଗବତ୍ ସେବା ଉପାୟନରେ ଆରାଧନା କରିଲେ ତାହାଙ୍କ ଭକ୍ତ୍ୟାଭିମାନରେ ଦୃଢ଼ତର ଆଘାତ ପହଞ୍ଚିଥାଏ ଏବଂ କୌଣସି ଗୌଡ଼ୀୟବୈଷ୍ଣବ ସଦ୍‌ଗୁରୁ ଏହି ଅଶାସ୍ତ୍ରୀୟ କାର୍ଯ୍ୟର ଅନୁମୋଦନ ପ୍ରଦାନ କରନ୍ତିନାହିଁ । କିନ୍ତୁ ଯଦି କୌଣସି ବୈଷ୍ଣବବେଶଧାରୀ ଧନ, ଜନ ଲାଭ, ଯଶ ପ୍ରତିଷ୍ଠା ଲୋଲୁପ ବ୍ୟକ୍ତି ଆଚାର୍ଯ୍ୟପଦରେ ଆରୋହଣ କରି ନିଜଶିଷ୍ୟ ବୃନ୍ଦଙ୍କ ନିକଟରୁ ଏତାଦୃଶ ପରିଚର୍ଯ୍ୟାର ଅଭିଳାଷ ପୋଷଣ କରନ୍ତି, ଏବଂ ସେହି ବଞ୍ଚକର ଅନୁଗତ ହତଚିତ୍ତ ଶିଷ୍ୟଗଣ ଯଦି ଭଗବତ ସେବା ଉପକରଣ ଦ୍ୱାରା ତାହାଙ୍କ ଆରାଧନାରେ ପ୍ରବୃତ୍ତ ହୁଅନ୍ତି ତାହାହେଲେ ଉଭୟଙ୍କ ପକ୍ଷରେହିଁ ବିଷମ ଗୁରୁପରାଧ ସଂକ୍ରମିତ ହେବ । ଉଭୟଙ୍କରହିଁ ପତନ ଅବଶ୍ୟମ୍ଭାବୀ ।

କେତେକ ମନୋଧର୍ମୀ ସାଧକ ଅଛନ୍ତି ଯେଉଁମାନେ ଏହିପରି ବକ୍ତବ୍ୟ ପ୍ରକାଶ କରନ୍ତି,- "ଆମ୍ଭେମାନେ ଶ୍ରୀଗୁରୁକରଣ କରିବାପାଇଁ କୌଣସି ଯୋଗ୍ୟ ଗୁରୁଙ୍କ ସନ୍ଧାନ ପାଉନାହୁଁ, ତେଣୁ କୌଣସି ପ୍ରାଚୀନ ଆଦର୍ଶବାନ୍ ସିଦ୍ଧ ମହାତ୍ମାଙ୍କୁ ମାନସରେ ଗୁରୁ ରୂପରେ ବରଣ କରିଲେ ହିଁ ଗୁରୁକରଣ କରାହେଲା, କାହିଁକି ଅବା ବର୍ତ୍ତମାନର ଗୁରୁଙ୍କୁ ପରୀକ୍ଷା ନିରୀକ୍ଷା କରିବାର ଶ୍ରମ ତଥା ସେମାନଙ୍କ ନିକଟରେ ଆଶ୍ରୟ ଗ୍ରହଣ କରି ତାହାଙ୍କ ବାକ୍ୟାଦେଶର ଅନୁଗତ ହେବାର ବୃଥା ପ୍ରୟୋଜନ କଣ ?" ବାସ୍ତବରେ ଏହିପରି ସ୍ୱବଞ୍ଚକଗଣ ବୋଧହୁଏ ଶାସ୍ତ୍ର ବାକ୍ୟ ଅବଗତ ନୁହଁନ୍ତି, ଯେ ମହାନ୍ତଗୁରୁ (ଭକ୍ତଶ୍ରେଷ୍ଠ ପ୍ରତ୍ୟକ୍ଷ ଗୁରୁ) କରଣ ଅନିର୍ବାର୍ଯ୍ୟ

ଅନ୍ୟଥା ପ୍ରତ୍ୟବାୟ । ଯଦି ତାହା ନ ହୋଇଥାଆନ୍ତା ସମସ୍ତେ ତ କୁହନ୍ତେ ମୋ ଗୁରୁ ସ୍ୱୟଂ ଶ୍ରୀକୃଷ୍ଣ ବା ଶ୍ରୀମନ୍ମହାପ୍ରଭୁ, ବା ନିତ୍ୟାନନ୍ଦ ପ୍ରଭୁ ବା ଶ୍ରୀଅଦ୍ୱୈତାଚାର୍ଯ୍ୟ ଆଦି ଆଉ ଯଦି ଯୋଗ୍ୟତାର କଥା ଉଠେ ତାହାହେଲେ ଶ୍ରୀକୃଷ୍ଣ, ଶ୍ରୀମନ୍ମହାପ୍ରଭୁ ତଥା ତାହାଙ୍କ ନିତ୍ୟ ପରିକର ଗଣ ଯୋଗ୍ୟତା ଦେଖି ଗୁରୁକରଣ କରିଛନ୍ତି, ତାହାଙ୍କୁ ଶିଷ୍ୟ ରୂପେ ବରଣ କରିବା ଯୋଗ୍ୟତା କାହାର ଅବା ଥିଲା ? ସେମାନେ କେବଳ ଅବିଚ୍ଛିନ୍ନ କୁଳପରମ୍ପରାଗତ ବିଶୁଦ୍ଧ ମନ୍ତ୍ରକୁ ସମ୍ମାନ ଦେଇ ମହାନ୍ତଗୁରୁ ବରଣ କରି, ଏହା ଅନିର୍ବାର୍ଯ୍ୟ ବୋଲି ଜୀବଜଗତକୁ ଶିକ୍ଷା ଦେଇଯାଇଛନ୍ତି । ତେଣୁ ସାଧକ ପକ୍ଷରେ ମହାନ୍ତଗୁରୁ କରଣ ଅନିର୍ବାର୍ଯ୍ୟ । ପୁନଃ କେତେକ ସ୍ୱେଚ୍ଛାବାଦୀ ଅଛନ୍ତି ଯେଉଁମାନେ କୁହନ୍ତି, 'ଆମ୍ଭେ ଯାହାଙ୍କୁ ଶ୍ରୀଗୁରୁରୂପେ ଅଙ୍ଗୀକାର କରିବୁ ବୋଲି ସ୍ଥିର କରିଥିଲୁ, ବା ଯାହାଙ୍କଠାରୁ ଶିକ୍ଷା ବା ହରିନାମାଦି ଗ୍ରହଣ କରିଥିଲୁ, ତାହାଙ୍କ ଅପ୍ରକଟଲୀଳା ଅନ୍ତେ ତଦ୍ରୂପ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତି ନପାଇବାରୁ ଆଉ ଗୁରୁକରଣ ବା ମନ୍ତ୍ର ଦୀକ୍ଷାଗୁରୁ ଗ୍ରହଣର ଆବଶ୍ୟକତା କଣ ? ତାହାଙ୍କ ଉପଦେଶ ସମୂହ ପାଳନ କରିଲେହିଁ ତ ଯଥେଷ୍ଟ ।' ବାସ୍ତବରେ ସେମାନେ ଜଗତରେ ଅବସ୍ଥିତ ବିଶୁଦ୍ଧ ଅଖଣ୍ଡ ଗୁରୁତତ୍ତ୍ୱର ଅବମାନନା କରନ୍ତି । ଗୋସ୍ୱାମୀଗଣଙ୍କ ମତରେ ସେମାନଙ୍କୁ ସିଦ୍ଧ ଗୁରୁପରମ୍ପରା ଆଗତ ମହାନ୍ତଗୁରୁ କରଣ କରିବାକୁହିଁ ପଡ଼ିବ ଅନ୍ୟଥା ଭକ୍ତିପଥରୁ ବିଚ୍ୟୁତ ଅବଶ୍ୟମ୍ଭାବୀ । ଏହିପରି ଭାବ ପୋଷଣ କରୁଥିବା ସାଧକ ଆତ୍ମଘାତୀ ଅଟନ୍ତି । ଏ ଜନ୍ମରେ ଗୁରୁକରଣ ନ କରିଲେ ସେମାନଙ୍କୁ ପୁନଃ ଜନ୍ମଗ୍ରହଣ କରି ଗୁରୁକରଣ କରିବା ପରେହିଁ ସେମାନଙ୍କର ଭଗବତ୍ ପ୍ରାପ୍ତି ସମ୍ଭବପର ହୋଇଥାଏ ।

ଗୁରୁତ୍ୟାଗ

ଶ୍ରୀଗୁରୁଦେବ ନିତ୍ୟାରାଧ୍ୟତତ୍ତ୍ୱ, *'ଚକ୍ଷୁଦାନ ଦିଲ ଯେଇ ଜନ୍ମେ ଜନ୍ମେ ପ୍ରଭୁ ସେଇ'* ତେଣୁ ସେ କେବେ ମଧ୍ୟ ପରିତ୍ୟଜ୍ୟ ନୁହନ୍ତି । ଏହି ସମ୍ବନ୍ଧରେ ଶ୍ରୀଜୀବପାଦ୍ ଶ୍ରୀଭକ୍ତିସନ୍ଦର୍ଭରେ (୨୦୭ଅନୁ) କହିଛନ୍ତି-

ବୋଧଃ କଳୁଷିତ ଯେନ ଦୌରାତ୍ମ୍ୟଂ ପ୍ରକଟୀକୃତମ୍ ।
ଗୁରୁର୍ଯେନ ପରିତ୍ୟକ୍ତଯେନ ତ୍ୟକ୍ତଃ ପୁରା ହରିଃ ॥ (ଇତି ବ୍ରହ୍ମବୈବର୍ତ୍ତାଦୌ ତତ୍ତ୍ୟାଗନିଷେଧାତ୍ ।)

ଯେଉଁ ବ୍ୟକ୍ତି ଗୁରୁଙ୍କୁ ପରିତ୍ୟାଗ କରିବାର ଦୁର୍ବୁଦ୍ଧି କରିଅଛି, ତାହା ଦ୍ୱାରା ଜ୍ଞାନ କଳୁଷିତ ଓ ଦୌରାତ୍ମ୍ୟ ପ୍ରକାଶିତ ହୋଇଅଛି, ସେହି ବ୍ୟକ୍ତି ଶ୍ରୀହରିଙ୍କୁ ପୂର୍ବେହିଁ ପରିତ୍ୟାଗ କରିଅଛି । ଶ୍ରୀବ୍ରହ୍ମବୈବର୍ତ ପୁରାଣାଦିର ବାକ୍ୟରୁ ଗୁରୁତ୍ୟାଗ ନିଷିଦ୍ଧ ହୋଇଅଛି । ପୁନଃ ଉକ୍ତ ହୋଇଅଛି-

ଯାବତ୍ ପାପେସ୍ତୁ ମଳିନଂ ହୃଦୟଂ ତାବଦେବ ହି ।
ନ ଶାସ୍ତ୍ରେ ସତ୍ୟବୁଦ୍ଧିଃ ସ୍ୟାତ୍ ସଦ୍‌ବୁଦ୍ଧିଃ ସ୍‌ଦ୍‌ଗୁରୌ ତଥା ॥ (ଭକ୍ତିସନ୍ଦର୍ଭ-୧୩)

ଯେପର୍ଯ୍ୟନ୍ତ ପାପରାଶି ଦ୍ୱାରା ହୃଦୟ ମଳିନ ଥାଏ, ସେ ପର୍ଯ୍ୟନ୍ତହିଁ ଶାସ୍ତ୍ରରେ ସତ୍ୟବୁଦ୍ଧି ଓ ସଦ୍‌ଗୁରୁଙ୍କଠାରେ ସଦ୍‌ବୁଦ୍ଧି ହୁଏନା ।

ଅବିଦ୍ୟୋ ବା ସବିଦ୍ୟୋ ବା ଗୁରୁରେବ ଜନାର୍ଦନଃ ।
ମାର୍ଗସ୍ଥୋ ବାପ୍ୟମାର୍ଗସ୍ଥୋ ଗୁରୁରେବ ସଦା ଗତିଃ ॥ (ହଭବି ୪।୩୫୯)

ବିଦ୍ୟାହୀନ ହୁଅନ୍ତୁ ଅବା ବିଦ୍ୱାନ୍‌ହିଁ ହୁଅନ୍ତୁ, ଗୁରୁଦେବହିଁ ବିଷ୍ଣୁସ୍ୱରୂପ । ସେ ସ୍ୱପଥରେହିଁ ଥାଆନ୍ତୁ ଅବା ବିପଥଗାମୀହିଁ ହୁଅନ୍ତୁ ଗୁରୁହିଁ ସର୍ବଦା ଏକମାତ୍ର ଗତି ।

ଉପଦେଷ୍ଟାରମାମ୍ନାୟାଗତଂ ପରିହରନ୍ତି ଯେ ।

ତାନ୍ ମୃତାନପି କ୍ରବ୍ୟାଦ୍ୟଃ କୃତଘ୍ନାନ୍ନୋପଭୁଞ୍ଜତେ ।।(ହଭବି-୪।୩୬୩)

ଯେଉଁମାନେ କୁଳପରମ୍ପରାଗତ ବା ବେଦ-ବିହିତ ଗୁରୁଙ୍କୁ ତ୍ୟାଗ କରନ୍ତି । ସେମାନଙ୍କର ମୃତଦେହ ମାଂସାଶୀ ରାକ୍ଷସ ବା ପଶୁପକ୍ଷୀ ମଧ୍ୟ ଅସ୍ପୃଶ୍ୟ ଜ୍ଞାନରେ ଭକ୍ଷଣ କରନ୍ତିନାହିଁ ।

ପ୍ରତିପଦ୍ୟ ଗୁରୁଂ ଯସ୍ତୁ ମୋହାଦ୍‌ବିପ୍ରତିପ୍ରଦ୍ୟତେ ।

ସ କଳ୍ପକୋଟିଂ ନରକେ ପଚ୍ୟତେ ପୁରୁଷାଧମଃ ।।(ହଭବି -୪।୩୬୫)

ଥରେ ଗୁରୁରୂପେ ସ୍ୱୀକାର କରି ଯଦି ମୋହବଶତଃ ତାହାଙ୍କୁ ପୁନଃ ଅସ୍ୱୀକାର କରାଯାଏ, ତାହାହେଲେ ସେହିପରି ଆଚରଣକାରୀ ନରାଧମ କୋଟିକଳ୍ପ ନରକରେ ପଚୁଥାଏ ।

ଶବ୍ଦବ୍ରହ୍ମ ବେଦରେ ବା ଭକ୍ତିଶାସ୍ତ୍ରରେ ଏବଂ ପରବ୍ରହ୍ମ ଭଗବାନଙ୍କଠାରେ ଅର୍ଥାତ୍ ତାହାଙ୍କ ଶ୍ରବଣକୀର୍ତ୍ତନାଦିରେ ନିଷ୍ଠାପ୍ରାପ୍ତ ବୈଷ୍ଣବଶ୍ରେଷ୍ଠ ଗୁରୁଙ୍କୁହିଁ ଭଜନ କରିବାର ଉପଦେଶ ଶ୍ରୀମଦ୍ଭାଗବତାଦି ପ୍ରମାଣ ଶିରୋମଣି ଶାସ୍ତ୍ରରେ ରହିଅଛି, ଯଦି ବାସ୍ତବିକ୍‌ହିଁ କୌଣସି ମଧ୍ୟ ବ୍ୟକ୍ତିଠାରେ ସେହିପରି ଲକ୍ଷଣ ନଥାଏ ଏବଂ ତଜ୍ଜନ୍ୟ ତାହାଙ୍କଠାରେ ସନ୍ତୁଷ୍ଟ ନହୋଇ ଭଜନାଭିଳାଷୀ ଶିଷ୍ୟ ଅନ୍ୟ ଗୁରୁ ଗ୍ରହଣ କରନ୍ତି, ତାହା ହେଲେ ମଧ୍ୟ କଣ ତାହାକୁ ଗୁରୁତ୍ୟାଗ କୁହାଯିବ କି ? ଏହି ବିଷୟରେ ଶ୍ରୀଜୀବଗୋସ୍ୱାମୀପାଦ୍‌ଙ୍କ ସିଦ୍ଧାନ୍ତ ଏହି-

ତଦପରିତୋଷେଣୈବାନ୍ୟୋ ଗୁରୁଃ କ୍ରିୟତେ ।

ତତୋଽନେକ-ଗୁରୁକରଣେ ପୂର୍ବତ୍ୟାଗ ଏବ ସିଦ୍ଧଃ ।।(ଭକ୍ତିସନ୍ଦର୍ଭ ୨୦୭)

-ଯଦି ପୂର୍ବଗୁରୁଙ୍କଠାରେ ପରିତୁଷ୍ଟ ନହୋଇ ଅନ୍ୟ ଗୁରୁ ଗ୍ରହଣ କରାଯାଏ, ତାହା ହେଲେ ଅନେକ ଗୁରୁକରଣ ଯୋଗୁଁ ପୂର୍ବତ୍ୟାଗ କରାହେଲା । କିନ୍ତୁ ଏ ବିଷୟରେ ଏକ ବିଶେଷ ବିଧି ଅଛି-

ଅବୈଷ୍ଣବୋପଦିଷ୍ଟେନ ମନ୍ତ୍ରେଣ ନିରୟଂ ବ୍ରଜେତ୍ ।

ପୁନଶ୍ଚ ବିଧିନା ସମ୍ୟଗ୍ ଗ୍ରାହୟେଦ୍‌ବୈଷ୍ଣବାଦ୍ ଗୁରୋଃ ।।(ହଭବି-୪।୩୬୬)

ଶ୍ରୀସନାତନ ଗୋସ୍ୱାମୀପାଦ୍‌ଙ୍କ ଟୀକା - *''ମାର୍ଗସ୍ଥୋ ବାପ୍ୟମାର୍ଗସ୍ଥଃ' ଇତ୍ୟନେନ 'ଉପଦେଷ୍ଟାର- ମିତ୍ୟାଦିନା ଚ କଥଞ୍ଚିଦପି ଗୁରୁର୍ନ ତ୍ୟାଜ୍ୟ ଇତି ଲିଖିତମ୍ । ଅଧୁନା ତତ୍ର ମୋହାଦ୍ ଅବୈଷ୍ଣବୋ ଗୁରୁଃ କୃତଶ୍ଚେତ୍ତର୍ହି ସ ପରିତ୍ୟାଜ୍ୟ ଇତି ପ୍ରସଙ୍ଗାତ୍ ପୂର୍ବୋତ୍ତରାପବାଦଂ ଲିଖତି-ଅବୈଷ୍ଣବେତି । ଗ୍ରାହୟେଦିତି ସ୍ୱାର୍ଥେ ଣିଚ୍ ମନ୍ତ୍ରଂ ଗୃହୀୟାଦିତ୍ୟର୍ଥଃ ଯଦ୍ବା ସାଧୁଜନସ୍ତାଦୃଶ ଜନଂ କୃପୟା ମନ୍ତ୍ରଂ ଗ୍ରାହୟେଦିତ୍ୟର୍ଥଃ ।''*

ଅର୍ଥାତ୍ ଗୁରୁଦେବ ସ୍ୱପଥରେହିଁ ଥାଆନ୍ତୁ ଅବା ବିପଥଗାମୀହିଁ ହୁଅନ୍ତୁ, ସେ ହିଁ 'ଅନନ୍ୟଗତି' ଏବଂ କୁଳପରମ୍ପରାଗତ ମନ୍ତ୍ରୋପଦେଷ୍ଟାଙ୍କୁ ଯେଉଁମାନେ ପରିତ୍ୟାଗ କରନ୍ତି, ସେମାନଙ୍କର ମୃତଦେହ ମାସାଂଶୀ ପଶୁପକ୍ଷୀମଧ୍ୟ ଭକ୍ଷଣ କରନ୍ତି ନାହିଁ ଇତ୍ୟାଦି ଶାସ୍ତ୍ରବାକ୍ୟରେ ଯେ ମନ୍ତ୍ରୋପଦେଷ୍ଟା କୌଣସି ପ୍ରକାରରେ ପରିତ୍ୟଜ୍ୟ ନୁହଁନ୍ତି, ଏହା ପୂର୍ବେ ଲିଖିତ ହୋଇଅଛି, ସେହି ଶାସ୍ତ୍ରବାକ୍ୟ-ସମ୍ବନ୍ଧରେ ଅପବାଦ ଅର୍ଥାତ୍ ବିଶେଷବିଧି ବର୍ତ୍ତମାନ୍ ଜ୍ଞାପନ କରୁଅଛନ୍ତି । ଯଦି କେହି ମୋହବଶତଃ ବା ଅଜ୍ଞତାକ୍ରମେ ଅବୈଷ୍ଣବଙ୍କୁ ଗୁରୁରୂପରେ ଆଶ୍ରୟ କରିଥାଆନ୍ତି, ତାହା ହେଲେ ସେହିପରି ଗୁରୁଙ୍କୁ ତ୍ୟାଗ କରିବାକୁ ହେବ କାରଣ ଅବୈଷ୍ଣବ ଉପଦିଷ୍ଟ ମନ୍ତ୍ର ଦ୍ୱାରା ନରକକୁ ଯିବାକୁ ହେବ । ଅତଏବ ପୁନର୍ବାର ଯଥାବିଧି ବୈଷ୍ଣବଗୁରୁଙ୍କ ନିକଟରୁ ମନ୍ତ୍ର

ଗ୍ରହଣ କରିବାକୁ ହେବ ଅଥବା କୌଣସି ମଧ୍ୟ ସାଧୁବ୍ୟକ୍ତି ସେହିପରି ଅବୈଷ୍ଣବଙ୍କ ଆଶ୍ରିତ ଶିଷ୍ୟକୁ କୃପା ପୂର୍ବକ ବୈଷ୍ଣବଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରାଇବେ । ଶ୍ରୀନାରଦ ପଞ୍ଚରାତ୍ରରେ (୨।୮।୨୬-୨୭) ଉକ୍ତ ହୋଇଅଛି-

ସ ଗୁରୁଃ ପରମୋ ବୈରୀ ଭ୍ରଷ୍ଟଂ ବର୍ତ୍ମ ପ୍ରଦର୍ଶୟେତ୍ ।
ତଜ୍ଜନ୍ମନାଶଂ କୁରୁତେ ଶିଷ୍ୟହତ୍ୟାଂ ଭବେଦ୍ ଧ୍ରୁବମ୍ ॥

ଯିଏ ଭ୍ରଷ୍ଟପଥ ପ୍ରଦର୍ଶକ, ସିଏ ଗୁରୁ ନୁହଁନ୍ତି, ବରଂ ପରମ ଶତ୍ରୁ, ସେ ଶିଷ୍ୟର ପରମପୁରୁଷାର୍ଥପ୍ରଦ ଦୁର୍ଲଭ ମନୁଷ୍ୟଜନ୍ମଟି ନଷ୍ଟ କରିବାରୁ ନିଶ୍ଚୟହିଁ ଶିଷ୍ୟ ହତ୍ୟାର ଫଳ ଲାଭ କରନ୍ତି । ଶ୍ରୀହରିଭକ୍ତି-ବିଳାସରେ (୧।୧୦୧) ଆଉ ଏକ ପ୍ରମାଣବାକ୍ୟ ଉଦ୍ଧୃତ ହୋଇଛି -

ଯୋ ବ୍ୟକ୍ତି ନ୍ୟାୟ ରହିତମନ୍ୟାୟେନ ଶୃଣୋତି ଯଃ ।
ତାବୁଭୌ ନରକଂ ଘୋରଂ ବ୍ରଜତଃ କାଳମକ୍ଷୟମ୍ ॥

ଶ୍ରୀଳ ସନାତନଗୋସ୍ୱାମୀପାଦ୍‌ଙ୍କ ଟୀକା- *"ପରୀକ୍ଷାଂ ବିନା ଗୁରୁସେବାଦିଂ ବିନା ଚ ମନ୍ତ୍ରସ୍ୟ କଥନେ ଗ୍ରହଣେ ଚ ମହାନନର୍ଥ ଇତି ଲିଖତି ଯୋ ବ୍ୟକ୍ତୀତି, ନ୍ୟାୟଃ ଦ୍ୱୟୋରନ୍ୟୋଽନ୍ୟ-ପରୀକ୍ଷଣପୂର୍ବକ - ଗୁରୁସେବାଦିପ୍ରକାର-ସ୍ତଦ୍ରହିତମ୍ ॥"* ଅର୍ଥାତ୍ - ପରୀକ୍ଷା ବ୍ୟତୀତ ଓ ଗୁରୁସେବାଦି ବ୍ୟତୀତ ମନ୍ତ୍ରର କଥନ ଓ ଗ୍ରହଣରେ ମହାନର୍ଥ ଉପସ୍ଥିତ ହୁଏ, ତାହାହିଁ ଲେଖିଛନ୍ତି, ଗୁରୁ ଓ ଶିଷ୍ୟର ପରସ୍ପର ପରୀକ୍ଷା ଏବଂ ଗୁରୁସେବାଦିର ପ୍ରକାରରୂପ ନୀତିକୁ ତ୍ୟାଗ କରି ଯେଉଁ ଗୁରୁ ଶିଷ୍ୟକୁ ମନ୍ତ୍ର ଉପଦେଶ କରନ୍ତି, ସେମାନେ ଉଭୟେହିଁ ଅନନ୍ତକାଳ ଘୋର ନରକରେ ଭ୍ରମଣ କରନ୍ତି ।

ଅବୈଷ୍ଣବ 'ମନ୍ତ୍ର-ଗୁରୁ' ପରି ଅବୈଷ୍ଣବ 'ଶ୍ରବଣ-ଗୁରୁ' ପରିତ୍ୟାଗ ସମ୍ବନ୍ଧରେ ମଧ୍ୟ ଶାସ୍ତ୍ରରେ ବିଶେଷ ବିଧି ଅଛି । ଏହି ପ୍ରସଙ୍ଗରେ ଶ୍ରୀଳ ଜୀବପାଦ୍ ଶ୍ରୀଭକ୍ତି ସନ୍ଦର୍ଭରେ (୨୩୮ ଅନୁ) କହିଛନ୍ତି- *"ଯଃ ପ୍ରଥମଂ (ଭା ୧୧।୩।୨୧) 'ଶବ୍ଦେପରେ ଚ ନିଷ୍ଣାତମ୍' ଇତ୍ୟାଦ୍ୟୁକ୍ତଲକ୍ଷଣଂ ଗୁରୁଂ ନାଶ୍ରିତବାନ୍, ତାଦୃଶ-ଗୁରୋଶ୍ଚ ମତ୍ସରାଦିତୋ ମହାଭାଗବତ-ସଲ୍ଲାରାଦାଦନୁମତିଂ ନ ଲଭତେ, ସ ପ୍ରଥମତ ଏ ତ୍ୟକ୍ତ ଶାସ୍ତ୍ରୋ ନ ବିଚାର୍ଯତେ । ଉଭୟ-ସଙ୍କଟପାତୋ ହି ତସ୍ମିନ୍ ଭବତ୍ୟେବ । ଏବ ମାଦିକାଭିପ୍ରାୟେଣୈବ - ଯୋ ବ୍ୟକ୍ତି ନ୍ୟାୟରହିତମନ୍ୟାୟେନ ଶୃଣୋତି ଯଃ । ତାବୁଭୌ ନରକଂ ଘୋରଂ ବ୍ରଜତଃ କାଳମକ୍ଷୟମ୍ ॥ ଅତଏବ ଦୁରତ ଏବାରାଧ୍ୟ ସାଦୃଶୋ ଗୁରୁଃ, ବୈଷ୍ଣବବିଦ୍ୱେଷୀ ତେତ୍ ପରିତ୍ୟାଜ୍ୟ ଏବ- ଗୁରୋରପ୍ୟବଲିପ୍ତସ୍ୟ କାର୍ଯାକାର୍ଯମଜାନତଃ । ଉତ୍‌ପଥପ୍ରତି ପନ୍ନସ୍ୟ ପରିତ୍ୟାଗୋ ବିଧୀୟତେ ॥ (ମହାଭାରତ ଉଦ୍ୟୋଗପର୍ବ ୧୭୯।୨୫) ଇତି ସ୍ମରଣାତ୍, ତସ୍ୟ ବୈଷ୍ଣବଭାବ ରାହିତ୍ୟେନାବୈଷ୍ଣବତୟା 'ଅବୈଷ୍ଣବୋପଦିଷ୍ଟେନ' ଇତ୍ୟାଦି ବଚନ-ବିଷୟ ତ୍ୱାଚ୍ଚେ ।"*

ଅର୍ଥାତ୍ ଯେଉଁ ବ୍ୟକ୍ତି ପ୍ରଥମତଃ ବେଦତାତ୍ପର୍ଯ୍ୟରେ ନିପୁଣ ଓ ପରବ୍ରହ୍ମର ଅନୁଭବଯୁକ୍ତ ସଦ୍‌ଗୁରୁଙ୍କ ଆଶ୍ରୟଗ୍ରହଣ କରି ନାହାନ୍ତି ଏବଂ ତାଦୃଶ ପରଶ୍ରୀକାତର ଗୁରୁଙ୍କ ନିକଟରୁ ମହାଭାଗବତଗଣଙ୍କର ସଲ୍ଲାରାଦି-ବିଷୟରେ ଅନୁମତି ମଧ୍ୟ ଲାଭ କରି ନାହାନ୍ତି, ଅର୍ଥାତ୍ ଯେଉଁ ଗୁରୁ ଶିଷ୍ୟ ଦ୍ୱାରା ନିଜ ସେବା କରାନ୍ତି ବା ସ୍ୱାର୍ଥସାଧନ କରାନ୍ତି, ମହାଭାଗବତଗଣଙ୍କର ସେବା ପାଇଁ ଶିଷ୍ୟକୁ ପ୍ରରୋଚନା ବା ଅନୁମତି ଦାନ କରନ୍ତି ନାହିଁ, ସେହିପରି ବ୍ୟକ୍ତିର ଶିଷ୍ୟ

ପ୍ରଥମତଃହିଁ ଶାସ୍ତ୍ରମର୍ଯ୍ୟାଦା ଲଂଘନ କରିଅଛନ୍ତି ବୋଲି ତାହା ସମ୍ବନ୍ଧରେ କୌଣସି ବିଚାରହିଁ କରାଯାଇପାରେ ନା । ତାହାଙ୍କ ପକ୍ଷେ ଉଭୟ ସଙ୍କଟ ଉପସ୍ଥିତ ହୁଏ । ଆଉ ଏକଦିଗରେ, ମହାଭାଗବତଙ୍କ ସେବା ଲାଭ ମଧ୍ୟ ତାହାଙ୍କ ଭାଗ୍ୟରେ ଘଟେନା । ଏହିପରି ଅଭିପ୍ରାୟରେହିଁ ଶ୍ରୀନାରଦପଞ୍ଚରାତ୍ରରେ ଉକ୍ତ ହୋଇଅଛି –'ଯେଉଁ ବ୍ୟକ୍ତି ନ୍ୟାୟ–ରହିତ ଉପଦେଶ ପ୍ରଦାନ କରେ ଏବଂ ଯେଉଁ ବ୍ୟକ୍ତି ଅନ୍ୟାୟଭାବରେ ତାହା ଶ୍ରବଣ କରେ, ସେମାନେ ଉଭୟେହିଁ ଅକ୍ଷୟକାଳ ବ୍ୟାପି ଘୋର ନରକାଗାମୀ ହୁଅନ୍ତି । ଅତଏବ ସେହିପରି ଗୁରୁଙ୍କୁ ଦୂରରୁ ସମ୍ମାନ କରିବାକୁ ହେବ, ଆଉ ଯଦି ସେ ବୈଷ୍ଣବ–ବିରୋଧୀ ହୁଅନ୍ତି ତାହାହେଲେ ତାହାଙ୍କୁ ନିଶ୍ଚୟହିଁ ପରିତ୍ୟାଗ କରିବାକୁ ହେବ । କାରଣ ଶାସ୍ତ୍ରରେ ଉକ୍ତ ହୋଇଅଛି, ମହାଭାଗବତଙ୍କ ପୂଜାରୂପ କାର୍ଯ୍ୟ ଏବଂ ତାହାଙ୍କ ପୂଜା ନକରିବା ପରି ଅକାର୍ଯ୍ୟ ବିଷୟରେ ଯାହାଙ୍କର ଜ୍ଞାନ ନାହିଁ, ଯେଉଁ ବ୍ୟକ୍ତି ଗର୍ବିତ, ସେହିପରି ଭକ୍ତି ବିରୋଧ ପଥାବଲମ୍ବୀ ଗୁରୁଙ୍କୁ ପରିତ୍ୟାଗ କରିବାହିଁ ବିଧି । ତାହାଙ୍କର ବୈଷ୍ଣବ ଭାବ ରାହିତ୍ୟ ବଶତଃ ଅବୈଷ୍ଣବତା ଯୋଗୁଁ 'ଅବୈଷ୍ଣବୋପଦିଷ୍ଟ ମନ୍ତ୍ର ଦ୍ୱାରା ପୁରୁଷ ନରକଗାମୀ ହୁଏ' – ଇତ୍ୟାଦି ବଚନାନୁସାରେ ସେହିପରି ଗୁରୁ–ନାମଧାରୀଙ୍କୁ ପରିତ୍ୟାଗ କରିବାହିଁ କର୍ତ୍ତବ୍ୟ । ସେହିପରି ଅବୈଷ୍ଣବ ଗୁରୁଙ୍କୁ ପରିତ୍ୟାଗ କରି ବୈଷ୍ଣବଗୁରୁଙ୍କ ନିକଟରୁ ମନ୍ତ୍ରଗ୍ରହଣ କରିବାକୁ ହେବ ।

ଶ୍ରୀହରିଭକ୍ତିବିଳାସାଦି ଶାସ୍ତ୍ର–ପ୍ରୋକ୍ତ ଅ–ଗୁରୁଙ୍କର ଲକ୍ଷଣସମୂହ ଯଥାସ୍ଥାନରେ କଥିତ ହୋଇଅଛି । ଉକ୍ତ ଅଗୁରୁ–ଲକ୍ଷଣ ସମୂହ ମଧ୍ୟରେ କେତୋଟି ଲକ୍ଷଣ ବିଶେଷ ପ୍ରଣିଧାନ ଯୋଗ୍ୟ–

ବହ୍ୱାଶୀ ଦୀର୍ଘସୂତ୍ରୀ ଚ ବିଷୟାଦିଷୁ ଲୋଲୁପଃ ।
ହେତୁବାଦରତୋ ଦୁଷ୍ଟୋଽବାଗ୍‌ବାଦୀ ଗୁଣନିନ୍ଦକଃ ।।(ହଭବି ୧।୫୬)

ଟୀକା – *"ଅବାଗ୍‌ବାଦୀ – ଅବାଚ୍ୟ–ପରପାପାଦିବକ୍ତା ।"* ଭୁରିଭୋଜୀ (ପେଟୁ) ଦୀର୍ଘସୂତ୍ରୀ, ବିଷୟାଦି ପ୍ରତି ଲୋଭୀ, ପ୍ରତିକୂଳ–ତର୍କପରାୟଣ, ଦୁଷ୍ଟ, ଅବାଚ୍ୟ ପରପାପାଦିର ବକ୍ତା ଅର୍ଥାତ୍ ଅପରର ଯେଉଁ ପାପ ମୁଖରେ ଉଚ୍ଚାରଣ କରିବା ଉଚିତ୍ ନୁହେଁ, ଲୋକମାନଙ୍କ ନିକଟରେ ତାହା ପ୍ରଚାର–କାରୀ, ଅପରର ଗୁଣର ନିନ୍ଦୁକ ଇତ୍ୟାଦି ।

ବୈଷ୍ଣବଶ୍ରେଷ୍ଠ ଶ୍ରୀଗୁରୁଦେବଙ୍କର ଗୋଟିଏ ବିଶେଷ ଗୁଣ ସେ ଅନିନ୍ଦୁକ ଓ ଅଦୋଷଦର୍ଶୀ । ଶ୍ରୀଳ ବିଶ୍ୱନାଥ ଚକ୍ରବର୍ତ୍ତୀପାଦ ତାହାଙ୍କ ଶ୍ରୀଗୁରୁଚରଣସ୍ମରଣାଷ୍ଟକମ୍ ୫ମ ଶ୍ଲୋକରେ କହିଛନ୍ତି,–

ନିନ୍ଦେତ୍ୟକ୍ଷରଯୋର୍ଦ୍ୱୟଂ ପରିଚୟଂ ପ୍ରାପ୍ତଂ ନ ଯତ୍ କର୍ଣ୍ଣୟୋଃ ।
ସାଧୂନାଂ ସ୍ତୁତିରେବ ଯଃ ସ୍ୱ–ରସନାମାସ୍ୱାଦୟତ୍ୟନ୍ୱହମ୍ ।।
ବିଶ୍ୱାସ୍ୟଂ ଜଗଦେବ ଯସ୍ୟ ନ ପୁନଃ କୁତ୍ରାପି ଦୋଷଗ୍ରହଃ ।
ଶ୍ରୀରାଧାରମଣଂ ମୁଦା ଗୁରୁବରଂ ବନ୍ଦେ ନିପତ୍ୟାବଣୌ ।।

ଯାହାଙ୍କ କର୍ଣ୍ଣଯୁଗଳ ସହିତ 'ନିନ୍ଦା' ଏହି ଅକ୍ଷର ଦୁଇଟିର କେବେ ମଧ୍ୟ ପରିଚୟ ହୋଇନାହିଁ, ଯିଏ ନିଜର ରସନାକୁ ପ୍ରତିଦିନ ସାଧୁଗଣଙ୍କର ସ୍ତୁତିହିଁ ଆସ୍ୱାଦନ କରାନ୍ତି, ଚରାଚର ସମଗ୍ର ଜଗତହିଁ ଯାହାଙ୍କ ବିଶ୍ୱାସର ପାତ୍ର ଏବଂ କୌଣସି ସ୍ଥଳେହିଁ ଯାହାଙ୍କର ଦୋଷଦୃଷ୍ଟି ନାହିଁ, ସେହି ଶ୍ରୀରାଧାରମଣ ନାମକ ଶ୍ରୀଗୁରୁଦେବଙ୍କୁ ଆନନ୍ଦଭରେ ଭୂଲୁଣ୍ଠିତ ହୋଇ ବନ୍ଦନା କରୁଅଛି ।

କେହି କେହି କୁହନ୍ତି ଆଚାର୍ଯ୍ୟ ଲୋକ–ଶିକ୍ଷା–କଳ୍ପେ ଓ ଶିଷ୍ୟବୃନ୍ଦଙ୍କ ମଙ୍ଗଳ ପାଇଁ

ଅସମ୍ପ୍ରଦାୟର ଓ ସ୍ୱ-ସମ୍ପ୍ରଦାୟର ଅସତ୍ ବ୍ୟକ୍ତିଗଣଙ୍କର ଦୋଷ ସମୂହ ଜଗତକୁ ନ ଜଣାଇଲେ ଜଗତ ଅସାଧୁକୁ ସାଧୁ ବୋଲି ଭ୍ରାନ୍ତ ହେବେ । ଏଥିପାଇଁ ଜୀବଙ୍କଠାରେ ଦୟାଶୀଳ ଆଚାର୍ଯ୍ୟଗଣ ପରର ନିନ୍ଦାପ୍ରତିମ ବାକ୍ୟ କୁହନ୍ତି । ବିବିକ୍ତ ଭଜନାନନ୍ଦୀଙ୍କ ସେହିପରି କାର୍ଯ୍ୟର ପ୍ରୟୋଜନ ହୁଏନା । କିନ୍ତୁ ଶ୍ରୀସନାତନଗୋସ୍ୱାମିପାଦ୍ ପ୍ରମୁଖ ଜଗଦ୍‌ଗୁରୁ ଲୋକଶିକ୍ଷକ ଆଚାର୍ଯ୍ୟଗଣ କହିଛନ୍ତି ଯେ ଲୋକନିନ୍ଦାକୁ ବା ପରନିନ୍ଦା ନ କରି ଜଗତର ହିତସାଧନ ହୁଏ । **ଲୋକାମାନଙ୍କର ହିତ କରିବା ଛଳରେ, ଗୁରୁଦେବ କେବେ ମଧ୍ୟ ଅବାଚ୍ୟ-ପରପାପାଦିର ବକ୍ତା ହୁଅନ୍ତି ନାହିଁ** । ଅର୍ଥାତ୍ ପରର ଯେଉଁ ପାପ ମୁଖରେ ମଧ୍ୟ ଉଚ୍ଚାରଣ କରାଯାଏ ନା, ତାହା ଅନ୍ୟତ୍ର ପ୍ରଚାର ବା ଶିଷ୍ୟର ନିକଟରେ ମଧ୍ୟ କୁହନ୍ତି ନାହିଁ । ପରର ଗୁଣର ଉତ୍କର୍ଷ ସହ୍ୟ କରି ନପାରି ଅନେକ ସମୟରେ ପରିନିନ୍ଦା-ରୂପ ବାଗ୍‌ବେଗର ଉଦୟ ହୁଏ । ସଂସାରୀ ଜୀବର ବା ନିଜପରି ପ୍ରତିକୂଳ ବ୍ୟକ୍ତିଗଣଙ୍କର କେବଳ ଦୋଷ ପ୍ରଦର୍ଶନ କରିଲେହିଁ ସେମାନେ ସଂଶୋଧିତ ହୁଅନ୍ତି ନାହିଁ ଏବଂ ଅପରଙ୍କର ମଧ୍ୟ ତାହା ଦ୍ୱାରା ଶିକ୍ଷା ହୁଏ ନାହିଁ, ବରଂ ପରଚର୍ଚ୍ଚା ଓ ପରନିନ୍ଦାରୂପ ସ୍ୱଭାବଟିହିଁ ବୃଦ୍ଧିପ୍ରାପ୍ତ ବା ସଂକ୍ରମିତ ହୁଏ । ଯଥାର୍ଥ ପରଦୁଃଖଦୁଃଖୀ ଲୋକଶିକ୍ଷକଗଣ ପରଚର୍ଚ୍ଚକ ନୁହନ୍ତି, ସେମାନେ ଅଦୋଷଦର୍ଶୀ ହୋଇ ମଧ୍ୟ ଦୋଷୀ ଓ ଅପରାଧୀ ବ୍ୟକ୍ତିଗଣଙ୍କୁ ନିଜେ ଆଚାର ଓ ମହଦ୍‌ଗୁଣ(ଅଦୋଷଦର୍ଶିତାଦି) ଦ୍ୱାରା ଭଗବତ୍‌ପାଦପଦ୍ମେ ଆକର୍ଷଣ କରନ୍ତି, ଯାହା ସ୍ୱୟଂ ଗୌରସୁନ୍ଦର ଓ ତତ୍‌ପାର୍ଷଦବୃନ୍ଦ ତଥା ଆଚାର୍ଯ୍ୟଗଣଙ୍କର ଚରିତରେ ଦେଖିବାକୁ ମିଳେ ।

ଶ୍ରୀଜୀବଗୋସ୍ୱାମିପାଦ୍ ଶ୍ରୀଭକ୍ତିସନ୍ଦର୍ଭ (୨୫୨ ଅନୁଚ୍ଛେଦରେ) କହିଛନ୍ତି,- *'ଦୈତ୍ୟ ସ୍ୱଭାବସ୍ୟ ଯସ୍ୟ ପରଧର୍ମ -ସ୍ୱଭାବ-ଚର୍ଚ୍ଚାମୂଳକ-ନିନ୍ଦାମାତ୍ର ତାତ୍ପର୍ଯ୍ୟମ୍ ସ ଏବ ହିଂସକତ୍ୱେନ ପଶୁଘ୍ନ-ଶବ୍ଦେନୋଚ୍ୟତେ ।'*- ଅର୍ଥାତ୍ ବ୍ୟାଧ ଯେପରି ହରିଣର ସୌନ୍ଦର୍ଯ୍ୟାଦି ଗୁଣ ନଦେଖି ତତ୍‌ପ୍ରତି ବାଣବିଦ୍ଧ କରେ, ସେହିପରି ଦୈତ୍ୟସ୍ୱଭାବ ବ୍ୟକ୍ତି ପରର ଧର୍ମ ଓ ସ୍ୱଭାବର ଚର୍ଚ୍ଚାମୂଳକ ନିନ୍ଦା କରି ଅପର ପ୍ରତି ହିଂସା କରେ, ଅପରର ଗୁଣଟି ଦେଖେ ନା । ଏହି ପରନିନ୍ଦୁକ ରୂପି ହିଂସକ, ପଶୁଘ୍ନ ଅର୍ଥାତ୍ ପଶୁଘାତୀ ବ୍ୟାଧ ବୋଲି କଥିତ ।

ବୈଷ୍ଣବଶ୍ରେଷ୍ଠ ଗୁରୁଦେବ ଅପରଙ୍କ ଗୁଣଟିହିଁ ଦେଖନ୍ତି, ଶିଷ୍ୟକୁ ମଧ୍ୟ ଗୁଣ ଦେଖିବାରହିଁ ଉପଦେଶ କରନ୍ତି, ଅପରର ଦୋଷ ଦେଖନ୍ତି ନାହିଁ । ଏଥିପାଇଁ ବୈଷ୍ଣବଙ୍କୁ ଅଦୋଷଦର୍ଶୀ କୁହାଯାଏ । ଶ୍ରୀଳ କବିରାଜ ଗୋସ୍ୱାମିପାଦ୍ (ଚୈ:ଚ:ମା।୧୩।୧୩୩) ଶ୍ରୀରଘୁନାଥ ଭଟ୍ଟ ଗୋସ୍ୱାମିପାଦ୍‌ଙ୍କ ସମ୍ବନ୍ଧରେ କହିଛନ୍ତି-*"ବୈଷ୍ଣବେର ନିନ୍ଦାକର୍ମ ନାହି ପାଡ଼େ କାଣେ । ସବେ କୃଷ୍ଣ ଭଜନ କରେ-ଏଇମାତ୍ର ଜାନେ ॥"* ଶ୍ରୀଗୋବିନ୍ଦଦେବଙ୍କ ସେବାଧ୍ୟକ୍ଷ ଶ୍ରୀପାଦ୍ ପଣ୍ଡିତ ହରିଦାସଙ୍କ ସମ୍ବନ୍ଧରେ ମଧ୍ୟ କହିଛନ୍ତି । (ମା।୧୩।୧୩୩)

ସବାର ସମ୍ମାନକର୍ତ୍ତା, କରେନ ସବାର ହିତ । କୌଟିଲ୍ୟ-ମାତ୍ସର୍ଯ୍ୟ-ହିଂସାଶୂନ୍ୟ ତାଁର ଚିତ୍ତ ॥
କୃଷ୍ଣେର ଯେ ସାଧାରଣ ସଦ୍‌ଗୁଣ ପଞ୍ଚାଶ । ସେ ସବ ଗୁଣେର ତାଁର ଶରୀରେ ନିବାସ ॥
ବୈଷ୍ଣବେର ଗୁଣଗ୍ରାହୀ ନା ଦେଖୟେ ଦୋଷ । କାୟ ମନୋବାକ୍ୟେ କରେ ବୈଷ୍ଣବେ ସନ୍ତୋଷ ॥

ଶ୍ରୀରାମାନୁଜ ସମ୍ପ୍ରଦାୟ ମହାନୁଭବ ଆଚାର୍ଯ୍ୟପାଦ୍ ଶ୍ରୀଲୋକାଚାରୀ ସ୍ୱାମୀ ତତ୍‌ପ୍ରଣୀତ "ଶ୍ରୀବଚନ-ଭୂଷଣ" - ସୂତ୍ରରେ (୩୬୮) ଏବଂ ଉକ୍ତ ସୂତ୍ରର ବ୍ୟାଖ୍ୟାରେ ଆଚାର୍ଯ୍ୟପାଦ ଶ୍ରୀବରବରମୁନି ଯେଉଁ ଶାସ୍ତ୍ରୀୟ ସୁସିଦ୍ଧାନ୍ତ ସ୍ଥାପନ କରିଚନ୍ତି, ତାହା ଏହି ପ୍ରସଙ୍ଗରେ ଉଲ୍ଲେଖ

କରିବା ଅପ୍ରାସଙ୍ଗିକ ହେବ ନାହିଁ । ଶ୍ରୀଲୋକାଚାରୀ ସ୍ୱାମୀ କହିଛନ୍ତି– *'ପ୍ରତିତିଷ୍ଠ ନିବର୍ତ୍ତନାଥମ୍ ॥'* ଶ୍ରୀବରବର ମୁନିକୃତ ବ୍ୟାଖ୍ୟା – *ସଂସାରିନାଂ ଦୋଷପ୍ରତିତି, ତାଦୃଶ – ଦୋଷେ ଭ୍ୟସ୍ତାନ୍ନିବର୍ତ୍ତୟିତୁମିତ୍ୟର୍ଥଃ **ପରାଙ୍କୁଶୈସ୍ତତ୍ର ମନସଃ ପ୍ରବର୍ତନମ୍ ଅସେବ୍ୟସେବା–ଦିଭ୍ୟସ୍ତାନ୍ନିବର୍ତୟିତୁଂ ଖଳୁ ତତ୍ସର୍ବେଷାଂ ତୁଲ୍ୟମିତି ଭାବଃ । ତନ୍ନିବର୍ତକତ୍ୱମାତ୍ରଂ ବିନା ସ୍ୱାବିଷୟେଷୁ ଅପରାଧେଷୁ କୃତେଷୁ ଅସ୍ୟ ସ୍ଥିତୌ ଚିତ୍ତ ପ୍ରକାରମାହ । ସୂତ୍ର –''ଜ୍ଞାନକୀ ରାକ୍ଷସୀନାଂ ଅପରାଧଂ ସ୍ୱାମିନୋ ମାରୁତେଃ ନ ଅବେଦୟେତ୍, ତଥା ସ୍ୱବିଷୟେଽନ୍ୟେଃ କୃତମପରାଧଂ ଭାଗବତ ବିଷୟେଷୁ ଚ ନ ନିବେଦୟେତ୍ । ଜ୍ଞାପୟିତୁଂ ଶକ୍ତୋଽପି ମୁଖମନୁଦ୍ଘାଟୀ ସର୍ବଜ୍ଞ–ବିଷୟାନାମପି ଆଚ୍ଛାଦୟତି ଇତ୍ୟୁକ୍ତଂ ହି ।* (ଶ୍ରୀବଚନ ଭୂଷଣ ୩୫୯–୩୬୦)

ଶ୍ରୀଶଠକୋପ ସୂରୀ ପ୍ରଭୃତିଙ୍କ ପରି ମହାନୁଭବ ଆଚାର୍ଯ୍ୟଗଣ କର୍ତ୍ତୃକ ଯେଉଁ ବହିର୍ମୁଖ ସଂସାରିଗଣଙ୍କର (ବିଷ୍ଣୁ–ସେବକଗଣଙ୍କର ବା ବୈଷ୍ଣବଙ୍କର ନୁହେଁ) ଦୋଷଦର୍ଶନ ତାହା ସେମାନଙ୍କର (ସଂସାରିଗଣଙ୍କର) ଦୋଷ ଦୂର କରିବାପାଇଁହିଁ । ଶ୍ରୀଶଠକୋପାଚାର୍ଯ୍ୟ ସେମାନଙ୍କର ଅସେବ୍ୟ ବସ୍ତୁର ସେବା ପ୍ରଭୃତି ଦୋଷ ଦୂର କରିବାପାଇଁ ହିଁ ସେମାନଙ୍କର ଦୋଷର ବିଷୟ ଚିନ୍ତା କରନ୍ତି । ମହାନୁଭବ ଆଚାର୍ଯ୍ୟଗଣଙ୍କର ଏହିପରି ଚିନ୍ତାଧାରା । କିନ୍ତୁ ସଂସାରିଗଣଙ୍କର ଦୋଷ ଦୂର କରିବାର ଉଦ୍ଦେଶ୍ୟମାତ୍ର ବ୍ୟତୀତ ସଂସାରୀଜୀବ ଯଦି ନିଜଠାରୁ ଉତ୍ତମାଧିକାରୀଙ୍କ ପ୍ରତି କୌଣସି ମଧ୍ୟ ଅପରାଧ କରେ, ସେତେବେଳେ ଉକ୍ତ ଉତ୍ତମାଧିକାରୀ ବୈଷ୍ଣବେର ଉକ୍ତ ଅପରାଧୀ ସଂସାରୀ ଜୀବପ୍ରତି ଚିନ୍ତାଧାରା ଓ ବ୍ୟବହାର କି ପ୍ରକାର ହୁଏ, ତାହାହିଁ କହୁଛନ୍ତି – ଶ୍ରୀସୀତାଦେବୀ ନିଜ ପ୍ରତି ରାକ୍ଷସୀଙ୍କର ଅପରାଧର ବିନ୍ଦୁବିସର୍ଗ ମଧ୍ୟ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କୁ ଓ ଭକ୍ତ ହନୂମାନଙ୍କୁ ଜାଣିବାକୁ ଦେଇନାହାନ୍ତି । ଏକାକ୍ଷୀ, ଏକକର୍ଣ୍ଣୀ ପ୍ରଭୃତି ସାତଶହ ରାକ୍ଷସୀ ଦଶମାସ ପର୍ଯ୍ୟନ୍ତ ପ୍ରତ୍ୟହ ଶ୍ରୀସୀତାଦେବୀଙ୍କୁ କେତେ ଅଶ୍ଳୀଳ ଓ କଟୁବାକ୍ୟରେ ତର୍ଜନ ଗର୍ଜନ କରିଛନ୍ତି, ତଥାପି ଏଇ ସମସ୍ତ ସଂସାରୀ ଅପରାଧିଗଣଙ୍କର କୌଣସି ମଧ୍ୟ କଥା ବିନ୍ଦୁମାତ୍ର ମଧ୍ୟ ନିଜପତି ଭଗବାନ୍ ଶ୍ରୀରାମଚନ୍ଦ୍ର ବା ଭକ୍ତବୀର ଶ୍ରୀହନୂମାନଙ୍କ ନିକଟରେ ପ୍ରକାଶ କରି ରାକ୍ଷସୀଙ୍କର ନିନ୍ଦା କରିନାହାନ୍ତି । ଉତ୍ତମ ଆଚାର୍ଯ୍ୟ ମଧ୍ୟ ସେହିପରି ନିଜ ପ୍ରତି ସଂସାରିଗଣଙ୍କର ଅପରାଧର କଥା ଶ୍ରୀଭଗବାନ ବା ଅନ୍ୟ ଭକ୍ତ ନିକଟରେ ପ୍ରକାଶ କରନ୍ତି ନାହିଁ, କାରଣ ଯଦି ଏହିପରି ଜ୍ଞାପନ ଦ୍ୱାରା ଭଗବାନ ବା ଭାଗବତଙ୍କ ହୃଦୟରେ ଉଦ୍‌ବେଗ ବା କଷ୍ଟ ହୁଏ, ତାହାହେଲେ ଏହି କଷ୍ଟ ପୂର୍ବରୁ ଭ୍ରଷ୍ଟରୁ ଭ୍ରଷ୍ଟ ଅପରାଧୀ ଜୀବର ଅଧିକତର ପତନର କାରଣ ହେବ । ଅତଏବ ଉତ୍ତମ ଆଚାର୍ଯ୍ୟ ସଂସାରୀ ଜୀବର ମଙ୍ଗଳ ଦିଗରେ ଦୃଷ୍ଟିପାତ କରି ନିଜ ପ୍ରତି ଦ୍ରୋହାଚାରର କଥା ଭଗବାନ ଓ ଭକ୍ତଙ୍କୁ ଜଣାଇବେ ନାହିଁ । ଅଧିକ କଣ ଜ୍ଞାପନରେ ସମର୍ଥ ସର୍ବେଶ୍ୱର ଶ୍ରୀଭଗବାନ ମଧ୍ୟ ନିଜମୁଖ ବନ୍ଦରଖି ସର୍ବଜ୍ଞ ନିତ୍ୟ ସୂରିଗଣଙ୍କର କୌଣସି ମଧ୍ୟ ଅସମୀଚୀନ ବିଷୟ ଶ୍ରୀଲକ୍ଷ୍ମୀଦେବୀଙ୍କ ନିକଟରେ ପ୍ରକାଶ କରିନାହାନ୍ତି । ନିଜର କୁଟିଳତା, ସୁଲଭତା ଇତ୍ୟାଦି ଗୁଣର ପ୍ରକାଶ ଓ ପ୍ରଦର୍ଶନ କରି ସଂସାରୀ ଜୀବକୁ ବଶୀଭୂତ କରିବା ପାଇଁ ପୃଥିବୀରେ ଅବତୀର୍ଣ୍ଣ ହୋଇ ମଧ୍ୟ ଯେତେବେଳେ ପରମେଶ୍ୱର ଉପଯୁକ୍ତ କୌଣସି ମଧ୍ୟ ଜୀବର ସନ୍ଧାନ ପ୍ରାପ୍ତ ହୋଇନାହାନ୍ତି, ସେତେବେଳେ ଶ୍ରୀଭଗବାନ ସଂସାରୀ ଜୀବ ଯେତେହିଁ ଅପରାଧ କରୁ ନା କାହିଁକି, ନିଜର ଏକମାତ୍ର ବାତ୍ସଲ୍ୟ–ଗୁଣ ଯୋଗୁଁ ଜୀବର ଏହି ସମସ୍ତ

ଦୋଷକୁ ଭୋଗ୍ୟରୂପେ ଅର୍ଥାତ୍ ତାହାଙ୍କ କରୁଣାର ଅବଲମ୍ବନ-ରୂପେ ସ୍ୱୀକାର କରି ଥାଆନ୍ତି। ଅତଏବ ସହସ୍ର ଗୀତିରେ ଶ୍ରୀଶଠକୋପ ସ୍ୱାମୀ ପ୍ରଦର୍ଶନ କରିଛନ୍ତି ଯେ ପରମ ଦୟାଳୁ ପରମେଶ୍ୱର ଯେ କେବଳ ନିଜର ପ୍ରିୟା ଶ୍ରୀଲକ୍ଷ୍ମୀଦେବୀଙ୍କୁ ସଂସାରୀ ଜୀବର ଦୋଷସମୂହ କିଛି ମଧ୍ୟ ଜାଣିବାକୁ ଦେଇନାହାନ୍ତି, ତାହା ନୁହେଁ, ଏପରି କି ସର୍ବଜ୍ଞ ନିତ୍ୟସୂରିଗଣଙ୍କର କୌଣସି ଅସମୀଚୀନ ବିଷୟ ଶ୍ରୀଲକ୍ଷ୍ମୀଦେବୀ ନିକଟରେ ପ୍ରକାଶ କରିନାହାନ୍ତି। ଯେତେବେଳେ ସର୍ବେଶ୍ୱର ଭଗବାନ ନିଜେହିଁ ଏହି ପ୍ରକାର ଚେତନର ଦୋଷସମୂହ ଗୋପନ କରନ୍ତି ଏବଂ ଦୋଷ ସମୂହକୁ ଅବଲମ୍ବନ କରିହିଁ କୃପା କରନ୍ତି, ସେତେବେଳେ ଉତ୍ତମ ଆଚାର୍ଯ୍ୟଙ୍କ ପକ୍ଷେ ଚେତନର ଦୋଷସମୂହ ପ୍ରଚାର ନକରି ଗୋପନ ରଖିବାହିଁ କର୍ତ୍ତବ୍ୟ।

ଶ୍ରୀନାମାଚାର୍ଯ୍ୟ ଶ୍ରୀଲହରିଦାସ ଠାକୁର, ଶ୍ରୀବାସୁଦେବଦତ୍ତ ଠାକୁର ପ୍ରମୁଖ ଶ୍ରୀଗୌରପାର୍ଷଦଗଣ ନିଜ ପ୍ରତି ଦ୍ରୋହାଚରଣକାରୀଙ୍କର ଦୋଷ ଓ ଅପରାଧକୁ କିପରି ଭାବରେ ଗୋପନ ରଖି ଜୀବ ପ୍ରତି କରୁଣା ଓ ସେହି ସମସ୍ତ ଜୀବର ଆତ୍ୟନ୍ତିକ ମଙ୍ଗଳ ପାଇଁ ଶ୍ରୀଭଗବାନଙ୍କ ନିକଟରେ ଅକପଟ ପ୍ରାର୍ଥନା କରିଅଛନ୍ତି ଏବଂ ଶ୍ରୀଶ୍ରୀନିତାଇଗୌରସୀତାନାଥ କିପରି ଭାବେ ବହିର୍ମୁଖଗଣଙ୍କ ଦ୍ୱାରା ନିନ୍ଦିତ ଓ ଲାଞ୍ଛିତ ହୋଇ ମଧ୍ୟ ସେମାନଙ୍କର ଦୋଷ ଗୋପନ ପୂର୍ବକ ଜୀବ ପ୍ରତି କରୁଣାହିଁ କରିଅଛନ୍ତି, ତାହା ସେମାନଙ୍କର ମହାବଦାନ୍ୟ ଲୀଳାବଳୀର ଶତଶତ ଆଦର୍ଶ ମଧ୍ୟରେ ଦେଖିବାକୁ ମିଳେ। ତେଣୁ ଅପରର ଦୋଷ ଦର୍ଶନ ବା ନିଜ ପ୍ରତି ସଂସାରିକ ଜୀବର ଦୌରାତ୍ମ୍ୟର କଥା ଜଗତରେ ପ୍ରଚାର ଦ୍ୱାରା ଗୋଟିଏ ଜୀବର ମଙ୍ଗଳ ବା ଗୋଟିଏ ବିରୋଧୀ ବ୍ୟକ୍ତିକୁ ମଧ୍ୟ ସାଧୁ କରି ହୁଏନା। ସେଥିରେ ବରଂ ହିଂସା, ଦ୍ୱେଷ, ମାତ୍ସର୍ଯ୍ୟାଦିର ପ୍ରତିଦ୍ୱନ୍ଦ୍ୱିତା ମୂଳକ କଳିହିଁ ବୃଦ୍ଧି ହୋଇଥାଏ। ଉତ୍ତମ ଆଚାର୍ଯ୍ୟ ଯେଉଁମାନଙ୍କର ଦୋଷ ପ୍ରଦର୍ଶନ କରନ୍ତି, ନିଜ ଅନବଦ୍ୟ ଚରିତ ଓ କରୁଣା ଦ୍ୱାରା ସେମାନଙ୍କର ଆତ୍ୟନ୍ତିକ ମଙ୍ଗଳ ମଧ୍ୟ କରିପାରନ୍ତି।

ଶ୍ରୀଳ ନରହରିଠାକୁର ଶ୍ରୀକୃଷ୍ଣଭଜନାମୃତ (୧୮ଅନୁ) କହିଛନ୍ତି, – *''ଗୁରୁର୍ଯଦି ବିସଦୃଶକାରୀ ଈଶ୍ୱରେ ଭ୍ରାନ୍ତଃ କୃଷ୍ଣଯଶୋ ବିମୁଖୋଽତଦ୍‌ବିଳାସ-ବିନୋଦଂ ନାଙ୍ଗୀକରୋତି ସ୍ୱୟଂ ବା ଦୂରଭିମାନୀ, ଲୋକସ୍ତବୈଃ କୃଷ୍ଣମନୁକରୋତି, ତର୍ହି ତ୍ୟାଜ୍ୟ ଏବ। କଥମେବ ଗୁରୁଂ ତ୍ୟାଜ୍ୟ ଇତି ଚେନ୍ନ, କୃଷ୍ଣଭାବଲୋଭାତ୍ କୃଷ୍ଣପ୍ରାପ୍ତୟେ ଗୁରୋରାଶ୍ରୟନଂ କୃତମ୍, ତଦନନ୍ତରଂ ଯଦି ତସ୍ମିନ୍ ଗୁରୌ ଆସୁରଭାବସ୍ତର୍ହିଁ କର୍ତବ୍ୟମ୍ ? ଅସୁର-ଗୁରୁଂ ତ୍ୟକ୍ତ୍ୱା ଶ୍ରୀକୃଷ୍ଣଭକ୍ତିମନ୍ତଂ ଗୁରୁଂ ମନ୍ୟଂ ଭଜେତ୍। ଅସ୍ୟ କୃଷ୍ଣବଳୀଦସୁରସ୍ୟ ଗୁରୋର୍ବଳଂ ମର୍ଦନୀୟମିତି ବୈଷ୍ଣବ-ଭଜନ ବିଚାରଃ। ଏବଂ ତୁ ଦୃଷ୍ଟା ବହ୍ୱବଃ ଶ୍ରୀକୃଷ୍ଣ ଚୈତନ୍ୟାବତାରେ। ଇତି ଗୁରୁନିରୂପଣପିଙ୍ଗାନ୍ତାଃ।''*

ଅର୍ଥାତ୍ ଗୁରୁ ଯଦି ବିସଦୃଶ ଆଚରଣକାରୀ ଅର୍ଥାତ୍ ସ୍ୱସମ୍ପ୍ରଦାୟସ୍ଥ ପୂର୍ବ ପୂର୍ବ ଗୁରୁବର୍ଗଙ୍କର ଆଚରଣ ପରିତ୍ୟାଗ କରି ସ୍ୱକଳ୍ପିତ ନବୀନ ମତ ବା ପଥର କିମ୍ବା ଅପର ସମ୍ପ୍ରଦାୟର ମତର ବା ପଥର ଆଚରଣକାରୀ ବା ପ୍ରଚାରକାରୀ ହୁଅନ୍ତି, ଈଶ୍ୱରବିଷୟରେ ଭ୍ରାନ୍ତ, ଶ୍ରୀକୃଷ୍ଣ ଗୁଣ ପ୍ରତି ବିମୁଖ, ଶ୍ରୀକୃଷ୍ଣଙ୍କ ବିଳାସ ବୈଚିତ୍ର୍ୟ ସ୍ୱୀକାର ନକରନ୍ତି, ଅଥବା ନିଜେ ଦୂରାଭିମାନୀ ହୁଅନ୍ତି, ଲୋକଙ୍କ ସ୍ତବ-ସ୍ତୁତିରେ ମୋହଗ୍ରସ୍ତ ହୋଇ କୃଷ୍ଣଙ୍କ ପରି ଅନୁକରଣ କରନ୍ତି ଅର୍ଥାତ୍ ଶ୍ରୀକୃଷ୍ଣ ଯେପରି ନିଜର ଯଶୋଶ୍ରବଣପ୍ରିୟ (ପ୍ରିୟଶ୍ରବା) ସେହିପରି ଭାବରେ ଲୋକଙ୍କ ଦ୍ୱାରା ବା ଶିଷ୍ୟଗଣଙ୍କ ଦ୍ୱାରା ନିଜର ସ୍ତବ-ସ୍ତୁତି କରାନ୍ତି, ତାହା ହେଲେ, ସେହିପରି ଗୁରୁ ନିଶ୍ଚୟହିଁ

ପରିତ୍ୟାଜ୍ୟ । କିରୂପେ ଅବା ଗୁରୁଙ୍କୁ ତ୍ୟାଗ କରିବି, ଏହିପରି ସଂଶୟ କରିବା ଉଚିତ ନୁହେଁ । କାରଣ, କୃଷ୍ଣପ୍ରାପ୍ତିର ଉଦ୍ଦେଶ୍ୟରେହିଁ ଗୁରୁଙ୍କ ଆଶ୍ରୟ କରାହୋଇଛି, ଯଦି ତାହାଙ୍କ ଆଶ୍ରୟ ପରେ ସେହି ଗୁରୁଙ୍କଠାରେ ଅସୁର ଭାବ ପ୍ରକାଶିତ ହୁଏ, ତେବେ କଣ କରିବା କର୍ତ୍ତବ୍ୟ ? ଅସୁର ଗୁରୁଙ୍କୁ ତ୍ୟାଗ କରି ଶ୍ରୀକୃଷ୍ଣଙ୍କଠାରେ ଭକ୍ତିମାନ୍ ଅନ୍ୟ ଗୁରୁଙ୍କୁହିଁ ଭଜନ କରିବା କର୍ତ୍ତବ୍ୟ । ଯଦି କେହି ମନେ କରନ୍ତି, ସେହିପରି ଅସୁର ଗୁରୁଙ୍କ ବଳ ନିକଟରେ ଶିଷ୍ୟର କ୍ଷୁଦ୍ରବଳ ତ ଅତି ସାମାନ୍ୟ, ସେଥିପାଇଁ କହୁଛନ୍ତି, ସେହି ଅସୁର ଗୁରୁଙ୍କ ବଳ କୃଷ୍ଣବଳ ଦ୍ୱାରା ବିମର୍ଦିତ କରିବାକୁ ହେବ –ଏହାହିଁ ବୈଷ୍ଣବ ଗଣଙ୍କର ଭଜନ ବିଚାର । ଶ୍ରୀକୃଷ୍ଣଚୈତନ୍ୟବତାରରେ ମଧ୍ୟ ଏହିପରି ବହୁ ଉଦାହରଣ ଦେଖା ଯାଇଅଛି । ଏହାହିଁ ଗୁରୁ ନିରୂପଣ ବିଷୟରେ ସିଦ୍ଧାନ୍ତ ।

ଶ୍ରୀନିତ୍ୟାନନ୍ଦପାର୍ଷଦ ଶ୍ରୀପୁରୁଷୋତ୍ତମ ଠାକୁର (ଶ୍ରୀହରିଭକ୍ତି ଉତ୍ସବାରସଂଗ୍ରହ ୮୨୩-୯୧୯) କହିଛନ୍ତି, *"ଆସ୍ତାଂ ତାବତ୍ ସେବକପରୀକ୍ଷା, ବକ୍ଷସି ସ୍ଥିତାୟା ଲକ୍ଷ୍ମୀରୂପା ରୁକ୍ମିଣ୍ୟା ପରୀକ୍ଷା କ୍ରିୟତେ । ତତ୍ରାହ ଦଶମେ। ଭଗବଦ୍ରୁକ୍ମିଣୀ-ସମ୍ବାଦେ (୧୦।୬୦।୫୬) ***ତଥା ଚ ଭଗବଭକ୍ତ ଆତ୍ମସ୍ତବନମପି ନ ସହତେ ତତ୍ରହ ଚତୁର୍ଥେ -ପୃଥୁଚରିତେ (୪।୧୫।୨୩-୨୬) ତସ୍ମାତ ପରୋକ୍ଷେ ***ଗାପୟିଷ୍ୟାମ ବାଳବତ୍ ॥"* ତାତ୍ପର୍ଯ୍ୟ ଏହି ଯେ,- ସେବକ ବା ଶିଷ୍ୟର ପରୀକ୍ଷା କରିବା ଦୂରରେ ଥାଉ, ସ୍ୱୟଂ ଭଗବାନ୍ ସ୍ୱବକ୍ଷବିଳାସିନୀ ଶ୍ରୀଲକ୍ଷ୍ମୀରୂପା ଶ୍ରୀରୁକ୍ମିଣୀଦେବୀଙ୍କୁ ମଧ୍ୟ ପରୀକ୍ଷା କରିଥିଲେ । ଯଥା- ଶ୍ରୀରୁକ୍ମିଣୀଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ଉକ୍ତି-'ଯୁଦ୍ଧରେ ପରାଜିତ ଭ୍ରାତାର ବିଦ୍ରୂପକରଣ-ଅନିରୁଦ୍ଧ ବିବାହ ସମୟରେ ଦ୍ୟୁତସଭାରେ ସେହି ଭ୍ରାତା ରୁକ୍ମୀର ବଧ- ଏହି ସମସ୍ତ ବିଷୟ ସ୍ମରଣ କରି ମଧ୍ୟ ତୁମେ ମୋର ବିଚ୍ଛେଦ ଭୟରେ ଏହି ଦୁଃଖସମୂହ ସହ୍ୟ କରିଅଛ ଏବଂ ମୋତେ କିଛି ମଧ୍ୟ କହିନାହଁ, ସେଥିପାଇଁ ମୁଁ ତୁମ ଦ୍ୱାରା ଜିତ ହୋଇଅଛି ।'

ଆଉ ଲୋକ ଶିକ୍ଷକ ବୈଷ୍ଣବ ବା ଗୁରୁଦେବ କେବେମଧ୍ୟ ନିଜର ସ୍ତବ ମଧ୍ୟ ସହ୍ୟ କରିବେ ନାହିଁ । କାହା ଦ୍ୱାରା ଏପରିକି ଅନୁଗତ ବ୍ୟକ୍ତିଗଣଙ୍କର ଦ୍ୱାରା ମଧ୍ୟ-ନିଜର ସ୍ତବ କରାଇ ତାହା ଶୁଣିବେ ନାହିଁ । ସ୍ୱୟଂ ଭଗବାନାବେଶବତାର ସପ୍ତଦ୍ୱୀପର ଏକଚ୍ଛତ୍ରଦଣ୍ଡଧାରୀ ଶ୍ରୀପୃଥୁମହାରାଜଙ୍କୁ ସୂତ, ମାଗଧ, ବନ୍ଦିଗଣ ସ୍ତବ କରିବାପାଇଁ ଉପସ୍ଥିତ ହେବାରୁ ଶ୍ରୀପୃଥୁମହାରାଜ କହିଲେ, ହେ ସୌମ୍ୟ ସୂତ, ହେ ମାଗଧ, ହେ ବନ୍ଦିଗଣ ! ତୁମ୍ଭମାନଙ୍କ ରଚିତ ସ୍ତବସମୂହ ମୋ ବ୍ୟତୀତ ଅନ୍ୟ କେଉଁ ଯୋଗ୍ୟ ବ୍ୟକ୍ତିଙ୍କ ପାଇଁ ଯୋଜନା କର । ତୁମ୍ଭମାନଙ୍କ ବାକ୍ୟାବଳୀ ମୋଠାରେ ପ୍ରଯୁକ୍ତ ହୋଇ ମିଥ୍ୟାରୂପେ ପ୍ରତିପନ୍ନ ନହେଉ, ଏହାହିଁ ମୋର ଇଚ୍ଛା । ଓ ହେ ! ତୁମେ ସମସ୍ତେହିଁ ମନୋଜ୍ଞ ଭାଷୀ । ଯେତେବେଳେ ମୋର ଗୁଣବ୍ୟକ୍ତ ହେବ, ସେତେବେଳେ ମୋ ଯଶୋରାଶିକୁ ଲକ୍ଷ୍ୟ କରି ତୁମ୍ଭେମାନେ ଯଥେଷ୍ଟ ସ୍ତବ କରିବ, ତାହା ମଧ୍ୟ ମୋର ପରୋକ୍ଷରେ, ସମକ୍ଷରେ ନୁହେଁ । ସ୍ତବନୀୟ ବ୍ୟକ୍ତିର ସମ୍ମୁଖରେ ସ୍ତବ କରି ଲଜ୍ଜା ଦେବା କଣ ଯୁକ୍ତିଯୁକ୍ତ ? ତୁମ୍ଭେମାନେ ସଭ୍ୟଗଣଙ୍କର ପ୍ରେରଣାରେ ମୋତେ ସ୍ତବ କରିବାପାଇଁ ଆସିଅଛ, ତାହା ମଧ୍ୟ କୁହାଯାଏ ନା, କାରଣ ସର୍ବଦାହିଁ ସ୍ତବନୀୟ ଉତ୍ତମଃ ଶ୍ଲୋକ ଭଗବାନଙ୍କ ଗୁଣାନୁବାଦ ବିଦ୍ୟମାନ ଥାଉ ଥାଉ ନିନ୍ଦିତ ଅର୍ବାଚୀନ ମୋତେ ସଭ୍ୟଗଣ ଅବା ସ୍ତବ କରାଇବେ କାହିଁକି ? ମହାପୁରୁଷ ଶ୍ରୀଭଗବାନଙ୍କ ଗୁଣ ସମୂହ ନିଜେ ଶିରୋଭୂଷଣ କରିପାରିଲେ କୌଣସ, ଅଭିଜ୍ଞ ବ୍ୟକ୍ତି (ନିଜର ସଦ୍‌ଗୁଣ ସମୂହ ଥିଲେ ମଧ୍ୟ) ନିଜକୁ ସ୍ତବ କରାଇପାରନ୍ତି କି ? ପକ୍ଷାନ୍ତରେ

ଯେଉଁ ବ୍ୟକ୍ତି ମିଥ୍ୟା ଗୁଣ ନିଜଠାରେ ଆରୋପ କରି ସ୍ତାବକଗଣଙ୍କ ଦ୍ୱାରା ସ୍ତବ କରାଇ ଆତ୍ମଶ୍ଲାଘ୍ୟ କରେ, ସେହି ମୂଢ଼ ନିତାନ୍ତ କୁବୁଦ୍ଧି । ଏଥିପାଇଁ ପ୍ରସିଦ୍ଧ, ସମର୍ଥ ଓ ପରମୋଦାର ବ୍ୟକ୍ତିଗଣ ମଧ୍ୟ ନିଜ ସ୍ତବରେ ଲଜ୍ଜାବୋଧ କରି ତାହାର ନିନ୍ଦାହିଁ କରନ୍ତି । ଯେପରି କୌଣସି ମଧ୍ୟ ବ୍ୟକ୍ତି ଅତିସ୍ତୁତି କରୁଥିଲେ ତନ୍ମଧ୍ୟେ ବ୍ରାହ୍ମଣ-ବଧାଦି ବିଗର୍ହିତ ପୌରୁଷ ମଧ୍ୟ ନିନ୍ଦନୀୟ ହୁଏ, ତଦ୍ରୂପ ମହାନ୍ତଗଣ ମଧ୍ୟ ଆତ୍ମସ୍ତୁତି ସହ୍ୟ କରିପାରନ୍ତି ନାହିଁ । ସ୍ୱୟଂ ଭଗବଦାବେଶାବତାର, ସର୍ବଗୁଣେ ଗୁଣୀ, ସମସ୍ତ ଐଶ୍ୱର୍ଯ୍ୟଯୁକ୍ତ ମହାପୁରୁଷ ପ୍ରବର ଶ୍ରୀପୃଥୁ ଯେ ଆତ୍ମସ୍ତୁତି ଶ୍ରବଣକୁ ନିନ୍ଦା କରିଅଛନ୍ତି, ବୈଷ୍ଣବଶ୍ରେଷ୍ଠ ଶ୍ରୀଗୁରୁଦେବ କେବେ ମଧ୍ୟ ସେହିପରି ଆତ୍ମସ୍ତୁତି ଶ୍ରବଣ କରନ୍ତି ନାହିଁ – କରିଲେ ତତ୍ସମ୍ବନ୍ଧେ ଶ୍ରୀଗୌରପାର୍ଷଦ ସରକାର ଠାକୁର ''ଗୁରୁ ର୍ଯଦି ଲୋଭ – ସ୍ତବୈଃ କୃଷ୍ଣମନୁକରୋତି, ତର୍ହି ତ୍ୟାଜ୍ୟ ଏବ'' – ଏହିପରି ବ୍ୟବସ୍ଥା ଦେଇଛନ୍ତି ।

ଶ୍ରୀହରିଭକ୍ତିବିଳାସରେ ଶ୍ରୀସନାତନପାଦ, ଶ୍ରୀକୃଷ୍ଣଭଜନାମୃତରେ ଶ୍ରୀନରହରି ସରକାରଠାକୁର, ଶ୍ରୀହରିଭକ୍ତି-ତତ୍ତ୍ୱସାର-ସଂଗ୍ରହରେ ଶ୍ରୀପୁରୁଷୋତ୍ତମଠାକୁର ପ୍ରମୁଖ ଜଗଦ୍ଗୁରୁ ଆଚାର୍ଯ୍ୟବୃନ୍ଦ କିପରି କ୍ଷେତ୍ରରେ ଗୁରୁ ପରିତ୍ୟାଜ୍ୟ ତତ୍ସମ୍ବନ୍ଧରେ ଯେଉଁ ସମସ୍ତ ସିଦ୍ଧାନ୍ତ କରିଅଛନ୍ତି, ତାହାହିଁ ମିତସାରଗ୍ରାହିଣୀ ଭାଷାରେ ଶ୍ରୀଶ୍ରୀଜୀବଗୋସ୍ୱାମୀପାଦ୍ ଶ୍ରୀଭକ୍ତିସନ୍ଦର୍ଭରେ ପ୍ରକାଶ କରିଛନ୍ତି- *''ଦୂରତଃ ଏବାରାଧ୍ୟ ସାଦ୍ଗୁଣ୍ୟୋ ଗୁରୁଃ ବୈଷ୍ଣବବିଦ୍ୱେଷୀ ଚେତ୍ ପରିତ୍ୟାଜ୍ୟ ଏବ ।''* ଶାସ୍ତ୍ରସମ୍ମତ ଗୁରୁଙ୍କ ଆଶ୍ରୟ ନ କରିଥିଲେ ସେହିପରି ଗୁରୁକୁ ଦୂରରୁ ପୂଜା କରିବେ, କିନ୍ତୁ ଗୁରୁ ଯଦି ବୈଷ୍ଣବ ବିଦ୍ୱେଷୀ ହୁଅନ୍ତି, ତେବେ ତାହାକୁ ପରିତ୍ୟାଗ କରିବାକୁ ହେବ ।

ବୈଷ୍ଣବଙ୍କ ବାହ୍ୟ ବେଶଧାରୀ ଓ କେବଳ ଅନୁଷ୍ଠାନକାରୀ ବ୍ୟକ୍ତିମାତ୍ରକୁହିଁ ତ ସାଧାରଣତଃ ଅଜ୍ଞ ଲୋକଗଣ ବୈଷ୍ଣବ କୁହନ୍ତି । ସେହିପରି ବେଶୋପଜୀବୀ ଅସଦାଚାରୀ ବ୍ୟକ୍ତି ସମ୍ବନ୍ଧରେ ମଧ୍ୟ ଲୋକଶିକ୍ଷକ ଆଚାର୍ଯ୍ୟ ବା ଗୁରୁଦେବ ଯଦି ଶିଷ୍ୟର ବା ଜଗଜ୍ଜୀବର କଲ୍ୟାଣ ପାଇଁ ସତର୍କ କରନ୍ତି, ତେବେ କଣ ସେହିପରି ଲୋକଶିକ୍ଷକଙ୍କୁ ବୈଷ୍ଣବ ବିଦ୍ୱେଷୀ କୁହାଯିବ ? ବସ୍ତୁତଃ 'ବୈଷ୍ଣବ ବିଦ୍ୱେଷୀ' ଶବ୍ଦର ଯେଉଁ ଅର୍ଥଟି ସର୍ବସାଧୁଗଣ କର୍ତ୍ତୃକ ଗୃହୀତ ସେହି ଅର୍ଥହିଁ ନିମ୍ନରେ ଉକ୍ତ ହେଉଅଛି । ଶ୍ରୀଳ ବୃନ୍ଦାବନ ଦାସ ଠାକୁର (ଚୈ:ଭା:୩।୮।୧୬୮-୧୭୨) ଶ୍ରୀମନ୍ମହାପ୍ରଭୁଙ୍କ ପ୍ରତି ଶ୍ରୀଅଦ୍ୱୈତାଚାର୍ଯ୍ୟଙ୍କ ଶ୍ରୀମୁଖର ବାକ୍ୟ ଉଦ୍ଧାର କରି ଲେଖିଛନ୍ତି-

ଶ୍ରୀମୁଖେ ଅଦ୍ୱୈତଚନ୍ଦ୍ର ବାରବାର କହେ । ଏ ସବ ବୈଷ୍ଣବ ଦେବତାରୋ ଦୃଶ୍ୟ ନହେ ॥
ରୋଦନ କରିଯା ଜରେ ଚୈତନ୍ୟ-ଚରଣେ । ବୈଷ୍ଣବ ଦେଖିଲ ପ୍ରଭୁ-ତୋମାର କାରଣେ ॥
ଏ ସବ ବୈଷ୍ଣବ-ଅବତାରେ-ଅବତାରି । ପ୍ରଭୁ ଅବତରେ ଇହା ସବେ ଅଗ୍ରେ କରି ॥
ଯେ ରୂପ ପ୍ରଦ୍ୟୁମ୍ନ ଅନିରୁଦ୍ଧ ସଙ୍କର୍ଷଣ । ସେହିରୂପ ଲକ୍ଷଣ ଭରତ ଶତ୍ରୁଘ୍ନ ॥
ତାଁହାର ଯେରୂପ ପ୍ରଭୁ-ସଙ୍ଗେ ଅବତରେ । ବୈଷ୍ଣବେରେ ସେହିରୂପ ପ୍ରଭୁଆଜ୍ଞା କରେ ॥

ଯେଉଁମାନେ ଭଗବାନଙ୍କ ଲୀଳା-ସଙ୍ଗୀ ବା ପରିକର, ସେମାନଙ୍କର ବୈଷ୍ଣବତା ସମ୍ବନ୍ଧରେ କୌଣସି ମଧ୍ୟ ସଂଶୟହିଁ ରହିପାରେ ନାହିଁ । ଶ୍ରୀକୃଷ୍ଣଙ୍କ ଲୀଳାସଙ୍ଗୀ ଯାଦବଗଣ ବା ପାଣ୍ଡବଗଣଙ୍କ ଏବଂ ଶ୍ରୀଗୌରସୁନ୍ଦରଙ୍କ ଲୀଳାସଙ୍ଗୀ- ଶ୍ରୀରାମଚନ୍ଦ୍ରପୁରୀ, ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଶ୍ରୀଛୋଟ ହରିଦାସ, ଶ୍ରୀକାଲାକୃଷ୍ଣଦାସ, ଶ୍ରୀବଳଭଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଭଗବତ୍ ପାରିଷଦଗଣ ତଟସ୍ଥାଖ୍ୟଭିନ୍ନାତ ଜୀବ ନୁହଁନ୍ତି, ସେମାନେ ସ୍ୱରୂପଶକ୍ତିର ଗଣ ।

ଶ୍ରୀମଦ୍ଭଗବତ୍ ଗୀତା, ଶ୍ରୀମଦ୍ଭାଗବତାଦି ଗ୍ରନ୍ଥ ଅନୁଶୀଳନରୁ ଜଣାପଡ଼େ ଅର୍ଜୁନ ମୋହ ଗ୍ରସ୍ତ ହୋଇଥିଲେ, କୁରୁପାଣ୍ଡବ ଓ ଯାଦବଗଣ ସାଂସାରିକ ମନୁଷ୍ୟଙ୍କ ପରି କଳହଗ୍ରସ୍ତ ହୋଇ ଧ୍ୱସଂପ୍ରାପ୍ତ ହେଲେ । ଶ୍ରୀକୃଷ୍ଣ ମଧ୍ୟ ଜଡ଼ ମନୁଷ୍ୟଙ୍କ ପରି ଜଗତ ତ୍ୟାଗ କରିଥିଲେ, ଶ୍ରୀପରୀକ୍ଷିତ ମହାରାଜଙ୍କର ସାଧାରଣ ମନୁଷ୍ୟଙ୍କ ପରି ମୃତ୍ୟୁର ଭୟରୂପି 'ପଶୁବୁଦ୍ଧି' ଥିଲା, ଶ୍ରୀଉଦ୍ଧବଙ୍କର ଦେହଗେହାସ୍ତକ୍ତି ଥିଲା, ଅକ୍ରୁର ଆଦି ଶ୍ରୀକୃଷ୍ଣଲୀଳାସଙ୍ଗୀ ସତ୍ରାଜିତଙ୍କ ହତ୍ୟାର ପ୍ରରୋଚନା ଓ କଂସର ଆନୁଗତ୍ୟାଦି ଅସତ୍ କର୍ମରେ ପ୍ରବୃତ ଥିଲେ, ନାରାୟଣଙ୍କ ପାର୍ଷଦ ଜୟ-ବିଜୟଙ୍କ ଚତୁଃକୁମାରଙ୍କ ଚରଣରେ ଅପରାଧ ଯୋଗୁଁ ପତନ ହୋଇଥିଲା, ଶ୍ରୀଗରୁଡ଼ଙ୍କର ମତ୍ସ୍ୟ-ଭକ୍ଷଣାଦି ଅସଦାଚାର ଥିଲା, ଉପରୋକ୍ତ ଲୀଳାବଳୀ ବାହ୍ୟିକ ଜଗତ ପାଇଁ ସେମାନଙ୍କର ଦୁର୍ଗୁଣ ପରି ପ୍ରତୀତ ହେଉଥିଲେ ମଧ୍ୟ ବାସ୍ତବରେ କରୁଣାମୟ ଶ୍ରୀଭଗବାନ ନିଜ ପ୍ରିୟ ନିତ୍ୟ ପାର୍ଷଦଙ୍କୁ ଅବଲମ୍ବନ କରିହିଁ ତାହାଙ୍କ ଦ୍ୱାରା ଏହି ସମସ୍ତ ଲୀଳାବିଳାସ କରାଇ ବଦ୍ଧ ଜୀବଙ୍କୁ ଶିକ୍ଷା ପ୍ରଦାନ କରିଅଛନ୍ତି ବୋଲି ବୁଝିବାକୁ ହେବ । ଗୋସ୍ୱାମୀଗଣଙ୍କର ଏହାହିଁ ସିଦ୍ଧାନ୍ତ, ଏମାନଙ୍କର ଏହି ଦୋଷଦର୍ଶନରେ ଅଧୋପତନ ସୁନିଶ୍ଚିତ ।

ସେହିପରି ଶ୍ରୀଚୈତନ୍ୟଭାଗବତ, ଶ୍ରୀଚୈତନ୍ୟଚରିତାମୃତାଦି ଶ୍ରୀଗ୍ରନ୍ଥ ଅଧ୍ୟୟନରେ ସାଧାରଣତଃ ସ୍ଥୂଳବୁଦ୍ଧିରେ ମନେ ହୁଏ ଶ୍ରୀଜଗାଇମାଧାଇ ଅତ୍ୟନ୍ତ ପାପାଚାରୀ ଓ ଶ୍ରୀନିତ୍ୟାନନ୍ଦ ପ୍ରଭୁଙ୍କ ଶ୍ରୀଅଙ୍ଗର ରକ୍ତପାତକାରୀ, ଶ୍ରୀଦେବାନନ୍ଦ ପଣ୍ଡିତ ଶ୍ରୀବାସଙ୍କ ଚରଣରେ ଅପରାଧୀ, ଶ୍ରୀରାମଚନ୍ଦ୍ରପୁରୀ ହରି-ଗୁରୁ ବୈଷ୍ଣବ ବିଦ୍ୱେଷୀ, ଶ୍ରୀବ୍ରହ୍ମାନନ୍ଦଭାରତୀ ମାୟାବାଦୀ ସନ୍ନ୍ୟାସୀ ଓ ପ୍ରତିଷ୍ଠାକାମୀ, ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ କେବଳା-ଦ୍ୱୈତବାଦୀ ଓ ମହାପ୍ରଭୁଙ୍କଠାରେ ମର୍ତ୍ୟବୁଦ୍ଧିକାରୀ, ଶ୍ରୀଛୋଟ ହରିଦାସ ଇନ୍ଦ୍ରିୟଲୋଲୁପ ମର୍କଟ ବୈରାଗୀ ବୋଲି ମହାପ୍ରଭୁଙ୍କ ଦ୍ୱାରା ଦଣ୍ଡିତ, ଶ୍ରୀକାଲାକୃଷ୍ଣଦାସ ଭଙ୍ଗଧାରୀ ସ୍ତ୍ରୀ ପ୍ରଲୋଭନରେ ପତିତ, ଶ୍ରୀବଳଭଦ୍ର ଭଟ୍ଟାଚାର୍ଯ୍ୟ ଅନ୍ୟାଭିଳାଷୀ ତଟସ୍ଥାଶକ୍ତି ଜାତ ଜୀବ ପରି ବିର୍ବତଗ୍ରସ୍ତ ଇତ୍ୟାଦି । ବସ୍ତୁତଃ ଏମାନେ ସମସ୍ତେହିଁ ଲୀଳାସଙ୍ଗୀ ଓ ଶ୍ରୀଗୌରପରିକର । ପ୍ରତିକଳ୍ପରେହିଁ ଶ୍ରୀମନ୍ମହାପ୍ରଭୁଙ୍କ ସହିତ ଅବତୀର୍ଣ୍ଣ ହୋଇ ଏହିପରି ଅଭିନୟ କରି ସାଧକ ଜୀବଗଣଙ୍କୁ ଶିକ୍ଷାଦାନ କରନ୍ତି । ଯେପରି ଶ୍ରୀସ୍ୱରୂପ-ଶ୍ରୀରୂପ-ଶ୍ରୀସନାତନ-ଶ୍ରୀରଘୁନାଥ ନିତ୍ୟସିଦ୍ଧ ଶ୍ରୀଗୌରପରିକର ହୋଇ ମଧ୍ୟ ସାଧକ ଜୀବର ଶିକ୍ଷା ପାଇଁ ସାଧନ-ଲୀଳାଦି ପ୍ରକାଶ କରନ୍ତି, ଯେପରି ନାମାଚାର୍ଯ୍ୟ ଶ୍ରୀବ୍ରହ୍ମ ହରିଦାସ, ଶ୍ରୀଝଡୁଠାକୁର, ଶ୍ରୀଶିବାନନ୍ଦ ସେନ୍‌ଙ୍କ କୁକୁର ପ୍ରମୁଖ ଶ୍ରୀଗୌର ପରିକରଗଣ ପ୍ରାରବ୍ଧ ପାପ ଫଳରେ ନୀଚ ଯୋନି ପ୍ରାପ୍ତ ଜୀବପରି ନିଜକୁ ପ୍ରଦର୍ଶନ କରାଇ ପ୍ରକୃତରେ ପ୍ରାରବ୍ଧ କର୍ମଫଳ-ଭୋଗୀ ବା ନୀଚଯୋନି ପ୍ରାପ୍ତ ତଟସ୍ଥା ଶକ୍ତିଜାତ ବଦ୍ଧଜୀବଗଣଙ୍କର ହୃଦୟରେ ଶ୍ରୀକୃଷ୍ଣସେବା ପ୍ରାପ୍ତିର ଅଭ୍ୟର୍ଥତାର ଆଶା ସଞ୍ଚାର କରନ୍ତି । ତଦ୍ରୂପ ଶ୍ରୀରାମଚନ୍ଦ୍ରପୁରୀ, ଶ୍ରୀବ୍ରହ୍ମାନନ୍ଦଭାରତୀ, ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଶ୍ରୀଜଗାଇମାଧାଇ, ଶ୍ରୀଦେବାନନ୍ଦ ପଣ୍ଡିତ, ଶ୍ରୀଛୋଟ ହରିଦାସ, ଶ୍ରୀବଳଭଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ଅଶେଷ ପର ଦୁଃଖଦୁଃଖୀ ଶ୍ରୀଗୌରଲୀଳା-ସଙ୍ଗିଗଣ ମଧ୍ୟ ଶ୍ରୀଗୌରସୁନ୍ଦରଙ୍କ ଇଚ୍ଛାରେହିଁ ଅପରାଧୀ, ଅନ୍ୟଭିଳାଷୀ ପ୍ରଭୃତି ତଟସ୍ଥାଶକ୍ତିଜାତ ଜୀବପରି ଅଭିନୟ କରି ଅନର୍ଥଯୁକ୍ତ ସାଧକ ଜୀବକୁ ସାଧନ ପଥର ବିଘ୍ନ ସମୂହ ପ୍ରଦର୍ଶନ ଓ ସେଥିରୁ ସତର୍କ ରହିବାର ଉପଦେଶ ଏବଂ ମହାପ୍ରଭୁଙ୍କ ଆଦର୍ଶ ଶିକ୍ଷା ଓ ମହାବଦାନ୍ୟତାର ପରାକାଷ୍ଠା ପ୍ରକାଶ କରନ୍ତି ।

ଶ୍ରୀଳ ରୂପଗୋସ୍ୱାମିପାଦ୍ ଉପଦେଶାମୃତ ୬ଷ୍ଠ ଶ୍ଲୋକରେ କହିଛନ୍ତି- *"ନ ପ୍ରାକୃତ ତ୍ୱମିହ ଭକ୍ତଜନସ୍ୟ ପଶ୍ୟେତ୍"* ଯେପରି ଜଳର ସ୍ୱାଭାବିକ ଧର୍ମ- ବୁଦ୍‌ବୁଦ୍, ଯେପରି ଶଙ୍କାଦି ଦ୍ୱାରା ଗଙ୍ଗାର ଦ୍ରବତ୍ୱରୂପତ୍ୱ କେବେ ମଧ୍ୟ ବିଲୁପ୍ତ ହୁଏନା, ତଦ୍ରୂପ ଏହି ଜଗତରେ ଅବସ୍ଥିତି ସମୟରେ ବୈଷ୍ଣବଙ୍କ ସ୍ୱଭାବ ଜାତ ଓ ଦେହର ଆପାତ ଦୃଷ୍ଟ ଦୁରାଚାରାଦି ଦୋଷସମୂହ ଦ୍ୱାରା ମଧ୍ୟ ବୈଷ୍ଣବତା ବିନଷ୍ଟ ହୁଏନାହିଁ । ଅତଏବ ପ୍ରପଞ୍ଚରେ ଆଗତ ବୈଷ୍ଣବଙ୍କଠାରେ ଏହି ଆପାତଦୃଷ୍ଟିରେ ଏହି ସମସ୍ତ ଦୋଷ ଦେଖାଗଲେ ମଧ୍ୟ ତାହାଙ୍କଠାରେ ମର୍ତ୍ତ୍ୟବୁଦ୍ଧି କରିବେ ନାହିଁ । ଶ୍ରୀରୂପପାଦ୍ ଶ୍ରୀଭକ୍ତିରସାମୃତ ସିନ୍ଧୁରେ (୧।୩।୫୯-୬୦) କହିଛନ୍ତି ଯେ, ଜାତଭାବ ବ୍ୟକ୍ତିଠାରେ ଯଦି ବାହ୍ୟ ଦୁରାଚାରତାରୂପ ବୈଗୁଣ୍ୟବତ୍ କିଛି ମଧ୍ୟ ଦେଖାଯାଏ, ତଥାପି ତାହାଙ୍କଠାରେ ଦୋଷ ଦୃଷ୍ଟି କରିବେ ନାହିଁ ଯେହେତୁ ସେ କୃତାର୍ଥ ହୋଇଅଛନ୍ତି । ପୂର୍ଣ୍ଣଚନ୍ଦ୍ର ବାହାରେ ମୃଗଚିହ୍ନରେ ଲାଞ୍ଛିତ ହେଲେ ମଧ୍ୟ କେବେ ଅନ୍ଧକାର ନିକଟରେ ପରାଭୂତ ହୁଏନାହିଁ, ତଦ୍ରୂପ ଶ୍ରୀଭଗବାନ ହରିଙ୍କ ଠାରେ ଅନନ୍ୟଚିତ୍ତ ବ୍ୟକ୍ତି ବାହାରେ ଅତ୍ୟନ୍ତ ଦୁରାଚାର ପରି ଦେଖାଗଲେ ମଧ୍ୟ ଅନ୍ତର୍ବିରାଜମାନ ଭକ୍ତିବଳରେ ଅନ୍ୟାନ୍ୟ ଲୋକଗଣଙ୍କୁ ପରାଭବ କରି ଶୋଭା ବିସ୍ତାର କରନ୍ତି । ଶ୍ରୀବିଶ୍ୱନାଥଚକ୍ରବର୍ତ୍ତୀ ପାଦ୍ ମାଧୁର୍ଯ୍ୟକାଦମ୍ବିନୀରେ (୧।୪) କହିଛନ୍ତି -'ଭକ୍ତିପଥରେ କାମାଦି ଦୋଷ ଥିବା ସତ୍ତ୍ୱେ ମଧ୍ୟ ପ୍ରବେଶାଧିକାର ଦୃଷ୍ଟ ହୁଏ ଏବଂ ଭକ୍ତି ଦ୍ୱାରାହିଁ କାମାଦିର ନାଶ ଶ୍ରୁତ ହୁଏ । ବିଶେଷତଃ ଦୁରାଚାର ଭକ୍ତ ବିଷୟରେ କେବେ କୌଣସି ମଧ୍ୟ ଶାସ୍ତ୍ରରେ ନିନ୍ଦାର ଲେଶ ଶ୍ରବଣ କରାଯାଏ ନା ।' କାରଣ ସ୍ୱୟଂ ଭଗବାନ ଗୀତାର *"ଅପି ଚେତ୍ ସୁଦୁରାଚାର"* ଓ *"କ୍ଷିପ୍ରଂ ଭବତି ଧର୍ମାତ୍ମା"* ଶ୍ଲୋକ ଦ୍ୱୟରେ କହିଛନ୍ତି- ମୋ ଭକ୍ତ ଅତୀବ ଦୁରାଚାର ହେଲେ ମଧ୍ୟ କେବେ ବିନଷ୍ଟ ହୁଅନ୍ତି ନାହିଁ, କିନ୍ତୁ କୃତାର୍ଥହିଁ ହୁଅନ୍ତି । ଏହି ସମସ୍ତ ଉକ୍ତି ଯେତେବେଳେ ସାଧାରଣ ଭକ୍ତିସାଧକର ଆଚରଣ ସମ୍ବନ୍ଧରେ ଉକ୍ତ ହୋଇଛି, ସେତେବେଳେ ନିତ୍ୟସିଦ୍ଧ ଭଗବତ୍‌ପାର୍ଷଦଗଣଙ୍କର ଭଗବଦିଚ୍ଛାର ଯେଉଁ ଦୁରାଚାରିତ୍ୱର ଅଭିନୟ, ସେଥିରେ ଦୋଷଦୃଷ୍ଟି କରିଲେ ଯେ ଆଉ ରକ୍ଷା ନାହିଁ, ତାହା କହିବାହିଁ ବାହୁଲ୍ୟ । ଶ୍ରୀମନ୍ମହାପ୍ରଭୁ ତାହାଙ୍କର ପାର୍ଷଦଗଣଙ୍କର ନିନ୍ଦା (ଏହିପରିକି ସାଧାରଣ ସାଧକଭକ୍ତର ନିନ୍ଦା) କରିଲେ ଯେ କି ଫଳ ହୁଏ ତାହା ସ୍ୱମୁଖରେ କହିଛନ୍ତି-

ଠାକୁର ଚୈତନ୍ୟ ବଲେ-ଶୁନ ସର୍ବଜନ । ସକୃତ ମୁରାରି-ନିନ୍ଦା କରେ ଯେଇ-ଜନ ॥
କୋଟି ଗଙ୍ଗାସ୍ନାନେ ତାର ନାହିକ ନିସ୍ତାର । ଗଙ୍ଗା-ହରିନାମ ତାରେ କରିବେ ସଂହାର ॥

ମନ୍ତ୍ରୋପଦେଷ୍ଟା ଶ୍ରୀଗୁରୁଦେବଙ୍କର ଅନ୍ୟାନ୍ୟ ଦୋଷ ଦୃଷ୍ଟ ହେଲେ ଦୂରରୁ ଆରଧନା ଚଳେ, କିନ୍ତୁ ବୈଷ୍ଣବ-ବିଦ୍ୱେଷ ବିଶେଷତଃ ଶ୍ରୀଗୌରପାର୍ଷଦଙ୍କ ପ୍ରତି ବିଦ୍ୱେଷ ବା ତାହାଙ୍କର ଦୋଷଦର୍ଶନାଦି ଯେଉଁ ସ୍ଥଳେ ଦୃଷ୍ଟହୁଏ, ସେସ୍ଥଳେ ପରିତ୍ୟାଗହିଁ ଅପରିହାର୍ଯ୍ୟ ବିଧି - ତାହା ଶ୍ରୀଜୀବପାଦ୍‌ଙ୍କ ସୁସ୍ପଷ୍ଟ ଅଭିମତ । ଶ୍ରୀଜୀବପାଦ୍‌ଙ୍କ ବାଣୀ- *'ବୈଷ୍ଣବ-ବିଦ୍ୱେଷୀ ଚେତ୍ ପରିତ୍ୟାଜ୍ୟ ଏବ'* (ଭ.ସ.୨୩୮ ଅନୁଚ୍ଛେଦ)

ଶ୍ରୀମଦ୍ଭାଧ୍ୱାଚାର୍ଯ୍ୟ ତାହାଙ୍କ ବ୍ରହ୍ମସୂତ୍ରଭାଷ୍ୟରେ (୩।୩।୪୬-୪୭ସୂତ୍ରରେ) ଏବଂ ଶ୍ରୀମଧ୍ୱାନୁଗ ଶ୍ରୀଜୟତୀର୍ଥ ଉକ୍ତ ଭାଷ୍ୟର ତତ୍ତ୍ୱପ୍ରକାଶିକା ଟୀକାରେ ଶ୍ରୁତିମନ୍ତ୍ର ଓ ଉଦାହରଣ ଉଦ୍ଧାର କରି କହିଛନ୍ତି ଯେ - **'ଯାହାଙ୍କ ନିକଟରୁ ଶ୍ରୀଭଗବାନଙ୍କ ସମଗ୍ର ପ୍ରସାଦ ବା କୃପା**

ପାଇ ହୁଏ ସେହିପରି ଗୁରୁଙ୍କ ପ୍ରସାଦ ବା ପ୍ରସନ୍ନତା (କୃପା) ପାଇଁ ଯତ୍ନବାନ ହେବା କର୍ତ୍ତବ୍ୟ । ଯେଉଁଠାରେ ପୂର୍ବତନ ଓ ପରବର୍ତ୍ତୀ ଗୁରୁ, କିମ୍ବା ଜ୍ଞାନୀ ଓ ଐଶ୍ୱର୍ଯ୍ୟାଦିରେ ଉତ୍ତମ ଓ ଅଧମ ଗୁରୁତ୍ୱରେ ବିଚାର କରିବା କର୍ତ୍ତବ୍ୟ ନୁହେଁ, ଏହିପରି ସ୍ଥଳେ ପୂର୍ବବର୍ତ୍ତିଗୁରୁଙ୍କ ମନ୍ତ୍ରାଦିତ୍ୟାଗରେ ଯେ ଗୌରବ–ନର୍କ ପ୍ରାପ୍ତିର ବଚନ ଶାସ୍ତ୍ରରେ ଦୃଷ୍ଟ ହୁଏ, ତାହା ପ୍ରଯୁକ୍ତ ହୋଇପାରେ ନାହିଁ, ଏବଂ ତାହାକୁ ଗୁରୁତ୍ୟାଗ ମଧ୍ୟ କୁହାଯାଏ ନାହିଁ କାରଣ ଶ୍ରୀଭଗବାନଙ୍କ ସମଗ୍ର ଅନୁଗ୍ରହ ଲାଭ ପାଇଁହିଁ ସାଧକ ବା ଶିଷ୍ୟ ଆଗ୍ରହଶୀଳ ହୋଇ ଏହିପରି ସମଗ୍ର ଭଗବତ୍‌କୃପାଶକ୍ତି ସଞ୍ଚାରକାରୀ ଗୁରୁଙ୍କ ଆଶ୍ରୟ ଗ୍ରହଣ କରି ଥାଆନ୍ତି ।

ସତ୍ୟକାମ ଉତ୍ତମ ଓ ପରମଜ୍ଞାନୀ ଋଷଭଦେବଙ୍କ ନିକଟରେ ପୂର୍ବେ ବ୍ରହ୍ମବିଦ୍ୟା ଲାଭ କରି ମଧ୍ୟ ପରେ ସମଗ୍ର ଭଗବତ୍ ପ୍ରସାଦ ଲାଭ ପାଇଁ ମହର୍ଷି ଗୌତୁମଙ୍କ ନିକଟକୁ ଅଭିଗମନ କରିଥିଲେ । ଉପକୋଶଳ, ଅଗ୍ନି ପ୍ରଭୃତି ଦେବତାଗଣଙ୍କ ନିକଟରୁ ବ୍ରହ୍ମବିଦ୍ୟାର ଉପଦେଶ ଲାଭ କରି ମଧ୍ୟ ସମଗ୍ର ଭଗବଦନୁଗ୍ରହ ଲାଭ ପାଇଁ ସତ୍ୟକାମଙ୍କୁ ଗୁରୁରୂପେ ବରଣ କରିଥିଲେ । ଏହି ସମସ୍ତ କ୍ଷେତ୍ରରେ ଗୁରୁତ୍ୟାଗରୂପ ଅପରାଧର ପ୍ରସଙ୍ଗ ନାହିଁ ।' ନିମ୍ନରେ ଉକ୍ତ ଭାଷ୍ୟଦ୍ୱୟରୁ କିଛି ଅଂଶ ଉଦ୍ଧୃତ ହେଲେ –

ନ ଚ ପୂର୍ବପ୍ରାପ୍ତ ଏବ ଗୁରୁରିତି ନିୟମଃ ସମଗ୍ରାନୁଗ୍ରାହକଂ ଚେତ୍ ପଶ୍ଚାତ୍ ।
ପୂର୍ବସ୍ମାଦୁତ୍ତମୋ ଲବ୍ଧଃ ସ୍ୱୟମେବ ଗୁରୁର୍ଯଦି ।
ଗୃହ୍ଣୀୟାଦବିଚାରେଣ ବିକଳ୍ପଃ ସମୟୋର୍ଭବେତ୍ ॥
ଋଷଭାନୁଜ୍ଞୟା ଚୈବ ପ୍ରାୟଶ୍ଚସ୍ମାଚ୍ଚ ଯୁଜ୍ୟତେ ॥ ଇତି ବୃହତ୍ତନ୍ତ୍ରେ,
ସମଗ୍ରାନୁଗ୍ରହଂ କଶ୍ଚିତ୍ ସ୍ୱୟମେବ ସମୋ ଯଦି ।
କୁର୍ଯ୍ୟାତ୍ ପୁନଶ୍ଚ ଗୃହ୍ଣୀୟାଦବିରୋଧେନ କାମତଃ ॥ ଇତି ମହାସଂହିତାୟାମ୍ ।
ଉତ୍ତମଗୁରୋସ୍ତ୍ୱୀକାରେ ସାର୍ବଜ୍ଞାଭାବେନ ଭାବିଫଳାନୁସାରେଣୋ ପାସନାନୁପପତ୍ତି–
ପ୍ରସଙ୍ଗାତ୍ ବିଚାରଣୀୟମେତତ୍ – କିଂ ପୂର୍ବପ୍ରାପ୍ତ ଏବେତି ନିୟମଃ, ଇତି ପୂର୍ବତନଂ ତ୍ୟକ୍ତ୍ୱାନ୍ୟୋଽପି
ଗ୍ରାହ୍ୟ ଇତି ସନ୍ଦେହଃ ।.....ପ୍ରଥମପ୍ରାପ୍ତ ଏବତି ପୂର୍ବପକ୍ଷଃ । କ୍ୱଚିତ୍ ସର୍ବଜ୍ଞଗୁରୋଃ ବା, ସମଗ୍ରାନୁଗ୍ରହଂ
କରୋତି ଚେତ୍ ସ୍ୱୀକାର୍ଯଃ ।.....ନାସ୍ମାଭିରୁତ୍ତମମାତ୍ର ପରିଗ୍ରହ ଉଚ୍ୟତେ, କିନ୍ତୁ ସମଗ୍ରାନୁଗ୍ରହ
କର୍ତୁରୁତ୍ତମସ୍ୟ, ସତ୍ୟକାମଶ୍ଚ ସମଗ୍ରାନୁଗ୍ରହାଭାବାନ୍ନୋତ୍ତମାଜ୍ଜଗ୍ରାହ, ଇତ୍ୟତଃ ପୂର୍ବପରିତ୍ୟାଗେନ
ଉତ୍ତମଃ ସମୋ ବା ସ୍ୱୀକାର୍ଯ ଇତି ଯୁଜ୍ୟତେ ଇତି ଭାବଃ ।'' (ତତ୍ତ୍ୱପ୍ରକାଶିକା ଟୀକା ୩।୩।୪୬ ସୂତ୍ରଭାଷ୍ୟ)

ଶ୍ରୀକୃଷ୍ଣଙ୍କ ବା ଶ୍ରୀକୃଷ୍ଣଭକ୍ତଙ୍କର ଅହୈତୁକୀ କୃପାରେ ଯଦି କୌଣସି ବିଶେଷ ସୌଭାଗ୍ୟବାନ୍ ବ୍ୟକ୍ତିର ଉନ୍ନତତର ରସରେ ଚିତ୍ତ ଆକୃଷ୍ଟ ହୁଏ, ତାହା ହେଲେ ସେହି ରସର ଉପାସନା ସିଦ୍ଧି ପାଇଁ ସେହିପରି ମନ୍ତ୍ରପଦାତୃଗୁରୁଙ୍କ ଆଶ୍ରୟ ଗ୍ରହଣ ବା ଏକ ସମ୍ପ୍ରଦାୟ ଗୁରୁଙ୍କଠାରୁ ଅନ୍ୟ ଉନ୍ନତତର ରସୋପାସକ ସମ୍ପ୍ରଦାୟୀ ଗୁରୁଙ୍କ ଆଶ୍ରୟ ଗ୍ରହଣ ସଦାଚାର ଓ ଶାସ୍ତ୍ରାବିରୁଦ୍ଧ ନୁହେଁ ବରଂ ଶାସ୍ତ୍ରସମ୍ମତ ଓ ଶ୍ରେଷ୍ଠ ସଦାଚାର । ଯେପରି, ଶ୍ରୀରଙ୍ଗକ୍ଷେତ୍ରନିବାସୀ ସାମ୍ପ୍ରଦାୟିକ **ଶ୍ରୀବୈଷ୍ଣବ ଶ୍ରୀପାଦ୍ ବେଙ୍କଟଭଟ୍ଟ** ଅଥବା **ବାଳଗୋପାଳମନ୍ତ୍ରରେ** ସମ୍ପ୍ରଦାୟୀ ଗୁରୁଙ୍କ ନିକଟରେ ଦୀକ୍ଷିତ **ଶ୍ରୀପାଦ୍ ବଲ୍ଲଭଭଟ୍ଟ** ପ୍ରଭୃତି ବୈଷ୍ଣବବୃନ୍ଦ ଉନ୍ନତ ଉଜ୍ଜ୍ୱଳରସର ଉପାସନାରେ ପ୍ରବେଶ ଅଧିକାର ଲାଭ କରିବା ପାଇଁ ସେହି ସେହି ରସର ମନ୍ତ୍ରଜ୍ଞ ମହଦ୍‌ଗଣଙ୍କର

ପାଦାଶ୍ରୟ କରିଥିଲେ । ଏଥିରେ ଗୁରୁତ୍ୟାଗରୂପି ଅପରାଧ ହୁଏ ନା । ଶ୍ରୀକୃଷ୍ଣଙ୍କ ପୂର୍ଣ୍ଣତମ ସ୍ୱରୂପଙ୍କର ଭଜନ କରିଲେ ଯେପରି ଶ୍ରୀକୃଷ୍ଣଙ୍କ ଅନ୍ୟାନ୍ୟ ସ୍ୱରୂପ ବା ଅଂଶାବତାରଗଣଙ୍କର ସ୍ୱରୂପ ପ୍ରତି ଅପରାଧ ହୁଏ ନା, ତଦ୍ରୂପ ଅଂଶୀତତ୍ତ୍ୱର ଭକ୍ତାବତାର ରୂପେ ବ୍ୟଷ୍ଟି ଗୁରୁଦେବଙ୍କୁ (ଉତ୍ତରସୋପାସକ ଗୁରୁଙ୍କୁ) ଭଜନ କରିଲେ ମଧ୍ୟ ଅନ୍ୟାନ୍ୟ ସ୍ୱରୂପଙ୍କ ଭକ୍ତାବତାର-ବ୍ୟଷ୍ଟିଗୁରୁଙ୍କ (ଅନ୍ୟ ରସୋପାସକ ଗୁରୁଙ୍କ) ପ୍ରତି ଅପରାଧ ବା ତ୍ୟାଗ-ପ୍ରସଙ୍ଗ ଉପସ୍ଥିତ ହୁଏନା ।

ଅଧୁନା ଏହି ଧନ୍ୟ କଳିଯୁଗରେ ପ୍ରେମପୁରୁଷୋତ୍ତମ ଶ୍ରୀମନ୍ମହାପ୍ରଭୁ ଅତିଶୟ କରୁଣାବଶତଃ କଳିର ସାଧକମାନଙ୍କ ପାଇଁ ତାହାଙ୍କର ପରମ ଆସ୍ୱାଦନୀୟ ପରକୀୟା ଶୃଙ୍ଗାର ରସ ଭଜନର ଶ୍ରେଷ୍ଠ ଉପାୟନ **''ଶ୍ରୀଶ୍ରୀରାଧାଦାସ୍ୟ''**ର ଭଜନ ରହସ୍ୟ ପ୍ରକଟିତ କରିଯାଇଛନ୍ତି । ଶ୍ରୀମନ୍ମହାପ୍ରଭୁଙ୍କ ଅନୁଗତ ଶ୍ରୀନିତ୍ୟାନନ୍ଦ ପରିବାର, ଶ୍ରୀଅଦ୍ୱୈତପରିବାର, ଶ୍ରୀଗଦାଧର ପରିବାର, ଶ୍ରୀଶ୍ରୀବାସ ପରିବାର, ଶ୍ରୀଶ୍ରୀନିବାସ ପରିବାର, ଶ୍ରୀନରୋତ୍ତମ ପରିବାର, ଶ୍ରୀଶ୍ୟାମାନନ୍ଦ ପରିବାର, ଶ୍ରୀବକ୍ରେଶ୍ୱର ପରିବାର, ଶ୍ରୀଗଙ୍ଗାମାତା ପରିବାର, ଶ୍ରୀଶିବାନନ୍ଦ ପରିବାର, ଶ୍ରୀରାମାଇଠାକୁର ପରିବାର, ଶ୍ରୀକାନୁଠାକୁର ପରିବାର ଆଦି ଚଉଷଠିଟି କୁଳପରମ୍ପରାଗତ ସିଦ୍ଧ ଆମ୍ନାୟ ଗୁରୁପରମ୍ପରାରେ ଏହି ଶ୍ରୀରାଧାଦାସ୍ୟ ପଦବୀର ଉପାସନାର ପ୍ରଥାହିଁ ଅଦ୍ୟାବଧି ପ୍ରଚଳିତ ଚାଲିଆସିଅଛି । ଏହି ପରିବାର ସମୂହର ପ୍ରତ୍ୟେକ ସାଧକ ଶ୍ରୀଗୁରୁଦେବଙ୍କଠାରୁ ଶ୍ରୀମତୀରାଧାରାଣୀଙ୍କର ଦାସୀ ବା କିଙ୍କରୀର ସିଦ୍ଧସ୍ୱରୂପ ପ୍ରାପ୍ତ ହୋଇ ସେହି ଅଭିମାନରେ ଆରୂଢ଼ ହୋଇ ଶ୍ରୀଶ୍ରୀରାଧାଗୋବିନ୍ଦଙ୍କ ମାନସୀ ସେବା କାର୍ଯ୍ୟରେ ନିରତ ଅଛନ୍ତି । ଅତଏବ **ଶ୍ରୀମନ୍ମହାପ୍ରଭୁଙ୍କର ପରମ ହାର୍ଦ୍ଦ ତଥା ପରମ ଆସ୍ୱାଦ୍ୟ ଏବଂ ତତ୍‌କୃତ 'ଉତ୍ତମଗତି' ରୂପେ ଆଖ୍ୟାପ୍ରାପ୍ତ ଏହି ''ଶ୍ରୀରାଧାଦାସ୍ୟ'' ହିଁ ଇଦାନୀମ୍ ସମୟରେ ପରମେଶ୍ୱରଙ୍କର ସମଗ୍ର ପ୍ରସାଦ ବା ଶ୍ରେଷ୍ଠ କୃପା ।** ତେଣୁ ଶ୍ରୀମନ୍ମହାପ୍ରଭୁଙ୍କୁ ନିଜ ଆଦର୍ଶ ବୋଲି ଗ୍ରହଣକାରୀ ତାହାଙ୍କର ପ୍ରତ୍ୟେକ ଚରଣାନୁଚର ଗୌଡ଼ୀୟ ବୈଷ୍ଣବଙ୍କପକ୍ଷରେ 'ଶ୍ରୀଶ୍ରୀରାଧାଦାସ୍ୟ' ପ୍ରାପ୍ତି ନିମିତ୍ତହିଁ ଶ୍ରୀଗୁରୁକରଣ । ଯଦି ପୂର୍ବ ଶ୍ରୀଗୁରୁଦେବଙ୍କ ନିକଟରୁ ସାଧକ ଶ୍ରୀମନ୍ମହାପ୍ରଭୁଙ୍କର ନିର୍ଦ୍ଦେଶିତ ତଥା ପରମ ଅଭିଳଷିତ ଏହି ''ଶ୍ରୀରାଧାଦାସ୍ୟ'' ପ୍ରାପ୍ତ ହୋଇନାହାନ୍ତି, ସେତେବେଳେ ସେ ଏହି ''ଶ୍ରୀରାଧାଦାସ୍ୟ'' ଅଭିମାନରେ ସିଦ୍ଧ ମହାତ୍ମା ବା ସିଦ୍ଧ ଆମ୍ନାୟ ଗୁରୁପରମ୍ପରାରେ ଆଗତ ମହତଙ୍କ ନିକଟରୁ ଏହି ''ଶ୍ରୀରାଧାଦାସ୍ୟ'' ପ୍ରାପ୍ତି ନିମିତ୍ତ ପରମ ଯତ୍ନଶୀଳ ହେବେ । ଏତଦ୍ୱାରା ପୂର୍ବଗୁରୁଙ୍କ ତ୍ୟାଗ କରାହୁଏ ନାହିଁ କାରଣ ସାଧକ ଏଠାରେ ତ ନିଜ ଇନ୍ଦ୍ରିୟତୃପ୍ତି ନିମିତ୍ତ ଗୁରୁତ୍ୟାଗ କରୁନାହିଁ ବରଂ ଶ୍ରୀଶ୍ରୀଗୌରଗୋବିନ୍ଦଙ୍କ ପ୍ରିତ୍ୟାର୍ଥେ ତାହାଙ୍କର ପରମ ହାର୍ଦ୍ଦ ଅନ୍ତରଙ୍ଗ ସେବାରେ ନିଯୁକ୍ତି ଅଭିଳାଷରେ ତାଦୃଶ ମହତଙ୍କ ନିକଟରୁ ସେହି ଯୋଗ୍ୟତା ଲାଭ ନିମିତ୍ତ ଯତ୍ନଶୀଳ ହୋଇଅଛି, ଏଥିରେ ବ୍ୟଷ୍ଟିଗୁରୁ ତତ୍ତ୍ୱର ଅବମାନନା ହୁଏ ନାହିଁ ବରଂ ସେମାନଙ୍କୁ ଯଥାର୍ଥ ମର୍ଯ୍ୟାଦାହିଁ ପ୍ରଦର୍ଶନ କରା ହୋଇଥାଏ, ଏହାହିଁ ପୂର୍ବଗୁରୁଙ୍କ ପ୍ରକୃଷ୍ଟ ସେବା । ଶ୍ରୀଗୌଡ଼ୀୟ ବୈଷ୍ଣବ ଇତିହାସରେ ଦୃଷ୍ଟହୁଏ ପ୍ରାୟତଃ ଅନେକ ସତ୍ ମାହାତ୍ମା ନିଜ ଆଶ୍ରିତ ଶିଷ୍ୟର ଭଜନ-ଉତ୍କଣ୍ଠା ଦର୍ଶନରେ ସ୍ୱଂୟ ଶିଷ୍ୟକୁ ସେହିପରି ଉଚ୍ଚକୋଟିର ଭଜନାନନ୍ଦି ସିଦ୍ଧ ମହାତ୍ମାଙ୍କ ଆଶ୍ରୟକୁ ପ୍ରେରଣ କରିଅଛନ୍ତି । ସଦ୍ ଗୁରୁ ଶିଷ୍ୟର ସର୍ବୋଚ ଭଜନ ଧାରା ପ୍ରାପ୍ତି ଓ ସେହି ଭଜନ-ସାଧନ ଦ୍ୱାରା ଶ୍ରୀଶ୍ରୀରାଧାଗୋବିନ୍ଦଙ୍କ ସେବା ପ୍ରାପ୍ତିରେହିଁ ଯତ୍‌ପରୋନାସ୍ତି ପ୍ରସନ୍ନ ହୁଅନ୍ତି ।

ଏହି ଉନ୍ନତ ଭଜନ ଧାରାର ଆଶ୍ରୟରେ ଯଦି ପୂର୍ବଗୁରୁ ଅସନ୍ତୋଷ ପ୍ରକାଶ କରନ୍ତି, ତେବେ ମଧ୍ୟ ଏହା ସାଧକର ଭଜନରେ ବିଘ୍ନ କରପାରିବ ନାହିଁ, ଯେହେତୁ ସାଧକ ଶ୍ରୀମନ୍ମହାପ୍ରଭୁଙ୍କର ଅଭିଳଷିତ ସେବା ନିମିତ୍ତ ହିଁ ପଦକ୍ଷେପ ନେଇଅଛନ୍ତି, ନିଜ ସ୍ୱାର୍ଥେଚ୍ଛା ବା ଇନ୍ଦ୍ରିୟତୃପ୍ତି ନିମିତ୍ତ ନୁହେଁ । ଆପାତତଃ ପୂର୍ବ ଗୁରୁଙ୍କର ଅସନ୍ତୋଷ ପ୍ରକାଶ ପାଉଥିଲେ ମଧ୍ୟ ସାଧକର ଏହି ପଦକ୍ଷେପ ଅଖଣ୍ଡ ବ୍ୟଷ୍ଟିଗୁରୁ ତତ୍ତ୍ୱଙ୍କ ସମ୍ୟକ୍ ଆହ୍ଲାଦ ପ୍ରଦାୟକ ଅଟେ । ଶ୍ରୀମତୀ ରାଧାରାଣୀ, ଶ୍ରୀଶ୍ୟାମାନନ୍ଦ ପ୍ରଭୁଙ୍କ ମସ୍ତକରେ ନୂପୁର ଚିହ୍ନ ପ୍ରଦାନ କରି ବକ୍ଷଃସ୍ଥଳରେ ଶ୍ୟାମାନନ୍ଦ ନାମ ଲେଖି ଦେଇଥିଲେ । ଶ୍ରୀଶ୍ୟାମାନନ୍ଦଙ୍କ ପ୍ରତି ଶ୍ରୀଲଳିତାଦେବୀଙ୍କ ଆଦେଶ ଥିଲା ଯେପରି ଏହି ଖବର ସେ ଶ୍ରୀଜୀବଗୋସ୍ୱାମୀଙ୍କ ବ୍ୟତୀତ ଅନ୍ୟ କାହାଙ୍କ ନିକଟରେ ପ୍ରକାଶ ନକରନ୍ତୁ । ଏଦିଗରେ ଶ୍ରୀଶ୍ୟାମାନନ୍ଦଙ୍କ ଶ୍ରୀଗୁରୁଦେବ, ଶ୍ରୀହୃଦୟଚୈତନ୍ୟ ଶିଷ୍ୟର ପରିବାର ଓ ବଂଶ ପରିବର୍ତ୍ତନ ସନ୍ଦେହ କରି ନବଦ୍ୱୀପରୁ ମହାନ୍ତଗଣଙ୍କୁ ଧରି ବୃନ୍ଦାବନରେ ଆଗମନ ପୂର୍ବକ ଶ୍ରୀଶ୍ୟାମାନନ୍ଦଙ୍କ ତିଳକ ଓ ବକ୍ଷସ୍ଥଳର ନାମ ପୋଛିବାପାଇଁ ଶତଚେଷ୍ଟା କରି ମଧ୍ୟ ସକ୍ଷମ ହେଲେ ନାହିଁ । ଶେଷରେ ଶ୍ରୀରାଧାରାଣୀଙ୍କ ସ୍ୱପ୍ନାଦେଶରେ ସମସ୍ତ ବିଷୟ ଅବଗତ ହୋଇ ଶ୍ୟାମନନ୍ଦଙ୍କୁ କୃପାଶୀଷ ପ୍ରଦାନେ ଧନ୍ୟ କରିଲେ । ତେଣୁ ଶିଷ୍ୟର ଅନ୍ୟ ଗୁରୁକରଣରେ ଆପାତତଃ ଶ୍ରୀଗୁରୁଦେବ ଅପ୍ରସନ୍ନ ହେଲେ ମଧ୍ୟ, ଶ୍ରୀରାଧାରାଣୀ ଓ ଶ୍ରୀଗଗୁରୁତତ୍ତ୍ୱ ସାଧକର ଏତାଦୃଶ ଅନ୍ତଃକରଣର ଶୁଦ୍ଧ ଭାବୋତ୍ଥ ପଦକ୍ଷେପରେ ଅତିଶୟ ପ୍ରସନ୍ନ ।

ଶ୍ରୀମନ୍ମହାପ୍ରଭୁଙ୍କ ଦ୍ୱାରା ପ୍ରଦର୍ଶିତ ଶ୍ରୀଶ୍ରୀରାଧାଦାସ୍ୟ ରୂପି ସାଧଶିରୋମଣି ବା ଉତ୍ତମାଗତି ଲାଭ ନିମନ୍ତେ ସାଧକର ପ୍ରୟାସ ବା ସଦ୍‌ଚେଷ୍ଟାକୁ କେହି ମଧ୍ୟ ପ୍ରତିରୋଧ କରିବାର କ୍ଷମତା ପୋଷଣ କରନ୍ତି । ଶ୍ରୀଗୌରସୁନ୍ଦରଙ୍କ ଏହି ଅଭିଳଷିତ ଭଜନ-ସାଧନ ଲାଭ ପଥରେ ସମାଗତ ଅନ୍ତରାୟକୁ ଶାସ୍ତ୍ରବିଧିବଦ୍ଧ ଭାବରେ ବିଦୂରିତ କରିବାରେ ସାଧକର ଅପରାଧ ଅର୍ଜ୍ଜନ ହୁଏ ନାହିଁ । କିନ୍ତୁ କେତେକ ପରନିନ୍ଦାଚର୍ଚ୍ଚାରୂପି ମୁଖକଣ୍ଡୁୟନ ଆନନ୍ଦରେ ଉନ୍ମତ୍ତ ଅନଧିକାରୀ ହତଚିତ୍ତ ଜୀବ, ସତ୍-ସାଧକର ଏହି ଶ୍ରୀରାଧାଗୋବିନ୍ଦଙ୍କ ସୁଖାନ୍ୱେଷୀ ପଦକ୍ଷେପ ଉପରେ ଆକ୍ଷେପ କରି ଏହାକୁ ଗୁରୁତ୍ୟାଗ ସଜ୍ଞା ଦେଇ କେବଳ ସ୍ୱହସ୍ତରେ ନର୍କଦ୍ୱାରହିଁ ଉନ୍ମୋଚନ କରିଥାଆନ୍ତି । ପୂଜ୍ୟ ଗୋସ୍ୱାମୀବର୍ଗ ଏହାକୁ ଗୁରୁତ୍ୟାଗର ସଜ୍ଞା ଦେଇନାହାନ୍ତି, ବାସ୍ତବରେ ଏହା ଦ୍ୱାରା ଅଖଣ୍ଡ ଗୁରୁତତ୍ତ୍ୱଙ୍କ ଯଥେଷ୍ଟ ମର୍ଯ୍ୟାଦାହିଁ ସ୍ଥାପିତ ହୁଏ ।

ଶ୍ରୀଗୁରୁକୃପାହିଁ କେବଳମ୍

ପରମକରୁଣ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ଭୁବନପାବନୀ କରୁଣାର ବିସ୍ତାର ''ଶ୍ରୀଗୁରୁତତ୍ତ୍ୱ'', ତ୍ରିତାପାନଳରେ ଦଗ୍ଧୀଭୂତ ଜୀବକୁ କରୁଣାମୃତ ବର୍ଷଣରେ ଅଭିଷିକ୍ତ କରିବାପାଇଁ ପ୍ରପଞ୍ଚରେ ପ୍ରକଟିତ ହୋଇ ଲୀଳାବିଳାସ କରି ଅଯାଚିତ ଭାବରେ କରୁଣା ବିତରଣ କରୁଅଛନ୍ତି ।

ଜୀବ ୮୪ଲକ୍ଷ ଯୋନିର ଯନ୍ତ୍ରଣାମୟ ଚକ୍ରରେ ପରିଭ୍ରମଣର ଅଶେଷ କଷ୍ଟ ସହ୍ୟ କରିବାପରେହିଁ ଏହି ସୁଦୁର୍ଲ୍ଲଭ ମନୁଷ୍ୟ ଯୋନି ଲାଭ କରିଅଛି । ଏହି ମନୁଷ୍ୟ ଜନ୍ମରେହିଁ ଜୀବ ଶ୍ରୀଭଗବାନଙ୍କର କରୁଣା ଆହରଣର ଶକ୍ତି ପୋଷଣ କରନ୍ତି । ପରମ ଆକାଂକ୍ଷିତ ତଥା ଜୀବର ଏକମାତ୍ର କାମ୍ୟ ସେହି ଯୁଗଳକିଶୋରଙ୍କର ପ୍ରେମସେବା ପ୍ରାପ୍ତି ନିମିତ୍ତ ଏହି ମନୁଷ୍ୟ ଜନ୍ମହିଁ ଯୋଗ୍ୟ । ଏତାଦୃଶ ମନୁଷ୍ୟଜନ୍ମ ଲାଭ କରି ତଦୁପୋରି ଶ୍ରୀମନ୍ମହାପ୍ରଭୁଙ୍କର ପ୍ରେମପ୍ରଚାର

ପରବର୍ତ୍ତୀ ସମୟରେ ପବିତ୍ର ଭାରତଭୂମିରେ ଆଗମନ କରି, ନିତ୍ୟପାର୍ଷଦ ରୂପ-ସନାତନାଦି ଗୋସ୍ୱାମୀବର୍ଗଙ୍କର ଆର୍ଷବାଣୀ ସମୂହର ଶ୍ରବଣ ସୌଭାଗ୍ୟ ଲାଭ କରି, ଶ୍ରୀମନ୍ମହାପ୍ରଭୁ ତଥା ତାହାଙ୍କ ନିତ୍ୟ ପାର୍ଷଦମାନଙ୍କଠାରୁ ସୃଷ୍ଟ ଅକ୍ଷୁର୍ଣ୍ଣ କୁଳପରମ୍ପରା ଓ ସିଦ୍ଧ ଆମ୍ନାୟ ପରିବାରରେ ଅନ୍ତର୍ଭୁକ୍ତ ହେବାର ସୁଯୋଗ ଲାଭକରି, ଶ୍ରୀଶ୍ରୀରାଧାଦାସ୍ୟ ସୁଧାନିଧିରେ ଅବଗାହନ ରତ ସିଦ୍ଧ ମହାତ୍ମାଗଣଙ୍କର ସାନିଧ ଲାଭ କରିବା ସତ୍ତ୍ୱେ ଜୀବ ଯଦି ବିଷୟ ସମ୍ଭୋଗ ଲାଳସାରେ ଅନ୍ଧ ଓ ଉନ୍ମତ୍ତ ହୋଇ ସେହି ପରମଶ୍ରେୟ ବସ୍ତୁ ଲାଭ ନିମିତ୍ତ ପ୍ରଯତ୍ନଶୀଳ ନ ହୁଅନ୍ତି, ତେବେ ଏହାଠାରୁ ବଡ଼ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ କିଛି ରହିପାରେ କି ?

ଅଦ୍ୟାବଧି ସେହି ଚିନ୍ମୟୀ ଭୂମି ଶ୍ରୀନବଦ୍ୱୀପ-ଶ୍ରୀକ୍ଷେତ୍ର-ଶ୍ରୀବୃନ୍ଦାବନରେ ଶ୍ରୀଗୌରସୁନ୍ଦର ଓ ଶ୍ରୀକୃଷ୍ଣଚନ୍ଦ୍ରଙ୍କର ସୁମଧୁର ଲୀଳାବିଳାସ ନିତ୍ୟ ଅନୁଷ୍ଠିତ ହେଉଅଛି । ଶ୍ରୀମନ୍ମହାପ୍ରଭୁଙ୍କ ପ୍ରବର୍ତ୍ତିତ ଶୁଦ୍ଧ ବ୍ରଜପ୍ରେମଭକ୍ତିର ବୀଜ ଅଦ୍ୟାବଧି ଧରାପୃଷ୍ଠରେ ସୁରକ୍ଷିତ ଅଛି, ଶ୍ରୀବାସଅଙ୍ଗନର ସେହି ରାସସଙ୍କୀର୍ତ୍ତନର ପ୍ରତିଧ୍ୱନି ଏବେ ମଧ୍ୟ ଗଗନମଣ୍ଡଳରେ ବିଦ୍ୟମାନ୍, ପୂଜ୍ୟ ଗୋସ୍ୱାମୀବୃନ୍ଦଙ୍କର ବୈରାଗ୍ୟମୟ ଭଜନ-ସାଧନର ବୀର୍ଯ୍ୟବତୀ ପ୍ରଭାବ ଏବେ ମଧ୍ୟ ସାଧକଙ୍କୁ ପଥ ପ୍ରଦର୍ଶନ ଓ ଶକ୍ତି ପ୍ରଦାନ କରୁଅଛି, ଶ୍ରୀଗୁରୁବୈଷ୍ଣବଙ୍କ କରୁଣାର ବିସ୍ତାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି, ତଥାପି ଏହିପରି ସୁଯୋଗର ବିଦ୍ୟମାନତା-ସତ୍ତ୍ୱେ ଯଦି ସାଧକ, ପ୍ରପଞ୍ଚରେ ଶ୍ରୀଭଗବାନଙ୍କର ବିଚରଣଶୀଳ କରୁଣାର ଘନମୂର୍ତ୍ତି ଶ୍ରୀଗୁରୁଦେବଙ୍କୁ କର୍ଣ୍ଣଧାର କରି ଏହି ଭୟାବହ ଦୁଷ୍ତାର ଭବସଂସାର ଉତ୍ତୀର୍ଣ୍ଣ ହେବାକୁ ଯତ୍ନବାନ ନ ହୁଅନ୍ତି, ତାହାହେଲେ ଏହାଠାରୁ ଶୋଚନୀୟ ବସ୍ତୁ ଆଉ କଣ କିଛି ହୋଇପାରେ ?

ପ୍ରେମପୁରୁଷୋତ୍ତମ ଶ୍ରୀଗୌରସୁନ୍ଦର ଚିରଦିନ ଧରି ଅର୍ପିତ ନ ହୋଇଥିବା ନିଜ ପ୍ରେମଭଣ୍ଡାରର ସର୍ବ ମୂଲ୍ୟବାନ୍ ରତ୍ନ **"ଶ୍ରୀରାଧାଦାସ୍ୟ"** ମୁକ୍ତ ହସ୍ତରେ ଅଯାଚିତ ଭାବରେ କଳିକାଳର ଏହି ହତଚିତ୍ତ ଜୀବଗଣଙ୍କୁ ବିତରଣ କରିବା ଆକାଂକ୍ଷାରେ ଗମ୍ଭୀରାର ପ୍ରକୋଷ୍ଠାଭ୍ୟନ୍ତରରେ ନଜାଣି ନିଜର କେତେକେତେ ଶୋଣିତ ଧାରା ପରିବ୍ୟୟ କରିଅଛନ୍ତି । ଆମ୍ଭେମାନେ ଯଦି କେବଳ ନିଜ ସାମାନ୍ୟତମ ପ୍ରୟାସ ଦ୍ୱାରା ଏହି 'ଶ୍ରୀରାଧାଦାସ୍ୟ' ରୂପି ମହାଧନ ସଂଗ୍ରହ କରିବାରେ ବ୍ରତୀ ନହୁଅନ୍ତି, ତେବେ ଆମ୍ଭେମାନେ କଣ ସେହି କରୁଣାବତାର ଶ୍ରୀଗୌରସୁନ୍ଦରଙ୍କ ଶୋଣିତ ଧାରାରେ ଋଣ ପରିଶୁଦ୍ଧ କରିପାରିବା । ନିତ୍ୟପାର୍ଷଦବୃନ୍ଦ, ପୂଜ୍ୟଗୋସ୍ୱାମୀଗଣ, ତଥା ତଦନୁଗ ଗୁରୁବୈଷ୍ଣବ ବୃନ୍ଦଙ୍କର ଆକ୍ଲାନ୍ତ ପରିଶ୍ରମର ବ୍ୟର୍ଥତା ରୂପି ଦାବାନଳ କଣ ଆମକୁ ଭସ୍ମୀଭୂତ ନକରି ଛାଡ଼ିଦେବ । ସେମାନଙ୍କର ଶ୍ରୀମୁଖନିଃସୃତ ଗୋକୁଳପ୍ରେମୋତ୍ସବ ଶ୍ରୀହରିନାମର ସୁସୁରକ୍ଷିତ ଦୁର୍ଗ ଭିତରେ ଆଶ୍ରୟ ନ ନେଲେ କଣ କଳିସର୍ପର ଆକ୍ରମଣରୁ ବଞ୍ଚିତ ରହିପାରିବା ?

ଭଜନରାଜ୍ୟରେ ପଦାର୍ପଣ କରିଲେ ମଧ୍ୟ ପୂର୍ବଜନ୍ମର ମହାପ୍ରାରବ୍ଧ ଜାତ କାମ, କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ, ଲାଭ-ପୂଜା-ପ୍ରତିଷ୍ଠାଶା, ନାମ-ଧାମ-ବୈଷ୍ଣବ ଅପରାଧାଦି ତଥା କଳିର କରାଳ ପ୍ରଭାବର କ୍ଷଣବର୍ଦ୍ଧିଷ୍ଣୁତା ଆମ୍ଭମାନଙ୍କର ସୁକୋମାର ନବୀନ ଭକ୍ତି ଲତାକୁ ସମୂଳେ ଉତ୍ପାଟିତ କରିବାରେ ସକ୍ଷମ ହୋଇଅଛି । ନିଜ ଭଜନ-ସାଧନ ବଳର ମିଥ୍ୟା ଅଭିମାନରେ ଅନ୍ଧହୋଇ ଆମ୍ଭେମାନେ ଶ୍ରୀଗୁରୁବୈଷ୍ଣବଙ୍କ ମହାମହିମ୍ନ କୃପାଶକ୍ତିକୁ ହେୟଜ୍ଞାନ

କରିବାରେ ପଶ୍ଚାତ୍‌ପଦ ହେଉନାହୁଁ । ଏହି ଅକ୍ଷମଣୀୟ ଧୃଷ୍ଟତାର ଫଳ ହୋଇଛି – ଆଜି ଶ୍ରୀଶ୍ରୀରାଧାଗୋବିନ୍ଦ ଆମଠାରୁ ବହୁ ଦୂରରେ, ମହାପ୍ରଭୁଙ୍କର ଆଚାର, ବିଚାର ଓ ଆଦର୍ଶ – ସ୍ୱପ୍ନପ୍ରାୟ, ଗୋସ୍ୱାମୀବର୍ଗଙ୍କର ଅସମୋର୍ଦ୍ଧ୍ୱ ବୈରାଗ୍ୟ ସମ୍ପତ୍ତି – ଅଲଭ୍ୟ ଦୃଷ୍ଟାନ୍ତ ମାତ୍ର, ଯୁଗୋଳକିଶୋରଙ୍କର ପ୍ରେମସୁଧା – ମରୀଚିକାପ୍ରାୟ, ସର୍ବଶକ୍ତିଶାଳୀ ମହାମନ୍ତ୍ର କେବଳ କେତେକ ବର୍ଣ୍ଣ ବିଶେଷର ସମଷ୍ଟି । ପ୍ରାଣେଶ୍ୱର–ପ୍ରାଣେଶ୍ୱରୀଙ୍କର ସେବା ଅପ୍ରାପ୍ତିରେ ହୃଦୟରେ ଅଭାବ ନାହିଁ ବରଂ ସଂସାର ସୁଖ ସମ୍ଭୋଗର ଲାଳସା ପ୍ରବଳରୁ ପ୍ରବଳତର ହେଉଅଛି । ନିଜ ଇନ୍ଦ୍ରିୟତୃପ୍ତି ଚରିତାର୍ଥକୁ ଇଷ୍ଟସୁଖର ସଜ୍ଜାଦେଇ ଆମେ ଆତ୍ମବଞ୍ଚନାରେ ଅବ୍ୟସ୍ତ ହୋଇଅଛୁ । ପୁରୁଷାଭିମାନର ରାଜତ୍ୱ ହୃଦୟକନ୍ଦରସ୍ଥ ସୁକୋମଳ ପ୍ରେମଭକ୍ତି ଲତାକୁ ମର୍ଦ୍ଦୀଭୂତ କରିଅଛି । ଏହିପରି ଭୟାବହ ଆତ୍ମଘାତୀ ପରିସ୍ଥିତିରୁ ଉଦ୍ଧାର ପାଇବାକୁ ହେଲେ – ଶ୍ରୀଭଗବାନଙ୍କର କରୁଣାବତାର ଶ୍ରୀଗୁରୁବୈଷ୍ଣବଙ୍କର ନିଷ୍କପଟ କରୁଣା ନିମିତ୍ତ ସଦୈନ୍ୟ କ୍ରନ୍ଦନ କରିବାକୁ ହେବ । ଶ୍ରୀଗୁରୁଦେବଙ୍କର କରୁଣା ଓ କୃପାକୁ ସର୍ବସ୍ୱ ସମ୍ବଳ କରିପାରିଲେହିଁ ଏହି ଶୋଚନୀୟ ପରିସ୍ଥିତିରୁ ନିସ୍ତାର ଅଛି, ଅନ୍ୟଥା ଅଧୋପତନ ସୁନିଶ୍ଚିତ । କାରଣ – "ଶ୍ରୀଗୁରୁକୃପାହିଁ କେବଳମ୍ – ଶ୍ରୀଗୁରୁକୃପାହିଁ କେବଳମ୍ – ଶ୍ରୀଗୁରୁକୃପାହିଁ କେବଳମ୍ ।"

"ଗୋବିନ୍ଦ ଦାସ କହେ, ଭଜିଲେ ଭଜନ ନହେ, ଗୁରୁକୃପା ଭଜନର ମୂଳ ।"

ବାସ୍ତବିକ୍ ଶ୍ରୀଗୁରୁଦେବଙ୍କ କୃପା ବା କରୁଣାହିଁ ଶ୍ରୀଭଗବତ୍‌କୃପାର କାରଣ । ଶ୍ରୀଗୁରୁଦେବଙ୍କ କରୁଣା ହେଲେହିଁ ଆମ୍ଭେମାନେ ନିଜର ତଥାକଥିତ ସାଧନଭଜନବଳ ଉପରେ ଅକିଞ୍ଚିତକରତାର ନିଷ୍କପଟ ଜ୍ଞାନ ଉଦୟ ହେବ । ତାହାଫଳରେ ସାଧକର ଅନ୍ତରାତ୍ମା ଶ୍ରୀଗୁରୁବୈଷ୍ଣବଙ୍କ କୃପା ପାଇଁ ନିରତିଶୟ କାନ୍ଦି ଉଠିବ । ସେତେବେଳେ ସାଧକ ଜାଣିପାରିବେ ଶ୍ରୀଗୁରୁଦେବଙ୍କ କୃପାବ୍ୟତୀତ, ତାହାଙ୍କ ପ୍ରସନ୍ନତା ବ୍ୟତୀତ କୌଣସି ପ୍ରକାରରେ ସାଧନ ଫଳପ୍ରସୂ ହେବ ନାହିଁ, ଏହି ଭୟାବହ ବିଷମ ପରିସ୍ଥିତିରୁ ଶ୍ରୀଗୁରୁଦେବଙ୍କ କରୁଣାହିଁ ମତେ ଉଦ୍ଧାର କରିପାରିବ । ସେତେବେଳେହିଁ ସାଧକର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ, ପ୍ରତ୍ୟେକ ଭଜନ–ସାଧନ, ସମସ୍ତଚେଷ୍ଟା ଶ୍ରୀଗୁରୁକରୁଣାମୃତରେ ଅଭିଷିଞ୍ଚିତ ହେବ । ସାଧକ ସେତେବେଳେ ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀଗୁରୁଦେବଙ୍କ କରୁଣାର ବୈଶିଷ୍ଟ୍ୟ ହୃଦୟଙ୍ଗମ କରିବାପାଇଁ ସକ୍ଷମ ହେବେ । ସେତେବେଳେ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ତାହାଙ୍କ ନିଷ୍ଠା ପ୍ରତିନିୟତ ବଢ଼ିବାରେ ଲାଗିବ । ସେ ପ୍ରତିଟି କାର୍ଯ୍ୟ ସିଦ୍ଧିରେ ନିଜର କର୍ତ୍ତୃତ୍ୱ ଅପେକ୍ଷା ଶ୍ରୀଗୁରୁଦେବଙ୍କ କରୁଣାର ଅବଦାନର ମହତ୍ୱ ଉପଲବ୍ଧି କରିପାରିବେ । ଶ୍ରୀଗୁରୁବୈଷ୍ଣବଙ୍କ କରୁଣା ପ୍ରାପ୍ତି ନିମନ୍ତେ ସଦୈନ୍ୟ କ୍ରନ୍ଦନହିଁ ଆମ୍ଭମାନଙ୍କ ଭଜନ ସାଧାନର ବଳ, ଏବଂ ଏହା ହେଉଛି ଶ୍ରୀଗୌରଗୋବିନ୍ଦଙ୍କ କୃପା ଆହରଣର ଏକମାତ୍ର ଉପାୟ । ବାସ୍ତବରେ ଏହି ଶ୍ରୀଗୁରୁକରୁଣା–ପ୍ରତ୍ୟାଶୀ ଭଜନ ସାଧନହିଁ ଶ୍ରୀଗୌରଗୋବିନ୍ଦଙ୍କର ପରମ ଆସ୍ୱାଦନୀୟ ।

ସାଧକ କାହିଁକି ଶ୍ରୀନରୋତ୍ତମଠାକୁର ମହାଶୟଙ୍କପରି ନିତ୍ୟସିଦ୍ଧ ପରିକରଗଣ ମଧ୍ୟ ଶ୍ରୀଗୁରୁଦେବଙ୍କ କରୁଣାର ପ୍ରତ୍ୟାଶୀ ହୋଇ ଆକୁଳ ଭାବରେ ପ୍ରାର୍ଥନା କରିଛନ୍ତି–

"କିରୂପେ ପାଇବ ସେବା ମୁଁଜ ଦୁରାଚାର । ଶ୍ରୀଗୁରୁବୈଷ୍ଣବେ ରତି ନା ହୈଲ ଆମାର ॥
ଅଶେଷ ମାୟାତେ ମନ ମଗନ ହଇଲ । ବୈଷ୍ଣବେତେ ଲେଶମାତ୍ର ରତି ନା ଜନ୍ମିଲ ॥

ଗଲେ ଫାଁସ ଦିତେ ଫିରେ ମାୟା ସେ ପିଚାଶୀ । ବିଷୟେ ଭୁଲିଆ ଅନ୍ଧ ହୈନୁ ଦିବାନିଶି ॥
ଇହାରେ କରିଆ ଜୟ ଛାଡ଼ାନ ନା ଯାୟ । ସାଧୁଗୁରୁ କୃପାବିନା ନା ଦେଖି ଉପାୟ ॥
ଅଦୋଷ ଦରଶି ପ୍ରଭୁ ପତିତ ଉଦ୍ଧାର । ଏଇ ବାର ନରୋତ୍ତମେ କରହ ନିସ୍ତାର ॥"***

"ହା ହା ପ୍ରଭୁ ଲୋକନାଥ ! ରାଖ ପଦଦ୍ୱନ୍ଦ୍ୱେ । କୃପାଦୃଷ୍ଟ୍ୟେ ଚାହ ଯଦି ହଇୟା ଆନନ୍ଦେ ॥
ମନୋ-ବାଞ୍ଛା ସିଦ୍ଧି ତବେ ହଉ ପୂର୍ଣ୍ଣତୃପ୍ତ । ହେଥାୟ ଚୈତନ୍ୟ ମିଲେ, ସେଥା ରାଧାକୃଷ୍ଣ ॥
ତୁମି ବା କରିଲେ ଦୟା କେ କରିବେ ଆର । ମନେର ବାସନା ପୂର୍ଣ୍ଣକର ଏଇବାର ॥
ଏତିନ ସଂସାରେ ମୋର ଆର କେହ ନାହିଁ । କୃପାକରି ନିଜ ପଦତଳେ ଦେହ ଠାଇଁ ॥
ରାଧାକୃଷ୍ଣ-ଲୀଳାଗୁଣ ଗାଉଁ ରାତ୍ରିଦିନେ । ନରୋତ୍ତମ-ବାଞ୍ଛାପୂର୍ଣ୍ଣ ନହେ ତୁୟା ବିନେ ॥"

ଶ୍ରୀରାଧାମୋହନଠାକୁର ପଦାମୃତସମୁଦ୍ରରେ ଶ୍ରୀଗୁରୁଦେବଙ୍କ କରୁଣା ଭିକ୍ଷାରେ ଗାଇଛନ୍ତି-

ଶ୍ରୀଗୁରୁବୈଷ୍ଣବ ତୋମାର ଚରଣ ଶରଣ ନା କୈଲୁଁ ଆମି ।
ବିଷମ ବିଷୟବିଷ ଭାଲ ମାନି ଖାଇଛୋଁ ହଇୟା କାମୀ ॥ଧ୍ରୁ॥
ସେଇ ବିଷ ମୋରେ ଜାରିୟା ମରିବେ ବଢ଼ଇ ବିପାକ ହଇଲ ।
ଜନମେ ଜନମେ ଏମନ କତଇ ଆତ୍ମଘାତୀ ପାପ କୈଲ ॥
ସେଇ ଅପରାଧେ ଭବ-ସଂସାରେ ବାନ୍ଧିଲ ଏ ମାୟାଜାଲେ ।
ତୋମା ନା ଭଜିୟା ଆପନା ଖାଇୟା ଆପନି ଡୁବିଲ ହେଲେ ॥
ଆର କତକାଲ ଏ ଦୁଖ ଭୁଜିମୁ ଭୋଗ-ଦେହ ନାହି ଯାୟ ।
ସହିତେ ନାରିୟା କାତର ହଇୟା ନିବେଦିଏ ତୁୟା ପାୟ ॥
ଓ ରାଙ୍ଗାଚରଣ-ପରଶ କେବଳ ବିଚାରିୟା ଏଇ ଦାୟ ।
ଉଦ୍ଧାର କରିୟା ଲହ ଦୀନବନ୍ଧୁ ଆପନ ଚରଣ-ନାୟ ॥
ଆପନ ସେବନ ଅମୃତ ଭୋଜନ କରାଇୟା ମୋରେ ରାଖ ।
ଏ ରାଧାମୋହନ ଖତେ ବିକାଇଲ ଦାସ ଗଣନେ ଲେଖ ॥

ଶ୍ରୀଭକ୍ତିବିନୋଦଠାକୁର ନିଜ ଶ୍ରୀଗୁରୁଦେବଙ୍କ କରୁଣା ପ୍ରାର୍ଥନା କରି ଗାଇଛନ୍ତି-

(ଗୁରୁଦେବ) କୃପାବିନ୍ଦୁ ଦିୟା, କର ଏଇ ଦାସେ, ତୃଣାପେକ୍ଷା ଅତି ହୀନ ।
ସକଳ ସହନେ, ବଳ ଦିୟାକର, ନିଜ-ମାନେ ସ୍ପୃହାହୀନ ॥
ସକଳେ ସମ୍ମାନ, କରିତେ ଶକତି, ଦେହ ନାଥ ଯଥାଯଥ ।
ତବେ ତ ଗାଇବ, ହରିନାମ ସୁଖେ, ଅପରାଧ ହବେ ହତ ॥
କବେ ହେନ କୃପା, ଲଭିୟା ଏ ଜନ, କୃତାର୍ଥ ହଇବେ ନାଥ ।
ଶକ୍ତି ବୁଦ୍ଧିହୀନ, ଆମି ଅତି ଦୀନ, କର ମୋରେ ଆତ୍ମ ସାତ ॥
ଯୋଗ୍ୟତା - ବିଚାରେ, କିଛୁ ନାହି ପାଇ, ତୋମାର କରୁଣା ସାର ।
କରୁଣା ନା ହେଲେ, କାଁଦିଆ କାଁଦିଆ, ପ୍ରାଣ ନା ରାଖିବ ଆର ॥

ଉତ୍କଳର ଜନୈକ ବୈଷ୍ଣବ ତାହାଙ୍କ ଗୁରୁବନ୍ଦନାରେ ଏହିପରି ପ୍ରାର୍ଥନା କରିଛନ୍ତି-

ଭବସାଗର ତାରଣ କାରଣ ହେ, ରବିନନ୍ଦନ ବନ୍ଧନ ଖଣ୍ଡନ ହେ । (ରବିନନ୍ଦନ-ଯମ)
ଶରଣାଗତ କିଙ୍କର ଭୀତ ମନେ, ଗୁରୁଦେବ ଦୟା କର ଦୀନଜନେ ॥
ହୃଦି କନ୍ଦର ତାମସ ଭାସ୍କର ହେ, ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ ।

ପରଂବ୍ରହ୍ମ ପରାତ୍ପର ବେଦ ଭଣେ, ଗୁରୁଦେବ ଦୟା କର ଦୀନଜନେ ॥
ମନ ବାରଣ ଶାସନ ଅଙ୍କୁଶ ହେ, ନର ତ୍ରାଣ ପାଇଁ ହରି ଚାକ୍ଷୁଷ ହେ ।
ଗୁଣଗାନ ପରାୟଣ ଦେବଗଣେ, ଗୁରୁଦେବ ଦୟାକର ଦୀନଜନେ ॥
ରିପୁସୂଦନ ମଙ୍ଗଳ ନାୟକ ହେ, ଶୁଭ ଶାନ୍ତି ବରାଭୟ ଦାୟକ ହେ ।
ତ୍ରୟ ତାପ ହରେ ତବ ନାମ ଗୁଣେ, ଗୁରୁଦେବ ଦୟାକର ଦୀନଜନେ ॥
ଅଭିମାନ ପ୍ରଭାବ ବିମର୍ଦ୍ଦକ ହେ, ଗତିହୀନ ଜନେ ତୁମେ ରକ୍ଷକ ହେ ।
ଚିତ୍ତ ଶଙ୍କିତ ବଞ୍ଚିତ ଭକ୍ତିଧନେ, ଗୁରୁଦେବ ଦୟାକର ଦୀନଜନେ ॥
ତବ ନାମ ସଦା ଶୁଭ ସାଧକ ହେ, ପତିତାଧମ ମାନବ ପାବକ ହେ ।
ମହିମା ତବ ଗୋଚର ଶୁଦ୍ଧ ମନେ, ଗୁରୁଦେବ ଦୟା କର ଦୀନଜନେ ॥
କୃଷ୍ଣପ୍ରେମ ଦାନେ ତୁମେ ଶକ୍ତିଧର, ଶିଷ୍ୟାନୁଗ୍ରହାଣେ ସନ୍ଧାନ କର ।
ସମ ନାହିଁ କେହି ତବ କୃପା ଗୁଣେ, ଗୁରୁଦେବ ଦୟା କର ଦୀନଜନେ ॥
ଜୟ ସଦ୍‌ଗୁରୁ ଈଶ୍ୱର ପ୍ରାପକ ହେ, ଭବ ରୋଗ ବିକାର ବିନାଶକ ହେ ।
ମନ ରହେ ଯେହ୍ନେ ତବ ଶ୍ରୀଚରଣେ, ଗୁରୁଦେବ ଦୟାକର ଦୀନଜନେ ॥

ବହୁବିଘ୍ନସଙ୍କୁଳ ଭଜନସାଧନ ରାଜ୍ୟରେ ଶ୍ରୀଗୁରୁଦେବଙ୍କ କୃପାର ଅସମୋର୍ଦ୍ଧ ମହିମା ରହିଅଛି । ଶିଷ୍ୟର ସାଧକାବସ୍ଥାଠାରୁ ଆରମ୍ଭକରି ସିଦ୍ଧିସ୍ତର (ଭଗବତ୍ ସାକ୍ଷାତ୍‌କାର) ପର୍ଯ୍ୟନ୍ତ ଭଜନର କ୍ରମୋନ୍ନତିକୁ ଶ୍ରୀଗୁରୁଦେବଙ୍କ କୃପାହିଁ ପ୍ରତି ସୋପାନରେ ସମ୍ପୁଷ୍ଟ ଓ ସୁସୁରକ୍ଷିତ କରିଥାଏ । ଶ୍ରୀଗୁରୁଦେବଙ୍କ କୃପାରୂପି କବଚ ବା ଗୁମ୍ଫା ଭିତରେ ସୁରକ୍ଷିତ ରହିଲେହିଁ ସାଧକର ହୃଦୟାନ୍ତଃକରଣର ସୁକୁମାର ଭକ୍ତିଲତା କଳିର ନାନାବିଧ ପ୍ରତିରୋଧ ଓ ଅପରାଧ ରୂପି ମତ୍ତହସ୍ତୀ କବଳରୁ ବଞ୍ଚିତ ହୋଇ ପରିଶେଷରେ ଶ୍ରୀରାଧାଗୋବିନ୍ଦଙ୍କ ଶ୍ରୀଚରଣସାନିଧ ଲାଭ କରି ପ୍ରେମଫଳ ପ୍ରସବ କରିଥାଏ । ଶ୍ରୀବୃହଦ୍ଭାଗବତାମୃତରେ ଶ୍ରୀଗୋପକୁମାରଙ୍କ ଚରିତରେ ଦେଖିବାକୁ ମିଳେ, ଶ୍ରୀଗୁରୁଦେବ ଗୋପକୁମାରଙ୍କୁ ପ୍ରତି ସୋପାନରେ (ସମୟାନ୍ତରେ) ଦର୍ଶନ ଦାନ ଓ ଉପଦେଶ ପ୍ରଦାନ କରି ପରିଶେଷରେ ଶ୍ରୀକୃଷ୍ଣପ୍ରାପ୍ତି କରାଇଛନ୍ତି ।

କେତେକ ଶିଷ୍ୟ ଭାବନ୍ତି ଶ୍ରୀଗୁରୁଦେବଙ୍କ ଲୀଳା ସଙ୍ଗୋପନ ସହିତହିଁ ଶିଷ୍ୟ ପ୍ରତି ତାହାଙ୍କ ଭୁବନପାବନି କରୁଣାର ବିସ୍ତାର ମଧ୍ୟ ବନ୍ଦ ହୋଇଯାଏ । କିନ୍ତୁ ବାସ୍ତବରେ ମହାଜନ ମତ ଦେଇଛନ୍ତି ଯେ, ଶ୍ରୀଗୁରୁଦେବ ପ୍ରକଟ ସମୟରେ ଶିଷ୍ୟମାନଙ୍କୁ ଯେଉଁ ପରିମାଣରେ କୃପା କରୁଥାଆନ୍ତି, ଅପ୍ରକଟ ପରେ ତାହାଠାରୁ ଅଧିକ କୃପା ବିତରଣ କରନ୍ତି । ଯେପରି ଏକ ବେଲୁନଟି ଫାଟିଗଲେ ତନ୍ମଧ୍ୟେ ଆବଦ୍ଧଥିବା ବା ସୀମାବଦ୍ଧ ଥିବା ବାୟୁଟି ଚତୁର୍ଦ୍ଦିଗକୁ ସମ୍ପ୍ରସାରିତ ହୋଇଯାଏ ତଦ୍ରୂପ ପ୍ରକଟ ଲୀଳାରେ ଗୁର୍ବିତାଶକ୍ତି ସୀମାବଦ୍ଧ ଥିଲେ ମଧ୍ୟ ଶ୍ରୀଗୁରୁଦେବ ଅପ୍ରକଟ ଲୀଳା ଅନ୍ତେ ନିଜ ସ୍ୱରୂପ ବିସ୍ତୃତ କରି ପତ୍ୟେକ ଶିଷ୍ୟ ନିକଟରେ ବିଦ୍ୟମାନ ରହି ଶିଷ୍ୟର ପ୍ରତ୍ୟେକ ଭଜନ-ଉନ୍ନତିର ଆନୁକୂଲ୍ୟ ବିଧାନରେ ତତ୍ପର ଥାଆନ୍ତି, ତେଣୁ ଆଶ୍ରିତ ଶିଷ୍ୟ ନିଜ ହୃଦୟରେ ସର୍ବଦା ଏହି ନିର୍ଭରତା ପୋଷଣ କରିବା ବିଧେୟ ଯେ- "ମୋ ଶ୍ରୀଗୁରୁଦେବ ମୋ ସନ୍ନିଧାନରେ ସର୍ବଦା ବିରାଜ କରୁଅଛନ୍ତି, ସେହିଁ ମୋତେ ଭଜନ-ସାଧନର ବଳ ପ୍ରଦାନ କରି ନିରପରାଧରେ ମୋତେ ତତ୍‌ସାନିଧକୁ ନେଇଯିବେ ।"

ବାସ୍ତବରେ ଶ୍ରୀଭଗବାନଙ୍କ ନାମ, ରୂପ, ଗୁଣ, ଲୀଳାବଳୀ ଯେପରି ନିତ୍ୟ ଅର୍ଥାତ୍ ପରମେଶ୍ୱରଙ୍କ ନାମ ଓ ନାମୀରେ ଯେପରି ଭେଦ ନଥାଏ ତଦ୍ରୂପ ସଚ୍ଚିଦାନନ୍ଦତନୁ ଶ୍ରୀଗୁରୁଦେବଙ୍କ ନାମ ଓ ନାମୀ ଅଭେଦ । ଶ୍ରୀଗୁରୁଗତ ପ୍ରାଣ ଶିଷ୍ୟ ଯଦି ତାଦୃଶ ଉତ୍କଣ୍ଠାରେ ଶ୍ରୀଗୁରୁଦେବଙ୍କୁ ଆହ୍ୱାନ କରିବେ, ସେ ଅବଶ୍ୟ ପ୍ରକଟ ହୋଇ ଶିଷ୍ୟର ସମସ୍ତ ଅଭିଳାଷ ପୂରଣ କରିବେ । ନିଜାଶ୍ରିତ ଶିଷ୍ୟକୁ ଶ୍ରୀରାଧାଗୋବିନ୍ଦଙ୍କ ପ୍ରେମସାନିଧ୍ୟ ଲାଭ କରାଇବା ପର୍ଯ୍ୟନ୍ତ ସେ ଶିଷ୍ୟ ସାନିଧ୍ୟରେ ତାହାର ଭଜନ ସୁରକ୍ଷା ଓ ଉନ୍ନତି ଉଦ୍ଦେଶ୍ୟରେ ଏକ ସ୍ୱରୂପରେ ବିଦ୍ୟମାନ ରହିବେ । ବାସ୍ତବରେ ଯେଉଁ ଶିଷ୍ୟ ଶ୍ରୀଗୁରୁଦେବଙ୍କ କରୁଣା ବା କୃପା ଉପରେ ନିଷ୍କପଟ ଭରସା ପୋଷଣ କରିପାରିଛନ୍ତି ଯେ –''ଶ୍ରୀଗୁରୁଦେବ ମୋତେ ନିଶ୍ଚିତ ଭାବରେ ଶ୍ରୀରାଧାଗୋବିନ୍ଦଙ୍କର ପ୍ରେମସେବା ପ୍ରାପ୍ତ କରାଇବେ'' – ଗୋସ୍ୱାମୀବର୍ଗଙ୍କ ମତରେ ଏତାଦୃଶ ସୁଦୁର୍ଲ୍ଲଭ ଶିଷ୍ୟ ଭଗବଦ୍‌ସିଦ୍ଧିକୁ ନିଜ କରତଳଗତ କରିସାରିଛନ୍ତି, କାରଣ ଶ୍ରୀଗୁରୁଦେବଙ୍କ ପ୍ରତି ଏହିପରି ଅବିଚଳିତା ମତି ଓ ଅଦ୍ୱିତୀୟ ବିଶ୍ୱାସହିଁ ହେଉଛି ବହୁ ଜନ୍ମଜନ୍ମାନ୍ତର ନିଷ୍କପଟ ଭଜନସାଧନର ଫଳ । ଏହି ସମସ୍ତ ସାରଗର୍ଭ ତତ୍ତ୍ୱ ଯୁକ୍ତିତର୍କ ଦ୍ୱାରା ହୃଦୟବୋଧ କରାଇହେବ ନାହିଁ ବା ପ୍ରଚାର ମଧ୍ୟ କରିହେବ ନାହିଁ – ଶ୍ରୀଗୁରୁନିଷ୍ଠ ଶିଷ୍ୟହିଁ ଏହା ହୃଦୟଙ୍ଗମ କରିପାରିବେ ।

ମହାଜନଗଣ ସୁବୈଜ୍ଞାନିକ ମତ ଦେଇଛନ୍ତି ଯେ – ସ୍ୱଳ୍ପ ଦୂରଦୃଷ୍ଟିସମ୍ପନ୍ନ ଜୀବ, ଶ୍ରୀଗୁରୁଦେବଙ୍କ ଅସମୋର୍ଦ୍ଧ କରୁଣାର ବୈଶିଷ୍ଟ୍ୟ ବୁଝିବାପାଇଁ ଅକ୍ଷମ, ସିଦ୍ଧିପ୍ରାପ୍ତ (ଭଗବତ୍ ସାକ୍ଷାତ୍‌କାର) ପରେହିଁ ସାଧକ ଶ୍ରୀଗୁରୁଦେବଙ୍କ କୃପାର ବୈଶିଷ୍ଟ୍ୟ ବା ମାହାତ୍ମ୍ୟ ଯଥାର୍ଥ ଉପଲବ୍ଧି କରିପାରିବେ ତତ୍‌ପୂର୍ବେ ନୁହେଁ ।

ମହାମହିମ୍ନ ପରମବଦାନ୍ୟ ଅଖଣ୍ଡ ଅଦ୍ୱିତୀୟ ଶ୍ରୀଗୁରୁତତ୍ତ୍ୱଙ୍କ ପ୍ରୀତି ବିଧାନାର୍ଥେ ତାହାଙ୍କ ସାରଗର୍ଭ ସୁମହାନ୍ ତତ୍ତ୍ୱ ସମୂହ ଏହି ବାଙ୍‌ମୟୀ ମଞ୍ଜୁଷା ମଧ୍ୟରେ ସଂଗ୍ରହ କରି ଉତ୍କଳବାସୀଙ୍କ ଅବଗତ ନିମନ୍ତେ ଶ୍ରୀଗୁରୁତତ୍ତ୍ୱଙ୍କ ଦ୍ୱାରା ଅନୁକମ୍ପିତ ଓ ଶକ୍ତିପ୍ରଦତ୍ତ ହୋଇ ପ୍ରକାଶ କରିବାପାଇଁ ପ୍ରତ୍ୟାଶୀ ହୋଇଅଛି । ଶାସ୍ତ୍ରଜ୍ଞାନ ଶୂନ୍ୟ ତଥା ଭକ୍ତିବିହୀନ ଏହି ଦୁରାଚାରୀର ସୁଗରୀୟାନ୍ ଓ ସୁଗମ୍ଭୀର 'ଶ୍ରୀଗୁରୁତତ୍ତ୍ୱ' ଆଲୋଡ଼ନରେ ହସ୍ତକ୍ଷେପକୁ – ପରମକରୁଣ ଶ୍ରୀଗୌରସୁନ୍ଦର ତଥା ଶ୍ରୀଗୁରୁବୈଷ୍ଣବବୃନ୍ଦ ନିଜଗୁଣେ ମାର୍ଜ୍ଜନ କରିବେ ବୋଲି ପ୍ରାର୍ଥନା । ଏହି ମଞ୍ଜୁଷାସ୍ଥିତ 'ଶ୍ରୀଗୁରୁତତ୍ତ୍ୱ' ରତ୍ନାବଳୀର ଉପହାର ପ୍ରଦାନ କରି ଶ୍ରୀଗୁରୁବୈଷ୍ଣବଙ୍କ ଚରଣରେ ଏହି ମାତ୍ର ପ୍ରାର୍ଥନା ଯେ, ଯିଏ ମୋପରି ବିଷୟ ସଂସାରରେ ଅଭିନିବଷ୍ଟ ଜୀବକୁ ଶ୍ରୀଶ୍ରୀନିତାଇଗୌରସୀତାନାଥ ତଥା ଶ୍ରୀଶ୍ରୀରାଧାଗୋବିନ୍ଦଙ୍କ ସନ୍ଧାନ ପ୍ରଦାନ କରିଅଛନ୍ତି ଏବଂ ଯାହାଙ୍କ କୃପାରୁ ଏହି ଅଧମର କଳୁଷିତ ହୃଦୟାନ୍ତକରଣରେ ଶ୍ରୀଶ୍ରୀରାଧାଗୋବିନ୍ଦ ତଥା ଶ୍ରୀନିତାଇଗୌରସୀତାନାଥଙ୍କ ଶ୍ରୀଚରଣପଲ୍ଲବ ସେବା ସୌଭାଗ୍ୟ ଲାଭର ଉଦ୍ଦୀପ୍ତ ଆଶା ଜାଗିଅଛି, ସେହି ମଦୀୟ ପରମାରାଧତମ ଶ୍ରୀଗୁରୁଦେବ ଓ ପୂଜ୍ୟ ଶ୍ରୀବୈଷ୍ଣବବୃନ୍ଦଙ୍କ ଶ୍ରୀଚରଣରେ ଯେପରି ଏ ଅଧମର ରତି ଉତ୍ତୋରତର ବର୍ଦ୍ଧିତ ହେଉ, ଶ୍ରୀଗୁରୁବୈଷ୍ଣବଙ୍କ କୃପାହିଁ ଏ ଅଧମର ଜୀବନରେ ସର୍ବସ୍ୱ ସମ୍ବଳ ହେଉ ।

"ବାଞ୍ଛାକଳ୍ପତରୁଭ୍ୟଶ୍ଚ କୃପାସିନ୍ଧୁଭ୍ୟ ଏବ ଚ ।
ପତିତାନାଂ ପାବନେଭ୍ୟୋଃ ବୈଷ୍ଣବେଭ୍ୟୋଃ ନମୋନମଃ ।।"

"ଜୟ ଶ୍ରୀନିତାଇଗୌରସୀତାନାଥ ।"

"ଜୟ ଜୟ ରାଧେ, ଜୟ ଜୟ ଶ୍ୟାମ, ଜୟ ଜୟ ଶ୍ରୀବୃନ୍ଦାବନ ଧାମ ।"

ପରିଶିଷ୍ଟ

ଗୁରୁ ଉପାସନା ଦ୍ୱାରା ଶିଷ୍ୟର ନିଜ ଗୁରୁଦେବଙ୍କ ପ୍ରତି ସାକ୍ଷାତ୍ ଭଗବଭକ୍ତି, କରିବାର ଶାସ୍ତ୍ରପ୍ରମାଣ – ପ୍ରଥମତଃ ଶ୍ରୀସନାତନଗୋସ୍ୱାମୀପାଦଙ୍କ ବାକ୍ୟ ଯଥା:-

୧. ''ଯସ୍ୟ ସାକ୍ଷାତ୍ ଭଗବତି ଜ୍ଞାନଦୀପପ୍ରଦେ ଗୁରୌ''-୭।୧୫ ଶ୍ରୀମଭା: ସନାତନ ଟୀକା ''ସାକ୍ଷାଦ୍‌ଭୂତେ'' ଅର୍ଥାତ୍ ଗୁରୁ ସାକ୍ଷାତ୍ ପ୍ରତ୍ୟକ୍ଷରୂପେ ଭଗବାନ ବୋଲି କୁହାଯାଉଅଛି ।

୨. ''ନାହମିଜ୍ୟା ପ୍ରଜାତିଭ୍ୟା''-୧୦।୮୦, ଶ୍ରୀମଭା: ବୃହତ୍ ତୋଷଣୀ ''ଗୁରୋର୍ଭକ୍ତ ବରତ୍ୱାତ୍ ସାକ୍ଷାନ୍ନଦ୍‌ରୂପତ୍ୱାଦ୍ୱା'', ଏହି ସ୍ଥାନରେ ଗୁରୁଦେବଙ୍କୁ ସାକ୍ଷାତ୍ ଭଗବାନଙ୍କ ରୂପ କୁହାଯାଉଅଛି ।

୩. ''ଗୁରୁଞ୍ଚ ଭଗବଦ୍ ଦୃଷ୍ଟ୍ୱା ପରିକ୍ରମ୍ୟ ପ୍ରଣମ୍ୟ ଚ'', ହରିଭକ୍ତିବିଳାସ, ୨ୟ.ବି: ''ଭଗବଦ୍ ଦୃଷ୍ଟ୍ୱା ଭଗବାନେବାୟଂ ସାକ୍ଷାଦିତ୍ୟେବଂ ବୁଦ୍ଧ୍ୟେତ୍ୟର୍ଥଃ''-ଟୀକା, ଗୁରୁଦେବଙ୍କୁ ସାକ୍ଷାତ୍ ହିଁ ଭଗବାନ୍, ଏଇରୂପ ବୁଦ୍ଧି ପୂର୍ବକ ପରିକ୍ରମା ଓ ପ୍ରଣାମ କରିବେ ।

୪. ''ଗତ୍ୱା ଭକ୍ତ୍ୟା ଗୁରୁଂ ନତ୍ୱା ଗୁରୋରାସୀତ ଦକ୍ଷିଣେ'' । ୨ୟ.ବି: । ''ଭକ୍ତ୍ୟା ନତ୍ୱେତି ଭଗବଦ୍ ବୁଦ୍ଧ୍ୟା ବହୁଶୋଽଷ୍ଟାଙ୍ଗ ପ୍ରଣାମଂ ସପାଦଗ୍ରହଣଂ କୃତ୍ୱେତ୍ୟର୍ଥଃ ।'' ଟୀକା ଭଗବଦ୍ ବୁଦ୍ଧି କରି ଗୁରୁଦେବଙ୍କର ପାଦ ଗ୍ରହଣ ପୂର୍ବକ ବାରମ୍ବାର ଅଷ୍ଟାଙ୍ଗ ପ୍ରଣାମ କରିବେ ।

୫. ''ଗୁରୁଦୈବତମନ୍ତ୍ରୈକ୍ୟ ଶିଷ୍ୟସ୍ଥଂ ଭାବୟନ୍ ପଠେତ୍'' – ୨ୟ. ବି:। ଗୁରୁ, ଇଷ୍ଟଦେବତା ଓ ମନ୍ତ୍ର, ଏହି ତିନିଙ୍କୁ ଅଭିନ୍ନ ମନେକରି, ଶିଷ୍ୟ ଗୁରୁପ୍ରଦତ୍ତ ଇଷ୍ଟମନ୍ତ୍ର ପାଠ କରିବେ ।

୬. ''ଗୁରାବୀଶ୍ୱରଭାବଶ୍ଚ'' ୨ୟ.ବି: ଦୀକ୍ଷାଦାନ କରିବା ସମୟରେ ସଦ୍‌ଗୁରୁ ଶିଷ୍ୟକୁ ଏକଶତ ଚାରିଟି ନିୟମ ପ୍ରତିପାଳନର ଉପଦେଶ ଦେବେ, ତାହା ମଧ୍ୟରୁ ଗୋଟିଏ ନିୟମ ହେଉଛି, ''ଗୁରୁଙ୍କୁ ଈଶ୍ୱର ରୂପେ ଭାବନା କରିବା'' ।

୭. ''ଗୁରୁମାମ୍ନଃ ପରମେଶ୍ୱରଂ ଜ୍ଞାତ୍ୱା'' – ୨ୟ.ବି: ଟୀକା

୮. ''ମୂର୍ଦ୍ଧ୍ନି ଧ୍ୟାତ୍ୱା ଗୁରୋଃ ପଦଂ''– ୩ ବି: । ''ଶ୍ରୀଗୁରୁପଦଧ୍ୟାନେ ଚାଗମୋକ୍ତୋଽୟଂ ବିଶେଷଃ ଦ୍ରଷ୍ଟବ୍ୟଃ-ବ୍ରହ୍ମରନ୍ଧ୍ରେ ସ୍ଥିତେ ପଦ୍ମେ ସହସ୍ରଦଳ ଶୋଭିତେ । ଶ୍ରୀଗୁରୁଂ ପରମାତ୍ମନଂ ବ୍ୟାଖ୍ୟାମୁଦ୍ରାଲସତ୍‌କରଂ । ଦ୍ୱିନେତ୍ରଂ ଦ୍ୱିଭୁଜଂ ପୀତଂ ଧାୟେଦଖିଳସିଦ୍ଧିଦଂ'' ଟୀକା ଏଠାରେ ସମଷ୍ଟି ଗୁରୁଙ୍କୁ ପରମାତ୍ମା ରୂପେ ଚିନ୍ତା କରିବାପାଇଁ କୁହାଯାଉଛି ।

୯. ''ତସ୍ମାତ୍ ସର୍ବ ପ୍ରଯତ୍ନେନ ଯଥାବିଧି ତଥାଗୁରୁଂ । ଅଭେଦେନାର୍ଚ୍ଚୟେତ୍ ଯସ୍ତୁ ସ ମୁକ୍ତି ଫଳ ମାପ୍ନୁୟାତ୍'' ୪.ବି:। ଏଠାରେ ଶ୍ରୀଭଗବାନଙ୍କ ସହି ଅଭେଦ ଭାବରେ ଶ୍ରୀଗୁରୁଦେବଙ୍କୁ ପୂଜା କରିବାକୁ ହେବ ବୋଲି କହିଛନ୍ତି ।

୧୦. ''ଅତଃ ପ୍ରାଗ୍ ଗୁରୁମଭ୍ୟର୍ଚ୍ଚ୍ୟ କୃଷ୍ଣଭାବେନ ବୁଦ୍ଧିମାନ୍ । ତ୍ରିବରାନ୍‌ସମାନ୍ କୁର୍ଯ୍ୟାତ୍ ପ୍ରଣମାନ୍ ଦଣ୍ଡପାତ ବତ୍ ।'' ୪.ବି: ।

୧୧. ''ଅଥବା ଦେବତାରୂପଂ ଗୁରୁଂ ଧ୍ୟାତ୍ୱା ପ୍ରତୋଷୟେତ୍'' – ୧୭ବି: ।

୧୨. ଅପଶ୍ୟଂ ସହସୈବାତ୍ର ଶ୍ରୀମଦ୍ ଗୁରୁବରଂ ନିଜଂ । ପୂର୍ବ ବଦ୍ରାଜମାନୋଽସୌ''- ବୃ:ଭା:- ୨/୩ ''ନିର୍ବିକାରତ୍ୱାଦି ଭଗବଦ୍‌ବତାରଲକ୍ଷଣଂ ମାଥୁରବ୍ରଜଭୂମିରସିକତ୍ୱଞ୍ଚ ଦର୍ଶିତଂ''- ଟୀକା ୭।୩ ଏଠାରେ ଶିଷ୍ୟ ଶ୍ରୀଗୋପକୁମାର ନିଜ ଗୁରୁଙ୍କର ଭଗବାନଙ୍କ ଅବତାର ଲକ୍ଷଣ ରୂପେ ନିର୍ଦ୍ଦେଶ କରିଅଛନ୍ତି ।

୧୩. ''ଗୌଡ଼େ ଗଙ୍ଗାତଟେ ଜାତୋ ମାଥୁରୋ ବ୍ରାହ୍ମଣୋତ୍ତମଃ । ଜୟନ୍ତ ନାମା କୃଷ୍ଣସ୍ୟାବତାରସ୍ତେ ମହାନ୍ ଗୁରୁ'' । ବୃ:ଭା: ୨।୩। ବୈକୁଣ୍ଠ ପାର୍ଷଦମାନେ ଗୋପକୁମାରଙ୍କୁ କହିଲେ, ଜୟନ୍ତ ନାମକ ଯେଉଁ ବ୍ରାହ୍ମଣ ତୁମର ଗୁରୁ, ସେ ହେଉଛନ୍ତି କୃଷ୍ଣଙ୍କ ମହାନ୍ ଅବତାର, – ଏଠାରେ ଗୁରୁଙ୍କୁ ଭଗବଦ୍ ଭକ୍ତିର ଆଚାର ପ୍ରଚାର ଦ୍ୱାରା ଭକ୍ତି ରସିକତା ଲକ୍ଷଣ ମହାନ୍ ଅବତାର ବୋଲି କୁହାଯାଇଛି ।

୧୪. ''ସ୍ୱୟମେବାଭବଂ ତାତ ଜୟନ୍ତାକ୍ଷଃ ସେ ତେ ଗୁରୁଃ'' । ବୃ:ଭା: ୨।୪–ଏଠାରେ ସ୍ୱୟଂ ବୈକୁଣ୍ଠନାଥ ନାରାୟଣ କହିଛନ୍ତି – ମୁଁ ସ୍ୱୟଂ ଜୟନ୍ତ ନାମରେ ତୁମର ଗୁରୁ ହୋଇଅଛି ।

୧୫. ବୃହତ୍ ଭାଗବତାମୃତର ଉପସଂହାରରେ ଶ୍ରୋତା ପରୀକ୍ଷିତନନ୍ଦନ ଜନ୍ମେଜୟ ମହାରାଜ କହିଛନ୍ତି ''କୃତାର୍ଥୋଽସ୍ମି କୃତାର୍ଥୋଽସ୍ମି ନିଶ୍ଚିତୋ ଭଗବନ୍ ଗୁରୋ'' । ବୃ:ଭା: ୨।୭। ଭଗବନ୍ନିତି ପରମେଶ୍ୱରେଣ ସହ ଗୁରୋରଭେଦାଭିପ୍ରାୟେଣ ପରମଦୟାଳୁତ୍ୱାଦି ସ୍ମରଣେନ ବା' –ଟୀକା ଏଠାରେ ଗୁରୁଙ୍କୁ ପରମେଶ୍ୱରଙ୍କ ସହିତ ଅଭେଦ ଅଭିପ୍ରାୟରେ 'ଭଗବନ୍' ବୋଲି ସମ୍ବୋଧନ କରାହୋଇଅଛି ।

ଇତି ଶ୍ରୀଗୁରୋ ଭଗବଦ୍ଭେଦଦୃଷ୍ଟେଃ କର୍ତ୍ତବ୍ୟତାୟା ଶ୍ରୀସନାତନଗୋସ୍ୱାମି ପ୍ରଭୁପାଦାନାଂ ସମ୍ମତ ପ୍ରମାଣ ବଚନାନି ।

ଶ୍ରୀଜୀବଗୋସ୍ୱାମୀ ପାଦଙ୍କ ବାକ୍ୟ ଯଥା:–

୧. ''ସ ବୈ ପ୍ରିୟତମଶ୍ଚାତ୍ମା'' – ୪।୧୯ – ଏହି ଶ୍ଲୋକର କ୍ରମସନ୍ଦର୍ଭ ଟୀକାରେ ''ସ ଏବ ଗୁରୁଃ ଯ ଏବମ୍ଭୂତୋ ଗୁରୁଃ ସ ତୁ ହରିରେବ,'' ଏଠାରେ ଗୁରୁଙ୍କୁ ସାକ୍ଷାତ୍ 'ହରି' ବୋଲି କୁହାହେଲା ''ହରିରେବ'' ଏହି ଏବ ଶବ୍ଦର ଅର୍ଥ ଥରେ ବିଚାର କରିବେ ।

୨. ଅଷ୍ଟମ ସ୍କନ୍ଧର ଚତୁର୍ବିଂଶତି ଅଧ୍ୟାୟର କ୍ରମସନ୍ଦର୍ଭ ଟୀକା –''ସ୍ୱୟଞ୍ଚାବିଶ୍ୟ କିଞ୍ଚିଦ୍ ବା ଭବାନେବ ଗୁରୁର୍ଭବେତ୍'' ଏହି ବାକ୍ୟଦ୍ୱାରା ଶ୍ରୀଗୁରୁଙ୍କଠାରେ ଭଗବାନଙ୍କର ସାକ୍ଷାତ୍ ଆବେଶ ହୁଏ ଏହାହିଁ କୁହାଯାଇଛି ।

୩. ''ନାହମିଜ୍ୟା ପ୍ରଜାତିଭ୍ୟା'' –୧୦।୮୦, ଲଘୁତୋଷଣୀ ଟୀକା –''ଗୁରୋର୍ଭକ୍ତବରତ୍ୱାତ୍ ସକ୍ଷାନ୍ନନ୍ଦରୂପତ୍ୱାଦ୍ୱା'' ଏଠାରେ ମଧ୍ୟ ଗୁରୁଙ୍କୁ ସାକ୍ଷାତ୍ ଭଗବଦ୍ରୂପ ବୋଲି କୁହାଗଲା ।

୪. ''ବିଜିତ ହୃଷୀକ ବାୟୂଭିଃ'' – ୧୦।୮୬, ଲଘୁତୋଷଣୀ ଟୀକା – 'ସର୍ବ ଗୁରୁତ୍ୱସ୍ୟ ତଦୁପଦେଷ୍ଟୃ ଗୁରୁତ୍ୱ ଏବ ବିଶ୍ରାନ୍ତେଃ ତତ୍ ପ୍ରଭାବଂ ବିନା ତଦ୍ଭାବାସିଦ୍ଧେଶ୍ଚ ତଦ୍ଭକ୍ତ୍ୟଭାବାଉଦସିଦ୍ଧେଶ୍ଚ ।

୫. ଯଥା ସ ଏବ ଭଗବାନ୍ ଅତ୍ର ବ୍ୟଷ୍ଟିରୂପତୟା ଭକ୍ତ୍ୟାବତାରତ୍ୟେନ ଶ୍ରୀଗୁରୁରୂପୋ ବର୍ତ୍ତତେ ସ ଏବ ତତ୍ର ସମଷ୍ଟିରୂପତୟା ସ୍ୱ ବାମ ପ୍ରଦେଶେ ସାକ୍ଷାଦ୍ଅବତାର ଦ୍ୱେନାପି ତନୁପୋ ବର୍ତ୍ତତେ ।'' (ଭକ୍ତି ସନ୍ଦର୍ଭ ୧୮୬)

୬. ଅନ୍ୟଦା ସ୍ୱଗୁରୌ କର୍ମିଭିରପି ଭଗବଦ୍ବୁଦ୍ଧିଃ କର୍ତ୍ତବ୍ୟୋତ୍ୟାହ – ''ଆଚାର୍ଯ୍ୟଂ ମାଂ ବିଜାନୀୟାନ୍ନାବମନ୍ୟେତ କର୍ହିଚିତ୍, ନ ମର୍ତ୍ତ୍ୟବୁଦ୍ଧ୍ୟାସୂୟେତ ସର୍ବଦେବମୟୋ ଗୁରୁ'' ବ୍ରହ୍ମଚାରୀଧର୍ମାନ୍ତଃ ପଠିତମିଦଂ । ଶ୍ରୀଭଗବାନ୍ ଉଦ୍ଧବମ୍ । ଭକ୍ତିସନ୍ଦର୍ଭ ॥୨୧୧॥ ୧୧।୧୭।

୭. ''ତତଃ ସୁତରାମେଙ୍କ ପରମାର୍ଥଭି ସ୍ତାଦୃଶଗୁରୁବିତ୍ୟାହ–ଯସ୍ୟ ସାକ୍ଷାଦ୍ଭଗବତି ଜ୍ଞାନ –ଦୀପପ୍ରଦେ ଗୁର୍ବୌ, ମର୍ତ୍ତ୍ୟସନ୍ଧୀଃ ଶ୍ରୁତଂ ତସ୍ୟ ସର୍ବଂ କୁଞ୍ଜରଶୌଚବତ୍ । ଏଷ ବୈ ଭଗବାନ୍ ସାକ୍ଷାତ୍ ପ୍ରଧାନପୁରୁଷେଶ୍ୱରଃ । ଯୋଗେଶ୍ୱରୈର୍ବିମୃଗ୍ୟାଙ୍ଘ୍ରି ର୍ଲୋକଽୟଂ ମନ୍ୟତେ

ନରମ୍ ୭।୨୫ । ଏଷ ଶ୍ରୀକୃଷ୍ଣଲକ୍ଷଣାଽପି, ତତଃ ପ୍ରାକୃତ ଦୃଷ୍ଟିର୍ନଭଗ ବଦ୍ ତତ୍ତ୍ୱେ ଗ୍ରହଣେ ପ୍ରମାଣମିତିଭାବଃ । ଶ୍ରୀ ନାରଦ ଯୁଧିଷ୍ଠିରମ୍'' ଐ୨୧୨।

୮. ''ଶୁଦ୍ଧଭକ୍ତାସ୍ତ୍ୟେକେ ଶ୍ରୀଗୁରୋଃ ଶ୍ରୀଶିବସ୍ୟ ବ୍ ଚଗବତ୍ତା ସହାଭେଦଦୃଷ୍ଟିଂ ତତ୍ ପ୍ରିୟତମତ୍ୱେନୈବ ମନ୍ୟନ୍ତେ ଯଥା – ବୟନ୍ତୁ ସାକ୍ଷାଦ୍ଭଗବନ୍ ଭବସ୍ୟ ପ୍ରିୟସ୍ୟ ସଖ୍ୟୁଃ କ୍ଷଣସଙ୍ଗମେନ । ସୁଦୁଚିକିତ୍ସାସ୍ୟ ଭବସ୍ୟ ମୃତ୍ୟୋର୍ଭିଷକ୍ତମଂ ତ୍ୱାଦ୍ୟ ଗତିଂ ଗତାଃ ସ୍ମ ॥ ଟୀକା ଚ –ତତ୍ର ଯଃ ପ୍ରିୟଃ ସଖା ତସ୍ୟ ଭବସ୍ୟ । ଅତ୍ୟନ୍ତମଚିକିତ୍ସସ୍ୟ ଭବସ୍ୟ ଜନ୍ମନୋ ମୃତ୍ୟୋଶ୍ଚ ଭିଷକ୍ତମଂ ସଦ୍ବୈଦ୍ୟଂ ତ୍ୱାଂ ଗତିଂ ପ୍ରାପ୍ତା ଇତ୍ୟୋଷା । ଶ୍ରୀ ଶିବୋ ଦ୍ୱେଷାଂ ବକ୍ତୃଣାଂ ଗୁରୁଃ । ଶ୍ରୀପ୍ରଚେତ୍ସଃ ଶ୍ରୀମଦ୍ଭୁଜଂ ପୁରୁଷମ୍'', ଐ.୨୧୩ ।

ଶ୍ରୀମଦ୍ବିଶ୍ୱନାଥଚକ୍ରବର୍ତ୍ତୀ ମହାଶୟଙ୍କ ବାକ୍ୟ ଯଥା:–

୧. ''କସ୍ତଂ ଚରାଚରଗୁରୁଂ'' –୮।୨ ଚକ୍ରବର୍ତ୍ତୀ ଟୀକା, ''ଗୁରୁର୍ହି ବୈରବାନ୍ପ୍ୟଶ୍ୟନ୍ତ ଦେହୋଽପି ବହିର୍ଦର୍ଶ୍ୟପି ଚ୍ଚଗଦନାଦୃତୋପି ଦ୍ୱେଷାହଃ ।

୨. ''ସର୍ବତ୍ରା ସ୍ଖଳିତାଦେଶଃ'' –୪।୨୧ ଚକ୍ରବର୍ତ୍ତୀ ଟୀକା–''ବ୍ରାହ୍ମଣାନାଂ ଶାସ୍ତ୍ରତ୍ୱେ ତତ୍ତତ୍ତ୍ୱେଦାଚାର୍ଯ୍ୟ ମେବ ବୈଷ୍ଣବାନାନ୍ତୁ ତତ୍ତନ୍ନନ୍ତଗୁରୁମେବ ଶାସ୍ତ୍ରତ୍ୱେ ବ୍ୟବସ୍ଥାପ୍ୟ ।''

୩. ''ଯଦା ରତି ବ୍ରହ୍ମଣି ନୈଷ୍ଠିକୀ ପୁମାନାଚାର୍ଯ୍ୟବାନ୍ ଜ୍ଞାନବିରାଗରହଂସା'' –୪।୨୨ ଚକ୍ରବର୍ତ୍ତୀଟୀକା – ''ଆଚାର୍ଯ୍ୟବାନ୍ ଗୁରୁଭକ୍ତିମାନ୍'' ।

୪. ''ଜିତଂତେ ଆମ୍ବିଦ୍ବର୍ଯ୍ୟସ୍ତତ୍ତୟେ'' –୪।୨୪ ଚକ୍ରଃ ଟୀକା–''ତ୍ୱମେବ ଗୁରୁବୈଷ୍ଣବାଦି ରୁପଃ ସ୍ୱ ଭଜନଂ କାରୟସୀତିଭାବଃ ।''

୫. ''ପ୍ରଦର୍ଶୟ ସ୍ୱୟମପାନ୍ତସାଧ୍ୱସଂ ପଦଂ ଗୁରୋ ମାର୍ଗଗୁରୁଷ୍ତମୋଜୁଷାଂ'' –୪।୨୪ ଚକ୍ରଃ ଟୀକା । ''ନନୁ କଥମୀଦୃଶୀ ମତିସ୍ତବାଜନୀତି ତତ୍ର ଶ୍ରୀଗୁରୁପ୍ରସାଦାଦିତ୍ୟାହ –ହେ ଗୁରୋ ! ତମୋକ୍ଷଜୁଷାମଜ୍ଞାନତିମିରାନ୍ଧଚକ୍ଷୁଷାମସ୍ମାକଂ ମାର୍ଗଗୁରୁ ଭକ୍ତିମାର୍ଗୋପଦେଷ୍ଟା ତ୍ୱମେବ ଗୁରୁରୂପଧାରୀତ୍ୟର୍ଥଃ ।''

୬. ''ସଂସୃତି ସ୍ତଦ୍ବ୍ୟବଚ୍ଛେଦୋ ଭକ୍ତ୍ୟା ପରମୟା ଗୁରୌ'' –୪।୨୯ ଚକ୍ରଃ ଟୀକା– ''ଗୁରୌ ଭକ୍ତ୍ୟା ଗୁରୁର୍ନ ସ ସ୍ୟାଦିତ୍ୟାଦିନା ହରିଭକ୍ତ୍ୟୁପଦେଶକସ୍ୟୈବ ଗୁରୁତ୍ୱବିଧାନାଦ୍ ଗୁରୌ ହରୌ ଚ ଭକ୍ତ୍ୟେତ୍ୟାୟାତଂ ।''

୭. ସ ବୈ ପ୍ରିୟତମଶ୍ଚାତ୍ମା ଯତୋ ନ ଭୟମନ୍ୱପି । ଇତି ବେଦ ସ ବୈ ବିଦ୍ୱାନ୍ ଷୋ ବିଦ୍ୱାନ୍ ସ ଗୁରୁର୍ହରିଃ ॥''୪।୨୯ ଚକ୍ରଃ ଟୀକା–''ଯ ଏବଂ ଗୁରୁଃ ସ ଏବ ହରିସ୍ତ୍ୱୟୋପାସନୀୟ ଇତ୍ୟର୍ଥଃ''।

୮. ''ହଂସ ଗୁରୌ ମୟି ଭକ୍ତ୍ୟାନୁବୃତ୍ତ୍ୟା'' –୫।୫ ଚକ୍ରଃ ଟୀକା ''ହଂସେ ପରମହଂସ ସ୍ୱରୂପେ ମୟି ଗୁରୌ ଭକ୍ତ୍ୟା.....'' ଭକ୍ତିଃ ସେବା ଅନୁବୃତ୍ତିଃ ତତ୍ପରତା ।

୯. ''ଗୁରୋର୍ହରେ ଶ୍ଚରଣୋପାସନାସ୍ତ୍ରଃ'' –୫।୧୧ ଚକ୍ରଃଟୀକା– ''ଗୁରୋଃ ସକାଶାତ୍ ପ୍ରାପ୍ତସ୍ୟ ମନ୍ତରୂପସ୍ୟ ହରେଶ୍ଚରଣୟୋରୁପାସନା ଶ୍ରବଣାଦିନିଧଭକ୍ତିରେବାସ୍ତ୍ରଂ ଯସ୍ୟ ସଃ । ଯଦ୍ବା ଗୁରୁରେବ ହରିସ୍ତସ୍ୟ ଚରଣୋପାସନମେବାସ୍ତ୍ରଂ ଯସ୍ୟ ସଃ ।'' (ଗୁରୁରେବ ହରିସ୍ତସ୍ୟ ଚରଣୋପାସନମ୍ ସ୍ୱାମୀ)

୧୦. ''ଜ୍ଞାନଂ ବିଶୁଦ୍ଧଂ ପରମାର୍ଥମେକଂ''–୫।୧୨ ଚକ୍ରଃଟୀକା । ''ଯଦା ମର୍ତ୍ତ୍ୟତ୍ୟନ୍ତ

ସମସ୍ତକର୍ମା ଗୁରୁପଦେଶ କାଳେ ତ୍ୟକ୍ତ ସମସ୍ତ ବର୍ଣ୍ଣାଶ୍ରମଧର୍ମକାମନଃ ମୟି ଶ୍ରୀଗୁରୁରୂପେ ନିବେଦିତୌ ଆତ୍ମାନୌ ଅହନ୍ତାସ୍ପଦମତାସ୍ପଦେ ଯେନ ସଃ ।''

୧୧. ''ହରିଗୁରୁ ଚରଣାରବିନ୍ଦ ମଧୁକରାନୁପଦବୀ ମବରୁନ୍ଧେ'' –୫।୨୪ ଚକ୍ରଃ ଟୀକା– ''ହରିରୂପସ୍ୟ ଗୁରୋ ଶ୍ଚରଣାବିନ୍ଦେ ଯେ ମଧୁକରା ଗୁରୁଭଜ୍ଜନାସକ୍ତା ଇତ୍ୟର୍ଥ..... ତେନ ଶ୍ରୀଗୁରୁଚରଣାଶ୍ରୟଂ ବିନା ସଂସାରାଟବ୍ୟାଂ ଭ୍ରମତ୍ୟେବ ।''

୧୨. ''ଗୁରୁଷ୍ୱୀଶ୍ୱରଭାବନଃ''–୬।୪।୩୨ ଚକ୍ରଃ ଟୀକା– ଗୁରୁଷୁ ଈଶ୍ୱର ଇତି ଭାବନା ଯସ୍ୟ ଗୁରୁଷ୍ୱିତି ବହୁବଚନଂ ଗୌରବେଣୈବ, ଶ୍ରୀଭଗବନ୍ ମନ୍ତ୍ରୋପଦେଶକେ ଗୁରାବିତ୍ୟର୍ଥଃ ।

୧୩. ''ସୋହହଂ କଥଂନୁ ବିସୃଜ୍ଜେ ତବ ଭୃତ୍ୟସେବାଂ''.....୬।୯।୨୮ ଚକ୍ରଃ ଟୀକା– ''ତସ୍ୟ ତବ ଭୃତ୍ୟସ୍ୟ ଶ୍ରୀମଦ୍ ଗୁରୋଃ ସେବାଂ କଥଂ ବିସୃଜ୍ଜାମି ତ୍ୟଜ୍ଜାମି ।''

୧୪. ''କୋଽନ୍ୱତ୍ର ତେଽଖିଳଗୁରୋ ଭଗବନ୍ ପ୍ରୟାସଃ''.....୬।୯।୪୨ ଚକ୍ରଃ ଟୀକା– ''ଅଖିଳ ଗୁରୋ ଗୁରୁରୂପଧାରିଣା ଏକେନାପି ତ୍ୱୟା ପରଃପରାର୍ଦ୍ଧେନାପି ଭବିତୁଂ ସମର୍ଥେନ ସର୍ବତ୍ର ଏବ ଜନୋନିସ୍ତାର୍ଯ୍ୟତାମିତି ।''

୧୫. ''ଯସ୍ୟ ସାକ୍ଷାଦଭଗବତି ଜ୍ଞାନଦୀପପ୍ରଦେ ଗୁରୌ''.....୭।୧୫।୨୬ ଚକ୍ରଃ ଟୀକା – ''ଯସ୍ୟେତି ସାକ୍ଷାଦ୍ଭଗବତି ଇତି ଭଗବଦଂଶବୁଦ୍ଧିରପି ଗୁରୌ ନ କାର୍ଯ୍ୟେତି ଭାବଃ ଯଦ୍ୱା ଉପାସ୍ୟେ ଭଗବତ୍ୟେଗ ସାକ୍ଷାତ୍ ବିଦ୍ୟମାନେ ମର୍ତ୍ତ୍ୟସନ୍ଧୀଃ ମର୍ତ୍ତ୍ୟ ଇତି ଦୁର୍ବୁଦ୍ଧିସ୍ତସ୍ୟ ଶ୍ରୁତଂ ଭଗବନ୍ମନ୍ତ୍ରାଦିକଂ ଶ୍ରବଣମନନାଦିକଞ୍ଚ ବ୍ୟର୍ଥମ୍ ।''

୧୬. ''ଏଷ ବୈ ଭଗବାନ୍ ସାକ୍ଷାତ୍ ପ୍ରଧାନ ପୁରୁଷେଶ୍ୱରଃ । ଯୋଗେଶ୍ୱରୈର୍ବିମୃଗ୍ୟାଙ୍ଘ୍ରି ଲୋକଽୟଂ ମନ୍ୟତେ ନରଃ ॥'' ୭।୧୫।୨୬ ଚକ୍ରଃ ଟୀକା–''ନନୁ ଗୁରୋଃ ପିତୃପୁତ୍ରାଦୟଃ ପ୍ରତିବେଶିନଶ୍ଚ ତଂ ନରମେବ ମନ୍ୟନ୍ତେ । କଥମେକ ଏ ବାୟଂ ଶିଷ୍ୟନ୍ତଂ ପରମେଶ୍ୱରଂ ମନ୍ୟତା ମତଆହ – ଏଷଇତି ଭଗବାନ୍ ଯଦୁନନ୍ଦନୋରଘୁନନ୍ଦନ ବା ବୈ ନିଶ୍ଚିତ ମେବ ପ୍ରଧାନ ପୁରୁଷୟୋରୀଶ୍ୱରଃ ଯଂ ଲୋକସ୍ତଦବତାର କାଳୋତ୍ପନ୍ନୋ ଜନୋନରଂ ମନ୍ୟତେ, ତେନ କିଂ ସ ନରୋ ଭବତି ଅପିତୁ ପରମେଶ୍ୱର ଏବେତ୍ୟେବଂ ଗୁରୁରପୀତିଭାବଃ ।''

୧୭. ''ବଳିରେବଂ ଗୃହପତିଃ''..... ୮।୨୦।୧ ଚକ୍ରଃ ଟୀକା –''ଭାଗବଦିଚ୍ଛା ପ୍ରାତିକୂଲ୍ୟେ କୁତୋ ଗୁରୋ ର୍ଗୁରୁତ୍ୱମତୋଽସ୍ୟଜ୍ଞା ଲଂଘନେ ନ ଦୋଷଃ ।''

୧୮. ''ଯଦୃଚ୍ଛୟେହୋପସୃତା''.....୮।୨୪ ଚକ୍ରଃ ଟୀକା – ''ଯଦ୍ୱାତ୍ତ୍ୱମବତୀର୍ଯ୍ୟ କଦାଚିତ୍ କେଷାଞ୍ଚିଦ୍ ଗୁରୁଃ କେଷାଞ୍ଚିତ୍ ପରମଗୁରୁଶ୍ଚଭରସୀତି କଶ୍ଚିଦବତାର ଏବ ସୂଚିତଃ । ପ୍ରତିଶ୍ଲୋକମେବଗୁରୁପଦ ପ୍ରୟୋଗାଦବସୀୟତେ ।''

୧୯. ''ଅଚକ୍ଷୁରନ୍ଧସ୍ୟ''.....୮।୨୪।୫୦ ଚକ୍ରଃ ଟୀକା –''ତ୍ୱତ୍ସେବାନୁପଦେଷ୍ଟା ଗୁରୁରପି ନ ସେବ୍ୟଃ ଭକ୍ତ୍ୟୁପଦେଷ୍ଟୈବ ବୁଧଃ ସ ଏବ ଗୁରୁରନ୍ୟସ୍ତ୍ୱନର୍ଥହେତୁରିତ୍ୟର୍ଥଃ ।

୨୦. ''ଜନୋ ଜନସ୍ୟ''..୮।୨୪।୫୧ ଚକ୍ରଃ ଟୀକା–''ଅତଃ ପ୍ରାକ୍ତତୋ ଗୁରୁରନର୍ଥହେତୁର୍ଦୂରେ ପରିହରଣୀୟ ଇତ୍ୟର୍ଥଃ, ତ୍ୱନ୍ତୁ ଗୁରୁରୁପାବତୀର୍ଣ୍ଣଃ । ଅବ୍ୟୟଂ ଜ୍ଞାନଭକ୍ତ୍ୟୁପ୍ତଂ ଜ୍ଞାନମେବ ଉପଦିଶସି ।''

୨୧. ''ତ୍ୱଂ ସର୍ବଲୋକସ୍ୟ ସୁହୃଦ''....୮।୨୪।୫୨ ଚକ୍ରଃ ଟୀକା – ଗୁରୁର୍ଦାସ୍ୟଭାବବିଶେଷ ବିଷୟଃ ।''

୨୨. ''ଏବଂ ଶପ୍ତନ୍ତୁ ଗୁରୁଣା''.....୯।୨।୧୦ ଚକ୍ରଃ ଟୀକା-''ତେନ ପରିତ୍ୟଜ୍ଯୋଽପି ଗୁରୌ ଭକ୍ତିମାନ୍ ନିଷ୍ତ୍ରୁତ୍ୟହଂ ନିସ୍ତରତୀତି ପ୍ରାକରଣିକଃ ସିଦ୍ଧାନ୍ତୋ ଦ୍ୟୋତିତଃ ।''

୨୩ ''ସର୍ବ ଏବ ଯଜନ୍ତି ତ୍ୱାଂ ସର୍ବଦେବମୟେଶ୍ୱରଂ । ଯେଽପ୍ୟନ୍ୟଦେବତାଭକ୍ତା ଯଦ୍ୟପ୍ୟନ୍ୟଧ୍ୟୟଃ ପ୍ରଭୋ ।'' ୧୦।୪୦।୯ ଚକ୍ରଃ ଟୀକା -''ସର୍ବଦେବାଧିଷ୍ଠାତୃତ୍ୱାଂ ଅଧିଷ୍ଠାନପୂଜା ଅଧିଷ୍ଠାତର୍ଯ୍ୟେବ ପର୍ଯ୍ୟବସତି ଇତି ନ୍ୟାୟାତ୍ ।''

୨୪. ''ଯଥାହଂ ଜ୍ଞାନଦୋ ଗୁରୁଃ''..୧୦।୮୦।୩୨ ଚକ୍ରଃ ଟୀକା ''ଜ୍ଞାନଦୋ ମତ୍ତତ୍ତ୍ୱୋପଦେଷ୍ଟା ସ ଯଥାହଂ ମତ୍ତୁଲ୍ୟତ୍ୱେନାତି ପୂଜନୀୟ ଇତ୍ୟର୍ଥଃ ।''

୨୫. ''ଯେ ମୟା ଗୁରୁଣା ବାଚା ତରନ୍ତି''.....୧୦।୮୦।୩୩ ଚକ୍ରଃ ଟୀକା-''ମୟା ମଦ୍ରୂପେଣ ମତ୍ତତୋପଦେଷ୍ଟ୍ରା ଗୁରୁଣା ବାଚା ମନ୍ତ୍ରୋପଦେଶମାତ୍ରେଣୈବ ।''

୨୬. ''ବିଜ୍ଞିତହୃଷୀକବାୟୁଭିଃ''.....୧୦।୮୬ ଚକ୍ରଃ ଟୀକା- ''ତ୍ୱଦ୍ଭକ୍ତସ୍ୟ ଗୁରୋଶ୍ଚରଣଂ ସମବହାୟ ।''

୨୭. ''ମଦର୍ଥେ ଧର୍ମକାମାର୍ଥାନାଚରନ୍ମଦାପାଶ୍ରୟଃ''.....୧୧।୧୧ ଚକ୍ରଃ ଟୀକା - ''ମଜ୍ଜନ୍ମଯାତ୍ରାଦି-ଦିବସେ ମତ୍ ସ୍ୱରୂପ ଶ୍ରୀଗୁରୁଦେବାରାଧନଦିବସେ ଚ ।''

୨୮. ''ତ୍ୱଂ ବ୍ରହ୍ମ ପରମଂ ବ୍ୟୋମ ପୁରୁଷଃ ପ୍ରକୃତେଃ ପରଃ । ଅବତୀର୍ଣ୍ଣୋଽସି ଭଗବନ୍ ସ୍ୱେଚ୍ଛାପାତ୍ତ ପୃଥଗ୍ବପୁଃ''.....୧୧।୧୧।୨୮ ଚକ୍ରଃ ଟୀକା - ''କିଞ୍ଚ ତଦ୍ଭକ୍ତି ପ୍ରବର୍ତ୍ତକଃ ସାଧୁସ୍ତତ୍ ସ୍ୱରୂପଭୂତ ଏବେତ୍ୟାହ - ତ୍ୱମିତି । ବ୍ୟୋମବଦସଙ୍ଗଃ ଯତଃ ପ୍ରକୃତେଃ ପରଃ । ତଦପି ପ୍ରାକୃତେଽସ୍ମିନ୍ ଲୋକେ କୃପୟା ଜୀବୋଦ୍ଧାରାର୍ଥମବତୀର୍ଣ୍ଣୋଽସି । କୀଦୃଶଃ ସୈର୍ଭକ୍ତୈରିଚ୍ଛୟୋପାତ୍ତାନି ଗୃହୀତାନି ପୃଥଗ୍ଭୂତାନି ବପୁଂସି ଯତଃ ସ୍ୱସ୍ୱରୂପଭୂତାନି ବପୁଂଷ୍ୟେବ ତ୍ୱଂ ସ୍ୱଭକ୍ତି ପ୍ରବର୍ତ୍ତନାର୍ଥ ଭକ୍ତେଭ୍ୟୋ ଦଦାସୀତ୍ୟର୍ଥଃ । ଅତଏବ ତ୍ୱଦ୍ ଭକ୍ତଂ ଗୁରୁଂ ଲୋକାସ୍ତତ୍ସ୍ୱରୂପତ୍ୱେନୈବ ଧ୍ୟାୟନ୍ତୀତି ଭାବଃ ।''

୨୯. ''ସାକ୍ଷାଦ୍ଧରିତ୍ୱେନ ସମସ୍ତଶାସ୍ତ୍ରୈରୁକ୍ତସ୍ତଥା ଭାବ୍ୟତ ଏବ ସଦ୍ଭିଃ । କିନ୍ତୁ ପ୍ରଭୋର୍ଯଃ ପ୍ରିୟ ଏବ ତସ୍ୟ ବନ୍ଦେ ଗୁରୋଃ ଶ୍ରୀଚରଣାରବିନ୍ଦମ୍'' ଇତି ଗୁର୍ବାଷ୍ଟକମ୍ ।

ଶ୍ରୀବଳଦେବ ବିଦ୍ୟାଭୂଷଣପାଦବାକ୍ୟମ୍

୧. ''ଯଥାହଂ ଜ୍ଞାନଦୋ ଗୁରୁଃ''....,୧୦।୮୦।୩୨ ବଳଦେବ ଟୀକା - ''ଜ୍ଞାନଦୋ ବେଦାନ୍ତୋପଦେଷ୍ଟା ଅହମେବ ପୂଜ୍ୟଃ ।''

୨. ''ଯେ ମୟା ଗୁରୁଣା ବାଚା ତରନ୍ତି''..ବଳଃ ଟୀକା-''ମୟା ମଦ୍ରୂପେନ ମତ୍ତୋପଦେଷ୍ଟ୍ରା ଗୁରୁଣାବାଚା ମନ୍ତ୍ରୋପଦେଶମାତ୍ରେଣ ।''

ବଳଦେବ ବିଦ୍ୟା ଭୂଷଣଙ୍କର ଏହି ଟୀକା ଦୁଇଟିର ବାକ୍ୟାର୍ଥର ତାତ୍ପର୍ଯ୍ୟ ଆଲୋଚନା କରିଲେ ପାଠକ ନିଶ୍ଚୟ ଦେଖିବେ ଯେ ଭଗବତ ମନ୍ତ୍ରର ଉପଦେଷ୍ଟାଗୁରୁଙ୍କୁ ଭଗବାନ୍ ''ମଦ୍ରୂପ'' ବୋଲି କହିଛନ୍ତି । ତେଣୁ ବଳଦେବଙ୍କ ଟୀକାରେ ଯେ ''ଅହମିବ ପୂଜ୍ୟଃ'' ଗୁରୁ ଭଗବାନ୍‌ଙ୍କର ରୂପ ହୋଇଥିବାରୁହିଁ ଭଗବାନଙ୍କ ପରି ପୂଜ୍ୟ ଅଟନ୍ତି । ଏହା ସହଜ ଅର୍ଥ ।

ଦୀପିକାଦୀପନକୃତ-ଶ୍ରୀରାଧାରଣମଣ ଗୋସ୍ୱାମିପାଦ୍ ବାକ୍ୟମ୍

୧. ''ବିଜୟନ୍ତେ ପରାନନ୍ଦ କୃଷ୍ଣପାଦରଜସ୍ରଜଃ''- ସ୍ୱାମୀକୃତ ଶ୍ଲୋକର ଟୀକା -''ପକ୍ଷେ ପରାନନ୍ଦ ସ୍ତନ୍ନାମା ସ୍ୱ ଗୁରୁଦେବ କୃଷ୍ଣସ୍ତସ୍ୟ । ଏଠାରେ ''ଗୁରୁଦେବ କୃଷ୍ଣ'' ଏହି ଏବ

ଶବ୍ଦ ବଳରେ ଗୁରୁ ଓ କୃଷ୍ଣଙ୍କର ଅଭିନ୍ନତା ଦେଖାଇଛନ୍ତି ।

୨. ''ଜୟତି ଶ୍ରୀପରମାନନ୍ଦଃ ପରାନନ୍ଦନୃକେଶରୀ''.....୧୧।୨୧ ସ୍ୱାମି ଟୀକାର ଦୀ:ଦୀ: ଟୀକା ''ଶ୍ଳେଷେଣ ପରାନନ୍ଦ ସଞ୍ଜକ ଗୁରୁଣା ମହେଶ୍ୱରସ୍ୟା ଭେଦୋଽଭିପ୍ରେତଃ ।''

୩. ''ଆଚାର୍ଯ୍ୟଂ ମାଂ ବିଜାନୀୟାତ୍''.....୧୧।୧୭ ଦୀଃ ଦୀଃ ଟୀକା – ଆଚାର୍ଯ୍ୟ ମାଂ ମଦୀୟଂ ପ୍ରେଷ୍ଠଂ ଗୁରୁବରଂ ମୁକୁନ୍ଦ ପ୍ରେଷ୍ଠତ୍ୱେ ଇତ୍ୟୁକ୍ତେଃ ସଚ୍ଚିଦ୍ରୂପତ୍ୱେ ତୁ ମଦ୍ରୁପମେବ ।

ଶ୍ରୀଗୁରୁପଦାବ୍ଜେ ଭକ୍ତି ପୁଷ୍ପାଞ୍ଜଳି

ଜୟ ଜୟ ଗୁରୁଦେବ କୃପା ନିକେତନ
ଯାଙ୍କ କୃପା ଫଳେ ପ୍ରାପ୍ତ ଦିବ୍ୟବୃନ୍ଦାବନ ॥
ସର୍ବଦା କରନ୍ତି ଯେହି ଆଶୀଷ ବର୍ଷଣ ।
ଭକ୍ତି ପୁଷ୍ପେ ପୂଜେ ସେହି ଶ୍ରୀଗୁରୁ ଚରଣ ॥
ଅବିଦ୍ୟା ଅନ୍ଧାରେ ହୋଇଥିଲି ପଥଭ୍ରାନ୍ତ ।
ପଦନଖ ଜ୍ୟୋତି ଦ୍ୱାରା ଦୂର କଲେ ଧ୍ୱାନ୍ତ ॥
ପ୍ରତି ଉପକାରେ କିସ ଦେବି ବିଚାରଇ ।
ଅତି ପ୍ରିୟ ଏହି ଆତ୍ମା ପଦେ ସମର୍ପଇ ॥
ବିଷ୍ଣ ବିଶ୍ରିତ ବିଷୟ ଦୂର ଯେ କରିଲେ ।
ହରି ନାମାମୃତ ରସ ପାନ କରାଇଲେ ॥
ମହାପାପୀ ବୋଲି ଘୃଣା ନ କରିଲେ ଯେହି ।
ଜନ୍ମେ ଜନ୍ମେ ମୋର ସେବ୍ୟ ହୋଇ ଥାନ୍ତୁ ସେହି ॥
ଦୁର୍ଦୈବ ଭାଗ୍ୟ ମୋର ଗୁରୁ ସେବାରୁ ବଞ୍ଚିତ ।
ତାଙ୍କ ଦୋଷ ନାହିଁ ମୋର ପ୍ରାରବ୍ଧ ଲିଖିତ ॥
ନିର୍ଜ୍ଜନ ବିଳାସ ଏହି ରଚି ପଦ୍ୟ ଛନ୍ଦେ ।
ଆଶା କୃପା ନିରୀକ୍ଷଣ ଶ୍ରୀଚରଣେ ବନ୍ଦେ ॥
ମୁର୍ଖ ବେଦଭାଷୀ ହୁଏ ଯାହାଙ୍କ ଦୟାରେ ।
ବିଷୟୀ ବିରାଗି ହୁଏ ଯାହାଙ୍କ ଇଚ୍ଛାରେ ॥
ଯାଙ୍କ ବନ୍ଦେ ମୋ ଲେଖନୀ ଅଗ୍ରେ କରେ ଗତି ।
ସଦା ଲୁବ୍ଧ ରହୁ ପଦେ ମୋ ଅସତ୍ ମତି ॥
ଶଶୀଠାରେ ଚକୋରର ଯେଉଁ ନିଷ୍ଠା ରହେ ।
ରବି ପ୍ରତିକମଳନୀ ଯେଉଁ ସ୍ନେହ ବହେ ॥
ଜଳେ ମୀନ ମାନଙ୍କର ଥାଏ ଯେଉଁ ପ୍ରୀତି ।
ଗୁରୁ ପଦାବ୍ଜେ ଚିତ୍ତାଳି ମୋ ଅଚଳ ସ୍ଥିତ ॥

ଯେ ଆନନ୍ଦ ବନ୍ଧ୍ୟା ଗର୍ଭେ ହେଲେ ପୁତ୍ର ଜାତ ।
ଦରିଦ୍ରର ଗୃହେ ହେଲେ ହେମ ବୃଷ୍ଟି ପାତ ॥
ଦାବାନଳ ଦଗ୍ଧ ଜୀବେ ମେଘ ଯଦି ବର୍ଷେ ।
ସେ ଆନନ୍ଦ ହେଉ ସଦା ଗୁରୁ ଭକ୍ତି ରସେ ॥
ସାଧ୍ୱୀ ନିଜ ପତିଠାରେ ଥାଏ ଯେଉଁ ମନ ।
କାମୀ ଯୁବତୀର ଠାରେ ଯେମନ୍ତ ଲଗନ ॥
ଲୋଭୀ ମନ ଯେ ପ୍ରକାରେ ଥାଏ ଧନ ପ୍ରତି ।
ତେହ୍ନେ ଗୁରୁ ନାମେ ରହୁ ମୋ ଚଞ୍ଚଳ ମତି ॥
ଜାଗ୍ରତ ସୁଷୁପ୍ତି ସ୍ୱପ୍ନ ଏହି ତିନି କାଳେ ।
ବିରାଜନ୍ତୁ ଗୁରୁମୋର ବ୍ରହ୍ମରନ୍ଧ୍ର ନାଳେ ॥
ଗୁରୁନାମ ସ୍ମରି ମୋର ପିଣ୍ଡୁ ପ୍ରାଣ ଯାଉ ।
ଗୁରୁକୃପା ବଳେ ଆତ୍ମା ରାଧାଦାସୀ ପାଉ ॥
କଚ୍ଛପୀ ପାଳଇ ଯେହ୍ନେ କଚ୍ଛପ ଶାବକ
ନିର୍ଜ୍ଜନେ ରାଗ ଭଜନ ମାଗଇ ସେବକ ॥
ତବ କୃପା ବଳେ ମୋର ହେଉ ବ୍ରଜେ ବାସ ।
ଅନ୍ତିମ କାମନା ଏହି ମାଗେ ତବ ଦାସ ॥
ମାତା ଯଥା ଶିଶୁ ଦୋଷ ନକରେ ଗ୍ରହଣ ।
ତଥାମମ ସର୍ବ ଦୋଷ କରିବେ କ୍ଷାଳନ ॥
କାୟମନୋବାକ୍ୟ ତୁଟି ମାର୍ଜ୍ଜନ ନିମିତ୍ତ ।
ଭକ୍ତି ପୁଷ୍ପାଞ୍ଜଳି ପଦେ କରୁଛି ଅର୍ପିତ ॥
ଅଗ୍ରେ ପଶ୍ଚାତ୍ ଅଧେ ଉର୍ଦ୍ଧେ ଦକ୍ଷିଣେ ଓ ବାମେ ।
ସର୍ବଶୁଭ ପ୍ରଦ ହେବେ ଗୁରୁ ଅଷ୍ଟ ଯାମେ ॥
ଗୁରୁ ଭକ୍ତି ପଦେ ମୋର କୋଟି ନମସ୍କାର ।
ଗୁରୁ ଭକ୍ତି ଦିଅ ମୋତେ ନମେ ବାରମ୍ବାର ॥

ଶ୍ରୀଗୁରୁକୃପାହିଁ କେବଳମ୍

ଯୋଽନ୍ଧୀକୃତ୍ୟ କୁତର୍କଘୂକପଟଳୀମଜ୍ଞାନମୋହାନ୍ଧହୃତ୍
ସଂନୁଦଂଶ୍ଚ କୁକର୍ମଜାଡ୍ୟମଭିତୋ ହୃଦପଦ୍ମମୁଲ୍ଲାସୟନ୍ ।
ରାଧାମାଧବଗୂଢ଼ରୂପସରଣୀମୁଭାସୟନ୍ ଭାସ୍କରଃ
ସ ତ୍ୱଂ ଶ୍ରୀଗୁରୁଦେବ ପାହି ପତିତଂ ମାଂ ଦୀନମନ୍ଧଂ ଜନମ୍ ॥

ହେ ଶ୍ରୀଗୁରୁଦେବ ଆପଣ ସୂର୍ଯ୍ୟ ସଦୃଶ ହୋଇ କୁସିତ ତର୍କରୂପ ପେଚକ ପଟଳୀକୁ ଅନ୍ଧୀଭୂତ କରି ଅଜ୍ଞାନମୋହରୂପ ଅନ୍ଧକାରକୁ ହରଣ କରନ୍ତି ଏବଂ କୁକର୍ମରୂପ ଜାଡ୍ୟକୁ ସର୍ବତୋଭାବେ ବିନାଶ ପୂର୍ବକ ହୃଦୟପଦ୍ମକୁ ଉଲ୍ଲସିତ କରି ଶ୍ରୀରାଧାମାଧବଙ୍କ ଗୂଢ଼ ରୂପମାଧୁର୍ଯ୍ୟାସ୍ୱାଦନ ମାର୍ଗକୁ ଉଦ୍ଭାସିତ କରନ୍ତି । ମୁଁ ଦୀନ ପତିତ ଅନ୍ଧଜନ, ଆପଣ ମୋତେ ରକ୍ଷା କରନ୍ତୁ ।